**ଅକ୍ଟୋବର, ୨୦୨୩**
**ତୃତୀୟ ବର୍ଷ, ପୂଜା ସଂଖ୍ୟା**

**ସମ୍ପାଦକ**

ଅରୁଣ କୁମାର ପ୍ରଧାନ

**ସହ ସମ୍ପାଦିକା**

ପ୍ରଜ୍ଞା ମହାନ୍ତି

ସୁଜାତା ଗିରି

ଅନସୂୟା ପଣ୍ଡା

**ସମ୍ପାଦନା ମଣ୍ଡଳୀ**

ଡ. ସୁମନ୍ତ୍ର ନାଏକ
ଡ. ପ୍ରତୀଚୀ ନନ୍ଦ
ପ୍ରିୟଙ୍କା ମହାନ୍ତି
ରୋହିତ ମଲ୍ଲିକ
ରିଚାର୍ଟ ମୀରା ସାହୁ
କଳ୍ପନା ପ୍ରିୟଦର୍ଶିନୀ
ଝରଣା ବାରିକ

**ଉପଦେଷ୍ଟା ମଣ୍ଡଳୀ**

ପ୍ରଫେସର ବଭ୍ରୁବାହାନ ମହାପାତ୍ର
ଡକ୍ଟର ଇନ୍ଦିରା ଦାଶ
ଡକ୍ଟର ଧରଣୀଧର ନାଥ
ରମା ଗଡନାୟକ
ସତ୍ୟନାରାୟଣ ପରିଡ଼ା

**ଠିକଣା:**

ଶ୍ରୀ ଅରୁଣ କୁମାର ପ୍ରଧାନ
ଡେରା, ତାଳଚେର, ଅନୁଗୋଳ, ଓଡ଼ିଶା- ୭୫୯୧୦୩
ମୋ: ୮୨୮୦୮୧୨୦୩୦
ମୂଲ୍ୟ: ୫୦/-



**AGNIROOPA**
Monthly Multilingual Peer Review Magazine
Founder, Editor
Arun Kumar Pradhan (Journalist)
Published by: Arun Kumar Pradhan
Printed at M/S Shree Press. Angul
Arun Kumar Pradhan
Dera, Talcher, Angul,
Odisha- 759103
Mob: 9438255788,8339923354
Email id: arun.samaja@gmail.com
Price :Rs.50/-

# ପ୍ରବନ୍ଧ ବିଭାଗ


| | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସମ୍ପାଦକୀୟ | ପ୍ରଜ୍ଞା ମହାନ୍ତି | ୦୫ |
| ୨. | ବାକ୍ୟପୁଷ୍ପୋପହାରମ୍ | ସୁଜାତା ଗିରି | ୦୬ |
| ୩. | ମୁଁ କାହିଁକି ଲେଖେ | ଡକ୍ଟର ପ୍ରତିଭା ଶତପଥୀ | ୧୪ |
| ୪. | କରୁଣ ରସ | ସଂଘମିତ୍ରା ମିଶ୍ର | ୧୬ |
| ୫. | ଅନୁକ୍ତ ବେଦନାର ଆତ୍ମନେପଦୀ: ପ୍ରତିଭାଙ୍କ 'କହିନହେଲେ' | ଡକ୍ଟର ସଂଘମିତ୍ରା ଭଞ୍ଜ | ୨୧ |
| ୬. | ତୁମର ସିଲ୍‌ଭିଆ | ସତ୍ୟ ପଟ୍ଟନାୟକ | ୨୪ |
| ୭. | ଆଧୁନିକ ଓଡ଼ିଆ କବିତାର କର୍ଣ୍ଣଧାର: ସଚ୍ଚିଦାନନ୍ଦ ରାଉତରାୟ | ପ୍ରଫେସର ବବ୍ରୁବାହନ ମହାପାତ୍ର | ୨୭ |
| ୮. | ଶବ୍ଦ ଉତ୍ତରଣରୁ ବୋଧିଛାୟା:ଉପକ୍ରମଣର ପାହାଚରେ... | ଡକ୍ଟର ବେଣୁଧର ପାଢ଼ୀ | ୩୦ |
| ୯. | ଓଡ଼ିଆ ଗୀତିନାଟ୍ୟରେ ଶ୍ରୀଜଗନ୍ନାଥ ଚେତନା | ଡକ୍ଟର ଲକ୍ଷ୍ମୀପ୍ରିୟା ବେହେରା | ୪୦ |
| ୧୦. | ସାଂପ୍ରତିକ ଗଳ୍ପକଳାର ଆତ୍ମୀକ ଦିଗନ୍ତ ଓ ଗାଳ୍ପିକ ସୁନୀଲ ରଥ | ଡ. ସୁମନ୍ତ ନାଏକ | ୪୫ |
| ୧୧. | ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗୀତି କବିତା-ଉନ୍ମେଷରୁ ବିକାଶ | ସତ୍ୟନାରାୟଣ ମିଶ୍ର | ୫୦ |
| ୧୨. | ସାହିତ୍ୟରେ ସମାଜ ଓ ଜୀବନର ରୂପରେଖ | ଡ. ଅନିଲ୍ ନନ୍ଦ | ୫୪ |
| ୧୩. | ମହାପ୍ରଭୁଙ୍କ ମହାସ୍ନାନ | ଡ. ଆଭାରାଣୀ ବଳ | ୫୮ |
| ୧୪. | ଗ୍ରାଫିକ୍ କଥା ରଚନା ବନାମ ବସ୍ତୁନିଷ୍ଠ... | ଡ. ରବୀନ୍ଦ୍ର କୁମାର ଦାସ | ୬୦ |
| ୧୫. | ବଙ୍ଗଦେଶରେ 'ଝୁମର'ଗୀତ | ଶିଶିର ବେହେରା | ୬୫ |
| ୧୬. | ଜିଜୀବିଷାର ହରିତାୟନ : କଇଳାଶ... | ଡ଼. ପ୍ରତୀଚୀ ନନ୍ଦ | ୭୦ |
| ୧୭. | ଭାବବୈଚିତ୍ର୍ୟର ଅନୁଶୀଳନରେ ସରୋଜିନୀ ... | ଡ .ଜ୍ୟୋସ୍ନା ରାଣୀ କର | ୭୩ |
| ୧୮. | ମାଟିମନସ୍କ କବି ସୀତାକାନ୍ତ ମହାପାତ୍ର | ଡ. ଜୟନ୍ତ କୁମାର ପରିଡ଼ା | ୭୯ |
| ୧୯. | "ବତୀଶିଖା ନିଆଁରେ ଆଧୁନିକ ମଣିଷ ଜୀବନ... | ଡ. ପ୍ରଦୋଷ କୁମାର ସ୍ୱାଇଁ | ୮୪ |
| ୨୦. | ଓଡ଼ିଶାର ପ୍ରାଚୀନ ଜନଜାତି : ଏକ ଦୃଷ୍ଟିପାତ | ତରୁଣ ଗାଙ୍ଗୁଲି | ୮୮ |
| ୨୧. | ଶକ୍ତିସ୍ୱରୂପା ସୁଭଦ୍ରା | ଡକ୍ଟର ବିନୋଦିନୀ ବେହେରା | ୯୩ |
| ୨୨. | ଜଣା ଅଜଣା | କୃଷ୍ଣ ମୋହନ ରାଉତରାୟ | ୯୬ |
| ୨୩. | ଓଡ଼ିଆ ସାହିତ୍ୟରେ ଦଳିତ ଚେତନାର ଅନ୍ୱେଷଣ | ସୁପ୍ରିୟା ମଲ୍ଲିକ୍ | ୯୮ |
| ୨୪. | ଓଡ଼ିଆ ସାହିତ୍ୟ ଓ ସମ୍ବାଦରେ ଜନଜାତିଙ୍କ ପ୍ରତିଛବି | ଡ. ଜଗନ୍ନାଥ ଖଟୁଆ | ୧୦୨ |
| ୨୫. | ସ୍ୱାଧୀନତା ସଂଗ୍ରାମୀ : ସନ୍ଥ ଅଭିରାମ ପରମହଂସ | ସୋନାଲି ବାରିକ | ୧୦୬ |
| ୨୬. | ଭୀମପୃଷ୍ଟିଙ୍କ ଗଳ୍ପରେ ମାନବଜୀବନର ବର୍ଣ୍ଣିଳ ପ୍ରଭା | ଡ.ବନଜବାସିନୀ ବାରିକ | ୧୧୦ |
| ୨୭. | ଓଡ଼ିଆ ଦୀର୍ଘ କବିତା ପରମ୍ପରାରେ ଶରତ ଚନ୍ଦ୍ର ... | ସୁମିତା ସାହୁ | ୧୧୬ |
| ୨୮. | ଓଡ଼ିଆ ଅନୁବାଦ ସାହିତ୍ୟର ପାରମାର୍ଥିକ ଜ୍ଞାନ ଓ ଚକ୍ରବାଳ | ଭାରତୀ ମୁଦୁଲି | ୧୨୩ |
| ୨୯. | 'ମାଟି ମାଟି ଆକାଶ ଆକାଶ ' : ଏକ ମାର୍ମିକ ପରିକ୍ରମଣ | ଚନ୍ଦ୍ରିକାରାଣୀ ପଣ୍ଡା | ୧୨୭ |
| ୩୦. | ଭାରତୀୟ ଦଳିତ ଆନ୍ଦୋଳନର ସ୍ୱରୂପ... | ରୋହିତ ମଲିକ | ୧୩୨ |
| ୩୧. | ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସ: ଦିଗ ଓ ଦିଗନ୍ତ | ପ୍ରଶାନ୍ତ ସାନ୍ତରା | ୧୩୯ |
| ୩୨. | ମହତ୍ତର ପିପାସା | ସୁଶ୍ରୀ ପଲ୍ଲବିତା ସାହୁ | ୧୪୮ |
| ୩୩. | ଜଗତର ନାଥ: ଆହେ ଜଗନ୍ନାଥ | ପ୍ରିୟଦର୍ଶିନୀ ନାୟକ | ୧୪୯ |
| ୩୪. | ଖଇରୀ | ଡଃ ମାଙ୍ଗଳିକା ମହାପାତ୍ର | ୧୫୧ |
| ୩୫. | ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସରେ ଗ୍ରାମ୍ୟ ଚେତନା | କାଳିଆ ସେଠୀ | ୧୫୩ |
| ୩୬. | ଅଳକା ସାନ୍ୟାଲ୍:ଏକ କାବ୍ୟିକ ଆଲୋଡ଼ନ | ଡ. ଶ୍ରୀବନ୍ତ କୁମାର ଦାଶ | ୧୫୫ |
| ୩୭. | ମନୁଷ୍ୟକୃତ କାର୍ଯ୍ୟକଳାପ ସୃଷ୍ଟ ପରିବେଶବାଦୀ ଗଳ୍ପ | ହୀରାବତି ବିଶ୍ୱାଳ | ୧୫୮ |

## ଗଳ୍ପ ବିଭାଗ


| | | | |
|---|---|---|---|
| ୧. | ଶୁକବିଳାସ | କାଳୀଚରଣ ଦାସ | ୧୬୨ |
| ୨. | ମୁକ୍ତିରେ ବ୍ୟଥା | ଡ. ଶଶିରଥ | ୧୬୫ |
| ୩. | ବୋଉ ଅଛି ଗାଁରେ | ସଦାନନ୍ଦ ତ୍ରିପାଠୀ | ୧୭୨ |
| ୪. | କାଗଜ ମଣିଷ | ଭୀମ ପୃଷ୍ଟି | ୧୭୭ |
| ୫. | ମାତୃରୂପେଣ ସଂସ୍ଥିତା | ଜ୍ୟୋତ୍ସ୍ନା ମହାନ୍ତି | ୧୮୪ |
| ୬. | ଲୁହ କଥା | ରମା ଗଡ଼ନାୟକ | ୧୮୬ |
| ୭. | ରାମଲୀଳା | ଶୈଳେନ୍ଦ୍ର କୁମାର ଜେନା | ୧୯୨ |
| ୮. | ରଙ୍ଗଲତା ରୁଷିଚି | ମନୋଜ ମହାନ୍ତି | ୨୯୬ |
| ୯. | ନନ୍ଦିନୀ | ସରୋଜ ଦାସ | ୨୦୧ |
| ୧୦. | ଅଦୃଶ୍ୟ ନାୟକ | ଲଳିତ ମୋହନ ମିଶ୍ର | ୨୦୪ |
| ୧୧. | ପାମର | ଲିପ୍‌ସା ପଟେଲ | ୨୦୯ |
| ୧୨. | ଉପହାର | ଶିବାଶିଷ ପାଢ଼ୀ | ୨୧୨ |
| ୧୩. | ଅନ୍ଧାରର ରଙ୍ଗ ଭିତରେ ବି ଜୀବନ ଭରିରହିଛି | ଅନସୂୟା ପଣ୍ଡା | ୨୧୪ |
| ୧୪. | ଅପରାଧୀ | ରୀନାରାଣୀ ରାଉତରାୟ | ୧୧୬ |
| ୧୫. | କେତକୀ | ଲୋପାମୁଦ୍ରା ପରିଡା | ୨୨୦ |
| ୧୬. | ଦେବୀର ମୁହଁ | ଲତିକା ବିଳାସ | ୨୨୩ |
| ୧୭. | ଭିଡିଓ କଲ୍ | ସାଇଜ୍ୟୋତି ପ୍ରଧାନ | ୨୨୭ |
| ୧୮. | ରମଣୀ | ଅଭିମନ୍ୟୁ ପଣ୍ଡା | ୨୩୦ |
| ୧୯. | ଏକନିଷ୍ଠ ସମୟ ବାଲିରେ | ଅନସୂୟା ପଣ୍ଡା | ୨୩୪ |
| ୨୦. | ଡିସେମ୍ବର-୭, ୨୦୦୮ | ସ୍ନିଗ୍ଧା ନାୟକ | ୨୩୬ |
| ୨୧. | ଦୟା | ପରମା ନାଏକ | ୨୩୯ |
| ୨୨. | ଗପ ନୁହଁ ଫପ | ଜିନାତମାମ୍ ଦର୍ଜୀ | ୨୪୧ |


## କବିତା ବିଭାଗ


| | ବିଷୟ | କବି | ପୃଷ୍ଠା |
|---|---|---|---|
| ୧. | ମୃଣ୍ମୟୀ | ଇନ୍ଦିରା ଦାଶ | ୨୪୩ |
| ୨. | ମନେ ଅଛିନା | ପିନାକୀ ମିଶ୍ର | ୨୪୪ |
| ୩. | ତୁ ପାରିବୁ | ସୁଧା ଦାଶ | ୨୪୫ |
| ୪. | ବଦଳୁଥିବା ପାଗରେ ଲଙ୍ଗଡ୍ରାଇଭ୍ | ନୃସିଂହ ଚରଣ ଷଡ଼ଙ୍ଗୀ | ୨୪୬ |
| ୫. | ଗାଆଁ କାହିଁ | ଦେବାଶିଷ ଚକ୍ରବର୍ତ୍ତୀ | ୨୪୭ |
| ୬. | ଏକ ନୀଳଛାଇ | ନାରାୟଣ ପ୍ରସାଦ ବେହେରା | ୨୪୮ |
| ୭. | ପ୍ରେମିକା | ଦୂର୍ଗା ଚରଣ ଷଡ଼ଙ୍ଗୀ | ୨୪୮ |
| ୮. | ଏ କଥା ତୁ ଜାଣି ନେ | ମୀନକେତନ ପଶାୟତ | ୨୪୯ |
| ୯. | ଅସରାଏ ବର୍ଷିଗଲା ପରେ | ସତ୍ୟ ଦାସ | ୨୫୦ |
| ୧୦. | ଥୁକୁଲ | ସ୍ମୃତି ରଞ୍ଜନ ତ୍ରିପାଠୀ | ୨୫୧ |
| ୧୧. | ସନେଟ୍ : ଶୃଙ୍ଗାର ସଜ | ମନୋଜ ପଟ୍ଟନାୟକ | ୨୫୨ |

| | | | |
|---|---|---|---|
| ୧୨. | ସ୍ୱପ୍ନ | ରାଜେଶ କୁମାର ମୁଣ୍ଡ | ୧୫୨ |
| ୧୩. | ପାର୍ବଣର ଋତୁ | ପୁଷ୍ପାଞ୍ଜଳି ପଣ୍ଡା | ୨୫୩ |
| ୧୪. | ମାଟି | ସୁରଞ୍ଜନ ପାତ୍ର | ୨୫୪ |
| ୧୫. | କୁଆଡେ ଗଲା ହଜି | ଗୋଦାବରୀଶ ଦାସ | ୨୫୪ |
| ୧୬. | ଜହ୍ନ କଥା | ଯଶୋବନ୍ତ ସେଠୀ | ୨୫୫ |
| ୧୭. | ଜାଣିଥା ମା’ | ରାଜଶ୍ରୀ ମହାପାତ୍ର | ୨୫୫ |
| ୧୮. | ଭିନ୍ନ ପ୍ରଜାତି | ଶୁଶାନ୍ତ ଶତପଥି | ୨୫୬ |
| ୧୯. | ପଶୁତ୍ୱକୁ ଦିଅ ବଳି | ନନ୍ଦିକେଶ୍ୱରୀ ନାଥ | ୨୫୭ |
| ୨୦. | ଅତୀତ | ପ୍ରିୟନାଥ ପାଣି | ୨୫୭ |
| ୨୧. | ମଣିଷ ଗଛ (୨) | କବି ଦୀନବନ୍ଧୁ | ୨୫୮ |
| ୨୨. | ଅଗ୍ନିରୁପା | ସ୍ନିଗ୍ଧା ନାୟକ | ୨୫୯ |
| ୨୩. | ଅବୁଝା ପ୍ରଶ୍ନ | ତଫିଜୁଲ ହୋସେନ | ୨୫୯ |
| ୨୪. | ଖର୍ବ ପାହାଡ | ଅନ୍ନପୂର୍ଣ୍ଣା ପୃଷ୍ଟି | ୨୬୦ |
| ୨୫. | ତାଜମହଲ | ଡ଼ ଦୀପକ କୁମାର ମିଶ୍ର | ୨୬୦ |
| ୨୬. | ନବ ରାତ୍ରୀ | ଶ୍ରୀମାନ ପ୍ରିୟବ୍ରତ ମହାନ୍ତି | ୨୬୧ |
| ୨୭. | କବି ଓ ରାତି | ସ୍ୱଦୀପ ପଟ୍ଟନାୟକ | ୨୬୨ |
| ୨୮. | ନଈ ଋତୁ | ସୁଶୀଲ କୁମାର ପାଣିଗ୍ରାହୀ | ୨୬୩ |
| ୨୯. | କିଛି ଦୃଶ୍ୟ | ସ୍ମିତା ପଣ୍ଡା | ୨୬୩ |
| ୩୦. | ଚରଣେ କରୁଛୁ ଅଳି | ଡ. ଅନ୍ତର୍ଯ୍ୟାମୀ ପ୍ରଧାନ | ୨୬୪ |
| ୩୧. | ନିସ୍ତବ୍ଧ ରଜନୀ | ପ୍ରଣତି ଆଚାର୍ଯ୍ୟ ମିଶ୍ର | ୨୬୪ |


## ଗୀତିକବିତା


| | | | |
|---|---|---|---|
| ୩୨. | ଆଶାରେ ଆଶାରେ ଜୀବନ | କମଳ କୁମାର ପଟ୍ଟନାୟକ | ୨୬୫ |
| ୩୩. | ଏମିତି ଏକ ଯଉର ଘରେ | ବୃନ୍ଦାବନ ଜେନା | ୨୬୫ |
| ୩୪. | ନମାମି ନମାମି ଦୁର୍ଗେ | ବାବାଜୀ ଚରଣ ଜେନା | ୨୬୬ |
| ୩୫. | କବିତା ଗୋ | ତ୍ରିଲୋଚନ ଦାସ | ୨୬୬ |
| ୩୬. | ଛୋଟ ନଦୀ ମୁହିଁ | ହଂସନାଥ ମୁଦୁଲି | ୨୬୭ |
| ୩୭. | ଭାଗ୍ୟ ରେଖା | ରତ୍ନପ୍ରଭା ବାଇ | ୨୬୭ |


## ଶ୍ରଦ୍ଧେୟ


| | | | |
|---|---|---|---|
| ୩୮. | ଆସ ଆମେ ଯିବା ଦଶହରା ବୁଲି | ଝରଣା ବାରିକ | ୨୬୮ |
| ୩୯. | ସାଇତି ରଖିବ ନେଇ | ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ | ୨୬୯ |
| ୪୦. | ହସି ହସି କୁନା ଦିଏ ବିଲେଇକୁ ଆଉଁସି | ଲକ୍ଷ୍ମୀପ୍ରିୟା ଦାସ | ୨୬୯ |


# ଇଂରାଜୀ ଓ ହିନ୍ଦୀ


| | | | |
|---|---|---|---|
| 1. | Jayanta Mahapatra an eternal flame | Reshma Moharana | 170 |
| 2. | Fruitful Impacts of Covid 19 on ... | Dr. Sajna Pattnaik | 271 |
| 3. | Oddity Of Cut | Dr. Pradeep Kumar Choudhury | 272 |
| 4. | Mourning for humanity ! | Preeti Prajna Pradhan | 273 |
| 5. | जवाब कब दोगे साहब ? | डा इप्सिता प्रधान | 274 |

# ସମ୍ପାଦକୀୟ...



## ଆଉ ବିସର୍ଜନ କରିବା ନାହିଁ

**ତ୍ରୟୀ ସାଙ୍ଖ୍ୟଂ ଯୋଗଃ ପଶୁପତିମତଂ ବୈଷ୍ଣବମିତି**
**ପ୍ରଭିନ୍ନେ ପ୍ରସ୍ଥାନେ ପରମିଦମଦଃ ପଥ୍ୟମିତି ଚ**
**ରୁଚିନାଂ ବୈଚିତ୍ର୍ୟାଦୃଜୁକୁଟୀଳ ନାନାପଥଜୁଷାଂ**
**ନୃଣାମେକୋ ଗମ୍ୟସ୍ତ୍ୱମସି ପୟସାମର୍ଣବ ଇବ ॥**

'ଶିବମହିମ୍ନ' ର ଏହି ଶ୍ଳୋକଟିର ଭାବାର୍ଥ ହେଲା,ବିଭିନ୍ନ ନଦୀସମୂହ ଯେପରି ଭିନ୍ନଭିନ୍ନ ପଥ ଅନୁଶରଣ କରି ଶେଷରେ ସମୁଦ୍ରରେ ବିଲୀନ ହୁଅନ୍ତି, ଠିକ୍ ସେମିତି ମଣିଷ ବିଭିନ୍ନ ବେଦ, ସାଂଖ୍ୟ, ଯୋଗ ଅଧ୍ୟୟନ କରି ଶାକ୍ତ ହେଉ ଅବା ବୈଷ୍ଣବଧର୍ମୀ ସମସ୍ତଙ୍କର ଗୋଟିଏ ଲକ୍ଷ୍ୟ ରହିଥାଏ ଈଶ୍ୱର ପ୍ରାପ୍ତି । ଯାହା ଶାନ୍ତି ସଂହତି ବିଶ୍ୱାସ ଓ ସମର୍ପଣ ମାଧ୍ୟମରେ ମିଳିଥାଏ ବୋଲି ଭାରତୀୟ ସନାତନ ଧର୍ମ ଉଦାର କଣ୍ଠରେ ଘୋଷଣା କରିଛି ।

କିନ୍ତୁ ଆଜିର ମନୁଷ୍ୟ ଭୌତିକ ଶିକ୍ଷା ମାଧ୍ୟମରେ ଉନ୍ନତିର ଚରମ ଶିଖରରେ ପହଞ୍ଚି ମଧ୍ୟ ଆଧାତ୍ମିକତା ଅଭାବରୁ ତା' ପାଖରେ ଶାନ୍ତି ଓ ସଂନ୍ତୋଷ ନାହିଁ। ଏହାର କାରଣ ଆତ୍ମଶିକ୍ଷାର ଘୋର ଅଭାବ।ଫଳସ୍ୱରୂପ ପ୍ରକୃତିଦତ୍ତ ସ୍ନେହ ପ୍ରେମ ଦୟା କ୍ଷମା ଇତ୍ୟାଦି ଗୁଣ ଉଭାଇ ଯାଇ ସ୍ୱାର୍ଥପରତା ହିଂସ୍ରତା ଧର୍ମାନ୍ଧତା ସେ ସ୍ଥାନକୁ ଆବୋରି ନେଇଛି। ଏ ସମଗ୍ର ବସୁଧାକୁ ନିଜର ଭାବିବା ଦୂରେ ଥାଉ ମନୁଷ୍ୟ ଆଜି ନିଜକୁ ନେଇ ସନ୍ଦିହାନ ।

ମଣିଷ ବାରମ୍ବାର ଜନ୍ମଗ୍ରହଣ କରେ ଆତ୍ମ ଜାଗରଣ ଦ୍ୱାରା ନିଜକୁ ସୁଧାରି ଉଦ୍ଧାରି ଗୋଟିକ ପରେ ଗୋଟିଏ ଆତ୍ମିକ ଉନ୍ନତିର ପାହାଚ ଅରୋହଣ କରିବା ଲାଗି ।ନିଜକୁ ବିସ୍ତାରିତ କରିବା ଏବଂ ବିଶ୍ୱକଲ୍ୟାଣ ପାଇଁ ନିଜକୁ ବ୍ରତୀକରିବା ହିଁ ମନୁଷ୍ୟ ଜନ୍ମର ସାର୍ଥକତା ।ବର୍ତ୍ତମାନ ଏ ଜଗତିକରଣ ଜଗତରେ ଶାନ୍ତି ପ୍ରତିଷ୍ଠା ପାଇଁ ଭୌତିକଶିକ୍ଷା ଅପେକ୍ଷା ଆତ୍ମିକ ଶିକ୍ଷାର ବ୍ୟାପକ ଆବଶ୍ୟକତା ରହୁଛି ।ଯେଉଁଥିରେ ପ୍ରତ୍ୟେକ ବ୍ୟକ୍ତି ବ୍ୟକ୍ତିଗତ ଉନ୍ନତିକୁ ପ୍ରାଥମିକତା ଦେଲେ ସାମୂହିକ ଉନ୍ନତି ହୋଇପାରିବ। ମନୁଷ୍ୟକୁ ତାର ଅନ୍ତର, ବାହାର, କହିବା, କରିବା, ଲେଖିବା ଶୈଳୀରେ ଦୋମୁଖୀ ନୁହେଁ ଏକମୁଖୀ ହେବାକୁ ପଡିବ।ତାଛଡା ମାନସିକ, ଶାରୀରିକ ଶିକ୍ଷା ସହ ପ୍ରମୁଖ ଭାବେ ଆତ୍ମିକଶିକ୍ଷାର ଅଭ୍ୟାସ କରିବାକୁ ପଡିବ। ବାହ୍ୟ ଶତ୍ରୁ ଅପେକ୍ଷା ତାକୁ ଆନ୍ତରିକ ବିରୋଧାଭାଷ ବିରୁଦ୍ଧରେ ଲଢେଇ କରିବାକୁ ହେବ । ଭାରତ ଯୁଗେ ଯୁଗେ ବିଶ୍ୱକୁ ନିଜର ଆଧାତ୍ମିକ ଜ୍ଞାନ ବିଜ୍ଞାନ ଦ୍ୱାରା ପଥପ୍ରଦର୍ଶନ କରି ଆସିଛି ।ବିଶ୍ୱର ବିଭିନ୍ନ ସହରରେ ଯେମିତି ଆଧାତ୍ମବାଦୀଙ୍କ ଦ୍ୱାରା ନିର୍ମିତ ଆଧାତ୍ମିକ ସ୍ଥାନ ମାନ ରହିଛି,ସେମିତି ସମଗ୍ର ଭାରତବର୍ଷ ଈଶ୍ୱରଙ୍କ ଆଧାତ୍ମିକସ୍ଥଳୀ ।ଯାହାକୁ ପୁନଃଜାଗରଣ କରି ସ୍ୱକିୟତାରେ ଋଦ୍ଧିମନ୍ତ କରିବାର ପ୍ରକ୍ରିୟା ଆରମ୍ଭ ହୋଇସାରିଛି।ତେଣୁ ସମୟର ଏହି ସଂନ୍ଧିକ୍ଷଣରେ ଭାରତକୁ ଜାତି-ଧର୍ମ ହିଂସା-ଦ୍ୱେଷ ଅନ୍ଧବିଶ୍ୱାସର ସଂକୀର୍ଣ୍ଣ ଗଳିରୁ ବାହାରି ନିଜର ଆତ୍ମଶକ୍ତିର ପୁନଃଜାଗ୍ରତ ବା ନବୀକରଣ କରି ତାହାକୁ ବିଶ୍ୱ ଦରବାରରେ ପ୍ରସାରିତ କରିବାକୁ ପଡିବ।ବର୍ତ୍ତମାନ ବୈପାରିକ ଜଗତୀକରଣ ଅପେକ୍ଷା ଆତ୍ମିକ ଜଗତିକରଣ ଅନିବାର୍ଯ୍ୟ ହୋଇପଡିଛି। ସେଥିପାଇଁ ବାହ୍ୟ ଆଡମ୍ବର ଅପେକ୍ଷା ସରଳ ନିରାଡମ୍ବର ବୈଦ୍ଧିକ ଜୀବନଜାପନର ପ୍ରଥମ ଆବଶ୍ୟକତା ରହିଛି।

ତେଣୁ କେବଳ ପାର୍ବଣ ଋତୁରେ ଜାଗରଣ କରି ମାତ୍ର ଆବାହନ ପୁର୍ବକ ପୂଜା ପରେ ବିସର୍ଜିତ କରିଦେଇ ପୁଣି ଚିରାଚରିତ ଜୀବନଧାରାକୁ ଫେରିଯିବା ଅପେକ୍ଷା ମା'ଙ୍କୁ ହୃଦୟରୁ ଆଦୌ ବିସର୍ଜନ ନକରିବା ଉପରେ ଆମକୁ ପ୍ରାଧାନ୍ୟ ଦେବାକୁ ହେବ। ଫଳରେ ମହାଶକ୍ତିଙ୍କର ତୁରନ୍ତ ଫଳଦାୟୀ ପ୍ରକ୍ରିୟାରେ ଆମେ ସାମିଲ ହୋଇପାରିବା ।

ବର୍ତ୍ତମାନ ପରିପ୍ରେକ୍ଷୀରେ ଜଗତକୁ ଏକ ରାଷ୍ଟ୍ର କରିବାକୁ ହେଲେ 'ବସୁଧୈବ କୁଟୁମ୍ବକମ୍'କେବଳ ଉଚ୍ଚାରଣ ନୁହେଁ ଆଚରଣରେ ମଧ୍ୟ ଆପଣାଇ ନେବାକୁ ହେବ।

ପାର୍ବଣରେ ମାତୃକୃପା ସଭିଙ୍କୁ ପ୍ରାପ୍ତି ହେଉ, 'ଅଗ୍ନିରୂପା'ର ଏହି ପ୍ରାର୍ଥନା। ଜୟ ଭାରତୀ

**ପ୍ରଜ୍ଞା ମହାନ୍ତି , ସମ୍ବଲପୁର**

# ବାକ୍ୟପୁଷ୍ପୋପହାରମ୍

## ଗୀତିସାହିତ୍ୟର ଭୀଷ୍ମପିତାମହ : ଦେବେନ୍ଦ୍ର ଦାସ

ପ୍ରସ୍ତୁତି ଏବଂ ଉପସ୍ଥାପନା: ସୁଜାତା ଗିରି



ଓଡ଼ିଆ ଗୀତିସାହିତ୍ୟର ଭୀଷ୍ମପିତାମହ ଶ୍ରୀଯୁକ୍ତ ଦେବେନ୍ଦ୍ର ଦାସ । ଯାହାଙ୍କ ରୁଚି ଓ ବୃତ୍ତିର ବିପରୀତ ସମନ୍ୱୟ ଥିଲେହେଁ ଗୀତିସାହିତ୍ୟ ସର୍ଜନାରେ ଅଦ୍ୱିତୀୟ ଶ୍ରୀଦାସଙ୍କ ଗୀତିକବିତାର ଅନ୍ତରଙ୍ଗ ଅନୁଭବ ମୁଗ୍ଧ-ବିହ୍ୱଳିତ କରେ ଭାବାବେଗର ମନ୍ଦ୍ର-ମଧୁର ସ୍ୱରଧ୍ୱନିରେ । ତାଙ୍କ ପଦାବଳୀରେ ରହିଛି ପ୍ରେମର ଗଭୀରତା, ପ୍ରଣୟର ରୋମାଞ୍ଚ, ମାନବୀୟ ସମ୍ବେଦନା, ସାମାଜିକ ଦୃଷ୍ଟିଭଙ୍ଗୀ, ଜୀବନଦର୍ଶନ ଓ ପ୍ରକୃତି ପ୍ରୀତିର ବିବିଧତା। ତାଙ୍କ ଆଦ୍ୟ ଯୌବନରୁ ଅଦ୍ୟାବଧି ଗୀତିକବିତାଗୁଡ଼ିକର ସାର୍ଥକତା ସାଙ୍ଗୀତିକତାରେ ନିହିତ । ତାଙ୍କର ଅନନ୍ୟ ଶବ୍ଦବିନ୍ୟାସ ଓ ରକମ ରକମ ଛନ୍ଦ ପୂର୍ଣ୍ଣତା ଦେଇପାରିଛି ପ୍ରତିଟି ଗୀତିକବିତାକୁ । ଅନୁପମ ଚିତ୍ରକଳ୍ପ, ରୂପକଳ୍ପ, ପ୍ରତୀକ ଓ ମିଥ୍ ଚେତନାରେ ଭରପୂର ତାଙ୍କ ଶୈଳୀ ଚାତୁର୍ଯ୍ୟ।

ଏହି ପ୍ରବାଦ ପୁରୁଷଙ୍କ ରଚିତ ଗୀତ 'ତୁମ ଗାଆଁ ମହୁମାଛି ଆମ ଫୁଲେ ମହୁ ପିଇ,ମୋତେ ମାଗେ କୁଆଁରୀ ବଉଳ' ୧୯୬୫ ମସିହାରେ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ କଣ୍ଠରୁ ଗ୍ରାମଫୋନ ରେକର୍ଡ଼ ମାଧ୍ୟମରେ ବିପୁଳ ଲୋକପ୍ରିୟତା ହାସଲ କରି ଓଡ଼ିଶାର ପୁରପଲ୍ଲୀରୁ ସହର ପର୍ଯ୍ୟନ୍ତ ତାଙ୍କୁ ପରିଚିତି ଓ ପ୍ରସିଦ୍ଧି ପ୍ରଦାନ କରିଥିଲା । ଏଇଠୁ ଆରମ୍ଭ ହୋଇଥିଲା ତାଙ୍କ ଗୀତିଯାତ୍ରାର ପ୍ରଲମ୍ବିତ ପଥ ।



ଏହି ସୁପ୍ରତିଷ୍ଠିତ ଗୀତିକବି ୧୯୬୨ ମସିହାରୁ ଏଯାବତ୍ ଦୀର୍ଘକାଳ ଧରି ନିରବଚ୍ଛିନ୍ନ ଭାବରେ ଆକାଶବାଣୀ, ଦୂରଦର୍ଶନ, ଗ୍ରାମଫୋନ ରେକର୍ଡ଼, କ୍ୟାସେଟ, ୟୁଟ୍ୟୁବ ଓ ବିଭିନ୍ନ ଗଣମାଧ୍ୟମରେ ବିଶିଷ୍ଟ ତଥା ବରିଷ୍ଠ କଣ୍ଠଶିଳ୍ପୀଙ୍କ ସ୍ୱରମୂର୍ଚ୍ଛନା ମାଧ୍ୟମରେ ଶ୍ରୋତାଙ୍କ ହୃଦୟରେ ସ୍ପନ୍ଦିତ ହୋଇଆସୁଛନ୍ତି । ୧୯୯୮ ମସିହାରେ ତାଙ୍କ ରଚିତ ପ୍ରଥମ ଗୀତିକବିତା ସଙ୍କଳନ 'ଲୁହର ଓହଳ' ପ୍ରକାଶ ପାଇଥିଲା । ଏହାପରେ ତାଙ୍କର 'କାଚକାନ୍ଥ' ,'ଆଉରତୁ ଥାଉ', 'ପଦୁଅଁ ପାପୁଲି' (ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ), ଏକପଦୀ କବିତା ସଙ୍କଳନ 'ଋତୁପର୍ଣ୍ଣା' ପ୍ରକାଶ ପାଇ ବୃହତ୍ତର ପାଠକ ଓ ଅଗଣିତ ଶ୍ରୋତାଙ୍କର ପ୍ରିୟଭାଜନ ହେବାର ସାମର୍ଥ୍ୟ ଲାଭ ପୂର୍ବକ ଓଡ଼ିଆବାଣୀ ଭଣ୍ଡାରକୁ ସମୃଦ୍ଧ କରିପାରିଛି ।

ହେ କାଳଜୟୀ କାବ୍ୟସ୍ରଷ୍ଟା ! ନତମସ୍ତକ ଆପଣଙ୍କ ସମର୍ପିତ ଅନୁରାଗକୁ ଉର୍ଦ୍ଧ୍ୱାୟିତ କାବ୍ୟଯାତ୍ରାକୁ । ଆପଣଙ୍କ ଲେଖନୀ ହେଉ ଅମୃତସ୍ରାବୀ , ଜୀବନ ହେଉ ନିରାମୟ ଏତିକି କାମନା ।

# ଜୀବନ ଯାତ୍ରା : ଆଦ୍ୟରୁ ଅବଧି

- ଗୀତିସାହିତ୍ୟର ପ୍ରବାଦ ପୁରୁଷ ଶ୍ରୀଯୁକ୍ତ ଦେବେନ୍ଦ୍ର ଦାସଙ୍କ ପିତା ଶିବେନ୍ଦ୍ର ପ୍ରସାଦ ଦାସ ଓ ମାତା ବିଦ୍ୟୁଲତା ଦେବୀଙ୍କ ପ୍ରଥମ ସନ୍ତାନ । ୧୯୪୨ ମସିହା ଫେବୃଆରୀ ମାସ ୨୫ ତାରିଖ କଟକ ସହରର ବଙ୍ଗାଳିସାହିରେ ଜନ୍ମଗ୍ରହଣ କରିଥିଲେ ।
- ମାତ୍ର ତିନିବର୍ଷ ବୟସରେ ତାଙ୍କ ମାତୃବିୟୋଗ ଘଟିଥିଲା । ସେ କଟକଜିଲ୍ଲା ମଙ୍ଗୁଳିର ମାମୁଁଙ୍କ ଘରେ ଲାଳିତପାଳିତ ହୋଇଥିଲେ । ସେଠାରେ ଚାଟଶାଳୀ ପାଠ ଶେଷ କରିଥିଲେ। ପରେ କଟକ ରାଜାବଗିଚା ଏମ୍.ଇ. ସ୍କୁଲ ଓ ରାଣୀହାଟ ହାଇସ୍କୁଲରୁ ୧୯୫୮ରେ ମ୍ୟାଟ୍ରିକ ପାଶ କରିଥିଲେ । ସେ ଜଣେ ମେଧାବୀ ଛାତ୍ର ଥିଲେ। ବହୁ ସଂଘର୍ଷ-ସଂଘାତ ମଧ୍ୟ ଦେଇ କଟକ ଖ୍ରୀଷ୍ଟ କଲେଜରୁ ସ୍ନାତକ ଏବଂ ମଧୁସୂଦନ ଲ କଲେଜରୁ ଏଲ୍ଏଲ୍. ବି. ଶିକ୍ଷା ଶେଷ କରିଥିଲେ।
- ଶ୍ରୀଯୁକ୍ତ ଦାସଙ୍କ ଶୈଶବ ଜୀବନ ବହୁ ଦୁଃଖକଷ୍ଟରେ ବିତିଥିଲେ ମଧ୍ୟ ଉଚ୍ଚଶିକ୍ଷା ପରେ ଆଇ.ପି.ଏସ୍. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୧୯୬୯ ମସିହାରେ ପ୍ରଥମେ କୋରାପୁଟ ଜିଲ୍ଲାରେ ଡି.ଏସ୍.ପି. ଭାବରେ ଯୋଗଦାନ କରିଥିଲେ । ପରେ ସ୍ଥାନାନ୍ତରିତ ହୋଇ କଟକ ଆସିଥିଲେ । ୧୯୮୪ ମସିହାରେ ପଦୋନ୍ନତି ପାଇ ଫୁଲବାଣୀ ସଦର ମହକୁମାଠାରେ ଆରକ୍ଷୀ ଅଧୀକ୍ଷକ (ଏସ୍ପି) ଭାବରେ ଯୋଗଦାନ କରିଥିଲେ । ସେଠାରୁ ବଦଳି ହୋଇ ଗଞ୍ଜାମ ଓ ପରେ କଟକ ଆସିଥିଲେ। ଏହାପରେ ପଦୋନ୍ନତି ପାଇ ଡି. ଆଇ.ଜି. ପଦବୀରେ ବାଲେଶ୍ୱର ଜିଲ୍ଲାରେ ନିଯୁକ୍ତ ହେଲେ। ୨୦୦୨ ମସିହାରେ କଟକ ଆଇ.ଜି ପଦବୀରେ କାର୍ଯ୍ୟରତ ଥାଇ ସେବାରୁ ଅବସର ଗ୍ରହଣ କଲେ।
- ପିଲାବେଳୁ ତାଙ୍କର ସାହିତ୍ୟ ପ୍ରତି ଅହେତୁକ ଦୁର୍ବଳତା ଥିଲା। ପ୍ରକୃତି, ପରିବେଶ, ଜୀବନର କଥା ଓ ବ୍ୟଥାକୁ ହୃଦୟ ବୁଝାଇବାକୁ ଅକ୍ଷମତା ପ୍ରକାଶ କରୁଥାଏ। ଏପରି ଏକ ସୃଜନଶୀଳ ଅପାରଗତା ବାରମ୍ବାର ତାଙ୍କ ମାନସପଟରେ ବ୍ୟାଘାତ ସୃଷ୍ଟି କରୁଥିଲା।
- ଶ୍ରୀଯୁକ୍ତ ଦାସ ସ୍ନାତକ ପ୍ରଥମ ବର୍ଷର ଛାତ୍ର ଥିଲାବେଳେ ପ୍ରଥମ ଗୀତିକବିତା ଲେଖିଥିଲେ। ତାହାଥିଲା ପ୍ରେମ କବିତା। ତାଙ୍କ ଭାଷାରେ ପ୍ରେମ ଅଛି ବୋଲି ତ ଜୀବନ ଅଛି । ପ୍ରେମ ହୃଦୟର ନିରୀହ କୋମଳତମ ଭାବ। ମଣିଷ ଜୀବନ ବଞ୍ଚିବାର ପ୍ରେରଣା ହେଉଛି ପ୍ରେମ। ପ୍ରେମରୁ ପୃଥିବୀ ସୃଷ୍ଟି । ପ୍ରେମମୟ ପୃଥିବୀରେ ମଣିଷ ସବୁ ଅବସ୍ଥାରେ ହୃଦୟରୁ ହୃଦୟକୁ ପ୍ରାପ୍ତି କରିପାରେ । ପ୍ରେମ ଅଛି ବୋଲି କବିତା ବଞ୍ଚିଛି।
- ବ୍ୟସ୍ତବହୁଳ ଜୀବନ ମଧ୍ୟରେ କିଶୋର ବୟସରୁ ଏଯାବତ୍ ଛଅ ଦଶନ୍ଧି ଧରି ସାରସ୍ୱତ ସାଧନା-ସର୍ଜନା ତଥା ଗୀତିକବିତା ରଚନାରେ ନିଜକୁ ନିମଗ୍ନ ରଖିଛନ୍ତି । ସେ ୧୯୬୨ ମସିହାରେ କଟକ ଆକାଶବାଣୀରୁ ଗୀତିକାର ଭାବେ ସ୍ୱୀକୃତି ଲାଭ କରିଥିଲେ । ତାଙ୍କର ଶତାଧିକ ଗୀତିକବିତା ଆକାଶବାଣୀ, ଦୂରଦର୍ଶନ ପ୍ରଭୃତି ବିଭିନ୍ନ ଗଣମାଧ୍ୟମରେ ପ୍ରଚାର-ପ୍ରସାର ହୋଇ ବହୁ ଜନାଦୃତି ଲାଭ କରିଛି ।
- ପିଲାଦିନରୁ ସାହିତ୍ୟ ପ୍ରତି ଗଭୀର ଅନୁରାଗ ଥିବାହେତୁ ସାଙ୍ଗସାଥିଙ୍କ ସହିତ ମିଶି ପ୍ରତିମାସ ଗୋଟିଏ ହାତଲେଖା ପତ୍ରିକା ପ୍ରକାଶ କରୁଥିଲେ; କିନ୍ତୁ କେବେ କବି ହେବାର ସ୍ୱପ୍ନ ସେ ଦେଖି ନଥିଲେ। ତାଙ୍କ ଗୀତିକବିତା ସର୍ଜନାରେ ପ୍ରତୀକାତ୍ମକ ନୂତନ ଶବ୍ଦବିନ୍ୟାସ ସହ ନିଜ ଭାବନାର ବୈଚିତ୍ର୍ୟକୁ ସ୍ୱୀୟ ସ୍ୱତନ୍ତ୍ର ଶୈଳୀରେ ପାଠକଙ୍କ ମନକୁ ଜିତିବାର ସଫଳତା ହାସଲ କରିପାରିଥିଲେ। ତାଙ୍କ ଗୀତଗୁଡ଼ିକ ଅନୁଭବର ଅନ୍ତରଙ୍ଗ ବେଦନା, ମୁଗ୍ଧ-ବିହ୍ୱଳିତ ଅନୁଭୂତିର ସଫଳ ପ୍ରତିଫଳନ ବହୁ ବରିଷ୍ଠ ଓ ବିଶିଷ୍ଟ କଣ୍ଠଶିଳ୍ପୀଙ୍କ କଣ୍ଠରେ ଝଙ୍କୃତ ହୋଇ ଶ୍ରୋତାଙ୍କ ଗୁଣୁଗୁଣୁ ସ୍ୱରଧ୍ୱନିରେ ପ୍ରତିଧ୍ୱନିତ ହେଲା।
- ତାଙ୍କ ଗୀତିକବିତାଗୁଡ଼ିକର ଏକ ସଙ୍କଳନ ପ୍ରକାଶ କରାଇବା ପାଇଁ ବିଗତ ବର୍ଷବର୍ଷ ଧରି ସ୍ୱନାମଧନ୍ୟ ଗୀତିକାର ଶ୍ରୀଯୁକ୍ତ ଗୁରୁକୃଷ୍ଣ ଗୋସ୍ୱାମୀ ବାରମ୍ବାର କହିଆସୁଥିଲେ ମଧ୍ୟ ସମ୍ଭବ ହୋଇପାରି ନଥିଲା । କାରଣ ପ୍ରଶାସନିକ ଦାୟିତ୍ୱ ଓ ବାରମ୍ବାର ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତରଣ ଭିତରେ ଗୀତଖାତା କେଉଁଠି ହଜିଯାଏ। ଖୋଜିଲେ ମିଳେନା ।
- ସେଇ ଗୀତିକବିତା ମଧ୍ୟରୁ କିଛି ବରିଷ୍ଠ କଣ୍ଠଶିଳ୍ପୀ ଶ୍ରୀଯୁକ୍ତ ପ୍ରଣବ କିଶୋର ପଟ୍ଟନାୟକ, ଅତିସ କୁମାର ମଜୁମଦାର, ଶ୍ରୀମତୀ ଶ୍ୟାମାମଣି ଦେବୀ ଏବଂ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କ ଖାତାରୁ ସଂଗ୍ରହ କରିଥିଲେ । ପ୍ରଥମ ସଙ୍କଳନ 'ଲୁହର ଓହଳ' ପରେ ପାଞ୍ଚଖଣ୍ଡ ସଙ୍କଳନ ପ୍ରକାଶିତ ହୋଇଛି। କିନ୍ତୁ ଏପର୍ଯ୍ୟନ୍ତ ତାଙ୍କର ବହୁ ଗୀତ ଖୋଜି ପାଇନାହାନ୍ତି ।
- ଶ୍ରୀଯୁକ୍ତ ଦାସଙ୍କ ଜୀବନରେ ପ୍ରଥମ ପ୍ରେରଣା ହେଉଛନ୍ତି ସ୍ୱର୍ଗତ ଶ୍ୟାମସୁନ୍ଦର ଦାସ । ତାଙ୍କ ସଫଳ ସର୍ଜନାରୁ ଜଣାଯାଏ, ଶୃଙ୍ଖଳିତ ଜୀବନଚର୍ଯ୍ୟା ଓ ନୀରବ ସାଧନାର ଫଳଶ୍ରୁତି ହିଁ ତାଙ୍କ ବିପୁଳ ସାରସ୍ୱତ କୃତି । ପ୍ରାଚୀନ ଓଡ଼ିଆ କବିଙ୍କ ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ରହିଛି । ସମକାଳୀନ ଗୀତିକବି ଓ ତରୁଣ ଗୀତିକବିଙ୍କ ପାଇଁ ସେ ହେଉଛନ୍ତି ପଥପ୍ରଦର୍ଶକ ।

## ସଂକ୍ଷିପ୍ତ ପରିଚୟ

| | | |
|---|---|---|
| ନାମ | - | ଶ୍ରୀଯୁକ୍ତ ଦେବେନ୍ଦ୍ର ଦାସ |
| ମାତା | - | ଶ୍ରୀମତୀ ବିଦ୍ୟୁଲତା ଦେବୀ |
| ପିତା | - | ଶ୍ରୀଯୁକ୍ତ ଶିବେନ୍ଦ୍ର ପ୍ରସାଦ ଦାସ |
| ଜନ୍ମ | - | ୧୯୪୨ ମସିହା ଫେବୃଆରୀ ୨୫ ତାରିଖ |
| ଜନ୍ମସ୍ଥାନ | - | ବଙ୍ଗାଳିସାହି, କଟକ |
| ବିବାହ | - | ୧୯୭୨ ମସିହା ଡିସେମ୍ବର ୯ ତାରିଖ |
| ଧର୍ମପତ୍ନୀ | - | ଶ୍ରୀମତୀ ଜୟନ୍ତୀ ଦାସ |
| ପୁତ୍ର | - | କୁଳଦୀପ, ସତ୍ୟଦୀପ |
| ଶିକ୍ଷା | - | ବି.ଏ.,ଏଲ୍‌ଏଲ.ବି., ଆଇ.ପି.ଏସ୍. ପରୀକ୍ଷାରେ ଉତ୍ତୀର୍ଣ୍ଣ |
| ବୃତ୍ତି | - | ଆଇ.ଜି. (ଅବସରପ୍ରାପ୍ତ) |
| ରୁଚି | - | ଭଲଗୀତ ଶୁଣିବା, ସୁସ୍ୱାଦୁ ଭୋଜନ, ଅସହାୟ ଓ ମେଧାବୀଙ୍କ ସହାୟତା ଓ ସହାନୁଭୂତି ପ୍ରଦାନ କରିବା । |
| କୃତିତ୍ୱ | - | ୧୯୬୨ ମସିହାରୁ ଆକାଶବାଣୀ କଟକ କେନ୍ଦ୍ରର ସ୍ୱୀକୃତିପ୍ରାପ୍ତ ଗୀତିକାର |
| ସାଂଗଠନିକ ସମ୍ପର୍କ | - | ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାରର ଜୁରି ସଦସ୍ୟ, ଓଡ଼ିଆ ଗୀତିକବି ସମାଜର ଉପଦେଷ୍ଟା ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ବିଚାରକ। |

**ସ୍ୱୀକୃତି ସ୍ରୋତ -**

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର - ୨୦୦୪
ଓଡ଼ିଶା ସାହିତ୍ୟ ଏକାଡେମୀ ଗୀତିକବିତା ପୁରସ୍କାର - ୨୦୧୩
ଆକାଶବାଣୀ ଅବସର ବିନୋଦନ କେନ୍ଦ୍ର ସମ୍ମାନ
ଓଡ଼ିଆ ଗୀତିକବି ସମାଜ ସମ୍ମାନ
ଉତ୍କଳ ସାହିତ୍ୟ ସମାଜ ସମ୍ମାନ
ଶିବବ୍ରତ ଦାସ ଫାଉଣ୍ଡେସନ ସମ୍ମାନ
ପ୍ରଜ୍ଞାରତ୍ନ ସମ୍ମାନ
ଡ. ହୃଷୀକେଶ ପଣ୍ଡା ଫାଉଣ୍ଡେସନ ସମ୍ମାନ, ଏମିତି ଅନେକ।

### ସୃଷ୍ଟି ସମ୍ଭାର

- ପ୍ରଥମ (ଗୀତିକବିତା) ସଙ୍କଳନ 'ଲୁହର ଓହଳ' (୧୯୯୮), ଦ୍ୱିତୀୟ ସଂସ୍କରଣ (୨୦୨୨)
- ଦ୍ୱିତୀୟ (ଗୀତିକବିତା) ସଙ୍କଳନ 'କାଚକାନ୍ଥ' (୨୦୦୧)
- ତୃତୀୟ (ଏକପଦୀ)ସଙ୍କଳନ 'ଋତୁପର୍ଣ୍ଣା' (୨୦୦୬)
- ଚତୁର୍ଥ (ଗୀତିକବିତା) ସଙ୍କଳନ 'ଆଉ ଋତୁ ଆଉ' (୨୦୦୯)
- ପଞ୍ଚମ (ଗୀତିକବିତା) ସଙ୍କଳନ 'ପଦୁଅଁ ପାପୁଲି' (୨୦୧୩)
- ଷଷ୍ଠ ସଙ୍କଳନ ପ୍ରକାଶୋନ୍ମୁଖୀ 'ବାଆଁରା ପକ୍ଷୀ'



### ଅନ୍ଧ-ଆବେଗ

ମୁଁ ଯେ ଅନ୍ଧ-ଆବେଗ ନେଇ
ବହୁଦୂର ଭାସି ଭାସି ଆସିଲିଣି
ଫେରିବାର ଆଶା ନାହିଁ ॥
କାଞ୍ଚନ ମଣି ଯାହାକୁ ସେଦିନ
ଅଣ୍ଟିରେ ଦେଲି ଭରି
ଭାଗ୍ୟ ଦେଖନା କାଛ ହୋଇସେତ
ଦେଲାଣି ଆହତ କରି
ପ୍ରଥମ ଅଙ୍କ ସରିନି ନାଟକ
ଯବନିକା ଏବେ କାହିଁ ?
ମୁଁ ଆଜି ଆହତ ବର୍ଷା ବିରତ
ବନର ଚମ୍ପା କଷି
ଭାଗ୍ୟ ଏମିତି ଭଅଁର ଆସୁନି
ଗନ୍ଧ ଯେଣୁ ମୋ ବେଶି
ଯିଏ ବି ଆସିଲା ଫେରିଲା ସତେ ମୁଁ
ଏକ କୂଳଖିଆ ନଈ ॥

# ଅମୃତ ଆଳାପ

● **ଆପଣ ପ୍ରଥମେ କେବେ ଲେଖିବା ଆରମ୍ଭ କରିଥିଲେ ଓ ସେ ଲେଖାଟି କ'ଣ ଥିଲା ?**

●● କବି କିମ୍ବା ଲେଖକ ସେ ପ୍ରଥମେ ଜଣେ ପ୍ରେମିକ। ସେ ବିଭିନ୍ନ ପ୍ରକାର ଲେଖା ଲେଖୁଥିଲେ ମଧ୍ୟ ପ୍ରଥମେ ସେ କାହାକୁ କେଉଁଠି ନିଶ୍ଚିତ ପ୍ରେମ କରିଥିବ । ପ୍ରେମ ଏକ ମହତ ମାନବୀୟ ଚେତନାର ଶ୍ରେଷ୍ଠ ଗୁଣ। ପ୍ରେମ ହୋଇପାରେ ପ୍ରକୃତି ପ୍ରେମ, ହୋଇପାରେ ନାରୀ ଓ ପୁରୁଷ ପ୍ରେମ, ହୋଇପାରେ ଭଗବତ ବା ଈଶ୍ୱରୀୟ ପ୍ରେମ । ହଁ, ମୁଁ ଖ୍ରୀଷ୍ଟ କଲେଜରେ ସ୍ନାତକ ପ୍ରଥମବର୍ଷ ପଢୁଥିଲା ବେଳେ ଲେଖିଥିଲି ପ୍ରଥମ କବିତା ମୋର ପ୍ରେମିକା ପାଇଁ । ଲେଖାଟି ଥିଲା –

'ତୁମେ ଏକ ଶୁଭଙ୍କରୀ ଅଙ୍କ
କଷିକଷି ବୟସର ଖାତାରେ
ଗଲା ସରି ଏ ଜୀବନଯାକ ।'

● **ସୃଜନକର୍ମରେ ଆପଣଙ୍କ ସହଧର୍ମିଣୀ କିଭଳି ଭାବରେ ସହଯୋଗ କରନ୍ତି ?**

●● ୧୯୭୨ ମସିହା ଡିସେମ୍ବର ୯ ତାରିଖରୁ ସେ ମୋ ସହିତ ଯେତିକି ସହଭାଗୀ ହୋଇଛନ୍ତି ,ସୃଜନକର୍ମରେ ସେତିକି ସହଯୋଗ କରିଛନ୍ତି । ଶ୍ରୀମତୀ ଜୟନ୍ତୀ ଦାସ ବିଜ୍ଞାନ ଛାତ୍ରୀ ହୋଇଥିଲେ ମଧ୍ୟ ପରିବାରର ସମସ୍ତ କର୍ତ୍ତବ୍ୟ ସମ୍ପାଦନ କରି ମୋତେ ସବୁକ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ଦେଇ ଚାଲିଛନ୍ତି ।

● **ଆପଣଙ୍କର ଦୀର୍ଘ ସାହିତ୍ୟ ସାଧନାର ଫଳଶ୍ରୁତି ସ୍ୱରୂପ ବହୁସମୟରେ ବିଭିନ୍ନ ସମ୍ମାନରେ ସମ୍ମାନିତ ହୋଇଛନ୍ତି ହେଲେ ଜଣେ ଲେଖକ ଭାବେ ପୁରସ୍କାର ଓ ପାଠକ ଆଦୃତି ମଧ୍ୟରୁ ଆପଣ କାହାକୁ ଶ୍ରେଷ୍ଠ ମନେ କରନ୍ତି ?**

●● ପାଠକୀୟ ଆଦୃତି ବିନା ପୁରସ୍କାରର ମାନେ ନାହିଁ। ପ୍ରଥମେ ପାଠକ ଆଦୃତି ପରେ ପୁରସ୍କାର ।

● **ଆପଣଙ୍କ ଦୃଷ୍ଟିରେ ଓଡ଼ିଆ ଗୀତିସାହିତ୍ୟର ସାମ୍ପ୍ରତିକ ସ୍ଥିତି ସନ୍ତୋଷଜନକ କି ?**

●● ନା ! ଆମ ଓଡ଼ିଆ ଶବ୍ଦଭଣ୍ଡାର କିଛି କମ୍ ନୁହେଁ । କିନ୍ତୁ ବର୍ତ୍ତମାନ ଗୀତରେ ହିନ୍ଦୀ, ଇଂରାଜୀ, ତେଲୁଗୁ ଶବ୍ଦର ବ୍ୟବହାର ଓଡ଼ିଆ ଗୀତିସାହିତ୍ୟକୁ ବିକଳାଙ୍ଗ କରୁଛି। ଯାହା ଅସହ୍ୟ ! ଆକାଶବାଣୀ ଓ ଦୂରଦର୍ଶନରେ ଏପରି ଗୀତ ପାଇଁ ନିଷେଧାଦେଶ ରହିଛି ।

● **ବର୍ତ୍ତମାନର ଲେଖକ /ଲେଖିକାଙ୍କ ପାଇଁ ଆପଣଙ୍କ ବାର୍ତ୍ତା କ'ଣ ?**

●● ପ୍ରଥମେ ସେମାନେ ଓଡ଼ିଆ ଭାଷା ଓ ସାହିତ୍ୟକୁ ଭଲପାଆନ୍ତୁ। ଭଲ ବହି ପଢ଼ନ୍ତୁ ,ଭଲ ଗୀତ ଶୁଣନ୍ତୁ , ବିପୁଳ ଜ୍ଞାନ ଓ ଅଭିଜ୍ଞତା ହାସଲ କରନ୍ତୁ। ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରନ୍ତୁ ।



## ନିରୀହ ମୀନ ମୁଁ

ନିରୀହ ମୀନ ମୁଁ ନିଅନା ଗୋ ତବ ଉତ୍ତରୀ ଜାଲ ଘେରି,
ନିଜ ସୁଖେ ମୋତେ ଖେଳିବାକୁ ଦିଅ ସରସୀରେ ବାହୁ ମେଲି ॥ ୦ ॥
ନହୁଲି ଛାତିରେ ଅନାବନା ଢେଉ
ଅବା ପାଷେ ଦଳ ପିଇ,
କଳାଘଉମର ଏ ପଙ୍କ ଶେଯେ ମୁଁ
ଖେଳିସାରି ପଡ଼େ ଶୋଇ,
କଳମ ଲଟାର ଛାଉଣୀ ତଳେ ମୋ ପାଣି ଘର ଟିକେ ବୋଲି ॥ ୧ ॥
ସରସୀ ତୁଠର କିଆ ପତରରେ
ତୁମ ନାଆଁ ଲେଖି ଯାଅ,
ଆର ଚଇତର ଶେଷକୁଆସିବ
ଲୁହ କରି ଅପଚ
ଶୁଖିଲା ସରସୀ ତାତିରେ ଯିବ ମୋ ଜୀବନ ଜାତକ ଜଳି ॥ ୨ ॥

# ଧ୍ୱନି-ପ୍ରତିଧ୍ୱନି

ଶ୍ରୀଯୁକ୍ତ ଦେବେନ୍ଦ୍ର ଦାସ ଜଣେ ପ୍ରସିଦ୍ଧ ଗୀତିକାର ଭାବରେ ସୁପରିଚିତ । ଜଣେ ନୀରବ ସାଧକ ଭାବରେ ସେ ଗୀତିକବିତା ଲେଖି ଚାଲିଛନ୍ତି – କେହି ତାଙ୍କୁ ତାଙ୍କର ଏପରି ସାହିତ୍ୟ ସାଧନା ପାଇଁ ପ୍ରଶଂସା କରୁବା ନକରୁ, ସେଥିପାଇଁ ତିଳେ ମାତ୍ର ଚିନ୍ତା ନାହିଁ। ଅନ୍ୟବାଗରେ କହିଲେ ଠିକ୍ ହେବ ଯେ ଗୀତ ତାଙ୍କୁ ଛାଡ଼ି ନାହିଁ କି ଛାଡ଼ିବାକୁ ଆପେ ରାଜି ନୁହେଁ । ଶ୍ରୀ ଦାସ ଜଣେ ରୋମାଣ୍ଟିକ ଗୀତିକାର । ରୋମାଣ୍ଟିକ ହୋଇ ମଧ୍ୟ ଅତି କଳ୍ପନାରେ ଭାସି ଯାଇନାହାନ୍ତି । ଜୀବନର ଆମୂଳ ସତ୍ୟ ଓ ବାସ୍ତବତାକୁ ସ୍ୱୀକାର କରିଛନ୍ତି । ହୃଦୟରୁ ହୃଦୟକୁ ଏହା ଛୁଇଁ ହୋଇଯାଏ । ଅନେକ ଗୀତିକବିତାର ସେ ହେଉଛନ୍ତି ପ୍ରାଣମୟ ସ୍ରଷ୍ଟା।

**ଡ.ବୈଷ୍ଣବ ଚରଣ ସାମଲ**

ପ୍ରାକ୍ତନ ପ୍ରଫେସର, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ବିଶ୍ୱଭାରତୀ, ଶାନ୍ତିନିକେତନ, ପଶ୍ଚିମବଙ୍ଗ

ଶ୍ରୀଯୁକ୍ତ ଦେବେନ୍ଦ୍ର ଦାସ ଏପରି ଜଣେ ବିରଳ ତଥା ସମର୍ଥ ଓଡ଼ିଆ ଗୀତିକବି ଯିଏକି ଏକ ଦୃଷ୍ଟିସମ୍ପନ୍ନ କବି ଭାବରେ ନିଜ ଲକ୍ଷ୍ୟାଭିମୁଖୀ ଦୃଷ୍ଟି ବା ସଂପ୍ରୟୋଜନବାଦୀ ସୌନ୍ଦର୍ଯ୍ୟ ଅଭିଯୋଜନ କରିପାରନ୍ତି । ସେ କେବଳ ଶବ୍ଦର ଯାଦୁକର ନୁହଁନ୍ତି, ଅଧିକନ୍ତୁ ଶବ୍ଦରେ ଚିତ୍ର ଫୁଟାଇବା ଓ ଚିତ୍ରକଳ୍ପ ଜଗତ ନିର୍ମାଣ କରିବା ତାଙ୍କ ଅଭିବ୍ୟକ୍ତିର ଅନ୍ୟତମ ଦିଗ । ତାଙ୍କ ବର୍ଣ୍ଣନା ଚାତୁର୍ଯ୍ୟ କେବଳ ରୂପକାୟିତ, ଚିତ୍ରାୟିତ ନୁହେଁ ବରଂ କବିତାର ଆବେଦନକୁ ସ୍ପଷ୍ଟ କରେ ଯାହା କେବଳ ଏକାନ୍ତ ନିଜସ୍ୱ ଓ ସାର୍ବଜନିକ ମଧ୍ୟ ।

**ବୃନ୍ଦାବନ ଜେନା**

ଓଡ଼ିଶା ସଙ୍ଗୀତ ନାଟକ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ ବରିଷ୍ଠ ଗୀତିକବି

ସମକାଳୀନ ଓଡ଼ିଆ ଗୀତିସାହିତ୍ୟରେ ଗୀତିକବି ଦେବେନ୍ଦ୍ର ଦାସ ଖାଲି ସୁପରିଚିତ ନୁହଁନ୍ତି, ସୁପ୍ରତିଷ୍ଠିତ ମଧ୍ୟ । ତାଙ୍କ କବିତାର ପ୍ରେମ-ପ୍ରଣୟର ଯେଉଁ କମ୍ପନ ଅନୁଭୂତ ହୁଏ ତା'ର ମୂଳ ଅନେକ ଗହୀରରେ ନିହିତ । କାବ୍ୟାବେଗର ଦୃଷ୍ଟି ଓ ଦର୍ଶନ ଦୃଷ୍ଟିରୁ ଶ୍ରୀ ଦାସ ଅତ୍ୟନ୍ତ ରୋମାଣ୍ଟିକ ! କିନ୍ତୁ ତାଙ୍କର ଏହି ରୋମାଣ୍ଟିକ ଚେତନାରେ କୌଣସି କୃତ୍ରିମତା ଅଥବା ବୌଦ୍ଧିକତାର ଆସ୍ଫାଳନ ନାହିଁ । ବରଂ ଅଛି ବିଦଗ୍ଧ ବୋଧଗମ୍ୟତା । ତଥାକଥିତ ଆଧୁନିକ କବିମାନଙ୍କ ପରି ଶ୍ରୀ ଦାସ କବିତାରେ ଶବ୍ଦର ଜାଲ ତିଆରି କରିନାହାନ୍ତି , ତାଙ୍କ କବିତାରେ ଶବ୍ଦମାନେ ପ୍ରକୃତରେ ହୋଇଯାଇଛନ୍ତି ଇନ୍ଦ୍ରଜାଲ। ସେମାନେ ଭାବକୁ କେବଳ ବହନ କରି ସନ୍ତୁଷ୍ଟ ରହିନାହାନ୍ତି ! ପ୍ରତୀକ ଓ ଚିତ୍ରକଳ୍ପର ଅନାବିଳ ସୌନ୍ଦର୍ଯ୍ୟରେ ଆପଣାକୁ ସାର୍ଥକ ମଧ୍ୟ କରିଛନ୍ତି । ସେଥିପାଇଁ ଖାଲି ଗୀତିକବିତା ନୁହେଁ , ଆଧୁନିକ କବିତାରେ ମଧ୍ୟ ଶ୍ରୀ ଦାସଙ୍କ ସ୍ୱାକ୍ଷର ସ୍ୱତନ୍ତ୍ର ଭାବରେ ଚିହ୍ନିତ ହେବ।

**ଡ.ବଳରାମ ଦାସ**

ପ୍ରାକ୍ତନ ଅଧ୍ୟାପକ, ଓଡ଼ିଆ ବିଭାଗ, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ,ପୁରୀ

ଶ୍ରୀଯୁକ୍ତ ଦେବେନ୍ଦ୍ର ଦାସ ଓଡ଼ିଆ ଗୀତିସାହିତ୍ୟ କ୍ଷେତ୍ରରେ ଜଣେ ସୁପରିଚିତ ତଥା ସୁପ୍ରତିଷ୍ଠିତ ବ୍ୟକ୍ତିତ୍ୱ । ଭାରତୀୟ ପୋଲିସ୍ ସେବାରେ ନିଜର କାର୍ଯ୍ୟଦକ୍ଷତା ପ୍ରତିପାଦିତ କରିବା ସହିତ ଓଡ଼ିଆ ଗୀତିସାହିତ୍ୟରେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ରୂପକଳ୍ପ ,ଚିତ୍ରକଳ୍ପ ,ଚମତ୍କାର ଓ ନିଆରା ଶବ୍ଦ ସଂଯୋଜନା କରିବାରେ ସେ ସିଦ୍ଧହସ୍ତ ।

**ଗୌର ପଟ୍ଟନାୟକ**

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କୃତ ବରିଷ୍ଠ ଗୀତିକବି

ଦେବେନ୍ଦ୍ର ଦାସଙ୍କ ଚମତ୍କାର ରଚନା ଶୈଳୀ ଓ ଶବ୍ଦ ସଂଯୋଜନା ନିମିତ୍ତ ସେ ଅନେକ ଗୀତିକବିଙ୍କର ପ୍ରେରଣାଦାତା ଭାବରେ ସୁପରିଚିତ । ' ଲୁହର ଓହଳ' , ' କାଚକାନ୍ଥ', ଓ ' ଆଉ ଋତୁ ଥାଉ' ଆଦି କବିତା ଗ୍ରନ୍ଥ ରଚନାରେ ସେ ଯେଉଁ ପ୍ରତୀକାତ୍ମକ ଶବ୍ଦ ଓ ଭାବସିଦ୍ଧିର ପରିଚୟ ଦେଇଛନ୍ତି , ତାଙ୍କ ଆକଳନ ପାଇଁ ସେତିକି ପର୍ଯ୍ୟାପ୍ତ। ସେହିପରି ଏକପଦୀ ରଚନାର ପ୍ରୟାସରେ ସେ ଯେଉଁ 'ଋତୁପର୍ଣ୍ଣା' କାବ୍ୟଗ୍ରନ୍ଥକୁ ସୃଷ୍ଟି କରିଛନ୍ତି ତାହାର ଶିଳ୍ପ କୌଶଳ ଓ ଭାବମୟ ପରିପ୍ରକାଶ ଭଙ୍ଗୀ ତାଙ୍କ କବି ପ୍ରତିଭାର ପରିଚୟ ପ୍ରଦାନ କରିଥାଏ । ଭାବର ଶିଳ୍ପୀ ଦେବେନ୍ଦ୍ର ଦାସ । ତାଙ୍କ ଭାବକଳ୍ପର ତୁଳନା ନାହିଁ । ଗୋଟିଏ କଥାରେ କୁହାଯାଇ ପାରେ ଗୀତିକବି ଦେବେନ୍ଦ୍ର ଦାସ ଆମ ସମୟର ଜଣେ ଅକୃତିମ

ଭାବଚେତନା ଓ ଶବ୍ଦକଳ୍ପର ଅଚିନ୍ତ୍ୟ କବି ।

**ଡ.ତୁଳସୀ ଓଝା**

ଅଧ୍ୟାପିକା ଓ ବରିଷ୍ଠ ସମାଲୋଚିକା, ପୁରୀ

ଅନନ୍ୟ ଶବ୍ଦକଳ୍ପରେ ସଂଭ୍ରାନ୍ତୀୟ ଗୀତିକବିତା ମାଧ୍ୟମରେ ପାଠକଙ୍କୁ ଆକୃଷ୍ଟ କରିବା ସହ ମନମୁଗ୍ଧ କରିପାରନ୍ତି ଶ୍ରୀଯୁକ୍ତ ଦେବେନ୍ଦ୍ର ଦାସ । ଏବେବି ଉତ୍ତୀର୍ଣ୍ଣ ବୟସରେ ସେ ତାଙ୍କ ପ୍ରତ୍ୟେକ ଗୀତିକବିତାରେ ପ୍ରତୀକାତ୍ମକ ଶବ୍ଦ ପ୍ରୟୋଗ ସହ ନିଜ ଭାବନାର ବିବିଧତାକୁ ନୂତନ ଶୈଳୀରେ ସଜେଇ ପାଠକଙ୍କ ମନକୁ ବାନ୍ଧି ରଖିବାରେ ସମର୍ଥ । ଏହା ତାଙ୍କର ସୂକ୍ଷ୍ମାତିସୂକ୍ଷ୍ମ ଚିନ୍ତନର ସଫଳ ରୂପାୟନ ବ୍ୟତୀତ ଆଉ କ'ଣ ହୋଇପାରେ !

**କମଳ କୁମାର ପଟ୍ଟନାୟକ**

ଅବସରପ୍ରାପ୍ତ ଅଧ୍ୟାପକ ଓ ସ୍ୱୀକୃତ ବେତାର ଗୀତିକାର

ଗୀତିସାହିତ୍ୟର ପ୍ରବାଦ ପୁରୁଷ ଶ୍ରୀଯୁକ୍ତ ଦେବେନ୍ଦ୍ର ଦାସ ସ୍ୱାଧୀନତା ପରବର୍ତ୍ତୀ ଗୀତିକବିଙ୍କ ମଧ୍ୟରେ ପଲ୍ଲୀଭାଷା ଓ ଭାବନାର ସମ୍ମିଶ୍ରଣରେ ଆଧୁନିକ ଗୀତିରଚନାର ଅୟମାରମ୍ଭ କରିଛନ୍ତି । ବାସ୍ତବତା ସହ ଜୀବନ ଦର୍ଶନକୁ ନେଇ ନୂତନ ଚିତ୍ରକଳ୍ପ ଏବଂ ପ୍ରତୀକ ପ୍ରୟୋଗରେ ଭାବ ଓ ଶୈଳୀକୁ ଉପସ୍ଥାପିତ କରିବା ତାଙ୍କ ଗୀତି ରଚନାର ରୀତି । ତାଙ୍କ ସମକକ୍ଷ ଗୀତିସ୍ରଷ୍ଟା ବିରଳ।

**ଅଧ୍ୟାପକ ମିଶ୍ର ସତ୍ୟନାରାୟଣ**

ଗୀତି ଗବେଷକ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ ଗୀତିକବି

ଦେବେନ୍ଦ୍ର ଦାସ ! ନାମଟିର ପ୍ରତି ଅଂଶ ଯେମିତି ରୋମାଣ୍ଟିକ୍ ମନେ ହୁଏ ତାଙ୍କର ଅନେକ ଗୀତରେ ଅନୁରୂପ ରୋମାଣ୍ଟିକ୍ ଝଲକ ବିଦଗ୍ଧ ଶ୍ରୋତା କିମ୍ବା ସାଧାରଣ ଶ୍ରୋତାଙ୍କ ମନରେ ପୁଲକ ଜାଗ୍ରତ କରିଥାଏ । କିଏ ଶବ୍ଦର ଜାଦୁକରୀରେ ବିମୋହିତ ହୁଏ ତ କିଏ ନିଜସ୍ୱ ଅନୁଭବକୁ ସାଥିରେ ଆବିଷ୍କାର କରି ରୋମାଞ୍ଚିତ ହୁଏ। ତେଣୁ ତତ୍କାଳୀନ ଅନେକ ଶ୍ରୋତା ତାଙ୍କ ଗୀତକୁ ପ୍ରତୀକ୍ଷା କରିଥାନ୍ତି ରେଡ଼ିଓରେ ପୁନଃପ୍ରସାରଣକୁ। ତାଙ୍କ ଗୀତଗୁଡ଼ିକ ପଢ଼ିଲେ ଭଲଲାଗେ , ଶୁଣିଲେ ମନମୁଗ୍ଧ ହୁଏ ଓ ନିଜସ୍ୱ ସୁରରେ ଗାଇଲେ ନିଜ ଅଜାଣତରେ ନିଜକୁ ଜଣେ କଣ୍ଠଶିଳ୍ପୀ ଭଳି ଅନୁଭବ ହୁଏ। ଆଉ କଣ୍ଠଶିଳ୍ପୀଟିଏ ତାଙ୍କ ଗୀତକୁ ଗାଇଲା ବେଳେ ଆତ୍ମତୃପ୍ତି ଅନୁଭବ କରେ।

**ଦିବାକର ନାୟକ**

ସ୍ୱୀକୃତ ବେତାର ଗୀତିକାର

ବରିଷ୍ଠ ଗୀତିକବି ଶ୍ରୀଯୁକ୍ତ ଦେବେନ୍ଦ୍ର ଦାସ ! ତାଙ୍କ ଗୀତିକବିତା ପଢ଼ିଲେ ଓ ଶୁଣିଲେ ଶବ୍ଦବିନ୍ୟାସ, ଅର୍ଥଚାତୁର୍ଯ୍ୟ, ରୂପକଳ୍ପ ଭରା ଭାଷା ଓ ଭାବର ଅପୂର୍ବ ଶୈଳୀ ଗୀତକୁ ଶ୍ରୁତିମଧୁର କରିଥାଏ । ତାଙ୍କ ଗୀତିକବିତାର ଅର୍ଥ ଓ ବୈଚିତ୍ର୍ୟ ବେଶ୍ ଭାବଗର୍ଭକ। ତାଙ୍କ ଶବ୍ଦର ଧ୍ୱନି ପ୍ରବାହରେ ସମଗ୍ର ସ୍ଥିତି ହୁଏ ପ୍ରବହମାନ । ସେଥିପାଇଁ ତାଙ୍କ ଗୀତିକବିତାର ସଙ୍ଗୀତ ସ୍ପର୍ଶ ଶ୍ରୋତା ସବୁବେଳେ ଖୋଜୁଥାଏ ।

**ହଂସନାଥ ମୁଦୁଲି**

ଶିଶୁସାହିତ୍ୟିକ ଓ ଗୀତିକବି



## ଶାନ୍ତସକାଳ

ଶାନ୍ତ ସକାଳ
ବାତାୟନେ ଖେଳେ
ତରୁଣ ଅରୁଣ ଆଭା
ତନ୍ଦ୍ରା ବିଭୋରା
ପ୍ରିୟାର ଅଙ୍ଗେ
ସୌମ୍ୟା ରୁପସୀ ଶୋଭା ॥ ୦ ॥

ବିଗତ ସଂଜେ
ହେନାର କୁଂଜେ
ହାତ ପରେ ହାତ ରଖି
କହିଥିଲା ସିଏ
ଆମରି ପ୍ରେମର
ଏଇ ତରୁତଳ ସାକ୍ଷୀ,
ରାକା ରଜନୀରେ ହେନାର ମହକେ
ହସୁଥିଲା ତାର ଗଭା ॥ ୧ ॥

ବନ୍ଧନେ ମୋତେ
ରଖିଥିଲାପ୍ରିୟା
ଲୀଳାୟୀତ ବାହୁଘେରେ,
ଅନୁରାଗ ଭରା
ଅତୁଟ ଫାଶରୁ
କେମିତି ମୁକୁଳି ପାରେ
ତାହାରି ପ୍ରେମର ଉଷ୍ମ ପରଶ
ସତେ କେତେ ମନଲୋଭା ॥ ୨ ॥

## ବହୁଚର୍ଚ୍ଚିତ ଗୀତ

- ତୁମ ଗାଆଁ ମହୁମାଛି ଆମ ଫୁଲେ ମହୁ ପିଇ- କଣ୍ଠ: ପ୍ରଣବ ପଟ୍ଟନାୟକ (ଗ୍ରାମୋଫୋନ ରେକର୍ଡ଼, ୟୁଟ୍ୟୁବ)
- ନାଟକର ପ୍ରଥମ ଅଙ୍କରେ ତୁମେ- କଣ୍ଠ: ଶ୍ୟାମାମଣି ଦେବୀ (ଆକାଶବାଣୀ)
- କେତେ ଉଡ଼ଉଁରିର ଭୋକିଲା ବାହୁରେ- କଣ୍ଠ:ପ୍ରଣବ ପଟ୍ଟନାୟକ(ଆକାଶବାଣୀ, ୟୁଟ୍ୟୁବ)
- କାଟକାଜୁରର ଦୁଇପଟେ ଆମେ ଦୁହେଁ- କଣ୍ଠ:ପ୍ରଣବ ପଟ୍ଟନାୟକ, ଶ୍ୟାମାମଣି ଦେବୀ (ଆକାଶବାଣୀ, ୟୁଟ୍ୟୁବ)
- ତୁମେ ଆଗୋ ପାହାନ୍ତି ଉଷାର ବିଧବା ଜହ୍ନ- କଣ୍ଠ:ପ୍ରଣବ ପଟ୍ଟନାୟକ (ଆକାଶବାଣୀ,ୟୁଟ୍ୟୁବ)
- ଦୁଆରେ ତୁମର କାଚର କବାଟ ଖୋଲି ନ ପାରିଲି ମୁହିଁ-କଣ୍ଠ: ଭିକାରୀ ବଳ(ଆକାଶବାଣୀ)
- କୁଆଁରୀ ଧୂଳିର ବାଉଁଅ ଗାଧୁଆ ସେଇ ପାଣି ଆଷାଢ଼ରେ-କଣ୍ଠ:ଅତିସ୍ ମଜୁମଦାର(ଆକାଶବାଣୀ)
- ପ୍ରାଣପାତ୍ରେ ମୋ ଦ୍ରାକ୍ଷା ଦିଅ ଗୋ ଭରି- କଣ୍ଠ:ଅର୍ଜୁନ ସାମଲ (ଆକାଶବାଣୀ, ୟୁଟ୍ୟୁବ)
- ବହିଧରି ହାତରେ ସବୁଦିନେ ଯାଏ ସିଏ ଆମ ଘର ବାଟରେ- କଣ୍ଠ: ରଘୁନାଥ ପାଣିଗ୍ରାହୀ (ଗ୍ରାମୋଫୋନ ରେକର୍ଡ଼, ୟୁଟ୍ୟୁବ)
- ଏଇ ମୋ ଦେହରେ କେତେଯେ ଶ୍ରାବଣ ନାହିଁ ତ ଟୋପାଏ ଖରା- କଣ୍ଠ : ଅର୍ଜୁନ ସାମଲ (ଆକାଶବାଣୀ, ୟୁଟ୍ୟୁବ)

# ତୁମେ ସନ୍ଧ୍ୟାରେ ଆସି

ତୁମେ
ସନ୍ଧ୍ୟାରେ ଆସି ସକାଳେ କହୁଛ ଯିବି,
ରାତିକ ଭିତରେ ଜୀବନ ତୁମକୁ କେତେ ବା ପୁଣ୍ୟ ଦେବି ! ॥ ୦ ॥
ମୁଁ ଦେଖିନି କେବେ
କା'ର ପାପହୀନ
ରୂପ ଗରବିଣୀ ଆଖି,
ଅସହାୟା କେହି
ବାନ୍ଧିନି ମୋର
ହାତରେ ମମତା ରାକ୍ଷୀ
ଅଯାଚିତେ କେଉଁ ଅପରିଚିତାକୁ ହୃଦୟ କେମିତି ଦେବି ! ॥ ୧ ॥
ଗନ୍ଧ ବିହୀନା
ତରାଟ ଫୁଲରେ
ହେନାର ସୁରଭି ବୋଲି,
କାହା ଗଭା ଦେହେ
ଶରଣ ଯିବି ମୁଁ
ନିଲଜ ମଧୁପ ଭଳି
ନହୁଣୀ କଅଁଳ ପାଦର ଦରଜ ଛାତିରେ କେମିତି ନେବି ! ॥ ୨ ॥



ଓଡ଼ିଆ ଗୀତିସାହିତ୍ୟର ଏହି ମହାନ ସାଧକଙ୍କ ଫିଚର୍ କରିବାର ଦୁଃସାହସ ମୋ ପାଇଁ ଧୃଷ୍ଟତା ନିଶ୍ଚୟ। ବିଶାଳ ସାଗରର ଗଭୀରତା ଓ ଅନନ୍ତ ଆକାଶର ବିଶାଳତା ମାପିବା ଯେମିତି ଅସମ୍ଭବ ଏହି ଧୂରୀଣ ଶବ୍ଦବିନ୍ଧାଣିଙ୍କ ସୃଷ୍ଟିସମୂହ ଓ ବ୍ୟକ୍ତିତ୍ୱକୁ ଆକଳନ କରିବା ମୋ ପାଇଁ ନିଶ୍ଚିତ ଅସାଧ୍ୟ ।

ଯାହାଙ୍କ ସୃଜନ ଯାତ୍ରା ଆଦ୍ୟରୁ ଅଦ୍ୟାବଧି ଜୀବନର ସାଉଁଟା ଅନୁଭୂତିକୁ ନେଇ ତାଙ୍କ ଗୀତିକବିତାର ଚିତ୍ରକଳ୍ପ, ରୂପକଳ୍ପ, ପ୍ରତୀକ, ବ୍ୟଞ୍ଜନା, ଶୈଳୀ ଓ ଶବ୍ଦ ସଂଯୋଜନା ସ୍ୱତନ୍ତ୍ର । କବିଙ୍କ ସୃଷ୍ଟି ସମ୍ଭାରରେ ଭାବପ୍ରବଣତାର ମନ୍ଦ୍ର-ମଧୁର ସ୍ୱରଧ୍ୱନି ପ୍ରତିଧ୍ୱନିତ । ସାରାଜୀବନ ସାହିତ୍ୟ ସାଧନାରେ ବ୍ରତୀ ରହି ଶିଖରକୁ ସ୍ପର୍ଶ କରିସାରିଥିବା ଏହି ସାରସ୍ୱତ ସାଧକଙ୍କ ଜୀବନ ଓ ସୃଜନର ସାମଗ୍ରିକ ଆକଳନ କରିବା ସମୁଦ୍ରରୁ ଆଞ୍ଜୁଳେ ପରଷିବାର ପରିକଳ୍ପନା ମାତ୍ର; କିନ୍ତୁ ପାଠକ ସମୁଦ୍ରଗର୍ଭର ଏହି ଅମୂଲ୍ୟରତ୍ନର କିଞ୍ଚିତ୍ ଆଭାସ ପାଇବେ ବୋଲି ମୋର ଆଶା ଓ ବିଶ୍ୱାସ ।

ସତରେ ଶ୍ରୀଯୁକ୍ତ ଦେବେନ୍ଦ୍ର ଦାସଙ୍କ ପରି ଜଣେ ଯୁଗସ୍ରଷ୍ଟାଙ୍କ ଜୀବନଚର୍ଯ୍ୟାର ସକଳ ମୁହୂର୍ତ୍ତ ଗୀତିକବିତାର ଝଙ୍କାରରେ ଝଙ୍କୃତ । ଏହିଭଳି ମହାନ ବ୍ୟକ୍ତିତ୍ୱଙ୍କ ଜୀବନ ଓ ସୃଜନ ସମ୍ପର୍କରେ ଏହା ସାମଗ୍ରିକ ଆକଳନ ନୁହେଁ, 'ଅଗ୍ନିରୂପା' ପରିବାର ତରଫରୁ ଏତିକି କାମନା ପ୍ରଣମ୍ୟ କବିଙ୍କ ଲେଖନୀ ଅମୃତସ୍ରାବୀ ହେବାସହ ଜୀବନଯାତ୍ରା ନିରାମୟ ହେଉ।

# ମୁଁ କାହିଁକି ଲେଖେ



ISSN-2583-6978
Volume-3
Issue-8
AUGUST-2023

**ଡକ୍ଟର ପ୍ରତିଭା ଶତପଥୀ**

**ଭୁବନେଶ୍ୱର**

କାହିଁକି ଆକାଶର ଗଭୀରତାକୁ ଅନାଇଁ ବସେ ? କାହିଁକି ନିଶାର୍ଦ୍ଧରେ ଶିଶିରପାତର ଶବ୍ଦକୁ କାନଡେରି ରହେ ? କାହିଁକି ଶେଯରେ ଶୋଇ ଗତ ସନ୍ଧ୍ୟାରେ ଆକାଶରେ ଉଡିଯାଇଥିବା ପକ୍ଷୀଙ୍କ ଘୁଙ୍ଘୁରକୁ ଶୁଣିପାରେ ? କାହିଁକି ଧର୍ଷିତା ବାଳିକାଟିର ଅନିଭୋଗକୁ ଅଙ୍ଗେ ନିଭାଉ ନିଭାଉ ଚମକିପଡେ ? ଯୁଦ୍ଧ ବିଗ୍ରହରେ ଛଟପଟ ଆହତ ଶିଶୁର ମୁହଁ ଟି.ଭି ପର୍ଦ୍ଦାରୁ ଉଠି ମୋ ତନ୍ଦ୍ରା ଭିତରକୁ ପଶିଆସେ ? ଏସବୁର କି ଉତ୍ତର ଦେବି ମୁଁ ?

ମୋଟାମୋଟି ସବାଶେଷ ଉତ୍ତରଟିକୁ ଦେଇଦେବି କି ? ନିଜ ବିଫଳତାକୁ ଥରକୁ ଥର ପରଖିବା ପାଇଁ ମୁଁ କବିତା ଲେଖେ ?ିଁ, ବିଫଳତାକୁ ହିଁ ତ ପରୀକ୍ଷା କରେ। ମାତ୍ର ଏହାଦ୍ୱାରା ଲେଖେ କାହିଁକିର ଆଂଶିକ ଉତ୍ତରଟିଏ ସିନା ଦେଇହେବ। ଦୀର୍ଘ ୩୦ ବର୍ଷର ଜୀବନ ସାଧନା ଓ କାବ୍ୟ ସମ୍ପୃକ୍ତିକୁ ଧାଡିଏ କଥାରେ ତ ବୁଝାଇ ହେବ ନାହିଁ। ଅତଏବ ମୁଁ ନିଜକୁ ନିଜେ ଆଉଥରେ ପଚାରେ, ସତରେ ଲେଖେ କାହିଁକି ?

କାହିଁକି ଗୀତଟିଏ ଶୁଣିଲେ ପିଲାଦିନେ ସେଇ ସ୍ୱରରେ ନିଜେ କିଛି ଫାନ୍ଦି ପକାଏ ? ଘରେ ବୋଉର, ଆଈର କଥାକଥାକେ ଢଗଢମାଳି ପୁରାଣ ଉପାଖ୍ୟାନ, ବାପାଙ୍କର ଦୂରବିଦେଶର ଅସମ୍ପୃକ୍ତି, ଗୋପାଳଚନ୍ଦ୍ର ପ୍ରହରାଜ (ମୋର ଜେଜେବାପା ସେହି ପ୍ରଚଣ୍ଡ ପ୍ରତିଭାଧର ପୁରୁଷ) ଙ୍କ ପରିବାରର ଭାଷା ସାହିତ୍ୟ ସଚେତନତା, କାବ୍ୟରସିକତା, ଏହିସବୁ କ'ଣ ମୋର ଅବଚେତନରେ କାମ କରେ ? କେଜାଣି !

ସ୍କୁଲରେ ପଢିବା ସମୟରେ ଏପରିକି କଲେଜରେ ପ୍ରଥମ ବର୍ଷ, ଯାହା ଲେଖୁଥିଲି, ସବୁ କିଛି ତତ୍କ୍ଷଣାତ ଛପା ହୋଇ ଯାଉଥିଲା, ଭଲ କି ମନ୍ଦ ଲେଖୁଛି, ଭାବିବାକୁ ଅବସର ନଥିଲା ମୋର। ଅଥଚ କାହିଁକି ଲେଖେ, ଏ ପ୍ରଶ୍ନ ବି ସେତେବେଳେ ଉଠିନାହିଁ ମନ ଭିତରେ। ୧୯୬୨ ମସିହା ପ୍ରାକ୍ ବିଶ୍ୱବିଦ୍ୟାଳୟ ବିଜ୍ଞାନ ପରୀକ୍ଷାର ୨ୟ ସିଟିଂରେ ଥାଏ ପଦାର୍ଥ ବିଜ୍ଞାନର ପତ୍ର। ପୂର୍ବାହ୍ନରେ ଥାଏ ମୋର ବିଷୁବ ମିଳନର ପୁରସ୍କାର। ହଷ୍ଟେଲ ସୁପରିଟେଣ୍ଡଣ୍ଟଙ୍କ କଡ଼ା ତାଗିଦ ଯିବାକୁ ହବ ନାହିଁ, ଆଜି ୟୁନିଭର୍ସିଟି ପରୀକ୍ଷା। ମୁଁ କିନ୍ତୁ ଅଟକିଲି ନାହିଁ ପୁରସ୍କାର ନେଇ ଚାଲି ଆସିଲି। ପରୀକ୍ଷାରେ ପ୍ରଥମଶ୍ରେଣୀ ପାଇଲି ଅବଶ୍ୟ, କିନ୍ତୁ ବିଷୁବ ପୁରସ୍କାରର ଆନନ୍ଦର ଯେ ତୁଳନା ହିଁ ନଥିଲା।

ଯେଉଁଦିନ ମୋର ବିବାହ, ସେଦିନ ମୋର କବିତା ବହିଟିଏ (ମୋର ସ୍ୱାମୀଙ୍କ କବିତା ସହ ) ଛପା ହେଉଥାଏ- ପୁଣି ବାହାରିଥାଏ ମୋର ପରୀକ୍ଷାଫଳ, ପ୍ରଥମ ଶ୍ରେଣୀ। କେତେକ ମୋତେ ପ୍ରଥମ ଶ୍ରେଣୀ ପାଇଁ ବଧେଇ ଜଣାଉଥାନ୍ତି। ମୋ ମନ ମରିଯାଇଥାଏ। ମୋ କବିତା ବହିଟା କ'ଣ କାହାରିକୁ ଦିଶୁନାହିଁ ? ପରବର୍ତ୍ତୀ ସମୟରେ ନିଜର ସେହି ମୂର୍ଖତାକୁ ମନେ ପକାଇ କବିତା ବହିଠାରୁ ମୋର ପ୍ରଥମ ଶ୍ରେଣୀର କୃତିତ୍ୱ କେତେ ବେଶି ଉପାଦେୟ ଥିଲା ନିମ୍ନ ମଧ୍ୟବିତ୍ତ ପରିବାରର ସ୍ତ୍ରୀ ଲୋକଟିଏ ମୁଁ ପ୍ରଥମ ଶ୍ରେଣୀ ଯୋଗୁଁ ଚାକିରି ପାଇଲି, ଭଲରେ ଚଳିଲି। ଅଥଚ କବିତା, ତାକୁ ଏତେ ବଡ଼ ଭାବୁଥିଲି କାହିଁକି ?

ଅଳ୍ପ ବୟସରୁ ବିବାହ କରି ସଂସାର ଜଞ୍ଜାଳ ପାଠପଢ଼ା ଓ କବିତା ଏକାସଂଗେ ଧରିଲା ବେଳକୁ କେଉଁଟା ବି ଠିକ୍ ମତେ ଚାଲୁନଥିଲା। ସ୍ୱାସ୍ଥ୍ୟ ଓ ମାନସିକତା ଖଣ୍ଡ ଖଣ୍ଡ ଭାଙ୍ଗି ପଡୁଥିଲା। ତଥାପି ଲେଖା ଲେଖି ଦିଗରେ ଉତ୍ସାହ ଦେଇଥିଲେ ମୋର ସ୍ୱାମୀ। ମାତ୍ର ସେ ଉତ୍ସାହ ମୋତେ ହାତ ଧରି ନିର୍ଦ୍ଦିଷ୍ଟ ଏକ ଦୂରତା ଯାଏ ନେଲା। ତା' ପରେ ପାହାଡ଼ ଚଢାଳି ଉପରକୁ ଉପରକୁ ଉଠିଲାବେଳକୁ କ୍ରମଶଃ ସବୁ ସାଥୀହରାଇ ଏକୁଟିଆ ହୋଇଗଲା ପରି କାବ୍ୟ ସାଧନାର ମଝି ବାଟରେ ମୁଁ ବି ଏକୁଟିଆ ହୋଇଗଲି। ଆଖପାଖରେ ଆଉ କେହି

କେହି ନଥାନ୍ତି ସେତେବେଳକୁ ।

ସେତିକିବେଳକୁ ମୋ ମନରେ ଉଠିବା କଥା ଯେ, ମୁଁ କବିତାରୁ ପାଇବି କ'ଣ ? କ'ଣ ପାଇଁ ଲେଖୁଛି ? ଜୀବନର ଅଜସ୍ର ଆବେଗ ଉପଲବ୍ଧି ଓ ସମୟ ତଥା ଶ୍ରମ ବିନିଯୋଗ କରି ମୁଁ ସଞ୍ଚ ରଖିଲି କ'ଣ ? କ'ଣ ଖୋଜିଲି ଏତେଦିନ ପାଇଲି ବା କିଛି ?

ଯାହା ପାଇଛି, ସେଇଥିପାଇଁ ହିଁ ମୁଁ ଲେଖୁଚି । ଘୂର୍ଣ୍ଣୟମାନ ବିଶ୍ୱ ପଥରେ ନିଜର ପାଦତଳର ଭୂମିକୁ ମାପିଛି ଆପଣାର ଦଣ୍ଡାୟମାନ ଅସ୍ତିତ୍ୱକୁ ନିରୀକ୍ଷଣ କରିଛି ଖୋଜିବି ବଞ୍ଚିବାର ଅର୍ଥ । ସକଳ ଅନର୍ଥ ଓ ବିଡମ୍ବନା ଭିତରୁ ଜୀବନର ମହାର୍ଘ ସୂତ୍ରଟିକୁ ଫିଟାଇ ଧରିବାକୁ ପ୍ରୟାସ କରିଛି । ଅସ୍ତିତ୍ୱର ଅସହାୟତାକୁ ସାଉଁଟି ନେଉ ନେଉ ଗାଧୋଇ ପଡିଲି ଲୁହରେ, ବିପୁଳ ସମ୍ଭାବନାର ରେଖାଚିତ୍ରଟିଏ ଆଙ୍କିଲାବେଳେ କରୁଣାର୍ଦ୍ର ହୋଇ ପଡିଛି ମଣିଷର କିଂ କର୍ତ୍ତବ୍ୟ ପଣକୁ ହୃଦୟଙ୍ଗମ କରି । ବିଚରା ମଣିଷଟି । ଯେତିକି ବିଶାଳ ସେତିକି ହ୍ରସ୍ୱ ବିଶ୍ୱକୁ କୋଳେଇ ନେଇପାରେ ଅଥଚ ନିଜ ମୁଣ୍ଡ ଉପରକୁ ବି ତାର ହାତ ପାଏନା । ଏପରି ମଣିଷକୁ ଅନ୍ୟ ଅର୍ଥରେ ନିଜକୁ ଏଡେଇ ଦେଇ ଯାଇ ହୁଏନା । ଯାଇ ହୁଏନା ବୋଲି ତ ବିପୁଳତା ଓ କ୍ଷୁଦ୍ରତା ଭିତରେ ଅସଲ ସଂଯୋଗର ସେ ସୂତ୍ରଟିକୁ ଆବିଷ୍କାର କରିବାକୁ ପ୍ରୟାସ କଲେ ମୁଁ କେତେ ରାତି ବିନା ନିଦରେ ପୁହାଏ । କେତେ ଅର୍ଥଙ୍କରୀ ସମ୍ବଳକୁ ହାତଛଡ଼ା କରିଦିଏ । କେବେ ମଣିଷ ଏଇ ବିଡ଼ମ୍ବନାରୁ ଅସହାୟତାରୁ ତ୍ରାହି ପାଇବ, କିପରି ପାଇବ ସେହି ପ୍ରଶ୍ନ ପଚାରି ଚାଲେ ନିଜକୁ ଶୂନ୍ୟକୁ, ସେଇ କଳ୍ପିତ ଈଶ୍ୱରଙ୍କୁ ।

ଈଶ୍ୱରଙ୍କଠୁଁ ଉତ୍ତର ନଥାଏ, ଶୂନ୍ୟ ତ ସବୁଦିନେ ନିର୍ଦ୍ଦୟ । ଅତଏବ ମୋ ନିଜକୁ ହିଁ ପ୍ରଶ୍ନ ପଚାରିବାକୁ ପଡେ । ରୋକ୍‌ଠୋକ ପ୍ରଶ୍ନ ଯଦି ବଞ୍ଚିବାକୁ ଚାହିଁ, ଉତ୍ତର ଦବାକୁ ହବ, ନହେଲେ ମରିଯାଅ, ନଷ୍ଟ ହୋଇଯାଅ । ସୁନ୍ଦର ଭାବୋପଲବ୍ଧିର ମଣିଷକୁ ଆତ୍ମତ୍ୟାଗରେ ଉତ୍ସର୍ଗିତ ମଣିଷକୁ ମୁଁ ସାମ୍ନାକରେ ଓ ତାକୁ ମାରିଦେଇ ପାରେନା, ତାକୁ ନଷ୍ଟର ଗହ୍ୱରକୁ ଠେଲିଦେଇ ପାରେନାହିଁ । ସମ୍ଭାବନାର ଜଗତ ଭିତରେ ତାର ମହିମାମୟ ପ୍ରାୟ ଈଶ୍ୱର ରୂପଟିକୁ ଆଙ୍କିବସେ ।

କ'ଣ ମିଳେ ସେ ଆଙ୍କିବାରୁ ? କିଛି ମିଳେ ନିଶ୍ଚୟ ଯାହା ମିଳେ ତାହାରି ଗୌରବରେ ଅଭିଷିକ୍ତ ହୋଇ ମୁଁ ଶତ୍ରୁକୁ ବି କ୍ଷମା କରିଦିଏ, ସଂସାରର ସକଳ ଅବୁଝାମଣାକୁ ଜଞ୍ଜାଳକୁ ଠିଆ କରିଦିଏ ନିର୍ଦ୍ଦିଷ୍ଟ ଇଲାକାରେ, ବାଁ ହାତରେ ମୁଠେଇ ଧରେ ସେ ସବୁକୁ । ଡାହାଣ ହାତରେ କଲମ ଧରିଥାଏ ନିଜକୁ ଖୋଜି ପାଇବାର ଆନନ୍ଦ, ନିଜର ଖର୍ବତାର ଅସଲ ସୂତ୍ରଟିକୁ ମୁଠାଇ ଧରିବାର ସାମର୍ଥ୍ୟ, ନିଜର ଅଭୀପ୍ସାକୁ ଚିହ୍ନି, ତାକୁ ପ୍ରତିଷ୍ଠା କରିବାର ପ୍ରାଣାନ୍ତକ ପ୍ରୟାସର ଅନିବାର୍ଯ୍ୟତା, ସେ ପ୍ରୟାସର ପରିଣତି, ପରିଣତିରୁ ସଂଜାତ କରୁଣା, ମତେ ଅଭିଭୂତ କରିପକାଏ ।

ଈଶ୍ୱରଙ୍କ ପରି ଚରମ ଅବିଚାରୀ, ଅସମ ବଣ୍ଟନକାରୀଙ୍କୁ ଟାଣିଆଣି କାଠଗଡ଼ାରେ ଠିଆ କରେଇବାକୁ ପ୍ରସ୍ତୁତ ହୋଇଯାଏ ମୁଁ । କିନ୍ତୁ ସେ ଯେ ମଣିଷର ସର୍ବୋତ୍ତମ ସମ୍ଭାବନାର ପ୍ରତୀକ ରୂପଟିଏ ଏତକ ବୁଝିଗଲା ପରେ ତାଙ୍କ ପାଇଁ ବି ଆଖି ଛଳଛଳ ହୋଇଉଠେ । ମଣିଷ ଭିତରେ ଥିବା ସର୍ବୋଚ୍ଚ ଶକ୍ତିକୁ ଆବିଷ୍କାର କରିବାର ସାମର୍ଥ୍ୟରେ ସ୍ୱର୍ଦ୍ଧିତ ହୋଇଉଠେ ମୁଁ ।

ଶବ୍ଦ ମାଧ୍ୟମରେ ବିପ୍ଳବକୁ ସାକାର କରେ । କାରଣ ସମୟର ଶାସନକୁ ସହ୍ୟ କରି ପାରେନା ମରଣଶୀଳକୁ ଅନାୟାସରେ ଠେଲିଦେଇ ପାରେନା ମୃତ୍ୟୁର ଅନ୍ଧାର ଭିତରକୁ । ହିଂସା, ଦ୍ୱେଷର ଲେଲିହାନ ମୁଖବିବର ଭିତରେ ବିସର୍ଜି ପାରେନା ସ୍ନେହ, ସଂପ୍ରୀତି ଜର୍ଜର ମଣିଷପଣକୁ । ବିଦ୍ରୋହୀ ହୋଇଉଠେ ମୁଁ । ଧାତବ ଅସ୍ତ୍ର ଧରେନା ଅବଶ୍ୟ, କାରଣ ନିର୍ଦ୍ଦିଷ୍ଟ ବ୍ୟକ୍ତିଟିଏ ହୋଇ ଶତ୍ରୁ ନଥାଏ କେହି । ମାତ୍ର ଭାବୋପଲବ୍ଧିର ଜଗତରେ ବିପ୍ଳବର ଆହ୍ୱାନ ଦିଏ ଠିଆ ହୋଇପଡେ ବିପକ୍ଷରେ । ଅଥଚ ଈଶ୍ୱର, ତାଙ୍କ ସୃଷ୍ଟିର ଚିରାଚରିତ ଗତିପଥରେ ଦଣ୍ଡାୟମାନ ବିପ୍ଳବୀକୁ ସହ୍ୟ କରିପାରନ୍ତି ନାହିଁ । ଅତଏବ ଦଣ୍ଡ ଭୋଗେ ମୁଁ, ମର୍ମନ୍ତୁଦ, କଠୋର ଦଣ୍ଡ ।

ଈଶ୍ୱରଙ୍କ ସହ ସ୍ପର୍ଦ୍ଧା କରିବାକୁ ଲେଖେ, କଠୋରତମ ଦଣ୍ଡ ଗ୍ରହଣ କରିନେବାକୁ ବି ଲେଖେ ବୋଧହୁଏ ଏଇ ଦୁଇଟି କାରଣ ପାଇଁ ଲେଖେ । ଏସବୁଠାରୁ ଆଉ ଅଧିକ କିଛି ପାଇଁ ବି ଲେଖେ ସେଇ ଅଧିକ, ଯାହାକୁ ମୁଁ ଏଠାରେ ଠିକ୍ ଠିକ୍ ବୁଝାଇ ପାରୁନାହିଁ । ଯେଉଁ ଆନନ୍ଦ ଓ ଯନ୍ତ୍ରଣା ମୋର ଶବ୍ଦ ଖଣ୍ଡ ଭିତରେ ଲୁଚିଛପି ରହିଯାଉଛି ଅଦ୍ୟାବଧି ପ୍ରକାଶ ପାଇବାକୁ କୁଣ୍ଠିତ ସେ ସବୁକୁ ପ୍ରକାଶ କରିବାର ପ୍ରଚେଷ୍ଟା ରେ ବି ଲେଖେ ।

(୧୯୯୨ରେ 'ପ୍ରଜାତନ୍ତ୍ର'ରେ ଓ ଇଂରାଜୀ ପ୍ରରୂପରେ 'ସନ୍ ଟାଇମ୍ସ'ରେ ପ୍ରକାଶିତ)

❖❖❖

# କରୁଣ ରସ



ISSN-2583-6978
Volume-3
Issue-8
AUGUST-2023

**ସଂଘମିତ୍ରା ମିଶ୍ର**

**ଅବସରପ୍ରାପ୍ତ ପ୍ରଫେସର**
**ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ**
**ପ୍ଲଟ୍ ବି-୩୫, ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭**

ସାହିତ୍ୟ ଜଗତରେ 'ରସ' ସଂପର୍କରେ ବହୁ ଆଲୋଚନା କରାଯାଇଛି । ଏହି ରସର ଆସ୍ୱାଦନ ପାଇଁ ସହୃଦୟତା ଲୋଡ଼ା । କାବ୍ୟପଠନ ବ୍ୟକ୍ତିକୁ ଏଭଳି ଅଲୌକିକି ଆନନ୍ଦ ଦିଏ ଯେ, ସେ ତା'ର ଦୈନନ୍ଦିନ ଜଞ୍ଜାଳଠାରୁ ଏକ ଭିନ୍ନ ଜଗତକୁ ଚାଲିଯାଏ । ଯଦଚି ସେହି ଭିନ୍ନ ଜଗତରେ ସେ ଅଧିକ ସମୟ ତିଷ୍ଠପାରେ ନାହିଁ । ପୁନର୍ବାର ସାଂସାରିକ ମୋହମାୟା ତାକୁ ଆକର୍ଷଣ କରନ୍ତି । ଏହା ଦୃଶ୍ୟମାନ ନୁହେଁ ବରଂ ଅନୁଭବ୍ୟ । କୌଣସି କାର୍ଯ୍ୟର କାରଣ ନୁହଁ । ବରଂ ନିଜେ ହିଁ ସ୍ୱୟଂପ୍ରକାଶ୍ୟ । The agreable quality of something, especially the emotional or aesthetic impression of a work of are.'ସାଧାରଣତଃ 'ରସ' କହିଲେ ଆମେ ବୁଝୁ କୌଣସି କୃତିର କଳାତ୍ମକ ଉପଲବ୍ଧି । ଉଦାହରଣଟିଏ ଏହିଭଳି- 'କେଶବ କୋଇଲି' ପଠନ/ ଗାନ ଖୁବ୍ ସହଜ ମନେ ହୁଏ ମାତ୍ର ତାହା ଜଣେ କିଶୋରକୁ ଯେତିକି ପ୍ରଭାବିତ କରିପାରେ ନାହିଁ ଜଣେ ଜନନୀକୁ ସେତିକି ପ୍ରଭାବିତ କରେ । ବିପ୍ରଯୋଗୀନ୍ଦ୍ରଙ୍କର ଟୀକା ଗୋବିନ୍ଦଚନ୍ଦ୍ର ଯୋଗୀମାନେ ଗାନ କରନ୍ତି । ଏହି ଗାନ ଶୁଣିଲେ ପୁତ୍ରବତୀ ଜନନୀମାନେ ଖାଇବା ଛାଡ଼ି ଉଠିଯାଆନ୍ତି ବୋଲି ମୋର ପ୍ରତ୍ୟକ୍ଷାନୁଭୂତି ରହିଛି । 'ରସିକତା'ର ଅର୍ଥ wit, humour ବା gallantry. ରୂପ, ସୌନ୍ଦର୍ଯ୍ୟ ବା ଲାବଣ୍ୟ ମଧ୍ୟ ରସସୃଷ୍ଟିର ସହାୟକ ।

'ରସକଲ୍ଲୋଳ' କବି ଦୀନକୃଷ୍ଣ ଦାସଙ୍କର ପ୍ରସିଦ୍ଧ ତଥା ଲୋକପ୍ରିୟ କାବ୍ୟ, ପୁଣି ରସକଳ୍ପଲତା, ଅବନା ରସ ତରଙ୍ଗ ପ୍ରଭୃତ୍ୱ ପ୍ରାଚୀନ କାବ୍ୟ ବିଶେଷ । ଏହି ରସ ଗ୍ରହଣ କରିବାର ଶକ୍ତି ଆଶୁ କବି ଅର୍ଥୀ ପଣ୍ଡିତ ଓ ସୁହୃଦ ମାନଙ୍କର, ଯିଏ 'ରସଜ୍ଞ' ସେ କାବ୍ୟରସ ଗ୍ରହଣ କୁଶଳ । Skillful, expert, witty ଓ ଭାବୁକ (thoughtful person) । ପ୍ରାଚୀନ ନାୟିକାଙ୍କୁ 'ରସବତୀ' ଭାବରେ ସମ୍ବୋଧନ କରାଯାଉଥିଲା । ରସାଣିତ କରିବା ଅର୍ଥାତ୍ ଶାଣିତ ବା ରସଅନୁରଂଜିତ କରିବା ମଧ୍ୟ ରସର ଅନ୍ୟତମ ପ୍ରୟୋଗ । 'ରସାମୃତ' ମଧ୍ୟ ଏହି କାବ୍ୟରସର ଅମୃତକୁ ବୁଝିବାକୁ ହୁଏ । (ଯୁଗଳ ରସାମୃତ ଲହରୀ, ଭକ୍ତି ରସାତ୍ମକ ସିନ୍ଧୁ ପ୍ରଭୃତି) ।

ପୁଣି ବ୍ୟଙ୍ଗ ବା ପରିହାସରେ ରସ ଝରିବା, ରସିକ ରସଶେଖର ବୋଲି ମଧ୍ୟ କୁହାଯାଇଥାଏ । ତେବେ 'ରସିକ' ସର୍ବଦା ପରିହାସମୂଳକ ନୁହେଁ । ଯେ ରସରେ ଅବଗାହୀ ସେ ରସିକ । ଏହା ସ୍ତ୍ରୀଲିଙ୍ଗରେ 'ରସିକା' ହୋଇଥାଏ ।

ସେହିଭଳି 'ରସବତୀ' ଶବ୍ଦ ମଧ୍ୟ ଗୁଣବତୀ କାମକୁଶଳା ନାୟିକା ପାଇଁ ବ୍ୟବହୃତ ହୋଇଥାଏ । ବ୍ୟୁତ୍ପତ୍ତି ଅନୁସାରେ 'ରସ'ର ଦୁଇ ପ୍ରକାର ଅର୍ଥ ହୋଇଥାଏ । 'ଆସ୍ୱାଦ୍ୟେତେ ଇତି ରସଃ' ଅର୍ଥାତ୍ ଯାହା ଆସ୍ୱାଦନ ଯୋଗ୍ୟ । ପୁଣି 'ସରତେ ଇତି ରସଃ', ଅର୍ଥାତ୍ ଏହାର ଦ୍ରବିତ୍ୱ ଅଛି । ଆୟୁର୍ବେଦରେ 'ରସାୟନ' ଶବ୍ଦର ବହୁଳ ବ୍ୟବହାର ରହିଛି । ଏହା ରସନେନ୍ଦ୍ରିୟଗ୍ରାହ୍ୟ,

ବେଦରେ ସୋମରସ, ବନସ୍ପତିଜାତ ରସ, ଜଳ, ସୁରା, କାମ ଓ ସ୍ନେହ ପାଇଁ ରସ ଶବ୍ଦ ପ୍ରଯୁକ୍ତ ହୋଇଛି ।

ସାହିତ୍ୟରେ 'ରସ' କାବ୍ୟାସ୍ୱାଦ ବା କାବ୍ୟାନନ୍ଦ ପାଇଁ ହୋଇଥାଏ । ଭରତଙ୍କର 'ବିଭାବାନୁଭାବ ବ୍ୟଭିଚାରୀ ସଂଯୋଗାତ୍ ରସ ନିଷ୍ପତ୍ତି' ସୂତ୍ର ଅନୁସାରେ ବିଭାବ, ଅନୁଭାବ ଓ ବ୍ୟଭିଚାରୀ ଭାବର ସଂଯୋଗରେ ରସ ନିଷ୍ପତ୍ତି ହୋଇଥାଏ । ଅଭିନବଗୁପ୍ତ ( ୧୦ମ - ୧୧ଶ ଶତାବ୍ଦୀ) ଓ ମମ୍ମଟ ( ୧୨ଶ ଶତାବ୍ଦୀ) ଆଲମ୍ବନ ଉଦ୍ଦୀପନ ଓ ବ୍ୟଭିଚାରୀ ଭାବରେ ଯଥାକ୍ରମେ ଉଦ୍‌ବୁଦ୍ଧ, ଉଦ୍ଦୀପ୍ତ, ବ୍ୟଭିଚାରୀ ଭାବରେ ପରିପୁଷ୍ଟ ତଥା ଅନୁଭାବ ଦ୍ୱାରା ବ୍ୟକ୍ତ ହୋଇ ରସ ହୃଦୟରେ ସ୍ଥାୟୀ ଭାବ ସୃଷ୍ଟି କରିଥାଏ । ବିଭାବ ଆଦି ବିଦ୍ୟମାନ ଥିବା ପର୍ଯ୍ୟନ୍ତ ରସ ରହିଥାଏ । ସାହିତ୍ୟଦର୍ପଣକାର ବିଶ୍ୱନାଥ ( ୧୪ଶ ଶତାବ୍ଦୀ) ସ୍ୱତ୍ତୋଦ୍ରେକକୁ ରସର ହେତୁ ବୋଲି ମନେ କରନ୍ତି । ସେ ରସ ଅଖଣ୍ଡ, ସ୍ୱପ୍ରକାଶାନନ୍ଦ, ଚିନ୍ମୟ, ବେଦ୍ୟାନ୍ତର ସ୍ପର୍ଶଶୂନ୍ୟ, ବ୍ରହ୍ମାନନ୍ଦ ସହୋଦର ତଥା ଲୋକୋତ୍ତର ଚମତ୍କାରପ୍ରାଣ ବୋଲି କହନ୍ତି । ରସାନୁଭୂତି ଅଲୌକିକ । 'ରସୋବୈସଃ' ବୋଲି ତୈତ୍ତିରୀୟ ଉପନିଷଦରେ ବ୍ରହ୍ମଙ୍କୁ କୁହାଯାଇଛି । ଏସବୁ ଆଲୋଚନାରୁ ଆମେ ଏତିକି ଜାଣିଲେ ଯେ କାବ୍ୟର ଆସ୍ୱାଦନ ପାଇଁ ରସର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପ୍ରାତ୍ୟହିକ ଜୀବନରେ ଆମେ ଖାଦ୍ୟକୁ ସ୍ୱାଦିଷ୍ଟ କହୁଥାଇଁ, କିନ୍ତୁ ଯଦି ତାହା ଲବଣାକ୍ତ ହୋଇଥିବ, ଜଳିଯାଇଥିବ, ଦରସିଝା ହୋଇଥିବ, ତାକୁ ଆମେ ସ୍ୱାଦିଷ୍ଟ କହିବା ନାହିଁ । ସେହିପରି ରସରାଜ ଶୃଙ୍ଗାର ଉତ୍ତମ ରୂପେ ସିଦ୍ଧ ନ ହେଲେ ଶ୍ଳୀଳ ଅଶ୍ଳୀଳର ପ୍ରଶ୍ନ ଆସେ । ଏହା ଶୁଣିବା ବୁଝିବା, ଘେନିବା ଲୋକର ମାନସିକତା ଅନୁସାରୀ ହୋଇଥାଏ । ରସ, ରୀତି, ଧ୍ୱନି ବକ୍ରୋକ୍ତି, ଗୁଣ ଓ ଅଳଙ୍କାରକୁ ନେଇ ତତ୍ତ୍ୱବିଦ୍‌ମାନେ ବିଭିନ୍ନ ସଂପ୍ରଦାୟ ସୃଷ୍ଟି କରିଛନ୍ତି ।

ଭରତ 'ନିଷ୍ପତ୍ତି' ଓ 'ସଂଯୋଗ' ଶବ୍ଦ ଦୁଇଟି ଉପରେ ଗୁରୁତ୍ୱ ଦେଇଛନ୍ତି । ଧନଞ୍ଜୟ, ଭଟ୍ଟଲୋଲ୍ଲଟ ପ୍ରଭୃତି ଏହି ରସ ପ୍ରସଙ୍ଗକୁ ଆହୁରି ସୂକ୍ଷ୍ମ ଭାବରେ ବ୍ୟାଖ୍ୟା କରିଛନ୍ତି ।ମମ୍ମଟ 'ପ୍ରତୀୟମାନ' ଶବ୍ଦ ଉପରେ ଜୋର୍ ଦେଇ, ପ୍ରତୀତିଯୋଗ୍ୟ ରସର ବିଚାର କରିଛନ୍ତି । ଶଙ୍କୁକଙ୍କର 'ଅନୁମିତିବାଦ' ଦର୍ଶନକୁ ପରବର୍ତ୍ତୀ ଆଚାର୍ଯ୍ୟମାନେ ଖଣ୍ଡନ କରିଛନ୍ତି । କାରଣ ଅନୁମାନ ଉପରେ ନିର୍ଭର କରି କୌଣସି ନିଷ୍ପତ୍ତିରେ ପହଞ୍ଚିବା ଅନୁଚିତ । ପୁଣି ପ୍ରତ୍ୟକ୍ଷ ଭାବରେ ରଙ୍ଗମଞ୍ଚରେ ଅଭିନୟ ହେଉଥିବା ସମୟରେ ଅନୁମାନ ପର୍ଯ୍ୟାପ୍ତ କାରଣ ହେବା ସମ୍ଭବ ନୁହେଁ । ଏଠାରେ ଅଭିନେତା ଚରିତ୍ରର ଆତ୍ମାରେ ପ୍ରବେଶ ନ କଲେ ଅଭିନୟ ସଫଳ ହୋଇପାରେ ନାହିଁ ।

କାବ୍ୟଶାସ୍ତ୍ରରେ ରସଚର୍ଯ୍ୟାର ସ୍ଥାନ ଗୁରୁତ୍ୱପୂର୍ଣ୍ଣ । ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକ, ବୀଭତ୍ସ, ଅଦ୍ଭୁତ ଓ ଶାନ୍ତ । ଏହାକୁ ନବରସ କୁହାଯାଏ । ଭରତ ମୁନି ଆଠଟି ରସକୁ ନାଟ୍ୟଶାସ୍ତ୍ରରେ ସ୍ୱୀକୃତି ଦେଇଛନ୍ତି । ପରବର୍ତ୍ତୀ କାଳରେ ଶାନ୍ତ, ବାତ୍ସଲ୍ୟ ଓ ମଧୁର ରସ ମିଶି ରସର ସଂଖ୍ୟା ବୃଦ୍ଧି ହୋଇଛି । ଏହା ବହୁ ଆଲୋଚ୍ୟ ବିଷୟ । ଏଠାରେ କେବଳ କରୁଣ ରସ ସଂପର୍କରେ କିଛି ଆଲୋଚନା କରାଯିବ । ପୁଅ ଝିଅ ଦି ଜଣ ସାଙ୍ଗ ହୋଇ ଖେଳୁଥିଲେ । ପାଠ ପଢୁଥିଲେ । ଜଣକର ବାପାଙ୍କର ବଦଳି ହେଲା । ଉଭୟ କାନ୍ଦିଲେ । ଏହା କରୁଣ ରସ ହେବ କି ? ଉତ୍ତର 'ନା' । କରୁଣ ରସର ପ୍ରଭାବ ଦୀର୍ଘସ୍ଥାୟୀ । ଭବଭୂତି କହନ୍ତି 'ଏକୋଽରସ ନିମିତ୍ତ ମେବ କରୁଣ ଭେଦାତ', ଆଠଟି ନାଟ୍ୟରସ ମଧ୍ୟରୁ ଶୃଙ୍ଗାର ଓ ହାସ୍ୟ ପରେ ତଥା ରୌଦ୍ର ରସ ପୂର୍ବରୁ କରୁଣ ରସ ଆସିଥାଏ । ରୌଦ୍ର ରସରୁ କରୁଣ ରସ ଉତ୍ପତ୍ତି ବୋଲି କୁହାଯାଏ । 'କପୋତଃ କରୁଣଶ୍ଚୈବ' ଅର୍ଥାତ୍ ଏହି ରସର ବର୍ଣ୍ଣ କପୋତ ସଦୃଶ ଓ ଏହାର ଦେବତା ଯମ (କରୁଣୋ ଯମଦୈବତଃ) ଭରତଙ୍କ ମତରେ କରୁଣ ରସର ସ୍ଥାୟୀ ଭାବ 'ଶୋକ' । ଶାପଜନିତ କ୍ଳେଶ, ଇଷ୍ଟଜନ ବିପ୍ରଯୋଗ, ବିଭବନାଶ, ବଧ, ବନ୍ଧନ, ବିଦ୍ରବ (ପଳାୟନ, ଅପଘାତ ଓ ବ୍ୟସନ) ପ୍ରଭୃତି କରୁଣ ରସ ଉତ୍ପତ୍ତିର କାରଣ । ପ୍ରଳାପ, ବୈବର୍ଣ୍ଣ୍ୟ, ତ୍ରସ୍ତ ଗାତ୍ରତା, ସ୍ମୃତିବିଲୋପ ଆଦି ଅନୁଭାବ କରୁଣ ରସ ନିଷ୍ପତ୍ତି କରାଇଥାଏ । ପୁଣି ନିର୍ବେଦ, ଗ୍ଲାନି, ଚିନ୍ତା, ଔତ୍ସୁକ୍ୟ, ଆବେଗ, ମୋହ, ଶ୍ରମ, ଭୟ, ବିଷାଦ, ଦୈନ୍ୟ, ବ୍ୟାଧି, ଜଡ଼ତା, ଉନ୍ମାଦ, ଅପସ୍ମାର, ତ୍ରାସ, ଆଳସ୍ୟ, ମରଣ, ସ୍ତମ୍ଭ, ବେପଥୁ ଅଶ୍ରୁ, ସ୍ୱରଭେଦ ଆଦିକୁ ସଂଚାରୀ ଭାବ ରୂପେ ପରିଗଣିତ କରାଯାଏ । ୧୦ମ ଶତାବ୍ଦୀର ଧନଞ୍ଜୟ ଓ ୧୪ଶ ଶତାବ୍ଦୀର ବିଶ୍ୱନାଥ କବିରାଜ କରୁଣ ରସର କାରଣ ଭାବରେ 'ଇଷ୍ଟ ନାଶ' ଓ

'ଅନିଷ୍ଟ ପ୍ରାପ୍ତି' ନାମକ ଦୁଇଟି ପାଦ ବ୍ୟବହାର କରିଛନ୍ତି। ଭରତଙ୍କ ନାଟ୍ୟଶାସ୍ତ୍ରରେ ମଧ୍ୟ 'କରୁଣ ରସ'କୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯାଇଛି।

କେଶବ ଦାସ 'ରସିକ ପ୍ରିୟ' ଗ୍ରନ୍ଥରେ 'ପ୍ରିୟକେ ବିପ୍ରିୟକରନ'କୁ କରୁଣ ରସ ଉତ୍ପତ୍ତିର କାରଣ ବୋଲି କହିଛନ୍ତି। କରୁଣ ରସର ଦେବତା ଭାବରେ 'ଯମ'ଙ୍କ ସହିତ କେହି ଆଲୋଚକ 'ବରୁଣ'ଙ୍କୁ ମଧ୍ୟ ଗ୍ରହଣ କରିଛନ୍ତି। ଭାମହ, ଦଣ୍ଡୀ, ଭଟ୍ଟ ଲୋଲ୍ଲଟ, ଶଂକୁକ ଓ ମମ୍ମଟ ପ୍ରଭୃତି ନିଜ ନିଜ ଦୃଷ୍ଟିରୁ 'ରସ'ର ବିଶ୍ଳେଷଣ କରିଛନ୍ତି। ମମ୍ମଟ ଓ ବିଶ୍ୱନାଥଙ୍କ ମତରେ ରସର ପ୍ରତୀତି ବ୍ୟଞ୍ଜନା ଦ୍ୱାରା ହେବା ଉଚିତ। ମମ୍ମଟ ଓ ଆନନ୍ଦବର୍ଦ୍ଧନ ଅନବସର (ଅବେଳ)ରେ ରସ ବର୍ଣ୍ଣନାକୁ ଅସାମୟିକ କହି ଏହା ଦୋଷଦୁଷ୍ଟ ବୋଲି ମତ ଦିଅନ୍ତି। କରୁଣ ରସର ପରିବ୍ୟାପ୍ତି ନିର୍ଦ୍ଧାରଣ ସମ୍ଭବ ନୁହେଁ। ବାଲ୍ମୀକି ରାମାୟଣର ଆଦିକାଣ୍ଡରେ କ୍ରୌଞ୍ଚବଧ ଓ କ୍ରୌଞ୍ଚୀର କ୍ରନ୍ଦନରେ ଏହାର ମୂଳ ସୂତ୍ର ସହିତ, ଯେହେତୁ କ୍ରୌଞ୍ଚ 'କାମମୋହିତ' ଥିଲା ସେ ଶୋକ କଲା ଓ ଆଦିକାବ୍ୟର ପ୍ରଥମ ଶ୍ଳୋକ ଶୋକରୁ ଉତ୍ପତ୍ତି ହୋଇଗଲା। ଉତ୍ତର ରାମଚରିତ ରଚୟିତା ଭବଭୂତି କରୁଣ ରସକୁ ମହତ୍ତ୍ୱ ଦେଇଛନ୍ତି। ମାନବ ହୃଦୟରେ ସୁଖଠାରୁ ଦୁଃଖ ଅଧିକ ଗଭୀର ଉପଲବ୍ଧି ଦେଇଥାଏ। ଏହା ଅଧିକ ଗମ୍ଭୀର ଓ ସ୍ଥାୟୀ ଅଧିକ ଏକତା ଉତ୍ପନ୍ନ କରିପାରେ। ଏହା ମନୋବିଜ୍ଞାନସମ୍ମତ ସତ୍ୟ। ଶୋକର ପ୍ରଭାବ ଦୀର୍ଘସ୍ଥାୟୀ ଯାହା ଶ୍ରୋତା/ ଦର୍ଶକ ପ୍ରାଣକୁ ଦୀର୍ଘକାଳ ଉଦ୍‌ବେଳିତ କରିପାରେ। ଶୃଙ୍ଗାର କରୁଣ ରସାଶ୍ରୟୀ ହେଲେ ବିପ୍ରଲମ୍ଭ ଶୃଙ୍ଗାର ହୁଏ। ସେହିପରି କରୁଣ ବାତ୍ସଲ୍ୟ ମଧ୍ୟ ଖୁବ୍ ପ୍ରଭାବଶାଳୀ। କିନ୍ତୁ ବିପ୍ରଲମ୍ଭ ଶୃଙ୍ଗାର କରୁଣଠାରୁ ଭିନ୍ନ। ବିପ୍ରଲମ୍ଭ ପରେ ସମ୍ଭୋଗ ଶୃଙ୍ଗାର ଆସିପାରେ ମାତ୍ର କରୁଣରେ ପ୍ରିୟ ବିରହ ମୁଖ୍ୟ ଉତ୍ପ୍ରେରକ ହୋଇଥାଏ।

କରୁଣ ରସର ଉପଲବ୍ଧିରେ କାରୁଣ୍ୟ ମଧ୍ୟ ଦେଇ ଆନନ୍ଦର ଉପଲବ୍ଧି କରାଯାଇଥାଏ। ଇଂରାଜୀ କବି Shelly କହନ୍ତି ''Our sweatest songs are those, that tell us saddest thoughts.'' ଅର୍ଥାତ୍ କରୁଣତମ ଚିନ୍ତାରୁ ଉଦ୍ଭୁତ କବିତା/ ସଂଗୀତ ହିଁ ସୁମିଷ୍ଟ ଆନନ୍ଦ ଦେବାରେ ସମର୍ଥ, ଯାହାକୁ କାବ୍ୟାନନ୍ଦ କୁହାଯାଏ। ଉଦାହରଣଟିଏ ଆମ ପ୍ରାତ୍ୟହିକ ଜୀବନରୁ ଆମେ କାହାଠାରୁ ଗାଳି ମାଡ଼ ଖାଇ କାନ୍ଦିବାକୁ ଚାହୁଁନା ମାତ୍ର ସିନେମା ହଲ୍‌ରେ ଟିକେଟ୍ କାଟି ଏକ ଅନ୍ୟକୁ ଲୁଚାଇ ଆଖି ପୋଛୁଥାଉ ନାୟକ ବା ନାୟିକାର ଦୁଃଖ ଦେଖି। ଏହାହିଁ ଦର୍ଶକର ଆନନ୍ଦ, ଯାହା ସେ ବାରମ୍ବାର ପାଇବାକୁ ଇଚ୍ଛା କରେ।

କରୁଣ ରସକୁ ନିୟତିକୃତ, ବ୍ୟକ୍ତିଗତ ଓ ଆଦର୍ଶାତ୍ମକ ଭାବେ ବିଭାଜନ କରାଯାଏ। ନାଟକରେ ଟ୍ରାଜେଡି(Tragedy) ମଧ୍ୟ ଦୈବୀକୃତ, ପରିବେଶକର୍ତ୍ତୃକ ଓ ଚିତ୍ତଚାଞ୍ଚଲ୍ୟ ହେତୁ ଭାବରେ ବିଭାଜିତ। ଦୈବୀକୃତ ଟ୍ରାଜେଡି କେଉଁଠି ରାସ୍ତାରେ ଗଲାବେଳେ ଦୁର୍ଘଟଣା ଇତ୍ୟାଦି। ପରିବେଶକର୍ତ୍ତୃକ ଟ୍ରାଜେଡି ଆତ୍ମୀୟସ୍ୱଜନଙ୍କ ଦୁରାଶାର ଫଳ। ଯେଉଁଭଳି ରାମଙ୍କ ବନଗମନ ପାଇଁ ମାତା କୈକେୟୀଙ୍କର ଦଶରଥଙ୍କୁ ବର ମାଗିବା। ଅନ୍ୟ ଗୋଟିଏ ଚିତ୍ତଚାଞ୍ଚଲ୍ୟ ହେତୁ ଘଟିଥାଏ। ଯେମିତି କୌଣସି ବିଚାର ନ କରି କାହାକୁ ଅଧିକ ବିଶ୍ୱାସ କରି ଠକିଯିବା। ସୀତାଙ୍କର ସ୍ୱର୍ଣ୍ଣମୃଗ ଦର୍ଶନ ଯେ ଏ ଧରଣର ଟ୍ରାଜେଡି ଏକଥା ସମସ୍ତେ ଜାଣନ୍ତି। ସ୍ୱର୍ଣ୍ଣମୃଗ ପାଇଁ ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କୁ ପ୍ରେରଣରେ ସୀତାଙ୍କର ଭବିଷ୍ୟତର କାରୁଣ୍ୟ ନିହିତ। ସେହିଭଳି ନିୟତିକୃତ କାରୁଣ୍ୟ ସହିବାକୁ ଶକ୍ତି ଆପଣାଛାଏଁ ଆସିଥାଏ। ରାଜା ଶିବିଙ୍କର ମାଂସ ଦାନ ଏହିଭଳି କାରୁଣ୍ୟ ଉଦ୍ରେକ କରିଥାଏ। ହରିଶ୍ଚନ୍ଦ୍ରଙ୍କର ଶ୍ମଶାନ ରକ୍ଷକ ପାଲଟିବା ପରିବେଶକର୍ତ୍ତୃକ ଘଟିତ କାରୁଣ୍ୟ। ଅଶୋକ ବନରେ ସୀତା ରାମଙ୍କର ମସ୍ତକ ଦେଖି କାନ୍ଦିବା ଚିତ୍ତଚାଞ୍ଚଲ୍ୟର ନିଦର୍ଶନ। ରସସୂତ୍ରର ବ୍ୟାଖ୍ୟା କରି ଆଷ୍ଟର୍ଯ୍ୟ ଶଂକୁକ ଆତ୍ମଦର୍ଶନର ବ୍ୟାଖ୍ୟା କରି ଅନୁମିତି ବାଦର ସ୍ଥାପନା କରିଛନ୍ତି। ଏଠାରେ ସ୍ଥାୟୀ ଭାବକୁ ଗୁରୁତ୍ୱ ଦିଆଯାଇଛି। ଏହାକୁ 'ଚିତ୍ର ତୁରଗ ଅଲିଖିତ ଅଶ୍ୱନ୍ୟାୟ' ବୋଲି କୁହାଯାଏ। ଅଭିନେତା ରାମ ନୁହେଁ ମାତ୍ର ରାମଙ୍କ ପରି। ଏହା ମିଥ୍ୟା, ସଂଶୟ ତଥା ସାଦୃଶ୍ୟମୂଳକ ଉପଲବ୍ଧି। ରାମ ନୁହେଁ ମାତ୍ର ରାମ ଭୂମିକାରେ ଅଭିନୟ କରୁଥିବା ଅଭିନେତା ଆହାର୍ଯ୍ୟ ଅଭିନୟ ମାଧ୍ୟମରେ ନିଜକୁ ଉପସ୍ଥାପିତ କରିଥାଏ। ଯେଉଁଭଳି ଚିତ୍ରରେ ଥିବା ଅଶ୍ୱ (ତୁରଗ) ଅଶ୍ୱ ନୁହେଁ ମାତ୍ର ଅଶ୍ୱର ଉପଲବ୍ଧି ପ୍ରଦାନ କରିବାରେ ସମର୍ଥ। ଏହାହିଁ ପ୍ରତୀତି, ଯାହାକୁ

ଅନୁମିତିବାଦ ଭାବେ ଗ୍ରହଣ କରାଯାଇଛି । ଇଂରାଜୀରେ ନାଟକ ଆରମ୍ଭ ସମୟରେ ଏହିଭଳି ଚିନ୍ତା କରାଯାଏ । "Let us pretend' ଆମେ ଏବେ ଛଳନା କରିବା । ମୁଁ ମୁଁ ନୁହେଁ ଅନ୍ୟ ଏକ ଆରୋପିତ ବ୍ୟକ୍ତିତ୍ୱ । ଅଭିନେତା ନିଜର ଅଭ୍ୟାସ, ଆଗ୍ରହ, ଚରିତ୍ରଗତ-ପ୍ରାଣତା ଓ ସାମୂହିକ ପ୍ରଦର୍ଶନ ପାଇଁ ଦାୟବଦ୍ଧ ହୋଇ ନିର୍ଦ୍ଦିଷ୍ଟ ଚରିତ୍ରରେ ଅଭିନୟ କରିଥାଏ । ଏହାକୁ ଶଙ୍କୁକ ଅନୁମିତିବାଦ କୁହନ୍ତି । ନାଟକରେ ରାମ ଚରିତ୍ରରେ ଅଭିନୟ କରୁଥିବା ବ୍ୟକ୍ତି ଯେ ରାମ ନୁହେଁ ଏ କଥା ଦର୍ଶକ ମାତ୍ରେ ଜାଣନ୍ତି ମାତ୍ର ଉତ୍ତମ ଅଭିନୟ କରୁଥିବା ସେହି ବ୍ୟକ୍ତି ରାମ ଚରିତ୍ର ପାଇଁ ପୁରସ୍କୃତ ହୁଅନ୍ତି । ଅବଶ୍ୟ ନାଟକର ଅଭିନୟ ପରେ ସେ ସେହି ଚରିତ୍ର ଭିତରେ ମଜ୍ଜି ଦୀର୍ଘକାଳ ରହିପାରନ୍ତି ନାହିଁ । କରୁଣ ରସ ନାଟକ ପାଇଁ ସର୍ବାପେକ୍ଷା ଉପଯୋଗୀସିଦ୍ଧ ହୋଇଥାଏ କାରଣ ତାହା ଦର୍ଶକମାନଙ୍କୁ ଅଭିଭୂତ କରିବାର କ୍ଷମତା ରଖେ ।

ପୃଥିବୀର ଭାଗେ ସ୍ଥଳ ଓ ତିନି ଭାଗ ଜଳ ଥିବା ଭଳି ମନୁଷ୍ୟ ଜୀବନରେ ପ୍ରାୟ ତିନି ଭାଗ ଦୁଃଖ ରହିଥାଏ, ଯାହା ସମଗ୍ର ଜୀବନକୁ ଆବୋରି ବସେ । ସେହିଭଳି କରୁଣ ରସ ପାଠକ/ ଦର୍ଶକକୁ ଦ୍ରବୀଭୂତ କରେ । ରସାସ୍ୱାଦ କରି ନ ପାରିଲେ କାବ୍ୟପଠନ ବା ନାଟ୍ୟଦର୍ଶନରୁ ପାଠକ/ ଦର୍ଶକ ପ୍ରକୃତ ଆନନ୍ଦ ଆହରଣ କରିପାରେ ନାହିଁ ବରଂ ଶ୍ରମକ୍ଳାନ୍ତ ହୁଏ । କରୁଣ ରସର ସୃଷ୍ଟି ଭିତରେ ପାଠକ/ ଦର୍ଶକ ଏଭଳି ମଜ୍ଜିଯାଏ ଯେ ସେ ନିଜର ପ୍ରାତ୍ୟହିକ ଜୀବନର ଅଶ୍ୱସ୍ତିଠାରୁ ଅନ୍ୟ ଏକ ଜଗତକୁ ଚାଲିଯାଏ । ସତ୍ ସାହିତ୍ୟ ପଠନ ଆମକୁ ବିରକ୍ତି ଓ ଉଦ୍‌ବିଗ୍ନତାରୁ ଊର୍ଦ୍ଧ୍ୱରେ ସମାହିତ କରିଦିଏ । କରୁଣ ରସ ଏଭଳି ଏକ ଭାବ ଯାହା ପରିଦୃଶ୍ୟମାନ ନୁହେଁ ଅନୁଭବ୍ୟ । (ଅବଶ୍ୟ ଅଶ୍ରୁ ସ୍ୱେଦ ପ୍ରଭୃତି ପରିଦୃଶ୍ୟମାନ) କିନ୍ତୁ ଅନୁଭବ ସଂଜାତ ଏହି ରସର ଅଭିବ୍ୟକ୍ତି ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ ।

ଭରତଙ୍କ 'ନାଟ୍ୟଶାସ୍ତ୍ର'ରେ କରୁଣ ରସର ତିନି ପ୍ରକାର ଭେଦ ମିଳିଥାଏ, ଧର୍ମୋପଘାତଜ, ଅପଚୟୋଦ୍ଭବ ଓ ଶୋକକୃତ । ମନ, ବଚନ ଓ କ୍ରିୟାର ଅଭିବ୍ୟକ୍ତି ଲକ୍ଷ୍ୟ କରି କରୁଣକୁ ମାନସ, ବାଚିକ ଓ କାର୍ମ ଭଳି ବିଭାଜନ କରାଯାଏ । କେଉଁଠି କରୁଣ ରସ ସୁଖ ସମୃଦ୍ଧି ପାଇଁ ମାର୍ଗ ପ୍ରସ୍ତୁତ କରେ । ବୀର କାବ୍ୟରେ ଯୁଦ୍ଧ ବିଗ୍ରହ ଆଦିର ଉତ୍‌ଥାପନ ପରେ ମୃତ୍ୟୁ ଓ ଇଷ୍ଟନାଶର କରୁଣ ଅଭିବ୍ୟକ୍ତ କାବ୍ୟକୁ ପ୍ରଭାଶାଳୀ କରିଥାଏ ।

ଶୋକର ସ୍ୱତନ୍ତ୍ର ସଂଗୀତ ରହିଛି ଯାହାକୁ ଇଂରାଜୀରେ ଏଲିଜି (elegy) କୁହାଯାଏ । ୧୬ଶ ଶତାବ୍ଦୀର ପ୍ରାରମ୍ଭରେ ଇଂରେଜୀ ସାହିତ୍ୟରେ ମୃତ୍ୟୁ ଓ ଶୋକର ଗୀତ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ହେଲା ଓ ଲୋକପ୍ରିୟ କାବ୍ୟବିଭାବ ଭାବରେ ସ୍ୱୀକୃତ ହେଲା । ଏଥିରେ ଆର୍ଦ୍ରତା ଓ ବିଷାଦର ଅଭିବ୍ୟକ୍ତି ଚମତ୍କାର । ବ୍ୟକ୍ତିଗତ ହାନିର ତୀବ୍ର ଅନୁଭୂତି, ଉଦ୍‌ବେଗପୂର୍ଣ୍ଣ ବିଷାଦ ଓ ଅପରିସୀମ ନିରାଶାର ଅଭିବ୍ୟକ୍ତି ଏଲିଜିର ସ୍ୱାତନ୍ତ୍ର୍ୟ । ଏଗୁଡ଼ିକ ନିର୍ଦ୍ଦିଷ୍ଟ ବ୍ୟକ୍ତିର ଅବର୍ତ୍ତମାନରେ ରଚିତ ହୋଇଥିଲେ ହେଁ ସାର୍ବକାଳୀନ ହୋଇପାରନ୍ତି । ତେଣୁ କରୁଣ ରସର ଅବତାରଣା ଯେତିକି କଷ୍ଟକର, ତାହାକୁ ପାଠ କରିବା ଶ୍ରବଣ ଓ ମନନ କରିବା ତତୋଽଧିକ କଷ୍ଟସାଧ୍ୟ । ହାସ୍ୟରସ କ୍ଷଣସ୍ଥାୟୀ । ଅଳ୍ପ ସମୟ ପରେ ହାସ୍ୟରସର ପ୍ରଭାବ ନଷ୍ଟ ହୋଇଯାଏ, ମାତ୍ର କରୁଣ ରସ ଆମକୁ ନାୟକ ବା ନାୟିକାଙ୍କ ଦୁଃଖ ସହିତ ଏଭଳି ଏକାକାର କରିଦିଏ ଯେ ଗୋଟିଏ ଗୋଟିଏ ଦୃଶ୍ୟ ଇଚ୍ଛା କଲେ ମଧ୍ୟ ଭୁଲିହୁଏ ନାହିଁ ।

ଏକଥା ମଧ୍ୟ ଆମେ ବିଚାର କରିବା ଯେ କରୁଣ ରସର ସ୍ଥାୟୀ ଭାବ ଶୋକ । ଏହାକୁ ନେଇ ଯେତେ ତାତ୍ତ୍ୱିକ ବ୍ୟାଖ୍ୟା କରାଯାଇଛି ତା'ଠାରୁ ଏହାର ପରିସର ଅଧିକ ପରିବ୍ୟାପ୍ତ । କେବେ ମୁନିବର ଦେହାନ୍ତ ସମୟରେ ପାଳିତ ପଶୁ ପକ୍ଷୀଙ୍କର ନିରବ କ୍ରନ୍ଦନ ଦେଖି ସାଧାରଣ ଦର୍ଶକ ଅଭିଭୂତ ହୋଇଥାଏ । ଏହାକୁ କରୁଣ ରସର କେଉଁ ବିଭାଜନରେ ଆଲୋଚନା କରାଯାଇପାରିବ ? ତେଣୁ ଏହା ମଧ୍ୟ ବିଚାର୍ଯ୍ୟ ଯେ ସର୍ଜନାତ୍ମକତା ବ୍ୟାକରଣକୁ ସର୍ବଥା ଅନୁସରଣ କରିବ ଏଭଳି କିଛି ନିୟମ ନାହିଁ । ସର୍ଜନାତ୍ମକତା (creativity) ଅବଲୀଳାକ୍ରମେ ବିଚାର ଆଲୋଚନା ଶୃଙ୍ଖଳା ଭଳି ଆରୋପିତ ନିୟମକୁ ଲଂଘନ କରିଯାଇପାରେ ।

କରୁଣ ରସ ଶୋକର ଉଦ୍ଦୀପକ, ଯାହା ଦ୍ୱାରା ମନରେ ଦୟା ବା କରୁଣା ଉତ୍ପନ୍ନ ହୁଏ ତାହା କରୁଣ ରସ । Sentiment of pathos aroused by seeing, hearing and reading

other's pain and misery. ପ୍ରିୟଜନ ବିୟୋଗରେ ଉତ୍ପନ୍ନ ହେଉଥିବା ମନୋଭାବ ଏହି ରସର ଆଲମ୍ବନ ବିଭାବ,ମୃତ୍ୟୁ, ଦାହ ଆଦିର ଦର୍ଶନ ବା ଏହିଭଳି ବିଷୟ ଶ୍ରବଣ ଏହି ରସର ଉଦ୍ଦୀପନ ବିଭାବ। ଭାଷାକୁ ନିନ୍ଦା, ଦୀର୍ଘ ଓ ଧୀର ଶ୍ୱାସ, କ୍ରନ୍ଦନ, କରୁଣତନ, ଅଂଗତାଡ଼ନ ଆଦି ଏହି ରସର ଅନୁଭାବ।

ଟ୍ରାଜେଡିରେ pity & fear ଅନୁକମ୍ପା ଓ ଭୟ ଏକତ୍ର ଉତ୍ପନ୍ନ ହୋଇଥାଏ। ଦୁଃଖାନ୍ତ ନାଟ ଦର୍ଶନରେ ଦର୍ଶକ ଅପ୍ରତିହତ ଭାଗ୍ୟକୁ ଭୟ କରେ ଓ ଭାଗ୍ୟ ଦୋଷରୁ କଷ୍ଟ ପାଉଥିବା ନାୟକ ବା ନାୟିକା ପ୍ରତି ଅନୁକମ୍ପା ପ୍ରଦର୍ଶନ କରିଥାଏ। ଭରତ ଯେଉଁ କରୁଣ ରସ ବିଷୟ ଉଲ୍ଲେଖ କରିଛନ୍ତି ତହିଁରେ କାବ୍ୟ ବା ନାଟକ ପାଇଁ ଭିନ୍ନ ବିଚାର ରଖିନାହାନ୍ତି। ମାତ୍ର ଦର୍ଶନ ସର୍ବଥା ଶ୍ରବଣଠାରୁ ଗୁରୁତ୍ୱପୂର୍ଣ୍ଣ। ଦୁଃଖାନ୍ତ ନାୟକ ଅଭିନୟ ଦେଖି ପ୍ରଭାବିତ ହେବା ସ୍ୱାଭାବିକ ମନେହୁଏ।

ଓଡ଼ିଆ ସାହିତ୍ୟକୁ ଦୃଷ୍ଟି ଦେଲେ ଦେଖିବା ଯେ ସାରଳା ମହାଭାରତର ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ ପ୍ରସଙ୍ଗ କରୁଣ ରସର ଅପୂର୍ବ ଉଦାହରଣ। ନିଜ ଅଜାଣତରେ ପୁତ୍ରର ଶବକୁ ଆଶ୍ରୟ କରି ରକ୍ତନଦୀ ପାରି ହୋଇଥିବା ପିତାଙ୍କର ଅସହାୟତା ପାଠକ ମାତ୍ରେ ଉପଲବ୍ଧି କରିପାରେ। ରସରାଜ ଶୃଙ୍ଗାର ଯଦି କରୁଣ ରସାଶ୍ରିତ ହୁଏ ତାହାର ପ୍ରଭାବ ଦୀର୍ଘସ୍ଥାୟୀ ହୁଏ। ନାୟକ ନାୟିକାଙ୍କ ମିଳନ ବର୍ଣ୍ଣନାଠାରୁ ଯୁଦ୍ଧ ପ୍ରବାସ ସ୍ୱପ୍ନଭଙ୍ଗ ପ୍ରଭୃତିର ବର୍ଣ୍ଣନା ବେଶ୍ ହୃଦ୍ୟ।

ସେହିପରି କରୁଣରସାଶ୍ରୟୀ ବାତ୍ସଲ୍ୟର ଅନେକ ଉଦାହରଣ ଆମେ ଦେଖିପାରିବା, ଯେମିତି -

**ଆରେ ବାବୁ ଶ୍ୟାମଘନ ତୁ ଗଲେ ମଧୁଭୁବନ**
**କାହା ମୁଖ ଅନାଇଁ ବଞ୍ଚିବି**
**ହେବ ଦଶଦିଗଶୂନ୍ୟ ଅସ୍ଥିର ହେବ ଜୀବନ**
**ନିଶି ଦିବସରେ ଝୁରୁଥିବିରେ ଜୀବଧନ**
**ଜୀବନ ବିହୁନେ ଯେହ୍ନେ ଝସ**
**ରାଜ୍ୟ ବିନା ଯେହ୍ନେ ଗ୍ରାମ ଦେଶ -**

ରାମ ରାବଣ ଯୁଦ୍ଧ ବୀର ରସର ପରିଚାୟକ ମାତ୍ର ରାବଣର ମୃତ୍ୟୁରେ ଅନ୍ତଃପୁରବାସିନୀ ମହିଳାମାନଙ୍କର ରୋଦନ କରୁଣ ରସର ମହାପ୍ରବାହ ସୃଷ୍ଟି କରିଛି। ନାଟକ ବିଷୟରେ କହିଲେ ବୈଷ୍ଣବ ପାଣିଙ୍କ ଗୀତିନାଟକ କଥା ଆଗ ମନକୁ ଆସେ। ହରିଶ୍ଚନ୍ଦ୍ର ଗୀତିନାଟ୍ୟରେ ଶୈବ୍ୟା ମୃତ ପୁତ୍ରକୁ କୋଳରେ ଧରି ଶ୍ମଶାନରେ କ୍ରନ୍ଦନ କରିବାର ଦୃଶ୍ୟ ଦର୍ଶକକୁ କାରୁଣ୍ୟରେ ଭିଜାଇଦିଏ। ଶ୍ମଶାନରକ୍ଷକଙ୍କୁ ହରିଶ୍ଚନ୍ଦ୍ର ବୋଲି ଜାଣିବା ପରେ ସେ ଗାଆନ୍ତି-

**''ମାଗୁଛି ଏତିକି ଚିତ୍ତ କମଳରୁ ଭୁଲିଯିବି ନାହିଁ ଦାସୀ କି**
**କଳା ବଳାହକ ଆକାଶେ ଢାଙ୍କିଲେ ନିଶା କି ତେଜଇ ଶଶିକି ?''**

ରସ ଉପଲବ୍ଧିର ଆନନ୍ଦ ପ୍ରତ୍ୟେକ ପାଠକ/ଦର୍ଶକ ପାଇଁ ଭିନ୍ନ ଭିନ୍ନ। ରସ ଜ୍ଞାପ୍ୟ ନୁହେଁ, ସାକ୍ଷାତ ଅନୁଭବ ବା ପରୋକ୍ଷ ଅନୁଭବ ମଧ୍ୟ ନୁହେଁ। ଏହା ଅଲୌକିକ। ଏହାର କୌଣସି ସୀମା ମଧ୍ୟ ନାହିଁ। ତେଣୁ ଏହା ଅନିର୍ବଚନୀୟ। କୌଣସି ଗ୍ରନ୍ଥ ପାଠ କଲେ ଜଣେ ତହିଁରେ ତଲ୍ଲୀନ ହୋଇଯାଆନ୍ତି ଆଉ ଜଣେ ତାହା ବୁଝି ପାରନ୍ତି ନାହିଁ। ତେଣୁ ବ୍ୟକ୍ତିର ଆଧାରକୁ ନେଇ ରସର ଗୁରୁତ୍ୱ ସ୍ୱୀକୃତ ହୋଇଥାଏ।

ଏହି ପ୍ରବନ୍ଧରେ କାବ୍ୟ ଓ ନାଟକକୁ ଏକତ୍ର ଆଲୋଚନା କରାଯାଇଛି ଯଦିଚ ଦୃଶ୍ୟକାବ୍ୟ ନାଟକରେ ରସ ଗ୍ରହଣ ଅପେକ୍ଷାକୃତ ସହଜ ଓ ଏହା ସମଷ୍ଟିର ବୋଧଗମ୍ୟ। ଯେକୌଣସି ସାହିତ୍ୟସୃଷ୍ଟି ଆମକୁ କେତେବେଳେ ଆଲୋକିତ କରେ ? ଯଦି ତାହା ନାତିଦୀର୍ଘ ହୋଇଥାଏ, ଅନୁଭୂତିର ପ୍ରବହମାନତା ଅବାରିତ ଥାଏ, ଭାଷା କ୍ଲିଷ୍ଟ ନ ଥାଏ, କଳା ସହିତ ରଚନା କୌଶଳ ଏକାକାର ହୋଇଯାଇଥାଏ ଓ ସର୍ବୋପରି ରସସୃଷ୍ଟିରେ କୌଣସି ବ୍ୟାଘାତ ନ ଥାଏ। ନାଟକରେ ତ ଅର୍ଦ୍ଧବାକ୍ୟ କହି ଅଭିନେତା ଦର୍ଶକକୁ ଚକିତ କରି ପରବର୍ତ୍ତୀ ଦୃଶ୍ୟ ପାଇଁ ଆଗ୍ରହାନ୍ୱିତ କରିପାରେ। ଯେଉଁଠି କଳ୍ପନା ଓ ଆଧାର ଏକୀଭୂତ ହୋଇଯାଆନ୍ତି, ଲକ୍ଷ୍ୟ ସ୍ପଷ୍ଟ ଦିଶେ ଏବଂ ପାଠକ/ ଦର୍ଶକ ତହିଁରେ ଦ୍ରବୀଭୂତ ହୋଇଯାଆନ୍ତି ତାହା ହିଁ ରସ।

କରୁଣ ରସ ସଂପର୍କରେ ଯଥେଷ୍ଟ ଆଲୋଚନା ହୋଇଛି। ଆଗ୍ରହୀ ସାଧାରଣ ପାଠକଟିଏ ଏହି ରସ ଉପଲବ୍ଧି କରିପାରେ। ଓଡ଼ିଆ ସାହିତ୍ୟରୁ କରୁଣ ରସ ନିମିତ୍ତ ଶତାଧିକ ଉଦାହରଣ ମଧ୍ୟ ଦିଆଯାଇପାରେ। ଏହି ପ୍ରବନ୍ଧ ଯଦି ପାଠକର ପ୍ରାପ୍ୟାଶା ପୂର୍ଣ୍ଣ କରିପାରିବ ତେବେ ମୋର ଶ୍ରମ ସାର୍ଥକ ହେବ।

# ଅନୁକ୍ତ ବେଦନାର ଆତ୍ମନେପଦୀ: ପ୍ରତିଭାଙ୍କ 'କହିନହେଲେ'



ISSN-2583-6978
Volume-3
Issue-8
AUGUST-2023

**ଡକ୍ଟର ସଂଘମିତ୍ରା ଭଞ୍ଜ**

**ବିଭାଗ ମୁଖ୍ୟ, ସ୍ନାତକୋତ୍ତର ଓଡ଼ିଆ ଭାଷା-ସାହିତ୍ୟ ବିଭାଗ**
**ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**

ସ୍ମୃତିର ଛାୟାପଥରେ ଘନୀଭୂତ ପୀଡ଼ା ଦାନାବାନ୍ଧି ଝରିପଡ଼ିଲେ ତାହା କବିତାରେ ପରିଣତ ହୋଇଯାଏ। କବିର ଯନ୍ତ୍ରଣା ତା'ର କବିତାର ଆଧାର। ଇଂରାଜୀ କବି W.H. Audenଙ୍କ ଶବ୍ଦରେ- "Play with the words' ଅର୍ଥାତ୍ ଶବ୍ଦରେ ଖେଳିବା ଶିଖ। ଶବ୍ଦରେ ଖେଳିବାର ତାତ୍ପର୍ଯ୍ୟ ହେଉଛି ଶବ୍ଦ ଭିତରେ ଥିବା ଯୁଗ ଯୁଗର ଲୁକ୍କାୟିତ ଅର୍ଥର ସ୍ତରିତ ଆସ୍ତରଣକୁ ଖୋଜିବା। ଭାବପ୍ରବଣ କବି ନିଜ ଭାବନାକୁ ଶବ୍ଦ ମାଧ୍ୟମରେ ଆକାର ଦିଏ। ଲକ୍ଷ ଲକ୍ଷ ଉଚ୍ଚାରିତ ଶବ୍ଦ ଭିତରେ କିଛି ଅନୁଚ୍ଚାରିତ ବି ରହିଯାଏ। ଏହି କହି ନ ପାରିବା କଥା ଅମର ହୋଇଥାଏ। ହୁଏତ ଆବେଗ ବାଧାପ୍ରାପ୍ତ ହୋଇ ନିରବିଯାଏ କିଛି କାରଣରୁ। କବିତାର ଅନ୍ତର୍ନିହିତ ଛନ୍ଦରେ ପାଠକ ଅଥବା ଶ୍ରୋତାର ଗଭୀର ସୌନ୍ଦର୍ଯ୍ୟାନୁଭୂତି ଥାଏ। ଅନ୍ତରୀଣ ମାନବୀୟ ଭାବନାକୁ ଝଙ୍କୃତ କରି ତା'ର ନାଦ କ୍ରମେ ସୌନ୍ଦର୍ଯ୍ୟକୁ ବୃଦ୍ଧି କରେ। ଖୁବ୍ ସୁନ୍ଦର ବ୍ୟଞ୍ଜନାତ୍ମକ ରୂପାଙ୍କନ କରିଥିବା ଆଧୁନିକ ଓଡ଼ିଆ କବିତା ସାହିତ୍ୟର ସ୍ୱର୍ଦ୍ଧିତ କବୀ ଡକ୍ଟର ପ୍ରତିଭା ଶତପଥୀ ଜଣେ ନିରଳସ ସାହିତ୍ୟ ସାଧିକା। ମାନବ ଜୀବନର ଅସୀମ ଯନ୍ତ୍ରଣା ପଥରେ ଆତ୍ମଶକ୍ତିର ପ୍ରଚଣ୍ଡ ଶକ୍ତିଧାରିଣୀ କବି ସେ। ସେ ତାଙ୍କର କ୍ଷତାକ୍ତ ହୃଦୟ ଓ ଏକଲାପଣକୁ ନିଜେ ହିଁ ଆଉଁଶି ଦେଇ ସେଇ ସନ୍ତାପ ଭିତରେ ହସି ହସି ଗତି କରିବାର ସାମର୍ଥ୍ୟ ରଖନ୍ତି। ଜୀବନର ଶାଳବଣ ଭିତରେ ଆତ୍ମନ୍ୱେଷା କରନ୍ତି ସେ। ସେ ବୁଝନ୍ତି ସ୍ୱପ୍ନର ସବାଶେଷ ଜୁଇ ନିଆଁରେ ମଧ୍ୟ ଉଜଳି ଉଠୁଥିବା ଲୁହବୁନ୍ଦାକୁ ପୋଛି ଦେବାକୁ ଗଲାବେଳେ, ପୁଣି ଯୋଡ଼ିଦେଇ ବଞ୍ଚିବାକୁ ହୁଏ ଅସଂଖ୍ୟ କାରଣଗୁଡ଼ିକୁ।

ଏ କର୍କଶ ପୃଥିବୀରେ ଜିଇବା ସହଜ ନୁହେଁ। ସବୁବେଳେ ନିୟତିର ପ୍ରକୋପ, ସ୍ୱପ୍ନଭଙ୍ଗର ଯନ୍ତ୍ରଣା, ଅଭିଯୋଗ, ଲୁହ-ରକ୍ତ ନିଗାଡ଼ି ବୋହିଯାଉଥିବା ବିକଳପଣକୁ କବି ସାଉଁଟି ନିଅନ୍ତି। କବି ପ୍ରତିଭା ଶତପଥୀଙ୍କ ଶବ୍ଦରେ-

**''ବାହୁରେ କାନ୍ଧରେ ମୋର**
**କେତେଥର ଆଉଜି ପଡ଼ିଚି ଆକାଶ**
**ମୁଁ ମରିଯାଇଚି କେଜାଣି କେତେବାର**
**ପାହାଡ଼ ପରି ଏତେ ବଡ଼ ଲାଜରେ।''**

(ଆଜି ଆଉ ଏଇଲେ)

ଆଜୀବନ ଶୂନ୍ୟତାକୁ ଆକାଂକ୍ଷା କରି ନିରାଟ ଶୂନ୍ୟରେ ଅଦୃଶ୍ୟ ସତ୍ତାକୁ ଆତ୍ମାର ସୋଦରଙ୍କ ଅଶବ୍ଦରେ ଆସିବାର ଆହ୍ୱାନ କରନ୍ତି କବି। ପରମ ସତ୍ତାର ସ୍ୱର୍ଗୀୟ ଅବତରଣରେ ସେ ତାଙ୍କ ସତ୍ତା ହରେଇ ଦେବାକୁ ଚାହାଁନ୍ତି।

କବି ପ୍ରତିଭା ଶତପଥୀଙ୍କ 'କହି ନହେଲେ' କବିତା ସଂକଳନରେ ୪୭ ଗୋଟି କବିତା ସୁଗୁମ୍ଫିତ ହୋଇଛି। ଏହି ସଂକଳନରେ ରହିଛି କବି ଶତପଥୀଙ୍କ ଉଦ୍‌ଗତ ଆବେଗ, ଅଭିମାନ, ନିରୀହ ଆତ୍ମାନ୍ୱେଷଣ ଓ ଅବ୍ୟକ୍ତ ଅନ୍ତର୍ଚେତନାର ଅସହାୟତା। ତାଙ୍କୁ ପାଠକର ଲୋଡ଼ିବାପଣ ଟିକେ ଦରକାର। କାରଣ ସେ ଚାହାନ୍ତି-

**''ମତେ ଜାଗା ଦିଅ,**
**ଆଜୀବନ ଶୂନ୍ୟଚାରୀ ମୁଁ ନୁହଁ**
**ମୋର ଲୋଡ଼ା ମାଟି - ମାଟି।''**

କ୍ଷୟମାଣ ସମୟରେ ସେ ବସ୍ତୁ ହେଉ କି ପ୍ରାଣୀ ହେଉ, ସବୁକିଛି ନଷ୍ଟ ହୋଇଯିବା ହିଁ ସବୁଠାରୁ ସତ ଘଟଣା। ସମୟ ଏବଂ ମଣିଷ କ୍ଷୟ ହୁଅନ୍ତି ଈର୍ଷା, ଦ୍ୱେଷ, ଲୋଭ ଏବଂ ଅବିଶ୍ୱାସକୁ ନେଇ।

କିଛି ଅବ୍ୟକ୍ତ କଥା କହି ହେଲାନି ବୋଲି କବିଙ୍କ ହୃଦୟ ବ୍ୟାକୁଳ ଓ ଅନ୍ୟମନସ୍କ ମଧ୍ୟ। ଭଲପାଇବାର ପୀଡ଼ାକୁ ଏକା ଏକା ଭୋଗିବା ପୁଣି ହରାଇବାର ଯନ୍ତ୍ରଣାକୁ ନେଇ କବିପ୍ରାଣ ମର୍ମାହତ। ମନ-ଇନ୍ଦ୍ରିୟର ନିର୍ଦ୍ଦିଷ୍ଟ ପୃଷ୍ଠାରେ ପ୍ରିୟତମର ରୂପ ଶୋଭା ଓ ତା'ର

ସ୍ୱର କବିପ୍ରାଣକୁ ବିମୋହିତ କରୁଛି । ପ୍ରିୟତମଠାରୁ ଦୂରତା ଏବଂ ସାନ୍ନିଧର ଦ୍ୱିବିଧ ରୂପକୁ ନେଇ କବି ବିରୋଧାଭାସପୂର୍ଣ୍ଣ ସ୍ଥିତିରେ । ଅନୁରାଗସିକ୍ତ ତାଙ୍କ ଅସହାୟତାକୁ ନେଇ କହି ଉଠିଛନ୍ତି-

**''ବେଶି ବେଶି ଏକା ଲାଗେ**
**ତୁମେ ଥିଲେ ଆଖ ପାଖରେ**
**ନଥିଲେ**
**ଗୋଟାଏ ଛାୟାପଥର ଦୂରତା**
**ଛଟପଟ ହେଉଥାଏ ତୁମ - ମୋ ମଝିରେ ।''**

(ଅନୁରାଗ ତୁମର)

ସନ୍ତାପର ବୋଝ ବୋହି ପଦ୍ମବୀଜ, ଶୂନ୍ୟତା, ସମୟ, ଜୀବନ ଓ ସୃଜନେଚ୍ଛାର ମହାବିସ୍ତାରକୁ କବି ମହତ୍ତ୍ୱ ପ୍ରଦାନ କରିଛନ୍ତି । ସୃଜନର ଅସୀମ ଉଚ୍ଛ୍ୱାସକୁ ଧାରଣ କରିଥିବା କବି ଜଣେ ସାଧନାମଗ୍ନ-ସନ୍ନ୍ୟାସିନୀର ଗୈରିକ ଆବେଗକୁ ମଧ୍ୟ ଅନୁଭବ କରିଛନ୍ତି । ସମାଧିସ୍ଥ ଈଶ୍ୱରଙ୍କ ସମ୍ମୁଖରେ ଦାହ ହେବା ପାଇଁ ସୁଗନ୍ଧ ସମିଧ ହେବାକୁ ଇଚ୍ଛା ତାଙ୍କର । ତେଣୁ ସେ ଆହ୍ୱାନ କରିଛନ୍ତି ସେହି ପ୍ରଳୟ ଓ ସୃଜନର ଉଭୟବିଧ ଐଶୀ ଶକ୍ତିକୁ ।

**''ହେ ବାଙ୍ମୟ ଉଲ୍‌କାର ଉଚ୍ଚାରଣ**
**ଛୁଟିଆସି ମିଶିଯାଅ**
**ପଥର ପାଲଟି ଯାଇଥିବା ବକ୍ଷରେ**
**ଅସ୍ତିତ୍ୱରେ ମୋର ।**
**ସାକ୍ଷୀ ହୋଇ ରହୁ**
**ଆୟୁଷ୍ମତୀ ମାଟି**
**ଆଉ ଅନୁକ୍ଷଣ ପ୍ରଳୟ, ସୃଜନ ।''** (ପ୍ରଳୟ ସୃଜନ)

କବିଙ୍କୁ ଆକୃଷ୍ଟ କରେ ଭୋଦୁଅର ଧାନ କିଆରୀ, ମଲ୍ଲୀବୁଦା, କୁଆ କୋଇଲି, ନୂଆ ମଣିଷ, ନାନା ରଙ୍ଗ, ସନ୍ଧ୍ୟା ଏବଂ କଦମ୍ବ ଡାଳରେ ଲେପ୍‌ଟି ଥିବା ଆକାଶ, ନଡ଼ିଆ ପତ୍ର ଉପରେ ଝଡ଼ିପଡ଼ିଥିବା ତାରା, ଏମିତିକି ମୃତ୍ୟୁ ବି । କବି ଭାବନ୍ତି-

**''ମରିବା ବି ଗୋଟେ କଳା**
**ଯେମିତି ଅନ୍ୟ କଳା ସବୁ !''**

କବି ଏତେ ଭାବପ୍ରବଣ ଯେ ଧାନଶିଁଷା ଉପରେ ଡେଣା ଝାଡୁଥିବା ବଗପଲ ତାଙ୍କ ମନରେ କାଶତଣ୍ଡୀର ଭ୍ରମ ସୃଷ୍ଟି କରୁଛନ୍ତି । ଆକାଶକୁ ଦେଖି କେତେ ହାତୀ, ଘୋଡ଼ା, ଅଜଗର ପୁଣି ଯୁବାଝିଅର ଅଲରା ମୁକୁଳା ବାଳ ଭଳି ଦିଶୁଛି । ବିହ୍ୱଳପଣ ଆତ୍ମଦହନ ଏବଂ ନିରବତାକୁ ପାଥେୟ କରି ପ୍ରିୟତମକୁ କହିଥିବା ଅନେକ କଥାକୁ କାଗଜ ଫର୍ଦ୍ଦରେ ଲେଖି ତାକୁ ଛାତି କୋଣରେ ଭାଙ୍ଗିଭୁଙ୍ଗି ସାଇତି ରଖିଛନ୍ତି । କବିଙ୍କ ପ୍ରିୟତମ ତାଙ୍କର ଆତ୍ମସତ୍ତା, ଯାହାଙ୍କୁ ସେ ନିଜ ଭିତରୁ ମହାଶୂନ୍ୟର ବଳୟ ଭିତରେ ଅନୁଭବ କରିପାରୁଛନ୍ତି । କବିଙ୍କ ଶବ୍ଦରେ-

**''ଦେଖୁନାହଁ**
**ଶୂନ୍ୟରେ କମ୍ପୁଚି**
**ଧପ୍‌ଧପ୍ ଜଳି ଉଠୁଚି ମୋର ଆତ୍ମା**
**ଆଲୋକ ବର୍ଷ ବର୍ଷ ବ୍ୟାପି**
**ଦୂରତାରେ ତୁମଠୁଁ**
**ମୁଁ ଏମିତି ଜଳି ଲାଗିଚି**
**ମଧୁର ତାରକିତ ରାତିରେ**
**ଡାକି ଲାଗିଚି ସ୍ୱରଟିଏ**
**ଠିଆହେଇ ଛାୟାପଥ ମଝିରେ ।''** (ତାରା)

କବିତାକୁ ଝୁରି ହୁଅନ୍ତି କବି ପ୍ରତିଭା ଶତପଥୀ । ସେ ଜାଣନ୍ତି ଯେ, ଉଡ଼ି ପଳାଉଥିବା ମୁହୂର୍ତ୍ତର ବି ଉଜ୍ଜ୍ୱଳ ଅତୀତଟେ ଅଛି ଏବଂ ମଣିଷ ଜୀବନ ଅନିଶ୍ଚିତ । ସେ ଜାଣନ୍ତି -

**''ଆଳାପ ଆଳାପ, ଜୀବନ ଜୀବନ, କ୍ଷଣ କ୍ଷଣ**
**ତାକୁ ହିଁ କବି ତିଆରେ**
**ପାଣିଗାରର ସଂକଳ୍ପଟିଏ,**
**ଆଙ୍କେ, ଗୋଟେ ପାଣି ଫୋଟକାର ସ୍ୱପ୍ନ ।''**

(କିଛି ନୁହେଁ)

ପ୍ରତି ମଣିଷର ପ୍ରତିଦିନ ଅସଂଖ୍ୟ ଆବେଗ ଧୂଳିସାତ୍ ହୋଇ ମୋହଭଙ୍ଗ ହୁଏ । ୟା'ରି ଭିତରେ କବି ଖୋଜିଚନ୍ତି 'କବିତା'କୁ । ମଣିମୁକ୍ତା ପରି ଶବ୍ଦ ଗୁନ୍ଥନ୍ତି । ସ୍ୱପ୍ନଠୁଁ ବାସ୍ତବ ଯାଏଁ ଲମ୍ବିଥିବା ଛାୟାପଥ ପରେ ଚାଲି କାଗଜ ଫର୍ଦ୍ଦଙ୍କ ପାଇଁ ଶବ୍ଦ ଯୋଗାଡ଼ କରନ୍ତି, କିନ୍ତୁ ସବୁ ପ୍ରଯତ୍ନ ସତ୍ତ୍ୱେ କେଉଁ ଅଜଣା ଗୋଲାର୍ଦ୍ଧରେ କବିପ୍ରାଣ ଅଟକି ଯାଏ ଅବସୋସରେ ଯେ-

**''ଆଞ୍ଜୁଳାଏ ପାଣି, ମୁଠାଏ ମାଟି, ଟୁକୁରାଏ ପବନ**
**ଗାରେ ଚଢ଼େଇଙ୍କ ଚଲାପଥ**
**କିଛି ଆଙ୍କି ହେଲାନି**
**ସଜାଡ଼ି ହେଲାନି ଧାଡ଼ିଟେ**
**ପଥର ପାଲଟିଗଲା ସ୍ୟାହି**
**ଫାଙ୍କା ରହିଗଲା କାଗଜ ।''** (ଲେଖା ହୋଇନି)

ଥରେ ମାତ୍ର ଆବେଗର ଭୂମିଠୁଁ ମନମାରି ଫେରିଆସିଲେ, ଆଉ ପଛକୁ ଫେରି ହୁଏନି । ଭଲପାଇବାର ଦିକ୍‌ଦିକ୍ ନିଆଁ ସେମିତି ଦେଦୀପ୍ୟ ଥାଏ, ଦକ୍ଷିଣାର ନିଃସଙ୍ଗ ପୁଲକ ବି ସର୍ବାଙ୍ଗରେ ଥାଏ, ତଥାପି ସେ ଫେରିପାରୁ ନାହାନ୍ତି ସେଇ ମୂଳବିନ୍ଦୁକୁ । ତାଙ୍କୁ ଲାଗିଛି-

''ବିଦାୟ ବୋଲି କହିନଥିଲେ ବୋଧେ
ପୁଣି ଲେଉଟି ଆସିବାକୁ ହୁଏ ।'' (ଫେରିଆସିବା)

'ଘଟ ଭିତରେ' କବିତାରେ ନିଜ ଜୀବନର ଅଲୋଡ଼ାପଣକୁ ନେଇ ଅଦୃଶ୍ୟ ନିକଟରେ ଅଭିମାନପୂର୍ଣ୍ଣ ଶବ୍ଦ କବିଙ୍କର । 'କହି ନହେଲେ' କବିତାରେ କବି ଡକ୍ଟର ପ୍ରତିଭା ଶତପଥୀ, ପ୍ରତିନିଧି

ନାରୀର ରୂପାଙ୍କନ କରି ପରୀ, କ୍ଷଣସୁନ୍ଦରୀ ଓ ଶ୍ୟାମାଙ୍ଗିନୀ ଭଳି ଦୁଃଖିନୀମାନଙ୍କ ଦୁଃଖକୁ ଚିତ୍ରିତ କରିଛନ୍ତି।

'କହିନହେଲେ' ମଣିଷ ନିଜ ଦୁଃଖକୁ ନିଜେ ପିଇଯାଏ। ସେହି ଅକୁହା ବେଦନାର ଆଞ୍ଚ ଭିତରେ ନିଜ ଜୀବନଧୂନୀକୁ ଅଖଣ୍ଡ କରି ଜଳାଇ ରଖେ ସେ। ଏହି ବେଦନାର ଆଞ୍ଚ ଜଳାଇ ରଖିବାର ପ୍ରକ୍ରିୟା ସତତ ସକ୍ରିୟ ରଖିବାକୁ କବି ମୁହୂର୍ତ୍ତର ମହୁଠୋପାଙ୍କୁ ସାଇତି ରଖିଛନ୍ତି। ଡକ୍ଟର ଶତପଥୀଙ୍କ କବିତାରେ ଅସଂଖ୍ୟ ଚିତ୍ରମୟୀ ଶବ୍ଦ 'କହିନଥିବା' ଶବ୍ଦ ଅପେକ୍ଷା ନିଃଶବ୍ଦ-ନିରବତାରେ ଖୋଜି ପାଇଛନ୍ତି। ଚିତ୍ରମୟୀ ଶବ୍ଦଗୁଡ଼ିକରେ ରହିଛି –

ପିଆଜ ଚୋପା ପରି ଧୂଡୁକାଚମ<br>
ମଲା ଚଢ଼େଇ ପରି ଝୁଲୁଥିବା ଚିଠିବାକ୍ସ,<br>
ବିଷାକ୍ତ ଧୂଆଭର୍ତ୍ତି ଟେଲିଫୋନ୍,<br>
ଜହ୍ନର ଧଳା ଚାଦର,<br>
ମଧ୍ୟାହ୍ନର ଚାବୁକ<br>
ସବୁଜ ତରୁଣ ଧାନ,<br>
ଥାକଥାକ କାଶତଣ୍ଡୀ<br>
ଉଦ୍ଦଣ୍ଡ ପବନ,<br>
ଅସ୍ତକାଳର ଖରା<br>
ନିଦୁଆ ପାଣି ଉପରେ ଜହ୍ନ,<br>
ଛପିଥିବା ଅନ୍ଧାରୀ ଝରଣା,<br>
ନବଚିହ୍ନିତ ଛାୟାପଥ<br>
ଭଲପାଇବାର ଦିକ୍‌ଦିକ୍ ନିଆଁ<br>
ଦକ୍ଷିଣାର ନିଃସଙ୍ଗ ପୁଲକ<br>
ବୋତାମ ପରି ଆଖି<br>
ବଉଦର ଛାତି ପକେଟ୍<br>
ତରୁଣ ଝୀନ ବଉଦ<br>
ଅର୍ବୁଦ ଅର୍ବୁଦ ଦାବିପତ୍ର<br>
ଧାଡ଼ିଏ ଅନ୍ୟମନସ୍କ ଖରା ଇତ୍ୟାଦି।

ଜୀବନ ବେଳେବେଳେ ଶବ୍ଦ ଅପେକ୍ଷା ନିରବତାରେ ଅଧିକ ମୁଖରିତ ମନେହୁଏ। 'କହିନହେଲେ' ମଧ୍ୟ କବି ନିଜ ଅନୁଭବର ଆବେଗିକ ଶବ୍ଦଙ୍କୁ ପାଥେୟ କରି ସାହସର ସହିତ ଜିଇଥିବା ମୁକ୍ତ କଣ୍ଠରେ ଘୋଷଣା କରିଛନ୍ତି। ଏହା କବି ପ୍ରତିଭା ଶତପଥୀଙ୍କ ନକହି କହିବାର ଏକ କଳାତ୍ମକ-କାବ୍ୟିକ ପ୍ରୟାସ ମାତ୍ର।

❖❖❖



# ତୁମର ସିଲ୍‌ଭିଆ



ISSN-2583-6978
Volume-3
Issue-8
AUGUST-2023

**ସତ୍ୟ ପଟ୍ଟନାୟକ**

**୭୪୬୪ ଓ୍ୱିଜଡମ ଲେନ୍**
**ଡବଲିନ୍, ଓହିଓ ୪୩୦୧୬, ଯୁକ୍ତରାଷ୍ଟ୍ର ଆମେରିକା**

ବିଂଶ ଶତାବ୍ଦୀର ବହୁଚର୍ଚ୍ଚିତ ପ୍ରତିଭାବାନ କବିମାନଙ୍କ ମଧ୍ୟରୁ ଜଣେ ଥିଲେ ସିଲ୍ଭିଆ ପ୍ଲାଥ। ସତେଇଶି ଅକ୍ଟୋବର ୨୦୧୭ ହେଲା ସିଲ୍ଭିଆ ପ୍ଲାଥଙ୍କର ଛୟାଅଶୀତମ ଜନ୍ମଦିବସ। ମାତ୍ର ତିରିଶ ବର୍ଷ ବୟସରେ ଆତ୍ମହତ୍ୟା କରିବା ପୂର୍ବରୁ ସାହିତ୍ୟର ପ୍ରାୟ ସବୁ ଦିଗରେ, ଗଳ୍ପ, ଉପନ୍ୟାସ, କବିତା, ପ୍ରବନ୍ଧ, ଶିଶୁ ସାହିତ୍ୟ ଇତ୍ୟାଦିରେ ତାଙ୍କର ଅବଦାନ ପାଠକୀୟତା ହାସଲ କରିଥିଲା। ଦୁଃଖ, ଯନ୍ତ୍ରଣା, ଆବେଗିକ ଅତ୍ୟାଚାରକୁ ଖୁବ୍ ଭୋଗିଥିବା ମଣିଷଭାବେ ସିଲ୍ଭିଆଙ୍କ କବିତାରେ ମଧ୍ୟ ସେଇ ଚିତ୍ର ଦେଖାଯାଏ। ସେ ଥିଲେ ପ୍ରଥମ ନାରୀ କବି ଯିଏ ଖୋଲା ଖୋଲି ଭାବରେ ତାଙ୍କର କବିତା ମାଧ୍ୟମରେ ପ୍ରତିବାଦର ସ୍ୱର ଉଠାଇଥିଲେ। କିନ୍ତୁ ସ୍ୱାମୀ ଟେଡ୍‌ଙ୍କ ପ୍ରତି ତାଙ୍କର ଅତୁଟ ପ୍ରେମ ନିକଟରେ ସେ ଦୁର୍ବଳ ହୋଇଯାଇଥିଲେ ଏବଂ ନିଜ ଜୀବନର ବଳିଦାନ। ତାଙ୍କର କବିତା ସଂକଳନ 'ଦି କଲେକ୍ଟେଡ ପୋଏମସ' ପାଇଁ ତାଙ୍କୁ ମରଣୋତ୍ତର ୧୯୮୨ରେ ପୁଲିଜର ସମ୍ମାନିତ କରାଗଲା।

ଫେବୃଆରୀ ୧୧,୧୯୬୩ର ସକାଳ। ସିଲ୍ଭିଆ ପ୍ଲାଥ୍ ପିଲାମାନେ ଶୋଇଥିବା ବେଡ୍‌ରୁମ୍‌କୁ ଗଲେ ଏବଂ ସେଠି ଦୁଇ ପ୍ଲେଟ ବ୍ରେଡ, ବଟର ଓ ଦୁଇ ମଗ୍ ଦୁଧ ଛାଡି ଆସିଲେ। ତା' ପରେ ସେ ତଳମହଲାରେ କିଚେନକୁ ଆସିଲେ। କବାଟ ବନ୍ଦ କଲେ। କବାଟ ଓ ଝରକାର ଫାଙ୍କକୁ ତଉଲିଆରେ ବନ୍ଦ କରିବା ପରେ ଓଭେନ ଖୋଲିଲେ ଓ ନିଜର ମୁଣ୍ଡ ଭିତରେ ପୂରେଇଲେ। ହାତ ବଢାଇ ଓଭେନ୍‌ର ଗ୍ୟାସ୍ ଅନ୍ କଲେ। କିଛି ଘଣ୍ଟା ପରେ ତାଙ୍କର ମୃତ ଦେହ ଚଟାଣ ଉପରେ ପଡିଥିବାର ଦେଖାଗଲା।

ଏମିତି ଜଣେ ପ୍ରତିଭାବାନ କବି ଜୀବନର ଅବସାନ ଘଟିଲା ଓ ଗୋଟିଏ କିମ୍ବଦନ୍ତୀର ଆରମ୍ଭ ହେଲା ଯାହା ଅନେକ ପିଢିର ବିଷାଦଗ୍ରସ୍ତ କଲେଜ ଝିଅମାନଙ୍କର ପ୍ରେରଣା ହୋଇ ସାମ୍ନାରେ ଛିଡ଼ା ହେଲା ଯେଉଁମାନେ ଲେଖିବାର ସ୍ୱପ୍ନ ଦେଖୁଥିଲେ, ପୁରୁଷମାନଙ୍କୁ ଘୃଣା କରୁଥିଲେ ଅଥବା ଜୀବନର ରାସ୍ତା ପାଉନଥିଲେ। ସିଲ୍ଭିଆ ତାଙ୍କର ୩୦ ବର୍ଷର ଜୀବନକାଳ ଏମିତି ହିଁ ବିତେଇଥିଲେ। ତା' ସହିତ ସେ ମଧ୍ୟ ନିଜକୁ ବିନଷ୍ଟ କରିବାର ଜ୍ୱଳନ୍ତ ଉଦାହରଣ ହୋଇ ରହିଗଲେ।

ସିଲ୍ଭିଆଙ୍କ ପିତା ଓଟେଶ ପ୍ଲାଥ୍ ଜଣେ ଜର୍ମାନ ଥିଲେ ଓ ବୋଷ୍ଟନ ବିଶ୍ୱବିଦ୍ୟାଳୟରେ ବାୟୋଲୋଜି ପ୍ରଫେସର ଓ ଜଣେ ମହୁମାଛି ବିଶେଷଜ୍ଞ ଥିଲେ। ଯେତେବେଳେ ସିଲ୍ଭିଆଙ୍କୁ ମାତ୍ର ଆଠ ବର୍ଷ ହୋଇଥିଲା, ତାଙ୍କ ପିତାଙ୍କ ଅକାଳ ବିୟୋଗ ତାଙ୍କୁ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କର ମାନସିକ ସ୍ତରକୁ ପ୍ରଭାବିତ କଲା ଯାହା ତାଙ୍କ କବିତାରେ ଅନେକ ଶକ୍ତିଶାଳୀ ଚିତ୍ରକଳ୍ପ ସୃଷ୍ଟି କରିବାରେ ସାହାଯ୍ୟ କଲା। ପିତାଙ୍କର ମୃତ୍ୟୁପରେ ସେ ଈଶ୍ୱରଙ୍କ ସହିତ କୌଣସି ସମ୍ପର୍କ ରଖିବେ ନାହିଁ ବୋଲି ଶପଥ ନେଲେ ଏବଂ ପାଠରେ ଅଧିକ ଧ୍ୟାନ ଦେଲେ। ତାଙ୍କୁ ଯେତେବେଳେ ମାତ୍ର ସାଢେ ଆଠ ବର୍ଷ ହୋଇଥିଲା ତାଙ୍କର ପ୍ରଥମ କବିତା "ଦି ବୋଷ୍ଟନ୍ ସଣ୍ଡେ ହେରାଲ୍ଡ"ରେ ପ୍ରକାଶିତ ହେଲା।

ଅକ୍ଟୋବର ୨୭, ୧୯୩୨ ସିଲ୍ଭିଆଙ୍କ ଜନ୍ମ ହୋଇଥିଲା ବୋଷ୍ଟନର ଏକ ସର୍ବଅର୍ବାନ ଛୋଟ ସହର ୱେଲେସ୍‌ଲିରେ। ୧୯୪୬ରେ ନୋବେଲ ଶାନ୍ତି ପୁରସ୍କାର ବିଜେତା ଏମିଲି ଗ୍ରୀନ୍ ସମେତ ଅନେକ ମହତ୍ୱପୂର୍ଣ୍ଣ ବ୍ୟକ୍ତି ୱେଲେସ୍‌ଲିରେ ଜନ୍ମ ତଥା ବଡ଼ ହୋଇଛନ୍ତି। ସିଲ୍ଭିଆ ୧୯୫୦ରେ ୱେଲେସଲି ହାଇସ୍କୁଲରୁ ପାସ୍ କରି ସ୍କଲାରସିପ ପାଇଁ ମାସାଚୁସେଟସର ମହିଳା କଲେଜ, ସ୍ମିଥ୍ କଲେଜକୁ ଆସିଲେ। ୧୯୫୦ରୁ ସିଲ୍ଭିଆ ଜାତୀୟସ୍ତରରେ ବାହାରୁଥିବା ପତ୍ରିକାମାନଙ୍କରେ ଲେଖିବା ଆରମ୍ଭ କଲେ। ତାଙ୍କର ପ୍ରଥମ କ୍ଷୁଦ୍ରଗଳ୍ପ "ଆଣ୍ଡ ସମର ୱିଲ୍ ନଟ କମ୍ ଏଗେଇନ" 'ସେଭେନଟିନ' ପତ୍ରିକାର ଅଗଷ୍ଟ ସଂଖ୍ୟାରେ ପ୍ରକାଶିତ ହେଲା। ସେଇ ସମୟରେ ମଧ୍ୟ ଅନେକ ପତ୍ରିକା ତାଙ୍କର ଲେଖାକୁ ନାକଚ

କଲେ । କିନ୍ତୁ ତାଙ୍କର ଡାଇରି କବିତା, ଗପ ତଥା ଦୈନନ୍ଦିନ ଜୀବନକଥାରେ ଭରିବାକୁ ଲାଗିଲା ।

ନ୍ୟୁୟର୍କ ସହରରୁ ବାହାରୁଥିବା ମହିଳା ଫେସନ ପତ୍ରିକା 'ମେଡମଏଜ୍‌ଲି'ର (୧୯୩୫ ରୁ ୨୦୦୧ ପର୍ଯ୍ୟନ୍ତ ପ୍ରକାଶିତ) ଏକ ଗଳ୍ପ ପ୍ରତିଯୋଗତାରେ ସିଲ୍ଭିଆଙ୍କ ଗଳ୍ପ ସଣ୍ଡେ ଆଟ୍ ଦି ମିଣ୍ଟନକୁ ୧୯୫୨ରେ ପ୍ରଥମ ପୁରସ୍କାର ଭାବେ ୫୦୦ ଡଲାର ମିଳିବା ପର୍ଯ୍ୟନ୍ତ ୧୯୫୩ ଜୁନ୍ ସଂଖ୍ୟାରେ ସୌଜନ୍ୟ ସଂପାଦକ ରୂପେ କାମ କରିବାର ସୁଯୋଗ ମିଳିଲା । ଯଦିଓ ସେ କାମ ତାଙ୍କର ପସନ୍ଦ ହୋଇଥିଲା, ନ୍ୟୁୟର୍କ ସହରର ମାନ୍‌ହଟାନ୍‌ରେ ଥିବା ପତ୍ରିକାମାନଙ୍କର ଫେସନ ଦୁନିଆରେ ସେ ନିଜକୁ ବହୁତ ଏକାକୀ ଅନୁଭବ କଲେ । ସେ ଖୁବ୍ ଶୀଘ୍ର ଘରକୁ ଫେରିଆସିଲେ ଓ ତାଙ୍କର ମାନସିକ ସ୍ଥିତିରେ ଅସନ୍ତୁଳନ ଦେଖାଯିବାରୁ ସେ ଥରେ ଅଧିକମାତ୍ରାରେ ସ୍ଲିପିଂ ପିଲ୍ ନେଇଥିଲେ । ଫଳସ୍ୱରୂପ ତାଙ୍କୁ ଇଲେକ୍‌ଟ୍ରିକ ସକ୍ ଦିଆଗଲା । ଏହି ସମୟର ଅନୁଭବ ତାଙ୍କୁ ପରେ ତାଙ୍କର ବହୁ ଚର୍ଚ୍ଚିତ ଆତ୍ମଜୀବନୀ ଭିତ୍ତିକ ଉପନ୍ୟାସ "ଦି ବେଲ୍ ଜାର୍" ଲେଖିବାର ପ୍ରେରଣା ଦେଇଥିଲା । "ଭିକ୍ଟୋରିଆ ଲୁକାସ" ଛଦ୍ମନାମରେ ଯେ ଉପନ୍ୟାସ ତାଙ୍କ ମୃତ୍ୟୁର ଏକମାସ ପୂର୍ବରୁ ୧୪ ଜାନୁଆରୀ ୧୯୬୩ରେ ଇଂଲଣ୍ଡରୁ ପ୍ରକାଶ ପାଇଲା । ୧୯୬୬ରେ ଏହା ତାଙ୍କ ନିଜ ନାଁରେ ପ୍ରକାଶିତ ହେଲା । ୧୯୭୧ ରେ ଯେତେବେଳେ ଆମେରିକାରୁ ପ୍ରଥମଥର ପାଇଁ ଏହା ପ୍ରକାଶିତ ହେଲା ଯୁବପିଢ଼ିର ପାଠକ ମହଲରେ ଏହା ଖୁବ୍ ଆଦୃତ ହେଲା ବାମାବାଦକୁ ନେଇ ଏକ ବଳିଷ୍ଠ ଉପନ୍ୟାସ ଭାବରେ ଲୋକପ୍ରିୟ ହେଲା । ଖୁବ୍‌ଶୀଘ୍ର ଏହାକୁ ସେ ସମୟର କ୍ଲାସିକ୍ ଉପନ୍ୟାସ ଶ୍ରେଣୀର ଅନ୍ତର୍ଭୁକ୍ତ କରାଗଲା । ଏହି ଉପନ୍ୟାସ ଉପରେ ଆଧାରିତ ଚଳଚ୍ଚିତ୍ର ଦି ବେଲ୍ ଜାର୍ ମାର୍ଚ୍ଚ ୨୧, ୧୯୭୯ରେ ନ୍ୟୁୟର୍କ ସହରର ପ୍ରେକ୍ଷାଳୟମାନଙ୍କର ଉନ୍ମୋଚିତ ହେଲା । ଏହି ଉପନ୍ୟାସ ଏକ ଡଜନରୁ ଅଧିକ ଭାଷାରେ ଅନୂଦିତ ହେଲା ।

ମାନସିକ ଅସନ୍ତୁଳନ ସିଲ୍ଭିଆଙ୍କ ଜୀବନକୁ ଲଗାତାର ଭାବେ ଯନ୍ତ୍ରଣା ଦେଲା । ଡାକ୍ତରଙ୍କ କଠୋର ଉପଚାର ଓ ବ୍ୟବହାର ତାଙ୍କ ପାଇଁ ଅସହ୍ୟ ଥିଲା । ଯନ୍ତ୍ରଣାର ଲାଘବ ପାଇଁ ସେ ଡାକ୍ତରଙ୍କୁ ଯେତେବେଳେ ଅସ୍ତ୍ରୋପଚାର ପାଇଁ ଅନୁରୋଧ କଲେ, ଡାକ୍ତର ତାଙ୍କୁ ପରିହାସ ସ୍ୱରରେ କହିଲେ ଯେ ତାଙ୍କୁ ଏତେ ସହଜରେ ଏଥିରୁ ମୁକ୍ତି ମିଳିବ ନାହିଁ । ତାଙ୍କ ଜୀବନକୁ ପରେ ବିଶ୍ଲେଷଣ କରିଥିବା ବିଶେଷଜ୍ଞମାନଙ୍କ ମତରେ ସେ ସମୟରେ ସେ ଏକପ୍ରକାରର ଦ୍ୱିଧ୍ରୁବୀ ବିକାର (ବାଇପୋଲାର ଡିସଅର୍ଡର)ର ଶିକାର ହୋଇସାରିଥିଲା । ଏସବୁ ସତ୍ତ୍ୱେ ବି ସେ ଏକ ବିଚକ୍ଷଣ ଛାତ୍ରୀ ଥିଲେ ଓ ୧୯୫୫ରେ ସ୍ମିଥ୍ କଲେଜରୁ ସ୍ନାତକ ଡିଗ୍ରୀ ହାସଲ କଲାପର ଫୁଲ୍‌ବ୍ରାଇଟ ସ୍କଲାରସିପ୍ ପାଇ ଉଚ୍ଚଶିକ୍ଷା ନିମନ୍ତେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଅଭିମୁଖେ ଲଣ୍ଡନ ଯାତ୍ରା କଲେ । ଯେ ନିର୍ଣ୍ଣୟ ତାଙ୍କ ଜୀବନକୁ ତାଙ୍କ କାବୁର ବାହାରକୁ ନେଇଯିବ, ଏକଥା ତାଙ୍କୁ ଜଣାନଥିଲା ।

କେମ୍ବ୍ରିଜରେ ତାଙ୍କର ସାକ୍ଷାତ ହେଲା ସୌମ୍ୟ, ସୁଠାମ ଓ ଚର୍ଚ୍ଚିତ କବି ଟେଡ ହ୍ୟୁଜ୍‌ଙ୍କ ସହ । ଟେଡ୍‌ଙ୍କ ପୌରୁଷ ତଥା କାବ୍ୟିକ ବ୍ୟକ୍ତିତ୍ୱରେ ଆକର୍ଷିତ ହୋଇ ୧୬ ଜୁନ୍ ୧୯୫୬ରେ ସେ ଟେଡ୍‌ଙ୍କୁ ବିବାହ କଲେ । କିନ୍ତୁ ଏ ବିବାହ ଏକ ଅଭିଶପ୍ତ ବିବାହ ଥିଲା । ସିଲ୍ଭିଆଙ୍କ ତୀବ୍ର ଚିଡ଼୍‌ଚିଡ଼ା ଭାବ ଓ ଜ୍ୱାଳାମୁଖୀ କ୍ରୋଧ ଟେଡ ହ୍ୟୁଜ୍‌ଙ୍କ ପରି ସ୍ୱ-ପ୍ରେମୀ ବ୍ୟକ୍ତିତ୍ୱ ନିକଟରେ ପତ୍ନୀ ଭାବମୂର୍ତ୍ତି ତିଆରି କରିବାରେ ବିଫଳ ହେଲା । ଦୁହିଁଙ୍କର କଳହ ଓ ଯୁକ୍ତି ବେଳେବେଳେ ସିଲ୍ଭିଆଙ୍କୁ ଏପରି ପରିସ୍ଥିତିକୁ ନେଇଯାଉଥିଲା ଯେତେବେଳେ ସେ ନିଜର ବା ଟେଡ୍‌ଙ୍କ ପାଣ୍ଡୁଲିପିକୁ ଜାଳି ଦେଉଥିଲେ । ସେ ୧୯୫୭ରେ ମାସାଚ୍ୟୁସେଟସ ଫେରିଲେ ଓ ସ୍ମିଥ୍ କଲେଜରେ ପଢେଇଲେ ଯେଉଁଠି ବିଶିଷ୍ଟ କବି ରବର୍ଟ ଲୋୱେଲ ଓ ପରବର୍ତ୍ତୀ ସମୟର କବି ଆନ୍ ସେକ୍ସଟନଙ୍କ ସହ ତାଙ୍କର ସାକ୍ଷାତ ହେଲା ୧୯୫୯ ରେ ସେ ପୁଣି ଇଂଲଣ୍ଡ ଫେରିଲେ । ୧୯୬୦ରେ ଦମ୍ପତିଙ୍କ ପ୍ରଥମ କନ୍ୟା ଫ୍ରେଡାଙ୍କର ଜନ୍ମ ହେଲା । (ଫ୍ରେଡା ଜଣେ ଚିତ୍ରଶିଳ୍ପୀ ତଥା କବି, ଲଣ୍ଡନରେ ରୁହନ୍ତି) ଓ ସିଲ୍ଭିଆଙ୍କ ପ୍ରଥମ କବିତା ସଂକଳନ କଲୋସସ ଏବଂ ଅନ୍ୟାନ୍ୟ କବିତା ପ୍ରକାଶିତ ହେଲା । ଏହା ତାଙ୍କର ସାହିତ୍ୟିକ ଜୀବନରେ ନୂତନ ମୋଡ଼ ଆଣିଲା । ଗଳ୍ପଲେଖାକୁ ବିରତି ଦେଇ ସେ ନିଜ ଜୀବନର ଅଭିଜ୍ଞତା ତଥା ଅନୁଭବକୁ କବିତା ମାଧମରେ କହିବାକୁ ଲାଗିଲେ । ନିଜ ପିତାଙ୍କୁ କମ୍ ବୟସରେ ହରାଇବାର ଅନୁଭବ, ପୁରୁଷ ପ୍ରଧାନ ସମାଜରେ ନାରୀଟିଏ ହୋଇ ବଞ୍ଚିବାର ଅନୁଭବ- ଏମିତି ସବୁ ଅନୁଭବର ସ୍ୱର ତାଙ୍କର କବିତାମାନଙ୍କରେ ସ୍ପଷ୍ଟ ଓ ତୀବ୍ର ଦେଖାଗଲା । ଏସବୁ କବିତା କାବ୍ୟ ସାହିତ୍ୟରେ ଏକ ନୂତନ ଧାରାକୁ ଜନ୍ମ ଦେଲା- କନ୍‌ଫେସନାଲ ପୋଏଟ୍ରି । ଯା' ପୂର୍ବରୁ ଶେଲି ଓ ବାଇରନ ଆଦି କବିମାନେ କବିତାରେ ପ୍ରଚୁର ଆବେଗ ଓ ରୋମାଞ୍ଚ ଆଣୁଥିଲେ ମଧ୍ୟ, ନିଜସ୍ୱ ଜୀବନକୁ କବିତାକୁ ଅଲଗା ରଖୁଥିଲେ । ସିଲ୍ଭିଆ ନିଜସ୍ୱ ଜୀବନକୁ କବିତା ମାଧ୍ୟମରେ କହିବାକୁ ଲାଗିଲେ । ନିଜ ପିତାଙ୍କୁ କମ୍ ବୟସରେ ହରାଇବା ଅନୁଭବ, ପୁରୁଷ ପ୍ରଧାନ ସମାଜରେ ନାରୀଟିଏ ହୋଇ ବଞ୍ଚିବାର ଅନୁଭବ ଏମିତି ସବୁ ଅନୁଭବର ସ୍ୱର ତାଙ୍କର କବିତାମାନଙ୍କରେ ସ୍ପଷ୍ଟ ଓ ତୀବ୍ର ଦେଖାଗଲା । ଏସବୁ କବିତା କାବ୍ୟ ସାହିତ୍ୟରେ ଏକ ନୂତନ ଧାରାକୁ ଜନ୍ମ ଦେଲା-ଅ କନ୍‌ଫେସନାଲ ପୋଏଟ୍ରି । ଯା' ପୂର୍ବରୁ ଶେଲି ଓ ବାଇରନ ଆଦି କବିମାନେ କବିତାରେ ପ୍ରଚୁର ଆବେଗ ଓ ରୋମାଞ୍ଚ ଆଣୁଥିଲେ ମଧ୍ୟ, ନିଜସ୍ୱ ଜୀବନକୁ କବିତାରୁ ଅଲଗା ରଖୁଥିଲେ । ସିଲ୍ଭିଆ ନିଜସ୍ୱ ଜୀବନକୁ କବିତା ମାଧ୍ୟମରେ ପାଠକଙ୍କୁ କହିବାକୁ ଲାଗିଲେ ଯାହା ପରବର୍ତ୍ତୀ ସମୟରେ ଲୋକପ୍ରିୟ

ହେଲା ଓ ଅନେକ କବି ଏଥିରେ ଅନୁପ୍ରାଣିତ ହୋଇ ଏହି ପ୍ରକାରର କବିତା ଲେଖିଲେ। ତାଙ୍କର କବିତାମାନଙ୍କରେ କେତେବେଳେ ତାଙ୍କ ଅସଫଳ ବୈବାହିକ ଜୀବନର ଚିତ୍ର ରହିଲା ତ ଆଉ କେତେବେଳେ ୧୯୬୧ରେ ଗର୍ଭପାତ ବିଷୟ। ତାଙ୍କ ଜୀବନର ଶେଷ ଆଡ଼କୁ ଲେଖା ହୋଇଥିବା ଅନେକ କବିତାର ହିଂସା, ଅତ୍ୟାଚାର, ମୃତ୍ୟୁ, ବିଧ୍ୱଂସ, ଅଙ୍ଗଛେଦନ ଆଦିର ଚିତ୍ର ଦେଖିବାକୁ ମିଳେ। ୧୯୬୨ରେ ତାଙ୍କର ପୁତ୍ର ନିକୋଲାସ ଜନ୍ମଲାଭ କଲେ (ନିକୋଲାସ ଜଣେ ଉଚ୍ଚକୋଟୀର ପ୍ରାଣୀବିଜ୍ଞାନୀ ଓ ଆଲାସ୍କା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଥିଲେ। ୨୦୦୯ରେ ସେ ଆତ୍ମହତ୍ୟା କରିଥିଲେ।)

ନିକୋଲାସଙ୍କ ଜନ୍ମ ପରେ ସିଲ୍ଭିଆ ଓ ଟେଡ୍‌ଙ୍କ ମଧ୍ୟରେ ସମ୍ପର୍କ ଆହୁରି ଖରାପ ହେବାକୁ ଲାଗିଲା। ୧୯୬୨ ରେ ଖରାଦିନେ ତାଙ୍କ ଘରେ ଆୟୋଜିତ ହୋଇଥିବା ଗୋଟେ ପାର୍ଟିରେ ସିଲ୍ଭିଆ ଟେଡ୍‌ଙ୍କୁ ରୋଷେଇଘରେ ଆଜିଆ ୱେଭିଲ ନାମକ ମହିଳାଙ୍କୁ ଚୁମ୍ବନ ଦେଉଥିବାର ଦେଖିଲେ। ଏ ବିଷୟ ନେଇ ଦୁହିଁଙ୍କ ମଧ୍ୟରେ ଖୁବ୍ ଯୁକ୍ତିତର୍କ ହେଲା ଓ ଟେଡ ଘର ଛାଡି ଲଣ୍ଡନରେ ଜଣେ ସାଙ୍ଗଙ୍କ ସହ ରହିବାକୁ ଲାଗିଲେ। ସିଲ୍ଭିଆ ମାନସିକ ତଥା ଶାରୀରିକ ସ୍ତରରେ ଦୁର୍ବଳ ହେବାକୁ ଲାଗିଲେ। ସେଇ ଅବସ୍ଥାରେ ତାଙ୍କ ଜୀବନର ଶେଷ କବିତା ସଂକଳନ ବି ଲେଖିବାରେ ଲାଗିପଡିଲେ। ଜୀବନର ଶେଷ ସମୟକୁ ହୁଏତ ସେ ଅନୁଭବ କରୁଥିଲେ, ସେଥିପାଇଁ ପ୍ରତିଦିନ ଗୋଟିଏ କବିତା ଲେଖିବାକୁ ଲାଗିଲେ। କହିବା ବାହୁଲ୍ୟ ଯେ, ସିଲ୍ଭିଆଙ୍କ ମୃତ୍ୟୁପରେ ଆଜିଆ ତାଙ୍କର ତୃତୀୟ ସ୍ୱାମୀଙ୍କୁ ଛାଡି ଟେଡ୍‌ଙ୍କ ସହ ଆସି ସିଲ୍ଭିଆଙ୍କ ଫ୍ଲାଟ୍‌ରେ ରହିଲେ ଓ ପଞ୍ଚବର୍ଷ ପରେ ନିଜ ଚାରିବର୍ଷର କନ୍ୟାକୁ ହତ୍ୟାକରି ଓଭେନରେ ମୁଣ୍ଡ ପୂରେଇ ଆତ୍ମହତ୍ୟା କରିଥିଲେ।

କ୍ରମଶଃ ଶୀତଋତୁ ଆସିଲା ଓ ତାଙ୍କର ମାନସିକ ଉଦାସୀ ବଢିବାକୁ ଲାଗିଲା। ତାଙ୍କର ମାନସିକ ସ୍ଥିତି ପ୍ରାୟତଃ ଋତୁଚକ୍ର ସହିତ ଜଡିତ ଥିଲା। ତାଙ୍କର ଡାକ୍ତର ଜନ୍ ହର୍ଡର ବହୁତ ଚେଷ୍ଟା କରି ମଧ୍ୟ ଲଣ୍ଡନର କୌଣସି ମାନସିକ ଚିକିତ୍ସାଳୟରେ ବେଡ୍ ଗୋଟିଏ ଯୋଗାଡ଼ କରିପାରିଲେ ନାହିଁ। ସେ ସିଲ୍ଭିଆଙ୍କ ପାଇଁ ଔଷଧ ଲେଖିବା ସହ ତାଙ୍କୁ ଦେଖାଶୁଣା କରିବା ପାଇଁ ଜଣେ ନର୍ସର ମଧ୍ୟ ବ୍ୟବସ୍ଥା କରିଦେଲେ। ସେଦିନ ନର୍ସ ସକାଳ ୯ରେ ପହଞ୍ଚି ଭିତରକୁ ଯାଇପାରିଲେନି। ଅନ୍ୟ ଜଣେ ପଡୋଶୀଙ୍କ ସହାୟତାରେ କବାଟ ଖୋଲି ସିଲ୍ଭିଆଙ୍କ ସହାୟତାରେ କବାଟ ଖୋଲି ସିଲ୍ଭିଆଙ୍କ ମୃତଦେହକୁ ଆବିଷ୍କାର କଲେ। ତାଙ୍କ ମୃତ୍ୟୁପରେ ଟେଡ ତାଙ୍କ ଘର ତଥା ସାହିତ୍ୟକୃତିର ଉତ୍ତରାଧିକାରୀ ହେଲେ। ସିଲ୍ଭିଆଙ୍କ ପାଠକଙ୍କ ଅନୁରୋଧକ୍ରମେ ଟେଡ ବାଧ୍ୟ ହୋଇ ସିଲ୍ଭିଆଙ୍କ ଶେଷ କବିତା ସଂକଳନକୁ ପ୍ରକାଶିତ କଲେ। କିନ୍ତୁ ସିଲ୍ଭିଆ ପ୍ରସ୍ତୁତ କରିଥିବା ପାଣ୍ଡୁଲିପିରୁ ଅନେକ କବିତା ସେ କାଢି ଦେଇଥିଲେ ତଥା ଅନେକ କବିତାର କ୍ରମ ବଦଳେଇ ଦେଇଥିଲେ ବୋଲି ସମୀକ୍ଷକମାନେ ଦୃଢ଼ ଅଭିଯୋଗ କରିଥିଲେ।

୧୯୮୧ରେ ଟେଡ୍ ହ୍ୟୁଜ୍‌ଙ୍କ ଦ୍ୱାରା ସମ୍ପାଦତ କଲେକ୍ଟେଡ ପୋଏମସ ଅଫ୍ ସିଲ୍ଭିଆ ପ୍ଲାଥ୍ ପ୍ରକାଶିତ ହେଲା। ୧୯୮୨ରେ ସିଲ୍ଭିଆ ପ୍ଲାଥ୍‌ଙ୍କୁ ଏହି ସଂକଳନ ପାଇଁ ମରଣୋତ୍ତର ପୁଲିଜର ପୁରସ୍କାରରେ ସମ୍ମାନିତ କରାଗଲା। ସେ ହେଲେ ପ୍ରଥମ କବି ଯାହାଙ୍କୁ ଏ ପୁରସ୍କାର ମରଣୋତ୍ତର ମିଳିଲା। ମାତ୍ର ୩୦ ବର୍ଷ ବୟସରେ ସେ ଯେତିକି କବିତା ପାଠକଙ୍କୁ ଦେଇଛନ୍ତି ତାହା ଅନେକ ପିଢି ଧରି ପାଠକ ତଥା କବିମାନଙ୍କୁ ପ୍ରେରଣା ଦେଇ ଆସୁଛି ଓ ଆଗକୁ ରହିଥିବ।

## ସିଲ୍ଭିଆ ପ୍ଲାଥ୍‌ଙ୍କ କବିତା

# ଘଟଣା

ବସ୍ତୁ ସବୁ କେମିତି ହୁଅନ୍ତି ଘନୀଭୂତ !
ଜହ୍ନଆଲୁଅ, ଖଡ଼ିପଥରର ଏକ ଚଟାଣ
ଯାହର ଆବଡ଼ାଖାବଡ଼ା ଦେହରେ
ଆମେ ଶୋଇଥା'ନ୍ତି, ପିଠିରେ ପିଠି ଦେଇ।
ଗୋଟେ ପେଚାକୁ ବିକଳ ଭାବେ
ନୁସେଇ ନୁସେଇ କାନ୍ଦିବାର ମୁଁ ଶୁଣେ।
ତାର ଅସହ୍ୟ ସ୍ୱର ବିନ୍ଧ କରେ ମୋ ହୃଦୟ।
ଶିଶୁଟିଏ ଝୁଲୁଛି ସଫେଦ ଝୁଲଣାରେ
ନେଉଛି ଲମ୍ବା ଲମ୍ବା ନିଃଶ୍ୱାସ
ଏବେ ତାର ପାଟି ଖୋଲା, ମାଗୁଛି କିଛି।
ତାର ଛୋଟ ମୁହଁଟିରେ ଯନ୍ତ୍ରଣାର ଦାଗ, ଲାଲ୍।
ତା' ପରେ ସେଠି କିଛି ତାରକାପୁଞ୍ଜ- ଦୃଢ଼, କଠିନ।
ଗୋଟିଏ ସ୍ପର୍ଶ : ଝାଉଁଳିପଡେ ଓ ଜଳିଯାଏ।
ମୁଁ ଦେଖିପାରେନା ତୁମର ଆଖି।
ଯେଉଁଠି ଆତ ଗଛରେ ବରଫର ଫୁଲ ଫୁଟେ ରାତିରେ
ମୁଁ ଚାଲୁଥାଏ ଲୁହାର ବୃତ୍ତରେ
ପୁରୁଣା ଭୁଲ୍‌ର ସୁଡ଼ଙ୍ଗ, ଗଭୀର ଓ ତିକ୍ତ।
ପ୍ରେମ ଆସିପାରେ ଏଠାକୁ
ଏକ କଳା ଶୂନ୍ୟତା ଅନାବୃତ କରେ ନିଜକୁ।
ସାମ୍ନା ଓଠରେ ଦୋହଲୁଛି
ଗୋଟେ ଛୋଟ ସଫେଦ ଆତ୍ମା
ଗୋଟେ ଛୋଟ ପୋକର ନଷ୍ଟ ହୋଇଯାଇଥିବା ଦେହ।
ମୋ ଦେହର ଅଙ୍ଗକୁ ସବୁ ଛାଡି ଗଲେଣି ମୋତେ।
କିଏ ବିଭାଜିତ କରିଛି ଆମ୍ଭକୁ ?
ତରଳୁଛି ରାତି।
ଆମ୍ଭେ ପରସ୍ପରକୁ ଛୁଇଁଲେ ଦୁଇ ବିକଳାଙ୍ଗଙ୍କ ପରି।

# ଆଧୁନିକ ଓଡ଼ିଆ କବିତାର କର୍ଣ୍ଣଧାର: ସଚ୍ଚିଦାନନ୍ଦ ରାଉତରାୟ



ISSN-2583-6978
Volume-3
Issue-8
AUGUST-2023

**ପ୍ରଫେସର ବବ୍ରୁବାହନ ମହାପାତ୍ର**

ନିର୍ଦ୍ଦେଶକ ଓ ଓଡ଼ିଆ ବିଭାଗ ମୁଖ୍ୟ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ବିଶ୍ୱବିଦ୍ୟାଳୟ
ଦ୍ୱିତୀୟ ପରିସର, କେନ୍ଦୁଝର, ୭୫୮୦୦୨

ସଚ୍ଚିଦାନନ୍ଦ ରାଉତରାୟ ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ଏକ ମାଇଲ୍ ଖୁଣ୍ଟ ସଦୃଶ। ପ୍ରଗତି ଯୁଗ ଠାରୁ ଆରମ୍ଭ କରି ସ୍ୱାଧୀନତା ପରବର୍ତ୍ତୀ ବହୁକାଳ ଯାଏ ତାଙ୍କର କାବ୍ୟ ସାଧନା ଏକାନ୍ତ ଭାବେ ସ୍ମରଣୀୟ। ସେ ଜଣେ ସମୟ ସଚେତନ କାବ୍ୟ ଶିଳ୍ପୀ। ପରିବର୍ତ୍ତିତ ସମୟର ସ୍ୱର ଓ ସ୍ୱାକ୍ଷର ତାଙ୍କ କବିତାରେ ମୂର୍ତ୍ତିମନ୍ତ ରୂପ ଲାଭ କରିଛି। ଭାଷାର ମାଦକତା, ଭାବର ଗଭୀରତା ଓ ସାମାଜିକ ଜୀବନର ବାସ୍ତବତାକୁ ତାଙ୍କ କବିତା ଗୁଡ଼ିକରେ ଲକ୍ଷ୍ୟ କରାଯାଇପାରେ। କବି ସଚ୍ଚିଦାନନ୍ଦ ରାଉତରାୟ କବିତା ବ୍ୟତିରେକ ଗଳ୍ପ ଓ ଉପନ୍ୟାସ ମଧ୍ୟ ରଚନା କରିଛନ୍ତି। 'ମଶାଣିର ଫୁଲ', 'ମାଟିର ତାଜ୍', 'ଛାଇ', 'ମାଙ୍କଡ଼' ଓ ଅନ୍ୟାନ୍ୟ ଗଳ୍ପ ତଥା 'ଚିତ୍ରଗ୍ରୀବ' ନାମକ ଉପନ୍ୟାସ ଏହାର ପ୍ରମାଣ ବହନ କରେ। 'ସାହିତ୍ୟ ମୂଲ୍ୟବୋଧ' 'ଆଧୁନିକ ସାହିତ୍ୟର କେତୋଟି ଦିଗ' ପ୍ରମୁଖ ତାଙ୍କର ଉଚ୍ଚମାନର ସମାଲୋଚନା ଗ୍ରନ୍ଥର ମର୍ଯ୍ୟାଦା ଲାଭ କରେ। ସେ ମଧ୍ୟ ଜଣେ ସଫଳ ଆତ୍ମଜୀବନୀ କାର ଭାବେ ପରିଚିତ। ତାଙ୍କର ଉତ୍ତରକକ୍ଷ ନାମକ ଆତ୍ମଜୀବନୀ ଓଡ଼ିଆ ଆତ୍ମଜୀବନୀ ପରମ୍ପରାର ଏକ ସଫଳ ସୃଷ୍ଟି। ସଚ୍ଚିଦାନନ୍ଦଙ୍କର କାବ୍ୟରଚନା କ୍ରମିକ ଗତି ବହୁ ବର୍ଣ୍ଣା ଓ ବୈଚିତ୍ର ବିମଣ୍ଡିତା ତାଙ୍କର ଆଦ୍ୟ କବି ଜୀବନ ପଲ୍ଲୀ ଓ ପ୍ରକୃତିକୁ ଭିତ୍ତିକରି ବେଶ୍ ରସ ପୁଷ୍ଟ। ଗ୍ରାମ୍ୟ ଜୀବନ ପଲ୍ଲୀର ଅକପଟ ଛବି, ଗ୍ରାମୀଣ ଜନତାର ସୁଖଦୁଃଖର ଏହି ପର୍ଯ୍ୟାୟରେ ଅନୁଭୂତ ହୋଇଥାଏ। ସବୁଜ କବିମାନେ ଯେତେବେଳେ କଳ୍ପନାର କୁଞ୍ଜବନରେ ବିଚରଣ କରୁଥିଲେ; କବି ସଚ୍ଚିରାଉତ ରାୟଙ୍କ ଆବିର୍ଭାବ ପରେ କବିତା କଳ୍ପଲୋକର ପୃଥିବୀରୁ ମାଟିର ବାସ୍ତବତାକୁ ଓହ୍ଲାଇ ଆସିଲା। କବି ରାଉତରାୟ 'ପଲ୍ଲୀଶ୍ରୀ', 'ପାଥେୟ', 'ଭାନୁମତିର ଦେଶ', 'ଅଭିଯାନ' ପ୍ରଭୃତି ସଂକଳନରେ ପଲ୍ଲୀ ଜୀବନର ନିଖୁଣ ଚିତ୍ର ଅଂକନ କରିଛନ୍ତି। ଗାଁ ମାଟି ପ୍ରତି କବି ମନର ସ୍ନିଗ୍ଧ ଆକର୍ଷଣ ବିଶେଷ ଭାବେ ସ୍ମରଣୀ। 'ଛୋଟମୋର ଗାଁଟି' କବିତାରେ କବି ଲେଖିଛନ୍ତି;

**"ଛୋଟ ମୋର ଗାଁଟି**
**ଭୂଗୋଳ ପୋଥି ପଥରେ ପଛେ ନଥାଉ ତାର ନାଁଟି**
**ମାଟିର ସେହି ସରଗ ମୋର**
**ସେହିଠି ଅଛି ମୋ ଷଠିଘର**
**ଜଳିବ ପୁଣି ସେଇଠି ଶେଷେ**
**ମୋହରି ଚିତା ନିଆଟି**
**ଛୋଟ ମୋର ଗାଁଟି।"**

କବି ପଲ୍ଲୀ ଜୀବନର ଚିତ୍ର ଉପସ୍ଥାପନ କରିବାକୁ ଯାଇ କବିତାର ସୁଖ ସୌଭାଗ୍ୟ ସହିତ ଦୁଃଖ ଦୁର୍ଯ୍ୟୋଗକୁ ମଙ୍କ ଅଂକନ କରିଛନ୍ତି। ଜମିଦାରଙ୍କ ଷଣ୍ଢ, 'ମୁଁ ତ ଉଥନାହାକ ଝିଅ', 'ବାପା ବାପା ପକାଇଲା ହରି', ଆଦି ପଲ୍ଲୀଶ୍ରୀ କବିତାଗୁଡ଼ିକ ତଥା 'ପାଥେୟ' ସଂକଳନର କେତେକ ସନେଟ କବିତାରେ ଏହାପରି ଲକ୍ଷିତ ହୋଇଥାଏ। ଏ ସମୟରେ ଶ୍ରୀ ରାଉତରାୟଙ୍କର କାବ୍ୟସ୍ୱର ରୋମାଣ୍ଟିକ ଚେତନାକୁ ପ୍ରଭାବିତ କରିଛି। କବିଙ୍କର ପ୍ରକୃତି ପ୍ରୀତି ଓ ବିବାହ ବୋଧ ଓ ସମୟର କବିତାରେ ମୂର୍ତ୍ତିମନ୍ତ ରୂପ ନେଇଛି। 'ପାଥେୟ'ରେ କବି ଲେଖିଛନ୍ତି-

**"ଗୁନ୍ଥିବି ଏ ପ୍ରେମ ଫୁଲେ ବରଣର ମାଳା**
**ହସି ହସି ଘେନ ସଖି ପାତି ତବ ଗଳା**
**ତୁମ କାନେ ଲୋତକ ମୋ କହି ଉଠେ କଥା**
**ତୁମ ବୀଣାତାରେ ବିଜେ ମୂକ ମୋର ବ୍ୟଥା।"**

ସଚ୍ଚିଦାନନ୍ଦ ରାଉତରାୟ ମୁଖ୍ୟତଃ ଜଣେ ସାମ୍ୟବାଦୀ କବି। କାର୍ଲମାର୍କ୍ସ, ଲେନିନ, ମାଓସେତୁଙ୍ଗ ପ୍ରଭୃତି ବିଶ୍ୱର ବହୁ ସାମ୍ୟବାଦୀ

ନେତାମାନଙ୍କର ଚିନ୍ତାଧାରା ତାଙ୍କ କବିତାରେ ଫୁଟି ଉଠିଛି । ଦଳିତ ଜନତାର ସୁଖସ୍ୱପ୍ନ ନିମିତ୍ତ କବି ଅନ୍ତର ହୋଇଉଠିଛି । ଏକ ଶ୍ରେଣୀ ହୀନ ସମାଜ ଗଠନ ପାଇଁ ସାମ୍ୟବାଦୀ ନେତାମାନେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହାର ପ୍ରତିଧ୍ୱନି କବି ରାଉତରାୟଙ୍କ କବିତାରେ ସୁଲଭ । କବିଙ୍କର 'ଅଭିଯାନ' ସଂକଳନଟି ଏତାଦୃଶ ଚିନ୍ତାଧାରାର ସାର୍ଥକ ପରିପ୍ରକାଶ । ଅଳ୍ପ ବହୁତେ 'ବାଜିରାଉତ' ଓ 'ପାଣ୍ଡୁଲିପି' ସଂକଳନରେ ମଧ୍ୟ କବିଙ୍କ ବାମପନ୍ଥୀ ଚିନ୍ତା ଧାରା ଗୁଞ୍ଜରିତ ହୋଇଛି । 'ଅଭିଯାନ'ର 'ରୁଟି' 'ଭଗବାନ ଅଛ କାହିଁ' 'ସର୍ବନାଶର ପଥେ' । 'ସହର ତଳିର ଉଷା', 'ଫାସିକାଠ', 'ମୂଲିଆଭାଇ' ପ୍ରଭୃତି ବହୁ କବିତା ଗଣଜୀବନର ବାସ୍ତବତାକୁ ଅଧିକତର ଉପସ୍ଥାପନା କରିଛି ।

ଧର୍ମନାମରେ ଦେଖା ଦେଇଥିବା ବ୍ୟଭିଚାର, ଧନୀ ସାମନ୍ତର ଶୋଷଣରେ କବଳିତ ହୋଇଥିବା ଗରିବ, ସମାଜପତିର କଳା ବଜାର ପ୍ରଭୃତି ବିଷୟ ଏ କାଳର କବିତାର ପୁଞ୍ଜି ହୋଇଉଠିଛି । ସର୍ବନାଶର ପଥେ କବିତାରେ କବି କହିଛନ୍ତି–

**"ଧର୍ମର ମଦଖୁଆଇ କରିଛ ଭାଇ**
**ମଣିଷ ଜାତିକୁ ଚିରଦିନ ମଜଦୂର**
**ଅଫିମ ନିଶାରେ ଖୋଲି ସେ ନପାରେ ଆଖି**
**ତୁମେ ଶୋଷଣର ବୁକୁର ଜୀବନ ଫୁଲ ।"**

ଅନୁରୂପ ଭାବରେ 'ପାଣ୍ଡୁଲିପି'ର 'କୋଣାର୍କ' କବିତାରେ କବି କାରୁକାର୍ଯ୍ୟପୂର୍ଣ୍ଣ କୋଣାର୍କକୁ ଅଗଣିତ ମଜୁରିଆର ଭଙ୍ଗା ହାଡ଼ର ଶ୍ମଶାନ ବୋଲି ଆଖ୍ୟାୟିତ କରିଛନ୍ତି

**"ଅମର ହୋଇବ କାଳର କପାଳେ ଯେଣୁ ଜଣକର ନାମ**
**ଲକ୍ଷ ବେନାମୀ ଜୀବନରେ ତେଣୁ ଗଢା ହେଲା ସମଶାନ ।**

ସଚ୍ଚି ରାଉତରାୟଙ୍କର ସାମ୍ୟବାଦୀ ଚେତନା ମୂଳକ କବିତାରେ ନିଷ୍ପେଷିତ ଜନତା ପ୍ରତି ସମବେଦନା ରହିଛି, ରହିଛି ମଧ୍ୟ ଶୋଷଣ ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ଉଦାତ ଆହ୍ୱାନ। ବାର୍ତ୍ତା କବିତାରେ ଶୋଷିତ ଜନତାକୁ ଉଦବୁଦ୍ଧ କରି କବି ଲେଖିଛନ୍ତି–

**"ଜାଗ ହେମାନବ ଶିଶୁ ଜୀବନର ବ୍ରହ୍ମ**
**ହାତେ ଧରି ଲୌକିକର ଜ୍ଞାନ ।"**

ଯୁଗ ଯୁଗ ଧରି ଖଟିଖିଆ ମଣିଷ, ମିଲମାଲିକ, ପୁଞ୍ଜିପତି ଓ ଶୋଷକର ନାଲିଆଖିତଳେ ଚାପି ହୋଇ ବଞ୍ଚିଛି । ତାରିମନରେ ସାହସ ଓ ଶକ୍ତି ଭରି ନଦେଲେ ସେ ଚିରକାଳ ଦୁଃଖରେ ସଢି ସଢି ମରିବ । ଫଳତଃ ସମାଜରେ ସାମଗ୍ରିକ ଶାନ୍ତି ପ୍ରତିଷ୍ଠା ହୋଇପାରିବ ନାହିଁ । ଏହି ଭାବନା ସଚ୍ଚି ରାଉତ ରାୟଙ୍କ ସାମ୍ୟବାଦୀ କବିତାଗୁଡ଼ିକରେ ପ୍ରସ୍ଫୁଟିତ ହୋଇଛି ।

ସାଂପ୍ରତିକ ଜୀବନର ରୂଢ଼ ବାସ୍ତବତା ସଚ୍ଚିଦାନନ୍ଦଙ୍କର ପାଣ୍ଡୁଲିପି ପରବର୍ତ୍ତୀ ସଂକଳନଗୁଡିକର ଚମତ୍କାର କାବ୍ୟରୂପ ନେଇଛି । କବି ଶଂସିତ କାଳର ଅବକ୍ଷୟ ନୈରାଶ୍ୟ, ପାପାଚାର, ମଣିଷର ଯୌନବିକଳତା, ଯୁଦ୍ଧୋତ୍ତର ପୃଥିବୀର ଅସହାୟପଣ, ଲାଞ୍ଚ ଖୋର ମନୋବୃତ୍ତି, ସ୍ୱାଧୀନତାର ସ୍ୱପ୍ନଭଙ୍ଗ ପ୍ରଭୃତି ବିଷୟକୁ ଜଣେ ନିପୁଣ ଶିଳ୍ପୀର ଭୂମିକା ନେଇ ଅଂକଳନ କରିଛନ୍ତି । ତେଣୁ ୫୦ ପରବର୍ତ୍ତୀ ତାଙ୍କ କବିତାରେ ନୈରାଶ୍ୟ ଓ ନେତି ବାଦର ସ୍ୱର ତୀବ୍ର । 'କବିତା-୧୯୬୨', 'କବିତା-୧୯୬୯'. 'କବିତା-୧୯୭୧', 'କବିତା-୧୯୮୩' ପ୍ରଭୃତି ସଂକଳନରେ ସଚ୍ଚିଦାନନ୍ଦଙ୍କ କବିତା ଧୂସର ପୃଥିବୀର ଚିତ୍ରାଙ୍କନ  କରିଛି । କବି ମୁଖ୍ୟତଃ ଯୁଗଜୀବନର ନିଷ୍ଠୁର ବାସ୍ତବ ଛବି ଫୁଟାଇବାକୁ ପ୍ରୟାସ କରିଛନ୍ତି । ମୃତ୍ୟୁ ସଚେତନତା ଅନେକ କବିତା ପଙ୍କ୍ତିରେ ପ୍ରକଟିତ ହୋଇଛି । କବିଙ୍କର 'ଦ୍ରୌପଦୀର ଶାଢି', 'ମତ୍ସ୍ୟଗନ୍ଧା', 'ଏୟାରପୋର୍ଟ', 'ମହାନଦୀକୂଳେ', 'ଟେବୁଲ', 'ବସନ୍ତର ନିଛକ ଜିଲ୍ଲାରେ' ପ୍ରଭୃତି ବହୁ ସାର୍ଥକ କବିତାରେ ସାଂପ୍ରତିକ ଅବକ୍ଷୟଗ୍ରସ୍ତ ସମାଜର ପ୍ରତିବିମ୍ବ ସହଜରେ ଲକ୍ଷ୍ୟ କରିହୁଏ ।

ସଚ୍ଚିଦାନନ୍ଦଙ୍କର କବିତାର ଅଙ୍ଗ ସଜ୍ଜା ସମ୍ପୂର୍ଣ୍ଣ ନୂତନ । ଓଡ଼ିଆ କବିତା କ୍ଷେତ୍ରରେ ନୂତନ ଚିତ୍ରକଳ୍ପ, ପ୍ରତୀକ ଓ ମିଥ୍‌ର ସାର୍ଥକ ପ୍ରୟୋଗ ତାଙ୍କ ଠାରୁ ଆରମ୍ଭ ହୋଇଥିଲା । ଅଧୁନାତନ ପୃଥିବୀକୁ ଚିତ୍ରାୟିତ କଲାବେଳେ ସେ ଅନେକ ଭାବଧର୍ମୀ ଚିତ୍ରକଳ୍ପ ପ୍ରୟୋଗ କରିଛନ୍ତି । ଭାନୁମତିର ଦେଶେ କବିତାରେ କବି ଲେଖିଛନ୍ତି–

**"ଓଟର ବଙ୍କାକୁଜ ପରି ଏଇ ସବୁ ଘୁମନ୍ତ ପାହାଡ଼**
**ଯେମିତି ଗୋଟିଏ ଗୋଟିଏ ପିଲି ସଜ"**

ସେହିପରି ପ୍ରତିମାନାୟକ କବିତାରେ ପ୍ରତିମାର ଅସହାୟତାକୁ କବି ରୂପାୟିତ କରି ଲେଖିଛନ୍ତି–

**"ଶାର୍ଣ୍ଣ ସାଧା ଗାଲେ ଫୁଟେ**
**ବ୍ୟର୍ଥତାର ଅକପଟ ଦାଗ ।"**

ସଚ୍ଚିଦାନନ୍ଦଙ୍କ ମିଥ୍‌ଧର୍ମୀ କବିତାଗୁଡ଼ିକ ବେଶ୍ ପ୍ରଭାବଶାଳୀ 'ମହାଭାରତ', 'ରାମାୟଣ', 'ଭାଗବତ' ପ୍ରଭୃତିରୁ ଉପାଦାନ ସଂଗ୍ରହ କରି କବି ଆଧୁନିକ ଜୀବନକୁ ଯଥାର୍ଥ ଭାବେ ପ୍ରତିପାଦନ କରିଛନ୍ତି । ମହାଭାରତ ଆଧୁନିକ କବିଙ୍କ ନିକଟରେ ମିଥ୍ ପ୍ରୟୋଗର ଏକ ବିଶିଷ୍ଟ ଲୀଳାଭୂମି । ଏହି ମହାକାବ୍ୟର ପ୍ରତୁଳ ଚିତ୍ର ଓ ଚରିତ୍ର ଆଧୁନିକ ଜୀବନଧାରାକୁ ଅଭିବ୍ୟଞ୍ଜିତ କରିଛି । ସଚ୍ଚିରାଉତଙ୍କ ଅନେକ କବିତା ମହାଭାରତର ଚରିତ୍ରମାନଙ୍କୁ ଉପଜୀବ୍ୟ କରି ଗଢି ଉଠିଛି । କୀଚକ, ଦ୍ରୌପଦୀ, ଅଭିମାନୀ ଦୁର୍ଯ୍ୟୋଧନ, ପଣ୍ଡୁ ଓ ମାଦ୍ରୀ ଆଦି ଚରିତ୍ର ଏଠାରେ ବିଚାର୍ଯ୍ୟ ମହାଭାରତର ମହାନାୟିକା ଦ୍ରୌପଦୀ ଚିରନ୍ତନ ନାରୀ ସମାଜର ସତେକି ଏକ ପ୍ରତିନିଧି ତାଙ୍କର ବସ୍ତ୍ରହରଣ ପର୍ବସହିତ ସାଂପ୍ରତିକ ମଣିଷର କାମ ପିପାସକୁ କବି ଦ୍ରୌପଦୀର ଶାଢି କବିତାରେ ସୁଚାଇଛନ୍ତି । କୀଚକ କବିତାରେ କାବ୍ୟନାୟକ ବିରଞ୍ଚି ବାବୁ କୀଚକର ରୂପାନ୍ତରମାତ୍ର ।

ମୋଟ ଉପରେ କବି ସଚ୍ଚିରାଉତରାୟ ଜଣେ କ୍ରାନ୍ତଦର୍ଶୀ କବି ।

ତାଙ୍କ କବିତାର ବିଷୟ ଗ୍ରସ୍ତ ବ୍ୟାପକ। ପ୍ରାଚୀନ ଓଡ଼ିଆ କାବ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଯେପରି ଶବ୍ଦଚାତୁରୀ ପ୍ରଦର୍ଶନ କରିଛନ୍ତି, ଆଧୁନିକ ଓଡ଼ିଆ କବିତାରେ ସଚ୍ଚି ରାଉତରାୟ ସେହିପରି ଶାବ୍ଦିକ କଳା କାରିଗରୀ ପ୍ରଦର୍ଶନ କରିଛନ୍ତି। ତାଙ୍କ କବିତାରେ ଚିତ୍ରିତ ନରନାରୀମାନେ ଆନ୍ତର୍ଜାତିକ ମଣିଷର ସ୍ୱପ୍ନ ଓ ସମ୍ଭାବନାକୁ ଧାରଣ କରିଛନ୍ତି। ଗୋଟିଏ ସୀମିତ ପୃଥିବୀ ଭିତରେ ତାଙ୍କ କବିତାର ଭାବ ବାର୍ତ୍ତାବନ୍ଦୀ ନୁହେଁ। ସେ ଦୂର ଦିଗବଳୟକୁ ଦେଖିଛନ୍ତି। ନୂତନ ମଣିଷର ଛାତିତଳେ କୋହ ଓ ବେଦନାକୁ କବିତାର ସ୍କେଲରେ ମାପିଛନ୍ତି। ଶବ୍ଦରେ ଭାବର ଫୁଲ ଫୁଟାଇ ପାରିଛନ୍ତି। ଶ୍ୟାମାଳୀମାମୟ ପ୍ରକୃତିର ଛବିଠାରୁ ଅଶ୍ରୁ ପ୍ରପୀଡିତ ମଣିଷର କରୁଣ କାକୁସ୍ଥ ସ୍ୱର ପର୍ଯ୍ୟନ୍ତ ବହୁ ଉପାଦାନ ସଚ୍ଚିଦାନନ୍ଦଙ୍କ କବିତାରେ ହିଁ ପାଠକ ଅନ୍ୱେଷଣ କରିପାରେ। ଯଥାର୍ଥରେ ସେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଜଣେ ପ୍ରବାଦ ପୁରୁଷ। ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ସର୍ବଦା ଅବିସ୍ମରଣୀୟ ହୋଇ ରହିବ।

❖❖❖

# ଶବ୍ଦ ଉତ୍ତରଣରୁ ବୋଧିଛାୟା:
# ଉପକ୍ରମଣର ପାହାଚରେ ସଂଘମିତ୍ରାଙ୍କ ତ୍ରିପାଦ ପହଣ୍ଡି



ISSN-2583-6978
Volume-3
Issue-8
AUGUST-2023

ଡକ୍ଟର ବେଣୁଧର ପାଢ଼ୀ

ଏକ:

ବିନ୍ଦୁ ନୁହେଁ କବିତା ଏକ ବିସ୍ତାର। ବିନ୍ଦୁ ସ୍ଥିର କିନ୍ତୁ ପରିଧି ସଞ୍ଚରଣଶୀଳ। ବିଚରଣ ନ ଥିଲେ ବିସ୍ତାରକୁ କାତର ହୁଏ ବଳଗଣ୍ଡି। କାଳକୁ ପ୍ରତିକୂଳ ହୁଏ ବିସ୍ମୃତି। ବଳୟରେ ବନ୍ଧା ପଡ଼େ ମହୋଦଧି। ଏଥକୁ ମୁଣ୍ଡ କୋଡ଼ି କାନ୍ଦିବା ଆଉ କୋଡ଼ି କଚାଡ଼ି ହେଇ ବୋବାଳି ଛାଡ଼ିବାରେ ଆବଦ୍ଧ ହୋଇଯାଏ ନିୟତି। ତେଣିକି ଶିକୁଳି ପଡ଼ିଯାଏ କଂସା କବାଟରେ। କଳା ହାଟ ରୁନ୍ଧି ହେଇଯାଏ। ପାଦରେ ଛନ୍ଦି ହେଇଯାଏ ବେଡ଼ି ଆଉ ପିଠିରେ ପଡ଼େ କୋରଡ଼ା ମାଡ଼ ବୋଲି - ଦିନରାତି ହାଉଳି ଖାଉଥାଏ ସମୁଦ୍ର। ଅନ୍ତେ ଅଛି ବୋଲି ଅନନ୍ତର ଭାବଟିଏ କୁରୁଳୁଥାଏ ପ୍ରାଣରେ। ଆଦିରୁ ଅନାଦି ଯାଏ ମାଡ଼ି ଯିବାକୁ ହାକୁ ହାକୁ ହୁଏ ମନ! ସୀମାର ଉପସ୍ଥିତି ମନେ ହୁଏ ଅସହ୍ୟ ଯଦି, ସୀମାତୀତ ଇଲାକା ଆଡ଼ିକି ମୁହାଁସିଯିବାର ଉଦ୍‌ବେଗ କୁଟୁକୁଟୁ କରି କାଟି ପକାଏ କଳିଜା।

କେହି କ'ଣ ବୁଝେ ଏମିତି ଉତ୍ତାଳ କାହିଁକି ହଉଛି ସମୁଦ୍ର - ନିରାଡ଼ାଳ ସଞ୍ଜରୁ ସକାଳ? କେହି କ'ଣ ଜାଣିବାକୁ ଚାହିଁଛି କୋଉଁ ଦୁଃଖ ଆଉ ଦରଜର ଦାଉରେ ଅସମ୍ଭାଳ ହେଉଛି ଜୁଆର? କୋଉଁ କୋଉଁ ପୀଡ଼ା ଆଉ ପ୍ରାର୍ଥନାରେ ଛଟପଟ ହଉଛି ଦିଗନ୍ତ ବିସ୍ତାରୀ ଗୋଟେ ସାମୁଦ୍ରିକ କ୍ଷୋଭ? କାହିଁକି ହେଲା ଏମନ୍ତେ ଅଶାନ୍ତ ଯେ ଦିନ ନାହିଁ କି ରାତି ନାହିଁ, ଶୀତ ନାହିଁ କି କାକର ନାହିଁ ହରବଜ ଗଜବାଜି ହେଇ କଚାଡ଼ି ପଡୁଚି ଆସି ବେଳାଭୂମିଟାରେ? କାହିଁକି ଏତେ ଏତେ ଅକାତ କାତର ପାଣି ବି ପାଲଟି ଯାଇଚି ଲୁଣିଆ? ବିସ୍ତର ଏ ପାଣିର ଉତ୍ତାଳ ତରଙ୍ଗରେ କେହି କ'ଣ ଆଣି ଢାଳି ଦେଇ ଯାଇଚି କି ମହଣ ମହଣ ଲୁଣ?

ଫାଟୁ କୁଟ୍‌କୁଟା ହେଇ ଯାଇଥିବା କଳିଜାର ଲହୁ ବି ଲୁଣିଆ! ଲୁଣି ଲାଗେ ଗଳଗଳ ହେଇ ଗଳି ପଡୁଥିବା ଆଖିକୋଣର ଲୁହ। ଲୁହ ଓ ଲହୁର ଏକ ବିସ୍ତୃତ ଉପତ୍ୟକା ବି ହେଇପାରେ ସମୁଦ୍ର ବୋଲି କିଏ କ'ଣ କେବେ କଳ୍ପନା କରନ୍ତା? ଅୟୁତ ଓ ପରାର୍ଦ୍ଧ ବର୍ଷ ଓ ଯୁଗ ଯୁଗର ବ୍ୟଥା ଯେବେ ଲୁହ ହେଇଯାଏ, ସେବେ ଠୋପା ଠୋପା ଲୁହ ବି ପାଲଟି ପାରେ ମହାସମୁଦ୍ରର ବିଶାଳତା ଯେମିତି, ସେମିତି କବିତାର କୁଦ୍ରାନାଳ। ଅନ୍ତନାଳି ଚିପୁଡ଼ି ହେଇ ଦୁହିଁ ନ ହେଲେ ଛାତି, ଆଖିରେ ଆସେ ନା ଲୁହ କି କଲମ ମୁନରୁ ଝରେନା ଶବ୍ଦର ସ୍ୟାହି କେବେ ବି! ସେଇଠି ସହସ୍ର ମିଠା ନଈର ପାଣି ମିଶିଗଲେ ବି ହଜିଯାଏ ଅସାଡ଼ ସମୁଦ୍ରର ଲୁହରେ ଆଉ କୋହରେ ସେ ସମୁଦାୟ ମିଠାପଣ!

ନଈର ବା ଦୁଃଖ କ'ଣ କୁହନ୍ତୁ? କିଛି ସେ ହରେଇଚି ନା ଭୋଗିଛି ଦୁଃଖ ଆଉ ବେଦନା ସିଏ? ସେ ନିଜେ ବି ତ ଜାଣିନାହିଁ କେମିତି ଆଉ କାହିଁକି ଫାଟିଗଲା ପାହାଡ଼ର ଛାତି? ତାକୁ ବିଲକୁଲ ଏ କଥା ବି ଜଣା ନାହିଁ ଯେ, ତାକୁ ହୁ'ଦସ୍ତ ଝରିଯିବାକୁ କିଏ ଆସି ଫିଟେଇଥିଲା ପର୍ବତର ଦର ଆଉଜା କବାଟ? କିଏ ଖୋସି ଦେଇଥିଲା ଜରାୟୁ? କିଏ ଆସି ଶୁଷୁରି ଫୁଙ୍କି କହିଥିଲା ରେଡି ଷ୍ଟେଡି ମାର୍ଚ୍ଚ ବୋଲି? ତାକୁ ଖାଲି ଶୁଭିଥିଲା ଶୁଷୁରିର ଧ୍ୱନ୍। ବାସ୍... ଶୁଷୁରି ଲାଗିଲା ବାଁଶରୀ ପରିକା ଓ ସେ ଅତର୍ଚ୍ଛ ଧାଇଁଲା... ଆଉ ଧାଇଁ ଚାଲିଲା ଅସମ୍ଭାଳ ଗୋପଗୋଇ ପରିକା! ନା ଟିକେ ଥକ୍କା ମାରି ବସିଲା ନା ଦଣ୍ଡେ ଭାବିବାକୁ ବେଳ ପାଇଲା ତା' ଜନ୍ମବୃତ୍ତାନ୍ତ କଥା? ସେଇଠୁ ସଳଖ ସୁନ୍ଦର ଧାଇଁ ଧାଇଁ ପହଞ୍ଚି ଦେଖିଲା ଆଉ ଆଗକୁ ନାହିଁ। ସାମ୍ନାରେ ହାତ ପତେଇ ଠିଆ ହେଇଛି ଏକ ବିସ୍ତର ଜଳାଶୟ।

ହଜିଗଲା ସମୁଦ୍ରରେ ନଈ! ହଜେଇ ଦେଲା ପରିଚୟ। ଏକାକାର ହେଇଗଲା ତା'ର ମଧୁରିମା ଲବଣାକ୍ତ ସମୁଦ୍ରର ଜଳ ତରଙ୍ଗରେ। ସେ ବି ପୁଚ୍ଛିଲା ନାହିଁ କୁହ ମିତ କ'ଣ ତୁମର ଦୁଃଖ ବୋଲି!

ଚିରକାଳ ଅବ୍ୟକ୍ତ ହେଇ ରହିଗଲା ସମୁଦ୍ରେ ବେଦନା! ଅକୁହା ଅଜଣା ରହିଗଲା ତା' ବ୍ୟଥାର କାରଣ ଓ ଲୁହଭରା ଇତିହାସ। ସମୁଦ୍ରରେ ନହଡ଼ି ଭାଙ୍ଗୁଥିବା ମଣିଷ ବି ଖୋଜିଲା ନାହିଁ ଜାଣିବାକୁ ସମୁଦ୍ରର ବେଦନା! କବିତାକୁ ଭଲ ପାଉଥିବା ମଣିଷ ଲୋଡ଼ିଲା ନାହିଁ ଜାଣିବା ପାଇଁ କବିର ଦୁଃଖ! କ'ଣ ସେଇ କ୍ଷୋଭ ଉଦ୍‌ବେଳ ସମୁଦ୍ରର? କ'ଣ ସେ ଅବସୋସ କବି ପଣର? କାହିଁକି କାନ୍ଦିଲା ଓ କାନ୍ଦି କାନ୍ଦି ଲହୁଲୁହାଣ ହେଲା ସାଗର? କୋଉଥି ପାଇଁ କଳିଜାର ଲୁହ ସବୁ କବି ପାଇଁ ହେଲା କଲମର କାଳି?

ବିନ୍ଦୁଟିଏ ଥିଲା ସେଇଠି! ସେଇଠି ଥିଲା ଗୋଟେ ସୀମାବଦ୍ଧ ପରିଧିର ବନ୍ଧନ! ବକଟେ ନଈକୁ ମନ ମାଫିକ ବୋହିଯିବାକୁ ମିଳିଲା ସ୍ୱୀକୃତି ଆଉ ଅନୁମତି। ଅମାପ ଜଳକୁ ଅବଧାରଣର ଦକ୍ଷତା ଥାଇ ବି ତାକୁ ବାଟଟେ ମିଳିଲା ନାହିଁ। ବିସ୍ତରି ଯିବାକୁ ପଥଟିଏ ପ୍ରାପ୍ତ ହେଲା ନାହିଁ। ସେଇ ସେଇ ବନ୍ଧନ ହେଲା ତା'ର ଦୁଃଖ! ସୀମା ପାଲଟିଗଲା ଲୁହର କାରଣ। ବନ୍ଧନୀର ବଳୟ ତାକୁ କରିଦେଲା କାତର ଆଉ କାକୁସ୍ଥ ବୋଲି ସେ କାନ୍ଦିଲା, ହାଉଳି ଖାଇଲା ମୁଣ୍ଡ କୋଡ଼ି ବେଳାଭୂମିରେ କୋଡ଼ି କଚାଡ଼ି ହେଲା। ସମୁଦ୍ର ଗୋଟେ ଦୁଃଖୀଆରୀ ଗୀତ! କବିତା ବି ଗୋଟେ ଅଜଣା ଛାତିର କ୍ଷତ। ସମୁଦ୍ରର ଲୁଣିଆପଣ ଆଉ କବିତାର କ୍ଷତାକ୍ତ ମୂଳକ ଭିତରେ ବିଲ୍‌କୁଲ୍ ନାହିଁ କିଛି ବୋଲି ଫରକ।

ପ୍ରାପ୍ତିରେ ମିଳେ ପରିତୃପ୍ତି! ଅପ୍ରାପ୍ତିରୁ ଉତ୍କଟ ହୁଏ ପୀଡ଼ା। ପୀଡ଼ା ନ ଥିଲେ ନାହିଁ, ପ୍ରାର୍ଥନା ବି ପାଖୁଡ଼ା ପାଖୁଡ଼ା ହେଇ ଫୁଟେ ନାହିଁ ସୁଦୂର କବିତାର ଫୁଲ। ସନ୍ତୁଷ୍ଟ କି ପରିତୃପ୍ତକୁ ପ୍ରାପ୍ତ ହୁଏ ନାହିଁ କେବେ କବିର ସୌଭାଗ୍ୟ! ନ ଭୋଗିଲା ଜୀବନକୁ ନେଇ ଉତୁରି ଆସେ ନା କବିତାର ଶବ୍ଦ! କବିତା ତେଣୁ ଖୋଜିଲେ ମିଳେ ନା, ଭୋଗିଲେ ମିଳେ। ଭୋଗିଲାକୁ ମିଳେ ବଳଗଣ୍ଡି ଆଉ ବଡ଼ଦାଣ୍ଡ! କେରି କେରି ଦୁବ ଦୟଣାକୁ ତୁଳସୀର ମେଖଳାରେ ଟହଲୁଥାଏ କବିତାର ଟାହିଆ। ସେଇଠୁ ଆରମ୍ଭ ହୁଏ କାଳିଆର ପହଣ୍ଡି ଆଉ କବିର କବିତା। କେବେ ଗୋଟି ପହଣ୍ଡିରେ କାଳେଶି ନାଚେ କାଳିଆ ତ କେବେ ଧାଡ଼ି ପହଣ୍ଡିରେ ଗହ ଗହ ବଡ଼ଦାଣ୍ଡ। କେବେ ସୁଭଦ୍ରା ତ ପୁଣି କେବେ ସଂଘମିତ୍ରାଙ୍କ କବିତାର ପହଣ୍ଡିରେ ଦୟଣା ପରିକା ଫିଟି ପଡୁଥାଏ ତୁଳସୀ ଦୂବ ମାତ୍ରକେ ଶବ୍ଦର ଖଇବାଣ।

ଦୁଇ:
ପହିଲା ପାହୁଣ୍ଡ ଓ ଗୋଟି ପହଣ୍ଡିରେ
'ଶବ୍ଦ ଉତ୍ତରଣ': ଝାଞ୍ଜପିଟା ମଂଶୁ
ସାତ ଲହଡ଼ି ମଠ – ବାଟ ପଡ଼ିଛି ସଲଖ ସୁନ୍ଦର

ସ୍ନାହାନ ବେଦୀରୁ ଆଡ଼ପ ମଣ୍ଡପ ବାଟଟିଏ ଦିଶେ। ଦୁଶିଯାଏ ଗୋଟେ ଦୁର୍ଲଭ ଲୋଡ଼ିବା ପଣ। ବର୍ଷକରେ ଥରେ ହଉ ପଛେ ମନ ଉଚ୍ଚାଟ କରେ ମାଉସୀ ମା'। ମା' ଦେବକୀର ବିବଶପଣ ତାକୁ ଜଣା। ଅଥଚ ବଳିଯାଏ ଯଶୋଦାଙ୍କ ଅପତ୍ୟକୁ ଆଜିର ଗହଳ ଚହଳ। ମଣିମାଣିକ୍ୟ ପଣ୍ଡା ପଢ଼ିହାରୀଙ୍କ ମଣିମା ମଣିମା ଭାବ ବୋଲି ଜଗାକୁ ଲୋଡ଼ା ପଡ଼େ ଗୋଟି ପହଣ୍ଡିର ଅଭିସାର। ଏଇ ଯେଉଁ ଖୋଜିବା ଟିକକ ନ ଥିଲେ ବଡ଼ଦାଣ୍ଡ ଥାନ୍ତା କି? ଥାଆନ୍ତା ବା କୋଉଠି ସାତ ଲହଡ଼ି ମଠ ଓ ମଠକୁ ବାଟ ଠିକଣା ପାଇଁ କିଆଁ ଆକୁଳ ହୁଅନ୍ତା କବି? କବିତାରେ ଥାଏ ସେଇ ଟକଟକ ଲୋଡ଼ିବାପଣ ବୋଲି ବାଟଟେ ଖୋଜୁଥାଏ କବି। କବିତା ବାଟ ହେଲେ କବି ହୁଏ ଭାଟ। କବିତା ନାଦ ହେଲେ ସେଇଠି ଶବ୍ଦ ପାଲଟିଯାଏ ବ୍ରହ୍ମ। ଦିଅଙ୍କୁ ମଣିଷ ବୋଲେ ସେଥିପାଇଁ ତ ଦାରୁବ୍ରହ୍ମ।

ପାହୁଣ୍ଡ ପାହୁଣ୍ଡ କରି ପ୍ରବର୍ଜ୍ୟାରେ ପାପ ଉଠାଏ କବି। ଧାଡ଼ି ପହଣ୍ଡିରେ ଉଠେ କଳରୋଳ, ଘଣ୍ଟ ଘଣ୍ଟି ଡାହୁକର କୁହାଟ। ସଜ ହୁଏ ରଥ। ହାତୀ ଘୋଡ଼ାର ଥାଟବାଟରେ କମ୍ପିଉଠେ ବଡ଼ଦାଣ୍ଡ ଓ କବିତାର ପସରା ଧରି ସେଇଠି କୋଉଠି ତକେଇଥାଏ ମତ୍ତ ବଳରାମ ଦାସ। ଶବ୍ଦ ଚାଙ୍ଗୁଡ଼ିରେ ଦୟଣା ସଜାଡ଼ି ଉଭା ହୁଏ ସଂଘମିତ୍ରା ଭଞ୍ଜ। ପହଣ୍ଡିର ପାଟ ପଟୁଆରଙ୍କୁ ଅଢ଼େଇ ନିଏ ଦଇତାପତି ଓ ମହାପାତ୍ରର ରେରେକାର ଆକଟ। ଘୁ ଘୁ ବହୁଥାଏ ପବନ। ଘୋ ଘୋ ବର୍ଷୁଥାଏ ସମୁଦ୍ର। ଢୁ ଢା ପିଟୁଥାଏ ବର୍ଷା। ହୁ ହୁ ବତାସରେ ଉଡୁଥାଏ ନେତ। ଗରୁଡ଼ ପଛରେ ଠିଆ ଦାସିଆ ବାଉରୀ ଆଖିରୁ ଗଳଗଳ ହେଇ ବର୍ଷୁଥାଏ ଲୁହ ଓ ତେଣେ ସଭିଙ୍କ ଅଗୋଚରରେ ଘଟୁଥାଏ 'ଶବ୍ଦର ଉତ୍ତରଣ'।

ସେତେବେଳକୁ ବଳରାମ ଦାସ ସନ୍ଥ ହେଇ ସାରିଥାଏ। ଶବ୍ଦ ସବୁ ରୂପାନ୍ତରିତ ହେଇ ସାରିଥାଏ ନାଦରେ। ଶବ୍ଦକୁ ନାଦ କରି ଉଚ୍ଚାରିତ ହେଉଥାଏ କବିତାର ବୀଜମନ୍ତ୍ର। ସେତେବେଳକୁ କାକର ବିନ୍ଦୁ ମୁକ୍ତା ପାଲଟି ସାରିଥାଏ। ସଅଁବାଳୁଆର ପିଉପା ଫଟେଇ ମୁକୁଳି ସାରିଥାଏ ପ୍ରଜାପତି। ଦିଗେ ଦିଗେ ଫୁଟୁଥାଏ ଫୁଲର ପଟୁଆର ଯେବେ 'ମୁଁ' ଆଉ ମୁଁ ହେଇ ନ ଥାଏ। ମଣିଷ... ଆଉ ମଣିଷ ହେଇ ନ ଥାଏ। ସଂଘମିତ୍ରା ବି ନାରୀଟେର ପରିଚୟ ଭିତରେ ହେଇ ରହି ନ ଥାଏ ସଙ୍କୁଚିତ। 'ସେ' ବି 'ସେ' ହେଇ ରହି ନ ଥାଏ। ଏବେ 'ସେ' – 'ମୁଁ' ଆଉ 'ମୁଁ' – 'ସେ' ରେ ବିଲୀନ' (ମୋର କିଛି କଥା, ଶବ୍ଦ ଉତ୍ତରଣ-୧୨) ହୋଇସାରିଥାଏ।

ପହଣ୍ଡିର ଆୟୋଜନ ବେଳକୁ କାହ୍ନୁ ପାଲଟିଯାଇଥାଏ ଜଗା। ଶବ୍ଦର ଉତ୍ତରଣ କାଳକୁ ସଂଘମିତ୍ରା ବି ରୂପାନ୍ତରିତ ହେଇ ସାରିଥାଏ କବିରେ। 'ମୁଁ'ଟି ଏକାତ୍ମ ହେଇ ସାରିଥାଏ 'ସେ' ଓ ସେମାନଙ୍କ ଭିତରେ। ବ୍ୟକ୍ତିସତ୍ତାଟି ରୂପାନ୍ତରିତ ହେଇ ସାରିଥାଏ ଏକ ସାମାଜିକ ସତ୍ତାରେ ଯେତେବେଳେ, ସେତେବେଳେ କବିତ୍ୱର ଉତ୍କ୍ରମଣ ଘଟେ। ମୁଁ ର କଥା ମାନବ ଭିତରେ ଦିଶେ ତେଣେ ସେମାନଙ୍କର ମୁହଁ ଯଦି ମଦନ ମୋହନଙ୍କ ଚଳନ୍ତି ପ୍ରତିମାରେ ବିଦ୍ୟମାନ ଥାଏ ଦାରୁବ୍ରହ୍ମ ଚିଦାଭାସ। ସେତେବେଳକୁ 'ବ୍ୟକ୍ତି'ର ଚଳନ୍ତି ପ୍ରତିମାରେ

ବିଜେ କରିଥାଏ ଜାତିର ଆତ୍ମା। ମୁଁଟି ଭିତରେ ବିଳପିତ ହେଉଥାଏ ସେମାନଙ୍କ ଛାତିର ପୀଡ଼ା। କୋଟି ମଣିଷର ଆରତି ଆଉଟି ଦେଇ ଶବ୍ଦରେ ସଜା ହୁଏ କବିତାର ମେଢ଼।

ପହଣ୍ଡିର 'ଯବକାଚ' ଭିତରେ ତେବେ ଚାଲନ୍ତୁ ଦେଖିବା ଆଜିର ନାରୀକୁ ଓ ତମାମ ନାରୀ ଜାତିଟିକୁ। 'ଶବ୍ଦ ଉତ୍ତରଣ'ର ପୃଷ୍ଠାରେ ଖୋଜିବା ଗୋଟେ ବିବଶ ନାରୀପଣକୁ। କଂସର କାରାଗାର ଭିତରେ ପରିଚୟ ଖୋଜୁଥିବାବେଳେ ବିକଳ ଦେବକୀର ଦୁଃଖକୁ ଖୋଜିବା। ସାଉଁଟିବା ସମୟରେ ସୁଅରେ ହଜେଇ ହଜେଇ ଦେଇଥିବା ତାଙ୍କ ଟୁକୁଡ଼ା ଟୁକୁଡ଼ା ସ୍ୱପ୍ନକୁ। ଦିଶିଯିବ ସେଇଠୁ ନିପାରିଲା ନାରୀପଣର ଗୋଟେ ନାଚାର ମୁହଁ। ଦିଶୁଥିବ ତା' ଚାରିକଡ଼ରେ ବିଛେଇ ହେଇ ପଡ଼ିଥିବା ଅପ୍ରମିତ ଆତଙ୍କ। ଘେରି ରହିଥିବା ତାକୁ ଏକ କ୍ରୁର ବ୍ୟାଧର ବଳୟ। ଡାହାଳର ଡାଆଁଶା ଆଖି, ଯେଉଁଥିରୁ ଝରିପଡୁଥିବ ନିଆଁ। ନିସ୍ତରିବାକୁ ନ ଥିବ ସେଠି କେହି ବୋଲି କେହି। ଆଖି ବୁଜି ଦେଇ କୁଙ୍କୁରି କାଙ୍କୁରି ବସିପଡ଼ିଥିବ ଗୋଟେ କାକୁସ୍ଥ ନାରୀ।

''ଚାରିଆଡ଼େ ବହଳିଆ ଅନ୍ଧାରର ଛାଇ ଡର ଲାଗେ ଭାରି କାଳେ କୋଉ ଦୁର୍ବୃତ୍ତଟେ ଛପି ଥିବ ଗୋପନରେ ପ୍ରତୀକ୍ଷିତ ଖୁସୁଟିକୁ ଝାମ୍ପିନେବେ ପାଇଁ (୧୫)।'' ନିରାପତ୍ତା ନ ଥିବ। ବରାଭୟା ମୁଦ୍ରାରେ ଉଭା ହେଉ ନ ଥିବେ ଈଶ୍ୱର। ନିର୍ଭୟ ଓ ସ୍ୱଚ୍ଛଳ ଜୀବନଟେ ବଞ୍ଚିବାର ଅବକାଶ ନ ଥିବ। ପାଦେ ପାଦେ ଭୟ ଆଉ ବିପଦ। ସଂପର୍କ ନ ଥିବ କି ସମ୍ପର୍କୀୟ। ସମାଜ ନ ଥିବ କି ଅନୁଶାସନ। ତୁଟି ଯାଉଥିବ ଆସ୍ଥା। ଭାଙ୍ଗିପଡ଼ିଥିବ ବିଶ୍ୱାସ। ଆଶା ନ ଥିବ କି ଭରସା ଯେତେବେଳେ, ସେତେବେଳେ କାତର ନାରୀଟି ପାଇଁ ଆଦୌ ନ ଥିବ ଆଶ୍ୱସ୍ତି ଏତେ ଟିକିଏ ବି। ଅସ୍ୱସ୍ତିକର ମନେ ହେଉଥିବ ଜୀବନ। ଅବରୁଦ୍ଧ ହେଇ ସାରିଥିବା ବାତାୟନ। ଅବିଶ୍ୱାସର ହଳାହଳମୟ ବେଷ୍ଟନୀରେ ଭାରାକ୍ରାନ୍ତ ମନେ ହେଉଥିବ ବାତାବରଣ।

''ପ୍ରତ୍ୟୟ ଛାଇରେ ଏଠି ଅବିଶ୍ୱାସ ଛକା-ପଞ୍ଝା ଖେଳେ ନିଜକୁ ବୁଝିନି ଯିଏ ଅନ୍ୟକୁ ବା କ'ଣ ବୁଝିପାରେ (୨୬)?'' ସଂପର୍କ ହେଉଥାଏ ଅବୁଝା। ମଣିଷ ପାଲଟୁଥାଏ ହିଂସ୍ର ଆଉ ଉଗ୍ର। ବିପନ୍ନ ମନେ ହୁଏ ଜୀବନ। ଛାତିରୁ ଉଠୁଥିବ ହାବୁକା ହାବୁକା କୋହ। ଝରି ଯାଉଥିବା ଅସରା ଅସରା ହେଇ ଆଖି କୋଣରୁ ଲୁହର ଶ୍ରାବଣ। ଆଶ୍ରୟ ଖୋଜୁଥିବ ସାହାଡ଼ ସୁନ୍ଦରୀ। ବେଙ୍ଗର ଖୋଳପା ଭିତରେ ଆତ୍ମଗୋପନ କରୁଥିବ ବେଙ୍ଗବତୀ କନ୍ୟା। ବଞ୍ଚିବାକୁ ମନ ବଳୁ ନ ଥିବ। ମରିବାକୁ ବାଟ ବି ନ ଥିବ। ମରଣକୁ ବଳି ପଡୁଥିବ ଘୋଷରା ଘସରା ଜୀବନର ଅଭାବନୀୟ ଦୁଃଖ। ମରି ଯାଉଥିବ ସ୍ୱପ୍ନ। ମଉଳି ଯାଉଥିବ ଆଶା। ହାରି ଯାଉଥିବ ନାରୀ।

''ଅନ୍ତରଙ୍ଗ ସଂପର୍କଟେ ମରି ଶୋଇଥିବ ନିଗିଡ଼ା ବିଶ୍ୱାସ ଦେଇ ହାରିକି ସାଉଁଟୁଥିବ ଆଜୀବନ ଲୁହ, ତଥାପି ବି ପାଶେ ଥିବ ଶେଷ ଅନୁରାଗଟିର ଯେତେକ ସମ୍ମୋହ (୮୧)।'' ନିଗିଡ଼ି ସାରିଥିବ ଆଖିରୁ ସବୁତକ ଲୁହ। ଶୁଖି ଶୁଖି ସାଙ୍କୁଡ଼ି ଯାଇଥିବ ଛାତି ଭିତରର କଳିଜା। ସୁକୁ ସୁକୁ ହେଉଥିବ ପ୍ରାଣ। କୁଟୁକୁଟୁ କରି ଝୁଣି ହେଇଯାଉଥିବ ହାଡ଼ ଓ ମାଉଁସ। ଅଥଚ ଦିକି ଦିକି ହୋଇ କୋଉଠି ଅତଳ ତଳ ଆତ୍ମା ଅଳିନ୍ଦ ଭିତରେ ଜଳୁଥିବ ବକଟେ ପାଉଁଶ ତଳର ନିଆଁ। ପାପୁଲିଏ ଅନୁରାଗ ଓ ଆଞ୍ଜୁଳିଏ ସରାଗକୁ ଦୀପର ସଳିତା କରି ଧପଧପ ହେଉଥିବ ପ୍ରାଣର ପ୍ରଦୀପ। ବଞ୍ଚିରହିବା ସେହି ଇଚ୍ଛାକୁ ସମ୍ଭଳ କରି ଛଟପଟ ହଉଥିବ ମନ। ସମୟର ସୁଅରେ ହଜି ଯାଇଥିବା ଚପଳ ଅତୀତଟି ପାଶୋର ହେଉ ନ ଥିବ। ହାକୁ ହାକୁ ହେଇ ହାବୁକି ଉଠୁଥିବ ହଜିଲା ଓରିମାନ।

''ପଦେ ପଦେ ମିଠା କଥା ଆଞ୍ଜୁଳାଏ ଆତ୍ମୀୟତା ବେଶ୍ ଆଉ କିଛି ଚାହେଁ ନାହିଁ ଏତକ ଯଥେଷ୍ଟ ତାର ବଞ୍ଚି ଯିବା ପାଇଁ (୩୦)।'' ହଜିଲା ଧନ କି ଖୋଜିଲେ ମିଳେ ଆଉ ଥରେ? ହରିଣ ନ ଦିଏ ଧରା, ଦଉଡ଼ ନା ବଡ଼ ଖରା। ଟାଇଁ ଟାଇଁ ପିଟୁଥାଏ ଖରାତାତିର ଝାଞ୍ଜି ପବନ। ଘାଇଁ ଘାଇଁ ଘୁରୁଥାଏ ବିଞ୍ଝୁଣି ନଦୀ! ସାଇଁ ସାଇଁ ଉଡୁଥାଏ ଖପରା କାତି। ପାଇଁ ପାଇଁ କରି ଛୁଟୁଥାଏ ମହାକାଳର ଗତି। ସତ ହଉ ନ ଥାଏ ସପନ। ଗତ ହେଉ ନ ଥାଏ ଦୁଃଖର। ହଟୁ ନ ଥାଏ ଅନ୍ଧାର। ଫିଟୁ ନ ଥାଏ ପିଞ୍ଜରା। ଫୁକିଆ ତାରାକୁ ରା ରା କରି ଖତେଇ ହଉଥାଏ ଡାମରା କାଉ। ଗମ୍ଭୀରା ଘରଟି ଭିତରେ ତଥାପି ସକୋଉଥାଏ ନିର୍ମାଖୀ କଞ୍ଚନବତୀ। ଧପ ଧପ ଜଳୁଥାଏ ଦାବାଦଗ୍ନି। ଟପ ଟପ ଖସି ପଡୁଥାଏ ଛାତିରୁ ଅତଡ଼ା ଖସିଲା ମାରେ ସେ କୁଆ ପଥର। ଡେଣା ଝାଡ଼ି ଝାଡ଼ି ମୁହଁ ଅନ୍ଧାରରେ ଉଡ଼ିଗଲେ ଗେଣ୍ଡାଳିଆ ଦଳ। ଝାଡ଼ିଝୁଡ଼ି ହେଇ ସର୍ ସର୍ ଖସିପଡ଼ିଲା କେଇଟା ପର। ରଜା ଝିଅ ବାହୁନିଲା ଦେଖି ବୁଢ଼ାବର...

''ମନକୁ କନ୍ଦାଏ ଆଉ ଆତ୍ମାକୁ ଜଳାଏ ଜୀବନର ଜତୁଗୃହେ ଜଳିବାର କି ଅଦ୍ଭୁତ ନିଶା ଜାଣି ଜାଣି ମରିବାର ଦୁର୍ବାର ପିପାସା (୨୦)।'' ଜଳିବା ଓ ଜଳିଯିବା ଛଡ଼ା ଆଉ ଗତ୍ୟନ୍ତର ନ ଥାଏ। ନାଚାର ନାରୀପଣକୁ ନ ଥାଏ ସାହାରା ବୋଲି ଜଳୁଥାଏ ସଞ୍ଜ ସଳିତା ପରି ନିରାଡ଼ାଳ। ତେଣିକି ଝିଅକୁ ଲୁହ କୁହ କି ଦିହ କୁହ ଫରକ ନ ଥାଏ କିଛି। ନାରୀକୁ ନରକର ଦ୍ୱାର ଅବା ନାଆ କି ନୌକା କୁହ ସେଥିରେ କସୁର ନାହିଁ କିଛି ଲୁହ ହେଇ ଝରିଯିବା ହିଁ ତା'ର ନିୟତି। ଘିଅ ହେଇ ଦହନରେ ଧୂଆଁ ହେଇ ଯିବାଟା ତା'ର ଭାଗ୍ୟ। ଦିହର ଦାହରେ କୁହୁଳି ମରି ଯିବାଟା ହିଁ ତା'ର ପ୍ରାରବ୍ଧ। ନୈବେଦ୍ୟ ହେଇ ଯିବ ନାରୀ। ନିଃସ୍ୱ ହେଇଯିବ ନାରୀପଣ। ଅସହ୍ୟ ହେଉଥିବ କଟାଳ। ଦୁଃଖ ହେଉଥିବ ବିକଟାଳ। ଟଳମଳ ହେଉଥିବ ନାଆ। ସୁଲୁସୁଲୁ ବହୁଥିବ ବାଆ ଓ ତାଳ ବାହୁଙ୍ଗାର ଆଶ୍ରୟରେ ଝୁଲୁଥିବା ବାଇଚଢ଼େଇର ବସା।

ଓଠ ଥରେଇ ଛାତି ଥରେଇ ଦିନେ ପହଁରି ଆସିବ ଛାଏଁ ଏମିତି

ଗୋଟେ ସ୍ୱାଭାବିକ ପ୍ରଶ୍ନ ହୁଏତ- ''କାହିଁକି ଦେଲ କୁହ କାନ୍ଦିବାର ଅଗଣିତ ରାତି/ ଦେଇଗଲା ବଢ଼ି ଭୋରୁ ଫୁଲି ଫୁଲି ବହୁତବାର ଯେତେକ ହତୋଂସ୍ମି (୫୧)।'' ପ୍ରଶ୍ନ ନ ଉଠିଲା ଯାଏ ନିସ୍ତରଙ୍ଗ ଥାଏ ସମୁଦ୍ର। ଅଳସ ନ ଭାଙ୍ଗିଲା ଯାଏ ଦାଉ ସାଧୁଥାଏ ନିଦ। ଶବ୍ଦର ଉତ୍ତରଣ ନ ହେଲା ଯାକେ ଯାକିଯୁକି ଶୋଇଥାଏ ନାଦ। ଥରେ ଚେଇଁ ଉଠିଲେ ହିଁ ନିଦ ଭାଙ୍ଗେ। ନାଦର ଘୁମୁଘୁମୁ ଝାଞ୍ଜି ମାଡ଼ରେ ତରାସି ଉଠେ ସକାଳ। ଭିଁ ଫାଇ ଦେଇ ଫିଟି ପଡ଼େ ପ୍ରାଣର କୁହାନାଳ। ହଟୁଣେଇ ଉଠେ ମେରୁହାଡ଼। ଭିତରେ ଭିତରେ ଭିଡ଼ି ମୋଡ଼ି ହୁଏ ଜଣା ନାହିଁ କୋଉ ଛଟକରେ ଗୋଟେ ଦୃପ୍ତ ନାରାୟଣ ସେଇଠୁ ! ସେଇଠୁ ଦିଶିବ ଗୋଟେ ଫର୍ଚ୍ଚା ଆକାଶ ଓ ..।

''ମୁକୁଳା ଆକାଶ ପରେ/ ବଉଦ ବନ୍ଧନୀ ଡେଇଁ ସ୍ୱର୍ଗ-ନର୍କ ଅମରାବତୀକୁ ସୂକ୍ଷ୍ମ ଏକ ରାସ୍ତାଟେ ଦିଶିବ (୯୧)।'' ହୁଏ ନାହିଁ କି ଇମିତି ? ଖୋଜିଲେ ମିଳେ ନାହିଁ କି ଦିଗ ? ଲୋଡ଼ିଲେ ଦିଶିଯାଏ ନାହିଁ କି ଗୋଟେ ସଳଖ ସୁନ୍ଦର ବାଟ ? ପହଣ୍ଡି ସୁମରି ରାହା ଖୋଜିଲେ ଅନହୂତି ହୁଡ଼ା ହୁଏ ନାହିଁ କି ଝାଞ୍ଜିପିଟା ମଠ ? ଟିକିଏ ଭିଡ଼ି ମୋଡ଼ି ହେଲେ ଫାଟିଯାଏନା କି ସାପର କାତି ? ପାଣିରେ ଡେଇଁ ଡେଇଁ ଗାଡ଼ିଆ ଧାର ପାଖରେ ପହଞ୍ଚିଯାଏନା କି ଖପରା କାତି ? ଅକସ୍ମାତ୍ କାହୁଁ ଗୋଟେ ଉଡ଼ି ଆସି ଲାଞ୍ଜ ପିଟେନା କି କଜଳପାତି ? ପିଠିରେ ପହ୍ଲାଣ ପକେଇ ଓହ୍ଲେଇ ଆସେନା କି ସରଗ ମୂଳକରୁ ଐରାବତ ହାତୀ ? ହୁଏ, ଏମିତି ବୋଲି ତ ବଦଳି ଯାଏ ନଈର ଧାରା ! ବଦଳି ଯାଏ ପଉଶ ତିଥିରେ ଗଛର ଚେହେରା ! ଅଳସ ଭାଙ୍ଗି ଦିନେ ପୁଣି ଥରେ ଚେଇଁ ଉଠେ ଅହଲ୍ୟା। ହଟିଯାଏ ଅଥର୍ବତା ! କଟିଯାଏ ଥବିରତା ! ଫିଟିଯାଏ ଦ୍ରୌପଦୀର ବେଣୀ ଓ

ଓ.... ମୁହଁ ଖୋଲେ ଇତିହାସ !'' ନା ଆଉ ନୁହେଁ, ବହୁତ ହେଲା ଏଣିକି ଅଜଗର ମୁଖା ଚିରି ଉତ୍ତପ୍ତ ଗରଳ ଭିତରୁ ଖୋଜିବାକୁ ହେବ କିନ୍ତୁ ଟୋପାଏ ଅମୃତ (୧୦୨)।'' ଉଜାଗର ହେବ ନାରୀପଣ ପରାଜିତ ହବ ଅରଣ୍ୟର ଅଜଗର। ସବୁ ପ୍ରଶ୍ନକୁ ମିଳିଯିବ ନିଧାର୍ଯ୍ୟ ଉତ୍ତର। ଆତ୍ମମନସ୍କ ହେବ ନାରୀ। ଜୀବନ ବଞ୍ଚିବା ସହିତ ଅସ୍ମିତାର ଅମିତ ଇଲାକାକୁ ବି ଚିହ୍ନଟ କରିବ। ଯୋଡ଼ାଯୋଡ଼ି କରି ଦେଖିବ ସମ୍ମାନ ଓ ମର୍ଯ୍ୟାଦର ସୂତ୍ର। ପ୍ରଶ୍ନୋତ୍ତରୀର ପହଣ୍ଡିକୁ ପ୍ରାପ୍ତ ହେବ ଆଉ ଗୋଟେ ପାହାଚ। ପାହାଚ ପାହାଚ ହେଇ ବାଇଶି ପାହାଚ ଓ ପାହୁଣ୍ଡ ପାହୁଣ୍ଡ କରି ଆଗକୁ ବଢୁଥିବ ପହଣ୍ଡିର କ୍ରମରକ୍ଷା କରି ନୀତିକାନ୍ତିର ସେ ଗୁଣ୍ଡିଚା ଯାତ ବାହୁଡ଼ାକୁ ବେଳ ନ ଥିବ। ସେଇଠୁ ?

ତିନି:

ଦୋହରା ପହଣ୍ଡିରେ ଢଳୁଥିବ
କେତକୀ ଚାହିଆ: 'ଫର୍ଦ୍ଦେ କବିତାରେ
ପୃଥିବୀ' ଆଉ ପିଣ୍ଡରେ ବ୍ରହ୍ମାଣ୍ଡର ଦୃଶ୍ୟ
ଦେଖି, ମୁଣ୍ଡରେ ହାତ ଦେଇ ଦାଣ୍ଡରେ
ବସିଥିବେ ମାଉସୀ ମା....

ପଛକୁ ଫେରେ ନାହିଁ ରୁକୁଣା ରଥ। ପଛକୁ ଫେରେନା ଆଗକୁ ବଢ଼ିଥିବା ପାହୁଣ୍ଡ। ଯଦିଓ ଫେରିଯାଏ କେଇ ପାଦ ପଛକୁ ରାଣ ଖାଇଲା ପରି ସମୁଦ୍ର ଜୁଆର। ଯଦିଚ ନୀଡ଼କୁ ଫେରିଯାଏ ଚଢ଼େଇ କ୍ଲାନ୍ତ ଡେଣା ଧରି। ପହଣ୍ଡି କିନ୍ତୁ ଉଜାଡ଼ି ଆଉ ଥରେ ହଟିଯାଏନା ବଡ଼ଦାଣ୍ଡକୁ ମୁହଁ ଫେରେଇ। ବନ୍ଦ ପଡ଼ିଯାଏ କବାଟ। କିଳି ହେଇଯାଏ କଳାହାଟର ଗୁମୁଟ। ବାଇଆ ହାତୀ ଝୁଲୁଥାଏ କିଆକନ୍ଦା ଖାଇ। ମାଉସୀ ମା' ଡାକୁଥାଏ ହାତ ଠାରି। ଝରି ପଡୁଥାଏ ଚାହିଆରୁ ଦୟଣା ଫୁଲ। ଅପଲକ ନୟନରେ ବାଟ ଚାହିଁ ବସିଥାଏ ଶରଧା ବାଲି। ସମୟର ଚୋରାବାଲିରେ ଠପ୍ ଠପ୍ ଗଳି ପଡୁଥାଏ ତିଥି ବାର ଦଣ୍ଡ ଲିତା ବିଲିତାର ପରମାୟୁ। କବିତାର ଫର୍ଦ୍ଦରେ ଝରି ଯାଉଥାଏ ଶବ୍ଦର ଗଙ୍ଗଶିଉଳି ଫୁଲ। ବାଙ୍କ ମୁହାଁଣରେ ବାଲିରଥକୁ ହାତ ଯୋଡ଼ି ଆଖିରୁ ଲୁହ ଝରଉଥାଏ ମତ୍ତ ବଳରାମ ଦାସ। ପାଖରେ କି ଉହାଡ଼ରେ ଜଣା ନାହିଁ କୋଉଠି ଗୁମୁରୁଥାଏ ଏକଲା କପୋତ। ଲେଖନୀ ସଳଖ କରି ବସିରହିଥାଏ ଆଉ ଜଣେ କିଏ, ନାଁ ତାର ସଂଘମିତ୍ରା ଭଞ୍ଜ।

ଗୁଣୁଗୁଣୁ ହେଉଥାଏ ଭଅଁର। ରୁଣୁଝୁଣୁ ହେଉଥାଏ ମାହାରୀ ପାଦର ନୁପୂର। ଚହଟି ଯାଉଥାଏ କସ୍ତୁରୀ ଧୂପର ବାସ। ନେସି ହେଇ ଯାଉଥାଏ ଶାଖାରେ ଶାଖାରେ ଆମ୍ବ ବଉଳ। ତରାସି ଯାଉଥାଏ ପରସ୍ତ ପରସ୍ତ ସପନ। ଖୋଲି ଯାଉଥାଏ କବିର ନିମୀଳିତ ନୟନ। ଉକୁଟି ଉଠୁଥାଏ ଦୃଶ୍ୟ ପରେ ଦୃଶ୍ୟ ଅନେକ। ବିସ୍ତରି ଯାଉଥାଏ ଦିଗ୍‌ବଳୟ। ବିଳପି ଉଡୁଥାଏ କାପ୍ତା। ଫିଟି ପଡୁଥାଏ ଅତୀତ - ''ଦେଖିବାକୁ ଅଛି କେତେ କଥା ଆମ୍ବ ବଉଳ ନେସା ତୋଟା କଣ୍ଢେଇ କଇଁଚ କୋଳି କୁଆର ପୁନେଇ ରାତି ଅଶିଣ ପୁଷ ପାହାନ୍ତି (ଫର୍ଦ୍ଦେ କବିତାରେ ପୃଥିବୀ- ୯)।'' ପାହାନ୍ତି ପହରରେ ମିଟି ମିଟି କରୁଥାଏ ଫୁକିଆ ତାରା। ଝିଟିପିଟି କହୁଥାଏ ଲାଞ୍ଜ ପିଟି ପିଟି ସତ୍ ସତ୍ ସତ୍ !

ମିଛ ନୁହେଁ କବିତା କି ଖାଲି କଳ୍ପନା ନୁହେଁ କଳା। କଳାକୁ କଳ୍ପନା ହୁଏ ସହୋଦରୀ ଭାବ। ନାଦ ହୁଏ ଭାବ ଓ ଶବ୍ଦକୁ ସୌଦା କରି ଅଝାଳ ମେଲିଦିଏ ଭାବର ବଣିକ। ଭୋଗିଲା ଜୀବନ ଓ ଅନୁଭବକୁ ନେଇ ସଜିଲା ହୁଏ କବିତାର ଝୀନ ପାଟଶାଢ଼ି। ଟିପିଟିପି ଦୁଃଖ ଓ ଝିପି ଅନ୍ଧାରକୁ ମାଠିମୁଠି ଗଢ଼ାହୁଏ କୁମ୍ଭପକା ଧଡ଼ି। ଚିପୁଡ଼ା ଛାତିର ବ୍ୟଥା ଓ ନିଗିଡ଼ା ଲୁହକୁ ନେଇ ତଇରି ହୁଏ ପଶାପାଲି ପଣତ। କବିତା ପୋତ ହେଲେ ଶବ୍ଦ ପାଲଟେ କାତ। ସ୍ରୋତକୁ ସାମ୍ନା କରି ଆହୁଲା ମାରେ ଯିଏ, ସିଏ ନାଉରୀ ଯଦି କବି ହୁଏ ସେଇଠି କାଣ୍ଡାରୀ। ଜୀବନରେ ପରିଧାରେ ଦିଗ ଖୋଜେ ବିଚରା ପଝାରି। ''ଏଥର ଖୋଜିବା ଅପେକ୍ଷା କରିବା ଏ କୃଷ୍ଣପକ୍ଷରୁ ସେ

ଶୁକ୍ଳପକ୍ଷ ଯାଏ ଏ ସନ ଗ୍ରୀଷ୍ମରୁ ଆଗାମୀ ବସନ୍ତ ଯାଏ ତା'ପରେ ବି ଅସଂଖ୍ୟ କାଳ ଯାଏ (୧୬)।''

ସୁମାରି କରି ହୁଏନା ଜୀବନର ଲମ୍ବା ଇତିହାସ। ଅତୀତ ସୁମରି କହି ହୁଏ ନାହିଁ ସବୁ ପୀଡ଼ାର କଥନିକା। ଘୋଡ଼ା ଚଢ଼ା ହେଇ ଯାଉଥିବା ଗଣ୍ଡିମାନଙ୍କ ପାଖରେ ହିଁ ଅଟକିଯାଏ ଶବ୍ଦ। ପବ ପବ ବାଉଁଶର ଗଣ୍ଠି ପାଖରେ ଖୁନ୍ଦି ହେଇଥାଏ ସବୁତକ ଜଖମ। ବିଣ୍ଡି ବାନ୍ଧିଥିବା ଜଖମଟା ଭିତରେ ଥମ୍‌ଥମ୍ ହେଉଥାଏ ଶୁଖିଯାଇଥିବା କ୍ଷତ। କ୍ଷତକୁ ଭରିଦିଏ ସିନା ସମୟ କିନ୍ତୁ ବିଣ୍ଡି ଓ ପିଠିର ଗଇଁରେ, ଜୀବନର କରାଟରେ ଅଭୁଲା ସେ ଯାତନା ସାଇତା ହେଇ ରହେ - ଫରୁଆ ଭିତରେ ଭଅଁର ପରିକା। ରୁଗୁ ରୁଗୁ ସେ ପୀଡ଼ାମାନଙ୍କୁ ଆଉଁଶି ଦେଲେ ଶବ୍ଦ ହୁଏ କବିତା ତଥାପି ପଡ଼େ ସେଇଠୁ ବୁନ୍ଦା ବୁନ୍ଦା ହେଇ ଦରଜର ବ୍ୟଥା ''ଜୀବନ ଅଲୁଗୁଣିରୁ/ ଅଭାବର ଚିଠା/ ଠିକ୍ ଗୋଟେ ଡାୟରିସିସ୍ ରୋଗୀ ପରି/ କେବେ ତାଜା କେବେ ପୁରା ଶେଥା (୧୦)।''

ଦୁଃଖ ଥିଲା ଓ ରହିବ। ଦୁଃଖକୁ ଗଣ୍ଠୁଳି କରି ମଣିଷକୁ ବାଟ ଚାଲିବାକୁ ହବ। ମଣିଷ ଈଶ୍ୱର ନୁହେଁ କି ଅତିମାନବ କି ନୁହେଁ ଯେଣୁ ରହିବ ତା'ର କାମନା ବାସନା! ଯୋଉଠି କାମନା ଠିକ୍ ସେଇଠି ବି ଟକେଇଥାଏ ଦୁଃଖ। ଦୁଃଖ ମାନବର ସମଷ୍ଟି ହୁଏତ ଜୀବନ। ସେଥିରେ ହାରାହାରି ସୁଖର ଫଳାଫଳ ଅନିଶ୍ଚିତ। ନିସ୍ତାର ନାହିଁ ମଣିଷକୁ। ସୁଖ ଗୋଟେ ସପନ। ତଥାପି ମଣିଷ ଧାଏଁ ସେ ସପନ ପଛରେ। ସପନକୁ ରାତି ହୁଏ ନିଅଣ୍ଟ ଓ ସକାଳୁ ଆଉ ଧରା ଦିଏ ନାହିଁ ନିଦ। ଆଲୁଅରେ ଖତେଇ ହୁଏ ଦୁଃଖ ଓ ଆଗେ ଆଗେ ଘଣ୍ଟ ପିଟି ପିଟି ଧପାଲୁ ଥାଏ ସୁଖର ଘଣ୍ଟପାଟୁଆ।

''କୋଳରୁ କୋକେଇ ଯାଏ ମିଠେଇଠୁ ପ୍ରେମ ଯାଏ/ ତୃଷ୍ଣା ଖାଲି ତୃଷ୍ଣା/ ଆମେ ସବୁ ଖୋଜୁଚେ ଜିଇଁବାର/ ଅର୍ଥ... ପରିଭାଷା (୨୩)।'' ଆଶା ହେଉ କି କାମନା ସବୁ ହୁଏ ମୃଗ ତୃଷ୍ଣା। ହାତକୁ ଆସେ ଓ ପୁଣି ଖସିଯାଏ କୋଉ ଛଟକରେ। ଧରିବାକୁ ଚାହିଁଲେ ଧରା ଦିଏ ନା। ତଥାପି ମରୁ ନ ଥାଏ ଶୋଷ। ବୋଲ ମାନୁ ନ ଥାଏ ମନ। ଥୟ ଧରି ରହି ପାରୁ ନ ଥାଏ ବୋଲି ଦେଖୁଥାଏ ସପନ। ବୋଧ ଦେଉଥାଏ ନିଜକୁ ନିଜେ। ମରୁ ନ ଥାଏ ଆଶା। ସରୁ ନ ଥାଏ ବାଟ। ଅଭାବ, କଷଣ, ଦୁଃଖ ଯାତନା ଅବସୋସର ତାଲିକା ଲମ୍ବୁଥାଏ। ମରିବାକୁ ଚାହିଁଲେ ନା ମରିପାରୁ ଥାଏ ନା ଜିଇଁବାକୁ ସହ କରି ବଞ୍ଚି ହଉଥାଏ ସୁଖରେ? ମରି ମରି ଜିଇଁବା ଆଉ ବଞ୍ଚିବାର ବାହାନାରେ ଖାଲି ବାଟ ଚାଲିବା ହୁଏ ସାର।

''ବୋକ୍‌ଚା ବୋହି ଖଣ୍ଡା-ଝଞ୍ଜା- ଟପି ମଲା ଶବ ପରି ପଚା-ସଢ଼ା ଅବୁଝା ଜୀବନ ତା'ରି ଭିତରେ ବୁଝା ଖାଲି ନୀଳ ଲଫାପାଟେ ଆଉ ତା'ର ସଜଡ଼ା ଅକ୍ଷର (୪୫)।'' ଗଣ୍ଠୁଳିରେ ଗଣ୍ଠୁଳିଏ ଦୁଃଖ! ପେଡ଼ି ଭିତରେ ପେଟରାଏ ପୀଡ଼ା। ବୋକଚାରେ ବୋକଚାଏ ହତାଶା। ଦେହ ହାତରେ ଅନେକ କ୍ଷତର ବିଣ୍ଡି। ପିଠି ପଟେ ବେକ ମୂଳେ ଆବୁ ଆବୁକା ଗଇଁ? ନଇଁ ପଡୁଥାଏ ମେରୁହାଡ଼। ଦୁହିଁ ହେଇ ଯାଉଥାଏ ବେଏଁଶିରା। ଝୁଣି ହେଉ ଯାଉଥାଏ ପୁଳାପୁଳା ମାଉଁସ। ବୋଲ ମାନୁ ନ ଥାଏ ଅବୋଲକରା। କାଖରେ ଜାକି ଧରିଥାଏ ଛତା ଓ ବୋକଚାରେ କୋଚଟିଆ କମ୍ବଳ। ଚାଲି ଫୁଟିଯାଇଥାଏ ପାଦ ଓ ଟଳମଳ ହେଇ ଚାଲୁଥାଏ ବାଟ। ଥକି ପଡ଼ିଲେ ମୁଣ୍ଡ ଗୁଞ୍ଜିବାକୁ ଟାପରା କରେ ଫୁଟା ଚାଳର ଛପର। ସିଏ କୋଉ ଘର ନା ସେ କୋଉ ଜୀବନରେ ଜୀବନ?

''ଚାରିକାନ୍ଥର ବେଷ୍ଟନୀ ଆଗରେ ଝୁଲୁଥିବ କଳଙ୍କି ଲଗା କୋଳପ/ ଯା'ର ଚାବି ହଜିଛି କେବେଠୁ ଘାସ-କାଠି-କୁଟା ଭିତରେ ଫାଙ୍କ ଟିକେ ନାଇଁ ଧାପେ ଆଲୁଅ ନାଇଁ (୬୪)।'' ଅନ୍ଧାରୁଆ ନିବୁଜ କୋଠରୀଟା ଭିତରେ ଆଉଟୁ ପାଉଟୁ ପରମାୟୁ। ମଶା ଡାଆଁସ ଅସରପା ମୂଷା ଭଣ ଭଣ ଗୋଟେ ଗନ୍ଧିଆ ଆଇଁଷିଣା ଇଲାକା। ଇୟେ କୋଉ ଜୀବନ ନା କୋଉ ବଞ୍ଚିବାରେ ଗଣା? ନା କହି ହଉଚି ନା ସହି ବି ହେଉଚି। କୁଟୁକୁଟୁ କରି କରତି ହେଇ ଯାଉଛି କଳିଜା। ଫୁଟୁ ଫୁଟୁ କରି ଫାଟି ଯାଉଚି ମୂର୍ଚ୍ଛନା। ହୁଟୁ ହୁଟୁ କରି ହାଉଳି ଖାଉଚି ପ୍ରାଣ। ଘୁଟୁ ଘୁଟୁ କରି ଘାଉଡ଼ ହେଇ ଯାଉଚି ପିଣ୍ଡ। କୋହ ସବୁ ବିଣ୍ଡା ବିଣ୍ଡା ହେଇ ଅଟକି ଯାଉଚି ତଣ୍ଟି ପାଖରେ। ଅଣ୍ଟିରୁ ସରି ଯାଉଚି ଧନ। ମରି ମରି ଯାଉଚି ଜିଇଁବାର ସବୁ ସରାଗ।

''କଥାରେ କଥାରେ ବୁଝେଇ ହୁଏନି କାହାକୁ ଅସହାୟ ହାୟଟିର ଛାଇ ସଂପର୍କରେ ଘ ଘ ଘ କେତେ ଯେ ବେଦନା ଥଣ୍ଡା ଥଣ୍ଡା ଦୀର୍ଘଶ୍ୱାସ ତଣ୍ଟି ପାଖ ଦରଜ ଦରଜ ଶବ୍ଦ ବି ସ୍ଫୁରେନି (୫୨)।'' ଏ ଯେଉଁ ଅସହାୟପଣ, ସେସବୁକୁ କହି ହୁଅନ୍ତା ଆଉ କୋଉ ବାଗେ? ବଖାଣି ହୁଅନ୍ତା ଅବା ଦୁଃଖ ସବୁ କବିତା ବ୍ୟତିରେକ ଆଉ କୋଉ ବାହାନାରେ? ଭୋଗୁ ଥିବା ଜୀବନକୁ କହି ହୁଏନା ବୋଲି ତ କାୟା ବିସ୍ତାର କରିଥାଏ କବିତାର କଳ୍ପଲତା? ଯୁଝୁଥିବା ଜୀବନକୁ ନେଇ ଆଉ କାହା ଆଗେ ହାୟ ହା କରି ହୁଏ ନାହିଁ ଯେବେ ସେବେ ତ ଉତୁରି ଆସେ ଆନମନା ପ୍ରାଣର ଅଖଣ୍ଡ ନିରବତା! ଆତ୍ମାର ଆକୁଳତାକୁ ଆଞ୍ଜୁଳି ପାତି ଉତାରି ଉଠେ କବିତାର ଫର୍ଦ୍ଦ ଫର୍ଦ୍ଦ ସେଇ ଅର୍ଦ୍ଧେକ ବେଦନା। ଧନ୍ୟ ସେଇ ଜୀବନ, ଯାହା ଶବ୍ଦରେ ଶବ୍ଦରେ ଫୁଲ ହୋଇ ଫୁଟେ। ଦୁଃଖର ନାହୁଡ଼ ମାଡ଼ରେ କ୍ଷତ ସବୁ ଲହୁ ହେଇ ଝରେ।

''ଧନ୍ୟ ଏ ଜୀବନ ଦଉଡ଼ ମାତ୍ର ନିମିଷେକ ଧରାଶାୟୀ ସବୁ ଚୂର୍ଣ୍ଣୀଭୂତ, ଧୂଳିସାତ୍ ହେବାର ଦେଖିଚି ମହାଦ୍ରୁମ-ସ୍ତୂପ-ବସାଘର-ପ୍ରେମ ଓ ଜୀବନ ସବୁଠି ବିପର୍ଯ୍ୟୟ ନିଜକୁ ସଅଁପ (୬୨)।'' ଭାଙ୍ଗିବାର ଘଟଣା ନ ଥିଲେ ଥାଆନ୍ତା କି ଗଢ଼ିବାର ପ୍ରବଣତା? ଛିଣ୍ଡିଯିବାର ଦୁଃଖ ନ ଥିଲେ ସୃଷ୍ଟି ହୁଏ କି ଯୋଡ଼ିବାର ଆକୁଳତା? ଉଜୁଡ଼ି ଯିବାର ଡର ନ ଥିଲେ ଥାଆନ୍ତାକି ଉଜାଡ଼ି ଦେବାର ସରାଗ?

ବିଗିଡ଼ି ଯାଉଥିବା ସୂତାର ଖିଅକୁ ଆଉ ଥରେ ନିଠେଇ ନିଠେଇ ସଳଖି ଦେବାର ଆଗ୍ରହ ନ ଥିଲେ ବିତନ୍ତା କେମିତି ମଣିଷଣ ସମୟ ? ପେଟରେ ଭୋକର ନିଆଁ ଜଳୁ ନ ଥିଲେ ନା ଥାନ୍ତା ଶୋକ ନା ବଞ୍ଚିବାର ବ୍ୟାକୁଳତା ? ପେଟର ନାଟରେ ହାଟକୁ ବାଟ ଖୋଜେ ଗରାଖ। ଦାଣ୍ଡରେ ମୁଦା ବସେଇ ଦିଆସୀ ମାଙ୍କଡ଼କୁ ପ୍ରଶ୍ନ ପଚାରେ ବାଗଲା ଲୋକ ଓ ....

ଓ.... ନିଉଛୁଣା ପୋଡ଼ା ପେଟ ପାଇଁ ସିନା/ ସକାଳୁ ସଂଜ ଦି'ଘଡ଼ି ଯାଏ/ ଘାଇଲା ହେଉଥାଉ/ ନିଜ ଅବାଂଛିତ ଜନ୍ମ ପାଇଁ (୧୮)।'' କେବେ କିଏ ବାଂଛିଥାଏ କି ଏମିତି ଗୋଟେ ଜୀବନ ? କେହି କେବେ ଇଚ୍ଛାମତେ ଲୋଡ଼ିଥାଏ କି ଦୁଃଖ ଆଉ ଯାତନା ? ଭୋକକୁ ଏଡ଼ି ଦେଇ ବଞ୍ଚିପାରେ କି ମଣିଷ କଦାଚନ ? ତ ଭୋକ ଅଛି ମାନେ ତ ରହିବ ଦୁଃଖ। ପେଟଟେ ଥିଲା ଯାକେ ଯେ ଲାଗିରହିବ ହାଟର ଗହଳି ଓ ଥୈଇ ଥୈଇ ଖେମେଟା ନାଟରେ ମଣିଷ ଖାଇବ ହାଉଳି। କବିତାର ବାରୁଆଳି ମେଢ଼ ଭିତରେ ଏମନ୍ତେ ଖୋଜିବାକୁ ହବ ଜୀବନର ରହସ୍ୟ। ଖୋଜୁ ଖୋଜୁ ଦିଶିଯିବ ଦିଗ। ଦିଗକୁ ଦିକିଦିକି ବତୀଘରର ଚେନାଏ ଆଲୁଅ। ଥିବି ବି ସେଇଠି କୋଉଠି ଗୋଟେ କୂଳ କି ଉପକୂଳ ! ଥାଇପାରେ ବୋଇତକୁ ସମ୍ଭାଳି ନେଲା ଭଳି ଗୋଟିଏ ଛୋଟିଆ ପୋତାଶ୍ରୟ। ଆଶା ମିଳିଗଲେ ଆଶ୍ରୟ ଓ ବାଟ ଦିଶିଗଲେ କଅଁଳି ଉଠେ ଅବଶ୍ୟ ଏକ ଅବଧାରିତ ଉପାୟ। ସେଇଠୁ....

''ଜାକି ଜୁକି ତୁନିଥିବା ମନ/ ଧକ୍କା ଖାଇ ବାରମ୍ବାର ହାରେ/ ପୁଣି କେବେ, ଟୁକୁରା ଟୁକୁରା ହୋଇ/ କ୍ଷତ ପୋଛି, ଧୂଳି ଝାଡ଼ି ଉଠେ.... (୧୧୦)।'' ଭୟ ହଟିଯାଏ ପଛକୁ। ଦୂର ହେଇଯାଏ ଅଚାନକୁ ଏକଲାପଣ। ଛାତିରେ ଭରିଯାଏ ଆତ୍ମବିଶ୍ୱାସ। ବଞ୍ଚିବାର ସରାଗ ଟିକିଏ ପୁଣି ଜଳିଉଠେ ଲିଭିଗଲା ପାଉଁଶ ଭିତରୁ। ଘା'ରେ ବାନ୍ଧିଦିଏ ମହମର ପଟି। କ୍ଷତ ସବୁକୁ ସାଉଁଳେଇ ସାଉଁଳେଇ ଆଉଁଶି ପକେଇବାକୁ ମନ ହୁଏ। ଝାଡ଼ି ଝୁଡ଼ି ହେଇ ପୁଣି ଥରେ ଠିଆ ହୁଏ ଅଣ୍ଟା ସଳଖଇ। ଭାରାକ୍ରାନ୍ତ ମନଟା ହାଲୁକା ଲାଗେ। ଉଶ୍ୱାସରେ ନିଃଶ୍ୱାସ ମାରେ ମଣିଷ। ପଛରେ ପଡ଼ିରହେ ଗୋଟେ କାତିଲଗା ଅତୀତ। ଆଗରେ ଉଭା ହେଇଯାଏ ଗୋଟେ ମୀନାକରା ଭବିଷ୍ୟତ। କଞ୍ଚେଇ ଉଠେ ସ୍ୱପ୍ନ ଆଉଥରେ।

ତେହିଁକି ''ଏଡ଼େଇ ଦେଇ ହୁଏ ଉଦ୍‌ଗତ କୋହ କ'ଣ ଗୋଟେ ପଡ଼ିଗଲା କହି/ ପୋଛି ହୁଏ ଆଖିକୋଣ ଲୁହ (୫୯)।'' ଉପଶମ ହୁଏ କ୍ଷତ।/ ଆଶ୍ୱସ୍ତ ହୁଏ ପ୍ରାଣ। ଭାରି ହେଇଯାଏ ଯେତେ ଯେତେ ଭୋଗିଥିବା ଦାରୁଣ ଦୁଃଖ। ଜୀବନ ପ୍ରତି ଜାଗିଉଠେ ମମତା। ମରି ଯାଇଥିବା ଆଶାର ଶୁଖିଲା ଡେମ୍ଫରୁ କେନା ମାରି କଅଁଳି ଉଠେ ନବ କିଶଳୟ। ଥମି ଯାଏ ଛାତି ଭିତରର ଯାବତ ପୋଡ଼ାଜଳା। ମାଟିକୁ ଚାହେଁ ମଣିଷ। ଚାହେଁ ଆକାଶକୁ। ସବୁଠି ବିରାଜୁଥାଏ ଗୋଟେ ଫର୍ଚ୍ଚାପଣ। ଆଉ ଅନ୍ଧାର ନ ଥଣଏ କି ରାତି। ନ ଥାଏ ବାଦଲଙ୍କ ଘମାଘୋଟ ପଟୁଆର। ଦମ୍ଭିଲା ଲାଗେ ମନ। ଜୁ ମାରିଯାଇଥିବା ହାତ ଗୋଡ଼ରେ ବଳ ଆସେ। ଛାତିରେ ଭରିଯାଏ ସାହସ। ଧୀରେ ଧୀରେ ଗଛରୁ ମେଲେ ଚେର। ମାଟି ଛୁଆଁ ମାଟି ଥାଏ ଓ ମଣିଷ ଛୁଆଁ ମଣିଷ। ମଣିଷ ବି ଜାଣେ-

''ଥରେ ମାଟିଭିଡ଼ି ଦେଲେ ତେଣିକି ଭୟ ନାହିଁ/ ମାଟି ସ୍ତର ଦେଇ ଚେର-ମୂଳ/ ଖୁବ୍ ଆଶ୍ୱସ୍ତ... ଖାଲି ଯାହା/ ଫୁଲ ଫୁଟିବା ବାକି ଥାଏ (୩୭)।'' ଥରେ ମାଟିର କୋଳ ମିଳିଗଲା ପରେ ଆଉ ପରୁଆ ନ ଥାଏ। ତେଣିକି ଚେର ଭିଡ଼ିବା କଥା ଭିଡ଼ିବ। ତେଣିକି ଶାଖା ମେଲିବା କଥା ମେଲିବ। ଶାଖାରେ ଶାଖାରେ ତେଣିକି ଖୁନ୍ଦି ହେଇ ଯିବ ଫୁଲ ଫଳ। ଫଗୁଣକୁ ଆଖିଠିରିକା ମାରି ଆମ୍ବ ଗଛ ବଉଳିବା କଥା ବଉଳିବ। ସ୍ୱର୍ଗେ ଲାଗିବ ତାଳ ମଞ୍ଜୋଳିଟିବ ତେଣିକି। ସ୍ୱପ୍ନର ସବୁଜିମା ନେସି ହେଇଯିବ ପତ୍ରରେ ପତ୍ରରେ। ଅଳସ ଭାଙ୍ଗିବ ଅଭିଶପ୍ତ ବେଙ୍ଗବତୀ କନ୍ୟା। ହୁକୁହୁକୁ ଡାହୁକ ଡାକିବ ଜଜାଙ୍ଗ ବଣରେ। ଗୀତ ଗାଇବ ଶ୍ରାବଣ। ପୁଚ୍ଛ ମେଲି ନାଚିବା ଆରମ୍ଭ କରିବ ମୟୂର।

ସେତେବେଳକୁ ମୁଁ ଆଉ ମୁଁ ହେଇ ନ ଥିବି କି ତୁ ହେଉ ନ ଥିବ ଚର ତରା ଫାଟି ସାରିଥିବ ପିଉପାର ପେଟ। ଉଡ଼ି ଯାଇଥିବ ପରଜାପତି। ଆହା ନ ଥିବ ଉହୁ ନ ଥିବ। ତୁ ରୁ ତେମେ ଓ ଆମେ ସବୁ ଗଅଁଠେଇ ହେଇ ସାରିଥିବ ଏକାକାର। ଘୋ ଘୋ ରାଣୀର ଗୀତ ବୋଲୁଥିବା କୁମ୍ଭାଟୁଆ। ହୋ ହୋ ହେଇ ହସୁଥିବ ମଣିଷ ଓ ଡାକି ହକାରି କହୁଥିବ- ''ଚାଲ, ପ୍ରକୃତ ମଣିଷଣ ସ୍ୱରୂପ ଖୋଜିବା/ ଆଉ କା' ମନ ଦରଦକୁ/ ନିଜ ଭିତରେ ଭୋଗିବା/ ଟାପରା ନ କରି ବୁଝିବା-/ ତା' ଜାଗାରେ ନିଜକୁ ଥୋଇବା/ ଚାଲ ବୁଝିବା/ ଗାନ୍ଧୀଙ୍କୁ ଖୋଜିବା (୯୦-୯୧)।''

ଖୋଜିଲେ ହିଁ ମିଳେ ବୁଦ୍ଧ ଆଉ ମହାତ୍ମା। ଖୋଜୁ ଖୋଜୁ ମିଳିଯାଏ ଜୀବନର ମନ୍ତ୍ର। ମଣିଷପଣିଆର ମୂଳ ସୂତ୍ର – ପ୍ରେମ ଓ କରୁଣା। ପବନରେ ପବନରେ ତୋଳୁଥିବ ମହମହ ସୁବାସ। ଛଳଛଳ ହୋଇ ବୋହିଯାଉଥିବ ସାବରବତୀ ଆଉ ନିରଞ୍ଜନାର ପାଣି। ମିଠା ମିଠା କ୍ଷିରୀର କାଳିଟେ ଧରି ଧାଇଁ ଆସିବ ସୁଜାତା ! ପଲ୍ଲବିତ ହେଇ ଯାଇଥିବ ବୋଧିଦ୍ରୁମ। ଫିଟିଯାଇଥିବ କପଳିବସ୍ତୁରୁ କୁଶିନରା ଆଡ଼କୁ ଗୋଟେ ସିଧାସଳଖ ବାଟ। ଆଗକୁ ବଢୁଥିବ ଗୌତମ ପଛରେ ପଡ଼ିରହିବ ଗୋପା। ସାମ୍ନାରେ ସିଦ୍ଧାର୍ଥ ଓ ସିଦ୍ଧି ପଛରେ ବଲବଲ କରି ଚାହିଁ ରହିଥିବ ସଂସାର। ଆଗରେ ଲମ୍ବୁଥିବ ସ୍ୱପ୍ନ ପଛେଜେ କୁହୁଳୁ ଥିବ ସଂଶୟ। ଏ କୂଳେ କାମନାର କଦମ୍ବତୀ ଓ ସେପଟରେ ନିର୍ବାଣର କଟୁଆଳ ଥାଟ ବାଟ ଆଉ ଗୋରାହାଟ ମାଝିରେ ବହୁଥିବ ଜୀବନ ଯମୁନା ନଈ।

ଚାରି:

ବଳଗଣ୍ଡିରେ ପହଣ୍ଡି ଓ ରଥ ଯାଇ

ଶରଧା ବାଲିରେ ଯେବେ, ସେବେ କଳ୍ପବଟ
ମୂଳରେ ଖେଳୁଥିବ 'ବୋଧିଛାୟା':
ତ୍ରିକୂଟଣ୍ଟୁ ତେମୁହାଁଣି ଛକ ଯାଏ ସବୁଠି
ଖାଲି ଗୋପାର ପ୍ରାର୍ଥନା।

ପାହାଚ ପାହାଚ କରି ବାଇଶି ପାହାଚ। ସୋପାନ ସୋପାନ କରି ପ୍ରସ୍ତ ପ୍ରସ୍ତ ଜୀବନର ଉତ୍‌ଥାନ-ପତନ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯେଉଁ ରାସ୍ତା, ସେଇଠି ଜଣା ନାହିଁ କୋଉଠି ଥାଏ କଳ୍ପବଟ। କୋଉଠି ଥାଏ କଳାହାଟ ଦ୍ୱାର ଓ ରୋହିଣୀକୁଣ୍ଡ। ଶରଧାବାଲିରୁ ଆଡ଼ପ ମଣ୍ଡପ ଆଉ ଭିତିରି ଚନ୍ଦନରୁ ଚନ୍ଦନଯାତ। କେବେ ଭୁଷଣ୍ଡକାକର କାତର ଦୁଃଖକୁ ଦୋଳି ଖେଳୁଥାଏ କଳ୍ପବଟ ତ କେବେ ଯଶୋଧାରାର ଲୁହରେ ଲେଖା ହୁଏ ବୋଧିଦ୍ରୁମର ଇତିହାସ। ଫରକ ନ ଥାଏ କିଛି ଲୁମ୍ବିନୀ ଓ ବଡ଼ଦାଣ୍ଡ ଭିତରେ। ପାର୍ଥକ୍ୟ ନ ଥାଏ ବି ଯଶୋଦା ଆଉ ଯଶୋଧାରା ଭିତରେ ଯେମିତି, ସେମିତି ଗୋପୀ ଆଉ ଗୋପାର ନାମରେ ଥାଏ ବା କୋଉ ତାରତମ୍ୟ? କେବେ ଗୁଣ୍ଡିଚା ରାଣୀ ତ ପୁଣି କେବେ ଗୌତମୀଙ୍କୁ ନେଇ ଗଢ଼ାଯାଏ ସ୍ୱପ୍ନିଳ କିମ୍ବଦନ୍ତୀ! ନାମ ଓ ପରିଚୟ ବ୍ୟତିରେକ ସବୁଠି ଥାଏ କିନ୍ତୁ ଗୋଟେ ନାରୀ ପ୍ରତିମା। ସମୟ ବଦଳେ ଓ ପୁରାଣ-ଇତିହାସର ମାର୍ଗ ଦେଇ ବଦଳିଯାଏ କେତେ ନା କେତେ କିମ୍ବଦନ୍ତୀ! ଅଥଚ ହଜାର ଫେର ବଦଳ ଭିତରେ ମଣିଷ ମଣିଷ ହେଇ ରହିଥାଏ ଓ ନାରୀଟେ ରହିଥାଏ ନାରୀ ହେଇ।

ପ୍ରିୟ ନ ହେଲେ ନାରୀ ହୁଏ ପଥର ପ୍ରତିମା। ପ୍ରିୟତମର ନାଁ ତେଣିକି ଋଷି ଗୌତମ କିମ୍ବା ଶୁଦ୍ଧୋଦନଙ୍କ ପୁତ୍ର ଗୌତମ। ସେଥିରେ ପ୍ରଭେଦ ନ ଥାଏ କିଛି। ନାୟିକାର ନାମ ତେଣିକି ଅହଲ୍ୟା ହେଉ କି ଗୋପା ସେଥିରେ ବି ନ ଥାଏ କିଛି ଫରକ। ନାରୀଟି ସବୁଠି ଥାଏ - ପାର୍ଥକ୍ୟ କେବଳ ନାମ-କାଳ-ପରିସ୍ଥିତିର, ଯାହା 'ବୋଧିଛାୟା' ହେଉଛି ସଂଘମିତ୍ରା ଭଞ୍ଜଙ୍କ ସେହି ପ୍ରିୟପଣର କାବ୍ୟିକ ପରିଭାଷା। ଏକ ପ୍ରେମାର୍ତ୍ତ ନାରୀର କଥନିକା। ପ୍ରାର୍ଥିତ ହୃଦୟର ଆକୁଳତା। ଅଛି ପ୍ରତ୍ୟାଖ୍ୟାନର ପୀଡ଼ା ଓ ବଞ୍ଚିବାର ବିମର୍ଷବୋଧ। ଦୁନିଆ ବୁଝେ ନାହିଁ ଆଜି ବି ନାରୀକୁ। ସେଦିନ ବି ବୁଝିବାର ପ୍ରୟାସ କରି ନ ଥିଲା ଇତିହାସ। ସମସ୍ତେ ଦେଖିଲେ ତା'ର ଦେହଟାକୁ। ଚିହ୍ନିଲେ ନାହିଁ ତା'ର ପ୍ରାଣର ଭାଷାକୁ। ନା ବ୍ରହ୍ମା ନା ଗୌତମ ଋଷି, ଅଥବା ସିଦ୍ଧାର୍ଥ! ସେହି ଅବୁଝା ନାରୀକୁ ଜଣେ ନାରୀ ହିସାବରେ କିନ୍ତୁ ବୁଝିଛନ୍ତି ଯେମିତି କବି ସଂଘମିତ୍ରା, ତାହାର ଏକ ନିଷ୍କପଟ ଜମାନବନ୍ଦୀ ହୁଏତ 'ବୋଧିଛାୟା'।

''କିଏ କ'ଣ ଜାଣିଥାଏ/ ହାତ ଧରିଥିବା ମୁଠାଟିର ଶକ୍ତି ସମ୍ପର୍କରେ?/ କିଏ କ'ଣ ବୁଝିଥାଏ/ ଜଣକୁ ନିବିଡ଼ ଭାବେ ଆବୋରିଥିବା ମଣିଷର/ ପରକ୍ଷଣର ଅନାଦର-ଅନିଚ୍ଛା ସମ୍ପର୍କରେ (ବୋଧିଛାୟା-୨୦)!'' ଜାଣେ ନା କି ବୁଝିବାକୁ ଚାହିଁ ନ ଥାଏ କଦାଚନ ପୁରୁଷ। ଅଥଚ ବିଶ୍ୱାସରେ ବଞ୍ଚେ ପ୍ରେମ ଓ ବିଶ୍ୱାସ ହେଉଛି ବାମାର ଅନ୍ୟ ନାମ! କାଳେ କାଳେ କିନ୍ତୁ ଅବିଶ୍ୱାସ କରି ଆସିଛି ନାରୀକୁ ପୁରୁଷ। ସନ୍ଦେହର ଘୁଣ କୁଟୁକୁଟୁ କରି କାଟି ପକାଇଛି ପ୍ରେମର ପାଟଶାଢ଼ିକୁ। ପ୍ରତ୍ୟୟ ନ ଥାଇ ସେ କି ପ୍ରେମ ନା ଇଚ୍ଛା ନ ଥାଇ କି ସେ କୋଉଁ ସମ୍ପର୍କ। ଗୋଟେ ସୂକ୍ଷ୍ମ ଓ ଅଦୃଶ୍ୟ ଡୋରି ହେଉଛି ପ୍ରେମର ପରିଧିରେ ଆସ୍ଥା ଆଉ ବିଶ୍ୱାସ। ସେଇ ଟିକକର ଅଭାବରେ ଅମୃତ ହୁଏ ବିଷ ଓ ପ୍ରେମ ପାଲଟିଯାଏ କେବଳ ପ୍ରତାରଣା। ଦେହ ହୁଏ ଦାହ ଓ ପ୍ରାଣ ମରିଯାଇ ପଡ଼ିରହେ ପିଣ୍ଡଟେ କେବଳ।

''ଶରୀର ସତ୍ତା ଜଳିଗଲେ/ ପାଉଁଶ ମୁଠା ଭିତରୁ/ ପ୍ରେମ ଗୋଟେ ଗପ ହୋଇ/ କେତେ ବା ଓଷ୍ଠୁ ଝରୁଥାଏ (୭୬)।'' ତେଣିକି ଅହଲ୍ୟା ହୁଏ ଏକ ରୋମାଞ୍ଚକ କାରୁଣ୍ୟ ଓ ଯଶୋଧାରା ପାଲଟିଯାଏ ଏକ ନିରବ ଇତିହାସ! ବିବଶ ନାରୀପଣକୁ ପ୍ରାପ୍ତ ହୋଇଥାଏ କେବେ ପାଷାଣୀର ଭାଗ୍ୟ ତ କେବେ ଆହା... ଚୁ... ଚୁ... ସମ୍ବେଦନା ଓ ସହାନୁଭୂତିର ପାପୁଲିଏ ଆଶ୍ୱାସ। ଅଲୋଡ଼ା ହେଇ ପଡ଼ି ରୁହେ ସଭିଙ୍କ ଆଖିର ଉହାଡ଼ରେ ହତଭାଗିନୀ ନାରୀର ଜୀବନ ବୃତ୍ତାନ୍ତ। ଖୋଜିବାକୁ ବେଳ ନ ଥାଏ କି ଲୋଡ଼ିବାର ଅବସର, କର୍ମଚଞ୍ଚଳ ଦୁନିଆର ଗତାନୁଗତିକ ଯାତ୍ରାପଥରେ। ଛାତି ତଳେ ରୁନ୍ଧି ହେଇ ସବୁଦିନ ପାଇଁ ଅକୁହା ହେଇ ରହିଯାଏ ପ୍ରାଣର ବେଦନା। ମାଟିତଳେ ପୋତି ହେଇଯାଏ ସବୁ ସ୍ୱପ୍ନ ଓ ସଞ୍ଚିତ ଆବେଗ।

''ଯେତେବେଳେ ତମ ପାଇଁ/ ହୁଏ ମୁଁ ଉନ୍ମୁଖ/ ସେତେବେଳେ ତମେ/ ଏ ଜଗତରୁ - ମୋ'ଠାରୁ ହେଉଥିଲ ମୁକ୍ତ/ ମୋ ପାଇଁ ତମେ/ ସତେ କେତେ ଥିଲ ରୁକ୍ଷ (୪୦)।'' ରୁକ୍ଷତାକୁ କାରଣ ହୋଇ ପାରେ ଅନେକ। ପୁରୁଷଙ୍କ ପାଇଁ ମିଳିଯାଏ ବାହାନ ବି ଅନେକ ଅନେକ। ଠୁକୁଲ୍ ପଡ଼ିଯିବା ପରେ ଠକି ଯାଏ ନାରୀ। ତେଣିକି ଆଖି ଠିରିକାରେ ଠୁମ୍‌କା ଲଗେଇ ଠିଆ ହୁଏ ଗୋଲାମ ବିବି ଠୁଣୁକା ଠିକିରି। ନଦୋଉ ମାଟି କାନ୍ଥରେ ମେଲିଯାଏ ଫାଟ। ଫାଟ ସନ୍ଧିରେ ଟାପରା କରେ ଝିଟିପିଟି। ଚଡ଼କି ଯାଏ ଛାତି। ମାଡ଼ି ମକଚି ଲୋଚାକୋଚା ହେଇଯାଏ ଯେତେ ସବୁ ସାଇତା ସପନ! କୁତ୍‌କୁତା ହୋଇ ଯାଏ କଲିଜା। କୁଟୁକୁଟ୍ କରତି ହେଇଯାଏ ବଳକା ଥିବା ସ୍ମୃତି। ଦିନ ଦି' ପହରେ ଶିମୁଳି ଗଛର ଥୁଣ୍ଟା ଡାଳରେ ବାହୁନୁଥାଏ କପୋତୀ।

''ଏ ପଟେ ଲୁହ - ସେ ପଟେ ମୋହ / ତା' ଭିତରେ ଅଣାୟତ୍ତ କୋହ / ଗୋଟେ ପଟେ ମୋ ତୃଷ୍ଣା/ ଅନ୍ୟ ପଟେ ତମର ବିତୃଷ୍ଣା/ ମୋ ଯୋଗ - ତମର ବିଯୋଗ (୪୧)।'' ବିଚ୍ଛିନ୍ନ ହେଇସାରିଥାଏ ସଂପର୍କ। ବିପର୍ଯ୍ୟସ୍ତ ହୋଇଯାଏ ଇତିହାସ। ବିଗିଡ଼ିଯାଏ ସବୁ ବାଟ। ଉଜୁଡ଼ି ଯାଏ ଭରସା। ଭୁଶୁଡ଼ି ପଡ଼େ ବିଶ୍ୱାସର ଚାରିକାନ୍ଥ। ବାଟବଣା ହୁଏ ନଈ। ବାଟକରାକୁ ଭାରି ହୁଏ ଜୀବନର ଭାଉ। ରାଉ ରାଉ

ହୁଏ କାଉ। ହାଉ ହାଉ କରି ହାଉଳି ଖାଏ ହୃଦୟ। ବୋଲ କିନ୍ତୁ ମାନୁ ନ ଥାଏ ମନ। ପ୍ରତେ ହେଉ ନ ଥାଏ ପରାଭବ। ଯେତେ କରି ବହଲେଇଲେ ବି ବୁଝୁ ନ ଥାଏ ହୃଦୟ। ମରୁ ନ ଥାଏ ଅତୀତ। ସରୁ ନ ଥାଏ ସରାଗ। କୁହୁଳୁଥାଏ ମନ ପ୍ରାଣ।

''ତମେ ମୋ ଅସହାୟ ସ୍ୱୀତ୍ୱର/ ଶେଷ ଅବସୋସ/ ତମକୁ ପାଇ ହରାଇବାର/ ପୁଣି କେବେ କେବେ ବି ପାଇବାର/ ଛାତିଥରା ତୀବ୍ର ଦୀର୍ଘଶ୍ୱାସ (୨୦)।'' ନାରୀକୁ ନାଚାରପଣ କରିଦିଏ ବିବଶ। ଉପେକ୍ଷା, ହତାଦର ଓ ଅଣହେଳାକୁ ଅସହ୍ୟ ହୁଏ ଦୁଃଖ। ତା'ର ଇଚ୍ଛା କି ଅନିଚ୍ଛାର ମୂଲ୍ୟ ନ ଥାଏ କି ଗୁରୁତ୍ୱ। କୋଉ ଗାଈର ଗୋବର ନା କୋଉ ଲେଖାରେ ମଣିଷ ଭିତରେ ଗଣାଯାଏ ନାରୀ? ମାଟିର ମାଠିଆ ସିଏ ଛୁଇଁ ଦେଲେ କ୍ଷଣକେ ଛୁଅଁସ୍ତା! ଠୁକର୍ ଖାଇ ଫାଟିଗଲେ ହେଇଯାଏ ଦାଣ୍ଡର ଖପରା। ପାନରୁ ଚୂନ ଖସିଗଲେ ସେ ବାଇଜୀ ଦାଣ୍ଡି। ମଶାଣି ଅପନ୍ତରା ଓ ବାଟଘାଟରେ ବି ଲୋଟୁଥାଏ ନିରୁପାୟପଣର ଟୁକୁରା। ମୁହଁ ଫେରେଇ ନିଏ ବିରକ୍ତିରେ ଦୁନିଆଁ। ପଛକୁ ପାଦ ଫେରେଇ ନିଏ ଆପଣା ସଂପର୍କ। ସମାଜ ଟାଣିଦିଏ ଗୋଟେ ଲକ୍ଷ୍ମଣଗାର। ପରିତ୍ୟକ୍ତ ହେଇଗଲା ପରେ ଥାଏ କି ଆଉ କ'ଣ ଅବଶିଷ୍ଟ ସମ୍ବଳ ନାରୀଟି ପାଖରେ? ସେଇଠୁ...

''ଭାଙ୍ଗିରୁଜି ଯାଏ ଯେତେ / ଇଚ୍ଛା ଓ ଅନିଚ୍ଛା/ ଲୋଭ-ଭୟ/ ଦ୍ୱେଷ ପୁଣି ବିରକ୍ତି ଆସକ୍ତି (୯୪)।'' ସହଜରେ ମୁକ୍ତ ହେଇଯାଏ ପୁରୁଷ। ପଲକ ମାତ୍ରକେ ରିକ୍ତ ହେଇଯାଏ ନାରୀ। ସିକ୍ତ ହେଇଯାଏ ଆଖିର ଲୁହରେ ତକିଆ। ଦୁହିଁ ହେଇ ଯାଏ ଶିରାପ୍ରଶିରା। ଭିଣ୍ଡିଭିଣେଇ ଯାଏ ତକିଆର ତୁଳା ପରି ଆଶା ଓ ଭରସା। ଦହି ହେଇଯାଏ ମନ ଆଉ ପ୍ରାଣ। ଥ' ହେଇ ଯାଏ ପାଦ। ହଜିଯାଏ ଆଖିରୁ ନିଦ। ଲିଭି ଲିଭି ଯାଏ ଇନ୍ଦ୍ରଧନୁର ରଙ୍ଗ। ଓଠ ଧାରରୁ ହଜିଯାଏ ସବୁଦିନ ପାଇଁ ହସ। ବିଷପିତା ଲାଗେ ଜୀବନ। ନିସ୍ତରଙ୍ଗ ହେଇଯାଏ ସମୁଦ୍ର। ସମୟକୁ କଡ଼ି ପକେଇ ଆଡ଼ ହେଇ ଠିଆ ହୁଏ ଗୋଟେ ଅନାବନା ଇତିହାସ। ଏଥକୁ କୋଉ ଚାରା ଅଛି ଅହଲ୍ୟାର ନା କୋଉ ଯୁ ଅଛି ଯଶୋଧାରାମାନଙ୍କର?

''ତା' ପରଠୁ ମୁଁ କିନ୍ତୁ ହସିକି ଶୋଇନି / ପ୍ରାୟ ଅନାହାର-ଅତନ୍ଦ୍ର ସ୍ଥିତିରେ/ ପାଗଳୀଟେ ପରି ସବୁ/ ହରାଇ କାନ୍ଦିଛି (୩୬)।'' କାନ୍ଦିବା-ବାହୁନିବା ଓ ମୁଣ୍ଡବାଳ ଟାଣି ଓଟାରି ଭୂଇଁରେ ନିଉଛାଳି ହବା ବ୍ୟତିରେକ ଆଉ ଥାଏ କୋଉ ଅବା ଉପାୟ, ନିରୁପାୟ ନାରୀଟି ପାଖରେ? ନିଜେ ନିଜକୁ ନିନ୍ଦିବା ଓ ଛାତି ପିଟି ପିଟି କାନ୍ଦିବା ତ ହେଉଛି ତା'ର କପାଳ ଲିଖନ। ରାସ୍ତା କଡ଼ରେ ନିଉଛୁଣା ପଥରଟେ ହେଇ ପଡ଼ି ରହିବା ହିଁ ତା'ର ଭାଗ୍ୟ। ଆଖିର ଲୁହକୁ ସାକ୍ଷୀ କରି ସକେଇ ହବାକୁ ଇ ତା'ର ଜନ୍ମ ବୋଲି ଝିଅକୁ ଲୁହ କୁହ କି କୋହ, ସେଥିରେ ଫରକ୍ ପଡ଼େନା କିଛି ବୋଲି କିଛି। ଲୁହରେ ତରଳେ ମନ ପ୍ରାଣ ଓ ଓରିମାନ ଆଉ ଅସ୍ଥି। ଦିନ ପରେ ଦିନ ଯାଏ ବିତି।

''ତମେ ଖୋଜୁଥିଲ ରାହା/ ମୁଁ ଠିକ୍ ଯୂପକାଠ ପରି/ ତମ ବିରକ୍ତି ଯଜ୍ଞରେ/ ମୁହୁର୍ମୁହୁଃ ସର୍ବାଂଶରେ/ ହେଉଥିଲି ସ୍ୱାହା (୪୬)।'' ଅହେତୁକ ପ୍ରତ୍ୟାଖ୍ୟାନରେ ପରିତ୍ୟକ୍ତା ହୁଏ ପ୍ରପୀଡ଼ିତ। ଥମେ ନାହିଁ ଆଖିର ଲୁହ। ବହିଯାଏ ମନରୁ ସରାଗ। ସଳିତା ପରି ଜଳିଯାଏ ସପନ। ନରକ ହେଇଯାଏ ସମୟର ଗତି। ମଉଳି ଯାଏ ଫୁଲ। ଫୁଲଫୁଟା ସକାଳକୁ ନିଷିଦ୍ଧ ହୁଏ ଶରୀର ପରମାୟୁ। ସ୍ଥବିର ହେଇଯାଏ ନାଡ଼ି ନକ୍ଷତ୍ର। ଖାଁ ଖାଁ ମନେ ହୁଏ ତିଥିବାର ଓ ଯାବତ ମୁହୂର୍ତ୍ତ। ହଜିଯାଏ ସୁଖ। ବୁଜି ହେଇଯାଏ ସବୁଯାକ ବାଟ। ଭାଙ୍ଗିରୁଜି ଛାରଖାର ହେଇଯାଏ ଭବିଷ୍ୟତ। ବିକଳ ହୁଏ ନାରୀପଣ। ବେଳକୁ ଅବେଳ ଓ କାଳକୁ ଅକାଳରେ ପଡ଼େ ଚଡ଼କ।

''ସବୁଠି ଅସହହନୀୟ ଖାଁ ଖାଁ ନିରବତା/ ଶୂନ୍‌ଶାନ୍ ମନ-ପ୍ରାଣ ଓ ଜୀବନ।/ ମୋ ସକ୍ରିୟ ଉଚ୍ଛ୍ୱାସରେ/ କ୍ଳାନ୍ତ-ସ୍ଥବିରତା/ କେବଳ ନାରୀଟିଏ ବୁଝିପାରେ/ କିଛି ହଜେଇବା ପରର ସେ/ ନିଷ୍କ୍ରିୟ ଜଡ଼ତା (୫୧)।'' ଜଡ଼ ହେଇଯାଏ ଜୀବନ। ସ୍ଥବିର ପାଲଟିଯାଏ ଚରାଚର ପୃଥ୍ୱୀ। ହଜିଯାଏ ସବୁ ରଙ୍ଗ କାନ୍ଥ ଓ ବାଡ଼ରୁ। ହାତ ପାପୁଲିରୁ ଥୋପା ଥୋପା ହେଇ ନିଗିଡ଼ି ଯାଏ ସବୁତକ ସଞ୍ଚିତ ସମ୍ପର୍କ। ଛିନ୍ନ ହେଇଯାଏ ଚେର ମୂଳ। ଇଡ଼ିଯାଏ ନଈର ପାଣି। ଗଡ଼ିଯାଏ ବୟସ। ପଡ଼ିଥାଏ କନା ଓ ଉଡ଼ିଯାଏ କର୍ପୂର। ଭିଡ଼ିମୋଡ଼ି ହୁଏ ସମୟ। ଅଜାଡ଼ି ହେଇପଡ଼େ ଥାକ ଥାକ ଦୁଃଖ। ଅସହ୍ୟ ଆଘଶତାରେ ଭିଁ ଅଣ୍ଡାଳୁଥାଏ ନିପାରିଲା ନାରୀତ୍ୱ। ନା ସହି ହୁଏ ନା କହି ହୁଏ ଦହନର ଜ୍ୱାଳା। ତତ୍‌ରାଜ ତୁଟୁ ନ ଥାଏ ଭରସା। ହଟୁ ନ ଥାଏ ମୋହ ବୋଲି ଫେରନ୍ତି ବାଟକୁ ଅନିଶା କରିବାକୁ ହୁଏ।

''ଲୁହ ପୋଛି ପରକ୍ଷଣେ ପୁଣି ମୁଁ ବିଚାରେ/ ବାଟଭାଙ୍ଗି ଯିଏ ଥରେ ଚାଲି ଯାଇଥାଏ/ ଆଉ କ'ଣ ସିଏ ସ୍ୱଇଚ୍ଛାରେ ଫେରେ (୫୨)?'' ଫେରେ କି ପଛକୁ ଆଉ ଥରେ ରୁକୁଣା ରଥ? ପାହାଡ଼ର ଠିକଣା ସୁମରି ଆଉ ଥରେ ଫେରିଆସେ କି ବହିଯାଇଥିବା ନଈର ପାଣି? ଫେରି ପାରେ କି ଥରେ ଝରି ଯାଇଥିବା ଫୁଲ ପୁନରାୟ ଡେମ୍ଫକୁ? ଫେରି ଆସେ କି ମଥୁରାର ମୋହ ତୁଟେଇ କଣ୍ଟ ସୁମରି ଆଉ ଥରେ ଗୋପ ଦାଣ୍ଡକୁ କହ୍ନେଇ? ଫେରେ ନାହିଁ ବୋଲି ତ ଅଫେରା ଇତିହାସକୁ ଝୁରି ଝୁରି ମୁଣ୍ଡ କଚାଡ଼ି କାନ୍ଦୁଥାଏ ଯଶୋଦା! ଅନ୍ଧାରର ଖୁଧାଡ଼ ଭିତରେ ନିରବରେ ଆଖିର ଲୁହ ଝରେଇ ଗୁମ୍ ମାରି ବସିଥାଏ ଦେବକୀ।

ଜଣା ନାହିଁ ନିରୀହତାର ଅନ୍ୟ ନାମ ନାରୀ ଅବା ନିର୍ବୋଧତା ହେଉଛି ତା' ପାଇଁ ଏକ ପ୍ରଯୁଜ୍ୟ ସର୍ବୋତ୍ତମ ସର୍ବନାମ? ସେ ଏକ ନିଷ୍କପଟ ଦୀପଶିଖା ଜଳେ ଥାଇ ଲିଭେ/ ଜଳିବାକୁ ଶ୍ରେୟ ମଣି ତଥାପି ସେ ବାସେ। ମରୁଥଶଏ ଜଳି ଜଳି କିନ୍ତୁ ଝୁରୁଥାଏ। ''ତମଠି ତମରି ଭିତରେ/ ଶୋଷ ନେଇ ଶେଷ ହେଉଥିଲି/ ନ ଚାହିଁ ବି

ମନେ ମନେ/ ତମ ପାଇଁ ଝୁରି ମରୁଥିଲି (୩୮)।'' ଝୁରି ମରିପାରେ କି ଏମିତିକା ନିଃସର୍ତ୍ତରେ ନାରୀଟିଏ ବିନା ଅନ୍ୟ କେହି? ସେ ପତ୍ନୀ ହେଉ କି ପ୍ରେମିକା ଅବା ମାଆ ହଉ କି ସହୋଦରା - ଝୁରି ପାରନ୍ତି ଓ ଝୁରି ଝୁରି ମରି ପାରନ୍ତି ବି କିନ୍ତୁ ମୂର୍ଚ୍ଛି ପାରନ୍ତି ନାହିଁ ମମତା। ମମତା ମରେ ନାହିଁ ବଞ୍ଚେ ଓ ମମତ୍ୱକୁ ସମ୍ବଳ କରି ତଥାପି ଫେରିବା ବାଟକୁ ଚାହିଁବସେ ସିଏ ଅପଲକ ନୟନରେ।

''ମୁଁ ଏମିତି ପ୍ରଲୁବ୍ଧ ଆବେଗେ/ ତମକୁ ନ ଦେକିବାର/ ଯେତେଥର ପଣ କରୁଥିଲି/ ସେତେ ସେତେ ଦେଖିବାର/ ଉଚ୍ଚାଟରେ ଧନ୍ଦି ହେଉଥିଲି (୨୨)।'' ଧନ୍ଦି ହୁଏ କାନ୍ଦି ମରେ, ହେଲେ ଅଭିଯୋଗ କରେନି କି ଅନୁନୟ! ସିଏ ଜାଣିଥାଏ ସର୍ତ୍ତ ନ ଥାଏ କି ସାନ୍ତ୍ୱନାର ସ୍ଥାନ - ପ୍ରେମରେ ଓ ଭଲ ପାଇବାର ଅଭିଧାନରେ। ସର୍ତ୍ତ କରେ ଓ ଭାଙ୍ଗେ ପୁରୁଷ ପତି ଆଉ ପ୍ରେମିକ। ନିଃସର୍ତ୍ତରେ ସବୁ ସହିପାରେ ଭୋଗିପାରେ ନାରୀ। ଦାନ୍ତ ନିସିଡ଼ି ଦେହକୁ କାଠ କରି ସହି ଯାଏ ସବୁ ଲାଞ୍ଛନା ଓ ଦୁଃଖ। ମୁଣ୍ଡପାତି ମାନିନିଏ ତା' ବିରୁଦ୍ଧରେ ସକଳ ଅଭିଯୋଗ। ସହିଯିବାକୁ ଯେମିତି ଜନ୍ମ ହେଇଛି ନାରୀ! ଭୋଗିଯିବାଟା ବି ସେମିତି ହେଉଛି ନାରୀର ଧର୍ମ। ବିନା ପ୍ରତିବାଦ ଆଉ ପ୍ରତ୍ୟୁତ୍ତରରେ ସେ ବରଣ କରିନିଏ ଯାବତ୍ ଅନିଭୋଗ।

''ମୁଁ ଭୋଗିଛି/ ହସି ହସି ନିଜର ପ୍ରିୟ ମଣିଷକୁ/ କେହି କ'ଣ ବିଦାୟ ଦେଇପାରେ/ ମୁଁ ଦେଇଛି (୪୭)।'' ଦେଇପାରେ ବୋଲି ତ ସେ ଧାତ୍ରୀ ପୁଣି ଧରିତ୍ରୀ। ଭୋଗିପାରେ ବୋଲି ତ ସେ ଭୂମି ପୁଣି ବସୁନ୍ଧରା। ଭୋଗେ କିନ୍ତୁ ଭାଗ ଦିଏ ନାହିଁ କାହାରିକୁ ଆପଣା ଦୁଃଖ। ଭାଗ ମାଗେ ନାହିଁ କେବେ କାହାଠୁ ନିଜସ୍ୱ ଅଧିକାର। ଭାଙ୍ଗିପଡ଼େ ସିନା ନଇଁଯାଏ ନାହିଁ ପ୍ରାପ୍ତିର ଆଶାରେ। ଯେଣୁ ଜାଣିଛି ସିଏ ପ୍ରାପ୍ତିରେ ନ ଥଏ ପ୍ରେମ, ପ୍ରାର୍ଥନାରେ ପ୍ରେମର ମହକ। ତାର ତେଣୁ ଯାଚଞ୍ଚା ନ ଥାଏ କି ପ୍ରାପ୍ୟର ଦାବି। ପ୍ରେମରେ ପରଖ ଲୋଡ଼ା ହୁଏ ନା କି ସାକ୍ଷ୍ୟ ପ୍ରମାଣ ବୋଲି କୁଳୁକୁଳୁ ବହୁଥାଏ ପ୍ରେମର ଯମୁନା ନଈ। ସେଥିପାଇଁ ତ ମାଟି ଓ ମା'ଟି ଭିତରେ ଫରକ ନ ଥାଏ କିଛି।

ତମେଠୁଁ ମୁଁ ଟି ହୋଇପାରେ ପୃଥକ୍। ସବୁ ଅଣହେଳା ଓ ଉପେକ୍ଷା ସତ୍ତ୍ୱେ ବି ତମକୁ ଅପେକ୍ଷା କରିବାକୁ ହୁଏ। ଚାହିଁ ରହେ ଅପଲକ ନୟନରେ ତା'ର ଫେରିବା ବାଟକୁ। ''ସେମିତି ଅଦ୍ଭୁତ ଜିଦ୍‌ରେ/ ତମେ ଯାଇଥିବା ରାସ୍ତା ଆଡ଼େ ଚାହିଁ/ ହୁଏତ ମୁଁ ବସିଥିବି କେତେ ରାତି/ ଯୁଗ ଯୁଗ ଅପେକ୍ଷା ଇଚ୍ଛାରେ/ ତାରାଙ୍କୁ ସାକ୍ଷୀ କରି/ ଧର୍ମର ଦ୍ୱାହି ଦେଇ (୫୮)।'' ବଞ୍ଚିବାର ବାହାନା ପାଲଟିଯାଏ ଏମନ୍ତ ଅପେକ୍ଷା ଫେରି ଆସିବା ଓ ଫେରି ପାଇବାର ବିଶ୍ୱାସକୁ ମୁଠେଇ ଧରି ବାଟ ଚାଲିବାରେ ମିଳେ ସାନ୍ତ୍ୱନା। ଅନିଶ୍ଚିତ ଭୟ ଓ ଆଶଙ୍କାରୁ ମୁକ୍ତ ହୋଇଯାଏ ମନ। ମିଛ ହେଲେ ବି ଆଶ୍ୱସ୍ତ ଲାଗେ ପ୍ରାଣ। ଅସ୍ୱସ୍ତିକର ମନେ ହୁଏନା ଜୀବନ। ବିମର୍ଷର ଭାବଟି ଥାଏ କିନ୍ତୁ ଦ୍ୱିଧା ନ ଥାଏ। ଅନେକଟା ମନେହୁଏ ସହଜ ସହଜ।

''ଆଶା ଆଉ ଆସକ୍ତି ନ ଥିଲେ/ ଜୀବନରେ ପଥ କ'ଣ/ ଅତିକ୍ରମି ହୁଏ?/ ଜାଗତିକ ପ୍ରତୀତି ଭିତରେ/ ଗାଣିତିକ ସମାଧାନ ପରି/ ଅନୁଭବର ଧାରାକୁ କ'ଣ/ ଏମିତି ହିସାବ କରି ହୁଏ (୮୯)?'' ହିସାବ କରି ହୁଏ ନା ବୋଲି ତ ପ୍ରେମ ପ୍ରାପ୍ତି ନ ହୁଏ ଏକ ଦୂରନ୍ତ ପ୍ରତ୍ୟୟ। ବୋଧନର ଟିପାଖାତାରେ ପ୍ରେମ ପାଲଟେ ଗୋଟେ ଅଖଣ୍ଡ ବିଶ୍ୱାସ। ଯେଉଁଠି ପ୍ରଲୋଭନ ନ ଥାଏ, ଥାଏ ଏକ ଆତ୍ମିକ ଉଦ୍‌ବୋଧନ। ରିକ୍ତ ହେଇଗଲା ପରେ ବି ପରିପୂର୍ଣ୍ଣ ମନେହୁଏ ହାତର ଆଞ୍ଜୁଳି। ଘୁଞ୍ଚି ଘୁଞ୍ଚି ଯାଉଥିବା ପ୍ରିୟତମ ମଣିଷଟି ଅଧିକ ହୋଇ ଉଠେ ଅନ୍ତରଙ୍ଗ। ଅନୁପସ୍ଥିତ ଥିବା ପ୍ରିୟ ମଣିଷଟିକୁ ଅତି ନିବିଡ଼ ଭାବରେ ଜାକିଜୁକି ସାଇତି ରଖି ହୁଏ ଏକାନ୍ତରେ ସଭିଙ୍କ ଅଲକ୍ଷ୍ୟରେ। ନିଭୃତରେ ଅଜାଡ଼ି ଦେଇ ହୁଏ ଆତ୍ମାର ସବୁ ଆକୁଳତା ଅତି ନିରବରେ। ମନ ମାଫିକ ପଚାରି ହୁଏ ଅବାନ୍ତର ପ୍ରଶ୍ନ, ଯାହା ପଚାରି ହେଇ ନ ଥାନ୍ତା କେବେ ପ୍ରତ୍ୟକ୍ଷରେ ଥରେ ହେଲେ -

''ମୁଁ ଝରିଯାଏ... ସରିଯାଏ/ ଚଟିନୀ କି ସଳିତାଟେ ପରି/ କାହିଁ ଚାହୁଁଥିଲ?/ ସତ କୁହ କେବେ କ'ଣ ତମେ/ ଏସବୁ ଚାହିଁ ହିଁ ନ ଥିଲ (୨୮)?'' କୋଉ ଚାହିଁବା କି ନ ଚାହିଁବାର ଆବେଗ ଅପେକ୍ଷା କରେ ନା ପ୍ରେମର୍ତ୍ତ ପ୍ରାଣ। ପଟାନ୍ତର-ହୀନ ପ୍ରେମର ପଶାପାଲିରେ ତ ନ ଥାଏ କେବେ ସନ୍ଦେହ ଆଉ ଅବିଶ୍ୱାସର ସ୍ଥାନ। ସେଥିପାଇଁ ଦୂରତା ହିଁ ନିକଟତର କରି ଦିଏ ଆତ୍ମାର ଇଲାକାରେ ଅନ୍ୟ ଏକ ଆତ୍ମାର ଉପସ୍ଥିତିକୁ। ସ୍ଥୂଳ କାୟାର ବିଦ୍ୟମାନତା ଉହାଡ଼ରେ ସତସତିକା ଅନୁଭବି ହୁଏ ପ୍ରେମର ଦୁର୍ଲ୍ଲଭ ବିଭୂତି। ବିଚ୍ଛେଦ ଓ ବିରହ ନ ଥିଲେ ବାରି ହୁଏ ନା କଦାଚନ ସେ ପ୍ରେମର ମିଠାପଣ ବୋଲି ଉପେକ୍ଷା ଓ ହତାଦର ଭିତରେ ଫିଟିପଡ଼େ ପ୍ରେମର ପ୍ରଗାଢ଼ତା! ତେଣିକି ଖତେଇ ହଉଥିବା ଗତାନୁଗତିକ ଦୁଃଖଗୁଡ଼ିକ, ପ୍ରେମର ଉପବନରେ ଫୁଲ ହେଇ ଫୁଟେ। ଜୀବନ ବି ଲୁହ ଓ କୋହର ଦରିଆ ଭିତରେ ଜଣା ନାହିଁ କେମିତି ମନେହୁଏ ସହଜ।

ସତେ କି ଏମିତି ଗୋଟେ ସମ୍ଭାବନାକୁ ନେଇ ପ୍ରସ୍ତୁତ ଥାଏ ପ୍ରେମିକା ଓ ଅହଲ୍ୟା! ହୁଏତ ବିଚ୍ଛିନ୍ନ ଭବିତବ୍ୟର ଅପେକ୍ଷାରେ ଦିନ ଗଣୁଥାଏ ଯଶୋଧାରା। ''ତମ ଯିବା ନିର୍ଧାର୍ଯ୍ୟ ତ ଥିଲା/ ଦେହଲଗା ମଣିଷକୁ/ ନିଜ ଛାଇରୁ ବିଦାୟ ଦେବା/ ଦେବତା ପକ୍ଷରେ କ'ଣ/ ସହଜ କି ଭଲ (୫୪)?'' ସହଜ ନୁହେଁ ନିଜ ସଂପର୍କ ଓ ସ୍ୱାର୍ଥର ବଳୟରୁ ଏମିତିରେ ମୋହମୁକ୍ତ ହେବା। ଆସକ୍ତି ଓ ଆକର୍ଷଣର ଉପ୍ରୋଧ ଭିତରୁ ନିଜକୁ ନିର୍ଲିପ୍ତ କରି ରଖିବା। ଛିନ୍ନ ସଂପର୍କର ନିଦାରୁଣ ବେଦନା ପିଠି ସାଉଁଳେଇ ସଭିଙ୍କ ଅଲକ୍ଷ୍ୟରେ ଦିବ୍ୟ ପ୍ରେମର ସେତୁଟିଏ ନିର୍ମାଣ କରିବା। ଏମନ୍ତ ଅସମ୍ଭବ ମନେ ହେଉଥିବା ଘଟଣାକୁ ତେଣୁ ସମ୍ଭବପର କରିଦିଏ ପ୍ରେମର ଇତିହାସ। ସେଥିପାଇଁ ତ ସାରା ଜଗତଟା ପାଖରେ ଈର୍ଷଣୀୟ ହେଇଯାଏ ପ୍ରେମର

ଗରିମା।

''ଯଦିଓ ଈର୍ଷା ବି ମହାନ୍ କରେ/ ମାନ ଗୁମାନକୁ/ ଦ୍ୟୁତି ଦିଏ ବ୍ୟକ୍ତି ଚେତନାକୁ/ ଭିଜାଏ ଚକ୍ଷୁଙ୍କୁ (୭୮)।'' ପ୍ରେମରେ ଅନାସ୍ଥା ନ ଥାଏ କି ନ ଥାଏ ଅବିଶ୍ୱାସର ପ୍ରଶ୍ନ। ଈର୍ଷା ନ ଥାଏ କି ପରଶ୍ରୀକାତରତା। ଅବଶ୍ୟ ଦ୍ୱେଷ ନ ଥାଏ ପ୍ରତିହିଂସା। ଯାହା ଥାଏ କେବଳ ମାତ୍ର ଅଭିମାନର ନିରୀହ ଗୁମାନ। ସେଥିପାଇଁ ସକଳ ଅନାଦର ଉପେକ୍ଷା ଭିତରେ ବି ମହମହ ବାସୁଥାଏ 'ତମପଣ'। 'ମୁଁ'ର ଅହଂ ଓ ଅଭିମାନ ମିଳେଇ ଯାଏ ମାଟିରେ କାକର ବିନ୍ଦୁ ପରିକା। ମୁଁ ଆଉ ମୋ ଭିତରେ ନ ଥାଏ - ପ୍ରେମର ପୃଥିବୀରେ। ତଲ୍ଲୀନ ହେଇଯାଏ ଥାଏ 'ତମେ'ର ବିନ୍ଦୁ ଭିତରେ ମୁଁର ବୃତ୍ତ ପରିଧି। କାୟାର ମାୟାଟି ନ ଥାଏ ସୁଦୂରୁ। ପ୍ରେମ ଯେଣୁ ଏକ ଦୁର୍ଲ୍ଲଭ ଉପଲବ୍ଧି, ଯାହା ଦେହରେ ନ ଥାଏ ବରଂ ଦେହର ଦେହଳୀ ଡେଇଁ ପ୍ରସରି ଯାଇଥାଏ ଆତ୍ମାର ଦିଗ୍‌ବଳୟ ପର୍ଯ୍ୟନ୍ତ। ଜନ୍ମଜନ୍ମାନ୍ତର ଯାଏ ଲମ୍ବିଯାଏ ଆତ୍ମାର ସଂପର୍କ।

''ତମେ ମୋର ଅଧା ଦେଖା ସ୍ୱପ୍ନ ମୋ ଭଙ୍ଗାରୁଜା ପ୍ରେମ !/ ଜନ୍ମଜନ୍ମାନ୍ତରର ମୋ ଈପ୍‌ସିତ ପୁରୁଷ/ ତମେ ମୋର ଜୀବନ ନିର୍ଯ୍ୟାସ/ ତମେ ମୋର ଅନାହତ ତପ/ ପୁଣି ଅଶ୍ଳୁଳ ପ୍ରଳାପ (୭୦)।'' ପ୍ରେମର ପଢ଼ା ବହିରେ ମୁଁ ନ ଥାଏ କି ତୁ ଆଉ ତମେ। ସେଇଠି ତେଣୁ ଜାଗତିକ ଦୂରତା ମନେହୁଏ ଅର୍ଥହୀନ। ମୁଁ ଠୁ ତମେ ଭିନ୍ନ ଦୁଇ ସତ୍ତା ନୁହେଁ। ଏକାନ୍ତ ଆତ୍ମୀୟତାରେ ଦୂର ହେଇଯାଏ ସକଳ ପାର୍ଥକ୍ୟ। ଅଳୀକ ମନେ ହୁଏ ବିଚ୍ଛେଦ ଓ ଅସାର ପ୍ରତେ ହୁଏ ଦୂରତା ବୋଲି କିଛି। ସେ ଗୋଟେ ଅନିନ୍ଦ୍ୟ ସୁନ୍ଦର ପ୍ରାଣମୟ ପୃଥିବୀ, ଯେଉଁଠି ପ୍ରତିଟି ଉପଲବ୍ଧିରେ ବିଧ୍ୱନିତ ହୋଇଥାଏ ପ୍ରାର୍ଥିତ ପ୍ରଣବର ମନ୍ତ୍ର। ସେଇଠି ଆଲୁଅ ଅନ୍ଧାର ଏକାକାର। ସେଇଠି କୋଳାକୋଳି ହେଇଯାନ୍ତି ମାଟିରୁ ଆକାଶ ପୁଣି ଦ୍ୟାବ୍ୟା ଓ ପୃଥିବୀ।

''ଅନ୍ଧାରରେ ଅନ୍ଧାର ପାଲଟିବାର/ ଘନ ତମିସ୍ରାରେ/ ଜାତି-ଗୋତ୍ର ସତ୍ତା ହରାଇଉଥିବା/ ସେଇ ପ୍ରତୀକ ପ୍ରହର !/ ସେ ଅନ୍ଧାର ବି/ ଠିକ୍ ତମ ପରି ଗମ୍ଭୀର - ନିରୁତ୍ତର (୫୬)।'' ସେ ଗୋଟେ ମାହେନ୍ଦ୍ର ଲଗ୍ନ ଓ ସ୍ୱାତି ନକ୍ଷତ୍ରର ଆବାହନୀ କାଳ। ଯେଉଁଠି ଶାସକା ହୁଏ ମୁକ୍ତାଗର୍ଭା ଓ ମହିମା ମଣ୍ଡିତ ହୁଏ ଜୀବନର ପ୍ରାର୍ଥନା। ପ୍ରେମ ଏମିତି ଗୋଟେ ସୁନାବେଦୀ ଯେଉଁଠି ଉଦ୍‌ଭାସିତ ହେଉଥାଏ ଚେତନାର ଦିବ୍ୟତମ ସତ୍ତା। ଲୁହ ପାଲଟି ଯାଏ ମୋତି ଓ କୋହକୁ ପ୍ରାପ୍ତ ହୁଏ ମଳୟର ବିଭୂତି। ଅନୁଜ୍ଞା ନ ଥାଏ କି ଅନୁଶୋଚନା ଅତୃପ୍ତି ନ ଥାଏ କି ଅବସୋସ। ଶୋଷ ନ ଥାଏ କି ଭୋକ। ଥାଏ




ଗୋଟେ ଆତ୍ମମୁକ୍ତିର ନିର୍ଲିପ୍ତପଣ। ନିଃଶେଷ ହୋଇଯିବାର ଅନୁଜ୍ଞା। ତମେ ଭିତରେ ହଜିଯିବାର ଅନ୍ତିମ ଅନୁନୟ।

''ସବା ଶେଷ ଅନୁରୋଧ ରଖ/ ନେଇ ଯାଅ ତମ ପାଇଁ ଥିବା ମୋର/ ସ୍ମୃତି-ମୋହ-ମାୟା/ ଜନ୍ମଚକ୍ର ନିୟତିରୁ ମୁକ୍ତ କର କାୟା (୧୦୩)।'' କାୟାର ଭୂମିକା ରଖେ ନାହିଁ କିଛି ବି ଗୁରୁତ୍ୱ। ଅଥଚ କାୟାଟିରେ ହିଁ ଲାଗିଥାଏ ମୁଁର ମୋହର। ଗୋଟେ ବିଶେଷ ପରିଚୟକୁ ବହନ କରି ପ୍ରେମ ହେଇଥାଏ ସେଇଠି ସଂକୁଚିତ ବୋଲି ପ୍ରେମର ପ୍ରସ୍ରବଣରେ ସମର୍ପିତ ହେଲେ କାୟାମୁକ୍ତ ହୋଇଯାଏ ପ୍ରଣୟର ବ୍ୟାପ୍ତି।

କବି ଡ. ସଂଘମିତ୍ରା ଭଞ୍ଜଙ୍କ 'ଶବ୍ଦ ଉତ୍ତରଣ' (୨୦୦୫), 'ଫର୍ଦ୍ଦେ କବିତାର ପୃଥିବୀ' (୨୦୨୧) ଏବଂ 'ବୋଧିଚ୍ଛାୟା' (୨୦୨୧)କୁ ନେଇ ପ୍ରତ୍ୟର୍ପିତ ହୋଇଛି ଏହି କାବ୍ୟିକ ଆଲେଖ୍ୟ।

❖❖❖

# ଓଡ଼ିଆ ଗୀତିନାଟ୍ୟରେ ଶ୍ରୀଜଗନ୍ନାଥ ଚେତନା



ISSN-2583-6978
Volume-3
Issue-8
AUGUST-2023

**ଡକ୍ଟର ଲକ୍ଷ୍ମୀପ୍ରିୟା ବେହେରା**

**ବିଭାଗ ମୁଖ୍ୟ, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**
**ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ**
**ଅମୃତ ବିହାର, ସମ୍ବଲପୁର**

ଉତ୍କଳ ହେଉଛି କଳାର ରାଜ୍ୟ। ପ୍ରାଚୀନ ସଂସ୍କୃତିର ପରିଚୟ ହିଁ ତାର କଳାର ଉତ୍କର୍ଷରୁ ପ୍ରତିପାଦିତ ହୋଇଥାଏ। ଏହି କଳା ସଂସ୍କୃତିର ମହନୀୟ ଭୂମିର ଅଧିପତି ପ୍ରଭୁ ଶ୍ରୀଜଗନ୍ନାଥ ସକଳ ଜନଙ୍କର ଆଶା, ଭରସା, ବିଶ୍ୱାସର କେନ୍ଦ୍ରବିନ୍ଦୁ। ଜଗନ୍ନାଥଙ୍କୁ ନେଇ ଉତ୍କଳ ମହତ୍ୱ ପ୍ରତିପାଦିତ ହୋଇଥାଏ। ତା'ର ଧର୍ମବିଶ୍ୱାସ, କଳା ସଂସ୍କୃତି, ଭାଷା-ସାହିତ୍ୟ, ଜୀବନ ଜୀବିକା, ରୀତିନୀତି ଆଦି ସବୁକିଛି ଶ୍ରୀଜଗନ୍ନାଥଙ୍କୁ ଆଧାର କରି ବିକଶିତ ଓ ବିବର୍ତ୍ତିତ ରୂପ ଗ୍ରହଣ କରିଛି। ତେଣୁ ଓଡ଼ିଶାର ଜାତିର ପ୍ରାଣ ତଥା ଆତ୍ମା ସ୍ୱରୂପ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ତାତ୍ତ୍ୱିକ ଓ ଆଧ୍ୟାତ୍ମିକ ବର୍ଣ୍ଣନା ବିଶେଷତ୍ୱ ଓଡ଼ିଆ ସାହିତ୍ୟର ଏକ ଚରମ ପରମ ରୂପ ଗ୍ରହଣ କରିଥିବାର ଲକ୍ଷ୍ୟ କରାଯାଏ। କାବ୍ୟ କବିତା, ଗଳ୍ପ, ଉପନ୍ୟାସ ଓ ନାଟକ ପରି ଏକାଙ୍କିକାର ବିଦଗ୍ଧ ପୃଷ୍ଠା ମଣ୍ଡନ କରିଛି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚେତନା ଓ ଧର୍ମୀୟ ବିଶ୍ୱାସ।

ଏହି ଦୃଷ୍ଟିକୋଣରୁ ବିଚାର କଲେ ଦେବ ଦେବ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି କେବଳ ନାଟକ ବା ଏକାଙ୍କିକା ନୁହେଁ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧି, ମାହାତ୍ମ୍ୟ ଧର୍ମ ଓ ଦର୍ଶନକୁ ମୂଳ କରି ଓଡ଼ିଆ ଭାଷାରେ କେତେକ ଗୀତିନାଟ୍ୟ ମଧ୍ୟ ସୃଷ୍ଟି ହୋଇଛି। ଓଡ଼ିଆ ଜଗନ୍ନାଥ ଚେତନାଧର୍ମୀ ଗୀତିନାଟ୍ୟକାର ଗଣକବି ବୈଷ୍ଣବ ପାଣି,ଗୋପାଳ ଛୋଟରାୟ, ସାରଦାପ୍ରସନ୍ନ ନାୟକ, ନୀଳକଣ୍ଠ ମିଶ୍ର, ଡକ୍ଟର କୃଷ୍ଣଚନ୍ଦ୍ର ନାୟକ ଏବଂ ବ୍ରଜମୋହନ ମହାନ୍ତିଙ୍କ ଗୀତିନାଟ୍ୟଗୁଡିକ ଏକାନ୍ତ ପ୍ରଣିଧାନଯୋଗ୍ୟ।

**ନାଟ୍ୟକାର ବୈଷ୍ଣବ ପାଣି:**

ଓଡ଼ିଆ ଗୀତିନାଟ୍ୟ ଜଗତର ସମ୍ରାଟ ଶିରୋମଣି ବୈଷ୍ଣବ ପାଣି ଜଗନ୍ନାଥ ଚେତନା ଆଧାରିତ ସଂଖ୍ୟାଧିକ ଗୀତିନାଟ୍ୟ ରଚନା କରି ଓଡ଼ିଆ ଜାତିର ବିଶ୍ୱାସ ଓ ଭରସାର ପ୍ରତୀକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା ଓ ମହତ୍ତ୍ୱକୁ ବିଶ୍ୱ ଦରବାରରେ ଚିର ପରିଚିତ କରିବା ସହ ଅନନ୍ୟ ଭୂମିକା ପ୍ରଦାନ କରିଛନ୍ତି। ତାଙ୍କ ରଚିତ ରଘୁ ଅରକ୍ଷିତ, ଲକ୍ଷ୍ମୀପୂଜା, କଳାପାହାଡ଼, କାଞ୍ଚି କାବେରୀ ଓ ଶ୍ରୀମନ୍ଦିରରେ ଓଡ଼ିଆ ଜାତିର ନିତ୍ୟ ନୈମିତିକ ଜୀବନର ରୂପ ଚିତ୍ର, ଓଡ଼ିଶୀ ସଂସ୍କୃତି ଚର୍ଯ୍ୟା ଏବଂଜଗନ୍ନାଥ ଚେତନାର ରସାଳ ପ୍ରୟୋଗ ଗୀତିନାଟ୍ୟ ସମୂହକୁ ପ୍ରାଣବନ୍ତ କରିପାରିଛି। ତାଙ୍କ ରଚିତ ଗୀତିନାଟ୍ୟରେ ବିଷୟ ବୈଚିତ୍ର ବୃକ୍ଷଟି ସ୍ୱଳ୍ପ ପରିମିତ ହେଲେ ମଧ୍ୟ ଏହାର ଗୀତିଧର୍ମିତାରେ ରହିଛି ଯଥେଷ୍ଟ ଓ ବିପୁଳ ରସସିକ୍ତ ବୈଚିତ୍ର। ନାଟ୍ୟକାର ବୈଷ୍ଣବ ପାଣି ନିଜେ ରଘୁ ଅରକ୍ଷିତ ଗୀତିନାଟ୍ୟକୁ ସୁଆଙ୍ଗ ଆଖ୍ୟା ଦେଇଛନ୍ତି। ଏହି ଗୀତିନାଟ୍ୟ କଳେବର ଦୃଷ୍ଟିରୁ ସଂକ୍ଷିପ୍ତ ହେଲେ ହେଁ ନାଟ୍ୟ ରସରେ ଏହାର ଉତ୍କର୍ଷ ଉପଲବ୍ଧି ହୁଏ। ଗୋପାଳଦାସ ରଘୁ ଅରକ୍ଷିତ କାହାଣୀଟିକୁ ଦାଢ୍ୟତାଭକ୍ତି

ରସାମୃତରୁ ଗୃହୀତ ହୋଇଥିବା ଭଳି ମନେହୁଏ ବୋଲି ମତ ପ୍ରକାଶ କରନ୍ତି।

ପଞ୍ଚସଖା ସାଧକ କବି ବଳରାମ ଦାସଙ୍କ ରଚିତ ଲକ୍ଷ୍ମୀ ପୁରାଣ ଆଧାରରେ ନାଟ୍ୟକାର ବୈଷ୍ଣବ ପାଣି ରଚନା କରିଛନ୍ତି ଲକ୍ଷ୍ମୀପୂଜା ଗୀତିନାଟ୍ୟ। ପ୍ରସିଦ୍ଧନାଟ୍ୟକାର ଅଶ୍ୱିନୀ ଘୋଷଙ୍କ କାଳାପାହାଡ଼ ନାଟକ ସହାୟତାରେ ବୈଷ୍ଣବପାଣି ସୃଷ୍ଟି କରିଛନ୍ତି କଳାପାହାଡ଼ ଗୀତିନାଟ୍ୟ। କବିଶ୍ରେଷ୍ଠ ପୁରୁଷୋତ୍ତମ ଦାସଙ୍କ କାଞ୍ଚିକାବେରୀ କାବ୍ୟ ଗୋପାଳ ଦାସଙ୍କ କାଞ୍ଚିକାବେରୀ ଗୀତିନାଟ୍ୟ ଓ ରାମଶଙ୍କର ରାୟଙ୍କ କାଞ୍ଚିକାବେରୀ ନାଟକ ଅବଲମ୍ବନରେ ଗଣକବି ବୈଷ୍ଣବ ପାଣି ରଚନା କରିଛନ୍ତି କାଞ୍ଚିକାବେରୀ ଗୀତିନାଟ୍ୟ। ନାଟ୍ୟକାର ଅଶ୍ୱିନୀ କୁମାର ଘୋଷଙ୍କ ଶ୍ରୀମନ୍ଦିର ନାଟକ ସହିତ ଅଜସ୍ର ଲୋକକଥା ଓ କିମ୍ବଦନ୍ତୀର ସହଯୋଗରେ ବୈଷ୍ଣବ ପାଣି ରଚନା କରିଥିଲେ ଶ୍ରୀମନ୍ଦିର ଗୀତିନାଟ୍ୟ। ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟର କଥାବସ୍ତୁ ଯେତିକି ପ୍ରାଣସ୍ପର୍ଶୀ ତାର ଗୀତି ଧର୍ମିତା ତଦପେକ୍ଷା ଅଧିକ ମଧୁର ଓ ପ୍ରାଣବନ୍ତ। ଗଣକବି ବୈଷ୍ଣବ ପାଣି ବିଭିନ୍ନ ଚରିତ୍ର ଭିତରେ ନୀଳାଚଳବାସୀ କ୍ଷେତ୍ରାଧିପତି ଜଗନ୍ନାଥଙ୍କ ଅନ୍ନପ୍ରସାଦ ଓ ଅନ୍ୟାନ୍ୟ ଶଙ୍କୁଡ଼ି ମହାପ୍ରସାଦର ଗୁଣଗାନରେ ଶତମୁଖ ହୋଇପଡିଛନ୍ତି। ତାଙ୍କ ରଚନାରେ ଶବ୍ଦ ସଂଯୋଜନା ମଧ୍ୟରେ ପଦଲାଳିତ୍ୟାର ଚମତ୍କାରିତା ଦର୍ଶକର ହୃଦୟକୁ ଗଭୀରଭାବେ ସ୍ପର୍ଶ କରେ। ଯଥା:

**ପ୍ରାଣ ଧନରେ !**
**ଧନ ଘେନିଣ କହନେ ଦେଉଳେ ଯାଅ।**
**ମଣ୍ଡା ସରପୁଡ଼ି, ଅମାଲୁ ଖେଚଡ଼ି-**
**ଖଟଣିରେ ବେଗେ ଲଗାଇ ଦିଅ।**
**ଥଣ୍ଡା ଭାବେ ଯିବ ପଣ୍ଡାକୁ କହିବ**
**ଦେବେ କିଛି କରି ଛେନା ମାଣ୍ଡୁଅ**
**ମନାଇ କହନ୍ତେ ମନା ନକରିର**
**ନନାମେଣ୍ଟାଇବେ ନିଷ୍ଟେ ସନ୍ଦେହ।**
**ସାକର ମହୁର ନିଷ୍ଟେ ଦେବେଟି**
**ନ ବହିବେ କେବେ ଚିତ୍ତରେ ରିହ**
**ଭୁଞ୍ଜିବେ ଅତିଥି ହେବ ଆମ୍ଭ ହିତ**
**ପାଦେ ପଡି ହେଲେ ହେବ ବିଦାୟ।**

କେବଳ ଏତିକି ନୁହେଁ , ଗଣକବିଙ୍କ ଲୋକପ୍ରିୟ ଶବ୍ଦଗୁଞ୍ଜନରେ ଗୀତିମୟତା ଛାନ୍ଦସିକ ଆବେଗ ସାଧାରଣ ମଣିଷ ହୃଦୟରେ ମଧ୍ୟ ରୋମାଞ୍ଚଓ ଭକ୍ତିକ ଭାବ ଜାତ କରିଥାଏ। ଯେମିତି:

**କିଏ ଯିବ ଆସହୋ ଜଗବନ୍ଧୁ ଦରଶନେ**
**ରହିବ ଗରୁଡ଼ ପଛେ ଚାହିଁବ ସଧୀରେ**
**ଖାଇବ ବଗଡ଼ାଭାତ କିଣିଣ ବିଧିରେ।**
**କ୍ଷୀରି ସରପୁଳି ଯେ ଅମାଲୁ ଦହିକଡି**
**ଚଳବା କାଳେ ସରବେହେବା ଛଡ଼ାଛଡ଼ି।**
**ଇନ୍ଦ୍ରଦ୍ୟୁମ୍ନ,ନରେନ୍ଦ୍ରେ, ସ୍ନାହାନ କରିବା**
**ମନ ସୁଖେ ଶମନ ଦଣ୍ଡରୁ ନିସ୍ତରିବା।**

କବି ପ୍ରତିଭା ପ୍ରଖ୍ୟାତ ଲୋକନାଟ୍ୟକାର ବୈଷ୍ଣବ ପାଣି ସାଧାରଣ ଜନତାଙ୍କ ମନୋରଂଜନ ନିମନ୍ତେ ଗୀତିନାଟ୍ୟ ରଚନା କରିଥିଲେ ମଧ୍ୟ ତାଙ୍କ ପ୍ରଣୀତ ଶ୍ରୀଜଗନ୍ନାଥ ଚେତନା ସମ୍ବଳିତ ଗୀତିନାଟ୍ୟଗୁଡ଼ିକରେ ଶ୍ରୀଜଗନ୍ନାଥୈକପ୍ରାଣତାର ସୁଷ୍ଠୁ ପରିଚୟ ମିଳିଥାଏ। ଓଡ଼ିଆ ଗୀତିନାଟ୍ୟ ରଚନା କ୍ଷେତ୍ରରେ ବୈଷ୍ଣବ ପାଣିଙ୍କ ଅବଦାନ ଅତୁଳନୀୟ। ବିଶେଷ କରି ପୌରାଣିକ କଥାବସ୍ତୁର ନିଚୋଳ ଚିତ୍ରଣ ତାଙ୍କୁ ଜଣେ ସଫଳ ନାଟ୍ୟସ୍ରଷ୍ଟାର ସ୍ଥାନ ପ୍ରଦାନ କରେ। ପୁନଶ୍ଚ ପୁରାଣଭିତ୍ତିକ କଥାକାହାଣୀ ମଧ୍ୟରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ ବଡ଼ଦାଣ୍ଡ, ଶରଧାବାଲି, ବଡ଼ପଣ୍ଡା, ବଡ଼ଦେଉଳ, ବଡ଼ଠାକୁର, ମହାପ୍ରସାଦ, ରଥଯାତ୍ରା, ଶ୍ରୀକ୍ଷେତ୍ରର ବିବିଧ ସ୍ଥାନ,ପୀଠ, ମଠ ଆଦିର ଚମତ୍କାରିତା ସହ ପୌରାଣିକ ଆଖ୍ୟାନର ସଂଯୋଜନ ଆଶୁକବି ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟକୁ ଚରମ ସଫଳତା ପ୍ରଦାନ କରିପାରିଛି।

**ନାଟ୍ୟକାର ଗୋପାଳ ଛୋଟରାୟ:**

ଓଡ଼ିଆ ନାଟ୍ୟ ଜଗତର ଜଣେ ସଫଳ ବିନ୍ଧାଣି ଗୋପାଳ ଛୋଟରାୟ ବହୁ ସଂଖ୍ୟକ ଭିନ୍ନରୁଚିର ନାଟକ ରଚନା କରି ଯଥେଷ୍ଟ ଲୋକପ୍ରିୟତା ଶ୍ରଦ୍ଧା ଓ ସମ୍ମାନର ଆସନ ବିମଣ୍ଡନ କରିଛନ୍ତି। ବହୁ ଆଧୁନିକ ସାମାଜିକ ନାଟକ ରଚନା କରି ଜଣେ ସଫଳ ନାଟ୍ୟକାରର ପରିଚୟ ସେ ପ୍ରଦାନ କରନ୍ତି। ନାଟକ ସହିତ ବିପୁଳ ସଂଖ୍ୟକ ଗୀତିନାଟ୍ୟ ମଧ୍ୟ ସେ ରଚନା

କରିଛନ୍ତି । କେବଳ ମଞ୍ଚ ନୁହେଁ ବରଂ ଆକାଶବାଣୀ ଜରିଆରେ ସେସବୁ ପ୍ରସାରିତ ହୋଇ ଯଥେଷ୍ଟ ଲୋକାଦୃତି ଲାଭ କରିଛନ୍ତି । ନାଟ୍ୟକାର ଗୋପାଳ ଛୋଟରାୟଙ୍କ ପ୍ରଣୀତ ଶ୍ରୀଜଗନ୍ନାଥ ଗୀତିନାଟ୍ୟରେ ବିଷୟବସ୍ତୁ ଦୃଷ୍ଟିରୁ କୌଣସି ବୈଚିତ୍ର ଉପଲବ୍ଧ ହୁଏ ନାହିଁ । କିନ୍ତୁ ନାଟକୀୟ ଶୈଳୀ ଓ ଚରିତ୍ର ବିଶ୍ଳେଷଣ ଦର୍ଶକ ବା ଶ୍ରୋତାର ହୃଦୟ ଜିଣିଥାଏ । ନୀଳମାଧବ ପୂଜା ଓ ତାହାପରଠାରୁ ଶ୍ରୀଜଗନ୍ନାଥଙ୍କ ଅପୂର୍ଣ୍ଣ ଚତୁର୍ଦ୍ଧାମୂର୍ତ୍ତି ଏବଂ ସେହି ମୂର୍ତ୍ତି ପ୍ରତିଷ୍ଠା ଓ ନିର୍ବଂଶ ହେବା ପାଇଁ ଇନ୍ଦ୍ରଦ୍ୟୁମ୍ନଙ୍କର ଶ୍ରୀଜଗନ୍ନାଥଙ୍କୁ ବରଭିକ୍ଷା ପ୍ରଭୃତି ପ୍ରସଙ୍ଗ ହେଉଛି ଶ୍ରୀଜଗନ୍ନାଥ ଗୀତିନାଟ୍ୟର କଥାବସ୍ତୁ । ତଥାପି ଏଥିରେ ବିଦ୍ୟାପତିଙ୍କୁ ଇନ୍ଦ୍ରଦ୍ୟୁମ୍ନଙ୍କର ପୁତ୍ରଭାବରେ ଚିତ୍ରଣ କରାନଯାଇ ମାଳବ ନଗରୀର ଜଣେ ଶ୍ରେଷ୍ଠ ସୁବେଦୀ ବ୍ରାହ୍ମଣ ଭାବରେ ଚିତ୍ରଣ କରାଯାଇଅଛି । ଇନ୍ଦ୍ରଦ୍ୟୁମ୍ନଙ୍କର ଭିକ୍ଷୁ ଭକ୍ତି ଅପେକ୍ଷା ମହାରାଣୀ ଗୁଣ୍ଡିଚାଙ୍କର ଭକ୍ତିର ଅତିଶୟୋକ୍ତି ବର୍ଣ୍ଣିତ ହୋଇଛି । ଏକଥା ଇନ୍ଦ୍ରଦ୍ୟୁମ୍ନଙ୍କର ସଂଳାପରୁ ସ୍ପଷ୍ଟ ପ୍ରତୀୟମାନ ହୁଏ । ମହାରାଣୀ ଗୁଣ୍ଡିଚାଙ୍କର ସେଇ ଗୋଟିଏ କଥାରୁ ଭକ୍ତି ପ୍ରାଣତାର ପରିଚୟ ମିଳେ – ମନେ ମନେ କେତେ ସ୍ୱପ୍ନ ଦେଖୁଛି ଠାକୁରେ ବିଜେ ହେବେ, ପ୍ରତିଷ୍ଠା ପାଇବେ ପୂଜା ଅର୍ଚ୍ଚନା ହେବେ, ମଙ୍ଗଳ ଆଳତି ବେଳେ ମୁଁ ଘଣ୍ଟ ବଜାଇବି, ସନ୍ଧ୍ୟା ଆଳତିରେ ଶଙ୍ଖ ଫୁଙ୍କିବି, ସୁନା ଥାଳିରେ ସଦ୍ୟ ସରପୁଳି, ଅନ୍ନ ବ୍ୟଞ୍ଜନ ମଣୋହି ବଢ଼ାହେବ । ଇନ୍ଦ୍ରଦ୍ୟୁମ୍ନ , ବିଦ୍ୟାପତି, ବିଶ୍ୱାବସୁ ପ୍ରଭୃତିଙ୍କର ଭକ୍ତିମତ୍ତା ଏବଂ ଜଗନ୍ନାଥୈକପ୍ରାଣତା ପ୍ରଦର୍ଶନ ଛଳରେ ନାଟ୍ୟକାର ଗୋପାଳ ଛୋଟରାୟ ଗୀତିନାଟ୍ୟଟିର ବହୁ ସ୍ଥାନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ରୂପ ଗୁଣ ଓ ମହାତ୍ମ୍ୟର ଚଟୁଳ ଓ ଆକର୍ଷଣୀୟ ବର୍ଣ୍ଣନା କରିଛନ୍ତି । ବିଦ୍ୟାପତିଙ୍କର ମୁଖରେ ନାଟ୍ୟକାର ସଂଳାପ ସଂଯୋଡି ଲେଖନ୍ତି– "ଏ ନିବିଡ଼ ଅରଣ୍ୟରେ କିଏ ବା ବାଟ ନଭୁଲିବ ? କିନ୍ତୁ କାହାର ମହାମନ୍ତ୍ର ଶକ୍ତି, କାହାର ମାୟା ମତେ ଏଠିକି ବାଟ ଦେଖାଇ ଟାଣି ଆଣିଲା । କିଛି ବୁଝି ପାରୁନି, ଏ ରହସ୍ୟ ଭିତରେ କ'ଣ ଅଛି, ଗୋଟିଏ କେଉଁ ଅଦୃଶ୍ୟ ଶକ୍ତି ମୋତେ ଏଠିକି ଟାଣି ଆଣିଲା । ଏଠି ମୋ କଥା ଶୁଣି ଏ ଶବରୀ କନ୍ୟା ମନରେ ଭ୍ରମଜାତ ହୋଇଛି କାହିଁକି ? ପ୍ରଭୁ ଜଗନ୍ନାଥ ତମରି ଅନୁସରଣରେ ଆସିଛି । ଆଃ ଏ କ'ଣ ମୁଁ ଦେଖୁଛି ? ଏକି ଅପରୂପ ମୂର୍ତ୍ତି ମୁଁ ଦେଖୁଛି । ମୁଁ ନିସ୍ତରି ଗଲି । ନିସ୍ତରିଗଲି । ସବୁ ଅନ୍ଧାରକୁ ଫେରି କି ରଙ୍ଗେ ଆସୁଛି ଉଇଁ, ନୟନାରି ରାମ ନୀଳ ଆଲୋକରେ ଭାତି । ନୀଳ ଏ ନୀଳକନ୍ଦର ସବୁ ତୋ ନୀଳ ସୁନ୍ଦର, ବଟ ତଳେ ଭରା ନୀଳମାଧବ ମୂରତି ।"

ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଐକାନ୍ତିକ ଭକ୍ତିଭାବର ନିଚ୍ଛକ ବର୍ଣ୍ଣନା ନାଟ୍ୟକାରଙ୍କ ନାଟ୍ୟପ୍ରତିଭାର ଉତ୍କର୍ଷ ପ୍ରତିପାଦନ କରେ । ଆଖ୍ୟାନର ଚଟୁଳ ଓ ଭକ୍ତିରସାତ୍ମକ ଭାବକୁ ସେ ଚରିତ୍ର ମାନଙ୍କ ମୁଖରେ ସଂଳାପ ଜରିଆରେ ଏତେ ଚମତ୍କାର ଭାବରେ ଫୁଟାଇଛନ୍ତି ଯେ ତାହା ଗୀତିନାଟ୍ୟର ସାହିତ୍ୟକ ଓ ଭାଷାତାତ୍ତ୍ୱିକ ଦିଗକୁ ଯେତିକି ସୁଦୃଢ଼ ଓ ବଳିଷ୍ଠ କରିଛି । ଦର୍ଶକ ତଥା ପାଠକ କେବଳ ନୁହେଁ ବରଂ ତା'ର ଆତ୍ମିକ ଦିଗଟିକୁ ନାଟ୍ୟକାର ଯଥୋଚିତ ଭାବମୟ ଓ ସଶକ୍ତ କରିବା ପାଇଁ ଚେଷ୍ଟା କରିଛନ୍ତି । ଯଥାର୍ଥରେ ନାଟ୍ୟକାର ଗୋପାଳ ଛୋଟରାୟଙ୍କ ଶ୍ରୀଜଗନ୍ନାଥ ରଚନାଟି ଗୀତିନାଟ୍ୟର ଚରମ ନିଦର୍ଶନ ଓ ନିଟୋଳ ପରିପ୍ରକାଶ ।

**ନାଟ୍ୟକାର ସାରଦା ପ୍ରସନ୍ନ ନାୟକ:**

ଓଡ଼ିଆ ନାଟ୍ୟ ଜଗତର ଜଣେ ସଫଳ ସ୍ରଷ୍ଟା ହେଉଛନ୍ତି ସାରଦା ପ୍ରସନ୍ନ ନାୟକ । ନାଟ୍ୟକାରଙ୍କ ଶ୍ରୀଗୁଣ୍ଡିଚା ଗୀତିନାଟ୍ୟ ଏକ ବହୁଚର୍ଚ୍ଚିତ ଶ୍ରୀଜଗନ୍ନାଥ ଭକ୍ତି ସମ୍ବଳିତ ନାଟ୍ୟ ସୃଷ୍ଟି । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା ସହିତ ବହୁ ପାରମ୍ପରିକ କାହାଣୀ, ଲୋକକଥା, କିମ୍ବଦନ୍ତୀ ଏବଂ ଇତିହାସ ବିଜଡ଼ିତ କଥା ଓ କାହାଣୀର ରମ୍ୟ ମଧୁର ସମନ୍ୱୟ ଘଟିଛି । ଓଡ଼ିଆ ସଂସ୍କୃତି, ଧର୍ମ, ସମାଜ ଓ ଜୀବନର କେନ୍ଦ୍ରବିନ୍ଦୁ ପାଲଟିଥିବା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ତାତ୍ତ୍ୱିକ ଦିଗ ଓ ମହିମାଦିର ପ୍ରଚାର ପ୍ରସାରକୁ ଦୃଷ୍ଟିରେ ରଖି ନାଟ୍ୟକାର ଏହି ଗୀତିନାଟ୍ୟର ପରିକଳ୍ପନା କରିଛନ୍ତି । ତେଣୁ ଏଥିରେ ଜଗନ୍ନାଥ ହିଁ ମୁଖ୍ୟ ଆକର୍ଷଣ ।

ନାଟ୍ୟକାର ସାରଦା ପ୍ରସନ୍ନ ସର୍ବ ପ୍ରଥମେ ନାରଦ ବ୍ରହ୍ମା, ବିଷ୍ଣୁ, ବିଶ୍ୱାବସୁ, ବିଦ୍ୟାପତି, ଲଳିତା, ଇନ୍ଦ୍ରଦ୍ୟୁମ୍ନ ଓ ଶ୍ରୀଗୁଣ୍ଡିଚା ଆଦି ଚରିତ୍ର ମାଧ୍ୟମରେ ଶ୍ରୀଗୁଣ୍ଡିଚା ଉତ୍ସବର ଅୟମାରମ୍ଭ ଅନ୍ତରାଳରେ ଥିବା କଥାତ କାହାଣୀର ଅବତାରଣା କରିଛନ୍ତି ।

ଏହି ପ୍ରସଙ୍ଗରେ ନାଟ୍ୟକାର ବିଷ୍ଣୁଙ୍କ ମୁଖରେ ଶ୍ରୀକ୍ଷେତ୍ର ଧାମର ମହତ୍ତ୍ୱ ଓ ଶ୍ରେଷ୍ଠତ୍ୱ ପ୍ରକାଶ କରି କହିଛନ୍ତି- ପ୍ରଳୟ ପୟୋଧ ଜଳେ ମହାକଳ୍ପ ବଟ ମୂଳ ହେ। ଭାସୁଥିଲି ପତ୍ରେ ତାର ଥିଲା ନୀଳଗିରି ଥଳ ହେ। ସତ୍ୟ, ଧର୍ମ, ମୋକ୍ଷ ପାଇଁ ଏ ପ୍ରଳୟ ଥିଲା ହୋଇ ମହାପ୍ରଳୟ କଷଟି କଷି ଦେଲା ଭଲ ଭେଲ ହେ। ସେହି ବିଷ୍ଣୁ ନିଜେ ବ୍ରହ୍ମାଙ୍କ ଆଗରେ ପ୍ରକାଶ କରିଛନ୍ତି ଯେ ସେ ନିଜେ ନୀଳମାଧବ ରୂପରେ ନୀଳ କନ୍ଦରରେ ବିଶ୍ୱାବସୁ ଶବର ଦ୍ୱାରା ପୂଜା ପ୍ରାପ୍ତ ହେବେ। ତାଙ୍କର ବାଣୀ ଅବଶୋଷରେ ସତ୍ୟରେ ପରିଣତ ହୋଇଛି।

ନାଟ୍ୟକାର ଶ୍ରୀ ନାୟକ ଓଡ଼ିଆ ଜାତିର ପ୍ରାଣରେ ବିଶ୍ୱାସ ଓ ଭରସାର ସୁଦୃଢ଼ ସ୍ଥାନ ମାଡି ବସିଥିବା ବହୁ କିମ୍ବଦନ୍ତୀ ଓ ଲୋକକଥା କାହାଣୀର ରୂପଚିତ୍ରକୁ ଜୀବନ୍ନ୍ୟାସ ଦେବାରେ ସଫଳ ଭୂମିକା ଗ୍ରହଣ କରିଛନ୍ତି। ଓଡ଼ିଶାରେ ପ୍ରଚଳିତ କାଂଚି ଅଭିଯାନ, ବଳରାମ ଦାସଙ୍କ ବାଲିରଥ ନିର୍ମାଣ, ତିନି ଠାକୁରଙ୍କୁ ବନ୍ଧୀକରଣ ପ୍ରସଙ୍ଗ, ଦାସିଆ ବାଉରୀ କାହାଣୀ ଓ ଭକ୍ତ ସାଲବେଗଙ୍କ ନିମନ୍ତେ ବଡ଼ଦାଣ୍ଡରେ ତିନି ଠାକୁରଙ୍କ ରଥ ଅଟକିଯିବା କିମ୍ବଦନ୍ତୀ ଆଦି ଏହି ଗୀତିନାଟ୍ୟରେ ବିଭିନ୍ନ ଗୀତ ସଂଯୋଜନରେ ଗୀତିନାଟ୍ୟ। ସ୍ରଷ୍ଟା ଶ୍ରୀ ନାୟକ ଶ୍ରୀଜଗନ୍ନାଥଙ୍କ ମହାତ୍ମ୍ୟ ଓ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି।ଶ୍ରୀ ଜଗନ୍ନାଥ ଚେତନା ଦୃଷ୍ଟିରୁ ଶ୍ରୀଗୁଣ୍ଡିଚା ଏକ ସଫଳ ଓ ଶ୍ରେଷ୍ଠ ଗୀତିନାଟ୍ୟ।

**ନାଟ୍ୟକାର ବ୍ରଜମୋହନ ମହାନ୍ତି:**

ଉତ୍କଳ ମାଟିର ବିଶିଷ୍ଟ ବାଣୀ ସାଧକ ସାହିତ୍ୟିକ ବ୍ରଜମୋହନ ମହାନ୍ତି ବହୁମୁଖୀ ପ୍ରତିଭାର ଅଧିକାରୀ। ଜଣେ ସଫଳ ନାଟ୍ୟକାର ଭାବେ ମଧ୍ୟ ସେ ତାଙ୍କର ସଫଳତାର ପ୍ରମାଣ ପ୍ରଦାନ କରିଛନ୍ତି ସଂଖ୍ୟାଧିକ ନାଟକ ଓ ଗୀତିନାଟ୍ୟ ରଚନା କରି। ନାଟ୍ୟକାର ଶ୍ରୀ ମହାନ୍ତିଙ୍କ ରଚିତ ଗୀତିନାଟ୍ୟ ରଘୁ ଅରକ୍ଷିତରେ ରଖୁ ଅରକ୍ଷିତର ଆଧ୍ୟାତ୍ମିକ ଆସ୍ପୃହା ଏବଂ ଶ୍ରୀଜଗନ୍ନାଥଙ୍କର ଅପୂର୍ବ ଭକ୍ତ ବତ୍ସଳତା ଜୀବନ୍ତ ରୂପ ଲାଭ କରିଛି। ରଘୁ ଅରକ୍ଷିତ ଶ୍ରୀକ୍ଷେତ୍ରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ପତିତପାବନ ମୂର୍ତ୍ତି ଦେଖି ନିଜକୁ କୃତକୃତ୍ୟ, ପବିତ୍ର ଓ ଧନ୍ୟ ମଣିଛି। ନାଟ୍ୟକାର ଶ୍ରୀ ମହାନ୍ତି ରଘୁ ଅରକ୍ଷିତ ଚରିତ୍ରର ମୁଖରେ ତା'ର ଭକ୍ତିଭାବର ଛଳଛଳ ପରିପ୍ରକାଶ ଜରିଆରେ କହିଛନ୍ତି- ହୀନ କପାଳ ମୋହର, ମହାବାହୁ, ନିରାକାର, ବଡ଼ଦାଣ୍ଡେ କଟେ ମୋର ଦିନ। ପତିତପାବନ ନେତ, ଦେଖି ନୟନ ପବିତ୍ର, ନୀଳଚକ୍ରେ ରହିଥାଉ ମନ ହେ ଚକ୍ରଧର, ରଘୁ ଅରକ୍ଷିତେ ଦୟାକର।" ନାଟ୍ୟକାରଙ୍କ ସଂଳାପ ପ୍ରୟୋଗ ଓ ସଂଗୀତ ସଂଯୋଜନାରେ ଗୀତିନାଟ୍ୟର ମନୋଜ୍ଞ ନାଟ୍ୟ ପରିବେଷଣ ଶ୍ରୋତା, ଦ୍ରଷ୍ଟା ତଥା ପାଠକ ପ୍ରାଣରେ ଅବିକଳ ଭକ୍ତିଭାବର ଉତ୍ତାଳ ତରଙ୍ଗ ତୁଟାଇ ଶ୍ରୀଜଗନ୍ନାଥ ଚେତନା ଭିତରେ ମଗ୍ନ ବିମୁଗ୍ଧ କରିଦଏ।

ନାଟ୍ୟକାର ବ୍ରଜମୋହନଙ୍କ ଅନ୍ୟ ଏକ ସଫଳ ଗୀତିନାଟ୍ୟ ମହାବାହୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ରଚିତ। ଏହି ଗୀତିନାଟ୍ୟରେ ଶଣଣ ରକ୍ଷକ ବଳିୟାର ବୁଜ ଚକାଡୋଳାଙ୍କୁ କ୍ତ ବତ୍ସଳ ଓ ଭକ୍ତ ରକ୍ଷକ ଭାବେ ନାଟ୍ୟକର ଚିତ୍ରଣ କରିଛନ୍ତି। ମହାବାହୁ ଚରଣାରବିନ୍ଦେ ଯୁଗେ ଯୁଗେ ଭକ୍ତର ନିବେଦନ ରହିଛି। ତୁମ ନାମ ଧରି, ପ୍ରଭୁ ନରହରି, ଜଗତେ ହୋଇଲେ ବନ୍ଧା। ଅପଯଶ ବାନା ଉଡୁଥିବା ସିନା କାହାକୁ ହେବ ଏ ନିନ୍ଦା। ସବୁ ଯାଉ ପ୍ରଭୁ ମହତ ଜଗତେ ଥାଉ। ନାଟ୍ୟକାର ଶ୍ରୀ ମହାନ୍ତିଙ୍କ ସଂଳାପର ପ୍ରୟୋଗ ଯଥୋଚିତ ଓ ପ୍ରାସଙ୍ଗିକ ହୋଇଥିବାରୁ ଏହାର ସ୍ୱାଦ ପାଠକ ପ୍ରାଣକୁ ନିବିଡ଼ ସ୍ପର୍ଶକରେ। ତାଙ୍କର ସାଙ୍ଗୀତିକ ସଂଳାପ ସହ ଭାକ୍ତିକ ଶବ୍ଦ ସଂଯୋଜନ ଗୀତିନାଟ୍ୟର ନାଟକୀୟ ପରିବେଶକୁ ଅଧିକ ପ୍ରାରବନ୍ତ ଓ ମନୋଜ୍ଞ କରିବାରେ ସମର୍ଥ।

**ନାଟ୍ୟକାର କୃଷ୍ଣଚନ୍ଦ୍ର ନାୟକ:**

ଓଡ଼ିଆ ଗୀତିନାଟ୍ୟ ରଚନାରେ ସଫଳ ଓ ସିଦ୍ଧହସ୍ତ ସ୍ରଷ୍ଟା ଡକ୍ଟର କୃଷ୍ଣଚନ୍ଦ୍ର ନାୟକ ବିବିଧ ରୁଚିର ଗୀତିନାଟ୍ୟ ସର୍ଜନା କରିଛନ୍ତି। ବିଶେଷ କରି ପୌରାଣିକ ଆଖ୍ୟାନମୂଳକ ଗୀତିନାଟ୍ୟରେ ସେ ତାଙ୍କର ଚରମ ପ୍ରତିଭାର ପରାକାଷ୍ଠା ପ୍ରଦର୍ଶନ କରିଥିବା ଜଣାଯାଏ। ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ନାଟ୍ୟକାର ରଚନା କରିଥିବା ଗୀତିନାଟ୍ୟଟି ହେଉଛି କାଞ୍ଚି ବିଜୟ। ରାମଶଙ୍କର ରାୟଙ୍କ କାଞ୍ଚି କାବେରୀ ନାଟକ ଓ କୃଷ୍ଣଚନ୍ଦ୍ର ନାୟକଙ୍କ କାଞ୍ଚି ବିଜୟ ଗୀତିନାଟ୍ୟ ମଧ୍ୟରେ ବିଶେଷ କିଛି ପାର୍ଥକ୍ୟ ପରିଲକ୍ଷିତ ହୁଏ ନାହିଁ। କଥାବସ୍ତୁ ଦୃଷ୍ଟିକୋଣରୁ

ବିଚାର କଲେ କାଞ୍ଚି କାବେରୀ ନାଟକରେ ମହାସୁଆର ଜଗନ୍ନାଥଙ୍କ ସ୍ୱପ୍ନାଦେଶ ଗଜପତିଙ୍କୁ ଜଣାଇବା ପରେ ଗଜପତି ସ୍ଥିର ନିଶ୍ଚିତ ହେଲେ ଯେ ପ୍ରଭୁ ଶ୍ରୀଜଗନ୍ନାଥ ଓ ବଳଭଦ୍ର ଯୁଦ୍ଧ ଭୂମିକୁ ଯାତ୍ରା କରିବେ । ମାତ୍ର କୃଷ୍ଣଚନ୍ଦ୍ର ନାୟକ ତାଙ୍କ ରଚିତ କାଞ୍ଚି ବିଜୟ ଗୀତିନାଟ୍ୟରେ ଗଜପତି ମହାରାଜା ପାଞ୍ଚଦିନ ଯାଏଁ ଉପାସ ବ୍ରତ ପାଳନ ପରେ ତାଙ୍କ ମସ୍ତକରେ ପୁଷ୍ପ ବୃଷ୍ଟି ହୋଇଛି ଏବଂ ସେଥିରୁ ସ୍ପଷ୍ଟ ସୂଚିତ ହୋଇଅଛି ଯେ ପୁଷ୍ପ ବୃଷ୍ଟି ମାଧ୍ୟମରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର କୃପା ତଥା ଆଶୀର୍ବାଦ ପ୍ରାପ୍ତ ହୋଇଛି ବୋଲି ବର୍ଣ୍ଣନା କରିଛନ୍ତି । ଗଜପତିଙ୍କ ଆକୁଳ ପ୍ରାର୍ଥନା ପରେ ସ୍ୱର୍ଗବାଣୀ ମାଧ୍ୟମରେ ପ୍ରଭୁ ଶ୍ରୀଜଗନ୍ନାଥ ଜଣାଇ ଅଛନ୍ତି ଯେ ସେ ସତ୍ୟ ଓ ଧର୍ମ ରକ୍ଷା ପାଇଁ କାଞ୍ଚି ଯୁଦ୍ଧକୁ ଯିବେ । କାଞ୍ଚି କାବେରୀ ନାଟକରେ ମହାସୁଆର ସମ୍ବାଦ ଦେଇଥିଲେ ଯେ ଦୁଇଟି ତରବାରୀ ଶତ୍ରୁପକ୍ଷର ସୈନ୍ୟ କ୍ଷୟ କରିବେ । ଅନ୍ୟ କିଛି ନୂତନତ୍ୱ ଉଭୟ ବର୍ଣ୍ଣନାରେ ପରିଲକ୍ଷିତ ହୁଏ ନାହିଁ ।

କୃଷ୍ଣଚନ୍ଦ୍ରଙ୍କ କାଞ୍ଚି ବିଜୟ ଗୀତିନାଟ୍ୟରେ ଶ୍ରୀଜଗନ୍ନାଥ ଚେତନାର ଯେଉଁ ପରିପ୍ରକାଶ ଘଟିଛି ତହିଁରେ ପ୍ରଥମତଃ ଗଜପତିଙ୍କ ସ୍ତୁତି ପରେ କାଞ୍ଚି ରାଜଜେମା ପଦ୍ମାବତୀଙ୍କ ସ୍ତୁତି ରଥଯାତ୍ରା ବେଳେ ଭକ୍ତମାନଙ୍କର ସ୍ତୁତି ଏବଂ ଗୀତିନାଟ୍ୟର ଯବନିକା ପାତରେ ଅନ୍ତରାଳରୁ ଭକ୍ତି ଗୀତର ସଂଯୋଜନା ବେଶ୍ ହୃଦୟଗ୍ରାହୀ । କାଞ୍ଚି ରାଣୀ ଓ କାଞ୍ଚି ମନ୍ତ୍ରୀ ଉତ୍କଳ ଭୂଖଣ୍ଡର ଲୋକନହୋଇଥଲେ ମଧ୍ୟ ସେମାନଙ୍କ ମୁଖରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜୟ ଜୟକାର ଓ ମାହାତ୍ମ୍ୟ ବର୍ଣ୍ଣିତ ହୋଇଛି । ଏହାକୁ ସାଙ୍ଗୀତିକ ସଂଳାପ ମାଧ୍ୟମରେ ନାଟ୍ୟକାର କହନ୍ତି-

କାଞ୍ଚିରାଣୀ-

**"ଭକତ-ବତ୍ସଳ ପ୍ରଭୁ ନୀଳାଦ୍ରିବିହାରୀ**
**ପାଇକ ବେଶରେ ଆଜି ବିଜେ ରଣସ୍ଥଳେ**
**ଉଜ୍ଜ୍ୱଳ ନୃପରେ ଦେଇ ବିଜୟ ଗୌରବ**
**ଭକତ ଲାଞ୍ଛନାର ସେ ନେବେ ପ୍ରତିଶୋଧ**
**ତା' ନହୋଇଥଲେ ସାମାନ୍ୟେ ପାଇକେ**
**ଡରି ଦେଇଥାନ୍ତେ ଛତ୍ରଭଙ୍ଗ କାଞ୍ଚିର ଫଉଜ ?**
**ଧର୍ମକ୍ଷେତ୍ର କୁରୁକ୍ଷେତ୍ର ସମର ପ୍ରାଙ୍ଗଣେ**
**ଯହିଁ ଲଢେଇ ଭୈରାବେ**
**ଭୀଷ୍ମ, ଦ୍ରୋଣ, କର୍ଣ୍ଣ ଆଦି ସପ୍ତ ମହାରଥୀ**
**ସେ ଯୁଦ୍ଧର ଫଳାଫଳ ଅଜାଣତ ନୁହେଁ କାହାରିକି ।"**

କାଞ୍ଚି ବିଜୟ ଗୀତିନାଟ୍ୟରେ ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି କେନ୍ଦ୍ରବିନ୍ଦୁ । ନାଟ୍ୟକାର ଏଥିରେ ଦର୍ଶାଇଛନ୍ତି ଯେ ଓଡ଼ିଶାର ପ୍ରକୃତ ଶାସକ ହେଉଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥ । ଗଜପତି ରାଜା ହେଉଛନ୍ତି କେବଳ ତାଙ୍କର ଚଳନ୍ତି ପ୍ରତିମା ମାତ୍ର । ଏହି ଭାବକୁ ବ୍ୟକ୍ତ କରିବାକୁ ଯାଇ ନାଟ୍ୟକାର କାଞ୍ଚି ବିଜୟରେ ଗଜପତି ମହାରାଜାଙ୍କ କଣ୍ଠରେ ଯେଉଁ ସଂଳାପ ଗୁମ୍ଫନ କରିଛନ୍ତି ତାହା ଗଜପତି –

**ହୀନମତି କାଞ୍ଚି ଅଧୀଶ୍ୱର**
**ଜ୍ଞାନହୀନ ବିବେକ ବିହୀନ**
**କାଷ୍ଠର ପିତୁଳା କହି**
**ଲାଞ୍ଛନା ସେ ଦିଏ ଦେବତାରେ ?**
**ଯା ଆଦେଶ ଶିରେ ଧରି ମୁହିଁ**
**କରୁଛି ଶାସନ ଏହି ଉତ୍କଳ ମଣ୍ଡଳ**
**ସେ କି ହୋଇପାରେ କାଷ୍ଠର ପିତୁଳା ?"**

ଓଡ଼ିଆଜାତିର ପ୍ରାଣ, ସଂସ୍କୃତିର ମୂଳପିଣ୍ଡ, ଲୋକବିଶ୍ୱାସ ପରମ୍ପରାର ଉତ୍ସ ଦାରୁଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତାତ୍ତ୍ୱିକ ରୂପ, ଧାର୍ମିକ ମାହାତ୍ମ୍ୟ ଓ ଆଧ୍ୟାତ୍ମିକ ପରିଚର୍ଯ୍ୟା ଓଡ଼ିଆ ନାଟ୍ୟ ସାହିତ୍ୟର କଳେବର ମଣ୍ଡନ କରି ସାରା ବିଶ୍ୱକୁ ଶାନ୍ତି ମୈତ୍ରୀ ଓ ଭାଇଚାରାର ବାର୍ତ୍ତା ପ୍ରେରଣ କରିବାରେ ସଫଳ ଭୂମିକା ଗ୍ରହଣ କରିଛି । ନାଟକୀୟ ଶୈଳୀ, ଚାରିତ୍ରିକ ଅବତାରଣା, ଶୈଳ୍ପିକ ଅଭିବ୍ୟଞ୍ଜନା, ସାଙ୍ଗୀତିକ ପରିଚର୍ଯ୍ୟା, ପ୍ରାସଙ୍ଗିକ ସଂଳାପଗୁମ୍ଫନ, ଆବେଗମୟ କଥାବସ୍ତୁର ବର୍ଣ୍ଣନା ଆଦିରେ ଓଡ଼ିଆ ଗୀତିନାଟ୍ୟ ଜଗତ ବିପୁଳ ସାରସ୍ୱତ ପାରିପାଟୀରେ ପରିପୂର୍ଣ୍ଣ । ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ମୁଖ୍ୟ ଆଧାର କରି ଓଡ଼ିଆ ଗୀତିନାଟ୍ୟ ହୋଇଛି ଅନନ୍ୟ, ସମୃଦ୍ଧ, ସଂସ୍କାରଶୀଳ ଏବଂ ଅଧ୍ୟାତ୍ମ ଭାବ ବିଜଡ଼ିତ । ତେଣୁ ଓଡ଼ିଆ ଗୀତିନାଟ୍ୟରେ ନାଟ୍ୟସ୍ରଷ୍ଟା ଶ୍ରୀ ଜଗନ୍ନାଥ ଚେତନାକୁ ମୁଖ୍ୟ ଆତ୍ମିକ ରୂପ ପ୍ରଦାନ କରି ଓଡ଼ିଆ ଅଭିନୟ କଳା ଓ ନାଟ୍ୟ ସାହିତ୍ୟର ବାଣିଭୂମିକୁ ଚିର ଭାସ୍ୱର କରିପାରିଛି ।

# ସାଂପ୍ରତିକ ଗଳ୍ପକଳାର ଆତ୍ମୀକ ଦିଗନ୍ତ ଓ ଗାଳ୍ପିକ ସୁନୀଲ ରଥ



ISSN-2583-6978
Volume-3
Issue-8
AUGUST-2023

**ଡ. ସୁମନ୍ତ ନାଏକ**

**ଅଧ୍ୟାପକ ଓଡ଼ିଆ ବିଭାଗ**
**ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦୁଝର**

କ୍ଷୁଦ୍ର ଗଳ୍ପ ହେଉଛି ଏକ ଇମ୍ପ୍ରେସନ, ଏହା ଏକ ସଂକ୍ଷିପ୍ତ ଗଦ୍ୟ କାହାଣୀ, ଯାହାର ଉଦ୍ଦେଶ୍ୟ ପରିବେଶ ବା ମାନସିକତା ଅବଲମ୍ବନରେ ଗୋଟିଏ ସଂକଟମୟ ମୁହୂର୍ତ୍ତ ସୃଷ୍ଟି କରି ସମଗ୍ରତା ଲାଭ କରିବା। ମଣିଷ ଜୀବନ ପ୍ରବାହରେ ଯେଉଁ ମୁହୂର୍ତ୍ତଟି ସ୍ମରଣୀୟ ତାକୁ ତାକୁ ନୂତନତାର ଭାବରେ ରଙ୍ଗୀନ କରି ପ୍ରକାଶ କରିବା ଏହାର ବିଶେଷ ଧର୍ମ।

କ୍ଷୁଦ୍ରଗଳ୍ପର ରଙ୍ଗମୟ ଭାବଟି ପାଠକ ହୃଦୟକୁ ଅପୂର୍ବ ଆହ୍ଲାଦ କରୁଥିବାରୁ ଏକ ବିଂଶ ଶତାବ୍ଦୀର ସବୁଠାରୁ ଲୋକପ୍ରିୟ ବିଭାଗ ପାଲଟି ଯାଇଛି କ୍ଷୁଦ୍ରଗଳ୍ପ। ବିଂଶ ଶତାବ୍ଦୀର ସାହିତ୍ୟର ବିଭିନ୍ନ ବିଭାଗକୁ ସ୍ରଷ୍ଟାମାନେ ଯେଉଁ ଗଭୀର ପରୀକ୍ଷା ନିରୀକ୍ଷା କରି ସାହିତ୍ୟକୁ ଉଦଭବରେ ଭାରାକ୍ରାନ୍ତ କରିଥିଲେ, ବିଶେଷତଃ କାବ୍ୟ କବିତା ତଥା ନାଟକ ମାନଙ୍କରେ ଲେଖନୀୟ ଉଦ୍ଦମତାରେ ଯେଉଁ ଉଭଟଚେତନା ମାନ ପାଠକକୁ ଲଦି ଦେଲେ ଆଉ ପାଠକ ଗୋଷ୍ଠୀର ସରଳ ହୃଦୟରେ ଯେଉଁ ଗଭୀର ମାନସିକ ଦ୍ୱନ୍ଦ୍ୱ ସୃଷ୍ଟିର କାରଣ ସାଜିଲେ ଏପରି କ୍ଷେତ୍ରରେ କ୍ଷୁଦ୍ରଗଳ୍ପ, ତାର ସ୍ୱତନ୍ତ୍ରତା ବଜାୟ ରଖି ସଂଯତ ଭାବରେ ପାଠକୀୟ ହୃଦୟରେ ଅବସ୍ଥାନ କରି ସାଂପ୍ରତିକ ସାହିତ୍ୟର ପ୍ରିୟ ଗଳ୍ପ ପାଲଟି ପାରିଛି।

ଏକବିଂଶ ଶତାବ୍ଦୀର କ୍ଷୁଦ୍ରଗଳ୍ପ ଶବ୍ଦ ଖେଳରେ ଭାବବସ୍ତୁକୁ ବିକଟ ବିଭତ୍ସ କରେ ନାହିଁ। କବିତା ପରି ଉଭଟତା ପ୍ରଦର୍ଶନ କରି ପାଠକୀୟ ମାନସିକ ଦ୍ୱନ୍ଦ୍ୱର କାରଣ ସାଜେ ନାହିଁ ବରଂ ବସନ୍ତ ସନ୍ଧ୍ୟାର ପୁଷ୍ପରେଣୁର ମୁଲାୟମ ଛୁଆଁ ପରି ପାଠକ ହୃଦୟରେ ଆବେଗରେ ସଂଚରି ଯାଏ।

ମଣିଷ ପାଇଁ ଆଉ ମଣିଷ ମାନଙ୍କର ହେଉଛି ଏ ସମାଜ, ସଂସାର, ସର୍ବୋପରି ସବୁକିଛି ମାତ୍ର ମଣିଷ ନିଜେ ନିଜର କଥା, ନିଜର ବ୍ୟଥା ଉତ୍ଥାପନ କଲେ ବି, ତାର କଥାକୁ ଆଉ କେହି କହିଲେ ବି ମଣିଷ ସଂପର୍କରେ ସର୍ବୋତ୍ତମ, ସର୍ବଶେଷ ବ୍ୟଥା ନାଁ କୁହାଯାଇଛି, ନା କୁହାଯାଇପାରିବ ? ତଥାପି ମଣିଷର ଗୁହ୍ୟ ଚେତନାକୁ ପ୍ରକାଶର ପ୍ରୟାସରେ ସାରସ୍ୱତ ସାଧକ ମାନେ ସାଧନାରତ। ମଣିଷ ଭିତରେ ମଣିଷକୁ ଖୋଜିବାର ଆଦମ୍ୟ ଇଚ୍ଛାରେ ଯେଉଁ କଥାକାର ମାନେ ନିରବ ପ୍ରୟାସ ଜାରି ରଖନ୍ତି। ସେମାନଙ୍କ ମଧ୍ୟରେ ଏକବିଂଶ ଶତାବ୍ଦୀର କଥା ସାହିତ୍ୟର ଆଦ୍ୟ ସ୍ୱର ଭାବରେ କଥାକାର ସୁନୀଲ କୁମାର ରଥକୁ ସର୍ବାଗ୍ରେ ଗ୍ରହଣ କରାଯାଇପାରେ। କାରଣ ସୁନୀଲ ରଥଙ୍କର ସାରସ୍ୱତ ସାଧନାର ଅନୁପମ ଦିଗଟି ହେଉଛି ଜୀବନ ପ୍ରବାହର ସ୍ମରଣୀୟ ମୁହୂର୍ତ୍ତକୁ ଉତ୍‌କଚକିତ କରି ମଣିଷର ଗୁହ୍ୟ ଚେତନାକୁ ପ୍ରକାଶ କରିବାର ପ୍ରୟାସ କରିବା। ଫଳ ସ୍ୱରୂପ ତାଙ୍କ ଗଳ୍ପମାନଙ୍କରେ ପରିଦୃଶ୍ୟ ହୁଏ ଗଭୀର ମନସ୍ତାତ୍ତ୍ୱିକ ବିଶ୍ଳେଷଣ।

ସୁନୀଲ ରଥ ଜଣେ ପ୍ରଯନ୍‌ଶୀଳ କଥାକାର। ତାର ମୁଖ୍ୟ କାରଣଟି ହେଉଛି ସେ ମୁଖ୍ୟତଃ ଜଣେ ସମାଲୋଚକ, ସଂସ୍କୃତି ଗବେଷକ। ତେଣୁ ସେ ଉପଲବ୍‌ଧ କରିଛନ୍ତି, ସମାଲୋଚକ ସାହିତ୍ୟରେ ଖୁସି ଖୋଜେ ନାହିଁ, ଖୋଜେ ସାମାଜିକ ତତ୍ତ୍ୱ ଆଉ ବିମର୍ଶକ। ଏଥି ସହିତ ସମାଲୋଚକ ପାଠକ ଓ ସ୍ରଷ୍ଟା ମଧ୍ୟରେ ସୁନ୍ଦର ସେତୁବନ୍ଧୁ ଟିଏ ନିର୍ମାଣ କରି ଉଲ୍ଲାସର ସ୍ୱର୍ଣ୍ଣଲଙ୍କାକୁ ବାଟ ଦେଖାଏ। ସମାଲୋଚକର ଏହି ଚେଷ୍ଟା ପାଇଁ ପାଠକ ସାହିତ୍ୟରେ ଖୁସି ସହିତ ଜ୍ଞାନ ଲାଭ କରେ। ସୁନୀଲ ରଥଙ୍କ ବ୍ୟକ୍ତିତ୍ୱ ତ୍ରିବେଣୀ ସଙ୍ଗମର ଅନନ୍ୟ ଉଦାହରଣ। ଗଙ୍ଗା ଯମୁନା ସରସ୍ୱତୀର ମିଳନ। ସେ ସମାଲୋଚକ, କଥାକାର ଆଉ ମୁଗ୍‌ଧ ପାଠକ। ତାଙ୍କର ପାଠକୀୟ ବ୍ୟକ୍ତି ସତ୍ତାଟି ସରସ୍ୱତୀ ପରି ଅପରିଦୃଶ୍ୟ।

କଥାକାର ସୁନୀଲ ରଥଙ୍କର ଉପରୋକ୍ତ କଥା ମାନଙ୍କୁ ବିଶ୍ଳେଷଣ କଲେ ଆପେ ବୁଝାଯାଏ କଥାକାର କିପରି ଜଣେ ପ୍ରଯନ୍ ଶୀଳ ଶିଳ୍ପୀ। ମନନଶୀଳ ଭାବ ବିଶ୍ଳେଷଣ ଭିତରେ ପାଠକ କିପରି ଅଫୁରନ୍ତ

ଆନନ୍ଦ ପାଇବ ଗାଳ୍ପିକ ଜଣେ ସମାଲୋଚକର ମନରେ ଗଳ୍ପଗୁଡ଼ିକୁ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି। ତେଣୁ, ତାଙ୍କ ଗଳ୍ପ ପାଠକଲେ ମନରେ କ୍ଳାନ୍ତି ଆସେ ନାହିଁ ବରଂ ଗଳ୍ପ ଶେଷରେ ପାଠକ ନିଜ ଚେତନାର ଅପୂର୍ବ ଭାବରେ ଗଳ୍ପ ପରିସମାପ୍ତକୁ ଗ୍ରହଣ କରେ। ଫଳରେ ଗାଳ୍ପିକମାନେ ଯେଉଁ ଲେଖନୀ ଶେଷର କଥା ରଖନ୍ତି, ରଥଙ୍କର ପାଠକ ନିଜ ଚେତନାରେ ଗଳ୍ପ ଶେଷ କରେ।

ଡକ୍ଟର ସୁନୀଲ ରଥ କେବଳ ପ୍ରଯତ୍ନଶୀଳ କଥାକାର ନୁହଁନ୍ତି ବରଂ କୁହାଯାଇପାରେ ସେ ଜଣେ ସଚେତନ ଗଦ୍ୟ ଶିଳ୍ପୀ। ସାହିତ୍ୟ ସମାଜର ଦର୍ପଣ। ଦର୍ପଣରେ ପ୍ରତିବିମ୍ବିତ ହୁଏ ଅବିକଳ ରୂପ, ମାତ୍ର ତାଙ୍କ ସୃଷ୍ଟି ମାନଙ୍କରେ କେବଳ ସମାଜର ଅବିକଳ ରୂପ ପ୍ରତିବିମ୍ବିତ ହୋଇଛି ତା ନୁହେଁ ବରଂ ମଣିଷ ମନର ଅକୁହା କଥା, ବ୍ୟଥା ତଥା ସମାଜର ଅନ୍ତର୍ନିହିତ ଭାବରାଜି ପ୍ରଦର୍ଶିତ ହୋଇଛି। ଆଉ ସାହିତ୍ୟର ସାର୍ଥକ ସଜ୍ଞାପରି ସମାଜର ସମୟାନୁଯାୟୀ ରୂପ ପ୍ରଦର୍ଶିତ ହୋଇଛି। ଅନେକ ସମାଲୋଚକ କୁହନ୍ତି ସାହିତ୍ୟ ସମୟ ଅନୁସାରେ ସମାଜକୁ ପ୍ରଦର୍ଶିତ କରେ। ଯାହା ସୁନୀଲ ରଥଙ୍କ ସାରସ୍ୱତ ଶିଳ୍ପରେ ବେଶ୍ ପ୍ରଦର୍ଶିତ।

ଏକ ବିଂଶ ଶତାବ୍ଦୀର ଗଳ୍ପ ତତ୍ତ୍ୱ ଓ ଗଳ୍ପର ଆତ୍ମୀକ ବିଭବ ଶ୍ରୀ ରଥଙ୍କର ଗଳ୍ପମାନଙ୍କର ଚରିତ୍ର ଓ ଘଟଣାରେ ବେଶ ରୁଦ୍ଧିମନ୍ତ। ଏଥି ସହିତ ଲକ୍ଷ କରାଯାଏ ସମୟ ସ୍ରୋତରେ ରଥ ତାଙ୍କର ସାରସ୍ୱତ ଡଙ୍ଗାକୁ ପ୍ରଜ୍ଞାହର ଅନୁକୂଳ ଦିଗରେ ଭସାଇ ଚାଲିଛନ୍ତି। କଥା ସାହିତ୍ୟରେ କେବେ କାହାଠାରୁ ଏକ ବିଂଶ ଶତାବ୍ଦୀର ଗଳ୍ପ ତତ୍ତ୍ୱ ମାନ ପ୍ରଦର୍ଶିତ ହେଲା ସେ କଥା ସୁନୀଲ ରଥଙ୍କ ଗଳ୍ପମାନ ପାଠକଲେ ଅନୁନତଃ ଗଳ୍ପତତ୍ତ୍ୱ ନିନାଦିତ ହୋଇଥିଲା, ସେଥି ମଧ୍ୟରେ ରଥଙ୍କର କଥାସାହିତ୍ୟ ମାନ ଅନ୍ୟତମ ଏକଥାକୁ ଅସ୍ୱୀକାର କରାଯାଇ ପାରେନା।

ଏକବିଂଶ ଶତାବ୍ଦୀର ସାହିତ୍ୟର ମୂଳ ଭିତ୍ତି ଥିଲା୧୯୯୪ ମସିହାରେ ସାକ୍ଷରିତ ହୋଇଥିବା ଗ୍ୟାଟ୍ ରାଜିନାମା। ୧୯୯୪ ମସିହା ଏପ୍ରିଲ ୧୫ ତାରିକରେ ୧୧୮ଟି ଦେଶର ସହମତିରେ ସାକ୍ଷରିତ ଗ୍ୟାଟ୍ ରାଜିନାମା ଏକ ନୂତନ ବିଶ୍ୱକୁ ଉଭା କରାଇଲା। ଏହି ରାଜିନାମାର ପ୍ରଭାବରେ ବିଶ୍ୱ ବାଣିଜ୍ୟ ସଂଗଠନରେ ଦେଖାଦେଲା ଏକ ନୂତନ ଅର୍ଥନୈତିକ ପରମ୍ପରା। ଯାହାଥିଲା LPG (Liberisation, Privatisantion, Globalisation) ଓଡ଼ିଆରେ ଚେତନା ଓ ପରିଭାଷା ବିଶ୍ୱମାନବ ସମାଜର ସାମାଜିକ, ସାଂସ୍କୃତିକ, ଧର୍ମ ନୈତିକ ତଥା ଅର୍ଥ ନୈତିକ ଜୀବନ ପ୍ରବାହକୁ ବଦଳାଇ ଦେଲା। ଏକଥା ସତ ସବୁ ସମୟର ଆର୍ଥିକ ଅବସ୍ଥା ଦ୍ୱାରା ସବୁ ସମୟର ସମାଜ ନିୟନ୍ତ୍ରିତ। ତେଣୁ ଏହାର ପ୍ରଭାବରେ ସବୁ କିଛି ବଦଳିଲା। ଏକ ନୂଆପରିଚୟ ନେଇ ଉଭା ହେଲା ପୃଥିବୀ। ନାମ ହେଲା ଜଗତିକରଣ। ଏହାର ପ୍ରଭାବରେ ପ୍ରଚଳିତ ହେଲା ମୁକ୍ତ ଅର୍ଥନୀତି ଯାହାକୁ ଇଂରାଜୀରେ କୁହାଗଲା ଲିବେରାଲ ଇକୋନମି। ବିଦେଶୀ ପୁଞ୍ଜି ବିନିଯୋଗରେ ରାଷ୍ଟ୍ରୀୟ ପୁଞ୍ଜି ନ୍ୟୁନ ପାଲଟି ଗଲା। FDI (Foreign Direct Investment) ରେ ବିଶ୍ୱ ଅର୍ଥନୀତି କବଳିତ ହେଲା। ସମସ୍ତେ ସବୁ ଦେଶରେ ଅବାଧ ପୁଞ୍ଜି ବିନିଯୋଗ କଲେ। ବିଶ୍ୱ ହୋଇଗଲା ମୁକ୍ତ ବଜାର। ଏଥିରେ ବେପାର କଲାପରି ପୁଞ୍ଜିବାଦୀମାନେ ବିଶ୍ୱକୁ ଗ୍ରାମ ଭାବରେ ଗ୍ରହଣ କରି ବେପାର ଆରମ୍ଭ କଲେ। ବିଶ୍ୱ ପାଲଟି ଗଲା ଗ୍ରାମ ବା ଗ୍ଲୋବାଲ ଭିଲେଜ। ଫଳରେ ଚୀନ୍‌ରେ ଫୋଟକା ଫୁଟିଲା ଫୁଲବାଣୀରେ। ଇସ୍ରାଇଲ୍‌ର ମୋବାଇଲ ରିଂଟୋନ୍ ବାଜିଲା ଗୋନାସିକା ପାହାଡ଼ରେ। ଏହାର ଏହାର ପ୍ରଭାବରେ ସୃଷ୍ଟି ହେଲା ସାମାଜିକ ଓ ସାଂସ୍କୃତିକ ଦର୍ଶନ ଯାହା ଉତ୍ତର ଆଧୁନିକତାର ଅବଧାରଣା ଭାବରେ ଗ୍ରହଣ ହେଲା। ଆଉ ଏହି ଚେତନାର ଭିତ୍ତି ଉପରେ ସାହିତ୍ୟର ଯେଉଁ ତତ୍ତ୍ୱମାନ ପରିଦୃଶ୍ୟ ହେଲା ତାହା ଥିଲା ଏକ ବିଂଶ ଶତାବ୍ଦୀର ଆଦ୍ୟ ସାରସ୍ୱତୀ ଧ୍ୱନୀ।

ଏକ ବିଂଶ ଶତାବ୍ଦୀର ସାହିତ୍ୟରେ ଯେଉଁ ବିଭବଗୁଡ଼ିକୁ ନେଇ ରୁଦ୍ଧିମନ୍ତ ହେଲା ସେ ତାହା ହେଉଛି ଜଗତିକରଣ, ଶିଳ୍ପାୟନ, ନାରୀବାଦ, ଦଳିତର ବ୍ୟଥା, ଦାଦନର ଦୁଃଖ, ବ୍ୟକ୍ତିବାଦର ବିଷର୍ଣ୍ଣତା, ଗାନ୍ଧୀବାଦର କଥା, ଗାଁର କଥା, ମଣିଷର ଯୌନ ଉଗ୍ରତା, ତୃତୀୟ ଲିଙ୍ଗୀ ମଣିଷର ବ୍ୟଥା, ରାଜନୈତିକ ଅସ୍ଥିରତା। ପରିବେଶ ସଚେତନତା ତଥା ଜୀବନବାଦର ମନସ୍ତାତ୍ତ୍ୱିକ ବିଶ୍ଳେଷଣ।

ସାହିତ୍ୟର ଏହି ତତ୍ତ୍ୱଗୁଡ଼ିକସାହିତ୍ୟର ବିଭିନ୍ନ ବିଭାଗରେ ଭିନ୍ନ ଭିନ୍ନ ଢଙ୍ଗରେ ବ୍ୟକ୍ତ ହେଲା। ବିଶେଷ କରି ଏକବିଂଶ ଶତାବ୍ଦୀର ପ୍ରାରମ୍ଭ କାଳରେ ଏହି ତତ୍ତ୍ୱମାନ ଚରିତ୍ରମାନଙ୍କର ମନସ୍ତତ୍ତ୍ୱର ଗଭୀର ବିଶ୍ଳେଷଣ ହେଲା। ଆଉ ଏହି ସମୟର ବରେଣ୍ୟ କଥାକାର ଡକ୍ଟର ସୁନୀଲ ରଥଙ୍କ କଥା ସାହିତ୍ୟରେ ବିଶେଷ ଭାବରେ ଚରିତ୍ରର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ସହିତ ବ୍ୟକ୍ତିବାଦର ବିଷୟାବଦନୀ ରୂପାୟିତ ହେଲା।

କଥାକାର ସୁନୀଲ ରଥ ଜଣେ ଗାଁ ମଣିଷ। ନୈସର୍ଗିକ ଲୀଳାଭୂମି କେନ୍ଦୁଝରର ସବୁଜ ପ୍ରକୃତି କୋଳରେ ତାଙ୍କର ଅବସ୍ଥାନ। କର୍ମଭୂମି ଥିଲା ଉତ୍କଳୀୟ ସଂସ୍କୃତିର ଭବ୍ୟକୋଳ ଜଗନ୍ନାଥ ପୁରୀଧାମ। ଉତ୍କଳୀୟ ସଂସ୍କୃତି ଓ ଉତ୍କଳର ଅନନ୍ୟ ପ୍ରକୃତିର ମୁଗ୍‌ଧ ରୂପକୁ ଅନୁଭବ କରିଛନ୍ତି କଥାକାର ସୁନୀଲ ରଥ। ତେଣୁ ତାଙ୍କ କଥା ସାହିତ୍ୟର ଭାବ ଭୂମି କେନ୍ଦୁଝରରୁ ପୁରୀ। ଗନ୍ଧମାର୍ଦ୍ଦନ କୋଳର ଶାନ୍ତସ୍ନିଗ୍ଧ ପରିବେଶ ଆଉ ବେଳାଭୂମିର ଝାଉଁବଣ ଝଙ୍କାର ସହିତ ନୀଳସାଗରର ଅନନ୍ତ ଘର୍ଘର ଘୋଷ ଉଭୟ ତାଙ୍କ ଗଳ୍ପମାନଙ୍କରେ ମୁଖର।

ଗାଳ୍ପିକ ସୁନୀଲ ରଥଙ୍କ ଗଳ୍ପରେ ବିଶେଷ ପରିଦୃଶ୍ୟ ହୁଏ ନା ସମ୍ଭ୍ରାନ୍ତ ପଣ ଅବା ନିମ୍ନ ବର୍ଗର ବ୍ୟାପକ ବିଶ୍ଳେଷତା। ତାଙ୍କ ଗଳ୍ପରେ ଅଛି ମଧ୍ୟବର୍ତ୍ତୀ ମଣିଷ ପ୍ରତି ସ୍ୱତନ୍ତ୍ର ଆବେଗ। ତେଣୁ ତାଙ୍କ

ଗଳ୍ପମାନଙ୍କରେ ରୂପାୟିତ ନିମ୍ନମଧ୍ୟବିତ୍ତ ଓ ମଧ୍ୟବିତ୍ତ ମଣିଷର ଜୀବନ ଯନ୍ତ୍ରଣାର କଥା। ଏହାର ବିଶେଷ କାରଣ ହୋଇପାରେ କଥାକାର ସୁନୀଲ ରଥ ଏହି ବର୍ଗର ମଣିଷକୁ ନିବିଡ଼ ଭାବରେ ଅନୁଭବ କରିବାର ଅବକାଶ ପାଇଛନ୍ତି।

ଗାଳ୍ପିକ ରଥଙ୍କ ସାରସ୍ୱତ ସାକ୍ଷର ଭାବରେ ଏଯାବତ ପ୍ରକାଶିତ ହୋଇଛି ତିନୋଟି ଗଳ୍ପ ଗ୍ରନ୍ଥ, ସେଗୁଡିକ ହେଉଛି ଅଭିଷିକ୍ତ ଅନ୍ଧାର, ନିର୍ବାକ ପାନିପଥ ଓ ଆକ୍ୱାରିୟମର ମାଛ। ତାଙ୍କର ଅନ୍ତରୀକ୍ଷ ଉପନ୍ୟାସ ବ୍ୟତୀତ ଆଉ ତିନୋଟି ଅନୁବାଦ ଉପନ୍ୟାସ ସଡ଼ିଆ ସାହିତ୍ୟରେ ବେଶ ଚର୍ଚ୍ଚିତ। ତାଙ୍କ ଗଳ୍ପ ଗୁଡିକ କେନ୍ଦୁଝରରୁ ପୁରୀର ଭାବ ଭୂମିକୁ ତଥା ଏକ ବିଂଶ ଶତାବ୍ଦୀର ଆତ୍ମୀକ ବୈଭବ ବିମଣ୍ଡିତ। ଏଥି ସହିତ ଡକ୍ଟର ରଥ ଓଡ଼ିଆ ସାହିତ୍ୟରେ ଜଣେ ବିଶିଷ୍ଟ ସଂସ୍କୃତ ଗବେଷକ।

ଏକ ବିଂଶ ଶତାବ୍ଦୀର ମୁଖ୍ୟ ଆତ୍ମୀକ ବିଭବଟି ହେଉଛି ବାମାବାଦ। ବାମାବାଦକୁ ରଥ ତାଙ୍କ ଗଳ୍ପମାନଙ୍କରେ ବର୍ଣ୍ଣନା କରିଛନ୍ତି ସ୍ୱତନ୍ତ୍ର ଢଙ୍ଗରେ। ଡକ୍ଟର ରଥଙ୍କ ଦୃଷ୍ଟିରେ ବାମାବାଦ କେବଳ ନାରୀ ସ୍ୱତନ୍ତ୍ରତା, ନାରୀ ସ୍ୱାଧୀନତା, ନାରୀ ସମାନତା, ନାରୀ ବିଦ୍ରୋହ ଅବା ପୁରୁଷ ସହିତ ନାରୀର ସମକକ୍ଷକତାକୁ ବଜାନ୍ତି ନାହିଁ ବରଂ ହୃଦୟର କୋହକୁ ବୁଝି ପାରିବାକୁ ନୈତିକ ସମର୍ଥନ ପ୍ରଦାନ କରିବା। ଏହି ଦୃଷ୍ଟିକୋଣରୁ ତାଙ୍କର 'ସମାଧାନ' ଗଳ୍ପର ଶାଶୁ ଚରିତ୍ର ବାମାବାଦର ଅନନ୍ୟ ଦ୍ୟୋତକ।

ଶାଶୁ ବୁଝିଛି ବୈଧବ୍ୟର ଦୁଃଖ କ'ଣ। ମହାବାତ୍ୟାରେ ପୁତ୍ର ଅବିନାଶର ମୃତ୍ୟୁ ତାକୁ ଯେତିକି ଦୁଃଖ ଦେଇଛି, ସେହି ଦୁଃଖକୁ ବୋହି ଆଗକୁ ବଢି ଜୀବନ ବିଭବ। କେବଳ ଯୁବା ବିଧବା ବୋହୂର ଅନ୍ତର୍ଦାହକୁ ନିଜ ଭିତରେ ଅନୁଭବ କରି ତାର ସମାଧାନର ସୂତ୍ର ସେ ଯେପରି ଢଙ୍ଗରେ ବାହାର କରିଛି ତାହା ଏ ସାଂପ୍ରତିକ ସମୟରେ ଶାଶୁର ବୋହୁ ପ୍ରତି ଥିବା ବାତ୍ସଲ୍ୟ ଭାବକୁ ବେଶ ପ୍ରଦର୍ଶିତ କରିପାରିଛି। ଏଠି ଶାଶୁ ଶାଶୁ ନୁହେଁ କି ବୋହୁ ବୋହୁ ନୁହେଁ। ଏ ଗଳ୍ପର ଶାଶୁ ହେଉଛି ଜଣେ ମମତାମୟୀ ଜନନୀ। ବୋହୁଟାର ହତଭାଗିନୀ କନ୍ୟା।

ତାଙ୍କର ଥିଲା ହସିଲା ପୁରିଲା ସଂସାର।

"କେବଳ ସ୍ନେହୀ ଶାଶୁଟି ଗରଗର ହୁଅନ୍ତି ମନେ ମନେ। ପଦ ସେବା କରିବା ବେଳକୁ ଆରମ୍ଭ ହୋଇଯାଇଥାଏ ରାତିର ରୋଷେଇ ପର୍ବ"

ସେହି ହସିଲା ପୁରିଲା ସଂସାରକୁ ଧ୍ୱଂସ କରିଦେଲା ମହାବାତ୍ୟା। ସବୁ ଖୁସି, ସବୁ ସ୍ୱପ୍ନ, ସବୁ ଆଶା ମିଶିଗଲା ମହାବାତ୍ୟାର କରାଳ ଗ୍ରାସରେ।

"ମହାବାତ୍ୟାର ନିର୍ଦ୍ଦୟ ହାତ, ଓଟାରି ନେଇ ଫୋପାଡି ଦେଇଥିଲା ମା କୋଳରୁ ଶିଶୁକୁ, ସ୍ୱାମୀ କୋଳରୁ ସ୍ତ୍ରୀ, ବାପା ପାଖରୁ ପୁଅ, କିଛି ବାଛ ବିଚାର କି ଦୟାମାୟା କରିନଥିଲା।"

ଏହି ମହାବାତ୍ୟାର ଛୁଟି ନେଇ ଘରକୁ ଫେରୁଥିବା ଅବିନାଶର ହୋଇଥିଲା ମୃତ୍ୟୁ। ଏ ଖବର ଜଣାନଥିଲା ତା ସ୍ତ୍ରୀ ସତୀ ଅବା ତା ମାଆକୁ। ସତୀ ଆଉ ତା' ଶାଶୁ ଗାଁ କୋଠ ଘର ଛାତ ଉପରେ ଚାରିଦିନ ରହି ଫେରିଲେ। ଫେରିଲା ବେଳକୁ ଅର୍ଦ୍ଧ ପାଗଳୀ ହୋଇଯାଇଥିଲେ ଶାଶୁ। ସବୁ ଘରକୁ ଫେରିଲେ ମାତ୍ର ଅବିନାଶ ଫେରିଲେନି। ହିନ୍ଦୁ ରୀତି ଅନୁସାରେ ବାରବର୍ଷ ଅତିକ୍ରମ କଲେ ଧରାଯିବ ସେ ମୃତ୍ୟୁ ବରଣ କରିଛି। କିନ୍ତୁ ଶାଶୁର ବିଶ୍ୱାସ ପୁଅ ତ ଭୁବନେଶ୍ୱରରେ ଥିଲା ତାର କିଛି ହୋଇନଥିବ। ମାତ୍ର ଅବିନାଶ ପରି ଅବିକଳ ମଣିଷଟିକୁ ଆଣି ଗାଳ୍ପିକ ପାଠକୀୟ ଉତ୍କଣ୍ଠା ସୃଷ୍ଟି କରିବା ସହିତ ଯେପରି ସୁନ୍ଦର ଆଇରୋନି ପ୍ରୟୋଗ କରିଛନ୍ତି, ତାହା ଗଳ୍ପ କଳାର ଅନୁପମ ବୈଶିଷ୍ଟ୍ୟକୁ ପ୍ରଦର୍ଶିତ କରୁଛି।

ସୁନୀଲ ରଥ ଜଣେ ସାହସୀ କଥାକାର। କାହ୍ନୁଚରଣ ମହାନ୍ତି ଶାସ୍ତି ଉପନ୍ୟାସରେ ଧୋବିକୁ ଯେପରି ନ୍ୟାୟ ପ୍ରଦାନରେ ଅସମର୍ଥତା ପ୍ରକାଶ କରିଥିଲେ ଗାଳ୍ପିକ ରଥ ତାହା କରିନାହାନ୍ତି। ବରଂ ଏକବିଂଶ ଶତାବ୍ଦୀରେ ନାରୀ ସ୍ୱତନ୍ତ୍ରତା ୭୦ ବର୍ଷର ବୁଢୀ ହୃଦୟର କିପରି ପରିପୃଷ୍ଟ ତାହା ସୁନ୍ଦର ଅବତାରଣା କରି ପାଠକକୁ ଅଶେଷ ପ୍ରଶାନ୍ତି ପ୍ରଦାନ କରିଛନ୍ତି।

ଦେଖ ମା ଭାବିଥିଲି ଗୁଣ୍ଡିଚା ବେଳକୁ ପୁରୀ ଯିବାକୁ। ସେଇଠି ଜଗନ୍ନାଥଙ୍କୁ ସାକ୍ଷୀ ରଖି ତମେ ଦୁହେଁ ନୂଆ ଜୀବନ ଆରମ୍ଭ କରିବ। ଶିହିରୀ ଉଠିଲା ସତୀ ନା ବୋଉ ଇୟେ ତୁମ ପୁଅ ନୁହେଁ। ଶାଶୁ ଚମକି ପଡିଲେ ନାହିଁ। ତା ମୁହଁକୁ ସ୍ଥିର ଦୃଷ୍ଟିରେ କିଛି ସମୟ ଚାହିଁ ରହି କହିଲେ " ମୁଁ ଜାଣେ"।

ଗଳ୍ପର ଶେଷ ଧାଡ଼ିର ବୈଧବର ଅନ୍ତର୍ଦାହ ଜଳୁଥିବା ସତୀର ଶାଶୁପ୍ରତି କୃତଜ୍ଞତା ପାଠକର ହୃଦୟକୁ ମାର୍ମିକ କରିଦିଏ- କେବଳ ବୋଉ ବୋଲି କହି ଟଳିପଡିଲା ଶାଶୁ କୋଳରେ। କାନ୍ଦୁଥିଲା କଇଁ କଇଁ ହୋଇ।

ସୁନୀଲ ରଥଙ୍କ ଅନେକ ଗଳ୍ପରେ ପ୍ରେମଚେତନା ତଥା ଯୌନ ଉଦ୍ଦୀପନାର ଚିତ୍ର ଦେଖିବାକୁ ମିଳେ। ମାତ୍ର ସୁନୀଲ ରଥ ତାଙ୍କର ଅଧ୍ୟାପକର ବଳିଷ୍ଠ ବ୍ୟକ୍ତିତ୍ୱ ପରି ସେସବୁର ଚିତ୍ର ପ୍ରଦର୍ଶନ କଲାବେଳେ ଖୁବ୍ ସଂଯତ ଓ ପ୍ରଯତ୍ନ ଭାବରେ ଗଭୀର ମନସ୍ତତ୍ତ୍ୱର ଉପସ୍ଥାପନା କରିଛନ୍ତି। ଯାହାର ପରିଦୃଶ୍ୟତା ଆହୁରି ସଂଯତ ଏବଂ ପାଠକୀୟ ଆଦୃତ ହେବ ବୋଲିସେ ଆଭାସୀ ଚିତ୍ରକଳ୍ପର ପ୍ରୟୋଗ କରିଛନ୍ତି ଯେମିତି ଅନ୍ଧାର ଭିତରେ ଉଲଗ୍ନ ହେବାର ଦୃଶ୍ୟରେ ନମିତାର ଚରିତ୍ର ମାଧ୍ୟମରେ ବର୍ଣ୍ଣନା କରିଛନ୍ତି-

ସେ ଗଛଟିଏ ହେବା କ୍ଷଣି, ପାଖରେ ବସିଥିବା ଲୋକଟି ମଧ୍ୟ ଆଶ୍ଚର୍ଯ୍ୟ ଜନକ ଭାବରେ ବଦଳି ଯାଇଛି ବିରାଟ ଏକ ଅହିରାଜ ସାପରେ। ଧୀରେ ଧୀରେ ଗୁଡେଇ ଧରୁଛି ପାଦ ଆଣ୍ଠୁ। ଅହିରାଜର

ପ୍ରଚଣ୍ଡ ଫୁତ୍କାରର ଇଶିକାରରେ ଦଂଶିତା ହେଲା ନମିତା। ନୀଳବିଷ ସଂଚରୀଗଲା ଆପାଦ ମସ୍ତକ। ବିଚିତ୍ର ଯନ୍ତ୍ରଣାରେ ସମ୍ପୂର୍ଣ୍ଣ ଅଜ୍ଞାନ ହୋଇ ପଡିବା ପୂର୍ବରୁ ଚିତ୍କାର କରିବା ପାଇଁ ମୁହଁ ଖୋଲିଲା, ଅଥଚ ଆଶ୍ଚର୍ଯ୍ୟ ହେଲା ସେ ପାରୁନି। ତଣ୍ଟି ଶୁଖି ଶୁଖି ଯାଉଛି ତାର। ଅବଶ ହୋଇ ଯାଉଛି ସାରାଟା ଦେହ।

ନିଜଠାରୁ ନିଜର ଦୂରତା ଗଳ୍ପରେ ବର୍ଣ୍ଣନା କରିଛନ୍ତି। "ଅତନୁର ମନେ ହେଲା ବହି ପଢିବା ଭିତରେ ଡାହାଣ କଡକୁ କିଛି ପରିମାଣରେ ଢଳି ପଡିଛନ୍ତି ବୃଦ୍ଧଜଣକ। ତରୁଣୀଟିର ବାଁ ପାଖ ବାହୁ ଓ କାଖ ସନ୍ଧିକି ବିନ୍ଧିଲା ପରି ସଂପ୍ରସାରିତ ହୋଇ ରହିଛି ତାଙ୍କ କହୁଣୀ। ବୃଦ୍ଧଜଣଙ୍କ ଦ୍ୱାରା କଟକରୁ କିଣା ଯାଇଥିବା ଯୌନ ପୁସ୍ତକଟିର କୌଣସି ଏକ ଯୌନ ଉତ୍ତେଜକ କାହାଣୀ ତାଙ୍କ ଶିଥିଳ ମନେ ହେଉଥିବା ରକ୍ତବାହୀ ଶିରାରେ ଅଗ୍ନିସଂଯୋଗ କରିବ ଓ ସୃଷ୍ଟି କରିବ ବ୍ଲାଷ୍ଟ ଫର୍ଣ୍ଣେସର ଉତ୍ତାପ।

ଓଡ଼ିଆରେ ଗୋଟିଏ ସୁନ୍ଦର କଥା ଅଛି- ଯାହାର ମନଯେତେ ତାହାର ପ୍ରଭୁ ତେତେ। ଅବା ତାକୁ କୁହାଯାଇପାରେ ଯାହାର ଚେତନା ଯେମିତି ତାକୁ ଦୁନିଆ ସେମିତି ଦେଖାଯାଏ। ଆଉ ଲାଗେ ଏକୁଟିଆଟା ଯେମିତି ତାର ବିରୁଦ୍ଧରେ ଲାଗିଛି। ଅରଣ୍ୟର ଅଜଗର ଗଳ୍ପ ନାୟିକା ଶ୍ରୀମୟୀ ସେମିତି ଏକ ଚରିତ୍ର। ଚରିତ୍ରର ବିଶେଷତ୍ୱଟି ହେଉଛି ଅତୀତର ଘଟଣାମାନ ଓ ତାର ପାରିପାର୍ଶ୍ୱିକ ଅବସ୍ଥା ତା'ର ହୃଦୟ ମଧ୍ୟରେ ଏକ ଭିନ୍ନ ଭାବାନ୍ତର ସୃଷ୍ଟି କରିଛି। ସେ ପୁରୁଷମାନଙ୍କ ପ୍ରତିବିତସ୍ପୃତ ହୋଇଯାଇଛି। ତା' ଆଖିରେ ସବୁ ପୁରୁଷ କାମୁକ, ଲମ୍ପଟ ଆଉ ସୁବିଧାବାଦୀ। କିନ୍ତୁ ଏସବୁ ଭିତରେ ବି ଶ୍ରୀମୟୀ ଜଣେ ନାରୀ। ନାରୀ ଆଉ ପୁରୁଷର ଏକାତ୍ମରେ ଜୀବନର ସାର୍ଥକତା, ଏକଥା ତାର ହୃଦୟ ଭିତରେ ଗୁମ୍ଫିତ ହୋଇରହିଛି। ମାତ୍ର ତା ବାବାଙ୍କର ମାଆ ପ୍ରତି ଅଶାଳୀନ ବ୍ୟବହାର, ମାରିଆ ଆଣ୍ଟିଙ୍କ ଦେହରେ ଦେହତୃପ୍ତି ମେଣ୍ଟାଇବାର ପ୍ରଚଣ୍ଡ ପ୍ରୟାସ ତଥା ନାରୀକୁ ଉପଯୋଗ କରି ପ୍ରତିଷ୍ଠା ଲାଭ କରିବାର ତା ତାତିଙ୍କର ଇଚ୍ଛାକୁ ଦେଖିଲେ ସେ ସମସ୍ତ ପୁରୁଷଙ୍କୁ ସନ୍ଦେହ କରି ପକାଏ। ମାତ୍ର ତାର ଅନ୍ତର୍ଚେତନାଟି ଚାହେଁ ତାର ବିଶ୍ୱାସୀଟେ ହୁଅନ୍ତା କି? ସେବି ଗର୍ଭ ଧାରଣ କରନ୍ତା କି? ପତ୍ନୀତ୍ୱ ଓ ମାତୃତ୍ୱର ଅନାବିଳ ପ୍ରେମ ଆଉ ସ୍ନେହରେ ସେ ଉବୁଟୁବୁ ହୁଅନ୍ତାକି? କାରଣ ସେ ନାରୀ। ତା ଭିତରେ ନାରୀ ସୁଲଭ କାମନା ବାସନା ରହିବା ସ୍ୱାଭାବିକ। ଏମିତି ଏକ ଦ୍ୱନ୍ଦ୍ୱରେ ଥିବା ଶ୍ରୀମୟୀ ଚରିତ୍ରର ମନସ୍ତତ୍ତ୍ୱର ମାର୍ମିକ ବିଶ୍ଳେଷଣ ବେଶ୍ ହୃଦୟଗ୍ରାହୀ। ବିଶେଷ କରି ଯୌନ ଉଦ୍ଦୀପନାର ଅସମର୍ଥ ମଣିଷ ପ୍ରଫେସର ମହାନ୍ତିଙ୍କ ପ୍ରତି ତାର ଧାରଣା ଗଳ୍ପରେ ସୁନ୍ଦର ପାଠକୀୟ ଦ୍ୱନ୍ଦ୍ୱ ସୃଷ୍ଟି କରିଛି।

ପୂର୍ବରୁ ଘଟି ଯାଇଥିବା ଘଟଣାମାନ ଶ୍ରୀମୟୀ ମନରେ ଯେଉଁ ମନସ୍ତାତ୍ତ୍ୱିକ ପ୍ରଭାବ ପକାଇଥିଲା ତାର ଫଳସ୍ୱରୂପ ନାରୀମାନଙ୍କର ରତୁସ୍ରାବର ସାମୟିକ ପରିବର୍ତ୍ତନକୁ ଶ୍ରୀମୟୀ ଭାବି ଥିଲା ଯେ ବୋଧହୁଏ ପ୍ରଫେସର ମହାନ୍ତିଙ୍କର ପାପ ଗର୍ଭ ତା ଭିତରେ କାୟାବିସ୍ତାର କରିଛି। ପୁଣି ଅଦ୍ଭୁତ ସ୍ୱପ୍ନମାନ ଉନ୍ମତ୍ତ କୁକୁରର ବିଭତ୍ସ ମୁହଁ ଓ ବିକଳ ମାଙ୍କଡ଼ମାନଙ୍କର ଆର୍ତ୍ତ ଚିତ୍କାର ତା'ର ହୃଦୟର ସନ୍ଦେହକୁ ମଜଭୁତ କରୁଥିଲା।

ସ୍ୱପ୍ନର କୈବଲ୍ୟ ସହ ବିବ୍ରତ ହୋଇ ଉଠିଥିଲା ଶ୍ରୀମୟୀ। ଇତି ମଧ୍ୟରେ ଦୁଇଟି ରତୁସ୍ରାବର ତାରିଖ ତା କ୍ୟାଲେଣ୍ଡରରୁ ହଜିଯାଇଥିଲା। ଭୟ ଧିରେ ଧିରେ ଅଜଗର ସାପଟିଏ ପରି ତାର ଅସ୍ତିତ୍ୱକୁ ଗ୍ରାସ କରିବା ଆରମ୍ଭ କଲା। ମାମା ଶୁଣିଲେ ଆତ୍ମହତ୍ୟା କରିଦେବେ।

ପରିଶେଷରେ ଶ୍ରୀମୟୀର ଆଶ୍ୱସ୍ତି ଅଥଚ ତା ଭିତରେ ଘଟିଚାଲିଥିବା ଶାରୀରିକ ପରିବର୍ତ୍ତନ କ'ଣ ମିଛ? ଡାକ୍ତରର ରିପୋର୍ଟ ପ୍ରଫେସର ମହାନ୍ତି ଅକ୍ସିଡେଣ୍ଟରେ ପାଲଟି ଯାଇଛନ୍ତି ନଂପୁସକ। ପ୍ରଫେସର ମହାନ୍ତି ଯାହାକୁ ସିଏ ଅର୍ଜୁନ ବୋଲି ଭାବିଥିଲା ତାଙ୍କୁ ହଠାତ ବୃହନ୍ନଳା ଭାବରେ ଗ୍ରହଣ କରିପାରୁନଥିଲା।

ଗଳ୍ପଟିରେ କେବଳ ଶ୍ରୀମୟୀର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ହୋଇନି ସେଥିରେ ଅଛି ବିତ୍ତଶାଳୀ ମଣିଷର ନଗ୍ନ ଯୌନକ୍ଷୁଧାର ଚିତ୍ର।

ସାଂପ୍ରତିକ ସାହିତ୍ୟର ପ୍ରମୁଖ ବିଭବଟି ହେଉଛି ସମସ୍ୟା ଭିତରେ ସମାଧାନର ଚିତ୍ର। ସାମାଜିକ ଅନୈତିକତା ଭିତରେ ନୈତିକତାର ବାର୍ତ୍ତା। ଏମିତି ଏକ ଗଳ୍ପ ସ୍ୱର ହେଉଛି ମୋହଭଙ୍ଗ। ଜଣେ ସାହିତ୍ୟକର ଉଦ୍ଧୃତି ପଢି ସୁଦେଷ୍ଣାର ବିପଥଗାମୀର ମୋହ ଭଙ୍ଗ ଭିତରେ ରହିଛି ଏକ ସାମାଜିକ ସଂସ୍କାରର ମହାନ କର୍ତ୍ତା। ଇଂରାଜୀ ସାହିତ୍ୟର ବିଶିଷ୍ଟ ନାଟ୍ୟକାର ଜର୍ଜ ବର୍ଣ୍ଣାଡ ଶଙ୍କର ଉଦ୍ଧୃତ-

ମଣିଷ ଜୀବନରେ ଦୁଇଟି ସର୍ବ ବୃହତ ଦୁଃଖ ପୂର୍ଣ୍ଣ ଘଟଣା ଘଟେ। ପ୍ରଥମଟି ନିଜ ହୃଦୟର ସର୍ବଶ୍ରେଷ୍ଠ ଇଚ୍ଛାର ଅପ୍ରାପ୍ତି ଜନିତ ଦୁଃଖ। ଅନ୍ୟଟି ସେହି ଇଚ୍ଛାର ପରିପୂର୍ଣ୍ଣତାର ପରିଣତିରେ ଘଟିବାକୁ ଥିବା ଦୁଃଖ।

ତାଙ୍କର ଏହି ଉକ୍ତି ଯେ କେବଳ ସୁଦେଷ୍ଣାର ପରକ୍ରିୟା ପ୍ରୀତି ମୋହ ତଥା ଦେବାଶିଷଙ୍କୁ ପାଇବାର ଇଚ୍ଛାକୁ ବଦଳେଇଥିଲା ତା ନୁହେଁ ବରଂ ସୁଦେଷ୍ଣାର ଏହି ପରିବର୍ତ୍ତନ ସମାଜକୁ ଏକ ନୂତନ ବାର୍ତ୍ତା ପ୍ରଦାନ କରିଥିଲା।

ଦାରିଦ୍ର୍ୟତାରେ ବାଲ୍ୟ କୈଶର ଘଟିଥିଲା ସୁଦେଷ୍ଣାର। ପାଞ୍ଚଭାଇରେ ଗୋଟିଏ ଭଉଣୀ ସୁଦେଷ୍ଣା ରହୁଥିଲା ରେଡଙ୍ଗ କଲୋନୀର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଉଦ୍ଦିଷ୍ଟ ବଖୁରିଆ କ୍ୱାର୍ଟରରେ ସୁଦେଷ୍ଣାର ବିଳାସୀ ମନ। ଦେଖିବାକୁ ସୁନ୍ଦରୀ। ଆଦ୍ୟ ଯୌବନରୁ ଅଳକାପୁରୀର ସ୍ୱପ୍ନ ଦେଖି ଆସୁଥିଲା ସୁଦେଷ୍ଣା। ଏମିତି ସ୍ୱପ୍ନରେ ମସଗୁଲ ଥିବା ଭିତରେ ତା'ର ହୋଇଥିଲା ବାହାଘର। ଏ ବାହାଘରରେ ତାର ମତାମତ ନିଆଯାଇନଥିଲା। ତେଣୁ ଡିଲିଙ୍ଗ୍ ଆସିଷ୍ଟାଣ୍ଟକୁ ସ୍ୱାମୀ ଭାବରେ ହୃଦୟର ସହ ଗ୍ରହଣ କରିପାରିନଥିଲା

ଉଚ୍ଚ ଭିଳାସୀ ସୁଦେଷ୍ଣା। ଫଳରେ ସ୍ୱାମୀ ରଂଜନର ନିବିଡ଼ ଭଲ ପାଇବା ମଧ୍ୟ ତାକୁ ଅଫୁରନ୍ତ ଆନନ୍ଦ ଦେଉନଥିଲଲା।

ଯେତେବେଳେ କବିବନ୍ଧୁ ଦେବାଶିଷ ସହିତ ସାକ୍ଷାତ ହେଲା ଆଉ ଦେବାଶିଷ ସହିତ ଅନ୍ତରଙ୍ଗତା ବଢ଼ିଲା ସୁଦେଷ୍ଣାର ପ୍ରତିଟି ସାକ୍ଷାତରେ ନୂଆ ପୁଲକ ଭରି ଯାଉଥିଲା। ତା' ହୃଦୟ ପ୍ରତ୍ୟେକ ଦେଖାରେ ରୋମାଞ୍ଚିତ ହେଉଥିଲା । ଫଳରେ ତାର ନାରୀ ସତ୍ତାଟି ଆତ୍ମ ସମର୍ପଣ କରିଥିଲା। ଦେବାଶିଷଙ୍କ ପାଖରେ ସେ ଅନୁଭବ କରୁଥିଲା ଆଦ୍ୟ ଯୌବନରେ ଦେଖିଥିବା ସ୍ୱପ୍ନମାନ ଯେମିତି ସାର୍ଥକତା ଆଡ଼କୁ ଗତି କରୁଛନ୍ତି।

ସ୍ୱାମୀର ଅନୁପସ୍ଥିତିର ସୁଯୋଗର ଖୋଲାମନରେ ହାତ ଛନ୍ଦି ଦେବାଶିଷ ସହିତ ଅନ୍ତରଙ୍ଗ ଭାବରେ ବୁଲିବା, ରାତିରାତି ଏକତ୍ର ସହାବସ୍ଥାନ କରିବା ସହିତ ଦେବାଶିଷଙ୍କୁ ସ୍ୱାମୀ ଭାବରେ ପାଇବାର ଇଚ୍ଛାରେ ତା'ର ପ୍ରୀତିକୁ ଗ୍ରହଣ କରିଗଲା ସୁଦେଷ୍ଣା। ମାତ୍ର ତାର ଭାବାନ୍ତର ସେହିଦିନ ଘଟିଲା ଯେଉଁଦିନ ସେ ତାଙ୍କର ଦୁଃଖ ସଂପର୍କରେ ଉଦ୍ଧୃତିର ଦୁଇ ପାର୍ଶ୍ୱକୁ ବୁଝିଲା।

ସମଗ୍ର ଗଳ୍ପରେ ଗାଳ୍ପିକ ପରକୀୟା ପ୍ରୀତି, ଗରିବ ସୁନ୍ଦରୀ ଝିଅର ଅମରାବତୀ ସ୍ୱପ୍ନର କଥାକୁ ରୋମାଣ୍ଟିକ ଭାବଧାରାରେ ବର୍ଣ୍ଣନା କରି, ପାଠକଙ୍କୁ ପରକୀୟା ପ୍ରୀତିର ମଧୁ ଅନୁଭବ ଦେଇଥିଲେ ଏହି ଗଳ୍ପର ପରିଣତିରେ ଏକ ସାମାଜିକ ବାର୍ତ୍ତା ମାଧ୍ୟମରେ ସୁଦେଷ୍ଣାର ପରକୀୟା ମୋହଭଙ୍ଗ ଯେପରି ଢଙ୍ଗରେ କରିଛନ୍ତି ଯେ କୌଣସି ପାଠକ ଗଳ୍ପପାଠଗାର ଏହି ଚେତନାକୁ ଅନ୍ଧକାର କରିବ ଏକଥାର ଦ୍ୱିରୁକ୍ତି ଚିନ୍ତା କରାଯାଇପାରେନା।

ନାରୀର ଗଭୀର ଆତ୍ମୋତ୍ସର୍ଗ ଆଉ ତ୍ୟାଗରେ ଘରସଂସାର କିପରି ସୁଖମୟ ହୁଏ ଡକ୍ଟର ରଥ ତାଙ୍କର "ଗଛଛାଇର ମଣିଷ" ଗଳ୍ପରେ ଅବତାରଣା କରିଛନ୍ତି। ଅନାମିକାର ସ୍ୱପ୍ନର ଆଇଏଏସ୍ ଦେବଦାସ କିପରି ଅନାମିକା ରୂପକ ଗଛରେ ଆଶ୍ରୟ ଲୋଡି ନିର୍ମଳି ଲତା ପରି ସବୁଜ ପତ୍ରଭରା ଜୀବନ ବଞ୍ଚୁଛି ଆଉ ଦିନେ ସ୍ୱାଭିମାନରେ ଜୀବନ ବର୍ଷିବାର ସଂକଳ୍ପ ତା ଭିତରୁ ହଜି ଯାଇଛି, ସେ କଥାକୁ ଚାକିରୀ ଜୀବନରେ ଖୁବ୍ ଅନୁଭବ କରିଥିଲେ ହେଁ ଅନାମିକା ଆଦର୍ଶ ପତ୍ନୀ ସାଜି ସଂସାର ଡଙ୍ଗାକୁ ଆଗେଇ ନେଇ ପାରିପାରିକ ଶାନ୍ତିର ଯେଉଁ ମହନୀୟ ଉଦାହରଣ ଦେଇଛି ତାହା ବେଶ୍ ପ୍ରାଣିଧାନ ଯୋଗ୍ୟ।

ଅନାବିକା ଦେଖୁଛି ବଦଳି ଯାଇଛନ୍ତି ଦେବ ଦାସ- "ଚାକିରି ସଂପର୍କରେ ପଚାରିଲେ ମୁହଁରେ ନିଃଶବ୍ଦରେ ନିର୍ଲଜ ହସର ରେଖାଟିଏ ଫୁଟି ଉଠେ। ପାହିଟୀର ସମୟ ସୀମା ମଧ୍ୟରେ ଅନାମିମାକୁ ଆଶ୍ଚର୍ଯ୍ୟ ଚକିତ କରିଦେଇ ଅନେକ ବଦଳି ଯାଇଥିବଲେ ଦେବଦାସ। ପାଠ ପଢା ସମୟରେ ତାଙ୍କ ଭିତରୁ ଫୁଟି ବାହାରୁଥିବା ବିପୁଳ ବ୍ୟକ୍ତିତ୍ୱ କେଉଁଠି ହଜିଯାଇଛି।

ତଥାପି ଅନାମିକା ଆଦର୍ଶ ହିନ୍ଦୁନାରୀ ପରି ସଂସାର ଚଳାଇ ନେବାର ଖୁବ୍ ପ୍ରଯତ୍ନ କରିଛି। ମାତ୍ର ତା ଭିତରୁ ହଜିଯାଇଛି ଆବେଗ, ଆଖିରୁ ହଜିଯାଇଛି ରୋମାଣ୍ଟିକ ସ୍ୱପ୍ନ। ନିର୍ବାହ ପରଟା କେବଳ ପାଲଟି ଯାଇଛି ଗୋଟିଏ ଅଡ୍‌ଜଷ୍ଟମେଣ୍ଟ। ତା ପାରିବାରିକ ଜୀବନରେ ରୋମାଞ୍ଚ ନାହିଁ ଅବା ସ୍ୱାମୀ ସ୍ତ୍ରୀର ମାଦକତା ନାହିଁ। ଅଛି କେବଳ ଗୋଟିଏ ଯାନ୍ତ୍ରିକ ସଂପର୍କ। ହଁ ଏଇ ସଂପର୍କ ବି ନତ୍ୟାନ୍ତ ଜରୁରୀ ଆମ ସମାଜ ପାଇଁ। ତା' ଅନୁଭବ- ନାରୀଟିଏ ସାମାଜିକ କନ୍ଦଙ୍କ ମୁକ୍ତ ହେବା ତଥା ନିରାପଦରେ ବଞ୍ଚିବା ପାଇଁ ସ୍ୱାମୀଟିଏର ଆବଶ୍ୟକତା ଅନ୍ତତଃ ଆମ ସମାଜରେ ଏକାନ୍ତ ଅପରିହାର୍ଯ୍ୟ।

ଦେବଦାସଙ୍କୁ ନେଇ ଅନାମିକାର ସ୍ୱପ୍ନ ହଜିଯାଇ ଥିଲେ ହେଁ ତାର ତ୍ୟାଗ ଆଉ ସମର୍ପଣରେ ଦାମ୍ପତ୍ୟ ଜୀବନ ଯେ ସୁଖରେ ଅତିବାହିତ ହେବ ଏ ପ୍ରକାର ଜୀବନଧର୍ମୀ ଏକ ସାମାଜିକ ବାର୍ତ୍ତା ଉକ୍ତ ଗଳ୍ପରେ ଶ୍ରୀ ରଥ ଅବତାରଣା କରିଛନ୍ତି।

ସବୁ ସମୟରେ ମଣିଷ ଏକ ଦୁର୍ବୋଦ୍ଧ୍ୟ ପ୍ରାଣୀ। ସାଂପ୍ରତିକ ମଣିଷ ଅନୁଯାୟୀ ଆହୁରି ଦୁର୍ବୋଦ୍ଧ। ଏହି ଦୁର୍ବୋଦ୍ଧ ଆଉ ଜଟିଳ ଚେତନାର ମଣିଷ ମନରେ ଥିବା ଅନ୍ଧକାରମୟ ଦିଗଟିକୁ ସେ ତାଙ୍କର ଗଳ୍ପମାନଙ୍କରେ ଆଲୋକିତ କରାଇବାର ପ୍ରଚେଷ୍ଟା କରିଛନ୍ତି। ବ୍ୟକ୍ତିର ମାନସିକା ଦ୍ୱନ୍ଦ୍ୱ ଏବଂ ବ୍ୟକ୍ତିର ଆତ୍ମ ଚେତନାର ସଂଘର୍ଷକୁ ମନସ୍ତାତ୍ତ୍ୱିକ ବିଶ୍ଳେଷଣ କରାଇ ଜୀବନବାଦୀ ଚିନ୍ତାଧାରାର ସଫଳ ପ୍ରୟୋଗ ଶ୍ରୀରଥ ତାଙ୍କର ଗଳ୍ପରେ କରିଛନ୍ତି। ବାସ୍ତବିକ ଏକ ବିଂଶ ଶତାବ୍ଦୀର କଳ୍ପକଳାର ଏହି ଆତ୍ମୀକ ଦିଗନ୍ତ ପ୍ରତି ପାଠକ ସମାଜ ଆତ୍ମତାର ସହ ଗ୍ରହଣ କରିବ ଓ ସମାଲେଚକ ମାନଙ୍କୁ ଏ ଦିଗଟି ନୂତନ ଭାବରେ ବିଶ୍ଳେଷଣ କରାଇବାର ଅବକାଶ ହେବ ଏହା ଆଶା କରିବା ନିରର୍ଥକ ନୁହେଁ।

❖❖❖

# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗୀତିକବିତା-ଉନ୍ମେଷରୁ ବିକାଶ



ISSN-2583-6978
Volume-3
Issue-8
AUGUST-2023

**ସତ୍ୟନାରାୟଣ ମିଶ୍ର**

**ଗବେଷକ, ଓଡ଼ିଆ ବିଭାଗ**
**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ଆମ ଓଡ଼ିଆ କାବ୍ୟଧାରାରେ 'ଗୀତିକବିତା' ସାହିତ୍ୟର ଏକ ବଳିଷ୍ଠ ବିଭବ। ଏହାର ଇତିହାସ ସୁପ୍ରାଚୀନ। ଜନଜୀବନର ବ୍ୟାପକ ଅନୁଭୂତି ଏଥିରେ ପ୍ରତିଫଳିତ। ଫଳତଃ ଏହା ମଣିଷ ଜୀବନ ସହିତ ଓତପ୍ରୋତ ଭାବରେ ଜଡ଼ିତ। କାବ୍ୟଧାରାର ଅନ୍ୟାନ୍ୟ ବିଭାଗ ମଧ୍ୟରେ ଗୀତିକବିତା ରଚନାର ପରମ୍ପରା ସାହିତ୍ୟ ଇତିହାସର କ୍ରମବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ। 'ଗୀତିକବିତା' ଶବ୍ଦଟି ଯଦିଓ ସାମ୍ପ୍ରତିକ କାଳର ସୃଷ୍ଟି, ଏହା ପ୍ରାଚୀନ କାଳରୁ ଆମ ସାହିତ୍ୟର ଏକ ଅବିଚ୍ଛେଦ୍ୟ ଅଂଗ ଭାବରେ ରହିଆସିଛି। ସୁତରାଂ 'ଗୀତିକବିତା' ଶବ୍ଦଟି ନୂତନ ହେଲେମଧ୍ୟ 'ଗୀତ' ଶବ୍ଦଟି ହେଉଛି ପ୍ରାଚୀନ। ଅକ୍ଷର ସୃଷ୍ଟି ହେବା ପୂର୍ବରୁ 'ଗୀତ' ଶବ୍ଦଟି ମୌ ?ଖିକ ଭାବରେ ଜନସାଧାରଣଙ୍କ ମଧ୍ୟରେ 'ଲୋକଗୀତ' ହୋଇ ରହିଆସିଥିଲା। ସାହିତ୍ୟ ଲିପିବଦ୍ଧ ହେବାପରେ ଗୀତ ମଧ୍ୟ ଲିପିବଦ୍ଧ ହେଲା।

'ଗୀତିକବିତା' ହେଉଛି ଉଭୟ ଗୀତ ଓ କବିତାର ସମ୍ମିଶ୍ରଣ। ବିଶିଷ୍ଟ ଗୀତିକବି ଗୁରୁକୃଷ୍ଣ ଗୋସ୍ୱାମୀଙ୍କ ମତରେ 'ଯାହା ଗାଇଲେ ଗୀତ, ପଢ଼ିଲେ କବିତା, ତାହା ହିଁ ଗୀତିକବିତା' । ଏହା ସାହିତ୍ୟର ବିଭିନ୍ନ ବିଭାବ ମଧ୍ୟରେ ସବୁଠାରୁ ସ୍ପର୍ଶକାତର ଓ ସମ୍ବେଦନଶୀଳ ବିଭବ । ଏହି ରଚନାଗୁଡ଼ିକର ଭାବ, ଭାଷା, ବ୍ୟଞ୍ଜନା ଓ ମର୍ମବାଣୀ, ଉପମା ଓ ରୂପକଳ୍ପ ଆଧୁନିକ ମଣିଷ ମନର ସଫଳ ପ୍ରତିବିମ୍ବ; ଏହା ନିଃସନ୍ଦେହ। 'ସ୍ୱର ସହିତ ଭାବର ଅବାଧ ମିଳନରେ ଗୀତିକବିତା ହୋଇଥାଏ ମନନଧର୍ମୀ ଓ ସର୍ବଜନଗ୍ରାହ୍ୟ। ପୁଣି ଭାବର ଚମତ୍କାରିତା ଏବଂ ଶବ୍ଦର ବହୁପ୍ରସାରୀ ଅର୍ଥଦ୍ୟୋତନା ଗୀତିକବିତାର ବିଶେଷତ୍ୱକୁ ପ୍ରତିପାଦନ କରିଥାଏ" ।(୧)

ଗୀତିକବିତାର ଏହି ଧାରାର ଆଦ୍ୟସ୍ଫୁରଣ ଆମ ସାହିତ୍ୟରେ ବୌଦ୍ଧଗାନ ଓ ଦୋହା ମଧ୍ୟଦେଇ ଆମେ ଲକ୍ଷ୍ୟ କରୁ । ଶୈଶବର ନାନାବାୟା ଗୀତରୁ ଲୋକଗୀତର ଧାରା ଦେଇ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ଚର୍ଯ୍ୟାପଦରୁ ହୋଇଥିଲା ଏହି ଗୀତିକାବ୍ୟର ଅୟମାରମ୍ଭ। ଚର୍ଯ୍ୟାଗୀତିଗୁଡ଼ିକ ଛନ୍ଦ ସମନ୍ୱିତ ବିଶିଷ୍ଟ ରାଗରାଗିଣୀଯୁକ୍ତ ରଚନା ଯୋଗୁଁ ଏଥିରେ ଗାନଯୋଗ୍ୟତା ଥିବାର ଲକ୍ଷ୍ୟ କରାଯାଏ । ସିଦ୍ଧାଚାର୍ଯ୍ୟମାନେ ସଙ୍ଗୀତ ସାଧନା ପ୍ରତି ବିଶେଷ ରୁଚିଶୀଳ ଥିବାରୁ ବୌଦ୍ଧଗାନ ଓ ଦୋହା ତଦନୁସାରୀ ସଙ୍ଗୀତାନୁକୂଳ ଥିଲା । ଏମାନଙ୍କଦ୍ୱାରା ରଚିତ ଚର୍ଯ୍ୟାଗୀତିରେ ଧ୍ରୁବପଦ ବା ଘୋଷାପଦ ଥିବାରୁ ଏହା ଗୀତିକବିତାର ପ୍ରଥମ ମୂଳଦୁଆ ସ୍ଥାପନ କରିଥିଲା । ସେତେବେଳେ ପଦ୍ୟଧର୍ମୀ ସମସ୍ତ ରଚନା 'ଗୀତ' ନାମରେ ଅଭିହିତ ହେଉଥିଲା। ପରେ ଶ୍ରୀଜୟଦେବଙ୍କ ଗୀତଗୋବିନ୍ଦ ଦେଇ ଆଦିଯୁଗ ଓ ପଞ୍ଚସଖା ଯୁଗ ଏବଂ ଏହାପରେ ରୀତିଯୁଗୀୟ ବା ମଧ୍ୟଯୁଗୀୟ ପରମ୍ପରାର ମୂର୍ଦ୍ଧନ୍ୟ କବି ଉପେନ୍ଦ୍ର ଭଞ୍ଜ ସୃଷ୍ଟି କଲେ ଜନପଦରେ ଶୁଣୁଥିବା ଓ କହୁଥିବା ଲୋକମାନଙ୍କ ଭାଷା ତଥା ମଣିଷର ନିତ୍ୟବ୍ୟବହୃତ ଶବ୍ଦକୁ ନେଇ ଗୀତିକବିତା ରଚନାର ଧାରା। 'ମଲ୍ଲିମାଳ ଶ୍ୟାମକୁ ଦେବି', 'ରମଣୀରତନ ମେଘକୁ ଚାହିଁ,' 'ବସି କାନ୍ଦୁଥିବ ମାନିନୀ','ଆଜ ଏକି 'ଗୁମାନରେ 'ଇତ୍ୟାଦି ଗୀତ ମାଧ୍ୟମରେ କବିସମ୍ରାଟ'

ଜନସାଧାରଣଙ୍କ ନିକଟରେ ପରିଚିତ ହୋଇଥିଲେ। ଏହା ସେମାନଙ୍କ ମୁହଁରୁ ଅନର୍ଗଳ ବାହାରି ଲୋକପ୍ରିୟତାର ଶୀର୍ଷରେ ପହଞ୍ଚି ପାରିଲା । ସଂସ୍କୃତ ପ୍ରତିସ୍ପର୍ଦ୍ଧୀ କାବ୍ୟଧାରା ସହିତ ଭଞ୍ଜ ଯେଉଁ ଗୀତିକବିତା ଧାରାଟି ଆରମ୍ଭ କଲେ, ତାକୁ ଗତିଶୀଳ କରାଇବାରେ ସହାୟକ ହେଲେ ତାଙ୍କ ପରବର୍ତ୍ତୀ କବିମାନେ। ଦୀନକୃଷ୍ଣ, ଅଭିମନ୍ୟୁ, ଭକ୍ତଚରଣ, ଗୋପାଳକୃଷ୍ଣ, କବିସୂର୍ଯ୍ୟ, ଯଦୁମଣି, ଭୀମ ଭୋଇ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ବିଶ୍ୱନାଥ ଖୁଣ୍ଟିଆ ଓ ବନମାଳୀଙ୍କ ପ୍ରାୟ ସମସ୍ତ ସୃଷ୍ଟି ଏହି ଗୀତିସାହିତ୍ୟର ଧାରାକୁ ପରିପୁଷ୍ଟ କରିଥିଲା । କାଳକ୍ରମେ କାବ୍ୟଯୁଗଟି ପରିଣତ ହୋଇଗଲା ଗୀତିକବିତା ଯୁଗରେ । ଏହି ଧାରା ଆଧୁନିକ ଯୁଗର ପ୍ରାଣପ୍ରତିଷ୍ଠାତା ରାଧାନାଥ, ମଧୁସୂଦନ, ଫକୀରମୋହନ, ଗଙ୍ଗାଧର, ନନ୍ଦକିଶୋର ବଳ, ବୈଷ୍ଣବ ପାଣି ଓ ପରବର୍ତ୍ତୀ ଯୁଗରେ ଗୋପବନ୍ଧୁ ଦାସ, ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, କାଳିନ୍ଦୀ ଚରଣ ପାଣିଗ୍ରାହୀ, ବୈକୁଣ୍ଠନାଥ ପଟ୍ଟନାୟକ, ମାୟାଧର ମାନସିଂହ, ରାଧାମୋହନ ଗଡ଼ନାୟକ ଓ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କଠାରୁ ଆରମ୍ଭ କରି ସଚ୍ଚି ରାଉତରାୟଙ୍କ ପର୍ଯ୍ୟନ୍ତ ବହୁ କବି ଗୀତିସାହିତ୍ୟର ସମୃଦ୍ଧିରେ ସହାୟକ ହେଲେ। ଆଧୁନିକ ଓଡ଼ିଆ କାବ୍ୟଧାରାରେ ଭକ୍ତକବି ମଧୁସୂଦନ ହିଁ ଗୀତିକବିତାର ଆଦ୍ୟ ପ୍ରବର୍ତ୍ତକ । ବିଶେଷ କରି ୧୯୧୩ ମସିହାରେ ଗୀତିକବି ରବୀନ୍ଦ୍ରନାଥ ଠାକୁରଙ୍କ 'ଗୀତାଞ୍ଜଳି' ଭାରତୀୟ ସାହିତ୍ୟର ମର୍ଯ୍ୟାଦାଜନକ ନୋବେଲ ପୁରସ୍କାର ନିମନ୍ତେ ଶ୍ରେଷ୍ଠ ବିବେଚିତ ହେବାପରେ ଗୀତିକବିତା ବିଶ୍ୱସ୍ତରରେ ଶାସ୍ତ୍ରୀୟ ସ୍ୱୀକୃତି ଲାଭ କରିପାରିଥିଲା। ଓଡ଼ିଆ ଗୀତିକବିତା ସେହି ସମୟରୁ ବଙ୍ଗଳା ସାହିତ୍ୟଦ୍ୱାରା ପ୍ରଭାବିତ ହେବା ସହ ଇଂରାଜୀ ସାହିତ୍ୟର ଚିନ୍ତାଚେତନା- ପ୍ରତୀକ, ରୂପକ, ଚିତ୍ରକଳ୍ପ ଆଦି ଓଡ଼ିଆ ଗୀତିକବିତାର ଆଙ୍ଗିକ ଓ ଆତ୍ମିକ ଉଭୟ ଦିଗକୁ ପରିପୁଷ୍ଟ କରିପାରିଥିଲା।

ସ୍ୱାଧୀନତା ଲାଭ ପରେ ଭାରତବାସୀଙ୍କ ମନରେ ଯେଉଁ ରାମରାଜ୍ୟର ସ୍ୱପ୍ନ ଥିଲା, ତାହା ବ୍ୟର୍ଥ ହେଲା । ଫଳରେ ମନରେ ସ୍ୱପ୍ନଭଙ୍ଗ, ଜୀବନରେ ବିତୃଷ୍ଣା, ପ୍ରାଣରେ ହତାଶାବୋଧ ଦେଖାଗଲା । ଯାହାର ପ୍ରଭାବ ଅନ୍ୟାନ୍ୟ ଭାଷାର ସାହିତ୍ୟରେ ପ୍ରତିଫଳିତ ହେବାଭଳି ଓଡ଼ିଆ କାବ୍ୟଧାରାରେ ମଧ୍ୟ ପରିଦୃଷ୍ଟ ହେଲା । ବାସ୍ତବବାଦୀ ଭାବଧାରା ଦ୍ୱାରା ପ୍ରଭାବିତ ଓ ପରିବର୍ତ୍ତିତ ହେଲା ଆମ କାବ୍ୟସାହିତ୍ୟ। ସମ୍ଭବତଃ ବାସ୍ତବ ଚିନ୍ତାଚେତନା ଓ ପରିସ୍ଥିତି ଯୋଗୁଁ ବ୍ୟକ୍ତିଗତ ଭାବୋଚ୍ଛ୍ୱାସର ଅଭିବ୍ୟକ୍ତି ବା ସ୍ୱପ୍ନବାଦୀ ପ୍ରଣୟ-ପ୍ରଧାନ ଗୀତିକବିତା ରଚନାର ପରିସର ସୀମାବଦ୍ଧ ହୋଇପଡ଼ିଲା । ପାଶ୍ଚାତ୍ୟ କାବ୍ୟଧାରାର ପ୍ରଭାବରେ ଭାରତୀୟ କବିମାନଙ୍କ ପରି ଓଡ଼ିଶାର କବିମାନେ ମଧ୍ୟ ସେହି ନବୀନ ରୀତିର ଗୀତିକାବ୍ୟ ରଚନା ପ୍ରତି ମନ ବଳାଇଲେ । ନୂତନତାର ପ୍ରତିଷ୍ଠା, ପରୀକ୍ଷା-ନିରୀକ୍ଷା ଓ ପ୍ରୟୋଗ ଦ୍ୱାରା ଓଡ଼ିଆ କାବ୍ୟକବିତାର ରୂପରେ ଆମୂଳଚୂଳ ପରିବର୍ତ୍ତନ ଘଟିଲା । କେବଳ ଭାବଧାରା ନୁହେଁ, ପ୍ରାଚୀନ ଛନ୍ଦ ମଧ୍ୟ ସମ୍ପୂର୍ଣ୍ଣ ପ୍ରତିହତ ହେଲା ।

ଆମ ସାହିତ୍ୟରେ ଯେତେବେଳେ ମୁକ୍ତଛନ୍ଦର ପ୍ରଚଳନ ଆରମ୍ଭ ହେଲା, "ଠିକ୍ ଏତିକିବେଳେ ଗଦ୍ୟକବିତା ସାଙ୍ଗୀତିକ ଗୁଣ ଓ ଛନ୍ଦୋବଦ୍ଧ ରୀତି ପରିତ୍ୟାଗ କରି ଏକ ସ୍ୱତନ୍ତ୍ର ସାମ୍ରାଜ୍ୟ ଗଠନ କରିବା ଦ୍ୱାରା ଅଧିକାଂଶ କବି ସେ ଶୈଳୀର ରଚନା ପ୍ରତି ଆକୃଷ୍ଟ ହୋଇପଡ଼ିଲେ ଓ ସଙ୍ଗୀତ ରଚନାକୁ ଏକ ନ୍ୟୂନ ଧରଣର କୃତି ବୋଲି ବିଚାର କଲେ । ସ୍ୱାଧୀନତା ପୂର୍ବରୁ ଜାତୀୟତାବୋଧକ ସଙ୍ଗୀତ ଓ ସମର ସଙ୍ଗୀତ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିବାପରେ ସ୍ୱାଧୀନତା ପରବର୍ତ୍ତୀ ସମୟରେ କବିମାନେ ବିଭିନ୍ନ ପରୀକ୍ଷା-ନିରୀକ୍ଷା କରି ଗୀତିକବିତା ରଚନାର ଶୈଳୀକୁ ଉନ୍ନତ କରିବାପାଇଁ ଯତ୍ନ କଲେ; କିନ୍ତୁ ବିଂଶ ଶତାବ୍ଦୀର ଆଦ୍ୟଭାଗ ପର୍ଯ୍ୟନ୍ତ ସଙ୍ଗୀତ 'ସାହିତ୍ୟ'ର ଏକ ଅଙ୍ଗବିଶେଷ ହୋଇ ରହିଥିବା ବେଳେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଗୀତିକାବ୍ୟ ଲେଖକମାନେ କବି ହେବାର ମର୍ଯ୍ୟାଦା ହରାଇବସିଲେ । ଫଳରେ ବହୁ ଉଚ୍ଚକୋଟୀର ଗୀତ ଓଡ଼ିଆ ସାହିତ୍ୟ ମଧ୍ୟକୁ ଆସିପାରିଲା ନାହିଁ"(୨)। ପ୍ରାଚୀନ ଓଡ଼ିଆ କାବ୍ୟ ପରମ୍ପରାକୁ ଅବହେଳା କରାଯିବା ଫଳରେ ପ୍ରାଚୀନ ଓ ମଧ୍ୟଯୁଗୀୟ ଚଉପଦୀ, ଚଉତିଶା, କୋଇଲି, ବୋଲି, ପୋଇ ପ୍ରଭୃତି ଅପ୍ରଚଳିତ ହୋଇପଡ଼ିଲା।

ଏପରି ସମୟରେ ୧୯୪୮ ମସିହା ଜାନୁଆରୀ ୨୮ ତାରିଖରେ କଟକ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା ଗୀତିକବିତାର ଧାରାକୁ ପୃଷ୍ଠପୋଷକତା ଯୋଗାଇଲା । ଗୀତିକବିମାନେ ନିଜ ସୃଷ୍ଟିକୁ ପ୍ରଚାର-ପ୍ରସାର ମାଧ୍ୟମରେ ଓଡ଼ିଶାର ଗୀତିକାବ୍ୟ ପରମ୍ପରାକୁ ବଞ୍ଚାଇ ରଖିଲେ । ଆକାଶବାଣୀ ସେମାନଙ୍କ ସୃଷ୍ଟି ସାମର୍ଥ୍ୟ ବିକାଶରେ ସହାୟକ ହେଲା । ସୁତରାଂ ଗୀତିସାହିତ୍ୟର ଏକ ସୁଦୃଢ଼ ପରମ୍ପରା ସୃଷ୍ଟି

କରିବା ଆକାଶବାଣୀ ଦ୍ୱାରା ହିଁ ସମ୍ଭବ ହୋଇପାରିଛି ।

ଯୁଗରୁଚିର ବିବର୍ତ୍ତନ ସହ ମଣିଷର ରୁଚିରେ ମଧ୍ୟ ପରିବର୍ତ୍ତନ ସଂଘଟିତ ହୋଇଥାଏ । ତଦନୁରୂପ ସ୍ୱାଧୀନତା ପରବର୍ତ୍ତୀ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ କାଳଖଣ୍ଡରେ ସାହିତ୍ୟର ଅନ୍ୟାନ୍ୟ ବିଭାଗ ପରି ଓଡ଼ିଆ ଗୀତିକବିତା ଆତ୍ମିକ ଓ ଆଙ୍ଗିକରେ କେବଳ ପରିବର୍ତ୍ତିତ ହୋଇନାହିଁ ବରଂ ପରିବର୍ଦ୍ଧିତ ଓ ପରିମାର୍ଜିତ ହୋଇଛି । ସ୍ୱାଧୀନତାର ଉତ୍ତରକାଳକୁ ଓଡ଼ିଆ ଗୀତିକବିତାର ନବଜାଗରଣ କହିଲେ ଅତ୍ୟୁକ୍ତି ହେବନାହିଁ। କହିବା ନିଷ୍ପ୍ରୟୋଜନ, ଏହି ଧାରା ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଧରି ଅଦ୍ୟାବଧି ପ୍ରଚଳିତ ହୋଇଆସୁଅଛି ।

ଆକାଶବାଣୀ ଯୋଗୁଁ ହିଁ ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଗୀତିକବିତାର କ୍ରମବିକାଶ ଘଟିଲା । କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ କର୍ଣ୍ଣଧାର ଭାବରେ ଏହାର ଭୂମିକାକୁ ଉଚିତ ମାର୍ଗରେ ପରିଚାଳିତ କଲେ । ମଞ୍ଚନାଟକ, ଚଳଚ୍ଚିତ୍ର ଓ ଆକାଶବାଣୀରେ ପ୍ରଚାର-ପ୍ରସାର ଉପଯୋଗୀ ଦୃଷ୍ଟିରୁ ଗୀତିକବିତାର ସଂକ୍ଷିପ୍ତ ରୂପ ପ୍ରଦାନ କଲେ । ଗୋଟିଏ ପ୍ରକାର ଗୀତକୁ ସବୁଶ୍ରେଣୀୟ ଶ୍ରୋତା ପସନ୍ଦ କରୁନଥିବାରୁ ତା'ର ବିଭାଗୀକରଣ କରାଇବାର ଦାୟିତ୍ୱ ବହନ କଲେ । ଯଥା- ଆଧୁନିକ ଗୀତ, ଭକ୍ତି ଗୀତ, ପଲ୍ଲୀସ୍ୱର ଗୀତ, ଦେଶାତ୍ମବୋଧକ ଗୀତ, ଶିଶୁ ଗୀତ ଇତ୍ୟାଦି। ତାଙ୍କ ସହିତ ଯୋଗଦେଲେ ପ୍ରଖ୍ୟାତ ସମାଲୋଚକ ଡ. ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)। ଗୀତିକବିତାର ସ୍ୱରୂପ ସଂପର୍କରେ ସେ ଚାରିଗୋଟି ଧର୍ମ, ଯଥା- (୧) ଗୀତିମୟତା, (୨) ସ୍ୱତଃସ୍ଫୁର୍ତ୍ତତା, (୩)ମନ୍ମୟତା, (୪) ସଂକ୍ଷିପ୍ତତା ଆଦି ନିହିତ ଥିବା ଉଚିତ ବୋଲି ମତବ୍ୟକ୍ତ କଲେ।

ପ୍ରାଚୀନ ଗୀତିକାଗୁଡ଼ିକ ଥିଲା ସୁଦୀର୍ଘ ଓ ଆଧ୍ୟାତ୍ମିକ ଭାବଧାରା ସମ୍ବଳିତ। ଏଥିସହ ନିର୍ଦ୍ଦିଷ୍ଟ ରାଗରାଗିଣୀ ଏବଂ ଭଣିତି ମଧ୍ୟ ରହୁଥିଲା । ସ୍ୱାଧୀନତା ପରବର୍ତ୍ତୀ କାଳରେ ତା'ର ରୂପାନ୍ତର ଘଟିଥିଲା। "ଆଧୁନିକ ଗୀତରେ ପ୍ରବୀଣ ଓଡ଼ିଆ କବିମାନେ ନିଜର ଭାବବ୍ୟଞ୍ଜନା ମାଧ୍ୟମରେ ନୂତନତ୍ୱ ପ୍ରଦର୍ଶନ କଲେ । ସେହିପରି ଭକ୍ତିଗୀତଗୁଡ଼ିକରେ ଆଉ ଭଜନ ଓ ଜଣାଣ ମଧ୍ୟରେ ବିଶେଷ ପାର୍ଥକ୍ୟ ରହିଲା ନାହିଁ। ଏ ସମସ୍ତ ଗୀତ ସହିତ ଦେଶାତ୍ମବୋଧକ ଗୀତ, ପଲ୍ଲୀସ୍ୱର ଗୀତ, ଶିଶୁ ଗୀତ ଆଦି ରଚିତ ହୋଇ ଏକ ସ୍ୱତନ୍ତ୍ର ଅଭିରୁଚି ସୃଷ୍ଟି କଲା"(୩)।

ଏହି ବିଭିନ୍ନ ପଦ୍ଧତିର ସଙ୍ଗୀତ ପାଇଁ ଭିନ୍ନଭିନ୍ନ ଶୈଳୀର ଲେଖା ମଧ୍ୟ ଆବଶ୍ୟକ ପଡ଼ିଲା । ତେଣୁ ଆଧୁନିକ ଗୀତିକାରମାନେ ନୂତନ ଶବ୍ଦ, ଛନ୍ଦ ଓ ଶୈଳୀ ପ୍ରୟୋଗ କରି ନୂତନ ଅଭିରୁଚିର ଗୀତିକବିତା ରଚନା କରି ଶ୍ରୋତାଙ୍କ ପ୍ରାଣରେ ଗଭୀର ରେଖାପାତ କରିବାକୁ ଉଦ୍ୟମ କଲେ । ସମସାମୟିକ କବିମାନେ ଯୁଗୋପଯୋଗୀ ଗୀତିକବିତା ରଚନା କରି ପରିବେଷଣ ପାଇଁ ଯୋଗାଇ ଦେଲେ । ପ୍ରଥମେ ପ୍ରଥମେ ୧୯୫୬ ମସିହା ପୂର୍ବରୁ ଯେଉଁ ଗୀତିକାରଙ୍କ ଗୀତ ପ୍ରସାରିତ ହେଲା ସେମାନେ ସ୍ୱୀକୃତିପ୍ରାପ୍ତ ଗୀତିକାର ନଥିଲେ । ଫଳରେ ସାହିତ୍ୟିକ ମାନ ହ୍ରାସ ଦେଖାଗଲା । ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଗଲା ଯେ କିପରି ସାହିତ୍ୟିକ ବା ଗୁଣାତ୍ମକ ମୂଲ୍ୟବୋଧଭିତ୍ତିକ ଗୀତ ପ୍ରସାରିତ ହେବ । ଏଥିପାଇଁ ନୂତନ ନିୟମ ପ୍ରସ୍ତୁତ ହେଲା । ଏହି ନିୟମ ଅନୁସାରେ ସମସାମୟିକ ଗୀତିକାରମାନେ ସେମାନଙ୍କର ଗୀତର ପାଣ୍ଡୁଲିପି ନିକଟସ୍ଥ ଆକାଶବାଣୀ କେନ୍ଦ୍ରକୁ ପ୍ରେରଣ କରିବେ ଓ ତାହା ସେଠାରେ ପରୀକ୍ଷକମାନଙ୍କ ଦ୍ୱାରା ଅନୁମୋଦନ ଲାଭ କରିବାପରେ ପ୍ରଚାର ପାଇଁ ଗୃହୀତ ହେବ । ଏପରି ବ୍ୟବସ୍ଥାର ପ୍ରବର୍ତ୍ତନ ଫଳରେ ଅବାଞ୍ଛିତ ବ୍ୟକ୍ତିଙ୍କର ଅନୁପ୍ରବେଶ କେତେକାଂଶରେ ନିୟନ୍ତ୍ରଣାଧୀନ ହୋଇପାରିଲା । ଉନ୍ନତ ତଥା ସାହିତ୍ୟିକ ମୂଲ୍ୟବୋଧଭିତ୍ତିକ ଗୀତ ଲେଖୁଥିବା ପ୍ରତିଭାମାନେ ଗୀତିକାର ହେବାର ସୁଯୋଗ ଲାଭ କରିବାକୁ ସମର୍ଥ ହେଲେ"(୪)।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗୀତିକବିତାଗୁଡ଼ିକ ପ୍ରଥମେ ପ୍ରଥମେ ପୁସ୍ତକ ଆକାରରେ ପ୍ରକାଶ ପାଇ ନଥିଲା। ଫଳରେ କେବଳ ରଙ୍ଗମଞ୍ଚ, ଚଳଚ୍ଚିତ୍ର ଓ ଆକାଶବାଣୀରେ ପ୍ରଚାର-ପ୍ରସାର ହୋଇ ଇଥରର ତରଙ୍ଗରେ ଉଡ଼ିଯାଉଥିବାରୁ ସାହିତ୍ୟାନୁରାଗୀ ପାଠକଙ୍କ ଲୋକଲୋଚନକୁ ଆସିପାରୁନଥିଲା। ସଂପ୍ରତି ଅନେକ ଗୀତିକବିଙ୍କ ଅର୍ଦ୍ଧ ସହସ୍ରାଧିକ ଗୀତିଗ୍ରନ୍ଥ ପ୍ରକାଶ ପାଇସାରିଛି। ସମୟକ୍ରମେ ପତ୍ରପତ୍ରିକାମାନଙ୍କରେ ଗୀତିକବିତା ଏକ ନିର୍ଦ୍ଦିଷ୍ଟ ସ୍ତମ୍ଭ ବା ବିଭାଗରେ ପ୍ରକାଶିତ ହୋଇ ପାଠକୀୟ ଆବେଦନ ବୃଦ୍ଧି କରିଛି । ସାହିତ୍ୟର ଅନ୍ୟାନ୍ୟ ବିଭବ ପରି ଗୀତିକବିତାର ଧାରା ମଧ୍ୟ ପରିପୁଷ୍ଟ ଓ ପୁଷ୍କଳ ହେବାରେ ଲାଗିଛି। ଏକବିଂଶ ଶତାବ୍ଦୀରୁ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିବର୍ଷ ଜଣେ ଗୀତିକବିଙ୍କ ପୁସ୍ତକକୁ ପୁରସ୍କୃତ କରି ଆସୁଛି। ଅଦ୍ୟାବଧି ଷୋହଳ ଜଣ ଗୀତିକବି ଏହି ପୁରସ୍କାରପ୍ରାପ୍ତ ।୨୦୦୧ ମସିହାରେ 'ନନ୍ଦକିଶୋର ଗୀତିବିଚିତ୍ରା' ଗୀତିଗ୍ରନ୍ଥ ପାଇଁ

ନନ୍ଦକିଶୋର ସିଂହ, ୨୦୦୨ ମସିହାରେ 'ଠିକଣା ନଥିବା ଚିଠି' ପାଇଁ ଗୌର ପଟ୍ଟନାୟକ, ୨୦୦୩ ମସିହାରେ 'ରସରାଜ ଗୀତିବିଚିତ୍ରା' ପାଇଁ ନାରାୟଣ ପ୍ରସାଦ ସିଂହ, ୨୦୦୪ ମସିହାରେ 'ଚମ୍ପକବରଣୀ ଗୋ' ପାଇଁ ଗୁରୁକୃଷ୍ଣ ଗୋସ୍ୱାମୀ, ୨୦୦୫ 'ବାଦୁଆ ନଈ' ପାଇଁ ସୁବାସ କର, ୨୦୦୬ 'କୃପାଜଳ' ପାଇଁ ପ୍ରଫୁଲ୍ଲ କର, ୨୦୦୭ 'ଗୀତି ବର୍ଣ୍ଣାଳୀ' ପାଇଁ ଅଲେଖ ଚନ୍ଦ୍ର ପଡ଼ିହାରୀ, ୨୦୦୮ 'ପ୍ରୀତି ସ୍ମୃତି ହୋଇ ଫେରିଆସେ ଯେବେ' ପାଇଁ ବୃନ୍ଦାବନ ଜେନା, ୨୦୦୯ 'ଅପରାହ୍ଣର ଛାଇ' ପାଇଁ ସଚ୍ଚି ମହାନ୍ତି, ୨୦୧୦ 'ପାଦପଦ୍ମ' ପାଇଁ ଗୌରହରି ଦଳାଇ, ୨୦୧୧ 'ତୁମେ' ପାଇଁ ମନୋଜ ପଟ୍ଟନାୟକ, ୨୦୧୨ 'ଚିତ୍ରମେଘର ଚିଠି' ପାଇଁ ସତ୍ୟ ପଟ୍ଟନାୟକ, ୨୦୧୩ 'ପଦୁଅଁ ପାପୁଲି' ପାଇଁ ଦେବେନ୍ଦ୍ର ଦାସ, ୨୦୧୪ 'ଜହ୍ନ ଝିଲିମିଲି' ପାଇଁ ହୃଦାନନ୍ଦ ପାଣିଗ୍ରାହୀ, ୨୦୧୫ 'ପ୍ରତି ପଲକରେ ତୁମେ' ପାଇଁ ମନୋଜ ମହାନ୍ତି, ୨୦୧୬ 'ମିଶ୍ରରାଗ' ପାଇଁ ମିଶ୍ର ସତ୍ୟନାରାୟଣ; ଗୀତିକବିତା ପାଇଁ ଯେଉଁମାନଙ୍କ ଅବଦାନ ମୁକ୍ତକଣ୍ଠରେ ସ୍ୱୀକାର୍ଯ୍ୟ।

"ସମ୍ପ୍ରତି କେତେକ ଆଲୋଚକ ଗୀତ ଓ ଗୀତିକବିତା ଭିତରେ ବିଶେଷ ପାର୍ଥକ୍ୟ ନାହିଁ ବୋଲି କହିଥାନ୍ତି। ପ୍ରକୃତରେ ଏ ଦୁଇଟି ଏକାକଥା ନୁହେଁ, ଯଦିଓ ଉଭୟ ଭିତରେ ବହୁ ସାମ୍ୟ ଦେଖିବାକୁ ମିଳେ । ସଂକ୍ଷେପରେ କୁହାଯାଇପାରେ ଯେ ସମସ୍ତ କବିତା ହେଉଛି ପଦ୍ୟରାଜ୍ୟର ଅନ୍ତର୍ଭୁକ୍ତ। ଏଥିମଧ୍ୟରୁ ମୁକ୍ତଛନ୍ଦର କବିତା ହୋଇଥାଏ ଅଧିକ ପଠନଧର୍ମୀ, ଛନ୍ଦକବିତା ହୋଇଥାଏ ଅଧିକ ଆବୃତ୍ତିଧର୍ମୀ, ସଙ୍ଗୀତ ହୋଇଥାଏ ରାଗ-ତାଳଭିତ୍ତିକ ଗାନଧର୍ମୀ ଏବଂ ଗୀତିକବିତା ଏକାଧାରରେ ହୋଇପାରେ ଆବୃତ୍ତିଧର୍ମୀ ଓ ଗାନଧର୍ମୀ।"(୫)

ସମାଜ ପାଇଁ ସାହିତ୍ୟ ଓ ସଙ୍ଗୀତର ସୃଷ୍ଟି; ପ୍ରଚାର ଓ ପ୍ରସାର ମଧ୍ୟ । ଅବସର ବିନୋଦନର ମୁଖ୍ୟ ତଥା ସହଜ ଓ ସରଳ ମାଧ୍ୟମ ଭାବରେ ସଙ୍ଗୀତର ସାରାବିଶ୍ୱରେ ରହିଛି ସ୍ୱତନ୍ତ୍ର ପରିଚୟ। ସାଧାରଣ ମଣିଷ ଅପେକ୍ଷା ସଙ୍ଗୀତପ୍ରେମୀ ଜୀବନକୁ ବେଶି ଉପଭୋଗ କରେ । ମନର ମହୌଷଧି ସଙ୍ଗୀତ। ସଙ୍ଗୀତକୁ ଜୀବନ୍ୟାସ ଦିଏ ଗୀତିକବିତା। ବିନ୍ଦୁରେ ସିନ୍ଧୁର ପ୍ରତିଫଳନ ହେଉଛି ଗୀତିକବିତାର ସର୍ବପ୍ରଥମ ଓ ସର୍ବପ୍ରଧାନ ବିଶେଷତ୍ୱ। ଗୋଟିଏ ଦୀର୍ଘକାୟ ଉପନ୍ୟାସ, ଗୋଟିଏ ଦୀର୍ଘ ଗଳ୍ପ ବା କବିତା ଯାହା କହିନପାରେ, ଗୋଟିଏ ଘୋଷାପଦ ଓ ଦୁଇ/ତିନୋଟି ଅନ୍ତରା ପଦବିଶିଷ୍ଟ ଏକ ଗୀତିକବିତା ତାହାଠାରୁ ଅଧିକ କହିପାରେ। ଅତଏବ ଅଳ୍ପ ଆୟତନରେ ଅଧିକ କଥା କହେ ଗୀତିକବିତା ।

ସଙ୍ଗୀତର ଜୟଯାତ୍ରାରେ ଗୀତିକବିତାର ଭୂମିକା ଅପରିହାର୍ଯ୍ୟ। ଏହାର ପ୍ରତୁଳ ହୃଦୟଗ୍ରାହିତା ଓ ଶ୍ରୁତିମଧୁରତା ସାହିତ୍ୟର ଅନ୍ୟକୌଣସି ବିଭାଗରେ ପରିଦୃଷ୍ଟ ହୁଏନାହିଁ। ସଙ୍ଗୀତ କିଞ୍ଚିତ ପରିମାଣରେ ହେଲେମଧ୍ୟ ମାନସିକ କ୍ଳାନ୍ତି ନିବାରଣ କରି ଆନନ୍ଦ ସଞ୍ଚାର କରେ। ଏହା କେବଳ ମନୋରଂଜନ ପାଇଁ ନୁହେଁ, ବୌଦ୍ଧିକ ବିକାଶରେ ମଧ୍ୟ ସହାୟକ ହୁଏ। ସମାଜ ଓ ଜୀବନକୁ ଦିଗଦର୍ଶନ ଦିଏ । ଦେଖାଯାଏ ଯେ କେତେକ ଗୀତ ସେମାନଙ୍କର ସାହିତ୍ୟିକ ଆବେଦନ ପାଇଁ ଓ ଆଉକେତେକ ଗୀତ ସେମାନଙ୍କର ସାଙ୍ଗୀତିକତା ପାଇଁ ଦୀର୍ଘସ୍ଥାୟୀ। ଉଭୟ ଧର୍ମ ଥିବା ଗୀତ କାଳୋତ୍ତୀର୍ଣ୍ଣ। କହିବା ବାହୁଲ୍ୟ, ସ୍ୱର ମଧ୍ୟରେ ଗୀତ ବା କବିତା ନଥିଲେ ତାହା ହୃଦୟ ହରଣ କରେନା । ସୁତରାଂ ଗୀତିକବିତା ହିଁ ସଙ୍ଗୀତକୁ ଜନପ୍ରିୟ କରେ ।

**ସହାୟକ ଗ୍ରନ୍ଥସୂଚୀ**

(୧): ଡ. କୃଷ୍ଣଚନ୍ଦ୍ର ପ୍ରଧାନ, ଆଧୁନିକ ଓଡ଼ିଆ ସାହିତ୍ୟର ସ୍ୱର ଓ ସ୍ୱରୂପ, ଡ.ଶରତଚନ୍ଦ୍ର ରଥ, ପୃ-୯

(୨): ଡ.ବ୍ରଜମୋହନ ମହାନ୍ତି, ଓଡ଼ିଆ ସାହିତ୍ୟକୁ ଆକାଶବାଣୀର ଦାନ, ପୃ-୫୦୯

(୩): ଡ. ବ୍ରଜମୋହନ ମହାନ୍ତି, ଓଡ଼ିଆ ସାହିତ୍ୟକୁ ଆକାଶବାଣୀର ଦାନ, ପୃ- ୫୦୯

(୪): ଡ. ବ୍ରଜମୋହନ ମହାନ୍ତି, ଓଡ଼ିଆ ସାହିତ୍ୟକୁ ଆକାଶବାଣୀର ଦାନ, ପୃ- ୧୬୬

(୫): ଡ. ଶରତଚନ୍ଦ୍ର ରଥ, ଆଧୁନିକ ଓଡ଼ିଆ ସାହିତ୍ୟର ସ୍ୱର ଓ ସ୍ୱରୂପ, ପୃ-୨୫

❖❖❖

# ସାହିତ୍ୟରେ ସମାଜ ଓ ଜୀବନର ରୂପରେଖ



ISSN-2583-6978
Volume-3
Issue-8
AUGUST-2023

**ଡ. ଅନିଲ୍ ନନ୍ଦ**

**ଭୁବନେଶ୍ୱର**

ସମାଜ ଓ ଜୀବନ ସାହିତ୍ୟର ଭିତ୍ତି । ଏହି ଭିତ୍ତିଭୂମି ଉପରେ ସାହିତ୍ୟର ବ୍ୟାପ୍ତି, ଦୀପ୍ତି ଏବଂ ପ୍ରଗତି । ଜୀବନ ଓ ସମାଜ ବ୍ୟତିରେକ ସାହିତ୍ୟ ନିଷ୍ପ୍ରାଣ । ସାହିତ୍ୟର ଉଦ୍ଦେଶ୍ୟ କେବଳ ସମାଜଜୀବନର ନିଖୁଣ ଚିତ୍ର ବର୍ଣ୍ଣନାରେ ସୀମିତ ନୁହେଁ । ସମାଜଜୀବନର ଯାବତୀୟ ଭଲମନ୍ଦ, ଉତ୍‌ଥାନ ପତନ ତଥା ଭବିଷ୍ୟ ମାର୍ଗ ଦର୍ଶନ ଓ ନୀତି ନିର୍ଦ୍ଧାରଣରେ ସାହିତ୍ୟର ଭୂମିକା ଚିର ପ୍ରଶଂସନୀୟ । ଟଲଷ୍ଟୟ ତାଙ୍କ ଜୀବନର ଦ୍ୱିତୀୟ ପର୍ଯ୍ୟାୟର ରଚନା ଗୁଡ଼ିକରେ ସାହିତ୍ୟକୁ ଜୀବନ-ଜିଜ୍ଞାସାର ଏକ ମାଧ୍ୟମ ରୂପେ ଗ୍ରହଣ କରିଥିବା(୧) ଏହାର ସ୍ପଷ୍ଟ ନିଦର୍ଶନ । ଜୀବନର ଅନ୍ତର୍ନିହିତ ସତ୍ୟ ଓ ଅନ୍ତରାନୁସନ୍ଧାନ, ସାମାଜିକ ପ୍ରବଣତା ଓ ପ୍ରୟାସକୁ ସାହିତ୍ୟ ଉନ୍ମୋଚନ କରିଥାଏ । ସାହିତ୍ୟିକ ଉପରୋକ୍ତ ବିଷୟ ପ୍ରତି ସଚେତନ ହେବା ବିଧେୟ । ସାହିତ୍ୟକୁ ଜୀବନର ଯାବତୀୟ ଅନ୍ତରାନୁସନ୍ଧାନ, ଆବିଷ୍କାର ଏବଂ ଉତ୍ତୋଳନର ଏକ ସାଧନରୂପେ ଗ୍ରହଣ କରୁଥିବା ସାହିତ୍ୟାଲୋଚନା ମଧ୍ୟ ତଦନୁରୂପେ ଉତ୍ତୋଳନଧର୍ମୀ ଓ ଉତ୍ତୋଳନକାମୀ ହୋଇପାରିବା ଉଚିତ ।(୨) ସାହିତ୍ୟକୁ କେବଳ ଏକ ପ୍ରକାଶ ଭଙ୍ଗୀ ବା ଶୈଳୀ ଭାବରେ ଗ୍ରହଣ କଲେ ସାହିତ୍ୟର ଆଭିମୁଖ୍ୟ ବାଧାପ୍ରାପ୍ତ ହୁଏ, ତା'ର ସୁଦୂର ପ୍ରସାରୀ ମୂଲ୍ୟବୋଧ ଖଣ୍ଡବିଖଣ୍ଡିତ ହୋଇ ବିକଳାଙ୍ଗ ରୂପ ଧାରଣ କରେ ।

ସମାଜ ଏବଂ ଜୀବନ ସହ ସାହିତ୍ୟର ସଂପର୍କ ଅବିଚ୍ଛେଦ୍ୟ । ସମାଜଜୀବନର ସ୍ପଷ୍ଟ ଓ ବାସ୍ତବଚିତ୍ର ସାହିତ୍ୟରେ ରୂପାୟିତ ହୋଇଥାଏ । ସମାଜର ସମସ୍ତ ଘଟଣ ଅଘଟଣ ସାହିତ୍ୟର ଉପାଦାନ। ସେସବୁକୁ ସାହିତ୍ୟିକ ସାହିତ୍ୟରେ ଆପଣା ଶିଳ୍ପ ଚାତୁରୀରେ ଜୀବନ୍ତ ଭାବରେ ବର୍ଣ୍ଣନା କରିଥାଏ । ସେଥିପାଇଁ ଡି.ବୋନାଲ୍ଡ "ସାହିତ୍ୟକୁ ସମାଜର ପ୍ରକାଶ ବା literature is an expression of society"(୩) ବୋଲି କହିଛନ୍ତି । ସମାଜର ଯାହା ବାସ୍ତବତା ଓ ସତ୍ୟତା, ସାହିତ୍ୟ ସେସବୁକୁ ଖେଳେଇ ଖେଳେଇ ବାହାର କରେ ଏବଂ ଏକ ସାମାଜିକ ପ୍ରମାଣପତ୍ର ଭାବରେ ପାଠକର ଶ୍ରଦ୍ଧାଭାଜନ ହୋଇଥାଏ । "Much of the most common approach to the relations of literature and society is the study of works of literature as social documents as assumed pictures of social reality"(୪) ଯେକୌଣସି ସମୟର ପ୍ରତ୍ୟେକ ବସ୍ତୁ ଓ ପ୍ରତ୍ୟେକ ଚରିତ୍ର ସମାଜର ଆଧାର ହୋଇ ସାହିତ୍ୟରେ ରୂପଲାଭ କରିଥାଆନ୍ତି । ସାମସମୟିକ ସମାଜର ସୁନ୍ଦର ଅସୁନ୍ଦର, ସାନ ବଡ, ପୂର୍ଣ୍ଣାଙ୍ଗ ଏବଂ ବିକଳାଙ୍ଗ ସମସ୍ତ ମଣିଷ ସାହିତ୍ୟର ଏକ ଏକ ଭାରାଖୁଣ୍ଟ । ଖାଲି ସେତିକି ନୁହେଁ, ସେମାନେ ବ୍ୟବହାର କରୁଥିବା ସମସ୍ତ ପଦାର୍ଥ, ସେ ସମୟର ଜୀବଜନ୍ତୁ, କାଠିକୁଟା ଠାରୁ ଆରମ୍ଭ କରି ମଶାଣି ଭୂଇଁ ପର୍ଯ୍ୟନ୍ତ ସମାଜ ଜୀବନର ପ୍ରତ୍ୟେକ ଉପାଦାନ ସାହିତ୍ୟ ପୃଷ୍ଠାରେ ଆସନ ଅଳଙ୍କୃତ କରି ଥାଆନ୍ତି। ସେମାନଙ୍କ ଚାଲିଚଳଣି, ରୀତିନୀତି, ଆଚାର ବ୍ୟବହାର ପ୍ରଭୃତି ସମାଜରୁ ଛଣାହୋଇ ସାହିତ୍ୟରେ ଚିତ୍ରିତ ହୁଏ । ଉକ୍ତ ବିଷୟଗୁଡ଼ିକରୁ ସେମାନଙ୍କ ସଂସ୍କୃତି ସମ୍ପର୍କୀୟ ସ୍ପଷ୍ଟ ଚିତ୍ର ପରିଲକ୍ଷିତ ହୋଇଥାଏ । ଏଣୁ ସାହିତ୍ୟ ଏକାଧାରରେ ସମାଜ ଓ ସଂସ୍କୃତିର ଚାରୁ ଆଲେଖ୍ୟ । "ସାହିତ୍ୟରେ କେବଳ ଏକ ସାମାଜିକ ସନ୍ଦର୍ଭ ଦେଖିବାକୁ ମିଳେ, ଯାହା ସଂସ୍କୃତିର ଏକ ଅଂଶ ।"(୫) ସାହିତ୍ୟର ସମାଜ ସହ ଯେଉଁଭଳି ସମ୍ପର୍କ ରହିଛି, ସଂସ୍କୃତି ସହ ସେହିଭଳି ସମ୍ପର୍କ ରହିଛି । ଅନ୍ୟପକ୍ଷରେ ସମାଜ ଓ ସଂସ୍କୃତିର ପାରସ୍ପରିକ ସମ୍ପର୍କ ଖୁବ୍ ଦୃଢ଼ । ଗୋଟିକ ବିନା ଅନ୍ୟଟିର ଶୃଙ୍ଖଳା ନଷ୍ଟହୁଏ । ଗୋଟିଏ ସଂସ୍କୃତି ଏକାଧିକ ସମାଜକୁ ନେଇ ବିଭୂଷିତ ହୋଇପାରେ । "ସେହି ସଂସ୍କୃତି ସାହିତ୍ୟକୁ ଏକ ନିର୍ଦ୍ଦିଷ୍ଟ ଆକାର ଓ ସ୍ୱଭାବ ଦିଏ, ସାହିତ୍ୟ ସଂସ୍କୃତି ଲାଗି ଏକ ଦର୍ପଣର କାର୍ଯ୍ୟ କରେ ।"(୬) ଯାହାର ସଂସ୍କୃତି ଯେତେ ଉନ୍ନତ ତା'ର ସାହିତ୍ୟ ମଧ୍ୟ ତଦନୁରୂପ ଉନ୍ନତ । ଉନ୍ନତ ଜୀବନଧାରାରୁ ଉନ୍ନତ ସମାଜ, ଉନ୍ନତ ସମାଜରୁ ଉନ୍ନତ ସଂସ୍କୃତି

ଏବଂ ଏ ସମସ୍ତର ବିଶୁଦ୍ଧତା ଓ ସମୃଦ୍ଧିରେ ସାହିତ୍ୟର ସମୃଦ୍ଧି । ସାହିତ୍ୟ ଯେଉଁ ସମୟରେ ଯେଭଳି ସମାଜ ଜୀବନର ପ୍ରତିନିଧିତ୍ୱ କରେ ସେହି ସମୟରେ ତାହାର ବାସ୍ତବ ଓ ମନ୍ମୟ ଆଲେଖ୍ୟ ପ୍ରଦାନ କରିଥାଏ । ସମାଜାଶ୍ରିତ କାରଣରୁ ସାହିତ୍ୟ କେବଳ ଯେ ସମାଜର ପ୍ରକୃତ ଚିତ୍ର ପ୍ରଦାନ କରେ, ତାହା ନୁହେଁ; ପରନ୍ତୁ ଚୟନ କରାଯାଇଥିବା ଚିତ୍ରଗୁଡ଼ିକୁ ଅଧିକ ରଙ୍ଗିନ୍ ତଥା ହୃଦୟଗ୍ରାହୀ କରାଇବା ହେଉଛି ସାହିତ୍ୟର ଚାରୁତା । ଇଂରାଜୀ ପଦ୍ୟ ସାହିତ୍ୟର ଇତିହାସକାର ଥୋମାସ୍ ୱାଟନ୍ ଅତି ଦୃଢ଼ତାର ସହ ପ୍ରକାଶ କରିଛନ୍ତି- "ସାହିତ୍ୟ ହେଉଛି ସାମୟିକ ବୈଶିଷ୍ଟ୍ୟକୁ ବାନ୍ଧିରଖିବାର ଏକ ଅଦ୍ଭୁତ ଶକ୍ତି, ଅଧିକାଂଶ ଛବିଳତାର ସଂରକ୍ଷଣ ଏବଂ ରୀତି ବା ଢ଼ଙ୍ଗର ଉପଯୁକ୍ତ ଉପସ୍ଥାପନ ।"(୭) ସାହିତ୍ୟରେ ସମାଜ ଓ ଜୀବନ ପ୍ରସଙ୍ଗ ମୁଖ୍ୟ ଏବଂ ଗୁରୁତ୍ୱପୂର୍ଣ୍ଣ । ସମାଜ ଗର୍ଭରୁ ହିଁ ସାହିତ୍ୟର ସୃଷ୍ଟି। ସମାଜର ମୃତ୍ତିକା ଉପରେ ସାହିତ୍ୟ କୁସୁମ ବିକଶିତ ହୋଇଥାଏ । ତା'ର ପ୍ରତିଟି ପାଖୁଡ଼ାରେ ଥାଏ ଜୀବନର ଭିନ୍ନ ଭିନ୍ନ ରଙ୍ଗ । ସେହି ଜୀବନ ପାଇଁ ଯାବତୀୟ କଳାର ଉନ୍ମେଷ । "ଜୀବନ ହେଉଛି ଏକମାତ୍ର ଉପାଦାନ ଯାହାକୁ କେନ୍ଦ୍ରକରି ଯାବତୀୟ କଳାର ଉଦ୍ଭବ। ଜୀବନକୁ ଭିତ୍ତିକରି ସାହିତ୍ୟିକ ସାହିତ୍ୟ ସୃଷ୍ଟିକରେ, ଶିଳ୍ପୀ ଶିଳ୍ପ କଳାରେ ରୂପଦିଏ, ବିଜ୍ଞାନୀ ବିଜ୍ଞାନ ସୃଷ୍ଟିକରେ ଓ ଐତିହାସିକ ପ୍ରାଚୀନ ସଂସ୍କୃତିକୁ ପଢ଼ିବସେ।"(୮) ତେବେ ଯେଉଁ କଳାରେ ଜୀବନ ମୁଖ୍ୟ ଆଧାର, ସ୍ଥିର ଚିତ୍ର ପରିବେଷଣ ବ୍ୟତୀତ ଜୀବନର ପ୍ରତିଟି ଦିଗକୁ ସେସବୁ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ଉପସ୍ଥାପନ କରିଥାଏ।

ସାହିତ୍ୟର ଉଦ୍ଦେଶ୍ୟ କେବଳ ସମାଜଜୀବନର ଜ୍ୟାମିତିକ ଚିତ୍ର ପ୍ରଦର୍ଶନ ନୁହେଁ । ଜୀବନ ଓ ସମାଜର ବହୁବିଧ ସମସ୍ୟାକୁ ସାହିତ୍ୟ ଉପସ୍ଥାପନ କରିଥାଏ । ସେ ଜୀବନ ବ୍ୟକ୍ତି ବା ମଣିଷର ଜୀବନ । ଜୀବନର ସମସ୍ୟାକୁ ଉତ୍‌ଥାପନ କରି ସାହିତ୍ୟ ତା'ର ଏକ ସମାଧାନ ପନ୍ଥା ମଧ୍ୟ ନିର୍ଦ୍ଦେଶ କରେ । ପ୍ରତି ମୁହୂର୍ତ୍ତରେ ବ୍ୟକ୍ତି ଜୀବନରେ ଯେଉଁ କାଳ ବୈଶାଖୀ ପ୍ରବାହିତ ହୁଏ, ତାହା ବ୍ୟକ୍ତି ଜୀବନ ବ୍ୟତୀତ ସମାଜ ବ୍ୟବସ୍ଥାକୁ ମଧ୍ୟ ଦୋହଲାଇ ଦିଏ । ସମାଜର ନୀତି ନିୟମରେ ଛନ୍ଦି ହୋଇଥିବା ଜୀବନ ଉପାୟଶୂନ୍ୟ ହୋଇ ନାନା ଅଘଟଣ ଘଟାଏ । ସାମାଜିକ ନୀତିର ବିରୁଦ୍ଧାଚରଣ କରି ଆହୁରି ଏକ ମୁକ୍ତ ପରିବେଶ ଲୋଡ଼େ । କେତେବେଳେ ସମାଜ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ମଧ୍ୟ କେତେବେଳେ ବ୍ୟକ୍ତିର ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଇପାରେ ନାହିଁ । ଫଳରେ ବ୍ୟକ୍ତି ସମାଜକୁ ଫାଙ୍କିଦେଇ ଜୀବନପାଇଁ ଉପଯୁକ୍ତ କର୍ମପନ୍ଥା ଓ ନୀତି ନିଜ ପସନ୍ଦ ଅନୁଯାୟୀ ନିର୍ବାଚନ କରିଥାଏ । ସମାଜରେ ବସବାସ କରୁଥିବା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଅନେକ ପାର୍ଥକ୍ୟ ଓ ସ୍ୱତନ୍ତ୍ରତା ଥିବାରୁ ସମସ୍ତଙ୍କ ଇଚ୍ଛା ପୂରଣ କରିବାରେ ସମାଜ ଅସମର୍ଥ । ସମାଜଗୃହୀତ ଶାସନବିଧି, ଅର୍ଥନୀତି, ରାଜନୀତି, ଶିକ୍ଷାବ୍ୟବସ୍ଥା କୌଣସି ବ୍ୟକ୍ତିର ତୀବ୍ର ସ୍ୱାର୍ଥ ସାଧନ କ୍ଷେତ୍ରରେ ଅନ୍ତରାୟ ହୋଇପାରେ । ଏଭଳି ସ୍ଥଳରେ ସମାଜ ବ୍ୟକ୍ତିର ଚିତ୍ତ ସଂଘର୍ଷର କାରଣ ହୋଇଥାଏ । ଅନ୍ତଃ ସଂଗୋପିତ ଅନେକ କାମନା ବ୍ୟକ୍ତି ଜୀବନକୁ ଭିନ୍ନ ପଥରେ ପରିଚାଳିତ କରିଥାଏ । ଜୀବନର କାମନା ରାଶି ଅବଚେତନ ମନତଳେ ଚାପିହୋଇ ବ୍ୟକ୍ତିକୁ ନିୟନ୍ତ୍ରିତ କରିଥାନ୍ତି । ଏହି ଗୋପନ କାମନା ରାଶିର ବହିଃ ପ୍ରକାଶ ସାହିତ୍ୟ ମାଧ୍ୟମରେ ସମ୍ଭବ ହୋଇଥାଏ ।

ଜୀବନ ଓ ସମାଜକୁ ବର୍ଣ୍ଣନା କଲାବେଳେ ସାହିତ୍ୟର ବିଚାରଧାରା କୌଣସି ସ୍ଥାନ, କାଳ, ପାତ୍ରରେ ବାନ୍ଧିହୋଇ ଅଟକି ଯାଏନି । ସମଗ୍ର ପୃଥିବୀ ତା ବିଶ୍ୱକୁ ଲୀଳାଭୂମି କରି ଯାହା ସତ୍ୟ, ବାସ୍ତବ, ତାହା ନିର୍ବିକାର ଭାବରେ ଉପସ୍ଥାପନ କରେ । ସମୟ ସ୍ରୋତରେ ପ୍ରବାହିତ ସମାଜ ବ୍ୟବସ୍ଥା ଏବଂ ଗତିଶୀଳ ଜୀବନ ଉପରେ ସାହିତ୍ୟର ଦୃଷ୍ଟି ନିବଦ୍ଧ ଥାଏ । ତେଣୁ ଗୋଷ୍ଠୀ ବା ସଂପ୍ରଦାୟର ଊର୍ଦ୍ଧ୍ୱରେ ରହି ଅପ୍ରକାଶର ପ୍ରକାଶ, ଅନାବିଷ୍କୃତର ଆବିଷ୍କାର ଘଟାଏ ସାହିତ୍ୟ । "ସାହିତ୍ୟକୁ ସ୍ଥାନ, କାଳ, ପାତ୍ର, ଦେଶ, ଗୋଷ୍ଠୀ, ସମାଜ ବା ସଂପ୍ରଦାୟ ଦେହରେ ସୀମିତ ରଖିହେବ ନାହିଁ । ମନୁଷ୍ୟ ଜୀବନରେ ଯାହା ସତ୍ୟ, ଯାହା ଅବିନଶ୍ୱର, ତାହା ହିଁ ସମକାଳୀନ ଓ ସର୍ବଦେଶର ଚିରନ୍ତନ ସାହିତ୍ୟ ସାମଗ୍ରୀ ।"(୯) ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନର ବିଭିନ୍ନ ପର୍ଯ୍ୟାୟ ସାମାଜିକ ପରିବେଶରେ ବାନ୍ଧି ହୋଇ କିଭଳି ଗତି କରିଥାଏ, ତାହା ସାହିତ୍ୟ ସୂଚିତ କରେ । ଜନ୍ମ, ମୃତ୍ୟୁ, ପ୍ରେମ, ବିବାହ, ଦାମ୍ପତ୍ୟ ଏ ସବୁ ସାହିତ୍ୟର ମୌଳିକ ବସ୍ତୁ । ଅର୍ଥନୀତି, ରାଜନୀତି, ଶିକ୍ଷାନୀତି ଏକ ଏକ ସୂତ୍ରହୋଇ ସାହିତ୍ୟକୁ ଅନ୍ୱେଷଣ କାର୍ଯ୍ୟରେ ସାହାଯ୍ୟ କରନ୍ତି। ଯାକୁ ହିଁ ନେଇ ଜୀବନର ସୁଖଦୁଃଖ ହସକାନ୍ଦର ଅନୁଭୂତି । ସେହି ଅନୁଭୂତିସିଦ୍ଧ ବିଷୟ ପୁଣି ସାହିତ୍ୟର କାହାଣୀ । କାହାଣୀ ସହ ମିଶି ରହିଥାଏ ପାରିପାର୍ଶ୍ୱିକ ଅବସ୍ଥା ଓ ସମାଜର ପଦକ୍ଷେପ । ପାରିପାର୍ଶ୍ୱିକ ଅବସ୍ଥା ସମାଜ ଏବଂ ତତ୍‌ସଂଲଗ୍ନ ଜୀବନ ପ୍ରବାହର କାଳ ନିର୍ଘଣ୍ଟରେ ସହାୟକର ଭୂମିକା ଗ୍ରହଣ କରେ ।

ସମାଜ ଏବଂ ଜୀବନର ପରିବର୍ତ୍ତନ ସଙ୍ଗେ ସଙ୍ଗେ ତା'ର ପାରିପାର୍ଶ୍ୱିକ ଅବସ୍ଥାର ପରିବର୍ତ୍ତନ ତଥା ନବ ରୂପାନ୍ତର-ସାହିତ୍ୟର ନବ ରୂପସଜ୍ଜା । "ମାନବ ଜୀବନ ଯେପରି ପାରିପାର୍ଶ୍ୱିକ ଅବସ୍ଥାର ପ୍ରଭାବଦ୍ୱାରା ସଭ୍ୟତାର ବିଭିନ୍ନ ସ୍ତର ଦେଇ ଅତିକ୍ରମ କରିଚାଲିଛି, ସାହିତ୍ୟ ମଧ୍ୟ ତାହା ସହିତ ଏକାଗ୍ର ଯୋଗରଖି ଗତିଶୀଳ ।"(୧୦) ସାହିତ୍ୟର ପୃଷ୍ଠା ଉନ୍ମୋଚନ କଲେ ସମାଜ ଜୀବନର କେତେକ ପ୍ରାଚୀନ ଚିତ୍ରାବଳୀ ଦେଖିବାକୁ ମିଳେ । ସେହି ଚିତ୍ରାବଳୀ ତତ୍କାଳୀନ ସମାଜ ଜୀବନର ଇତିବୃତ୍ତ । ଇତିହାସ ସେଗୁଡ଼ିକୁ କଙ୍କାଳସାର କରି ପାଠକ ସମ୍ମୁଖରେ ଦଣ୍ଡାୟମାନକରେ, ସାହିତ୍ୟ ସେ କଙ୍କାଳକୁ ମୃତ୍ୟୁ ସଂଜୀବନୀ ଶୁଣାଏ; ରକ୍ତମାଂସର ସଞ୍ଚାର କରି ଜୀବନ୍ୟାସ

ଦିଏ । ସେଥିପାଇଁ ଇତିହାସର ଚରିତ୍ର ଓ ସେମାନଙ୍କ ଚରାଭୂଇଁ ସମାଜ ସାହିତ୍ୟରେ ରୂପାୟିତ ହେଲେ ପାଠକୀୟ ଆଦୃତି ଲାଭ କରେ । ଇତିହାସ ଯେଉଁ ମୃତ ସଭ୍ୟତା ଓ ସମାଜର ତଥ୍ୟାବଳୀ ପରିବେଷଣ କରିଥାଏ, ସାହିତ୍ୟ ସେଥିରେ ଅଭୁତ କଳାକୌଶଳ ଓ କଳ୍ପନାର ପ୍ରଲେପ ଦେଇଥାଏ । କିଛି କଳ୍ପନା ଏବଂ କିଛି ବାସ୍ତବତାର ସମ୍ମିଶ୍ରଣରେ ସୃଷ୍ଟ ସାହିତ୍ୟ ଗୋଟିପଣେ ବାସ୍ତବ ବୋଧହୁଏ । ଇତିହାସ ଛାଡ଼ିଯାଇଥିବା ସମାଜର ଅନେକ ସାମଗ୍ରୀ ଏବଂ ଜୀବନର ଅନେକ ଅନୁଭବକୁ ସାହିତ୍ୟ ଖୋଜି ବାହାର କରେ । ତେବେ ପ୍ରଶ୍ନ ଉଠେ- ସାହିତ୍ୟର ଅତୀତ ପ୍ରତି ଏତେ ଅନୁରାଗ କାହିଁକି ? ଯେଉଁଠି ଜୀବନଥିଲା, ଅଛି ବା ସମ୍ଭବ ସାହିତ୍ୟ ସେ ସ୍ଥାନର ମାଟି ଓ ଆକାଶକୁ ଛୁଏଁ, ବେଳକାଳର ହିସାବ ରଖେ । ଅତୀତର ଭାଙ୍ଗଫାଟ ଭବିଷ୍ୟତରେ ଆଉଥରେ ଯେଭଳି ସୃଷ୍ଟି ନ ହୁଏ, ସେ ବିଷୟରେ ସମାଜ ଓ ସାମାଜିକମାନଙ୍କୁ ସଚେତନ କରାଏ । ଅତୀତର ମସୃଣ ସ୍ତମ୍ଭ ଭବିଷ୍ୟତରେ ଯେଭଳି ଭୁଶୁଡ଼ି ନଯାଏ, ସେଥିପ୍ରତି ସତର୍କ କରିଦିଏ । ଅନ୍ୟ ଭାବରେ କହିଲେ ସାହିତ୍ୟ ଦିଗ୍‌ଦର୍ଶକ ହୋଇ ଜୀବନ ଓ ସମାଜକୁ ଉପଯୁକ୍ତ ମାର୍ଗ ନିର୍ଦ୍ଦେଶ କରେ । ଅତୀତକୁ ଧାରଣ କରିଥିବା ସାହିତ୍ୟ ସମାଜଜୀବନର ଇତିହାସ ରୂପେ ମର୍ଯ୍ୟାଦା ଲାଭ କରେ । କାଳିଦାସ, ସେକ୍‌ସ୍‌ପିୟରଙ୍କ ସାହିତ୍ୟ ବିଗତ ଜୀବନର ଇତିହାସ ରୂପେ ଏବଂ ଅତୀତ ସଭ୍ୟତାର ପ୍ରାଣମୟ ଚିତ୍ରରୂପେ ଆଦୃତ ହେବା(୧୧) ଆମେ ଦେଖିବାକୁ ପାଉ ।

ସାହିତ୍ୟ ସମାଜର ବିଭିନ୍ନ ଉପାଦାନକୁ ତନ୍ନତନ୍ନ କରି ବିଶ୍ଳେଷଣ କରୁଥିବା ଏକ କଳା । ସମାଜକୁ ବ୍ୟବଚ୍ଛେଦ କରି ଅଳିଆ ଆବର୍ଜନା ବାହାର କରିବା, ଟୁକୁଡ଼ା ଅଂଶମାନଙ୍କୁ ପ୍ରଦର୍ଶନ କରିବା ଶକ୍ତି ସାହିତ୍ୟରେ ନିହିତ । କିନ୍ତୁ ତା'ର ସେ ସବୁ କାର୍ଯ୍ୟ ସଂପାଦନ ଶୁଦ୍ଧପୂତ ସର୍ଜନା ପାଇଁ ଉଦ୍ଦିଷ୍ଟ । ବେଳେବେଳେ ମଣିଷଗଢ଼ା ଅନୁଷ୍ଠାନ ସମାଜ, ବ୍ୟକ୍ତିର ସ୍ୱାଧୀନତାକୁ ପ୍ରତିରୋଧ କରେ । ଜୀବନର ସମସ୍ତ ସ୍ୱାଦ, ରସ-ରଙ୍ଗ ହରଣ କରିନିଏ ସମାଜ । ସାହିତ୍ୟ ନିରପେକ୍ଷ ଭାବରେ ସାମ୍ବିଧାନିକ ମତ ପ୍ରଦାନ କରେ । ଯେତେବେଳେ ସମାଜର ଦୋଷଥାଏ, ତାକୁ ସମାଲୋଚନା କରେ; ଯେତେବେଳେ ବ୍ୟକ୍ତିର ଦୋଷ ଦେଖେ ବା ଜୀବନର ପଥଭ୍ରଷ୍ଟତାକୁ ଲକ୍ଷ୍ୟ କରେ, ସେତେବେଳେ କଟାକ୍ଷପାତ କରେ । ସମାଜ ହେଉ ବା ଜୀବନ ହେଉ, କାହାରି ଅସଜଡା ଗୁଣ ବା ସମସ୍ୟାକୁ ସେ ଛାଡ଼ିଯାଏ ନାହିଁ । ସରଳ ସମାଧାନ ପନ୍ଥା ଆବିଷ୍କାର କରି ସମସ୍ତଙ୍କୁ ଟାଣିନିଏ ସେଠିକି-ନୂଆମନ୍ତ୍ର ଶିକ୍ଷାଦିଏ ଓ ପରିବର୍ତ୍ତନର ସ୍ୱର ଶୁଣାଏ । ବିପଥଗାମୀର ଦୃଷ୍ଟିପଥରୁ ଅନ୍ଧକାର ଦୂରେଇ ଦେଇ ଆଲୋକ ଭରିଦିଏ । ତେଣୁ "ସାହିତ୍ୟ ଏକ ମନ୍ତ୍ର ହୋଇପାରେ, ସାହିତ୍ୟ କୌଣସି ଯୁଗର ଅଥବା ସମୂହର ଚକ୍ଷୁରୁନ୍ମୀଳନ ଘଟାଇପାରେ, ସାହିତ୍ୟ ଅସନା ଓ ଅବର୍ଜିଆଗୁଡ଼ାକୁ ଅସ୍ୱୀକାର କରିପାରେ, ମଣିଷ ଓ ତା'ର ଜୀବନକୁ ଏକ ବିପୁଳ ବିଭବଶାଳିତା ରୂପେ ସ୍ୱୀକାର କରିନେଇପାରେ ।"(୧୨) ଜୀବନକୁ ପାପପଙ୍କିଳ ପରିବେଶରୁ ଉଦ୍ଧାର କରି ଅମୃତର ବାରି ଛିଞ୍ଚିଦିଏ ସାହିତ୍ୟ । ସାହିତ୍ୟର ପୃଷ୍ଠା ବିମଣ୍ଡିତ ଅଧିକାଂଶ ଚରିତ୍ର ଆପଣା ଭୁଲ ପାଇଁ ସନ୍ତାପ ଜର୍ଜରିତ । ସାମାଜିକ ନୀତିଭ୍ରଷ୍ଟ ସେହି ଚରିତ୍ରମାନଙ୍କୁ ଅନ୍ୟ କୌଣସି ଶାସ୍ତ୍ର ସ୍ପର୍ଶ କରିବା ପୂର୍ବରୁ ସାହିତ୍ୟ ଆପଣେଇ ନେଇଥାଏ । ବାସ୍ତବ ଜୀବନରେ ନିତାନ୍ତ କଷ୍ଟସାଧ୍ୟ ମନେହେଉଥିବା ପରିବର୍ତ୍ତନ ପ୍ରକ୍ରିୟାକୁ ସାହିତ୍ୟ ଅତି ସହଜରେ ସେମାନଙ୍କ ନିକଟରେ ଉପସ୍ଥାପିତ କରିଥାଏ । କର୍ମାକର୍ମ, ପାପପୁଣ୍ୟର ପରିଣତି ସମ୍ବନ୍ଧରେ ବିଶ୍ୱାସ ଭିଆଇବାକୁ ପ୍ରାଚୀନ ଦର୍ଶନ ଓ ପୌରାଣିକ ଆଖ୍ୟାନ, ଉପାଖ୍ୟାନକୁ ଆଶ୍ରା କରିଥାଏ । ଆବଶ୍ୟକସ୍ଥଳେ ଗତାନୁଗତିକ ଧର୍ମବିଶ୍ୱାସକୁ ଆହୁରି ଦୃଢ଼କରେ । ସମାଜର ନୀତିନିୟମକୁ କୋହଳ କରି ବିଚ୍ୟୁତ ମଣିଷର ବାସ୍ତବ ଅବସ୍ଥାକୁ ତର୍ଜମା କରିବା ସହ ସମ୍ବେଦନଶୀଳ ଦୃଷ୍ଟିଭଙ୍ଗୀ ନେଇ ଜୀବନର ନିକଟବର୍ତ୍ତୀ ହେବାକୁ ପ୍ରୟାସ କରେ । ସାହିତ୍ୟର ଦୃଷ୍ଟି ଏଭଳି ଉଦାର ଯେ ତା'ର ଆବେଦନକୁ ଏଡ଼ିଦେଇ ଯିବାକୁ ଚେଷ୍ଟାକଲେ ମଧ୍ୟ ଏଡ଼ିଦେଇ ହୁଏନାହିଁ । ଜୀବନର ଭାବାବେଗ ସାହିତ୍ୟରେ ସମ୍ମାନିତ । ସାହିତ୍ୟରେ ରୂପାୟିତ ପରିବର୍ତ୍ତନର ଚିତ୍ର ସମାଜ ଏବଂ ବ୍ୟକ୍ତି ଜୀବନର ଅଧିକ ନିକଟବର୍ତ୍ତୀ ଓ ଗ୍ରହଣଯୋଗ୍ୟ । ସାହିତ୍ୟ ହିଁ ଜନଜୀବନକୁ ପରିବର୍ତ୍ତନର ମନ୍ତ୍ରରେ ଅଭିମନ୍ତ୍ରିତ କରିଥାଏ ଏବଂ ସମୁନ୍ନତ ଭବିଷ୍ୟତ ଗଠନ ଲାଗି ଉଚିତ ମାର୍ଗ ନିର୍ଦ୍ଦେଶ କରିଥାଏ । ସାହିତ୍ୟର ଲକ୍ଷ୍ୟ ଯେ ସୁଦୂର ଭବିଷ୍ୟତ ହେବା ବାଞ୍ଛନୀୟ, ସେ ସଂପର୍କରେ ଅନେକ ବୁଦ୍ଧିଜୀବୀ ଯୁକ୍ତି ବାଢ଼ିଛନ୍ତି । ସାମାଜିକ ଜୀବନଧାରାକୁ ଉତ୍ତୋଳିତ କରି ଭବିଷ୍ୟତରେ ଆହୁରି ସମୁନ୍ନତ କରିବାର ଚେଷ୍ଟା ସାହିତ୍ୟ ମାଧ୍ୟମରେ ହେବା ଉଚିତ ବୋଲି ସେମାନଙ୍କ ମତ । ଜଣେ ସମାଲୋଚକଙ୍କ ମତରେ- "ସାହିତ୍ୟ ଯେ କେବଳ ପାରିପାର୍ଶ୍ୱିକ ଅବସ୍ଥାକୁ ଆଖିଆଗରେ ରଖିବ ତା ନୁହେଁ; ସାହିତ୍ୟର ଲକ୍ଷ୍ୟ ମଧ୍ୟ ଭବିଷ୍ୟତ ହେବା ଉଚିତ । କେବଳ ପାରିପାର୍ଶ୍ୱିକ ଅବସ୍ଥାକୁ ବିଚାର କରି ଦୋଷାଦୋଷ ବାଛିବା ଏକ ରାଜନୈତିକ କାର୍ଯ୍ୟ ।"(୧୩) କେବଳ ଭୁଲ୍ ବାଛିବା କିମ୍ବା ଦୋଷ ଧରିବା କାର୍ଯ୍ୟଦ୍ୱାରା ସାହିତ୍ୟର ସୀମା ସରହଦ୍ ସଂକୁଚିତ ହୁଏ । ବ୍ୟକ୍ତି, ଗୋଷ୍ଠୀ ବା ସଂପ୍ରଦାୟର ଆୟୁଧ ଭାବରେ ତାହା ବ୍ୟବହୃତ ହୋଇ ସମାଜର ପ୍ରଭୂତ କ୍ଷତି ଘଟାଏ । ଶାନ୍ତି ପ୍ରତିଷ୍ଠା ବଦଳରେ ଶାନ୍ତି ଭଙ୍ଗ କରେ । ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରି ଏପରି ଭୟଙ୍କର ରୂପ ଧାରଣ କରେ ଯେ ସମାଜ ଜୀବନରେ ତ୍ରାସ ଖେଳିଯାଏ । ରାଜନୀତିର ଅମୋଘ ଅସ୍ତ୍ର ହୋଇ ବ୍ୟବହୃତ ହେବା ସାହିତ୍ୟର ଧର୍ମ ନୁହେଁ; ମାତ୍ର ସାହିତ୍ୟରେ ରାଜନୈତିକ ବର୍ଣ୍ଣନା ରହିବା ଅସଙ୍ଗତ ନୁହେଁ । ବ୍ୟକ୍ତିର ଅଧିକାର ସମ୍ପର୍କରେ ସଚେତନ କରାଇବା ଏବଂ କର୍ତ୍ତବ୍ୟ ସମ୍ପାଦନରେ ତାକୁ ବ୍ରତୀ କରାଇବା, ଏ

ଉଭୟକୁ ସାହିତ୍ୟ ଗୁରୁତ୍ୱ ଦିଏ । ଯେତେବେଳେ ରାଜନୈତିକ ଦୃଷ୍ଟିକୋଣରୁ ସମାଜ ବ୍ୟକ୍ତିର ଜୀବନ ଉପରେ ଆଧିପତ୍ୟ ବିସ୍ତାର କରିବାକୁ ଚାହେଁ, ବ୍ୟକ୍ତି ତାକୁ ସହ୍ୟ କରିପାରେ ନାହିଁ । ଫଳରେ ସମାଜ ଓ ଜୀବନ ମଧ୍ୟରେ ବଳ କଷାକଷି ଆରମ୍ଭ ହୋଇଯାଏ । ସାମାଜିକ ନୀତି ନିୟମ ବିରୁଦ୍ଧରେ ବ୍ୟକ୍ତି ମାନସର ପ୍ରତିକ୍ରିୟା ହିଁ ସମାଜ ପରିବର୍ତ୍ତନର ଅନ୍ୟତମ ହେତୁ । ସମାଜର ପରିବର୍ତ୍ତନ ସହିତ ତା' ନୀତିନିୟମ ଗୁଡ଼ିକ ମଧ୍ୟ ବଦଳିଯାଏ । ସମାଲୋଚକଙ୍କ ମତରେ- "ସାମାଜିକ ନିୟମ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ସାହିତ୍ୟରେ ବର୍ଣ୍ଣନ ହେବା ବିଧେୟ । ମୁଖ୍ୟତଃ ଯେଉଁ ଗୁଡ଼ିକ ସ୍ୱାଧୀନତା ଓ ନ୍ୟାୟ ଦୃଷ୍ଟିରୁ ଆନ୍ଦୋଳନର ନିର୍ଦ୍ଦେଶ ଦିଏ ।"(୧୪) ସାମୂହିକ ଜୀବନର ସ୍ୱାର୍ଥକୁ ମାପି ସମାଜର ରାଜନୈତିକ କାର୍ଯ୍ୟାବଳୀ ପ୍ରସ୍ତୁତି ସମ୍ପର୍କରେ ସାହିତ୍ୟ ଦୃଢ଼ ମତ ପ୍ରଦାନ କରେ । ସମାଜ ଏବଂ ଜୀବନ ଏ ଦୁଇଟି ସାହିତ୍ୟର ଅସ୍ଥିମଜ୍ଜାସମ ହୋଇଥିବାରୁ ଉଭୟଙ୍କର ପାରସ୍ପରିକ କ୍ରିୟାକଳାପକୁ ଶାନ୍ତ, ଅନାବିଳ ରଖିବା ଦିଗରେ ସାହିତ୍ୟ ପ୍ରୟାସୀ । ଉଭଙ୍କର ଲାଭକ୍ଷତି ବିଜଡ଼ିତ ପ୍ରତିଟି ମୁହୂର୍ତ୍ତର ସାରଗର୍ଭକ ବିବରଣୀ ସାହିତ୍ୟ । ତେଣୁ ସମାଜ ଓ ଜୀବନର ଭିନ୍ନ ଭିନ୍ନ ରୂପରଙ୍ଗ ତଥା ସ୍ପନ୍ଦନକୁ ନେଇ ସାହିତ୍ୟର କଳେବର ବିମଣ୍ଡିତ ।

**ସହାୟକ ଗ୍ରନ୍ଥ**


୧- ଦାସ, ଚିତ୍ତରଞ୍ଜନ- ଓଡ଼ିଆ ସାହିତ୍ୟର ସାଂସ୍କୃତିକ ବିକାଶଧାରା, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ୨ୟ ସଂସ୍କରଣ-୧୯୯୩, ପୃ.-୯

୨- ତତ୍ରୈବ- ପୃ.-୯

୩- Wellek, Rene & Warren, Austin- The Theory of Literature, Penguin Books, London, Reprinted in Penegrine Books-1955, Page-95

୪- Ibid, Page-102

୫- Ibid, Page-105

୬- ଦାସ, ଚିତ୍ତରଞ୍ଜନ- ଓଡ଼ିଆ ସାହିତ୍ୟର ସାଂସ୍କୃତିକ ବିକାଶଧାରା, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ୨ୟ ସଂସ୍କରଣ-୧୯୯୩, ପୃ.-୨

୭- Wellek, Rene & Warren, Austin- The Theory of Literature, Penguin Books,London,Reprinted in Penegrine Books-1955, Page-103

୮- ଚଇନି, ରତ୍ନାକର- ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ, ବୁକ୍‌ସ ଆଣ୍ଡ ବୁକ୍‌ସ, ୩ୟ ପ୍ରକାଶନ-୧୯୯୪, ପୃ.-୧୯

୯- ମହାନ୍ତି, ବ୍ରଜମୋହନ- ଓଡ଼ିଆ ସାହିତ୍ୟରେ ଆଧୁନିକ ଯୁଗ, ପ୍ରକାଶକ- ଜଗନ୍ନାଥ ରଥ, ବିନୋଦବିହାରୀ, କଟକ, ୧ମ ମୁଦ୍ରଣ-୧୯୬୭, ପୃ.-୩

୧୦- ମୁଖର୍ଜି, ଶତରଚନ୍ଦ୍ର- ସବୁଜ ସାହିତ୍ୟ ପରିକ୍ରମା (୧ମ ଭାଗ), ପ୍ରକାଶିକା- ଗାୟତ୍ରୀ ମୁଖର୍ଜି, ୧ମ ସଂସ୍କରଣ-୧୯୮୪, ପୃ.-୬

୧୧- ତତ୍ରୈବ, ପୃ.-୬

୧୨- ଦାସ, ଚିତ୍ତରଞ୍ଜନ- ଓଡ଼ିଆ ସାହିତ୍ୟର ସାଂସ୍କୃତିକ ବିକାଶଧାରା, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ୨ୟ ସଂସ୍କରଣ-୧୯୯୩, ପୃ.-୭

୧୩- ମହତାବ, ହରେକୃଷ୍ଣ- ସାହିତ୍ୟ ଓ ଆଲୋଚନା, ହରେକୃଷ୍ଣ ମହତାବ ଫାଉଣ୍ଡେସନ, ବିହାରୀବାଗ, କଟକ, ୨ୟ ପ୍ରକାଶନ-୧୯୯୬, ପୃ.-୨

୧୪- Edited by: Milton C. Albert, James H. Bernett, Mason Griff- The Sociology ofArt &Literature, Duckworth,2nd impression-1982, Page-621


❖❖❖

# ମହାପ୍ରଭୁଙ୍କ ମହାସ୍ନାନ



ISSN-2583-6978
Volume-3
Issue-8
AUGUST-2023

ଡ. ଆଭାରାଣୀ ବଳ

କେନ୍ଦୁଝର

ଉତ୍କଳୀୟ ସଂସ୍କୃତିରେ ଶ୍ରୀ ଜଗନ୍ନାଥଙ୍କ ଲୀଳା ବିଭବ ସ୍ୱତନ୍ତ୍ର। କଳା ସାଆନ୍ତଙ୍କ ନିମନ୍ତେ ଶ୍ରୀମନ୍ଦିରରେ ଛତିଶାନିଯୋଗ ବା ଛତିଶ ପ୍ରକାରର ସେବକ ଥିବା ଜନଶ୍ରୁତି ଅଛି। ବର୍ତ୍ତମାନ ମନ୍ଦିରର ସତ୍ତ୍ୱ ଲିପିରେ ୧୪୦ ପ୍ରକାର ସେବା ଦେଖାଯାଏ। ଖ୍ରୀ ୧୮୦୭ ମସିହାରେ ତତ୍‌କାଳୀନ ପୁରୀ କଲେକ୍ଟର ଗ୍ରୋମ୍ ସାହେବ ମନ୍ଦିର ସଂପର୍କୀୟ ରିପୋର୍ଟରେ ଏହି ଛତିଶା ନିଯୋଗ ବୃଦ୍ଧି ପାଇ ପ୍ରାୟ ୨୫୦ ନିଯୋଗ ହୋଇଥିବାର ଲେଖିଛନ୍ତି। ଏହି ଶ୍ରୀମନ୍ଦିରର ସେବକମାନେ ସର୍ବଦା ମହାପ୍ରଭୁଙ୍କର ସେବାରେ ନିମଗ୍ନ ଥାନ୍ତି, ମହାପ୍ରଭୁଙ୍କର ନୀତିକାନ୍ତି ଠିକ୍ ସମୟରେ କରିଥାନ୍ତି।

ବେଳେବେଳେ ମହାପ୍ରଭୁଙ୍କର ନୀତିକାନ୍ତିରେ ବ୍ୟାଘାତ ଘଟିଥାଏ। ଯେତେବେଳେ ମହାପ୍ରଭୁଙ୍କ ମହାସ୍ନାନ ହୁଏ ସେତେବେଳେ ନୀତିକାନ୍ତିରେ ବିଳମ୍ବ ହୋଇଥାଏ। ମହାସ୍ନାନ କେଉଁ ସମୟରେ ହୁଏ। ଏହି ଶିରୋନାମାରେ ପୁରୀ କଲେକ୍ଟର କଟକ କମିଶନରଙ୍କ ନିକଟକୁ ଏକ ରିପୋର୍ଟ ଦେଇଥିଲେ। ଯାହା ନିମ୍ନରେ ଦର୍ଶାଯାଇଛି।

(କ) ଯଦି ରତ୍ନ ସିଂହାସନଠାରେ ପୂଜାରେ ପଣ୍ଡାରେ ବସିଥିବା ସମୟରେ, କୌଣସି ବ୍ୟକ୍ତି ଶ୍ରୀମନ୍ଦିର ଜୟବିଜୟ ଦ୍ୱାରଠାରୁ ସିଂହାସନ ପର୍ଯ୍ୟନ୍ତ ଭିତର ପୋଖରିଆରେ ଛେପ ପକାଏ ବା ପରିସ୍ରା କରେ ବା ମଳତ୍ୟାଗ କରେ ବା କୌଣସି ରକ୍ତ ପଡେ କିମ୍ୱା ରତ୍ନସିଂହାସନରେ ବିଜେ ହୋଇଥିବା ଶ୍ରୀବିଗ୍ରହମାନଙ୍କୁ ସ୍ପର୍ଶ କରେ (ଛୁଇଁଦିଏ) ଶ୍ରୀଜଗନ୍ନାଥଙ୍କର ମହାସ୍ନାନ ହୁଏ। ଏହି ସମସ୍ତ ଖର୍ଚ୍ଚ ବାବଦକୁ ପାଞ୍ଚକାହାଣ ଓ ଚାରିପଣ କଉଡ଼ି ପଢିଆରୀ ନିଯୋଗ ବହନ କରନ୍ତି।

(ଖ) ରତ୍ନ ସିଂହାସନ ଉପରେ ଓ ତଳେ ଉତ୍ତମ ରୂପେ ଧୁଆହୋଇ ସାରିବା ପରେ (ଶୋଧପରେ) ଶ୍ରୀ ବିଗ୍ରହମାନଙ୍କର ମୈଲମ ଚନ୍ଦନ ଓ ଭୋଗ 'ଠା' ହେଲାପରେ, ଯଦି କୌଣସି ବ୍ୟକ୍ତି ଅଶୌଚ ଘଟାଏ, ତେବେ ଭୋଗ ମାରାହୁଏ। ଦୋଷୀଙ୍କଠାରୁ ଜରିମାନା ଚାରିପଣ କଉଡ଼ି ଆଦାୟ କରାଯିବାର ନିୟମ ଅଛି। ମାତ୍ର ଯଦି ଦୋଷୀ ଖର୍ଚ୍ଚ ଦେବାକୁ ଅକ୍ଷମ ଥାଏ ତେବେ ଭୋଗର ସମସ୍ତ ଖର୍ଚ୍ଚ ପଢିଆରୀ ନିଯୋଗ ବହନ କରନ୍ତି। କୌଣସି ବିଧର୍ମାବଲମ୍ବୀ (ମୁସଲମାନ) ବା ଅଛୁଆଁ ଯାତ୍ରୀ ଶ୍ରୀମନ୍ଦିରରେ ପ୍ରବେଶ କଲେ ବା କୌଣସି ବ୍ୟକ୍ତିର ଶ୍ରୀମନ୍ଦିର ହତା ଭିତରେ ମୃତ୍ୟୁ ଘଟି ଶବ ପଡିରହିଲେ ବା କୁକୁର ପ୍ରବେଶ କଲେ ବା ଅସ୍ଥି (ହାଡ଼) ଦେଖାଗଲେ ବା ରୋଷଘରେ ଅଶୌଚ ଦେଖାଗଲେ, ଭୋଗ ମାରାହୁଏ। ଶ୍ରୀଜଗନ୍ନାଥଙ୍କର ମହାସ୍ନାନ ହୁଏ। ଦୋଷ କରିଥିବା ବ୍ୟକ୍ତି ଧରାହେଲେ, ଭୋଗର ସମସ୍ତ ଖର୍ଚ୍ଚ ଦୋଷୀ ବହନ କରେ; କିନ୍ତୁ ଯଦି ଖର୍ଚ୍ଚ ଦେବାକୁ ଅସମର୍ଥ ଥାଏ, ଉକ୍ତ ଖର୍ଚ୍ଚ ମନ୍ଦିର ବହନ କରନ୍ତି। ଶ୍ରୀଜଗନ୍ନାଥଙ୍କ ମହାସ୍ନାନ ସକାଶେ ଏକଶତ କଉଡ଼ି ଖର୍ଚ୍ଚ ହୁଏ।

ପର୍ବପର୍ବାଣି ସମୟରେ ମନ୍ଦିର ଭିତରେ ଉପରୋକ୍ତ ମତେ ଯଦି ଆକସ୍ମିକ ଦୁର୍ଘଟଣା ଘଟେ, ଭୋଗ ମାରାହୁଏ। ଶ୍ରୀଜଗନ୍ନାଥଙ୍କର ମହାସ୍ନାନ ହୁଏ। ପଢିଆରୀ ନିଯୋଗ, ଏହି ଭୋଗ ଖର୍ଚ୍ଚ ବହନ କରନ୍ତି। ଏ ସମସ୍ତ ଖର୍ଚ୍ଚ ଏଗାର କାହାଣ ଓ ଚାରିପଣ କଉଡ଼ି ମନ୍ଦିର କର୍ତ୍ତୃପକ୍ଷଙ୍କୁ ଦେବାକୁ ପଡେ। ରୋଷ ସମୟରେ କୌଣସି ବ୍ୟକ୍ତି ଅନଧିକାରରେ ରୋଷଘରେ ପ୍ରବେଶ କଲେ ଭୋଗ ସାମଗ୍ରୀ ମାରାହୁଏ। ଚୁଲିର ଅଗ୍ନି ମଧ ମାରା ହୁଏ। ଦୋଷୀ ଯଦି ଖର୍ଚ୍ଚ ବହନ କରିବାକୁ ଅକ୍ଷମ ଅଟେ, ତେବେ ସମସ୍ତ ଖର୍ଚ୍ଚ ମନ୍ଦିର କର୍ତ୍ତୃପକ୍ଷ ବହନ କରନ୍ତି। ଏହି ବାବଦକୁ ଏଗାର କାରହାଣ ଚାରିପଣ କଉଡ଼ି ଖର୍ଚ୍ଚ ହୁଏ। ଯଦି କୌଣସି ଯାତ୍ରୀ, ଶ୍ରୀଜଗନ୍ନାଥଙ୍କ କଳେବର ଉପରେ କିମ୍ୱା ଉପରେ ନୂତନ ଲୁଗା ପକାଇ ଦିଏ, ତେଲ ପକାଇ ଦିଏ ବା ମହାପ୍ରସାଦ ପକାଇ ଦିଏ ତେବେ ଶ୍ରୀଜଗନ୍ନାଥଙ୍କର ମହାସ୍ନାନ ହୁଏ। ଏପରି ଆକସ୍ମିକ ଦୁର୍ଘଟଣାରେ ଯାତ୍ରୀଙ୍କଠାରୁ ଖର୍ଚ୍ଚ ଆଦାୟ ହେବାର ନିୟମ ଅଛି। କିନ୍ତୁ ଯାତ୍ରୀ ଖର୍ଚ୍ଚ ଦେବାକୁ ଅକ୍ଷମ ହେଲେ, ମନ୍ଦିର

କର୍ତ୍ତୃପକ୍ଷ ବହନ କରନ୍ତି। ମନ୍ଦିର କର୍ତ୍ତୃପକ୍ଷ ଏହା ନିମନ୍ତେ ଏଗାର କାହାଣ ଚାରିପଣ କଉଡ଼ି ଖର୍ଚ୍ଚ କରନ୍ତି।

ମହାପ୍ରଭୁଙ୍କର ମହାସ୍ନାନକୁ ନେଇ ଓଡ଼ିଶା ସରକାରଙ୍କ ତରଫରୁ ଖ୍ରୀ. ୧୯୬୫ ମସିହାରେ ସ୍ପେସିଆଲ୍ ଅଫିସରଙ୍କ ରିପୋର୍ଟର ନବମ ପାରାରେ ଅଶୌଚ ବା ଦୁର୍ଘଟଣା ଜନିତ ନୀତିର ବ୍ୟତିକ୍ରମ ଓ ପ୍ରକ୍ଷାଳନାଦି ବ୍ୟବସ୍ଥା ଶିରୋନାମାରେ ନିମ୍ନଲିଖିତ ମତେ ପ୍ରକାଶ ପାଇଥିଲା-

(କ) ଅକସ୍ମାତ ଦୁର୍ଘଟଣା ହେଲେ ଅର୍ଥାତ୍ କୁକୁର ପ୍ରବେଶ କଲେ କିମ୍ବା ଶ୍ରୀମନ୍ଦିର ହେଲେ ଅର୍ଥାତ୍ କୁକୁର ଓ ଅସ୍ଥି ଦେଖାଗଲେ ଠାକୁର ମାନଙ୍କର ହେଉଥିବା ନୀତି ବନ୍ଦ ରଖାଯିବ ଓ ନୀତିର ଉପକରଣମାନ ବାହାରକୁ ବାହାର କରାଯିବ। ଠାକୁରମାନଭ୍କର ବଡ଼ମହାସ୍ନାନର ବ୍ୟବସ୍ଥା ହେବ। ଉତ୍ତମ ରୂପେ ଧୂଆ ହୋଇ ଚୂନପାଣି ପଡିବ। ପାଳିଆ ମେକାପ ରତ୍ନ ସିଂହାସନରେ ପୋଛା ମାରିବ। ଏହାପରେ ସିଂହାସନ ତଳେ ମହାସ୍ନାନ 'ଠା' ହୋଇ ମହାସ୍ନାନ ବଢ଼ିବ। ଏହି ମହାସ୍ନାନ ପୂର୍ବରୁ ସମସ୍ତ ରୋଷ ଧୋ' ପଖାଳ ହେବ। ରୋଷ ଆଡେ ଥିବା ସମସ୍ତ ଭୋଗ ପାଣି ପଶିଥିବା ସମସ୍ତ ଜିନିଷ, କଟାବଟା ପଦାର୍ଥମାନ ପାଣିହାଣ୍ଡି, ଶିଳା ଓ ବାଉଁଶିଆ ପ୍ରଭୃତି ବାହାର କରାହେବ। ପୁନର୍ବାର ରୋଷରେ ହୋମ ହେବ। ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା ହେବ। ଏହାପରେ ଯେଉଁ ନୀତିଠାରୁ ବନ୍ଦ ହୋଇଥିବ, ତାହା ଆରମ୍ଭ ହୋଇ କ୍ରମାନ୍ୱୟରେ ଅନ୍ୟାନ୍ୟ ସମସ୍ତ ନୀତି ହେବ।

ଭୋଗପୂଜା ବସିଥିବା ସମୟରେ ଯଦି ଉପରୋକ୍ତ ଦୁର୍ଘଟଣା ଘଟେ, ତାହାହେଲେ ଅସୁଣିଆ ପରିଛା ଭିତରଛ ପୂଜା ପଣ୍ଡାମାନଙ୍କୁ କହିଲେ ପୂଜାପଣ୍ଡାମାନେ ପୂଜାରୁ ଉଠି ଆସିବେ। ଶୁଦ୍ଧ ସୁଆରମାନେ ମାରା ହୋଇଥିବା ଭୋଗକୁ ଭିତରୁ ବାହାର କରି ବେହରଣ ତଳେ ଏକତ୍ର କରାଇବେ। ଘରେ ଧୋପଖାଳ ହୋଇ ମହାସ୍ନାନବଢ଼ିବ। ମନ୍ଦିର କର୍ମଚାରୀ ଆସି ଉକ୍ତ ଭୋଗମାନଙ୍କୁ ନେଇ ମନ୍ଦିର ବାହାରେ ପୋତାଇଦିଅନ୍ତି। ପାର୍ଶ୍ୱ ଦେବଦେବୀମାନଙ୍କର ମହାସ୍ନାନ ହୁଏ। ଏଥିରେ ସମସ୍ତ ଖର୍ଚ୍ଚ କର୍ତ୍ତୃପକ୍ଷ ବହନ କରନ୍ତି।

(ଖ) ଭିତର କାଠ ପାଖରୁ ସିଂହାସନ ପର୍ଯ୍ୟନ୍ତ ସ୍ଥାନରେ ଯଦି କୌଣସି ଲୋକ ମଳତ୍ୟାଗ କରେ, ପରିସ୍ରା କରେ କିମ୍ବା ଛେପ ପକାଏ, ତାହାହେଲେ ଭିତର ଓ ବାହାର ଧୋ ପଖାଳ ହୋଇ ଚୂନପାଣି ପଡିଲେ ପୁଷ୍ପାଳକ ମାନେ ଯାଇ ଠାକୁରଙ୍କୁ ମଇଲମ କରନ୍ତି। ମଇଲମ ଉତ୍ତାରେ ଶୁଦ୍ଧ ସୁଆର ବଡ଼ମହାସ୍ନାନର ପୂଜା ଠା' କରନ୍ତି। ଠାକୁରମାନଙ୍କର ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ହୁଏ। ମଳତ୍ୟାଗ ହୋଇଥିବା ସ୍ଥାନରେ ଧୋ' ପଖାଳ ପରେ ନଅଥର ଲିହଣ ମରାହୁଏ ଓ ସେଠାରେ ଚୂଆ ପଡେ।

(ଗ) ଦର୍ଶନ ସମୟରେ କିମ୍ବା ଅନ୍ୟ ସମୟରେ ଯଦି କେହି ଶ୍ରୀଜୀଉଙ୍କୁ ହାତ ବଢାଇ ଛୁଇଁଦିଏ, ତାହାହେଲେ ଉକ୍ତ ଲୋକଠାରୁ ଏକଟଙ୍କା ଛଅ ଅଣା ନିଆଯାଇ ମହାସ୍ନାନ ଇତ୍ୟାଦିରେ ଖର୍ଚ୍ଚ ହୁଏ। ମହାସ୍ନାନ ବଢ଼ିବା ପରେ ଅନ୍ୟାନ୍ୟ ନୀତି ହୁଏ।

❖❖❖

# ଗ୍ରାଫିକ୍ କଥା ରଚନା ବନାମ ବସ୍ତୁନିଷ୍ଠ ସହସମ୍ବନ୍ଧ ବନାମ ଆତ୍ୟନ୍ତିକ ବାସ୍ତବତା ବନାମ ଚଳମାନତା ବନାମ 'ସ୍ଥାବର ଜଙ୍ଗମ'



ISSN-2583-6978
Volume-3
Issue-8
AUGUST-2023

**ଡ. ରବୀନ୍ଦ୍ର କୁମାର ଦାସ**

**ଓଡ଼ିଆ ବିଭାଗ, ଶାନ୍ତିନିକେତନ**
**ମୋବାଇଲ୍ - ୯୪୭୫୧୨୪୦୪୧**
**ଇମେଲ୍** - rabindra21das@gmail.com

**ଆରମ୍ଭ:**

ଏହି ପ୍ରବନ୍ଧଟି କଥାକାର କଇଳାଶ ପଟ୍ଟନାୟକଙ୍କ 'ସ୍ଥାବର ଜଙ୍ଗମ' ଉପନ୍ୟାସ, ଯାହା ୨୦୦୭ ମସିହାରେ କାଦମ୍ବିନୀ ମିଡିଆ, ଭୁବନେଶ୍ୱର ଦ୍ୱାରା ପ୍ରକାଶ ପାଇଥିଲା ତାହାକୁ ଭିତ୍ତିକରି ପ୍ରସ୍ତୁତ । ଏହା ଏକ ଭିନ୍ନ ଧରଣର ଉପନ୍ୟାସ । କାରଣ ଏଥିରେ ଜଣେ ହେଲେ ବି ମଣିଷ ଚରିତ୍ର ନାହାଁନ୍ତି; କିନ୍ତୁ ସେମାନେ ମଣିଷ ଭଳି ଆଚରଣ କରିବା ସହିତ ମଣିଷର ଯେଉଁଳି ସହଜାତ ଗୁଣଧର୍ମମାନ ରହିଥାଏ, ସେସବୁକୁ ନିଜ ନିଜ ମଧ୍ୟରେ ବହନ କରି ମଣିଷ ପରି ଜୀବନ ସଂଘର୍ଷରେ ସମ୍ମୁଖୀନ ହୋଇଛନ୍ତି ।

ଅର୍ଥାତ୍ ଏହି ଉପନ୍ୟାସଟି ସହିତ ପାଠକୀୟ ଅନ୍ତରଙ୍ଗତା ଅର୍ଜନ କରିବାକୁ ହେଲେ ପାଠକକୁ ଚଳନ୍ତି ଆଉ ଅଚଳନ୍ତି ଅଣମାନବୀୟ ଆୟାମ ପରିସରଭୁକ୍ତ ଚରିତ୍ରସମୂହ ମଧ୍ୟକୁ ପ୍ରବେଶ କରି ନିଜ ଭିତରସ୍ଥ ମାନବୀୟ ଆୟାମ ମଧ୍ୟକୁ ଲେଉଟି ଆସିବାକୁ ପଡ଼ିବ । ତାପରେ ଜଣେ ମଣିଷ-ପାଠକ ଜାଣି ପାରିବ ଯେ ଏ ଉପନ୍ୟାସରେ ସ୍ଥାନିତ, ଚିତ୍ରିତ ତଥା ପରିବେଷିତ ଚରିତ୍ରମାନେ ଗୋଟାପଣେ ଅଣମାନବୀୟ ହେଲେ ହେଁ ଏମାନେ ପ୍ରତ୍ୟେକେ ମାନବୀୟ ଭାବ ଏବଂ ଗୁଣଧର୍ମର ପରିବାହୀ ଅଟନ୍ତି ।

**କଥନିକା-୧**

ଶବ୍ଦ ଏବଂ ଅର୍ଥର ସାହିତ୍ୟ ଯେତେବେଳେ ଭାବ ନିଷ୍ପତ୍ତି ଘଟାଏ ସେତେବେଳେ ପ୍ରଥମେ ଶବ୍ଦ; ତାପରେ ଚିତ୍ର; ତାପରେ ବସ୍ତୁକୈନ୍ଦ୍ରିକ ଅବଧାରଣା ଦେଇ ଭାବଭୂଇଁ ନିର୍ମିତ ହୁଏ । ତେବେ ଗ୍ରାଫିକ କଥା ରଚନାରେ ଉଭୟ ରେଖାଚିତ୍ର ଏବଂ ଶବ୍ଦଚିତ୍ର ଦେଇ ଏହି ଭାବ ନିଷ୍ପତ୍ତି ପ୍ରକ୍ରିୟାଟି ସଂଘଟ ହୁଏ । କଇଳାଶ ପଟ୍ଟନାୟକଙ୍କ 'ସ୍ଥାବର ଜଙ୍ଗମ'ରେ ରେଖାଚିତ୍ର ନାହିଁ; କିନ୍ତୁ ଶବ୍ଦଚିତ୍ର ମାଧ୍ୟମରେ ଆମେ ସ୍ଥାବର ଅସ୍ଥାବର ଅଣମାନବୀୟ ଚରିତ୍ରସମୂହର ଚିତ୍ରଶାଳାକୁ ପ୍ରବେଶ କରି ସତସତିକା ମାନବୀୟ ଅବବୋଧ ଏବଂ ଅନୁଭବର ସ୍ୱାଦ ଏଥିରୁ ଆସ୍ୱାଦନ କରିପାରିବା । ସେଥିପାଇଁ ଏହାକୁ ଗ୍ରାଫିକ କଥା ରଚନା ଭୂଇଁରେ ରୋପି ଆକଳନ କରାଯାଇ ପାରିବ ।

**ବିସ୍ତାରିତ ବିଶ୍ଳେଷଣ-୧**

ଗ୍ରାଫିକ୍ କଥା ରଚନା ବନାମ୍ 'ସ୍ଥାବରଜଙ୍ଗମ': 'ସ୍ଥାବରଜଙ୍ଗମ'ରୁ ପରିଚ୍ଛେଦଗୁଡ଼ିକ ହଟେଇ ଦେଇ ଯଦି ବକ୍ତବ୍ୟର ଆବଶ୍ୟକତା ଅନୁସାରେ ରେଖାଚିତ୍ର ଟାଣିଦେଇ ସେଥିରେ କଥା, ରେଖାଚିତ୍ର, ୱର୍ଡ ବେଲୁନ୍, ପ୍ୟାନେଲ୍ସ ଆଦି ଯୋଡ଼ି ଦିଆଯାଏ, ତେବେ ତାହା ପ୍ରାରୂପଗତ ଦୃଷ୍ଟିରୁ ସଙ୍ଗେ ସଙ୍ଗେ ଏକ ସଫଳ ଗ୍ରାଫିକ କଥାରଚନାରେ ପରିଣତ ହେଇଯିବ । ଗ୍ରାଫିକ୍ କଥାରଚନାରେ ଗୋଟିଏ କେନ୍ଦ୍ରୀୟ କଥା ପ୍ରସଙ୍ଗ ସହିତ ଚରିତ୍ର ସମୂହର ବିକାଶ କ୍ରମ, ବିଷୟବସ୍ତୁ, ସଂଳାପ ଏବଂ ବର୍ଣ୍ଣନା ଆଦି ରହିଥାଏ । ସେହି ଦୃଷ୍ଟିରୁ ବିଚାର କଲେ ଏ ଉପନ୍ୟାସରେ 'ଜୀବନମୁଖୀ ହେଇ ବଞ୍ଚିବା ପାଇଁ ଚରିତ୍ରମାନେ ଯେଉଁଳି ସଂକଳ୍ପବଦ୍ଧ ହୋଇଛନ୍ତି' - ତାହାକୁ ଏହି କଥା ରଚନାର କେନ୍ଦ୍ରୀୟ ବକ୍ତବ୍ୟ ଭାବରେ ଗ୍ରହଣ କରିହେବ।

କଥକ ପ୍ରତିଟି ଚରିତ୍ରକୁ ଯଥୋଚିତ ବିକାଶ କ୍ରମରେ ମାତ୍ର ୭୦ ପୃଷ୍ଠାର ସଂକ୍ଷିପ୍ତ ପରିସର ମଧ୍ୟରେ ଥାପି ନିଜର ବୈୟକ୍ତିକ ସଂପୃକ୍ତି ମାଧ୍ୟମରେ ବିଷୟବସ୍ତୁକୁ ଆଗକୁ ଆଗକୁ ସାକୁଲେଇ ସାକୁଲେଇ ନେଇଛନ୍ତି । ସାକୁଲେଇ ସାକୁଲେଇ ଏଇଥି ପାଇଁ ଯେ ଏଥିରେ କଥକ ହିଁ କଥନ, କଥକ ହିଁ କଥା, କଥକ ହିଁ ଚର ଏବଂ କଥକ ହିଁ ଅଚର । ତାଙ୍କ ମାଧ୍ୟମରେ ହିଁ ଏଠାରେ କାଉ, ଗୁଣ୍ଡୁଚି, ଶାଗୁଣା,

କୋଚିଲା ଖାଇ, ତେନ୍ତୁଳି ଗଛ ଆଦି ପ୍ରଥମେ ଶବ୍ଦ; ତାପରେ ଚିତ୍ର; ତାପରେ ବସ୍ତୁ ଏବଂ ଶେଷରେ ଭାବସ୍ପନ୍ଦନ ହେଇ ଆମ ଚେତନା ଭିତରକୁ ପଶୁଛନ୍ତି । ସେମାନେ ତ ପଶୁଛନ୍ତି, ତା ସହିତ ପଶୁଛନ୍ତି ସେମାନଙ୍କ ଆଚାରବିଚାର, ଘାତପ୍ରତିଘାତ, ଘର୍ଷସଂଘର୍ଷ ଏବଂ ଆହୁରି ଅନେକ କିଛି । ତେଣୁ ଆଖି ଖୋଲି ଏ ଉପନ୍ୟାସଟି ସହିତ ସହୃଦୟ ଅନ୍ତରଙ୍ଗ ହେଲେ ଯାହା ଯାହା ଆମ ଅବବୋଧରେ ଉଭାସିତ ହେବ, ଆଖି ବନ୍ଦକରି ଭାବିତ ହେଲେ ବି ସେଇ ସେଇ ଅବବୋଧସମୂହ ଆମ ମାନସପଟ୍ଟରେ ଗ୍ରାଫିକ୍ ପରିମଣ୍ଡଳ ସୃଷ୍ଟି କରି ଭାବଜଗତ ଆଡ଼କୁ ଆମକୁ ଟାଣିନେବ । ଉଦାହରଣ ସ୍ୱରୂପ: 'ଅରଣ୍ୟ । ଆକାଶକୁ ଛୁଇଁ ଦେବାର ସ୍ପର୍ଦ୍ଧା କରି ବାହୁ ବିସ୍ତାରିଥିବା ଯୁଆନ୍ ଶାଳଗଛଟେ ସେଠି । ତେଲ ଲିପିଲା ପରି ପିଚ୍ ପିଚ୍ ଶାଗୁଆପତ୍ର, ଝଙ୍କାଝଙ୍କା । ସେଠି କାଉ ବସେ । କୋଇଲି ବସେ । ଗୁଣ୍ଡୁଚି ମୂଷା ଦଳ ଦଳ ଡାଳମାଙ୍କୁଡ଼ି ଖେଳନ୍ତି । ସାପ ଗୋଟେ ଅଧେ ବୁଲିଯାଆନ୍ତି । ଅକାଳେ ସକାଳେ ମହୁମାଛି ଆସେ । ଭଲମନ୍ଦ ପଚାରିଯାଏ ହଳଦିବସନ୍ତ ।'(ପୃ-୯) ।

ଉଦ୍ଧୃତାଂଶଟିରେ କଥାୟନଗତ ରୈଖିକ ବା ଗ୍ରାଫିକ୍ ସଚିତ୍ରତାର ସ୍ପର୍ଶ ଅଧିକ । ଏଠି ଶବ୍ଦର ଅର୍ଥାୟନତା ଅପେକ୍ଷା ଶବ୍ଦର ଚିତ୍ରାୟନତା ଅଧିକ ପ୍ରଭାବଶାଳିତା ହାସଲ କରିଛି; ଯାହା ଗ୍ରାଫିକ୍ କଥା ରଚନାରେ ପ୍ରତ୍ୟକ୍ଷ ଭାବେ ଅଭିବ୍ୟକ୍ତ ହୋଇଥାଏ । ହୁଏତ ଏ କଥା ରଚନାରେ ଚିତ୍ର ନାହିଁ ଅଥବା ପ୍ରତ୍ୟକ୍ଷ ଭାବେ ଗ୍ରାଫିକ୍ ଡିଜାଇନ୍ ନାହିଁ; କିନ୍ତୁ ଗ୍ରାଫିକ୍ କଥା ରଚନାର ଅନ୍ୟ ସମସ୍ତ ଗୁଣଧର୍ମ ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି- ଯେହେତୁ ଏହା ଏକ ମଣିଷଶୂନ୍ୟ କଥାରଚନା, ତେଣୁ ପାଠକ ମଣିଷଟିଏ ଏହାକୁ ପଢ଼ିବା ବେଳେ ଶବ୍ଦସ୍ତର ଦେଇ ସିଧାସଳଖ ମଣିଷମଣ୍ଡଳକୁ ନ ଯାଇ ଶବ୍ଦସ୍ତର ଦେଇ ସିଧାସଳଖ ଅଣମାନବୀୟମଣ୍ଡଳକୁ ଯାଇ ସେଇଠାରୁ ଚିତ୍ର-ବସ୍ତୁ-ଅବଧାରଣା ପାହାଚ ଚଢ଼ି ଚଢ଼ି ନିଜ ଚେତନା ଭିତରେ ମହଜୁଦ ଥିବା ଭାବମଣ୍ଡଳ ସହିତ ସହସମ୍ବନ୍ଧିତ ହେବ । ତେଣୁ ଏ ଉପନ୍ୟାସକୁ ପାଠକରିବା ଅର୍ଥ ଏକ ପ୍ରକ୍ରିୟା ସହିତ ସମକାଳ ଏବଂ ସମତାଳ ହେବା । ଏହି ପ୍ରକ୍ରିୟାଟିକୁ ଯଦି ଟିକେ ତଳେଇ କରି ଲକ୍ଷ୍ୟ କରାଯାଏ, ତେବେ ସେଥିରେ ଗ୍ରାଫିକ୍ କଥାୟନ ଘରାନା (ଶରଭଙ୍କର) ଅଧିକ ମାତ୍ରାରେ ଘନୀଭୂତ ହେଇଛି ବୋଲି ମନେ ହେବ ।

କଥନିକା- ୨

ବସ୍ତୁନିଷ୍ଠ ସହସମ୍ବନ୍ଧ ବା କ୍ଟଭହରମଣ୍ଟସଙ୍ଗର ମକ୍ଟକ୍ସକ୍ସରକ୍ଷବ-ଣ୍ଟସଙ୍ଗର ଅନୁଷଙ୍ଗଟି ଟି.ଏସ୍. ଇଲିୟଟଙ୍କ 'ଐବଙ୍କକ୍ଷରଣ୍ଟ ବଭୟ ଐସଣ୍ଟ ଚକ୍ସକ୍ଟଭକ୍ଷରଙ୍କଣ୍ଟ' ପ୍ରବନ୍ଧରେ ରହିଛି । ଇଲିୟଟ କହୁଛନ୍ତି ଯେ, କଳାକର୍ମର ପ୍ରାରୂପ ମଧ୍ୟରେ ଆବେଗଗତ ଅଭିବ୍ୟକ୍ତିର ଅନ୍ୱେଷଣ 'ବସ୍ତୁନିଷ୍ଠ ସହସମ୍ବନ୍ଧ' ଦ୍ୱାରା କେବଳ ସମ୍ଭବ ହୋଇଥାଏ । ଅନ୍ୟ ଭାବେ କହିଲେ ଏହା ଏକ ବସ୍ତୁଗୁଚ୍ଛ, ଏକ ସ୍ଥିତି, ଏକ ଘଟଣାଗୁଚ୍ଛ ଭିତରେ ଥିବା ନିର୍ଦ୍ଦିଷ୍ଟ ଭାବ ସଂବେଗର ସୂତ୍ର ରୂପେ କାର୍ଯ୍ୟ ସମ୍ପାଦନ କରିଥାଏ । ଯେତେବେଳେ ବାହ୍ୟ ତଥ୍ୟାବଳୀ ସହିତ ଇନ୍ଦ୍ରିୟଗ୍ରାହ୍ୟ ଅନୁଭୂତି ଯୁକ୍ତ ହୁଏ ସେତେବେଳେ ସଙ୍ଗେ ସଙ୍ଗେ ଅନୁରୂପ ଭାବସଂବେଗ ନିଷ୍ପନ୍ନ ହୁଏ । ଧରାଯାଉ ଲେଡି ମାକବେଥ୍ ନିଦ୍ରାଚ୍ଛନ୍ନ ଅବସ୍ଥାରେ ଚାଲି ଚାଲି ଯାଉଛନ୍ତି; ତେବେ ଏହି ନିଦ୍ରାଚ୍ଛନ୍ନ ଚାଲିବା ଘଟଣା ଆମ ଇନ୍ଦ୍ରିୟଗ୍ରାହ୍ୟ ଚେତନା ସହିତ ଫଟ୍ କରି ଯୁକ୍ତ ହେଇଯିବ । ଏବଂ ତା'ପରେ ତାହା ଆମ ଅନ୍ତର୍ନିହିତ ମାନସିକ ଚେତନାରେ ଧଡ଼୍ କରି ଛାପ ଅଙ୍କନ କରିବ । ତାପରେ ଆମେ ଭାବିବସିବା ଯେ ଲେଡ଼ି ମାକ୍‌ବେଥ୍ ନୁହେଁ; ଆମେ ନିଦ୍ରାଚ୍ଛନ୍ନ ଅବସ୍ଥାରେ ଚାଲି ଚାଲି ଯାଉଛୁ । ତେଣୁ କଳାସୃଷ୍ଟି ମଧ୍ୟସ୍ଥ ଆନୁକ୍ରମିକ ଘଟଣା ବିନ୍ୟାସ ଆଦି ପଶ୍ଚାତରେ ଥିବା କଳାତ୍ମକ ଅଭିବ୍ୟକ୍ତି ଲାଗି ବସ୍ତୁନିଷ୍ଠ ସହସମ୍ବନ୍ଧଟି ହେଉଛି ଏକ ଅନିବାର୍ଯ୍ୟ ଆୟୁଧ ସଦୃଶ ।

'ସ୍ଥାବର ଜଙ୍ଗମ'ର ପ୍ରତିଟି ଚରିତ୍ର ନନ୍ ହ୍ୟୁମେନ୍ ହେଇଥିବାରୁ ସେମାନେ ବାହାରୁ ଖପ୍ ଖାପ୍ ଡେଇଁ ଡେଇଁ ପାଠକ ଭିତରକୁ ପଶି ଯାଆନ୍ତି । ପାଠକ ସେଇଠୁ ଭାବେ ଇଏ ମାଇ ମାଙ୍କଡ଼ ବା କୋଚିଲା ଖାଇ ବା ଦୂରସ୍ଥ ବରଗଛ ନୁହେଁ; ଏ ସବୁ ମୁଁ ନିଜେ । ତାପରେ ସେମାନେ ପାଠକର ଭାବନାରୁ ପାଠକର ଚେତନା ଭିତରକୁ ଓହ୍ଲାଇ ପଡ଼ନ୍ତି । ଏମିତି ଆଉ କ'ଣ କ'ଣ ଘଟେ ନିମ୍ନରେ ଆଲୋଚନା ହେବ ।

ବିସ୍ତାରିତ ବିଶ୍ଲେଷଣ- ୨

ବସ୍ତୁନିଷ୍ଠ ସହସମ୍ବନ୍ଧ ବନାମ 'ସ୍ଥାବରଜଙ୍ଗମ': ଆଲୋଚ୍ୟ ଉପନ୍ୟାସରେ ଯେତେ ଯେତେ ଅଣମାନବୀୟ ଘଟଣାଗୁଚ୍ଛ, ବସ୍ତୁଗୁଚ୍ଛ ଏବଂ ସ୍ଥିତି ବା ଅବସ୍ଥାର ଚିତ୍ରଣ ହୋଇଛି, ସେସବୁରେ କିନ୍ତୁ ମାନବୀୟ ଭାବ ଏବଂ ଗୁଣଧର୍ମ କୁଟି କୁଟି ଭରିରହିଛି । ତେଣୁ ପାଠକ ଯେତେବେଳେ କୋଚିଲାଖାଇ ଦମ୍ପତ୍ତିଙ୍କର ବାତ୍ସଲ୍ୟ ମମତା, ମାଇ ମାଙ୍କଡ଼ର ଅଭାବିତ ଭଲ ପାଇବା ଆଦିର ଭାବ ସମ୍ବେଗ ମଧ୍ୟରେ ନିଜକୁ ପରିଶୀଳିତ କରାଇବ, ସେତେବେଳେ ତାକୁ ଲାଗିବ ଏ ଭାବସମ୍ବେଗ ମୋର ବୋଲି । ବସ୍ତୁନିଷ୍ଠ ସହସମ୍ବନ୍ଧ କହିଲେ ଏହି ପ୍ରକ୍ରିୟାକୁ ହିଁ ବୁଝାଯାଏ । ଯେଉଁଠି ଚରିତ୍ରମାନଙ୍କର ବାହ୍ୟ ଏବଂ ଅନ୍ତଃକରଣ ତା ନିଜ ଭିଟାଭୂଇଁରୁ ଉତ୍ତରିତ ହୋଇ ପାଠକର ବାହ୍ୟ ଓ ଅନ୍ତଃକରଣ ମଧ୍ୟରେ 'ଗଣ୍ଡି ଗର୍ଭେ ଗୁଳି ଗଲା ପରି ଗଳି' ଗଳିଯାଏ ।

ଧରାଯାଉ...(୧) ଶାଳଗଛ ଚଳମାନତା ପାଇଁ ଲାଳାୟିତ । ସେଥିପାଇଁ ସେ ଚଳନ୍ତି ଜୀବଜନ୍ତୁଙ୍କ ସହିତ ନିଜର ଅଚରତ୍ୱକୁ ନେଇ ତୁଳନା କରିଛି ଏବଂ ତା'ର ସାଂପ୍ରତିକ ସ୍ଥାବରମୟ ସ୍ଥିତିକୁ ନେଇ ଗଭୀର ଅସନ୍ତୋଷ ବ୍ୟକ୍ତ କରିଛି । ଶେଷରେ ଚଳମାନ ଗଞ୍ଜାର ଦୁଃଖରେ ସେ ସମଦୁଃଖୀ ହୋଇ ନିଜକୁ ନିଜେ ଆବିଷ୍କାର କରି ଜାଣି ପାରିଛି ଯେ ଏ ପୃଥିବୀରେ କି ଚର କି ଅଚର- ସଭିଙ୍କର ଯନ୍ତ୍ରଣା ତଥା ଉତ୍ଥାନ ପତନ ରହିଛି ।

ଧରାଯାଉ...(୨) ବରଗଛର ସଂଘର୍ଷମୟ ଆତ୍ମକଥା । ସେ ବନ୍ୟାଜଳରେ ଭାସି ଭାସି ଆସି ଶେଷରେ ଗୋଟିଏ ସ୍ଥାନରେ ଥଇଥାନ ହେଇ ଓହଳ ଆଉ ଡାଳପତ୍ର ମେଲାଇ ଆଜି ପ୍ରପିତାମହ ଆସନରେ ଆସୀନ ।

ଧରାଯାଉ...(୩) ଖାଦ୍ୟ ଗ୍ରହଣ ପାଇଁ କାଉ, ଶାଗୁଣା, କୁକୁରମାନଙ୍କର ସଂଘର୍ଷ ।

ଧରାଯାଉ...(୪) ଶିଉଳିର ଅପୁଷ୍ପକ ଉଭିଦ ଛତୁ ବିଷୟକ ଜିଜ୍ଞାସା ଜନିତ ଆଗ୍ରହ ।

ଧରାଯାଉ...(୫)କୋକିର ଜାନ୍ତବ ଆକ୍ରମଣରେ ଗୋଡ଼ ଏବଂ ବେକ ଭାଙ୍ଗିଯାଇଥିବା ଗଞ୍ଜାକୁକୁଡାର କ୍ଷୀଣ, କରୁଣ, କଷ୍ଟଜ ଯନ୍ତ୍ରଣାର ମର୍ମନ୍ତୁଦ ସ୍ୱରଲିପି ଏବଂ ତା ସହିତ ମାଈ କୁକୁଡ଼ା ପ୍ରତି ତା'ର ପ୍ରାଣଜ ତଥା ଦେହଜ କାମାତୁରତା ।

ଧରାଯାଉ..(୬) ମାଈ କୁମ୍ଭାଟୁଆର ମାଆ ହେବାର ଆନନ୍ଦ ଏବଂ ବାପା କୁମ୍ଭାଟୁଆର ବାପା ହେବାର ଗୌରବ।

ଏଠାରେ 'ଧରାଯାଉ-୧' ଠାରୁ ଆରମ୍ଭ କରି 'ଧରାଯାଉ-୬' ପର୍ଯ୍ୟନ୍ତ ସମସ୍ତ ଘଟଣାଗୁଚ୍ଛ, ବସ୍ତୁଗୁଚ୍ଛ ଏବଂ ସ୍ଥିତି ଇତ୍ୟାଦିରେ 'ବସ୍ତୁନିଷ୍ଠ ସହସମ୍ବନ୍ଧ' ବା 'objective correlative' ଏକ ଭାବସଂବେଗ ନିର୍ବାହକାରୀ ଆୟୁଧ ଭାବେ ଭୂମିକା ତୁଲାଇଛି । ଏସବୁ ପାଠ କଲେ ଲାଗିବ ଏସବୁ ସେଇ ଚରଅଚର ନିର୍ଜୀବ ବସ୍ତୁ କିମ୍ବା ସଜୀବ ବସ୍ତୁଙ୍କର ଆଚରଣ କି ଉଚ୍ଚାରଣ (dialogue) ନୁହେଁ; ଏସବୁ ମୋ କିମ୍ବା ଆମ ଜୀବନର ଆଚରଣ ଏବଂ ଉଚ୍ଚାରଣ ସହିତ ସହସମ୍ବନ୍ଧିତ (correlated) । ଉପନ୍ୟାସର ପ୍ରତିଟି ବକ୍ତବ୍ୟରେ ସେଇ ଅବଧାରଣା ନିଷ୍ପନ୍ନ ହୋଇଛି ।

**କଥନିକା-୩**

ଗୋଟିଏ ସମୟରେ ବାସ୍ତବତା ଥିଲା । କଳ୍ପନା ବି ଥିଲା । କଥା ସାହିତ୍ୟରେ ବାସ୍ତବତା ଏବଂ କଳ୍ପନାକୁ ନେଇ କଥାକାର କଥା ନିର୍ମାଣ କରୁଥିଲା; କିନ୍ତୁ ଏ ନିର୍ମାଣ ପ୍ରକ୍ରିୟାରେ ବାସ୍ତବତା ବାରିହେଇ ପଡୁଥିଲା । କାଳ୍ପନିକତା ବି ବାରିହେଇ ପଡୁଥିଲା । ଅର୍ଥାତ୍ ଏ ଦୁଇଟି ଗଣ୍ଠେଇ ବି ଯାଉଥିଲେ । ଫିଟି ବି ଯାଉଥିଲେ । କିନ୍ତୁ ଆତ୍ୟନ୍ତିକ ବାସ୍ତବତା ବା ହାଇପର ରିଏଲିଟି କ୍ଷେତ୍ରରେ କଥା ରଚନାରେ ବାସ୍ତବତା ଏବଂ କଳ୍ପନା ଏମିତି ଫେଣ୍ଟିହେଇ ଦ୍ରବୀଭୂତ ହେଇ ଯାଆନ୍ତି ଯେ ଦୁଇଟି ଯାକର ଘନ ବନ୍ଧନ ଆଉ ଫିଟେ ନାହିଁ। ଭିନ୍ନ ଏକ ଡାଏମେନ୍ସନ ବା ଆୟାମ ବା ସ୍ଥିତିକୁ ଦୁହେଁ ଯାକ ଉଠି ଯାଇ ଏକାୟିତ ହେଇ ଯାଆନ୍ତି । ତେଣୁ ଏଠାରେ ଭୌତିକ ଦୂରତା ଏବଂ ପାର୍ଥକ୍ୟ ଲୁପ୍ତ ହେଇଯାଏ । ଏହାକୁ ହାଇପର ରିଏଲିଟି ବା ଆତ୍ୟନ୍ତିକ ବାସ୍ତବତା କୁହାଯାଏ ।

ଏହି ଆତ୍ୟନ୍ତିକ ବାସ୍ତବତାର ପ୍ରଚ୍ଛନ୍ନ ସ୍ପର୍ଶ 'ସ୍ଥାବର ଜଙ୍ଗମ'ରେ ରହିଛି । ଚଳମାନ ଏବଂ ସ୍ଥିରମାନ ଚରିତ୍ରମାନେ ଏଠାରେ ନିଜ ନିଜର ବାସ୍ତବ ସ୍ଥିତିକୁ ଅତିକ୍ରମ କରି ଲେଖକୀୟ କଳ୍ପନା ଚୋଟରେ ଗୋଟିଏ ଗୋଟିଏ ଭିନ୍ନ ପରିମଣ୍ଡଳ ଭିତରକୁ ନିକ୍ଷେପିତ ହେଇଛନ୍ତି। ଫଳରେ ଚରିତ୍ରମାନେ ଅଣମାନବୀୟ ପରିମଣ୍ଡଳ ପରିସରଭୁକ୍ତ ସକଳ ବ୍ୟାକରଣର ଖୋଳପାକୁ ଭାଙ୍ଗିଦେଇ ଉଚ୍ଚାରଣ ଏବଂ ଆଚରଣରେ ମାନବୀୟ ଗୁଣଧର୍ମରେ ବିଲୀନ ହେଇଯାଇଛନ୍ତି । ଉପନ୍ୟାସ ପାଠକଲେ ଲାଗିବ ଏଇ ହନୁଟାର, ଏଇ କୋଚିଲା ଖାଇଟାର, ଏଇ ଗଞ୍ଜାଟାର ମାର୍ମିକାୟନ (mystification) ମୋ(ପାଠକ) ଭିତରେ, ମୋ ଚେତନାରେ ଚରି ଚରି ଯାଇ ସବୁ ରେଖା ଆଉ ଗତିଶୀଳତାର ନିୟମକୁ ନିଃଶେଷ କରି ମୋତେ ସେମାନଙ୍କ ମଧ୍ୟରେ ଏକାକାର କରିଦେଉଛନ୍ତି ।

**ବିସ୍ତାରିତ ବିଶ୍ଳେଷଣ-୩**

ଆତ୍ୟନ୍ତିକ ବାସ୍ତବତା ବନାମ 'ସ୍ଥାବରଜଙ୍ଗମ': 'ସ୍ଥାବରଜଙ୍ଗମ' ଉପନ୍ୟାସରେ କଥକ ନିଜେ ନିଜ ବୌଦ୍ଧିକ ମନମଣ୍ଡଳରେ ସନ୍ତରଣ କରି ଜଡ଼, ଉଭିଦ ଓ ପ୍ରାଣୀମାନଙ୍କ ମଧ୍ୟରେ ମୁଁ-ଆମ୍ଭେ-ଆମ୍ଭମାନଙ୍କ ଅଙ୍ଗନିଭା କଥାକୁ ନିଷିକ୍ତ କରାଇବାକୁ ଚେଷ୍ଟା କରିଛନ୍ତି । ତାଙ୍କରି ଭାଷାରେ "ଜୀବନର ବିବିଧ ସତ୍ୟ, ତା'ର ବିଶ୍ଳେଷଣ, ତା'ର ଉପସ୍ଥାପନ ଭିତରେ ଶାଳ ଓ ବରର ଅନୁରୂପ ଉପଲବ୍ଧିକୁ ଚିତ୍ରିତ କରାଯାଇଛି । ଶାଳ ଭିତରର ଅସ୍ଥିରତା ହିଁ ଏମିତି ବାତାବରଣଟିଏ ଗଢ଼ିବ, ତା' ଭିତରେ ଯେଉଁଠି ସେ ନୂଆ କିଛି କରିବା ପାଇଁ ଉତ୍ସାହ ପାଇବ । ବରଗଛର ଅନୁଭବ ତା'ର ଦୀର୍ଘ ସଂଘର୍ଷମୟ ଜୀବନର ଅନୁଭବ । ସେ ଅନୁଭବ ମଣିଷର ବି । ସେ ଅନୁଭବ ମୋର, ଆପଣଙ୍କର, ସମସ୍ତଙ୍କର ।"(ପୃ.୬-୭)

"ପ୍ରେମର ତ୍ରିଭୁଜ ଏବଂ ବହିର୍ବାସ୍ତବତା ଭିତରୁ ଘୁଞ୍ଚିଆସି କିଛି ଅଲଗା ଲେଖିବା କଥା ଭାବୁ ଭାବୁ ସେ ହୋଇଗଲା 'ସ୍ଥାବରଜଙ୍ଗମ' ।"(ପୃ.୯) କଥକ ଏଠାରେ ଯେଉଁ ବହିର୍ବାସ୍ତବତାରୁ ଘୁଞ୍ଚିଆସି 'ସ୍ଥାବରଜଙ୍ଗମ' ରଚନା କରିବା କଥା କହୁଛନ୍ତି ଏହାରି ନାମ ହିଁ ଆତ୍ୟନ୍ତିକ ବାସ୍ତବତା ।

'ସ୍ଥାବରଜଙ୍ଗମ'ରେ ବାସ୍ତବରେ ବାସ୍ତବତାକୁ ସଂକେତାତ୍ମକ ବା ପ୍ରତୀକାତ୍ମକ ରୀତିରେ ଭ୍ରମିତ କରି ଦିଆ ଯାଇଛି । ଏହି ଉପନ୍ୟାସ ବାହାରକୁ ଲାଗିବ- ହଁ ମ ! ଏଠି ସଜୀବନିର୍ଜୀବ କାରକମାନଙ୍କୁ ଚିତ୍ରଣ କରାଯାଇଛି । ଏମିତି କଥା ରଚନା ତ ପୂର୍ବରୁ ରହିଛି । ଏଠି କ'ଣ ଆଉ ଅଧିକ ଅଛିବା ? କିନ୍ତୁ ଏ କଥା ଭଲ ଭାବରେ ମନେ ରଖିବାକୁ ହେବ ଯେ ଅତୀତରେ ଯେଉଁ କଥା ରଚନା ଏଇଭଳି ପଶୁପକ୍ଷୀ ବା ପାଣିପବନକୁ ନେଇ ଲେଖା ହେଉଥିଲା ସେସବୁଥିରେ ମୁଖ୍ୟତଃ ନୈତିକତା ବା ହିତଅହିତ ଆଦିର କଥା ରହୁଥିଲା । ଚରିତ୍ର ନିର୍ମାଣ ବା ଆଦର୍ଶବୋଧ ବା ମୂଲ୍ୟବୋଧର ଆହ୍ୱାନରେ ସେସବୁ ରଚାଯାଉଥିଲା । ପାପପୁଣ୍ୟ, ଭଲମନ୍ଦ ଆଦି ଦ୍ୱିପାର୍ଶ୍ୱିକୀ ବୈପରୀତ୍ୟର କଥା ସେଠି ଥିଲା । ସୂକ୍ଷ୍ମତା ଅପେକ୍ଷା ସ୍ଥୂଳତା ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା । କିନ୍ତୁ ଏ ଉପନ୍ୟାସରେ ଚେତନାଗତ ରୂପାନ୍ତରକୁ ଅଧିକ ଗୁରୁତ୍ୱ ଦିଆ ଯାଇଛି । ଏଠାରେ ହିଂସାକୁ ଧୂସର ରୂପ ବୋଲି

ନକହି ହିଂସାକୁ ସବୁଜ ରୂପ ବୋଲି କୁହାଯାଇଛି । କଥକଙ୍କ ଭାଷାରେ "ତେବେ ଧୂସରତା ଭିତରେ ଥାଏ ଆକ୍ରମଣ, ଆକ୍ରୋଶ, ରକ୍ତପାତ, ହିଂସ୍ରତା । ସେଠି ବିନଷ୍ଟ କରିବାର ମନୋବୃତ୍ତି । ଆଉ ସବୁଜତାରେ ? କୌଣସି ଏକ ଭଲ କାମ ଲାଗି ଯୋଉ ହିଂସ୍ରତାକୁ ଉପଯୋଗ କରାଯାଏ - ସେ ମୋ ଆଖିରେ ହିଂସାର ସବୁଜ ରୂପ।"(ପୃ.୫)

ଏଭଳି ବକ୍ତବ୍ୟ ତଥା ସେହି ବକ୍ତବ୍ୟକୁ ଏହି ଉପନ୍ୟାସ ମଧ୍ୟରେ ପ୍ରୟୋଗ କରିବା ପଛରେ ହଜାର ହଜାର ବର୍ଷ ଧରି ଚାଲି ଆସୁଥିବା ହିଂସା ସମ୍ପର୍କିତ ଅବଧାରଣା ଧୂଳିସାତ ହୋଇଯାଇଛି । ଡୁଆଲିଷ୍ଟିକ ଅପୋଜିସନର କେନ୍ଦ୍ର (କ୍ଷକ୍ଟଶକ୍ଟଶ୍ବ)ଭାଙ୍ଗି ଯାଇଛି । ଏହା ଦ୍ୱାରା ଧାରାବାହିକ ରୀତିରେ ପ୍ରଚଳିତ ହୋଇ ଆସୁଥିବା ବାସ୍ତବତାଯୁକ୍ତ ବକ୍ତବ୍ୟ ଏକ ସନ୍ଦେହଜନକ ସ୍ଥିତିକୁ ବରଣ କରି ତା ମୌଳିକ ରୂପକୁ ହରାଇ ଆଉ ଏକ ନୂଆ ବାସ୍ତବତା ନିର୍ମାଣ କରିଛି । ସେଥିପାଇଁ ଆଲୋଚ୍ୟ ଉପନ୍ୟାସରେ ଆମୂଳଚୂଳ କାଳ୍ପନିକତା ଆଉ ବାସ୍ତବତା ମଧ୍ୟରେ ଫରକ ହ୍ରାସ ପାଇଛି । ଫଳରେ ଉପନ୍ୟାସରେ ବର୍ଣ୍ଣିତ ଘଟଣା ତଥା ଚିତ୍ରିତ ସ୍ଥାନକାଳପାତ୍ରରେ କୃତ୍ରିମ ବୁଦ୍ଧିମତ୍ତା ସହିତ ଆଭାସୀ ବାସ୍ତବତା ଫେଣ୍ଟିହେଇ ଭକ୍ଟଶ୍ବ କଂଭକ୍ସରବକ୍ଷ; ଭକଂଶ୍ବ କ୍ସରବକ୍ଷ, କ୍ସରବକ୍ଷ ଛକ୍ଟକ୍ସର ଗ୍ଧକ୍ଷବଭ କ୍ସରବକ୍ଷ (ବଦ୍ରିଲାର୍ଡ) ବା ହାଇପର୍ ରିଏଲ ହେଇଯାଇଛି । ତେଣୁ ପାଠକ ଏଠାରେ ପଶୁପକ୍ଷୀ ବା ଗଛବୃଛ ଭଳି ସଙ୍କେତ ସମୂହ ସାହାଯ୍ୟରେ ବାସ୍ତବତାର ଛଳଶୀଳତା ମଧ୍ୟରୁ ଅସଲ ବାସ୍ତବତାକୁ ପୃଥକ୍ କରି ଚେତନାର ମୂଳ ଚୌହଦୀ ଭିତରକୁ ଗର୍ଭିତ ହୋଇ ପାରିବ ।

କଥନିକା-୪

ଉତ୍ତର ଆଧୁନିକ ବା ଉତ୍ତର ସଂରଚନାବାଦୀ କାଳଖଣ୍ଡରେ ଚଳମାନତା ଏବଂ ରୂପାନ୍ତରକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ଏଠି ସବୁକିଛି ସ୍ୱତଃ ବା ସ୍ୱୟଂକ୍ରିୟ ରୀତିରେ ଘଟେ । ଏ ଘଟିବା ଗୋଟିଏ ବୃତ୍ତୀୟ ପରିବର୍ତ୍ତନଶୀଳତାର ପ୍ରକ୍ରିୟା ଭାବେ ପରିଚୟ ହାସଲ କରିଥାଏ । ଚଳମାନ ସ୍ୱୟଂଶାସନ ଉତ୍ତରସଂରଚନାବାଦୀ କାଳଖଣ୍ଡର ସାଂସ୍କୃତିକ ସନ୍ନିବନ୍ଧନ ଭାବେ ବିଚାର୍ଯ୍ୟ । ସେଥିପାଇଁ ଏବର ସମୟ ସକଳ ରୈଖିକତାକୁ ପରିହାର କରି ଏକ ଦ୍ରୁତଗାମୀ ପରିବର୍ତ୍ତନ ଆଡ଼କୁ ଲମ୍ଫ ପ୍ରଦାନ କରେ; ଅନିଶ୍ଚିତତା ଆଡ଼କୁ ଖେଦିଯାଇ ସ୍ୱକୀୟ ଅବବୋଧ ଏବଂ ଅସ୍ମିତା ନିର୍ମାଣ କରେ; ଅବିରତ ଧାରାରେ ପୃଥିବୀର ଅନାବିଷ୍କୃତ ଦିଗଦିଗନ୍ତ ଦିଗରେ ପାଦ ଚାଳି ଅଦେଖା, ଅବ୍ୟକ୍ତ ସୁଯୋଗକୁ ଆତ୍ମସ୍ଥ କରିବାକୁ ପ୍ରୟାସ କରେ । ଯାହା ଆଲୋଚ୍ୟ ଉପନ୍ୟାସରେ ଯୁଆନ୍ ଶାଳଗଛ, ଶାରୀରିକ ଖର୍ବତାଯୁକ୍ତ ଗଞ୍ଜା କୁକୁଡ଼ା, ବରଗଛ ପ୍ରଭୃତି ଚରିତ୍ର ମଧ୍ୟରେ ବିଦ୍ୟମାନ ।

**ବିସ୍ତାରିତ ବିଶ୍ଳେଷଣ-୪**

ସ୍ଥାବର ଏବଂ ଜଙ୍ଗମ ବନାମ 'ସ୍ଥାବରଜଙ୍ଗମ': ସ୍ଥାବର(static) ଏବଂ ଅସ୍ଥାବର (dynamic) ଆୟାମ ଦ୍ୱୟର 'spirit's progressive self-expression in life' (ଶ୍ରୀ ଅରବିନ୍ଦ) ବା "ଜୀବନରେ ଚେତନାର ପ୍ରଗତିଶୀଳ ଆତ୍ମ-ଅଭିବ୍ୟକ୍ତି" ହେଉଛି 'ସ୍ଥାବରଜଙ୍ଗମ' ଉପନ୍ୟାସର କେନ୍ଦ୍ରୀୟ ଆଭିପ୍ରାୟିକତା । ଏଥିରେ ପୃଥିବୀର ବାୟୁମଣ୍ଡଳ, ଶିଳାମଣ୍ଡଳ, ଜୈବମଣ୍ଡଳ ଏବଂ ଜଳମଣ୍ଡଳର ବିଭିନ୍ନ ଉପାଦାନ ଚରିତ୍ର ଭାବେ ଉଭା ହେଇଛନ୍ତି । ଉପନ୍ୟାସର ଆରମ୍ଭରୁ ଶେଷ ଯାଏ ଚଳମାନତା ଏବଂ ସ୍ଥିରତାକୁ ନେଇ କଥାବସ୍ତୁ ଗତିଶୀଳ । କଥକ ମଧ୍ୟ ଏ କଥା ନିଜେ ସ୍ୱୀକାର କରିଛନ୍ତି । ଯଥା: "ମଣିଷ ଭିତରେ କେତୋଟି ମୌଳିକ ସକାରାତ୍ମକ ଗୁଣର ବିକାଶ ପାଇଁ ମୁଁ ଆଗ୍ରହୀ । ଶାଳଗଛର ଚଳମାନତାର ଆଗ୍ରହ ହେଉ କି ଗଞ୍ଜାର ଗଭୀର ଆତ୍ମପ୍ରତ୍ୟୟ, କୋଚିଲାଖାଇ ଦମ୍ପତିଙ୍କ ପାରସ୍ପରିକ ପ୍ରୀତି ଓ ଦାୟିତ୍ୱବୋଧ ଭିତରେ ସେଇ ଗୁଣାବଳୀର ସୂତ୍ର ନିହିତ । ସ୍ଥିର ଭିତରେ ଚଳମାନତା ଶଗଡ଼ ଗୁଳାରୁ ବାହାରି ନୂଆ ରାସ୍ତା ତିଆରି କରିବାର ଅଭୀପ୍ସା ହୁଏତ ଦେବ । ମାନବେତର ଜୀବମାନଙ୍କ ଭିତରେ ଜୀବନବୋଧର ପରିଚିତ ଅଥଚ ଅପରିଚିତ କିଛି କଥା ହୁଏତ ମିଳିବ ।"(ପୃ-୭)

ଉପନ୍ୟାସର ପ୍ରଥମ ଅଧ୍ୟାୟରୁ ଯୁଆନ୍ ଶାଳଗଛ ଭିତରେ ସ୍ଥିତାବସ୍ଥା ଜୀବନଜନିତ ଅତୃପ୍ତି ସଞ୍ଚାରିତ । ତା ଦେହରେ ଚଳତ୍ ଶକ୍ତିଯୁକ୍ତ କାଉ, କୋଇଲି, ଗୁଣ୍ଡୁଚି ମୂଷା, ଜନ୍ଦାପିମ୍ପୁଡ଼ି ଚଳପ୍ରଚଳ ହେଉଥିଲେ ବି ଶାଳଗଛ ଗୋଟିଏ ଜାଗାରେ ଠିଆ ହୋଇ ହୋଇ ବିଷଣ୍ଣ ହେଇପଡ଼ିଛି । ତାହାରି ମୁହଁରେ କଥକ କୁହାଉଛନ୍ତି - "ଗତିମାନେ ତ ଏମିତି । ନିଧଡକ ଚାଲିବା କାହିଁ ? ଧିକ୍ ଏ ଉଦ୍ଭିଦ ଜୀବନ !" (ପୃ-୧୦) । ନଈ କୂଳେ ଥିବା ବରଗଛଟି ତା ପରି "ଆଜୀବନ କେବଳ ଅସନ୍ତୁଷ୍ଟ ଥିବ ଊର୍ଦ୍ଧ୍ୱଗ ଓ ନିମ୍ନଗ ହେବାର ଚିରାଚରିତତାରେ ?" ପ୍ରଶ୍ନରେ ଶାଳଗଛ ଆକ୍ରାମାକ୍ରା ହୁଏ ।

ଶାଳଗଛ ମାଇ ମାଙ୍କଡର ଇଚ୍ଛାନୁସାରୀ ଲମ୍ପାଲମ୍ପିକୁ ଦେଖି ଈର୍ଷା କରେ । ତା ଶିରାପ୍ରଶିରାରେ ସ୍ଥିରତାକେନ୍ଦ୍ରିକ ନିତ୍ୟ ବର୍ଦ୍ଧମାନ ଦୁଃଖର ସମାପ୍ତିକୁ ନେଇ ପୀଡ଼ା ଅନୁଭବ କରେ । ତା ସତ୍ତ୍ୱେ ବି ଶାଳ ଭାବେ "ଗତିଶୀଳତାର ଇଚ୍ଛା ଟି ବଞ୍ଚିରହୁ ମୋ ଭିତରେ । ତା'ରି ଭିତରେ ଦିନେ ନା ଦିନେ ତ ଅନୁଭବ କରିବି ମୁଁ ସତ୍ୟକୁ ! ଆଜୀବନ ଏକନିଷ୍ଠ ଆକାଂକ୍ଷା କରୁଥିବା ସତ୍ୟକୁ !!" (ପୃ-୧୫)

କଥକ କଇଳାଶ ପଟ୍ଟନାୟକ ଆଲୋଚ୍ୟ ଉପନ୍ୟାସରେ ଶାଳଗଛକୁ ଏକ ଉତ୍ପ୍ରେରକ ସତ୍ତା ଭାବେ ଠିଆ କରେଇଛନ୍ତି । ତା ଭିତରେ ବହୁବିଧ ପ୍ରଶ୍ନଶୀଳତା, ଦ୍ୱନ୍ଦ୍ୱାତ୍ମକତା, ଅସହାୟତାର ପ୍ରଲେପ ବୋଳିଦେବା ସହିତ ତାକୁ ଆତ୍ମବିଶ୍ଳେଷଣ କରିବା ଲାଗି ବି ପ୍ରାସଙ୍ଗିକତା ଖଞ୍ଜି ଦେଇଛନ୍ତି । ତେଣୁ ଶାଳଗଛ ଶେଷରେ ସବୁ ଆଡୁ ନିଜକୁ ଓହରାଇ ଆଣି ଯେତେବେଳେ ନିଜ ଭିତରକୁ ଫେରିଆସିଛି, ସେତେବେଳେ ନିଜ ପ୍ରଶ୍ନର ଉତ୍ତର ନିଜେ ପାଇଯାଇଛି ।

ଶାଳଗଛ ଯେମିତି ବିଭିନ୍ନ ପ୍ରତିକୂଳତା ଏବଂ ଉଦ୍‌ବିଗ୍ନତା ସତ୍ତ୍ୱେ ଜୀଇଁ ଜୀଇଁ ଆସିଛି ଠିକ୍ ସେହିପରି 'ସ୍ଥାବରଜଙ୍ଗମ' ଉପନ୍ୟାସରେ ଆଜୀବନ ଯୁଦ୍ଧରତ ବରଗଛ, କୋକିଶିଆଳୀର ମରଣାନ୍ତକ ଆକ୍ରମଣରେ ମୁମୂର୍ଷୁ ଅବସ୍ଥାର ସମ୍ମୁଖୀନ ହେଇଥିବା ଗଞ୍ଜା ଏବଂ ନିଜ ଜୀବନସାଥୀ ହନୁ ଓ ଅନ୍ୟ ମାଙ୍କଡ଼ ସାଥୀମାନଙ୍କୁ ହରାଇ ଏକା ହେଇଯାଇଥିବା ମାଇ ମାଙ୍କଡ଼ର ଜୀବନ ବୃତ୍ତ ଚିତ୍ରିତ ।

ସ୍ଥିରତା ଭିତରେ ଚଳମାନତା ଏବଂ ଅପରିବର୍ତ୍ତନୀୟତା ମଧ୍ୟରେ ପରିବର୍ତ୍ତନୀୟତାର ସ୍ୱାଦ ଚାଖିବା ପାଇଁ ଶାଳଗଛ ପରି ପ୍ରବୀଣ ମହାମହିମ ବରଗଛ ଅବତୀର୍ଣ୍ଣ । କାଉ ଯେତେବେଳେ ବରଗଛର ସାହସ ଏବଂ ପ୍ରତିରକ୍ଷା କ୍ଷମତାକୁ ତାରିଫ କରିଛି, ସେତେବେଳେ ବରଗଛ ଖରା, ବର୍ଷା, ଶୀତ, ପବନ, ବଜ୍ର, ଘଡ଼ଘଡ଼ି, ଭୂମିକମ୍ପ, ବନ୍ୟା ପ୍ରଭୃତି ପ୍ରତିକୂଳ ସମସ୍ୟା ସହିତ ଲଢ଼ି ଲଢ଼ି କେମିତି ଜୀବନ ନିର୍ବାହ କରିଆସିଛି, ତାହା ହିସାବ କରିଛି । ତା'ର ମନେ ପଡ଼ିଛି ସେ କେମିତି ଅତୀତରେ ଦିନେ ପ୍ରବଳ ବନ୍ୟା ଜଳରେ ଉତ୍ପାଟିତ ହୋଇ ଅନିଶ୍ଚିତ, ଅସ୍ଥିରତାର ଦଂଶନ ସହି ସହି ତୀବ୍ର ଜଳ ସ୍ରୋତରୁ ନିଜକୁ ବଞ୍ଚେଇ ଅଭିଜ୍ଞତା ଅର୍ଜନ କରିଥିଲା । ସେଇ ଅଭିଜ୍ଞତା ତା ଭିତରେ ଆତ୍ମବିଶ୍ୱାସ ଭରିଦେଇଥିଲା । ଆତ୍ମବିଶ୍ୱାସରୁ ସାହସ ଏବଂ ସାହସରୁ ବୁଦ୍ଧି ସାଉଁଟି ସାଉଁଟି ସେ ଆଜି ପ୍ରବୀଣ ବନିଯାଇଛି । 'ଯୁଦ୍ଧ ବିନା ଯେ ଜୀବନ ନାହିଁ ଏବଂ ସଂଗ୍ରାମ ବିନା ସୁଖ ନାହିଁ'; 'ଯେ ଧାରାବାହିକ ଯୁଝି ଶିଖିଛି, ସେ ଅବଶ୍ୟ ବିଜୟୀ ହେବ । ସୁଖୀ ହେବ ।' - ଏହି ଆତ୍ମପ୍ରତ୍ୟୟ ତାକୁ ସମୃଦ୍ଧ କରିଛି; ତାକୁ ଅନ୍ୟ ଉଦ୍ଭିଦମାନଙ୍କ ଭିତରେ ଯୋଗ୍ୟତମ (survival of the fittest) କରି ଠିଆ କରାଇଛି ।

କାଉ, ମାଇ ମାଙ୍କଡ଼ ଓ ଗଞ୍ଜାକୁକୁଡ଼ା ଚରିତ୍ର ତ୍ରୟ ମଧ ଜୀବନ ସଂଗ୍ରାମରେ ଅବତୀର୍ଣ୍ଣ ହୋଇଛନ୍ତି । କୁକୁର ସହିତ ଲଢ଼ି କାଉ ମଲାଗୋରୁର ଆଖି ଖୋଳି ଖାଇବା କିମ୍ବା ଘାଉଲା ମଇଁଷି ପିଠିକୁ ଥଣ୍ଟରେ ଖୁମ୍ପି ଖୁମ୍ପି କ୍ଷୁଧା ମେଣ୍ଟାଇବା ସମୟରେ ଯେଉଁ ଭଳି ଭାବରେ ପ୍ରତିକୂଳତାର ସମ୍ମୁଖୀନ ହୋଇଛି ଅଥଚ ପରାଜିତ ହୋଇନାହିଁ ତାହା ଆମକୁ ଡାରଉଇନଙ୍କ ବିବର୍ତ୍ତନବାଦର 'ବଞ୍ଚିବା ପାଇଁ ଯୁଝିବା ଏବଂ ଯୋଗ୍ୟତମର ଉତ୍ତରାଧିକାରୀତ୍ୱ'ର କଥାକୁ ସୂଚାଇଦିଏ । ଶିଶୁ ମାଙ୍କଡ ସହିତ ମାଇ ମାଙ୍କଡ଼କୁ ଛାଡ଼ି ହନୁ ଯେତେବେଳେ ଦୂରକୁ ଚାଲିଯାଇଛି, ସେତେବେଳେ ମାଇ ମାଙ୍କଡ଼ ଏକକାଳୀନ ହନୁହରା ଏବଂ ଦଳହରା ହେଇଯାଇଛି । ସକଳ ଏକାକୀତ୍ୱ ସତ୍ତ୍ୱେ ମାଇ ମାଙ୍କଡ଼ ମଧ୍ୟରେ ଆଗକୁ ଚାଲିବାର ସାହସ ସଞ୍ଚୟ କରିଛି । କଥକଙ୍କ ଭାଷାରେ "ହନୁର ବିନା ଅଧିନାୟକତ୍ୱରେ 'ସଂସାରକୁ ଦେଖେଇଦବ ମାଇ ନିଜେ । ସେ ପାରିବ । ସେ ଦୁର୍ବଳ ନୁହେଁ, ସେ ବୋକା/ମୂର୍ଖ ନୁହେଁ ।"(ପୃ-୬୪) ।

ଏଠାରେ କଥକ ପୁରୁଷ ଅଧୀନସ୍ଥ ନାରୀକୁ ଚଳମମାନତା ଅର୍ଜନ କରିବା ପାଇଁ ପ୍ରେରଣା ଦେଇଛନ୍ତି । ତାହା ପୁଣି ମାଇ ମାଙ୍କଡ଼ ଜରିଆରେ । କୋକିଶିଆଳର ଜାନ୍ତବ ଆକ୍ରମଣରେ ଗୋଡ଼ ଏବଂ ବେକରେ ଭୟଙ୍କର କ୍ଷତ ସୃଷ୍ଟି ହୋଇଥିବା ଗଞ୍ଜାକୁକୁଡ଼ାର 'ଷ୍ଟ୍ରଗଲ ଫୋର୍ ଏକ୍ଜିଷ୍ଟେନ୍ସ' ଏ ଉପନ୍ୟାସରେ କାରୁଣ୍ୟର ବାତାବରଣ ସୃଷ୍ଟି କରିଛି । ଯନ୍ତ୍ରଣା, ବିକଳାଙ୍ଗତା ଆଉ ହତାଶ ତା'ର ପଥ ଓଗାଳୁଥିଲେ ବି ସେ ସ୍ଥିର ହେଇ ନ ଯାଇ ଚଳମାନ ପ୍ରକ୍ରିୟାକୁ ଆପଣେଇ ('ଗଞ୍ଜା ବଞ୍ଚିରହିଲା । ଗଞ୍ଜା ବଞ୍ଚିବାର ପଣ କଲା ।') ବଞ୍ଚି ରହିଛି ।

ଶାଳଗଛର ସମ୍ମୁଖରେ ଘଡଘଡିର ନିଆଁରେ ତାଳଗଛ ଜଳିଯିବା ପରେ ଶାଳ ଭିତରେ ଆତ୍ମରକ୍ଷାର ସଂଭାବ୍ୟ ଉଦ୍ୟମ ବୃଦ୍ଧି ପାଇଛି । ଅନ୍ୟ ଗଛମାନେ ଚଳମାନତାର ସପକ୍ଷରେ କାହିଁକି କିଛି କହୁ ନାହାଁନ୍ତି, ସେଥିପାଇଁ ଶାଳ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେ କହିଛି- "ଗତି କେହି ବି ବଦଳାଇବାକୁ ଚେଷ୍ଟିତ ନୁହେଁ, ଇଚ୍ଛା ବି କରିବେ ନାଇଁ ? କାହିଁକି ? କାହିଁକି ?"(ପୃ.୭୮)

'ସ୍ଥାବରଜଙ୍ଗମ' ଗୋଟିଏ ଛୋଟିଆ କଥାରଚନା ହେଲେ ମଧ ଏଥିରେ ପ୍ରତି ମୁହୂର୍ତ୍ତରେ ଯୁଦ୍ଧରତ ଥିବା ମଣିଷମାନଙ୍କ ପାଇଁ ଅନେକ ସଚେତନଶୀଳ ବାର୍ତ୍ତା ରହିଛି । ପଛକୁ ଘୁଞ୍ଚିଆସିବା ନୁହେଁ; ଆଗକୁ ମାଡ଼ି ଯିବା ହିଁ ଜୀବନର ପ୍ରକୃତ ଲକ୍ଷ୍ୟ । ଅତଏବ ଚଳମାନତାକୁ କେନ୍ଦ୍ରରେ ରଖି ଔପନ୍ୟାସିକ ଏଠାରେ ଯେଉଁ ପ୍ରକାରର ପରୀକ୍ଷା ନିରୀକ୍ଷା କରିଛନ୍ତି, ତାହା ଭିନ୍ନ ଏକ ପରିମଣ୍ଡଳ ନିର୍ମାଣ କରେ । ଯେଉଁ ପରିମଣ୍ଡଳ ଆତ୍ମବିଶ୍ୱାସରେ ଆହ୍ଲାଦିତ ଏବଂ ରୂପାନ୍ତର ଶକ୍ତି ଦ୍ୱାରା ସଞ୍ଚାଳିତ ।

ସହାୟକ ଗ୍ରନ୍ଥ ସୂଚୀ :


୧. ପଟ୍ଟନାୟକ, କଇଳାଶ, ସ୍ଥାରଜଙ୍ଗମ, ପ୍ରଥମ ପ୍ରକାଶ, କାଦମ୍ବିନୀ ମିଡିଆ ପ୍ରାଇଭେଟ୍ ଲିମିଟେଡ, ଭୁବନେଶ୍ୱର, ୨୦୦୭

୨. Andersyn, Shawn, Why Effectively Dealing With Change in a Dynamic Environment Takes Skill in Managing Conflict, 2023

୩. ଦାସ, ଚିତ୍ତରଞ୍ଜନ, ଶବ୍ଦ ଶତକ, ସୁହୃଦ ପ୍ରକାଶନୀ, ଭୁବନେଶ୍ୱର, ୨୦୦୨ ।

୪. ଦାସ, ରବୀନ୍ଦ୍ର କୁମାର, ଉତ୍ତର ଆଧୁନିକ ସମାଲୋଚନାବାଦର କାଠଗଡ଼ାରେ ଓଡ଼ିଆ ସାହିତ୍ୟ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ, କଟକ, ୨୦୧୭ ।

୫. Eliot, T. S., The Sacred Wood, Methuen & Co. Ltd., London, Fourth Edition, 1934.

୬. Hart, Kelvin, Postmodernism, One World Oxford, First South Asian Edition, 2006.


❖❖❖

# ବଙ୍ଗଦେଶରେ 'ଝୁମର'ଗୀତ



ISSN-2583-6978
Volume-3
Issue-8
AUGUST-2023

**ଶିଶିର ବେହେରା**

**ସହକାରୀ ପ୍ରଫେସର**
**ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**
**ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ**
**କେନ୍ଦୁଝର ପରିସର, କେନ୍ଦୁଝର**

ସୀମାନ୍ତ ପଶ୍ଚିମବଙ୍ଗର ଲୋକସଂସ୍କୃତିରେ ଝୁମରଗୀତ ବିଶେଷ ଚର୍ଚ୍ଚିତ ଓ ଆଲୋଚିତ। ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଭୂମିଖଣ୍ଡରେ ଆବଦ୍ଧ ନରହି ଏହା ଭାରତର ବିଭିନ୍ନ ପ୍ରାନ୍ତକୁ ପ୍ରସାରିତ ହୋଇପାରିଛି। ପ୍ରାଚୀନରୁ ଆଧୁନିକ ସମୟଯାଏଁ ଝୁମରର ପ୍ରତିଷ୍ଠା ଓ ପ୍ରଭାବ ଅଧିକ ହେବାରେ ଲାଗିଛି କ୍ରମଶଃ। କେବଳ କୁଡୁମୀ ନୁହଁନ୍ତି, ବିଭିନ୍ନ ଜନଜାତିଙ୍କ ବିନୋଦନର ମାଧ୍ୟମ ହୋଇପାରିଛି ଝୁମର ଗୀତ ଓ ନୃତ୍ୟ। ଏହି ଝୁମରର ପ୍ରାଚୀନତାକୁ ସ୍ୱୀକାର କରିବାସହ ଏହାର ରାଗରାଗିଣୀ ଏବଂ ସଙ୍ଗୀତଧାରା ପ୍ରାଚୀନ ପର୍ଯ୍ୟାୟର ବୋଲି ପ୍ରମାଣିତ କରିଛନ୍ତିଗବେଷକମାନେ।ଭୋଲାନାଥ ଚକ୍ରବର୍ତ୍ତୀ 'ଲୋକଶ୍ରୁତି' ପତ୍ରିକାରେ ଏ ସଂପର୍କରେ କହିଛନ୍ତି,: "ଝୁମର କେବଳ ପ୍ରାଚୀନ ନୁହେଁ, ଏହା ଦେଶୀ ସଙ୍ଗୀତର ଏକ ପ୍ରାଚୀନତମ ନିଦର୍ଶନ ଓ ବଙ୍ଗଳା ପଦ୍ୟ-ସଂଗୀତର ବିଚିତ୍ର ଧାରାର ପ୍ରଥମ ଉତ୍ସ। ପ୍ରଥମେ ଝୁମର ଓ ପରେ କୀର୍ତ୍ତନ ହୋଇଅଛି। ବୈଷ୍ଣବଯୁଗର ବହୁପୂର୍ବରୁ ଝୁମରର ଅସ୍ତିତ୍ୱ ରହିଥିଲା। ଏପରିକି ବୌଦ୍ଧ ସିଦ୍ଧାଚାର୍ଯ୍ୟଗଣଙ୍କ ପଦାବଳୀ ମଧ୍ୟ ଏକ ପ୍ରକାର ଝୁମର। 'ଆଇନ-ଇ-ଆକବରୀ'ରେ ଓ ନିମାନନ୍ଦ ଦାସଙ୍କ 'ପଦରସ ସାର' ଗ୍ରନ୍ଥରେ ଝୁମର ସଂପର୍କରେ ସ୍ପଷ୍ଟ ଓ ବିସ୍ତୃତଭାବେ ଲେଖା ହୋଇଛି। ଭାରତର ଛଅଗୋଟି ସଙ୍ଗୀତଧାରା ମଧ୍ୟରେ ଝୁମର ଅନ୍ୟତମ।" ଝୁମରର ପ୍ରସାର ଓ ବ୍ୟାପକତା ମଧ୍ୟ ଉଲ୍ଲେଖଯୋଗ୍ୟ। ଉତ୍ତରରେ ଛୋଟନାଗପୁର ରାଜମହଲ ପାହାଡ଼ରୁ ଦକ୍ଷିଣରେ ଓଡ଼ିଶାର ଶିମିଳିପାଳ ପାହାଡ଼, ପୂର୍ବରେ ଖଡ଼ଗପୁରରୁ ପଶ୍ଚିମରେ ମଧ୍ୟପ୍ରଦେଶର ପାଲାମୌ ରାୟପୁର ପର୍ଯ୍ୟନ୍ତ ଝୁମରର ବ୍ୟାପକତା। ଝୁମର ଗବେଷକ ଗିରୀଶ ମହାନ୍ତ ଏହି ଅଂଚଳକୁ କହିଛନ୍ତି 'ଝୁମର ଦେଶ'। ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର,ସୁନ୍ଦରଗଡ଼ ଜିଲ୍ଲା, ପଶ୍ଚିମବଙ୍ଗର ବାଙ୍କୁଡ଼ା, ପୁରୁଲିଆ, ମେଦିନୀପୁର ଜିଲ୍ଲା, ଝାଡ଼ଖଣ୍ଡର ସିଂଭୂମ୍, ରାଂଚୀ, ହଜାରୀବାଗ, ଗିରିଡ଼ି, ବୋକାରୋ, ଧାନବାଦ, ରାମଗଡ଼, ଦୁମ୍କା ପ୍ରଭୃତି ଜିଲ୍ଲାବ୍ୟାପୀ ପୂର୍ବଭାରତର ଏହି ବିଶାଳ ଭୂଭାଗରେ ଝୁମରର ପ୍ରଚଳନ ରହିଅଛି।

ଛୋଟନାଗପୁର ଏବଂ ସାଁଓତାଲ ପ୍ରଗଣା ଜିଲ୍ଲାରେ ବିଭିନ୍ନ ଆଦିବାସୀ ଲୋକମାନେ ବସବାସ କରନ୍ତି। ସେମାନଙ୍କ ମଧ୍ୟରେ ବିଭିନ୍ନ ଲୋକଗୀତ ଏବଂ ସଂଗୀତର ପ୍ରଚଳନ ରହିଅଛି; ଯାହା ମଧ୍ୟରେ 'ଝୁମର'ଅନ୍ୟତମ। କେବଳ ଏହା ଆଦିବାସୀ ଜନତାଙ୍କ ଲୋକଗୀତ ବା ନୃତ୍ୟଭାବରେ ସୀମାବଦ୍ଧ ନରହି କ୍ରମେ ଉତ୍ତରରେ ସାଁଓତାଲ ପ୍ରଗଣାଠାରୁ ଆରମ୍ଭକରି ଦକ୍ଷିଣରେ ସମଗ୍ର ଛୋଟନାଗପୁର ଏବଂ ପଶ୍ଚିମରେ ମଧ୍ୟପ୍ରଦେଶର ପୂର୍ବଭାଗ ପର୍ଯ୍ୟନ୍ତ ଏହାର ପ୍ରଚଳନ ରହିଥିଲା।ମାତ୍ର, ସାଁଓତାଲ ପ୍ରଗଣାର ମୁଣ୍ଡାଭାଷୀ ଓ ସାଁଓତାଲମାନଙ୍କ ମଧ୍ୟରେ ଝୁମରଗୀତ ସର୍ବାଧିକ ଲୋକପ୍ରିୟତା ଅର୍ଜନ କରିଥିଲା। ସେମାନଙ୍କ ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ ଜୀବନରେ ଏହି ଝୁମରଗୀତ ହୋଇଯାଇଥିଲା ଏକ ଅପରିହାର୍ଯ୍ୟ ଅଙ୍ଗ। ଯେହେତୁ ପଶ୍ଚିମବଙ୍ଗଳାର ପଶ୍ଚିମ ସୀମାନ୍ତ ସଂଲଗ୍ନ ସାଁଓତାଲ ପ୍ରଗଣାର ଆଦିବାସୀମାନେ ଥିଲେ ଦ୍ୱିଭାଷୀ ଜାତି, ସେଥିପାଇଁ ବହୁକାଳ ଧରି ସେମାନଙ୍କ ମାତୃଭାଷା ସହିତ ବଙ୍ଗଳାଭାଷାକୁ ସେମାନେ ଗ୍ରହଣ କରିଥିଲେ ବୋଲି ଉତ୍ସବ-ଅନୁଷ୍ଠାନ ଉପଲକ୍ଷେ ବଙ୍ଗଳାଭାଷାରେ ସଙ୍ଗୀତ ରଚନାକରି ଗାଇବାକୁ ଆଗ୍ରହୀହୋଇଥିଲେ। ସାଁଓତାଲମାନଙ୍କ ମଧ୍ୟରେ ପ୍ରଚଳିତ ଏହି ବଙ୍ଗଳା ଝୁମରଗୀତ କ୍ରମେ ଲୋକସଙ୍ଗୀତରେ ରୂପାନ୍ତରିତ ହୋଇଉଠିଲା। ପ୍ରାଥମିକ ବା ଆଦି ଝୁମରଗୀତ ଥିଲା ଏହିଭଳି ଲୋକସଂସ୍କାରରୁ ମୁକ୍ତ। ସେଥିରେ ଥିଲା

ବାସ୍ତବଜୀବନର ସମସ୍ୟା ଏବଂ ତହିଁରୁ ମୁକ୍ତିଲାଗି ସମାଧାନର ପନ୍ଥା। କୁହାଯାଏ, କାଳକ୍ରମେ ବଙ୍ଗୀୟ ଲୋକସଙ୍ଗୀତ ଏବଂ ଉଚ୍ଚସଙ୍ଗୀତର ପ୍ରଭାବରେ ଏହି ଝୁମରର ରୂପ, ସ୍ୱର ଏବଂ ଭାବ କ୍ରମଶ ବଦଳିଗଲା। ଏହାଫଳରେ ଉପଜାତୀୟ ଝୁମରଗୀତ ଧୀରେଧୀରେ ବଙ୍ଗୀୟ ଲୋକସଙ୍ଗୀତରେ ରୂପାନ୍ତରିତ ହୋଇଗଲା।

ଆଦିବାସୀ ସଂସ୍କୃତିର ରହିଛି ଭିନ୍ନ ପରମ୍ପରା। ସେମାନଙ୍କ ନୃତ୍ୟଗୀତ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ସଂରକ୍ଷିତ ରହିଥାଏ, ଯାହାକୁ ସେମାନେ ଆଖଡ଼ା ବୋଲି କହିଥାନ୍ତି। ଏହି ଆଖଡ଼ାରେ ସମବେତ ଆଦିବାସୀ ଯୁବକଯୁବତୀମାନେ ଦଳବଦ୍ଧ ହୋଇ ନୃତ୍ୟଗୀତ ପରିବେଷଣ କରିଥାନ୍ତି। ଏହାର ପ୍ରାରମ୍ଭରେ ସେମାନେ ଏକ ବନ୍ଦନା ଗାନ କରିଥାନ୍ତି। ଯଥା :

"ଆଖଡ଼ା ବନ୍ଦିରା, ଗୁରୁ, ଭାଲା ଗୀତା ଗାଇ
ଗୁରୁ ରାମ ଲକ୍ଷ୍ମଣ ସାଦରେ ବାଜାଇ।
ସୀତାମଣି ଝୁମୁରେ ଖେଲାଇ।"

ଏହି ବନ୍ଦନାଗୀତିକାରେ ପ୍ରକାଶିତ 'ଝୁମୁର ଖେଲାଇ' କଥାଟିଭିତରେ ମାନଭୂମଜିଲ୍ଲାର ସାଁଓତାଲମାନଙ୍କ ଝୁମରଗୀତର ଜନପ୍ରିୟତାକୁ ଲକ୍ଷ୍ୟ କରିହୁଏ। ତେଣୁ ସେମାନଙ୍କ ଜୀବନ ଓ ଆମୋଦପ୍ରମୋଦରେ ଝୁମର ପାଲଟିଥିଲା ଏକ ପ୍ରମୁଖ ଆବଶ୍ୟକତା।

ଏହି ପ୍ରଚଳିତ ଝୁମରଗୀତିକା ଥିଲା ଆକାରରେ କ୍ଷୁଦ୍ର ଓ ସଂକ୍ଷିପ୍ତ।ଏଥିରେ ଚାରୋଟି ପଦରୁ ଅଧିକ ନଥିଲା,ବରଂ କେବେକେବେ ତିନିଗୋଟି ପଦଥିବାର ମଧ୍ୟ ଜଣାଯାଏ। ଦ୍ୱିତୀୟ ପଦଟିକୁ ପୁନରାବୃତ୍ତିକରି ତାହାର ଚାରୋଟି ପଦକୁ ପୂରଣ କରିବାକୁ ହୋଇଥାଏ। ଏମଧ୍ୟରେ ଥିବା ଆବେଦନଟି କିନ୍ତୁ ବେଶ୍ ସମୃଦ୍ଧ ଓ ଶକ୍ତିଶାଳୀ। ସଂକ୍ଷିପ୍ତ ହେଲେହେଁ ଏଥିରେ ରସପ୍ରବାହ, ବ୍ୟଞ୍ଜନା, ସାଙ୍ଗୀତିକତା ଏବଂ ଏହାର ପରିବେଷଣରେ କୌଣସି ଶିଥିଳତା ଦେଖାଯାଏ ନାହିଁ। ଯେପରି :

"କୋନ ସେ ମେୟେ ଜୀବନଟା ଶେଷ ହଲ
ଓ ବନ୍ଧୁ, ଗଙ୍ଗା ଏବଂ ଯମୁନାତେ ଓର୍ ଖୋଁପାର ଫୁଲ୍‌ଟା ଭାସେ
ଛୋଟ ମେୟେଟି ଅଳ୍ପ ସମୟେ ଶେଷ ହଲ
ଓ ବନ୍ଧୁ, ଗଙ୍ଗା ଏବଂ ଯମୁନାତେ ଓର୍ ଖୋଁପାର ଫୁଲ୍‌ଟା ଭାସେ।"

ଏହି ଝୁମର ଗୀତିକାଟିରେ କବିତ୍ୱଶକ୍ତିର ଅସାମାନ୍ୟ ପ୍ରତିଭାକୁ ଲକ୍ଷ୍ୟ କରିହୁଏ। ସାବଲୀଳ ଭାଷାରେ ଅକୃତ୍ରିମ ମାନସିକତାକୁ ଲୋକକବି ପ୍ରକାଶ କରିଅଛି ଆବେଗିକ ଶୈଳୀରେ। ସେହିପରି ଦ୍ୱିତୀୟ ପଦଟିର ପୁନରାବୃତ୍ତି ଭାବ ଏବଂ ରସକୁ କଦାପି ଭଙ୍ଗ କରୁନାହିଁ। ଏହାହିଁ ହେଉଛି ଝୁମରଗୀତର ସଫଳତା। ସାଁଓତାଲମାନଙ୍କର ଏହି ଝୁମର ଗୀତସବୁ ଆକାରରେ କ୍ଷୁଦ୍ର ହେଲେହେଁ, ଏହାର ଆବେଦନ ବେଶ୍ ମର୍ମସ୍ପର୍ଶୀ ଏବଂ ବ୍ୟଞ୍ଜନାଧର୍ମୀ। ଏହି ସଂପ୍ରଦାୟରେ ବ୍ୟବହୃତ ଝୁମରଗୁଡ଼ିକ ମୁଖ୍ୟତଃ ପ୍ରେମ ବିଷୟକ। କିନ୍ତୁ, ଏସବୁ ଅଣୁକବିତା ଭଳି ଚିତ୍ରଧର୍ମୀ। ସେହି ଗୀତକୁ ଶୁଣିଲାବେଳେ ଏକ ସୁନ୍ଦର ଚିତ୍ରକଳ୍ପର ଆବେଶ ଯେମିତି ଆଚ୍ଛନ୍ନ କରିପକାଏ। ଅଧିକାଂଶ ଝୁମର ରୂପକାଶ୍ରୟୀ । ସେଥିଲାଗି ଝୁମରଗୀତସବୁ ରସରେ ପରିପୂର୍ଣ୍ଣ। ଉଦାହରଣ :

(କ) ବାଡ଼ି ହେଁଟେ ପୁଖରୀ
ପୁଖରୀତେ ଫୁଲେର ବାଗାନ।
କାର ବେଟି ଏତ ରସିକା ଗୋ,
ଆଧରାତି ଫୁଲ ତୁଲି ଯାୟ।

(ଖ) ଛୋଟ ମୋଟ ବାଙ୍ଗନ୍ ବେଟି
ଭାଁଡ଼ାର ପଡ଼େ ଚୁଲ।
ମୋଟଡ଼େ ବାନ୍ଧିବେ କେଶ
କଦମ ଫୁଲେର ପାରା।

ଉପରୋକ୍ତ ଝୁମର ଦୁଇଟିରେ ରୂପକର ସାର୍ଥକ ପ୍ରୟୋଗ ହୋଇଥିଲେ ମଧ୍ୟ ପଦ ସଂଯୋଜନାରେ ମେଳ ନଥିବାର ବୁଝିହୁଏ। ତଥାପି, ଏଥିରେ ସାମାନ୍ୟତମ ରସଭଙ୍ଗ କିମ୍ବା ଭାବ-ବ୍ୟଞ୍ଜନାରେ ଦୁର୍ବୋଧ ଅନୁଭୂତ ହୁଏନାହିଁ। ସାଁଓତାଲି ଝୁମରରେ ପ୍ରେମ ହେଉଛି ମୁଖ୍ୟ ପସଙ୍ଗ; ଏଥିସହିତ ବହୁ ଝୁମର ଗୀତରେ ଲୌକିକ ଚଳଣି ଏବଂ ଆଚାରବୋଧର ପରିଚୟ ମିଳିଥାଏ।

ବଙ୍ଗଦେଶରେ ସାଁଓତାଳିଙ୍କ ଭଳି ଓରାଂଓ ଆଦିବାସୀମାନଙ୍କ ମଧ୍ୟରେ ଝୁମର ଗୀତର ମଧ୍ୟ ପ୍ରଚଳନ ରହିଛି। ଏମାନେ ଗାଉଥିବା ଝୁମରଗୀତ କିନ୍ତୁ ଦୀର୍ଘ। କେବେକେବେ ଆଠରୁ ଦଶପଦ ଯାଏଁ ରହିଥାଏ ଏଥିରେ। ହେଲେ ପଦଗୁଡ଼ିକ ଆକାରରେ ସଂକ୍ଷିପ୍ତ । ଲକ୍ଷ୍ୟକଲେ ଚର୍ଯ୍ୟାପଦ ଭଳି ମନେହେବ। ସାଦ୍ରି ଭାଷାରେ ଓରାଂଓଙ୍କ ଗୋଟିଏ ଗୀତକୁ ଏଠାରେ ନିଆଯାଉ :

ଏସୋ କା ବରଖା ବଡ଼ୀ ଜୋର
ଭୀଂଜୟ ସୋରେ ସୋର।
ଏସୋ କା ବରଖା ବଡ଼ୀ ଜୋର
ରୋପଲି ହମ୍ ରୋପା ଧାନ।
ବଦ୍‌ରୀ ଗରଜେ ଅସମାନ୍।
ବନମେ ନାଚତ ହେଁ ମୋର
ଏସୋ କା ବରଖା ବଡ଼ୀ ଜୋର।
ଖେତ ଟାଙ୍ଗଡ଼ କିସାନ ଠାଢ
ଭରଲ ନଦୀକେ ଦେଖେ ବାଢ।
ଅନ୍ନଧାନ ନା ହୋବେଃ ଥୋର
ଏସୋ କା ବରଖା ବଡ଼ୀ ଜୋର।

ଏହି ଝୁମର ଗୀତର ବିଶେଷତ୍ୱ ହେଉଛି, ଏହାର ପଦ ମିଳନ ସହିତ ଏଠିରେ କାହାଣୀ ଗୁମ୍ଫିତ ହୋଇଛି। ମାତ୍ର ଏଠାରେ ସାଁଓତାଳି

ଝୁମର ଗୀତର ଲୌକିକ ପ୍ରେମ କିପରି ଆସି ବାଂଲାଦେଶର ସୀମାରେ ପ୍ରବେଶକରି ରାଧାକୃଷ୍ଣଙ୍କ ପ୍ରେମରେ ସ୍ୱର୍ଗୀୟତା ଲାଭ କରିଛି , ତାହା ଭାବିଲେ ବିସ୍ମିତ ହେବାକୁ ହୁଏ। ବଙ୍ଗଳା ଝୁମରରେ କୁହାଯାଇଛି:

ଛୋଟ ନଦୀ ଛୋଟ ଜଲ
ବଡ଼ ନଦୀ ବଡ଼ ଜଲ।
ହାତେର ଶାଁଖା ମାଜାଇତେ
କାନେର ସୋନା ପଡ଼ି ଗେଲ।
ତାତେ ଆମି ଖୁଁଜିତେ ବିଲମ୍।

ଅର୍ଥାତ୍, ନଦୀରୁ ଜଳଦେଇ ଆସିବା ବାଟରେ ପ୍ରଣୟପ୍ରିୟ ପୁରୁଷଙ୍କ ସହିତ ଦେଖାହେବା ଲାଗି ଘରକୁ ଫେରିବାପାଇଁ ବିଳମ୍ବ ହୁଏ। ତେଣୁ ମିଥ୍ୟାର ଆଶ୍ରୟନେଇ ଡେରିରେ ଫେରିବାର କାରଣ ସ୍ୱରୂପ ପ୍ରଣୟିନୀ ଗୀତରେ କହୁଛି- ବଡ଼ ନଦୀରେ ଜଳ ବେଶି, ତେଣୁ ସେଥିରେ କିଛି ପଡ଼ିଗଲେ ଖୋଜୁଖୋଜୁ ଡ଼େରି ହୋଇଯାଏ। ହାତର ଶଙ୍ଖା ମାଜିବାବେଳେ କାନର ଝୁମୁକା ଜଳରେ ଖସିପଡ଼ିବାରୁ ତାକୁ ଖୋଜିଖୋଜିରେ ବିଳମ୍ବ ହେଲା। ଏହି ବଙ୍ଗଳା ଗୀତଟିରେ କେବଳ ଲୌକିକ ରୂପଟିକୁ ଲକ୍ଷ୍ୟକଲେ ହେବନାହିଁ, ବରଂ ଏହା ରାଧାକୃଷ୍ଣ ଆଧାରିତ ପ୍ରସଙ୍ଗ ବୋଲି କୁହାଯାଇପାରେ। ମାତ୍ର, ସାଁଓତାଳି ଝୁମର ଗୀତରେ ଯେ ବଙ୍ଗଳାର ରାଧାକୃଷ୍ଣଙ୍କ ପ୍ରେମଲୀଳାର ପ୍ରଭାବପଡ଼ିଛି ବୋଲି କହିଦେଲେ ତାହା ଅମୂଳକ ମନେହୋଇପାରେ। ଅନୁମାନ ଆଧାରରେ ଆଦିବାସୀ ଗୀତରେ ରାଧାକୃଷ୍ଣଙ୍କ ଲୀଳାକାହାଣୀର ପ୍ରଭାବ ପଡ଼ିଛି ବୋଲି କହିଦେଲେ ତାହା ପ୍ରାମାଣିକ ମନେହେବ ନାହିଁ। ଘଟଣାଟା ଏହାର ଠିକ୍ ବିପରୀତ। ଏକ ବଙ୍ଗଳା ଝୁମରର ଦୃଷ୍ଟାନ୍ତଦେଇ ଏହାକୁ ବୁଝାଯାଇପାରେ :

"ଯଖନ ଆମି ଜଲକେ ବା ଯାଇତେଛିଲାମ
ତଖନ ତୁମି କଦମ ତଲେ ବଁଶୀ ବଲାୟ,
ନ ବଁଶୀ ବଲାୟ ହେ, ଜଲେ କଲସୀ ଡୁବେ ନାଇ।"

ଅର୍ଥାତ୍, ମୁଁ ଯେତେବେଳେ ନଦୀଘାଟକୁ ଯାଇଥିଲି ସେତେବେଳେ ତୁମେ କଦମ୍ବଗଛ ତଳେ ବସି ବଂଶୀ ବଜାଉଥିଲ। ତୁମେ ଆଉ ବଂଶୀ ବଜାଅ ନାହିଁ, ଏପର୍ଯ୍ୟନ୍ତ ମୁଁ କଳସୀକୁ ପାଣିରେ ବୁଡ଼ାଇପାରି ନାହିଁ। ସାଓଁତାଲମାନେ ଭାଦ୍ରବମାସରେ କଦମ୍ବ ବୃକ୍ଷର ଶାଖା ରୋପଣକରି ନୃତ୍ୟ-ଗୀତାଦିଦ୍ୱାରା ଉତ୍ସବ ପାଳନ କରୁଥିଲେ। ଏହି ଉତ୍ସବ ସାଧାରଣତଃ ବର୍ଷାକାଳରେ ଅନୁଷ୍ଠିତ ହେଉଥିଲା। ବର୍ଷାଦିନରେ ବୃକ୍ଷରୋପଣର ଏହି ଉତ୍ସବକୁ କରମକହୁଥିଲେ। ବଙ୍ଗଦେଶରେ ପ୍ରଚଳିତ ରାଧାକୃଷ୍ଣଙ୍କ କାହାଣୀ ମଧ୍ୟରେ ଯେଉଁ କଦମ୍ବବୃକ୍ଷ ଓ କୃଷ୍ଣଙ୍କ ବଂଶୀବାଦନ କଥା ବ୍ୟାପକଭାବେ ପ୍ରଚାର କରାଯାଇଛି, ତାହାରି ମୂଳରେ ରହିଛି ବଙ୍ଗଳାର ପ୍ରତିବେଶୀ ଆଦିମଜାତିମାନଙ୍କର ପ୍ରୀତି ଏବଂ କରମ୍(କଦମ୍ବ) ଉତ୍ସବ ଉଦ୍‌ଯାପନର ଇତିହାସ। ଏହି କରମ ଉତ୍ସବ ଉପଲକ୍ଷେ ଅସଂଖ୍ୟ ଗୀତ ବୋଲାଯାଇଥାଏ। କରମ୍ ଅର୍ଥାତ୍ କଦମ୍ବ ଗଛ ଯେ ଆଦିବାସୀଜନଜାତିଙ୍କ ନିକଟରେ କେତେ ପ୍ରିୟ, ତାହା ସେମାନଙ୍କ ଉତ୍ସବ ଦେଖିଲେ ଅନୁମାନ କରିହେବ। ଆଦିବାସୀମାନଙ୍କ ମଧ୍ୟରେ ଯେଉଁ ଗୀତ ଏବଂ ନାଚ ଆରମ୍ଭ ହୁଏ, ତହିଁରୁ ଶିଳ୍ପୀ ହୃଦୟର ଦରଦୀ କବିପଣ ଏବଂ ଆବେଗକୁ ହୃଦୟଙ୍ଗମ କରିହେବ। ଏକ ବଙ୍ଗୀୟ କରମ୍ ଗୀତରୁ ସେହି ମାଦକତାକୁ ଲକ୍ଷ୍ୟ କରାଯାଉ :

କରମ କରମ କରମ ରାଜା
ଓ କରମ ତୋମାର ଜନ୍ୟେ ଐ ତ ରାଜାର ଛାତା
କରମ ତୁମି ଆମାଦେର ଧାନ ଚାଲ ସବ୍ ଦାଓ
କରମ ତୁମି ଆମାଦେର ମିଷ୍ଟି ଏବଂ ଗରୁ ବାଛୁର ଦାଓ
କରମ ତୋମାର ଜନ୍ୟ ଐ ରାଜାର ଛାତା।

ଏହି ଗୀତଟିରୁ ସହଜରେ ବୁଝାପଡ଼େ, କରମ୍ ଯେପରି ସେମାନଙ୍କର ଏକ ପ୍ରିୟ ଉତ୍ସବ, ସେହିପରି ବର୍ଷା ମଧ୍ୟ ତାଙ୍କର ଅତି ଆନନ୍ଦର ଋତୁ। ସେମାନେ ଏହି ବର୍ଷାକୁ ଅନ୍ନଦାତା ବୋଲି ଜ୍ଞାନ କରନ୍ତି। ଏଥିପାଇଁ ସେମାନେ କରମ ନାମରେ ତାଙ୍କର ଉପାସିତ ଦେବୀଙ୍କ ପାଖରେ ସଂସାରର ସୁଖ ସମୃଦ୍ଧି କାମନା କରିବା ସହିତ ଆବଶ୍ୟକୀୟ ଶସ୍ୟ ଓ ଖାଦ୍ୟଦ୍ରବ୍ୟ ପାଇଁ ଗୁହାରି କରିଥାନ୍ତି। ଏହାର ଆଉ ଏକ ବିଶେଷତ୍ୱ ହେଉଛି, ନୃତ୍ୟ ସହିତ ଝୁମରଗୀତର ଗଭୀର ସଂପର୍କ ରହୁଥିବାରୁ ନାଚ ଅନୁସାରେ ଝୁମର ଗୀତ ବୋଲାଯାଇଥାଏ ଭିନ୍ନଭିନ୍ନ ପ୍ରକାରର। ତେଣୁ ମୋଟାମୋଟିଭାବରେ ଝୁମର ଗୀତକୁ ୬ଗୋଟି ଶ୍ରେଣୀରେ ବିଭକ୍ତ କରିଥାନ୍ତି ସେମାନେ। ଯେପରି :

୧. ଦାଁଡ଼ଶାଲିଆ ଝୁମର ୨. ଛଉନାଚିଆ ଝୁମର ୩. ଖେମଟି ଝୁମର ୪. ପାତାନାଚିଆ ଝୁମର୫. ଭାଦୁରିଆ ଝୁମର,

୬. କରମନାଚିଆ ଝୁମର।

୧. ଦାଁଡ଼ଶାଲିଆ ଝୁମର :ପଶ୍ଚିମବଙ୍ଗର ସୀମାନ୍ତ ଅଂଚଳରେ ଆଦିବାସୀଙ୍କ ମଧ୍ୟରେ ଦାଁଡ଼ଶାଳ ନୃତ୍ୟ ଉପଲକ୍ଷେ ଯେଉଁ ଗୀତ ବୋଲାଯାଏ, ତାହାକୁ ଦାଁଡ଼ଶାଲିଆ ଝୁମର କୁହାଯାଇଥାଏ। ପ୍ରାୟତଃ ଏହି ନୃତ୍ୟ ପୁରୁଷପ୍ରଧାନ। ଏଥିରେ ନାରୀମାନଙ୍କର ସଂପର୍କ ନାହିଁ କିମ୍ବା କୌଣସି ଅନୁଷ୍ଠାନ ବା ଉତ୍ସବର କିଛି ସମ୍ବନ୍ଧ ନାହିଁ। କେବଳ ଆମୋଦପ୍ରମୋଦ ଲାଗି ପୁରୁଷମାନେ ଏହି ନୃତ୍ୟ ପରିବେଷଣ କରିଥାନ୍ତି। ତେବେ ଦାଁଡ଼ଶାଲିଆ ଝୁମର ଆକାର ଦୃଷ୍ଟିରୁ ସଂକ୍ଷିପ୍ତ। ଏଥିରେ ଦୁଇଟିରୁ ଚାରୋଟି ସାଧାରଣ ପଦ ରହିଥାଏ ।ଧର୍ମ ସହିତ ଏହାର କିଛି ସଂପର୍କ ନଥିଲେହେଁ ଏଥିରେ ସମୟ ସମୟରେ କୃଷ୍ଣଲୀଳାର ପ୍ରସଙ୍ଗ ଦେଖିବାକୁ ମିଳେ। ଏକ ପୁରୁଲିଆ ଝୁମରକୁ ଲକ୍ଷ୍ୟ କରାଯାଉ:

"ପଥ ମାଝେ ନଟ ସାଜେ, ସଖୀ ଦାଁଡ଼ାଇ ଯେ ବା କେ ଗୋ
କେ କେ କାଲୋପାରା ବାଁଶୀ ଧରା କେ ଗୋ

ମୁଖ ଭରା ବାଁଶୀଟି ଗଲେ ମାଳା ଦୋଲେ ଗୋ,
ତୁଲେ କେ ପରାଣ ଦୋଲେ ଗୋ, ସଖୀ ପରାଣେ ଦୋଲେ ଗୋ ।"

୨.ଛଉନାଚିଆ ଝୁମର : ପଶ୍ଚିମବଙ୍ଗର ସୀମାନ୍ତବର୍ତ୍ତୀ ଅଂଚଳରେ ଏହି ନୃତ୍ୟ ଖୁବ୍ ଜନପ୍ରିୟ । ଓଡ଼ିଶାର ମୟୂରଭଞ୍ଜର ଛଉନୃତ୍ୟ ଭଳି ପୁରୁଲିଆ ଛଉର ଆଦର ରହିଛି ଜନମାନସରେ । ପ୍ରଧାନତଃ ଦେବଦେବୀଙ୍କ ଚରିତ୍ରକୁ ନେଇ ଏହି ନୃତ୍ୟ ପରିବେଷିତ ହୋଇଥାଏ । ଏନେଇ ଅନେକ ସମୟରେ ବିତର୍କ ଓ ଆଲୋଚନା ଦେଖାଯାଏ, ଯାହା ଆଲୋଚନା ସମୟସାପେକ୍ଷ । ଶିବ ଏବଂ ରାମାୟଣର ବିଷୟ ଏହାର ଆଧାର । ମୁଖାପିନ୍ଧି ଏହି ନୃତ୍ୟ ପ୍ରଦର୍ଶନ କରାଯାଇଥାଏ, ତଥାପି ବିନାମୁଖାରେ ମଧ୍ୟ ଏହାର ପରିବେଷଣ ହେବାର ଲକ୍ଷ୍ୟ କରାଯାଏ । ଝୁମର ସହିତ ଏହି ନୃତ୍ୟର ସମ୍ବନ୍ଧ ଅଙ୍ଗାଙ୍ଗୀଭାବେ ଜଡ଼ିତ । ପୁରୁଲିଆର ଆଦିବାସୀମାନଙ୍କ ମଧ୍ୟରେ ଛଉନାଚିଆ ଝୁମରର ପ୍ରସାର ଦେଖାଯାଏ । ଉଭୟ ଛନ୍ଦ ଓ ରାଗରେ ସମୃଦ୍ଧ ଏହି ଝୁମରର ଆବେଦନ ବେଶ୍ ପ୍ରଭାବଶାଳୀ:

ସିନ୍ଦୂର ଭୂଷିତ ଅଙ୍ଗ ମୂଷିକ ବାହନ
ପ୍ରଥମେ ବନ୍ଦନା କରି ଗଣେଶ ଚରଣ ।
ପିତୃସତ୍ୟ ପାଳିବାରେ ଶ୍ରୀରାମ ଲକ୍ଷ୍ମଣ,
ଚତୁର୍ଦ୍ଦଶ ବର୍ଷ ବନେ କରେନ ଗମନ ।

୩. ଖେମଟି ଝୁମର: ଏହି ଝୁମରଗୀତରମୁଖ୍ୟ ବିଷୟବସ୍ତୁ ହେଉଛି ରାଧାକୃଷ୍ଣ ପ୍ରେମ ଆଧାରିତ । ପୁରୁଲିଆ ଓ ମେଦିନୀପୁରରେ ଏହି ଖେମଟି ଝୁମରର ପ୍ରଚଳନ ରହିଛି । ଏହାର ଗୀତକୁ ଲକ୍ଷ୍ୟକଲେ ବୈଷ୍ଣବକାବ୍ୟର ରାଧାକୃଷ୍ଣ ପ୍ରେମଲୀଳା ଭଳି ବେଶ୍ ରସପୂର୍ଣ୍ଣ । ମେଦିନୀପୁର ଜିଲ୍ଲାର ଏକ ଖେମଟି ଝୁମରର ଉଦାହରଣ ଏଠାରେ ପ୍ରଦତ୍ତ ହେଲା:

"ଗାଁଥିବ ଫୁଲେରଇ ମାଲା, ଯତନେ ସାଜାବ କାଲା
ଆମି ଘୁଚାଇବ ମନେର ଜ୍ୱାଲା, ଦୁଃଖ ଯାବେ ଦୂର ।
ବନ୍ଧୁ, ହୃଦୟ ମାଝାରେ ଶ୍ୟାମକେ ରାଖିବ ଆଦରେ ।
ନା ଆଇଲେ ନନ୍ଦଲାଲା କେମନେ ମିଟାବ ଜ୍ୱାଲା
ଥାକ୍ ଥାକ୍ ପ୍ରାଣବଲ୍ଲଭ ବାଁଧା ପ୍ରେମ-ଡୋରେ ହୃଦୟ ମନ୍ଦିରେ ।
ଶ୍ୟାମକେ ରାଖିବ ଆଦରେ ।"

୪. ପାତାନାଚିଆ ଝୁମର: ଏହି ନୃତ୍ୟର ଏକ ମହତ୍ୱ ରହିଛି । ଆଦିବାସୀମାନଙ୍କ ମଧ୍ୟରେ ବନ୍ଧୁତ୍ୱ ବଜାୟ ବା ବନ୍ଧୁତ୍ୱ ପାତିବା ନିମନ୍ତେ ହେଉଥିବା ନୃତ୍ୟ ପାତାନାଚିଆ ଝୁମର ନାମରେ ଚିହ୍ନିତ । ଆଦିବାସୀଙ୍କ ପରମ୍ପରା ଅନୁସାରେ ସେମାନେ ଉଭୟ ସ୍ତ୍ରୀ-ପୁରୁଷ ନିର୍ବାଚନ କରିଥାନ୍ତି । ସେଥିଲାଗି ଏହି ନୃତ୍ୟରେ ଉଭୟ ଅଂଶଗ୍ରହଣ କରିଥାନ୍ତି । ପରେ ଏହା କ୍ରମଶଃ ହିନ୍ଦୁମାନଙ୍କ ମଧ୍ୟରେ ପ୍ରଚଳନ ଘଟିଛିବୋଲି ଆଲୋଚକ କହିଥାନ୍ତି । ପାତାନାଚିଆ ଝୁମରରେ ସାଧାରଣ ଜୀବନର ସମସ୍ୟା ସ୍ଥାନପାଇଛି । ସେହିପରି ଭାଗବତ ଏବଂ ରାମାୟଣର ପ୍ରସଙ୍ଗ ମଧ୍ୟ ଏଥିରେ ଲକ୍ଷ୍ୟକରାଯାଏ ।

"ଛାନା କାଁଦେ ମାଇ ମାଇ, ମୁଡ଼ି ଦିଲ ମାନ ନାଇ
ଥାମ୍ ବାଛା ଦୁ ପହରେ ରାନ୍ଧି ,
ତୋର ବାପେର ଗାଲ ସଇତେ ନାଇ ।"

୫. ଭାଦୁରିଆ ଝୁମର: ବର୍ଷା ସମୟରେ ଏହି ଝୁମର ପରିବେଷଣ ହୋଇଥାଏ । ବଙ୍ଗୀୟ ଗବେଷକ ଆଶୁତୋଷ ଭଟ୍ଟାଚାର୍ଯ୍ୟଙ୍କ ମତରେ- ପଶ୍ଚିମବଙ୍ଗର ସୀମାନ୍ତର ଆଦିବାସୀମାନଙ୍କର ଏହା ବର୍ଷାକଳୀନ ପ୍ରକୃତିର ବନ୍ଦନାଗୀତ ।ଏହି ଭାଦୁରିଆ ଝୁମରର ବିଷୟବସ୍ତୁରେ ସୁଖଦୁଃଖ,ହସକାନ୍ଦର ଚିତ୍ର ଦେଖିବାକୁ ମିଳେ । ଉଦାହରଣ :

ଭାଦର ମାସେ ପିୟା ପରଦେଶେ
ବଲେ ଦିଓ ହେ ଯେନ ନାଗର ଆସେ ।
ନା ଦେଖି ହାଟେ ନା ଦେଖି ବାଟେ
ଗୁଣମଣିରେ ମନ ଭାଙ୍ଗିଲ କିସେ ।

୭. କରମନାଚିଆ ଝୁମର: କରମ ଉତ୍ସବରେ ଆଦିବାସୀଙ୍କ ମଧ୍ୟରେ ଶସ୍ୟସଂର୍କିତ ପୂଜାବିଧି ଅନୁଷ୍ଠିତ ହୋଇଥାଏ । ରାଜା ଓ କରମରାଣୀଙ୍କ ଆନୁଷ୍ଠାନିକ ବିବାହ ପାଳନ କରାଯାଏ । ଏଥିରେ ଉଭୟ ସ୍ତ୍ରୀ-ପୁରୁଷ ଅଂଶଗ୍ରହଣ କରିଥାନ୍ତି । ଲୋକସାହିତ୍ୟବିତ୍ ଆଶୁତୋଷ ଭଟ୍ଟାଚାର୍ଯ୍ୟ ବଙ୍ଗଦେଶରେ ପ୍ରଚଳିତ ଏହି ଝୁମର ସଂପର୍କରେ ମତଦେଇ କହିଛନ୍ତି : " କରମ ରାଜା ସୂର୍ଯ୍ୟ ଏବଂ କରମରାଣୀ ପୃଥିବୀର ପ୍ରତୀକ । ....କରମ ବା ପାହାଡ଼ୀ କଦମ୍ବବୃକ୍ଷର ଏକ ଶାଖାକୁ ମାଟିରେ ପୋତିଦେଇ ତାହାକୁ ଘେରି ନୃତ୍ୟଗୀତ କରିଥାନ୍ତି । ମୂଳତଃ ଆଦିବାସୀ ସମାଜରେହିଁ ଏହି ଅନୁଷ୍ଠାନର ଉତ୍ପତ୍ତି ହୋଇଥିଲା । ବର୍ତ୍ତମାନ ସେହି ଅଞ୍ଚଳର ବର୍ଣ୍ଣହିନ୍ଦୁମାନେ ଏହାକୁ ପାଳନ କରିଥାନ୍ତି । ଭାଦ୍ରବମାସର ଏକାଦଶୀ ତିଥିରେ ଏହାର ଅନୁଷ୍ଠାନ ହୁଏ । ଗୋଟିଏ ଗଛଡ଼ାଳକୁ ମାଟିରେ ପୋତି ରଖାଯାଇଥାଏ ବୋଲି ଏହାକୁ ମଧ୍ୟ 'ଡାଲଗାଡ଼ା' କୁହାଯାଇଥାଏ ।

ବଙ୍ଗଦେଶରେ ପ୍ରଚଳିତ ଝୁମରକୁ ଲକ୍ଷ୍ୟକଲେ ଜଣାଯାଏ, ଆଧୁନିକ ବଙ୍ଗଳାକାବ୍ୟର ଲିରିକ୍ ଭାବନାଟାହିଁ ବୈଷ୍ଣବକବିତା ମଧ୍ୟଦେଇ ଝୁମରଗୀତକୁ ପ୍ରଭାବିତ କରିଛି । ପରୋକ୍ଷରେ ରବୀନ୍ଦ୍ରନାଥଙ୍କ ହାତଧରି ଲିରିକ୍ କବିତାରର ଗୋଟିଏ ଧାରା ଆଧୁନିକ କବିତାରେ ଆସି ନିରବରେ ମିଶିଯାଇଛି । ଏହାକୁ ସମସ୍ତେ ସ୍ୱୀକାର କରିଥାନ୍ତି । ଆଉ ଏକ କଥା ବିଚାର୍ଯ୍ୟ : ଝୁମର ଗୀତରେ କଳା ପ୍ରେମିକ ପୁରୁଷ କହିଲେ କୃଷ୍ଣଙ୍କୁହିଁ ବୁଝାଯାଏ । କିନ୍ତୁ ଆଲୋଚକ କହନ୍ତି,ସାଁଓତାଳିମାନଙ୍କର ଶରୀରର ରଙ୍ଗ କୃଷ୍ଣବର୍ଣ୍ଣ ହୋଇଥିବାରୁ ପ୍ରେମିକ ଯୁବକର ଉଦ୍ଦେଶ୍ୟରେ ସାଁଓତାଳି ଭାଷାରେ ପ୍ରେମବିଷୟକ ଯେଉଁ ଝୁମର ଗୀତର ପରିଚୟ ମିଳେ, ସେଥିରେ ତେଣୁ କଳା-ପୁରୁଷର କଥା ସ୍ୱାଭାବିକଭାବରେ ଆସିଥିବାର

ଜଣାପଡ଼େ । ଉଦାହରଣ;

ହେଟ କୁଲି ଉପର କୁଲି
କିସେର ଲାଗି ଏତ ଆନାଗୋନା ।
ବାରଟାକାର ଶିକଡ଼ି
ତେର ଟାକାର ମାକଡ଼ି
କାଲ-ଛୌଁଡ଼ା ନିୟେ ଗେଲ
ତାତେ ଆମି କୁଲି ଅନାଗୋନା ।

ଏହିଭଳିଭାବରେ ସାଁଓତାଳି ପ୍ରଗଣା ଏବଂ ଛୋଟନାଗପୁରର ବିଭିନ୍ନ ଭାଷାରେ ରଚିତ ଆଦିବାସୀଙ୍କ ଝୁମରଗୀତଗୁଡ଼ିକୁ ବିଚାର ବିଶ୍ଳେଷଣ କଲେ ସହଜରେ ଜଣାଯାଏଯେ, ବଙ୍ଗୀୟ ଲୋକସଙ୍ଗୀତର ରାଧାକୃଷ୍ଣ କାହାଣୀର ରୂପାୟନର ଏକ ଭୂମିକା ରହିଛି ଝୁମର ଗୀତରେ । ପୁନଶ୍ଚ ସାଁଓତାଳି ଝୁମର ଗୀତସବୁ ଯେହେତୁ ବଙ୍ଗଦେଶର ଲୌକିକ ପ୍ରେମସଙ୍ଗୀତ ଭଳି କେତେଗୋଟି ନିର୍ଦ୍ଦିଷ୍ଟ ଧାରାରେ ଅଗ୍ରସର ହୋଇନାହିଁ , ସେଥିପାଇଁ ସ୍ୱତଃସ୍ଫୂର୍ତ୍ତ ସଙ୍ଗୀତର ସ୍ୱାଧୀନ ବିକାଶକୁ ଲକ୍ଷ୍ୟ କରାଯାଏ । ଏହିସବୁ ଝୁମରଗୀତ ଆମମାନଙ୍କୁ ସାଁଓତାଳି ମଣିଷଙ୍କ ସାମାଜିକ ଜୀବନଧାରା ସହ ପରିଚିତ କରାଇଦିଏ ଏବଂ ଏହା ମଧ୍ୟ ବଙ୍ଗୀୟ ଲୋକସଙ୍ଗୀତର ଏକ ନୂତନଦିଗକୁ ଉନ୍ମୋଚିତ କରିଥାଏ । ମାନଭୂମ ଜିଲ୍ଲାର ବଙ୍ଗାଳୀ ନର୍ତ୍ତକୀଙ୍କ ଦ୍ୱାରା ପ୍ରଚଳିତ ଝୁମରଗୀତ ଛୋଟନାଗପୁର, ରାଞ୍ଚି ଓ ପାଲାମୌ ଜିଲ୍ଲାରେ, ଓଡ଼ିଶାର ରାଇରଙ୍ଗପୁର, ମଧ୍ୟପ୍ରଦେଶର କେତେକ ସ୍ଥାନରେ ପ୍ରଚାରିତ । କ୍ରମଶ ଝୁମର ଗୀତରେ ଆସିଛି ବୈଚିତ୍ର୍ୟ ଓ ପରିବର୍ତ୍ତନ । ଆଧାତ୍ମିକ ବିଷୟଠାରୁ ଆରମ୍ଭକରି ପ୍ରେମ, ବୈରାଗ୍ୟ ପର୍ଯ୍ୟନ୍ତ ବିଷୟ ଏଥିରେ ହୋଇଛି ଓତଃପ୍ରୋତ । ସମୟକ୍ରମେ ବିଭିନ୍ନ ଦୃଷ୍ଟିକୋଣ ଏବଂ ଆବେଦନକୁ ଭିତ୍ତିକରି ଝୁମରର ବିଭାଗୀକରଣ ହୋଇଥିବାର ଜଣାଯାଏ । ଉତ୍ତର ଓଡ଼ିଶାରେ ପ୍ରଚଳିତ ବିବିଧ ଝୁମର ଏହିଦୃଷ୍ଟିର ଅଧିକ ଗୁରୁତ୍ୱପୂର୍ଣ୍ଣ ।

ବଙ୍ଗଦେଶରେ ଝୁମରଗୀତ ସଂପର୍କରେ ଆଲୋଚନା କଲାବେଳେ ଆଉ ଏକ କଥା ମଧ୍ୟ ବିଚାରଯୋଗ୍ୟ । ମାନଭୂମ ଇଲାକାର ରାଜା, ଜମିଦାରମାନଙ୍କର ପୃଷ୍ଠପୋଷକତାରେ ଲଖ୍‌ନୌ, ଏଲାହାବାଦର 'ବାଇଜୀ'ମାନଙ୍କର ଅନୁସରଣରେ ସୃଷ୍ଟିହୋଇଥିଲା 'ନାଚ୍‌ନୀ' ପ୍ରଥା । କ୍ରମେ ଝୁମରଗୀତ ସହିତ ଏହି ନାଚ୍‌ନୀର ସମନ୍ୱୟ ଘଟି ସୃଷ୍ଟି ହୋଇଥିଲା 'ନାଚ୍‌ନୀଶାଲିଆ' ଝୁମର । ଏଠାରେ 'ଶାଲିଆ' ଶବ୍ଦର ଅର୍ଥ ଶାଳ ବା ପ୍ରେକ୍ଷାଗୃହ । ଶ୍ରୀଚୈତନ୍ୟଙ୍କ ଝାଡ଼ଖଣ୍ଡ ପରିକ୍ରମା ପରେ ଧ୍ରୁପଦୀ କୀର୍ତ୍ତନ ସହିତ ଏହି ଅଂଚଳର ଝୁମରଗୀତର ମିଳନ ଘଟିବା ଫଳରେ 'ଦରବାରୀ ଝୁମର'ର ସୃଷ୍ଟିହେଲା । ବିବିଧ ରାଗରାଗିଣୀର ସମାବେଶରେ ବୈଠକୀ ବା ଦରବାରୀ ଝୁମରର ଅଗ୍ରଗତି ହୋଇଅଛି । ସମୟକ୍ରମେ ଛଉନାଚର ବିଷୟବସ୍ତୁକୁ ଆଧାରକରି ରାମାୟଣ, ମହାଭାରତ, ପୁରାଣର ବିଭିନ୍ନ ପ୍ରସଙ୍ଗ ଝୁମରଗୀତରେ ସ୍ଥାନ ପାଇବାକୁ ପାଇଲା । ବାଉଲଗୀତର ଶରୀରତତ୍ତ୍ୱ ମଧ୍ୟ ଝୁମର ମଧ୍ୟରେ ପ୍ରକାଶିତ ହେଲା । ପୁରୁଳିଆର ବାଗମୁଣ୍ଡି ଅଂଚଳରେ ପ୍ରଚଳିତ ଝୁମରଗୀତର ସ୍ଥାନ ଅତି ସ୍ୱତନ୍ତ୍ର । ଲୋକସଙ୍ଗୀତର ରାଗରାଗିଣୀରେ ଏହା ବେଶ୍ ସମୃଦ୍ଧ । ଆଜମତ ଶେଖ୍ ହେଉଛନ୍ତି ଏହି ଝୁମରର ପ୍ରମୁଖ ପ୍ରବକ୍ତା ।

ମାନଭୂମର ବିଖ୍ୟାତ ଝୁମର ଲେଖକ ଓ ଶିଳ୍ପୀଙ୍କ ଅବଦାନରେ ବଙ୍ଗଳାର ଝୁମରଗୀତ ସମୃଦ୍ଧ ହୋଇପାରଛି । କେତେଜଣ ବଙ୍ଗୀୟ ସାଧକଙ୍କ ନାମୋଲ୍ଲେଖ ଏଠାରେ କରାଯାଇପାରେ, ଯାହାଙ୍କ ପ୍ରତ୍ୟକ୍ଷ ଅବଦାନରେ ଝୁମରର ଶାଖା ପଲ୍ଲବିତ ହୋଇ ସ୍ୱତନ୍ତ୍ର ପରିଚିତି ପାଇପାରିଛି । ଯଥା: ଭବପ୍ରୀତାନନ୍ଦ ଓଝା, ବିନନ୍ଦିଆ ସିଂ, ରାମକୃଷ୍ଣ ଗାଙ୍ଗୁଲି, ଦ୍ୱିଜ ଟୀମା, ଜଗତ କବିରାଜ, ଦୀନା ତନ୍ତୀ, ଗୌରଙ୍ଗିଆ ସିଂ, ସୃଷ୍ଟିଧର ସିଂ ମାହାତ, ଚାମୁ କର୍ମକାର, ଅକ୍ଷୁ କର୍ମକାର, ହାଡ଼ିରାମ ରାୟ, ଉଦୟ କର୍ମକାର, ବରଜୁରାମ ଇତ୍ୟାଦି । ପରେ ସଲାବତ ମହାତୋ, ସିନ୍ଧୁବାଳା ଦେବୀ, ଭୋଳନାଥ ମାହାତୋ, କୃତ୍ତିବାସ କର୍ମକାର, ବିଜୟ ମାହତ ସୁନୀଲ ମାହାତୋ, ହାଜାରୀ ପ୍ରସାଦ ରାଜୋୟାଡ଼, ଭବତୋଷ ଶତପଥୀ ପ୍ରମୁଥ ଶିଳ୍ପୀମାନେ ଝୁମରଗୀତ ଓ ନୃତ୍ୟକୁ ବଳିଷ୍ଠ କରିଅଛନ୍ତି । କେତେକ ଶିଳ୍ପୀ ଆକାଶବାଣୀ ଏବଂ ଦୂରଦର୍ଶନରେ ଝୁମର ସଙ୍ଗୀତକୁ ମଧ୍ୟ ପସାରିତ କରିଅଛନ୍ତି । ସାଂପ୍ରତିକ ସମୟରେ ବହୁ ଝୁମର ଅନୁଷ୍ଠାନ ଓ ସଂପ୍ରଦାୟ ଝୁମରକୁ ଅଧିକ ଲୋକାଭିମୁଖୀ କରାଇବାରେ ଯତ୍ନବାନ ହୋଇଛନ୍ତି । କେବଳ ଆଦିବାସୀ ମଣିଷ ନୁହନ୍ତି, ଝୁମର ହୋଇଛି କୁଡୁମୀଜାତିର ପ୍ରମୁଖ ଲୋକସଙ୍ଗୀତ । ଓଡ଼ିଶାରେ ଓ ଭାରତର ବିଭିନ୍ନପ୍ରାନ୍ତରେ ଅବସ୍ଥାନ କରୁଥିବା କୁଡୁମୀସମାଜ ନିଜର ଅସ୍ମିତାକୁ ଏହି ଝୁମର ମଧ୍ୟରେ ଖୋଜିଛନ୍ତି, କୁରୁମାଳୀ ଭାଷାରେ ରଚିତ ଅସଂଖ୍ୟ ଝୁମରଗୀତହିଁ ଏହାର ଯଥାର୍ଥ ଉଦାହରଣ ।

❖❖❖

# ଜିଜୀବିଷାର ହରିତାୟନ : କଇଳାଶ ପଟ୍ଟନାୟକଙ୍କ 'ସ୍ଥାବରଜଙ୍ଗମ'

ISSN-2583-6978
Volume-3
Issue-8
AUGUST-2023



ଡ଼. ପ୍ରତୀଚୀ ନନ୍ଦ

ଅମ୍ବାପୂଜା, ହଳଦୀପଦା
ବାଲେଶ୍ୱର - ୭୫୬୦୨୭, ମୋ ନଂ. - ୭୦୬୪୫୦୫୭୯୪

ଜୀବନକୁ ଜାଣିବାର,ବଞ୍ଚିବାର ଗାଢ ସବୁଜିମାରେ ପରିପୂର୍ଣ୍ଣ "ସ୍ଥାବରଜଙ୍ଗମ" ଉପନ୍ୟାସର ବନଭୂଇଁ। ସେଠାରେ ପ୍ରତ୍ୟେକଙ୍କର ପ୍ରାଣଶକ୍ତି ରହିଛି। ସେମାନେ ନିଜ ନିଜ ପ୍ରକୃତି, ପ୍ରବୃତ୍ତି ଏବଂ ଅନୁଭବ ଅନୁରୂପେ ଜୀବନକୁ ଉପଭୋଗ  କରନ୍ତି। ବଞ୍ଚିବାକୁ ଅହରହ ସଂଘର୍ଷ କରନ୍ତି। ସେଠାରେ ନିର୍ଜୀବ କାଠଗଣ୍ଡିର ବି ଜୀବନୀଶକ୍ତି ରହିଛି। ତା ଦେହରେ ମାତି ଉଠିଥିବା ଶିଉଳିର ମଧ ଜୀବନକୁ ନେଇ ଭିନ୍ନ ଦୃଷ୍ଟିକୋଣ ରହିଛି। କ୍ଷୁଦ୍ର ଆୟୁଷର ପରଜୀବୀ ଛତୁଟିଏକୁ ନେଇ ସେ ଆଶଙ୍କିତ ହୁଏ। ଜୀବନ ସଂଘର୍ଷ ଈର୍ଷା ହୋଇ ତା' ଭାଷାରୁ ମହମହ ବାସେ। ପକ୍ଷୀଠାରୁ ମାଙ୍କଡ, ଉଦ୍ଭିଦ, ଛତୁ ପର୍ଯ୍ୟନ୍ତ ସମସ୍ତ ଚରିତ୍ର ଏହି ବନଭୂଇଁରେ ସବୁଜ ସତେଜତାର ମନ୍ତ୍ର ଉଚ୍ଚାରଣ କରନ୍ତି। ପରୀକ୍ଷାର ଚରମପତ୍ର ନେଇ ଏଠାରେ ଅନ୍ଧାର ଆସେ। ମନରେ ଅପର୍ଯ୍ୟାପ୍ତ ଲଢ଼ିବାର ଶକ୍ତି ଭରି ଦେଇ ପୁଣି ସକାଳର ସୂର୍ଯ୍ୟ ଉଏଁ। ଆଲୁଅ ହେବା ଆଗରୁ, ନିଜକୁ ଚିହ୍ନାଇ ଦେଇଯାଏ, ଅନ୍ତର୍ନିହିତ ଶକ୍ତି ସତ୍ତାକୁ ଉଜାଗର କରାଇଦିଏ ଏବଂ ଜୀବନକୁ ବୁଝାଇ ଦେଇଯାଏ ଶର୍ବରୀ। ଏଠାରେ ସକାଳ ଗୋଟିଏ ଉର୍ଜା; ସମ୍ଭାବନାର, ନବଉନ୍ମେଷର। ଜନ୍ମ ଥରୁଟିଏ ମିଳେ, ଜୀବନ ବି, ମୃତ୍ୟୁ ବି। କେବେବି ନିଜକୁ ହରାଇ ଦେବାର ନାମ ଜୀବନ ନୁହେଁ ବରଂ ଶେଷ ପର୍ଯ୍ୟନ୍ତ ନିଜର ଅସ୍ତିତ୍ୱକୁ ହରିତ ରଖିବାର ନାମ ହିଁ ଜୀବନ। ଉପନ୍ୟାସ "ସ୍ଥାବରଜଙ୍ଗମ"ର କଥାବସ୍ତୁ ଭିତରେ ବିଚ୍ଛୁରିତ ହୋଇ ରହିଛି ଜୀବନାୟନର ଭୁରୁଭୁରୁ ବାସ୍ନା।

ବିଂଶ ଶତାବ୍ଦୀର ସତୁରୀ ଦଶକରୁ ଏଯାବତ୍ ଅବିରତ ଗଳ୍ପ ଏବଂ ସମାଲୋଚନା ରଚନାରେ ମଗ୍ନ ଥିବା କଥାକାର କଇଳାଶ ପଟ୍ଟନାୟକଙ୍କ ପ୍ରଥମ ଏବଂ ଏକମାତ୍ର ଉପନ୍ୟାସ ହେଉଛି "ସ୍ଥାବରଜଙ୍ଗମ" । ଏହା ପ୍ରଥମେ ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ସାହିତ୍ୟ ପତ୍ରିକା 'କାଦମ୍ବିନୀ'ରେ ୨୦୦୬ ମସିହା ଜୁଲାଇ ସଂଖ୍ୟାରେ ପ୍ରକାଶ ପାଇଥିଲା । ଔପନ୍ୟାସିକ କଇଳାଶ ପଟ୍ଟନାୟକଙ୍କ ସହ ଉକ୍ତ  ପତ୍ରିକାର ସମ୍ପାଦିକା ଇତି ସାମନ୍ତଙ୍କ ବାର୍ତ୍ତାଳାପ ସମେତ ସମଗ୍ର ଉପନ୍ୟାସଟି ୨୦୦୭ ମସିହା ଜୁଲାଇ ମାସରେ ପୁସ୍ତକ ଆକାରରେ ବଜାର ପ୍ରବେଶ କରିଥିଲା । ୧୯୮୭ ମସିହା ନଭେମ୍ବର ୧୧ ତାରିଖର ଶୀତୁଆ ସକାଳ କ୍ଲାସରେ 'ଉପାସନା ମନ୍ଦିର' ପାଖରେ କଥାକାର ଦେଖିଲେ ଦୁଇଟି ଚଢ଼େଇ ଖୁବ୍ ସ୍ୱାଭାବିକ ଭାବରେ ଖେଳାବୁଲା କରୁଥିଲେ । ସେଇ ଦୃଶ୍ୟଟି ଖୁବ୍ ସାଧାରଣ ହୋଇଥିଲେ ହେଁ "ସ୍ଥାବରଜଙ୍ଗମ" ପରି ଉପନ୍ୟାସ ରଚନା ପାଇଁ ଅନୁପ୍ରେରିତ କରିଥିଲା । ଏକ ଅପ୍ରତ୍ୟାଶିତ ଉଦ୍ଭାବନରୁ ଜନ୍ମ ନେଇଥିଲା ଉପନ୍ୟାସ । "ସ୍ଥାବରଜଙ୍ଗମ" ନାମକରଣରୁ ହିଁ ଉପନ୍ୟାସର ସ୍ୱାତନ୍ତ୍ର୍ୟ ବାରି ହୋଇପଡ଼େ । ନାମ ସାଙ୍ଗକୁ ପୁସ୍ତକର ପ୍ରଚ୍ଛଦ ଚିତ୍ର ପାଠକକୁ ଟାଣିନିଏ ଘୋର ଅରଣ୍ୟର ସବୁଜିମା ଭିତରକୁ । 'ସ୍ଥାବର' ଅର୍ଥାତ୍ ଚଳତ୍ ଶକ୍ତିହୀନ ଏବଂ 'ଜଙ୍ଗମ'ର ଅର୍ଥ ଗମନଶୀଳ । ସମଗ୍ର ଉପନ୍ୟାସର କଥାବସ୍ତୁ ସ୍ଥିର ଏବଂ ଗତିଶୀଳ ପ୍ରାଣୀମାନଙ୍କର ପାରସ୍ପରିକ ଅନୁବିପରୀତ କ୍ଷୋଭ  ଏବଂ ଅସନ୍ତୋଷକୁ ନେଇ ଆଗେଇଛି । ଶାଳଗଛର ଅଚଳ ହେବାର ଅସନ୍ତୋଷ ଏବଂ ପରିଧି ବାହାରେ ଥିବା ପୃଥିବୀକୁ ନେଇ ଜିଜ୍ଞାସା ଏକ ଏପରି ବାତାବରଣ ସୃଷ୍ଟିକରେ, ଯଦ୍ୱାରା ପ୍ରତ୍ୟେକ ଜନ୍ମ ଓ ଜୀବନର ମୂଲ୍ୟବୋଧକୁ ନୂଆକରି ଦେଖିବାର ସୁଯୋଗ ତିଆରି ହୁଏ । ଏହି ଉପନ୍ୟାସର ନାମକରଣରୁ  ନେଇ କଥାକାର କହନ୍ତି - "ନାଁଟିଏ ଭାବୁଥିଲି ଯା ଭିତର ଦେଇ ଗୋଟିଏ ବିଶାଳ ସମଗ୍ରତାର ଆଭାସ ମିଳୁଥିବ । ସେ ସମଗ୍ରତା କିଛି ଚିରାୟତ ସତ୍ୟକୁ, କିଛି ମୌଳିକ ଗୁଣାବଳୀକୁ ଯଥାବିଧି ଧାରଣ କରିବାକୁ କ୍ଷମ ହୋଇଥିବ । ଭାବୁଭାବୁ ବହୁ ଶବ୍ଦ ଆସିଲା କହିଗଲା, "ସ୍ଥାବରଜଙ୍ଗମ" । (ପଟ୍ଟନାୟକ କଇଳାଶ ସ୍ଥାବରଜଙ୍ଗମ, ପୃଷ୍ଠା-୮) ।

(୨) "ସ୍ଥାବରଜଙ୍ଗମ" ଉପନ୍ୟାସରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କୌଣସି ମାନବ ଚରିତ୍ରର ଅବତାରଣା କରି ନାହାନ୍ତି ଔପନ୍ୟାସିକ

। ସାହିତ୍ୟିକ ସମାଲୋଚନାର ବେଳାଭୂମିରେ ଉକ୍ତ ବୈଶିଷ୍ଟ୍ୟ ବା ବ୍ୟତିକ୍ରମକୁ ସଚେତନ ପରୀକ୍ଷା,ନିରୀକ୍ଷା ବା ପ୍ରୟୋଗ ବୋଲି କୁହାଯାଇପାରେ । ମାତ୍ର ଔପନ୍ୟାସିକ ପ୍ରୟୋଗ ପରୀକ୍ଷାର ଉର୍ଦ୍ଧ୍ୱରେ ଚଳତ୍‌ଶକ୍ତି ବିହୀନ ବାକ୍‌ଶକ୍ତିହୀନ ପ୍ରତିଟି ପ୍ରାଣର ଜୀବନ ଜିଜ୍ଞାସା, ପାରସ୍ପରିକ କ୍ରିୟା ପ୍ରତିକ୍ରିୟା, ଆବେଗ, ସଂଘର୍ଷକୁ ଉପନ୍ୟାସ ମାଧ୍ୟମରେ ଚିତ୍ରାୟିତ କରିଛନ୍ତି । ଗଛ, ମାଙ୍କଡ, କାଉ, ମଇଁଷି, କୁକୁଡା, ଶିଉଳି, ଛତୁ ସମସ୍ତେ ହୋଇଛନ୍ତି ବାକ୍‌ଶକ୍ତିର ଅଧିକାରୀ । ସେମାନଙ୍କର ପାରସ୍ପରିକ ଭାବ ବିନିମୟର ଯେ ଗୋଟିଏ ନିର୍ଦ୍ଦିଷ୍ଟ ଭାଷା ଅଛି, ଏହାକୁ ହୃଦ୍‌ବୋଧ କରିବା ପାଇଁ ଔପନ୍ୟାସିକଙ୍କୁ ଅନେକ ବିଶେଷଜ୍ଞଙ୍କ ବହିପତ୍ର ଅଧ୍ୟୟନ କରିବାକୁ ପଡ଼ିଛି । କେବଳ ଅଧ୍ୟୟନ କିନ୍ତୁ ପର୍ଯ୍ୟାପ୍ତ ହୋଇନପାରେ ଉଦ୍ଭିଦ, ପଶୁ, ପକ୍ଷୀ, ସରୀସୃପ, ଝିଙ୍ଗିର ନୀରବ ଶବ୍ଦକୁ ଭେଦିବାରେ। ଏଥିପାଇଁ ଔପନ୍ୟାସିକଙ୍କର ରହିଛି ଏକ ଜୀବେଦୟା ଭାବ, ସମ୍ବେଦନଶୀଳ ହୃଦୟ ଏବଂ ସୂକ୍ଷ୍ମ ପର୍ଯ୍ୟବେକ୍ଷଣ । ସେଥିପାଇଁ ତ ସେ ମାନବତୂଲ୍ୟ ଶବ୍ଦ ଏବଂ ଭାଷା ଖଞ୍ଜିଦେଇ "ସ୍ଥାବରଜଙ୍ଗମ"ର ଅନ୍ତରୀଣ ଇଚ୍ଛା ଓ ଆବେଗକୁ ପ୍ରକାଶ କରାଇ ପାରିଛନ୍ତି ଉପନ୍ୟାସ ମଧ୍ୟରେ । କେଉଁଠାରେ ବି ମଣିଷଟିଏର ଆବଶ୍ୟକତା ବା ଅଭାବବୋଧ ଅନୁଭବ ହୋଇନାହିଁ । ଏହିପରି ଏକ ଉଦ୍ଭିଦ ଏବଂ ପଶୁ-ପକ୍ଷୀ କୈନ୍ଦ୍ରିକ ଉପନ୍ୟାସ ରଚନା ପାଇଁ କଥାକାରଙ୍କୁ ଖୋରାକ୍ ଯୋଗାଇଥିଲା ଶାନ୍ତିନିକେତନର ସବୁଜ ପ୍ରାଙ୍ଗଣ । ଏତଦ୍ ବ୍ୟତୀତ ଓଡ଼ିଶାର ବିଭିନ୍ନ ବନ ପ୍ରକୃତି ଏବଂ ଆରଣ୍ୟକ ଉପଲବ୍ଧିର ଦୀର୍ଘଦିନର ପର୍ଯ୍ୟବେକ୍ଷଣ ଉପନ୍ୟାସର ରୂପ ନେଇଛି । ପ୍ରତି ପ୍ରାଣୀର ଜୀବନ ଅଛି ଏବଂ ଜୀବନ ଅଛି ମାନେ ଜୀବନକୁ ନେଇ ଅନ୍ୱେଷା ବି ଅଛି, ଅନୁଭବ ବି ରହିଛି। ତାହା ଏହି ଉପନ୍ୟାସର ପ୍ରତି ଛତ୍ରରେ ବେଶ୍ ଅନୁମେୟ । ପରୋକ୍ଷ ଭାବରେ ପୂର୍ବପଠିତ ପଞ୍ଚତନ୍ତ୍ର, ଜାତକକଥା, ହିତୋପଦେଶ, ବୃହତ କଥାସରିତ ସାଗର, ଡେକାମେରନ୍, ଈଶପସ୍ ଫେବୁଲ୍, ଥାଉଜେଣ୍ଡ୍ ଓ୍ୱାନ୍ ନାଇଟସ୍ ଏବଂ ରୁଡ଼ୟାର୍ଡ କିପ୍ଲିଂ ପରି ଅନେକ ପୁସ୍ତକର ପ୍ରଭାବ ଥାଇପାରେ । ମାତ୍ର ପ୍ରତ୍ୟକ୍ଷ ଭାବରେ ଉକ୍ତ ଉପନ୍ୟାସର କଥା, କାହାଣୀ ଏବଂ ତତ୍ ମଧ୍ୟଦେଇ ପ୍ରକାଶ ପାଉଥିବା କଥାକାରଙ୍କ ଉଦ୍ଦେଶ୍ୟ ମୌଳିକ ଏବଂ ସ୍ୱତନ୍ତ୍ର । ଏଥିରେ ପୂର୍ବଉଦ୍ଧୃତ ପୁସ୍ତକସମ ନୀତି ଆଦର୍ଶବୋଧକୁ ଗୁରୁତ୍ୱ ଦିଆଯାଇ ନାହିଁ । ଏଥିରେ ବାକ୍‌ଶକ୍ତିବିହୀନ ଚରିତ୍ର ମୁହଁରେ ଭାଷା ସଞ୍ଚାର କରାଯାଇ ମାନବିକତାର ମୂଲ୍ୟବୋଧର ଜୟଗାନ କରାଯାଇନାହିଁ । ମାତ୍ର କେତେକ କ୍ଷେତ୍ରରେ କେତୋଟି ମାନବୀୟ ମୌଳିକ ଗୁଣର ସଞ୍ଚାର ଘଟିଛି । ସାଂପ୍ରତିକ ସମାଜରେ ପରିଲକ୍ଷିତ କ୍ରମଶଃ କ୍ଷୟିଷ୍ଣୁ ମାନବିକତାକୁ ପୁର୍ନଜାଗରିତ କରିବାର ସୂକ୍ଷ୍ମ ଆହ୍ୱାନ ଏଥିରେ ଦେଖିବାକୁ ମିଳେ। ପ୍ରତି ଛତ୍ରେ ଅନୁଭୂତି, ଅଭିଜ୍ଞତା, ଦାର୍ଶନିକତା ଏବଂ ଯୌକ୍ତିକତା ପ୍ରଭାବ ବିସ୍ତାର କରିଛି ।

(୩)"ସ୍ଥାବରଜଙ୍ଗମ" ଉପନ୍ୟାସର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି - ଏଥିରେ ଆରୋପିତ ପ୍ରତିଟି ଚରିତ୍ର ଜୀବନର ଭିନ୍ନ ଭିନ୍ନ ସ୍ୱରୂପ ଏବଂ ସୋପାନକୁ ପ୍ରତିକୀତ କରୁଛନ୍ତି । ସମସ୍ତଙ୍କ ଜୀବନ ଏକା ପ୍ରକାର ନୁହେଁ । ପୁନଃଶ୍ଚ ପ୍ରତ୍ୟେକଙ୍କ ଜୀବନ ଭିନ୍ନ ଓ ସ୍ୱତନ୍ତ୍ର । ତାହ ହିଁ ସମଗ୍ର ଉପନ୍ୟାସରେ ଦେଖିବାକୁ ମିଳେ । ଯୁଆନ ଶାଳଗଛର ବିକ୍ଷୋଭରେ ଶାଗୁଆନର ପ୍ରବୋଧନା – "ଯେଉଁମାନେ ଦୌଡ଼ି ବୁଲୁଛନ୍ତି, ପଚାରିବୁ କେବେ ମାଟି ଭିତରଟା କେମିତି ଆମ ପରି ସେ ଜାଣନ୍ତି କି ? ଆରେ, ସମସ୍ତେ ସବୁକଥା ଜାଣିପାରନ୍ତି ନାହିଁ "। (ତତ୍ରୈବ ପୃଷ୍ଠା-୧୦) । ବାସ୍ତବିକ ଜୀବନ ପ୍ରତି କେତେ ଗଭୀର ଅନ୍ତର୍ବୋଧ ରହିଲେ ହିଁ ସହଜ କେଇଗୋଟି ଶବ୍ଦରେ ଏତେ ଗହନ କଥା କହିହେବ ! ଔପନ୍ୟାସିକ ଶାଗୁଣା, କାଉ ଏବଂ କୁକୁରର ମଡ଼ଖିଆ ପ୍ରସଙ୍ଗରେ ଭାରି ସୂକ୍ଷ୍ମ ଭାବରେ ବୁଝାଇ ଦେଇଛନ୍ତି ଜୀବନର ସଂଘର୍ଷକୁ । ବଞ୍ଚିବାକୁ ହେଲେ ସଂଘର୍ଷ କରିବାକୁ ପଡ଼ିବ । ଏଥିପାଇଁ ସାହସ ଦରକାର । ବରଗଛର ଅଭିଜ୍ଞତା ମଧ୍ୟ ତାହା କହେ – "ଯୁଦ୍ଧ ବିନା ଜୀବନ କାହିଁ" ? ସଂଗ୍ରାମ ବିନା ସୁଖ କାହିଁ" ? (ତତ୍ରୈବ ପୃଷ୍ଠା-୨୧)। ସେଠାରେ କରୁଣାର ସ୍ଥାନ ନାହିଁ, ଦୟା, ଉଦାରତା, ସହାନୁଭୂତିକୁ ପରିହାର କରି ଦୃଢ଼ମନରେ ଲଢ଼ିବା ହିଁ ବିଜୟର ବୀଜମନ୍ତ୍ର ବୋଲି ସେ ଶିଖିଛି ତମାମ୍ ଜୀବନରୁ । ମାଈ ମାଙ୍କଡଟି ଦଳଛଡା ହୋଇ ନାନା ଦୁର୍ଭାବନା, ଆଶଙ୍କାରେ ମ୍ରିୟମାଣ ହୋଇପଡୁଥିବା ବେଳେ ବନଭୂମି ଅଞ୍ଚଳ ଉପରେ କେମିତି ଧିରେ ଧିରେ ବହଳ ହୋଇଛି ଅନ୍ଧାର । ନିଜକୁ ନିଜେ ସହ ପରିଚିତ କରାଇଛି ତାର ଅସହାୟ ବିଜନତା। ଥନରେ ମୁଁହ ଯାକି ରହିଥିବା ଭବିଷ୍ୟତକୁ ନୂତନ ସକାଳର ଆଲୋକ ଦେଖାଇବାର ଟାଣୁଆ ସଂକଳ୍ପ ଘନ ଅନ୍ଧାରର ଛାତି ଚିରି ଦେଖାଇ ଦେଇଛି ରାସ୍ତା। ଜୀବନକୁ ପୁଣିଥରେ ନୂଆକରି ବଞ୍ଚିବାର ଉତ୍ସାହ ଜଗାଇଛି। ସେହିପରି ଅଣ୍ଡିରା କୁକୁଡାଟି ମାଈକୁକୁଡାର ପ୍ରେମରେ ମତୁଆଲା ଜୀବନକୁ ଉପଭୋଗ କରିଥିବା ବେଳେ ଛପିଛପି ଆସିଛି ବିକଟାଳ ମୃତ୍ୟୁ ହରାଇପାରିନି ତାକୁ, ତା' ଇଚ୍ଛାଶକ୍ତିକୁ। ପ୍ରେମ ପାଇଁ ମରୁମରୁ ଜୀବନକୁ ହାତମୁଠାରେ ଧରି ଭଙ୍ଗାଗୋଡ, ଭଙ୍ଗା ବେକ, ଅବସନ୍ନ ଦେହରେ ଫେରିଆସିଛି ମାଈ କୁକୁଡାର ସନ୍ଧାନରେ । ଏଠାରେ ଜୀବନ ବଞ୍ଚିବାର ତୀବ୍ର ଇଚ୍ଛା ପାଖରେ ନତମସ୍ତକ ହୋଇଛି ଏକାକୀତ୍ୱ, ଘୋର ଅନ୍ଧାରୀ ପ୍ରତିକୂଳତା ଏପରିକି ମୃତ୍ୟୁ । କେବଳ ଜୀବନ ଜିଜ୍ଞାସା ନୁହେଁ ପ୍ରତିଟି ଚରିତ୍ରର ଆତ୍ମଜିଜ୍ଞାସା ପରସ୍ପରକୁ ପରସ୍ପର ନିକଟରୁ ଭିନ୍ନ ଏବଂ ସ୍ୱତନ୍ତ୍ର ଭାବରେ ପ୍ରତୀତ କରୁଛି । ଜୀବନ ଜିଜ୍ଞାସାର ଆଦ୍ୟ ସୋପାନ ହେଉଛି ଆତ୍ମଜିଜ୍ଞାସା । ନିଜକୁ ନିଜେ ଚିହ୍ନିବା ପରେ ଅନ୍ୟର ଜୀବନ ଅପେକ୍ଷା ନିଜ ଜୀବନ ଉତ୍କୃଷ୍ଟ ବୋଲି ବୋଧ ହୁଏ । ଅନ୍ଧାର ହଟିଯିବା ବେଳକୁ ଔପନ୍ୟାସିକ ଗଞ୍ଜା, ମାଙ୍କିଡ଼ି, କାଠଗଣ୍ଡି ଆଖିରେ ଦେଖାଇ ଦେଇଛନ୍ତି କୋଚିଲାଖାଇ ଦମ୍ପତ୍ତି ଭିତରେ ନୂତନ ସମ୍ଭାବନାର ସ୍ୱପ୍ନ, ଆଗ୍ରହ ଏବଂ ବ୍ୟଗ୍ରତା । ଏହି ପ୍ରସଙ୍ଗର ବର୍ଣ୍ଣନା ମଧ୍ୟରେ ଔପନ୍ୟାସିକ ହିଂସାର ଦୁଇପ୍ରକାର ସ୍ୱରୂପକୁ ଦର୍ଶାଇଛନ୍ତି । ଗୋଟିଏ ହେଉଛି 'ସବୁଜ ହିଂସା' ଏବଂ ଅନ୍ୟଟି 'ଧୂସର ହିଂସା' । ନଦୀକୂଳରେ

ଥିବା ଗଣ୍ଡିର ଅଭିଜ୍ଞତାରେ ଉକ୍ତ ହିଂସା ଦ୍ୱୟର ସ୍ୱରୂପ ପ୍ରକାଶିତ ହୋଇଛି । କୁମ୍ଭାଟୁଆ ଅନ୍ୟର  ଅଣ୍ଡା ଖୁମ୍ପି ଖାଇବା ଆଚରଣ ଗଣ୍ଡିକୁ ଖୁବ୍ ବ୍ୟଥିତ କରେ । ମାତ୍ର ପିତାମାତା ହେବାର ସ୍ୱପ୍ନ ଏବଂ ସମ୍ଭାବନାରେ ସେମାନେ ହୋଇଯାଇଛନ୍ତି ସତର୍କ, ପ୍ରତିରକ୍ଷାଶୀଳ । ସୁନାରୀ ଗଛରେ ବସାବାନ୍ଧି କେଉଁ ଏକ ଚଢ଼େଇ ଦେଇଥିବା ଅଣ୍ଡାକୁ ସୁରକ୍ଷା ଦେବା ପାଇଁ ଉକ୍ତ ଗଛରେ ଚଢୁଥିବା ସାପଟିକୁ ଖୁମ୍ପି ନେଇ ଅନ୍ୟସ୍ଥାନରେ ପକାଇବାକୁ ହିଂସାର ସବୁଜ ରୂପ ବୋଲି କୁହାଯାଇଛି । ଅର୍ଥାତ୍ କୌଣସି ହିତ ପାଇଁ ଆଚରିତ ହିଂସ୍ରତା ହିଁ 'ସବୁଜ ହିଂସା' । ସେହିପରି ଗଞ୍ଜା ଉପରେ ହୋଇଥିବା ଶିଆଳର ନୃଶଂସତା ହେଉଛି ହିଂସାର ନିର୍ମମ ବା ଧୂସର ସ୍ୱରୂପ । ନିଜର ସାହସ ଏବଂ କୁକୁରଠାରୁ ହାରିବାର କ୍ଷୋଭରେ ସୃଷ୍ଟି ହୋଇଥିବା ଅହଂ ଆଗରେ ଅଭିଜ୍ଞ ବରଗଛର ଉପଦେଶକୁ  ଅଣଶୁଣା କରି କାଉ କରିବସିଛି ଗୋଟିଏ ହୀନ କାର୍ଯ୍ୟ । ମଇଁଷି ପଲ ଭିତରେ ନଇଁ ଆଡ଼େ ଯାଉଥିବା ଘାଉଆ ମଇଁଷି ପିଠିରେ  ବସି ଘା' ଉପରକୁ ଖୁମ୍ପା ମାରିବାରେ ସେ ଆତ୍ମସନ୍ତୋଷ ଲାଭ କରିଛି । ସାମାନ୍ୟ ଚଞ୍ଚୁଘାତରେ ଏତେ ବଳଶାଳୀ ମଇଁଷି ବେକ ଦୋହଲାଇ, କାତରିତ ହେବା, ରଡ଼ି କରିବାରେ, କାଉ ମୁଗ୍ଧ ହୋଇ ଯାଉଥିଲା । ଏତେବଡ଼ ପ୍ରାଣୀକୁ ଅସହାୟ କରିଦେବାର ନିଶାରେ ମତୁଆଲ ଥିଲା । ଗଞ୍ଜାର ମର୍ମନ୍ତୁଦ ଅବସ୍ଥାରେ କାଉଟି ଦେଖିଲା – "ଖାଦ୍ୟରେ ସାକାରୀଭୂତ ହୋଇଥିବା ଖାଦକର ଉଗ୍ର ହିଂସା" (ତତ୍ରୈବ, ପୃଷ୍ଠା-୬୯) । ଏହା କାଉର ପକ୍ଷୀତ୍ୱକୁ ଧିକ୍କାରୁଥିଲା ବାରମ୍ବାର । ନିଜ ଅହଂର ପତନକୁ ସେ ସହ୍ୟ କରିପାରୁନଥିଲା ।

ସାରା ଜଙ୍ଗଲର ଅନ୍ଧାରକୁ ଆଲୁଅ ଆଡକୁ ଯାତ୍ରାପଥରେ ଶାଳଗଛର ଅସ୍ଥିରତାର ନିଦାନ କିନ୍ତୁ କେହି ଦେଇପାରିନଥିଲେ । କେମିତିବା ଦିଅନ୍ତେ ? ଆତ୍ମଜିଜ୍ଞାସା ଅଭିଜ୍ଞତାକୁ ପାଥେୟ କରିବା ସହିତ ଜନ୍ମ ନିଏ ଜୀବନ ଜିଜ୍ଞାସା । ସେ ଦେଖିଛି ଗଞ୍ଜା ନିକଟରେ ବଞ୍ଚିବାର ଉତ୍କଟ ଆକାଂକ୍ଷା । ଯେତେବେଳ ଯାଏଁ ଶାଳଗଛ ଅନ୍ୟମାନଙ୍କୁ ପ୍ରଶ୍ନ କରି ଉତ୍ତର ଖୋଜିଛି, ସେପର୍ଯ୍ୟନ୍ତ ସେ ପାଇପାରିନି ସନ୍ତୁଷ୍ଟି । ମାତ୍ର ନିଜକୁ ପ୍ରଶ୍ନ କରି ନିଜ ଭିତରେ ଉତ୍ତର ଅନ୍ୱେଷଣରେ ସେ ପାଇଛି ଉତ୍ତର । ଔପନ୍ୟାସିକଙ୍କ ଭାଷାରେ – "କାହିଁକି ଅସ୍ଥିର ହଉଛି ମୁଁ ? ଶାଳ ଭାବିହେଲା । ପାଞ୍ଚଜଣରେ ଜଣେ ହେବ  ବା ହେବି ଜଣେ.... ଖାଲି ମାତ୍ର ଜଣେ ! ଗୁମ୍ ହୋଇଥିବା ପବନ ପୁଣି ଅଚାନକ ହାବୁକାହାବୁକା ହେଇ ଶାଳପାଖକୁ ଆସୁଥିଲା । ଶାଳର ପତ୍ର ଫୁଲରେ ସ୍ପନ୍ଦନ । ଶାଳ ନିଜ ଉତ୍ତର ନିଜଠି ଆବିଷ୍କାର କରିଥିଲା"। '(ତତ୍ରୈବ, ପୃ-୭୯)

"ସ୍ଥାବରଜଙ୍ଗମ" ଉପନ୍ୟାସର ଚରିତ୍ର ଭାବରେ ଚିତ୍ରଣ ହୋଇଥିବା ପ୍ରାଣୀ ବା ଉଦ୍ଭିଦ ଭିତରେ ହିଂସା, ଦ୍ୱେଷ, ଅହଂକାର, ନିର୍ମମତାକୁ ଚିତ୍ରଣ କରିବା ସହିତ ସ୍ନେହ, ମମତା, ଆବେଗ, ଆତ୍ମୀୟତା, ପ୍ରବଣତାକୁ ସମପରିମାଣରେ ଦେଖାଇଛନ୍ତି କଥାକାର । ତେବେ ଉଦାରତା, ତ୍ୟାଗ, ନମ୍ରତା, ଧୈର୍ଯ୍ୟ, ସହନଶୀଳତା ଯେ ମଣିଷ ସମାଜଠାରୁ ସେମାନଙ୍କ ନିକଟର ଅଧିକ  ମହନୀୟ ତାହା ପାଠକ ଉପଲବ୍ଧି କରିପାରନ୍ତି । ଉପନ୍ୟାସଟି ପଢ଼ିବା ପରେ ଗୋଟିଏ ସକାରାତ୍ମକ ଉର୍ଜା, ଜୀବନକୁ ନେଇ ଗୋଟିଏ ଯୁକ୍ତାତ୍ମକ ଅନୁଭୂତି ପାଠକକୁ ସ୍ପର୍ଶ କରେ । ବଞ୍ଚିବାର ନାଁ ହିଁ ଜୀବନ ନତୁବା ମୃତ୍ୟୁକୁ ଜୀବନ ବୋଲି କୁହାଯାଇପାରନ୍ତା । ପ୍ରତିକୂଳତାରେ ହାରିବା ନୁହେଁ ଯୁଦ୍ଧକରି ଜିତିବାର ପ୍ରେରଣା ଉପନ୍ୟାସସ୍ଥ ସମଗ୍ର କଥାବସ୍ତୁରେ ବିଦିତ । ସାହିତ୍ୟ ରଚନା କାଳରେ ଲେଖକଙ୍କର ସମାଜ ପ୍ରତି ପ୍ରତିବଦ୍ଧତା ବା ଦାୟିତ୍ୱବୋଧକୁ ପର୍ଯ୍ୟବେକ୍ଷଣ କରାଯାଇଥାଏ । ଉକ୍ତ ଉପନ୍ୟାସରେ ଔପନ୍ୟାସିକ, ଜୀବନ ବଞ୍ଚିବାକୁ  ଏକ ସଜଳ ଉଦ୍‌ବେଗର ପ୍ରବାହ ଭିତରେ ପାଠକକୁ ଆଗକୁ ବଢ଼ିବାର ଆହ୍ୱାନ ଦେଇଛନ୍ତି ।

(୪) ଆଲୋଚ୍ୟ ଉପନ୍ୟାସରେ ସ୍ୱଳ୍ପ ଚରିତ୍ର ମାଧ୍ୟମରେ ଉପନ୍ୟାସର କାହାଣୀ ହୋଇଛି ଗତିଶୀଳ। ଏଥିରେ କୌଣସି ନିର୍ଦ୍ଦିଷ୍ଟ କଥାନକ ବା ପ୍ଲଟ୍ ଦିଆଯାଇନାହିଁ। ଦୀର୍ଘ ବର୍ଣ୍ଣନାଧର୍ମୀତା ଏବଂ ବିଶ୍ଳେଷଣର ଗୁରୁତ୍ୱ ହ୍ରାସ ପାଇ କଥନରେ ସୂଚନାଧର୍ମୀତା ଉକ୍ତ ଉପନ୍ୟାସରେ ପ୍ରାଧାନ୍ୟ ଲାଭ କରିଛି। ସମଗ୍ର  ଉପନ୍ୟାସରେ ସ୍ଥାନ, କାଳ, ପାତ୍ରର କ୍ରମିକତା ନଥିବ ଲକ୍ଷ୍ୟ କରାଯାଏ। ମାତ୍ର ଖୁବ୍ ସରଳ ତରଳ ଗତିରେ କାହାଣୀ ପ୍ରବାହିତ ହୋଇଚାଲେ, କୌଣସି ସ୍ଥାନରେ ବ୍ୟାଘାତ ସୃଷ୍ଟି ହୁଏ ନାହିଁ। ଉପନ୍ୟାସସ୍ଥ ବିଷୟବସ୍ତୁ ଯାହା ହେଉନା କାହିଁକି, ତା'ର ପରିବେଷଣ ଶୈଳୀରେ ଚମତ୍କାରିତା ପାଠକଙ୍କୁ ମନ୍ତ୍ରମୁଗ୍ଧ କରି ରଖେ। ପାରମ୍ପରିକ ନାୟକ, ଖଳନାୟକର ସଂଘର୍ଷ ନୁହେଁ ଜୀବନର ଅଭିବ୍ୟକ୍ତି ହିଁ ଏହି ଉପନ୍ୟାସର ମୁଖ୍ୟ ଆଭିମୁଖ୍ୟ। ଏଥିରେ ପ୍ରତ୍ୟକ୍ଷୀଭୂତ ଭାବ ଓ ଅବରୋଧତାର ଖଣ୍ଡିତ ଚିତ୍ର ରହିଛି। ସାମ୍ପ୍ରତିକ ଯୁଗାଭାବକୁ ସ୍ୱଗତଃ ଭାଷଣ, ଚିତ୍ରକଳ୍ପ ଏବଂ ପ୍ରତୀକ ମାଧ୍ୟମରେ ଉକ୍ତ ଉପନ୍ୟାସରେ ସୂଚାଇ ଦିଆଯାଇଛି। ଉପରୋକ୍ତ ବିନ୍ଦୁଗୁଡିକୁ ଦେଖିଲେ "ସ୍ଥାବରଜଙ୍ଗମ" ଅଣ-ଉପନ୍ୟାସର ସମସ୍ତ ଲକ୍ଷଣ ବହନ କରେ। ଦ୍ୱିତୀୟ ବିଶ୍ୱଯୁଦ୍ଧର ପରବର୍ତ୍ତୀ ସମୟରେ ଅସ୍ତିତ୍ୱବାଦ ସହ ଅଣ-ଉପନ୍ୟାସ (ଇଭଶ୍ୱସ-ଭକ୍ଟଙ୍ଗରକ୍ଷ) ରଚନାର ଧାରା ସାହିତ୍ୟରେ ପ୍ରଚଳିତ ହୋଇଥିଲା। ଫରାସୀ ଉପନ୍ୟାସରେ ଏଇ ଧରଣର ପରୀକ୍ଷା ପ୍ରଥମେ ୧୯୪୮ ମସିହାରେ ଔପନ୍ୟାସିକା ନାତାଲି ସାରାଟ୍ (ଘବଶ୍ୱକ୍ଷବକ୍ଷସର ଝବକ୍ସକ୍ସବଙ୍କଶ୍ୱର) ଙ୍କ ଦ୍ୱାରା ହୋଇଥିଲା। ମାତ୍ର ୧୯୩୬ ମସିହାରେ ଓଡ଼ିଆ କଥା ସାହିତ୍ୟକ ସଚ୍ଚିଦାନନ୍ଦ ରାଉତରାୟଙ୍କ 'ଚିତ୍ରଗ୍ରୀବ'ରେ ଅଣ-ଉପନ୍ୟାସ ଭାବରେ ଗ୍ରହଣ କରାଯାଇଛି। ସେହିପରି ଏକବିଂଶ ଶତାବ୍ଦୀର (ପରୀକ୍ଷାଧର୍ମୀ) ଓଡ଼ିଆ ଅଣ-ଉପନ୍ୟାସ କ୍ଷେତ୍ରରେ ଔପନ୍ୟାସିକ କଇଳାଶ ପଟ୍ଟନାୟକଙ୍କ "ସ୍ଥାବରଜଙ୍ଗମ" ଏକ ପ୍ରକୃଷ୍ଟ ଉଦାହରଣ।

❖❖❖

# ଭାବବୈଚିତ୍ର୍ୟର ଅନୁଶୀଳନରେ ସରୋଜିନୀ ସାହୁଙ୍କ ଉପନ୍ୟାସ



ISSN-2583-6978
Volume-3
Issue-8
AUGUST-2023

**ଡ .ଜ୍ୟୋତ୍ସ୍ନା ରାଣୀ କର**

**ସହକାରୀ ଅଧ୍ୟାପିକା**
**ମଡେଲ ଡିଗ୍ରୀ କଲେଜ, ନୟାଗଡ**

ନାରୀ ବିଧାତାଙ୍କ ସୃଷ୍ଟିର ସବୁଠାରୁ କମନୀୟ ପରିକଳ୍ପନା ।ଶାରୀରିକ ଭିନ୍ନତା ସତ୍ତ୍ୱେ ସ୍ତ୍ରୀମାନେ ପୁରୁଷମାନଙ୍କର ସମାସ୍କନ୍ଦ, ଏପରିକି କିଛି ବିଷୟରେ ସେମାନଙ୍କଠାରୁ ଉତ୍କୃଷ୍ଟ ଓ ସେମାନେ ପୁରୁଷଙ୍କ ସହ ସମାନ ରାଜନୀତିକ,ଆର୍ଥନୀତିକ ଓ ସାମାଜିକ ଇତ୍ୟାଦି ଅଧିକାର ପାଇବା ଉଚିତ ବୋଲି ବିଶ୍ୱାସ କରୁଥିବା ଭାବଧାରାକୁ ବାମାବାଦୀ ଚେତନାର ପରିସର ଭୁକ୍ତ କରାଯାଇଥାଏ । ଶିକ୍ଷା ଓ ବୃତ୍ତି କ୍ଷେତ୍ରରେ ସମାନ ସୁବିଧା ସୁଯୋଗ ଏହାର ଅନ୍ତର୍ଭୁକ୍ତ । ନାରୀମାନଙ୍କର ମତ ସାବ୍ୟସ୍ତ କରିବା ଅଧିକାର, କୌଣସି ଦପ୍ତରକୁ ପରିଚାଳନା କରିବାର ସୁଯୋଗ, ସମାନ କାର୍ଯ୍ୟ ପାଇଁ ସମାନ ଅର୍ଥ ବ୍ୟବସ୍ଥା ,ବିବାହ କ୍ଷେତ୍ରରେ ନାରୀକୁ ପୁରୁଷ ପରି ସମାନ ଅଧିକାର,ମାତୃତ୍ୱ କାଳୀନ ଛୁଟି ଆଦିରେ ଅଧିକାର ଇତ୍ୟାଦି ଏହି ଚିନ୍ତାଧାରାର ପ୍ରଚାରଧର୍ମୀ ଲକ୍ଷ୍ୟ । ଜଣେ ମହିଳା ନିଜର ଶରୀର ଉପରେ ପୂର୍ଣ୍ଣ ଅଧିକାର ପାଇବା, ବିଭିନ୍ନ ପ୍ରକାର ଘରୋଇ ହିଂସା ଓ ଶାରୀରିକ ଅତ୍ୟାଚାରରୁ ନିଜକୁ କିପରି ଦୂରେଇ ରଖିପାରିବ ସେ ଉପରେ ମଧ୍ୟ ଏହି ମତବାଦ ଧ୍ୟାନ ଦେଇଥାଏ ।

ଇଂରାଜୀ ‘feminism’ଶବ୍ଦଟି ପ୍ରଥମେ ,ଫ୍ରାନ୍ସ ସମାଜବାଦୀ ତଥା ଦାର୍ଶନିକ charles fourier ,୧୭୩୭ ରେ ସୃଷ୍ଟି କରିଥିଲେ। ପରେ ଏହି ଶବ୍ଦଟି ୧୮୭୨ ରେ ନେଦରଲ୍ୟାଣ୍ଡ ,୧୮୯୦ ରେ ଗ୍ରେଟ ବ୍ରିଟେନ,୧୯୧୦ ରେ ୟୁନାଇଟେଡ ଷ୍ଟେଟସ ଅଫ ଆମେରିକାରେ ତଥା ୧୮୫୨ରେ ଅକ୍ସଫୋର୍ଡ ଇଂଲିଶ ଡିକ୍ସନାରୀରେ ସ୍ଥାନ ପାଇଥିଲା । ଅନେକ ପାଶ୍ଚାତ୍ୟ ବାମାବାଦୀ ଐତିହାସିକ ନାରୀମାନଙ୍କର ଅଧିକାରର ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ବାମାବାଦୀ ଆନ୍ଦୋଳନ କୁହାଯାଏ । ବାମାବାଦୀ ସମାଲୋଚନା ଧାରାର ଜଣେ ପୁରୋଗାମୀ ବ୍ୟକ୍ତିତ୍ୱ ହେଲେ ,Virginia Woolfସେ ତାଙ୍କର ‘A room of one’s own’(୧୯୨୯)ପୁସ୍ତକ ଏବଂ ଅନ୍ୟାନ୍ୟ ପ୍ରବନ୍ଧମାନଙ୍କରେ ପ୍ରକାଶ କରିଛନ୍ତି ଯେ ପୁରୁଷ ପ୍ରଧାନ ଆମ ସମାଜରେ ମହିଳାମାନେ ନିଜର ଉତ୍ପାଦନ ଧର୍ମିତା ଓ ସୃଜନଶୀଳ ସମ୍ଭାବନା ସମ୍ପର୍କରେ ଧାରଣା କରିପାରନ୍ତି ନାହିଁ । ଫ୍ରାନ୍ସର Simone De Beauvoir u ‘The Second Sex’(୧୯୪୯)ପୁସ୍ତକରେ ନାରୀର ଶାରୀରିକ ,ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣର ବିଶଦ ଆଲୋଚନା ଦେଖିବାକୁ ମିଳେ ।ନାରୀବାଦୀ ଦୃଷ୍ଟିକୋଣରୁ ମଣିଷ ସଭ୍ୟତାକୁ ବିଚାର କରିବାରେ ଏହା ଏକ ଉତ୍ତମ ପୁସ୍ତକ ।ସମାଜରେ ନାରୀର ଦ୍ୱିତୀୟ ସ୍ଥାନ ତାଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି ।ତାଙ୍କ ପୁସ୍ତକର ବହୁ ଚର୍ଚ୍ଚିତ ଧାଡି “one is not born ,but rather becomes,woman”.ନାରୀତ୍ୱର ପାର୍ଥକ୍ୟ ଶାରୀରିକ ,ମାନସିକ କିମ୍ବା ବୌଦ୍ଧିକ କାରଣରୁ ଆସେ ନାହିଁ । ବରଂ ସଭ୍ୟତାର ପ୍ରଥମ ପାହାଚରୁ ଏଭଳି ଏକ ପାର୍ଥକ୍ୟ ପୁରୁଷ ଓ ନାରୀ ମଧ୍ୟରେ ଗଢା ହୋଇ ରହିଛି । ନାରୀଟିଏ ଅବଳା ବା ସ୍ୱଚ୍ଛ ଶକ୍ତି ସମ୍ପନ୍ନ ହୋଇ ଜନ୍ମ ହୋଇନଥାଏ ।ବରଂ ଆମ ସମାଜର ଦୁରନ୍ତ ଅଭିସନ୍ଧି ପିଲାଦିନରୁ ନାନା କଥାର ବାରଣ ମଧ୍ୟରେ ନାରୀକୁ ଦୁର୍ବଳା ଅବଳା ସଜେଇଦିଏ ।

ଆମ ଭାରତବର୍ଷର ପ୍ରାଚୀନ କାଳରୁ ନାରୀମାନଙ୍କୁ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରାଯାଇଛି । ସଂସ୍କୃତରେ ‘ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟତେ ରମ୍ୟନ୍ତେ ତତ୍ର ଦେବତା ‘ କଥାଟିର ଉଲ୍ଲେଖ ରହିଛି । ପୁରାଣମାନଙ୍କରେ ଅନେକ ମହିୟସୀ ନାରୀ ଚରିତ୍ର ଆମର ଦୃଷ୍ଟି ଆକର୍ଷଣ କରନ୍ତି । ଦ୍ରୌପଦୀ ,କୁନ୍ତୀ,ସୀତା ,ସାବିତ୍ରୀ ,ମନ୍ଦୋଦରୀ , ତାରା ଆଦି ନାରୀମାନେ ପ୍ରାତଃ ସ୍ମରଣୀୟ ଅଟନ୍ତି ।ସେମାନଙ୍କ ପବିତ୍ର ନାମ ଉଚ୍ଚାରଣରେ ଶୁଦ୍ଧତା ପ୍ରାପ୍ତି ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି ।ପ୍ରାଚୀନ ଓଡ଼ିଆ ସାହିତ୍ୟରେ ସାରଳା ଦାସ,ବଳରାମ ଦାସ ପ୍ରମୁଖ କବିମାନେ ନାରୀଙ୍କୁ ଉଚ୍ଚାସନ ପ୍ରଦାନ କରିଛନ୍ତି ।ବଳରାମ

ଦାସଙ୍କ 'ଲକ୍ଷ୍ମୀପୁରାଣ'ରେ ମହାଲକ୍ଷ୍ମୀ ବଡ଼ଦେଉଳ ତ୍ୟାଗ କରି ଚାଲିଯିବା ପରେ ବଳଭଦ୍ର ଓ ଜଗନ୍ନାଥ ମହାପ୍ରଭୁଙ୍କ ଦୁର୍ଗତି କାହାକୁ ବା ଅଜଣା ଅଛି ।

କିନ୍ତୁ ମୋଗଲ,ମରହଟ୍ଟା ଆଦିଙ୍କ ଶାସନ ସମୟରେ ନାରୀଙ୍କ ପ୍ରତି ଅତ୍ୟାଚାର ସେମାନଙ୍କୁ ଅସୂର୍ଯ୍ୟମ୍ପଶ୍ୟା କରିଦେଲା ।ଏକ ସୀମାରେଖା ମଧ୍ୟରେ ନିଜର ମନୋଭାବକୁ ଚାପି ରଖିବା ପାଇଁ ସେମାନେ ବାଧ୍ୟ ହେଲେ।ସତୀଦାହ ପ୍ରଥା ବାଲ୍ୟ ବିବାହ,ପରଦା ପ୍ରଥା ମାଧ୍ୟମରେ ନାରୀ ନିଜର ମର୍ଯ୍ୟାଦାକୁ ଏରୁଣ୍ଡି ବନ୍ଧା ଭିତରେ ସୀମିତ ରଖିଲା । ଶିକ୍ଷା ଓ ସଭ୍ୟତାର କାଉଁରୀସ୍ପର୍ଶରେ ଆଜିର ନାରୀ ସଚେତନ ହୋଇଛି ଓ ନିଜ ପାଇଁ ସ୍ୱର ଉତ୍ତୋଳନ କରିବାର ସାମର୍ଥ୍ୟ ଏକଜୁଟ କରିଛି । ଓଡ଼ିଆ ଉପନ୍ୟାସର ନାରୀ ଚରିତ୍ରର ଉତ୍ତରଣକୁ ଲକ୍ଷ୍ୟ କରିବାକୁ ହେଲେ ଆମ ସମ୍ମୁଖରେ ଅନେକ ଉପନ୍ୟାସ ଧାଡି ବାନ୍ଧି ଠିଆ ହୁଅନ୍ତି । ସାଧାରଣତଃ ନାରୀ ମନର ଅକୁହା ବେଦନାକୁ ଉପନ୍ୟାସରେ ସ୍ଥାନ ଦେଇ ନାରୀ ଜୀବନର ଚିତ୍ର ପ୍ରକାଶ ପାଉଥିଲା। ବୈଷ୍ଣବ ଚରଣ ଦାସଙ୍କ 'ମନେ ମନେ '(୧୯୨୬) ,ସବୁଜ ଯୁଗର ନଅ ଜଣ ସ୍ରଷ୍ଟାଙ୍କ ମିଳିତ ଉଦ୍ୟମରେ ରଚିତ 'ବାସନ୍ତୀ '(୧୯୩୧) ଉପନ୍ୟାସ ,ଉପେନ୍ଦ୍ର କିଶୋର ଦାସଙ୍କ 'ମଲାଜହ୍ନ'(୧୯୨୮) ଆଦିରେ ନାରୀ ଜୀବନର ନିଚ୍ଛକ ଚିତ୍ର ଦେଖିବାକୁ ମିଳେ । ପରବର୍ତ୍ତୀ ସମୟରେ 'ବଧୂ ନିରୁପମା','ଶାସ୍ତି', 'ଝଞ୍ଜା', 'ପ୍ରତିଭା', 'ଦାନାପାଣି' ପରି ଅନେକ ଉପନ୍ୟାସରେ ନାରୀ ଜୀବନର ଉତ୍ଥାନ ପତନ,ତା ପ୍ରତି ହେଉଥିବା ଅତ୍ୟାଚାର ଓ କେତେକ ଉପନ୍ୟାସରେ ଏଥିପ୍ରତି ଆନ୍ଦୋଳନାତ୍ମକ ମନୋଭାବ ତଥା ଅନ୍ୟ କେତେକ କ୍ଷେତ୍ରରେ ଦୈବୀ ପ୍ରଭାବ ପ୍ରସୂତ ବୋଲି ଦର୍ଶାଯାଇଛି ।

ସୁଲେଖିକା କବିତା ବାରିକ ନାରୀବାଦ ସମ୍ବନ୍ଧରେ ନିଜ ମତ ରଖି କୁହନ୍ତି ,'ନାରୀବାଦ ଭିତରେ ରହେ ନାରୀର ଆଶା,ଆକାଂକ୍ଷା, କାରୁଣ୍ୟ ,ସଂଘର୍ଷ ସର୍ବୋପରି ନାରୀର ନିଜସ୍ୱ ବ୍ୟକ୍ତିଗତ ଦୁନିଆ । ତାର ଚେତନ ଅବଚେତନ ମନର ଅକୁହା କଥା । ନାରୀ ମୁକ୍ତ ଓ ସ୍ୱାଭାବିକ ଭାବରେ ତା ନିଜ ଜୀବନ କଥା ବା ଅନୁଭୂତି କହିବାଟା ହିଁ ନାରୀବାଦ ।'ଅନେକ ଔପନ୍ୟାସିକା କୌଣସି ନାରୀ ଚରିତ୍ରର ଅନ୍ତଃବିଶ୍ଳେଷଣ କଲାବେଳେ ଏକ ଲଜ୍ଜାମିଶ୍ରିତ ସ୍ୱର ଶୁଣିବାକୁ ମିଳେ। କିନ୍ତୁ ଆମ ସମୟର ବିଶିଷ୍ଟ ବାମାବାଦୀ ଗାଳ୍ପିକା ଓ ଔପନ୍ୟାସିକା ଡକ୍ଟର ସରୋଜିନୀ ସାହୁ ତାଙ୍କର ସୃଷ୍ଟିରେ କୌଣସି ଆଢୁଆଳ ରଖନ୍ତି ନାହିଁ ।ଏକ ସାକ୍ଷାତକାରରେ ସେ କହିଥିଲେ :

"Writing for me is a muse,a monologue ,a kind of self intercourse .When nobody is there and you are going to open yourself ,to whom you would inhibit ?"

ସାହିତ୍ୟିକା ସରୋଜିନୀ ସାହୁ ୧୯୫୬ ମସିହା ଜାନୁଆରୀ ୪ ତାରିଖରେ ଭୂମିଷ୍ଠ ହୋଇଥିଲେ ।ସେ ଜଣେ ଭାରତୀୟ ବାମାବାଦୀ ଲେଖିକା ,ଦି ନିଉ ଇଣ୍ଡିଆନଏକ୍ସପ୍ରେସର ସ୍ତମ୍ଭକାର,ଇଣ୍ଡିଆନ ଏଜ ପତ୍ରିକାର ସହଯୋଗୀ ସମ୍ପାଦକ ଭାବେ କାମ କରିଛନ୍ତି ।ସାମ୍ପ୍ରତିକ ଭାରତୀୟ ସାହିତ୍ୟରେ ବାମାବାଦୀ ଚେତନାଧର୍ମୀ ଲେଖା କ୍ଷେତ୍ରରେ ସେ ଜଣେ ଆଗ ଧାଡ଼ିର କଥାଶିଳ୍ପୀ ।ତାଙ୍କର ସୃଜନ କଳାରେ ନାରୀର ଗୁରୁତ୍ୱ ପ୍ରାଚୀନ ପରମ୍ପରା ଓ ସମାଜର ପରିସୀମା ଅତିକ୍ରମ କରି ଏକ ନୂତନ ଦିଗନ୍ତର ଉନ୍ମୋଚନ କରିଛି ।ନାରୀ ସହିତ ସଂଶ୍ଲିଷ୍ଟ ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକୁ ସେ ଅତି ସ୍ୱଚ୍ଛତାର ସହ ତାଙ୍କ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସମାନଙ୍କରେ ପ୍ରକାଶ କରିପାରିଛନ୍ତି ।

ପ୍ରାଚୀନ କାଳରୁ ନାରୀ ପାଇଁ ଏକ ଅଦେଖା ଲକ୍ଷ୍ମଣରେଖାର କଳ୍ପନା ଆମ ସମାଜରେ ରହିଛି । ନାରୀ ତାର ଅପୂର୍ଣ୍ଣ କାମନାକୁ ସର୍ବସମକ୍ଷରେ ଉଲ୍ଲେଖ କରିପାରେନାହିଁ । ସ୍ୱାମୀଙ୍କୁ ସନ୍ତୁଷ୍ଟ କରିବା ,ସନ୍ତାନକୁ ଗର୍ଭରେ ଧାରଣ କରି ଜନ୍ମ ଦେବା ,ଲାଳନ ପାଳନ କରିବା ମଧ୍ୟରେ ନାରୀଟିଏ ବିସ୍ମୃତ ହୋଇଯାଏ ନିଃସର୍ତ୍ତ ପ୍ରେମକୁ । ଯଦି କେବେ ଏହି ସାବଲୀଳ ଅନୁଭବକୁ ସେ ସର୍ବସମକ୍ଷରେ ପ୍ରକାଶ କରେ ,ତେବେ ସେ ହୋଇଯାଏ ଦୋଚାରୁଣୀ,ଅସ୍ପୃଶ୍ୟା ।ସରୋଜିନୀ ସାହୁଙ୍କର ପ୍ରତିଟି ଉପନ୍ୟାସକୁ ଏହି ଦୃଷ୍ଟିରୁ ଆଲୋଚନା କରାଯାଇପାରେ ।ତାଙ୍କର ଉପନ୍ୟାସ 'ପ୍ରତିବନ୍ଦୀ' (୧୯୯୯)ର ନାୟିକା ଡାକ୍ତରାଣୀ ପ୍ରିୟଙ୍କା ଜୀବନରେ ଏଭଳି ଚରିତ୍ରମାନଙ୍କୁ ଭେଟିଛି ଯେଉଁମାନେ କେବଳ ପୁରୁଷ ହୋଇଥିବାରୁ ନିଜକୁ ଶ୍ରେଷ୍ଠ ମାନନ୍ତି । ପିଲାଦିନେ ଯଦି ପ୍ରିୟଙ୍କା ଖବରକାଗଜ ଧରି ପଢି ବସେ ତେବେ ତାର ଭାଇ ରନି ସୂଚେଇ ଦିଏ ଯେ ଏଇଟା ଝିଅମାନଙ୍କର କାମ ନୁହେଁ ।ବସ ର କ୍ଲିନର ପିଲାଟିର ଦାୟିତ୍ୱବୋଧ ବେଳେବେଳେ ପ୍ରିୟଙ୍କାକୁ ଅସହ୍ୟ ମନେହେଉଥିଲା ।ଝିଅମାନେ ମହାକାଶରେ ପାଦ ଥାପିଲେଣି ,ତଥାପି ଏତେ ସୁରକ୍ଷାର ପ୍ରଶ୍ନ ଉଠୁଛି। ନୂଆକରି ସରଗପାଲି ସି ଏଚ ସି କୁ ଡାକ୍ତରାଣୀ ହୋଇ ଯାଇଛି , ସେଠାକାର ପରିବେଶ ତାକୁ ଅସ୍ୱାଭାବିକ ମନେହୋଇଛି ।ମେଡିକାଲ ଅଫିସର ଆଦିକନ୍ଦ ବାବୁ ନିଜେ ନିଜରକର୍ତ୍ତବ୍ୟ ଠିକ ଭାବରେ ସମ୍ପାଦନ କରୁନଥିଲେ ମଧ୍ୟ ପ୍ରିୟଙ୍କା ଉପରେ କଡା ନଜର ରଖନ୍ତି। କୁମାରୀ ମାତାର ଗର୍ଭପାତ କରାଇବା କାର୍ଯ୍ୟରେ ଲିପ୍ତ କରାଇବାକୁ ଚାହିଁଥିବା ଆଦିକନ୍ଦଙ୍କୁ ,ପ୍ରିୟଙ୍କା ସିଧାସଳଖ ପ୍ରତିବାଦ କରିଛି । ପ୍ରତି ବଦଳରେ ଅକାରଣରେ ଅନେକ ଅଯଥା କଥା ସହ୍ୟ କରିବାକୁ ପଡିଛି । ପ୍ରିୟଙ୍କା ରୋଗୀ ନଥିବା ସମୟରେ ସାଇମନ ଦ ବୁଭର ଙ୍କ 'ଦ ସେକେଣ୍ଡ ସେକ୍ସ ' ବହି ପଢୁଥିଲା ବେଳେ ଆଦିକନ୍ଦ ଏପରି ବହି ସର୍ବ ସାଧାରଣରେ ପଢା ଯାଏ ନାହିଁ ବୋଲି କହିଛନ୍ତି। ଉତ୍ତରରେ ପ୍ରିୟଙ୍କା କହିଛି ' ସେକେଣ୍ଡ ସେକ୍ସ ଗୋଟେ ବାଜେ ବହି ନୁହେଁ ସାର। ଏଇଟି ଗୋଟିଏ ବେଶ ଚର୍ଚ୍ଚିତ ବହି।ସ୍ତ୍ରୀ ଲୋକଙ୍କର

ବାଇୟୋଲୋଜିକାଲ ଓ ସାଇକୋଲୋଜିକାଲ ପରିବର୍ତନ ଧ୍ୟାନ ଧାରଣା ଉପରେ ଆଧାରିତ ଗୋଟେସନ୍ଦର୍ଭ ।ମୂକ ବହି' । (୧)ସରୋଜିନୀ ସାହୁଙ୍କ ନାୟିକା ହିଁ କେବଳ ଏଭଳି ଦୃଢ ଉତ୍ତର ପ୍ରଦାନ କରିପାରେ।ଏମ ଏଲ ଏ ସୁଧାକର ବାବୁଙ୍କ ପ୍ରତି ବିତୃଷ୍ଣା , ଆଦିକନ୍ଦ ବାବୁଙ୍କ ମିଥ୍ୟା ଆରୋପ ଆଦି ପ୍ରିୟଙ୍କାଙ୍କୁ ପୂର୍ବତନ ଏମ ପି ବିପ୍ର ଆଚାର୍ଯ୍ୟଙ୍କ ପ୍ରତି ଏକ ଆସ୍ତି ସୂଚକ ପରିବେଶ ଯୋଗାଇ ଥିଲା। ଦୁହିଁଙ୍କ ମଧ୍ୟରେ ବୟସର ବ୍ୟବଧାନ ଥିଲେ ମଧ୍ୟ ପରସ୍ପର ପ୍ରତି ଅନ୍ତରଙ୍ଗ ହୋଇ ଯାଇଥିଲେ ଶାରୀରିକ ସ୍ତରରେ। କିନ୍ତୁ, ବିପ୍ର ଆଚାର୍ଯ୍ୟଙ୍କ ପ୍ରତାରଣା ତାକୁ ମାନସିକ ସ୍ତରରେ ଦୁର୍ବଳ କରି ଦେଇଛି। ପ୍ରିୟଙ୍କା ପଳାୟନ ବାଦୀ ନହୋଇ ନିଜର ଅସ୍ତିତ୍ୱକୁ ପ୍ରତିପାଦିତ କରିବା ନିମିତ୍ତ ସରଗପାଲି ନଛାଡିବା ପାଇଁ ଦୃଢ ପ୍ରତିଜ୍ଞ ହୋଇଛି। ଅନ୍ୟଜଣେ ନାରୀ ଚରିତ୍ର ମାନୀ , ଆଦିକନ୍ଦ ବାବୁଙ୍କ ପତ୍ନୀ, ନିଜର ଅପୂର୍ଣ୍ଣ ସଂସାରକୁ ନେଇ ସେ ଅସୁଖୀ।ନିଜ ଛାତି ଭିତରର ପେଡି ସାଇତା ଦୁଃଖ କୁ ସେ ସ୍ୱାମୀଙ୍କୁ ଦେଖାଇ ପାରନ୍ତି ନାହିଁ । ସ୍ୱାମୀଙ୍କ ପାଇଁ ହିଁ ତାଙ୍କର ଗୌରବ କ୍ଷୁର୍ଣ୍ଣ ହୋଇଛି ଜଣେଇ ପାରନ୍ତି ନାହିଁ। ଦାମ୍ପତ୍ୟ ଜୀବନ ସମ୍ପର୍କରେ ମାନୀ ଭାବନ୍ତି ' ସେ ବୋଧ ହୁଏ ସେ ଏତେ ଘୃଣା କରନ୍ତି ନାହିଁ ସ୍ୱାମୀ ନାମକ ଏହି ଜୀବଟିକୁ। ବିଚିତ୍ର ଏହି ଦାମ୍ପତ୍ୟ ଜୀବନ। ଅଭଲ ପାଇବା, ଅସନ୍ତୋଷରେ ବି ପରସ୍ପରକୁ ନହରେଇବାର ଲୋଭଟେ କୋଉଠି ରହିଥାଏ'। (୨)

ଲେଖିକାଙ୍କର ପରବର୍ତୀ ଉପନ୍ୟାସ 'ଗମ୍ଭିରି ଘର'(୨୦୦୬) ପାଠକ ମାନଙ୍କ ପାଖରେ ଏକ ନୂତନ ପୃଥିବୀର ସ୍ପର୍ଶ ପରି ମନେ ହୋଇଛି।ବାହ୍ୟତଃ ଜଣେ ହିନ୍ଦୁ ବିବାହିତା ରମଣୀ ସହିତ ଜଣେ ମୁସଲମାନ ପେଣ୍ଟର ର ଅସ୍ୱାଭାବିକ ସମ୍ପର୍କ ପରି ପ୍ରତୀୟମାନ ହେଉଥିଲେ ମଧ୍ୟ ନାରୀ ଜୀବନର ଅନେକ ଅକୁହା ବେଦନାର ସମ୍ଭାର ଏହି ଉପନ୍ୟାସ ରେ ରହିଛି।ଜଣେ ଗୃହିଣୀର ନିଃସଙ୍ଗତା, ବିଚ୍ଛିନ୍ନତାବୋଧ ତାକୁ ଏପରି ସ୍ତରକୁ ନେଇ ଯାଇଛି , ଯେଉଁଠି ସେ ଅନ୍ୟ ପୁରୁଷର ପ୍ରେମ କୁ ଇଣ୍ଟରନେଟ ରେ ଚିଠି ମାଧ୍ୟମରେ ଅନୁଭବ କରୁଛି। ଉପନ୍ୟାସର ନାୟିକା କୁକି ର ଗୋଟେ ପଟେ ତାର ସଂସାର, ସ୍ୱାମୀ ଅନିକେତ ଓ ଦୁଇ ପୁତ୍ର, ଅନ୍ୟପଟେ ମଲ୍ଲିଫୁଲ ଫୁଟା ମୁହୂର୍ତ୍ତ, ମହଣ ମହଣ ଭଲପାଇବା ମଧ୍ୟରେ ସେ ଦ୍ୱିଧାବିଭକ୍ତ ।ନାୟିକା କୁକି ପ୍ରାରମ୍ଭିକ ପର୍ଯ୍ୟାୟରେ ଯାବତୀୟ ଅସ୍ୱାଭାବିକତା ସତ୍ତ୍ୱେ ସଫିକ ପ୍ରତି ଦୁର୍ବଳ ହୋଇପଡୁଥିଲା । ପିଲାଦିନରୁ ଆରମ୍ଭ କରି ଏପର୍ଯ୍ୟନ୍ତ ମୁସଲମାନ ସମ୍ପ୍ରଦାୟ ବିଷୟରେ ଶୁଣିଥିବା ନାନାଦି ଅବାନ୍ତର କଥା (ଯଦିଓ ତାର ମନ ଗ୍ରହଣ କରୁନଥିଲା) ପରେ ବି ସେ ସଫିକର ଚିଠିପଢୁଥିଲା ଆଉ ଉତ୍ତର ଦେଉଥିଲା । ସେମାନେ ତିନି ପ୍ରସ୍ତର କଥା ହେବେ ବୋଲି ଠିକ କରିଥିଲେ । ପ୍ରଥମଟି ଜାଗତିକ ସଂସାର ବିଷୟକ ,ଦ୍ୱିତୀୟଟି ପ୍ରେମର ଆଉ ତୃତୀୟଟି ସମ୍ପୂର୍ଣ୍ଣ ଦୈହିକ । ସଫିକ ପାଇଁ ସେ ଥିଲା ଜୀବନର ଭୋର , ନୂଆ ସକାଳ । ନୂତନ ପ୍ରେମର ସ୍ପର୍ଶ ଲାଭ କରି ସଫିକ ତିଆରି କରିବ ମହାର୍ଘ ପେଣ୍ଟିଂ ,ଅଚାନକ ରୋକସାନା ନାମକରଣରେ ବିଚଳିତ ହୋଇପଡିଛି କୁକି । ମୁଁତ୍ୱକୁ ବଦଳାଇ ଆଉ ଗୋଟେ ସମ୍ପୂର୍ଣ୍ଣ ଅସ୍ତିତ୍ୱ ଧାରଣ କରିବା ସମ୍ଭବ ? ଅନିକେତକୁ ଭଲପାଇ ବିବାହ କରିଥିଲେ ମଧ୍ୟ ସେ କୁକି କୁ ବୁଝି ପାରିନାହିଁ. । ଅଚାନକ ରାଗିଯିବା, ସ୍ଥାନକାଳପାତ୍ର ଭୁଲି ଗାଳିଦେବା, ମାଡଦେବା ମଧ୍ୟରେ ସେମାନଙ୍କ ଭଗ୍ନ ଦାମ୍ପତ୍ୟ ଜୀବନ କେବଳ ନାମମାତ୍ର ସମ୍ପର୍କରେ ପରିଣତ ହୋଇଛି । ପିଲାମାନଙ୍କ ସହ ବାହାରେ ବୁଲିବା ସମୟରେ ଭେଲପୁରୀ ଖାଉଖାଉ, ଦି ଢ଼ୋକ ପାଣି ପି ଦେଇଛି ଦୋକାନୀର ଅପରିଷ୍କାର ଗ୍ଲାସରୁ କୁକି ।ଅନିକେତର ଶକ୍ତ ଚଟକଣା ସହ ଅସହ୍ୟ ଗାଳି ବର୍ଷଣ କୁକି ସହ ସେଠାରେ ଉପସ୍ଥିତ ସମସ୍ତ ଲୋକମାନଙ୍କୁ ସ୍ତବ୍ଧ କରିଦେଇଛି । 'ଶାଳୀ, ତୋ ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରୁଛି ମୁଁ ,ନଇନୟାନ୍ତ ହୋଇଗଲିଣି ମାସେ କାଳ ଗୁହମୂତରେ ଘାଣ୍ଟି ହେଇହେଇ, ତୋତେ କିଏ କହିଲାବେ ଏ ପାଣି ପିଇବାକୁ । ପାଣି ବୋତଲ କାହିଁକି ବୋହି କରି ଆଣିଥିଲୁ ଶଳା ମିଡିଲ କ୍ଲାସ ମାଇକିନା ।'( ୩)ଅପରପକ୍ଷେ ବାଉନଟି ନାରୀ ସମ୍ଭୋଗ କରିଥିବା ,ଦୁଇଜଣ ସ୍ତ୍ରୀ ଥିବା ସତ୍ତ୍ୱେ ଶିଳ୍ପୀ ସଫିକ ରୋକସାନା(କୁକି)ସହ ଗଢିତୋଳିଛି ପ୍ରେମ ତଥା କବିତାର ସଂସାର। ଦୁହିଁଙ୍କ ମଧ୍ୟରେ ଅନେକ କଥାରେ ମତାନ୍ତର ଆସିଥିଲେ ମଧ୍ୟ ଦୁହେଁ ଦୁହିଁଙ୍କୁ ହରାଇଦେବାର ହତାଶାବୋଧ ପୁନର୍ବାର ସେମାନଙ୍କୁ ଏକତ୍ର କରିଛି ।ସଫିକ ଆଗରେ ରୋକସାନା କେବଳ ତାର ପ୍ରେମିକା ନୁହେଁ,ତାର ମା', ତାର ଝିଅ ମଧ୍ୟ ।ରୋକସାନାର ପ୍ରେମ କ୍ରମଶଃ ସଫିକକୁ ଏକ ଇନ୍ଦ୍ରିୟୋତ୍ତର ରାଜ୍ୟରେ ଅବସ୍ଥାପିତ କରିଛି ।ଦେହକୁ ସର୍ବସ୍ୱ ମନେକରୁଥିବା ସଫିକକୁ ପ୍ରେମର ଅମଳିନ ସୌନ୍ଦର୍ଯ୍ୟ ବିଷୟରେ ସଚେତନ କରିଛି କୁକି ।ଏକ ସୌନ୍ଦର୍ଯ୍ୟମୟ ସ୍ଥିତି ସମ୍ବନ୍ଧରେ ସଫିକକୁ ପ୍ରେରିତ କରିଛି । 'ଦେହଟା କଣ ସବୁକିଛି ସଫିକ ?ମନ ବୋଲି କିଛି ନାଇଁ ଏ ଜଗତରେ ? ସୌନ୍ଦର୍ଯ୍ୟବୋଧ ରୁଚିବୋଧ ଶବ୍ଦଗୁଡ଼ିକ କଣ ନିରର୍ଥକ ? ତମେ ତ ଗୋଟେ ଶିଳ୍ପୀ ,ତମକୁ ମୁଁ କଣ ବୁଝେଇବି ଅନର୍ନିହିତ ସୌନ୍ଦର୍ଯ୍ୟର କଥା ଫଙ୍ଫଙ୍ଫଙ୍ଫଙ୍ସଫିକ ,ମୋତେ ଭଲ ପାଇବାକୁ ହେଲେ ,ତମକୁ ମୋ ସୌନ୍ଦର୍ଯ୍ୟ ଓ ଅସୌନ୍ଦର୍ଯ୍ୟକୁ ବି ଭଲ ପାଇବାକୁ ହେବ ।'(୪) ସ୍ୱାମୀ ଓ ପ୍ରେମିକ ମଧ୍ୟରେ ଏକ ଦୋଳାୟମାନ ମାନସିକତା ନେଇ ଉଭା ହୋଇଛି କୁକି । ବନ୍ୟା ଯୋଗୁଁ ଘରକୁ ଫେରିପାରିନଥିବା ଅନିକେତକୁ ନେଇ କୁକି ବ୍ୟସ୍ତ ହୋଇପଡିଛି ।ଅନିକେତର ଏକ ବର୍ଷ ପାଇଁ କୁଏତ ଡେପୁଟେସନରେ ଯିବା ତାକୁ ଅନ୍ତରରୁ ଦୁର୍ବଳ କରିଦେଇଛି । ଅପରପକ୍ଷେ ସଫିକ ଏକ ବୋମା ବିସ୍ଫୋରଣ କେସରେ ଆରେଷ୍ଟ ହୋଇଛି ।

ରୋକସାନା ସହ ତାର ନିୟମିତ ସମ୍ପର୍କ ବିଚ୍ଛିନ୍ନ ହୋଇଯାଇଛି।

ଶୂନ୍ୟତା ମଧ୍ୟରେ କୁକିକୁ ପାଠକ ଲକ୍ଷ୍ୟ କରେ । ସାଧାରଣ ପ୍ରେମିକାଟିଏ ହୋଇ ରହିବା ପାଇଁ ସେ ଚାହିଁଥିଲା ।ଏକଦା ସଫିକକୁ ସେ ଲେଖିଥିଲା 'ମୁଁ ଅତି ସାଧାରଣ ନାରୀଟିଏ । ମୋର ଆଶା ଆକାଂକ୍ଷା ସବୁ କିଛି ଭାରି ସାଧାରଣ । ମୁଁ ମୋ ପ୍ରେମିକ ପାଖରୁ ସାଧାରଣ ପ୍ରେମ ଚାହେଁ ଜୀଇଁବା ପାଇଁ ଖୋରାକ ,ମୋର ସେ ସାଧନାରେ ବା କଣ ଯାଏ ଆସେ ?ଫଙ୍ଗ ମୁଁ ଜୀଇଁବାକୁ ଚାହେଁ । ମନଭରି ଜୀବନକୁ ଉପଭୋଗ କରିବାକୁ ଚାହେଁ ।ମୋର ଏ ମୋକ୍ଷ ଲୋଡ଼ା ନାହିଁ ।ବରଂ ମୁଁ ଚାହେଁ ନୈରାମ୍ୟ ହୋଇ ବସିଥିବି ଓ ତୁମେ ବ୍ୟାକୁଳ ହୋଇ ମୋ ଆଡକୁ ଦୌଡ଼ୁଥିବ ତାହାହିଁ ଯେମିତି ମୋର କାମ୍ୟ ।(୫ )

କୁକି ବେଳେବେଳେ ପାପବୋଧରେ ଘାରି ହୋଇଛି । ପିକାସୋଙ୍କ 'ଲା କକ୍ୟୁ ମାନିଫିକ' ଚିତ୍ରଟିକୁ ଔପନ୍ୟାସିକା କୁକିର ପାପବୋଧର ପ୍ରତୀକଭାବରେ ଉପସ୍ଥାପନ କରିଛନ୍ତି ।ଚିତ୍ରଟିର ଅର୍ଥ ହେଉଛି 'ଯେଉଁ ସ୍ୱାମୀର ସ୍ତ୍ରୀ ଅନ୍ୟ ସଂଗେ ପ୍ରେମ କରି ବୁଲେ '। ଉପନ୍ୟାସର ପୃଷ୍ଠବନ୍ଧରେ ସାହିତ୍ୟିକ ଜଗଦୀଶ ମହାନ୍ତିଙ୍କ ମନ୍ତବ୍ୟକୁ ଲକ୍ଷ୍ୟ କରାଯାଉ ।'ଯେଉଁମାନେ ଗମ୍ଭିରି ଘରକୁ ଦେହ୍ୱାଦୀ ଉପନ୍ୟାସ କହନ୍ତି,ମୋର ଧାରଣା ସେମାନେ ଏଇ ନିଗୁଢ଼ ସତ୍ୟଟିକୁ ଉପନ୍ୟାସରୁ ଲକ୍ଷ୍ୟ କରିନାହାନ୍ତି ।ଗମ୍ଭିରି ଘର ତେଣୁ ଦେହ୍ୱାଦୀ ଉପନ୍ୟାସ ହିଁ ନୁହେଁ ବରଂ ଦେହର ବିରୁଦ୍ଧବାଦୀ ଉପନ୍ୟାସ ।ଯେଉଁଠି ଦେହରୁ ଉର୍ଦ୍ଧ୍ୱକୁ ଉଠିପାରିଛନ୍ତି କୁକି ଓ ସଫିକ ।'(୬)ମନ୍ତବ୍ୟଟି ପ୍ରାସଙ୍ଗିକ ମନେହୋଇଛି।ଭାରତୀୟ ସଂସ୍କୃତିରେ ଦାମ୍ପତ୍ୟ ସମ୍ବନ୍ଧକୁ ଏକ ଶ୍ରେଷ୍ଠ ମଧୁର ସମ୍ପର୍କର ଆଖ୍ୟା ଦିଆଯାଇଥାଏ ।ପବିତ୍ର ହୋମାଗ୍ନି କୁ ସାକ୍ଷୀ ରଖି ବିବାହ କଲାପରେ କୌଣସି ଭୟଙ୍କର ପରିସ୍ଥିତିରେ ମଧ ଭାରତୀୟ ନାରୀ ସେ ସମ୍ପର୍କକୁ ଛିନ୍ନ କରିବାକୁ ଚାହେଁ ନାହିଁ । କବିତାର ସୁଲଳିତ ମାଧୁର୍ଯ୍ୟ ଛନ୍ଦରେ ସମଗ୍ର ଉପନ୍ୟାସଟି ଲେଖାଯାଇଛି ।

ଲେଖିକାଙ୍କର ଅନ୍ୟ ଏକ ଉପନ୍ୟାସ 'ଉପନିବେଶ' ୧୯୯୬ରେ 'ଅମୃତାୟନ' ପତ୍ରିକାରେ ଏବଂ ୧୯୯୮ ରେ ପୁସ୍ତକ ଆକାରରେ ପ୍ରକାଶିତ । ମେଧା ଏଥିରେ ମୁଖ୍ୟ ନାରୀ ଚରିତ୍ର । ଗୋଟିଏ ବ୍ୟକ୍ତି ସହ ସମ୍ପୂର୍ଣ୍ଣ ଜୀବନ ଅତିବାହିତ କରିବା ଏକ ବିରକ୍ତିକର ଜୀବନକ୍ରମ,ଏଭଳି ଏକ ଧାରଣା ମେଧା ମନରେ ବସା ବାନ୍ଧିଥିଲା ।ପରବର୍ତ୍ତୀ ସମୟରେ ମେଧା ଭାସ୍କରକୁ ବିବାହ କରିଥିଲେ ମଧ୍ୟ ତା'ର ଅନେକ ଗୁଣକୁ ସେ ଘୃଣା କରୁଥିଲା । ମେଧା ସଂଗୀତର ଆକର୍ଷଣରେ ଏକ ନୂତନ ପୃଥିବୀକୁ ଆବିଷ୍କାର କରିଛି ।ଜଣେ ଯୁବ ସଂଗୀତ ଶିଳ୍ପୀ ଅନିରୁଦ୍ଧ ପ୍ରତି ସେ ଆକୃଷ୍ଟ ହୋଇଛି । ମେଧା ସଂଗୀତକୁ ସାଧନା ବୋଲି ମନେକରୁଥିବା ବେଳେ ଅନିରୁଦ୍ଧ ଏକ ମୂଲ୍ୟବାନ ବସ୍ତୁ ବୋଲି ମନେ କରୁଥିଲା । ମେଧା ନିଜର ଅବେଗିକ ମନୋଭାବ ନେଇ କମ୍ପାନୀରୁ କମ୍ପାନୀ ଭାଗବତ ଗୀତାର କ୍ୟାସେଟଟିଏ ନିର୍ମାଣ କରିବା ପାଇଁ ଘୂରି ବୁଲୁଥିବା ବେଳେ ଅନିରୁଦ୍ଧ ନିଜର ଭିନ୍ନ ମତ ନେଇ ପ୍ରସିଦ୍ଧି ଅର୍ଜନ କରିସାରିଥିଲା ।ଏତେ ସବୁ ଅସ୍ୱାଭାବିକତା ସତ୍ତ୍ୱେ ମେଧା ନିଜର ଏକଲା ପଣକୁ ଦୂରେଇବା ପାଇଁ ଅନିରୁଦ୍ଧ ସହ ଶାରୀରିକ ଭାବେ ସଂଶ୍ଲିଷ୍ଟ ହୋଇପଡ଼ିଥିଲା । କିନ୍ତୁ ସେ ଅନ୍ୱେଷଣ କରୁଥିବା ନିଗୂଢ଼ ତଥ୍ୟଟିର ସନ୍ଧାନ ନପାଇ ଅନିରୁଦ୍ଧଠାରୁ ଦୂରେଇ ଯାଇଛି ।ଉପନ୍ୟାସର ଶେଷରେ ପ୍ରତୀକାତ୍ମକ ଭାବେ 'ଶିବଲିଙ୍ଗ'ର ଅବତାରଣା କରାଯାଇଛି ।ପରିଶେଷରେ ମେଧା ନିଜର ସଂଗୀତର ମାଦକତାଭରା ସଂସାରକୁ ପରିତ୍ୟାଗ କରି ନିଜର ଏକାକୀ ଦୁନିଆକୁ ଆଦରି ନେଇଛି ।

ଭାଗବତର ଯଦୁରାଜା ଓ ଅବଧୂତ ଉପାଖ୍ୟାନଟିକୁ କାହାଣୀର ପ୍ରଚ୍ଛଦ ପଟରେ ରଖି 'ପକ୍ଷୀବାସ' ଉପନ୍ୟାସର ପରିକଳ୍ପନା କରିଛନ୍ତି ଔପନ୍ୟାସିକା ସରୋଜିନୀ ସାହୁ । ଏଠି କପୋତ ଓ କପୋତୀର ସ୍ଥାନ ଗ୍ରହଣ କରିଛନ୍ତି ଅନ୍ତରା ଓ ସରସୀ । ତାଙ୍କର ଚାରୋଟି ଯାକ ପିଲା ସମୟକ୍ରମେ ବିଭିନ୍ନ ପରିସ୍ଥିତି ଦେଇ ସେ ଦୁହିଁଙ୍କୁ ଛାଡି ଚାଲି ଯାଇଛନ୍ତି । କପୋତ କପୋତୀଙ୍କ ଆଖି ସାମ୍ନାରେ ସେମାନଙ୍କ ପିଲାମାନେ ମୃତ୍ୟୁ ବରଣ କରିଛନ୍ତି । କିନ୍ତୁ ସରସୀ ଓ ଅନ୍ତରା ଆଶା ବାନ୍ଧି ବସିଛନ୍ତି ଯେ ସେମାନଙ୍କ ପିଲାମାନେ କୋଉଠି ନ କୋଉଠି ସୁଖରେ ଥିବେ । ଅନ୍ତରା ତାର ବନ୍ଧୁମାନଙ୍କୁ ବୁଝାଉଛି ଜୀବନର ଗୁଢ ତତ୍ତ୍ୱ :'ବୁଝିଲୁ କାଏଁ ପରମା ସଂସାରଟା ଏନ୍ତା,ଗୁଟେ ଜାଲ ବାଗିର ।ତୁଇ ସୁଖ ସୁଖ ବୋଲି ଯେତକ ଧାଏଁବୁ ସେତକି ଜାଲଥି ଛନ୍ଦି ହୋଇ ପଡ଼ବୁ । ତୋର ଆରୁ ଫିସଲି ଯିବାର ରାସ୍ତା ନାଇଁ ଥିବା ।'(୭ )

ଅନ୍ତରା ତାର ପ୍ରଥମ ସନ୍ତାନ ସନ୍ୟାସୀକୁ ନେଇ ସ୍ୱପ୍ନ ଦେଖିଛି ସେ କଲେକ୍ଟର ହେବ ତାର ଦୁଃଖ ଯିବ । ସେ ମିଶନରେ ରହିଛି । ଖ୍ରୀଷ୍ଟିଆନ ହୋଇଛି । ନାମ ହୋଇଛି ତାର ଖ୍ରୀଷ୍ଟଫର ସତନାମୀ । ଚଇତିର ନାମ ହୋଇଛି ଇସାବେଲା। କାନ୍ଥରେ ଇଡ଼ିତାଲ ଚିତ୍ର ଅଙ୍କନକୁ ପେଶା ଭାବରେ ଗ୍ରହଣ କରିଛି ସନ୍ୟାସୀ । ଶେଷରେ ଚଇତିକୁ ଛାଡି ଜାପାନ ଯାଇଛି ଚିତ୍ର ଆଙ୍କିବାକୁ । ଆଉ ଫେରିନି । ଅପେକ୍ଷାରେ ମ୍ରିୟମାଣ ଚଇତି । ସେମାନେ ସ୍ୱପ୍ନ ଦେଖୁଥିଲେ ନିଜ ଗାଁକୁ ଫେରିଯାଇ ଘରଟିଏ କରିବେ । ନିଜ ବାପା ମା ସାଇ ପଡିଶାଙ୍କ ସହ ଜୀବନ ବିତେଇବେ । ସେଇ ସ୍ୱପ୍ନର ବିଭୋରପଣ ଲେଖିକାଙ୍କ ଭାଷାରେ : 'କିଏ ଯେମିତି କବାଟ ଫିଟେଇ ଦେଲା ତ ବନ୍ଦ ଘରର ।ଅନ୍ଧାର ଭିତରେ ଅଳନ୍ଧୁ ଜାଲ ଭିତରେ ,ଗମରା ଗନ୍ଧ ଭିତରେ ଯେମିତି ମୁହଁ ମାଡି ଶୋଇଛି ପିଲାଦିନ ।'(୮ )

ସରସୀର ଦେହ ଖରାପ ଥିବାରୁ ସେ କାମକୁ ଯାଇପାରିନାହିଁ । ଘରେ ସମସ୍ତେ ଉପାସ । ସପ୍ତାହେ ହେଲା ସେମାନଙ୍କ ତୁଣ୍ଡରେ ମୁଠାଏ ଭାତ ବାଜିନାହିଁ । ଫୁଟୁଥିବା ଭାତର ବାସ୍ନାରେ ପରବାର ମନ ପୂର୍ଣ୍ଣ ହୋଇଉଠିଛି । ରାୟପୁରରେ କାମ ଯୋଗାଇ ଦେବାର

ପ୍ରଲୋଭନ ,ଚାଉଳ ଯୋଗାଇଦେବାର ପ୍ରତିଶ୍ରୁତି,ମୁଠାଏ ଗରମ ଭାତ ଦେବାର କଥା ମଧ୍ୟରେ ଫରେଷ୍ଟଗାର୍ଡ଼ ଦ୍ୱାରା ତାର ମାନମର୍ଯ୍ୟାଦା ନିଲାମ ହୋଇଯାଇଛି । ସରସୀର ଝିଅ ପରବା ପରିସ୍ଥିତିରେ ପଡି ଘର ତ୍ୟାଗ କରିଛି ।ବାଧ୍ୟ ହୋଇ ଦେହ ବ୍ୟବସାୟରେ ନିଜକୁ ନିୟୋଜିତ କରିଛି ।ବେଳେବେଳେ ମା ବାପାଙ୍କ ଆଦର ଯତ୍ନ କଥା ମନେପକାଇ ଦୁଃଖୀ ହୋଇପଡୁଥିଲା ।ସେଇଠି ସେ ଭେଟିଛି କୁନ୍ଦକୁ । ସେ ପରବାର ଭାଉଜ ହୋଇଥାନ୍ତା ।ପରିସ୍ଥିତିର ତାଡ଼ନାରେ ଆଜି ନର୍କରେ । ପରବା ଯିବା ଦିନରୁ ସରସୀ ପଠାନ ପିଲା ମୁରାଦକୁ ସନ୍ଦେହ କରିଛି ଏବଂ ତା ବିଷୟରେ ପାଗଳୀ ପରି ସମସ୍ତଙ୍କୁ ପଚାରିଛି। ଦିନେ ଖବର ପାଇ ପରବାର ଭାଇ ଆସି ପହଂଚିଛି କୁନ୍ଦ ପାଖରେ। ତାକୁ ସେ ନର୍କରୁ ଉଦ୍ଧାର କରିବ ବୋଲି ପ୍ରତିଶ୍ରୁତି ଦେଇଛି । କହିଛି :'ମୁଇଁ ରାମଚନ୍ଦର ଆଏଁ,ତୋତେ ଇଠାନୁ ଉଦ୍ଧାର କରମି ,ହେଲେ ଏନ୍ତା ଲୁକେଇ ଛପେଇ ନାଇଁ ।ରାବଣ କେ ମାରଲା ଉତ୍ତାରୁ ଯାଇକରି ।'(୯)ଓକିଲ ନିଜେ ନକ୍ସଲମାନଙ୍କ ସହ ଯୋଗ ଦେଇଛି । ତେଣୁ କୁନ୍ଦକୁ ନେଇ ଗୁଳି ଫୁଟାଇବା ଶିକ୍ଷା ଦେବ ବୋଲି କହିଛି । ଯାହା ହେଉ କୁନ୍ଦର ମୁକ୍ତି କଥା ଚିନ୍ତା କରି ପରବା ବହୁତ ଖୁସି ହୋଇଛି । ବୋହୂକୁ ଦେବା ପାଇଁ ରୁପାର ମୁଣ୍ଡ ଫୁଲ ଟିଏ କିଣି ଆଣିଛି । ସବୁ ପ୍ରତିଶ୍ରୁତି ଅଧାରେ ରହିଯାଇଛି ।ପୋଲିସ ଗୁଳିରେ ପ୍ରାଣ ହରେଇଛି ଓକିଲ ।

ଅନ୍ତରା ନିଜ କୃତ କର୍ମ ଫଳରେ କଷଣ ଭୋଗିଛି ବୋଲି ମନେ ମନେ ଘାରି ହେଲେ ମଧ୍ୟ କାହାକୁ ନିଜର ବେଦନା କହିପାରିନାହିଁ। ନାଲି ଡାଉ ଶାଢ଼ୀ ଖଣ୍ଡକରେ ହଳଦୀ ରଙ୍ଗର ଫୁଲ ପକା ଲୁଗାକୁ ସରସୀ ପାଇଁ ନେବ ଅନ୍ତରା ମନରେ ସ୍ଥିର କରିଛି । ତେଣୁ ଅର୍ଥ ଯୋଗାଡ କରିବା ଉଦ୍ଦେଶ୍ୟରେ ବିବେକ ବହିର୍ଭୁତ କାମ କରି ପକାଇଛି । ଅଳ୍ପ ଜୀବନ ଧରି ଛଟପଟ ହେଉଥିବା ଗାଇଟିକୁ ସେ ପଥର ଛେଚି ନିର୍ମମ ଭାବେ ହତ୍ୟା କରିଛି । ଅତି ମନସ୍ତାପରେ ସାରା ରାତି ତାର କଟିଛି । ଗାଈର ଲୁହ ଡବଡବ ଆଖି ଯେମିତି ତାକୁ ବାରମ୍ବାର ପ୍ରଶ୍ନ କରିଛି 'ସତ କହିଲୁ ତୁ ମୋତେ ମାରିଲୁ କିଆଁ ?ମୋ ବାଛୁରୀ ଭାରି ବିକଳ ହୋଇ ଖୋଜୁଛି ପରା ।' (୧୦)ସତେ ଯେପରି ଏ ଗାଈର ନୁହେଁ ଅନ୍ତରାର ଅନ୍ତରାତ୍ମାର ଆର୍ତ୍ତନାଦ ।ଏପରି ପ୍ରଶ୍ନରେ ହିଁ ସେ ପଥର ପାଲଟି ଯାଇଛି ।ସରସୀର ରହମାନ ସହ ଅନୈତିକ ସମ୍ପର୍କର ଗୁଜବ ଅନ୍ତରାକୁ କଷ୍ଟ ଦେଇଛି ,ସେ ମଧ୍ୟ ସରସୀର ଚରିତ୍ରକୁ ନେଇ ସନ୍ଦେହ କରିଛି ଏବଂ ଗାଳି ଦେଇଛି ,'ମୁଇଁ ଟାଉନ କେ ଯାଇ ଭିକ ମାଗିବି ପଛେ ତୋର ହାତୁ ପାଏନ ଟିକେ ବି ନାଇଁ ଛୁଏଁ।ଶାଲୀ ତନ ବେଚି ଖାଉଁଛେ ବେଶିଆ ,ରହମନର ରଖେଲ।'(୧୧)ଗାଁ ଲୋକଙ୍କଠାରୁ ଅନ୍ତରାର ତା ଉପରେ ଅବିଶ୍ୱାସ ସରସୀକୁ ବେଶୀ ଯନ୍ତ୍ରଣା ଦେଇଛି ।ନାରୀର ଚରିତ୍ରରେ ଥରେ କଳଙ୍କ ଲାଗିଲେ ଚିରଦିନ ରହିଯାଏ ।କିନ୍ତୁ ପୁରୁଷ ପାଇଁ ଆମ ସମାଜରେ ଏପରି କିଛି ନିୟମ ନାହିଁ ।

ସେଇ ଜଙ୍ଗଲୀ ଲୋକଙ୍କ ପାଇଁ ସବୁ ଅପହଞ୍ଚ । ସରକାରଙ୍କର ସହ ଶହ ଶହ ଯୋଜନା ।କିନ୍ତୁ କିଛି ପହଂଚି ପାରେନା ସେମାନଙ୍କ ପାଖରେ ।ସେମାନେ ଯୋଉ ଗରିବକୁ ସେଇ ଗରିବ ଅଭାବୀ ଅବସ୍ଥାରେ କାଳାତିପାତ କରନ୍ତି । 'ସରକାର ମାଷ୍ଟର ପଠାଏ, ଗରମ ଜାଉ ପଠାଏ ,ବଟିକା ପଠାଏ ,ରାସ୍ତା ପଠାଏ ,ହେଲେ ଉଦନ୍ତୀ ଡେଇଁ ଆସିପାରେନା କିଛି । ଅଥଚ ଉଦନ୍ତୀ ଡେଇଁ ଚାଲିଯାଏ ଶିଶୁ ,ଗମ୍ଭାରି, ଶାଳ, ପିଆଶାଳ ।'(୧୨)ଅନ୍ତରା ସଂସାରର ମାୟା କାଟି ପୁନର୍ବାର ମଠକୁ ଚାଲିଯିବାକୁ ଚାହେଁ ।କିନ୍ତୁ ଚାରିଜଣ ପିଲାଙ୍କର କୌଣସି ଖବର ନଥିବା ସମୟରେ ସରସୀକୁ ଏକ ଛାଡି ଯିବା ପାଇଁ ତାର ମନ ବଳିନାହିଁ । କପୋତ ପରି ମାୟାକୁ ଉପେକ୍ଷି ପାରି ନାହିଁ । ଯଦିଓ ଜାଣୁଛି ସଂସାରର ମାୟା ,ତଥାପି କାଟି ପାରୁନାହିଁ ସେ ମାୟା ବନ୍ଧନକୁ । ଅନ୍ତରା କହିଛି ସରସୀକୁ :'ତୋତେଛାଡି କେନ ଆଡେ ଯିମି ? ତୁଇ ତ ମୋର ବେକେ ବନ୍ଧା ?କା'ର ପାଶେ ତୋତେ ଛାଡି ଯିମି ? ସଭେଁ ତ ଯେ ଯେନ ଆଡେ ପଳାଲେ ହେଲେ ମୁଇଁ କେନ ଆଡେ ଯିମି ?ତୋର ମାୟା ବନ୍ଧନୁ ମୁକଳି ପାରମି କାଏଁରେ ସରସୀ ?'(୧୩ )

ଉପନ୍ୟାସର ପ୍ରତିଟି ଚରିତ୍ର ଜୀବନରେ ସୁଖ ଅନ୍ୱେଷଣରେ ଧାବିତ ଅଥଚ ଭେଟିଛନ୍ତି କେବଳ ନିରାଶାର ମରୁବାଲିକୁ । ନକ୍ସଲଙ୍କର ଆକ୍ରମଣରେ ସମଗ୍ର ଗ୍ରାମ ହତଚକିତ । କିଛି ସମୟ ପରେ ଲାସଟିଏ ମିଳିଛି ଜଙ୍ଗଲରୁ । ପୋଲିସ ଆସି ଚିହ୍ନଟ କରିଛି ସେ ଲାସ ହେଉଛି ଅନ୍ତରାର ପୁଅ ଓକିଲର । ବାପାମା ଦୁଇଜଣ ଯାକ ସ୍ତବ୍ଧ ହୋଇ ରହିଯାଇଥିଲେ ଏଇ କଥାରେ । ପୋଲିସ ଅନ୍ତରାକୁ ଗାଡ଼ିରେ ବସାଇ ନେଇଯାଇଥିଲା । ଏପରି ଏକ କରୁଣ ପରିସ୍ଥିତିରେ କାହାଣୀର ପରିସମାପ୍ତି ଘଟିଛି । ସବୁ ନାହିଁ ନାହିଁ ମଧ୍ୟରେ ସେମାନଙ୍କ ଜୀବନ। ତଥାପି ସେଇ ମଧ୍ୟରେ ସୁଖ ଖୋଜୁଥିଲା ବେଳେ ସମସ୍ତେ ଭେଟିଛନ୍ତି ଦୁଃଖର ଅସରନ୍ତି ପରିଧିକୁ । ଖାଇବାକୁ ଦି ଓଳି ଦି ମୁଠା ସହଜେ ମିଳେନାହିଁ ସେମାନଙ୍କୁ । ସେମାନଙ୍କ ଝିଅ ବୋହୁଙ୍କ ଇଜତ ନିଲାମ ହେଉଥାଏ ଅନାୟାସରେ । ଏଭଳି ବାସ୍ତବତା ଭରା କାହାଣୀକୁ ନେଇ ଉପନ୍ୟାସଟି ଗତିଶୀଳ ଯାହା ପାଠକ ଅନ୍ତରକୁ ଆନ୍ଦୋଳିତ କରେ । ଜନଜୀବନର ନିଛକ କାହାଣୀର ପ୍ରେକ୍ଷାପଟ ଉପନ୍ୟାସକୁ ଋଦ୍ଧିମନ୍ତ କରିଛି ।

ଆମର ପୁରୁଷକୈନ୍ଦ୍ରିକ ସମାଜ ବ୍ୟବସ୍ଥାରେ ଅନେକ ସମୟରେ ନାରୀଟିଏ ନିଜର ସତ୍ତାକୁ ପ୍ରତିପାଦନ କରିବାକୁ ସୁଯୋଗ ପାଏନାହିଁ। ଯଦିଓ ଆଜିର ନାରୀ ଶିକ୍ଷା ,ବୃତ୍ତି,କୌଶଳ ,ଆଧୁନିକ ପ୍ରଯୁକ୍ତି ବିଦ୍ୟା ଆଦି କ୍ଷେତ୍ରରେ ସର୍ବୋଚ୍ଚ ସୀମାରେ ପହଞ୍ଚିଲାଣି,ତଥାପି ମଧ୍ୟ ତାର ମନର କଥାଟି ଏବେ ମଧ୍ୟ ଅକୁହା ହୋଇ ରହିଯାଇଛି । ନାରୀଟିଏ ନିଜ ପାଇଁ ସ୍ୱର ଉତ୍ତୋଳନ କରିବାର ସମୟ ଆସିଛି । ନିଜ ପ୍ରତି

ହେଉଥିବା ଅତ୍ୟାଚାରର ପ୍ରତିରୋଧ ସେ କରିପାରୁଛି । କିନ୍ତୁ ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାରିତା କଦାପି ଗ୍ରହଣୀୟ ନୁହେଁ । ପୁରୁଷ ହେଉ ବା ନାରୀ ସମାଜରେ ବସା କରିବା ପାଇଁ ଉଭୟଙ୍କର ଏକ ମର୍ଯ୍ୟାଦାରେଖା ରହିଛି । ସରୋଜିନୀ ସାହୁଙ୍କ ପ୍ରତିଟି ଉପନ୍ୟାସରେ ନାରୀ ହୃଦୟ , ଜୀବନଧାରା, ମାତୃତ୍ୱ, ଚିନ୍ତନଧାରା, ସଂସାରକୁ ନୂତନ କରି ଦେଖିବାର ଦୃଷ୍ଟିଭଙ୍ଗୀ , ଗତାନୁଗତିକ ଦାମ୍ପତ୍ୟ ଜୀବନର ମାର୍ଗ ପରିବର୍ତ୍ତେ କିଛି ନୂତନତ୍ୱ ପାଠକକୁ ଅଭିଭୂତ କରେ , ନୂଆ ଏକ ଦୃଷ୍ଟିକୋଣରୁ ଜୀବନକୁ ନୀରିକ୍ଷଣ କରିବା ପାଇଁ ପ୍ରେରିତ କରେ। ମାନବୀୟ ଆବେଦନ, ସମ୍ବେଦନଶୀଳ ମନୋଭାବ, ଅନ୍ତର୍ମନର ନିର୍ବସ୍ତ୍ର ଅନୁଶୀଳନରେ ତାଙ୍କ ଉପନ୍ୟାସର ପ୍ରତିଟି କୋଣ ଅନୁକୋଣ ଅନୁରଣିତ ।

**ସହାୟକଗ୍ରନ୍ଥସୂଚୀ:**


୧) ସାହୁ, ସରୋଜିନୀ ,ପ୍ରତିବନ୍ଧୀ,ପୃ -୩୮, ବିଦ୍ୟାପୁରୀ,୧୯୯୯

୨) ଏଜନ,ପୃ -୫୨

୩) ସାହୁ,ସରୋଜିନୀ ,ଗମ୍ଭିରିଘର ,ପୃ-୪୦ ,ପ୍ରଥମସଂସ୍କରଣ , ଟାଇମପାସପବ୍ଲିକେସନ,୨୦୦୨

(୪) ଏଜନ-ପୃ -୫୪

(୫) ଏଜନ-ପୃ-୧୧୭

( ୬) ଏଜନ-ପୃ-୧୬୫

(୭) ସାହୁ,ସରୋଜିନୀ ,ପକ୍ଷୀବାସ ,ପୃ-୧୧୭,ଦ୍ୱିତୀୟସଂସ୍କରଣ, ଟାଇମପାସପବ୍ଲିକେସନ ,୨୦୨୨

(୮) ଏଜନ,ପୃ --୯୨

(୯) ଏଜନ,ପୃ -ପୃ-୧୩୩

(୧୦)ଏଜନ,ପୃ -୮୧

(୧୧)ଏଜନ,ପୃ -୫୭

(୧୨)ଏଜନ,ପୃ -୫୧

(୧୩)ଏଜନ,ପୃ -୧୨୧


❖❖❖

# ମାଟିମନସ୍କ କବି ସୀତାକାନ୍ତ ମହାପାତ୍ର



ISSN-2583-6978
Volume-3
Issue-8
AUGUST-2023

**ଡ. ଜୟନ୍ତ କୁମାର ପରିଡ଼ା**

**ଅତିଥି ଅଧ୍ୟାପକ, ସ୍ନାତକ ଓ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,**
**କୁନ୍ତଳାକୁମାରୀ ସାବତ ମହିଳା ମହାବିଦ୍ୟାଳୟ, ବାଲେଶ୍ୱର**

ମାଟି ହେଉଛି ଜୀବନ । ତା' ବିନା ମର୍ତ୍ତ୍ୟର ଜୀବନଲୀଳା ଅସମ୍ଭବ । ମାଟି ଭିତରେ ରହିଛି କବିତାର ମଞ୍ଜି । ମାଟି ହିଁ କବିତାର ଜୀବନନାଟି । କାଳେ କାଳେ କବିତା ମାଟିର ଉପାଦାନରେ ମୂର୍ତ୍ତିମନ୍ତ ରୂପନିଏ । ସମୟ ବିଶେଷରେ କବି ଆକାଶ ମୁହାଁ ହେଲେ ହେଁ ମାଟି ଉପରେ ନିବଦ୍ଧ ଥାଏ ତା'ର ପାଦ । ନହେଲେ ତା'ର ସ୍ଥିତି ଦୋହଲିଯାଏ ଓ ଅପମୃତ୍ୟୁ ହୁଏ । ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ସୀତାକାନ୍ତ ମହାପାତ୍ର ଜଣେ ମାଟି ମନସ୍କ କବି । ତାଙ୍କର ମାଟିପ୍ରୀତି ଅନନ୍ୟ । 'ଦୀପ୍ତି ଓ ଦ୍ୟୁତି', 'ଅଷ୍ଟପଦୀ', 'ଶବ୍ଦର ଆକାଶ', 'ସମୁଦ୍ର', 'ଚିତ୍ରନଦୀ', 'ଆରଦୃଶ୍ୟ', 'ସମୟର ଶେଷ ନାମ', 'କାହାକୁ ପୁଛିବା କହ', 'ବର୍ଷା ସକାଳ', 'ମୃତ୍ୟୁର ଅସୀମ ଧୈର୍ଯ୍ୟ', 'ଫେରି ଆସିବାର ବେଳ', 'କପଟ ପାଶା' ପ୍ରଭୃତି ତାଙ୍କର ଗୋଟିଏ ଗୋଟିଏ ସ୍ମରଣୀୟ କବିତା ସଂକଳନ ।

'କପଟ ପାଶା' ସଂକଳନରେ ସ୍ଥାନିତ ହୋଇଥିବା 'ଓଡ଼ିଶା' କବିତାଟିରେ ମାଟି ମନସ୍କତାର କଥା ଗଭିର ଭାବେ ଉପଲବ୍ଧି କରାଯାଇପାରେ । କବିଙ୍କ ପାଇଁ ଅତି ଆପଣାର ହେଉଛି ମାଟି । ଗାଁ ମାଟିର ସଞ୍ଜ ଓ ସକାଳ ଅତି ମଧୁର । କବି ଘରୁ ଗୋଡ଼କାଢ଼ି ଯୁଆଡ଼େ ଗଲେ ବି କଦାପି ଭୁଲନ୍ତି ନାହିଁ ହଳଦି ପତ୍ରର ବାସ୍ନା । ଘର ସାମ୍ନାରେ ଥିବା ବଉଳ ଉର୍ଦ୍ଧେ ଆମ୍ବଗଛ, ଚଳଚଞ୍ଚଳ ହଳଦୀବସନ୍ତ, ଧାନକ୍ଷେତରେ କାମ କରୁଥିବା ରଘୁ ମଲିକର ଅନିଶ୍ଚିତ ଅନ୍ଧାରୀ ଭବିଷ୍ୟତ, ଖଣ୍ଡଗିରି ଗୁମ୍ଫାର ଅବସ୍ଥାନ କରିଥିବା ଜୈନ ମୁନିଙ୍କ ଉଦାର ପ୍ରାର୍ଥନା, ଦାଣ୍ଡ ଦୁଆର ଡେଇଁ ତୁଳସୀ ଚଉରା ମୂଳେ ମୁଣ୍ଡିଆ ମାରୁଥିବା ଲକ୍ଷ୍ମୀ ପ୍ରତିମାର ନୀରବ ପ୍ରାର୍ଥନା, ସନ୍ଧ୍ୟାବେଳେ ଚର୍ଚ୍ଚା ହେଉଥିବା ଭାଗବତର କୁନି କୁନି ଧାଡି ଏବଂ ନିର୍ମାଲ୍ୟ କଣିକାର କଥା କବିଙ୍କର ଭାରି ମନେପଡେ ।

"ସାଙ୍ଗରେ ନେଇଯାଏ
ହଳଦୀପତ୍ରର ବାସ୍ନା, କାକରା, ଛୁଞ୍ଚିପତର
ସଞ୍ଜ ଅନ୍ଧାରରେ ଦେବୀ ପରି ପିଣ୍ଡାକୁ
ଆଉଜି ବସିଥିବା ଜେଜେମା
ଝୋଟିଚିତା, ଦଶରା ନହବତ୍,
ଲକ୍ଷ୍ମୀପାଦ ଦାଣ୍ଡ ଦୁଆରରୁ ଘର ଭିତର;
ନେଇଯାଏ ଭାଗବତର କୁନିକୁନି ଧାଡ଼ି
ନିର୍ମାଲ୍ୟ କଣିକା ଓ ଦୁଇ ଚକା ଆଖିର ଅଭୟବର
ଏତକ ମୋ' ପାଇଁ ଓଡ଼ିଆ ।" (ଓଡ଼ିଶା)

ଓଡିଶା ହେଉଛି ପଲ୍ଲି ପ୍ରବଣ ଅଞ୍ଚଳ । ଅଧିକାଂଶ ଲୋକେ ଗାଁ ରେ ରହିବାକୁ ପସନ୍ଦ କରନ୍ତି । କବି ସହରରେ ବାସ କରୁଥିଲେ ମଧ ନିଜ ଗାଁ ମାଟିର ସ୍ମୃତିକୁ ଭୁଲି ପାରିନାହାନ୍ତି । ମାଟିପ୍ରତି ଅନୁରାଗ, ପଲ୍ଲୀପ୍ରୀତି, ମାନବ ପ୍ରେମ ଓ ସମାଜ ଚୈତନ୍ୟରୁ ତାଙ୍କର ଜୀବନ ସହିତ ପରିଚୟ ଘଟେ । ପାହାଡ଼ର ମଥାରେ ଝାମ୍ପ ଦେଉଥିବା ସୂର୍ଯ୍ୟ କୃଷକର ମନ ଖୋଲାଗୀତ, ସାଧବ ବୋହୂର ଟୁପୁରୁ ଟୁପୁର ପାଦଟିପା ଚାଲି, ନିଧି ସାହୁର କଳିବୁଢ଼ୀ ବୋହୂର ଲୋକଦେଖାଣିଆ ବାରମାସର ତେର ପର୍ବ ପ୍ରଭୃତି ସାମାଜିକ ଦୃଷ୍ଟିକୁ କବି ସୁନ୍ଦର ସରସ ଭାବରେ କବିତାର ପ୍ରତି ଛତ୍ରେ ଛତ୍ରେ ଅଙ୍କନ କରିଛନ୍ତି । ଜେଜେବାପା, ଜେଜେମା, ବାପା, ମା, ଦାଦା, ଖୁଡୀ, ଭାଇ, ନାନୀ, ମଉସା, ମାଉସୀ ପ୍ରଭୃତି ସମ୍ପର୍କରେ ଗଢା । ଘରେ ତିଆରି ହେଉଥିବା ପିଠା-ପଣା, ମେଳା ମହୋତ୍ସବରେ ଏକମନ ଏକପ୍ରାଣ ହୋଇ ଏକାଠି ବସି ସମସ୍ତେ ଭୋଜନ କରିଥାନ୍ତି । ଭାଉଜଙ୍କ ଥଟ୍ଟା, ଗୋବର ଲିପା କାନ୍ଥ, ଚଟାଣରେ ଅଙ୍କାଯାଇଥିବା ଝୋଟି ଚିତା, ବାଡିରେ ପୋଇଶାଗ, କଖାରୁ ଲଟା, ଜହ୍ନିଫୁଲ, ମା'ର ହାତ ତିଆରି ସରୁ ଚକୁଳି, ଜେଜେଙ୍କ ଠାକୁର ଖଟୁଲି, ଗାଁ ମୁଣ୍ଡରେ ସନ୍ଧ୍ୟାରେ ଶୁଭୁଥିବା ଖଞ୍ଜଣିର ଶବ୍ଦ କବିଙ୍କର ଭାରି ମନେପଡେ ।

**"ଚାଳରୁ ପାଣି ଟୋପା ଟୋପା ପଡୁଥାଏ**
**ମେଘ ଓହଳି ରହେ ଆମ ପିଣ୍ଡା ଉପରେ**
**ଚକୁଳି ପିଠା ବାସ୍ନା ଓ ଚାଳ ଉପରେ**
**କଖାରୁ ଲଟା ଭିତରୁ ଧୂଆଁ**
**ଅନ୍ଧାର ସାଙ୍ଗରେ ମିଶି ଚାରିଆଡେ ଛାଇଯାଏ ଘଙ୍ଘ "।**

(ଜେଜେମା-୧)

କବି ସୀତାକାନ୍ତ ମହାପାତ୍ରଙ୍କ କବିତାରେ ମାଟି ମନସ୍କତା ସର୍ବତ୍ର ଅନୁଭୂତ ହୁଏ । ତାଙ୍କ କବିସତ୍ତାଟି ସଂପୂର୍ଣ୍ଣ ରୂପେ ଭାରତୀୟ ଭୂମିର ଐତିହ୍ୟ ଉପରେ ଦଣ୍ଡାୟମାନ । ପଶ୍ଚିମ ପୃଥିବୀର ଜଳବାୟୁ ସହିତ ତାଙ୍କର ଗଭୀର ପରିଚିତ ରହିଲେ ହେଁ ସେ ମାଟି ମାଁର ପଣତକାନି ପ୍ରତି ଅଧିକ ବିଶ୍ୱସ୍ତ ଓ ଆସ୍ଥାବାନ ହୋଇଛନ୍ତି । ଆପଣା ମାଟିର ଶ୍ରୀ ଓ ସ୍ୱାତନ୍ତ୍ର୍ୟ ତାକୁ ଆକର୍ଷିତ ଓ ଭବାଚିତ କରିବା ମୂଳରେ ତାଙ୍କ ମାତୃଭୂମି ପ୍ରତି ନିହିତ ବୋଲି କୁହାଯାଇପାରେ । "ଗଛର ଚେର ମାଟି ସହିତ ଜଡ଼ିତ ଏବଂ ତାରି ଅଗ୍ରଭାଗ ଆକାଶ ଦିଗରେ ଉନ୍ମୁଖ । ଠିକ୍ ସେହିପରି ସୀତାକାନ୍ତଙ୍କ କବିତାର ନିମ୍ନଦେଶ ସ୍ୱଦେଶର ମାଟି ସହିତ ଜଡ଼ିତ ହୋଇ ରହିଛି । ସେଠାରେ ତାହା ବେଶ୍ ସ୍ଥାନୀୟ ଓ ଦେଶୀୟ । ମାତ୍ର ସେହି ନିମ୍ନ ସ୍ତରର ଉପରେ ବୃହତ୍ତର ଚେତନାର ଯେଉଁ ମହିମାନ୍ୱିତ ଅଂଶଟି ବିଦ୍ୟମାନ, ତାହା ଆକାଶୋନ୍ମୁଖ ଓ ସାର୍ବଭୌମିକ ।"(୧)

ମାଟି ସହିତ ମଣିଷର ସମ୍ପର୍କ, ପୁଣି ମଣିଷ ସହିତ ମଣିଷର ସମ୍ପର୍କ ସୀତାକାନ୍ତଙ୍କ କବିତାର ଏକ ପ୍ରମୁଖ ସ୍ୱର । ସମ୍ପର୍କର ନିବିଡ଼ତା ଆରମ୍ଭ ହୁଏ କୈଶୋରର ମଧୁର ଅନୁଭବରୁ ଗାଁମାଟି, ନଈପଠା, ଅମରୀବାଡ, ଶହଶହ ଟୋକେଇ କୁଣ୍ଡେଇ ଫୁଲର ଅତି ସାଧାରଣ ପରିବେଶରୁ ଯାହା ପୁଣି କେଉଁ ଦୂରରୁ ସୁଦୂରକୁ ପରିବ୍ୟାପ୍ତ । ବ୍ୟକ୍ତିର ଜୀବନ ନିର୍ବୈକ୍ତିକ ଭାବେ ବନ୍ଧା ପଡ଼ିଯାଏ ତ କ୍ଷଣକର ଝଲକ ଚିରନ୍ତନ ପାଲଟିଯାଏ । ମାଟିର ଉଦାସୀନ ଛାତି ଉପରେ ଛଳଛଳ ଚିତ୍ରୋତ୍ପଳା ଏବଂ ମାଟି, ପାଣିର ମହମହ ବାସ୍ନା କବି ମହାପାତ୍ରଙ୍କ କବିତା 'ଦୀପ୍ତି ଓ ଦ୍ୟୁତି'ଠାରୁ 'ମୃତ୍ୟୁର ଅସୀମ ଧୈର୍ଯ୍ୟ' ପର୍ଯ୍ୟନ୍ତ କବିଙ୍କ ବିପୁଳ କାବ୍ୟ ଚିହ୍ନାମାଟିଠାରୁ ଅଚିହ୍ନା ଆକାଶଯାଏ ପରିବ୍ୟାପ୍ତ। କବିଶ୍ରୀ ମହାପାତ୍ର କେଉଁଠି ମାଟିର ମାୟାରେ ସଂପୂର୍ଣ୍ଣ ବଶୀଭୂତ ହୋଇ ଅଟକିଯାଇନାହାନ୍ତି କିମ୍ବା ଆକାଶର ମୋହରେ ମାଟିର ସମ୍ପର୍କଠାରୁ ଛିନ୍ନମୂଳ ହୋଇଯାଇନାହାନ୍ତି । ପୁନଶ୍ଚ ଏହି ମାଟି ଓ ଆକାଶ ମଧ୍ୟରେ ଅବସ୍ଥିତ ମଣିଷର ସ୍ଥିତିକୁ ଏଡାଇ ଦେଇନାହାନ୍ତି । 'ଶବ୍ଦର ଆକାଶ' କାବ୍ୟ ସଂକଳନସ୍ଥ କବିତା 'ଏରୋଡ୍ରମ' ସତେଅବା କବିଙ୍କ ସମଗ୍ର କାବ୍ୟ ଚେତନାକୁ ମାଟି ଆକାଶ ଓ ଏରୋଡ୍ରମ ପ୍ରତୀକ ମାଧ୍ୟମରେ ଖୁବ୍ ସଂକ୍ଷେପରେ ବୁଝାଇ ଦେବାକୁ ଚେଷ୍ଟା କରିଛି । ମାଟିର ମଣିଷ ମାଟିର ଛାତି ଉପରେ ସୁଖ ଦୁଃଖ ବାଣ୍ଟି ସହଜ ମଧୁର ଜୀବନ ବିତାଏ, ଯାହାକୁ ଲାଭ କରିବାର ଇଚ୍ଛା ନେଇ ଈଶ୍ୱର ବି ମାଟିକୁ ଓହ୍ଲାଇ ମଣିଷ ହେବାକୁ ବ୍ୟାକୁଳ ହୋଇପଡ଼ନ୍ତି ଏବଂ ମଣିଷ ମାଟିର ମମତାରେ ଜୀବନ ଜୀଉଁଜୀଉଁ ଦେବତାଠାରୁ ଅଧିକତର ମହନୀୟ ହୋଇଉଠିଥାଏ । ମାଟି ସହିତ ମଣିଷର ଏହି ଅନାବିଳ ସମ୍ପର୍କ ଏକାନ୍ତ ଭାବେ ସୀତାକାନ୍ତୀୟ । ମଣିଷର ଅତୃପ୍ତ ବାସନାକୁ ତୃପ୍ତ କରିବା ପାଇଁ ମାଟି ନାନା ଭାବରେ ତାକୁ ସଖ୍ୟ ପ୍ରଦାନ କରିବସେ । ମଣିଷ ମଧ୍ୟରେ ଅନନ୍ତ ଅଭୀପ୍ସା ଅତୁଟ ତା'ର ଖୋଜିବାର ନିଶା । ତା'ର ଏହି ଆଶା ଓ ନିଶା ଯେତେ ପରିବ୍ୟାପ୍ତ ହେଲେ ମଧ୍ୟ ତାହା ଏରୋଡ୍ରମ ପରି ନା ଛାଡ଼ି ପାରେ ମାଟି ନା ଆକାଶର ଆସ୍ପୃହା । ତଥାପି

**"ଅସରନ୍ତି ବ୍ୟାପ୍ତି ଖୋଜା**
**ଏଠି ନାହିଁ, ସେଠି ନାହିଁ**
**ଅତଳ ନିଦ୍ରାରେ ନାହିଁ**
**ଭୟଙ୍କର ଚେତନାରେ ନାହିଁ**
**ଜୀବନ ଓ ମୃତ୍ୟୁ ଖୋଜି**
**ରହେ ଖାଲି ଅବଶୋଷ**
**ଅଙ୍କୁରିତ ଅତୃପ୍ତିର ଛାଇ ।"**

(ଏରୋଡ୍ରମ, ଶବ୍ଦର ଆକାଶ)

କବିଙ୍କ ସୃଷ୍ଟିରେ କାଳ କୌଣସି ସୀମିତ ପରିଧିକୁ ଆବୋରି ବସିନି । ମାଟି ଉପରେ ଠିଆ ହୋଇଥିବା ମଣିଷଟି ମାଟିଭଳି ପ୍ରାଚୀନ ପୁଣି ପୃଥିବୀ ଭଳି ନିତ୍ୟ ନୂତନ । ବର୍ତ୍ତମାନର ମଣିଷକୁ ନିରେଖି ଚାହିଁଲେ ତେଣୁ ତାଭିତରେ ଉନ୍ମେଷ, ଉତ୍ତରଣ କିମ୍ବା କ୍ଷୟବିନାଶ ସବୁଦିନେ ସବୁକାଳରେ ଏକାଭଳି । ତା'ଭଳି ଜୀଇଁ ରହିଥିବା ଗୋଟିଏ ମଣିଷକୁ ତା'ଠାରୁ ଅଲଗା କରି ଚିହ୍ନେଇ ହୁଏନା । ଅତୀତ ଓ ଐତିହ୍ୟ ସାର୍ବକାଳୀନ ଚେତନା ଭିତରେ ବାରମ୍ବାର ଉଙ୍କିମାରି ଚାହେଁ । ବୋଧ ହୁଏ ଏହି ଐତିହ୍ୟ ସଚେତନତା ପାଇଁ କବି ଶ୍ରୀ ମହାପାତ୍ରଙ୍କ କାବ୍ୟ ଚେତନାରେ ଜୀବନଧାରା ଶେଷହୀନ । ତାଙ୍କର ଅନୁଭବରେ ଚିହ୍ନାମାଟିଠାରୁ ଅଚିହ୍ନା ଆକାଶଯାଏ କେଉଁଠି ବି ଜୀବନ ପଥର ଶେଷ ହୋଇ ପାରେ ନା । ମଣିଷ ସତ୍ତା ଗୂଢ଼ ପରିଚୟରେ କବି ବାଢ଼ି ବସନ୍ତି କବିତା 'ସତ୍ତା ଓ ସମୟ'ରେ –

**"ଏ ନୁହେଁ ଅପରିଚିତ**
**ମନେହୁଏ ଯେମିତି**
**ଅତି ଆପଣାର**
**ଆକାଶର ପ୍ରତି କଣିକାରେ**
**ଏ ମାଟିର ପ୍ରତିଟି ଅଣୁରେ**
**ସାଗରର ପ୍ରତି ଶିରା ଆଉ ଧମନୀରେ**
**ଶୋଣିତ ସ୍ୱାକ୍ଷରେ**
**ଲେଖାଅଛି ମୋ ସତ୍ତାର ଗୂଢ଼ ପରିଚୟ ।"**

(ସତ୍ତା ଓ ସମୟ, ଦୀପ୍ତି ଓ ଦ୍ୟୁତି)

କବି ମାଟିରେ ଦେଖନ୍ତି ପଲ୍ଲୀଶ୍ରୀର ବିପୁଳ ଶୋଭା । ତେଣୁ ଗାଁମାଟି ପ୍ରତି ସର୍ବତ୍ର ତାଙ୍କର ମୁଗ୍ଧ ବିଭୋର ଦୃଷ୍ଟି ଭରି ରହିଛି । କବି ରାଉତରାୟଙ୍କଠାରୁ ଗୁରୁପ୍ରସାଦ ମହାନ୍ତିଙ୍କ ଭଳି କବିମାନଙ୍କ କବିତାରେ ବେଶ୍ ରୋମାଣ୍ଟିକ୍ ଏଇ ଗାଁ ଭୂଇଁ । କିନ୍ତୁ କବି ଗଡ଼ନାୟକଙ୍କ ଦୃଷ୍ଟିରେ ଏ ମାଟି ଏକାନ୍ତ ଅତୁଳନୀୟ –

**"ବିଜୟିନୀ ଆଜି ତୁମ୍ଭେ ଏ ବିଶ୍ୱ ଭୁବନେ**
**ସୁନ୍ଦରୀ କଲ୍ୟାଣୀ**
**ନମ୍ର ହୋଇ ହୋଇଛି ବିରାଟ**
**ଆଜି ତୁମେ ଜଗତର ରାଣୀ ।"(୨)**

ମଣିଷର ଖୁବ ନିକଟବର୍ତ୍ତୀ ଏହି ମାଟି । ଜନ୍ମଠାରୁ ମରଣ ପର୍ଯ୍ୟନ୍ତ ତା'ର ବ୍ୟାପ୍ତି । ମୃତ୍ୟୁ ପରେ ମାଂସ ଆଉ ମାଟିର ସମୀକରଣକୁ ବୁଝନ୍ତି କବି । ତେଣୁ ପରିଣତ ବୟସରେ ଅଧିକରୁ ଅଧିକ ମାଟିର ମୋହ ତାଙ୍କୁ ଆଚ୍ଛନ୍ନ କରିରଖିଛି । କେବଳ ମାଟିର ଚିତ୍ର ନୁହେଁ ତା'ର ଚରିତ୍ରମାନଙ୍କୁ ମଧ୍ୟ ସଶ୍ରଦ୍ଧ ଦୃଷ୍ଟି ନିବେଦନ କରିଛନ୍ତି । ମାଟି ଭଳି ପ୍ରାଚୀନ ଆଦିବାସୀ ମଣିଷଟିକୁ କବି ଆଙ୍କି ବସନ୍ତି, ତା'ର ଛଳଛଳ ଜୀବନ ଭିତରେ ମାଟିର ମହିମା ଗାନ କରନ୍ତି । ଆକାଶର ସୁଦୂର ସ୍ୱପ୍ନ ତା ପାଇଁ ମିଥ୍ୟା ହୋଇପାରେ, ଧରତନୀ, ଦର୍ମୁ, ସାହୁକାର ତାକୁ ସମସ୍ତେ ପ୍ରତାରିତ କରିପାରନ୍ତି, ମାତ୍ର ତା ଜୀବନରେ ଅବଶିଷ୍ଟ ଯେଉଁ ପ୍ରତ୍ୟୟ ରହିଯାଏ ସେ ମାଟି । ସେ କେବେ କାହାର ଭରସା ତୁଟେଇ ଦିଏନି । ସବୁର ଅବକ୍ଷୟ, ବିଳୟ ଅଛି, ମାତ୍ର ସ୍ଥାୟୀ ପ୍ରତିମା ଏହି ମାଟି । କବି ଦିଶାରୀକୁ ସାନ୍ତ୍ୱନା ଦିଅନ୍ତି –

**"ଯିଏ ଗଲା ସିଏ ଗଲା**
**ଦରମରୁ ଦୁଃଖ ଅଛି ନା ଧରତିନୀର**
**ନିର୍ବିକଳ୍ପ ନିର୍ଲିପ୍ତ ସାରା ପୃଥ୍ୱୀ**
**ସବୁ ଜଳିଗଲେ, ଗଛଲଟା ପତ୍ରଫୁଲ**
**ଖାଲି ମାଟି ହିଁ ରହେ ମାଟି ।"(୩)**

କବିତା 'ରୋଗଶର୍ଯ୍ୟା'ରେ ମାଟି ପ୍ରତି ଅନନ୍ୟ ଦୃଷ୍ଟି କବିଙ୍କର । ଦୁଃଖ, ଯନ୍ତ୍ରଣା, ବିଷାଦ ପରି ଆସେ ଜୀବନ ପାଇଁ ମୃତ୍ୟୁ । ମାଟି ଏଠାରେ ଜୀବନର ଅନ୍ୟନାମ ନୁହେଁ, ବରଂ ମୃତ୍ୟୁର ଶେଷତମ ପ୍ରଶାନ୍ତି । ଚିରକାଳ ବଞ୍ଚି ରହିବାକୁ ଇଚ୍ଛାକରେ ମଣିଷ ଯଦିଏ ସେ ଜାଣିଥାଏ ତା'ର ଜୀବନ ଗୋଟାଏ ରୋଗଶଯ୍ୟା ମାତ୍ର । ସେ ଆତ୍ମ ସଚେତନ ହୁଏ, ଶୁଣିପାରେ ମାଟିର ମହାସତ୍ୟକୁ –

**"ମାଟିର ଡାକରା ପ୍ରତିଧ୍ୱନିତ ହେଲାଣି ତା'ର ଶିରା ପ୍ରଶିରାରେ**
**ସତେ ଯେମିତି ଅନ୍ଧାରର ଗହୀର ପାଣିରେ**
**ପାଣିକୁଆ ପରି ବୁଡ଼ ମାରିମାରି**
**ଏଇ ମାତ୍ର ଉଠି ଆସିଚି ମୁ କୂଳକୁ**
**ଆଃକି ତୃପ୍ତି, କି ଆନନ୍ଦ**
**କି ଶାନ୍ତି ।"(୪)**

'ସମୟର ଶେଷ ନାମ'ରେ ମାଟି ମହାକାଳର ସ୍ୱରୂପ ଭାବେ ହୁଏ ପ୍ରକଟିତ । ମଣିଷ ଜୀବନର ହସ କାନ୍ଦ, ଭଙ୍ଗାଗଢ଼ା କାହାକୁ ସେ ମନେ ରଖେନି । ତା'ର ଛୋଟ ଛୋଟ ଭାବପ୍ରବଣତା ପ୍ରତି ମାଟି ବଡ଼ ନିର୍ବିକାର, ବଡ଼ ଉଦାସୀନ । ଯଦିଏ ମାଟି ଉପରେ ନିର୍ଭରଶୀଳ ମଣିଷ ଜୀବନର ସୀମାହୀନ ଶୂନ୍ୟତାରୁ ଚେନାଏ, ମାଟିର ଇଟାରେ ଆବଦ୍ଧ ହୋଇଯାଏ । ଟିକିଏ କଅଁଳ ଅନୁରାଗରେ ପଲ୍ଲବିତ ହୋଇଯାଏ, ଅଥଚ ମାଟିର ନିରପରାଧ କ୍ରୋଧରେ ପୁଣି କ୍ଷଣିକରେ ଚୂନା ହୋଇଯାଏ । ଅକୁହା ଶବ୍ଦର ବନ୍ଧନୀରେ ନିଜକୁ ଆବିଷ୍କାର କରେ ।

**"ଅଥଚ ମାଟିକୁ ଆପଣାର କରିବାକୁ ପଡ଼େ**
**ମୁଣ୍ଡ ଝାଳକୁ ତୁଣ୍ଡେ ମାରି ମଣିଷଟେ ଘରଗଢ଼େ**
**ମାଟିକୁ ଆବୋରି ବସେ କି ଅଦମ୍ୟ କାମନାରେ**
**ପୁଣି କାମ ସରିଯାଏ ଫୁଲଗଛ ମରିଯାଏ**
**ମାଟି ତଳେ ମଣିଷଟି ନିଜେ ଶୋଇପଡ଼େ ।"(୫)**

କିନ୍ତୁ 'ବର୍ଷା ସକାଳ'ର କବିତାରେ 'କୋଉ ଆଦିମ କାଳରୁ ପୃଥିବୀ'ରେ ପଲ୍ଲୀ ପ୍ରବଣତା ମଧ୍ୟରେ ମାଟିର ଆଶ୍ୱାସନା ଖୋଜନ୍ତି କବି । ତୁଳସୀ ଚଉରାର କ୍ଷୀଣ ପ୍ରଦୀପରେ ଉଜ୍ଜ୍ୱଳି ଉଠିଥିବା ମୁହଁ, ସଳିତାର ବାସ୍ନା, ନୂଆ ଫୁଟିଥିବା ତାରାଙ୍କ ଗୁଣୁଗୁଣୁ ଅକୁହା ଭାଷା ସହିତ ଛାଇ ଆଲୁଅ ସ୍ୱପ୍ନ ଓ ଅନ୍ଧାରରେ ମାଟି ପାଲଟିଯାଏ ପ୍ରାଚୀନ ପରମ୍ପରା ପ୍ରାଣବନ୍ତ ଉତ୍ସ । ଯାହାର ପରିବ୍ୟାପ୍ତ ପରିଧିକୁ ଆଶ୍ରୟ କରି ଆତ୍ମସମର୍ପଣ କରେ ମଣିଷ –

**"କୁହତ ତୁମକୁ ଛାଡ଼ି ଆଉ କେଉଁ ସ୍ୱର୍ଗ**
**ତମ ବିନା କେଉଁ ଅଣିମାଦି ଅଷ୍ଟବର୍ଗ**
**ଗଛର ହଳଦିଆ ପତ୍ର ମୁଁ**
**ତୁମକୁ ଚିହ୍ନେ, ତମକୁ ଜାଣେ, ପ୍ରଣମେ**
**ଆଉ କେଉଁ ଆଶ୍ରା, ଆଉ କେଉଁ ଭରସା ଲୋଡ଼ି ବସିବି, ପୃଥିବୀ**
**ତୁମେ ତ କାଳେ କାଳେ, ସବୁକାଳେ ଏଇଠି**
**ଇହକାଳ, ପରକାଳ ମୋର ପୃଥିବୀ ।"**

(କୋଉ ଆଦିମ କାଳରୁ ପୃଥିବୀ, ବର୍ଷା ସକାଳ)

ମାଟିର ଦର୍ଶନ ସହଜରେ ହୃଦୟଙ୍ଗମ କରିପାରେନା ମଣିଷ । ଝଡ଼ର ଉଦାସ ମୁହଁ, କାଉର କା' କିମ୍ବା ନିସ୍ତବ୍ଧ ଦ୍ୱିପ୍ରହରର ଅପ୍ରିୟ ସତ୍ୟ ବୁଝିବାକୁ ବର୍ଷ ବର୍ଷ ଲାଗିଯାଏ । ଏ ସବୁ ତା'ର ପ୍ରାତ୍ୟହିକ ଜୀବନ କଥା । ଗଛର ଜୀବନ ସହିତ ମଣିଷ ଜୀବନର ସାମ୍ୟ ଦେଖନ୍ତି କବି । ଯେତେ ଉର୍ଦ୍ଧ୍ୱରେ ପତ୍ର, ଫୁଲ ଓ ଫଳରେ ଭର୍ତ୍ତି ଗଛଟିଏ ଶୋଭା ପାଉଥିଲେ ବି ତା'ର ଆଦିରହସ୍ୟ ରହିଥାଏ ସେହି କୁନି କୁନି ଚେର ମଧ୍ୟରେ । ଠିକ୍ ସେହିପରି ମଣିଷଜୀବନ ପରିଧିର ମଧ୍ୟବିନ୍ଦୁ ହିଁ ମାଟି, ସେହି ତା'ର ସ୍ୱପ୍ନ, ସେହି ତା'ର ସାର୍ଥକତା ।

**"କାଲି ପୁଣି ନୂଆମାଟି**

**ପବନରେ, ଆଲୁଅରେ ନୂଆ କଢ଼**
**କଅଁଳ ପତର**
**ତୁ କି ଜାଣୁ ଗଛ ଯାହା**
**ମଣିଷ ଜୀବନ ତାହା**
**ପତ୍ରଫୁଲ ଫଳ ନୁହେଁ**
**ଗଛପରି ମଣିଷର ସୁଗଭୀର ପରିଚୟ**
**ଅନ୍ଧାରି ମାଟିରେ ସ୍ୱପ୍ନ ଓ ଉଷ୍ଣତା**
**ଖୋଜୁଥିବା କୁନି କୁନି ଚେର ।"**

(ଚେର, ବର୍ଷା ସକାଳ)

ସବୁଶେଷ ହୋଇଗଲା ପରେ ଅବଶିଷ୍ଟ ଯାହା ରହେ ତାହା ହିଁ ମାଟି । ଆତ୍ମା ମିଶେ ପରମାତ୍ମାଙ୍କ ସହିତ ମାତ୍ର ପିଣ୍ଡ ପଡ଼ିରହେ ମାଟି ସହିତ ମାଟି ହୋଇ । ମାଟି ଆରମ୍ଭ ଓ ଶେଷର ଅନ୍ୟନାମ ।

**"ଆତ୍ମା ଯାଏଁ ଆଲୁଅର ସହରର ଘୃଣ୍ୟ ବଡ଼ିମାକୁ**
**ଛୋଟ ଗାଁ ଅନ୍ଧାର ବାଉଁଶ ବଣକୁ**
**ମାଟିଥାଏ ସବୁକାଳେ**
**ଶୁଖିଯାଏ ପାଣି ଆଉ ପଦ୍ମଫୁଲ ଜ୍ୟୋସ୍ନର ତାତିରେ ।"**

(ମହାବାହୁ ସାଥୀ ମାନେ, ସମୁଦ୍ର)

ମାଟି ଓ ମଣିଷ ପ୍ରତି ସଚେତନ ତଥା ସମ୍ବେଦନଶୀଳ କବିଙ୍କ କଲମରେ ତେଣୁ ମାଟିମନକୁ ହିଁ କବିତା ହୋଇଯାଏ । ଶବ୍ଦ ପାଲଟେ ତା'ର ମାଧ୍ୟମ । କବି ସେହି ଶବ୍ଦକୁ ବ୍ରହ୍ମ ଭାବରେ ନିରାଜନା କରନ୍ତି । କବିଙ୍କୁ କୃଷକ ଭାବେ ଗ୍ରହଣ କରି ଗବେଷକ ଡଃ ଦାଶରଥୀ ଦାସ କହନ୍ତି – "କୃଷକ ପାଇଁ ଧାନଟିଏ ଗଜାମାରେ, କବିଙ୍କ ପାଇଁ ଶବ୍ଦଟିଏ ଅର୍ଥ ଧରେ, ସେ ନୀରବତାର କିଆରିରେ ଗୋଟିକି ଗୋଟି ଶବ୍ଦର ଚାରାରେ ଚାଲନ୍ତି । ଏଥିରେ ତାଙ୍କର ଇଚ୍ଛା ନଥାଏ କି ଅନିଚ୍ଛା ନଥାଏ, ଥାଏ କେବଳ ଅଙ୍ଗୀକାର । ତାହାହିଁ ତାଙ୍କର ପୁଣି ଉଭୟ ଜୀବିକା ଓ ବିନୋଦନା ମାଟିପ୍ରତି ପ୍ରତିଶ୍ରୁତି – କୃଷକ, କବିତା ପ୍ରତି କବି । ଦୁହିଁଙ୍କ ପାଇଁ ବନ୍ୟା ଓ ମରୁଡ଼ି ଆଶଙ୍କା ବର୍ତ୍ତମାନ ତଥାପି ଦୁହେଁ ବ୍ୟକ୍ତିଗତ ହତାଶା ଓ ଯନ୍ତ୍ରଣା ପ୍ରତି ଉଦାସୀନ ରହି ମଣିଷର ସାମୂହିକ ଭବିଷ୍ୟତରେ ବିଶ୍ୱାସ ରଖନ୍ତି ।"(୬) ଏହିପରି ଏକ ଭାବାବେଗ ସହ ଆଚ୍ଛନ୍ନ ରହନ୍ତି କବି । ତେଣୁ ହିଁ କାବ୍ୟ ରଚନା କାଳରେ ମାଟି ତାଙ୍କର ଏତେ ବେଶୀ ଆପଣାର । ଏହି ମାଟି ପ୍ରୀତି, ଯେକୌଣସି ସତ୍ କବିଙ୍କୁ ପରମ୍ପରା ପ୍ରତିବିଶ୍ୱସ୍ତ କରାଇଥାଏ । ପଲ୍ଲୀର ପ୍ରାଣସ୍ପନ୍ଦନକୁ ଶୁଣିବାର କ୍ଷମତା ପ୍ରଦାନ କରାଏ ଏବଂ ମହାକାଳ ଓ ଈଶ୍ୱରଙ୍କୁ ଉପଲବ୍ଧି କରିବାର ମାଧ୍ୟମଟିଏ ପାଲଟିଯାଏ ।

ସୀତାକାନ୍ତଙ୍କ 'ଦୁଇପକ୍ଷୀ' କବିତାରେ ଶ୍ୱେତାଶ୍ୱେତର ଉପନିଷଦର 'ଦ୍ୱା.ସୁପର୍ଣ୍ଣା, ସୟୁଜା ସଖାୟୁ'ରୁ ଆରମ୍ଭ ପ୍ରସିଦ୍ଧ ମନ୍ତ୍ରଟି ବ୍ୟବହୃତ । ଏଥିରେ କବିଙ୍କର ଆଧ୍ୟାତ୍ମ ଚେତନା ଓ ଭାଗବତବୋଧର ଘଟିଛି ଅନନ୍ୟ ପରିପ୍ରକାଶ ଯେଉଁଠାରେ କବି ପରମସତ୍ତାକୁ ପରିଚିତ ମାଟି ଭାବେ ଗ୍ରହଣ କରିନେଇଛନ୍ତି । ଏ ମାଟି ଈଶ୍ୱରଙ୍କଠାରୁ ଭିନ୍ନ ନୁହେଁ । କବିଙ୍କ ଭାଷାରେ –

**"ପରିଚିତ ମାଟି ତୁମେ, ଘାସଫୁଲ ହସ ତୁମେ**
**ଅନ୍ତଃସତ୍ତ୍ୱା ଫସଲର ସବୁଜ ପ୍ରତୀତି**
**ତୁଳସୀ ଚଉରା, ତୁମେ ଅତି ଆପଣାର**
**ଲୁହ ଲୁହ, ହସକାନ୍ଦ ଇହପର ଲୋକ**
**ଇତିହାସ ଭଗ୍ନପାଦ ଖଞ୍ଜ ଯେତେ ଘଟଣା ପ୍ରବାହ**
**ସବୁସିନା ତୁମରି ନିର୍ମୋକ**
**ମାଟିର ଆଶ୍ଳେଷେ ରହି କାଦୁଅରେ ଗୋଡ଼ଥାପି**
**ତୁମେ ଅନ୍ୟ ଆକାଶେ ଉନ୍ମୁଖ ।"**

(ଦୁଇ ପକ୍ଷୀ, ଶବ୍ଦର ଆକାଶ)

ସାର୍ବଜନୀନ ମଣିଷ ପଛେଁ ଯେପରି ମାଟି ବ୍ୟକ୍ତି ଜୀବନରେ ସେହିପରି ଘରଟିଏ, ସ୍ନେହ ମମତାରେ ଭରପୂର ଏକ ନିର୍ଭରଯୋଗ୍ୟ ଆଶ୍ରୟସ୍ଥଳୀ । ତେଣୁ କବିଙ୍କ ସ୍ମୃତିପଟରେ ମାଟିଭଳି ଆପଣାର ଘରଟି ମଧ୍ୟ ଲୋଭନୀୟ କଜ୍ଜଳ ଲଗାଏ । କ୍ଷୁଦ୍ର ପୃଥିବୀ ସଦୃଶ ଏହି ଘର । ଯେଉଁଠି ମମତାର ବନ୍ଧନ ଓ ବୈରାଗ୍ୟର ମୁକ୍ତି ଉଭୟରେ ଆଖିରୁ ଲୁହଝରାଏ, ଚେତନ ଓ ଅବଚେତନର ଦୋଛକିରେ କବି ଖୋଜି ଖୋଜି ହୁଅନ୍ତି ତୀର୍ଥସ୍ଥାନକୁ, ଯେଉଁଠି – "ଷଟୀ ଦୁଛେଇ ଏବେ ମଟମଟ ଚାହୁଁଛନ୍ତି ସେ କାନ୍ଥରେ ।"(ଘର, ଶବ୍ଦର ଆକାଶ) କବି ସ୍ମୃତିରେ ହଜିଯାଆନ୍ତି, ଖୋଜନ୍ତି ମଣିଷର ମୂଳକୁ । ଯେଉଁଠାରେ ଜୀବନର ଆରମ୍ଭ ବିନ୍ଦୁଟି ଆଙ୍କି ହୋଇରହିଛି, ତାକୁ ଛୁଇଁବାକୁ, ତା'ପାଖକୁ ଧାଇଁ ବ୍ୟାକୁଳ ହୁଅନ୍ତି –

**"ସଞ୍ଜ ନଇଁ ଆସିଲାଣି**
**କହିକି ପାରିବ ଭାଇ**
**କେଉଁଠି ମୋ ନିଜ ଗାଆଁ, କେଉଁଠି ମୋ ଘର**
**ମୁଁ ଦିନେ ଏଇଠି ଥିଲି, ଏଇ କେଉଁ ପାଖ ଗାଆଁ**
**ସେଠି ଅଛି ମାଟି, ବାଲି, ଖରା, ତରା**
**ସେଠି ଝରେ ବର୍ଷା ଓ ଶିଶିର ।"**

(ଘର, ଶବ୍ଦର ଆକାଶ)

ସୀତାକାନ୍ତଙ୍କ କବିତା 'ମାଟି ଓ ମଣିଷ'ର ଭାବବୋଧ, ମୃତ୍ୟୁଗ୍ରସ୍ତ ପରିବେଶ ମଧ୍ୟରେ ନୂତନ ଜୀବନର ସଞ୍ଚାର ଉନ୍ମୁଖ । କାରଣ କବିଙ୍କ ଭାଷାରେ –

**ମୃତ୍ୟୁ ନାହିଁ ଆକାଶର, ଯାଦୁକାରୀ ଆକାଶର**
**ମୃତ୍ୟୁ ନାହିଁ ଏ ମାଟିର ତାରା ଆଉ ଫସଲର**
**ମେଘ ଆଉ ସମୁଦ୍ର ହାଓ୍ୱାର**
**ବିମଳିନ ଆଲୁଅରେ ଆଦିମ ଆକାଶ ତଳେ**
**ମୃତ୍ୟୁ ନାହିଁ ଏ ମାଟିର ।"**

(ମାଟି ଓ ମଣିଷ, ଅଷ୍ଟପଦୀ)

ମାଟି ସତ୍ୟ ଓ ବାସ୍ତବ । ଭାରତୀୟ ସାହିତ୍ୟରେ ମାଟିର ବନ୍ଦନା ଗାଇବାକୁ କବି ଶତମୁଖ ହୋଇଉଠିଛି । ମାଟି ମାଆ ପରି ଆଦରଣୀୟ ଓ ପୂଜନୀୟ । ପଞ୍ଚଭୂତ ମଧ୍ୟରୁ ସେ ଅନ୍ୟତମ । ଯେଉଁଥିରୁ ପ୍ରାଣୀ ଜୀବନଶକ୍ତି ଆହରଣ କରି ବଞ୍ଚିଥାଏ ଏବଂ ମୃତ୍ୟୁପରେ ଯା'ମଧ୍ୟରେ ନିଜକୁ ହଜାଇ ଘଟ ପରିବର୍ତ୍ତନ କରିଥାଏ । ମହାନ ଭାରତୀୟ ସଂସ୍କୃତି ମଣିଷର ତିନୋଟି ଜନ୍ମଭୂମିକୁ ବିଶ୍ୱାସ କରେ, ତା'ର ବାସସ୍ଥାନ ମାଟି-ପୃଥିବୀ ଲୋକ, ଦ୍ୱିତୀୟ ଭୂମି ସ୍ମୃତିଜଗତ ତୃତୀୟ ଜନ୍ମ ଆତ୍ମିକ ନିଖିଳରେ । ମାଟି ଜୀବନର ମୂଳଉତ୍ସ ଏବଂ ମଣିଷ ମାଟି ଉପରେ ଏକ ଚିରନ୍ତନ ପ୍ରଭାବ । ଦୁହେଁ ପରମ୍ପରା ଓ ପରିବର୍ତ୍ତନର ଏକ ମିଶ୍ରିତ ରାଗ । ଜନ୍ମରୁ ମୃତ୍ୟୁଯାଏ ମାଟିକୁ ଆଶ୍ରୟ କରି ବଞ୍ଚି ରହିଥାଏ ମଣିଷ । ତେଣୁ ମାଟିହିଁ ମଣିଷ ଜୀବନ ପାଇଁ ସବୁକିଛି ।

### ସହାୟକ ଗ୍ରନ୍ଥସୂଚୀ


୧. ଦାସ, ଦାଶରଥି : 'ଚିହ୍ନାମାଟି ଅଚିହ୍ନା ଆକାଶ', ପୃ.୬୮

୨. 'ସଞ୍ଚୟନ', ସଂପାଦନା, ଶତପଥୀ, ବସନ୍ତ : ସାହିତ୍ୟ ଏକାଡ଼େମୀ ନୂଆଦିଲ୍ଲୀ ପୃ.୩୮୩

୩. ମହାପାତ୍ର, ସୀତାକାନ୍ତ : 'ପ୍ରତାରଣା', 'କାହାକୁ ପୋଛିବା କହ' କବିତା ସମଗ୍ର-୩, ପୃ. ୧୭୫

୪. ମହାପାତ୍ର, ସୀତାକାନ୍ତ : 'ରୋଗଶର୍ଯ୍ୟା', 'ଫେରିଆସିବାର ବେଳ' କବିତା ସମଗ୍ର-୩, ପୃ.୩୨୮

୫. ମହାପାତ୍ର, ସୀତାକାନ୍ତ : 'ଘର', 'ସମୟର ଶେଷ ନାମ' କବିତା ସମଗ୍ର-୩, ପୃ.୯

୬. ଦାସ, ଡଃ ଦାଶରଥି : 'ଚିହ୍ନା ମାଟି ଅଚିହ୍ନା ଆକାଶ' ପୃ.୧୬-୧୭


❖❖❖

# "ବତୀଶିଖା ନିଆଁରେ ଆଧୁନିକ ମଣିଷ ଜୀବନ: ରମାକାନ୍ତଙ୍କ ପ୍ରତୀକବାଦୀ କବିତା ଲଣ୍ଠନ"



ISSN-2583-6978
Volume-3
Issue-8
AUGUST-2023

**ଡ. ପ୍ରଦୋଷ କୁମାର ସ୍ୱାଇଁ**

**ବରିଷ୍ଠ ସହକାରୀ ଅଧ୍ୟାପକ**
**ଓଡ଼ିଆ ବିଭାଗ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡ଼ିଶା**
**ସୁନାବେଡ଼ା, କୋରାପୁଟ-୭୬୩୦୦୪**

ଗତ ଶତକର ତୃତୀୟ ଦଶନ୍ଧି ପରେ ପରେ ସାମ୍ୟବାଦୀ ଚେତନାକୁ କେନ୍ଦ୍ର କରି ଯେଉଁ ପ୍ରଗତିଶୀଳ କାବ୍ୟଧାରା ବିକାଶ ଲଭିଥିଲା, ଷଷ୍ଠ ଦଶନ୍ଧି ବେଳକୁ ସେହି ଧାରା କ୍ରମଶଃ ସିଥିଳ ହୋଇ ପାଶ୍ଚାତ୍ୟ କାବ୍ୟାଦର୍ଶର ଅନୁବର୍ତ୍ତନରେ ଏକ ନୂତନ କାବ୍ୟିକ ପାଣିପାଗ ସୃଷ୍ଟିହୋଇଥିଲା। ଯାହାକୁ ସମାଲୋଚକମାନେ ପ୍ରୟୋଗବାଦୀ କାବ୍ୟଧାରା ଭାବେ ଚିହ୍ନିତ କରିଛନ୍ତି। ସଂଶିତ ପର୍ଯ୍ୟାୟରେ ଓଡ଼ିଆ କବିତା ଉଭୟ ଆଙ୍ଗିକ ଓ ଆତ୍ମିକରେ ନୂତନ ରୂପରେଖ ନେଇଥିଲା ସେମାନଙ୍କ ମଧ୍ୟରେ କବି ଶ୍ରୀ ରମାକାନ୍ତ ରଥ ଅନ୍ୟତମ। ୧୯୩୪ ମସିହାରେ ଜନ୍ମିତ ଶ୍ରୀ ରଥ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରୀ ଲାଭ କଲାପରେ କିଛିବର୍ଷ ଅଧ୍ୟାପନା କାର୍ଯ୍ୟରେ ନିୟୋଜିତ ହୁଅନ୍ତି। ପରବର୍ତ୍ତୀ ସମୟରେ ଭାରତୀୟ ପ୍ରଶାସନିକ ସେବା ( ଆଇ.ଏ.ଏସ୍) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଭାରତ ସରକାରଙ୍କ ଅଧିନରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବି ଅଳଙ୍କୃତ କରି ଇତି ମଧ୍ୟରେ ଅବସର ଗ୍ରହଣ କରିଛନ୍ତି। ପେଶାରେ ଜଣେ ଦକ୍ଷ ପ୍ରଶାସକ ହେଲେ ମଧ୍ୟ ସାହିତ୍ୟ ସର୍ଜନା ଥିଲା ତାଙ୍କ ଜୀବନର ପରମ ନିଶା। ଦୀର୍ଘ ଅର୍ଦ୍ଧଶତକରୁ ଉର୍ଦ୍ଧ୍ୱକାଳ ଧରି ସେ ନିରଳସ ଭାବେ ସରସ୍ୱତୀ ଆରାଧନାରେ ନିଜକୁ ଜଣେ ସନ୍ନ୍ୟାସୀ ପରି ଅନାସକ୍ତ ଭାବରେ ନିୟୋଜିତ କରି ଆସିଛନ୍ତି। ତାଙ୍କ ସୃଷ୍ଟିଶୀଳ ଲେଖନୀରୁ ଏଯାବତ୍ ଝରିଆସିଛି 'କେତେଦିନର'୧୯୬୨, 'ଅନେକ କୋଠରୀ' ୧୯୬୭, ୧୯୯୬ରେ 'ସନ୍ଦିଗ୍ଧ ମୃଗୟା', ୧୯୭୭ ରେ 'ସପ୍ତମ ଋତୁ', ୧୯୮୨ ରେ 'ସଚିତ୍ର ଅନ୍ଧାର', ୧୯୮୫ରେ 'ଶ୍ରୀରାଧା', ୧୯୯୬ରେ 'ଶ୍ରୀପଳାତକ', 'ସୀମାନ୍ତବାସ' ୨୦୦୨, 'ଫେରିଚାହିଁଲେ' ୨୦୦୪ ଇତ୍ୟାଦି ସାର୍ଥକ କବିତା ସଂକଳନ।

ରମାକାନ୍ତଙ୍କ ଦୀର୍ଘବର୍ଷର କାବ୍ୟ ଯାତ୍ରାପଥକୁ ଅନୁଶୀଳନ କଲେ ଜଣାଯାଏ ତାଙ୍କ କାବ୍ୟଧାରା ମୁଖ୍ୟତଃ ତିନୋଟି ପର୍ଯ୍ୟାୟରେ ଗତିଶୀଳ। ତାଙ୍କ ପ୍ରଥମ କବିତା ସଂକଳନ 'କେତେଦିନର', 'ଅନେକ କୋଠରୀ'ସ୍ଥ କବିତା ଗୁଡ଼ିକ ସାଧାରଣତଃ ତାଙ୍କ କବି ଜୀବନର ଉନ୍ମେଷ ପର୍ଯ୍ୟାୟ କାଳିନ ରଚନା। 'ସପ୍ତମ ଋତୁ' ଓ 'ଶ୍ରୀରାଧା' ଯଥାକ୍ରମେ ସାହିତ୍ୟ ଏକାଡ଼େମୀ ଓ ସରସ୍ୱତୀ ସମ୍ମାନ ଲାଭ କରିବା ପରେ ସର୍ବ ଭାରତୀୟ ସ୍ତରରେ ରମାକାନ୍ତଙ୍କୁ ସ୍ୱୀକୃତି ଓ ପ୍ରତିଷ୍ଠା ମିଳିଥିଲା ଯଥାର୍ଥରେ ଏହି ହିଁ ଥିଲା ରମାକାନ୍ତଙ୍କ କାବ୍ୟିକ ଚେତନାର ବିକାଶ କାଳ। ଚଳିତ ଶତକରେ ରଚିତ କବିତା ଗୁଡ଼ିକୁ ଅନୁଧ୍ୟାନ କଲେ ମନେ ହୁଏ କବିଙ୍କ କାବ୍ୟ ସ୍ୱର ଓ ସ୍ୱାକ୍ଷର ପୂର୍ବବର୍ତ୍ତି କବିତା ଗୁଡ଼ିକ ଭଳି ଆଶାନୁରୂପ ପ୍ରଭାବଶାଳୀ ନୁହେଁ। ତେଣୁ ଏହି ପର୍ଯ୍ୟାୟକୁ ଶ୍ରୀ ରଥଙ୍କ କାବ୍ୟିକ ଉତ୍ତରଣ ଭାବେ ଗ୍ରହଣ କରାଯାଇପାରେ।

ଯେକୌଣସି କବିଙ୍କ ପ୍ରତିଭା ବିକାଶର ଚରମ ବିନ୍ଦୁକୁ ସ୍ପର୍ଶ କରିବା ପରେ ଉତ୍ତରଣ ଲୋଡ଼ିଥାଏ। କବି ମଣିଷ ସମାଜ, ସମୟର ପ୍ରାଣସ୍ପନ୍ଦନକୁ କବିତା ଛାତିରେ ଅତ୍ୟନ୍ତ ଜୀବନ୍ତ କରି ତୋଳି ଧରୁଥିଲା, ସେହି କାବ୍ୟ ପୁରୁଷଟି ଉତ୍ତରଣ ପର୍ଯ୍ୟାୟରେ ଅଧିକରୁ ଅଧିକ ରହସ୍ୟଚ୍ଛନ୍ନ ହୋଇପଡ଼ିଛି। ତେବେ କେଉଁଠି ମଧ୍ୟ ମଣିଷର ମନ ଓ ହୃଦୟଠାରୁ ଦୂରେଇ ଯାଇ ନାହାନ୍ତି। ଯୁଗ ଚେତନାକୁ ନିଜ କବିତାର ଏକ ବଳିଷ୍ଠ ଉପାଦାନ ଭାବେ ସେ ସର୍ବଦା ଗ୍ରହଣ କରିଛନ୍ତି। ତେଣୁ ସମାଜର ସବୁ ସ୍ତରର ମଣିଷ ତାଙ୍କ କବିତାରେ ରୂପ ଲାଭ କରିଛନ୍ତି ଅତ୍ୟନ୍ତ ବାସ୍ତବ ଭାବରେ। ବିନ୍ଦୁ ମଧ୍ୟରେ ସିନ୍ଧୁର ପରିକଳ୍ପନା ଶ୍ରୀ ରଥଙ୍କ କବିତାର ଅନ୍ୟତମ ବଳିଷ୍ଠ ଦିଗ। ଅଗ୍ରଜ

ଭାବନାକୁ ସୀମିତ ଶବ୍ଦର ପାଖୁଡ଼ାରେ ପ୍ରସ୍ଫୁଟିତ କରାଇବାର କାରିଗରି ତାଙ୍କୁ ବେଶ୍ ଭାବରେ ଜଣା। କବି ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟରୁ ଏଯାବତ୍ ଏହି କଳାକୌଶଳ ଅବ୍ୟାହତ। ଆଲୋଚ୍ୟ ପ୍ରବନ୍ଧରେ ସେହି ନିଗୁଣ କାରିଗରିର ଏକ ଜୀବନ୍ତ ପ୍ରତିଲିପି ଲଣ୍ଠନ କବିତାକୁ ବିଶ୍ଳେଷଣ କରିବା ପାଇଁ ସାମାନ୍ୟ ପ୍ରୟାସ କରାଯାଇଛି।

'କେତେଦିନର' କବିତା ସଂକଳନ ରମାକାନ୍ତୀୟ କାବ୍ୟ ଚେତନାର ସରଳ ଭାବୋଚ୍ଛ୍ୱାସର ତରଳ ପରିପ୍ରକାଶ। ସଂକଳନଟିରେ କବିଙ୍କର ସୂକ୍ଷ୍ମ କାବ୍ୟିକ ଅନୁଚିନ୍ତାର ସ୍ୱତନ୍ତ୍ର୍ୟ ଓ ମୌଳିକତା ଲକ୍ଷଣୀୟ। ଆଲୋଚ୍ୟ ସଂକଳନଟି ସାଧାରଣତଃ 'ବହୁତଦିନର' ଏବଂ 'ଅଳ୍ପଦିନର' ଏହି ଭଳି ଦୁଇ ଭାଗରେ ବିଭକ୍ତ। ବହୁତଦିନ ପର୍ଯ୍ୟାୟରେ ସ୍ଥାନିତ କବିତା ଗୁଡ଼ିକ ଯୁବସୁଲଭ, ପ୍ରେମ, ପ୍ରତୀକ୍ଷ, ହତାଶା ଓ ତଦ୍‌ଦ୍ୱାରୁ ତାଙ୍କ ଆତ୍ମିକ ସ୍ପନ୍ଦନ ଓ ପ୍ରତିକ୍ରିୟାର କାବ୍ୟରୂପ ନେଇ ପ୍ରକାଶିତ ହେଲେ ବି ଏକ କବିତା ଗୁଡ଼ିକରେ ପ୍ରେମର ଗତାନୁଗତିକ 'ତାଳିଯିବା' ଓ ତଳିଯିବା ପରି ଆସକ୍ତ ରୋମାଣ୍ଟିକ ଉଚ୍ଛ୍ୱାସ ଦେଖାଯାଏ ନାହିଁ, ବରଂ ପ୍ରେମ ପ୍ରତି ଅଛି ଗଭୀର ନିରୀକ୍ଷ ଓ ସମୀକ୍ଷାତ୍ମକ ମନୋବୃତ୍ତି। ସଂକଳନର ପ୍ରଥମ କବିତା 'ଭୟ'ରେ ନିରିହ ମେଷ ଛୁଆ ଭାବେ ଜନ୍ମିତ କାବ୍ୟ ନାୟକ ଚିଲର ଶଠତା ଓ ଆତଙ୍କରୁ ମୁକ୍ତି ପାଇଁ ପୁତ୍ତଳିକାର ଶରଣ ଲୋଡ଼ି ପ୍ରବଞ୍ଚିତ ହୋଇଛି। ବଞ୍ଚିବାର ଅପରିହାର୍ଯ୍ୟତା ଆପଣଙ୍କୁ ଆପେ ଠକି ହେବାର ଶଠତା ଓ ସମୟ ଠାରୁ ପରାଜିତ ହେବାର ଗ୍ଳାନି କାବ୍ୟ ନାୟକକୁ ଆଉ ଏକ ପର୍ଯ୍ୟାୟକୁ ସ୍ଥାନାନ୍ତରିତ ହେବା ପାଇଁ ବାଧ କରିଛି। ବହୁତ ଦିନର ଗ୍ଳାନି, କାବ୍ୟ ନାୟକକୁ ଅଳ୍ପଦିନର ଆଶା ଓ ସ୍ୱପ୍ନ ମଧ୍ୟରେ ବଞ୍ଚିବା ପାଇଁ ଖୋରାକ୍ ଯୋଗାଇଛି। କାରଣ କାବ୍ୟ ନାୟକ "ଭଲ ଭାବରେ ଜାଣେ ଜିଇଁବା ବୋଧ ହୁଏ ଜୀବନର ସବୁଠାରୁ ସତ / ତା' ଠାରୁ ବି ସତ ବୋଧେ ଆଦର୍ଶର ହତ୍ୟା ଆଉ ବିବେକର ମୃତ୍ୟୁର କାହାଣୀ।" ଆଧୁନିକ ମଣିଷର ବାସ୍ତବ ଜୀବନ ଯନ୍ତ୍ରଣାକୁ କବି ସଙ୍କଳନର ଏହି ଭାଗରେ ଅଧିକ ଜୀବନ୍ତ କରି ତୋଳି ଧରିଛନ୍ତି। 'ଲଣ୍ଠନ' ହେଉଛି ଏହି ପର୍ଯ୍ୟାୟ ସେହି ଭଳି ଏକ ପ୍ରଭାବଶାଳୀ କବିତା। ଯେଉଁଥିରେ ଅଛି ସାମ୍ପ୍ରତିକ ମଣିଷର ସତ୍ୟ ଆଉ ଜୀବନର ନିରାଟ ବାସ୍ତବତା।

ଆଲୋଚ୍ୟ କବିତାଟି ଫରାସୀ ପ୍ରତୀକବାଦୀ କାବ୍ୟ ଶୈଳୀର ଏକ ବଳିଷ୍ଠ ଅଭିବ୍ୟକ୍ତି ଭାରତୀୟ ତଥା ଓଡ଼ିଆ ସ୍ରଷ୍ଟା କୂଳ ପୂର୍ବ ପ୍ରଚଳିତ ପାରମ୍ପରିକ ତଥା ଧାର୍ମିକ ପ୍ରତୀକ ଗୁଡ଼ିକୁ ପରିହାର କରି ପାଶ୍ଚାତ୍ୟ ପ୍ରତୀକବାଦୀ ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହୋଇ ଆପଣା ସାହିତ୍ୟରେ ଆଧୁନିକ ମଣିଷର ଜୀବନକୁ ସୁହାଇଲା ଭଳି ଯୁଗରୁଚି ସମ୍ପୂର୍ଣ୍ଣ ପ୍ରତୀକର ପ୍ରୟୋଗ ପାଇଁ ୧୯୩୦ ମସିହା ପରେ ଆଗ୍ରହ ପ୍ରକାଶ କରିଛନ୍ତି। ସେହିଭଳି ଏକ ପ୍ରତୀକ। ଯାହାରି ସାହାଯ୍ୟରେ କବି ରମାକାନ୍ତ ଲଣ୍ଠନର ଜ୍ୱଳନ ଓ ଆଧୁନିକ ମଣିଷର ଅନ୍ତଃଦହନ ମଧ୍ୟରେ ସାଦୃଶ୍ୟ ଭାବ ଲକ୍ଷ୍ୟ କରି ଲଣ୍ଠନ ଭଳି ଏକ ସାଧାରଣ ବସ୍ତୁକୁ ଅସାଧାରଣ ପ୍ରତୀକରେ ପରିଭୂତ କରିଛନ୍ତି। ପ୍ରତୀକ ସର୍ବଦା ଏକ ବଳିଷ୍ଠ ଭାବ ପ୍ରକାଶ କରିବା ସଙ୍ଗେ ସଙ୍ଗେ ମୂଳ ଅର୍ଥ ବ୍ୟତୀତ ବହୁ ଅଧିକ ଓ ବିଭିନ୍ନ ଅର୍ଥ ପ୍ରକାଶ କରିଥାଏ। ପ୍ରକୃତରେ ଏହା ସହିତ ଏକ ଭାବପ୍ରବଣ ଚେତନା ବିମୂର୍ତ୍ତ ଯାହାକି ପ୍ରତିକବାଦୀ କୌଣସି ଅଭିବ୍ୟକ୍ତିକୁ ପରିବର୍ତ୍ତିତ ଭାବ ଓ ପରିସ୍ଥିତିର ପରିପ୍ରେକ୍ଷୀରେ ଯଥେଷ୍ଟ ସମ୍ପ୍ରସାରିତ ଅର୍ଥ ପ୍ରଦାନ କରିଥାଏ। କବିତା ରାଜ୍ୟରେ ଏହି ପ୍ରତୀକବାଦୀ ପ୍ରକାଶର ଉପଯୋଗିତା ଆଧୁନିକ ସାହିତ୍ୟ କଳାକୃତି ରୂପେ ସ୍ୱୀକୃତ। ଏହି ମର୍ମରେ ଲଣ୍ଠନ ପ୍ରତୀକ ଓ କବିତାଟିକୁ ବିଚାର ବିଶ୍ଳେଷଣ କରାଯାଇପାରେ। ସାଧାରଣ ମଣିଷ ପାଇଁ ଲଣ୍ଠନ ଏକ ନିତ୍ୟ ବ୍ୟବହାରିକ ବସ୍ତୁ। ରାତ୍ରିର ଅନ୍ଧକାରକୁ ମ୍ଳାନ କରିବା ପାଇଁ ଏହାର ଆବଶ୍ୟକତା ପଡ଼ିଥାଏ। ମଣିଷ ପ୍ରତିଦିନ ସଞ୍ଜ ନଇଁ ଆସିଲେ ଲଣ୍ଠନର କବିତାରେ ଅଗ୍ନି ସଂଯୋଗ କରେ। ଜଳି ଉଠେ ଲଣ୍ଠନର ପ୍ରଦୀପ। ବାୟୁ ପ୍ରବାହ ଜନିତ ନିର୍ବାପିତ ହେବାର ଆଶଙ୍କାରେ ଲଣ୍ଠନର ଚତୁର୍ପାଶ୍ୱରେ ବେଢ଼ାଯାଇଛି କାଚର ଆସ୍ତରଣ। ପ୍ରଜ୍ୱଳିତ ଶିଖାର ଧୂଆଁରେ କାଚରେ ଜମିଯାଏ ବହଳିଆ କଳା। ପଳତଃ ପ୍ରଦୀପର ଜ୍ୟୋତି ପ୍ରସାରିତ ହେବାରେ ବାଧିତ ହୁଏ। ଅସ୍ପଷ୍ଟ ଦୈନ୍ୟଦିନ କାର୍ଯ୍ୟକଳାପ ଓ ବାସ୍ତବ ସ୍ୱରୂପ। ତେବେ କିଏ ଭାବିଛି ଏହି ସାଧାରଣ ବସ୍ତୁ ଭିତରେ ପ୍ରଦୀପର ଶିଖାଭଳି ପ୍ରଜ୍ୱଳିତ ହେଉଛି ଏକ ଶାଶ୍ୱତ ମାନବୀୟ ଚେତନା। ସେହି ଚେତନାକୁ ଚିହ୍ନିବାକୁ ଅଥବା ବୁଝିବାକୁ ହେଲେ ଆବଶ୍ୟକ ସ୍ୱତନ୍ତ୍ର ପ୍ରତିଭା ଏବଂ ମନନ ଶକ୍ତି। କବି ରମାକାନ୍ତ ରଥଙ୍କ ପାଖରେ ଥିଲା ସେହିଭଳି ଏକ ଅସାଧାରଣ ପ୍ରତିଭା। ଯାହା ସାହାଯ୍ୟରେ କବି ଲଣ୍ଠନର ଆକାର ଓ ପ୍ରକୃତି ମଧ୍ୟରେ ସାମ୍ପ୍ରତିକ ମଣିଷର ସ୍ଥିତିକୁ ଉପଲବ୍ଧି କରିପାରିଛନ୍ତି।

ଆଧୁନିକ ମଣିଷ, ଆଧୁନିକ ଜୀବନ ଏବଂ ଆଧୁନିକ ସମାଜକୁ କେନ୍ଦ୍ରକରି ରମାକାନ୍ତ ରଥଙ୍କ ବ୍ୟକ୍ତିବାଦୀ କାବ୍ୟ ଜଗତ ସଂସ୍ଥିତ ସଚେତନା ମଧ୍ୟରେ ପରିକଳ୍ପିତ। ଜଣେ ସଂସ୍ଥିତି ସଚେତନ କବି ଭାବରେ ବର୍ତ୍ତମାନର ମଣିଷକୁ ସେ ଯେପରି ଅନୁଭବ କରିଛନ୍ତି ଏବଂ ତା' ମଧ୍ୟରେ ଯେଉଁ ସତ୍ୟ ଉଦ୍‌ଘାଟନା କରିଛନ୍ତି ତାହାହିଁ ତାଙ୍କ କବିତାର ଆତ୍ମିକ ବିଶେଷତ୍ୱ। ଆଧୁନିକ ମଧ୍ୟବର୍ତ୍ତ ସୂଚନାଶୀଳ ମଣିଷର ଏକ ପ୍ରତୀକାତ୍ମକ ଚିହ୍ନ ହିଁ 'ଲଣ୍ଠନ' କବିତା, ଯାହା ରମାକାନ୍ତଙ୍କ କାବ୍ୟ ଶୈଳୀର ବଳିଷ୍ଠ ଆଲୋଚ୍ୟ କବିତା। ସ୍ଥିତିବାଦୀ ଦର୍ଶନକୁ କେନ୍ଦ୍ରକରି ଜୀବନ ଓ ଜଗତକୁ ବିଶ୍ଳେଷଣାତ୍ମକ ଦୃଷ୍ଟିଭଙ୍ଗୀର କବିତାରେ ରୂପ ପ୍ରଦାନ କରିବା କବିଙ୍କର ପ୍ରମୁଖ ଲକ୍ଷ୍ୟ ଶୀତ, ଗରୁଡ଼, ଅରୁନ୍ଧତି, ଖରା, ଚନ୍ଦ୍ରମାର ଚୂଡ଼ି ପରି ଲଣ୍ଠନ କବିତାର ପୃଷ୍ଠଭୂମି ଆଧୁନିକ ମଣିଷ ଏବଂ ତାର ଉଦ୍‌ଭଟ୍ଟ ସାମାଜିକ ସଂସ୍ଥିତି। 'ଲଣ୍ଠନ'ର କଳାଜଗତ ଭିତରେ ଜୀବନର ଅଭିଜ୍ଞତା, ଏହି ଅଭିଜ୍ଞତାକୁ ନେଇ ସମାଜରେ ଜୀବନର ସ୍ଥିତି ଏବଂ ନୈବିକ୍ତିକ

ଅଭିବ୍ୟକ୍ତି ଗତ ଏକ ଶିଳ୍ପୀ ସୁଲଭ ବୌଦ୍ଧିକ ପରିସ୍ଥିତ ପାଠକ ସମ୍ମୁଖୀନ ହୋଇଥାଏ । ଆଧୁନିକ ମଣିଷର ନୈରାଶ୍ୟମୟ ସ୍ଥିତି; ବେଦନାବୋଧ ରୁଗୁଣ ମାନସିକତା, ଯନ୍ତ୍ରଣାମୟ ଉଦ୍‌ଭଟ ଜୀବନଧାରା ଓ ଶୂନ୍ୟତାକୁ କେନ୍ଦ୍ରକରି 'ଲଣ୍ଠନ' କବିତାର ପ୍ରତୀକାତ୍ମକ ପରିବେଶ ଏକ ନେତିବାଦୀ କାବ୍ୟ ସ୍ୱର ସୃଷ୍ଟି କରିଛି । 'ଲଣ୍ଠନ' ରମାକାନ୍ତୀୟ କାବ୍ୟ ଚେତନାର ଏକ ପ୍ରୟୋଗବାଦୀ ଚିହ୍ନ ଯେଉଁଥିରେ ପ୍ରୟୋଗଶୀଳ ଆଧୁନିକ ମଣିଷର ଚିନ୍ତାଧାରା ନୂତନ ଛନ୍ଦ, ନୂତନଭାବ, ନୂତନ ରୂପକଳ୍ପ ଓ ପ୍ରତୀକର ଅଭିନବ ସଂଯୋଜନା ମାଧ୍ୟମରେ ପରୀକ୍ଷିତ ହୋଇଛି । ଆଲୋଚ୍ୟ କବିତାର ପ୍ରତିଟି ପଦ ଓ ଶବ୍ଦର ଅଭିଧାନିକ ଅର୍ଥଦେଇ ଭାବ ବିନ୍ଦୁରେ ଉପନିତ ହେବା କାଠିକର ବ୍ୟାପାର । ମାତ୍ର ତାର ସାଂକେତିକ ବ୍ୟାଖ୍ୟା ରୂପଦେଇ ସହଜରେ ଶିଳ୍ପୀତ୍ୱର ପ୍ରାକ୍‌ଉତ୍ସକୁ ସନ୍ଧାନ କରାଯାଇପାରେ । ଶତଶତ ଶବ୍ଦର ଖେଳ ଖେଳି ରାଶୀ ରାଶୀ ଚିତ୍ରକଳ୍ପ ଭିତରେ ଗତିକରି ଗୁରୁପ୍ରସାଦ, ସଚ୍ଚିଦାନନ୍ଦ, ସୀତାକାନ୍ତ ଯେଉଁ ପରିମାଣରରେ ଭାବର ଗାମ୍ଭୀର୍ଯ୍ୟକୁ ଦେଖାଇ ପାରିନାହାନ୍ତି ଗୋଟିଏ ଗୋଟିଏ ଶବ୍ଦର ଶାଣିତ ପ୍ରୟୋଗ ମଧ୍ୟରେ ଏହି କ୍ଷୁଦ୍ର କବିତାଟିରେ ରମାକାନ୍ତଙ୍କ କାବ୍ୟ ଚେତନା ଗଭୀର ଶବ୍ଦ ସମୁଦ୍ର ଭିତରେ ପହଁରି ପାରିଛି । ଶବ୍ଦ ପ୍ରୟୋଗ ଏଠି ଭାବର ପ୍ରକାଶ ସୁଲଭ ମାଧ୍ୟମ ନୁହେଁ ବରଂ ଅନ୍ତଃଭାବାବୁଭୂତିର ପ୍ରତୀକାତ୍ମକ ବର୍ହି ପ୍ରକାଶ । ଜୀବନର ବହୁ କଳଙ୍କିତ ଶଂସୟବୋଧ ଭିତରେ ବଞ୍ଚିବା ଯେପରି ସତ୍ୟ ମଣିଷର ଚେତନା ସେପରି ବ୍ୟକ୍ତିଗତ ଓ ଜୀବନର ସାମାଜିକ ସଂସ୍ଥିତି ମଧ୍ୟ ଉଦ୍‌ଭଟ । କେତୋଟି ସଂଙ୍କେତିକ ମାତ୍ର କେତୋଟି ଔଚିତ୍ୟ ପୂର୍ଣ୍ଣ ଶବ୍ଦ ପ୍ରତୀକ ସାହାଯ୍ୟରେ ଏହି ତ୍ରିବିଧ ଭାବ ଚେତନାର ସତ୍ୟାସତ୍ୟକୁ କବି ଅନୁସନ୍ଧାନ କରିଛନ୍ତି ଲଣ୍ଠନର ଆତ୍ମିକ ରୂପ ମଧ୍ୟରେ ।

ସାମ୍ପ୍ରତିକ ସମାଜର ରୁଗୁଣ ସୌରବାଦୀ ମାନସିକତା, ବାସ୍ତବବାଦୀତା ଏବଂ ଅହଁ ସଚେତନା ଭିତରେ ଲଣ୍ଠନର କାବ୍ୟ ପୁରୁଷ ସାମଗ୍ରିକ ଭାବେ ସ୍ଥିତିବାଦୀ ମନେ ହୁଏ । ଆଲୋଚ୍ୟ କବିତାରେ କବି ଫରାସୀ ସିମ୍ବଲିଷ୍ଟ କବିମାନଙ୍କ ଭଳି ପ୍ରତୀକର ଗାଣିତିକ ସୂତ୍ର ସାହାଯ୍ୟରେ ସ୍ଥିତିବାଦୀ ମଣିଷର ଅହଂକୁ ବୌଦ୍ଧିକ ଶୈଳୀରେ ବିଶ୍ଳେଷିତ କରିଛନ୍ତି । ଆଲୋଚ୍ୟ କବିତାଟିର ଚଉଦ ଗୋଟି ଧାଡ଼ିକୁ ଗଭୀର ଭାବେ ଅନୁଧ୍ୟାନ କଲାପରେ ମନେହୁଏ ଯେ ଲଣ୍ଠନର କିରାସିନ ଧୂଆଁ ଭାବଚିତ୍ର ଖୁବ୍ ଚମତ୍କାର ଶୈଳୀରରେ ପରିକଳ୍ପିତ ହୋଇଛି । ପରବର୍ତ୍ତୀ ସମୟରେ କଲେଇଛଡ଼ା ଲଣ୍ଠନର ବିଖଣ୍ଡିତ ଧାତବ ପରିବେଷ୍ଟନି ମଧ୍ୟରେ ଢ଼େଉ ଭଙ୍ଗି ଜଳୁ ଥିବା ବତୀଶିଖା ସହ ସମାଜର ରୁଗଣ ପରିଧି ମଧ୍ୟରେ ନାନାବିଧ ସମସ୍ୟା ଓ ସଙ୍କଟ ମଧ୍ୟରେ ଆତଯାତ ହେଉଥିବା ଆଧୁନିକ ମଣିଷର ଅନ୍ତଃଜ୍ୱଳନକୁ ପ୍ରତୀକାତ୍ମକ ରୂପେ ଦର୍ଶାଇ ଦିଆଯାଇଛି । "ବଞ୍ଚିବାଟାବୋଧହୁଏ ସବୁଠାରୁ ସତ୍ୟ" ଏହି ବଞ୍ଚିବା ଉପରେ ମଧ୍ୟ କବି ଲଣ୍ଠନ କବିତାର ଭାବବୃତ୍ତ ମଧ୍ୟରେ ଗୁରୁତ୍ୱ ବାଢ଼ିଛନ୍ତି ସେଥିପାଇଁ କାବ୍ୟ ସତଜ୍ୱଳନ ସତ୍ତ୍ୱେ ବି 'ଟିଣର ପରିଧି' ଭିତରେ ପୋଷାମାନିଛି କେବଳ ବଞ୍ଚିବା ଆଶାରେ । ସ୍ଥିତିବାଦୀ ଚେତନା ଦୃଷ୍ଟିରୁ ବ୍ୟକ୍ତିବାଦୀ ପୁରୁଷଟିର ସଠିକ୍ ଘଟାନ୍ତର ସଂପନ ରୂପାୟନ ଏହି 'ଲଣ୍ଠନ' ଭିତରେ ଦେଖାଇ ଦିଆଯାଇଛି । କାବ୍ୟପୁରୁଷ ପ୍ରଥମ ପୁରୁଷ ଯିଏ 'ତୁମେ' ଓ ସେ ତୃତୀୟ ପୁରୁଷ ଚିନ୍ତାକୁ ଆନ୍ଦୋଳିତ କରି ସତ୍ୟର ସ୍ୱରୂପକୁ ଉନ୍ମୋଚିତ କରିଛି । ସବୁଠାରୁ ଗ୍ରହଣୀୟ ଅନୁଭବ ଆଧୁନିକ ମଣିଷ ପରି ବେଷ୍ଟନୀକୁ ଧାତବ କରି ନିଜେ କିନ୍ତୁ ସୁନାପିଲା ପରି ନୀରବ ରୁହେ 'ଜାଣେ ନାହିଁ କିପରି ଏ ଲଣ୍ଠନତାତିଲା । ତମେ ଯିଏ ମୌସୁମୀର ଆଳସ୍ୟକୁ ପତାତଳେ ଖୁଦି ଡୋଳା ସଂଚାରଣ ପାଇଁ ପ୍ରାଣ ପଣେ ପରିଶ୍ରମ କର' ଅଥବା 'ସତେ ଅବା ସେ ଜାଣେ ନାହିଁ କିପରି ଏ ଲଣ୍ଠନ ତାତିଲା' ଏସବୁ ଭିତରେ କବିର ବ୍ୟକ୍ତିବାଦୀ ପୁରୁଷଟି ସେ ଓ ତମେର ତୃତୀୟ ପୁରୁଷର ଚାରିତ୍ରିକ ବିଶ୍ଳେଷଣ ବା ଭାବର ଗୁଣାତ୍ମକ ସ୍ୱାଭାବିକ ତର୍କଣା ମଧ୍ୟରେ ଅସ୍ତିତ୍ୱର ସନ୍ଧାନୀ 'ତୁମେ କେବେ ଦେଖିଧାର ପ୍ରଜ୍ୱଳିତ ଅସ୍ତିତ୍ୱ ମୋହର' । ପୁନଶ୍ଚ ମୌସୁମୀର ଆଳସ୍ୟକୁ ପତାତଳେ ଖୁନ୍ଦି, ଡୋଳା ସଂଚାଳନ କରୁଥିବା ଏବଂ ଗହଳବାଳରେ ଚମ୍ପାକଢ଼ି ଖୋସିଥିବା ନାୟିକାର ମୁହାଁ ମୁହିଁ ହୋଇଛି କାବ୍ୟପୁରୁଷ । ମାତ୍ର ସେ ବିକାର ଗ୍ରସ୍ତ ମାନସିକତା ଭିତରେ ନିଜର ଜ୍ୱଳନର ଦ୍ୱାହିଦେଇ ସ୍ୱୀୟ ପ୍ରଜ୍ୱଳିତ ଅସ୍ତିତ୍ୱ ବିଷୟରେ ଧାରଣା ଦେଇଛି । ଚେତନ, ଅବଚେତନ ଓ ଅର୍ଦ୍ଧଚେତନ 'ତମେ, ମୁଁ ଓ ସେ ତିନୋଟି ବ୍ୟକ୍ତିବାଦୀ ପୁରୁଷର ବୌଦ୍ଧିକ ରୂପ ଯେସବୁ ମାଧ୍ୟମରେ କାବ୍ୟପୁରୁଷ (ନିଆଁ) ଅଧିକ ସାମାଜିକ ହୋଇ ପଡ଼ିଛି ବାଧ୍ୟବୋଧତାରେ ସର୍ବସର ବାଘପରି' । ଏହି କବିତାରେ କବିର କାବ୍ୟପୁରୁଷ ଏକ ଖଣ୍ଡିତ ଅସହାୟ ପୃଥିବୀର ବାସ୍ତବ ମଣିଷ ।

ଯାହାର ଆଶା ଆକାଂକ୍ଷା ଧୂଆଁ ପରିନିସ୍ପ୍ରଭ, ଯାହାର ଗତି କିରାସିନି ପରି ତରଳ, ଯାହାର ପରିଣତି କୀଟପରି ମର୍ମନ୍ତୁତ ଏବଂ ଯିଏ ଅଗ୍ନିର ସମୁଦ୍ର ଭିତରେ ବଞ୍ଚିବାକୁ ପ୍ରାଣ ପ୍ରାଣେ ପରିଶ୍ରମକରେ ଭୟଙ୍କର କୃଷ୍ଣ ରଜନୀର ବିକଟ ସମସ୍ୟା ଭିତରେ କଲେଇ ଛାଡ଼ି ଟିଣପରି ଧାବତ ନିଃସଙ୍ଗ ନିରର୍ଥକ ଅସଂଗତି ଭିତରେ ଆଧୁନିକ ବେଶଭୂଷା ବିଧି ଆତଜାତ ହୁଏ । ତାର ଏକ ବାସ୍ତବରୂପ ନିମ୍ନ ଉଦ୍ଧୃତିରୁ ପ୍ରମାଣ କରାଯାଇପାରେ, – 'ଅନୁମାନ କରିପାର ମୁଁ ଜଳୁଛି ତୀବ୍ର ଜରଜରେ ମିଡ଼ିୟମ ଧୋତୀ ଆଉ ଇସ୍ତ୍ରୀକରା ଅଧାକାମିଜରେ ।' ଉପରୋକ୍ତ ପଂକ୍ତି ଅନୁସାରେ ଆଧୁନିକ ମଧ୍ୟବିତ୍ତ ମଣିଷର ଏକ ଅବଶ୍ୟମ୍ଭାବୀ ପରିଣତି ଓ ଭଗ୍ନାଂଶକୁ କବି ଏକ ଘଟାନ୍ତର ରୂପେ ପରିକଳ୍ପନା କରିଛନ୍ତି ।

ସାମ୍ପ୍ରତିକ ମଣିଷର ବିଭାଜିତ ବ୍ୟକ୍ତିତ୍ୱ ସ୍ଥାନ କାଳ ପାତ୍ର ଅନୁଯାୟୀ ବିବିଧ ରୂପ ଧାରଣ କରେ । କେତେବେଳେ ସ୍ୱାମୀ, ପିତା, ପୁତ୍ର ଭଳି ସାମାଜିକ ସମ୍ପର୍କକୁ ଅନ୍ୟ ପାଖରେ ପ୍ରଦର୍ଶୀତ କରିଥାଏ ତ

ଆଉ କେତେବେଳେ ନେତା, ମନ୍ତ୍ରୀ, ସମାଜ ସେବୀ ରୂପେ ଛଳନାର ମୁଖା ପିନ୍ଧି ଆର୍ବିଭୂତ ହୁଏ, ଠିକ୍ ସେହିଭଳି କେତେବେଳେ ସେ ସିଂହପରି ଦର୍ପିତ ଓ କେତେବେଳେ ସେ ଶୃଗାଳ ପରି ଭୀରୁ, କେତେବେଳେ ସେ ଆକ୍ରମଣ କରେ ତ କେତେବେଳେ ଲାଙ୍ଗୁଳ ଜାକି ପଳାୟନ ବି କରେ। କବିଙ୍କର ତିକ୍ଷ୍ଣ ସାମାଜିକ ପର୍ଯ୍ୟବେକ୍ଷଣ ଦୃଷ୍ଟିଶକ୍ତି ନଥିଲେ ଆଧୁନିକ ମଣିଷର ଏହି ଭଳି ପ୍ରକୃତ ବାସ୍ତବ ରୂପକୁ ଶବ୍ଦାୟିତ କରିବା ସମ୍ଭବ ନୁହେଁ। କବିତାର ପ୍ରାରମ୍ଭ ଠାରୁ ପରିଣତି ପର୍ଯ୍ୟନ୍ତ ଭାବର ଏକ ବିଦ୍ୟୁତ୍ ସ୍ରୋତାୟିତ ଧାବମାନତା ଲକ୍ଷଣୀୟ। ବାହ୍ୟ ଆବରଣ ଭିତରେ ନିଜକୁ ପରିଚାଳିତ କରୁଥିବା ଅହଂବାଦୀ ଆଧୁନିକ ବ୍ୟକ୍ତିପୁରୁଷଟିର ଅନ୍ତର୍ବାହ। ଜ୍ୱଳନ ଏବଂ ଅସହାୟତାର ଅତ୍ୟନ୍ତ ରୁଚିଶୀଳ ଚିତ୍ର ଲଣ୍ଠନ କବିତାରେ ମୂର୍ତ୍ତିମନ୍ତ। ଲଣ୍ଠନର ସ୍ୱଭାବିକ ପାରି ପାର୍ଶ୍ୱିକ ଚିତ୍ର ମାଧ୍ୟମରେ ଆଧୁନିକ ମଣିଷ ପ୍ରେମ ଜନିତ ବିଫଳତା, ବଞ୍ଚିବା ପାଇଁ ପ୍ରାଣପଣ ଉଦ୍ୟମ ଭିତରେ ଏବଂ ସର୍ବୋପରି ତାର ପ୍ରଜ୍ୱଳିତ ସ୍ୱରୂପର ଚିତ୍ର ବେଶ୍ ମର୍ମସ୍ପର୍ଶୀ ଓ ମନନଧର୍ମୀ ହୋଇପାରିଛି। ଏହି ଠାରେ ହିଁ ରମାକାନ୍ତ ରଥଙ୍କ ସ୍ଥିତିବାଦୀ ଦୂରଦ୍ରଷ୍ଟୀ ଶିଳ୍ପୀତ୍ୱର ସଫଳତା ଓ ସାର୍ଥକତା। ଏହି ସାର୍ଥକତାର ଏକ ପୂର୍ଣ୍ଣ ବିକାଶିତ ରୂପ ପରବର୍ତ୍ତୀ 'ଅନେକ କଠୋରୀ', 'ବାଘ ଶିକାର', 'ଅରୁନ୍ଧତି' ଅଥବା ପରିପଷଦର ରାତ୍ରି ଇତ୍ୟାଦି ବହୁ କବିତାରେ ଲକ୍ଷ୍ୟ କରାଯାଇପାରେ। ଆଧୁନିକ ମଣିଷର ଏହି ଲଣ୍ଠନ ଧର୍ମୀ ଜ୍ୱଳନର ଏକ ଭିନ୍ନ ବିକଚ ରୂପକୁ ପାରିଷଦ ରାତ୍ରିର ନିମ୍ନ ପଂକ୍ତିରୁ ଅନୁମାନ କରାଯାଇପାରେ-

**"ମୁଁ ଏକ ପ୍ରେତାତ୍ମା ଖାଲି ଦେଖେ ମନେ**
**ଜଳେ ମୋର ଅଗ୍ନିର ହୁତାଶ।"**

ଅତଏବ ଆତ୍ମିକ ଭାବ ସ୍ପନ୍ଦନ ଦୃଷ୍ଟରୁ ଲଣ୍ଠନ କବିତା ବହୁଭାବ ଓ ବହୁଚେତନାର ଏକ ଚିତ୍ର ଧର୍ମୀ ରୁଚିନିଷ୍ଠ ରୂପାୟଣ।

କବିତା ସମ୍ପୂର୍ଣ୍ଣ ଜୀବନବାଦୀ ହେବାସହ ସମାଜ ବାସ୍ତବବାଦୀ ଜୀବନବୋଧର ଏକ ସଂସ୍ଥିତଶୀଳ ବୌଦ୍ଧିକ ଚିତ୍ର ହିଁ ଲଣ୍ଠନ ଯାହାର ରମାକାନ୍ତୀୟ ଶିଳ୍ପୀତ୍ୱର ଅମ୍ଳାନ ପରିଚୟ। ଉଲ୍ଲେଖନୀୟ ଯେ ଆଲୋଚ୍ୟ କବିତାଟିରେ ରମାକାନ୍ତୀୟ କାବ୍ୟ ପୁରୁଷ ପ୍ରଥମେ ଆଧୁନିକ ମଧ୍ୟବିତ୍ତ ମଣିଷ ପ୍ରେମିକ ସ୍ୱରୂପକୁ ଗଭୀର ଦାର୍ଶନିକ ଦୃଷ୍ଟିକୋଣରେ କଳାତ୍ମକ ବିଶ୍ଳେଷଣ କରିଛନ୍ତି। ଯେଉଁଥିରେ ଅଛି ବ୍ୟାପକ ହା ହତାଶା, ନୈରାଶ୍ୟ ଓ ଅନ୍ତଃଦହନର ଯନ୍ତ୍ରଣାପୂର୍ଣ୍ଣ ଭାବ ଉଚ୍ଛ୍ୱାସ।

ଅତଏବ 'ଲଣ୍ଠନ' କବିତାର ଗୁରୁତ୍ୱ ତାର ଆତ୍ମିକ ଭାବ ଗାମ୍ଭୀର୍ଯ୍ୟକୁ ସାଦୃଶ୍ୟ କଥନ ଓ ପ୍ରତୀକାତ୍ମକ ପ୍ରୟୋଗର ଯୁକ୍ତିନିଷ୍ଠ ଚମତ୍କାର ପରିବେଷଣ ଉପରେ ନିର୍ଭରଶୀଳ କହିଲେ ଅତ୍ୟୁକ୍ତି ହେବନି।

କେବଳ ଭାବଥିଲେ କବିତା ସୃଷ୍ଟିହୁଏନା ଭାବର ମର୍ମସ୍ପର୍ଶୀ ରୂପାତ୍ମକ ପରିପ୍ରକାଶ ପାଇଁ ଔଚିତ୍ୟବିତ୍ତିକ ପ୍ରୟୋଗାତ୍ମକ ଅଭିବ୍ୟଞ୍ଜିତ ରୂପର ଆବଶ୍ୟକତା ଥାଏ। ଏହି ଦୃଷ୍ଟିରୁ ପ୍ରଦର୍ଶନ କ୍ଷେତ୍ରରେ କବି ରମାକାନ୍ତ ସମସାମୟିକ କବିମାନଙ୍କ ଠାରୁ ଅଧିକ ପରିପକ୍ୱ ଓ ପ୍ରଭାବଶାଳୀ ମନେ ହୁଅନ୍ତି। ଆଲୋଚ୍ୟ 'ଲଣ୍ଠନ' କବିତାରେ ରମାକାନ୍ତଙ୍କ ଶବ୍ଦ ସଂଯୋଜନାର ପ୍ରୟୋଗାତ୍ମକ ପାରଦର୍ଶିତାକୁ ଲକ୍ଷ୍ୟ କରାଯାଇଥାଏ। ଆଙ୍ଗୀକ ଦୃଷ୍ଟିରୁ ବିଚାର କଲେ ଏକ ବିକ୍ଷିପ୍ତ ଅସହାୟ ମଣିଷର ସଂସ୍ଥିତିବାଦୀ ରୂପକୁ ବହୁ ରୂପକଳ୍ପ ଓ ପ୍ରତୀକ ଅବଲମ୍ବନରେ ପ୍ରୟୋଗଭିତ୍ତିକ ଶୈଳୀ ମଧ୍ୟରେ ଲଣ୍ଠନ କବିତାରେ ଉପସ୍ଥାପନା କରାଯାଇଛି। ମିଥ୍ ପ୍ରୟୋଗରେ କବି ସୀତାକାନ୍ତ ଯେଉଁ ଭଳି ପ୍ରତିଷ୍ଠା ଅର୍ଜନ କରିଛନ୍ତି ଅନୁରୂପ ଭାବେ ପ୍ରତୀକ ଓ ଚିତ୍ରକଳ୍ପ ପ୍ରୟୋଗ କ୍ଷେତ୍ରରେ କବି ରମାକାନ୍ତ ଆଣି ଦେଇଛି ଯଥେଷ୍ଟ ଖ୍ୟାତି ନିଜର କାବ୍ୟିକ ପରିବେଷ୍ଟନିକୁ ଅଧିକ ମର୍ମସ୍ପର୍ଶୀ କରିବାରେ ସଫଳ ହୋଇଛନ୍ତି। ଚିତ୍ରକଳ୍ପ ଓ ପ୍ରତୀକ ଏହି ସୂତ୍ରରେ ଲଣ୍ଠନ କବିତାର କାବ୍ୟିକ ଓ ଶୈଳ୍ପିକ ମୂଲ୍ୟାୟନ ମାନଦଣ୍ଡ ଭାବେ ଗ୍ରହଣ କରାଯାଏ। ଚିତ୍ରକଳ୍ପ ଓ ପ୍ରତୀକ ମାଧ୍ୟମରେ ନିଜର ଭାବାନୁଭୂତକୁ ଓ ବ୍ୟକ୍ତିବାଦୀ ଅନୁଚିନ୍ତା ବ୍ୟାପକ କରି ପ୍ରଚାର କରିବାରେ କବି ଏ କବିତାରେ ସମର୍ଥ ହୋଇଛନ୍ତି। କବିତାଟିରେ ବ୍ୟକ୍ତି ଓ ବର୍ହିବ୍ୟକ୍ତିର ଏକାନ୍ତ ଅନୁଗତ ସ୍ୱର 'ଶୂନ୍ୟତା' ମଧ୍ୟରେ ଅସ୍ତିତ୍ୱ ସନ୍ଧାନ କେତୋଟି ପ୍ରତୀକାତ୍ମକ ଭାବନାର ସାଙ୍କେତିକ ରୂପାୟନ ଭିତରେ ପ୍ରକାଶ ପାଇଛି। ଶବ୍ଦ ଚାତୁରୀର ଶାଣିତ ସ୍ୱରୂପ ମଧ୍ୟରେ ଭାବର ଅର୍ଥବାହୀ ରୂପ ଫୁଟି ଉଠିଛି। ଲଣ୍ଠନ ଏକ ତୀବ୍ର ଦହନଶୀଳ ଆଧୁନିକ ମଣିଷର ପ୍ରତୀକ। ଢେଉଭାଙ୍ଗି ଜଳୁ ଅଛି ରୂପକଳ୍ପ ଭିତରେ ଧାତବ ପରି ବେଷ୍ଟନୀ(ଅସହାୟ ଅସଂଗତ ସମାଜର ରୂପ) ଚିତ୍ରକଳ୍ପ ମଧ୍ୟରେ ମିଡ଼ିୟମ ଧୋତୀ ଓ କାମିଜଉ ସାଂକେତିକତା ଦେଇ ଆଧୁନିକ ମଣିଷର ବ୍ୟକ୍ତିବାଦୀ ପ୍ରଜ୍ୱଳିତ ରୂପଟି ଅଭିବ୍ୟଞ୍ଜିତ, ପ୍ରତୀକାତ୍ମକ ଶବ୍ଦ ଭାବରେ ଲଣ୍ଠନ, କିରାସିନୀ, ଧୂଆଁ, ଚମ୍ପକ, କୀଟ, ସର୍କସର ବାଘ, ନିଆଁ, ମିଡ଼ିୟମ ଧୋତୀ ଓ ଇସ୍ତ୍ରୀକରା ଅଧା କାମିଜି ଚିତ୍ରକଳ୍ପଧର୍ମୀ ଶବ୍ଦ ଭାବରେ ଧାତବ ପରିବେଷ୍ଟନୀ, କଳଙ୍କି ଛଡ଼ା ଟିଣ, ଟିଣର ପରିଧି, ଗହଳବାଳ ଏବଂ ରୂପକଳ୍ପ ଧର୍ମୀ ଶବ୍ଦ ଭାବରେ ଅଗ୍ନିର ସମୁଦ୍ର, କୃଷ୍ଣ ରଜନୀ, ଢେଉଭାଙ୍ଗି ଜଳୁଅଛି, ମୌସୁମୀର ଆଳସ୍ୟ, ପ୍ରଜ୍ୱଳିତ ଅସ୍ତିତ୍ୱ ଆଦିକୁ କବି ଏକ ବ୍ୟତୀତ ଶ୍ଳେଷାତ୍ମକ ରୀତିରେ ପ୍ରୟୋଗ କରିଛନ୍ତି। ଉପରୋକ୍ତ ଶବ୍ଦ ଗୁଡ଼ିକର ବିଧିବଦ୍ଧ ପ୍ରୟୋଗ କବିତାଟିର ଭାବକୁ ଅନୁରଣିତ, ବ୍ୟଞ୍ଜିତ ଓ ଭାବଦ୍ୟୋତକ କରିପାରିଛି। ପରିଶେଷରେ ଏତିକି କୁହାଯାଇପାରେ ଏକ ଆନ୍ତର୍ଜାତୀୟ କାବ୍ୟ ଚେତନାକୁ ପ୍ରାଦେଶିକ ଭାଷା ଓ କବିତା ସାହାଯ୍ୟରେ କବି ରମାକାନ୍ତ ଯେଉଁଭଳି ଜୀବନ୍ତ କରି ତୋଳିଧରିଛନ୍ତି, ତାହା ନିଶ୍ଚିତ ଓଡ଼ିଆ କବିତାକୁ ବିଶ୍ୱ ସାହିତ୍ୟ ପଉଳରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି କହିଲେ ବାହୁଲ୍ୟ ହେବନାହିଁ।

# ଓଡ଼ିଶାର ପ୍ରାଚୀନ ଜନଜାତି : ଏକ ଦୃଷ୍ଟିପାତ



ISSN-2583-6978
Volume-3
Issue-8
AUGUST-2023

**ତରୁଣ ଗାଙ୍ଗୁଲି**

**ଗବେଷକ**
**ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ**

କେଉଁ ଅନାଦି କାଳରୁ ବସବାସ କରୁଥିବା ଜନଜାତିକୁ ସାଧାରଣ ଭାବେ ଆଦିବାସୀ କୁହାଯାଇଥାଏ। ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ ଆଦିମବାସୀ = ଆଦିମ + ନିବାସୀ ଅର୍ଥାତ କୌଣସି ସ୍ଥାନରେ ପ୍ରଥମେ ବସବାସ କରୁଥିବା ବ୍ୟକ୍ତି ବା ଜନଜାତିମାନଙ୍କୁ ଆଦିବାସୀ କୁହାଯାଏ। ଆଦିବାସୀ ଶବ୍ଦଟି ଇଂରାଜୀ 'aboriginic' ଶବ୍ଦରୁ ଶବ୍ଦରୁ ଗୃହୀତ ଯାହାର ଅର୍ଥ କୌଣସି ଦେଶରେ ବସବାସ କରୁଥିବା ମୂଳ ବାସିନ୍ଦା। ଆଦିବାସୀମାନେ ଓଡ଼ିଶାର ବିଭିନ୍ନ ପାହାଡ଼, ପର୍ବତ, ଜଙ୍ଗଲ, ଦୁର୍ଗମ ଅଞ୍ଚଳରେ ରହି ଅନୁନ୍ନତ, ଅବହେଳିତ ହୋଇଆସୁଛନ୍ତି। ଭାରତବର୍ଷରେ ଅନାର୍ଯ୍ୟମାନେ ସର୍ବପ୍ରଥମେ ସମୁଦ୍ର ଉପକୂଳବର୍ତ୍ତୀ ଉର୍ବର ଭୂମିରେ ବସବାସ କରୁଥିଲେ। କିନ୍ତୁ ଆର୍ଯ୍ୟମାନଙ୍କ, ଆଗମନ ହେତୁ ପୂର୍ବରୁ ବସବାସ କରୁଥିବା ଅନାର୍ଯ୍ୟମାନେ ତାଙ୍କ ଭୟରେ ଛତ୍ରଭଙ୍ଗ ଦେଇ ବଣ, ପାହାଡ଼, ଜଙ୍ଗଲ ଓ ଦୁର୍ଗମ ଅଞ୍ଚଳକୁ ଚାଲିଯାଇ ବସତି ସ୍ଥାପନ କଲେ। ଫଳରେ ସଭ୍ୟତାର ଅଗ୍ରଗତିରେ ଏମାନେ ସାମିଲ ହୋଇପାରିଲେ ନାହିଁ। ଏହି ଜନଜାତିମାନେ ବଣ ଜଙ୍ଗଲରେ ରହି ମାଟି ମା, ଜଳ, ପବନ, ଅଗ୍ନି,ବନ, ପର୍ବତ, ନଦୀ, ନାଳ, ଝରଣା, ଗଛ, ସୂର୍ଯ୍ୟ ଚନ୍ଦ୍ର ଆଦିକୁ ପୂଜା କରିଥାନ୍ତି। ଆଦିବାସୀମାନେ ଏହି ଦେବାଦେବୀଙ୍କୁ ପୂଜା କରିବା ସମୟରେ ଅନେକ ପ୍ରକାର ଗୀତ ନୃତ୍ୟ ଓ ସଂଗୀତଗାନ କରିଥାନ୍ତି। ଏହି ଆଦିବାସୀମାନଙ୍କର ଜୀବନ ବଞ୍ଚିବାର ରାହା ଖୁବ ଜଟିଳ କାରଣ ଏମାନେ ମୁଖ୍ୟତଃ ବଞ୍ଚିବା ପାଇଁ ଜଙ୍ଗଲ ଉପରେନିର୍ଭର କରିଥାନ୍ତି। ବଣ ଜଙ୍ଗଲରୁ ବିଭିନ୍ନ ଫଳ, ମୂଳ , କନ୍ଦ ଆଦି ସଂଗ୍ରହ କରିବା କିମ୍ବା ଶିକାର କରି ଏମାନେ ତାଙ୍କର ଦୈନନ୍ଦିନ ଜୀବନର ଚାହିଦାପୂରଣ କରିଥାନ୍ତି। ଶିକାର କରିବା ଆଦିବାସୀ ଯୁବକ ମାନଙ୍କର କୌଳିକ ତଥା ପାରମ୍ପରିକ ବୃତ୍ତି ବା କର୍ମ। ଏହି ଆଦିବାସୀ ମାନଙ୍କର ବଞ୍ଚିବାର ଶୈଳୀ ଖୁବ୍ ସରଳ। ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀମାନେ, ମୁଠାଏ ଭାତ, ବୁନ୍ଦେ ପେଜ, କିଛି ଫଳ ଓ କିଛି ମାଣ୍ଡିଆ ଓ ଜାଉକୁ ଆହାର କରି ବଂଚନ୍ତି। ଆଦିବାସୀମାନେ ପର୍ବତ ଗୁମ୍ଫା,ଗଛଡାଳ, ଅରଣ୍ୟ, ପର୍ବତ ମଧ୍ୟରେ ଥିବା ଢାଲୁ ସ୍ଥାନ, ନୁଆଁଣିଆ କୁଡ଼ିଆ,ଚାଳଘର ଆଦିରେ ସୁଖ ଶାନ୍ତିରେ ବସବାସ କରନ୍ତି। ବାହାର ଦୁନିଆର ଚାକଚମକକୁ ସେମାନଙ୍କର ଲୋଭ ନଥାଏ। ଆଦିବାସୀମାନେ ଆଜିରେ ବିଶ୍ୱାସ କରନ୍ତି, ଭବିଷ୍ୟତର ଚିନ୍ତା କରନ୍ତି ନାହିଁ। ବୋଧହୁଏ ସେଇଥିପାଇଁ ସେମାନେ ବେଶୀ ଖୁସିରେ ରହନ୍ତି।

ଭାରତୀୟ ସମ୍ବିଧାନରେ ଆଦିବାସୀମାନଙ୍କୁ ତହସିଲଭୁକ୍ତ (ସିଡ୍ୟୁଲ) ଉପଜାତି, (ଟ୍ରାଇବାଲ୍) ଜନଜାତି ଭାବେ ଉଲ୍ଲେଖ କରିଛନ୍ତି। ଭାରତୀୟ ସମ୍ବିଧାନର ଧାରା ୩୪୨ ଅନୁଯାୟୀ ଜନଜାତିମାନେ ହିଁ ଆଦିବାସୀ ଏହି କଥାକୁ ସ୍ଥାନିତ କରି ୧୯୫୦ମସିହାରେ ଆମ ଭାରତରେ ୬୯୮ ପ୍ରକାର ଆଦିବାସୀ ବସବାସ କରନ୍ତି। ବର୍ତ୍ତମାନ ଭାରତ ବର୍ଷରେ ୭୦୦ରୁ ଉର୍ଦ୍ଧ୍ୱ ଜନଜାତି ଗୋଷ୍ଠୀର ଲୋକମାନେ ଦେଖିବାକୁ ମିଳନ୍ତି। ଏହି ଆଦିବାସୀମାନଙ୍କୁ ଭୌଗଳିକ ଦୃଷ୍ଟି କୋଣରୁ ତିନିଭାଗରେ ବିଭକ୍ତ କରାଯାଇଅଛି ଯଥା ୧. ଉତ୍ତର ପୂର୍ବାଞ୍ଚଳ ଆଦିବାସୀ, ୨. ମଧ୍ୟାଞ୍ଚଳ ଆଦିବାସୀ ୩. ଦକ୍ଷିଣାଞ୍ଚଳ ଆଦିବାସୀ।

ଓଡ଼ିଶାରେ ବହୁ ପୂର୍ବରୁ ଆଦିବାସୀମାନେ ବସବାସ କରିଆସୁଛନ୍ତି। ଓଡ଼ିଶାରେ ପ୍ରାୟ ୬୨ ପ୍ରକାର ଜନଜାତି ବସବାସ କରି ଆସୁଛନ୍ତି। ଏହି ଜନଜାତି ଗୋଷ୍ଠୀ ମଧ୍ୟରୁ ପ୍ରାୟ ୧୩ ଗୋଟି ଗୋଷ୍ଠୀର ଜନଜାତି ହେଉଛନ୍ତି ଆଦିମ ଜନଜାତି। ଓଡ଼ିଶାରେ ବସବାସ କରୁଥିବା ୬୨

ଗୋଟି ଜନଜାତି ହେଉଛନ୍ତି- ଅମନାତ୍ୟ, ରୋଜଂ, କନ୍ଧ, କନ୍ଧଗଉଡ଼, ମହ୍ଲାର, କିସାନ, କଓ୍ୱାର, କୁଟିଆ, କୁଲିସ, କୋହ୍ଲ,କୋୟା,କୋହ୍ଲ ଲୋହାର, କୋରା,କୋରିଆ, ଗଡ଼ିଆ, ଖରଓ୍ୱାର, ଗଣ୍ଡ, ଗଦବା, ଟାଇଗା, ଗଣ୍ଡିଆ ଘରା,ଚେଞ୍ଚୁ, ଜାତପୁ, ଜୁଆଙ୍ଗ, ଠାରୁଆ, ଡାଲ, ଡିଡାୟୀ, ଦେଶିଆ ଭୂମିଜ, ଧାରୁଆ, ପରଜା, ପାରେଙ୍ଗା, ପେଣ୍ଟିଆ, ବନରାଜ, ବଣ୍ଡା ପରଜା, ବାଗଦା, ବାଥୁଡି, ବିନଝାଲ, ବିନଝିଆ, ବିରହୋର, ଉଡିଡ଼ା,ଭୂମିଆ, ଭୂଂଜିଆ, ଭୂୟାଁ, ଭୂମିଜ, ମାଟିଆ, ମାଙ୍କଡ଼ି, ମାଙ୍କଡ଼ିଆ, ମାଡ଼ିଆ,ମାହାଲି, ମୁଣ୍ଡା, ମୁଣ୍ଡାରୀ, ମିର୍ଦ୍ଧା, ରାଜୁଆର ଲୋଧା, ଶବର ଲୋଧା, ସଉରା/ଶବର, ସାଉଁତି, ସାନ୍ତାଳ, ହଲବା, ହୋ ଇତ୍ୟାଦି।

ଓଡ଼ିଶାରେ ବସବାସ କରୁଥିବା ୧୩ଟି ଆଦିମ ଜନଜାତି ଗୁଡ଼ିକ ହେଲା-

୧. ଜୁଆଙ୍ଗ, ୨. ଡଙ୍ଗରିଆ, ୩. ଡିଡାୟୀ, ୪. ଭୁଞ୍ଜିଆ, ୫ ବଣ୍ଡା, ୬. ବିରହୋର, ୭. ଖଡିଆ, ୮. କୁଟିଆ କନ୍ଧ, ୯. ଲାଞ୍ଜିଆସଉରା, ୧୦. ଲୋଧା, ୧୧. ମାଙ୍କଡ଼ିଆ, ୧୨. ପାଉଡି ଭୂୟାଁ, ୧୩. ସଉରା।

**୧. ଜୁଆଙ୍ଗ:**

କେନ୍ଦୁଝର ଜିଲ୍ଲାର ଗୋନାସିକା ପର୍ବତର ଗିରିଗୁଡ଼ାରେ ଏମାନଙ୍କ ବାସସ୍ଥଳୀ। ଗୋନାସିକା ପର୍ବତ ବୈତରଣୀ ନଦୀର ଉତ୍ପତ୍ତିସ୍ଥଳ ଏବଂ ଏହି ବୈତରଣୀ ନଦୀର ଉପତ୍ୟକାରେ ଏହି ଜନଜାତି ମାନେ ବସତି ସ୍ଥାପନ କରିଛନ୍ତି। ଜୁଆଙ୍ଗମାନେ ୨ ପ୍ରକାରର- ୧. ଥାନିଅ ଜୁଆଙ୍ଗ, ୨. ଭାଗୁଡ଼ିଆ ଜୁଆଙ୍ଗ। ଗୋନାସିକା ପର୍ବତରେ ବାସ କରୁଥିବା ଜୁଆଙ୍ଗ ମାନଙ୍କୁ ଥାନିଆ (ସ୍ଥାନିଅ) ଜୁଆଙ୍ଗ କୁହାଯାଉଥିବାବେଳେ ଜୁଆଙ୍ଗ ସମାଜର ସାମାଜିକ ଶୃଙ୍ଖଳ ବ୍ୟବସ୍ଥାର ନିୟମକୁ ଉଲ୍ଲଙ୍ଘନ କରି ଦଣ୍ଡିତ ହୋଇ ଜୁଆଙ୍ଗ ପୀଢରୁ ବିତାଡିତ ହୋଇ ଢେଙ୍କାନାଳ, ତେଲକୋଇ, ହରିଚନ୍ଦନପୁର ଅଞ୍ଚଳରେ ବାସ କରୁଥିବା ଜୁଆଙ୍ଗମାନଙ୍କୁ ଭାଗୁଡ଼ିଆ ଜୁଆଙ୍ଗ କୁହାଯାଏ। ଜୁଆଙ୍ଗ ଶବ୍ଦର ଅର୍ଥ ମଣିଷ। ଜୁଆଙ୍ଗମାନେ ମୁଖ୍ୟତଃ ଏଷ୍ଟ୍ରୋ ଏସିଆଟିକ ମୁଣ୍ଡାଭାଷା ଭାଷୀର ଅନ୍ତର୍ଗତ।

ଜୁଆଙ୍ଗମାନଙ୍କର ରାଜନୈତିକ ମୁଖ୍ୟ ପୀଢ ସର୍ଦ୍ଦାର ଓ ଧର୍ମୀୟ ମୁଖ୍ୟ ନାଗମ। ନାଗମ ଗ୍ରାମଦେବତୀକୁପୂଜା କରିବା ସହ ସବୁ ସମସ୍ତ ଧାର୍ମିକ ଅନୁଷ୍ଠାନରେ ପ୍ରଥମେ ବାସୁମାତା ବା ବାସୁକି ମାତାଙ୍କୁ ପୂଜା କରି ମହୁଲୀ ଅର୍ପଣ କରିଥାଏ। ଏହା ବ୍ୟତୀତ ଏମାନେ ମୁଖ୍ୟ ଦେବୀ ରୂପରେ ବୈତରଣୀ ପାଟ ବା ଗଙ୍ଗାମାତାଙ୍କୁ ପୂଜା କରିଥାନ୍ତି। ଏହି ଆଦିମ ଜନଜାତିର ଜନସଂଖ୍ୟା ଓଡ଼ିଶାରେ ୬୦,୦୦୦ହୋଇଥିବାବେଳେ କେବଳ କେନ୍ଦୁଝର ଏମାନଙ୍କର ସଂଖ୍ୟା ୩୫,୦୦୦ରୁ ଉର୍ଦ୍ଧ୍ୱ, ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି କେନ୍ଦୁଝରରେ ବସବାସ କରୁଥିବା ଅନ୍ୟତମ ବିରଳ ଜନଜାତି ଭୂୟାଁମାନଙ୍କର ସାଂସ୍କୃତିକ ଓ ପରମ୍ପରାଗତ ସମାନତାଲକ୍ଷ୍ୟ କରାଯାଏ।

**୨. ଡଙ୍ଗରିଆ କନ୍ଧ:**

ଡଙ୍ଗରିଆ କନ୍ଧ ହେଉଛନ୍ତି କନ୍ଧ ଗୋଷ୍ଠୀର ଏକ ଉପଗୋଷ୍ଠୀ। ଏମାନେ ମୁଖ୍ୟତଃ ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ ବାସ କରନ୍ତି। ଏମାନେ ନିୟମଗିରି ପର୍ବତରେ ଥିବା ଗ୍ରାମଗୁଡ଼ିକ ପ୍ରାୟ ୧୪୦ଟି ଗ୍ରାମରେ ବସବାସ କରିଥାନ୍ତି। ଏମାନଙ୍କର ଭାଷା ହେଉଛି ଡଙ୍ଗରିଆ ଭାଷା ଯାହା କୁଟିଆ କନ୍ଧ ଓ କୁଭୀ କନ୍ଧଙ୍କ ଭାଷାର ମିଶ୍ରଣରେ ସୃଷ୍ଟି। ଏହି ଡଙ୍ଗରିଆ ଭାଷା ଦ୍ରାବିଡୀୟ ଭାଷା ପରିବାର ଅନ୍ତର୍ଗତ। ଡଙ୍ଗରିଆ କନ୍ଧମାନେ ବିଶ୍ୱାସ କରନ୍ତି ସମସ୍ତ ପ୍ରାକୃତିକ ଦୁର୍ବିପାକରୁ ଧରମ ଦେବତା ଓ ଧରିତ୍ରୀମାତା ଉଦ୍ଧାର କରୁଥିବାରୁ ଏମାନେ ତାଙ୍କୁ ସମସ୍ତ ପୂଜା ପର୍ବାଣୀରେ ପୂଜା କରିଥାନ୍ତି। ସମସ୍ତ ଶୁଭ କାର୍ଯ୍ୟରେ କିଟିଂ ଗିଗିଙ୍କୁ ପୂଜା କରିଥାନ୍ତି। ବଲ୍ଲାନ ଦେବୀ ଗ୍ରାମକୁ ରକ୍ଷା କରନ୍ତି ବୋଲି ଏମାନେ ତାଙ୍କୁ ନିଷ୍ଠାରେ ପୂଜା କରନ୍ତି। ଏମାନଙ୍କର ରାଜନୈତିକ ମୁଖ୍ୟ ହେଉଛନ୍ତି ବିଶ ମାଝୀ, ଧର୍ମୀୟ ମୁଖ୍ୟ ବେଜୁଣୀ ଓ ପୂଜାରୀ। ଦିଶାରୀ ହେଉଛନ୍ତି ଗ୍ରାମର ବୈଦ୍ୟରାଜ।

**୩. ଖଡ଼ିଆ:**

ଭାରତର ବର୍ଷର ବିହାର, ଛତିଶଗଡ଼ ଓ ପଶ୍ଚିମବଙ୍ଗରେ ଏହି ଆଦିମ ଜନଜାତି ମାନେ ଦେଖାଯାଉଥିଲେ ମଧ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ପାର୍ବତ୍ୟାଞ୍ଚଳ ଏମାନଙ୍କର ପ୍ରମୁଖ ବାସସ୍ଥାନ। ଏମାନେ ତିନି ଭାଗରେ ବିଭକ୍ତ (୧) ପାହାଡ଼ି ଗଡିଆ, (୨) ଦୁଧ୍ ଖଡ଼ିଆ, (୩) ଦେଲ୍କି ଖଡ଼ିଆ। ଶିମିଳିପାଳ ଅଭୟାରଣ୍ୟ ମଧରେ ବସବାସ କରୁଥିବା ଏହି ଆଦିମ ଜନଜାତି ମୁଖ୍ୟତଃ ଜଙ୍ଗଲଜାତ ଦ୍ରବ୍ୟ ଯଥା ମହୁ, ଝୁଣା, ଲାଖ ତଥା ପାଲୁଆକୁ ସଂଗ୍ରହ କରି ଆଖପାଖ ହାଟରେ ବିକ୍ରି କରି ତାଙ୍କର ଜୀବନ ନିର୍ବାହ କରିଥାନ୍ତି। ଏହା ବ୍ୟତୀତ ଏମାନେ ପୋଡୁଚାଷ ମଧ କରିଥାନ୍ତି। ଏମାନେ ମୁଖ୍ୟତଃ ଅଷ୍ଟ୍ରୋ ଏସିଆଟିକ୍ ମୁଣ୍ଡାରୀ ଭାଷାଭାଷୀ। କୁଟୁମ୍ବରେ ବିବାହା ଏମାନଙ୍କ ସମାଜରେ ବାରଣ, ମାତ୍ର ଏମାନେ ବନ୍ଧୁ ଘରେ ପ୍ରସ୍ତାବ ପକାଇ ବିବାହ କରିଥାନ୍ତି। ପୌଷ ଓ ନୂଆଖାଇ ପର୍ବକୁ ଏମାନେ ଖୁବ୍ ଧୂମଧାମରେ ପାଳନ କରିଥାନ୍ତି ମାତ୍ର ଫଗୁ ପର୍ବ ଏମାନଙ୍କର ପ୍ରଧାନ ପର୍ବ। ହିନ୍ଦୁ ସଂସ୍କୃତିର ଛାପ ଏମାନଙ୍କର ସଂସ୍କୃତିରେ ପ୍ରତିଫଳିତ।

**୪. ପାଉଡ଼ି ଭୂୟାଁ:**

ଓଡ଼ିଶାରେ ପାଉଡ଼ି ଭୂୟାଁ ମାନଙ୍କର ବସତି ସାଧାରଣତଃ

କେନ୍ଦୁଝର, ସୁନ୍ଦରଗଡ଼ ମୟୂରଭଞ୍ଜ ଓ ସମ୍ବଲପୁର ଜିଲ୍ଲାରେ। କେନ୍ଦୁଝର ଜିଲ୍ଲାରେ ବହୁଳ ପରିମାଣରେ ଏମାନେ ବସବାସ କରୁଥିବାରୁ କେନ୍ଦୁଝର ଏମାନଙ୍କର ସାଂସ୍କୃତିକ ରାଜଧାନୀ। ବାସ୍ତବରେ ଏମାନଙ୍କର ବିଶ୍ୱାସ ଏମାନେ ଭୂମିରୁ ଜନ୍ମ। ତେଣୁ ଏମାନେ ନିଜକୁ ଭୂସୁତ ବୋଲି କହିଥାନ୍ତି। ଭୂୟାଁମାନେ ଖୁବ ଧର୍ମବିଶ୍ୱାସୀ। ଭୂୟାଁମାନେ ବିଶ୍ୱାସ କରନ୍ତି କୋ ଧରମ୍ ଦେବତା ଓ ବୋଡାମ ଦେବତା ସମସ୍ତ ବିବଦ ଆପଦରେ ସାହା ହୁଅନ୍ତି। ଏହା ବ୍ୟତୀତ ଏମାନେ ପର୍ବପର୍ବାଣୀ ଗୁଡ଼ିକ ଖୁବ୍ ଆନନ୍ଦରେ ମଦ୍ୟପାନ କରିଥାନ୍ତି। ସେମାନଙ୍କର ପର୍ବପର୍ବାଣୀଗୁଡ଼ିକ ହେଲା- ମାପ ପରବ, କର୍ମାପରବ, ମକର ପରବ, ଧାନ ନୂଆଖାଇ, ଅଖିମୁଠି, ଆଷାଢି ପୂଜା ଓ ଅଖିନ ପାରିଧି ଇତ୍ୟାଦି। ପାଉଡ଼ି ଭୂୟାଁମାନଙ୍କର ବିବାହ କୁଟୁମ୍ବରେ ନ ହୋଇ ବହୁ ପରିଜନରେ ହୁଏ। ଏମାନଙ୍କର ବିଭିନ୍ନ ପ୍ରକାର ବିବାହ ଅଛି ଯଥା: ଧରିପଳା ବିବାହ, ଫୁଲଖୋସୀ ବିବାହ ଓ ବାଡି ବିବାହ, ମାତ୍ର ଏହି ବାଡି ବିବାହ ବର୍ତ୍ତମାନ ପ୍ରାୟତଃ ଦେଖାଯାଏ ନାହିଁ। ଜୀବନ ଜୀବିକା ନିର୍ବାହ ନିମନ୍ତେ ଏମାନେ ପତ୍ର ସିଲେଇ କରିବା, ପଟିଆ ବୁଣିବା ଆଦି ଖୁବ୍ ସୁନ୍ଦର ଭାବରେ ଏମାନେ କରିଥାନ୍ତି। ପର୍ବ ପର୍ବାଣୀକୁ ଏମାନେ ଚାଙ୍ଗୁ ନୃତ୍ୟ ଓ ଲୋକଗୀତରେ ଖୁବ୍ ଉପଭୋଗ କରିଥାନ୍ତି।

**୫. ଡିଡାୟୀ:**

ଏହି ଆଦିମ ଜନଜାତି ବର୍ଗର ଲୋକମାନେ ମାଲକାନଗିରି ଜିଲ୍ଲାର କୁଡୁମୁଲୁଗୁମା ବ୍ଲକ୍‌ରେ ବାସ କରନ୍ତି। ଏହା କୋଣ୍ଡା କାମ୍ବରୁ ପର୍ବତ ମାଳାର କୋଣ୍ଡା କାମ୍ବେରୁ ଅଞ୍ଚଳରେ। କୁଡୁମୁହୁଗୁମା ବ୍ଲକ୍‌ର ୩୩ଟି ଗ୍ରାମରେ ପ୍ରାୟ ୬୦୦୦ ଲୋକ ଏହି ଆଦିମ ଜନଜାତିର। ଡିଡାୟୀର ଶବ୍ଦର ଅର୍ଥ ଜଙ୍ଗଲ ମଣିଷ। କିମ୍ବଦନ୍ତୀ ଅନୁସାରେ ଏମାନେ ବଣ୍ଡାମାନଙ୍କର ସହୋଦର। ଏମାନେ ନିଜର ଭାଷାରେ ବା ଡିଡାୟୀ ଭାଷାରେ କଥାବାର୍ତ୍ତା କରିଥାନ୍ତି। ଏମାନଙ୍କର ଭାଷା ଅଷ୍ଟ୍ରୋଏସିଆ ଗ୍ରୁପର। ପୋଡୁଚାଷ ଓ ଶିକାର ଏମାନଙ୍କର ଜୀବନ ଧାରଣର ମାଧ୍ୟମ। ଡିଡାୟୀମାନେ ଦୁଇଟି ବାହ୍ୟିକ ବଂଶରେ ବିଭକ୍ତ। ଏହି ଜନଜାତିର ବଂଶ ହିଁ ମୁଖ୍ୟ। ପ୍ରତ୍ୟେକ ବଂଶର ଅଲଗା ଚିହ୍ନ ବା ସଂକେତ ଥାଏ ଯାହାକୁ ସେମାନେ ଗୋତ୍ର କହିଥାନ୍ତି। ଏମାନେ ଗୋଟିଏ ବଂଶରେ ବିବାହକୁ ଗ୍ରହଣ କରନ୍ତି ନାହିଁ। ଏମାନଙ୍କ, କ୍ଷେତ୍ରରେ ପାଞ୍ଚ ପ୍ରକାର ବିବାହ ଦେଖାଯାଏ ଯଥା (୧) ମଧ୍ୟସ୍ଥି ବିବାହ (୨) ରାଣ୍ଡି ବିବାହ (୩) ଝିଙ୍କା ବିବାହ (୪) ଘର ଜ୍ୱାଇଁ ବିବାହ (୫) ଉଦଲିଆ ବିବାହ ଇତ୍ୟାଦି। ଏମାନେ ଏକ ପତ୍ନୀ ଗ୍ରହଣକୁ ବିଶ୍ୱାସ କରନ୍ତି। ଏହି ଆଦିମ ଜନଜାତିର ଲୋକମାନେ କୃଷି ଉପରେ ନିର୍ଭରଶୀଳ ହେଲେ ମଧ୍ୟ ମାଛଧରା, ଶିକାର ଓ ଜଙ୍ଗଲ ଜାତ ଦ୍ରବ୍ୟ ମଧ୍ୟ ସଂଗ୍ରହ କରିଥାନ୍ତି। ଗାଁରେ ଗୋଟାଏ ବଡ଼ ପଥର ରଖି ଏମାନେ ଗ୍ରାମ ଦେବତୀ ବା ପୃଥିବୀ ମତାତା ଭାବରେ ପୂଜା କରିବା ସହ ଅନ୍ୟ ଦେବାଦେବୀ ହିସାବରେ ଭୈରବ, ହୁଣ୍ଡି ଦେବତା, ଠାକୁରାଣୀ ମାତା କିଶାନୀ, ନନ୍ଦୀ ଦେବତା ଇତ୍ୟାଦିଙ୍କୁ ପୂଜା କରିଥାନ୍ତି।

**୬. କୁଟିଆ କନ୍ଧ:**

ଏହି ଆଦିମ ଜନଜାତିମାନେ ମୁଖ୍ୟତଃ କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ବେଲପର ଅଞ୍ଚଳରେ। ପାହାଡ଼ ଜଙ୍ଗଲ ନଦୀନାଳ ପରିବେଷ୍ଟନ ଘଞ୍ଚ ଅରଣ୍ୟ ଏମାନଙ୍କର ପ୍ରମୁଖ ବାସସ୍ଥଳୀ। ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ, ପୋଡୁଚାଷ, ପଶୁପାଳନ, ଉଦ୍ୟାନ କୃଷି ତଥା ଦିନ ମଜୁରିଆ ଭାବରେ ଏମାନେ ଜୀବନ ନିର୍ବାହ କରିଥାନ୍ତି। ରାଜନୈତିକ ସଂଗଠନର ମୁଖ୍ୟ କାର୍ଯ୍ୟକର୍ତ୍ତା ଭାବରେ ମୁଠାମାଝି, ପାଟ ମାଝି, ବିଶମାଝି ଛାଟିଆ ପ୍ରଭୃତି କ୍ଷମତାଧାରୀ ଲୋକ ରହିଥାନ୍ତି, ଯେଉଁମାନେ ଗ୍ରାମର ଶାସନ ବ୍ୟବସ୍ଥାକୁ ନିୟନ୍ତ୍ରିତ କରିଥାନ୍ତି। ଧର୍ମୀୟ ମୁଖ୍ୟ ଭାବରେ ଏମାନେ ଜାନିକୁ ଗ୍ରହଣ କରନ୍ତି। ଜାନି ତାଙ୍କର ସମସ୍ତ ପୂଜା କାର୍ଯ୍ୟ ନିର୍ବାହ କରିଥାନ୍ତି। ଏହି ଆଦିମ ଜନଜାତିର ଉଭୟ ପୁରୁଷ ଓ ନାରୀମାନେ ମଦ୍ୟପାନ କରିଥାନ୍ତି। ଏହାବ୍ୟତୀତ ଏହି ଜନଜାତିର ଅତିଥିମାନଙ୍କୁ ମଧ୍ୟ ମଦ୍ୟ ଦେଇ ଆପ୍ୟାୟିତ କରିଥାନ୍ତି। ଏମାନେ ଦେବତା ମଧ୍ୟରେ ଝରଣା ଦେବତା (ଶୁଙ୍ଗି ପେନୁ) ପର୍ବତ ଦେବତା (ଭୀମ ପେନୁ) ଜଙ୍ଗଲ ଦେବତା (ଲେହ ପେନୁ), ଧନ ଦେବତା ( ସୀତା ପେନୁ) ଓ ବର୍ଷା ଦେବତା (ବିରାନ ପେନୁ) କୁ ଇତ୍ୟାଦିକୁ ପୂଜା କରିଥାନ୍ତି।

**୭. ସଉରା (ସରା)**

ସଉରା ଜନଜାତିର ଲୋକମାନେ ରାୟଗଡ଼ା ଓ ଗଜପତି ଜିଲ୍ଲାରେ ଦେଖାଯାଆନ୍ତି। ଏମାନେ ଓଡ଼ିଶାର ସବୁଠାରୁ ପ୍ରାଚୀନ ଓ କ୍ଷୁଦ୍ର ଜନଜାତି। ଏମାନେ ସରଲାଙ୍ଗ ଭାଷାରେ କତାବାର୍ତ୍ତା କରନ୍ତି। ସେମାନଙ୍କର ଲିପି ହେଉଛି ସୋରାଙ୍ଗ୍ ଝାମ୍ପେଡଂ। ଏହି ଜନଜାତିର ଲେକାମାନେ ନୃତ୍ୟ,ଗୀତ, ଚିତ୍ରକଳା ଓ ଅଭିନୟ ପାଇଁ ସାରା ରାଜ୍ୟରେ ପ୍ରସିଦ୍ଧ। ଏମାନେ ବିଭିନ୍ନ ଗୋଷ୍ଠୀର ଦେଖାଯାନ୍ତି, ଯଥା ଶୁଦ୍ଧ ସଉରା, ଜାରା ସଉରା, ଆର୍ସି ସଉରା ଓ ଲାଞ୍ଜିଆ ସଉରା। ଏମାନଙ୍କର ମୁଖ୍ୟ ରାଜନୈତିକ ମୁଖ୍ୟ ବା ବିଚାରପତିଙ୍କୁ ଗମାଙ୍ଗ କହିଥାନ୍ତି। ଏହି ଗମାଙ୍ଗଙ୍କ ଘର ସମ୍ମୁଖରେ ଫଥରର ଏକ ଚୌକି ନିର୍ମାଣ କରାଯାଇଥାଏ ଯେଉଁଠି ଗମାଙ୍ଗ ବା ବିଚାରପତି ବସି ତାଙ୍କର ବିଚାର କରିଥାନ୍ତି। ତାଙ୍କର ପୂଜକକୁ ବୁୟା ଓ ଜ୍ୟୋତିଷକୁ ଦିଆରି କରିଥାନ୍ତି ଏମାନେ ବହୁ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ଏମାନେ ପିତୃପୁରୁଷ ଓ ପ୍ରେଣାତ୍ମାକୁ ଗଭୀର ବିଶ୍ୱାସ କରନ୍ତି। ବୁୟା ଏମାନଙ୍କ ପୂଜା ପାଠ କରୁଥିବା ବେଳେ ଦିଆରି ଦିନ ତିଥି ଧାର୍ଯ୍ୟ

କରିଥାଏ । ଏମାନେ ପାଦରେ ପାଦ ମିଳାଇ ସ୍ୱତନ୍ତ୍ର ଶୈଳୀରେ ଗୀତ ଗାନ କରି ମଥାରେ ପକ୍ଷୀ ଲଗାଇ ନାଚିବା ଏମାନଙ୍କର ପରମ୍ପରା ।

**୮. ବଣ୍ଡା:**

ଆଦିମ ଆଦିବାସୀ ବଣ୍ଡାମାନେ ଦକ୍ଷିଣ ଓଡ଼ିଶାରେ ଦେଖାଯାନ୍ତି । ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ଖଇରପୁଟ ବ୍ଲକ୍‌ରେ ଏମାନେ ବହୁଳ ପରିମାଣରେ ଦେଖାଯାଆନ୍ତି । ଏହି ସ୍ୱତନ୍ତ୍ର ଜନଜାତିର ନାମ ବଣ୍ଡା ବା ବଣ୍ଡା ପରଜା । ଏହି ଜନଜାତି ଗୋଷ୍ଠୀର ପ୍ରକୃତ ନାମ ଥିଲା ବଣ୍ଡାକ୍, ମାତ୍ର ଏହା ସ୍ମୃତି ମଧୁର ନହେବାରୁ ଏମାନେ ହଳନ୍ତକୁ ଉଠାଇ ଦେଇ ସେମାନେ ନିଜକୁ ବଣ୍ଡା ଭାବରେ ପରିଚିତ ହେଲେ । ଏମାନେ ଅଷ୍ଟ୍ରୋ ଏସିଆଟିକ ମୁଣ୍ଡାଭାଷା ଭାଷୀ ଅଟନ୍ତି । ବଣ୍ଡାମାନେ ନିଜ ଭାଷାରେ ରୋମୋ ଭାବରେ ପରିଚିତ । ସୂର୍ଯ୍ୟ ଦେବତା ଏମାନଙ୍କର ଉପାସ୍ୟ ଦେବତା । ଏହା ବ୍ୟତୀତ ପାଟ ଖଣ୍ଡାକୁ ବରଗଛରେ ଟାଙ୍ଗି ପୂଜା କରନ୍ତି । ସେମାନଙ୍କର ଧର୍ମୀୟ ଓ ରାଜନୈତିକ ମୁଖ୍ୟ ହେଉଛନ୍ତି- ବଡ଼ ନାଏକ, ନାଏକ, ଚାଲାଣ, ପୂଜାରୀ, ଦିଶାରୀ, ଗୁରୁମାଲ ଇତ୍ୟାଦି । ପର୍ବ ପର୍ବାଣୀରେ ଏମାନେ ମଦ୍ୟପାନ କରି ନୃତ୍ୟ କରି ଜୀବନକୁ ଉପଭୋଗ କରିଥାନ୍ତି । ପର୍ବ ପର୍ବାଣୀରେ ଗ୍ରାମକୁ ବାହାର ଲୋକଙ୍କ ପ୍ରବେଶ ନିଷେଧ କାରଣ ଏମାନେ ବିଶ୍ୱାସ କରନ୍ତି ଯେ ବାହାର ଲୋକ ଆସିବା ଦ୍ୱାରା ସଂସ୍କୃତି ଓ ପରମ୍ପରା ନଷ୍ଟ ହୋଇଥାଏ । ସାମାଜିକ ପରିବର୍ତ୍ତନ ସତ୍ତ୍ୱେ ଏମାନେ ନିଜର ସଂସ୍କୃତି ଓ ଐତିହ୍ୟକୁ ଏଯାବତ ଅକ୍ଷୁର୍ଣ୍ଣ ରଖିଛନ୍ତି ।

**୯. ଲୋଧା:**

ଓଡ଼ିଶାର ଆଦିମ ଆଦିବାସୀ ଲୋଧା ମୟୂରଭଞ୍ଜ ଜିଲ୍ଲାର ଶୁଳିଆ ପଦା, ମରଡ଼ା, ବାରିପଦା, ବଡ଼ସାହି, ଖୁଣ୍ଟା, ଉଦଳା, ଶ୍ୟାମାଖୁଣ୍ଟା ଓ କପ୍ତିପଦା ବ୍ଲକ୍‌ରେ ଏମାନେ ବିକ୍ଷିପ୍ତ ଭାବରେ ବସବାସ କରି ରହିଛନ୍ତି । କେତେକ ଆଲୋଚକ ସଂସ୍କୃତ ଶବ୍ଦ 'ଲୁବଧକ' ଶବ୍ଦର ଅପଭ୍ରଂଶ ଭାବେ ଲୋଧା ଶବ୍ଦକୁ ଗ୍ରହଣ କରନ୍ତି । ଏମାନେ ମୁଖ୍ୟତଃ ନୋଧ, ଲୋଧ କିମ୍ବାଲୋଧା ନାମରେ ପରିଚିତ । ମାତ୍ର ଲୋଧାମାନେ ନିଜକୁ ଲୋଧା ଖଡିଆ ତ କେତେବେଳେ ଲୋଧା ଶବର ଭାବରେ ନିଜକୁ ଅଭିହିତ କରାଇ ଜାରା ଶବରର ବଂଶଧର ଭାବରେ ନିଜକୁ ପରିଚିତ କରାଇଥାନ୍ତି । ଲୋଧମାନେ ପିତୃକୈନ୍ଦ୍ରିକ ପରିବାରରେ ବିଶ୍ୱାସ ରଖନ୍ତି । ବିବାହ ପରେ କନ୍ୟା ସ୍ୱାମୀଙ୍କ ସାଙ୍ଗିଆ ଧାରୀ ହୋଇ ଶଶୁର ଘର ଗୋତ୍ରୀ ହୋଇଥାନ୍ତି । ଯଦି ପିତାଙ୍କର ମୃତ୍ୟୁ ହୋଇଥାଏ ତେବେ ମାଆ କିମ୍ବା ବଡ଼ ପୁଅ ପରିବାରର ମୁଖ୍ୟ ହୋଇଥାନ୍ତି । ଏମାନଙ୍କ ମାମୁଁ ଘର ସହ ସଂପର୍କ ଅତି ଘନିଷ୍ଠ ତଥା ସମସ୍ତ କାର୍ଯ୍ୟରେ ମାମୁଙ୍କର ମତାମତ ଲୋଡିଥାନ୍ତି । ଲୋଧାମାନେ ଭୂତ, ପ୍ରେତ, ପିତାସୀ, ଯୋଗିନୀ ଆଦି ବିଶ୍ୱାସ କରୁଥିବାରୁ ଗୁଣିଗାରେଡିରେ ଏମାନେ ବିଶେଷ ଭାବରେ ବିଶ୍ୱାସ କରିଥାନ୍ତି । ଏମାନେ ବସୁମାତା, ଧର୍ମ ଦେବତା, ବୃକ୍ଷ ପଥର ଆଦିକୁ ପୂଜା କରିବା ସହ ଶୀତଳା, ମନସା ଓ ଚଣ୍ଡିପୂଜା ମଧ୍ୟ କରିଥାନ୍ତି । ଶବ ସତ୍କାର କରି ଘରକୁ ଫେରିବା ସମୟରେ ଅଶ୍ୱତତ୍ ବୃକ୍ଷକୁ କୁଣ୍ଢାଇବା ଲୋଧା ସଂପ୍ରଦାୟରେ ଦେଖାଯାଏ, ଯାହା ବୌଦ୍ଧ ଧର୍ମର ସୂଚନା ପ୍ରଦାନ କରିଥାଏ । ସବାଇ ଘାସ ଦଉଡ଼ି ବୁଣିବା ଏମାନଙ୍କର ମୁଖ୍ୟ ବେଉସା ।

**୧୦. ମାଙ୍କଡ଼ିଆ:**

ଓଡ଼ିଶାରେ ଏମାନଙ୍କର ବାସସ୍ଥାନ ମୁଖ୍ୟତଃ ମୟୂରଭଞ୍ଜ ଓ ସମ୍ବଲପୁର ଜିଲ୍ଲା । କଳାହାଣ୍ଡି ଓ ସୁନ୍ଦରଗଡ଼ ଜିଲ୍ଲାରେ ଏମାନଙ୍କୁ ମାଙ୍କଡ଼ି କହନ୍ତି । ଏମାନେ ମୁଖ୍ୟତଃ ଅର୍ଦ୍ଧ ଯାଯାବର ତଥା ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରନ୍ତି । ମାଙ୍କଡ଼ ଧରିବା ଏମାନଙ୍କର କୌଳିକ ଲକ୍ଷଣ । ଯେଉଁ ଗ୍ରାମରେ ମାଙ୍କଡ଼ମାନେ ଫସଲ ଉଜାଡ଼ି ଉତ୍ପାତ କରନ୍ତି ସେହି ଗ୍ରାମକୁ ମାଙ୍କଡ଼ିଆ ମାନେ ଯାଇ ମାଙ୍କଡ଼ ଘଉଡ଼ାଇଥାନ୍ତି । ଏମାନେ ମୁଖ୍ୟତଃ ପତ୍ର କୁଡ଼ିଆରେ ରହିବାକୁ ପସନ୍ଦ କରିଥାନ୍ତି । ସରକାର ଏମାନଙ୍କୁ ପକ୍କା ଘର ଦେଇଥିଲେ ମଧ୍ୟ ପକ୍କା ଘରେ ପଶୁ ପକ୍ଷୀ ରଖି ପତ୍ର କୁଡିଆରେ ଏମାନେ ରହିବାର ମୟୂରଭଞ୍ଜର କେନ୍ଦୁମୁଣ୍ଡି ଅଞ୍ଚଳରେ ଦେଖାଯାଏ ।

**୧୧. ବିରହୋର**

ଭାରତ ବର୍ଗରେ ଏହି ଜନଜାତିର ମଣିଷ ମାନେ ଛତିଶଗଡ଼, ମଧ୍ୟପ୍ରଦେଶ, ବିହାର ଓ ଓଡ଼ିଆରେ ବସବାସ କରିଥାନ୍ତି । ଓଡ଼ିଶାରେ ମୁଖ୍ୟତଃ ଏମାନେ ସମ୍ବଲପୁର, ସୁନ୍ଦରଗଡ଼, ବାଲେଶ୍ୱର, କଟକ ତଥା ଗଞ୍ଜାମ ଅଞ୍ଚଳରେ ଦେଖାଯାଆନ୍ତି । ବିରହୋର ଶବ୍ଦର ଅର୍ଥ ତାଙ୍କ, ଭାଷାରେ ବିର ଶବ୍ଦର ଅର୍ଥ ଜଙ୍ଗଲ ଓ ହର ଶବ୍ଦର ଅର୍ଥ ମଣିଷ, ତେଣୁ ସେମାନେ ନିଜକୁ ଜଙ୍ଗଲୀ ମଣିଷ କହିଥାନ୍ତି । ଏମାନେ ଅଷ୍ଟ୍ରୋ ଏସିଆଟିକ ମୁଣ୍ଡାରୀ ଭାଷାଭାଷୀ । ଶିକାର ତଥା ଜଙ୍ଗଲରୁ ଫଳ ମୂଳ ସଂଗ୍ରହ କରି ଏମାନେ ଜୀବିକା ନିର୍ବାହ କରୁଥିବାରୁ ଏମାନେ ପ୍ରାୟତଃ ଚାଷ କରନ୍ତି ନାହିଁ । ସେମାନେ ତାଳ ପତ୍ର ନିର୍ମିତ ଘରେ ରହନ୍ତି ଯାହାକୁ କୁମ୍ଭା କୁହାଯାଏ । ଏମାନେ ଈଶ୍ୱର ବିଶ୍ୱାସୀ ଏମାନଙ୍କର ଈଶ୍ୱର ଏକ ନହୋଇ ଅନେକ । ସବାଇ ଘାସର ଦଉଡ଼ି, ଠେକା ତିଆରି, କହି ତିଆରି ତଥା ଝୋଟରେ ତିଆରି ଜିନିଷ ନିର୍ମାଣ ଓ ମାଙ୍କଡ଼ ଧରିବା ଏମାନଙ୍କର ପ୍ରମୁଖ କାର୍ଯ୍ୟ ।

**୧୨. ଭୂଞ୍ଜିଆ:**

ଭୂଞ୍ଜିଆ ଜନଜାତି ମୁଖ୍ୟତଃ ୨ ପ୍ରକାରର ୧. ଚକଡିଆ ଭୂଞ୍ଜିଆ, ୨. ସଦରିଆ ଭୂଞ୍ଜିଆ । ଚକଡିଆ ଭୂଞ୍ଜିଆ ମାନେ ୧୯୯୨-୯୩ ପଞ୍ଚ ବାର୍ଷିକ ଯୋଜନାରେ ଆଦିମ ଜନଜାତି ବର୍ଗରେ ସାମିଲ ହୋଇଛନ୍ତି । ନୂଆପଡ଼ା ଜିଲ୍ଲାର କୋମନା ବ୍ଲକ୍ ଅନ୍ତର୍ଗତ ସୁନାବେଡ଼ା

ମାଳଭୂମି ଅଞ୍ଚଳ ଏହି ଚକଡିଆ ଭୂଞ୍ଜିଆ ମାନଙ୍କର ପ୍ରମୁଖ ବାସସ୍ଥଳୀ। ଏମାନେ ବିକ୍ଷିପ୍ତ ଭାବରେ ବସବାସ କରନ୍ତି। ସରଳ ଜୀବନ ଯାପନ ଏମାନଙ୍କ ସାଂସ୍କୃତିକ ବୈଶିଷ୍ଟ୍ୟକୁ ଦର୍ଶାଇଥାଏ। ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ଏମାନଙ୍କ ଅର୍ଥନୀତିର ମୂଳଧାର। ଏମାନେ ବହୁ ଈଶ୍ୱର ବାଦୀ ଓ ବହୁ ଦେବଦେବୀଙ୍କୁ ପୂଜା କରନ୍ତି। ପ୍ରେତାତ୍ମା ପୂଜାକୁ ଏମାନେ ବିଶେଷ ଭାବରେ ଗୁରୁତ୍ୱ ଦେଉଥାନ୍ତି। ବ୍ୟବସ୍ଥିତ ବିବାହ ଓ ଏକ ପତ୍ନୀରେ ଏମାନେ ଖୁବ୍ ବିଶ୍ୱାସୀ।

**୧୩. ଲାଞ୍ଜିଆ ସଉରା:**

ଓଡ଼ିଶାରେ ଏମାନଙ୍କର ବସତି ଗଜପତି ଜିଲ୍ଲା ଓ ରାୟଗଡ଼ା ଜିଲ୍ଲା। ସଉରା ମାନେ ୨ ପ୍ରକାରର (୧), ଶୁଦ୍ଧ ସଉରା (୨) ଲାଞ୍ଜିଆ ସଉରା। ଏମାନଙ୍କର ଭାଷା ସାରାୟାଙ୍ଗ ଓ ଲିପି ସୋରାଡ଼ ସେମ୍ପେଙଂ। ଏମାନେ ଅଷ୍ଟ୍ରୋ ଏସିଆଟିକ ମୁଣ୍ଡା ଭାଷା ପରିବାର ଅନ୍ତର୍ଗତ। ଖାଦ୍ୟ ହିସାବରେ ଭାତ ମୁଖ୍ୟ ଓ ସଲପରସ ଉଭୟ ସ୍ତ୍ରୀ ଓ ପୁରୁଷଙ୍କ ଅତି ପ୍ରିୟ। ପୁରୁଷମାନେ ପିଙ୍କା ଟାଣିବା ମଧ୍ୟ ଦେଖାଯାଏ। ସଉରା ମାନଙ୍କ ମଧ୍ୟରେ କେହି କେହି ଲୁଗା ବୁଣୁଥିବା ବେଳେ କେହି କେହି ପଥର କାମ କରିଥାନ୍ତି। ସଉରାମାନଙ୍କର ବିଚାର ପତିକୁ ଗମାଙ୍ଗ କୁହାଯାଉଥିବାବେଳେ ପୂଜକଙ୍କୁ ବୁୟା ଓ ଜ୍ୟୋତିଷକୁ ଦିଆରି କୁହାଯାଏ।

ସହାୟକ ଗ୍ରନ୍ଥସୂଚୀ

୧. ଓଡ଼ିଶା ସାହିତ୍ୟ ଏକାଡେମୀ : ଓଡ଼ିଆ ସାହିତ୍ୟ ଓ ଆଦିବାସୀ ସଂସ୍କୃତି, ସଙ୍କଳନ ଓ ପ୍ରକାଶକ ଭୁବନେଶ୍ୱର- ୨୦୧୦, ପ୍ରଥମ ସଂସ୍କରଣ

୨. ନାଏକ, ସୁମନ୍ତ- ଜନଜାତି ଭୂୟା: ସାହିତ୍ୟ ଓ ସଂସ୍କୃତି, ଲିପିକା ପ୍ରକାଶନ, ଭୁବନେଶ୍ୱର ୨୦୧୩, ପ୍ରଥମ ପ୍ରକାଶନ

୩. ନାଏକ, ସୁମନ୍ତ - ପରମ୍ପରାର ପ୍ରବାହରେ ଜନଜାତି ଅସ୍ମିତା, କାବ୍ୟ ଲୋକ, ଭୁବନେଶ୍ୱର-୨୦୧୮, ପ୍ରଥମ ପ୍ରକାଶନ

❖❖❖

# ଶକ୍ତିସ୍ୱରୂପା ସୁଭଦ୍ରା

ISSN-2583-6978
Volume-3
Issue-8
AUGUST-2023



ଡକ୍ଟର ବିନୋଦିନୀ ବେହେରା

ମୋ: ୯୮୨୬୧୮୮୬୮୫

ଶ୍ରୀମନ୍ଦିରର ଚତୁର୍ଦ୍ଧାମୂର୍ତ୍ତି ମଧ୍ୟରେ ଶକ୍ତି ସ୍ୱରୂପିଣୀ ଯୋଗମାୟା ସୁଭଦ୍ରା ଅନ୍ୟତମା। ନୀଳାଦ୍ରି ମହୋଦୟ ଗ୍ରନ୍ଥରେ ମାତାଙ୍କର ସ୍ୱରୂପ ନିମ୍ନମତେ ବର୍ଣ୍ଣିତ। ଯଥା:

**"ଗୁପ୍ତପାଦ କରାମ୍ଭୋଜଃ ସମୁତ୍ତୋଳିତ ସଦ୍‌ଭୁଜଃ।**
**ଭକ୍ତାନା ମବନାୟୈବ ତଥା ଭଦ୍ରାପି ଭଦ୍ରଦା।"**

ଅର୍ଥାତ୍ ମାତା ସୁଭଦ୍ରା ନିଜର ପାଦପଦ୍ମ ଓ କରକମଳ ଗୋପ୍ୟ ରଖି ଭୁଜକୁ ଉତ୍ତୋଳିତ କରିଛନ୍ତି। ସେ ଭକ୍ତଗଣଙ୍କର ସୁରକ୍ଷା ନିମନ୍ତେ ଭଦ୍ରଦାୟିନୀ ଅଟନ୍ତି।

ଉକ୍ତ ପ୍ରବନ୍ଧନରେ ମାତାଙ୍କର ତତ୍ତ୍ୱ ଆଲୋଚିତ। ତାଙ୍କର ଅପୂର୍ବ ତତ୍ତ୍ୱ ମଧ୍ୟରେ ତିନୋଟି ବୈଶିଷ୍ଟ୍ୟ ଜ୍ଞାତବ୍ୟ ବିଷୟ ଅଟେ। ଯଥା: ତାଙ୍କର ଶ୍ରୀମନ୍ଦିରରେ ସ୍ଥିତି, ଶରୀରର ରୂପଲାବଣ୍ୟ ଏବଂ ଅନନ୍ତ ଶକ୍ତିସାମର୍ଥ୍ୟ।

ମାତା ସୁଭଦ୍ରାଙ୍କର ସ୍ଥିତି ବିଷୟରେ ମହାପୁରୁଷ ଅଚ୍ୟୁତାନନ୍ଦ 'ମନ୍ମଥଚନ୍ଦ୍ରିକା'ରେ ସ୍ପଷ୍ଟ ବର୍ଣ୍ଣନା କରିଛନ୍ତି। ଯଥା:

**"ଦୁଇ ଆଡେ ଜଗନ୍ନାଥ ବଳଭଦ୍ର ବିଜେ**
**ମଧ୍ୟରେ ଯେ ରଙ୍ଗଦେହୀ ସୁଭଦ୍ରା ବିରିଜେ**
**ଡାହାଣେ ଯେ ବଳରାମ ବାମେ ଜଗନ୍ନାଥ**
**ମଧ୍ୟରେ ଯେ ବୀରଜାଇ ସୁଭଦ୍ରାଙ୍କ ରୂପ।**

ଅର୍ଥାତ୍ ମାତା ସୁଭଦ୍ରା ଜଗନ୍ନାଥ ଓ ବଳରାମଙ୍କ ମଧ୍ୟରେ ବିରାଜିତ। ଡାହାଣ ପାର୍ଶ୍ୱରେ ବଳରାମ ଏବଂ ବାମପାର୍ଶ୍ୱରେ ଜଗନ୍ନାଥ ବିଦ୍ୟମାନ। ଏହା ବ୍ୟତୀତ ସ୍କନ୍ଦପୁରାଣ,ବ୍ରହ୍ମପୁରାଣ, ନୀଳାଦ୍ରି ମହୋଦୟ, ପୁରୁଷୋତ୍ତମ ମହାତ୍ମ୍ୟ ଇତ୍ୟାଦି ଗ୍ରନ୍ଥମାନଙ୍କରେ ମାତାଙ୍କର ସ୍ଥିତି ଓ ଶରୀର ଲାବଣ୍ୟ ବର୍ଣ୍ଣିତ ହୋଇଛି। ପୁରୁଷୋତ୍ତମ ମାହାତ୍ମ୍ୟ ଗ୍ରନ୍ଥାନୁସାରେ ସେ ଶ୍ରୀହରିଙ୍କର ରୂପର ଯୋଗ୍ୟା, ଦ୍ୱିଭୁଜା, ପଦ୍ମନୟନା, ପଦ୍ମାସନା, ପଦ୍ମହସ୍ତା ଏବଂ ମହାପ୍ରଭୁଙ୍କର ଲୀଳା ଅନୁସରଣକାରୀ ଈଶ୍ୱରୀ ଅଟନ୍ତି।

**"ଦ୍ୱିଭୁଜାଂ ପୁଣ୍ଡରୀକାକ୍ଷୀଂ ହରେ ରୂପାନୁରୂପିଣୀମ୍।**
**ପଙ୍କଜସ୍ଥାଂ ପଦ୍ମହସ୍ତାଂ ପ୍ରଭୋର୍ଲୀଳାନୁସାରିଣୀମ୍।"**

(ପୁ.ମହାତ୍ମ୍ୟ, ଅ ୬/୮୦)

ମାତା ସମସ୍ତ ଲାବଣ୍ୟର ଆଧାର। ତାଙ୍କର ଶରୀର ଶୁଦ୍ଧ ସୁବର୍ଣ୍ଣ କାନ୍ତି ଯୁକ୍ତ। ଶିବଦାସଙ୍କ ରଚିତ ରାଧାରସାମୃତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ 'ମନ୍ମଥ ଚନ୍ଦ୍ରିକା' ଏବଂ ଗୌଡୀୟ ବୈଷ୍ଣବ ମାନଙ୍କ ବର୍ଣ୍ଣନା ଅନୁସାରେ ମାତା ସୁଭଦ୍ରା ରଙ୍ଗେଶ୍ୱରୀ ରାଧା, ତେଣୁ କବିଙ୍କ ଲେଖନୀରେ ଉଲ୍ଲିଖିତ:

**"ସୁଭଦ୍ରାଟି ରଙ୍ଗବେଦୀ ରାଧା ରଙ୍ଗେଶ୍ୱରୀ**
**ମଧ୍ୟରେ ବିଜୟ ମାତା ଶୂନ୍ୟ ରୂପ ଧରି।"**

(ମନ୍ମଥ ଚନ୍ଦ୍ରିକା)

'ସୁଭଦ୍ରାଟି ରଙ୍ଗଦେବୀ' ପଦ୍ୟଖଣ୍ଡର ବିଶେଷତ୍ୱ ଉଲ୍ଲେଖଯୋଗ୍ୟ। ସୁଭଦ୍ରାଙ୍କ ଦେହର ରଙ୍ଗ ହଳଦୀ ଓ ଲାଲ ମିଶ୍ରିତ ଅଟେ। ମାତ୍ର ବଳଭଦ୍ର ଧବଳବର୍ଣ୍ଣ ଅଟନ୍ତି। ପ୍ରକାରାନ୍ତରେ ସମସ୍ତ ରଙ୍ଗର ଅନୁପସ୍ଥିତି ହିଁ ଧବଳ ବର୍ଣ୍ଣ ଅଟେ। ତେଣୁ ଧଳା ଏକ ରଙ୍ଗ ନୁହେଁ। ସେହି ମତେ ବଳଭଦ୍ର ରଙ୍ଗହୀନ (ରଙ୍ଗଶୂନ୍ୟ) ଅଟନ୍ତି। ଜଗନ୍ନାଥ କୃଷ୍ଣବର୍ଣ୍ଣ ବା କଳାରଙ୍ଗ। ଏକାଧିକ ରଙ୍ଗର ମିଶ୍ରଣ ଫଳରେ କଳାରଙ୍ଗ ସୃଷ୍ଟି ହୁଏ। ତେଣୁ ଜଗନ୍ନାଥ ସମସ୍ତ ରଙ୍ଗର ସମାହାର ଏବଂ ସେ ସମସ୍ତ କିଛି ନିଜ ରଙ୍ଗରେ ନିଷ୍ପନ୍ନ କରିଥାନ୍ତି। ଏଠାରେ ରାଧାଙ୍କୁ ରଙ୍ଗେଶ୍ୱରୀ ବୋଲି କୁହାଯାଇଛି। ମାତା ସୁଭଦ୍ରା ରଙ୍ଗେଶ୍ୱରୀ ଅଟନ୍ତି।

ମାତା ସୁଭଦ୍ରା ଅପାର ଶକ୍ତିସମ୍ପନ୍ନା ଅଟନ୍ତି। ପୁରୁଷୋତ୍ତମ ମହାତ୍ମ୍ୟ ଗ୍ରନ୍ଥରେ ତାଙ୍କର ଅଶେଷ ମହିମା ନିମ୍ନମତେ ବର୍ଣ୍ଣିତ। ଯଥା:

**ବ୍ରହ୍ମରୁଦ୍ରାବିଦେବାନାଂ ମାତରଂ ପଦ୍ମମାଳିନୀମ୍।**
**ସର୍ବାଳକୀରସଂଯୁକ୍ତାଂ ସର୍ବଲୋକନମସ୍କୃତାମ୍।।**
**ବାଙ୍ମନୋଗୋଚରାତୀତାଂ ନରକଲ୍ମଷନାଶିନୀମ୍**

**ମହାଲକ୍ଷ୍ମୀଂ ଜଗଦ୍ଧାତ୍ରୀଂ ସୁଭଦ୍ରାରୂପ ଧାରିଣୀମ୍।**
**ସଦା ନିରୂପମାଂ ବିପ୍ର ଭକ୍ତକଳ୍ପଲତାତ୍ମିକାମ୍।**
**ଈଶ୍ୱରୀଂ ସର୍ବଭୂତାନାଂ ହରେବର୍ମାଙ୍ଗ ରୂପିଣୀମ୍"।।**
**ବିଦ୍ଧି, ସତ୍ୟବତୀପୁତ୍ର ବିଶ୍ୱକାରଣ କାରିଣୀମ୍**
**ଯସ୍ୟାଃ କୃପାକଟାକ୍ଷେଣ ବ୍ରହ୍ମତ୍ୱଂ ପ୍ରାପ୍ତବାନ୍ ବିଧିଃ**
**ରୁଦ୍ରୋ ମହେଶ୍ୱରତ୍ୱଂ ଚ ଶକ୍ରସ୍ତ୍ରିବଶରାଜତମ୍**
**ଯମସୋମାଦୟୋ ଯେଽନ୍ୟେ ଦିକପାଲାଃ ସୁରସଭାମାଃ।**
**ଅଜ୍ଞୟା ଶ୍ରୀଜଗଭର୍ତ୍ତୁର୍ବ୍ରହ୍ମାଦୀନ୍ ସାବରନ୍ତାକାନ୍**
**ପୁତ୍ରାନ୍ ମାତେବ ସା ନିତ୍ୟଂ ସୁଭଦ୍ରା ପାଳୟତ୍ୟପି।**
(ପୁ. ମା . ୬୨ଷ ଅଧ୍ୟାୟ)

ଅର୍ଥାତ ସୁଭଦ୍ରା ବ୍ରହ୍ମାରୁଦ୍ର ଆଦି ଦେବଙ୍କର ମାତା ଏବଂ ସମସ୍ତ ଲୋକଙ୍କର ନମସ୍ୟା ଦେବୀ ଅଟନ୍ତି। ସେ ବଚନ ଓ ମନର ଅଗୋଚର। ମନୁଷ୍ୟମାନଙ୍କର ପାପବିନାଶିନୀ, ଜଗଦ୍ଧାତ୍ରୀ ଅଟନ୍ତି। ମହାଲକ୍ଷ୍ମୀ ଏଠାରେ ସୁଭଦ୍ରା ରୂପେ ବିରାଜିତା। ସେ ଅନୁପମା। ଭକ୍ତଗଣଙ୍କର କଳ୍ପଲତା ସ୍ୱରୂପା ଏବଂ ସମସ୍ତ ଜୀବଙ୍କର ଈଶ୍ୱରୀ ଅଟନ୍ତି। ତାଙ୍କର କୃପାହେତୁ ବିଧି ବ୍ରହ୍ମାପଦ, ରୁଦ୍ର ମହେଶ୍ୱରତ୍ୱ, ଇନ୍ଦ୍ର ଦେବରାଜପଦ, ଯମସୋମ ଆଦି ଦିଗପାଳ ସମସ୍ତେ ଦିକ୍ପାଳ ପଦ ଲାଭ କରିଛନ୍ତି। ଶ୍ରୀଜଗନ୍ନାଥଙ୍କର ଆଜ୍ଞାରେ ସେ ବ୍ରହ୍ମାଙ୍କଠାରୁ ଆରମ୍ଭ କରି ସ୍ଥାବର ପର୍ଯ୍ୟନ୍ତ ସମସ୍ତଙ୍କୁ ମାତୃବତ ନିତ୍ୟପାଳନ କରୁଛନ୍ତି। ଅତଏବ ମାତା କୃପାମୟୀ ଏବଂ ଅପାର ଶକ୍ତିସମ୍ପନ୍ନା ଅଟନ୍ତି।

ମାତା ସୁଭଦ୍ରାଙ୍କର ସ୍ୱରୂପ ସମ୍ବନ୍ଧରେ ବିଭିନ୍ନ ପୁରାଣ, ମହାଭାରତ ଇତ୍ୟାଦିରେ ସବିଶେଷ ବର୍ଣ୍ଣିତ ହୋଇଛି। ବ୍ରହ୍ମପୁରାଣରେ ଉଲ୍ଲେଖ ଅଛି ଯେ,

**"ତ୍ରାହି ମାଂ ପଦ୍ମପତ୍ରାକ୍ଷି କାତ୍ୟାୟନୀ ନମୋଽସ୍ତୁତେ।**
**ବଳଦେବସ୍ୟ ଭଗିନୀ ସୁଭଦ୍ରାଂ ବରଦାଂ ଶିବାମ୍।**

ଉପରୋକ୍ତ ସ୍ତୁତିରେ ସେ ବଳଭଦ୍ରଙ୍କର ଭଗିନୀ, କାତ୍ୟାୟନୀ, ସୁଭଦ୍ରା ଏବଂ ଶିବା ନାମରେ ସମ୍ବୋଧିତ।

ମୂର୍ତ୍ତିଗଠନ ପ୍ରସଙ୍ଗରେ ବୃହତ୍‌ସଂହିତାରେ ମାତା ସୁଭଦ୍ରା ଏକାନଂସା ଭାବେ ବର୍ଣ୍ଣିତା। ଶ୍ରୀବଳଭଦ୍ର ଓ ଶ୍ରୀ ଜଗନ୍ନାଥଙ୍କ ମଧ୍ୟରେ ସେ ସଂସ୍ଥାପିତା।

ସ୍କନ୍ଦ ପୁରାଣ ଓ ବ୍ରହ୍ମପୁରାଣରେ ସେ ଭଦ୍ରା। ଭଦ୍ରକାଳୀ ଏବଂ ରୋହିଣୀ ଗର୍ଭସମ୍ଭୂତା ଭାବେ ଆରାଧ୍ୟା।

ସ୍ମୃତି ଶାସ୍ତ୍ରାନୁସାରେ:

**"ଜୟ ଜୟ ସୁଭଦ୍ରେ ତ୍ୱଂ ସର୍ବେଷାଂ ଭଦ୍ରଦାୟିନି।**
**ଭଦ୍ରା ଭଦ୍ରା ସ୍ୱରୂପା ତ୍ୱଂ ଭଦ୍ରକାଳୀ ନମୋଽସ୍ତୁତେ।।**
**ତ୍ୱଂ ମାତା ଜଗତାଂ ଦେବି ! ପିତା ନାରାୟଣୋହି ସଃ**
**ସ୍ତ୍ରୀ ରୂପଂ ସର୍ବମେବ ତ୍ୱଂ ପୁଂ ରୂପେ ଜଗଦୀଶ୍ୱରଃ।"**

ଅର୍ଥାତ୍ ମାତା ଜଗଦୀଶ୍ୱରୀ ସାକ୍ଷାତ ବ୍ରହ୍ମରୂପା, ସମସ୍ତଙ୍କର କଲ୍ୟାଣକାରିଣୀ ଏବଂ ପ୍ରଭୁ ନାରାୟଣଙ୍କର ଇଚ୍ଛା ଶକ୍ତିରୂପା ଅଟନ୍ତି।

ବିଷ୍ଣୁକେଶ୍ୱରୀ ପୁରାଣ ଓ ପ୍ରେମଭକ୍ତି ବ୍ରହ୍ମଗୀତା ବର୍ଣ୍ଣନାରେ ଯୋଗମାୟାଙ୍କ ଦ୍ୱାରା ଶାପଗ୍ରସ୍ତ ହୋଇ ବିଧାତା (ବ୍ରହ୍ମା) ଛଦ୍ମବେଶରେ ଶ୍ରୀମନ୍ଦିରରେ ସୁଭଦ୍ରା ରୂପେ ବିରାଜିତ। ପୁରାଣ ମତରେ ବ୍ରହ୍ମା ଶ୍ରୀନାରାୟଣଙ୍କ ନାଭିପଦ୍ମରୁ ଜାତ। ଏକଦା ବ୍ରହ୍ମା ମୋହଗ୍ରସ୍ତ ହୋଇ ରତିକ୍ରୀଡ଼ା ନମନ୍ତେ ଯୋଗମାୟାଙ୍କୁ ନିବେଦନ କରିଥିଲେ। ବ୍ରହ୍ମାଙ୍କର ଏପ୍ରକାର ଅସଙ୍ଗତ କାର୍ଯ୍ୟରେ କୋପିତା ଯୋଗମାୟା ତାଙ୍କୁ କଳିଯୁଗରେ ନାରୀରୂପ ଧାରଣ କରିବାକୁ ଅଭିଶାପ ଦେଇଥିଲେ ଏବଂ ଶାପଗ୍ରସ୍ତ ବ୍ରହ୍ମା ଶ୍ରୀମନ୍ଦିର ରତ୍ନସିଂହାସନରେ ସୁଭଦ୍ରା ରୂପେ ସଂସ୍ଥାପିତ ହୋଇଛନ୍ତି।

ସାରଳାଦାସଙ୍କ ରଚିତ ମହାଭାରତରେ ମଧ ଉପରୋକ୍ତ ଶାପ ବିଷୟ ବର୍ଣ୍ଣିତ। ଯଥା:

**ପୀତ କୁଙ୍କୁମ ବରନ ସେହି ବ୍ରହ୍ମା ମୂର୍ତ୍ତି**
**ଡାହାଣେ ଶୁକଳ ବର୍ଣ୍ଣ ମହାଦେବ ଜ୍ୟୋତି।**

ଅର୍ଥାତ୍ ବ୍ରହ୍ମା ମୂର୍ତ୍ତି ସୁଭଦ୍ରା ରୂପେ ବିରାଜିତା। ତାଙ୍କ ଡାହାଣ ପାର୍ଶ୍ୱରେ ବଳଭଦ୍ର ସ୍ଥିତ ସେ ସୁବର୍ଣ୍ଣବର୍ଣ୍ଣା (ହଳଦୀ ଓ ନାଲି ମିଶ୍ରିତ) ଅଟନ୍ତି।

ମହାଭାରତର ଆଦିପର୍ବ ପରିଶିଷ୍ଟରେ ମଧ୍ୟ ଯୋଗମାୟାଙ୍କର ଶାପ ବୃତ୍ତାନ୍ତ ବର୍ଣ୍ଣିତ ହୋଇଛି। ଯଥା:

**"ମଧ୍ୟରେ ସୋହୋଦ୍ରା ସେ ଜଗତର ପିତା**
**ସଂସାର ଜାତ କରନ୍ତି ମହାଗ୍ୟାଂତା।**
**ଅନାଦି ମାତାଙ୍କର ସାପଗୁଣ ଘେନି**
**ତେଣୁ ସ୍ତ୍ରୀଲିଙ୍ଗ ରୂପ ବହିଛନ୍ତି ପୁଣି।**

ଅର୍ଥାତ୍ ଶାପଗ୍ରସ୍ତ ବ୍ରହ୍ମା ହିଁ ସୁଭଦ୍ରା ରୂପେ ବିରାଜିତା ଅଛନ୍ତି।

ମହାପୁରୁଷ ଅଚ୍ୟୁତାନନ୍ଦ ମଧ୍ୟ ସୁଭଦ୍ରାଙ୍କୁ ବ୍ରହ୍ମା ଭାବରେ ଉଲ୍ଲେଖ କରିଛନ୍ତି:

**"ଜଗନ୍ନାଥ ରୂପ ଗୋଟି ସତ ବିଷ୍ଣୁ ସେହି**
**ବ୍ରହ୍ମାଟି ସୁଭଦ୍ରା ଦେବୀ ମଧ୍ୟେଛନ୍ତି ରହି।"**
(ମନ୍ମଥ ଚନ୍ଦ୍ରିକା)

ବିଷ୍ଣୁକେଶ୍ୱରୀ ପୁରାଣ ଓ ମହାଭାରତ ବର୍ଣ୍ଣନା ଅନୁସାରେ ବ୍ରହ୍ମା ହସ୍ତ ଓ କର୍ଣ୍ଣ ଆଦି ଅଙ୍ଗକୁ ହୃଦରେ ଗୋପନ ରଖି ସୁଭଦ୍ରାଙ୍କ ରୂପ ଧାରଣ କରି ଶ୍ରୀମନ୍ଦିରରେ ବିଜେ କରିଛନ୍ତି।

ଉତ୍କଳୀୟ ବୈଷ୍ଣବମାନେ ଗୌଡୀୟ ବୈଷ୍ଣବମାନଙ୍କଠାରୁ ଭିନ୍ନ ମତ ପୋଷଣ କରି ତାଙ୍କୁ ମହାଶକ୍ତି ସ୍ୱରୂପା ମହାଲକ୍ଷ୍ମୀ ଭାବେ ବର୍ଣ୍ଣନା କରନ୍ତି।

ଜଗନ୍ନାଥ ଦାସଙ୍କର "ରହସ୍ୟ ମଞ୍ଜରୀ" କୃତିରେ ଶ୍ରୀଜଗନ୍ନାଥ କାଳସବ୍ରୂପ ଓ ମାତା ସୁଭଦ୍ରା ପ୍ରକୃତିରୂପା।

ଶୈବ ଏବଂ ଶାକ୍ତମାନଙ୍କ ମତରେ ମାତା ସୁଭଦ୍ରା ଦୁର୍ଗାଦେବୀ

ଅଟନ୍ତି । ତେଣୁ ଦୁର୍ଗାଙ୍କର ନାମାବଳୀ ମଧ୍ୟରେ ଭଦ୍ରା, ସୁଭଦ୍ରା ଇତ୍ୟାଦି ନାମରେ ଉଲ୍ଲେଖ ରହିଛି ।

ଗବେଷକ 'ଶ୍ରୀ ରଜତ କୁମାର କର'ଙ୍କ ମତରେ ମାତା ସୁଭଦ୍ରା ସର୍ବନାରୀ ସ୍ୱରୂପିଣୀ ଯୋଗମାୟା ଦୁର୍ଗତିନାଶିନୀ ଦୁର୍ଗା ଅଟନ୍ତି ।

ଉକ୍ତ ପ୍ରସଙ୍ଗରେ ପୁରାଣ, ମହାଭାରତ ଇତ୍ୟାଦିଠାରୁ ତନ୍ତ୍ର ସାହିତ୍ୟର ମତ ସମ୍ପୂର୍ଣ୍ଣ ପୃଥକ ଅଟେ । ତନ୍ତ୍ର ମତରେ ରତ୍ନ ସିଂହାସନସ୍ଥ ଶ୍ରୀବଳଭଦ୍ର ଜୀବ ସ୍ୱରୂପ, ଶ୍ରୀଜଗନ୍ନାଥ ବ୍ରହ୍ମସ୍ୱରୂପ ଏବଂ ମଧ୍ୟସ୍ଥିତା ମାତା ସୁଭଦ୍ରା ମୂଳପ୍ରକୃତି ଯୋଗମାୟା ଅଟନ୍ତି । ତନ୍ତ୍ର ବର୍ଣ୍ଣନାରେ ଅଛି ଯେ:

**"ଯୋଗମାୟା ପରାଂ ନିତ୍ୟା ସୁଭଦ୍ରା ମୋହ ରୂପିଣୀ**
**ନିର୍ଗୁଣା ବିଷ୍ଣୁ ମାୟାଂସି ନିଜବିଦ୍ୟାମୟୀ ସ୍ୱୟମ୍ ।"**

ଶ୍ରୀଜଗନ୍ନାଥ ସଂସ୍କୃତିର ମହାସ୍ରୋତରେ କାଳକ୍ରମେ ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ, ତାନ୍ତ୍ରିକ ଇତ୍ୟାଦି ବିଭିନ୍ନ ଧର୍ମ ଓ ସଂସ୍କୃତିର ଧାରା ନିର୍ବିବାଦରେ ସମ୍ମିଳିତ ହୋଇଛି । ଭାଗିନୀ ରୂପେ ରତ୍ନସିଂହାସନରେ ବିରାଜିତା ହେଲେ ହେଁ ମାତା ସୁଭଦ୍ରା ଭୁବନେଶ୍ୱରୀ ମନ୍ତ୍ରରେ ପୂଜିତା । 'ଏଥିନିମିତ୍ତ ନୀଳାଦ୍ରିମହୋଦୟ' ଗ୍ରନ୍ଥରେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନିର୍ଦ୍ଦେଶ ଥିବାର ପ୍ରମାଣ ଉପଲବ୍ଧ । ଏହି ଗ୍ରନ୍ଥରେ ସୁଭଦ୍ରାଙ୍କୁ ଯୋଗମାୟା ଭଦ୍ରକାଳୀ ରୂପେ ଆବାହନ କରାଯାଇଛି । ଏହା ଶାକ୍ତ ମତର ପ୍ରଭାବ ବୋଲି ଗ୍ରହଣ କରାଯାଇଛି ।

ଉପରୋକ୍ତ ସମସ୍ତ ମତ ପର୍ଯ୍ୟାଲୋଚନା କଲେ ପ୍ରତ୍ୟେକ ମତ ଗ୍ରହଣ ଯୋଗ୍ୟ ମନେ ହୁଏ । ବିବିଧ ମତ ଥାଇ ମଧ୍ୟ ମହାମାୟା ସୁଭଦ୍ରା ହସ୍ତପଦର ହିତା ଓ ପରମ ଶକ୍ତିରପା ବୋଲି ନିର୍ବିବାଦରେ ଗୃହୀତ । ଶ୍ରୀମନ୍ଦିରରେ ବିରାଜିତ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ଭଳି ତାଙ୍କର ବାସ୍ତବ ରହସ୍ୟ ସମସ୍ତଙ୍କୁ ଅଜ୍ଞାତ । ପ୍ରତ୍ୟେକ ଆପଣା ଆପଣା ଭାବନାରେ ତାଙ୍କୁ ଗ୍ରହଣ କରିଥାନ୍ତି ।

❖❖❖

# ଜଣା ଅଜଣା



ISSN-2583-6978
Volume-3
Issue-8
AUGUST-2023

**କୃଷ୍ଣ ମୋହନ ରାଉତରାୟ**

ମୋ:- ୯୮୬୧୦ ୪୧୫୭୬

ଉଲ୍ଲିଖିତ ବିଷୟ ର ଶୀର୍ଷକ ' ଜଣା ଅଜଣା ' , ଅତି ସାଧାରଣ ବୁଝି ପାରିଲାଭଳି ଦୁଇଟି ଶବ୍ଦ। ଯାହାର ଅର୍ଥ ପ୍ରତିଟି ବ୍ୟକ୍ତି ମୁହଁରୁ ଅନେକବାର ସ୍ଥଳ ବିଶେଷରେ ବାହାରି ଥାଏ। ଏହା ସ୍ୱାଭାବିକ , ଯାହା ବ୍ୟକ୍ତିର ଜ୍ଞାତସାର ରେ ଥାଏ ତାହାକୁ ଜଣା ଏବଂ ଯାହା ଅଜ୍ଞାତ ତାହା ଅଜଣା, ଏପରିକି ବିଷୟର ବିଦ୍ୟମାନତା ର ଅବଗତ ଥାଏ କିନ୍ତୁ ଇଚ୍ଛା ଓ ଦଖଲ ନଥାଏ ତାହା ମଧ୍ୟ ମଣିଷର ଅଜଣା। ତେଣୁ ଯେ କୌଣସି ମାଧ୍ୟମ ରେ ହେଉ ମଣିଷ ତାର ବ୍ୟକ୍ତିଗତ, ପାରିବାରିକ, ସାମାଜିକ, ଆର୍ଥିକ ଇତ୍ୟାଦି ବିଷୟ ଓ ଜ୍ଞାନକୁ ତାର ଅଜଣା ରାଇଜରୁ ଯେତେ ମାତ୍ରା ଅଥବା ପରିମାଣରେ ଜ୍ଞାତସାରକୁ ଆଣିପାରେ, ସମଭାବରେ ନିଜକୁ ଉକ୍ତ ବିଷୟରେ ଅଭିଜ୍ଞ ତଥା ଅନୁଭୂତି ସମ୍ପର୍ଣ କରାଇପାରେ।

ପ୍ରଥମତଃ ମଣିଷକୁ ଭଲ ଭାବରେ ବୁଝିବାକୁ ହେବ ଯେ ସେ କଣ ଜାଣେନି। ଅର୍ଥାତ ନିଜର ଅଜଣା ବା ନଜାଣିଥିବା ବିଷୟ ସବୁକୁ ଯେବେ ସେ ବୁଝେ ଯେ ଏ ସମସ୍ତ ବିଷୟ ତାପାଇଁ ଅପରିଚିତ ବା ଅଜ୍ଞ ତେବେ ସେ ବିଷୟରେ ନିଜର ଜାଣିବା ସ୍ଥିତିକୁ ପରଖିବାରେ ସକ୍ଷମ ହୁଏ।

ଏବେ ଆସନ୍ତୁ ଜଣା ଅଜଣାରେ ଦେଶ ଓ ବ୍ୟକ୍ତିର ଅନେକ ପରିସ୍ଥିତି ମଧ୍ୟରୁ ଆର୍ଥିକ ପରିସ୍ଥିତିକୁ ଆଲୋକପାତ କରି କିଛି ଅଜଣା ରହସ୍ୟକୁ ଖୋଜିବାର ପ୍ରୟାସ କରିବା ଯାହା ଜୀବନରେ ଏକ ମହତ୍ୱ ତଥା ଗୁରୁତ୍ୱପୂର୍ଣ ଭୂମିକା ଗ୍ରହଣକରେ। କିଛି ମନସ୍ତତ୍ୱବିତ କହିଥାଅନ୍ତି ଜୀବନରେ ଧନ ସମ୍ପତ୍ତି ସବୁକିଛି ନୁହେଁ କିନ୍ତୁ ଅର୍ଥଶାସ୍ତ୍ର ବିଶାରଦମାନେ କୁହନ୍ତି ଧନ ସବୁକିଛି ନ ହୋଇପାରେ କିନ୍ତୁ ବହୁତକିଛି। ଦୁଇଟିଯାକ କଥା କାଳ ଓ ପାତ୍ର ବିଶେଷରେ ଠିକ। ଧନୀ ଓ ଗରୀବ ମଧ୍ୟରେ ଏତେବଡ ଶୂନ୍ୟସ୍ଥାନ ର ଉତ୍ତର ଯେ କେବଳ ଅର୍ଥ, ଧନସମ୍ପତି ଯାହା ଧନୀ, ମଧ୍ୟବିତ୍ତ, ଗରିବର ମାପକାଠି।

ଏକ ବୃହତ୍ତମ ସର୍ବେକ୍ଷଣ ସଂସ୍ଥା ଅକ୍ସଫାମର ବିବରଣୀ ଅନୁସାରେ ଆଜି ଆମ ଦେଶର ଲୋକସଂଖ୍ୟା ୧୩୮ କୋଟିରୁ ଉର୍ଦ୍ଧ। ଆର୍ଥିକ ଦୃଷ୍ଟିକୋଣ ରୁ ଯଦି କ୍ରମାନ୍ୱୟ ରେ ସମୁଦାୟ ଲୋକସଂଖ୍ୟା କୁ ଭାଗ କରାଯାଏ ତେବେ କ୍ରମ ୧ ରେ -ଅତିଧନୀ ୧ ଲକ୍ଷ , ୨ - ଧନୀ ୯ ଲକ୍ଷ,୩ - ଉଚ୍ଚ ମଧ୍ୟବିତ୍ତ ୬ ଲକ୍ଷ,୪ - ମଧ୍ୟବିତ୍ତ ୧୪ ଲକ୍ଷ, ୫- ନିମ୍ନ ମଧ୍ୟବିତ୍ତ ୨୦ ଲକ୍ଷ, ୬- ଗରିବ ୮୦ ଲକ୍ଷ ,୭- ଅତିଗରିବ ୮ ଲକ୍ଷ। ସବୁଠୁ ବଡ ଆଶ୍ଚର୍ଯ୍ୟ ର କଥା ପ୍ରଥମ ୧ ଲକ୍ଷ ଅତିଧନୀ ବା ବିତ୍ତଶାଳୀ ଙ୍କ ପାଖରେ ଦେଶର ୭୩ ପ୍ରତିଶତ ଧନ ଥିବାବେଳେ ୨ ରେ ଥିବା ୯ ଲକ୍ଷ ଧନୀ ଓ ଅତିଧନୀ ମିଶି ଦେଶର ୭୭ ପ୍ରତିଶତ ଜାତୀୟ ସମ୍ପତ୍ତିର ଅଧିକାରୀ। ବାକି ବଳକା ୨୩ ପ୍ରତିଶତ ଅନ୍ୟ ସମସ୍ତ ୧୨୮ କୋଟି ଲୋକଙ୍କ ପାଖରେ। ଏହା ବର୍ତମାନ ର ସର୍ବେକ୍ଷଣ।

ଯଦି କିଛି ଶହ ବର୍ଷ ପୂର୍ବ ରାଜତନ୍ତ୍ର କଥା ଚିନ୍ତା କରିବା, ସେ ସମୟରେ ଧନୀ ଓ ଗରିବ ଥିଲେ ଆଜି ବି ଲୋକତନ୍ତ୍ର ରେ ସେଇ ଏକା ଅବସ୍ଥା। ସ୍ୱାଧୀନତାର ୭୫ ବର୍ଷ ପରେବି ଆମ ଦେଶର ଆର୍ଥିକ ଚିତ୍ର ତଥା ସ୍ଥିତି କୁ ଦେଖିଲେ ମନରେ ଅନେକ ପ୍ରଶ୍ନ ଆସେ ଦୁଃଖ ବି ଲାଗେ, ଏ ପରିସ୍ଥିତି ର ପରିବର୍ତ୍ତନ କଣ ଅସମ୍ଭବ ? ଏହାର କଣ କିଛି ବିକଳ୍ପ ନାହିଁ ? ନଜର କୁ ଆସେ ଯଦି ପ୍ରତିଟି ବର୍ଗରେ କ୍ରମଉନ୍ନତି ହୁଏ ଯଥା ଗରିବ ରୁ ମଧ୍ୟବିତ୍ତକୁ , ମଧ୍ୟବିତ୍ତ ରୁ ଧନୀକୁ ତେବେ ସଂଖ୍ୟାରେ କିଛି ପରିବର୍ତନ ଆସିପାରେ। ଏହାତ ଏକ ଗାଣିତିକ ହିସାବ ମାତ୍ର। କିନ୍ତୁ ବାସ୍ତବରେ ଏହାର ସମ୍ଭାବନା କେତେ ? କ୍ରମଉନ୍ନତିର ରାସ୍ତା ଉପାୟ ମୂଳତତ୍ୱ କଣ ହୋଇପାରେ।

ଦେଶ ବିଦେଶର ଅନେକ ଅର୍ଥଶାସ୍ତ୍ର ବିଶେଷଜ୍ଞ ଏ ବିଷୟରେ ନିଜ ନିଜ ମତପୋଷଣ କରିଛନ୍ତି। ଧନୀ ର ସଂଜ୍ଞା ,ଉପାୟ ,କାରଣ, ମାର୍ଗ ଇତ୍ୟାଦି ବୁଝାଇ ନିଜର ମତକୁ ଗୁରୁତ୍ୱ ଦେଇଛନ୍ତି ଏବଂ କିଛି ବ୍ୟକ୍ତି ସେ ଉପାୟକୁ ଆଧାର କରି ସଫଳ ମଧ୍ୟ ହୋଇଛନ୍ତି। କିନ୍ତୁ

ନିଜର ରାୟ ,ବିଚାର, ଚିନ୍ତା କୁ ପରିବର୍ତ୍ତନ ର ରୂପ ସ୍ୱଚ୍ଛ ବ୍ୟକ୍ତିଙ୍କ ଠାରେ ସମ୍ଭବ ହୋଇଛି।

ଏଠାରେ ପ୍ରିୟ ପାଠକ ମାନଙ୍କୁ କହି ରଖେ ଯେ ଧନୀ ଗରିବ ର ଉଲ୍ଲେଖ କୌଣସି ବ୍ୟକ୍ତି , ଧନୀ ବା ଗରିବ କାହାର ଉପହାସ କିମ୍ବା ପରିହାସ କରିବାର ପ୍ରୟାସ ନୁହେଁ । ଏହା ଧନୀ ଗରୀବ ର ବିଚାର ଓ ଚିନ୍ତାଧାରା କୁ ପରିବର୍ତ୍ତନ କରିବାର କିଛି ପ୍ରଚେଷ୍ଟା ମାତ୍ର। କିଛି ମନୋବିଜ୍ଞାନୀ ଏବଂ ଅର୍ଥଶାସ୍ତ୍ର ବିଶେଷଜ୍ଞ ଙ୍କର ବିଶ୍ୱର ଅନେକ ଧନୀ ଓ ଗରିବଙ୍କ ସହ ବହୁ ବର୍ଷ ଧରି ପ୍ରତକ୍ଷ ଭାବେ ସେମାନଙ୍କ କାର୍ଯ୍ୟକଳାପ ମନବୃତ୍ତି ଚିନ୍ତାଧାରା କୁ ଗବେଷଣା ଓ ପରଖିଲା ପରେ ଯେଉଁ ସିଦ୍ଧାନ୍ତ ରେ ପହଞ୍ଚିଲେ ତାହାର ସର୍ବେକ୍ଷଣ ଓ ବିବରଣୀ ଆଜିର ଆଲୋଚ୍ୟ ବିଷୟ। ଦେଖାଯାଏ ଯେଉଁମାନେ ଆମ ଦେଶର ତଥା ବିଶ୍ୱର ସବୁଠାରୁ ବଡ ବିତ୍ତଶାଳି ବା ଧନୀ ସେମାନେ କୌଣସି ଶାରୀରିକ କୌଶଳ କିମ୍ବା ପ୍ରୟୋଗ ରେ ଧନୀ ହୋଇନାହାନ୍ତି। ସେମାନଙ୍କର ବୁଦ୍ଧିର ପ୍ରୟୋଗ ଉନ୍ନତ ଚିନ୍ତାଧାରା ଓ ପ୍ରଚେଷ୍ଟା ଦ୍ୱାରା ଆଜି ଦେଶ ଓ ବିଶ୍ୱରେ ଧନୀ ବ୍ୟକ୍ତି ଭାବରେ ଗଣା ହେଉଛନ୍ତି। କିନ୍ତୁ ଯେଉଁମାନେ ବୁଦ୍ଧି ଓ ଚିନ୍ତାଧାରା କୁ ବିକାଶ ନକରି କେବଳ ଶାରୀରିକ ପରିଶ୍ରମ ଓ କୌଶଳକୁ ନିର୍ଭର କରିଥାନ୍ତି, ସାମୟିକ ପରିବର୍ତ୍ତନ ହୋଇଥାଏ ସତ କିନ୍ତୁ ଧନୀ ର କ୍ରମରୁ ବହୁ ଦୂରରେ ଥାଆନ୍ତି।

ଧନୀ ଓ ଗରିବ ଏହି ଦୁଇ ପ୍ରକାରର ବିଚାରଶକ୍ତି, ଚିନ୍ତାଧାରା କୁ ଯଦି ନିରୀକ୍ଷଣ କରାଯାଏ ତେବେ ଦୁଇ ପ୍ରକାରର ଫଳାଫଳ ବା ନିଷ୍ପତି ଅନୁଭବ ହୋଇଥାଏ। ଆସନ୍ତୁ ସେ ଅନୁଭବର ପାର୍ଥକ୍ୟକୁ ବୁଝିବାର ଚେଷ୍ଟା କରିବା। ଧନୀବ୍ୟକ୍ତି, ଯେ ନିଜସ୍ୱପ୍ନ ର ଉଚ୍ଚତାକୁ ପାର କରି ସଫଳତାର ଶୀର୍ଷରେ ଅଛନ୍ତି, ଦେଖାଯାଏ ଯଦିକେବେ ଜୀବନରେ କିଛି ହାରିଛନ୍ତି , ଜିତିଛନ୍ତି, କଷ୍ଟ କରିଛନ୍ତି, ନଷ୍ଟ କରିଛନ୍ତି, ପାଇଛନ୍ତି ସେ ସବୁର ଦାଇତ୍ୱ ତଥା ଜୀବନର ସମସ୍ତ କାର୍ଯ୍ୟକଳାପର ଉତ୍ତରଦାଇତ୍ୱ ନିଜକୁ ହିଁ ମାନିଥାନ୍ତି। ଅର୍ଥାତ ଜୀବନର ଶ୍ରେୟ ହେଉ ବା ଦୋଷ ଆରୋପଣ ସବୁ ନିଜଉପରକୁ ନେଇଥାନ୍ତି।

କିନ୍ତୁ ଗରିବ ଭାବନାର ବ୍ୟକ୍ତି ନିଜର ଭୁଲ, ବିଫଳତା, କ୍ଷତି, ନଷ୍ଟ , ଦୁର୍ବଳତା ପାଇଁ ସର୍ବଦା ଅନ୍ୟ କୁ ଦୋଷାରପ କରାଇଥାନ୍ତି। ନିଜର ଦାଇତ୍ୱ କୁ ନବୁଝି , ପଦ୍ଧତି ,ସମାଜ ,ସରକାର ତଥା ଅନ୍ୟକୁ ଆଙ୍ଗୁଠି ନିର୍ଦ୍ଦେଶ କରନ୍ତି। ଅର୍ଥାତ ଜୀବନର ସମସ୍ତ ଚିନ୍ତା କେବଳ ଅନ୍ୟଆଡ଼କୁ ହୋଇଥାଏ। ଯିଏ ନିଜର ଦାଇତ୍ୱ ନିଜ ଉପରକୁ ନେଇନି, ଜୀବନରେ ନିଜ କାର୍ଯ୍ୟକଳାପ ର ଭୁଲପାଇଁ ନିଜକୁ ମାନିବାରେ କୁଣ୍ଠାବୋଧ କରି ଅନ୍ୟକୁ ଦୋଷ ଦେଇଥାଏ, ସେ କେବଳ ଆର୍ଥିକ ନୁହେଁ, କୌଣସି କ୍ଷେତ୍ରରେ ସଫଳତା ପାଇନଥାଏ। ଯଦି କେହି ସଫଳତା ପାଇବି ଥାଆନ୍ତି ତାହା କେବଳ ସ୍ୱଳ୍ପ ସମୟର ସଫଳତା।

ଏହା ସତ୍ୟ ଯେ ଯେଉଁ ବ୍ୟକ୍ତି ଇଚ୍ଛାଶକ୍ତି କୁ ଦୃଢକରି ଜିତିବା ପାଇଁ ସର୍ବଦା ଚେଷ୍ଟିତ, ସେ ହିଁ ଅନ୍ୟକୁ ହରାଇବାରେ ସଫଳ ହୁଏ ଯାହା ଧନୀ ବା ଆର୍ଥିକକ୍ଷେତ୍ରର ସଫଳ ବ୍ୟକ୍ତି ଠାରେ ପରିଲିକ୍ଷିତ ହୁଏ। କିନ୍ତୁ ସାଧାରଣ ବ୍ୟକ୍ତି ନହାରିବାର ଚେଷ୍ଟାରେ ଥାଏ।ଜିତିବା ଓ ନହାରିବାର ଚେଷ୍ଟାର ଅର୍ଥକୁ ବୁଝିଲେ ଦେଖିବେ, ଜିତିବାର ଚେଷ୍ଟା ଆଗକୁ ଆଗକୁ ଟାଣିଲା ବେଳେ, ନହାରିବାର ଚେଷ୍ଟା ସ୍ଥିରତା ଆଣିଦିଏ। ଯାହା ଧନୀ ଓ ଗରୀବ ଚିନ୍ତାଧାରାର ଭିର୍ଣ୍ଣତା।

ମଣିଷ ତାର କାର୍ଯ୍ୟର ସଫଳତା ଓ ବିଫଳତାର କାରଣ ସେ ନିଜେ। ଯଦି ନିଜ ସମସ୍ୟାର କାରଣ ନିଜ ଉପରକୁ ନ ନିଏ , ତେବେ ସୁଧାରର ସମସ୍ତ ସମ୍ଭାବନା ସେଇଠାରେ ହିଁ ସମାପ୍ତ ହୋଇଯାଏ। ଆଜି ଦେଶରେ ଧନୀ ଗରିବ ର ପ୍ରଭେଦରେ ଜନସଂଖ୍ୟାର ମୁଖ୍ୟ ଭାଗ ଗରିବର ସଂଖ୍ୟାରେ। ଗରିବରେ ଜନ୍ମ ଗରିବରେ ମୃତ୍ୟୁ।

ସାଧାରଣରୁ ବାହାରି କିଛି ଅଲଗା ଓ ପରିବର୍ତ୍ତନର ଚେଷ୍ଟା କରନ୍ତୁ। ନିଜକୁ ନିଜ ନଜରରେ ଦେଖନ୍ତୁ, ଗରିବର ଚିନ୍ତାଧାରାକୁ ମନରୁ ପରିବର୍ତ୍ତନ କରନ୍ତୁ। କାରଣ ଆପଣ ହିଁ ଆପଣଙ୍କର ଜୀବନର ବିଚାରପତି। ଯଦି ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ଚାହାନ୍ତି ତେବେ ସଠିକ ସବିଶେଷ ଯୋଜନା ମନରେ ଆଂକନ୍ତୁ ଏବଂ ନିଜ କର୍ମରେ ପ୍ରତିଫଳିତ କରାନ୍ତୁ। ଅଜଣାରୁ ବାହାରି ଜାଣିବାର ଇଚ୍ଛାକୁ ବୃଦ୍ଧି କରନ୍ତୁ, ତେବେ ଏ ଧନୀ ଗରିବ ର ଦୂରତ୍ୱ କମିବ। ଯାହା ଆଜି 'ଜଣା ଅଜଣା'ର ବିଷୟ।

❖❖❖

# ଓଡ଼ିଆ ସାହିତ୍ୟରେ ଦଳିତ ଚେତନାର ଅନ୍ୱେଷଣ



ISSN-2583-6978
Volume-3
Issue-8
AUGUST-2023

**ସୁପ୍ରିୟା ମଲ୍ଲିକ୍**

malliksupriya3@gmail.com

'ସମକାଳୀନ ଓଡ଼ିଆ କଥାସାହିତ୍ୟରେ ଦଳିତ ଚେତନା' ଡ଼କ୍ଟର ଦେବ ପ୍ରସାଦ ସାମଲଙ୍କର ଏକ ନୂତନ ସୃଷ୍ଟି। ୨୦୨୩ ମସିହା ଅଗଷ୍ଟ ମାସରେ ପୁସ୍ତକଟି 'ପ୍ରବାହ ପ୍ରକାଶନୀ' ଦ୍ୱାରା ପ୍ରକାଶିତ। ନୂଆଦିଲ୍ଲୀସ୍ଥିତ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ଟ.ଏ.ଉ)ର ଗବେଷଣା ପ୍ରକଳ୍ପର ଫଳଶ୍ରୁତି ସ୍ୱରୂପ ତଥ୍ୟ, ତତ୍ତ୍ୱ, ଅନୁଶୀଳନ ଓ ଗତିଶୀଳତାରେ ପୁସ୍ତକଟି ସମୃଦ୍ଧ। ଭାଷା-ସାହିତ୍ୟର ଗବେଷଣା ପାଇଁ ଉଦ୍ଦିଷ୍ଟ ପାହାଚଗୁଡ଼ିକୁ କ୍ରମାନ୍ୱୟରେ ଅତିକ୍ରମ କରିଛନ୍ତି ଲେଖକ। ବିଭିନ୍ନ ଅଧ୍ୟାୟର ଆଲୋଚନା କାଳରେ ସ୍ପଷ୍ଟ ଓ ପ୍ରାଞ୍ଜଳ ଭାଷାର ବ୍ୟବହାର, ଅନୁଧ୍ୟାନ ଦକ୍ଷତା, ସ୍ୱଚ୍ଛନ୍ଦ ପ୍ରକାଶ ଭଙ୍ଗୀ ଓ ନିରପେକ୍ଷ ବିଚାରବୋଧ ଆଦି ଲେଖକୀୟ ପାରଦର୍ଶୀତା ସହିତ ଗବେଷକର ଉପଲବ୍ଧି ହେତୁ ଓଡ଼ିଆ ଦଳିତ ସାହିତ୍ୟର ଏକ ସଂଯୋଜିତ ପରିସର ସୃଷ୍ଟି କରିଛି ଏହି ପୁସ୍ତକ।

ପ୍ରଥମ ଅଧ୍ୟାୟ 'ଦଳିତ ସାହିତ୍ୟର ସଂଜ୍ଞା, ସ୍ୱରୂପ ଓ ପରିସର'ର ଆଲୋଚନା 'ଦଳିତ' ଶବ୍ଦର ବ୍ୟୁତ୍ପତ୍ତିରୁ ଆରମ୍ଭ ହୋଇଛି। ଏହି ଶବ୍ଦ ମୂଳତଃ ଏକ ସଂସ୍କୃତ ଶବ୍ଦ ବୋଲି ଡ଼କ୍ଟର ସାମଲ ମତଦେଇଛନ୍ତି। ସମୟକ୍ରମେ 'ଦଳିତ'ର ଅର୍ଥରେ ଯେଉଁସବୁ ପରିବର୍ତ୍ତନ ଆସିଛି, ତାହାର ସୂଚନା ଦିଆଯାଇଛି। ଭାରତୀୟ ହିନ୍ଦୁ ସମାଜର ସର୍ବନିମ୍ନ ସ୍ତରରେ ରହିଥିବା ଜାତିଗୁଡ଼ିକ, ଯେଉଁମାନଙ୍କୁ ସାମାଜିକ ବିଧିବ୍ୟବସ୍ଥାରେ ଅସ୍ପୃଶ୍ୟ କରି ରଖାଯାଇଛି ସେହି ବର୍ଗର ଲୋକଙ୍କ ପାଇଁ 'ଦଳିତ' ଶବ୍ଦର ପ୍ରୟୋଗ ହୋଇଛି। ସର୍ବପ୍ରାଚୀନ ଶବ୍ଦ 'ଶୂଦ୍ର'ରୁ ଆରମ୍ଭ କରି 'ଅଛୁତ", ପଞ୍ଚମ, ଅତିଶୂଦ୍ର, ଅବର୍ଣ୍ଣ, ଚଣ୍ଡାଳ, ଅସ୍ପୃଶ୍ୟ, ହରିଜନ ଓ ବହୁଜନ ଇତ୍ୟାଦିର ପ୍ରତିଶବ୍ଦ ହେଉଛି 'ଦଳିତ'। ସ୍ୱାଧୀନତା ପରେ ଭାରତୀୟ ସମ୍ବିଧାନରେ 'ଅନୁସୂଚିତ ଜାତି' ରୂପେ ଏହି ଶବ୍ଦ ପ୍ରଚଳିତ। ସାମାଜିକ କ୍ରାନ୍ତିକାରୀ ଜ୍ୟୋତିରାଓ ଫୁଲେଙ୍କର 'ଦଳିତ ଉଦ୍ଧାର' କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଥମ କରି ମରାଠୀ ଭାଷାରେ ଏହାର ପ୍ରୟୋଗ ଆରମ୍ଭ ହୋଇଥିଲା। ଜ୍ୟୋତିରାଓଙ୍କ ଅନୁପ୍ରେରଣାରେ ଡ଼କ୍ଟର ଆମ୍ବେଦ୍‌କର 'Untouchable' ଓ 'Depressed class' ଆଦି ଦୁଇଟି ଶବ୍ଦ ସହିତ, ତାଙ୍କର ମରାଠୀ ଲେଖା ଓ ଭାଷଣରେ 'ଦଳିତ' ଶବ୍ଦ ପ୍ରୟୋଗ କରିଛନ୍ତି। ପରିବର୍ତ୍ତୀ ସମୟରେ ୧୯୮୪ ମସିହାରେ କାଂସୀରାମଙ୍କ ଦ୍ୱାରା ଉତ୍ତରପ୍ରଦେଶରେ 'ବହୁଜନ ସମାଜ ପାର୍ଟି (B.S.P) ର ସ୍ଥାପନା ହୋଇଛି। 'ବହୁଜନ' ଭାବରେ 'ଦଳିତ' ଶବ୍ଦର ନୂତନ ପରିଭାଷା ସୃଷ୍ଟି ହୋଇଛି ବୋଲି ଲେଖକ ମତ ଦିଅନ୍ତି।

ସେହି ପ୍ରଥମ ଅଧ୍ୟାୟରେ ଦଳିତ ସାହିତ୍ୟର ସଂଜ୍ଞା ଓ ସ୍ୱରୂପ ଉପରେ ଆଲୋକପାତ କରି ଭାରତର ବିଭିନ୍ନ ରାଜ୍ୟ ଭାଷାର ବିଶିଷ୍ଟ ସାହିତ୍ୟିକମାନଙ୍କର ମତକୁ ଉଦ୍ଧାର କରିଛନ୍ତି ଲେଖକ। ଶରଣ କୁମାର ଲିମ୍ବାଲେ, ମାତା ପ୍ରସାଦ, କମ୍ୱଲ ଭାରତୀ, ଡ଼କ୍ଟର ଧର୍ମବୀର, ଦଳପତ ଚୌହାନ, ପ୍ରବୀଣ ଗାଧଭୀ, ରମେଶ ଚନ୍ଦ୍ର ପରମାର, ଅର୍ଜ୍ଜୁନ ଡ଼ାଙ୍ଗଲେ, ପ୍ରେମଶଙ୍କର ଓ ଆହୁରି ଅନେକ ସାହିତ୍ୟିକ 'ଦଳିତ ସାହିତ୍ୟର ଯେଉଁ ସଂଜ୍ଞା ପ୍ରଦାନ କରିଛନ୍ତି, ସେ ସମ୍ବନ୍ଧରେ ପୁସ୍ତକରେ ଉଲ୍ଲେଖ ରହିଛି। କୃଷ୍ଣ ଚରଣ ବେହେରାଙ୍କର ଆଲୋଚନାକୁ ଉପଜୀବ୍ୟ କରି ଲେଖକ କହନ୍ତି –'ଦଳିତ ସାହିତ୍ୟ ହେଉଛି ଦଳିତର ସାହିତ୍ୟ। ତେଣୁ ପ୍ରଥମ ପ୍ରଶ୍ନ ଦଳିତ କିଏ ?' ଏହି ପ୍ରଶ୍ନର ଉତ୍ତର ଐତିହାସିକ ଦୃଷ୍ଟିକୋଣରୁ ଆଲୋଚନା କରାଯାଇଛି। ଋକ୍‌ବେଦ ଭଳି ପ୍ରାଚୀନତମ ଭାରତୀୟ ରଚନାରେ ରହିଥିବା ଶ୍ଳୋକକୁ ଅନୁଶୀଳନ କରାଯାଇଛି। ତଦନୁଯାୟୀ ଚତୁର୍ବର୍ଣ୍ଣ ବ୍ୟବସ୍ଥାରେ ଅସ୍ପୃଶ୍ୟତା ଅସ୍ପଷ୍ଟ। ପରବର୍ତ୍ତୀ ସମୟରେ ଧର୍ମ, ରାଜନୀତି, ଅର୍ଥନୀତିକୁ ଆଧାର କରି ଜାତି ଭେଦ ଓ ଅସ୍ପୃଶ୍ୟତା ସୃଷ୍ଟି ହୋଇଛି ବୋଲି ସେ ମତ ଦିଅନ୍ତି। ଆଧୁନିକ ଦଳିତ ବିଚାରକୁ ପ୍ରକାଶ କରିବାକୁ ଯାଇ ଲେଖକ ଓଲିଭ ମେଣ୍ଡେଲ୍‌ସନ୍‌ଙ୍କ ମତକୁ ଉପସ୍ଥାପନ କରିଛନ୍ତି – "A Marathi word untouchable originally used for the followers of Ambedkar now as the most common

term to identify 'untouchable' as a whole .......”

ଦଳିତ କିଏ ? ଏହି ପ୍ରଶ୍ନର ଉତ୍ତର ଖୋଜିବାକୁ ଯାଇ ଭାରତୀୟ ସାହିତ୍ୟିକମାନଙ୍କ ଦ୍ୱାରା ପ୍ରଦତ୍ତ ପରିଭାଷାର ଅନୁଶୀଳନ ପରେ ସେ ଗୁଜରାଟୀ କବି ନିରବ ପଟେଲ୍ ଓ ତେଲୁଗୁ ଭାଷାର ଗବେଷିକା ଥୁମାପତି ଭାରତୀଙ୍କର ମତକୁ ଗ୍ରହଣ କରିଛନ୍ତି । ଭାରତୀଙ୍କ ଭାଷାରେ “But later perhaps from 2nd half of 1990s onwards, the activists, writers redirected the usage of the word Dalit to un-touchable castes”ଡ଼କ୍ଟର ସାମଲ ଲେଖନ୍ତି, ନିଷ୍କର୍ଷତଃ ଦଳିତ ଭାବରେ ଅସ୍ପୃଶ୍ୟଗଣଙ୍କୁ ଗ୍ରହଣ କରି ନିଆଯିବା ସହଜ, ସରଳ ଓ ଯୁକ୍ତିଯୁକ୍ତ । କଳ୍ପିତ ନିବନ୍ଧ ସମକାଳୀନ ଓଡ଼ିଆ କଥା ସାହିତ୍ୟରେ ଦଳିତ ଚେତନା ଅଧ୍ୟୟନ ଓ ଅନୁଶୀଳନରେ ଅସ୍ପୃଶ୍ୟଗଣଙ୍କୁ ଦଳିତ ଭାବରେ ବିବେଚନା କରିବା ନିରାପଦ । ଜ୍ୟୋତିରାଓ ଫୁଲେଙ୍କର ଦଳିତ ଉଦ୍ଧାର କାର୍ଯ୍ୟକ୍ରମ ଯେଉଁ ବର୍ଗର ଲୋକଙ୍କର ଅଧିକାର ଓ ଉନ୍ନତି ପାଇଁ ଉଦ୍ଦିଷ୍ଟ ଥିଲା ଓ ଡ଼କ୍ଟର ଆମ୍ବେଦ୍କରଙ୍କର ଦୀର୍ଘ ୪୦ ବର୍ଷର ସଂଘର୍ଷର ପରିଣାମ ସଦୃଶ ଯେଉଁ ବର୍ଗର ଲୋକେ ସ୍ୱାଧୀନ ନାଗରିକ ଭାବେ ପରିଗଣିତ ହେଲେ, ସେମାନଙ୍କ ପାଇଁ ହିଁ 'ଦଳିତ ଶବ୍ଦ' ବ୍ୟବହାର କରାଯାଇଛି । ସହଜ ଓ ସରଳର ପ୍ରଶ୍ନ ବା ନିରାପତ୍ତାର କାରଣ ଠାରୁ ସାମାଜିକ କ୍ରାନ୍ତିର କେନ୍ଦ୍ରୀୟ ବିଚାର ଓ ଦଳିତ ସାହିତ୍ୟର ଆନ୍ଦୋଳନାତ୍ମକ ପୃଷ୍ଠପଟ୍ଟ ଅଧିକ ଶକ୍ତ କାରଣ ହୋଇ ଛିଡ଼ା ହୋଇଛି, ଯାହାଦ୍ୱାରା 'ଦଳିତ' ଅସ୍ପୃଶ୍ୟ କୁହାଯାଉଥିବା 'ଜାତି'ଙ୍କୁ ବୁଝାଏ । ଅବଶ୍ୟ କଥା ସାହିତ୍ୟର ଗବେଷକ, କଥା ସାହିତ୍ୟର ସୃଜନଶୀଳ ସ୍ରଷ୍ଟାମାନଙ୍କର ମତାମତକୁ ଅନୁଧ୍ୟାନ କରି ନିଷ୍କର୍ଷରେ ପହଞ୍ଚିବା ସ୍ୱାଭାବିକ ।

ଦଳିତ ସାହିତ୍ୟର ସଂଜ୍ଞା ନିରୂପଣ ପ୍ରସଙ୍ଗରେ ଗବେଷକ ଡ଼କ୍ଟର ସାମଲ୍ ଲେଖନ୍ତି – “ଦଳିତ ଚେତନା ବ୍ୟତିରେକେ ଦଳିତ ସାହିତ୍ୟ ମୃତ ଓ ନିଥର ....... ଦଳିତ ଚେତନା ଆମ୍ବେଦକରଙ୍କ ଦର୍ଶନରୁ ଶକ୍ତି ସଂଗ୍ରହ କରେ ।”

ଦଳିତ ଚେତନା ସମ୍ବନ୍ଧୀୟ ଯେଉଁ ଆଲୋଚନା/ବିଶ୍ଳେଷଣ/ ପରିଭାଷାର କେନ୍ଦ୍ରବିନ୍ଦୁ ରହିଛି, ସେସବୁକୁ ବ୍ୟକ୍ତ କରିବାକୁ ଯାଇ ଗବେଷକ ଡ଼କ୍ଟର ସାମଲ୍ ଶରଣ କୁମାର ଲିମ୍ବାଲେ ଓ ଓମ୍ ପ୍ରକାଶ ବାଲ୍ମିକୀଙ୍କର ମତାମତକୁ ପୁସ୍ତକରେ ଉପସ୍ଥାପନ କରିଛନ୍ତି । ଏହିସବୁ ମତାମତର ଉପସ୍ଥାପନ ସ୍ୱତଃ ଏକ ନିଷ୍କର୍ଷରେ ଉପନୀତ ହୁଏ ଯେ, ଯେଉଁଠାରେ 'ମୁକ୍ତି ଚେତନା' ନାହିଁ ସେଠାରେ 'ଦଳିତ ସାହିତ୍ୟ ପ୍ରାଣହୀନ ।' ଅର୍ଥାତ୍ ତାହା ଦଳିତ ସାହିତ୍ୟ ନୁହେଁ । ମୁକ୍ତି ଚେତନାର ଅର୍ଥ 'ଅସ୍ପୃଶ୍ୟତା ଜନିତ ଅମର୍ଯ୍ୟାଦାରୁ ମୁକ୍ତି' 'ଧର୍ମ-ନୈତିକ କୁସଂସ୍କାରରୁ ମୁକ୍ତି, ସାମାଜିକ ବୈଷମ୍ୟ ଯୋଗୁ ଉପସ୍ଥିତ ବହିଷ୍କରଣରୁ ମୁକ୍ତି, 'ଜାତି ବାହାରେ ଅଜାତିଆ ହୋଇ ରହିବାର ସ୍ଥିତିରୁ ମୁକ୍ତି,' ବର୍ଣ୍ଣ ବାହାରେ ଅବର୍ଣ୍ଣ, ଅତିଶୂଦ୍ର ଆଦି ପରିଚୟରୁ ମୁକ୍ତି' ବା 'ଏହିଭଳି ଅଗଣିତ ବିଧିବ୍ୟବସ୍ଥାରୁ ମୁକ୍ତି' । ମୁକ୍ତି-ଚେତନା ଅଣ-ଦଳିତ ସାହିତ୍ୟିକଙ୍କର ଦଳିତ- ସମ୍ବନ୍ଧୀୟ ରଚନାରେ ଉପଲବ୍ଧ ନହେବା ସ୍ୱାଭାବିକ ।

ଏସବୁ ସତ୍ତ୍ୱେ, ଅନୁଧ୍ୟାନ ଓ ଅନୁଶୀଳନର କେଉଁ ଏକ ବିନ୍ଦୁରେ ଗବେଷକ ନିଜର ସିଦ୍ଧାନ୍ତରେ ଉପନୀତ ହୁଅନ୍ତି ଓ ଲେଖନ୍ତି – ........ ଏମାନଙ୍କ ମଧ୍ୟରେ ଅଛନ୍ତି ପ୍ରବୀଣ, ବରିଷ୍ଠ, ନବୀନ ପ୍ରଗତିଶୀଳ ଲେଖକ ଲେଖିକା । ଅଛନ୍ତି ଦଳିତ ଲେଖକ ଓ ଅଣ-ଦଳିତ ସ୍ରଷ୍ଟା...... ସକଳଙ୍କ ସମଷ୍ଟିଗତ ସାହିତ୍ୟସାଧନାରେ ଓଡ଼ିଆ ଦଳିତ ସାହିତ୍ୟ ଯେ ସମୃଦ୍ଧ ଏକଥା ସ୍ୱୀକାର କରିବାକୁ ପଡ଼ିବ ।”

'ମୃତ ଓ ନିଥର ଚେତନାହୀନ ସାହିତ୍ୟ' ଓ 'ଦଳିତ ଚେତନାରୁ ସୃଷ୍ଟିହୋଇଥିବା ବିଦ୍ରୋହୀମାନସର ସୃଜନ' ଉଭୟର ସମୀକ୍ଷା ଓ ସମାଲୋଚନା ପୁସ୍ତକଟିକୁ ଅଧିକ ଶାଣିତ କରିପାରିଥାଆନ୍ତା ।

'ଦଳିତ କିଏ ? ଦଳିତ ସାହିତ୍ୟର ସ୍ରଷ୍ଟା କିଏ ?' ଏ ସମ୍ବନ୍ଧୀୟ ପରସ୍ପର ବିରୋଧୀ ମତଗୁଡ଼ିକୁ ଆଲୋଚନା କରିଛନ୍ତି ଲେଖକ । ଆଲୋଚନା ପରିପ୍ରେକ୍ଷୀରେ ଭାରତର ଅନ୍ୟତମ ବିଦ୍ରୋହୀ ସାହିତ୍ୟ ସ୍ରଷ୍ଟା ଓମ୍ ପ୍ରକାଶ ବାଲ୍ମିକୀଙ୍କର ବିଶ୍ଳେଷଣାତ୍ମକ ଆଲେଖ୍ୟ ପ୍ରଦାନ କରିଛନ୍ତି ସେ । ଦଳିତ ଚେତନାର ପ୍ରମୁଖ ଦିଗଗୁଡ଼ିକ ୧୩ଟି ବିନ୍ଦୁରେ ଘନୀଭୂତ ହୋଇଛି ବାଲ୍ମିକୀଙ୍କର ବିଚାରରେ । ଏହି ବିନ୍ଦୁମାନଙ୍କୁ ଯୋଡ଼ିଦେଲେ ଦଳିତ ଚେତନାର କଠିନ ପ୍ରତିମୂର୍ତ୍ତି ଗଢ଼ିହୋଇଆସେ । ସ୍ୱତଃ ଉପଲବ୍ଧ ହୁଏ ଦଳିତ କିଏ ? ଦଳିତ ଚେତନା କ'ଣ ? ଦଳିତ ସାହିତ୍ୟ କ'ଣ ?

'ଜାତିପ୍ରଥା ଭଳି ସାମାଜିକ ସ୍ତରୀକରଣ ସଂସ୍କୃତିରେ ଅଭ୍ୟସ୍ତ ଭାରତୀୟ ସମାଜ । ସମାଜର ସର୍ବନିମ୍ନ ସ୍ତରରେ ରହିଥିବା ଲୋକଙ୍କର ଅଧୀକାରହୀନତା, ଅସୁରକ୍ଷା, ଅମର୍ଯ୍ୟାଦା ଅସ୍ପୃଶ୍ୟତାର ଯନ୍ତ୍ରଣାକୁ ସାଧାରଣ ଘଟଣାବୋଲି ଗ୍ରହଣକରିନିଆଯାଏ ଏଠାରେ । ଏହି ପରିସ୍ଥିତି ଭିତରେ ପିଢ଼ି ପରେ ପିଢ଼ି ବଞ୍ଚିଆସିଥିବା ଲୋକମାନେ ଯେତେବେଳେ ନିଜର ପ୍ରତିକ୍ରିୟାକୁ ସାହିତ୍ୟରେ ପ୍ରକାଶ କଲେ, ତାହାହିଁ ହେଲା ଦଳିତ ସାହିତ୍ୟ । ଏହାର କେନ୍ଦ୍ରରେ ରହିଛି ମୁକ୍ତି ଚେତନା । ଶିକ୍ଷା, ସାହିତ୍ୟ ରଚନା ଓ ଅଭିବ୍ୟକ୍ତିର ଅଧିକାରରୁ ଶହଶହ ବର୍ଷ ବଞ୍ଚିତ ରହିଥିବା ସେହି ବର୍ଗର ଲୋକମାନେ ଲେଖିବା ଆରମ୍ଭ କରିଛନ୍ତି । ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି । ଅନ୍ୟାୟର ବିରୋଧ ଓ ଅବଦମନ ଓ ଶୋଷଣ ବିରୋଧରେ ବିଦ୍ରୋହ କରିବା ଆରମ୍ଭ କରିଛନ୍ତି, ସାହିତ୍ୟକୁ ମାଧ୍ୟମ କରି । ଜାତି ବ୍ୟବସ୍ଥା କହିଥିଲା,'ସେମାନେ ପାଠପଢ଼ି ପରିବେ ନାହିଁ ।'ବ୍ରିଟିଶ ଶାସନ କାଳରେ ବ୍ରିଟିଶ ଶିକ୍ଷାନୀତି ଅନୁଯାୟୀ ସେହି ବର୍ଗର କିଛିଲୋକ ଶିକ୍ଷିତ ହେଲେ । ଜ୍ୟୋତିରାଓ 'ଦଳିତ ଶିକ୍ଷା' ଉପରେ ସର୍ବାଧିକ ଗୁରୁତ୍ୱ ଦେଲେ । ଆମ୍ବେଦ୍କର ସେମାନଙ୍କର ଶିକ୍ଷା ଅଧିକାର ସହିତ,

ଅଭିବ୍ୟକ୍ତିର ଅଧିକାର, ପ୍ରତିକ୍ରିୟା ପ୍ରକାଶର ଆବଶ୍ୟକତା, ଆତ୍ମ-ପରିଚୟ, ଆତ୍ମ-ମର୍ଯ୍ୟାଦା ଓ ସାମାଜିକ ନ୍ୟାୟ ପାଇଁ ଆନ୍ଦୋଳନ କଲେ। ଏହି ଉଭୟ ଆନ୍ଦୋଳନ ଦ୍ୱାରା ଅଭିବ୍ୟକ୍ତିର ଚେତନା ପ୍ରଖର ହେବାପରେ ସେମାନେ ଲେଖିବା ଆରମ୍ଭ କଲେ। ଦଳିତ ରଚନାରେ କେବଳ ଦୁଃଖ, ଦୈନ୍ୟ, ଦୁର୍ଦ୍ଦଶାର ଚିତ୍ର ରହିଛି ତାହାନୁହେଁ, ସେଥିରେ ରହିଛି 'ମୁକ୍ତି ଆକାଂକ୍ଷା' ସାମାଜିକ ଅନ୍ୟାୟ ଓ ଧର୍ମନୈତିକ କୁସଂସ୍କାର ବିରୋଧରେ ବିଦ୍ରୋହ ଓ ପ୍ରତିକ୍ରିୟା, ସର୍ବୋପରି ରହିଛି ଏକ ସାମାଜିକ ପ୍ରତିବଦ୍ଧତା। ଅସ୍ପୃଶ୍ୟତାର ଯନ୍ତ୍ରଣା ଭୋଗିଥିବା ଦଳିତ ସାହିତ୍ୟିକ କେବଳ ନିଜକଥା ଲେଖେନାହିଁ ବରଂ ତା'ର ଭାଷା ଓ ରଚନା ମାଧ୍ୟମରେ ଅଭିବ୍ୟକ୍ତ ହେଉଥାଏ ସମାଜ।

ସହାନୁଭୂତି ଓ କରୁଣାରେ, ଭାଷା, ସଂସ୍କୃତି, ଶିକ୍ଷା ଓ ରଚନା-ଦକ୍ଷତାକୁ ଆଧାରକରି ଅସ୍ପୃଶ୍ୟତା ଓ ଅଧିକାର-ହୀନତାକୁ ଅଙ୍ଗେ ନିଭାଇ ନଥିବା ଅଣ-ଦଳିତ ସାହିତ୍ୟିକ ସୃଷ୍ଟିକରିପାରେ ଶହଶହ ଦଳିତ-ସମ୍ବନ୍ଧୀୟ ରଚନା। ସେହି ରଚନାରେ ଅଭିବ୍ୟକ୍ତ ହୁଏ ଅଣ-ଦଳିତ ସାହିତ୍ୟିକର ବ୍ୟକ୍ତିଗତ ଅନୁଭବ, ଯାହା ସ୍ୱାଭାବିକ ଭାବରେ 'ମୁକ୍ତିଚେତନାରୁ ମୁକ୍ତ' ସେହି ରଚନାରେ ଅଭିବ୍ୟକ୍ତ ହୁଏ ବ୍ୟକ୍ତିଗତ ବିଚାର ଓ ହୃଦୟ ବତ୍ତା। ସେଥିରେ ଏକ ସମାଜ ଅଭିବ୍ୟକ୍ତ ହେବାର ସମ୍ଭାବନା ନାହିଁ।

ଦ୍ୱିତୀୟ ଅଧ୍ୟାୟରେ 'ସମକାଳୀନ ଓଡ଼ିଆ ସାହିତ୍ୟରେ ଦଳିତ ଚେତନା: କବିତା, ନାଟକ ଓ ଏକାଙ୍କିକା, ଆତ୍ମକଥା, ପ୍ରବନ୍ଧ ଓ ଆଲୋଚନା'ରେ ଓଡ଼ିଆ ସାହିତ୍ୟରେ ଦଳିତ ଚେତନାର ପ୍ରବାହକୁ ଅନୁଧ୍ୟାନ କରିଛନ୍ତି ଶ୍ରୀଯୁକ୍ତ ସାମଲ। ବିଚିତ୍ରାନନ୍ଦ ନାୟକ, ବାସୁଦେବ ସୁନାନୀ, ପୀତାମ୍ବର ତରାଇ ଆଦିଙ୍କର କବିତାର ସୁନ୍ଦର ଅନୁଶୀଳନ ଅଧ୍ୟାୟରେ ସ୍ଥାନୀତ। ୧୯୭୦ ପରବର୍ତ୍ତୀ ସମୟରେ ମରାଠୀ ଭାଷାରେ ପ୍ରଥମେ 'ଦଳିତ ସାହିତ୍ୟ' ଜନ୍ମନେଇଛି। ୧୯୭୦ ପରେ ଓ ଆଜି (୨୦୨୩) ମଧ୍ୟରେ ଓଡ଼ିଆ ଭାଷାରେ ରଚିତ ବହୁ ରଚନାକୁ ଅନୁଶୀଳନ କରି ଲେଖକ କହନ୍ତି –

"ଯେତେବେଳେ କୌଣସି ନୂତନ ସାହିତ୍ୟିକ ପ୍ରବୃତ୍ତି ଦେଖାଦିଏ, ତାହା ସାମଗ୍ରିକ ଭାବରେ ସାହିତ୍ୟର ସକଳ ବିଭାଗକୁ ସଂକ୍ରମିତ ହୋଇଯାଏ। ....... ସମକାଳୀନ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଦଳିତ ସାହିତ୍ୟର ଅଭ୍ୟାଗମ ହୋଇଛି। ଜାତି ଯାତନାକୁ ତୋଳିଧରି ତାହା ପ୍ରତି ପ୍ରଚଣ୍ଡ ପ୍ରହାର କରିଛନ୍ତି ଓଡ଼ିଆ କବି, କଥାକାର ଓ ନାଟ୍ୟକାରଗଣ।" ଡ଼ୋଲାମଣୀ କନ୍ଦେରଙ୍କର 'ଏକଲବ୍ୟ' ନାଟକ ଓ ଶାନ୍ତିପ୍ରିୟା ଜେମାଙ୍କର କ୍ଷୁଦ୍ର ଏକାଙ୍କିକା 'ପ୍ରତାରଣା'ରେ ପ୍ରବଞ୍ଚିତ ଜୀବନ-ସ୍ୱପ୍ନ ରୂପାୟିତ ହୋଇଛି। ଏହା ଆଜିର ରଚନା; କିନ୍ତୁ ହଜାର ହଜାର ବର୍ଷଧରି ଏହି ବର୍ଗର ବିଡ଼ମ୍ବିତ ଜୀବନର ଚିତ୍ର କୌଣସି ସାହିତ୍ୟରେ ନାହିଁ। ଲେଖକଙ୍କ ମତରେ ଓଡ଼ିଆ ସାହିତ୍ୟରେ 'ଦଳିତ ଆତ୍ମକଥା'ର ଅଭାବ ରହିଛି। ସାହିତ୍ୟିକ ବାସୁଦେବ ସୁନାନୀ ଦଳିତ ଲେଖକଙ୍କର ଅନୁଭୂତି ସଂଗ୍ରହ କରି ସଂକଳିତ କରିଛନ୍ତି। ନିଶାକର ଦାସଙ୍କ 'ଖରସୁଆରୁ କୁଲାବିରି', ମାୟାଧର ତାଣ୍ଡିଙ୍କ 'ବର୍ଣ୍ଣ ବ୍ୟବସ୍ଥା ଅନୁଭୂତି', ବି.କେ.ନାଗଙ୍କର 'ଅସ୍ପୃଶ୍ୟତାର ଦୁଃଖ', ଗୋବିନ୍ଦ ଚନ୍ଦ୍ର ଜେନାଙ୍କର 'ଜାତିପରିଚୟ', କୁମରମଣି ତନ୍ତୀଙ୍କର 'ଧବଳର ଦାଢ଼ୀ', ସମୀର ରଞ୍ଜନଙ୍କର 'ବିଦ୍ରୋହରୁ ବିଶ୍ୱାସ' ଇତ୍ୟାଦି ସ୍ମୃତି ଓ ଅନୁଭୂତି ମୂଳକ ରଚନାରେ ଆତ୍ମଜୀବନୀର ଅଭାବ କିଛି ମାତ୍ରାରେ ପୂରଣ ହୋଇଛି। ପୁସ୍ତକ 'Untouchable : An Indian Life History'ଏହି ପର୍ଯ୍ୟାୟର ଏକ ପୁସ୍ତକ ବୋଲି ଲେଖକ ମତଦିଅନ୍ତି।

ଦ୍ୱିତୀୟ ..... ଅଧ୍ୟାୟରେ ସମକାଳୀନ ଓଡ଼ିଆ ସାହିତ୍ୟର ଦଳିତ ଚେତନା ସମ୍ବନ୍ଧରେ ଆଲୋଚନା କରାଯାଇଛି। ଏହି ଅଧ୍ୟାୟରେ ଅଣ-ଦଳିତଙ୍କର ସର୍ଜନା 'ସହାନୁଭୂତି ସାହିତ୍ୟ' ଓ 'ଦଳିତ ସାହିତ୍ୟ' ଉଭୟର ମିଶ୍ରଣକୁ ଉପସ୍ଥାପନ କରାଯାଇଛି। ବାସୁଦେବ ସୁନାନୀ ଓ ପୀତାମ୍ବର ତରାଇ ଆଦି କବିମାନଙ୍କର କବିତାର ପଂକ୍ତିଗୁଡ଼ିକୁ ଆଲୋଚନା କରାଯାଇଛି। ଓଡ଼ିଆ କବିତା, ନାଟକ, ଏକାଙ୍କିକା, ଆତ୍ମକଥା, ପ୍ରବନ୍ଧ ଓ ଆଲୋଚନାରେ ଦଳିତ ଚେତନାର ପ୍ରବାହକୁ ଲେଖକ ଅନୁଧ୍ୟାନ କରିଛନ୍ତି। ୧୯୭୦ ମସିହା ବେଳକୁ ମରାଠୀ ଭାଷାରେ ପ୍ରଥମ କରି ଆରମ୍ଭ ହୋଇଥିଲା ଦଳିତ ସାହିତ୍ୟ। ସେହି ସମୟରୁ ଓଡ଼ିଶାରେ ମଧ୍ୟ କେତେକ ରଚନା ପ୍ରକାଶ ପାଇଥିଲା। ୨୦୦୨ ଓ ୨୦୦୬ରେ ଓଡ଼ିଆ ଦଳିତ ସାହିତ୍ୟର ଚର୍ଚ୍ଚା କରାଯାଇଛି। ୧୯୭୦ରୁ ୨୦୦୦ ମସିହା ମଧ୍ୟବର୍ତ୍ତୀ ସମୟରେ ସୃଷ୍ଟି ହୋଇଥିବା ରଚନା ଗୁଡ଼ିକ ଉପରେ ସୂଚନା ପ୍ରଦାନ କରିଛନ୍ତି ଓ ସାହିତ୍ୟ ଚର୍ଚ୍ଚାରୁ ଓଡ଼ିଆ ସାହିତ୍ୟିକଙ୍କ ଭିତରେ ପ୍ରେରଣା ସୃଷ୍ଟି ହୋଇଛି।

ପୁସ୍ତକର ତୃତୀୟ ଅଧ୍ୟାୟରେ 'ଓଡ଼ିଆ ଉପନ୍ୟାସ' ଓ ଚତୁର୍ଥ ଅଧ୍ୟାୟରେ ଓଡ଼ିଆ କ୍ଷୁଦ୍ରଗଳ୍ପ ଉପରେ ଆଲୋଚନା କରିଛନ୍ତି ଡ଼କ୍ଟର ସାମଲ। ଯେଉଁ ରଚନାଗୁଡ଼ିକୁ ସେ ସମୀକ୍ଷା କରିଛନ୍ତି, ପରିମାଣ ଦୃଷ୍ଟିରୁ ତାହା ବହୁତ ଅଧିକ। ଦଳିତ ପ୍ରସଙ୍ଗ ଉପରେ ଓ ଅତ୍ୟନ୍ତ ସୁନ୍ଦର, ନମନୀୟ ଭାଷାରେ ଆଲୋଚନା ତାଙ୍କର ସୃଜନମାନସର ସମୃଦ୍ଧିର ପ୍ରମାଣ। ବ୍ୟାସକବି ଫକୀରମୋହନ, କୁନ୍ତଳା କୁମାରୀଙ୍କ ଠାରୁ ଆରମ୍ଭ କରି ବିରଜା ବଳଙ୍କ ପର୍ଯ୍ୟନ୍ତ ବହୁ ଔପନ୍ୟାସିକଙ୍କ ରଚନାରୁ ସେ ଅନ୍ୱେଷଣ କରିଛନ୍ତି ଜାତିଭେଦର ଉପାଦାନଗୁଡ଼ିକୁ। ଉପନ୍ୟାସରେ ରହିଥିବା ଜାତିପ୍ରଥା ସମ୍ବନ୍ଧୀୟ ଚିତ୍ରଗୁଡ଼ିକ ଲେଖକୀୟ ଭାଷା ଓ ଗବେଷକଙ୍କର ଉପଲବ୍ଧି ଭିତରେ ଅଧିକ ଉଜ୍ଜ୍ୱଳ ଓ ମାର୍ମିକ ହୋଇଉଠିଛି। ଜାତିପ୍ରଥାର ଚିତ୍ର ଦଳିତ ଚେତନା ନୁହେଁ।

ଡ଼କ୍ଟର ଆମ୍ବେଦ୍କରଙ୍କର 'ସାମାଜିକ ନ୍ୟାୟ' ଆନ୍ଦୋଳନର ପ୍ରଭାବରୁ ଜାତିବାଦୀ ଭାରତୀୟ ଜନତା ସଚେତନ ହେଲେ ଯେ, 'ଜାତି ଏକ କୁସଂସ୍କାର। ଆଧୁନିକ ସଭ୍ୟ ସମାଜରେ ଜାତି ବ୍ୟବସ୍ଥା ସ୍ପୃହଣୀୟ ନୁହେଁ ଓ ଏହା ଆମର ପଶ୍ଚାତ ଗତିକୁ ସିଦ୍ଧ କରେ।'

ଜାତିଭେଦ ଏକ ଅପରାଧ ଓ ଦେଶର ଆଇନ ଅନୁଯାୟୀ ଏହା ଦଣ୍ଡନୀୟ । ଠିକ୍ ସେହିଭଳି ଦଳିତ ପାନ୍ଥର ଆନ୍ଦୋଳନର ପୃଷ୍ଠପଟରେ ଜନ୍ମନେଇଥିବା ମରାଠୀ ତଥା ଦକ୍ଷିଣ ଭାରତୀୟ ଭାଷାର ଦଳିତ ସାହିତ୍ୟ ଓଡ଼ିଆ ଭାଷାର ସାହିତ୍ୟ ସ୍ରଷ୍ଟାଙ୍କ ଉପରେ ଗଭୀର ପ୍ରଭାବ ପକାଇଛି । ଓଡ଼ିଶାରେ ଜାତି ନାହିଁ ବା କୋହଳ ଜାତିପ୍ରଥାର ଭ୍ରମ ଭିତରୁ ଉଠିଆସିଛନ୍ତି ସାହିତ୍ୟିକମାନେ । ଓଡ଼ିଆ କ୍ଷୁଦ୍ରଗଳ୍ପ, ଉପନ୍ୟାସ ଓ କବିତାରେ ଉନ୍ମୁକ୍ତ ହୋଇଛି ଓଡ଼ିଆ ଜନଜୀବନ । ଏହି ରଚନାଗୁଡ଼ିକରୁ ସୁସ୍ପଷ୍ଟ ହେଉଛି ଯେ, ଓଡ଼ିଶାରେ ଜାତିଭେଦ ତୀବ୍ର । ଜାତିଗତ ଅସୂୟା, ଈର୍ଷା ଶୋଷଣ, ଦମନ, ହିଂସା, ପ୍ରବଞ୍ଚନା, ବୈଷମ୍ୟ ଆଧାରିତ ବିଚାର ଆଦି ପ୍ରତ୍ୟେକ କ୍ଷେତ୍ରରେ ପ୍ରବଳ । ଶିକ୍ଷିତ ବର୍ଗଙ୍କ ଭିତରେ ଜାତିଆଣ ମନୋଭାବର ତୀବ୍ରତା ଓଡ଼ିଆ ସମାଜରେ ଗଣତାନ୍ତ୍ରିକ ଭାବନାକୁ କ୍ଷତିଗ୍ରସ୍ତ କରୁଛି ।

ସାହିତ୍ୟର ଅନ୍ୟତମ ଉଦ୍ଦେଶ୍ୟ ହେଉଛି ସମାଜର ହିତ ସାଧନ । ଏହି ଦୃଷ୍ଟିରୁ ବିଚାର କଲେ ପ୍ରାଚୀନ ବୌଦ୍ଧ-ସାହିତ୍ୟରୁ ଆରମ୍ଭ କରି ଆଧୁନିକ ଅସ୍ତିତ୍ୱବାଦୀ ସାହିତ୍ୟ ପର୍ଯ୍ୟନ୍ତ ସମସ୍ତ ବିଭାଗର ସର୍ଜନା ମଣିଷର ମଙ୍ଗଳ ପାଇଁ ଭିନ୍ନଭିନ୍ନ ଉପାଦାନମାନ ଯୋଗାଇଛି । ବୌଦ୍ଧସାହିତ୍ୟର ଦିଗ୍‌ଦର୍ଶନ ଦ୍ୱାରା ଶିକ୍ଷା ଓ ମନସ୍ତାତ୍ତ୍ୱିକ ଚିକିତ୍ସା ପଦ୍ଧତିରେ ନୂତନ ଅତ୍ୟାଧୁନିକ ପ୍ରକ୍ରିୟାମାନ ଅନ୍ତର୍ଭୁକ୍ତ ହୋଇଛି । ବୌଦ୍ଧ-ପଦ୍ଧତି ଅବଲମ୍ୱନରେ ମାନସିକ ଚିକିତ୍ସା ପଦ୍ଧତି ଆଜି ଅବସାଦଗ୍ରସ୍ତ ମଣିଷ ପାଇଁ ଶାନ୍ତି ଓ ଆନନ୍ଦ ଆଣିଛି । ରୋଗମୁକ୍ତ ହୋଇଛି ମଣିଷ । ଅସ୍ତିତ୍ୱବାଦୀ ସାହିତ୍ୟ, ଯାହା ପ୍ରଥମେ ପାଶ୍ଚାତ୍ୟରେ ସୃଷ୍ଟିହୋଇଥିଲା ତାହାଦ୍ୱାରା ମେଡ଼ିକାଲ୍ ସାଇନ୍‌ସ ଉଦ୍ଭାବନ କରିଛି ନୂତନ ମଡ଼େଲ୍‌ର ସାଇକୋଥେରାପି, ଲଗ୍ ଥେରାପି ଓ ସାଇକୋଥେରାପି, ଏହି ଉଭୟ ପଦ୍ଧତି ଅସ୍ତିତ୍ୱବାଦୀ ସାହିତ୍ୟରୁ ଆସିଛି ଓ ଅପରାଧ ନିୟନ୍ତ୍ରଣ ବ୍ୟବସ୍ଥାରେ ସୁଧାର ଆଣିଛି । ଏହି ପରିପ୍ରେକ୍ଷୀରେ 'ଦଳିତ ସାହିତ୍ୟ' ଦ୍ୱାରା ଏକ ଜାତିହୀନ ସମାଜର ପରିକଳ୍ପନା ସାକାର ହୋଇପାରେ । ଦଳିତ ସାହିତ୍ୟ ମାଧ୍ୟମରେ ସାମାଜିକ କ୍ରାନ୍ତି ଆସିପାରେ ଓ ଅସ୍ପୃଶ୍ୟତା ନଥିବା ସେହି ଗଣତାନ୍ତ୍ରିକ ସମାଜରେ, ଦଳିତର ସ୍ୱର ଶୁଣାଇବାର ଆବଶ୍ୟକତା କ୍ରମଶଃ ଲୋପ ହୋଇଯାଇପାରେ ।

ଆନ୍ଦୋଳନ ଓ ସାହିତ୍ୟ ପରସ୍ପରର ପରିପୂରକ । ବିପୁଳ ପରିମାଣର ଦଳିତ ଚିତ୍ର-ସମନ୍ୱିତ ଓଡ଼ିଆ ସାହିତ୍ୟ ଜାତି-ବିରୋଧୀ, ଅସ୍ପୃଶ୍ୟତା-ବିରୋଧୀ ଆନ୍ଦୋଳନ ବାସ୍ତବ ହୋଇପାରିଲେ, ହୁଏତ ଓଡ଼ିଆ ସମାଜ ଅନ୍ୟ ଭାରତୀୟ ରାଜ୍ୟ ପାଇଁ ଏକ ଉଦାହରଣ ରୂପେ ଛିଡ଼ାହୋଇପାରିବ । କେବଳ ସାହିତ୍ୟରେ ସୀମିତ ନରହି ସମାଜରେ ପରିବର୍ତ୍ତନ ଆଣିବା ଦିଗରେ କାମକରିବା ଦରକାର ।

ଉପସଂହାରରେ ଡ଼କ୍ଟର ଦେବ ପ୍ରସାଦ ସାମଲ ନିଜର ସିଦ୍ଧାନ୍ତ ରଖି କହନ୍ତି - ଆମର ସୃଷ୍ଟିଶୀଳ ଲେଖକ ଓ ଲେଖିକାଗଣ ଏହି ସର୍ବଭାରତୀୟ ସାହିତ୍ୟ ପ୍ରବାହ ସହିତ ସଂଯୋଗ ରକ୍ଷା କରିଛନ୍ତି ।

'ସମକାଳୀନ ଓଡ଼ିଆ କଥା ସାହିତ୍ୟରେ ଦଳିତ ଚେତନା' ପୁସ୍ତକଟି ଅନେକ ମୌଳିକ ପ୍ରଶ୍ନର ଉତ୍‌ଥାପନ କରୁଛି, ଯାହା ଗବେଷଣାର ଅପେକ୍ଷା ରଖେ । ସମାଜର ଚିତ୍ରକୁ ସାହିତ୍ୟରେ ପରିପ୍ରକାଶ କରିବା ଭଳି, ସାହିତ୍ୟିକ ପରିକଳ୍ପନାଗୁଡ଼ିକୁ ସମାଜରେ ପ୍ରୟୋଗ କରିବାର ଆବଶ୍ୟକତା ସବୁଯୁଗରେ ରହିଥିଲା ଏବେ ମଧ୍ୟ ରହିଛି । ଦଳିତ ସାହିତ୍ୟ ଯେଉଁ ଜାତିବିରୋଧୀ ସମାଜର ପରିକଳ୍ପନା କରେ, ତଦ୍ୱାରା କ୍ରମଶଃ ଅସ୍ପୃଶ୍ୟତା-ହୀନ, ଜାତିହୀନ ସମାଜ ବାସ୍ତବ ହୋଇପାରେ । ଏହି ସମାଜରେ ହୁଏତ ଦଳିତ ସାହିତ୍ୟର ସମୀକ୍ଷା ଓ ସମାଲୋଚନା ପାଇଁ ସୁଯୋଗ ସୃଷ୍ଟିହୋଇପାରେ; କିନ୍ତୁ ଆତ୍ମକଥା ଓ ସୃଜନଶୀଳ ରଚନାର ପରିସର ଅବଲୁପ୍ତ ହୋଇପାରେ । ସେତେବେଳକୁ ହୁଏତ 'Master piece of Dalit Literature' ବା ଦଳିତ ସାହିତ୍ୟର ଶ୍ରେଷ୍ଠ ରଚନାଟି ଲେଖାହୋଇସାରିଥିବ ।

ଯେଉଁଦିନ ସର୍ବାଧିକ ନିର୍ଯ୍ୟାତନା ଭିତରେ ବଞ୍ଚିଥିବା ଓ ଅସ୍ପୃଶ୍ୟତାର ଚରମ ନିର୍ଯ୍ୟାତନା ଭିତରେ କାଳତିପାତ କରୁଥିବା ଦଳିତତମ ମଣିଷଟି ନିଜକଥା କହିସାରିଥିବ ସାହିତ୍ୟରେ ।

❖❖❖

# ଓଡ଼ିଆ ସାହିତ୍ୟ ଓ ସମ୍ବାଦରେ ଜନଜାତିଙ୍କ ପ୍ରତିଛବି



ISSN-2583-6978
Volume-3
Issue-8
AUGUST-2023

**ଡ. ଜଗନ୍ନାଥ ଖଟୁଆ**

**ଅତିଥି ଅଧ୍ୟାପକ**
**କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ, ବାଲେଶ୍ୱର**

ମନୁଷ୍ୟ ସଭ୍ୟତା ପ୍ରାରମ୍ଭ କାଳରେ ବଣ, ଜଙ୍ଗଲରେ ବସବାସ କରୁଥିବା ଅଧିବାସୀମାନେ ହିଁ ଏ ଦେଶର ପ୍ରାଚୀନ ତଥା ମୂଳ ବାସିନ୍ଦା ବୋଲି ଅନେକ ମତ ଦିଅନ୍ତି। କ୍ରମେ ସଭ୍ୟତାର ବିକାଶ ଘଟିଥିବାବେଳେ ଆଜି ବି ଅନେକ ମଣିଷ ପ୍ରକୃତି କୋଳରେ ହଜାର ହଜାର ବର୍ଷ ହେଲା ବସତି ସ୍ଥାପନ କରିଆସୁଛନ୍ତି। "ଭାରତ ଏକ ଆଦିବାସୀ ବହୁଳ ଦେଶ। ଭାରତର ରାଜ୍ୟମାନଙ୍କ ମଧ୍ୟରେ ଆଦିବାସୀ ଜନସଂଖ୍ୟା ଅନୁଯାୟୀ ଓଡ଼ିଶାର ସ୍ଥାନ ନାଗାଲାଣ୍ଡ ପରେ, ଅର୍ଥାତ୍ ଦ୍ୱିତୀୟ। ଓଡ଼ିଶାରେ ବାଷଠି ପ୍ରକାର ଆଦିବାସୀ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରନ୍ତି। ଆଦିବାସୀ ନରନାରୀ ଏବେ ମଧ୍ୟ ସଭ୍ୟ ଜଗତରୁ ବିଚ୍ଛିନ୍ନ ଏବଂ ପୃଥକ୍ ହୋଇ ରହି ଏକ ଭିନ୍ନ ପୃଥିବୀର ବାସିନ୍ଦା ଭାବରେ ଘନ ଅରଣ୍ୟ ଏବଂ ଦୁର୍ଗମ ପାହାଡ଼ ପର୍ବତ ଖୋଲରେ ବସବାସ କରନ୍ତି। ପ୍ରକୃତିର ସନ୍ତାନ ସେମାନେ। ଆପଣାର ଐତିହ୍ୟପୂର୍ଣ୍ଣ ରୀତିନୀତି, ଚଳିଚଳନ, ସଂସ୍କାର, ଧର୍ମ ବିଶ୍ୱାସ ଧରି ସେମାନେ ପ୍ରକୃତି କୋଳରେ ଜନ୍ମ ହୋଇ ତାରି କୋଳରେ ହସନ୍ତି, କାନ୍ଦନ୍ତି, ଜୀବନ ବିତାନ୍ତି।" ଏହି ଆଦିବାସୀ ସମ୍ପ୍ରଦାୟର ମଣିଷଙ୍କ କଥା ଓ କାହାଣୀ ଆମ ସାହିତ୍ୟ ସଂସ୍କୃତିରେ ଏବଂ ବିଭିନ୍ନ ସମ୍ବାଦପତ୍ରରେ ଦେଖିବାକୁ ମିଳିଥାଏ। "ଊନବିଂଶ ଶତାବ୍ଦୀର ଶେଷ ପାଦ ଓ ବିଂଶ ଶତାବ୍ଦୀର ଆଦ୍ୟଭାଗରେ ଆଦିବାସୀମାନଙ୍କର ଜୀବନ ଜିଜ୍ଞାସା, ସାମାଜିକ ରୀତି-ନୀତି ଉପରେ ଆଧାରିତ ଗୋପାଳ ବଲ୍ଲଭ ଦାସଙ୍କ 'ଭୀମାଭୂୟାଁ' ଉପନ୍ୟାସ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ପରବର୍ତ୍ତୀ କାଳରେ ଅଦିବାସୀମାନଙ୍କର ଜୀବନ ଶୈଳୀକୁ ନେଇ ବହୁ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ରଚନା କରାଯାଇଥିବାବେଳେ ସେମାନଙ୍କର ହାନୀଲାଭ, ଅଭାବ, ଅସୁବିଧା, ପୂଜା ପାର୍ବଣ, ଧର୍ମ ବିଶ୍ୱାସ, ସଂସ୍କୃତି ଜୀବନ ଚିତ୍ର ବିଷୟରେ ନାନା ପତ୍ରପତ୍ରିକା ଏବଂ ସମ୍ବାଦପତ୍ରରୁ ମିଳିଥାଏ। ଗୋପୀନାଥ ମହାନ୍ତି ଆଦିବାସୀ ଜନଜୀବନକୁ ନେଇ ଯେଉଁ ଉପନ୍ୟାସ ରଚନା କରିଛନ୍ତି, ସେଥିରୁ ଆଦିବାସୀ ସଂସ୍କୃତିର ସୁସ୍ପଷ୍ଟ ଓ ନିଛକ ପରିଚୟ ନିଆରା ଭାବ ବାରିହୋଇ ପଡ଼େ। ଆଦିବାସୀମାନଙ୍କ ସମ୍ପର୍କରେ ବିଶିଷ୍ଟ ଐତିହାସିକ ତଥା ସାହିତ୍ୟିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ତାଙ୍କ 'ପ୍ରବନ୍ଧ ମାନସ' ପୁସ୍ତକରେ ସଂକଳିତ 'ପୁଷ୍ପ ପୁରରେ ବର୍ଷାବରଣ' ପ୍ରବନ୍ଧରେ ବର୍ଣ୍ଣନା କରି ଲେଖିଛନ୍ତି- "ବନବାସୀମାନେ କାହାରି ଅନୁଗ୍ରହ ଲୋଡ଼ନ୍ତି ନାହିଁ, କିମ୍ବା ନିଅନ୍ତି ନାହିଁ? ସ୍ୱେଦାର୍ଜ୍ଜିତ ଧନରେ ଉଦର ପୋଷଣ, ସୁନ୍ଦର ସ୍ୱାସ୍ଥ୍ୟ ଓ ନିର୍ମଳମନ ମାନବ ଜୀବନର ପରମକାମ୍ୟ ନୁହେଁ କି ? ଯଦି ଜଗତର କେବେ ତସ୍କରତା ଲୋପ ପାଏ, ତେବେ ମାନବିକତା ଶିଖିବା ପାଇଁ ସଭ୍ୟ ସମାଜ ଏମାନଙ୍କ ପାଖକୁ ଦିନେ ଆସିବ।"

ଆଦିବାସୀମାନଙ୍କ ଜୀବନରେ ବିଭିନ୍ନ ଦିଗକୁ ନେଇ ଗୋପୀନାଥ ମହାନ୍ତି 'ଦାଦିବୁଢ଼ା' (୧୯୪୪), 'ପରଜା' (୧୯୪୭), 'ଅମୃତର ସନ୍ତାନ' (୧୯୪୭) ଆଦି ରଚନା କରିଛନ୍ତି। ସଭ୍ୟମାନବ ସର୍ବଦା ଜଙ୍ଗଲ ସଭ୍ୟତାକୁ ଶୋଷଣ କରିଆସୁଥିବାର ଖବର ପ୍ରତିଦିନ ସମ୍ବାଦପତ୍ରରୁ ଦେଖିବାକୁ ମିଳୁଛି। "ସଭ୍ୟ ମାନବର ଯୌନ ଭ୍ରଷ୍ଟାଚାର, ପରସ୍ୱାପହରଣ, ମନୋବୃତ୍ତି ଓ ପ୍ରତାରଣାପୂର୍ଣ୍ଣ ଜୀବନଧାରାର ସଂଘର୍ଷ ଘଟିଛି ଅରଣ୍ୟ ମେଖଳାୟିତ, ପର୍ବତ ସୁରକ୍ଷିତ ଆଦିବାସୀ ସଂସ୍କୃତି ସହିତ।" ଭଗବତୀ ଚରଣ ପାଣିଗ୍ରାହୀଙ୍କ "ଶିକାର" ଗଳ୍ପରେ ଘିନୁଆର ଚରିତ୍ର ନିରୀହ ଆଦିବାସୀ ମଣିଷର କଥା କହେ। ତାର ସ୍ତ୍ରୀକୁ ଅପହରଣ କରିବାରୁ ଜଣେ ମଣିଷ ଖିଆ ବାଘକୁ ଶିକାର କରିଥିବାରୁ ବକ୍‌ସିସ୍ ପାଇବ ବୋଲି ଭାବୁଥାଏ। ଫାଶିଖୁଣ୍ଟରେ ଝୁଲିଲାବେଳକୁ ମଧ୍ୟ ସେ ବକ୍‌ସିସ୍ ଏଭଳି ଦିଆଯିବ ବୋଲି ଚିନ୍ତା କରୁଥାଏ। ସରଳ ବିଶ୍ୱାସୀ ଆଦିବାସୀମାନେ ତାଙ୍କର ଧର୍ମ, ସମାଜ ଓ ସଂସ୍କୃତିକୁ ଗଭୀର ସମ୍ମାନ ଦେଇଥାନ୍ତି। ଆଦିବାସୀ ସମାଜ ଯେତେ ଅସୁବିଧାର ସମ୍ମୁଖୀନ ହେଲେ ମଧ୍ୟ ସେମାନେ

ତାଙ୍କ ଦେବତାଙ୍କୁ ଛାଡ଼ି ପାରନ୍ତି ନାହିଁ। ଆଦିବାସୀ ସମାଜର ଏକ ଜୀବନ୍ତ ପ୍ରତିଲିପି ହେଉଛି ଗୋପୀନାଥଙ୍କ ରଚିତ 'ପରଜା' ଉପନ୍ୟାସ। ଏଥିରେ ଅଦିବାସୀଙ୍କ ଧର୍ମଧାରଣା, ପର୍ବପର୍ବାଣୀ, ଖାଦ୍ୟପେୟ, ପୋଷାକ ପତ୍ର, ବିବାହ, ଜୀବନଯାପନ ପ୍ରଣାଳୀର ଏକ ସଠିକ ଛିତ୍ର ପ୍ରଦର୍ଶିତ ହୋଇଛି। ଆଦିବାସୀ ପୂଜା ପରବ ପାଳନ ଅବକାଶରେ ଜୀବନର ସମସ୍ତ ଦୈନ୍ୟ ଓ କ୍ଳାନ୍ତିଭୁଲି ଯାଇ ଜୀବନକୁ ମନଭରି ଉପଭୋଗ କରେ। ସେ ନିଜର ମାଟି ମା'କୁ ଦେବତାର ଆସନ ଦେଇଥାଏ। ଜମିଦାରଙ୍କର ଆଦର ଓ ପ୍ରାଣର ଭୂଇଁ। ଆଦିବାସୀ ମାଣ୍ଡିଆ ପେଜ, ଆମ୍ବ କୋଇଲିର ଜାଉ, ବଣର ଫଳ ମୂଳ ଖାଦ୍ୟ ଭାବରେ ଏବଂ ଡୋର କୌପୁନୀ ବା ଶାଢ଼ୀକୁ ବସ୍ତ୍ର ଭାବରେ ବ୍ୟବହାର କରିଥାନ୍ତି। ମଲା ମଣିଷର ଆତ୍ମା ଉପରେ ପରଜା ସମାଜର ଗଭୀର ବିଶ୍ୱାସ। ସଭ୍ୟ ମଣିଷ ନିଜର ସ୍ୱାର୍ଥ ପାଇଁ କିପରି ଆଦିବାସୀ ସମାଜକୁ ବାରମ୍ବାର ଶୋଷଣ କରିଛି, ତାହା ପରଜା ଉପନ୍ୟାସରେ ଜୀବନ୍ତ ଭାବରେ ଫୁଟି ଉଠିଛି। 'ଅମୃତର ସନ୍ତାନ' ଉପନ୍ୟାସରେ ଗୋପୀନାଥ ମହାନ୍ତି ଆଦିବାସୀମାନଙ୍କର ପରମ୍ପରା ଓ ବିଶ୍ୱାସ, ସ୍ୱାଧୀନ ଜୀବନଯାପନ ପ୍ରଣାଳୀ, ଧର୍ମବିଶ୍ୱାସ, ବିବାହ ଆଦିର ସମସ୍ତ ସତ୍ୟ ଓ ବାସ୍ତବ ଘଟଣାକୁ ରୂପାୟିତ କରିଛନ୍ତି। 'ଦର୍ମୁ' ଓ 'ଦର୍ଉନୀ'ଙ୍କ ନିର୍ଦ୍ଦେଶରେ ସମାଜ ପରିଚାଳିତ ହୁଏ ବୋଲି ଆଦିବାସୀମାନଙ୍କର ବିଶ୍ୱାସ ରହିଛି। ଚଇତ ମାସରେ 'ରେଡି' ଯୋଗରେ ଆଦିବାସୀ ତାର ବିବାହ କାର୍ଯ୍ୟକରେ। 'ରେଦାସୀ' ଯୋଗରେ ଧାଂଡ଼ା (ଆଦିବାସୀ ଯୁବକ), ଧାଂଡ଼ୀ (ଆଦିବାସୀ ଯୁବତୀ)କୁ ଖୋଜିବାକୁ ଯାଇଥାନ୍ତି। ଦେଶ ସ୍ୱାଧୀନ ଓ କପଟତାଶୂନ୍ୟ ସେମାନଙ୍କର ପସନ୍ଦ ଏବଂ ରୁଚି। କାହାର ରୁଚିକୁ କେହି ଅନ୍ୟ କାହା ଉପରେ ଲଦି ଦିଅନ୍ତି ନାହିଁ। ସାଉଁତା, ଜାନି, ଡିଶାରୀ ଓ ବେଦୁଣୀଙ୍କ ନିର୍ଦ୍ଦେଶରେ ଆଦିବାସୀ ସମାଜରେ ଭୟ, ବିସ୍ମୟ ଓ ଭକ୍ତି ଦୃଢ଼ୀଭୂତ ହୋଇଥାଏ।

ସେହିପରି ଗାଳ୍ପିକ ଆଇଏଏସ୍ ହୃଷୀକେଶ ପଣ୍ଡାଙ୍କ ଅନେକ ଗଳ୍ପ ଆଦିବାସୀ ଜୀବନ ଚିତ୍ର ଉପରେ ଆଧାରିତ ତାଙ୍କର ଅନେକ ଗଳ୍ପ 'ପ୍ରଜାତନ୍ତ୍ର' ଓ 'ଝଙ୍କାରରେ' ପ୍ରକାଶିତ ହୋଇଛି। ଆଦିବାସୀ ଜନଜାତିକୁ ଅତି ନିକଟରୁ ଦେଖିଥିବା ହୃଷୀକେଶ ତାଙ୍କର ଗଳ୍ପ 'ରାଜପୁତ୍ର'ରେ ଜଣେ ଜନଜାତିର ଅଫିସର କିଭଳି ତାରି ଜାତିର ଜଣେ ଯୁବକଙ୍କୁ ନ୍ୟାୟ ଦେଉ ନାହିଁ। ଲାଞ୍ଚ ନେଇ ଅନ୍ୟକୁ ସାହାଯ୍ୟ କରୁଛି ବର୍ଣ୍ଣନା କରିଛନ୍ତି। 'ଛଞ୍ଚାଣ' ଗଳ୍ପରେ ବିସ୍ଥାପନ ସମୟରେ ସର୍ବହରା ଆଦିବାସୀଙ୍କ ଦୁଃଖ ଯନ୍ତ୍ରଣାକୁ ସ୍ଥାନିତ କରିଛନ୍ତି। "ସାହାବ ଦେବତା", "ଅନାହାର କମିଶନଙ୍କ ଏକ ରିପୋର୍ଟ", ଏବଂ "ବାରୁଆଳି ଗାଁରେ କାଜୁବାଦାମ ଋଷ ଓ ବିମ୍ୟାଧରର ଭାଗ୍ୟ" ଆଦି ଗଳ୍ପରେ ଅନାହାର ଆଦିବାସୀଙ୍କ କାହାଣୀ ପୂର୍ଣ୍ଣ ଓ ପ୍ରେମଶୀଳାମାନେ ଶୋଷିତ, ଧର୍ଷିତ, ଭୟଭୀତ ଓ ଏ ପରିଣତିରେ ମୃତ୍ୟୁ ହେଉଥିବାର ଚିତ୍ର ପ୍ରଦର୍ଶିତ ହୋଇଛି। ଆଦିବାସୀମାନଙ୍କ ସମସ୍ୟା, ଅତ୍ୟାଚାର - ଅତ୍ୟାଚାରୀ, ଶୋଷଣ-ଶୋଷକ ସମସ୍ତଙ୍କ ମୁଖା ଖୋଲି ଦେବାରେ ହୃଷୀକେଶ ପଣ୍ଡା ପଛଘୁଞ୍ଚା ଦେଇନାହାନ୍ତି। ଆଦିବାସୀମାନଙ୍କ ସମସ୍ୟାର ସମାଧାନ କରିବା ଦିଗରେ ନିଜର ମୌଳିକ ମତ ପାଠକମାନଙ୍କ ପାଇଁ ଛାଡ଼ି ଦେଇଥାନ୍ତି ତାଙ୍କ ସାହିତ୍ୟରେ। ଯାହା ଅନେକ ସମୟରେ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରିଛି। ଡଃ ହରେକୃଷ୍ଣ ମହତାବ ଆଦିବାସୀମାନଙ୍କର ସଭ୍ୟ ମଣିଷ ପ୍ରତି ଭୟ, ସନ୍ଦେହ ଓ ଘୃଣା କିପରି ସୃଷ୍ଟି ହୋଇଛି। ସେ ସମ୍ବନ୍ଧରେ 'ତୃତୀୟ ପର୍ବ'ର ଏକ ଚିତ୍ରରେ ପ୍ରଦର୍ଶିତ ହୋଇଛି। ରେଭିନ୍ୟୁ ଅଫିସର, ଫରେଷ୍ଟ ଅଫିସର ପ୍ରଭୃତିଙ୍କଠାରୁ ପୂର୍ବରୁ ଯେପରି ଆଦିବାସୀମାନେ ବ୍ୟବହାର ପାଉଥିଲେ, ଆଜି ମହାରାଜା, ବ୍ରିଟିଶ ସମସ୍ତେ ଗଲାପରେ ମଧ୍ୟ ସେହିପରି; ଆଜି ମଧ୍ୟ ଆଦିବାସୀମାନଙ୍କୁ କାମରେ ଲଗାଇ କେହି କେହି ମଜୁରୀ ଦେଉନାହାନ୍ତି; ଆଜିମଧ୍ୟ ସେମାନଙ୍କଠାରୁ ଦାମ୍ ନ ଦେଇ କୁକୁଡ଼ା ଛେଳି ଇତ୍ୟାଦି ନେଇ ଆସୁଛନ୍ତି; ଆଜି ମଧ୍ୟ ଇନ୍ଦ୍ରିୟ ଚରିତାର୍ଥ କରିବା ପାଇଁ ସେମାନଙ୍କ ଯୁବତୀ, ସ୍ତ୍ରୀମାନେ ସୁଲଭ ବୋଲି ଶାସନ ସମ୍ପର୍କୀୟ ଲୋକେ ମନେ କରୁଛନ୍ତି।

ଲଙ୍ଗଳା ଆଦିବାସୀମାନେ ମୁହଁ ଫିଟାଇ କାହାକୁ କିଛି କହି ଜାଣେନାହିଁ। ଚେତନାର ବିକାଶ ଦିଗରୁ ସାଧାରଣ ମଣିଷ ସ୍ତରରୁ ସେ ବହୁତ ତଳେ। ସେମାନେ ପ୍ରାୟ ମୂକ - 'ପ୍ରଧାନ ମନ୍ତ୍ରୀ ଆସନ୍ତୁ, ମୁଖ୍ୟମନ୍ତ୍ରୀ ଆସନ୍ତୁ, ଯେ ଆସନ୍ତୁ, ରେଭିନ୍ୟୁ ଅଫିସର, ଫରେଷ୍ଟ ଅଫିସରମାନେ ଗୋରୁ ଅଡ଼େଇ ନେଲା ପରି ଏହି ମୂକ ସମ୍ପୂର୍ଣ୍ଣ ଅଜ୍ଞ ଆଦିବାସୀ ଲୋକମାନଙ୍କୁ ସଭାସମିତିକୁ ନେଇ ଆସନ୍ତି; ସେମାନେ ଜାଣନ୍ତି ନାହିଁ କେଉଁଠିକୁ କାହିଁକି ଯାଉଛନ୍ତି ବା କିଏ କ'ଣ କହିଲା - କିଛି ବୁଝନ୍ତି ନାହିଁ, କହି ପାରନ୍ତି ନାହିଁ, ସାଂସାରିକ ଜୀବନ ପ୍ରତି ସମ୍ପୂର୍ଣ୍ଣ ନିର୍ବିକାର ସେମାନେ।

୧୮୬୬ ନ'ଅଙ୍କ ଦୁର୍ଭିକ୍ଷର ଶହେ ବର୍ଷ ପରେ ୧୯୬୬ ମସିହାରେ ଯେତେବେଳେ ପଶ୍ଚିମ ଓଡ଼ିଶାରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେଲା। ସେଠାକାର ଆଦିବାସୀମାନେ ଖାଦ୍ୟ ନପାଇ ହାହାକାର କରୁଥିଲେ। ସେତେବେଳେ ଏହି ମହାମାରୀ ସମୟରେ ଶାସକ ଦଳର ଛଳନାର ପର୍ଦ୍ଦା ଖୋଲି ଦେଇଛନ୍ତି ମହତାବ। ଆଦିବାସୀମାନଙ୍କୁ କିପରି ଭଲ ଲୁଗାପଟା ପିନ୍ଧାଇ ଅନ୍ନଛତ୍ର ଖୋଲିଦେଇ ଶହ ଶହ ସଂଖ୍ୟାରେ ଜମା କରାଯାଇଛି। ପ୍ରଧାନ ମନ୍ତ୍ରୀ ଦୁର୍ଭିକ୍ଷ ଅଞ୍ଚଳ ପରିଦର୍ଶନର ଆସିଛନ୍ତି ବୋଲି। ମାତ୍ର କୌଣସି ମନ୍ତ୍ରୀ କି ଉଚ୍ଚ ଅଫିସରର ଝାଳ ବୁହାଇ ଅନାହାର ମୁମୂର୍ଷଙ୍କ ପାଖକୁ ଯାଇନାହାନ୍ତି। ସେହିପରି ଆଦିବାସୀ ଲୋକଙ୍କୁ ଶୋଷଣ କରି ଜଣେ ଜଣେ ଧନୀ ଓ ପୁଞ୍ଜି ପତି ଲୋକ କିପରି ମୁଣ୍ଡ ଟେକୁଛନ୍ତି ତାହା ବର୍ଣ୍ଣନା କରିଛନ୍ତି। ଆଜି ଏକ ବିଂଶ ଶତାବ୍ଦୀରେ ମଣିଷ ସମାଜ ପାଦ ଥାପି ଆଗକୁ ଚାଲୁଥିବା ବେଳେ ସରକାର ଆଦିବାସୀମାନଙ୍କ ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର

ସେସବୁ ଅଧା ବାଟମାରଣା ହେଉଥିବାର ଖବର ସମ୍ବାଦପତ୍ରରୁ ମିଳିଥାଏ। ଖଣିଜ ସମ୍ପଦରେ ଭରପୁର ଶିଳ୍ପ ସମୃଦ୍ଧ ଯାଜପୁର ଜିଲ୍ଲାର ନଗଡ଼ାଠାରେ ଭୋକର ଭୂଗୋଳ ଦେଖିବାକୁ ମିଳେ। ଅନାହାର ଅପପୁଷ୍ଟିରେ ନଗଡ଼ାର ଶିଶୁମାନେ ହାଡ଼ କଙ୍କାଳ ସାର ହୋଇ ମୃତ୍ୟୁକୁ ଆମନ୍ତ୍ରଣ କରୁଛି। ପାହାଡ଼ ପାଦଦେଶରେ ଦୀର୍ଘ ବର୍ଷ ଧରି ରହିଆସୁଥିବା ଏହି ଆଦିବାସୀମାନଙ୍କ ନିକଟରେ ସରକାର କିମ୍ବା ପ୍ରଶାସନ ପହଞ୍ଚି ପାରିନାହିଁ। କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରୁ ମୃତ ସ୍ତ୍ରୀର ଶବ କାନ୍ଧେଇ ଝିଅ ସହ ୧୦ କିଲୋମିଟର ଚାଲି ଚାଲି ଯାଉଥିବା ଦାନ ମାଝୀର ଖବର ସମ୍ବାଦ ପତ୍ରରେ ଦେଖିବାକୁ ମିଳେ। ଗାଁରେ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେନ୍ଦୁଝରର ଦୈତାରୀ ନାଏକ ଏକଲା ପାହାଡ଼ ତାଡ଼ି ୩ କିଲୋମିଟର ଦୂରରେ ଥିବା ଝରଣା ପାଣି ଆଣି ଗାଁ ମୁଣ୍ଡରେ ପହଞ୍ଚାଇବା ଖବର ସମସ୍ତଙ୍କୁ ଚକିତ କରୁଛି। ସ୍ୱାସ୍ଥ୍ୟ ପ୍ରତି ସଚେତନ ନଥିବା ଆଦିବାସୀମାନଙ୍କର ୧୫୦ରୁ ଊର୍ଦ୍ଧ୍ୱ ନବଜାତକ ଜାପନୀ ଜ୍ୱରରେ ମୃତ୍ୟୁ ବରଣ କରିବା କେବଳ ମାଲକାନଗିରି ନୁହେଁ ସାରା ଓଡ଼ିଶା ପାଇଁ ଲଜ୍ୟାର ବିଷୟ ହୋଇଛି। କୋରାପୁଟର କୋଟିଆମାନଙ୍କ ଦୁର୍ଦ୍ଦଶାକୁ ନେଇ ଆନ୍ଧ୍ର ଏବଂ ଓଡ଼ିଶା ସରକାରଙ୍କ ସୀମା ବିବାଦ ଆଦିବାସୀଙ୍କ ପ୍ରତି ସରକାରଙ୍କ ଥିବା ଦରଦୀ ପଣିଆକୁ ପଦାରେ ପକାଉଛି। ଏ ସବୁକୁ ଦେଖିଲେ ଆଦିବାସୀ ସମାଜର ବିକାଶ କେବଳ କାଗଜ କଲମରେ ହେଉଥିବାର ମନେହୁଏ।

୧୯୫୦ ମସିହାରେ ସରକାର ଜନଜାତି ତାଲିକା ପ୍ରସ୍ତୁତ କରିଥିବାବେଳେ ଓଡ଼ିଶାରେ ୬୨ ପ୍ରଜାତିର ଜନଜାତି ରହୁଥିବାର ଜଣାଯାଏ। ୨୦୧୧ ଜନଗଣନା ଅନୁସାରେ ଓଡ଼ିଶାରେ ରହୁଥିବା ଜନଜାତିଙ୍କ ସଂଖ୍ୟା ଭାରତୀୟ ଜନଜାତି ସଂଖ୍ୟାର ୯.୧୭ ପ୍ରତିଶତ ହୋଇଥିବାବେଳେ ଓଡ଼ିଶାର ସମୁଦାୟ ଲୋକସଂଖ୍ୟାର ୨୨.୮୫ ପ୍ରତିଶତ ଜନଜାତି ଶ୍ରେଣୀର ଲୋକ ଥିବାର ଜଣାଯାଏ।

ରାଜ୍ୟର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ଗଜପତି, କୋରାପୁଟ, ରାୟାଗଡ଼ା, ମାଲକାନଗିରି, ନବରଙ୍ଗପୁର ଆଦି ଜିଲ୍ଲାରେ ଅଧିକ ସଂଖ୍ୟକ ଜନଜାତି ଶ୍ରେଣୀର ଲୋକ ବସବାସ କରୁଛନ୍ତି। ସେମାନଙ୍କ ମଧରେ ବାଗତା, ବାଇଆ, ବନଜାରା / ବନ୍‌ଜାରି, ବାଥୁଡ଼ି, ଭୋତଡ଼ା/ ଧୋତଡ଼ା, ଭୁଇୟା /ଭୂୟାଁ, ଭୂମିଆ, ଭୂମିଜ, ବିଞ୍ଝାଲ, ବିଞ୍ଜିଆ / ବିଞ୍ଜୋଆ, ବିରହୋର, ବଣ୍ଡାପରଜା, ଚେଞ୍ଚୁ, ଡାଲ, ଦେଶିଆ/ ଭୂମିଜ, ଧାରୁଆ, ଡିଡାୟୀ ଚାଦବା, ଗଣ୍ଡିଆ, ଘରା, ଗୋଁଡ଼ା / ଟଣ୍ଡ, ହୋ, ହଲବା, ଜାତାପୁ, ଜୁଆଙ୍ଗ, କନ୍ଧଗଉଡ଼, କୱାର, ଖଡ଼ିଆ / ଖରିଆଁ, ଖେୱାର, ଖୋଣ୍ଡ / କୋ/ କନ୍ଧ / ମଙ୍ଗୁଲି କନ୍ଧ / ସୀଠାକନ୍ଧ, କିସାନ, କୋଲ, ଲୋହରାକୋହ୍ଲ, କୋଲି, ମହ୍ଲାର, କନ୍ଧ ଡୋରା, କୋରା, କୋରୁଆ, ଲୁଟିଆ, କୋୟା, କୁଲିସ୍, ଲୋଥା, ମାଡ଼ିଆ, ମାହାଲି, ମାଙ୍କିଡ଼ି, ମାଙ୍କିଡ଼ିଆ, ମାଟିଆ, ମିର୍ଦ୍ଧା, ମୁଣ୍ଡା/ମାହାଲି, ମୁଣ୍ଡାରି, ଓମନାତ୍ୟ, ଓରାଓଁ, ପାରେଙ୍ଗା, ପରଜା, ପେଣ୍ଟିଆ, ରାଜୁଆର, ସାନ୍ତାଳ, ସଅର/ସବରା, ସଉରା / ସହରା, ଶବର / ଲୋଧା, ସାଉଁତି, ଠାରୁଆ ଆଦି ଅନ୍ୟତମ।

ଏହି ଆଦିମ ଆଦିବାସୀମାନଙ୍କର ସାମାଜିକ ଜୀବନ, ବାସସ୍ଥାନ, ବେଶଭୂଷା, ହାତହତିଆର ଖାଦ୍ୟ ପାନୀୟ, ବିବାହ, ଧର୍ମଧାରଣା, ପର୍ବପର୍ବାଣୀ, ନୃତ୍ୟ, ସଙ୍ଗୀତ, କଳା, ଭାଷା, ଲିପି ଏବଂ ଓଡ଼ିଆ ସାହିତ୍ୟରେ ଆଦିବାସୀ ଜୀବନର ପ୍ରଭାବକୁ ନେଇ ଅନେକ ଆଲେଖ୍ୟ, ଫିଚର ଓ ସମ୍ବାଦ ଖବର କାଗଜ ମାନଙ୍କରେ ପ୍ରକାଶିତ ହୋଇଥାଏ। ଆଦିବାସୀମାନେ (ମାର୍ଚ୍ଚ - ଏପ୍ରିଲ) ଚୈତ୍ର ମାସରେ 'ଚଇତି ପର୍ବ' ପାଳନ କରିଥାନ୍ତି। ସେହିପରି ଝଗଡ଼ି ପର୍ବ, ବାହୁଆ ପର୍ବ, ବିହନ ପର୍ବ, ସାରହୁଲ ପର୍ବ, କେତୁ ପର୍ବ / ଝାଗଡ଼ି ପର୍ବ, ଅଖିମୁଠି, ଆମ୍ବଟାକୁ ପର୍ବ, ନୂଆଖାଇ ପର୍ବ, ଜନପର୍ବ, ଆଷାରୀ ପର୍ବ, ଆଷାରଖେନା ଯାତରା / ଗଙ୍ଗାଦି ଯତରା, ରାନୀପର୍ବ, ପୋରାଭଆଁସ ପର୍ବ, ଜମନଓ୍ୱା, ବାଲିଯାତ୍ରା ପର୍ବ, ଦଶହରାପୂଜା / ଦେଲେଲିଆ ମାସ, ବୁଢ଼ାରାଜା ପର୍ବ, ଡାଳକାଇ ପର୍ବ, ଚାଉଳଧୂଆ / ବିଏଲ ପର୍ବ, ମାଂମେଣେ ପର୍ବ, ସହରାଇ ପର୍ବ, କର୍‌ମା ପର୍ବ, ସେମିଯାତରା, କଲମ୍ ସିଙ୍ଗବୋଙ୍ଗା, କାନ୍ଦୁଲ / ମିରିଆ ପର୍ବ, ପୋଡ଼ା ପର୍ବ, ଛେର୍‌ଛାରା, ଟୋକୀପରବ / ଟୋକୀମରା, ମକର ପର୍ବ, ଗୁଡ଼ିଖାଇ / ଗୁଡ଼ିଖିଆ ପର୍ବ ଆଦି ବିଭିନ୍ନ ମାସରେ ବିଭିନ୍ନ ଜିଲ୍ଲାର ଭିନ୍ନ ଭିନ୍ନ ଜନଜାତିର ସମ୍ପ୍ରଦାୟ ମହାଆଡ଼ମ୍ବରରେ ପାଳନ କରିଥାନ୍ତି। ଏ ସମ୍ପର୍କରେ ସମ୍ବାଦପତ୍ରର ସ୍ୱତନ୍ତ୍ର ସଂଖ୍ୟାରେ ପ୍ରକାଶିତ ହୋଇଥାଏ। ନାନା ପର୍ବପାଳନ ସାଙ୍ଗକୁ ନୃତ୍ୟ ସଙ୍ଗୀତରେ ଆମୋଦିତ ଆଦିବାସୀ ସମାଜ ତାଙ୍କର ପାରମ୍ପରିକ ରଙ୍ଗୀନ ବେଶ ପୋଷାକ ପରିଧାନ କରି ମାଦଳ, ଧୂମ୍‌ସାର ତାଳେ ତାଳେ ନାଚିଉଠନ୍ତି। ମୟୂରଭଞ୍ଜର ଖରିଆ ସାନ୍ତାଳ ନୃତ୍ୟ, କୋରାପୁଟ କନ୍ଧକୋୟା, ପରଜା ଗଜବା ନୃତ୍ୟ, ସୁନ୍ଦରଗଡ଼ର ତରନ୍ନ, କିସାନ ଛାଙ୍କୁ, ଝୁମର, ବନ୍ଦୀ ବୋତଲ, ସମ୍ବଲପୁରର କୋଶିଆବାଡ଼ି, କଳାହାଣ୍ଡିର ଘୁମୁରା, ଲୋଲି ନୃତ୍ୟ, ଟୋକୀପରବ ନୃତ୍ୟ, ଚଇତି ନୃତ୍ୟ, କାଳିସୀ ନୃତ୍ୟ, ସାନ୍ତାଳ ମାନଙ୍କର ଲାଗ୍‌ଡୋ ଏନେଜ୍, ଝିକା ନୃତ୍ୟ, ଦଂନ୍ତତ୍ୟ, ରିଂଜାନୃତ୍ୟ, ଜାତୁର୍ ନୃତ୍ୟ, ଡାହୀର୍ ନୃତ୍ୟ, ଡାଣ୍ଟା ନୃତ୍ୟ, ଫୁଲ ଭାଙ୍ଗୁଣୀନୃତ୍ୟ, ଜୁହ୍ନିର ନୃତ୍ୟ, ଧାଙ୍ଗଡ଼ୀ ନୃତ୍ୟ, ଡେମ୍‌ସା ନୃତ୍ୟ, ମାନ୍ଦଲ ନୃତ୍ୟ, ଶିଙ୍ଘବାଜା ନାଚ, ହୋଲିଦ ନାଚ, ଶୁଆନାଚ, ଦଣ୍ଡାରିନାଚ, ଭୀମାକନ୍ଧେନ ନାଚ, ଗଉଡ଼ ବାଡ଼ି ନାଚ ସହିତ ଦେଶିଆନାଟ, ଦଣ୍ଡନାଟ, ଛଉନାଟ, ଡଣଭଙ୍ଗା ଆଦି ଲୋକନାଟକର ପ୍ରସାର ଆଦିବାସୀ ସମାଜରେ ଦେଖିବାକୁ ମିଳିଥାଏ।

ନୃତ୍ୟ ସହିତ ଗୀତ ଆଦିବାସୀଙ୍କ ଜୀବନର ଏକ ବିଶିଷ୍ଟ ଅଙ୍ଗ

ଭାବେ ଜଡ଼ିତ । ଲୋକ ସଙ୍ଗୀତ ସମାଜର ଜୀବନଛନ୍ଦ, ପର୍ବପର୍ବାଣୀ, ଜନ୍ମ-ମୃତ୍ୟୁ, ପ୍ରେମ-ବିବାହ ଆଦି ବହୁ ଘଟଣା ସହିତ ସଂଯୁକ୍ତ । ମୁଖରୁ ମୁଖ, କଣ୍ଠରୁ କଣ୍ଠ କେଉଁ ଆବାହମାନ କାଳରୁ ଏହା ଗଡ଼ିଆସିଛି । ମାରାଂବୁରୁ, ରସରକେଲି, ଘୁମୁରାଗୀତ, ଡାଲଖାଇ, ଜାଇଫୁଲ, ମାନ୍ଦଲଗୀତ, ଝୁମୁର ଗୀତ, କିସାନ ଗୀତ, ଓରାମ ଗୀତ, ସଉରାଗୀତ, ସଜନୀ, ଭମରାଗୀତ, ଗୁଆନଡ଼ିଆ, ନିଆଲିମିଲି, ଚଖନା, ପଲିଆ, କାଦେଇ, ଢାବାଗୀତ, କରିଆ, ଖମଖମାଲି, ସୋପି ସୋପି, ମହୁଲବେଟା, ଖେଳ ଗୀତ, ଇଚିନ ମିଚିତ, ହଳିଆ, ଶଗଡ଼ିଆ, ମଙ୍ଗଳକାନ୍ଦଣା, ଠାକୁରାଣୀ, ଛେରଛେରା ଗୀତ, ଗେଡ଼ି ବୋଘାଗୀତ ଇତ୍ୟାଦି ପ୍ରଚଳିତ ହୋଇଥାଏ । ଆଦିବାସୀ ମାନଙ୍କର ଏହି ଗୀତର ସ୍ୱର, ତାଳ, ଲୟ ଯେକୌଣସି ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥାଏ । ଆଦିବାସୀମାନଙ୍କର ପର୍ବପର୍ବାଣୀ, ଯାନି ଯାତରା, ମେଳା ମହୋତ୍ସବ ସମ୍ପର୍କରେ ନାନା ଖବର ଚଳନ୍ତି ସମୟର ବିଭିନ୍ନ ସମ୍ବାଦପତ୍ର ପୃଷ୍ଠାରେ ଦେଖିବାକୁ ମିଳିଥାଏ ।

❖❖❖

# ସ୍ୱାଧୀନତା ସଂଗ୍ରାମୀ : ସନ୍ଥ ଅଭିରାମ ପରମହଂସ



ISSN-2583-6978
Volume-3
Issue-8
AUGUST-2023

**ସୋନାଲି ବାରିକ**

**ଗବେଷିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**
**ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ**

ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଇତିହାସ ଗୌରବମୟ। ଭାରତୀୟ ଜାତୀୟ ଆନ୍ଦୋଳନକୁ ଓଡ଼ିଶାର ଅବଦାନ ମଧ୍ୟ ବିପୁଳ । ଦେଶର ସ୍ୱାଧୀନତା ନିମନ୍ତେ ବହୁ ମନୀଷିମାନଙ୍କର ଯୋଗଦାନ, ପ୍ରତ୍ୟକ୍ଷ ଓ ପରୋକ୍ଷଭାବରେ ମୁକ୍ତି ସଂଗ୍ରାମରେ ଅଂଶଗ୍ରହଣ କରି ଜାତୀୟ ଐକ୍ୟକୁ ପ୍ରତିପାଦନ କରାଇବାରେ ସେମାନଙ୍କର ଅବଦନାକୁ ସ୍ୱୀକାର କରାଯାଇଥାଏ । ଦେଶସେବାକୁ ଜୀବନର ବ୍ରତଭାବରେ ସ୍ୱୀକାରକରି ପରାଧୀନ ଭାରତଭୂମିକୁ ସ୍ୱାଧୀନତା ଆଣିଦେବା ପାଇଁ ପ୍ରମୁଖସାଧକଙ୍କ ତ୍ୟାଗପୂତ କର୍ମଧାରା ହିଁ ସେମାନଙ୍କ ବ୍ୟକ୍ତିତ୍ୱର ମହାନୀୟତାକୁ ପ୍ରତିପାଦିତ କରିଅଛି । ଓଡ଼ିଶାର ଜାତୀୟ ଜୀବନରେ ଏହିଭଳି ବହୁ ସଂଗ୍ରାମୀକୁ ପ୍ରତ୍ୟକ୍ଷ କରାଯାଇପାରେ । ଯେଉଁମାନଙ୍କର ତ୍ୟାଗ, ସମର୍ପଣ ଓ ମୁକ୍ତି ଆନ୍ଦୋଳନଲାଗି କାରାବରଣ ଭଳି ଅପୂର୍ବ ଜାତୀୟତାବୋଧ ଭାରତୀୟ ସ୍ୱାଧୀନତା ସଂଗ୍ରାମ ସଫଳ ହୋଇପାରିଛି। ବ୍ରିଟିଶ ସରକାରଙ୍କ ବିରୋଧରେ ଲେଖନୀ ଚାଳନା କରି ଜନସଚେତନତା ସୃଷ୍ଟି କରିବା ଏବଂ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବାରେ ଓଡ଼ିଶାର ଜଣେ ସନ୍ଥ, ସନ୍ନ୍ୟାସୀଙ୍କ ଅବଦାନ ଯଥାର୍ଥରେ ସ୍ମରଣଯୋଗ୍ୟ। ଏହି ମହାନ୍ ସ୍ୱାଧୀନତା ସଂଗ୍ରାମୀ ଅଭିରାମ ପରମହଂସ ଭାରତର ମୁକ୍ତି ସଂଗ୍ରାମର ଜଣେ ସମ୍ମାନନୀୟ ଯୋଦ୍ଧା। ଓଡ଼ିଶାର ଜନଜୀବନରେ ସେ ଆଧ୍ୟାତ୍ମିକ ଗୁରୁ, ସମାଜ ସଂସ୍କାରକ, ମାନବିକତାର ମୂର୍ତ୍ତିମନ୍ତ ବିଗ୍ରହ। ତାଙ୍କର ସାଧନା ଓ ସିଦ୍ଧି ପାଇଁ ସେ ସକଳ ହୃଦୟରେ ପୂଜିତ। ଜଗତଗୁରୁ ଠାକୁର ଅଭିରାମ ପରମହଂସ ଦେବ ନାମରେ ଓଡ଼ିଶାର ସନ୍ଥସମାଜରେ ସ୍ୱତନ୍ତ୍ର ଆସନର ଅଧିକାରୀ। ବ୍ରିଟିଶ୍ ଶାସିତ ଭାରତବର୍ଷରେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେବା ଏବଂ ଦେଶପାଇଁ ପ୍ରାଣଉତ୍ସର୍ଗ କରିବାରେ ଅନେକ ମହାପୁରୁଷଙ୍କ ତ୍ୟାଗପୂତ ଜୀବନକୁ ଲକ୍ଷ୍ୟ କରାଯାଇଛି । ମାତ୍ର, ଓଡ଼ିଶାରେ ଅଭିରାମ ପରମହଂସ ଥିଲେ ବ୍ୟତିକ୍ରମ । ଜଣେ ସାରସ୍ୱତ ସନ୍ଥ, ସିଦ୍ଧ ସନ୍ନ୍ୟାସୀ, ସନାତନ ଧର୍ମର ପ୍ରଚାରକ, ବୈଷ୍ଣବ ତତ୍ତ୍ୱର ବ୍ୟାଖ୍ୟାକାର, ମାନବ କଲ୍ୟାଣଲାଗି ତାଙ୍କ ସଦ୍ ? ଗୁରୁତ୍ୱ ସମଗ୍ର ଓଡ଼ିଶା ଏବଂ ଓଡ଼ିଶା ବାହାରେ ପ୍ରଚାରିତ । କେବଳ ଓଡ଼ିଶାରେ କାହିଁକି, ସମଗ୍ର ଭାରତବର୍ଷରେ ଅଭିରାମ ପରମହଂସ ଏକମାତ୍ର ସନ୍ଥ, ଯେ କି ପ୍ରଥମେ ଜାତୀୟ ଆନ୍ଦୋଳନକୁ ସମର୍ଥନଜଣାଇ ମହାତ୍ମାଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶମାତୃକାର ହିତାର୍ଥେ ଲେଖନୀଚାଳନା କରିଥିଲେ । ବ୍ରିଟିଶ୍ ବିରୋଧୀ ଲେଖାପାଇଁ ରାଜଦ୍ରୋହୀ ହୋଇ ସଶ୍ରମ କାରାବରଣ କରିଥିଲେ। ଆଧ୍ୟାତ୍ମିକ ଅନ୍ୱେଷଣା ସହ ମୁକ୍ତିମନ୍ତ୍ର ଗାନରେ ସ୍ୱାଧୀନତାର ଉଷ୍ମତା ତାଙ୍କ ରଚନାରେ ବେଶ୍ ମାର୍ମିକ ହୋଇଅଛି । 'କଳି ଭାଗବତ' ତାଙ୍କ ସଂଗ୍ରାମୀପ୍ରାଣର ବିପ୍ଳବ ଗାଥା ।

ପୁରୀ ଜିଲ୍ଲାର କରମଳା ଗ୍ରାମରେ ୧୯୦୪ ମସିହା ଜାନୁଆରୀ ୧୮ ତାରିଖର ତ୍ରିବେଣୀ ଅମାବାସ୍ୟା ତିଥିରେ ସନ୍ଥ ଅଭିରାମ ପରମହଂସଙ୍କ ଆବିର୍ଭାବ । ମାତା ରାଧାଦେବୀ ଏବଂ ପିତା ସତ୍ୟବାଦୀ ପଟ୍ଟନାୟକଙ୍କର ସେ କନିଷ୍ଠ ସନ୍ତାନ । ସମୟକ୍ରମେ ସଂସାର-ବିରାଗହେତୁ ସନ୍ନ୍ୟାସ ଧର୍ମ ଗ୍ରହଣକରି ଶ୍ରୀଜଗନ୍ନାଥ ଧର୍ମର ମହାନପ୍ରବକ୍ତା ତଥା ଓଡ଼ିଶାର ଧାର୍ମିକ ଆନ୍ଦୋଳନର ସଦ୍ ?ଗୁରୁ ଭାବରେ ପରିଚିତ ହେଲେ । ବିଭିନ୍ନ ସ୍ଥାନ ଭ୍ରମଣସହ ଲୋକାଳୟରେ ଧର୍ମପ୍ରଚାର, ସମାଜସଂସ୍କାର, ମାନବିକ ସଂହତି ସ୍ଥାପନ ଏବଂ ଶାନ୍ତି-ମୈତ୍ରୀ-ପ୍ରୀତିର ବାର୍ତ୍ତା ପ୍ରଦାନ କରୁଥିଲେ । ମାତ୍ର ସ୍ୱାଧୀନଚେତା ମାନବପ୍ରାଣ ଅଭିରାମ ଜାତୀୟ ଜୀବନର ଦୁର୍ଗତି, ପରାଧୀନ ଭାରତବର୍ଷରେ ବ୍ରିଟିଶ୍ ଶାସନର ନିଷ୍ଠୁରତା ପ୍ରତି ଅସନ୍ତୁଷ୍ଟ ହେଉଥିଲେ। ଫଳତଃ ତାଙ୍କ ପ୍ରତିବାଦମନସ୍କ ଲେଖକପ୍ରାଣ ତଥାକଥିତ ଇଂରେଜଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲା ।

ଧର୍ମ - ଦର୍ଶନର ମଧ୍ୟଦେଇ ଜାତୀୟତାବୋଧର ସ୍ୱର କ୍ରମଶଃ ଉଚ୍ଚାରିତ ହେବାକୁଲାଗିଲା । ପରାଧୀନ ଭାରତବର୍ଷର ଅସହାୟ ମଣିଷର କଷଣ, ଶୋଷଣ, ପୀଡ଼ନ, ନାନା ଦୁଃଖକଷ୍ଟକୁ ଦେଖି ସେ ବ୍ୟଥିତ ହୋଇଥିଲେ । ଅସଂଖ୍ୟ କବିତା ସହ ହିତୋପଦେଶ ମଧ୍ୟ ରଚନା କରିଥିଲେ । ପ୍ରଚଣ୍ଡ ଦେଶଭକ୍ତ ଭାବରେ ତାଙ୍କ ସନ୍ନ୍ୟାସୀପ୍ରାଣ ପୁଲକିତ ହେଉଥିଲା । ଆଧ୍ୟାତ୍ମିକ ଜାଗରଣ ସହ ଜ୍ଞାନ-ଭକ୍ତି-ଯୋଗର ପ୍ରସାର ପ୍ରଚାରରେ ସେ ଥିଲେ ସମର୍ପିତ ।

ଯେତେବେଳେ ସମଗ୍ର ଭାରତବର୍ଷ ବ୍ରିଟିଶ୍ ଶାସନରେ ତ୍ରସ୍ତ, ଏବଂ ସେହି ଅତ୍ୟାଚାରରୁ ମୁକୁଳିବାଲାଗି ମହାତ୍ମାଗାନ୍ଧିଙ୍କ ଭଳି ଜାତୀୟ ନେତୃତ୍ୱଙ୍କ ଦିଗ୍‌ଦର୍ଶନରେ ସମଗ୍ର ଭାରତବର୍ଷ ସ୍ୱାଧୀନତା ଆନ୍ଦୋଳନ ପାଇଁ ପ୍ରସ୍ତୁତ, ଓଡ଼ିଶା ମଧ୍ୟ ସେହି ପ୍ରତ୍ୟୟରେ ଆଗୁସାର । ୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖରେ ଜାତିରପିତା ମହାତ୍ମାଗାନ୍ଧି ଓଡ଼ିଶା ଆଗମନ ସହ କଟକର କାଠଯୋଡ଼ି କୂଳରେ ଓଡ଼ିଶାବାସୀଙ୍କୁ ସ୍ୱାଧୀନତା ଯଜ୍ଞରେ ସମ୍ମିଳିତ ହେବାଲାଗି ଆହ୍ୱାନ ଜଣାଇଥିଲେ । ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ଭାରତୀୟ ଜାତୀୟ କଂଗ୍ରେସର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଗଠିତ ହୋଇଥିଲା । ମହାତ୍ମାଙ୍କ ଡାକରାରେ ଓଡ଼ିଶାର ଗଣମାନ୍ୟ ବ୍ୟକ୍ତିଙ୍କଠାରୁ ସାଧାରଣଜନତା ଏହି ଆନ୍ଦୋଳନରେ ଝାସଦେଲେ । ସ୍ୱାଧୀନତା ସଂଗ୍ରାମକୁ ଭିତ୍ତିକରି ବହୁ ଲେଖକ ଦେଶାତ୍ମବୋଧକ ଲେଖା ଲେଖିବାକୁ ଲାଗିଲେ। ଏହିଭଳି ଏକ ସମୟରେ ଯୁବସନ୍ନ୍ୟାସୀ ଅଭିରାମସନ୍ଥ ଅଭିରାମ ପରମହଂସ ମଧ୍ୟ ଏଥିରେ ଯୋଗଦାନ କଲେ। କେବଳ ଧର୍ମ ପ୍ରଚାରକ ନହୋଇ ଇଂରେଜ ସରକାରଙ୍କ ଦୁର୍ନୀତି ବିରୁଦ୍ଧରେ ସେ ନିଜର ଲେଖା ମାଧ୍ୟମରେ ପ୍ରତିବାଦ ଜଣାଇଲେ। ଜଣେ ସଂସାରତ୍ୟାଗୀ, ଅଧ୍ୟାତ୍ମମାର୍ଗୀ ସନ୍ନ୍ୟାସୀଭାବରେ ପଦବ୍ରଜରେ ଭ୍ରମଣକରି ଜାତୀୟମାନସକୁ ଦିବ୍ୟଜ୍ଞାନ ବିତରଣ କରାଇବାରେ ସେ ପ୍ରତିନିୟତ ନିୟୋଜିତ ରହିଥିଲେ । ମହାମାନବ ମହାତ୍ମାଗାନ୍ଧିଙ୍କ ସତ୍ୟ-ଅହିଂସାଦ୍ୱାରା ସେ ବିଶେଷ ପ୍ରଭାବିତ ହୋଇଥିଲେ । ଏହି ଜାତୀୟ ଭାବନାରୁ ସୃଷ୍ଟି ହୋଇଥିଲା ତାଙ୍କର ବହୁଚର୍ଚ୍ଚିତ ଗ୍ରନ୍ଥ 'କଳି ଭାଗବତ' । କେବଳ ଓଡ଼ିଶାର ଆଧ୍ୟାତ୍ମିକ ପରିମଣ୍ଡଳରେ ନୁହେଁ, ବରଂ ସ୍ୱାଧୀନତା ଇତିହାସରେ ଏହି ପୁସ୍ତକଟି ସ୍ୱତନ୍ତ୍ର ଚମକ ସୃଷ୍ଟିକରିଥିଲା । ୧୯୨୯ ମସିହାରେ ମାହାଙ୍ଗାର ବିରୂପା ନଦୀର କୂଳରେ ଅବସ୍ଥିତ ଇଚ୍ଛାପୁର ଗ୍ରାମରେ ସେ ଏହି ପୁସ୍ତକର ଛଅଗୋଟି ଅଧ୍ୟାୟ ରଚନା କରିଥିବାର ଜଣାଯାଏ। ୧୯୩୨ରେ 'କଳି ଭାଗବତ' ରଚନା ଶେଷ ହୋଇଥିଲା। ଏହାର ରଚନା ସମୟରେ ସେ ନିଜର ଶିଷ୍ୟମାନଙ୍କୁ ସୂଚନା ଦେଇଥିଲେ ଯେ, - 'କରି ଭାଗବତ' ଲେଖା ହେଲା, ମୁଁ ମାମୁଘରକୁ ଯିବି।' ଏହାର ସୁନ୍ଦର ବ୍ୟାଖ୍ୟା ସହ ସାଙ୍କେତିକ ଭାଷାରେ ସେ ଜନମାନସକୁ ଉଦ୍‌ବୋଧିତ କରୁଥିଲେ। ବହୁପୂର୍ବରୁ ସେ ଭବିଷ୍ୟବାଣୀ କରିଥିଲେ- ଭାରତ ନିଶ୍ଚୟ ସ୍ୱାଧୀନତା ଲାଭ କରିବ, ମହାବଳୀ ବ୍ରିଟିଶ ଶାସନ ଲୋପ ପାଇବ। ଏହି ରଚନାରେ ସେ ତତ୍ତ୍ୱ ଓ ସଂକେତଧର୍ମୀ ଭାଷାରେ ଉଭୟ ଆଧ୍ୟାତ୍ମିକ ଏବଂ ସ୍ୱାଧୀନତା ସଂଗ୍ରାମକୁ ଆଲୋଚନା କରିଅଛନ୍ତି। ମହାତ୍ମା, କଂଗ୍ରେସ, ବ୍ରିଟିଶ, ଗୋରା ପଲଟନ, ବିଦେଶୀ, ପଞ୍ଚମ ଜର୍ଜ, ସତ୍ୟାଗ୍ରହୀ,, ଭାରତ ସମ୍ରାଟ ଭଳି ଶବ୍ଦ ଭିତରେ ସେ ନିଜର ସ୍ୱାଧୀନ ଆଭିମୁଖ୍ୟକୁ ପ୍ରକାଶ କରିଥିଲେ। ଯେପରି:

'ପାଞ୍ଚ ପଚିଶ ଜାତ ହୁଅନ୍ତି । ଏପରି ପଚିଶ ପ୍ରକୃତି ।
ପାଞ୍ଚମନଟି ଯା'କୁ କହି । ପଞ୍ଚମ ଜର୍ଜ ଅଟେ ସେହି ।
ଗୋରା ପଲଟନ ଯାକୁ କହି । ପଚିଶ ପ୍ରକୃତିଟି ଏହି ।
ଏହିଟି ବିଦେଶୀ ଅଟନ୍ତି । ସ୍ୱରାଜ୍ୟ ଉଜାଡ଼ିଣ ଦ୍ୟନ୍ତି ।
କଂଗ୍ରେସ ଦଳ ଏବେ ଶୁଣ । କହିବି ପ୍ରଚ୍ଛିନ୍ନ କରିଣ ।
କଂଗ୍ରେସ ଦଳ ଯାକୁ କହି । ତାଙ୍କ ନାମଟି ସତ୍ୟାଗ୍ରହୀ ।
ସତ୍ୟାଗ୍ରହୀ ହୋଇଲେ ମେଳା । ଅନ୍ତର ହୋଇଯିବ କଳା ।
ମୋହନ ବୋଲି ମା'ଙ୍କୁ କହି । ମହତ ଆତ୍ମା ଅଟେ ସେହି।

( କଳି ଭାଗବତ)

ଅଭିରାମ ପରମହଂସଙ୍କ 'କଳିଭାଗବତ' ସଂପର୍କରେ ମତ ଦେଇ ବିଶିଷ୍ଟ ସମାଲୋଚକ ବିଜୟାନନ୍ଦ ସିଂହ କହନ୍ତି : 'ଅଭିରାମ ପରମହଂସ ଥିଲେ ସ୍ୱାଧୀନଚେତା। ଅନ୍ୟାୟ-ଅନୀତି ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରି ସତ୍ୟର ପ୍ରଚାରପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ସତ୍ୟର ପୂଜାରୀ ମହାତ୍ମାଗାନ୍ଧି ତାଙ୍କୁ ନିଶ୍ଚୟ ଏ କ୍ଷେତ୍ରରେ ପ୍ରଭାବିତ କରିଥିବେ। ସାଧୁ, ସନ୍ଥ-ସନ୍ନ୍ୟାସୀ କେବଳ ଧର୍ମପ୍ରଚାର ନୁହେଁ ; ଅନ୍ୟାୟ, ଅନୀତି, ଶୋଷଣ - କଷଣ ବିରୁଦ୍ଧରେ ମଧ୍ୟ ପ୍ରତିବାଦ କରିଥିବାର ଜଣାପଡେ। ଅଭିରାମ ପରମହଂସ ଥିଲେ ଭାରତମାତାର ସୁଯୋଗ୍ୟ ସନ୍ତାନ। ତେଣୁ, ସେ ସମୟର ପ୍ରଭାବରେ ପ୍ରଭାବିତ ହୋଇ ରଚନା କରିଥିଲେ 'କଳି ଭାଗବତ'। ଏହି 'କଳି ଭାଗବତ' ହେଉଛି ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ପ୍ରତିବାଦ। 'କଳି ଭାଗବତ'ରେ ଥିଲା ସ୍ୱାଧୀନତାର ବାର୍ତ୍ତା। ଏହି ଐତିହାସିକ ଗ୍ରନ୍ଥଟି ଓଡ଼ିଶାର ଆଧ୍ୟାତ୍ମିକ ଇତିହାସରେ ଏକ ନୂତନ ଅଧ୍ୟାୟ ଉନ୍ମୋଚନ କରିଥିଲା ।' (ସନ୍ଥକବି ଅଭିରାମ ପରମହଂସ: ଡକ୍ଟର ବିଜୟାନନ୍ଦ ସିଂହ)

ଏଥିରେ ଗାନ୍ଧିଙ୍କ ଆଦର୍ଶର ବାର୍ତ୍ତା ତିଳତଣ୍ଡୁଳିତ ହୋଇ ପ୍ରକାଶିତ ହୋଇଥିଲା । ଯଥା -

"ଯେହୁ ଅଟେ ମହତ ଆତ୍ମା । ସେଇଟି ଅଟଇ ମହାତ୍ମା ।
ପଚିଶଙ୍କର ସଙ୍ଗେ ଖେଳି । ବ୍ରିଟିଶ୍ ରାଜା ମହାବଳୀ ।
ନିଷ୍କରେ ଯେଣୁ ନିଏ କର । ଅଧର୍ମ ଘଟିଲା ତାହାର ।
ଏଣୁ ମହତ ଆତ୍ମା ହୋଇ । କହନ୍ତି ତାହାକୁ ବୁଝାଇ ।
ତାଙ୍କରି ନାମଟି ମହାତ୍ମା । ଜାଣନ୍ତି ସର୍ବ ଏକ ଆତ୍ମା ।"

(କଳି ଭାଗବତ)

ଏଥିରେ ସତ୍ୟ - ଅହିଂସାକୁ ପରମଧର୍ମ ଭାବରେ ବର୍ଣ୍ଣନାକରି

ମହାତ୍ମାଙ୍କ ସଂଗୀ ହେବାପାଇଁ ଆହ୍ୱାନ କରିଥିଲେ । ଜୀବ-ପରମର ତାତ୍ତ୍ୱିକ ଆବେଦନ ମଧ୍ୟଦେଇ ଜାତୀୟସଂଗ୍ରାମକୁ ସମର୍ଥନକରିବା ଥିଲା ଏହି ରଚନାର ଅନ୍ତଃସ୍ରୋତ । କଟାକ୍ଷ ସହ ସୂଚନାତ୍ମକ ଶୈଳୀରେ ଅଭିରାମ ପରମହଂସ ଓଡ଼ିଶାଜନଙ୍କୁ ଉଦ୍‌ବୋଧିତ କଲେ-

"ଯେତେକ ସତ୍ୟାଗ୍ରହୀ ଥିଲେ । ମହାତ୍ମା ସଂଗେ ସଂଗ ହେଲେ।
ମହାତ୍ମାଙ୍କର ବାକ୍ୟ ସେହି । ବିଦେଶୀ ନ ମାନନ୍ତି କେହି ।
ତେବେ ତ ଲାଗିବ କନ୍ଦଳ । ବିଶ୍ୱେ କରିବେ ଆଦିମୂଳ ।
ଲାଗିବ ଭାରତର ନାଟ । ନ ରହେ ଭାରତ ସମ୍ରାଟ ।"

(କଳି ଭାଗବତ)

୧୯୨୯ ମସିହାରେ ମାହାଙ୍ଗାର ଇଚ୍ଛାପୁର ଗ୍ରାମରେ ରହି ଅଭିରାମ ଏହି ଗ୍ରନ୍ଥ ରଚନା କରିଥିଲେ । ୧୯୩୨ ମସିହାରେ ଏହାର ଲେଖା ସମାପ୍ତ ହୋଇଥିଲା । ଲେଖକ ନିଜେ ମଧ୍ୟ ସଚେତନ ଥିଲେଯେ, ଏଥିପାଇଁ ତାଙ୍କୁ କାରାବରଣ କରିବାକୁ ହୋଇପାରେ । ତେଣୁ ସେ ନିଜର ଶିଷ୍ୟବର୍ଗଙ୍କୁ ସୂଚନା ଦେଇସାରିଥିଲେ - 'କଳି ଭାଗବତ ଲେଖାହେଲା, ମୁଁ ମାମୁଁଘରକୁ ଯିବି ।" ପୁସ୍ତକଟି ୧୯୩୩ ମସିହା ଡିସେମ୍ବର ୨୯ ତାରିଖରେ ପ୍ରକାଶ ପାଇଥିଲା । ବ୍ରହ୍ମପୁରର ଶଶୀଭୂଷଣ ରଥଙ୍କ ଆଶା ପ୍ରେସ୍‌ରେ ଏହା ଛପା ହୋଇଥିଲା । ପୁସ୍ତକଟି ପ୍ରକାଶ ପାଇବା ସଂଗେସଂଗେ ଓଡ଼ିଶାରେ ଗଭୀର ଆଲୋଡ଼ନ ସୃଷ୍ଟି କରିଥିଲା । ସ୍ୱାଧୀନତା ଆନ୍ଦୋଳନ ଓ ବ୍ରିଟିଶ୍ ?-ବିରୋଧୀ ଚିନ୍ତାଧାରାର ସ୍ୱଷ୍ଟ ଆଲେଖ୍ୟରେ ଉଭୟ ଆଧ୍ୟାତ୍ମିକ ଜନତା ଓ ସଂଗ୍ରାମୀମାନେ ବିଶେଷ ପୁଲକିତ ହେଲେ । ଦେଶବିରୋଧୀ କାର୍ଯ୍ୟ କରିଥିବା ଅଭିଯୋଗ ଆସିଲା ଅଭିରାମଙ୍କ ନାମରେ । ତତ୍କାଳୀନ ମାହାଙ୍ଗା ଥାନାଧିକାରୀ ଦୁର୍ଗାନନ୍ଦ ମିଶ୍ର ଅଭିରାମଙ୍କ 'କଳି ଭାଗବତ' ବିରୁଦ୍ଧରେ ଏକ ଗୋପନ ରିପୋର୍ଟ ପ୍ରସ୍ତୁତକରି ବିହାର-ଓଡ଼ିଶାର ଏସ୍ ?ପିଙ୍କ ନିକଟକୁ ପଠାଇଦେଲେ । ବ୍ରିଟିଶ୍ ସରକାରଙ୍କ ବିଶ୍ୱସ୍ତ କର୍ମଚାରୀ ଦୁର୍ଗାନନ୍ଦ ମିଶ୍ର ଅଭିରାମଙ୍କ 'କଳି ଭାଗବତ'ର କେତୋଟି ପଦକୁ ଇଂରାଜୀରେ ମଧ୍ୟ ଅନୁବାଦ କରିଥିଲେ । ଫଳରେ ଇଂରେଜ ସରକାରଙ୍କ କୋପଦୃଷ୍ଟିର ଶିକାରହେବାକୁ ପଡ଼ିଲା ଅଭିରାମ ପରମହଂସଙ୍କୁ । ମାନ୍ଦ୍ରାସ୍‌ର ତତ୍କାଳୀନ ମୁଖ୍ୟ ଶାସନସଚିବ ଏ.ଞ.ଐ ଈକ୍ଷବମଳରଭୟଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମର ସ୍ୱେଶାଲ୍ ବ୍ରାଞ୍ଚ୍ ଇନ୍‌ସ୍ୱେକ୍ଟର ବି. ସୁବାରାଓ ୧୯୩୪, ସେପ୍ଟେମ୍ବର ୨୦ ତାରିଖରେ ଅଭିରାମଙ୍କ ବିରୁଦ୍ଧରେ ଦେଶଦ୍ରୋହ ମକଦ୍ଦମା ଦାୟରକଲେ । ଏଥିପୂର୍ବରୁ ମଧ୍ୟ ୧୯୩୪ ମସିହା ଏପ୍ରିଲ୍ ୧୦ ତାରିଖରେ ଏକ ଗେଜେଟ୍ ବିଜ୍ଞପ୍ତିରେ 'କଳି ଭାଗବତ' ସଂପର୍କରେ ସୂଚନା ଦିଆଯାଇ ଲେଖକ ଅଭିରାମଙ୍କ ଇଂରେଜଶାସନ ପ୍ରତି ଥିବା ଅବମାନନା ଓ ରାଜଦ୍ରୋହ ମନୋଭାବକୁ ପ୍ରକାଶ କରାଯାଇଥିଲା । ଏଥିସହିତ ପୁସ୍ତକରେ ମୁଦ୍ରାକର ଶଶୀଭୂଷଣ ରଥ, ପ୍ରକାଶକ ଶ୍ୟାମସୁନ୍ଦର ଗନ୍ତାୟତଙ୍କ ଆଶାପ୍ରେସ୍ ଓ ଅଭିରାମଙ୍କ ଆଶ୍ରମ କରମଳାକୁ ତଲାସି କରାଗଲା । ପୁସ୍ତକଟିକୁ ବ୍ୟାଜ୍ୟାପ୍ତି ଘୋଷଣା କରାଯିବାସହ ଅଭିରାମ ବିରୁଦ୍ଧରେ ବ୍ରିଟିଶ୍ ସରକାରଙ୍କ ପ୍ରତି ବିଦ୍ୱେଷ ଓ ଦେଶଦ୍ରୋହମୂଳକ ଅଭିଯୋଗ ଅଣାଯାଇ ଗିରଫ କରାଗଲା । 'କଳି ଭାଗବତ' ଆଶାପ୍ରେସ୍ ?ରେ ଛପାହୋଇଥିବା କାରଣରୁ ଶଶୀଭୂଷଣ ରଥଙ୍କୁ ଏହି ମକଦ୍ଦମାର ବିଚାରଭୁକ୍ତ କରାଗଲା । ଏ ସଂପର୍କରେ ଡକ୍ଟର ବିଧୁପ୍ରଭା ରଥ ସୂଚନା ଦେଇଛନ୍ତି ଏହିପରି: 'ତା ୩୦.୪.୧୯୩୪ର ଗେଜେଟ୍ ବିଜ୍ଞପ୍ତିରେ ସମ୍ପୂର୍ଣ୍ଣ ଭାବରେ 'କଳି ଭାଗବତ' ପୁସ୍ତକକୁ ବ୍ୟାଜ୍ୟାପ୍ତ କରିଦିଆଗଲା। Section 19 of the Indian Press Emergency Powers, Act ୧୯୩୧ ଅନୁଯାୟୀ ଏହି ଆଦେଶକୁ ଭାରତର ସମସ୍ତ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଗଲା। ମୁଦେଇ ଇନ୍‌ସ୍‌ପେକ୍ଟର ବାବୁ ତାଙ୍କ ଏତଲାରେ ସେତେବେଳେ ଲେଖିଥିଲେ ଯେ ବ୍ରିଟିଶ ସରକାରଙ୍କ ପ୍ରତି ଅଭିରାମଙ୍କ ଲେଖା ଘୃଣା ଓ ଅବମାନନା ସୃଷ୍ଟି କରିବାପାଇଁ ଲେଖାଯାଇଥିଲା। ବ୍ରହ୍ମପୁର ପୁଲିସ ଥାନାର ଇ. ଜଗାରାଓ ଏବଂ ଏ. ସତ୍ୟ ନାରାୟଣ ନାମକ ଦୁଇଜଣ ସିପାହୀ ଅଭିରାମଙ୍କୁ ଗିରଫ କରିବାଲାଗି ୨୬ ସେପ୍ଟେମ୍ବର ୧୯୩୪ କରମଳା ଆସିଥିଲେ। ସିପାହୀ ଦୁଇଜଣ ଅଭିରାମଙ୍କୁ ଦର୍ଶନ କଲାପରେ ସେମାନେ ଆଉ ତାଙ୍କୁ ହାତକଡା ପକାଇ ପାରିନଥିଲେ। ତେଣୁ ସେମାନେ ୨୮ ସେପ୍ଟେମ୍ବର ୧୯୩୪ରେ ଅଭିରାମଙ୍କୁ ନିଜ ଦାୟିତ୍ୱରେ ସେହିପରି ନେଇ କୋର୍ଟରେ ହାଜର କରାଇଥିଲେ। ଗଣପତି ସାହୁ ଓ ବାୟାପାଣି ସାହୁ ଦୁଇହଜାର ଟଙ୍କା ଜାମିନରେ ଡିକ୍ ?ସରି ସାହେବଙ୍କ କୋର୍ଟରୁ ଅଭିରାମ ପରମହଂସଙ୍କୁ ମୁକୁଳାଇ ଆଣିଲେ। ସେପ୍ଟେମ୍ବର ୨୯ ତାରିଖରୁ ଅଭିରାମଙ୍କ ଉପରେ ହୋଇଥିବା ମକଦ୍ଦମାର ବିଚାର ଆରମ୍ଭହେଲା। ତା ୨୯.୯.୧୯୩୪ ରୁ ବିଚାର ଆରମ୍ଭହୋଇ ସରିଲା ତା ୧୩.୧୦.୧୯୩୪ରେ। ଯେହେତୁ ଶଶୀଭୂଷଣ ରଥ 'କଳି ଭାଗବତ' ପୁସ୍ତକକୁ ତାଙ୍କର ଆଶା ପ୍ରେସ୍ ?ରେ ଛପାଇଥିଲେ, ତେଣୁ ତାଙ୍କୁ ଏହି ମକଦ୍ଦମାରେ ମୁଦାଲାଭୁକ୍ତ କରାଯାଇଥିଲା।' ( ଠାକୁର ଅଭିରାମ ପରମହଂସ - ଜୀବନୀ, ସାହିତ୍ୟ ଓ ଦର୍ଶନ)

୧୯୩୪ ସେପ୍ଟେମ୍ବର ୨୯ରୁ ବିଚାର ଆରମ୍ଭହେଲା । ଅଭିରାମଙ୍କ ପକ୍ଷରୁ ଆଇନଜୀବୀ ରମଣମୂର୍ତ୍ତି, ଶଶୀଭୂଷଣଙ୍କ ପକ୍ଷରୁ ଲିଙ୍ଗରାଜ ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରୁଥିଲେ । 'କଳି ଭାଗବତ'ରେ ଲିଖିତ ହୋଇଥିବା ବିଦେଶୀ, ପଞ୍ଚମଜର୍ଜ, ସତ୍ୟାଗ୍ରହୀ, ମହାତ୍ମା, ମୋହନସେନା, ୟୁରୋପିଆନ୍, କଂଗ୍ରେସଦଳ ପ୍ରଭୃତି ଶବ୍ଦକୁନେଇ ବିଶେଷ ଜବାବତଲବ କରାଯାଇଥିଲା । ଜଣେ ସାଧୁଙ୍କୁ ରାଜଦ୍ରୋହ ମାମଲାରେ ଅଭିଯୁକ୍ତ କରାଯାଇଥିବାରୁ ଶହଶହ ଲୋକ ଅଭିରାମଙ୍କୁ ଦେଖିବାପାଇଁ ଏବଂ ତାଙ୍କ ବିଚାର ଶୁଣିବାପାଇଁ ବିଚାରାଳୟକୁ ଆସିଥିଲେ । କଂଗ୍ରେସର ନେତୃବୃନ୍ଦ ଯଥା - ବିଶ୍ୱନାଥ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ଲିଙ୍ଗରାଜ ପାଣିଗ୍ରାହୀ,

ଉଦୟନାଥ ପଟ୍ଟନାୟକ ପ୍ରମୁଖ ପ୍ରସିଦ୍ଧ ବ୍ୟକ୍ତି ସେଠାରେ ଉପସ୍ଥିତ ଥିଲେ । ତତ୍‌କାଳୀନ ଗୋରାସାହେବ କଲେକ୍ଟର ଡିକସନ୍ ସାହେବଙ୍କ କୋର୍ଟରେ ମକଦ୍ଦମାର ବିଚାର ଆରମ୍ଭହେଲା । ପୁରୀର ଜଗବନ୍ଧୁ ସିଂହ ଓକିଲରୂପେ ଏବଂ ପଣ୍ଡିତ ବିନାୟକ ମିଶ୍ର ଅଭିରାମ ପରମହଂସଙ୍କ ଲେଖା ସମ୍ପର୍କରେ ବାଖ୍ୟା କରିବାପାଇଁ ସାକ୍ଷୀରୂପେ ଉପସ୍ଥିତ ରହିଥିଲେ । ମାତ୍ର, ଅବିଚଳ ସନ୍ଥ ଅଭିରାମ ସ୍ୱଭାବସୁଲଭ ଭଙ୍ଗୀରେ, ମୃଦୁହସର ଶାନ୍ତିମୂର୍ତ୍ତି ମଧରେ ବିଚାରପତିଙ୍କୁ ତାଙ୍କ ସପକ୍ଷରେ ନିଜ ରଚନାର ଦାର୍ଶନିକ ବ୍ୟାଖ୍ୟା ଶୁଣାଇଥିଲେ । ପଣ୍ଡିତ ନୀଳକଣ୍ଠ ଦାସ ସେହି ବିଚାରଦିନର ଘଟଣାକୁ ଉଲ୍ଲେଖ କରି କହିଛନ୍ତି–

"ବେଶ୍ ଲକ୍ଷ୍ୟକରିବାର ବସ୍ତୁ, ସେଇ ଯୁବସନ୍ନ୍ୟାସୀ ଦିନପରେ ଦିନ କଚେରୀରେ ଠିଆହୋଇଛନ୍ତି । ଦୀର୍ଘକାଳ ଜେଲ୍ ଯିବେବୋଲି ଜାଣନ୍ତି । ମାତ୍ର, ମୁଖରେ ସର୍ବଦା ସେଇ ସ୍ୱଚ୍ଛନ୍ଦ ସ୍ମେରରେଖା । ପରିଧାନ କଷାୟ ପଟ୍ଟବସ୍ତ୍ର ଓ ଦୁଇଟି କଠଉ । ଗୋଟାକବେଳେ କଚେରୀରେ ଫେରି ଦୁଇଖଣ୍ଡ ରୁଟି ଖାଆନ୍ତି । ଲୋକଟିଙ୍କୁ ଦେଖିଲେ ଆଦର ତଥା ଭକ୍ତି ମନକୁ ହୁଏ । ବ୍ୟକ୍ତିତ୍ୱବାନ୍ ମନସ୍ୱୀ ସେ ଯୁବକ ସାଧୁଟି ମନରୁ ଯିବାର ବସ୍ତୁନୁହେଁ ।" (ଗୀତାଭାଷ୍ୟ – ମୁଖବନ୍ଧ, ପଣ୍ଡିତ ନୀଳକଣ୍ଠଦାସ)

୧୯୩୪, ଡିସେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ବିଚାର ଚାଲିଲା । ଶେଷରେ ଡିକସନ୍ ସାହେବ ଅଭିରାମଙ୍କୁ ରାଜଦ୍ରୋହୀ ଓ ଦୋଷୀଭାବରେ ସ୍ୱୀକାରକରି ଏକବର୍ଷ ସଶ୍ରମ କାରାଦାଣ୍ଡ ଦେଲେ। ଆଡଭୋକେଟ୍ ଜଗନ୍ନାଥ ଦାସ ଏହି ରାୟ ବିରୁଦ୍ଧରେ ଅପିଲ୍ ଦାଏର କଲେସୁଦ୍ଧା ତାହା ନାମଞ୍ଜୁର ହେବାରୁ ତାଙ୍କୁ ଛତ୍ରପୁର ଜେଲ୍ ?କୁ ପଠାଇଦିଆଗଲା । ମାତ୍ର, ସେଠାରେ ବିପୁଳ ଜନସମାଗମ ଓ ଅନ୍ୟାୟ ଦଣ୍ଡାଦେଶ ବିରୁଦ୍ଧରେ ସ୍ୱର ଉତ୍ତୋଳନ ହେବାରୁ ଇଂରେଜ ସରକାର ଅଭିରାମ ପରମହଂସଙ୍କୁ ରାଜମହେନ୍ଦ୍ରୀ ଜେଲ୍ ?କୁ ସ୍ଥାନାନ୍ତରିତ କଲେ। ରାଜମହେନ୍ଦ୍ରୀ ଜେଲ୍‌ରେ ଥାଇ ଅଭିରାମ ନିଜର ଅଖଣ୍ଡ ସାଧୁତା ଓ ଦିବ୍ୟଭବନାରେ ସକଳଙ୍କୁ ମୋହିତ କରିପାରିଥିଲେ । ଓଡ଼ିଶାର ପୂର୍ବତନ ବିଚାରପତି ତଥା ମାଡ୍ରାସ୍‌ର ତତ୍କାଳୀନ ଓକିଲ ବାବୁ ଜଗନ୍ନାଥ ଦାସ ଅଭିରାମଙ୍କୁ ମୁକ୍ତିପାଇଁ ମାନ୍ଦ୍ରାଜ ହାଇକୋର୍ଟରେ ଅପିଲ୍ ଦାଏରକଲେ । କାରାଦଣ୍ଡ ଶେଷହେବା ପୂର୍ବରୁ ଆଟର୍ଣ୍ଣିଂ ଜେନେରାଲ୍ ସ୍ଥାନୀୟ କଲେକ୍ଟରଙ୍କୁ ଚିଠି ଲେଖିଲେ ଅଭିରାମଙ୍କୁ ମୁକ୍ତ କରିବାପାଇଁ । ଡିକସନ୍ ସାହେବଙ୍କ ନିର୍ଦ୍ଦେଶକ୍ରମେ ଏକବର୍ଷ ଜେଲ୍‌ଦଣ୍ଡକୁ ଏକମାସ ଏଗାରଦିନ ହ୍ରାସ କରାଇ ଅଭିରାମ ପରମହଂସଙ୍କୁ ରାଜମହେନ୍ଦ୍ରୀ ଜେଲ୍‌ରୁ ମୁକ୍ତକଲେ ।

ଭାରତର ସ୍ୱାଧୀନତା ଆନ୍ଦୋଳନରେ ପ୍ରମୁଖ ବ୍ୟକ୍ତିମାନଙ୍କ ସାଧନା–ତ୍ୟାଗ, ସଶ୍ରମ କାରାବରଣ ନବଅଧ୍ୟାୟ ସୃଷ୍ଟିକରିଛି । ମାତ୍ର, ଜଣେ ସନ୍ଥଭାବରେ ଜାତୀୟସଂଗ୍ରାମରେ ଯୋଗଦାନକରି ମହାବଳୀ ଇଂରେଜଶାସକଙ୍କୁ ତୀବ୍ର ବିରୋଧ ଓ ସମାଲୋଚନା କରି ଆନନ୍ଦମନରେ କାରାବରଣ କରିଥିବା ଓଡ଼ିଶାର ମହାନ ସନ୍ଥ ଅଭିରାମ ପରମହଂସଙ୍କ ଭୂମିକା ଏକ ସ୍ୱର୍ଣ୍ଣିମ ଅଧ୍ୟାୟର ସୂତ୍ରପାତ କରିଛି । ମହାଯୋଗୀ ଅରବିନ୍ଦ ଯେପରି ଏହି ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରି କାରାବରଣ କରିଥିଲେ, ଅନୁରୂପଭାବରେ ଓଡ଼ିଶାର ଏହି ବରେଣ୍ୟସାଧୁ ଅଭିରାମ ଦେଶମାତୃକା ଲାଗି ନିଜକୁ ସମର୍ପିତ କରିଥିଲେ । ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ରୂପେ ଓଡ଼ିଶାର ସନ୍ଥ ପରିମଣ୍ଡଳକୁ ଗୌରବ ଆଣିଦେବାରେ ଅଭିରାମ ପରମହଂସ ହିଁ ଯଥାର୍ଥ ସଂଗ୍ରାମୀର ଭୂମିକା ନିର୍ବାହ କରିଛନ୍ତି । ସନ୍ଥ ଅଭିରାମ ପରମହଂସ ଜଣେ ଆଧ୍ୟାତ୍ମିକ ଗୁରୁ, ସମାଜସଂସ୍କାରକ, ସାହିତ୍ୟସାଧକ, ମାନବବାଦର ପ୍ରବକ୍ତା, ଶ୍ରୀଜଗନ୍ନାଥ ଧର୍ମର ପ୍ରଚାରକ, ବ୍ରହ୍ମଜ୍ଞାନର ମହାନ୍ ତତ୍ତ୍ୱଗୁରୁ । ଅସଂଖ୍ୟ ଭଜନ, ଜଣାଣ, ଛାନ୍ଦ, ଚଉତିଶା, ମାଳିକା, ସ୍ତୁତି, ସ୍ତବ, ପ୍ରାର୍ଥନା, ସଂକୀର୍ତ୍ତନ, ରାସଲୀଳା, ଗୀତା, ପୁରାଣ ଆଦିର ସ୍ରଷ୍ଟା ସେ । ଓଡ଼ିଶାର ସାରସ୍ୱତ ଜଗତରେ ସେ ସିଦ୍ଧସାଧକ, ସନ୍ଥ ସାହିତ୍ୟର ପ୍ରଣେତା । ତାଙ୍କ ବିପୁଳ ସାହିତ୍ୟକୃତିରେ ଧର୍ମ, ଦର୍ଶନ, ଆଧ୍ୟାତ୍ମିକ ଜାଗରଣ, ବ୍ରହ୍ମସୂତ୍ର, ଶରୀରତତ୍ତ୍ୱ, ଗୁରୁବାଦର ବିବିଧ ରୂପକୁ ଅନୁଭବ କରିହୁଏ । ବିଶେଷତଃ, ଜଣେ ଜାତୀୟ ଆନ୍ଦୋଳନର କର୍ଣ୍ଣଧାର ତଥା ସ୍ୱାଧୀନତା ସଂଗ୍ରାମୀଭାବରେ ତାଙ୍କ ପ୍ରତିଭାର ସମୁଜ୍ଜ୍ୱଳ ଦିଗଟି ଅଧିକ ବିସ୍ତାରିତ ହୋଇଛି ।

**ତଥ୍ୟସୂତ୍ର :**


୧. ଶ୍ରୀ ଅଭିରାମ ରଚନାବଳୀ – ଶ୍ରୀଶ୍ରୀ ଅଭିରାମ ପରମହଂସଦେବ – ଶ୍ରୀଶାନ୍ତି ଆନନ୍ଦାଶ୍ରମ

୨. ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ଚରିତାମୃତ – ବାବାଜୀ ଶ୍ରୀ ଚକ୍ରଧର ଦାସ

୩. ଠାକୁର ଅଭିରାମ ପରମହଂସ – ଡକ୍ଟର ବିଧୁପ୍ରଭା ରଥ

୪. କଳି ଭାଗବତ ସମୀକ୍ଷା – ହୃଦାନନ୍ଦ ରାୟ

୫. ସନ୍ଥକବି ଅଭିରାମ ପରମହଂସ – ଡକ୍ଟର ବିଜୟାନନ୍ଦ ସିଂହ


❖❖❖

# ଭୀମପୃଷ୍ଟିଙ୍କ ଗଳ୍ପରେ ମାନବଜୀବନର ବର୍ଣ୍ଣିଳ ପ୍ରଭା



ISSN-2583-6978
Volume-3
Issue-8
AUGUST-2023

**ଡ.ବନଜବାସିନୀ ବାରିକ**

**ଅଧ୍ୟାପିକା**
**ବିଏନ୍‌ଏମ୍‌ଏ କଲେଜ ପାଳିଆବିନ୍ଧା, ଭଦ୍ରକ**

ବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପ ସାହିତ୍ୟରେ ଜନଜୀବନର ଜୀବନଯାତ୍ରାକୁ ବହୁ ଦୃଷ୍ଟିକୋଣରୁ ସୂକ୍ଷ୍ମ ବିଶ୍ଳେଷଣକରି ଗଳ୍ପରେ ସାର୍ଥକରୂପ ଦେବାରେ ଗାଳ୍ପିକ ଭୂମପୃଷ୍ଟି ଅନନ୍ୟ। ପଲ୍ଲୀଭୂଇଁର କୃଷିଜୀବୀ ଓ ଦୀନମଜୁରୀଆଠୁ ଆରମ୍ଭ କରି ସହରର ଶ୍ରମିକ ଓ ନଭଶ୍ଚୁମ୍ବୀ ଅଟ୍ଟାଳିକାରେ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିବା ଅଫିସର, ରାଜନୈତିକ ଗୋଷ୍ଠୀ, ଶିଳ୍ପପତି ଆଦିଙ୍କ ଜୀବନଧାରାକୁ ସୂକ୍ଷ୍ମଦୃଷ୍ଟିରେ ପର୍ଯ୍ୟାଲୋଚନା କରି ସେମାନଙ୍କର ପ୍ରଭାବ ସାମାଜିକ ସ୍ଥିତିକୁ କିପରି ବିପର୍ଯ୍ୟସ୍ତ କରୁଛି ତା' ଯଥାର୍ଥ ଭାବେ ଚିତ୍ରିତ। ବାସ୍ତବ ଘଟଣାକୁ ଅନୁରୂପ ଭାବେ ଗଳ୍ପରୂପ ଦେବାରେ ତାଙ୍କ ସ୍ୱାତନ୍ତ୍ର୍ୟତା ରହିଛି। ଅତିରଞ୍ଜିତ, ଭାବାବେଗ, ଆବେଗ, ଭାବପ୍ରବଣତା ଗାଳ୍ପିକଙ୍କ ଗଳ୍ପରେ ଆଦୌ ପରିଲକ୍ଷିତ ହୁଏନାହିଁ। ଏଥିପାଇଁ ତାଙ୍କର ପ୍ରତ୍ୟେକଟି ଗଳ୍ପ ହୃଦୟତନ୍ତ୍ରୀରେ ଟୀରଝଙ୍କାର ସୃଷ୍ଟି କରିଥାଏ। ପାଠକ ଗଳ୍ପ ପଠନ ସମୟରେ ଘଟଣାର ବାସ୍ତବ ଚିତ୍ରର ଉଦଭାସ ସେ ଦେଖିବାକୁ ପାଏ। ଏଣୁ ଏକ ସୁସ୍ଥ ସମାଜଗଠନ କରିବା ସହିତ ଆଜିର ସମାଜରେ ବିଚରଣ କରୁଥିବା ଦୁଷ୍ଟ ଓ ଖଳ ଚରିତ୍ରମାନଙ୍କୁ ପରୋକ୍ଷ ଉପଦେଶ ଦେବା ସାମାଜିକତା ଶିକ୍ଷା ଦେବାର ସ୍ୱର ତା'ର ଗଳ୍ପର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ମଣିଷର ଅସହାୟତା, ଦୁଃଖ, ଯନ୍ତ୍ରଣାର କାରଣକୁ ଉନ୍ମୋଚନ କରି ପ୍ରତିକୂଳଧର୍ମୀ ଚରିତ୍ରଗୁଡ଼ିକୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେବାରେ ତାଙ୍କର ଗଳ୍ପଗୁଡ଼ିକ ଉଦ୍ଦିଷ୍ଟ। ସମାଜର ସବୁ ଶ୍ରେଣୀର ବ୍ୟକ୍ତି ବିଶେଷଙ୍କ ମନସ୍ତତ୍ତ୍ୱକୁ ପରିସ୍ଥିତି ଓ ପରିବେଶ ଦୃଷ୍ଟିକୋଣରୁ ଗଭୀର ଭାବରେ ଅନୁଧ୍ୟାନ କରି ଗଳ୍ପରେ ଉପସ୍ଥାପନ କରିବାରେ ଗାଳ୍ପିକଙ୍କର ବିଶେଷ କୌଶଳ ପରିଲକ୍ଷିତ ହୁଏ। ନିମ୍ନରେ ଆଲୋଚିତ ବିଷୟଗୁଡ଼ିକରୁ ଏହା ସ୍ପଷ୍ଟ ପ୍ରମାଣିତ ହୁଏ।

ଏଠାରେ Deepak Chopraଙ୍କର ଉକ୍ତି ମାନବୀୟ ଭାବନାର ଦୃଷ୍ଟିକୋଣରୁ ଯଥାର୍ଥ ମନେ ହୁଏ। ତାଙ୍କ ମତରେ Although we take it for granted sanitation is a phyical measure that has probabilities done more to increase human life span than any kind of drug or surgery.

ଗାଳ୍ପିକଙ୍କ ସୃଷ୍ଟି ସମ୍ଭାର ମଧ୍ୟରେ ପ୍ରଥମ ବହି ହେ ମଣିଷମାନେ (୨୦୦୨) 'ଅଧେମଣିଷ' (୨୦୦୩), 'ପେଟ' ଓ 'ପେଟତଳ' (୨୦୦୩), 'ଲଛମନିଆ' (୨୦୦୮), 'ଗପର ହାତ ଗୋଡ଼' (୨୦୦୮) ଆଦି ପ୍ରଧାନ। ଗାଳ୍ପିକଙ୍କ ଗଳ୍ପ ରଚନାର ଧାରାରେ ସମୟ ଓ ବ୍ୟକ୍ତି ବିଶେଷକୁ ନେଇ ସର୍ବଦା ସ୍ୱତଃସ୍ଫୁର୍ତ୍ତ ପ୍ରବହମାନ ଉପଲବ୍ଧ ହୁଏ। ତେଣୁ ସମାଜର ପ୍ରତ୍ୟେକ ଗୋଷ୍ଠୀର ବ୍ୟକ୍ତିବିଶେଷ ସମୟକ୍ରମେ ସେମାନଙ୍କ ଆଚରଣ ଓ କାର୍ଯ୍ୟକଳାପର ପରିବର୍ତ୍ତନ ରାଜନୈତିକ, ବ୍ୟବସାୟିକ ଓ ସାମାଜିକ ସ୍ତରରେ ମଣିଷ ପ୍ରଭାବିତ ହୋଇ କିପରି ମାନବୀୟ ଦୃଷ୍ଟିକୋଣର ସ୍ୱାର୍ଥ ଦୃଷ୍ଟେ ଉପେକ୍ଷାକରି ଜୀବନଯାପନ କରି ଚାଲିଛି, ତାହା ଗାଳ୍ପିକ ବିଭିନ୍ନ ଚରିତ୍ର ମାଧ୍ୟମରେ ବିଶ୍ଳେଷଣାତ୍ମକ ଉପସ୍ଥାପନ କରିଛନ୍ତି। ତାଙ୍କର ପ୍ରଥମ ଗଳ୍ପ ପୁସ୍ତକ 'ପ୍ରଥମ ବହି'ଠାରୁ ଆରମ୍ଭ କରି 'ଗପର ହାତଗୋଡ଼' ପର୍ଯ୍ୟନ୍ତ ଅନୁଶୀଳନ କଲେ ଗାଳ୍ପିକଙ୍କର ସମାଜପ୍ରତି ମହାନବାର୍ତ୍ତା ନିହୀତ। ଗଳ୍ପର ପ୍ରବାହ ମଧ୍ୟରେ ଚରିତ୍ରାଭୀମୁଖୀ କାର୍ଯ୍ୟକଳାପର ବାସ୍ତବ ବର୍ଣ୍ଣନା ମଧ୍ୟରେ ଗାଳ୍ପିକ ସେମାନଙ୍କୁ ପାଠକମାନଙ୍କ ସମକ୍ଷରେ ମୂର୍ତ୍ତିମନ୍ତ ରୂପେ ଚିତ୍ରଣ କରିଛନ୍ତି।

ସାମ୍ପ୍ରତିକ ମଣିଷ ଜୀବନ ଅସହାୟ ଚିତ୍ରଲିପିର ଏକ ମୂର୍ତ୍ତିମନ୍ତ ପରିପ୍ରକାଶ। ଜୀବନର ପ୍ରତିଟି ମୋଡ଼ରେ ସେ ଯେଉଁ ପ୍ରତିବନ୍ଧକର ସମ୍ମୁଖୀନ ହେଉଛି ତାହା ବିଭିନ୍ନ ଦୃଷ୍ଟିକୋଣର ବହୁବିଧ ସମସ୍ୟାର ଉତ୍ସରୂପେ ପ୍ରତୀୟମାନ। ସୀମିତ ଜୀବନ କାଳ ମଧ୍ୟରେ ଏସବୁ ସମାହିତ କରି ଏକ ସୁସ୍ଥ ଓ ପ୍ରଗତିବାଦୀ ଚିନ୍ତନ ନେଇ ଜୀବନଯାପନ କରିବା ଦୁର୍ବିସହ ହୋଇପଡିଛି। ତେଣୁ ଏକ ବିପର୍ଯ୍ୟସ୍ତ ଓ ଅସନ୍ତୁଳିତ

ମାନସିକତାକୁ ନେଇ ମଣିଷ ବଞ୍ଚିରହିଛି । ଏଥିପାଇଁ ଏକ ପ୍ରବୃତ୍ତି ବିବନ୍ଧିତ ବୋଲି କହିବା ଶ୍ରେୟସ୍କର । ପାରିବାରିକ ଜୀବନରୁ ଆରମ୍ଭ କରି ସାମାଜିକ, ରାଜନୈତିକ, ସାଂସ୍କୃତିକ, ବ୍ୟବସାୟିକ ଆଦି ଜୀବନ ପର୍ଯ୍ୟନ୍ତ ପ୍ରତ୍ୟେକଟି କ୍ଷେତ୍ରରେ ମଣିଷ ଦ୍ୱନ୍ଦ୍ୱ, ସଂଘର୍ଷ ପ୍ରତିଯୋଗିତାର ସମ୍ମୁଖୀନ ହେଉଛି । ଏସବୁକୁ ଅତିକ୍ରମ କରି ଜୀବନ ଧାରଣ କରିବା ଆଜିର ମଣିଷ ପକ୍ଷରେ ବିଡ଼ମ୍ବନାର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜୀବନର ଅସ୍ଥିରତା, ମାନସିକ ଦ୍ୱନ୍ଦ୍ୱ, ସଂପର୍କର ସଂଘର୍ଷ ଆଦି ସାମାଜିକ ଜୀବନକୁ ବିପର୍ଯ୍ୟସ୍ତ କରିଦେଉଛି । ଏ ସମ୍ପର୍କିତ କେତେକ ଗଳ୍ପ ଗାଳ୍ପିକ ଭୀମପୃଷ୍ଟି ଅତି ସାର୍ଥକ ଭାବେ ରୂପାୟିତ କରିପାରିଛନ୍ତି । 'ମଣିଷମୁଣ୍ଡର ଖେଳ' ଗଳ୍ପରେ ଜୀବନଜୀବିକାର ଏକାନ୍ତ ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ମଣିଷକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିବାକୁ ପଡିଛି ତାହା ଆଲୋଚିତ । ପ୍ରବୃତ୍ତିଗତ ମଣିଷ ନିଜର ଜୀବନ ଧାରଣ ପାଇଁ ସାମ୍ପ୍ରତିକ ସମାଜରେ ଯେଉଁ ସଂଘର୍ଷର ସମ୍ମୁଖୀନ ହେଉଛି ତାହା ମଣିଷକୁ ହୀନ, ନଗନ୍ୟ ଓ ଗୁରୁତ୍ୱହୀନ କରିଦେଉଛି ଫଳରେ ମଣିଷ ତା'ର ନିଜର ସତ୍ତା ହରାଇ ପରିସ୍ଥିତିର ଦାସ ହେବାକୁ ବାଧ ହୋଇଛି । କଟାମୁଣ୍ଡର ଖେଳ ଦେଖାଇ ସେମାନଙ୍କୁ ଅଭିଭୂତ କରି ପେଟ ପୋଷିବାର ରାହା ବାପପୁଅ ଦୁହିଁଙ୍କୁ ଏକ ଜଟିଳ ଓ ବିପଦପୂର୍ଣ୍ଣ ଖେଳ ପ୍ରବୃତ୍ତ କରିଛି । ଦୀର୍ଘସମୟ ମୁଣ୍ଡକୁ ମାଟି ଭିତରେ ପୋତି ଯନ୍ତ୍ରଣାରେ ଛଟପଟ ହେଉଥିବା ଲୋକଟିକୁ ଶେଷରେ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନିଆଯାଇଛି । ଏ ଖେଳରୁ ଅନ୍ୟ ମାନେ ଆନନ୍ଦିତ ହୋଇ ବଦାନ୍ୟତା ଦୃଷ୍ଟେ କିଛି ଦାନ କରି ଚାଲିଯାନ୍ତି । ଏଣୁ ଅସହାୟ ମଣିଷର ଜୀବିକା ଅବଲମ୍ବନର କୌଣସି ନିର୍ଦ୍ଦିଷ୍ଟ ପଥ ନଥିବାରୁ ଏପରି ଏକ ଗୋଷ୍ଠୀ ସମାଜରେ ଦୃଶ୍ୟମାନ ହୁଅନ୍ତି । ଲେଖକଙ୍କ ଭାଷାରେ 'କଟାମୁଣ୍ଡର ଦୀର୍ଘ ସ୍ୱର' ସୂଚେଇ ଦେଉଥିବା କଟା ମୁଣ୍ଡର ମ୍ୟାଜିକ ଦେଖି ଆତ୍ମସନ୍ତୋଷ ହୋଇ ଫେରି ଯାଉଥିବା ଦର୍ଶକ ମନେ ରଖ, ପର୍ଦ୍ଦା ସେ ପାଖରେ ଅନ୍ଧାର ଭିତରେ ପେଟ ପାଇଁ ମୁଣ୍ଡକୁ ବିଜ୍ଞାପନ କରିଦେବାକୁ ପଛାଉନଥିବା ନିମ୍ନ ମଧ୍ୟବିତ୍ତ ମଣିଷଙ୍କର ଅବସ୍ଥା ଠିକ୍ ମୋ ପରି । ନିମ୍ନମଧ୍ୟବିତ୍ତ ମାନଙ୍କର ନିଜର ମୁଣ୍ଡଟି ଛଡ଼ା ଅନ୍ୟ କିଛି ସମ୍ବଳ ନାହିଁ । (ପୃଷ୍ଠା ୬୬)ସେହିପରି 'ଟାଣ' ଗଳ୍ପରେ ଅସହାୟତା ମଣିଷକୁ ବିଭିନ୍ନ ଦୃଷ୍ଟିକୋଣରୁ ପ୍ରଭାବିତ କରିଥାଏ । ଶାରୀରିକ ବିକଳାଙ୍ଗ ବ୍ୟକ୍ତିମାନେ ନିଜକୁ ଠିକ୍ ରୂପେ ଅନ୍ୟ ସପକ୍ଷରେ ଉପସ୍ଥାପନ କରିନପାରି ଓ ନିଜ ଭାବନା ଅନ୍ୟକୁ ସଞ୍ଚରଣ କରିନପାରି ଯେଉଁ ଅନ୍ତର୍ଦହନର ଶୀକାର ହୁଅନ୍ତି ଗାଳ୍ପିକ ତାଙ୍କ ଗଳ୍ପରେ ପ୍ରକାଶ କରିଛନ୍ତି । ରେଳକୁ ଅପେକ୍ଷା କରିଥିବା ବ୍ୟକ୍ତି ଦୁହେଁ, ଜଣେ ପ୍ରଗଳଭ ପରି ତା'ର ଗଚ୍ଛିତ ଅଭିଜ୍ଞତାକୁ ପ୍ରକାଶ କରୁଥିବା ବେଳେ ଅନ୍ୟ ଜଣେ କେବଳ ଶୁଣି ଚାଲିଛି । ବାକ୍‌ଶକ୍ତି ହୀନତା ପାଇଁ ସେ କେବଳ ଶୁଣି ଚାଲିଛି କିନ୍ତୁ କହିପାରୁନାହିଁ । ସଂପୃକ୍ତ ବ୍ୟକ୍ତିଟି ମାନସିକ ସ୍ତରରେ ଯେଉଁ ବିଡ଼ମ୍ବନା ଓ ଚାପରେ ଜର୍ଜରିତ ହୋଇଛି, ଏ ଯନ୍ତ୍ରଣା କେବଳ ସେ ହିଁ ବୁଝିପାରେ । ଗାଳ୍ପିକଙ୍କ ଲେଖାରେ ଏହା ପ୍ରକାଶିତ । ଗାଳ୍ପିକଙ୍କର ପ୍ରତୀକ ଧର୍ମୀ ଗଳ୍ପ 'ସହର ପାକୁଳିରେ ଗାଉଁଲି ଫସଲ'ରେ ଅସହାୟତାର ଏକ ସାର୍ଥକ ନିଦର୍ଶନ । ପେଟ ପାଇଁ ଲଢେଇ କରୁଥିବା ସରଳ ନିଷ୍କପଟ ଗାଁ ଗହଳିର ମଣିଷ କିପରି କର୍ମଜୀବୀ ଭାବରେ ସହରାଭୀମୁଖୀ ହୋଇ ବିଡ଼ମ୍ବନର ଶିକାର ହେବା ସହିତ ସହରୀଜୀବନର ରାକ୍ଷସ ପାଟିରେ କବଳିତ ହୋଇ ନିଃଶେଷ ହେଉଛନ୍ତି, ତାହା ଗାଳ୍ପିକ ଦେଖାଇଛନ୍ତି । ପେଟ ଯନ୍ତ୍ରଣା ସହିନପାରି ଝିଅ ପୁଅ ଦୁହିଁଙ୍କୁ ଧରି କର୍ମ ସଂସ୍ଥାନ ପାଇଁ ସହରକୁ ଚାଲିଯାଇଛି । ପଅଟି ଅସାଧୁଙ୍କ କବଳରେ ପଡି ଚରସ ବିକିଛି, ଝିଅଟି ରେଳଲାଇନରୁ କୋଇଲା ଗୋଟାଇ କେତେକଙ୍କ ଲୋଲୁପ ଦୃଷ୍ଟିର ଶିକାର ହୋଇଛି, ମା' ତେଲଙ୍ଗାବସ୍ତିରେ ପରିବା ବିକି ପେଟ ପୋଷିଛି । ଏପରି ନିଷ୍ଠୁର ଯନ୍ତ୍ରଣା କ୍ଳିଷ୍ଟ ଜୀବନକୁ ଦେଖି ମା'ଟି ଗାଁରେ ଥିବା ସ୍ୱାମୀ ପାଖକୁ ଫେରିଛି । ଦାରିଦ୍ର୍ୟର ତାଡ଼ନା ଓ ସହରୀଜୀବନରେ ଚଳଣି ମଣିଷକୁ କିପରି ଅସହାୟତାର କୁଣ୍ଡ ଭିତରକୁ ନିକ୍ଷେପ କରୁଛି ଏହି ଗଳ୍ପଟି ତାହା ପ୍ରମାଣିତ କରେ ।

ତାଙ୍କର ଅନ୍ୟ ଏକ ଗଳ୍ପ "ଆଖି ନାହିଁ କାନ ନାହିଁ"ରେ ଗାଳ୍ପିକ ଆର୍ଥିକ ଅନ୍ନଟନ ସମୟ ଓ ପରିସ୍ଥିତି କ୍ରମେ ମଣିଷ ଦେହରୁ କିପରି ସମସ୍ତ ମାନବୀୟ ଗୁଣ ଓଟାରି ନେଇ ତାକୁ ଏକ ଦାନବଭୂମିକାରେ ଅବତୀର୍ଣ୍ଣ କରାଏ ତାହା ଚିତ୍ରିତ । ଭୋକର ଜ୍ୱାଳା ସହିନପାରି ମା' ତାର ଝିଅଙ୍କୁ ୮୦ ଟଙ୍କାରେ ଏକ ଦଲାଲକୁ ବିକ୍ରି କରି ଯେପରି ଅନ୍ତର୍ଦ୍ୱନ୍ଦ୍ୱ ଓ ମାନସିକ ଯନ୍ତ୍ରଣାରେ ଜର୍ଜରିତ ହୋଇଛି ତା'ର ଏକ ସ୍ପଷ୍ଟ ଚିତ୍ର ଉକ୍ତ ଗଳ୍ପରେ ପ୍ରଦତ୍ତ । ଅସହାୟତାର କେନ୍ଦ୍ର ବିନ୍ଦୁରେ ଥରେ ପହଂଚିଲେ ତାହା କିପରି କ୍ରମଶଃ କର୍କଟ ରୋଗ ପରି ପରିଧିର ବ୍ୟାସାର୍ଦ୍ଧକୁ ଟପିଯାଏ, ଗାଳ୍ପିକଙ୍କ ସୂକ୍ଷ୍ମ ଚିନ୍ତନରେ ସାର୍ଥକ ରୂପ ନେଇଛି । ହୀନମନ୍ୟତା ମଣିଷ ମନର ନଗ୍ନ ବାସ୍ତବତା । ସୁସ୍ଥ ସାମାଜିକ ଭିତ୍ତିଭୂମି ଉପରେ ଏପରି ଏକ ଆସ୍ତରଣ ସୃଷ୍ଟି କରିଛି ଯାହାର କେନ୍ଦ୍ର ବିନ୍ଦୁରେ ଠିଆ ହୋଇ ମଣିଷ ବିକ୍ଷୋଦଗାର କରିବାରେ ବ୍ୟସ୍ତ ଏହା ଗାଳ୍ପିକଙ୍କ ରଚିତ 'ନର୍କଯାତ୍ରା' ଗଳ୍ପରେ ପ୍ରତିଫଳିତ । ପରିବାରର ଚାକିରି କରିଯିବା ଝିଅଟିଏ ଘରର ସମସ୍ତ ଦାୟିତ୍ୱ ତୁଲାଉଥିବା ବେଳେ ତା'ର ପରିଚୟ ବାପା ଓ ମା' ତା' ପ୍ରତି ସାମାନ୍ୟ ସହାନୁଭୂତି ପ୍ରଦର୍ଶନ କରିନାହାନ୍ତି । ଅବହେଳା ଓ ଉପେକ୍ଷିତ ଜୀବନକୁ ସହିନପାରି ସେ ଏକାନ୍ତ ଭାବେ ଅସହାୟ ହୋଇପଡିଛି । 'ଦ୍ୱାରବନ୍ଧ ସବୁଜ ଜୀବନ' ଗଳ୍ପରେ ଆବଦ୍ଧ ଓ କଟକଣା ଯୁକ୍ତ ଜୀବନ ସ୍ୱାଧୀନତାର ସ୍ପର୍ଶ ନପାଇଲେ ସେ ଜୀବନର ସ୍ୱର କିପରି ନିମିଳିତ ଓ ନିଷ୍ପ୍ରଭ ହୋଇଯାଏ ତାହା ଗାଳ୍ପିକ ଏହି ଗଳ୍ପରେ ଦର୍ଶାଇଛନ୍ତି । ସେହିପରି "ଜୀବନ" ଓ "ମୁଁ ପା ସେଇ କଥା କହୁଛି" ଗଳ୍ପରେ ଅନୁରୂପ ଭାବେ ଦେଖିବାକୁ ମିଳିଥାଏ ।

ଆଲୋଚ୍ୟ ଗଳ୍ପ "କ୍ରମଶଃ ପିଲାମାନେ ବଡ଼ ହେଉଛନ୍ତି" ରେ ଶିଶୁ ସୁଲଭ ଚପଳତାର ସ୍ଫୂର୍ତ୍ତିକୁ ଅବଦମିତ କରି ଅର୍ଥଲୋଭି ମାଉସୀଟି ଅନାଥ ଶିଶୁଟିକୁ କିପରି ବିଭିନ୍ନ ବ୍ୟକ୍ତିଙ୍କ ଘରେ ଚାକର ସଜାଇ ଟଙ୍କା ରୋଜଗାର କରିବାରେ ବ୍ୟସ୍ତ ତାହା ଗାଳ୍ପିକ ଉଲ୍ଲେଖ କରିଛନ୍ତି। ପରବର୍ତ୍ତୀ ସମୟରେ ପିଲାଟିର ବୟବୃଦ୍ଧି କ୍ରମେ ସେ ସମାଜ ଓ ଦୁନିଆକୁ ବୁଝିପାରି ମାଉସୀ କବଳରୁ ଖସି କେଉଁ ଆଡେ ଚାଲିଯାଇଛି। ଅସହାୟତାର ଅକ୍ଟୋପାସ ସମାଜରେ କିରପି ତାର କାୟା ବିସ୍ତାର କରି ମାଡ଼ି ଚାଲିଛି ଓ ଭୀତତ୍ରସ୍ତ ମଣିଷ ପଳାୟନପନ୍ଥୀ ହେବାରେ ଲାଗିଛନ୍ତି, ଉକ୍ତ ଗଳ୍ପ ତା'ର ପ୍ରତିନିଧି କରେ। ସାବଧାନ ବୋମାଫୁଟିବ ଗଳ୍ପରେ ଆଜିର ସମାଜରେ ବିଚରଣ କରୁଥିବା ଚରିତ୍ର ଗୁଡିକର ମନନ ଶୀଳତା ଓ ଅସାମାଜିକ କାର୍ଯ୍ୟକଳାପର ଧାରା ଏତେ ପ୍ରଖର ଯେ ତାହା ମଣିଷ ମନରୁ ସୁସ୍ଥ ସାବଲୀଳ ଜୀବନକୁ କ୍ଷତବିକ୍ଷତ କରିପକାଉଛି। ଚାକିରି କରି ପରିବାର ଚଳାଉଥିବା ଝିଅଟି ବାହ୍ୟଚାପ ଓ ପରିବାରର ବୋଝ ଯୋଗୁଁ ଜୀବନକୁ ଏକ ତାଳିପକା ପୋଷାକ ସହିତ ତୁଳନା କରିଛନ୍ତି। ସାମ୍ପ୍ରତିକ ମଣିଷ କେବଳ ବଞ୍ଚି ରହିବାର ମୋହ ପଛରେ ଧାଇଁ ଧାଇଁ ଅଣନିଶ୍ୱାସୀ ହୋଇଯାଏ। ଏପରି ଏକ ଦୂରନ୍ତ ଦିଗବଳୟର ମାଇଲଖୁଣ୍ଟ ପାଖରେ ପହଞ୍ଚିବା ତା' ପକ୍ଷରେ ଅସ୍ୱାଭାବିକ ଅସମ୍ଭବ ହୋଇପଡେ ଯାହା ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଲାଗି ରହିଥାଏ। ଏହା ଗଳ୍ପର 'ଖୋକି' ଚିରିତ୍ରରେ ପ୍ରତିଫଳିତ। ଗାଳ୍ପିକଙ୍କ ଭାଷାରେ ସମୟ ତାକୁ ବୁଢ଼ି କରି ଦେଉଛି ଆସ୍ତେ ଆସ୍ତେ। ଜୀବନର ଉଦାସୀ ନଈ କୂଳରେ ଖୋକି ଯେପରି ଏକୁଟିଆ ଗୋଟେ ମଲା କଦମ୍ବ ଗଛ। ଥୁଣ୍ଟା ଡାଳରେ ବସା ବାନ୍ଧିବାକୁ ପକ୍ଷୀମାନଙ୍କର କି ଭୟ। (ପୃ-୪୦)' ଗାଳ୍ପିକ ଭୀମପୃଷ୍ଟିଙ୍କର 'ଭୂମିକମ୍ପ' ଗଳ୍ପଟି ଏକ ପ୍ରତୀକ ଧର୍ମୀ ଗଳ୍ପ। ଭୂମିକମ୍ପ ପରେ ଭୂପୃଷ୍ଠର ଆଲୋଡନ ଫଳରେ ଯେଉଁ ଭୟାବହ ପରିସ୍ଥିତି ସୃଷ୍ଟି ହୁଏ, ଅନୁରୂପ ଭାବେ ସୌଦାମିନୀ ଚରିତ୍ରର ମାନସିକ ଆନ୍ଦୋଳନ ଓ ଆଲୋଡନକୁ ସାମ୍ୟ ତୁଳନା କରାଯାଇଛି। ଗାଳ୍ପିକଙ୍କ ମତେ ଦେହରେ ସାଇତି ଥିବା ଅନେକ ପ୍ରତିଶ୍ରୁତିର ଅନାଗତ ଜୀବନଟି ପାଇଁ ସୌଦାମିନୀର ଆଉ ଆବେଗ ନାହିଁ। ନାରୀତ୍ୱର ପୂର୍ଣ୍ଣତା ପାଇଁ ମୋହ ନାହିଁ। ଆଗାମୀ ମାତୃତ୍ୱର ସୌଭାଗ୍ୟ ପାଇଁ ଅହମିକା ନାହିଁ। ସେ ଶୂନ୍ୟ ହୋଇଯାଇଛି। ତା' ପାଇଁ ସମୟ ହୋଇଯାଇଛି ଗୋଟିଏ ବିରାଟ ଗର୍ତ୍ତ। ସେ ଗର୍ତ୍ତ ଭିତରେ ମେଞ୍ଚାଏ ଅନ୍ଧାର। ଅନ୍ଧାର ଭିତରେ ସୋର ନାହିଁ କି ଶବ୍ଦ ନାହିଁ। ସେ ନିଜେ ବି ଜାଣିପାରୁନି, ତେଣୁ ଆସନ୍ନ ପ୍ରସବା ସୌଦାମିନି ଏପରି ମାନସିକ ଯନ୍ତ୍ରଣାରୁ ମୁକ୍ତି ପାଇଁ ମୃତ୍ୟୁକୁ ଆପଣେଇଛି (ପୃ ୧୯୯) ବୈବାହିକ ଜୀବନର ଅବ୍ୟବହିତ ପୂର୍ବରୁ ତା'ର ସୁସ୍ଥ ସୁବଳ ମାନସିକ ଅବସ୍ଥା ପାରିବାରିକ ଜୀବନରେ ଦୁଃଖ, କଷ୍ଟ, ଯନ୍ତ୍ରଣା, ସଂଗ୍ରାମ, ସମସ୍ୟା ମଧ୍ୟରେ ଜୀବନ ଶୋଷି ହୋଇଯାଇଛି। ସେହିପରି 'ରୋମାଞ୍ଚିତ ବିଷାଦ' ଗଳ୍ପରେ ଗାଳ୍ପିକ ମଣିଷ ମନର ଅନ୍ତର୍ଦ୍ୱନ୍ଦ୍ୱ ଭାବାବେଗକୁ ଚିତ୍ରଣ କରିଛନ୍ତି। ମଣିଷ ଜାଣିଛି ଯେ, କ୍ଷଣସ୍ଥାୟୀ ଜୀବନ ମଧ୍ୟରେ ତାକୁ ବିଭିନ୍ନ ଘାତ ପ୍ରତିଘାତ ବିଡ଼ମ୍ବନା ମଧ୍ୟରେ ଜୀବନ ଯାପନ କରି ଜୀବନର ଶେଷ ପର୍ଯ୍ୟାୟରେ ପହଞ୍ଚି ବାକୁ ହୋଇଥାଏ। ଗାଳ୍ପିକଙ୍କ ଉକ୍ତିରେ 'ଆମେ ଯା ଭିତରେ ସବୁ ହରେଇ ସାରିଛୁ, ସ୍ୱପ୍ନ, କଳ୍ପନା, ଆବଗେ ଭାବପ୍ରବଣତା ସବୁ ଯେପରି ବୟସ୍କ ହୋଇ ଯାଇଛନ୍ତି। ଆଉ କ'ଣ ଅଧିକ ଭାବପ୍ରବଣତା ବାକି ଅଛି ? ତଥାପି ସବୁ ଜାଣି ଶୁଣି ସବୁ ବୁଝି ଶୁଝି ଏ ମଣିଷ କାହିଁକି ଆଶା ବାନ୍ଧେ ? ଲୋଭକରେ ? କାହିଁକି ମୋହ ଭିତରେ ବୁଡିଯାଏ (ପୃ ୧୦୩)। ମଣିଷ ମନରେ ଏସବୁ ଆମ୍ବଲିପି ଗାଳ୍ପିକଙ୍କ ମନରେ ଅସମାହିତ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗାଳ୍ପିକଙ୍କ 'କିନ୍ନର', 'ଘୃଣା', 'କଙ୍ଗାରୁ', 'ମାଛି', 'ଅନ୍ତରଙ୍ଗ ପ୍ରତିଦ୍ୱନ୍ଦୀ', 'ହୃଦୟ ଭିତରେ ସର୍କସ', 'ଗୋଟେ କାଳ୍ପନିକ ଗଳ୍ପ', 'ପଛକୁ ଫେରିବା ପାଇଁ ଅପେକ୍ଷା', ଗଳ୍ପ ମାଧ୍ୟମରେ ଗାଳ୍ପିକ ମଣିଷ ଜୀବନର ପ୍ରଲମ୍ବିତ ଅସହାୟତାକୁ ଆଲୋଚନା କରିଛନ୍ତି। ପ୍ରତ୍ୟେକଟି ମଣିଷ ଜୀବନର ଅନ୍ତିମ ପରିଣତି ସମ୍ପର୍କରେ ସଚେତନ ରହିଲେ ବୋଧହୁଏ ଜୀବନରେ ଧୃଷ୍ଟତା ପ୍ରତି ଓ ଅମାନବୀୟ କାର୍ଯ୍ୟକଳାପ ପ୍ରତି ଆସକ୍ତି ରହିବ ନାହିଁ ବୋଲି ଆଶା କରାଯାଏ।

ସାମ୍ପ୍ରତିକ ସ୍ଥିତିରେ ରାଜନୀତି ମଣିଷ ଜୀବନର ପ୍ରତ୍ୟେକ ପର୍ଯ୍ୟାୟକୁ କବଳିତ କରିରଖିଛି। ତା' ପଞ୍ଝା ଭିତରେ ରହି ମଣିଷ ନିଜର ଅସ୍ତିତ୍ୱ ହରାଇ ବସିଛି। ରାଜନୀତିର ପ୍ରଖର ସ୍ରୋତରେ ସେ ତା' ଜୀବନର କୂଳ କିନାରା ହରାଇ ଏକ ଅସହାୟ ଶୁଷ୍କ ତୃଣ ପରି ଭାସିଚାଲିଛି। ରାଜନୀତିର ପଶାପାଲିରେ ମଣିଷଟିଏ ଛନ୍ଦି ହୋଇ ଗୋଷ୍ଠୀ କନ୍ଦଳ ମଧ୍ୟରେ ଲିପ୍ତ ରହିବାକୁ ବାଧ୍ୟ ହେଉଛି। ଫଳରେ ସାମାଜିକ ବିଶୃଙ୍ଖଳାର ସୂତ୍ରପାତ ହୋଇ ମଣିଷ ଜୀବନକୁ ଅସହାୟ ଓ ଭୀତତ୍ରସ୍ତ କରି ପକାଉଛି। ତେଣୁ ମଣିଷ ଜୀବନର ଗତି ଓ ପ୍ରଗତି ପଥରେ ଗତିଶୀଳ ନହୋଇ ଧୂମାକ୍ତ ପରିବେଶର ପ୍ରହେଳିକା ମଧ୍ୟରେ ଅଣନିଃଶ୍ୱାସୀ ହୋଇଯାଇଛି। ତାଙ୍କ ରଚିତ 'ଶିଶୁ ଗଳ୍ପ'ରେ ଗାଳ୍ପିକ ଦର୍ଶାଇଛନ୍ତି ଯେ, ଏକ ସାଧାରଣ ତଥା ଗୁରୁତ୍ୱହୀନ ତଥ୍ୟକୁ ନେଇ କିପରି ରାଜନୀତିକ ଝଡ଼ ସୃଷ୍ଟି ହୋଇ ତାହା ସମାଜରେ ଆଲୋଡନ ସୃଷ୍ଟି କରିଛି। ଦୀର୍ଘଦିନ ପରେ ମାତୃଗର୍ଭରୁ ଜନ୍ମିତ ବାମନ ଶିଶୁକୁ କେନ୍ଦ୍ର କରି ରାଜନୈତିକ, ଆଧାତ୍ମିକ, ଅର୍ଥନୈତିକ ପୃଷ୍ଠଭୂମି ଉପରେ ଏହାର କ୍ରିୟା ପ୍ରତିକ୍ରିୟା ଦେଖାଦେଇଛି। ଗାଳ୍ପିକଙ୍କ 'ସିଂହାସନ' ଗଳ୍ପରେ ରାଜନୈତିକ ପୃଷ୍ଠଭୂମି ଉପରେ ରଚିତ ହୋଇଥିଲେ ହେଁ, ମଣିଷ ଜୀବନର ଅଧ୍ୟବସାୟ ନିଷ୍ଠ କର୍ତ୍ତବ୍ୟ କିପରି ମଣିଷକୁ ଉଚ୍ଚସୋପାନରେ ଆସୀନ କରାଇଥାଏ, ତାର ଏକ ଦୃଷ୍ଟାନ୍ତ ଉଲ୍ଲେଖ କରିଛନ୍ତି। ଘୁଷୁରି ଚରାଉଥିବା ବ୍ୟକ୍ତିଟିଏ ୱାର୍ଡମେମ୍ବରରୁ ମୁଖ୍ୟମନ୍ତ୍ରୀ ହୋଇପାରିଛି। କିନ୍ତୁ ନିଜର ଚିରାଚରିତ ସ୍ୱଭାବ ଓ ପ୍ରକୃତି ଠାରୁ

ଦୂରେଇ ପାରିନାହିଁ । ଗାଳ୍ପିକଙ୍କ ଭାଷାରେ 'ଏ ଗଣତନ୍ତ୍ରର ଇତିହାସ ହେଉଛି ଗୋଟିଏ ଘୁଷୁରି ଚରାଉଥିବା ମଣିଷ ଜୀବନର ଇତିହାସ । ଖଜୁରୀ ରସକୁ ତାଡି କରୁଥିବା ଚମାର ଦ୍ୱାରା ତିଆରି ହେଉଛି, ଏ ଗଣତନ୍ତ୍ରର ସମ୍ବିଧାନ' (ପୃ.୩୧୧) ଏ ଉକ୍ତି ମାଧ୍ୟମରେ ଗାଳ୍ପିକଙ୍କ ମତ ଯେ, ଆଜିର ଦୁନିଆରେ ଉପଯୁକ୍ତ ବ୍ୟକ୍ତିକୁ ଉପଯୁକ୍ତ ସ୍ଥାନରେ ସ୍ଥାନୀତ କରାଯାଉ ନଥିବାରୁ ରାଜ୍ୟ ତଥା ଦେଶରେ ପ୍ରଶାସନିକ ତୃଟି ବିଚ୍ୟୁତି ଓ ବିପର୍ଯ୍ୟୟ ପରିଲକ୍ଷିତ ହେଉଛି । ଅନୁରୂପ ଭାବେ 'କମନମ୍ୟାନ୍' ଗଳ୍ପରେ ଗାଳ୍ପିକ ରାଜନୀତିର ପରିଧି ମଧ୍ୟରେ ଆବଦ୍ଧ ବ୍ୟକ୍ତିଟିଏ ନିଜକୁ କିପରି ପାରିବାରିକ କ୍ଷେତ୍ରରେ ପ୍ରବଞ୍ଚନା କରିଚାଲିଛି । ତା'ର ଏକ ବାସ୍ତବ ଚିତ୍ର ପ୍ରଦାନ କରିଛନ୍ତି । ରାଜନୀତିର ଗହ୍ୱର ମଧ୍ୟରୁ ନିଜକୁ ମୁକ୍ତ କରିନପାରି ଆନ୍ଦୋଳନରେ ଲିପ୍ତ ରହିବା, ର୍ୟାଲି ପାଇଁ ଲୋକ ଯୋଗାଡ଼ କରିବା, ସ୍ଲୋଗାନ ଦେବା କାର୍ଯ୍ୟରେ ଆବଦ୍ଧ ହୋଇ ଯାଇଛି ଫଳରେ ନିଜର ପରିବାର ପାଇଁ ସମୟ ଦେଇ ନପାରି ଅନ୍ଧକାର ମଧ୍ୟକୁ ଠେଲି ଦେଇଛି । ଶେଷରେ ପ୍ରକୃତିସ୍ଥ ହୋଇ ଠୁଙ୍ଗା ତିଆରି କରି ପରିବାର ପୋଷଣ କରିଛି । 'ଜୀବନ ପୃଷ୍ଠା' ଗଳ୍ପରେ ପିଲାଟିଏ କିପରି ରାଜନୈତିକ ଓ ପାରିବାରିକ ଉଭୟ କ୍ଷେତ୍ରରେ ପାଦଦେଇ କୌଣସି ଗୋଟିଏ କ୍ଷେତ୍ରରେ ଠିକରୂପେ କାର୍ଯ୍ୟ କରି ପାରିନାହିଁ, ରାଜନୈତିକ ବାତାବରଣ ମଧ୍ୟରେ ମଣିଷ କିପରି ନୀତି, ଆଦର୍ଶ ଓ ସହାନୁଭବତା ଠାରୁ ଦୂରେଇ ଯାଇ ନିଷ୍ଠୁର ଅତ୍ୟାଚାରୀ, ଦୁର୍ନୀତିଗ୍ରସ୍ତ ହୋଇ ପଡୁଛି ତାର ବାସ୍ତବ ସ୍ୱରୂପ ଏଠାରେ ଉଲ୍ଲିଖିତ । ତେଣୁ ଆତ୍ମସ୍ଥିତି, ଆତ୍ମ ସଂଯମ ତଥା ନୀତିନିଷ୍ଠ ହୋଇ ଆଦର୍ଶବାଦ ମଧ୍ୟରେ ସମସ୍ତ କାର୍ଯ୍ୟ କରିବା ପାଇଁ ଗାଳ୍ପିକ ସମାଜକୁ ବାର୍ତ୍ତା ଦେଇଛନ୍ତି ।

ଜନଜାତି ଜୀବନ ଚର୍ଯ୍ୟାରେ ଗାଳ୍ପିକ ଗୁରୁତ୍ୱାରୋପ କରି ସେମାନଙ୍କର ସରଳ ଜୀବନଯାପନ ପଦ୍ଧତି, ଆଧ୍ୟାତ୍ମିକ ଚେତନା, ପ୍ରକୃତି କୋଳରେ ଜୀବନ ଯାପନ କରିବାର ରହସ୍ୟ ତଥା ଉପାଦେୟତା ସଂପର୍କରେ ଗାଳ୍ପିକ ଆଲୋକପାତ କରିଛନ୍ତି । ଅଧିକନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କ ସୁସ୍ଥ ସାମାଜିକ ସରଳ ଜୀବନ ଧାରା ମଧ୍ୟରେ ବାହ୍ୟ ଜଗତର ଯୋଜନାବଦ୍ଧ ଭାବେ ସରକାରୀ ବାବୁ, ଠିକାଦାର, କର୍ମଚାରୀ, ଶ୍ରମିକ ଆଦି ସେମାନଙ୍କ ମଧ୍ୟକୁ ପ୍ରବେଶ କରି କିପରି ସେମାନଙ୍କୁ ଭୀତତ୍ରସ୍ତ କରିଛନ୍ତି, ତାହା ମଧ୍ୟ ଗଳ୍ପଗୁଡ଼ିକରେ ଉଲ୍ଲେଖ କରାଯାଇଛି । ଲୁଣ୍ଠନ, ଅତ୍ୟାଚାର ଓ ଶୋଷଣର ଚିତ୍ର ମଧ୍ୟରେ ଜନଜାତି ଜୀବନରେ ଯେଉଁ ବିଦ୍ରୋହ ସୃଷ୍ଟି ହୋଇଛି, ତାହା ପରବର୍ତ୍ତୀ ସମୟରେ ଆନ୍ଦୋଳନ ଓ ରକ୍ତପାତ ସୃଷ୍ଟି ହେବାର ବାସ୍ତବଚିତ୍ର ଗଳ୍ପଗୁଡିକରେ ପରିଲକ୍ଷିତ । ସେମାନଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଆଇନକାନୁନ ପ୍ରଣୟନ କରାଯାଇ କିପରି ମୁଖ୍ୟଜନ ସ୍ରୋତରେ ସାମିଲ କରାଯାଇ ପାରିବ ସେସବୁର ସରକାରୀ ଉଦ୍ୟମ ଅଦ୍ୟାବଧି ଅବ୍ୟବହିତ ରହିବାର ଚିତ୍ର ଗଳ୍ପ ଗୁଡିକରେ ଚିତ୍ରିତ । 'ଭୂଇଁ' ଗଳ୍ପରେ ଗାଳ୍ପିକ ଜନଜାତି ଜୀବନର ମାନସିକତା ଓ ଆବଶ୍ୟକତା ମଧ୍ୟରେ ସଂଘର୍ଷ କରି ମଣିଷଟିଏ କିପରି ଯନ୍ତ୍ରଚାଳିତ ଜୀବନ ମଧ୍ୟରେ ପେଶି ହୋଇଯାଇଛି, ତାହା ଗାଳ୍ପିକ ଦର୍ଶାଇଛନ୍ତି । ଆଦିବାସୀ ବାଳକଟିଏ କର୍ମ ସଂସ୍ଥାନ ପାଇଁ ସହରାଞ୍ଚଳକୁ ଯାଇ କଳକାରଖାନାରେ କାମ କରିଛି । ପରବର୍ତ୍ତୀ ସମୟରେ ଫେରିଆସି ଦେଖିଛି ଯେ ତା' ମା' ମାଟିର ପାର୍ବତ୍ୟ ସବୁଜିମା କୁଳୁକୁଳୁ ନାଦିନି ଝରଣାର ରୂପ ସମ୍ପୂର୍ଣ୍ଣ ବଦଳିଯାଇଛି । ବୁଲଡୋଜର, ଠିକଦାର, ସରକାରୀ ବାବୁମାନଙ୍କର ଅନୁପ୍ରବେଶ ତାଙ୍କ ସରଳ ଜୀବନକୁ ରୁକ୍ଷ, ନୀରସ ଓ ଭୀତତ୍ରସ୍ତ କରିଦେଇଛି । ଖଣି ଖାଦାନ ରାସ୍ତା ଘାଟର ଚିତ୍ର ସମ୍ପୂର୍ଣ୍ଣ ବଦଳିଯାଇଛି । ପୁରୁଣା ଜୀବନକୁ ଖୋଜି ଖୋଜି ଜନଜାତିର ଜୀବନ ପ୍ରହେଳିକାମୟ ହୋଇଯାଇଛି । ଆଲୋଚ୍ୟ ଗଳ୍ପ 'ମାଙ୍କଡ଼ ମଣିଷ'ରେ ଗାଳ୍ପିକ ଆଦିବାସୀ ସମ୍ପ୍ରଦାୟର ଲୋକମାନଙ୍କୁ ଆଧୁନିକ ଜନସମାଜ ହାତର କ୍ରୀଡ଼ନକ ବୋଲି ବର୍ଣ୍ଣନା କରିଛନ୍ତି । ନେତା ଓ ଏମପି ମାନେ ଭୋଟ ପାଇବା ଆଶାରେ ସେମାନଙ୍କୁ ମିଥ୍ୟାପ୍ରଲୋଭନ ଦେଖାଇ ନିଜର କାର୍ଯ୍ୟ ହାସଲ କରିଥାନ୍ତି । ଖାଦ୍ୟ ପେୟ ଦୃଷ୍ଟିକୋଣରୁ ଆଦିବାସୀ ସମାଜ କେତେ ଅବହେଳିତ ନିଷ୍ପେସିତ ତାହା ଗାଳ୍ପିକ 'ଟାକୁଆ' ଗଳ୍ପରେ ବର୍ଣ୍ଣନା କରିଛନ୍ତି । 'ଅଧେ ମଣିଷ' ଗଳ୍ପରେ ମଧ୍ୟ ଆଦିବାସୀମାନଙ୍କର ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଛି । 'ଲୋକ ଜୀବନ' ଗଳ୍ପରେ ନିୟମଗିରି ପାହାଡ଼ରୁ ବକ୍ସାଇଟ ଉତ୍ତୋଳନ କରିବାର ସରକାରଙ୍କ ଯୋଜନା ବିରୁଦ୍ଧରେ ବିରୋଧୀ ଦଳର ନେତା ମନ୍ତ୍ରୀମାନେ ଜନଜାତିମାନଙ୍କୁ ସହଯୋଗର ହାତ ବଢ଼ାଇ ସେମାନଙ୍କ ମୌଳିକ ଜୀବନର ସାବଲୀଳତା ରକ୍ଷା କରିବା ପାଇଁ ଚେଷ୍ଟା କରିଛନ୍ତି ତାହା ବର୍ଣ୍ଣିତ । ସେହିପରି 'ପାର୍ଟିର ପାଟି' ଗଳ୍ପରେ ଗାଳ୍ପିକ ସରଳ ଆଦିବାସୀ ଜୀବନର ପରିଣତି ସମ୍ପର୍କରେ ଗାଳ୍ପିକ ସୂଚନା ଦେଇଛନ୍ତି । କୁଇ ଭାଷା ଶିଖିଥିବା ଦାମୁରାମ କୁଇ ଭାଷାରେ ପାର୍ଟି ତରଫରୁ ଗୀତ ଗାଇ ସରକାର ଓ ମଦବିରୋଧୀ ତଥ୍ୟ ଉଲ୍ଲେଖ କରିଛି ଫଳରେ ତାକୁ ଜେଲ ଯିବାକୁ ପଡିଛି । ଏଠାରେ ଗାଳ୍ପିକପ୍ରଚ୍ଛନ୍ନ ଭାବରେ କୁଇ ଭାଷାର ସରକାରୀ ମାନ୍ୟତା ସହିତ ଜନଜାତି ଜୀବନର ସରଳ ଓ ସ୍ୱାଭାବିକତାକୁ ହତ୍ୟା କରାନଯାଉ ବୋଲି ମତ ପ୍ରକାଶ କରିଛନ୍ତି । ଗାଳ୍ପିକଙ୍କ ଭାଷାରେ 'ଭୁବନେଶ୍ୱର ପ୍ରେସ୍ ମିଟ୍‌ରେ ଟିଭି କ୍ୟାମେରା ଟେପରେକର୍ଡର ନୋଟବୁକ ସାମ୍ନାରେ ଛିଡ଼ା ହେବ ଦାମୁ । ଗାଇବ ତା' ଲେଖିଥିବା ଗୀତ । ଦେଖାଇବ ସେ ପ୍ରଥମ କରି ତିଆରି କରିଥିବା କୁଇ ଅକ୍ଷର ତା' ପରେ ଜଣେ କୁଇ କବିର ଷୋହଳ ମାସ ବନ୍ଦୀ ଜୀବନର କାହାଣୀକହିବ । ନକ୍ସଲ ଗାଁରେ ନିରୀହ ଆଦିବାସୀ ଉପରେ ଆନ୍ଧ୍ର ଓଡ଼ିଶା ପୋଲିସ କିପରି କରୁଛି ଦମନ, ମିଡିଆ ଆଗରେ ତୋଳି ଧରିବ ଦାମୁରାମ । ପାର୍ଟିର ମିଡିଆ, ମୋଟିଭେଟେଡ ପ୍ରୋଗ୍ରାମ ରେ ଦାମୁହେବ ପାର୍ଟିର ପାର୍ଟି । (ପୃ

୩୪୮) ଗାଳ୍ପିକ ଉପରୋକ୍ତ ମତରେ ଆଦିବାସୀ ଜନଜୀବନକୁ ନେଇ ଯେଉଁ ଗଳ୍ପ ସବୁ ରଚନା କରିଛନ୍ତି। ସେଥିରେ ସେମାନଙ୍କର ଉତ୍ତରୋତ୍ତର ବିକାଶ ପାଇଁ ସର୍ବସମ୍ମତି କ୍ରମେ ପଦକ୍ଷେପ ନେବାକୁ ସେ ଆହ୍ୱାନ କରିଛନ୍ତି।

ପୁନଶ୍ଚ ଗାଳ୍ପିକ ସାମ୍ପ୍ରତିକ ଯୁବଗୋଷ୍ଠୀର ଅବକ୍ଷୟ ତଥା ସାମାଜିକ ଅସ୍ଥିରତାକୁ ଲକ୍ଷ୍ୟ କରି ସେମାନଙ୍କ ପାଇଁ ଗଠନମୂଳକ ବାର୍ତ୍ତା ଦେଇଛନ୍ତି। ସମ୍ପ୍ରତି ଯୁବଗୋଷ୍ଠୀର ମାନସିକ ଅସ୍ଥିରତା ହଠାତ ଅନେକଗୁଡିଏ ପଦକ୍ଷେପ ମାଧ୍ୟମରେ ପ୍ରଚୁର ଅର୍ଥ ରୋଜଗାର କରିବାର ନିଶା ସେମାନଙ୍କ ସୁସ୍ଥ ଓ ପ୍ରଗତିଧର୍ମୀ ଜୀବନକୁ କିପରି ବିପର୍ଯ୍ୟସ୍ତ କରିଛି ତାହା ବିଭିନ୍ନ ଗଳ୍ପ ମାଧ୍ୟମରେ ଗାଳ୍ପିକ ସୂଚନା ଦେଇଛନ୍ତି। ଗାଳ୍ପିକ 'ଜଣେ ମହାପୁରୁଷଙ୍କ ଜନ୍ମ ଦିନ' ଗଳ୍ପରେ ସମ୍ପ୍ରତି ଉଦୀୟମାନ ଯୁବଗୋଷ୍ଠୀ ବହୁ ଆଶା ଓ ସମ୍ଭାବନାର ଲକ୍ଷ୍ୟ ନେଇ ଆଗକୁ ବଢିବା ସମୟରେ ସମ୍ପ୍ରିତି ସାମାଜିକ ବିଧିବ୍ୟବସ୍ଥା ଓ ରାଜନୈତିକ ପୃଷ୍ଠଭୂମି ଉପରେ ଦଣ୍ଡାୟମାନ ହୋଇ ଯୁବଗୋଷ୍ଠୀକୁ ଆହ୍ୱାନ କରୁଥିବା ସ୍ୱର୍ଣ୍ଣ କଙ୍କଣ ଧାରଣ ପୂର୍ବକ ଗଣତନ୍ତ୍ର ରକ୍ଷାକର୍ତ୍ତାମାନେ ସେମାନଙ୍କୁ କିପରି ପଥଭ୍ରଷ୍ଟ କରୁଛନ୍ତି, ତାହା ବର୍ଣ୍ଣିତ। ଶିକ୍ଷିତ ଯୁବଗୋଷ୍ଠୀ ଶିକ୍ଷାଦୀକ୍ଷା ଛାଡି, ଦଳକନ୍ଦଳ ମଧ୍ୟରେ ପ୍ରବେଶ କରି ନିଜ ନିଜର ମୁଖ୍ୟ ଲକ୍ଷଠାରୁ ଦୂରେଇ ଯାଉଛନ୍ତି। ନିଜ ନିଜର ସାମାଜିକ ସ୍ଥିତି ଓ ପ୍ରଗତିକୁ ହରାଇ ଜଣେଜଣେ ବୋହେମିସିଆନ ଭୂମିକାରେ ଅବତୀର୍ଣ୍ଣ ଫଳରେ ଗୃହହୀନ, ସ୍ଥିତିହୀନ, ଲକ୍ଷ୍ୟହୀନ, ଜୀବନଯାପନ କରିବାକୁ ବାଧ ହେଉଛନ୍ତି 'ଘରକୁ ଫେରି ଆସ ମଣିଷ' ଗଳ୍ପରେ ଗାଳ୍ପିକ ଯୁବଗୋଷ୍ଠୀର ମନନଶୀଳତା ସମ୍ପର୍କରେ ଆଲୋକପାତ କରିଛନ୍ତି। ବିଶେଷତଃ ଘରର ବଡ଼ପୁଅ ପରିବାରର ବୋଝ ଓ ଜୀବନର ପ୍ରଗତି ଏଇ ଦୁଇ ସନ୍ଧିକ୍ଷଣରେ ଚାପି ହୋଇ ନିଃଶେଷ ହୋଇଯାଉଛି। ଗାଳ୍ପିକଙ୍କ ଭାଷାରେ "ତେବେ ବେଳେବେଳେ ଯେତେବେଳେ ଅତିଷ୍ଠ ହୋଇଯାଉଛି ଗୋଟେ ସୁଇସାଇଡ ଫୁଲ୍ ସାଇଡ଼ରେ ମୁଡ଼ ଆସିଯାଉଛି। ନିଜ ପିଠିରେ ହାତମାରି ନିଜକୁ ବୁଝାଉଛି ଆମେ ଥରେ ଅଭିଶପ୍ତ ଭାବେ ପୃଥିବୀକୁ ଆସିଛୁ ମାନେ ଆମକୁ ବଞ୍ଚିବାକୁ ହେବ। ନିଶ୍ଚିତ ୟୁଆର୍ ବାଉଣ୍ଡ ଟୁ ଲିଭ୍। (ପୃ୬୭) "ମଧ୍ୟବୟସ୍କ" ଗଳ୍ପରେ ଗାଳ୍ପକ ଜଣେ ଟୁରିଷ୍ଟ ଗାଇଡ ଓ ଭିଜିଟର୍ସ ମାନଙ୍କ ଜୀବନ ଧାରାକୁ ବର୍ଣ୍ଣନା କରିବା ସହିତ ସେମାନେ କିପରି ପରସ୍ପରର ସ୍ୱାର୍ଥସାଧନ ନିମିତ୍ତ ବ୍ୟସ୍ତ ତାହା ଆଧୁନିକ ଜନଜୀବନର ସ୍ୱାକ୍ଷର ବହନ କରିଛି। ସମସ୍ୟା ଚାପରେ ଚାପି ହୋଇ ନିଜର ପୋଷାକ ପତ୍ର, ଖାଦ୍ୟପେୟ ଓ ସାମାଜିକ ସ୍ଥିତି ପ୍ରତି ଭ୍ରୂକ୍ଷେପ ନକରି କେବଳ ଦାନାଗଣ୍ଡିଏ ଯୋଗାଡ଼ କରିବା ପାଇଁ ବ୍ୟାକୁଳ ହେଉଛନ୍ତି। ଏଣୁ ତାଙ୍କର 'ଗୋବିନ୍ଦଚନ୍ଦ୍ର' 'ଗୋଟେ ଖବର କାଗଜକାହାଣୀ', 'ଛାତିଫଟାଖେଳ', 'ଟୁରିଷ୍ଟ', କ୍ରମଶଃ ପିଲାମାନେ ବଡ଼ ହେଉଛନ୍ତି ଆଦି ଗଳ୍ପରେ ଗାଳ୍ପିକ ଯୁବଗୋଷ୍ଠୀର ଅବକ୍ଷୟଧର୍ମୀ ଜୀବନକୁ ସମାଲୋଚନା କରିଛନ୍ତି।

ମଣିଷ ଜୀବନର ପରିଚର୍ଯ୍ୟା ଓ ବିଶ୍ଳେଷଣ ଖୁବ୍ ଜଟିଳ। ଭିନ୍ନ ଭିନ୍ନ ମଣିଷର ଭିନ୍ନ ଭିନ୍ନ ଉଦ୍ଦେଶ୍ୟ ଓ ଅଭିପ୍ରାୟ ଥିଲେ ମଧ୍ୟ ଅନେକ ଦୃଷ୍ଟିକୋଣରୁ ସମସ୍ତଙ୍କ ଜୀବନରେ କେତେକ ମୌଳିକତା ପରିଲକ୍ଷିତ ହୁଏ। ଜୀବନକୁ ସରସ ସୁନ୍ଦର କରିବା ପାଇଁ ମଣିଷ ଜୀବନ ଯନ୍ତ୍ରଣାରୁ ମୁକ୍ତ ହୋଇ ଅଭିନବ ପ୍ରୟାସ କରିଥାଏ। ଗାଳ୍ପିକଙ୍କ 'ଗଛ' ଗଳ୍ପ ଏହାର ନିଚ୍ଛକ ନିଦର୍ଶନ। ମଣିଷ ଗାଁ ଛାଡ଼ି ସହର ମହାନଗର ଆଦିକୁ ଯାଇ ନିଜର ଦକ୍ଷତା ଅନୁସାରେ ଜୀବନକୁ ଗଢିତୋଳେ। ଗଛଟିଏ ଯେପରି ନିଜର ଚେରଗୁଡ଼ିକ ଦ୍ୱାରା ମାଟିକୁ କାମୁଡ଼ି ତାର କାୟା ବିସ୍ତାର କରିଥାଏ। ସେହିପରିମଣିଷ ମନର ସୁଦୂର ପ୍ରସାରୀ ଭାବନା ତାକୁ ଦୂରକୁ ଦୂରକୁ ନେଇଯାଇଥାଏ। ସେ ଅଜାଣତରେ ବିଭିନ୍ନ ସମସ୍ୟା ଭିତରେ ଜଡିତ ହୋଇଯାଇ ଜୀବନର ସଂଗ୍ରାମ ମଧ୍ୟରେ ନିଷ୍ଠୁରତା କଠୋର ମନୋବୃତ୍ତି ଗଣ୍ଡଗୋଳ ଓ ରକ୍ତପାତ ଆଦି ପରିସ୍ଥିତିର ସମ୍ମୁଖୀନ ହୋଇଥାଏ। ତେଣୁ ଗାଳ୍ପିକଙ୍କ 'ଗଛ ଗଳ୍ପ'ରେ ଗଛଟିକୁ ପ୍ରତିକାତ୍ମକ ଭାବେ ଗ୍ରହଣ କରି ମଣିଷଜୀବନର ବିଭିନ୍ନ ଦିଗକୁ ପର୍ଯ୍ୟାଲୋଚନା କରିଛନ୍ତି ଗାଳ୍ପିକଙ୍କ ଉକ୍ତି 'ଆତଙ୍କ ବଦଳରେ ଆତ୍ମରକ୍ଷା, ପ୍ରତିହିଂସା ବଦଳରେ ଜୀବନ ଧାରଣ ପାଇଁ ଅତିଷ୍ଠ ଲୋକମାନେ ଅପାରଗ। ସର୍କାରକୁ ସିଂହାସନରୁ ଓଟାରିଆଣି ବସାଇଦେବେ ଫୁଟପାତରେ। ସବୁ ମଣିଷର ମୁହଁରେ ଗୋଟେ ଭାଷା ଆମେ ଆଇନ ଚାହୁଁନା। ଚାହୁଁନା ଶାସନ, ଚାହୁଁ ଜୀବନ। (ପୃ ୧୧) ସେହିପରି 'ଘରକୁ ଫେରିଆସ ମଣିଷ' ଗଳ୍ପରେ ଗାଳ୍ପିକ ବୁଲା ବ୍ୟବସାୟୀ ଜୀବନରେ କାରୁଣ୍ୟତାକୁ ଉପଲବ୍ଧ କରି ଗଳ୍ପ ରଚନା କରିଛନ୍। 'ଦୌଡ' ଗଳ୍ପରେ ଜୀବିକା ନିର୍ବାହ ପାଇଁ ରୋଜଗାର ପନ୍ଥା ଖୋଜିବାକୁ ମଣିଷର ଅହରହ ଦୌଡ ଚାଲିଥାଏ ତାହା ଏଥିରେ ବର୍ଣ୍ଣିତ। ତେଣୁ ମଣିଷର ଜୀବନକାଳ ସଂଗ୍ରାମ ଓ ସଂଘର୍ଷର ଏକ ମୂର୍ତ୍ତିମନ୍ତ ପ୍ରତୀକ ରୂପେ ଗାଳ୍ପିକ ଆଲୋଚ୍ୟ ଗଳ୍ପରେ ବର୍ଣ୍ଣନା କରିଛନ୍ତି। ସେହିପରି ଲଛମନିଆ ଗଳ୍ପରେ ଗାଳ୍ପିକ ମୁଖ୍ୟତଃ ସମୟ କ୍ରମେ ଓ ପରିସ୍ଥିତି ଚାପରେ ମଣିଷନିଜର ମୌଳିକତା ମାନବୀୟତାକୁ ଯେପରି ବଳିଦେଇଚାଲିଛି ତାହା ପ୍ରକାଶ କରିଛନ୍ତି। ଗାଳ୍ପିକ ନିଜଗଳ୍ପରେ ରେବତୀ, ଅନନ୍ତା, ନଟବର, ରାମଲାଲ, ସଂକର୍ଷଣ ମହାନ୍ତି, ରାମଚନ୍ଦ୍ର ମଙ୍ଗରାଜ, ଚିତ୍ରକଳା, ଉସମାନତାରା, ରାଜୀବଲୋଚନ, ଗୋପାଳସିଂ, ଦିଲଦାର ମିଆଁ, ଗୋବିନ୍ଦା ବାରିକ, ଆଦି ଚରିତ୍ରଗୁଡ଼ିକୁ ଆଧୁନିକତାର ପୁଟ ଦେଇ ସମ୍ପ୍ରତି ଅନୁରୂପ ଚରିତ୍ରର ପର୍ଯ୍ୟାଲୋଚନା କରିଛନ୍ତି। ସ୍ୱାର୍ଥ, ଅହଙ୍କାର, ଛନ୍ଦ, କପଟ, ନିଷ୍ଠୁରତା ଆଦି ମନ୍ଦଗୁଣ କିପରି ମଣିଷର ସମସ୍ତ ମାନବୀୟ ଗୁଣକୁ ଅବଦମିତ କରି କଙ୍କାଳସାର ଶୂନ୍ୟ ଜୀବନଯାପନ କରିବାରେ ମଣିଷ କିପରି ପ୍ରୟାସୀ ହୋଇଛି, ତାହା ଗଳ୍ପରେ ଆଲୋଚିତ। ତେଣୁ ସାମ୍ପ୍ରତିକ ସମାଜରେ ଧର୍ମ ନାମରେ ଭଣ୍ଡାମୀ, ସେବାନାମରେ ପ୍ରତାରଣା, ସାହାଯ୍ୟ

ନାମରେ ଶୋଷଣ, ସହଯୋଗ କ୍ଷେତ୍ରରେ ଅସୂୟା ଆଦି ଭାବାବେଗରେ ପ୍ରକାଶ ପାଇଛି। ଗାଳ୍ପିକଙ୍କ ଉକ୍ତି 'ନିଜର ଦୁଃଖ ଆବର୍ତ୍ତରେ ଛଟପଟ ହୋଇ କ୍ଷଣିକର ସୁଖ ସାଉଁଟି ସେମାନେ ନିଜର ଅଲକ୍ଷ୍ୟରେ ଆମନ୍ତ୍ରଣ କରୁଅଛି ଅନ୍ୟ ଏକ ନୂତନ ଦୁଃଖ। ନୂତନ ଅସହାୟତା ନୂତନ ଯନ୍ତ୍ରଣା। (ପୃ୨୦) 'ହୋ ମଣିଷ ମାନେ' ଗଳ୍ପରେ ଗାଳ୍ପିକ ଆଧୁନିକ ଜୀବନ ଯନ୍ତ୍ରଣାର ବାସ୍ତବ ସ୍ୱରୂପକୁ ପ୍ରକାଶ କରିଛନ୍ତି। ଚଳଚଞ୍ଚଳ ଜୀବନ ମଧରେ ମଣିଷ ନିଜରରୋଜଗାର ପାଇଁ ବିଭିନ୍ନ ପଥ ଅନୁସରଣ କରିଛନ୍ତି। ଭିକ୍ଷାବୃତ୍ତି କରିବା, ପରିତ୍ୟକ୍ତ ଖାଦ୍ୟକୁ ସାଉଁଟି ଖାଇବା, ଅନ୍ୟ ନିକଟରେ ନିଜର ଅସହାୟତାକୁ ଆଞ୍ଜୁଳିରେ ଅର୍ପଣ କରିବାର ଚିତ୍ର ଗାଳ୍ପିକ ଖୁବ୍ ନିକଟରୁ ଲକ୍ଷ୍ୟ କରିଛନ୍ତି। ସେହିପରି କୌଶଳ "ଆସନ୍ତୁ ଦେଖିବା", "ଦେଖିପାରୁଛ ମଣିଷ, ଚ୍ୟାପଷ୍ଟୋରୀ, 'ରାତି ପାହିଲେ', 'ସ୍ୱାର୍ଗତ ଲକ୍ଷଣ', 'କ୍ରମଶଃ ପିଲାମାନେ ବଡ଼ ହେଉଛନ୍ତି', 'ଏଠି ସବୁ କ'ଣ ଚାଲିଛି', 'ଏଇଠି ଛିଡ଼ାହୁଅ', 'ଆଜି ତାର ଖରଗପ', ଆଦି ଏହି ଭାବଧାରାର ଦ୍ୟୋତକ ଅଟେ। ଗାଳ୍ପିକଙ୍କ ଗଳ୍ପ ରଚନା ଗୁଡିକରେ ମୁଖ୍ୟତଃ ମଣିଷ ଜୀବନର ବିଭିନ୍ନ ଦିଗକୁ ଉନ୍ମୋଚନ କରିଛନ୍ତି। ମଣିଷ ଜୀବନର କାର୍ଯ୍ୟକ୍ରମ ପରିଧିହୀନ ଭାବରେ ପରିବ୍ୟାପ୍ତ। ମାନବବାଦୀ ରଚନା ଗାଳ୍ପିକଙ୍କ ଗଳ୍ପରେ ବିଶେଷ ବୈଶିଷ୍ଟ୍ୟ।

ମଣିଷ ବିଭିନ୍ନ ପରିସ୍ଥିତି ଚକ୍ରରେ ମାନସିକତା ହଷ୍ଟେ ବିଚାର ବୁଦ୍ଧି ହରାଇ ବିଭିନ୍ନ ଅହେତୁକ କାର୍ଯ୍ୟ କରିବସିଥାଏ। ଯେଉଁଥିରେ କୌଣସି ବାସ୍ତବତା ବା ଉତ୍ତମ ଫଳାଫଳ ନଥାଏ କେବଳ ମାନସିକ ଶାନ୍ତି ସାର ହୋଇଥାଏ। ଆତ୍ମ ପ୍ରତିଷ୍ଠା ପାଇଁ ପୂଜା ପାଠ କରିବା, ଅଲୌକିକ ଘଟଣାର ସାକାର ପାଇଁ ଗୁଣିଗାରେଡିର ସହାୟତା ନେବା, ଆଦି ତଥ୍ୟକୁ ସମ୍ବଳ କରି ଗାଳ୍ପିକଙ୍କ 'ବ୍ଲାକମ୍ୟାଜିକ' ଗଳ୍ପ ସାର୍ଥକତାର ରୂପ ନେଇଛି। ସେହିପରି 'ଗପର ହାତଗୋଡ଼' ଗଳ୍ପରେ ପାଶ୍ଚାତ୍ୟ ଧାରା କିପରି ଓଡ଼ିଆ ଜନଜୀବନକୁ ପ୍ରବେଶ କରିଛି ତାହା ଦର୍ଶାଇଛନ୍ତି। ସବ ଏଡିଟର ପୋଷ୍ଟରେ ଥିବାଯୁବକ, ଓ ଗ୍ଲାମର ଦୁନିଆରେ ପାଲଁର କରି ଜୀବନ ଜିଉଁଥିବା ଝିଅର ଜୀବନକୁ ଗାଳ୍ପିକ ଏଠି ଉତ୍ଥାପନ କରିଛନ୍ତି। ଗାଳ୍ପିକଙ୍କ ଭାଷାରେ କେହି କାହାର କାମ ଓ ସ୍ୱାଧୀନତା ଉପରେ ଗଳେଇବୁ ନାହିଁ ନାକ, ଖର୍ଚ୍ଚ ବାଣ୍ଟିନେବୁ ଅଧାଅଧା। ଆମ ଭିତରେ ଗହଳି ଗହଳି ଲଗାଇ ଦେବା ପାଇଁ ଆଣିବୁନି ତୃତୀୟ ପକ୍ଷ। ଏମିତି ସବୁ ଅଲିଖିତ ରାଜିନାମା ଭିତରେ ଖୁଡଖାଡ ବିତିଗଲା ସାଢେ ଛ ବର୍ଷ। (ପୃ-୫୨) ପାରିବାରିକ ମନୋମାଳିନ୍ୟକୁ ନେଇ ଦେଖାଯାଉଥିବା ସମସ୍ୟାଗୁଡିକର ବାସ୍ତବ ଚିତ୍ରଣ ଗାଳ୍ପିକଙ୍କ 'ବୁମେରାଂର ଗତିପଥ' 'ଉଇହୁଙ୍କା' 'ନିଜ ଭିତରେ ମିଳେଇ ଯାଏ ସୁଖ' 'ଜୀବନ ନିଛକ ଗପଟିଏ', 'ଜିଅନ୍ତା ଚରିତ୍ର' ଆଦି ଗଳ୍ପ ପ୍ରଧାନ। ସରଳ ସହଜ ମନୋବୃତ୍ତି ନେଇ ଧର୍ଯ୍ୟର ସହିତ ପାରିବାରିକ କଳହକୁ ଖୁବ୍ ସହଜରେ ସମାଧାନ କରାଯାଇ ପାରିବ ବୋଲି ଗାଳ୍ପିକଙ୍କ ମତ। କିନ୍ତୁ ଏସବୁର ବ୍ୟତିରେକ ଯେଉଁ ପାରିବାରିକ ଅଘଟଣ ଦୃଶ୍ୟମାନ ହେଉଛି ତାହା ସମୟ ସମୟରେ ଉଗ୍ରରୂପ ନେଇ ବିଭିଷିକାରେ ପରିଣତ ହେଉଛି। ଏଥି ସଂଗେ ସଂଗେ ସାମାଜିକ ବିଶୃଙ୍ଖଳାର ଭିତ୍ତିରୂପେ ଏହା ଜନଜୀବନକୁ ବିପର୍ଯ୍ୟସ୍ତ କରିପକାଉଛି।

ଉପରୋକ୍ତ ପର୍ଯ୍ୟାଲୋଚନାରୁ ସ୍ପଷ୍ଟ ଅନୁମିତ ହୁଏ ଯେ, ଗାଳ୍ପିକ ନିଜ ଗଳ୍ପଗୁଡିକରେ ସାମ୍ପ୍ରତିକ ସମାଜରେ ଚଳପ୍ରଚଳ କରୁଥିବା ଚରିତ୍ରଗୁଡିକୁ ଚୟନ କରି ସେମାନଙ୍କ ମାଧ୍ୟମରେ ସମାଜକୁ ଯେଉଁ ମହାନ ବାର୍ତ୍ତା ଦେଇଛନ୍ତି ତାହା ଧେୟ ଓ ଶିକ୍ଷଣୀୟ। ଗଳ୍ପରେ ସେ କୌଣସି ଶ୍ରେଣୀର ଚରିତ୍ରକୁ ଉପେକ୍ଷା କରିନାହାନ୍ତି। ଏହା ତାଙ୍କ ରଚନାର ଅନ୍ୟ ଏକ ବୈଶିଷ୍ଟ୍ୟ। ଏଥିପାଇଁ ଗାଳ୍ପିକଙ୍କ ଗଳ୍ପ ପଠନରୁ ପାଠକ ବିଶ୍ୱର ସମଗ୍ର ଚରିତ୍ରର ବାସ୍ତବ ଅନୁଶୀଳନ କରିପାରେ ଏହା ତାଙ୍କ ଗଳ୍ପର ସ୍ୱାତନ୍ତ୍ର୍ୟତା। ଚରିତ୍ରଗୁଡ଼ିକୁ ପ୍ରକାଶ କରିବାରେ ସେ ଯେଉଁ ଶବ୍ଦ ଗୁଡିକର ସଂଯୋଜନା କରିଛନ୍ତି ତାହା ଯେପରି ହୃଦୟସ୍ପର୍ଶୀ ସେହିପରି ସମ୍ପୃକ୍ତ ଚରିତ୍ରର ଏକ ବାସ୍ତବ ଚିତ୍ର ପାଠକ ମନରେ ଚିତ୍ରିତ ହୋଇଯାଏ। ତେଣୁ ଗାଳ୍ପିକ ମଣିଷ ଜୀବନର ବିଭିନ୍ନ ଦିଗକୁ ଦୃଷ୍ଟି ନିକ୍ଷେପ କରି ପ୍ରୟାସ କରିଛନ୍ତି ଯେ ଅନ୍ୟକୁ ସେବା ସହାନୁଭୂତି ଓ ସାହାଯ୍ୟ ପ୍ରଦର୍ଶନ କରିବାରେ ମଣିଷର ମାନବିକତା ଜୀବନର ମୂଲ୍ୟବୋଧ ବିକଶିତ ହୋଇଥାଏ।

Albert schwirfzer. ଙ୍କ ଭାଷାରେ- "The purpose of human life is to serve and to show compassion and the wish to help others.

❖❖❖

# ଓଡ଼ିଆ ଦୀର୍ଘ କବିତା ପରମ୍ପରାରେ ଶରତ ଚନ୍ଦ୍ର ପ୍ରଧାନଙ୍କ ଯଯାତି: ଏକ ବିଶ୍ଳେଷଣ



ISSN-2583-6978
Volume-3
Issue-8
AUGUST-2023

**ସୁମିତା ସାହୁ**

**ଅଧ୍ୟାପିକା, ଓଡ଼ିଆ ବିଭାଗ**
**ମୋହନ ସୁବୁଦ୍ଧି ମହାବିଦ୍ୟାଳୟ, ବଡ଼ମ୍ବା, କଟକ**

କବିତାର ବହୁବିଧ ରୂପ ମଧ୍ୟରେ ଦୀର୍ଘ କବିତା ଅନ୍ୟତମ। କେବଳ କେବଳ ଆକାରରେ ଦୀର୍ଘତା ହୋଇଥିବା ହେତୁ କବିତାକୁ ଦୀର୍ଘ କବିତାରମାନ୍ୟତା ଦିଆଯାଇନପାରେ। ଶିଳ୍ପ,ସୌନ୍ଦର୍ଯ୍ୟ ଦୃଷ୍ଟିରୁ କବିତା ସଂସାରରେ ଦୀର୍ଘ କବିତା ସ୍ୱତନ୍ତ୍ରଓ ସ୍ୱୟଂସମ୍ପୂର୍ଣ୍ଣ। ପାରମ୍ପରିକ କାବ୍ୟରୂପ ପରି ଏହା ବିପୁଳାୟତନ ନୁହେଁ ସତ୍ୟ କିନ୍ତୁ ଗୀତିକବିତା ପରି ସଂକ୍ଷିପ୍ତ ମଧ୍ୟ ନୁହେଁ। କୌଣସି ଏକ ଇମେଜ ବା ଆର୍କିଟାଇପକୁ ମୂଳ କରି କବିଙ୍କ ବ୍ୟକ୍ତିଗତ ଅନୁଭୂତି, ଅନୁଚିନ୍ତା ଓ ଆବେଗ ଦୀର୍ଘକବିତାରେ ପରିସ୍ଫୁଟିତ ହୋଇଥାଏ। ଦୀର୍ଘକବିତା ସଂପର୍କରେ କୁହାଯାଇଛି- ଇମେଜ,ପ୍ରତୀକ, ମିଥ୍ ବା ଆର୍କଟାଇପ ମାଧ୍ୟମରେ ଦୀର୍ଘ କବିତାର କବି ଆପଣା ମନର ଭାବଗତ ବିଶୃଙ୍ଖଳା ମଧ୍ୟରେ ଏକତାର ସେତୁ ବନ୍ଧ ନିର୍ମାଣ କରିଥାନ୍ତି। ଏଗୁଡିକ ମାନବ ସମାଜର ଆଦିମ ଅବଚେତନରୁ ସଂଗୃହୀତ ହୋଇପାରେ, କିମ୍ବା ଅତୀତ, ପ୍ରକୃତି ବା କୌଣସି ସାର୍ବଜନୀନ ସତ୍ତାରୁ ମଧ୍ୟ ଗ୍ରହଣ କରାଯାଇପାରେ। ତାହାରି ଆଧାରରେ କବି ଆପଣା ମନର ପ୍ରତିକ୍ରିୟାକୁ ରୂପ ଦେଇଛନ୍ତି, ତାହାକ୍ରମେ ଅଗ୍ରଗତି କରି ନିର୍ଦ୍ଦିଷ୍ଟ ବକ୍ତବ୍ୟରେ ପରିଣତ ହୁଏ। ଏହି କାବ୍ୟ ଶୈଳୀରେ ବୌଦ୍ଧିକତା, ବ୍ୟଞ୍ଜନା,ରୂପକ କିମ୍ବା ବାକ୍‌ରୀତି ଓ ମୌଖିକ ରୀତିର ସମନ୍ୱୟ ଘଟିଥାଏ। ଦୀର୍ଘକବିତାର ସଫଳତା ଅତ୍ୟନ୍ତ ନିବିଡ଼ ଓ ଶୃଙ୍ଖଳାବଦ୍ଧ ଭାବାବେଗ ଏବଂ କାବ୍ୟ ରୂପ ପ୍ରଭୃତି ଉପରେ ସଂଯମର ଅପେକ୍ଷା ରଖେ। (୧) ମହାପାତ୍ର ସୀତାକାନ୍ତ, ଅଭିମତ, ଉଦ୍ଧରଣ କମଳାକାନ୍ତ ଲେଙ୍କା)

ପରମ୍ପରାସମୟର ପ୍ରବହମାନ ଧାରା ନୁହେଁ। କାଳସ୍ରୋତରେ ଏହା ଗଢି ଉଠେ ଓ ପରିବର୍ତ୍ତିତହୁଏ। ପରମ୍ପରାକୁ ଆମେ କେତେବେଳେ ସମୟ ଦୃଷ୍ଟିରୁ ତ୍ୟାଗ କରିଥାଉ ତ ପୁଣି କେତେବେଳେ ଗ୍ରହଣ କରିଥାଉ। ଓଡ଼ିଆ ଦୀର୍ଘକବିତା ରଚନାର ପରମ୍ପରା ଅତି ବ୍ୟାପକ। ଏ ପରମ୍ପରାର ସୂର୍ଯ୍ୟୋଦୟ ଦିନେ ହୁଏତ ଗଢି ଉଠିଥିଲା ଓଡ଼ିଆ ସାହତ୍ୟରେ କିନ୍ତୁ ପରବର୍ତ୍ତୀ କାଳରେ ଏହି କାବ୍ୟଟି ପାଶ୍ଚାତ୍ୟ ସାହିତ୍ୟର ସଂସ୍ପର୍ଶରେ ଆସି ଓଡ଼ିଆ ସାହିତ୍ୟରେ ଶୈଳୀଗତ, ରୂପଗତ ଓ ଭାବଗତ ପରିବର୍ତ୍ତନ ସଂଘଟିତ ହୋଇଥିଲା। ଆଧୁନିକ ଦୀର୍ଘକବିତା, ହେଉଛି ଆଧୁନିକ ଚିନ୍ତାର ବାହକ, ଜଟିଳ ମାନସିକତାର ପ୍ରତୀକାତ୍ମକ ଅଭିଲିପି, କବିଙ୍କ ପ୍ରଜ୍ଞାଚକ୍ଷୁର ପ୍ରତିବିମ୍ବ ଓ କବିର ହୃଦୟ ସମ୍ବେଦୀ ଅନୁଭବର ମୁକ୍ତ ଉଚ୍ଚାରଣ। ଆଧୁନିକ ଓଡ଼ିଆ ଦୀର୍ଘକବିତାର ଏକ ସୁସଂହତ ନିରବଚ୍ଛିନ୍ନ ଧାରା କବିବର ରାଧାନାଥ ରାୟଙ୍କ ଠାରୁ ଆରମ୍ଭ ହୋଇଥିଲେ ହେଁ ସଂପ୍ରତି ଏହା ବହୁ ପରୀକ୍ଷା ନିରୀକ୍ଷାର କଷଟି ପଥରରେ ପରୀକ୍ଷିତ ହୋଇ ଏକ ସ୍ୱତନ୍ତ୍ର ବର୍ଣ୍ଣବିଭାରେ ବିକଶିତ ହୋଇପାରିଛି। ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ଓଡ଼ିଆ ଦୀର୍ଘକବିତା ରଚନାରେ

ଲେଖନୀ ଚାଳନା କରିଥିବା କବିମାନେ ହେଲେ ରାଧାନାଥ ରାୟ, ମଧୁସୂଦନ ରାଓ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସ, ଦୀନକୃଷ୍ଣ ଦାସ, ବୈକୁଣ୍ଠନାଥ ପଟ୍ଟନାୟକ ଇତ୍ୟାଦି କବିମାନେ । ରାଧାନାଥଙ୍କ ସମୟରୁ ଓଡ଼ିଆ ଦୀର୍ଘକବିତା ପାଶ୍ଚାତ୍ୟ ଚେତନା ଦ୍ୱାରା ଅନୁପ୍ରାଣୀତ ହୋଇ ଯେଉଁ ନୂତନ ଧାରା ସୃଷ୍ଟି କରିଥିଲା ତାହା ପ୍ରାୟତଃ ସ୍ୱାଧୀନତା ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା । କିନ୍ତୁ ଏହି ଧାରାରେ ସର୍ବପ୍ରଥମ ପରିବର୍ତ୍ତନ ଆଣିଥିଲେ କବି ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ, ତାଙ୍କ ଦ୍ୱାରା ରଚିତ ଦୀର୍ଘକବିତା ହେଉଛି ବାଜିରାଉତ, ଭାନୁମତୀର ଦେଶ । ତାଙ୍କ ସମୟରେ ରଚିତ କବିତାରେ ଆତ୍ମିକ ଓ ଆଙ୍ଗିକ ଉଭୟରେ ପରିବର୍ତ୍ତନ ଦେଖିବାକୁ ମିଳିଥିଲା । ପ୍ରଗତିବାଦୀ କବିତାରେ ନୂତନ ଶବ୍ଦ, ଛନ୍ଦ ସଂଯୋଜନା, ଚିତ୍ରକଳ୍ପ ପ୍ରୟୋଗ କ୍ଷେତ୍ରରେ ଆଧୁନିକତାର ପ୍ରାଥମିକ ଆଭାସ ପରିଦୃଷ୍ଟ ହୁଏ ।

ଓଡ଼ିଆ ଦୀର୍ଘ କବିତାର ପରମ୍ପରାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ୧୯୬୦-୭୦ ଦଶକ ବେଳକୁ ଓଡ଼ିଆ ଦୀର୍ଘ କବିତା କ୍ଷେତ୍ରରେ ବହୁ ପରିବର୍ତ୍ତନ ଆସିଛି । ଏହି ସମୟରେ ରଚିତ କବିତା ପାଶ୍ଚାତ୍ୟ କବି ଟିଏସ୍ ଇଲିଅଟଙ୍କ ଦ୍ୱାରା ପ୍ରଭାବିତ ହୋଇ କାବ୍ୟର ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ ଯେଉଁ ପରୀକ୍ଷା ନିରୀକ୍ଷାର ସମ୍ମୁଖୀନ ହୋଇଛି ତଦ୍ଦ୍ୱାରା ଏକ ନୂତନ ଧାରା ଓଡ଼ିଆ କବିତା ମଧ୍ୟରେ ନିଜର ଭିତ୍ତି ସ୍ଥାପନ କରିପାରିଛି । ଏହି ଦାୟାଦରେ ରଚିତ ସାର୍ଥକ ଆଧୁନିକ ଓଡ଼ିଆ ଦୀର୍ଘ କବିତା ହେଉଛି କବି ଗୁରୁପ୍ରସାଦ ମହାନ୍ତିଙ୍କ କାଳପୁରୁଷ (୧୯୬୦), ଓଡ଼ିଆ ଦୀର୍ଘକବିତା ରାଜ୍ୟରେ ଏହା ଏକ ସ୍ୱତନ୍ତ୍ର ମାଇଲଖୁଣ୍ଟ । ଓଡ଼ିଆ ଦୀର୍ଘକବିତା କ୍ଷେତ୍ରରେ କାଳପୁରୁଷ ଠାରୁ ହିଁ ସୃଷ୍ଟି ହୁଏ ପରୀକ୍ଷାଧର୍ମୀ ଦୀର୍ଘ କବିତାର ଅୟମାରମ୍ଭ । ଟିଏସ୍ ଇଲିଅଟଙ୍କ 'ଦି ୱେଷ୍ଟଲ୍ୟାଣ୍ଡ'ରା ଛାୟାରେ ଏହା ରଚିତ ହୋଇଥିଲେ ହେଁ ସ୍ଥାନୀୟ ପଟ୍ଟଭୂମିରେ ଏହା ବେଶ୍ ପ୍ରଭାବଶାଳୀ ହେବା ସହ ଏହାର ଗୀତିମୟ ଆବେଦନ ବେଶ ହୃଦୟସ୍ପର୍ଶୀ ହୋଇପାରିଛି । ସେହିପରି ଉତ୍ତର ଷାଠିଏ ସତୁରୀ ପରେ ଅନେକ ଦୀର୍ଘକବିତା ରଚିତ ହୋଇଛି ଯଥା: ରମାକାନ୍ତ ରଥଙ୍କ 'ବାଘଶିକାର', 'ଶ୍ରୀରାଧା' (୧୯୮୫), 'ଶ୍ରୀପଳାତକ' (୧୯୯୬) ସୀତାକାନ୍ତ ମହାପାତ୍ରଙ୍କ 'ମୃତ୍ୟୁନାଚ', 'ସ୍ତନଂଧୟର ଉପକଥା', 'ମାଟି ଓ ମଣିଷ', 'ତ୍ରିଶଙ୍କୁର ମଧ୍ୟସ୍ୱର୍ଗ', 'ମରୁପଥର ଆତ୍ମଲିପି', 'ସୋଲେନ', 'ରକ୍ତନଦୀ ସନ୍ତରଣପରେ', କମଳାକାନ୍ତ ଲେଙ୍କାଙ୍କ 'ଉତ୍ତରଣ' (୧୯୬୬), ହରିହର ମିଶ୍ରଙ୍କ 'ଶଙ୍ଖନାଭି', ରାଜେନ୍ଦ୍ର କିଶୋର ପଣ୍ଡାଙ୍କର 'ଅନବତାର', ଦୀପକ ମିଶ୍ରଙ୍କ 'ଡାକବଙ୍ଗଳା' ସୌଭାଗ୍ୟ ମିଶ୍ରଙ୍କ 'ପଳାତକ', 'ଗେଣ୍ଡା', 'ହୃଦୟେଶ୍ୱରୀ', ଶରତ ଚନ୍ଦ୍ର ପ୍ରଧାନଙ୍କ 'ଜରତା', 'ବୃକୋଦର', 'ଯଯାତି', 'ବତ୍ରିଶସିଂହାସନ' ପରି ବହୁ ଦୀର୍ଘ କବିତା ରଚିତ ହୋଇଛି ।

ସ୍ୱକାବ୍ୟ ଯାତ୍ରାରେ ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱ ଶରତ ଋତୁ ଅତିକ୍ରମ କରିଥିବା ଶରତ ଚନ୍ଦ୍ର ଓଡ଼ିଆ କବିତା ପରିମଣ୍ଡଳରେ ଏକ ବହୁ ଚର୍ଚ୍ଚିତ ସ୍ୱର । କବିତା ସର୍ଜନା ଓ ସାହିତ୍ୟ ସାଧନାରେ ତମାମ ଜୀବନ ବିତାଇଥିବା ଏଇ କବିଙ୍କ ସରସ କବିତା ପଣରେ ଏକ ନିଦା ଭାରତୀୟ ଓ ନିଛକ ଓଡ଼ିଆତ୍ୱ ପରିଲକ୍ଷିତ ହୁଏ । ରାଉତରାୟ-ଗୁରୁପ୍ରସାଦ, ରମାକାନ୍ତ, ସୀତାକାନ୍ତ ପ୍ରମୁଖ କବିମାନଙ୍କର କାବ୍ୟସାରଣୀର କାବ୍ୟ ଜିଜ୍ଞାସା ଓ କାବ୍ୟ ଶୈଳୀରୁ ସଂପୂର୍ଣ୍ଣ ଅଲଗା ରହି ଲୋକ କବିତାର ଆଙ୍ଗିକକୁ ନିଜସ୍ୱ କରି ଏକ ସାବଲୀଳ ଶୈଳୀ ମାଧ୍ୟମରେ ଆଧୁନିକ ଜଟିଳ ଜୀବନ ଜିଜ୍ଞାସାକୁ ପରମ୍ପରା ଓ ପ୍ରାଚୀନତାର ପୃଷ୍ଠଭୂମିରେ ବିଚାର କରି ଶ୍ରୀ ପ୍ରଧାନ ସ୍ୱତନ୍ତ୍ର କାବ୍ୟ ଚେତନା ସୃଷ୍ଟି କରିବାକୁ ସମର୍ଥ ହୋଇଛନ୍ତି । 'ଆଧୁନିକ କବିତାର ସକଳ ବିରୋଧ ସତ୍ତ୍ୱେ ଶ୍ରୀ ପ୍ରଧାନ କୁହନ୍ତି ଆଧୁନିକ ଓଡ଼ିଆ କବିତା ସଂପ୍ରତି ରସୋତ୍ତୀର୍ଣ୍ଣ, ପଛରେ ତାର ଆଲୋଚନା ଓ ପ୍ରତିଆଲୋଚନାରେ କେତେ ପାହାଚ, ପୁଣି ଏହା ଦୁର୍ବୋଧ୍ୟ, ଛନ୍ଦହୀନ ଓ ପରମ୍ପରାଚ୍ୟୁତ' ଏମିତି କେତେ ଟିପ୍ପଣୀ । ତଥାପି କବିତାର ଜୟଯାତ୍ରା ଆମର ଦୃଷ୍ଟି ଆକର୍ଷଣ କରେ । ଅଧୁନାତନ ମନୁଷ୍ୟର ପ୍ରଜ୍ଞାଦୀପ୍ତ ମନ ଓ ମନନକୁ ନେଇ ଏହା ବିକାଶିତ; ତହିଁରେ ନାନା ପରୀକ୍ଷା ଚାଲିଛି । ବେଳେବେଳେ ଏହା ବୌଦ୍ଧିକତା ଦ୍ୱାରା ସମୃଦ୍ଧ, ପୁଣି ବେଳେ ବେଳେ ଯୁଗଯନ୍ତ୍ରଣା ଓ ଆତ୍ମ ଜିଜ୍ଞାସାରେ ମେଦୁରିତ । ଏବେ ପୁଣି କାବ୍ୟ ଚେତନାକୁ ଋଜୁ ଓ ଶାଣିତ ହେବାକୁ ଆରମ୍ଭ କଲାଣି । ଲୋକକଥା ନାନା ବାୟାଗୀତ ଓ ପୁରାଣର କେତେ ହଜିଲା ଚିତ୍ରକଳ୍ପ କବିତାରେ ନୂଆ ଦାନା ବାନ୍ଧିଲାଣି । ସେଗୁଡିକ ମଧ୍ୟ ଆଧୁନିକ କାବ୍ୟ ଚେତନାର ମାଧ୍ୟମ । ବସ୍ତୁତ ଅଧୁନା କାବ୍ୟ ଜଗତ ବିଚିତ୍ର ଓ

ଅନୁପମ ସମଭାରରେ ଭରା ।

(ଭୂମିକା : ନଈ, ଆଉ ମାଛ ହଂସ ଓ ସାରସ : ଶରତ ଚନ୍ଦ୍ର ପ୍ରଧାନ)

ଶରତ ଚନ୍ଦ୍ର ପ୍ରଧାନଙ୍କ ଦୀର୍ଘ କବିତାର ବିଶେଷତ୍ୱ ହେଉଛି ଛୋଟ ଛୋଟ ଧାଡ଼ିରେ ବା ଖଣ୍ଡ ବାକ୍ୟରେ ସେ ନିଜକୁ ବ୍ୟକ୍ତ କଲାବେଳେ କୌଣସି ଧାଡ଼ି ଅପୂର୍ଣ୍ଣ ମନେହୁଏ ନାହିଁ । କବିତା ଶେଷରେ ସେଇ ଧାଡ଼ିଗୁଡ଼ିକ, ଖଣ୍ଡବାକ୍ୟ ଗୁଡ଼ିକ ଗୋଟିଏ ବକ୍ତବ୍ୟର ଆବିଭାଜ୍ୟ ଅଂଶ ମନେହୁଅନ୍ତି । ଏହାର ଏକ ଉଦାହରଣ ହେଉଛି:

ଏ ନିଆଁର ଶେଷ କାହିଁ, ଏ ନିଆଁର ଆଦି ଅବା କାହିଁ ?

ମୋ ମନରେ ଜଳେ ନିଆଁ, ମୁଁ ବି ଏକ ବୈତରଣୀ ନଈ ।(୩)

(ଯଯାତି, ଶରତ ଚନ୍ଦ୍ର ପ୍ରଧାନ)

ଭାନୁଜୀଙ୍କ ପରି ଛୋଟ ଛୋଟ ପରିବେଶରେ ଛୋଟ ଛୋଟ ଚିତ୍ର ତିଆରି କରିବାରେ ସେ ବେଶ୍ ଦକ୍ଷ । ବିଶେଷ କରି ଜାତିର ମୂଳ ଉତ୍ସକୁ ଯାଇଁ ସୀତାକାନ୍ତ ଯେପରି ବାରମ୍ବାର ଭାଷା ଓ ଅନୁଭୂତିକୁ ଶୁଦ୍ଧ କରିବା ପାଇଁ ଚେଷ୍ଟା କରିଛନ୍ତି, ଶରତ ଚନ୍ଦ୍ରଙ୍କ କବିତାରେ ସେହି ଚେଷ୍ଟା ଲକ୍ଷଣୀୟ । ଶରତ ଚନ୍ଦ୍ରଙ୍କର କବିତାର ଆଉ ଗୋଟିଏ ବୈଶିଷ୍ଟ୍ୟ ହେଉଛି ଆମ ଭାଷାର ଏକଦା ପ୍ରଚଳିତ କିନ୍ତୁ ପରବର୍ତ୍ତୀ କାଳରେ ଏଡେଇ ଦିଆଯାଇଥିବା ଶବ୍ଦଙ୍କ ପ୍ରୟୋଗ । ଏହାର ଉଦାହରଣ ହେଉଛି: ଯେବଣ, କଳାଘୁମର, କନକନ ଆଖି, ଭରଣ ଭରଣ, ପହୁଡ଼ ଭାଙ୍ଗିଲେ ଇତ୍ୟାଦି ଅନେକ ଶବ୍ଦ । କବି ନିଜସ୍ୱ କାବ୍ୟ ଶୈଳୀ ସଂପର୍କରେ କୁହନ୍ତି: ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ଟିକିଟିକି ପଂକ୍ତିରେ ମନର ଭାବ ପ୍ରକାଶ କରିବାରେ ମୁଁ ପ୍ରଚେଷ୍ଟା କରିଛି । ବିଶେଷତଃ ଏଇ ପ୍ରଚେଷ୍ଟା ମୂଳରେ ଲୋକଛନ୍ଦ, ଲୋକଗୀତ, ଲୋକବାଣୀ ମତେ ସହାୟତା କରିଛି । ମୋର ବାଲ୍ୟ ଯୌବନର ଅଧିକାଂଶ ସମୟ ଗାଁ ଗହଳି ଏବଂ ଛୋଟ ଗ୍ରାମୀଣ ସହରରେ କଟିଛି । ବସ୍ତୁତଃ ସେଇ ଲୋକ ଭାଷଣ ଏବଂ ଲୋକଛନ୍ଦକୁ କାବ୍ୟାୟିତ କରିବାର ପରୀକ୍ଷାଟିକୁ ମୁଁ ବରିନେଇଛି । ଏହା ମହାକାବ୍ୟିକ ଆବେଗ ପାଇପାରିବ କି ନାହିଁ ତାର ପରୀକ୍ଷା ପାଇଁ ଯଯାତି ଦୀର୍ଘକବିତା ଲେଖିଛି । ପୁଣି ବ୍ରତିଶ ସିଂହାସନ ପରି ଦୀର୍ଘ ସାଟାୟର ମଧ୍ୟ ରଚନା କରିଛି । ମୋ ବିଚାର ଗଠନ କୌଶଳ ଓ ବିନ୍ୟାସକୁ ଦେଖିଲେ ଏ କବିତା ଯେ କେବଳ ମୋର ଏହା ଯେ କେହି ପାଠକ କହିପାରିବ । (୪)

"ପାଣ୍ଡବ ଶତ୍ରୁଘ୍ନ"; ଓଡ଼ିଆ ଆଧୁନକ କବିତା ସମୀକ୍ଷଣ, ନବୋଦୟ ପ୍ରକାଶନ, କଟକ (ପୃ: ୩୨୦)

ଶରତ ଚନ୍ଦ୍ର ପ୍ରଧାନଙ୍କ ଦୀର୍ଘକବିତା ଗୁଡ଼ିକ ହେଉଛି 'ଯଯାତି' (୧୯୯୧) 'ଜରତା' (୧୯୮୪) 'ବତ୍ରିଶ ସିଂହାସନ' (୧୯୯୮), ବୃକୋଦର (୨୦୦୬) । କବିଙ୍କ ରଚିତ ସମସ୍ତ ଦୀର୍ଘକବିତା ମିଥ୍‌ଧର୍ମୀ ଏବଂ ପୌରାଣିକ ଚରିତ୍ରକୁ ନେଇ ରଚିତ । କବି ଏହି ପୌରାଣିକ ଚରିତ୍ରକୁ ନେଇ ଅଧିକାଂଶ କାବ୍ୟ କବିତା ରଚନା କରିବାର କାରଣ ଏହା ଯେ କବି ସଜ୍ଞାନ ଚିତ୍ତରେ ମିଥ୍ ଓ ଲୋକ ଉପାଦାନ କବିତାରେ ରଖିନାହାନ୍ତି । ଗାଁ ଗହଳିରେ କବିଙ୍କର ଶୈଶବ, କୈଶାର ଏପରିକି ଅଧାପକ ଜୀବନର ବହୁ ସମୟ ବିତିଛି । କବିଙ୍କ ଜୀବନ ସହ ଲୋକ ସଂସ୍କୃତି ଗୁନ୍ଥା ମିଥ୍ ହେଉଛି କବିଙ୍କ ଜୀବନର ଅନ୍ତରୀଣ ସୂତ୍ର । ଆଜିର ଜୀବନ ଓ ଯନ୍ତ୍ରଣାର ଫଳପ୍ରଦ ରୂପାୟନରେ ଏହାର ଭୂମିକା ଅନସ୍ୱୀକାର୍ଯ୍ୟ । ଏଣୁ କବିଙ୍କ କବିତାରେ ବେଦ, ବେଦାନ୍ତ, ରାମାୟଣ, ମହାଭାରତ, ଓ ଭାଗବତରୁ ଆରମ୍ଭ କରି ଲୋକ ମିଥ୍‌ମାନେ କାବ୍ୟିକ ସୂତ୍ରରେ ଗୁନ୍ଥା ହୋଇଯାଇଛି । ତାଙ୍କ ରଚିତ 'ଜରତା' ଦୀର୍ଘ କବିତାଟି କବିଙ୍କ ତୃତୀୟ କବିତା ସଂକଳନ ଅସ୍ଥିର ପାଦର କବିତା ଅଟେ । ଏହି ମିଥ୍‌ଧର୍ମୀ ଦୀର୍ଘ କବିତାଟି ପୁରାଣ କାହାଣୀ ଋଷ୍ୟଶୃଙ୍ଗ ଉପାଖ୍ୟାନ ଉପରେ ଆଧାରିତ କବିତା ଏଥିରେ ଉଲ୍ଲେଖ କରିଛନ୍ତିଯେ, ଜରତା ଆଜି ଋଷ୍ୟଶୃଙ୍ଗଙ୍କୁ ଆକୃଷ୍ଟ କରିବାରେ ଅସମର୍ଥ । ଆଧୁନିକ ଜୀବନ ଆଜି ବିପର୍ଯ୍ୟସ୍ତ ସବୁ ଯେପରି ଜଙ୍କ୍ ଲାଗିଥିବା ନିଷିଦ୍ଧ ଶୟକ । ଆଧୁନିକ ମଣିରେ ଜ୍ୱଳନ ସହ ସେଥିରୁ ମୁକ୍ତି ପାଇଁ ଜରତାର ଆକୁଳ ପ୍ରାର୍ଥନାର ସ୍ୱର ମର୍ମରିତ ହୋଇଛି । 'ବତ୍ରିଶ ସିଂହାସନ' ଦୀର୍ଘ କବିତାଟି କବିଙ୍କର ଷଷ୍ଠ କବିତା ସଂକଳନ । ଏହା ଏକ ବ୍ୟଙ୍ଗ କାବ୍ୟ । ଶ୍ରୀ ପ୍ରଧାନ ସମକାଳୀନ ସମାଜର ଦୋଷଦୁର୍ବଳତା ଓ ଜୀବନ ଭଂଗୀକୁ ଉଖାରି ଦେଖେଇବାକୁ ଏହି ଚାଳିଶି ଗୋଟି କବିତା ମାଳାର ପରିକଳ୍ପନା କରିଛନ୍ତି । ଏହି କାବ୍ୟଟିରେ

ସାଂପ୍ରତିକ ସମାଜ, ଜନଜୀବନ ଓ ରାଜନୀତି ପାଇଁ ଅପୂର୍ବ ସନ୍ଦେଶମାନ ଲିପିବଦ୍ଧ ହୋଇରହିଛି; ଯାହାକୁ ମିଥ୍‌ଗର୍ଭିତ ପ୍ରାସଙ୍ଗିକତା ବୋଲି କୁହାଯିବ। ମନୁଷ୍ୟର ସଂଘର୍ଷମୟ ଜୀବନର ଚିତ୍ରକୁ ରୂପଦେବାକୁ ଯାଇ ମହାଭାରତୀୟ ଭୀମ ଚରିତ୍ରକୁ ଆଧାର କରି ରଚିତ ଦୀର୍ଘ କବିତାଟି ହେଉଛି ବୃକୋଦର। ପାଣ୍ଡବ ମାନଙ୍କର ସ୍ୱର୍ଗାରୋହଣ ଯାତ୍ରା ସମୟରେ ଭୀମ କିପରି ଅନିଚ୍ଛୁକ ହୋଇଛନ୍ତି ଏ ମର୍ତ୍ତ୍ୟ ଭୂମିକୁ ଛାଡିଯିବାକୁ ତାହା ଏହି କାବ୍ୟର ବିଷୟବସ୍ତୁ। ଆଗରେ ସ୍ୱର୍ଗ ପ୍ରାପ୍ତି ଲକ୍ଷ୍ୟ ଓ ପଛକୁ ଚାହିଁଲେ ନର୍କଗାମୀ ହେବାର ଭୟ ଏ ଉଭୟଟି ମଧ୍ୟରୁ କବିଙ୍କ ବୃକୋଦର ପଛକୁ ଲେଉଟି ମଣିଷଟିଏ ଦେଖିବାରେ ପ୍ରଲୋଭିତ। ସ୍ୱର୍ଗପ୍ରାପ୍ତି ତା' ପାଇଁ କାମ୍ୟ ନୁହେଁ ବରଂ ମଣିଷ ଭୂମି ମର୍ତ୍ତ୍ୟ ତାର ଇପ୍‌ସିତ ସ୍ଥାନ। ସମକାଳୀନ ମଣିଷର ମନସ୍ଥିତି, ହୃଦୟର ଆବେଗ, ଜୀବନର ଜିଜ୍ଞାସା ବୋଧ ଓ ଜଗତ ପ୍ରତି ଅନୁରାଗପୂର୍ଣ୍ଣ ଦୃଷ୍ଟିକୋଣ ଏଥିରେ ପ୍ରତିଫଳିତ ହୋଇଛି।

'ଯଯାତି' ଦୀର୍ଘ କବିତାଟି ବ୍ୟାସଙ୍କ ମହାଭାରତର କଥାଭାଗକୁ ନେଇ ରଚିତ ହୋଇଥିଲେ ମଧ୍ୟ ଶ୍ରୀ ପ୍ରଧାନଙ୍କ ଯଯାତି କିନ୍ତୁ ମହାଭାରତର ଚରିତ୍ର ନୁହେଁ। ଏକ ନିତ୍ୟକାଳର ମଣିଷର ଚିତ୍ର ସେଥିରେ ପ୍ରତିଫଳିତ। ପଚାଶ ଗୋଟି ଭାଗରେ ବିଭକ୍ତ ଏହି ଦୀର୍ଘକବିତାର ପଟ୍ଟଭୂମିବ୍ୟାସଙ୍କ ମହାଭାରତର ଯଯାତି ଉପାଖ୍ୟାନ। ସଂସ୍କୃତ ମହାଭାରତ ଅନୁସାରେ ମହାରାଜା ନହୁଷଙ୍କ ଦ୍ୱିତୀୟ ପୁତ୍ର ହେଉଛନ୍ତି ଯଯାତି। ତାଙ୍କର ଦୁଇ ପତ୍ନୀ ଥିଲେ। ଶୁକ୍ରାଚାର୍ଯ୍ୟଙ୍କ କନ୍ୟା ଦେବଯାନୀ ଓ ବୃଷପର୍ବଙ୍କ କନ୍ୟା ଶର୍ମିଷ୍ଠା। ଦେବଯାନୀଙ୍କ ଦୁଇପୁତ୍ର ଯଥା ଯଦୁ ଓ ତୁର୍ବସୁ ଓ ଶର୍ମିଷ୍ଠାଙ୍କର ଦ୍ରୁହ୍ୟ, ଅନୁ ଓ ପୁରୁ। ଯଯାତି ବହୁବର୍ଷ ରାଜସ୍ୱ କରି ଶେଷରେ ଶୁକ୍ରାଚାର୍ଯ୍ୟଙ୍କ ଦ୍ୱାରା ଅଭିଶପ୍ତ ହୋଇ ଜରାଗ୍ରସ୍ତ ହେଲେ। ସେ ପୁତ୍ରମାନଙ୍କୁ ଆହ୍ୱାନ କରି କହିଲେ ହେ ପୁତ୍ରଗଣ ! ଆମ୍ଭେ ଯୁବା ହୋଇ ଯୁବତୀଗଣଙ୍କ ସହିତ ଯଥା ଅଭିଳଷିତ କାମୋପଭୋଗ କରିବାକୁ ଇଚ୍ଛା କରୁଅଛୁ। ତୁମ୍ଭେମାନେ ଆମର ସହାୟ ହୁଅ। ଯଯାତିଙ୍କ ଆହ୍ୱାନକୁ ଅନ୍ୟ ପୁତ୍ରମାନେ ପ୍ରତ୍ୟାଖ୍ୟାନ କଲେ। ଶେଷରେ ଶର୍ମିଷ୍ଠାଙ୍କ ସାନପୁଅ ପୁରୁଠାରୁ ଯୌବନ ପ୍ରାପ୍ତ ହୋଇ ସହସ୍ର ବର୍ଷ କାମୋପଭୋଗ କଲେ। ଶ୍ରୀ ପ୍ରଧାନ ଯଯାତି ଚେତନାର ଏହି ଦେହବାଦୀ ଅନୁଭବର କଥାକୁ କବିତାର ବିଷୟବସ୍ତୁ ରୂପେ ଗ୍ରହଣ କରିଛନ୍ତି। କିନ୍ତୁ ଏହି ଯଯାତିଙ୍କ ଅନୁଭବ କେବଳ ପୁରାଣର ଅନୁଭବ ନୁହେଁ। ଏହା ସର୍ବକାଳୀନ ମଣିଷର ଅନୁଭବ। ସେ ସର୍ବକାଳିକ ମାନବୀୟ ଯୌନ ବୁଭୁକ୍ଷାର ପ୍ରତୀକ। ଏହି କାବ୍ୟ ସହିତ କବି ପ୍ରଧାନ ଫ୍ରଏଡଙ୍କ ଓଡିପସ୍ ମିଥ୍‌ଟିକୁ ସମୀଭୂତ କରିଅଛନ୍ତି ଯିଏ ନିଜ ପିତା ଲାୟସକୁ ହତ୍ୟା କରି ନିଜ ମାତା ଜୋକାଷ୍ଟାଙ୍କୁ ବିବାହ କରିଥିଲେ। ଯୌନ ପ୍ରବୃତ୍ତି ମଣିଷର ଆଦିମ ପ୍ରବୃତ୍ତି ମନୁଷ୍ୟର ଚାରିଗୋଟି ମୌଳିକ ପ୍ରବୃତ୍ତି ଆହାର, ନିଦ୍ରା, ମୈଥୁନ, ଓ ଭୟ ମଧ୍ୟରୁ ଏହା ଅନ୍ୟତମ। ଯଯାତିଙ୍କର ନିଜ ପୁତ୍ରମାନଙ୍କଠାରେ ଜରାବସ୍ଥାକୁ ସଂକ୍ରମଣ କରିବାର ମାନସିକତାକୁ ହେଉଛି ଆଧୁନିକ ମନୁଷ୍ୟର ଯୌନବିକଳ୍ପ ମାନସିକତା। ଆଧୁନିକ ମନୁଷ୍ୟ ସବୁବେଳେ ଚିର ଯୌବନ ହୋଇ ବଂଚି ରହିବାକୁ ଚାହେଁ। ସେ ଅକାଳ ବାର୍ଦ୍ଧକ୍ୟ ବରଣ କରିବାକୁ ଚାହେଁ ନାହିଁ। ଜୀବନରେ ଯୌବନ ଓ ସ୍ୱପ୍ନ ତାର ଧ୍ୟେୟ। ଯଯାତି କଥାବସ୍ତୁକୁ ନେଇ ବହୁ ସାହିତ୍ୟରେ ବହୁ ଉପନ୍ୟାସ, କାବ୍ୟ, କବିତା ସୃଷ୍ଟି ହୋଇଛି। ମରାଠୀ ଔପନ୍ୟାସିକ ଖାଣ୍ଡେକରଙ୍କର 'ଯଯାତି' ଉପନ୍ୟାସ ରଚନା କରିଛନ୍ତି।

ନିଆଁକୁ ସେକ୍ସର ପ୍ରତୀକ ଭାବରେ ନେଇ ମନୁଷ୍ୟର ଅତୃପ୍ତ ଯୌନାକାଂକ୍ଷାକୁ ଦର୍ଶାଇବାକୁ ଯାଇ କବି ଲେଖିଛନ୍ତି:

ମୁଁ ଜଳୁଛି ଜ୍ୱଳନରେ ଯୁଗ ଯୁଗ ଧରି
ପିଠିରେ ନିଆଁର ବୋଝ, ଅସ୍ଥିରେ ମୋ ନିଆଁର ବୁବୁଜି(୫)
(ଯଯାତି, ଶରତ ଚନ୍ଦ୍ର ପ୍ରଧାନ ପୃ: (୩୨୦)

ସର୍ବତ୍ର ଯୌନ ଚେତନାର ଚିରନ୍ତନ ଲୀଳା। ସର୍ବତ୍ର ଯୌନବୁଭୁକ୍ଷା। କାମ ଓ କାମନାର ବହ୍ନି ନିଆଁର ଅହେତୁକ ଡାକ। ଏ ଜ୍ୱଳନ କାବ୍ୟ ପୁରୁଷର ନୁହେଁ, ଆଧୁନିକ କାଳର ପ୍ରତ୍ୟେକ ମନୁଷ୍ୟର କବି ଶ୍ରୀ ପ୍ରଧାନ ସୌନ୍ଦର୍ଯ୍ୟମୟୀ ନାରୀକୁ ଫୁଲର ପ୍ରତୀକ ଭାବରେ ନେଇ ବ୍ୟକ୍ତ କରିଛନ୍ତି ଯଯାତିର ମନ ବଗିଚାରେ ଦେବଯାନୀ ଓ ଶର୍ମିଷ୍ଠା ପରି ଅନେକ ଫୁଲର ସମାହାର। ନାରୀର ସାମଗ୍ରିକ କୋମଳତା ଫୁଲର କୋମଳତା ଓ ସୌନ୍ଦର୍ଯ୍ୟ ଭିତରେ ପ୍ରତୀକିତ। ଫୁଲ ସହିତ ଅଗ୍ନିର ସଂପର୍କକୁ କବି ଚମତ୍କାର ଶୈଳୀରେ ବ୍ୟକ୍ତ କରିଛନ୍ତି। (ଯଥା:

"ଫୁଲରେ ନିଆଁର ବନ୍ୟା, ନିଆଁରେ ବି ଫୁଲ ଫୁଟେ

ଫୁଲ ବି ତ / ନିଆଁର ନାୟିକା” (୬)

(‘ଯଯାତି’ ଶରତ ଚନ୍ଦ୍ର ପ୍ରଧାନ) (ପୃ: ୩୪୮)

‘ଯଯାତି’ କାବ୍ୟରେ ଶୃଙ୍ଗାର ରସ ପ୍ରଧାନ ହୋଇଥିଲେ ମଧ୍ୟ ଏଥିରେ ଶୃଙ୍ଗାର ବର୍ଣ୍ଣନା ନାହିଁ ବରଂ ଚମତ୍କାର ଭାବରେ ରହିଛି ଶୃଙ୍ଗାରିକ ଲାଳସାର କାରୁଣ୍ୟ। ପୁନଶ୍ଚ ପୁତ୍ରଠାରୁ ଯୌବନ ଭିକ୍ଷା କରିବା ଠାରୁ ଆଉ ଅଧିକ କରୁଣ ଦୃଶ୍ୟ କ'ଣ ହୋଇପାରେ ? ଉଦାହରଣ:

“ବାରମ୍ବାର ମରେ ମୁହିଁ ନିଜକୁ ଦେଖିଲେ

ମୋ ଆତ୍ମାର ପ୍ରତିରୂପ। ପୁରୁ ଆସିଗଲେ” (୭)

(ପ୍ରଧାନ ଶରତ ଚନ୍ଦ୍ର ; ଯଯାତି ପୃ-୪୨୨)

ସେହିପରି ମୁଁ ବି ଏକ ହତବୀର୍ଯ୍ୟ। ମହାବଳ ବାଘ, ପ୍ରଭୃତି ପଦରେ ଯଯାତିକ ଅପୂର୍ଣ୍ଣ ଓ ଅତୃପ୍ତ ଜୀବନର କାରୁଣ୍ୟ ସ୍ପଷ୍ଟ। ସ୍ୱାମୀ ପଛେ ମରୁ, ସଉତୁଣୀ ରାଣ୍ଡ ହେଉ ନ୍ୟାୟରେ ଦେବଯାନୀ ପିତାଙ୍କର ଶରଣାପନ୍ନ ହୋଇ ସ୍ୱାମୀଙ୍କ ଅକାଳ ବୃଦ୍ଧତ୍ୱର କାରଣ ହୋଇଛି।ଅସମୟରେ ଯୌବନ ଉପଭୋଗରୁ ବଂଚିତ ହୋଇ ଯଯାତିଙ୍କ ଅନ୍ତଃ ଯୌନ ଚେତନା ପ୍ରଖର ରୂପରୁ କ୍ରମଶଃ କାରୁଣ୍ୟ ରୂପ ଧାରଣ କରିଛି। ଯୌନ କାମନାର ତୀବ୍ରତା ପାଇଁ ଏଠାରେ ଯଯାତିଙ୍କୁ ନାପସନ୍ଦ କରିବା ଘୃଣା କରିବାର କିମ୍ବା ତାସଲ୍ୟର ଅବକାଶ ନାହିଁ ବରଂ ପାଠକ ମନରେ ସହାନୁଭୂତି ସୃଷ୍ଟି ହୋଇଥାଏ ଯଯାତି ପ୍ରତି। ପାଠକ ଭାବିନିଏ, ଶୁକ୍ରାଚାର୍ଯ୍ୟ ଯଦି ଏହିଭଳି କ୍ରୂର ଅଭିଶାପ ଦେଇନଥାନ୍ତେ, ତାହାହେଲେ ଯଯାତିଙ୍କ ଏହି କାମନା ଜର୍ଜରିତ ସ୍ୱରୂପର ସୃଷ୍ଟି ହୋଇନଥାନ୍ତା।

‘ଯଯାତି’ କାବ୍ୟର ଦୈହିକ ପରିଣତି କଥା ଆଲୋଚନା କଲେ ଦେଖିବାକୁ ମିଳେ ଯେ ଏହା ବିତୃଷ୍ଣା ଭିତରେ ହିଁ ଶେଷ ହୋଇଛି। ଜୀବନ ସାରା ଯୌବନକୁ ଉପଭୋଗ କରିବା ପରେ ବି ଯଯାତିଙ୍କର ଦୈହିକ କ୍ଷୁଧା ମେଣ୍ଟିନଥିଲା। ଶେଷରେ ସେ ସ୍ୱୀକାର କରିଛନ୍ତି ଯେ ଦୈହିକ ସମ୍ଭୋଗରେ ଆନନ୍ଦ ଥାଏ ସତ କିନ୍ତୁ ଏହି ତୃଷ୍ଣ ଜୀବନର ଅନନ୍ତ ତୃଷ୍ଣା। ଏହି ଚୈତନ୍ୟ ଉଦୟ ହେବାପରେ ଯଯାତି ଆଉ ଯୌବନର ଉଦ୍ଦାମତାକୁ ଶ୍ରେୟ ଦେଇନାହାନ୍ତି ଅଥବାଦୈହିକ କ୍ଷୁଧାକୁ ଚରମ ଲକ୍ଷ୍ୟ ଦେଇନାହାନ୍ତି। ପ୍ରକୃତିର ସତ୍ୟତାକୁ ସେ ସ୍ୱୀକାର କରି ଶେଷରେ ପୁତ୍ର ପୁରୁଙ୍କୁ ନିଜର ବାର୍ଦ୍ଧକ୍ୟ ଫେରାଇ ନେବା ପାଇଁ ଅନୁରୋଧ କରିଛନ୍ତି।

“ମୋତେ ଏବେ / କରିଦିଅ। ଶ୍ୟାମାୟିତ ମୁଠାଏ ପାଉଁଶ

ପୁରୁ ତୁମେ । ଆତ୍ମା ମୋର । ମୁଁ ବି ତୁମ । ଆତ୍ମଜାତ ଶିଷ୍ୟ ॥ (୮)

(ପ୍ରଧାନ ଶରତ ଚନ୍ଦ୍ର, ଯଯାତି ପୃ- ୪୨୪)

ଏହି କାବ୍ୟର ଚରିତ୍ରମାନଙ୍କର ମନୋବିଶ୍ଳେଷଣ କଲାବେଳେ ଫ୍ରୟେଡଙ୍କ ମନୋସମୀକ୍ଷା ତତ୍ତ୍ୱଟିକୁ ବିଚାର କରାଯାଇପାରେ। କବି ପ୍ରଧାନ ଭାରତୀୟ ପୃଷ୍ଠଭୂମିରୁ ଯଯାତି ମିଥ୍‌କୁ ଗ୍ରହଣ କରିଥିଲେ ମଧ୍ୟ ମଣିଷ ମନର ଯୌନାକାଂକ୍ଷା ସମ୍ପର୍କିତ ପାଶ୍ଚାତ୍ୟ ଦାର୍ଶନିକ ଫ୍ରୟେଡଙ୍କ ‘ଇଡିପସ’ ମିଥ୍‌ଟିକୁ ମଧ୍ୟ ସମୀଭୂତ କରିଛନ୍ତି। ଏହି ପର୍ଯ୍ୟାୟରେ ଯଯାତିର ମନୋବିଶ୍ଳେଷଣ କଲାବେଳେ ଯଯାତିର ଯୌନାକାଂକ୍ଷା ମରିଷର ଜନ୍ମର ଇତିହାସ ସହିତ ଜଡ଼ିତ। ଦେହୀ ମାତ୍ରକେ ସେଥିରୁ କେହି ମୁକ୍ତ ନୁହଁନ୍ତି। ଆଜି ନାରୀ ଦିତି ଓ ଅଦିତି। ଯୋଗୀର ଯୋଗପେଡି, ରାଣୀ ହଂସପୁର। କାମ୍ୟକ ବନ କେହି ଏଥିରୁ ନିବୃତ୍ତି ପାଇ ନାହାନ୍ତି। ସର୍ବତ୍ର ଯୌନ ଚେତନାର ଚିରନ୍ତନ ଲୀଳା କାବ୍ୟପୁରୁଷ ସେଥିରୁ ମୁକ୍ତ ହୁଅନ୍ତା କିପରି ? ସମଗ୍ର କାବ୍ୟଟି ଫ୍ଲାସବ୍ୟାକ୍ ଶୈଳୀରେ ରଚିତ ହୋଇଥିବାରୁ ଯଯାତିର ମନୋବିଶ୍ଳେଷଣ ସହିତ ଅକାଳ ବାର୍ଦ୍ଧକ୍ୟ ପ୍ରାପ୍ତି ଜନିତ ଯନ୍ତ୍ରଣା ଓ ଯୌନସୁଖରୁ ବଂଚିତ ହେଉଥିବାରୁ ତା ଭିତରେ ଯେଉଁ ଅସହାୟତା ସୃଷ୍ଟି ହୋଇଛି ତାର ଚିତ୍ର ଏଥିରେ ବର୍ଣ୍ଣିତ। ମନୋବିଶ୍ଳେଷଣ କରିବା ପର୍ଯ୍ୟାୟରେ ଏହି କାବ୍ୟରେ ବର୍ଣ୍ଣିତସମସ୍ତ ଚରିତ୍ର ଅସହାୟ, ଯନ୍ତ୍ରଣାଗ୍ରସ୍ତ ଓ ବିଡ଼ମ୍ବିତ ଯେମିତି ଦେବଯାନୀ ଯିଏ କି କୈଶୋରରେ କଚକୁ ମନର ମଣିଷ ରୂପରେ ସ୍ଥାନ ଦେଇଥିଲା କିନ୍ତୁ କଚ ଗୁରୁଙ୍କ କନ୍ୟାକୁ ଭଗିନୀ ବୋଲି ମନେ କରି ଦେବଯାନୀଙ୍କର ପ୍ରେମ ନିବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ। ଦେବଯାନୀଙ୍କର ଏହି ମାନସିକତା ରୂପ ଦେବାକୁ ଯାଇ କବି ଲେଖିଛନ୍ତି:

“ଗାଉ ଅପଯଶ ନିଷ୍ଠୁର ସମୟ । ଗୋଟିଏ ମନରେ ଯୋଡିଏ ହୃଦୟ” ୯)

(ପ୍ରଧାନ ଶରତ ଚନ୍ଦ୍ର, ଯଯାତି (ପୃ-୩୫୪)

ଶର୍ମିଷ୍ଠା ଚରିତ୍ରର ମନୋବିଶ୍ଳେଷଣ କଲାବେଳେ ଆମ ନଜରକୁ ସର୍ବକାଳର ନାରୀଟିଏ ମନକୁ ଆସେ। ସବୁ ନାରୀଙ୍କ ମନ ହୃଦୟରେ ପରୁଷଙ୍କ ପ୍ରତି ର୍ଦୁବଳତା ଥାଏ। ପୁଣି ଏହି ର୍ଦବଳତା କୌଣସି ଏକ ନିଃସଙ୍ଗ ମୁହୂର୍ତ୍ତରେ ଉଗ୍ର ରୂପ ନିଏ।

ଶରତ ଚନ୍ଦ୍ର ପ୍ରଧାନଙ୍କ କବିତାରେ ପ୍ରକୃତି ବୋଧ କଥା ଆଲୋଚନା କଲାବେଳେ ଏ ସଂପର୍କରେ ତାଙ୍କର ସ୍ୱୀକାରୋକ୍ତି ହେଉଛି: 'କେନ୍ଦୁଝର ମୋ କବିତା ସ୍ଫୁରଣର ଆଦିଭୂମି। ତାର ବନ ପାହାଡ଼ଘେରା ପ୍ରକୃତି ମୋତେ କବି କରିଛି । 'ଘାଗରା' ଜଳପ୍ରପାତକୁ ଦେଖି ପ୍ରଥମେ କବିତା ଲେଖିଥିଲି।" (୧୦)

(ସାହୁ, ସତ୍ୟପ୍ରିୟ; କବି ଶରତ ଚନ୍ଦ୍ର ପ୍ରଧାନଙ୍କ ସହ ଅନ୍ତରଙ୍ଗ ଆଳାପ, ସାରଥୀ,ପୂଜା ସଂଖ୍ୟା ୧୯୯୭ ବିଂଶ ଶତକର ଷଷ୍ଠ ଓ ସପ୍ତମ ଦଶନ୍ଧିରେ ଓଡ଼ିଆ କବିମାନେ ଯେତେବେଳେ ଏଲିଅଟଙ୍କ କାବ୍ୟଧର୍ମରେ ଦୀକ୍ଷିତ ହୋଇ ପାଶ୍ଚାତ୍ୟ ଚେତନାରେ ମଜ୍ଜି ଯାଉଥିଲେ, ସେତେବେଳେ କବି ପ୍ରଧାନ ସେହି ଆଭିମୁଖ୍ୟ ଠାରୁ ଯଥେଷ୍ଟ ଦୂରତା ରକ୍ଷା କରି କବିତା ରଚନା କରୁଥିଲେ। ଶଣତଙ୍କ କବିତାରେ ପ୍ରକୃତି ଓ ପ୍ରକୃତିର ରୂପ ବୈଚିତ୍ର୍ୟ ସହିତ ଦେହ ଓ ଦେହର ଚିନ୍ତା ଜଡ଼ିତ ହୋଇରହିଛି। ଏହା ସହିତ ସମୟ ଓ ଅସମୟର ତିକ୍ତ ଜୀବନ ଯନ୍ତ୍ରଣାର ଅସ୍ଥିରତା ସଂଶ୍ଳିଷ୍ଟ। ଶରତଙ୍କ କବିତାରେ ଅନେକ ପ୍ରକୃତି ଭିତ୍ତିକ ଚିତ୍ରକଳ୍ପ ଓ ପ୍ରତୀକ ଦେଖିବାକୁ ମିଳେ। ବିଶେଷତଃ ଯଯାତି କବିତାରେ ଫୁଲ, ନିଆଁ, ନଇ, ଜହ୍ନ ଆଦି ପ୍ରକୃତିରୁ ଆହରିତ ହୋଇ ମନୁଷ୍ୟର ଭାବ ଓ ଭାବନାକୁ ପରିପ୍ରକାଶ କରିବାରେ ସମର୍ଥ ହୋଇଛନ୍ତି।

ଏହି ଦୀର୍ଘ କାବ୍ୟର କେନ୍ଦ୍ରସତ୍ତା ହେଉଛି 'ଯଯାତି' ମିଥ୍। ଏହି କାବ୍ୟରେ ବର୍ଣ୍ଣିତ ଯଯାତିର ଅନନ୍ତ ଯୌନ ପିପାସା ଯାହା ସର୍ବକାଳୀନ ମଣିଷର ଅବଚେତନ ମନର ପ୍ରବୃତ୍ତି। ମନୁଷ୍ୟର ଏହି ଚିରନ୍ତନ ପ୍ରବୃତ୍ତିକୁ ଦର୍ଶାଇବା ପାଇଁ କବି ଆହୁରି ଅନେକ ଗୁଡିଏ ପୌରାଣିକ ମିଥ୍ର ଉଦାହରଣ ଦେଇଛନ୍ତି ଯେମିତି : ଦିତି- ଅଦିତି, ଶ୍ୱେତକେତୁ ଉପାଖ୍ୟାନ, ଚନ୍ଦ୍ରରୋହଣୀ ପ୍ରସଙ୍ଗ, ଭାନୁମତୀ ସ୍ୱୟଂମ୍ବର, ବିକ୍ରମ ବେତାଳ ପ୍ରସଙ୍ଗ, ଲୋକକଥାର ବୁଢ଼ୀ ଅସୁରୁଣୀ ରାଜାପୁଅକୁ ଦିନରେ ମେଣ୍ଢା ଓ ରାତିରେ ଭେଣ୍ଡା କରିବା ପ୍ରସଙ୍ଗ, ବିଷ୍ଣୁ ଶର୍ମାଙ୍କ ଜରଦଗବ ଉପାଖ୍ୟାନ, ଶିବ ସତୀ ପ୍ରସଙ୍ଗ ଇତ୍ୟାଦି। ଯଯାତିର ଯୌନାକାଂକ୍ଷାର ଚିତ୍ର ଦେବା ପାଇଁ ଏସବୁ ପୌରାଣିକ ପ୍ରତୀକମାନଙ୍କର ସାହାଯ୍ୟ ନିଆଯାଇଛି। ଏହାର ଏକ ଉଦାହରଣ ହେଉଛି:

"କିଏ ତୁମେ ଶ୍ୱେତକେତୁ ? ମାର୍ଗ ଓ ଋତୁର
କିଏ ତୁମେ ବନ୍ଧ ବାନ୍ଧ ଝରମାନଙ୍କର" (୧୧)

(ପ୍ରଧାନ ଶରତ ଚନ୍ଦ୍ର , ଯଯାତି, ପୃ: ୩୨୭)

ପ୍ରତୀକ ପ୍ରୟୋଗରେ ଶରତ ଚନ୍ଦ୍ର ପ୍ରଧାନ ବେଶ୍ ସିଦ୍ଧହସ୍ତ। ସରଳ, ତରଳ , ଭାବଗର୍ଭକ ଭାଷାର ମାଳି ମଝିରେ ମଝିରେ ପ୍ରତୀକଗୁଡିକୁ ମୁକୁତାପରି ଖଞ୍ଜି ଚନ୍ଦ ଓ ସଂଗୀତକାର ମାଳରେ କବି ତାଙ୍କ କବିତା ସୁନ୍ଦରୀକୁ ଏପରି ସଜେଇଛନ୍ତି ଯେ, ଯେ କେହି ପାଠକ ସେଥିରେ ଆଶ୍ଚର୍ଯ୍ୟ ପ୍ରକାଶ କରିବା ତାଙ୍କ କବିତାରେ ସାର୍ବଜନୀନ ବା ପ୍ରଚଳିତ ପ୍ରତୀକ ଏବଂ ବ୍ୟକ୍ତିଗତ ପ୍ରତୀକ ଏ ଉଭୟକୁ ଲକ୍ଷ୍ୟ କରାଯାଏ। 'ଯଯାତି' କାବ୍ୟରେ କବି ପୌରାଣିକ ଚରିତ୍ରକୁ ପ୍ରତୀକାତ୍ମକ ଭାବେ ବ୍ୟବହାର କରିଛନ୍ତି ଏବଂ କେତେକ ଲୋକକଥା ମୂଳକ ପ୍ରତୀକର ମଧ୍ୟ ବ୍ୟବହାର କରିଛନ୍ତି। ଏହି କାବ୍ୟ ନିଆଁ, ଫୁଲ ପରି ଯେଉଁ ଆର୍କିଟାଇପାଲ ପ୍ରତୀକ ଗୁଡିକ ବ୍ୟବହାର କରିଛନ୍ତି,ତାହା ଏକାନ୍ତ ହୃଦ୍ୟ। ଯେପରିକି :

"ମୁଁ ଜଳୁଛି ଜ୍ୱଳନରେ / ଯୁଗ ଯୁଗ ଧରି / ପିଠିରେ ନିଆଁର ବୋଝ/
ଅଣ୍ଟିରେ ମୋ ନିଆଁର ବୁଜୁଳି। (୧୨)

(ପ୍ରଧାନ ଶରତ ଚନ୍ଦ୍ର, ଯଯାତି, ପୃ (୪୨୩)

ଏଠାରେ ନିଆଁ ଏକ ଆର୍କିଟାଇପାଲ ପ୍ରତୀକ ଯାହା ମଣିଷ ମନର ଗଭୀର ଯୌନାକାଂକ୍ଷାକୁ ସୂଚାଉଅଛି। କବି ମଧ ଯୌନାବେଗକୁ ବାଘର ଗର୍ଜନ ପ୍ରତୀକରେ ରୂପାୟିତ କରିଛନ୍ତି।

କବି ପ୍ରଧାନଙ୍କ କବିତାରେ ସାଂଗୀତିକ ତା ସାଙ୍ଗକୁ ପରମ୍ପରାବାଦୀ ଚିତ୍ର କଳ୍ପଗୁଡ଼ିକର ପ୍ରୟୋଗ ଦେଖିବାକୁ ମିଳେ। କବି ପ୍ରଧାନ ଏ ସଂପର୍କରେ କୁହନ୍ତି ଲୋକଗୀତ, ନାନାବାୟା ଗୀତ ଓ ପୁରାଣର କେତେ ହଜିଲା ଚିତ୍ରକଳ୍ପ କବିତାରେ ନୂଆ ଦାନା ବାନ୍ଧିଲାଣି। ସେଗୁଡିକ ମଧ ଆଧୁନିକ କାବ୍ୟଚେତନାର ମାଧ୍ଯମ" (୧୩) (ପ୍ରଧାନ ଶଣତ ଚନ୍ଦ୍ର, ନଈ ଆଉ ମାଛ ହିଂସ ଓ ସାରସ, ଭୂମିକା ନିଆଁ ଓ ଫୁଲ ଚିତ୍ରକଳ୍ପ ମାଧ୍ୟମରେ କବି ଯଯାତି ମନରେ ଥିବା ଯୌନତୃଷ୍ଣାକୁ ବର୍ଣ୍ଣନା କରି ବା

ସହିତ ମଣିଷର ଏହି ପ୍ରବୃତ୍ତିଟି କିପରି ନିତ୍ୟକାଳର ତାହା ବର୍ଣ୍ଣିତ। ପ୍ରଧାନଙ୍କ କବିତାରେ ବ୍ୟବହୃତ ପ୍ରୟୋଗିକ ଚିତ୍ରକଳ୍ପଗୁଡିକ ଲକ୍ଷ୍ୟ କରି ଏତିକି କୁହାଯାଇପାରେ ଯେ କବିଙ୍କ ଚିତ୍ର କଳନିକ୍ଷଗୁଡିକ ପାଠକମନରେ କେବଳ ଚିତ୍ର ଚେତନା ଉଦ୍ରୋକ କରନ୍ତି ନାହିଁ, ଏହା ଫଟୋଗ୍ରାଫି ନୁହେଁ, ବରଂ ଚିତ୍ର ସହିତ ଭାବଚେତନା ଉଦ୍ରେକ କରିବାରେ ଏଗୁଡିକ ସକ୍ଷମ। ଏହାର ଏକ ଉଦାହରଣ ହେଉଛି:

"ଝିଲିମିଲି ହେଉଥାଏ / ଖରାସୁନାପିଳା / ନଈରେ ଗାଧୋଇ ପଡି

ଫୁଲବଣେ ଗୀତଗାଏ/ ସଞ୍ଜ ଗୋଟାସାରା ।' (୧୩) (ପ୍ରଧାନ ଶରତ ଚନ୍ଦ୍ର ଯଯାତି , ପୃ-୩୪୮)

ଯଯାତି କାବ୍ୟର ଭାଷା କ୍ଲିଷ୍ଟ ନୁହେଁ କିନ୍ତୁ ଅଧିକ ମାତ୍ରାରେ ବୌଦ୍ଧିକ। କବିଙ୍କ ସହଜ, ସରଳ, ସାବଲୀଳ ଭାଷାରେ ଓ ସର୍ବନିମ୍ନ ଶବ୍ଦ ସଂଯୋଜନାରେ ରଚିତ ହୋଇଥିବା ଏହି କାବ୍ୟଟିକୁ ପଠନ କଲାବେଳେ ତାହା ଅର୍ଥପୂର୍ଣ୍ଣ ହେବା ସହିତ ଭାବ ଉଦ୍ରେକ କରିବାରେ ସଫଳ ହୋଇଥାଏ। ତାହା ଛଡ଼ା ଏହି କାବ୍ୟଟିରେ ଅନେକ ପାରମ୍ପରିକ ତଥା ଧ୍ୱନ୍ୟାତ୍ମକ ଶବ୍ଦର ବ୍ୟବହାର ହେବା ସହିତ ଲୋକଛନ୍ଦ, ମୁକ୍ତଛନ୍ଦ ଓ ପଙ୍କ୍ତି ଗୁଡିକର ପୁନରାବୃତ୍ତି କାବ୍ୟଟି ପାଠକମାନଙ୍କ ନିକଟରେ ହୃଦୟସ୍ପର୍ଶୀ ହୋଇପାରିଛି। ଏଥିରେ ବ୍ୟବହୃତ ହୋଇଥିବା ଧ୍ୱନ୍ୟାତ୍ମକ ଶବ୍ଦ ହେଉଛି ଖ୍ୱନ୍‌ଭିନ୍, ଚିକ୍‌ଚିକ୍, ଥରଥର, ରଡରଡ, ଗହଗହ, ଘିଡିଘିଡି, ଚିକ୍‌ମିକ୍, ଝିଲିମିଲି ? ଲହଲହ ଇତ୍ୟାଦି। ଏଗୁଡିକ ନିଜସ୍ୱ ଅର୍ଥବହନ ଅପେକ୍ଷା ଭାବବସ୍ତୁକୁ ହିଁ ଅର୍ଥାୟିତ କରିବାରେ ସାହାଯ୍ୟ କରିଥାନ୍ତି।

କବିତାରେ ବ୍ୟବହୃତ ଛନ୍ଦ ସଂପର୍କରେ କବିଙ୍କ ମତ ହେଉଛି "ଛନ୍ଦ ହେଉଛି ଧ୍ୱନି ସଜ୍ଜା। ଦୋଳାୟିତ ଧ୍ୱନି ସଜ୍ଜା କବିତାକୁ ସୁଷମାମଣ୍ଡିତ କରେ। ଶ୍ରବଣେନ୍ଦ୍ରିୟ ସର୍ବଦା ଶବ୍ଦ ଦୋଳନ ମଧ୍ୟରେ ତୃପ୍ତି ଲାଭ କରେ। ଛନ୍ଦ ଆମକୁ ଏକ ଅବ୍ୟକ୍ତ ଆନନ୍ଦ ଲାଭ କରିବାରେ ସହାୟତା କରେ। କବିତା ରଚନା କାଳରେ କବି ସେହି ଅଲକ୍ଷ ଜଗତର ଧ୍ୱନି ଶୁଣିବାକୁ ପାଆନ୍ତି। ସେ ସଜ୍ଞାନ ଚିତ୍ତରେ କବିତାର ସେହି ଦୋଳାୟିତ ଧ୍ୱନିସଜ୍ଜା ପ୍ରସ୍ତୁତ କରନ୍ତି। (୧୪)

(ପ୍ରଧାନ ଶରତ ଚନ୍ଦ୍ର, ମଧୁସୃଷ୍ଟି ଅମୂର୍ତ୍ତଦୃଷ୍ଟି, ପୃ: ୧୮୧)

କବି ପ୍ରଧାନଙ୍କ ବ୍ୟବହୃତ ଛନ୍ଦଗୁଡ଼ିକୁ ମୁଖ୍ୟତଃ ଚାରିଭାଗରେ ବିଭକ୍ତ କରାଯାଇଛି  ଯଥା: (କ) ପ୍ରଚଳିତ ଛନ୍ଦ (ଖ) ସମସାମୟିକ ଛନ୍ଦ ବା ମୁକ୍ତଛନ୍ଦ (ଗ) ଲୋକଛନ୍ଦ (ଘ) ନୂତନ ଛନ୍ଦ। ଉତ୍ତରଷାଠିଏ ପରବର୍ତ୍ତୀ ସମୟରେ ବହୁ ଆଦୃତ ଲୋକଛନ୍ଦର ଏକ ଉଦାହରଣ ନିମ୍ନରେ ପ୍ରଦତ୍ତ କରାଗଲା ଯଥା:

"ଦୋଳିକରେ କଟମଟ / କିଏ ବାନ୍ଧି ଆସେ

ଯୋଡି ମୁକୁଟଲୋ । ପିନ୍ଧି ବଉଦିଆ ପାଟ" (୧୫) (ପ୍ରଧାନ ଶରତ ଚନ୍ଦ୍ର, ଯଯାତି, ପୃ: ୩୩୯)

ଦୀର୍ଘ କବିତାର ସମସ୍ତ ଲକ୍ଷ୍ୟ ବହନ କରୁଥିବାରୁ ଓଡ଼ିଆ ଦୀର୍ଘ କବିତା ପରମ୍ପରାରେ ଏହା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାଏ। ଏହି କାବ୍ୟଟିରେ କେନ୍ଦ୍ର ଇମେଜ ହେଉଛି ଯଯାତିର ଅନନ୍ତ ଯୌନ ପିପାସା। ଯାହା ସର୍ବକାଳୀନ ମଣିଷର ଅବଚେତନ ମନର ପ୍ରବୃତ୍ତି। ପରିଶେଷରେ ଭୋଗର ଚରମସୀମାରେ ପହଂଚିବା ପରେ ସନ୍ନ୍ୟାସ ଭାବରେ ଯେଉଁ ସାତ୍ତ୍ୱିକ ରୂପ ପ୍ରକଟିତ ହୋଇଥାଏ ବାଲି କୁହାଯାଏ, ଏହା ଯଯାତିଙ୍କ ନିକଟରେ ପରିଲକ୍ଷିତ ହୁଏ। ଏଠାରେ ଯଯାତି ଶାସ୍ତ୍ର ଜ୍ଞାନ ଅପେକ୍ଷା ଅନୂଚି ଉପରେ ଅଧିକ ଗୁରୁତ୍ୱପ୍ରଦାନ କରିଛନ୍ତି। ଆସକ୍ତିର ପ୍ରବଳିରୁ ହିଁ ନିବୃତ୍ତିର ଭାବ ସୃଷ୍ଟି ହୋଇଥାଏ। ଏହା ଯଯାତିଙ୍କ ନିକଟରେ ପରିଲକ୍ଷିତ ହୁଏ। ଏଠାରେ ଯଯାତି ଶାସ୍ତ୍ରଜ୍ଞାନ ଅପେକ୍ଷା ଅନୂଚି ଉପରେ ଅଧିକ ଗୁରୁତ୍ୱପ୍ରଦାନ କରିଛନ୍ତି। ଆସକ୍ତିର ପ୍ରବଳତରୁ ହିଁ ନିବୃତ୍ତିର ଭାବ ସୃଷ୍ଟି ହୋଇଥାଏ। ଏହି ଶାସ୍ତ୍ରୀୟ ନିୟମକୁ ଆତ୍ମସ୍ଥ କରି ଅନୁଭବ କରିବାରେ ହିଁ ଜ୍ଞାନଲାଭର ପୂର୍ଣ୍ଣତା ଆଧାରିତ ଏହାକୁ ପ୍ରମାଣିତ କରିଛନ୍ତି ଯଯାତି। ଯଯାତି କାବ୍ୟଟି ନିଜର ସୀମା ସରହଦ ଡେଇଁ କାଳୋତ୍ତୀର୍ଣ୍ଣ ହେବାର କ୍ଷମତା ରଖିପାରିଛି। ମୋଟାମୋଟି ଭାବରେ ଶ୍ରୀପ୍ରଧାନ ଯଯାତିଙ୍କ ସର୍ବକାଳୀନ ମାନବୀୟ ସ୍ୱରୂପକୁ ସ୍ପଷ୍ଟ କରିବାକୁ ଯାଇ ତାଙ୍କର ଯୌବନର ପୁନଃପ୍ରାପ୍ତି ନିମିତ୍ତ କାରୁଣ୍ୟ ଓ ଯୌବନର ପୁନଃପ୍ରାପ୍ତି ପରେ ଆତ୍ମଦହନର କାରୁଣ୍ୟକୁ ଯେଭଳି ଚମତ୍କାର କୌଶଳ ଓ ଶୈଳୀରେ ବର୍ଣ୍ଣନା କରିଛନ୍ତି ତାହା ଓଡ଼ିଆ ସାହିତ୍ୟରେ ସଂପୂର୍ଣ୍ଣ ଭାବେ ନୂତନ।

❖❖❖

# ଓଡ଼ିଆ ଅନୁବାଦ ସାହିତ୍ୟର ପାରମାର୍ଥିକ ଜ୍ଞାନ ଓ ଚକ୍ରବାଳ



ISSN-2583-6978
Volume-3
Issue-8
AUGUST-2023

**ଭାରତୀ ମୁଦୁଲି**

**ପି.ଏଚ୍.ଡି. ଗବେଷିକା**
**ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ**

ସାହିତ୍ୟ ପାଠ କଲାବେଳେ ପାଠକଟିର ମନ ବିଭିନ୍ନ ପ୍ରକାର କନ୍ଦଳରେ ପରିପୂର୍ଣ୍ଣ ହୋଇଯାଏ । ମଣିଷର ଜାଣିବାର ଇଚ୍ଛା କେବେ ଶେଷ ହୁଏନାହିଁ । ସାହିତ୍ୟର ନୂତନ ଚେତନା, ନୂତନ ବର୍ଣ୍ଣବିଭା ତା ସମ୍ମୁଖକୁ ଆସେ । ସେଥିପାଇଁ ସେ ସାଧନା କରେ । ଭିନ୍ନ ଭାଷାଭାଷୀ ସାହିତ୍ୟିକ, ଦାର୍ଶନିକମାନଙ୍କ ଚିନ୍ତାଚେତନାକୁ ଜାଣିବା ପାଇଁ ମଣିଷର ଏହା ହେଉଛି ଏକ ଅନନ୍ୟ ଅସାଧାରଣ ସାଧନା ଯେଉଁ ସାଧନାରୁ ଅନୁବାଦର ସୃଷ୍ଟି । ଏହି ଅନୁବାଦ ସମ୍ପର୍କରେ ସମସ୍ତଙ୍କୁ ଜଣା । ମୂଳ ଭାଷାରେ ରଚିତ କୌଣସି ଏକ ସାହିତ୍ୟ କୃତି ଯେତେବେଳେ ଅନ୍ୟ ଏକ ଭାଷାକୁ ରୂପାନ୍ତରଣ ହୋଇଥାଏ ସେତେବେଳେ ଆମେ ତାହାକୁ ଅନୁବାଦ ବୋଲି କହିବା

ଅନୁବାଦକୁ ନେଇ ବିଷ୍ଣୁ ମୋହନ ଅଧିକାରୀ ତାଙ୍କର "ପ୍ରଥମ ଓଡ଼ିଆ ଅଭିଧାନର ଜନକ : ପଣ୍ଡିତ ଗୋପୀନାଥ ନନ୍ଦଶର୍ମା"ରେ ଲେଖିଛନ୍ତି- "୧୮୯୬ ମସିହାରେ ଓଡ଼ିଆ କଲେଜ ଖଣ୍ଡ ବିଖଣ୍ଡିତ ଓଡିଶାରେ ମାତ୍ର ଥିଲା ତିନି ଗୋଟି । ମାଡ୍ରାସ ପ୍ରେସିଡେନ୍ସି ଅଧୀନରେ ଥିଲା ରାଜାସ୍ କଲେଜ । ସେତେବେଳେ ଏଫ୍.ଏ ଖସଡ଼ାରେ ଥିଲା "ଜାନକୀ ପରିଣୟ"। ଓଡ଼ିଆ ଭାଷାରେ ଅନୁବାଦିତ ନ ହୋଇଥିବା ଯୋଗୁଁ ପିଲେ ଅନ୍ୟ ପୁସ୍ତକ ପଢୁଥିଲେ । ଦିନେ କ୍ଲାସ ସାରି ଅଧାପକ ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ଫେରନ୍ତେ ଗିଡୁଗୁ ରାମମୂର୍ତ୍ତି ଏବଂ କିଛି ତେଲୁଗୁ ଅଧାପକ ଥଟ୍ଟା କରି କହିଲେ, ଦେଖନ୍ତୁ ଆମ ତେଲୁଗୁ ଭାଷାରେ କିଭଳି ଉଚ୍ଚ ଧରଣର ପୁସ୍ତକ ପଢାଯାଉଛି। ଗଣ ନିବନ୍ଧ ପଦ୍ୟ ଶୈଳୀରେ ରଚିତ ଆମ୍ଭ ଜାନକୀ ପରିଣୟ ନାଟକ ସଦୃଶ ଖଣ୍ଡିଏ ଆପଣଙ୍କ ସାହିତ୍ୟରେ ଅଛି କି ? ଏହା ଶୁଣି ପଣ୍ଡିତ ନନ୍ଦଶର୍ମାଙ୍କ ମନ ବିଚଳିତ ହୋଇଯାଇଥିଲା କିଛି କ୍ଷଣ ପାଇଁ ଏବଂ ଗଭୀର ଆଘାତ ଦେଇଥିଲା ଏହି କଥା ସାହିତ୍ୟ ପ୍ରେମୀ ଗୋପୀନାଥଙ୍କୁ । ଓଡ଼ିଆ ଭାଷାର ସ୍ୱଚ୍ଛ ଜ୍ଞାନର ଧାରା ଉପରେ ଏହା ଥିଲା କୁଠାରଘାତ । ଉକ୍ତ ଦିନରେ ହିଁ ସ୍ୱାଭିମାନୀ ପୁରୁଷ ଲେଖିଥିଲେ ଓଡ଼ିଆରେ ଜାନକୀ ପରିଣୟ । ମିତ୍ରାକ୍ଷର ଶବ୍ଦ ସଂଯୋଜନା ତଥା ଗଣନିବନ୍ଧ ଶୈଳୀରେ ରଚିତ ଏହି ସାରସ୍ୱତ ଓଡ଼ିଆ ଲେଖା ଓଡ଼ିଆ ସାହିତ୍ୟ ପାଇଁ ସାଜିଲା ଦୁର୍ମୂଲ୍ୟ ମଣି । ଊନ୍ନବିଂଶ ଶତାବ୍ଦୀରେ ଓଡ଼ିଆମାନେ ବିଭିନ୍ନ ପଡୋଶୀ ରାଜ୍ୟଙ୍କ ଦ୍ୱାରା ଥିଲେ ନିଷ୍ପେସିତ ଓ କରକବଳିତ । ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରାରମ୍ଭକାଳରେ ତାଙ୍କର ଜନ୍ମ ହୋଇଥିଲା । ଦକ୍ଷିଣ ଓଡିଶାର ଦକ୍ଷିଣ ସୀମାରେ ତେଲୁଗୁ ଭାଷାର ପ୍ରବଳ ପ୍ରଭାବ। ସେ ସମୟରେ ଗୋପୀନାଥ ଶିକ୍ଷା କରିଥିଲେ ଉଭୟ ଓଡ଼ିଆ ଓ ତେଲୁଗୁ ଭାଷା । ପିତାଙ୍କଠାରୁ ଅମରକୋଷ, ବୈଦ୍ୟଶାସ୍ତ୍ର ଆଦି ଶିକ୍ଷାଲାଭ କରି ସଂସ୍କୃତ ଭାଷାରେ ହୋଇଗଲେ ପ୍ରବୀଣ । ଗୋପୀନାଥ ଏକାଧାରରେ ଓଡ଼ିଆ, ସଂସ୍କୃତ, ପାଲି, ଫାର୍ସୀ, ହିନ୍ଦୀ, ଇଂରାଜୀ, ବଙ୍ଗଳା, ତେଲୁଗୁ, ତାମିଲ ଓ କନ୍ନଡ଼ ଆଦି ଭାଷାରେ ଧୂରୀଣ ଥିଲେ । ସେ ଚନ୍ଦ୍ରରାଜ ପଦ୍ମନାଭ ଗଜପତିଙ୍କ ଅନୁରୋଧକ୍ରମେ ଏକ ପୂର୍ଣ୍ଣ ରାତ୍ରିକାଳୀନ ନାଟକ "ସୀତା ବନବାସ" ଭବଭୂତିଙ୍କ 'ଉତ୍ତର ରାମଚରିତ'କୁ ଅନୁସରଣ କରି ଲେଖିଲେ । ପରେ ସେହିପରି ଅନେକ ଅମୂଲ୍ୟ ଗ୍ରନ୍ଥକୁ ଓଡ଼ିଆରେ ଅନୁବାଦ ଓ ଓଡ଼ିଆରେ ନୂତନ କରି ରଚନା କରିଥିଲେ । ଉପରୋକ୍ତ ତଥ୍ୟଟି ଦେବାର କାରଣ ହେଉଛି ସେ ଅନ୍ୟ ଭାଷାରେ ପାଣ୍ଡିତ୍ୟ ଅର୍ଜନ କରିଥିଲେ ବୋଲି ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଭାଷାନ୍ତରଣ କରିପାରିଲେ ।

ଅନୁବାଦ ସାହିତ୍ୟର ଏକ ନବୀନ ଆବିଷ୍କାର । ଏହା ଦ୍ୱାରା ବିଶ୍ୱ ଲାଭବାନ ହେଉଛି । ପ୍ରତିଟି ମାନବ ଏହି ଅନୁବାଦ ଜରିଆରେ ବିଶ୍ୱକୁ ଚିହ୍ନି ପାରୁଛି । ମଣିଷର ସମ୍ପର୍କ ବିଶ୍ୱର ଦର୍ଶନ, ସାହିତ୍ୟ, ଧର୍ମ, ଭାଷା, କଳା, ପରମ୍ପରା ଓ ସଂସ୍କୃତି ସହିତ ପରିଚିତ ହୋଇପାରିଛି । ଇଟାଲୀରେ ଗୋଟିଏ କଥା ଅଛି -ଅନୁବାଦକମାନେ

ଶଠ, ପ୍ରବଞ୍ଚକ ଓ ପ୍ରତାରକ । ଗ୍ରାଁଟ ସାଓଁରମେନ ଏହାକୁ ପାପ କ୍ରିୟା ବୋଲି କହିଛନ୍ତି । କିନ୍ତୁ ଏହା ସାହିତ୍ୟର ପାପକର୍ମ ନୁହେଁ, ମାତ୍ର ଏକ ନିତ୍ୟ ନୂତନ ସ୍ୱୟଂସମ୍ପୂର୍ଣ୍ଣ କଳାମଣ୍ଡିତ ବିଭବ । ସାହିତ୍ୟର ଅନ୍ୟାନ୍ୟ ବିଭବ ଭଳି ଅନୁବାଦ ମଧ୍ୟ ଏକ ନୂତନ ଚେତନା । ଏହି ଅନୁବାଦ କାର୍ଯ୍ୟଦ୍ୱାରା ଗୋଟିଏ ଦେଶରେ ପ୍ରଚଳିତ ବା ବ୍ୟବହୃତ ଭାଷା ମାଧ୍ୟମ ଦେଇ ସେହି ଦେଶର ସାଂସ୍କୃତିକ ଚେତନା, ଜୀବନ ଧାରଣ ପ୍ରଣାଳୀ, ବେଶଭୂଷା, ଖାଦ୍ୟପେୟ ଆଦି ବିଷୟରେ ଜ୍ଞାନଲାଭ କରିହୁଏ । ତେଣୁ ଏହା ସାହିତ୍ୟର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଭାଗ ରୂପେ ପରିଚିତ ।

ଇଂରାଜୀ ଭାଷାରେ Translationକୁ ଅନୁବାଦର ପ୍ରତିଶବ୍ଦ ବୋଲି ଗ୍ରହଣ କରାଯାଏ । trans ଓ lationରୁ ସୃଷ୍ଟି ହୋଇଥିବା ଏହି ଶବ୍ଦଟିର ଅର୍ଥ ହେଉଛି ଅନ୍ୟତ୍ର ବହନ କରିନେବା ବା ଅନ୍ୟତ୍ର ନେଇଯିବା । ଅର୍ଥାତ ଗୋଟିଏ ଭାଷାରେ ବ୍ୟକ୍ତ ହୋଇଥିବା ଭାବକୁ ଅନ୍ୟଭାଷାରେ ଅଭିବ୍ୟଞ୍ଜିତ କରିବା ହିଁ translation । ଏହାକୁ ନେଇ ବହୁ ମତ ରହିଛି । କେଉଁଠି କୁହାଯାଏ ଅର୍ଥକୁ ସୁରକ୍ଷିତ ରଖି ଅନ୍ୟ ଭାଷାରେ ବ୍ୟକ୍ତ କରିବାକୁ ଅନୁବାଦ କୁହାଯାଏ ତ କେଉଁଠି ଅନୁବାଦକୁ ମୂଳଗ୍ରନ୍ଥର ଖଣ୍ଡିତ ଓ ବିକଳାଙ୍ଗ ରୂପ ଦର୍ଶନ କରିବା ବୋଲି ମତ ଦିଆଯାଏ । T.H. Savory କହନ୍ତି- "Translation is almost old as original authorship and has a history as honorable and as complex as that of any other branch of literature." ଥମସନ ଏବଂ ହାମିଲଟନ ଅନୁବାଦର ସ୍ୱରୂପ ନିର୍ଣ୍ଣୟ କରି କହନ୍ତି- "ମୂଳଲେଖା ଅନୁବାଦକ ଉପରେ ଯେପରି ପ୍ରଭାବ ବିସ୍ତାର କରିଥାଏ ଠିକ ସେହିପରି ଅନୁବାଦ ଏକ ସାର୍ଥକ ପାଠକମାନଙ୍କ ଉପରେ ପ୍ରଭାବ ପକାଇବା ବିଧେୟ।" **भाषा ध्वन्यात्मक प्रतीकों की व्यवस्था है, और अनुवाद इन्हीं प्रतीकों की प्रतिस्थापन है** ବୋଲି ଭୋଳାନାଥ ତିଓ୍ୱାରୀ କହନ୍ତି।

ଆଧୁନିକ ସମୀକ୍ଷକ ଅନୁବାଦ ପ୍ରସଙ୍ଗରେ ଏକ ସୁନ୍ଦର ଉଦାହରଣ ଦେଇ କହନ୍ତି- ଜାଗା ଛାଡ଼ିବେନି "ଯେକୌଣସି ସୃଷ୍ଟିର ମୂଳସ୍ରଷ୍ଟା ହେଉଛନ୍ତି 'ଦେବକୀ' । ଅକଥନୀୟ ଯନ୍ତ୍ରଣା, ଅସୁମାରୀ ତାଡନା, ଶତ ପ୍ରତିବନ୍ଧକ ଭିତରେ ଆତ୍ମାର ଅଣୁଅଣୁ ଅନୁଭୂତିକୁ ସମନ୍ୱିତ କରି ସେ ଗଢେ ପରଂବ୍ରହ୍ମଙ୍କ ପ୍ରତିରୂପ: କିନ୍ତୁ ଯଶୋଦାଙ୍କ ସୌଭାଗ୍ୟ ଭିନ୍ନ ରକମର । ଅନୁସର୍ଜନାର ସ୍ରଷ୍ଟା ଯଶୋଦା ସମ ତାକୁ କଣ୍ଠି କିରଟୀ ପିନ୍ଧାଇ ବାଳଗୋପାଳ ରୂପରେ ଗୋପୀଜନକୁ ମୋହିବାପାଇଁ ଗଢି ତୋଳେ । ତାକୁ କିଏ ଅନୁବାଦ କଳା କହି କଳନା କରେ ତ କେହି ଅନୁବାଦକୁ ଏକ ବିଜ୍ଞାନ କହି ତାତ୍ତ୍ୱିକ ବିଶ୍ଳେଷଣ କରିବା ଆରମ୍ଭ କରେ । କହେପୁଣି 'ଅବଗତାର୍ଥସ୍ୟ ପ୍ରତିପାଦନେ ଇତି ଅର୍ଥ' ଅର୍ଥ ଖୋଜିବାକୁ ଯାଇ ପହଞ୍ଚେ 'ବଦ' ଧାତୁ 'ଅନୁ' ଉପସର୍ଗ 'ଘଞ୍' ପ୍ରତ୍ୟୟ ପାଖରେ । ଅନୁବାଦ କାର୍ଯ୍ୟରେ ମୂଳ ଲେଖକ ଯେଉଁ ଭାଷାରେ କଥା କହିଥାନ୍ତି ତାକୁ ଅନୁବାଦକ ନିଜ ଭାଷାରେ ପୁନଶ୍ଚ କହିଥାନ୍ତି । କିନ୍ତୁ ଅନୁବାଦ କରିବା ସହଜ କଥା ନୁହେଁ । କାରଣ ଗୋଟିଏ ଭାଷାରେ ଯାହା ରଚିତ ତାକୁ ଅନ୍ୟ ଭାଷାରେ ରୂପ ଦେବା ଏକ କଷ୍ଟସାଧ୍ୟ ବ୍ୟାପାର । ସେଥିପାଇଁ 'କେବେ ହେଲେ କୌଣସି ପ୍ରକାର ଅନୁବାଦ ସମ୍ଭବ ନୁହେଁ' ବୋଲି ନନ୍ଦନତତ୍ତ୍ୱବିତ କ୍ରୋଚେ କହନ୍ତି ।

ଅନୁବାଦର ପରମ୍ପରା ବୈଦିକ ଯୁଗରୁ ସୃଷ୍ଟି ବୋଲି ସୌରୀନ୍ଦ୍ର ବାରିକ ମତ ଦେଇ କହନ୍ତି-"ବେଦ ଯୁଗରେ ଆମ ଦେଶରେ ଶିକ୍ଷାର ଯେଉଁ ପରମ୍ପରା ପ୍ରଚଳିତ ଥିଲା ସେଥିରେ ପ୍ରଥମେ ଗୁରୁ ଯାହା କହୁଥିଲେ,ଶିଷ୍ୟମାନେ ତାର ପୁନଃଉଚ୍ଚାରଣ କରି ତାକୁ ମନେ ରଖୁଥିଲେ । ଏହି ପୁନଃଉଚ୍ଚାରଣ ପ୍ରକ୍ରିୟାକୁ 'ଅନୁବାକ' ଅନ୍ୱାଦ ବା ଅନୁବଚନ ବୋଲି କୁହାଯାଉଥିଲା ଜାଗା ଛାଡ଼ିବେନି ଏହିଭଳି ଭାବରେ ବେଦ, ଉପନିଷଦ, ବ୍ରାହ୍ମଣ, ମୀମାଂସା, ନ୍ୟାୟସୂତ୍ର, ନ୍ୟାୟ ଦର୍ଶନ, ମନୁସ୍ମୃତି ଓ ଅଷ୍ଟାଧ୍ୟାୟୀ ପ୍ରଭୃତି ସଂସ୍କୃତ ଗ୍ରନ୍ଥମାନଙ୍କର ଅନୁବାଦକୁ ପୁନରାବୃତ୍ତି, ପଶ୍ଚାତକଥନ, ପୁନଃକଥନ, ଜ୍ଞାତକୁ ପୁନର୍ବାର କହିବା, ସମର୍ଥନ ଅଥବା କୀର୍ତ୍ତନ କରିବା ଉଦ୍ଦେଶ୍ୟରେ କହିବା ବିଧି ବା ବିହୀତାକୁ ପୁଣି କହିବା ଇତ୍ୟାଦି ଅର୍ଥରେ ବ୍ୟବହାର କରାଯାଇଛି ।"୧ ସେହିପରି କୈଳାସ ପଟ୍ଟନାୟକ କୁହନ୍ତି- "ଅନୁବାଦର ମୌଳିକ ଉଦ୍ଦେଶ୍ୟ ଜ୍ଞାନର ପ୍ରସାରଣ, ଭାବର ଉପସ୍ଥାପନ, ବିଷୟର ଅବବୋଧନ । ଭାଷିକ ବନ୍ଧନ ସେଠି ରହିନପାରେ । ଗୋଟିଏ ନିର୍ଦ୍ଦିଷ୍ଟ ଭାଷାଭାଷୀଙ୍କ ଜ୍ଞାନ ଭଣ୍ଡାରରୁ ଅନ୍ୟ ଭାଷାଭାଷୀଙ୍କ ପାଖରେ ଉପସ୍ଥାପିତ କରି ଅନୁବାଦ ଭୌଗୋଳିକ ଦୂରତାକୁ ଗୌଣ କରିଦିଏ। ଭାଙ୍ଗିଦିଏ ଭାଷିକ ପ୍ରତିକୂଳତା, ଗୋଟିଏ ସଂସ୍କୃତିର ଚିତ୍ର ଅପରପାଖରେ ପହଞ୍ଚାଏ, ଭାବଗତ ସଂହତିର ଅବବୋଧ କରାଏ, ସୃଷ୍ଟି କରାଏ ଉଦାର ସହୃଦୟତା ।"୨

ଅନୁବାଦ କରାଯିବାର କାରଣ ହେଉଛି ପୃଥିବୀରେ ଏକାଧିକ ଭାଷା ଓ ବିଭିନ୍ନ ସଂସ୍କୃତି ବିଦ୍ୟମାନଥିବାରୁ ପରସ୍ପର ପରସ୍ପରର ସଂସ୍କୃତି ଏବଂ ଚିନ୍ତାଧାରା ଜାଣିବାର ପ୍ରବଳ ଇଚ୍ଛାଶକ୍ତି । ଯଦି ସମଗ୍ର ପୃଥିବୀରେ ଗୋଟିଏ ମାତ୍ର ଭାଷା ସର୍ବତ୍ର ପ୍ରଚଳିତ ଥାଆନ୍ତା, ତାହେଲେ ଅନୁବାଦର ଆବଶ୍ୟକତା ଅନୁଭୂତ ହୋଇ ନଥାନ୍ତା । ଯେହେତୁ ତାହା ସମ୍ଭବ ନୁହେଁ, ତେଣୁ ଅନୁବାଦ ମାଧ୍ୟମରେ ହିଁ ଆମେ କେବଳ ବିଭିନ୍ନ ଜାତିର ଜ୍ଞାନ ଓ ସମ୍ପଦର ପରିଚୟ ପାଇବାକୁ ସମର୍ଥ ହୋଇପାରୁ । ଦେଶ ଦେଶ ମଧ୍ୟରେ, ଜାତି ଓ ଜାତି ମଧ୍ୟରେ ଭାବନାତ୍ମକ ଏକୀକରଣ ନିମିତ୍ତ ଅନୁବାଦର ଭୂମିକା ଗ୍ରହଣ କରରେ ଯେ ତାହା ସହଜରେ ଅନୁମେୟ । ଏହା ଦ୍ୱାରା ଭାଷାକୁ ନେଇ ଯେଉଁ ପ୍ରାଚୀର ରହିଛି, ତାହା ସହଜରେ ଅତିକ୍ରମ କରାଯାଇପାରେ । ଅନ୍ୟତ୍ର ନିଜ ସଂସ୍କୃତିର ପ୍ରସାର ଘଟାଇବା ସଙ୍ଗେ ସଙ୍ଗେ ଅନ୍ୟ

ସଂସ୍କୃତିର ଆହରଣ ଦ୍ୱାରା ନାନା ଭାଷା ଓ ସଂସ୍କୃତିର ଅଭିବୃଦ୍ଧି କରାଯାଇପାରେ ଏବଂ ବିଭିନ୍ନ ଦେଶର ଚିନ୍ତା ଚେତନାକୁ ପରସ୍ପରର ନିକଟତର କରି ପୃଥିବୀର ଦୂରତ୍ୱକୁ କମାଇ ଦିଆଯାଇପାରିବ ।

କୁହାଯାଏ- Lilterature is the mirror of society. କୌଣସି ଜାତିର ନିଛକ ଚିତ୍ର ତାର ସାହିତ୍ୟ କୃତିର ଛଟାରେ ଥାଏ। ସେମାନେ ତାଙ୍କ କୃତିରେ ଛାଡିଦିଅନ୍ତି ନିଜ ସମାଜ ସଂସ୍କୃତିର ପ୍ରତିଛବି। ଅନୁବାଦ ଦ୍ୱାରା ମୂଳ ପୁସ୍ତକରେ କଣ ରହିଛି,ତାହା ଆମକୁ ଅନୁବାଦକ ହିଁ ଦୃଷ୍ଟି ଗୋଚର କରାଇଥାନ୍ତି । ଭିନ୍ନ ଦେଶର ଜାତିର ଲୋକଙ୍କ ଭାଷା, ଚାଲିଚଳନ ଓ ରୀତିନୀତି ସମ୍ପର୍କରେ ସବିଶେଷ୍ୟ ତଥ୍ୟ ଇତ୍ୟାଦି ବହୁ କଥା ଲୋକଲୋଚନକୁ ଆସେ । ଏହା ଫଳରେ ସେଇ ମୂଳ ଭାଷାର ସ୍ୱାତନ୍ତ୍ର୍ୟତା ବି ବୃଦ୍ଧି ହୁଏ । ଯଦି ରାଧାନାଥ ରାୟଙ୍କ ଚିଲିକା କାବ୍ୟ କୁ କିଏ ଅନୁବାଦ କରନ୍ତି ଅନ୍ୟ ଭାଷାରେ, ତେବେ ସେଥିରୁ ଚିଲିକାର ଅପରୂପ ସୌନ୍ଦର୍ଯ୍ୟର ଗାଥା ସମ୍ପର୍କରେ ଅବଗତ ହେବେ । ଯେମିତି ପରଜାର ଇଂରାଜୀ ଅନୁବାଦ ବସନ୍ତ କୁମାର ତ୍ରିପାଠୀ କରିଛନ୍ତି। ଏହା ଦ୍ୱାରା ଇଂରାଜୀ ପାଠକ ଓ ସାହିତ୍ୟିକ ମାନଙ୍କ ଦୃଷ୍ଟିରେ ମହନୀୟତାର ରୂପ ଧାରଣ କରିଛି ।

ଅନୁବାଦ କାର୍ଯ୍ୟପାଇଁ ଆବଶ୍ୟକ ଦକ୍ଷତା ସମ୍ପର୍କରେ କେତେକ ଆଲୋଚକ ବିଭିନ୍ନ ମତାମତ ଦେଇଛନ୍ତି । ତନ୍ମଧ୍ୟରୁ କେତୋଟି ଉପରେ ଆମେ ବିଶେଷ ଭାବେ ଧ୍ୟାନ ଦେବା ନିହାତି ଆବଶ୍ୟକ । ଯେପରିକି (୧)ଅନୁବାଦକ ଉଭୟ ଉତ୍ସ ଭାଷା (Source Language) ଓ ଲକ୍ଷ୍ୟ ଭାଷା (Target Language) ଭାଷାରେ ଧୂରୀଣ ହେବା ଆବଶ୍ୟକ (୨)ଉଭୟ ଭାଷାରେ ଅନୁବାଦକ ପାରଦର୍ଶିତା ଅର୍ଜନ କରିବା ସହିତ ସେ ଦେଶର ସଂସ୍କୃତି, ସାମାଜିକ ଜୀବନ ସମ୍ପର୍କରେ ତାହାର ଜ୍ଞାନଥିବା ଅପରିହାର୍ଯ୍ୟ(୩) ଅନୁବାଦକଙ୍କର ଭାବ ଓ ଭାଷା ଉଭୟ ଦୁଇଟି କଳା ଥିଲେ ଅନୁବାଦ କାର୍ଯ୍ୟ ସହଜ ହୋଇଥାଏ (୪)ଅନୁବାଦକଙ୍କର ଗଭୀର ଜ୍ଞାନ ଓ ଜିଜ୍ଞାସାବୋଧ ରହିବା ଦରକାର; ଯାହାକି ତାଙ୍କୁ ଅନୁବାଦ କାର୍ଯ୍ୟରେ ନୂତନ ଦିଶାମାର୍ଗ କରାଇଥାଏ (୫) ଅନୁବାଦ କରିବା ପାଇଁ ଅନୁବାଦକଙ୍କର ସତର୍କତା, ସର୍ଜନଶୀଳ ପ୍ରତିଭା ଦରକାର, ଏକ ସୂକ୍ଷ୍ମ ଭାବନା ତଥା ଉପଲବ୍ଧି ଦରକାର ଓ ଅଦମ୍ୟ କ୍ଷମତା ଦରକାର।

ବିଶ୍ୱସାହିତ୍ୟରେ ଅନୁବାଦର ମୁଦ୍ରାଙ୍କ ସୁସ୍ପଷ୍ଟ । ଏହାର ପ୍ରାଥମିକ ପର୍ଯ୍ୟାୟ ହେଉଛି ' ମିଶରୀୟ ସଭ୍ୟତାର ଚିତ୍ରଲିପି'। ବିଶ୍ୱ ସାହିତ୍ୟରେ ପ୍ରଥମେ ଦୁଇ ହଜାରରୁ ଅଧିକ ବର୍ଷ ପୂର୍ବେ ଖ୍ରୀ.ପୂ ୨୪୦ରେ ହୋମରଙ୍କ 'ଓଡେଶୀ'କୁ ଲିଭିୟୁସ ଆଣ୍ଡ୍ରୋନିକ୍ସ (Livius Andronicus) ଲାଟିନ ଭାଷାରେ ଅନୁବାଦ କରିଥିଲେ। ୟୁରୋପର ବୋଧହୁଏ ସେ ହେଉଛନ୍ତି ପ୍ରଥମ ଅନୁବାଦକ। ହୋମରଙ୍କ ଓଡେଶୀ ବ୍ୟତୀତ ଇଲିୟାଡ, ଓଭିଡଙ୍କ ମେଟମରଫିସିସ, ଆରିଷ୍ଟୋଟଲଙ୍କ ପୋଏଟିକ୍ସ ବିଶ୍ୱର ବହୁ ଭାଷାରେ ଅନୂଦିତ । ବିଶ୍ୱର କେତେଜଣ ଉଚ୍ଚକୋଟିର ଅନୁବାଦକ ହେଉଛନ୍ତି ଚସର, ଗେଟେ, କାରଲାଇଲ, ମିଲଟନ, ମେଟରଲିଙ୍କ, ଜିନେ, ରୋମାଜରାଲା ଓ ରବୀନ୍ଦ୍ରନାଥ ଠାକୁର ।

ଭାରତବର୍ଷରେ ଆଞ୍ଚଳିକ ସାହିତ୍ୟର ମୂଳଉତ୍ସ ହେଉଛି ସଂସ୍କୃତ ସାହିତ୍ୟ । ଛାପାଖାନା ଆସିବା ପୂର୍ବରୁ ଏ ଦେଶର ସାହିତ୍ୟ ତାଳପତ୍ର ପୋଥିରେ ସଞ୍ଚିତ ହୋଇ ରହିଥିଲା । ମୁଦ୍ରାଯନ୍ତ୍ରର ପ୍ରସାର ଫଳରେ ଊନ୍ନବିଂଶ ଶତକରୁ ବହୁଭାଷାରୁ ଓଡ଼ିଆ ଭାଷାକୁ ଅନୁବାଦ ହୋଇ ଅଦ୍ୟାବଧି ଓଡ଼ିଆ ଅନୁବାଦ ସାହିତ୍ୟର ଅଭିବୃଦ୍ଧି ଘଟିଛି । ମିଶନାରୀମାନେ ଓଡ଼ିଆ ଭାଷାରେ ଖ୍ରୀଷ୍ଟିୟାନ ଧର୍ମଗ୍ରନ୍ଥ ଓ ଅନ୍ୟପୁସ୍ତକର ଅନୁବାଦ କରିଛନ୍ତି । ଓଡିଆ ଅନୁବାଦ ସାହିତ୍ୟର ମୂଳ ଉତ୍ସ ସଂସ୍କୃତ ମହାଭାରତ, ରାମାୟଣ ଏବଂ ଭାଗବତକୁ ଅନୁସରଣ କରି ରଚନା କରିଛନ୍ତି ।

ଭାରତରେ ସଂସ୍କୃତ ଭାଷାରେ ବହୁ ଉଚ୍ଚକୋଟିର ଗ୍ରନ୍ଥ ରଚିତ ହୋଇଛି । କାଳିଦାସଙ୍କ ରଚନାବଳୀ ସଂସ୍କୃତରୁ ଇଂରାଜୀ,ଜର୍ମାନୀ ପ୍ରଭୃତି ନାନା ଭାଷାରେ ଅନୂଦିତ ହୋଇ ସମଗ୍ର ବିଶ୍ୱରେ ପ୍ରଶଂସନୀୟ। ମୋଗଲ ଶାସନକାଳରେ ବହୁ ସଂସ୍କୃତ ଗ୍ରନ୍ଥ ପାର୍ସୀ ଭାଷାକୁ ଅନୁବାଦ କରାଯାଇଛି । ଏହି ଅନୂଦିତ ଗ୍ରନ୍ଥ ମଧ୍ୟରେ 'ଗୀତା', 'ରାମାୟଣ', 'ଉପନିଷଦ', 'ପଞ୍ଚତନ୍ତ୍ର', 'ଭେଷଜ ଶାସ୍ତ୍ର' ଇତ୍ୟାଦି । ବିଶେଷକରି ବାଇବେଲ ପୃଥିବୀର ପ୍ରାୟ ସମସ୍ତ ଭାଷାରେ ଅନୂଦିତ ହୋଇଛି । ଓଡ଼ିଆ ଭାଷାରେ ପ୍ରଥମ କରି ବାଇବେଲର ଅନୁବାଦ ପ୍ରକାଶ ପାଇଲା ୧୮୧୧ ମସିହାରେ । ଏହି ନିଉ ଟେଷ୍ଟାମେଣ୍ଟର ଓଡ଼ିଆ ଅନୁବାଦକ ଥିଲେ ଡକ୍ଟର କାରେ ଓ ପୁରୁଷୋତ୍ତମ ପଣ୍ଡିତ ।

ଓଡିଆ ସାହିତ୍ୟର ଆଦିକବି ସାରଳା ଦାସ ସଂସ୍କୃତ ମହାଭାରତର ଛାୟାନୁବାଦ ଭାବରେ ଲେଖିଛନ୍ତି ଓଡ଼ିଆ ମହାଭାରତ । ଜଗନ୍ନାଥ ଦାସ ସଂସ୍କୃତ ଭାଗବତର ଭାବାନୁବାଦ କରିଛନ୍ତି । ବଳରାମ ଦାସ ବାଲ୍ମୀକି ରାମାୟଣର ଅନୁସରଣରେ ଲେଖିଛନ୍ତି ଦାଣ୍ଡି ରାମାୟଣ। ତେବେ ଓଡିଆ ସାହିତ୍ୟର ଆଦିରୂପ ଯେ ଅନେକାଂଶରେ ସଂସ୍କୃତ ସାହିତ୍ୟର ଛାୟାନୁବାଦ : ଏଥିରେ ଦ୍ୱିଧାମତ ନହିଁ। ସଂସ୍କୃତର ଗୋଟିଏ ଗ୍ରନ୍ଥ ଓଡିଆ ଭାଷାରେ ଅନେକ ଲେଖକଙ୍କ ଦ୍ୱାରା ଅନୂଦିତ ହୋଇଛି । ଯେମତି ଗୀତ ଗୋବିନ୍ଦକୁ ପ୍ରଥମେ ୧୬୦୦ ଶତାବ୍ଦୀରେ ଧରଣୀଧର ଦାସ ଅନୁବାଦ କରିଛନ୍ତି । ପରେ ବୃନ୍ଦାବନ ଦାସ ରସବାରିଧି, ବଦରି ଦାସ 'ଅର୍ଥଗୋବିନ୍ଦ' ଆଦି ନାମରେ ଅନୁବାଦ କରିଛନ୍ତି । ବାଉରୀବନ୍ଧୁ କର 'ଓଡ଼ିଆ ସାହିତ୍ୟର ଇତିହାସ'ରେ ଲେଖିଛନ୍ତି –"ଜାଗା ଛାଡ଼ିବେନି ଓଡିଆରେ ସଂସ୍କୃତ ସାହିତ୍ୟରୁ ବହୁ ଗଦ୍ୟଗ୍ରନ୍ଥ ଅନୂଦିତ ହୋଇଛି । ଅତି ପ୍ରାଚୀନ କାଳରୁ ଏବେ ସୁଦ୍ଧା ବିଭିନ୍ନ ସମୟରେ ମିତ୍ରଲାଭ , ବତ୍ରିଶ ସିଂହାସନ କଥା, କାଦମ୍ବରୀ ପ୍ରଭୃତି ଅନୁବାଦ ହେଉଛି।" ୩

ଉଭୟ ଓଡ଼ିଆ ଏବଂ ହିନ୍ଦୀ ସାହିତ୍ୟ ଜଗତ ପାଇଁ ଯାହାଙ୍କ

ଅବଦାନ ବେଶ୍ ଅଧିକ ଓ କ୍ଲାସିକ୍ ସାହିତ୍ୟରୁ ଆରମ୍ଭକରି ସମକାଳୀନ ସାହିତ୍ୟ ପର୍ଯ୍ୟନ୍ତ, ସବୁ ସମୟର ଏବଂ ସବୁ ପିଢିର ସାହିତ୍ୟିକଙ୍କ ସହ ଯିଏ ପରିଚିତ ତଥା ଓଡ଼ିଆ ସାହିତ୍ୟର ଶ୍ରେଷ୍ଠ ଲେଖାଗୁଡ଼ିକୁ ଅନୁବାଦ ମାଧ୍ୟମରେ ଭାରତୀୟ ସାହିତ୍ୟରେ ପହଞ୍ଚାଇଥିବା ସେହି ଲୋକପ୍ରିୟ ଅନୁବାଦକ ହେଲେ ଅବସରପ୍ରାପ୍ତ ହିନ୍ଦୀ ପ୍ରଫେସର ଅଜୟ କୁମାର ପଟ୍ଟନାୟକ । କେବଳ ଓଡ଼ିଆକୁ ହିନ୍ଦୀରେ ନୁହେଁ, ହିନ୍ଦୀ ସାହିତ୍ୟର ଅନେକ ବଛା ବଛା ସାହିତ୍ୟ ସୃଷ୍ଟିକୁ ଓଡ଼ିଆରେ ଅନୁବାଦ କରି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ବ୍ୟାପକ କରିଛନ୍ତି ଡ. ପଟ୍ଟନାୟକ। ତାଙ୍କ ଦ୍ୱାରା ଅନୂଦିତ ପୁସ୍ତକ 'ଶ୍ରେଷ୍ଠ ହିନ୍ଦୀ ଗଳ୍ପ' ପୁସ୍ତକ ପାଇଁ ସେ ଓଡ଼ିଶାରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ପାଇବାକୁ ମନୋନୀତ ହୋଇ ପୁରସ୍କୃତ ହୋଇଥିଲେ ।

ସାମ୍ପ୍ରତିକ ଯୁଗରେ ଅନୁବାଦକଙ୍କ ଭୂମିକାକୁ ଯଦି ବିଶ୍ଳେଷଣ କରାଯାଏ ତେବେ ଦେଶପ୍ରେମ ଓ ଜାତିପ୍ରେମର ଉର୍ଦ୍ଧ୍ୱରେ ହେଉଛି ବିଶ୍ୱପ୍ରେମ ଓ ନିଖିଳ ମାନବର ସମାଜ ସେବା ଏବଂ ଏହି ମହାନ କର୍ତ୍ତବ୍ୟ ପାଳନରେ ଅନୁବାଦକର ରହିଛି ଏକ ବିରାଟ ଦାୟିତ୍ୱ । ଅନୁବାଦ ପୁସ୍ତକ ପାଠ କଲେ ପାଠକ ଓ ସାହିତ୍ୟିକ ଆନନ୍ଦିତ ହୁଅନ୍ତି। ଅନୁବାଦ ସର୍ବଦା ସାମାଜିକ କଲ୍ୟାଣ ସାଧନାରେ ନିମଜ୍ଜିତ। ଏକ ବୃହତ୍ତର ଜାତୀୟ ସ୍ୱାର୍ଥ ସାଧନାର ଆଭିମୁଖ୍ୟ ଅନୁବାଦ ସାହିତ୍ୟରେ ସୁସ୍ପଷ୍ଟ। ଅସୀମ ଜ୍ଞାନ ଜଗତର କେତୋଟି ପରିଚ୍ଛେଦକୁ ଅନୂଦିତ ଭାଷାଭାଷୀ ଲୋକେ ପାଠ କରିବାର ସୁଯୋଗ ପାଆନ୍ତି । ତେଣୁ ଅନୁବାଦ କରିବା ପାଇଁ ଉଭୟ ଭାଷାରେ ଜ୍ଞାନ ଆବଶ୍ୟକ ହେଉଥିବାରୁ ଅନେକ ଆଗ୍ରହ ଦେଖାଉନାହାନ୍ତି । ଅନୁବାଦର ଦକ୍ଷତା ବହୁତ କମ୍ ଲୋକଙ୍କ ପାଖରେ ଅଛି । ଅଦ୍ୟାବଧି ବହୁ ଗ୍ରନ୍ଥ ଓଡିଆରେ ଅନୁବାଦ ହେବା ସହ ଓଡ଼ିଆରୁ ବିଭିନ୍ନ ଭାଷାକୁ ମଧ୍ୟ ଅନୁବାଦ ହୋଇସାରିଲାଣି । ଯେଉଁମାନେ ବି ଅନୁବାଦ କରୁଛନ୍ତି ସେମାନେ ଖୁବ୍ ଭଲ ଅନୁବାଦ କରୁଛନ୍ତି, ହେଲେ ସେମାନଙ୍କ ସଂଖ୍ୟା ଯଥେଷ୍ଟ ନୁହେଁ । ବର୍ତ୍ତମାନ ଧୀରେ ଧୀରେ ଅନୁବାଦ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବାର ପ୍ରଚେଷ୍ଟା କରାଗଲାଣି । ଶବ୍ଦକୋଷ, ଭାଷାକୋଷକୁ ଧ୍ୟାନ ଦିଆଗଲାଣି କିନ୍ତୁ ସ୍ୱଳ୍ପ ପରିମାଣରେ । ଏ ଦିଗରେ ବିଶେଷ ପଦକ୍ଷେପ ନିଆଯିବା ଆବଶ୍ୟକ । ଏତଦ ଦ୍ୱାରା ହେଲେ ଅନୁବାଦକମାନଙ୍କୁ ଏକ ନୂଆ ଦିଶା ମିଳିପାରନ୍ତା ।

ବାସ୍ତବିକ ଅନୁବାଦ ଏପରି ଏକ ପୁଣ୍ୟ କର୍ମ ଯଦ୍ୱାରା ବିଶ୍ୱମାନବ ଉପକୃତ ହୋଇପାରିଛି । ସାହିତ୍ୟର ଧର୍ମ ପ୍ରଚାରରେ ଅନୁବାଦ ସହାୟକ । ଦେଶ-କାଳ-ପାତ୍ରର ସୀମା ସରହଦ ପାର କରି ଅଜଣା ଜଗତ ସମ୍ପର୍କରେ ଜିଜ୍ଞାସା ମନୋବୃତ୍ତି ହିଁ ଅନୁବାଦକକୁ ଏହି କ୍ରିୟାରେ ପ୍ରଚେଷ୍ଟିତ କରେ । ବିଶ୍ୱର ବିଭିନ୍ନ ସୁସାହିତ୍ୟିକ, ସମାଲୋଚକ ବିଭିନ୍ନ ମତ ଦେଇଥିଲେ ହେଁ ଯଦି ଅନୁବାଦକ ନଥାନ୍ତେ ତେବେ ଆମେ ଅନ୍ୟ ଦେଶର ,ରାଜ୍ୟର ,ଜାତିର ସଂସ୍କୃତି ସମ୍ପର୍କରେ କିପରି ଅବଗତ ହୋଇପାରିଥାନ୍ତେ ?

ଜ୍ଞାନ ରହିଲେ ଅନୁବାଦ କାର୍ଯ୍ୟ ସହଜ ହୁଏ । ଜ୍ଞାନ ଅର୍ଥାତ ବିଭିନ୍ନ ଭାଷା ସମ୍ପର୍କୀୟ ଜ୍ଞାନ । ବିଭିନ୍ନ ଭାଷାର ଜ୍ଞାନ ଭାଷାନ୍ତର କାର୍ଯ୍ୟରେ ସହାୟକ ହୋଇଥାଏ; ତେଣୁ ଆମକୁ ଭିନ୍ନ ଭାଷା ଶିଖିବା ଉଚିତ ଏବଂ ବିଭିନ୍ନ ଭାଷାରେ ଅନୁବାଦ କାର୍ଯ୍ୟ କରିବାର ପ୍ରଚେଷ୍ଟା କରିବା ମଧ୍ୟ ଉଚିତ । ତେବେ କହିବାକୁ ଗଲେ ଓଡ଼ିଆକୁ ଯେଉଁ ପରିମାଣରେ ଅନୁବାଦ ହେଉଛି, ସେହି ପରିମାଣର ଓଡ଼ିଆରୁ ଅନ୍ୟ ଭାଷାକୁ ହୋଇପାରୁନାହିଁ । ବିଶ୍ୱର ଚର୍ଚ୍ଚିତ କୃତିଗୁଡିକ ଓଡ଼ିଆକୁ ଅନୁବାଦ ହୋଇପାରିଲେ ସାହିତ୍ୟର ସୀମାସରହଦ ଯଥେଷ୍ଟ ପ୍ରସାରିତ ହେବ, ଏଥିରେ ସନ୍ଦେହ ନାହିଁ । ଅନୁବାଦ କାର୍ଯ୍ୟରେ ଆଗ୍ରହ ପ୍ରକାଶ କଲେ ଆମ ଓଡ଼ିଆ ଅନୁବାଦ ସାହିତ୍ୟର ଭଣ୍ଡାର ସମୃଦ୍ଧ ହେବ, ଏହା ଆଶା ଓ ବିଶ୍ୱାସ ।

**ସହାୟକ ଗ୍ରନ୍ଥସୂଚୀ**

୧-ବାରିକ, ସୌରୀନ୍ଦ୍ର- ଅନୁବାଦ ସମ୍ପର୍କରେ- ସାଂପ୍ରତିକ କାଳ ଓ ଚିରନ୍ତନ କବି, ପୃ-୯୮ ।

୨-ପଟ୍ଟନାୟକ, କୈଳାସ-ପବିତ୍ର ପାପର କାରଣ ଜିଜ୍ଞାସା- ଗବେଷଣା ବିଧି ଓ ଅନୁବାଦ କଳା (ସଂପାନ)-ସଂ-ଅଧ୍ୟାପକ ବନମାଳୀ ବାରିକ, ଅଧ୍ୟାପିକା ମନୋରମା ବିଶ୍ୱାଳ ମହାପାତ୍ର, ପୃ-୨୧

୩-କର , ବାଉରୀବନ୍ଧୁ –ଓଡ଼ିଆ ସାହିତ୍ୟର ଇତିହାସ –ଫ୍ରେଣ୍ଡସ ପବ୍ଲିଶର –କଟକ , ୨୦୧୫ .

❖❖❖

# 'ମାଟି ମାଟି ଆକାଶ ଆକାଶ ' : ଏକ ମାର୍ମିକ ପରିକ୍ରମଣ



ISSN-2583-6978
Volume-3
Issue-8
AUGUST-2023

**ଚନ୍ଦ୍ରିକାରାଣୀ ପଣ୍ଡା**

(ଗବେଷିକା)
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,ଦ୍ୱିତୀୟ ପରିସର,କେନ୍ଦୁଝର

କବି ସୂର୍ଯ୍ୟସ୍ନାତ ତ୍ରିପାଠୀ ଅଧୁନା ତରୁଣ ପିଢ଼ିର ଜଣେ ସମ୍ଭାବନା ସମ୍ପନ୍ନ କବି। ତାଙ୍କର ପ୍ରଥମ କବିତା ପ୍ରକାଶ ପାଏ ୨୦୧୩ ଧରିତ୍ରୀ ସାହିତ୍ୟାୟନରେ। ମାଟି ଠାରୁ ଆରମ୍ଭି ଆକାଶ ଯାଏଁ ସୁବିସ୍ତୃତ ଯାହାଙ୍କର ସର୍ଜନର ଦିଗନ୍ତ। ଯିଏ ବିଘଟିତ ହୁଅନ୍ତି କବିତାରେ,ସଂଗଠିତ ହୁଅନ୍ତି କବିତାରେ। ଯାହାଙ୍କର ସ୍ପନ୍ଦନରେ, ରକ୍ତାଣୁରେ କବିତାର ସଞ୍ଚରଣ। ଯାହାଙ୍କ ପାଇଁ କବିତାର ସଂଜ୍ଞା ହେଉଛି ନିଜ ପାଖେ ଯାହା ସବୁ ଅଛି ସେଇ ସବୁକୁ ଶବ୍ଦରେ ଶବ୍ଦରେ ବାଣ୍ଟି ଦେବା। ଯିଏ ଜୀବନର ଚଲା ବାଟରେ ପ୍ରତି ମୁହୂର୍ତ୍ତରେ କବିତାକୁ ଭୋଗୁଥାନ୍ତି। କେବେ ଦୁଃଖରେ ତ କେବେ ସୁଖରେ, କେବେ ଭଲରେ ତ କେବେ ମନ୍ଦରେ। ଜୀବନର ସବୁତକ ଲୋଡିବାପଣକୁ କବି ଖୋଜନ୍ତି କବିତାରେ। ତେଣୁ ତାଙ୍କ କବିତାରେ ଜୀବନର ଚରମ ବାସ୍ତବତା ଏବଂ ପ୍ରେମର ଅନନ୍ତ ଉପଲବ୍ଧି ପ୍ରତିଭାତ। ଯିଏ କୁହନ୍ତି "କଣ୍ଟାର ଚୁମ୍ବନ ବି ଭୋଗିପାରେ ମୁଁ ପ୍ରତିକ୍ଷଣ, ନିର୍ଦ୍ଵନ୍ଦରେ। ଫୁଲ ପ୍ରିୟ ମତେ କଣ୍ଟା କିନ୍ତୁ ଅପ୍ରିୟ ନୁହେଁ" (୧) ଏହି ପରିପ୍ରେକ୍ଷୀରେ ୱିଲିୟମ ସେକ୍ସପିୟରଙ୍କ ଦର୍ଶନର ଏକ ମନ୍ତବ୍ୟ ମନେପକାଯାଇପାରେ 'Love me or hate me, both are in my favour' ଅର୍ଥାତ୍ ଜୀବନ ପାଇଁ ଭଲପାଇବା ଯେତିକି ଜରୁରୀ ଘୃଣା ମଧ ଅନୁରୂପେ, ସୁତରାଂ ଉଭୟଟିର ଜୀବନରେ ରହିଛି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା। ତେଣୁ ଜୀବନବାଦୀ କବିମାନେ ଜୀବନର ବୈଚିତ୍ରକୁ ନେଇ ଯେତେବେଳେ କବିତା ରଚନା କରିଥାନ୍ତି ସେତେବେଳେ ହସକାନ୍ଦର ସମନ୍ୱୟରେ ଜୀବନର ବିଶାଳତା ଓ ପ୍ରାଣପ୍ରାଚୁର୍ଯ୍ୟ ଭିତର ଦେଇ କବିଙ୍କର ସାକାରତା ହିଁ ପ୍ରତିଫଳିତ ହୋଇଥାଏ ପ୍ରକାରାନ୍ତରେ । ଯାହାକୁ ମର୍ମେ ମର୍ମେ ଅନୁଭବିଛନ୍ତି କବି ତ୍ରିପାଠୀ ।

କବିତା ବ୍ୟତୀତ ସେ ଅନେକ ମୌଳିକ ପ୍ରତିଭା ଓ ବିଚାରଧାରାରେ ସମୃଦ୍ଧ। ଖୁବ୍ କମ୍ ବୟସର ହେଲେ ହେଁ ସେ ନିଜ ପାଇଁ ଦଖଲ୍ କରିନେଇଛନ୍ତି ସାହିତ୍ୟର ସାମ୍ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଓ ସ୍ୱୀକୃତି। ୨୦୧୭ ମସିହାରେ କବିତା ସଂକଳନ 'ଏ ସଂପର୍କ ଏମିତି'(୨୦୧୫) ପାଇଁ ସେ ଲାଭ କରିଛନ୍ତି ସମ୍ମାନ ଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର। ଏହାଛଡା ତାଙ୍କର ଅନ୍ୟାନ୍ୟ କବିତା ସଙ୍କଳନ ଗୁଡ଼ିକ ହେଲା 'ହଜାରେ ଜହ୍ନର ରାତି',(୨୦୧୪) 'ଗଙ୍ଗ ଶିଉଳିର ଗପ',(୨୦୧୭) 'ଅବୁଝା ଅକୁହା',(୨୦୧୯)''। ସଦ୍ୟ ପ୍ରକାଶ ପାଇଛି ତାଙ୍କ କବିତା ସଙ୍କଳନ 'ମାଟି ମାଟି ଆକାଶ ଆକାଶ'(୨୦୨୦) । କବିତାରେ ଆତ୍ମମଗ୍ନ କବି ତ୍ରିପାଠୀ ଗଳ୍ପ,ନାଟକ, ତଥା ଅନୁବାଦରେ ମଧ ଖୁବ୍ ରୁଚି ରଖନ୍ତି। ହିନ୍ଦୀ କବି ଧର୍ମ ବୀର ଭାରତୀ ଙ୍କର ଲୋକପ୍ରିୟ ତଥା ପ୍ରସିଦ୍ଧ କବିତା ପୁସ୍ତକ 'କନୁପ୍ରିୟା'(୨୦୧୯)ର ଓଡ଼ିଆ ଅନୁବାଦ, ତାଙ୍କ ଅନୁବାଦ ଦକ୍ଷତାର ଏକ ପ୍ରମୁଖ ପରିଚାୟକ କହିଲେ ଅତ୍ୟୁକ୍ତି ହେବ ନାହିଁ। କବିତା ସଙ୍କଳନ 'ମାଟି ମାଟି ଆକାଶ ଆକାଶ' ପୁସ୍ତକଟି ଅବଲୋକନରେ ଦେଖାଯାଏ ଉକ୍ତ କବିତା ସଂକଳନଟି ୪୫ ଗୋଟି କବିତାର ସମାହାର। ଏଥିମଧ୍ୟରୁ ୬ଗୋଟି କବିତା ରହିଛି ସିରିଜ୍ କବିତା ବା ପର୍ଯ୍ୟାୟ କ୍ରମିକ କବିତା। ଉକ୍ତ ସଂକଳନସ୍ଥ ପ୍ରମୁଖ କବିତା ଗୁଡିକ ହେଲା 'ଝରକା ସେପାଖେ ଆକାଶ','ଅଭିସାରିକା', 'ମେଘ ଭାଙ୍ଗିଯାଏ ପ୍ରିୟ', 'ପ୍ରେମିକପଣ', 'ପକ୍ଷୀଜନ୍ମ', 'ପ୍ରତିପଦର କବିତା', 'ଦେଶ', 'ପ୍ରବାସ କବିତା', 'ସେ ବୃକ୍ଷରେ ନିବାସ ମୋର', 'ବର୍ଣ୍ଣାନ୍ଧ', 'ବନ୍ଧୁକ', ବହି ଓ

ବଂଶୀ' ଇତ୍ୟାଦି।

ବିଶେଷକରି କବି ତ୍ରିପାଠୀଙ୍କ ଉକ୍ତ ସଂକଳନସ୍ଥ ଅଧିକାଂଶ କବିତାରେ ପରିଲକ୍ଷିତ ଦ୍ୱୈତ୍ୟ ପ୍ରତିବାଦୀ ଚେତନା(Binary opposition) ର ଏକ ପ୍ରମୁଖ ଅବବୋଧ। ଦ୍ୱୈତ୍ୟ ପ୍ରତିବାଦୀ ଚେତନାର ଅବବାହକ ରୂପେ ଆମେ ଡେରିଡ଼ାଙ୍କୁ ଜାଣୁ। ଏହି ପ୍ରଥାନୁସାରେ 'ଦିନ ସହ ରାତି' 'ଅନ୍ଧାର ସହ ଆଲୋକ' 'ଜୀବନ ସହ ମୃତ୍ୟୁ' 'ଆନନ୍ଦ ସହ ଦୁଃଖ' ଓତଃପ୍ରୋତ ଭାବେ ଜଡ଼ିତ। ଏବଂ ଏହି ଚେତନାର ଅର୍ଥବୋଧର ଭିତ୍ତି ଭାବରେ ଉପସ୍ଥାପିତ ଉପରୋକ୍ତ କେହି କାହାରି ଠାରୁ ଭିନ୍ନ ନୁହନ୍ତି।

ଏଠାରେ ଦ୍ୱୈତ୍ୟ ପ୍ରତିବାଦୀ ଚେତନାର ପ୍ରସଙ୍ଗ ଉପସ୍ଥାପନ କରିବାର ଅଭିପ୍ରାୟ ହେଉଛି କବି ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କର 'ମାଟି ମାଟି ଆକାଶ ଆକାଶ' କବିତା ସଂକଳନର ଶୀର୍ଷକ ସମେତ ଏଥିରେ ସଂକଳିତ ଅଧିକାଂଶ କବିତା ଏହି ଦ୍ୱୈତ୍ୟ ପ୍ରତିବାଦୀ ଚେତନାର ଅବଧାରଣାକୁ ବହନ କରେ ଏବଂ ଏହି ଚେତନାର ଏକ ସ୍ପଷ୍ଟ ରୂପାୟନ ତାଙ୍କ କବିତା ମାନଙ୍କରେ ପରିଲକ୍ଷିତ ହୁଏ। ଯାହା ଦ୍ୱୈତ୍ୟ ପ୍ରତିବାଦୀ ଚେତନା ଗ୍ରହଣ କରେ ଯେ ଯୁଗ ଯୁଗ ଧରି ଆମେ ଯେଉଁ ସବୁ ଶବ୍ଦ କୁ ଆମ ଚେତନ ସ୍ତରରେ ପରସ୍ପରର ବିରୋଧୀ ଭାବେ ଗ୍ରହଣ କରି ନେଇଛନ୍ତି ଏହା ପ୍ରକୃତରେ ପରସ୍ପରର ବିରୋଧୀ ନୁହନ୍ତି ବରଂ ଉଭୟ ଉଭୟର ପରିପୂରକ।ତେଣୁ ଗୋଟିଏ ବିନା ଅନ୍ୟଟିର ସତ୍ତାକୁ ପରିକଳ୍ପନା କରିବା ଅସମ୍ଭବ। ଅନେକ ସ୍ଥଳେ ଆମେ ଗୋଟିକୁ ସୁ(ଭଲ) ଏବଂ ଅନ୍ୟଟିକୁ କୁ(ଖରାପ) ଅର୍ଥରେ ମଧ୍ୟ ବ୍ୟବହାର କରିଥାଉ ଯେମିତି ପାପ କୁ କୁ(ଖରାପ) ଅର୍ଥରେ ବ୍ୟବହାର କରୁଥିବା ସ୍ଥଳେ ପୁଣ୍ୟକୁ ସୁ(ଭଲ) ଅର୍ଥରେ ବ୍ୟବହାର କରିଥାଉ।ଏହି ଅବଧାରଣା ବା ବିଶ୍ୱାସ କୁ ସମ୍ପୂର୍ଣ୍ଣ ଅସ୍ୱୀକାର କରି 'ଡେରିଡ଼ା' କୁହନ୍ତି ପୃଥିବୀରେ କୌଣସି ଶବ୍ଦ ପରସ୍ପର ବିରୋଧୀ ନୁହଁନ୍ତି। ଠିକ୍ ଏହି ଚିନ୍ତା ଚେତନାର ସ୍ଫୁରଣ ଦେଖିବାକୁ ମିଳେ କବି ତ୍ରିପାଠୀଙ୍କ କବିତାରେ। ତେଣୁ ସେ ଆଲୁଅ ଅନ୍ଧାର ଉଭୟକୁ ଲୋଡ଼ନ୍ତି କବିତାରେ। ସେ କୁହନ୍ତି:-

"ମୁଁ ମୋ ଆଲୁଅରେ ଅନ୍ଧ।
ଓ ତୁମେ! ହୁଏତ,ତୁମେ ବି ନିଜ ଆଲୁଅରେ ଅନ୍ଧ......
ହୁଏତ, ଆମେ କେହି ବି କିଛି ବି ଦେଖୁନେ ସତରେ!" (୨)

ସୁତରାଂ ଉକ୍ତ କବିତା ମାଧ୍ୟମରେ କବି ଏକ ସର୍ବକାଳିକ ସତ୍ୟ ରୂପେ ମାନିନେଇ ଆସୁଥିବା ଯୁକ୍ତିକୁ ଅତିକ୍ରାନ୍ତ କରି ଦୁଇପାଦ ଆଗକୁ ଯାଇ କହିଛନ୍ତି ଯେ ପ୍ରକୃତରେ ଅନ୍ଧାର ମଣିଷକୁ ଅନ୍ଧ କରେନି କେବେ କେବେ ଆଲୁଅରେ ବି ଅନ୍ଧତ୍ୱ ଗ୍ରାସ କରେ। ତେଣୁ ଏ ଆଲୁଅ-ଅନ୍ଧାର ବା ନାରୀ-ପୁରୁଷ ସମ୍ପୂର୍ଣ୍ଣ ବିରୋଧାତ୍ମକ ନୁହଁନ୍ତି। ସେମିତି ତଥାକଥିତ ଭାବେ କୁହାଯାଇଆସୁଛି ଯେ ଯେଉଁଠି ପ୍ରେମ ଥାଏ ସେଠି ଅହଂକାର ନଥାଏ। ଆଉ ଯେଉଁଠି ଅହଂକାର ଥାଏ ସେଠି ପ୍ରେମ ନଥାଏ। ଏହି ଚିରାୟତ ଅବଧାରଣାକୁ ଭାଙ୍ଗି କବି ନିଜସ୍ୱ ଆବେଗରେ ପ୍ରତିଭାତ। ତେଣୁ ସେ 'ଆଖି' କବିତାରେ କୁହନ୍ତି:-

"ତୋ ଆଖି ତୋ ଅହଂ,ତୋ ଭିତରକୁ ବାଟ,
ଓ ତୋ ଭିତର ଦେଇ ମହାଶୂନ୍ୟକୁ,ମହାଜୀବନକୁ ବାଟ।
ହଜାରେ ଆକାଶ ଗଙ୍ଗାର ନାଭି ଏ ଆଖି,
କୋଟିଏ ଆଲୋକରେଖାର ଛେଦ ବିନ୍ଦୁ ଏ ଆଖି,
ସାତସହସ୍ର ମୁହାଣ ଏ ଆଖି,ପ୍ରେମ ଓ ପାର୍ବଣ ଏ ଆଖି।" (୩)

ଅହଂକାର ଭରା ଆଖିରେ ବି ଥାଏ ପ୍ରେମ,ପାର୍ବଣ, ମହାଜୀବନ, ମହାଶୂନ୍ୟ ଯାହା ଉପରୋକ୍ତ କବିତାରେ ପରିଲକ୍ଷିତ। ତେଣୁ ଅହଂକାର ପ୍ରେମର ବଇରି ନୁହେଁ ବରଂ ପ୍ରେମର ଏକ ମହତ୍ତ୍ୱର ଚେତନାର ଉପଲବ୍ଧି ପାଇଁ ଅହଂକାରକୁ ଏକ ପ୍ରମୁଖ ମାଧ୍ୟମ କରିଛନ୍ତି କବି। ଏଥିରୁ ଜଣାପଡ଼େ ଯେ ଯାହା 'ଡେରିଡ଼ା' କହିଛନ୍ତି ପରୋକ୍ଷରେ କବି ତ୍ରିପାଠୀ ନିଜ କବିତାରେ ତାହା ହିଁ ଗ୍ରହଣ କରିଛନ୍ତି ଯେ ପ୍ରକୃତରେ ପୃଥିବୀରେ କୌଣସି ଜିନିଷ କାହାର ବିରୋଧୀ ନୁହଁନ୍ତି ବରଂ କାଳାନୁକ୍ରମିକ ଭାବରେ ବିରୋଧାତ୍ମକ କୁହାଯାଇ ଆସୁଥିବା ପ୍ରତ୍ୟେକଟି ଭିତରେ ହିଁ ଲୁଚିକି ରଖିଥାଏ ଅପରଟିର ମହାନତା ବା ଏମିତି କହିପାରିବା ଗୋଟିଏ ଭିତରେ ହିଁ ଲୁଚି ରହିଥାଏ ଅନ୍ୟଟିକୁ ଉପଲବ୍ଧି କରିବାର ଚାବି ଠିକ୍ ଯେମିତି ଶାମୁକା ପେଟରେ ଲୁଚି ରଖିଥାଏ ମୁକ୍ତା।

ସେମିତି କବିତା 'ବିଷାଦର କବିତା' କବିତାରେ କବି ଆନନ୍ଦ ନୁହେଁ ବିଷାଦକୁ ଲୋଡିଛନ୍ତି। ବିଷାଦ ହେଉଛି ଏକମାତ୍ର ଋତୁ ତାଙ୍କ ପାଇଁ । ତେଣୁ ସେ କୁହନ୍ତି:-

"ମତେ ଆଜି ଜିଦ୍ କରି କବିତା ଲେଖିବାକୁ ହେବ
ଶିବରଂଜନୀ ରାଗରେ
ଓ ନିଜକୁ ବୁଝେଇବାକୁ ହେବ,
ଯେ ବିଷାଦ ହିଁ ଏକମାତ୍ର ଋତୁ ମୋର।"(୪)

ଆଧୁନିକ ମଣିଷ ଅହରହ ସୁଖ ସ୍ୱାଚ୍ଛନ୍ଦ୍ୟ ପଛରେ ଯନ୍ତ୍ରବତ୍ ଧାବମାନ ସ୍ଥଳେ ଏ ଧରାବନ୍ଧା ସୀମାରେଖା ତଥା ନିୟମକୁ ଟପି କବି ବିଷାଦକୁ ଲୋଡିଛନ୍ତି। ଯାହାକି ସମ୍ପୂର୍ଣ୍ଣ ରୂପେ ଏକ ନୂତନ ଚିନ୍ତା ଚେତନାର ଭିତ୍ତି ସ୍ଥାପନ ବୋଲି ଅସ୍ୱୀକାର କରାଯାଇନପାରେ।

କେବଳ ଏତିକି ନୁହେଁ କବିଙ୍କ ଜୀବନର ସବୁତକ ଶ୍ରେୟ ସନ୍ନିବେଶିତ ହୋଇଛି ଅପ୍ରାପ୍ତିରେ। ତେଣୁ ସେ Jacques Derridaଙ୍କ ପରି ସବୁ ଅସମ୍ଭବତା ତଥା ବିପରୀତାର୍ଥ ବୋଧକ

ପ୍ରତ୍ୟୟ ଭିତରେ ଖୋଜିଛନ୍ତି ସମ୍ଭାବନା। କବିତା 'ଅଭିସାରିକା' ରେ ସେ କହୁଛନ୍ତି:-

"ମୋ ପାଦକୁ ମୁଁ ସ୍ୱପ୍ନ ଦେବି, ଶୋଷ ଦେବି,
ସମାଜର ସବୁ ବନ୍ଧ ଡେଇଁବାର ଦୁଃସାହସ ଦେବି।
ମୁଁ ଅବାଟରେ ଯିବି....
ମୁଁ ଅଗମ୍ୟକୁ ଯିବି.... ମୁଁ ଅପ୍ରାପ୍ୟ ଖୋଜିବି
ମୁଁ ନିଆଁ ପିନ୍ଧି ଅପସ୍ମାର ହେବି ।" (୫)

କେବଳ ସେତିକି ନୁହେଁ ଭଲ ପାଇବାର ବିବିଧ ରୂପ ପରିଲକ୍ଷିତ ହୋଇଛି କବି ତ୍ରିପାଠୀଙ୍କ ଏକାଧିକ କବିତାରେ। ତାଙ୍କର ଅଧିକାଂଶ କବିତାର ମୁଖ୍ୟ ସ୍ୱର ହେଉଛି ପ୍ରେମ ଯାହା ପ୍ରଭାବର ତୀବ୍ରତା କବିଙ୍କ ଅନେକ କବିତାରୁ ବାରି ହୋଇପଡ଼େ। କବିତା 'ପ୍ରତିପାଦର କବିତା-୫' ରେ ସେ କୁହନ୍ତି-

"ପ୍ରିୟ !କେବେ ଯଦି ତୁମେ ସରାଗରେ ଡାକ,
ମୁଁ ଅଚିରେ ନର୍କେ ଯିବି
ହିଁ ସହସ୍ର ସ୍ୱର୍ଗକୁ ତୁଚ୍ଛ କରି ମୁଁ ଯିବି,ବାରମ୍ବାର ମୁଁ ଯିବି
ଯେଣୁ ତୁମେ ଡାକିବି ହିଁ ଶେଷ ସୁଖ।" (୬)

ଅର୍ଥାତ୍ ପ୍ରେମ ପାଇଁ ସେ ସ୍ୱର୍ଗକୁ ମଧ୍ୟ ଅଚିରେ ଛାଡିଦେବାକୁ ପ୍ରସ୍ତୁତ। ତାଙ୍କ ପାଇଁ ସ୍ୱର୍ଗରେ ପ୍ରେମ ନୁହେଁ ବରଂ ପ୍ରେମରେ ସ୍ୱର୍ଗ ସମାହିତ। କେବଳ ପ୍ରେମିକାଟିଏ ହୋଇ ଯେ ପ୍ରିୟ ପାଇଁ ପ୍ରେମର ଆକୁଳତା ପ୍ରକାଶ କରିଛନ୍ତି ତାହା ନୁହେଁ ସେ ପ୍ରେମ କରନ୍ତି ବୋଉକୁ, ବୋଉର ହସକୁ,ଜୀବନକୁ,ମୃତ୍ୟୁକୁ ସବୁତକ ପ୍ରାପ୍ତି-ଅପ୍ରାପ୍ତି ଓ ଧର୍ମ-ଅଧର୍ମ ଉର୍ଦ୍ଧ୍ୱରେ ତାଙ୍କର ପ୍ରେମ ଏକ ଶୂନ୍ୟତା ଏହାର ଜନ୍ମ ନାହିଁ କି ମୃତ୍ୟୁ ନାହିଁ। 'ଝରକା ସେପାଖେ ଆକାଶ:୧'କବିତାରେ କବି କୁହନ୍ତି:-

"ଏ ପଞ୍ଜୁରୀର ଫାଟକରେ
ମୋ ବୋଉର ହସ ଝୁଲୁଛି,
ସେ ହସ ଟିକକ ହିଁ
ମୁଁ ନିଜ ପାଇଁ କିଣିଥିବା
ସବୁତକ ତାଲାର ଚାବି।"(୭)

ଅର୍ଥାତ୍ କବିଙ୍କ ପାଇଁ ବୋଉର ପ୍ରେମ ଏବଂ କରନ୍ତି, ତେଣୁ ପ୍ରେମିକର (ଯେହେତୁ କବି ପ୍ରିୟ ବୋଲି ବାରମ୍ବାର ସ୍ୱୀକାର କରନ୍ତି, ତେଣୁ ଆଲୋଚନାର କଷଟୀରେ ତାଙ୍କୁ ପ୍ରେମିକା ରୂପେ ଗ୍ରହଣ କରନିବାର କିଛି କ୍ଷତି ନାହିଁ ) ପ୍ରେମ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି। ପ୍ରେମିକ ପ୍ରେମରୁ କବି ଜୀବନର ଶେଷ ସୁଖ ସାଉଁଟିଲା ବେଳେ ବୋଉର ହସରୁ କବି ସାଉଁଟନ୍ତି ଜୀବନର ସବୁତକ ଖୁସି। ତେଣୁ ସେ କୁହନ୍ତି ତାଙ୍କ ବୋଉର ହସ ହେଉଛି ସେ ନିଜ ପାଇଁ କିଣିଥିବା ସବୁତକ ତାଲାର ଚାବି। ପୁନଶ୍ଚ ସେ 'ପ୍ରବାସ କବିତା:୯' କବିତାରେ କବି ପ୍ରବାସରେ ଥାଇ ମନେ ପକାଉଛନ୍ତି ବୋଉକୁ। ପକ୍ଷୀଟିଏ ହୋଇ ଉଡି ନପାରିବାର ଅବସୋସ ।ଝରକା ସେପାଖେ ପକ୍ଷୀଟିକୁ ଦେଖି ପକ୍ଷୀଟିଏ ହେଇ ବୋଉ ପାଖକୁ ଉଡିଯିବାର ଇଚ୍ଛା କବିଙ୍କୁ ବୋଉ ମୁହାଁ କରେଇଛି ବାରମ୍ବାର। ସେଇ ବ୍ୟଥାତୁର କଲମରୁ ନିସୃତିଛି:-

" ମେଘ ଦର୍ପଣରେ
ପକ୍ଷୀ ମତେ,ନିଜ ଭଳି ଦିଶେ
ଓ ରେଲିଂ ସେପାଖରେ ହଳେ ଆଖି,
ବୋଉର ଆଖି ଭଳି ଲାଗେ ! "(୮)

ସେତିକି ନୁହେଁ କବି ଖୁବ୍ ପ୍ରେମ କରନ୍ତି ମାଟିକୁ। ମାଟି ହେଉଛି ତାଙ୍କ ପାଇଁ ସ୍ୱର୍ଗ-ନର୍କ ତଥା ପାପ-ପ୍ରାରବ୍ଧର ପ୍ରାଣ ସ୍ତର। ମାଟିକୁ ନିନ୍ଦିଲେ ଅବା ନମାନିଲେ ବିବେକ ମରିଚି ବୋଲି ଆମ୍ଭିୟ ମାନେ ଶୋକ ପାଳିବେ।ତାଙ୍କ ମାଟି ମନସ୍କ କଲମରୁ ତେଣୁ ଝରି ଆସିଛି:-

"ଲେଖିଦେଲି,ମାଟି ମୋର ସଖା,ପରମ ପ୍ରେମିକା।
ଭସ୍ମ ହେଇଗଲି, ମାଟି ହେଇଗଲି।"(୯)

ଏହା ବ୍ୟତୀତ କବି ତ୍ରିପାଠୀ ଜଣେ ସଚେତନ ଯୁବ କବି ହିସାବରେ, ଦେଶର ଜଣେ ସୁଚିନ୍ତିତ ନାଗରିକ ହିସାବରେ ଦେଶ ପ୍ରେମ, ଦେଶ ଭାବନାରେ କିଛି କମ୍ ଉଦବୁଦ୍ଧ ନୁହଁନ୍ତି । ଅଧୁନା ଦେଶର ଅନ୍ଧ ରାଜନୀତି, ଦଳେ ଅଯୋଗ୍ୟ ଅନ୍ଧ ଶାସକଙ୍କ ହାତରେ ନିର୍ମାଣ ହେଉଥିବା ଆମ ଦେଶର ଭାଗ୍ୟ ଆଉ ଭବିଷ୍ୟକୁ ନେଇ ସେ ବ୍ୟଥିତ। ତେଣୁ ସେ କୁହନ୍ତି 'ଦେଶ' କବିତାରେ ପ୍ରକୃତରେ ଯେଉଁମାନଙ୍କ ହାତରେ ଦେଶର ନିୟତି ନିର୍ମାଣ ହେବା କଥା ତାହା ନହେଇ ଦେଶ ନିର୍ମାଣ ହେଉଛି :-

'ଦେଶ ଗଢୁଛନ୍ତି ଏବେ ବୁଦ୍ଧିଜୀବୀ କିଛି,
ଶିରାରେ ବୁଡିଥିବା ବିଷାକ୍ତ ଶବ୍ଦସବୁକୁ ଆୟୁଧ କରି
ଯିଏ ଲେଖନ୍ତି ପ୍ରେମପତ୍ର ଏଠି,ଓ ଇତିହାସର ଢ଼ାଙ୍କୁଣୀ ଖୋଲି
ତୋଳି ଆଣନ୍ତି ମୁଠା ମୁଠା ପାଉଁଶ,
ପାରିଜାତ ମୂଳେ ମୂଳେ ବିଞ୍ଚି ଦେବାପାଇଁ।
ଦେଶ ଗଢୁଛନ୍ତି,
ଏବେ କେବଳ ବେଲାଳସେନ ଓ ଧୃତରାଷ୍ଟ୍ରମାନେ।
ନୀରବଦ୍ରଷ୍ଟା ଓ ଦୃଷ୍ଟିହୀନଙ୍କ ହାତରେ ଏବେ
ତୁଳୀ,ନିହାଣ ଓ କଲମ।" (୧୦)

ଦୈତ୍ୟ ପ୍ରତିବାଦୀ ଚିନ୍ତା ଚେତନାରେ ଉଦ୍‌ବୁଦ୍ଧ କବି ତ୍ରିପାଠୀଙ୍କ କବିତାରେ ଏହିପରି ପ୍ରେମର ବହୁମୁଖି ଚିତ୍ର ରୂପାୟିତ। ପ୍ରେମ କୁ ପାର୍ବଣ ଭାବେ ବିଶ୍ୱାସ ରଖିଥିବା କବି ତ୍ରିପାଠୀ ମଧ୍ୟ ଅନେକ ସ୍ଥଳେ

ପ୍ରେମଠୁ ଜୀବନକୁ ବଡ଼ ମଣନ୍ତି ନିଜ କବିତାରେ। ଯଦିଓ ପ୍ରେମ ତାଙ୍କ ପାଇଁ ସତ୍ୟ, ଯଦିଓ ପ୍ରେମର ସ୍ନିଗ୍ଧ ଆକର୍ଷଣ ଓ ମୁଗ୍ଧ ଅନୁଭବ ତାଙ୍କ କାବ୍ୟ ପୃଥିବୀକୁ ମୋହାଚ୍ଛନ୍ନ କରିଛି ସର୍ବଦା।କିନ୍ତୁ ପ୍ରେମ ଠୁ ବଡ଼ ହେଉଛି ଜୀବନ ତାଠୁ ଅକାଟ୍ୟ ସତ୍ୟ ହେଉଛି ମୃତ୍ୟୁ ଯାହା ବିଦ୍ୟମାନ କବିଙ୍କ 'କିଛି ନ ଖୋଜୁଥିବା ଆଖି ହଳକ କେବଳ ମଲାଲୋକର' କବିତାରେ। ସେ କୁହନ୍ତି ମଲା ଲୋକଟି କିଛି ଚାହେଁନା ଯାହା କିଛି ଖୋଜନ୍ତି କେବଳ ଜିଅନ୍ତା ଲୋକମାନେ। ସେ କୁହନ୍ତି :-

'ମଲାଲୋକର କିଛି ଯାଏ ଆସେନା, ପ୍ରିୟ !
କାହା ହାତରୁ ମିଳିବ ମୁଖାଗ୍ନି,ତିଳ କି
ତାଳରେ ତର୍ପଣ ହେବ
କେଉଁଠି,
ଓ କିଏ ଭାଙ୍ଗିବ ତେଲହାଣ୍ଡି !
ମଲାମଣିଷ କିଛି ଖୋଜେନା !
ନା ନିଆଁ ନା ସ୍ମୃତିସଭା ନା ଶ୍ରାଦ୍ଧ ନା ଅସ୍ଥି ବିସର୍ଜନ....
ନା ଭଙ୍ଗାକାଚ,ନା ଭଙ୍ଗାମନ,ସେ ତ ଖୋଜେନା ଲୁହ ବି !
ଜିଅନ୍ତା ଲୋକମାନେ ହିଁ ସବୁକିଛି ଖୋଜନ୍ତି।
କିଛି ନ ଖୋଜୁଥିବା ଆଖିହଳକ କେବଳ
ମଲାଲୋକର।"(୧୧)

ସୁତରାଂ ଏଥିରୁ ସ୍ପଷ୍ଟ ଯେ ଯଦିଓ ଆମେ ସଭିଏଁ ଜୀବନକୁ,ପ୍ରେମକୁ ଖୁବ୍ ଭଲ ପାଆନ୍ତି କାରଣ ପ୍ରେମହୀନ ଜୀବନ ଅଭବ୍ୟ,ଅକାରଣ ଆଉ ନିଷ୍ଫଳ। ତେଣୁ ମୃତ୍ୟୁ ପରି ଏକ ଅକାଟ୍ୟ ସତ୍ୟ ଠୁ ଆମେ(ଆଧୁନିକ ମଣିଷମାନେ) ଜାଣି ଜାଣି ଦୂରେଇ ଥାଆନ୍ତି କେବେ ଭୟରେ ତ କେବେ ଜୀବନ ଜୀଇଁବାର ଅଦମ୍ୟ ମୋହରେ। କିନ୍ତୁ ମୃତ୍ୟୁ ହେଉଛି ସତ୍ୟ ଯାହା ଅସ୍ୱୀକାର କରାଯାଇନପାରେ। ତେଣୁ ଆଲୋଚକ ଦାଶରଥି ଦାସ କୁହନ୍ତି:-

'ମୃତ୍ୟୁପୀଡ଼ିତ ମଣିଷ କ୍ଲାନ୍ତ,ଅସହାୟ ଓ କରୁଣାର୍ଦ୍ର।"(୧୨)

ସୁତରାଂ କବି ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କ ସମ୍ପର୍କରେ ଶେଷରେ ଏତିକି କୁହାଯାଇପାରେ, ସେ ହେଉଛନ୍ତି ନିଜସ୍ୱ ଆବେଗରେ ସମୁଜ୍ଜ୍ୱଳ। ସରଳରୁ ସରଳତର ଅଭ୍ୟସ୍ତ ଭାଷାରେ ଶବ୍ଦ ବସାଣ ଏବଂ ସାର୍ବଜନୀନ ବେଦନାବୋଧ ସମେତ ଯୌବନର ନିଜସ୍ୱ କଞ୍ଚା ଅନୁଭବକୁ ନେଇ ଶବ୍ଦରେ ଗୁନ୍ଥିଦେବାର କୌଶଳରେ ସେ ଖୁବ୍ ଧୂରୀଣ। ତାଙ୍କ 'ମାଟି ମାଟି ଆକାଶ ଆକାଶ' କବିତା ସଂକଳନସ୍ଥ ଅଧିକାଂଶ କବିତାରେ ଭଲପାଇବାର ଯେଉଁ ଗଭୀର ବିଶ୍ଳେଷଣ ବର୍ଣ୍ଣିତ ସେଥିରେ ଏକ ସାର୍ବଜନୀନ ବେଦନାବୋଧ ଅନୁଭବି ହୁଏ। ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ କବିଙ୍କର ପ୍ରତ୍ୟେକ କବିତାର ଅସ୍ତ୍ର ଯଦିଓ ପ୍ରେମ କିନ୍ତୁ ଅନେକସ୍ଥଳେ ସେ ଖୁବ୍ ଦେଶ ତଥା ସଂସ୍କୃତି ସଚେତନ ଥିବାର ଲକ୍ଷ୍ୟ କରିହୁଏ। ଏହାଛଡା ଚିତ୍ରକଳ୍ପ ଏବଂ ପ୍ରତୀକର ସଚେତନ ପ୍ରୟୋଗ କବିଙ୍କର ଏକାଧିକ କବିତାକୁ ଏକ ଭିନ୍ନ ପରିଚିତି ପ୍ରଦାନ କରିଛି। କବି ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କ ଠାରୁ ଓଡ଼ିଆ କାବ୍ୟ ସାହିତ୍ୟ କେବଳ ଏତିକି ନୁହେଁ ଆହୁରି ଅନେକ ଅନେକ ଅନନ୍ତ କାବ୍ୟ ସନ୍ତାନ ସୃଷ୍ଟିର ଅପେକ୍ଷା ରଖେ।

**କବି ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କ ସହ ଅଳ୍ପ ପ୍ରଶ୍ନୋତ୍ତର**

୧ - ପ୍ରଶ୍ନ -ସର୍ବ ପ୍ରଥମ ପ୍ରେରଣା(କବିତା ଲେଖିବା ପାଇଁ) କଣ ଥିଲା ?

ଉତ୍ତର- କବିତା ଲେଖିବାର ପ୍ରେରଣା ସବୁବେଳେ ମୁଁ ଭୋଗୁଥିବା ସମୟ ଓ ଜୀବନ, ସେବେ ବି, ଏବେ ବି ।

୨-ପ୍ରଶ୍ନ -ପ୍ରଥମ କବିତା କେବେ କେଉଁ ପତ୍ରିକାରେ ପ୍ରକାଶିତ ?

ଉତ୍ତର - ୨୦୧୩ ମସିହା ଧରିତ୍ରୀ ସାହିତ୍ୟାୟନରେ।

୩-ପ୍ରଶ୍ନ -କବିତା କହିଲେ କଣ ବୁଝନ୍ତି ?

ଉତ୍ତର - କବିତା କହିଲେ 'କବିତା' ଭିନ୍ନ ଆଉ କିଛି ବୁଝେ ନାହିଁ ମୁଁ । ତେବେ 'କବିତା' କଣ, ଏ ପ୍ରଶ୍ନର ଉତ୍ତର ମୁଁ ପାଇପାରିନି ଏ ଯାଏଁ । ହୁଏତ କବିତା ସେଇ ବିନ୍ଦୁଏ ଆଲୁଅ, ଯାହା ମତେ ବାଟ ଦେଖାଉଛି ଅନ୍ଧାରରେ । ହୁଏତ କବିତା ମୋ ଭିତରର ସେଇ ଅନ୍ଧାର, ଯାହା ଅର୍ଥ ଦେଉଛି ସବୁ ଆଲୁଅକୁ । ଏକଥା ବୁଝିବା କଷ୍ଟ, ବୁଝେଇ ପାରିବା ପ୍ରାୟତଃ ଅସମ୍ଭବ ।

୪-ପ୍ରଶ୍ନ -କବି ହେବା କେତେ ସହଜ କି କଷ୍ଟ, କେହି କଣ ଜାଣି ଜାଣି କବି ହୁଏ ନା ଅନ୍ୟକିଛି ?

ଉତ୍ତର -କେହି ଜଣେ ଜାଣି ଜାଣି 'କବି ହେବା' ଏକ ହସ କଥା ।

୫-ପ୍ରଶ୍ନ -'ମାଟି ମାଟି ଆକାଶ ଆକାଶ' ଏମିତି ଶୀର୍ଷକ ପଛରେ ଥିବା ଅବଧାରଣା ଓ ଅଭିପ୍ରେରଣାଟି କଣ? ଯଦିଓ ଏ ସମ୍ପର୍କରେ ଅନେକ ଜଣ ଅନେକ କଥା କୁହନ୍ତି, ଆପଣଙ୍କ ନିଜସ୍ୱ ମତ କଣ ଏ ନେଇ ?

ଉତ୍ତର ମୋ ନିଜ କଥା ମୋ ପାଖରେ ଥାଉ, ତା'କୁ ତଉଲିବା କାହିଁକି ? 'ମାଟି ମାଟି ଆକାଶ ଆକାଶ' ଏବେ ପାଠକଙ୍କର । ସେମାନେ ଯାହା କହିବେ, ସେଇୟା ହିଁ ସେ ବହିଟିର ପରିଚୟ ହେଉ ।

୬ ପ୍ରଶ୍ନ -ନିଜର ଲେଖକୀୟ ଆଦର୍ଶ ବୋଲି କାହାକୁ ଭାବନ୍ତି ଉଭୟ ପ୍ରାଚ୍ୟ ଏବଂ ପାଶ୍ଚାତ୍ୟରେ ?

ଉତ୍ତର ଆଦର୍ଶ ବୋଲି କାହାକୁ ଭାବିନି କେବେ, ଖୁବ୍ ଭଲପାଇଛି

କିନ୍ତୁ ଅନେକଙ୍କୁ ।

ଯେମିତି ଗୁଲଜାର, ଯେମିତି ଫରାଜ, ଜନ୍ ଏଲିୟା ଓ ଅମୃତା ପ୍ରୀତମ, ଯେମିତି ଜିମ୍ବରସ୍କା ଓ ଟୋନି ମରିସନ, ଯେମିତି ସୁନୀଲ ପୃଷ୍ଟି, ରାଜେନ୍ଦ୍ର ପଣ୍ଡା, ରମାକାନ୍ତ ରଥ, ପ୍ରଜ୍ଞାଶ୍ରୀ ରଥ, ଗିରିଜା ବଳୀୟାରସିଂ, ଦେବ୍ରାଜ ଲେଙ୍କା, ଚନ୍ଦ୍ରଶେଖର ରଥ, ସୁରେନ୍ଦ୍ର ମହାନ୍ତି ଓ ଦେବଦାସ ଛୋଟରାୟ ।

**ସହାୟକ ଗ୍ରନ୍ଥସୂଚୀ**


(୧) ତ୍ରିପାଠୀ ସୂର୍ଯ୍ୟସ୍ନାତ - ମାଟି ମାଟି ଆକାଶ ଆକାଶ',ଇତିକଥାରୁ ଗୃହୀତ

(୨) ତ୍ରିପାଠୀ ସୂର୍ଯ୍ୟସ୍ନାତ - ମାଟି ମାଟି ଆକାଶ ଆକାଶ', ପୃ- ୧୬୩

(୩) ତ୍ରିପାଠୀ ସୂର୍ଯ୍ୟସ୍ନାତ - ମାଟି ମାଟି ଆକାଶ ଆକାଶ', ପୃ- ୧୫୭

(୪) ତ୍ରିପାଠୀ ସୂର୍ଯ୍ୟସ୍ନାତ - ମାଟି ମାଟି ଆକାଶ ଆକାଶ', ପୃ- ୬୫

(୫) ତ୍ରିପାଠୀ ସୂର୍ଯ୍ୟସ୍ନାତ - ମାଟି ମାଟି ଆକାଶ ଆକାଶ',ପୃ- ୩୪

(୬) ତ୍ରିପାଠୀ ସୂର୍ଯ୍ୟସ୍ନାତ - ମାଟି ମାଟି ଆକାଶ ଆକାଶ',ପୃ- ୧୦୦

(୭) ତ୍ରିପାଠୀ ସୂର୍ଯ୍ୟସ୍ନାତ - ମାଟି ମାଟି ଆକାଶ ଆକାଶ',ପୃ- ୧୩

(୮) ତ୍ରିପାଠୀ ସୂର୍ଯ୍ୟସ୍ନାତ - ମାଟି ମାଟି ଆକାଶ ଆକାଶ',-ପୃ- ୧୨୮

(୯) ତ୍ରିପାଠୀ ସୂର୍ଯ୍ୟସ୍ନାତ - ମାଟି ମାଟି ଆକାଶ ଆକାଶ',ପୃ- ୧୩୮

(୧୦) ତ୍ରିପାଠୀ ସୂର୍ଯ୍ୟସ୍ନାତ - ମାଟି ମାଟି ଆକାଶ ଆକାଶ',-ପୃ- ୧୧୦

(୧୧) ତ୍ରିପାଠୀ ସୂର୍ଯ୍ୟସ୍ନାତ - ମାଟି ମାଟି ଆକାଶ ଆକାଶ',-ପୃ- ୧୭୦

(୧୨) ଦାସ ଦାଶରଥି -ମୃତ୍ୟୁଲୋକରେ ଋତୁ ସପ୍ତମ-ପୃ- ୨୭


❖❖❖

# ଭାରତୀୟ ଦଳିତ ଆନ୍ଦୋଳନର ସ୍ୱରୂପ : ଏକ ସଂକ୍ଷିପ୍ତ ଆକଳନ



ISSN-2583-6978
Volume-3
Issue-8
AUGUST-2023

**ରୋହିତ ମଲିକ**

**ଗବେଷକ,ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,**
**ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,**
**ଦ୍ୱିତୀୟ ପରିସର,କେନ୍ଦୁଝର ।**
**ମୋ -୯୪୩୭୫୮୧୫୮୮**

ଭାରତୀୟ ସମାଜରେ ଜାତିପ୍ରଥାର ଏକ ବିଚିତ୍ର ବିଲକ୍ଷଣ ଅବସ୍ଥାଟି ହେଉଛି ଅସ୍ପୃଶ୍ୟତା । ହିନ୍ଦୁ ଧର୍ମର ଏହି ନିଗ୍ରହ ମଧ୍ୟରୁ ମୁକୁଳିବାକୁ ଅସ୍ପୃଶ୍ୟମାନେ ବାରମ୍ବାର ଉଦ୍ୟମ କରିଛନ୍ତି । ସାଧୁ-ସନ୍ଥ ଠାରୁ ଆରମ୍ଭ କରି ସମାଜ ସଂସ୍କାରକ ଯାଏ ମାନବୀୟ ବିଚାର ଆଧାରିତ ବିଭିନ୍ନ ସଚେତନ ମୂଳକ କାର୍ଯ୍ୟକ୍ରମ ସୃଷ୍ଟି କରି ସମାଜ ପରିବର୍ତ୍ତନ ଆଣିବା ଦିଗରେ ଅନେକଥର ଅଗ୍ରସର ହୋଇଛନ୍ତି । ମାତ୍ର ଏହି ଜାତିପ୍ରଥାର ପ୍ରାଚୀନତମ କୁସଂସ୍କାର, ଅନ୍ଧବିଶ୍ୱାସଗୁଡ଼ିକ ଜନସାଧାରଣଙ୍କ ମଧ୍ୟରେ ଅନେକାଂଶରେ ଏବେ ମଧ୍ୟ ବସା ବାନ୍ଧି ରହିଛି । ତେଣୁ ଏହାକୁ ମୂଳପୋଛ କରିବା ଏତେ ସହଜ ସାଧ୍ୟ ନୁହେଁ । ବ୍ରିଟିଶ ରାଜତ୍ୱରେ ସମାନତା, ସ୍ୱାଧୀନତା ଏବଂ ମାନବିକତାର ମୂଲ୍ୟକୁ ନେଇ ବହୁ ସାମାଜିକ ଜାଗରଣ ସୃଷ୍ଟି ହୋଇଥିଲା । ଏହି ସମୟରେ ସବୁଠାରୁ ଉଲ୍ଲେଖଯୋଗ୍ୟ ଆନ୍ଦୋଳନ ଦଳିତ ଆନ୍ଦୋଳନ (Depressed Class Movement) ଏକ ସାମାଜିକ ଆନ୍ଦୋଳନ ରୂପେ ମୁଣ୍ଡ ଟେକିଥିଲା । ସାମାଜିକ ଆନ୍ଦୋଳନ ଦ୍ୱାରା ସମାଜ ପ୍ରଗତିଶୀଳ ହୋଇ ସୁସ୍ଥ ଓ ସୁନ୍ଦର ସମାଜ ଗଠନ ହୋଇ ପାରିବ ବୋଲି କେତେକ ବିଶିଷ୍ଟ ଜନନାୟକ, ଦାର୍ଶନିକ ତଥା ସଂଗ୍ରାମୀଙ୍କ ମତ ଓ କାର୍ଯ୍ୟଧାରା ବିଶେଷ ପ୍ରଭାବ ପକାଇପାରିଥିଲା । ଏହାଦ୍ୱାରା ପୂର୍ବରୁ ପ୍ରଚଳିତ ଆମ ସାମାଜିକ ଅବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଇପାରିଲେ ଏହି ନିମ୍ନବର୍ଗର ଅସ୍ପୃଶ୍ୟ ମଣିଷର ସାମାଜିକ ଅଧିକାର ପାଇପାରିବେ ବୋଲି ଆଶା କରାଯାଇଥିଲା ।

ସମୟକ୍ରମରେ ଅସ୍ପୃଶ୍ୟମାନଙ୍କ ଦ୍ୱାରା ଯେଉଁ ଆନ୍ଦୋଳନମାନ ସୃଷ୍ଟି ହେଲା, ମୁଖ୍ୟତଃ ଏହି ଆନ୍ଦୋଳନକୁ ଅନୁସୂଚିତ ଜାତି ବା ଦଳିତ ଶ୍ରେଣୀର ଆନ୍ଦୋଳନ କୁହାଯାଇପାରେ । ଭାରତୀୟ ସମ୍ବିଧାନରେ ସେମାନଙ୍କୁ ଅନୁସୂଚିତ ଜାତି (scheduled caste) ଭାବେ ଗ୍ରହଣ କରାଯାଇ ସ୍ୱତନ୍ତ୍ର ସୁବିଧା ସୁଯୋଗ ଦେବାରେ ବ୍ୟବସ୍ଥାମାନ ରଖାଯାଇଛି । ଇଂରେଜ ଶାସନ କାଳରେ ସେମାନଙ୍କୁ ଦଳିତଶ୍ରେଣୀ (Depressed Class) ରୂପେ ଆଖ୍ୟାୟିତ କରାଯାଇଛି। ବିଶେଷକରି ଅସ୍ପୃଶ୍ୟତା ବିରୁଦ୍ଧରେ ଏହି ଆନ୍ଦୋଳନ ଦଳିତମାନଙ୍କୁ ପ୍ରୋତ୍ସାହନ ଯୋଗାଇଛି । ଯାହାଦ୍ୱାରା ଦଳିତମାନେ ସେମାନଙ୍କର ସାମାଜିକ ଅଧିକାର ପାଇବା ଉପରେ ଅଧିକ ସଚେତନ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଜନ ସଚେତନତା ସୃଷ୍ଟି ହୋଇ, ନିଜକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ସେମାନେ ଆନ୍ଦୋଳନାତ୍ମକ ପନ୍ଥାକୁ ଆପଣାଇବା ପାଇଁ ବାଧ୍ୟ ହୋଇଛନ୍ତି । ଦଳିତ ଆନ୍ଦୋଳନର ମୂଳ ଆଧାରକୁ ଭିତ୍ତିକରି ବରିଷ୍ଠ ଅଧ୍ୟାପକ ଡଃ. କପିଳେଶ୍ୱର ଗାହାଣ ମତବ୍ୟକ୍ତ କରିଛନ୍ତି :- "ଦଳିତ ଆନ୍ଦୋଳନ ହେଉଛି ଭାରତୀୟ ସମାଜରେ ନାନା ଘୃଣା ଏବଂ ଅତ୍ୟାଚାର ଭୋଗୁଥିବା ଅସ୍ପୃଶ୍ୟମାନଙ୍କ ମୁକ୍ତି ଆନ୍ଦୋଳନ।" (୦୧) ଡଃ. ଗାହାଣଙ୍କ ଦୃଷ୍ଟିରେ ସାମାଜିକ ଅବ୍ୟବସ୍ଥା କାରଣରୁ ଭାରତବର୍ଷରେ ଏହିଭଳି ଆନ୍ଦୋଳନ ଗୁଡିକ ମୁଣ୍ଡ ଟେକିବାକୁ ବାଧ୍ୟ ହୋଇଛନ୍ତି ।

ପୂର୍ବରୁ ପ୍ରଚଳିତ ସାମାଜିକ ଓ ସାଂସ୍କୃତିକ ଅବ୍ୟବସ୍ଥାକୁ ହ୍ରାସ କରିବା ତଥା ସମଗ୍ର ସମାଜରେ ବଞ୍ଚି ରହିବାର ଏକ ନୂତନ ମାନବୀୟ ଓ ବୈଜ୍ଞାନିକ ମୂଲ୍ୟବୋଧ ସୃଷ୍ଟି କରିବା ଦଳିତ ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ । ଯାହାଦ୍ୱାରା ଦଳିତମାନେ ଏକତ୍ରିତ ହୋଇ ନିଜର ଲକ୍ଷ୍ୟ ଓ ସାମାଜିକ ଅଧିକାର ପୂରଣ ଦିଗରେ ଆଗଭର

ହୋଇଛନ୍ତି ଏବଂ ଏହାକୁ ଏକ ଜାତୀୟ ଆନ୍ଦୋଳନରେ ପରିଣତ କରିଛନ୍ତି । ବିଶେଷତଃ ଦଳିତମାନଙ୍କୁ ସାମ୍ବିଧାନିକ ବ୍ୟବସ୍ଥାରେ ସ୍ୱତନ୍ତ୍ର ଭାବରେ ବିଚାର କରାଯାଇ ପାରିଛି । ଅସ୍ପୃଶ୍ୟତା ଭଳି ସାମାଜିକ ବ୍ୟାଧିକୁ ସମାଜରୁ ବିଲୁପ୍ତ କରି ସମାଜରେ ନୂତନ ମାନବୀୟ ସଂସ୍କାର ସୃଷ୍ଟି କରିବା ଉଦ୍ଦେଶ୍ୟରେ ସେମାନେ ଆନ୍ଦୋଳନାତ୍ମକ ବିଚାରଧାରାକୁ ଗ୍ରହଣ କରିଛନ୍ତି । ଏହି ଆନ୍ଦୋଳନର ଐତିହାସିକ ଦିଗକୁ ଯଦି ବିଶ୍ଳେଷଣ କରାଯାଏ, ତେବେ ଦେଖାଯିବ ଯେ, ଦଳିତ ଆନ୍ଦୋଳନ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ନାମରେ ପରିଗଣିତ ହୋଇଛି, ଯଥା - ଜାତି ବିରୋଧୀ ଆନ୍ଦୋଳନ, ଅସ୍ପୃଶ୍ୟତା ବିରୋଧରେ ଆନ୍ଦୋଳନ, ଦାସତ୍ୱ ବିରୋଧୀ ଆନ୍ଦୋଳନ, ନିଷ୍ପେଷିତ ବା ଶୋଷିତଶ୍ରେଣୀର ଆନ୍ଦୋଳନ, ହରିଜନ ଆନ୍ଦୋଳନ , ଅନୁସୂଚିତ ଜାତିର ଆନ୍ଦୋଳନ ଇତ୍ୟାଦି । ଦଳିତ ଆନ୍ଦୋଳନର ଏହି ବ୍ୟାପକ ରୂପ ଓ ତାହାର ବୈଶିଷ୍ଟ୍ୟ ଦିଗକୁ କ୍ରମନୁସାରେ ସୂଚାଇବାକୁ ଯାଇ ଜେମ୍ସ୍ ମେସେ କହିଛନ୍ତି - " The first phase of the struggle (600 BC to 1700 CE) began during the Rigvedic period and continued through the Muslim ear. During the early phase the foundations of Dalit struggle and of Dalit consciousness were laid. The second phase covered what might be called the British- Christian period from 1700-1941. In general terms, the struggle of these years was chiefly concerned with the separate identity and political sights of the Dalits. During the third phase, Since 1947, the Dalit struggle has centered on the solidarity of the Dalit and vision of liberation which is now becoming more clear to them. " (Massey, 1991.29) (୦୨) ମେସେ ଦଳିତ ଆନ୍ଦୋଳନର ଆଭିମୂଖ୍ୟକୁ ତର୍ଜମା କରି ନିର୍ଯ୍ୟାସ ପ୍ରତିପାଦନ କରିଛନ୍ତି ଯେ, ଐତିହାସିକ ଆଧାରରେ ସଂଗଠିତ ହୋଇଥିବା ଏହି ସାମାଜିକ ଆନ୍ଦୋଳନ ଗୁଡ଼ିକର ଉଦ୍ଦେଶ୍ୟ ଯଥା- ଜାତି ବିରୋଧ, ଅସ୍ପୃଶ୍ୟ ସଚେତନତା, ଦାସତ୍ୱ ସଚେତନା, ସ୍ୱତନ୍ତ୍ର ଅସ୍ମିତା, ରାଜନୀତିକ ଅଧିକାର ଆଦି ଦିଗକୁ ସେ ଅଧିକ ବିଶ୍ଳେଷଣ କରି ତାଙ୍କ ଲେଖାମାନଙ୍କରେ ଦର୍ଶାଇଛନ୍ତି ।

'ଜାତି ବିରୋଧୀ' ପ୍ରକ୍ରିୟାକୁ ଯଦି ଦଳିତ ଆନ୍ଦୋଳନର ଆଭିମୁଖ୍ୟଭାବେ ଗ୍ରହଣ କରାଯାଏ, ତାହେଲେ ଏହାର ଐତିହାସିକ ଦିଗକୁ ତର୍ଜମା କଲେ ଜଣାଯାଏ ଯେ, ବୈଦିକ ଯୁଗରୁ ହିଁ ଏହି ଆନ୍ଦୋଳନର ଆଭାସ ରହିଆସିଛି । ବିଶେଷତଃ ଆର୍ଯ୍ୟ ଓ ଅନାର୍ଯ୍ୟମାନଙ୍କର ବିଦ୍ରୋହର ଅନେକ ଦୃଷ୍ଟାନ୍ତ ରହିଛି । ସମୟକ୍ରମରେ ଏହି ଜାତିପ୍ରଥା ବୈଷମ୍ୟ ସାରା ଭାରତବର୍ଷକୁ ଆକ୍ରାନ୍ତ କରିଥିଲା । ମହାନ୍ ସମାଜ ସଂସ୍କାରକ ମହାମାନବ ଗୌତମ ବୁଦ୍ଧ (ଖ୍ରୀଷ୍ଟ ପୂର୍ବ - ୫୬୩-୪୮୩) ପ୍ରଥମତଃ ଜାତିବାଦ ବା ବ୍ରାହ୍ମଣବାଦର ଏହି ଘୃଣ୍ୟ ଅମାନବୀୟ ବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରିଥିବାର ଜଣାଯାଏ । ବୁଦ୍ଧଙ୍କର ସଂଘୀୟ ଜୀବନଯାପନ ଓ ବାଣୀଗୁଡ଼ିକ ବ୍ରାହ୍ମଣ କୈନ୍ଦ୍ରିକ ସମାଜଦ୍ୱାରା ପ୍ରଚଳିତ କଳଙ୍କିତ ଓ ନିଷ୍ଠୁର କୁସଂସ୍କାର ପ୍ରଥାଗୁଡ଼ିକୁ ପରିବର୍ତ୍ତନ କରି ନୂତନ ସଂସ୍କାରଧର୍ମୀ ସମାଜ ଗଠନ କରିବାର ଉଦ୍ଦେଶ୍ୟ ରଖିଥିଲା । ସାମାଜିକ ଅବ୍ୟବସ୍ଥା ବିରୋଧରେ ଆନ୍ଦୋଳନ ଓ ତାହାର ଆଭିମୁଖ୍ୟକୁ ଅଧିକ ବିଶ୍ଳେଷଣ କରି ବ୍ରଜ ରଞ୍ଜନ ମଣି ମତବ୍ୟକ୍ତ କରିଛନ୍ତି, "Goutam Buddha's call to develop understanding and compassion for suffering humanity and his historic challange to caste and brahmanical unhumanitarianism, along with his opposition to the socio- religious structure that supported vedi sacrifice and supenstition, the discriminatory desties and rituals, the caste theory and the upanishadic gobbledgooks was one of the many heterdix shramanic ideologies being articulleted in different voices of the time." (୦୩) ଗୌତମ ବୁଦ୍ଧଙ୍କ ସମାଜର ପ୍ରଗତିବାଦୀ ଦର୍ଶନ ଯାହା ବ୍ରାହ୍ମଣବାଦକୁ ଭିତ୍ତି କରି ଗଢି ଉଠିଥିବା ଜାତିପ୍ରଥା, ଅସ୍ପୃଶ୍ୟତା, ଧାର୍ମିକ ଅନ୍ଧବିଶ୍ୱାସ, ପଶୁବଳୀ ପ୍ରଥା ଓ ନାରୀମାନଙ୍କର ସାମାଜିକ ଅଧିକାର ବିରୋଧରେ ପର୍ଯ୍ୟାବସିତ ହୋଇଥିବାରୁ ଏହା ପରବର୍ତ୍ତୀ ସମୟରେ ଗଣ ଆନ୍ଦୋଳନର ରୂପ ନେଇଥିଲା । ସମୟକ୍ରମେ ଏହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିବାରୁ ସେମାନେ ନିଜର ଜୀବନ ଶୈଳୀକୁ ପରିବର୍ତ୍ତନ କରିବାରେ ପ୍ରୟାସୀ ହୋଇଥିଲେ ।

ପରବର୍ତ୍ତୀ କାଳରେ ଉନବିଂଶ ଶତାବ୍ଦୀରେ ମହାରାଷ୍ଟ୍ରରେ ଦଳିତ ଆନ୍ଦୋଳନ ସବୁଠାରୁ ଶକ୍ତିଶାଳୀ ହୋଇ ଉଠିଥିଲା । ହିନ୍ଦୁ ସମାଜରେ ଥିବା ଜାତିପ୍ରଥା ଜନିତ କୁପରିଣାମକୁ ଦୂର କରିବା ଥିଲା ଏହାର ଏକମାତ୍ର ଲକ୍ଷ୍ୟ । ମହାରାଷ୍ଟ୍ରରେ ପ୍ରକୃତରେ ଏହି ଆନ୍ଦୋଳନର ପ୍ରଥମ କର୍ଣ୍ଣଧାର ଥିଲେ, ମହାନ୍ ସମାଜ ସଂସ୍କାରକ ମହାତ୍ମା ଜ୍ୟୋତିରାଓ ଗୋବିନ୍ଦ ରାଓ ଫୁଲେ (୧୮୨୭-୧୮୯୦) । ଆମେ ତାଙ୍କୁ 'ଫୁଲେ' ନାମରେ ଜାଣିଥାଉ । ସେ ସମୟର ଜାତିପ୍ରଥାର ବିଷମ ପରମ୍ପରା ନିମ୍ନବର୍ଗର ଲୋକମାନଙ୍କୁ ଅସ୍ତବ୍ୟସ୍ତ କରିଥିଲା; ଏହାଦ୍ୱାରା ସେମାନେ ନାନାଦି ନିର୍ଯ୍ୟାତନା, ଅପବାଦ ସହ୍ୟ କରି ଅବହେଳିତ ଭାବେ ଜୀବନ ବଞ୍ଚୁଥିଲେ । ପ୍ରଥମକରି ଏହି ଅସ୍ପୃଶ୍ୟ ଜନଗୋଷ୍ଠୀଙ୍କୁ ସଚେତନ କରି ଫୁଲେ ଭାରତୀୟ ଜାତିପ୍ରଥାକୁ ଗଣତାନ୍ତ୍ରିକ ରୂପରେ ପରିଚିତ କରାଇଥିଲେ ଏବଂ ଏହି ଅସ୍ପୃଶ୍ୟମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ଉଦ୍ଦେଶ୍ୟରେ ବିଭିନ୍ନ ପଦକ୍ଷେପ ନେଇ ଜନ ଆନ୍ଦୋଳନ ସୃଷ୍ଟି କରିଥିଲେ । ଏହି ପରିପ୍ରେକ୍ଷୀରେ ଫୁଲେଙ୍କ ଜାତୀୟତାବାଦ ଓ ସମାଜ ସଂସ୍କାରକ ବୈଶିଷ୍ଟ୍ୟକୁ ପରିପ୍ରକାଶ କରିବାକୁ ଯାଇ ' ଲତା ମୁରୁଗକର କହିଛନ୍ତି - "In addition to that, the effort of

jyotibha aphule, a non-Brahmin social revolutionary, made the downtrodden people more conscious of their need for social and cultural freedom. He is considered to be a pioneer, who kindled the spirit of revolt among the Dalits." (Murugkar: 1991.2) (୦୪) ଫୁଲେ ଜଣେ ସାଧାରଣ ମଣିଷ ନଥିଲେ, ସେ ତ୍ୟାଗୀ, ଓ ପ୍ରତିଭାଶାଳୀ ବ୍ୟକ୍ତି ଥିଲେ । ୧୮୭୩ ମସିହାରେ 'ସତ୍ୟ ଶୋଧକ ସମାଜ' ଗଠନ କରି ସମାଜରେ ଜାତିପ୍ରଥା ବିରୋଧରେ ତୀବ୍ର ପ୍ରତିବାଦ କରିଥିଲେ । ସେ ଜଣେ ଭିନ୍ନ ବିଚାରଧାରାର ମଣିଷ ଥିଲେ, ଏକାଧାରରେ ସମାଜ ସଂସ୍କାରକ, ସାହିତ୍ୟିକ ଏବଂ ଜାତି ବିରୋଧ ଆନ୍ଦୋଳନର ସେ ମୁଖ୍ୟ ପୁରୋଧା ସାଜିଥିଲେ । ସେ ଜୀବନଯାକ ଅବହେଳିତ, ନିଷ୍ପେଷିତ ମଣିଷମାନଙ୍କର ସାରଥୀ ସାଜି ସେମାନଙ୍କୁ ବଞ୍ଚିବାର ନୂତନ ଦିଗ ଦେଖାଇଥିଲେ । ଆଧୁନିକ ଭାରତର ସେ ପ୍ରଥମ ବ୍ୟକ୍ତି, ଯିଏକି ଦଳିତ ମାନଙ୍କର ଅଧିକାର ପାଇଁ ନାନାଦି ପଦକ୍ଷେପ ଗ୍ରହଣ କରିଥିଲେ । ଫୁଲେ ପ୍ରଥମକରି ୧୮୬୮ ମସିହାରେ ଦଳିତମାନଙ୍କୁ ନିଜ କୂଅ ଓ ପୋଖରୀରୁ ପାଣି ପିଇବାକୁ ଅଧିକାର ଦେଇଥିଲେ । ସେ ଜଣେ ଅଣଦଳିତ ହୋଇଥିଲେ ମଧ୍ୟ ଦଳିତମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ବ୍ୟବହାରରେ ସଂପୃକ୍ତ କରାଇ ନୂତନ ମାନବୀୟ ସମାଜ ସଂସ୍କାର ସୃଷ୍ଟି କରିବା ଦିଗରେ ପଦକ୍ଷେପ ଗ୍ରହଣ କରିଥିଲେ । ଏଥିରେ ପ୍ରଭାବିତ ହୋଇ ଦଳିତମାନେ ନିଜର ମାନବୀୟ ସତ୍ତାକୁ ଜାଗ୍ରତ କରିବା ସହ ସେମାନଙ୍କର ଅଧିକାର ପାଇବା ଦିଗରେ ଅଗ୍ରସର ହୋଇଥିଲେ ।

ଏହି ପର୍ଯ୍ୟାୟରେ ଅନ୍ୟତମ ସମାଜ ସଂସ୍କାରକ 'ଛତ୍ରପତି ସାହୁଜୀ ମହାରାଜ' (କୋହ୍ଲାପୁର) ତାଙ୍କ ରାଜ୍ୟରେ ୧୯୦୮ ମସିହାରେ ଅସ୍ପୃଶ୍ୟ ମାନଙ୍କ ଉଦ୍ଦେଶ୍ୟରେ ନୂତନ ମାନବୀୟ ସଂସ୍କାର ମୂଳକ ସାମାଜିକ ବ୍ୟବସ୍ଥାମାନ ସୃଷ୍ଟି କଲେ । ଅଛୁଆଁମାନଙ୍କ ପ୍ରତି ଲାଗୁ କରାଯାଇ ଥିବା ସମସ୍ତ କଟକଣା ପ୍ରତିବନ୍ଧକକୁ ଅତିକ୍ରମ କରି ଅସ୍ପୃଶ୍ୟମାନେ ସମାନ ଅଧିକାର ଉପଭୋଗ କରିପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଏପରିକି ଅସ୍ପୃଶ୍ୟମାନଙ୍କୁ ସାଙ୍ଗରେ ବସି ଖୁଆଇବା, ସେମାନଙ୍କୁ କୂଅ ପୋଖରୀରୁ ପାଣି ନେବା ପାଇଁ ପ୍ରରୋଚିତ କରାଇବା ସହିତ ନଦୀ, ହାଟ, ଘାଟ, ବିଦ୍ୟାଳୟ, କୋର୍ଟ-କଚେରୀ, ଅଫିସ ଏବଂ ଡାକ୍ତରଖାନାଗୁଡ଼ିକରେ ସମାନ ଅଧିକାର ଦେବା ନିମନ୍ତେ ନିୟମମାନ ପ୍ରଣୟନ କରିଥିଲେ । ସେହିପରି ଭାବେ ଡଃ. ବାବା ସାହେବ୍ ଆମ୍ବେଦକର ମଧ୍ୟ ସତ୍ୟାଗ୍ରହ କରି ତାଙ୍କ ବହୁ ସହଯୋଗୀମାନଙ୍କ ସହ 'ମହଦ'ର ଚୌଦାର ଜଳ ଭଣ୍ଡାରରୁ ଜଳ ଗ୍ରହଣ କରିବାକୁ ପ୍ରବେଶ କରିଥିଲେ । ଏହି ଆନ୍ଦୋଳନ ବିରୋଧରେ ବମ୍ବେ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା । କୋର୍ଟ ଏହି ଅଭିଯୋଗର ଫଳାଫଳ ଶୁଣାଇଥିଲେ, ଯାହା ଆମ୍ବେଦକରଙ୍କ ସପକ୍ଷରେ ଯାଇଥିଲା ।

ପରବର୍ତ୍ତୀ ସମୟରେ ଏହି ଆନ୍ଦୋଳନ ଅଧିକରୁ ଅଧିକ ତୀବ୍ରତର ହେବାରେ ଦେଖାଗଲା । ୧୯୨୦-୩୦ ମସିହା ମଧ୍ୟରେ ଅସ୍ପୃଶ୍ୟତାକୁ ଭିତ୍ତି କରି ସମାନ୍ତରାଳ ଭାବରେ ଦୁଇଟି ଆନ୍ଦୋଳନ ମୁଣ୍ଡ ଟେକିଲା । ପ୍ରଥମଟି ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ 'ହରିଜନ ଆନ୍ଦୋଳନ' ଏବଂ ଅନ୍ୟଟି ହେଲା ଆମ୍ବେଦକରଙ୍କ ନେତୃତ୍ୱରେ 'ଦଳିତ ଆନ୍ଦୋଳନ ' । ଏହି ଉଭୟ ଆନ୍ଦୋଳନକୁ ବିଚାର କଲେ, ଗାନ୍ଧିଜୀଙ୍କର ଅସ୍ପୃଶ୍ୟମାନଙ୍କ ପ୍ରତି ସହାନୁଭୂତି ଥିଲା ସତ, ମାତ୍ର ଦଳିତମାନେ ସେମାନଙ୍କର ସ୍ୱତନ୍ତ୍ର ଆନ୍ଦୋଳନକୁ ଜଣେ ଉଚ୍ଚ ବର୍ଗର ହିନ୍ଦୁ ନେତୃତ୍ୱ ନେଉଛନ୍ତି ବୋଲି ପସନ୍ଦ କରୁ ନ ଥିଲେ । କାରଣ ଗାନ୍ଧିଜୀ ସେମାନଙ୍କର ବାସ୍ତବ ପ୍ରତିଛବିକୁ ଅନୁଧ୍ୟାନ କରିଛନ୍ତି ବୋଲି ସେମାନେ ଭାବୁ ନ ଥିଲେ । ପୁନଶ୍ଚ ଗାନ୍ଧିଜୀଙ୍କ ବିଚାରଧାରା ରକ୍ଷଣଶୀଳ ହିନ୍ଦୁ ସମାଜ ଉପରେ ଯଥେଷ୍ଟ ପ୍ରଭାବ ପକାଇ ପାରି ନଥିଲା । ତେଣୁ ଦଳିତମାନେ ଗାନ୍ଧିଜୀଙ୍କ ଅପେକ୍ଷା ଆମ୍ବେଦକରଙ୍କୁ ସେମାନଙ୍କର ଉପଯୁକ୍ତ ନେତାଭାବେ ଗ୍ରହଣ କଲେ । ମହାରାଷ୍ଟ୍ରରେ ମାହାରା, ମଙ୍ଗ ଓ ଚମାର ପ୍ରଭୃତି ଅସ୍ପୃଶ୍ୟ ଜାତିର ଲୋକମାନେ ବହୁ ସଂଖ୍ୟକ ଥିଲେ । ଆମ୍ବେଦକର ମାହାରା ଜାତିର ହୋଇ ଥିବାରୁ ସେମାନେ ଗାନ୍ଧିଜୀଙ୍କ ଅପେକ୍ଷା ଆମ୍ବେଦକରଙ୍କ ଉପରେ ହିଁ ଅଧିକ ବିଶ୍ୱାସ ଓ ଭରସା ରଖିଥିଲେ । ପରିଶେଷରେ ଆମ୍ବେଦକରଙ୍କ ବ୍ୟକ୍ତିତ୍ୱ ଓ ପ୍ରତିଭା ସମଗ୍ର ଭାରତବର୍ଷରେ ପ୍ରଭାବ ବିସ୍ତାର କଲା , ଯାହାଦ୍ୱାରା ଦଳିତମାନଙ୍କ ଅଧିକାର ପାଇଁ ସମ୍ବିଧାନ ପ୍ରଣୟନ କ୍ଷେତ୍ରରେ ତାଙ୍କର ଭୂମିକା ଅନେକ ସଫଳତା ଆଣି ଦେଲା । ଯର୍ଥାତରେ ଡଃ. ବାବା ସାହେବ ଆମ୍ବେଦକର ଭାରତୀୟ ଇତିହାସ ପୃଷ୍ଠାରେ ଚିର ଅମରତ୍ୱର ସ୍ୱାକ୍ଷର ବହନ କଲେ ।

ବିଶେଷକରି ଆମ୍ବେଦକରଙ୍କ ବିଚାରଧାରାରେ ଅନୁପ୍ରାଣିତ ହୋଇ ଦଳିତମାନଙ୍କ ଅଧିକାର ଉଦ୍ଦେଶ୍ୟରେ ଯେଉଁ ଆନ୍ଦୋଳନଗୁଡ଼ିକ ସୃଷ୍ଟି ହୋଇଛି, ତାହାକୁ ଆମେ 'ଦଳିତ ଆନ୍ଦୋଳନ' କହିପାରିବା । ଶହଶହ ବର୍ଷ ଧରି ସମାଜରେ ସବୁ ଦିଗରୁ ବଞ୍ଚିତ ହୋଇ ପଶୁ ଭଳି ଜୀବନ ଅତିବାହିତ କରୁଥିବା ଅସ୍ପୃଶ୍ୟ ଜନଗଣ ତଥା ଦଳିତମାନଙ୍କ ମୁକ୍ତିଦାତା ବା ତ୍ରାଣ କର୍ତ୍ତା ଭାବେ ଆମ୍ବେଦକରଙ୍କ ଆବିର୍ଭାବ ଏକ ଶୁଭ ସୂଚନା । ଆଧୁନିକ ଭାରତ ନିର୍ମାଣ ଦିଗରେ ତାଙ୍କ ଅବଦାନ ଅତୁଳନୀୟ । ଯାହାଙ୍କୁ ଆଧୁନିକ ଭାରତର ମନୁ ଭାବେ ଆଖ୍ୟାୟିତ କରାଯାଇଛି । ଜନ୍ମରୁ ମୃତ୍ୟୁ ଯାଏଁ ଡଃ ଆମ୍ବେଦକର (୧୮୯୧-୧୯୫୬) ଜୀବନଧାରା ଆନ୍ଦୋଳନାତ୍ମକ ଭାବ ନେଇ ଗତି କରିଛି । ପ୍ରଥମତଃ ଦଳିତଟିଏ ଦଳିତମାନଙ୍କ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରି ଆନ୍ଦୋଳନାତ୍ମକ ପଥରେ ଅଗ୍ରସର ହୋଇଛି । ତାଙ୍କର ଏହି ଆନ୍ଦୋଳନକୁ ମୁଖ୍ୟତଃ ଦୁଇ ଶ୍ରେଣୀରେ ବିଭାଜିତ କରି ବିଚାର କରାଯାଇପାରେ । ପ୍ରଥମତଃ

ସମାଜ ସଂସ୍କାରମୂଳକ ଆନ୍ଦୋଳନ ଓ ଅନ୍ୟ ଦିଗଟି ସାମାଜିକ ନ୍ୟାୟ ଓ ମାନବୀୟ ଅଧିକାର ପାଇବା ଦିଗରେ ପ୍ରତିଷ୍ଠାମୂଳକ ଆନ୍ଦୋଳନ । ପ୍ରଥମ ଆନ୍ଦୋଳନ ଦିଗଟି ହେଲା ଦଳିତମାନଙ୍କର ଅସ୍ମିତା, ସାମାଜିକ ସମାନତା, ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ପ୍ରତିଷ୍ଠା ପାଇଁ ଦାବୀ ଓ ଇଂରେଜୀ ଶିକ୍ଷା ଆଦି ଦିଗକୁ ସଫଳ କରିବାରେ ସେ ଗୁରୁତ୍ୱ ଦେଇଥିଲେ , ଯାହାଦ୍ୱାରା ଆମ୍ବେଦକର ବିଭିନ୍ନ ସଭା ସଂଘ ଗଢ଼ି ସେମାନଙ୍କର ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିଥିଲେ , ଯେପରି ହିତକାରିଣୀ ସଭା (୧୯୨୪), ସମାଜ ସମତା ସଂଘ (୧୯୨୭), ମହଦ ସତ୍ୟାଗ୍ରହ (୧୯୨୭), କାଲାରାମ୍ ମନ୍ଦିର ସତ୍ୟାଗ୍ରହ (୧୯୩୦), ଶ୍ରମିକ ଦଳ (୧୯୩୦) ଓ ଅନୁସୂଚିତ ଜାତି ସଂଘ (୧୯୫୬) ଇତ୍ୟାଦି । ବିଶେଷ ଭାବରେ ଜାତିପ୍ରଥାର କଳୁଷିତ ପରମ୍ପରାରୁ ଅସ୍ପୃଶ୍ୟମାନଙ୍କୁ ମୁକ୍ତ କରିବା ଦିଗରେ ଆମ୍ବେଦକର ନାନାଦି ପଦକ୍ଷେପ ଗ୍ରହଣ କରିଥିଲେ । ସେହି ଅସ୍ପୃଶ୍ୟ ବା ଦଳିତମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଦିଗରେ ସେ ବହୁ ପ୍ରୟାସ ଜାରି ରଖିଥିଲେ। ଦଳିତମାନଙ୍କର ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ସମସ୍ୟା ବିଷୟରେ ସ୍ୱର ଉତ୍ତୋଳନ କରିଥିଲେ । ଦଳିତ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଇଂରାଜୀ ଶିକ୍ଷାର ଅତ୍ୟନ୍ତ ଆବଶ୍ୟକତା ରହିଛି ବୋଲି ଏଥିପ୍ରତି ଗୁରୁତ୍ୱ ଦେଇଥିଲେ ଓ ସେ ଦଳିତ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଛାତ୍ରାବାସ ପାଠାଗାର ଅଧ୍ୟୟନ କେନ୍ଦ୍ର, ସାଂସ୍କୃତିକ କେନ୍ଦ୍ର ଗଠନ କରିବା ସହିତ ଦଳିତ ସାହିତ୍ୟ ରଚନାକୁ ଆବଶ୍ୟକ ମନେ କରି ଏ ଦିଗରେ ବେଶ ସଚେତନ ଥିଲେ । ରାଜନୀତି କ୍ଷେତ୍ରରେ ଦଳିତମାନର ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଗଠନ କରାଇବା ସହିତ ଦ୍ୱିତୀୟ ଗୋଲଟେବୁଲ ବୈଠକରେ(୧୯୩୧) ଇଂରେଜ ସରକାରଙ୍କୁ ଦାବୀପତ୍ର ଦ୍ୱାରା ଅବଗତ କରାଇଥିଲେ । କିନ୍ତୁ ସେତେବେଳେ ମହାତ୍ମାଗାନ୍ଧୀ ଏଭଳି ଜାତିଭିତ୍ତିକ ବିଭାଜନକୁ ନାପସନ୍ଦ କଲେ, ଯାହାଦ୍ୱାରା ଗାନ୍ଧୀ ଓ ଆମ୍ବେଦକରଙ୍କ ମଧ୍ୟରେ ମତାନ୍ତର ଭାବ ସୃଷ୍ଟି ହୋଇଥିଲା । ଏହାର ସମାଧାନ ସ୍ୱରୂପ ୧୯୩୧ ମସିହାରେ 'ପୁନାଚୁକ୍ତି' (poona poet) ସ୍ୱାକ୍ଷରିତ ହୋଇଥିଲା ।

ଠିକ୍ ସେହିପରିଭାବେ ଦ୍ୱିତୀୟ ଆନ୍ଦୋଳନ ଦିଗଟି ହେଉଛି ଭାରତୀୟ ସମ୍ବିଧାନ ପ୍ରଣୟନ ଓ ଆମ୍ବେଦକଙ୍କ ଭୂମିକା । ଆମ୍ବେଦକରଙ୍କ ଅଧକ୍ଷତାରେ ୧୯୪୭ ମସିହା ଅଗଷ୍ଟ ୨୯ ତାରିଖରେ ନୂତନ ସମ୍ବିଧାନ ପ୍ରସ୍ତୁତ - ମଣ୍ଡଳୀ ଗଠନ କରାଗଲା। ଦଳିତମାନଙ୍କ ପାଇଁ ଭାରତବର୍ଷରେ କିଭଳି ସାମାଜିକ ସମାନତା , ସୁରକ୍ଷା ଓ ସଂରକ୍ଷଣ (Reservation) ବ୍ୟବସ୍ଥା ରହିବାର ଆବଶ୍ୟକତା ରହିଛି, ଏ ସମ୍ପର୍କରେ ଆମ୍ବେଦକର ସମ୍ବିଧାନ ପ୍ରସ୍ତୁତ - ମଣ୍ଡଳୀ କକ୍ଷରେ ଏକ ପ୍ରସ୍ତାବ ଆଗତ କରିଥିଲେ , କିନ୍ତୁ ଏହି ପ୍ରସ୍ତାବକୁ ମଣ୍ଡଳୀର ଅନ୍ୟ ସଦସ୍ୟମାନେ ବିରୋଧ କରିବାକୁ ଲାଗିଲେ । ଫଳରେ ଆମ୍ବେଦକର ୨-୩ ଦିନ ପର୍ଯ୍ୟନ୍ତ ସଭାଗୃହକୁ ଆସିବାକୁ ଅମଙ୍ଗ ହେଲେ , ଯାହାଦ୍ୱାରା ଆମ୍ବେଦକରଙ୍କ ଦୃଢ଼ ପ୍ରତିବାଦକୁ ପ୍ରସ୍ତୁତ ମଣ୍ଡଳୀର ଅନ୍ୟ ସଦସ୍ୟମାନେ ଗ୍ରହଣ କରି ଆମ୍ବେଦକରଙ୍କ ପ୍ରସ୍ତାବକୁ ସହମତି ପ୍ରଦାନ କଲେ । ଏହାଦ୍ୱାରା ଭାରତୀୟ ସମ୍ବିଧାନରେ ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଓ ସଂଖ୍ୟା ଲଘୁମାନଙ୍କ ପାଇଁ ସ୍ୱତନ୍ତ୍ର ଅନୁଚ୍ଛେଦରେ ବିଭିନ୍ନ ବିଷୟମାନ ଉଲ୍ଲେଖ କରାଗଲା । ଏ ଦିଗରେ କୁହାଯାଇଛି- "Dr Ambedkar played two- Fold role in the making constitution of India i.e., as a champion of untouchables on the one hand as a Constitutional expert on the other." (Chitkara. 2002.90) (୦୫) ଦଳିତମାନଙ୍କର ସୁରକ୍ଷା ଓ ସାମାଜିକ ସମାନତା ପାଇଁ ବିଭିନ୍ନ ଦିଗରେ ସଂରକ୍ଷଣ ବ୍ୟବସ୍ଥା ରଖାଗଲା । ଏଥିପାଇଁ ଆମ୍ବେଦକର ଉଭୟ ସମାଜ ସଂସ୍କାର ଓ ସମ୍ବିଧାନ ଗଠନ ଦିଗରେ ଯେଉଁ ଶୀତଳ ଯୁଦ୍ଧମାନ ରଚିଥିଲେ, ତାହା ନିଶ୍ଚିତ ଭାବେ ସଫଳ ରୂପ ନେଲା ।

ଭାରତବର୍ଷରେ ଇଂରେଜମାନଙ୍କ ଆଗମନ ଫଳରେ ସାମାଜିକ ସ୍ତରରେ ଅନେକ କିଛି ପରିବର୍ତ୍ତନ ହେବାର ଦେଖାଗଲା । ଭାରତୀୟମାନେ ପୁରାତନ ଅବ୍ୟବସ୍ଥାକୁ ପରିହାର କରି ନୂତନ ଦିଗକୁ ଅଗ୍ରସର ହେଲେ । ଇଂରେଜମାନଙ୍କ ଶିକ୍ଷାର ପ୍ରଚାର ପ୍ରସାର ଫଳରେ ଅନେକ ଜନଗଣ ଶିକ୍ଷିତ ହେବାର ଲାଗିଲେ , ଯାହାଦ୍ୱାରା ସେମାନେ ନିଜପ୍ରତି ସଚେତନ ହେବା ସହ, ନିଜର ସମାଜକୁ ନୂଆ କରି ଗଢିବାରେ ଆଗଭର ହେଲେ । ପ୍ରଥମତଃ ନିଜ ସମାଜରେ ଥିବା ପ୍ରାଚୀନ ପ୍ରଥା-ପରମ୍ପରା ସମାଜ ବିଭେଦର କାରଣ ବୋଲି ସେମାନେ ହୃଦୟଙ୍ଗମ କରିପାରିଲେ । ଏଥି ମଧ୍ୟରୁ ନିଜ ସମାଜରେ ଥିବା ଜାତିଭେଦ, ଅସ୍ପୃଶ୍ୟତା ଓ ଲିଙ୍ଗଗତ ବୈଷମ୍ୟ ବହୁ ପ୍ରାଚୀନ କାଳରୁ ଜୀବନଧାରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହି ଆସିଥିଲା । ଏହି କଳଙ୍କିତ ପ୍ରଥା ଦ୍ୱାରା ଅନେକ ଲୋକ ସାମାଜିକ ଜୀବନ, ଆର୍ଥିକ ସ୍ୱାବଲମ୍ବନଶୀଳତା ଓ ସାଂସ୍କୃତିକ କ୍ଷମତାରୁ ବଞ୍ଚିତ ହୋଇ ଅକଥନୀୟ ନିର୍ଯ୍ୟାତନାର ଜୀବନ ଅତିବାହିତ କରୁଥିଲେ । ଏହିଭଳି ସାମାଜିକ କୁସଂସ୍କାର, ଦାରିଦ୍ର୍ୟ ଓ ଧର୍ମୀୟ - ସାଂସ୍କୃତିକ ନିର୍ଯ୍ୟାତନା ବିରୁଦ୍ଧରେ ସ୍ୱର ଉତ୍ତୋଳନ ହେଲା । ଏହି ପରିପ୍ରେକ୍ଷୀରେ ଅନେକ ସାମାଜିକ ବିପ୍ଳବୀ ଜୀବନ ବ୍ୟାପି ସଂଘର୍ଷ କରି ନିଜର ଜୀବନକୁ ଆତ୍ମବଳୀ ଦେବାକୁ ପଛେଇ ନାହାନ୍ତି । ଏହି ସାଧାରଣ ଆନ୍ଦୋଳନ ନିଆଁଟି ଧିରେଧିରେ ବାନାଗ୍ନିରେ ପରିଣତ ହେଲା ପରି ସମଗ୍ର ଭାରତବର୍ଷରେ ଏକ ବୃହତ୍ ଜନ ଆନ୍ଦୋଳନରେ ରୂପାନ୍ତରିତ ହେବାକୁ ଲାଗିଲା । ସେଥିମଧ୍ୟରେ ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ, କେରଳ, ତାମିଲ୍ ନାଡୁ, ଆସାମ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଜାମୁ କାଶ୍ମୀର, ପଞ୍ଜାବ, ରାଜସ୍ଥାନ, ଉତ୍ତରପ୍ରଦେଶ, ବିହାର, ପଶ୍ଚିମ ବଙ୍ଗ ଓ ଓଡ଼ିଶା ଭଳି କେତେକ ସ୍ଥାନରେ ଏହି ଦଳିତ ଆନ୍ଦୋଳନ ବ୍ୟାପକ

ଭାବରେ ଦେଖିବାକୁ ମିଳିଲା । ଯାହାକୁ ନିମ୍ନରେ ଆଲୋଚନା କରା ଯାଇପାରେ ।

କେରଳରେ ଅସ୍ପୃଶ୍ୟ ବା ଦଳିତମାନଙ୍କର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିଲା । ତତ୍କାଳୀନ ସାମାଜିକ ବ୍ୟବସ୍ଥାରେ କେରଳରେ ବିସ୍ତାରିତ ହୋଇଥିବା ଛୁଆଁ-ଅଛୁଆଁର କଳୁଷିତ ଅନ୍ଧକାର ଦଳିତ ମାନଙ୍କୁ ବାଟବଣା କରିଥିଲା । ଏପରି ସାମାଜିକ ବ୍ୟବସ୍ଥାଗୁଡ଼ିକ ଅମାନୁଷିକ ହୋଇ ଉଠିଥିଲା ଯେ, ତାହା ଅବର୍ଣ୍ଣନୀୟ । ଉଚ୍ଚଜାତିମାନଙ୍କର ମାନସିକତା ଏପରି, ଅସ୍ପୃଶ୍ୟ ଲୋକମାନଙ୍କ ଛାଇ ପଡ଼ିଲେ ଅଛୁଆଁ ହୋଇଯାଉଥିଲେ ବୋଲି ମନେକରି , ସେମାନଙ୍କୁ ଅକଥନୀୟ ନିର୍ଯ୍ୟାତନା ଦେଉଥିଲେ । ସେଠାରେ ଖ୍ରୀଷ୍ଟିଆନ୍ ମିଶନାରୀମାନେ ଏପରି ସାମାଜିକ ପୀଡାରୁ ମୁକ୍ତି ଦେବା ଉଦ୍ଦେଶ୍ୟରେ ଧର୍ମ ପରିବର୍ତ୍ତନ କରିବାକୁ ଆହ୍ୱାନ ଦେଇଥିଲେ , ଯାହାକି ଅନେକ ଦଳିତ ଜନତା ଧର୍ମ ପରିବର୍ତ୍ତନକୁ ଉଚିତ ମନେ କଲେ । ତେବେ ଏପରି ଏକ ଘଡିସନ୍ଧି ମୁହୂର୍ତ୍ତରେ ପଛୁଆ ବର୍ଗର ନେତାଭାବେ ନାରାୟଣ ଗୁରୁ ନାମକ ସମାଜ ସଂସ୍କାରକ ଦଳିତ ମାନଙ୍କ ଉତ୍ଥାନ ହେବା ଦିଗରେ ବିଭିନ୍ନ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଆପଣାଇଲେ। ସେ ବିଶ୍ୱାସ କରୁଥିଲେ ଯେ, ଜାତି ହେଉଛି ସମାଜ ବିକାଶ ଦିଗରେ ପ୍ରତିବନ୍ଧକ । ତେଣୁ ଆନ୍ଦୋଳନ ଦ୍ୱାରା ଏହାର ନିରାକରଣ କରିବାକୁ ଜନ ଜାଗରଣ ସୃଷ୍ଟି କଲେ , ଏବଂ ଏ କ୍ଷେତ୍ରରେ ତାଙ୍କୁ ସି.କେ.କ୍ରିଷ୍ଣନ ଅଧିକ ସହାୟତା କରିବା ଯୋଗୁଁ ଏହା ଅଧିକ ତୀବ୍ରତର ହୋଇ ପାରିଥିଲା । ଏମାନଙ୍କ ବ୍ୟତୀତ ଦଳିତ ନେତୃ ବର୍ଗ ମଧ୍ୟ ଏହି ଆନ୍ଦୋଳନକୁ ତ୍ୱରାନ୍ୱିତ କରିବାରେ ଦେଖାଗଲା । ସେମାନଙ୍କ ମଧ୍ୟରେ 'କେ.ପି.କୁରୂପାନ', 'କେ.ଆସାନ', 'ଟି.ଟି କେଶବନ୍ ଶାସ୍ତ୍ରୀ', 'ସୁଲୋବାନ ମରକୋଷ' ଆଦି ଏମାନେ ଥିଲେ ଅନ୍ୟତମ । ତେବେ ଏମାନଙ୍କ ମଧ୍ୟରେ 'ଆୟଂ କାଲି ' ଦଳିତ ଆନ୍ଦୋଳନକୁ ବହୁଳ ଭାବେ ପ୍ରଭାବିତ କରି ପାରିଥିଲେ ।

ସମଗ୍ର ଭାରତବର୍ଷ ଭଳି ଦକ୍ଷିଣ ଭାରତର ତାମିଲନାଡୁରେ ମଧ୍ୟ ଏହି ଜାତିପ୍ରଥାର ଅବ୍ୟବସ୍ଥା ଭୟଙ୍କର ରୂପ ଧାରଣ କରିଥିଲା । ଏହିଭଳି ଏକ ସଂଘର୍ଷପୂର୍ଣ୍ଣ ପରିସ୍ଥିତି ମଧ୍ୟରେ ୧୮୭୯ ମସିହାରେ ଜନ୍ମ ନିଅନ୍ତି ପେରୀୟାର ରାମ ସ୍ୱାମୀ । ଶହଶହ ବର୍ଷ ବିତିଯାଇଥିଲେ ମଧ୍ୟ ଯେଉଁ ବ୍ୟବସ୍ଥାକୁ ଏହି ନିର୍ଯ୍ୟାତିତ ସମାଜ ବୁଝିବାକୁ ଅକ୍ଷମ ମଣିଥିଲେ, ମାତ୍ର ବାର ବର୍ଷ ବୟସରେ ପେରୀୟାର୍ ରାମସ୍ୱାମୀ ତାହାକୁ ସଠିକ୍ ଭାବେ ହୃଦୟଙ୍ଗମ କରିପାରିଥିଲେ । ସେ ତାଙ୍କ ପିତାଙ୍କୁ ମଣିଷ-ମଣିଷ ମଧ୍ୟରେ ବିଭେଦ କାହିଁକି ? ବୋଲି ଅନେକ ପ୍ରଶ୍ନ କରୁଥିଲେ । ତତ୍କାଳୀନ ସାମାଜିକ ଅବସ୍ଥା, ଧର୍ମ ନାଆଁରେ ଅନ୍ଧବିଶ୍ୱାସ, ପ୍ରଚଳିତ ମିଥ୍ୟା ରୀତି-ନୀତି ଓ ପରମ୍ପରା ତାଙ୍କର ହୃଦୟକୁ କଷ୍ଟ ଦେଉଥିଲା । ଅବଶେଷରେ ଏହାର ନିରାକରଣ ପାଇଁ ଏବଂ ତାର ଉଦ୍ଦେଶ୍ୟ ପୂରଣ ପାଇଁ ସେ ପ୍ରତିଜ୍ଞାବଦ୍ଧ ହେଲେ । ଅସ୍ପୃଶ୍ୟ ଜନତାଙ୍କୁ ସାମାଜିକ ସୁରକ୍ଷା ଓ ନ୍ୟାୟ ଦେବା ଲକ୍ଷ୍ୟରେ ସେ ଗଢ଼ିଥିଲେ ସାମାଜିକ ସଂଗଠନ ଯାହା ' ଦ୍ରାବିଡ ଆନ୍ଦୋଳନ' ନାମରେ ନାମିତ ହୋଇଥିଲା । ସେହିପରିଭାବେ ଆଉ କେତେକ ନେତୃବର୍ଗ ଦଳିତମାନଙ୍କୁ ସମାଜରେ ମୁଖ୍ୟ ସ୍ରୋତରେ ସାମିଲ କରିବା ଉଦ୍ଦେଶରେ ବିଭିନ୍ନ ପ୍ରତିବାଦମୂଳକ ପନ୍ଥାକୁ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ 'ଶ୍ରୀ କାଶୀ ବିଶ୍ୱନାଥ ', 'ଆର୍.ବି. ମଦୁରାଇ ପିଲାଲ ', 'କୋଟେଶ୍ୱର ଭି. ସୁବ୍ର ମନୀୟମ ', 'ଏମ. ପାଲାନ୍ତ ସ୍ୱାମୀ ' ପ୍ରଭୃତି ଦଳିତ ଆନ୍ଦୋଳନକୁ ତୀବ୍ରତର ଓ ସଂଘର୍ଷ ପୂର୍ଣ୍ଣ କରି ପାରିଥିଲେ । ଏହି ଅବସରରେ 'ଡଃ ଦିଓ୍ୱାନ୍ ବାହାଦୁର ଏମ.ସି.ରାଜା ନାମକ ଜଣେ ଦଳିତ, 'ସେଣ୍ଟ୍ରାଲ ଲେଜିସ୍ଲେଟିଭ ଆସେମ୍ଲି'ର ସଦସ୍ୟଭାବେ ମନୋନୀତ ହେବାପରେ ସେ ଆମ୍ବେଦକର ନେତୃତ୍ୱକୁ ସମ୍ମାନ ଦେଇ ତାଙ୍କୁ ଅନୁସରଣ କରିଥିଲେ। ଶେଷରେ କୁହାଯାଇପାରେ ତାମିଲନାଡୁରେ ଦଳିତ ଆନ୍ଦୋଳନ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ଥିଲା।

ଏହି କ୍ରମରେ ପଞ୍ଜାବରେ ମଧ୍ୟ ଅସ୍ପୃଶ୍ୟତା ଭଳି ସାମାଜିକ ବ୍ୟାଧି ଜନସାଧାରଣଙ୍କୁ ଆକ୍ରାନ୍ତ କରିଥିଲା । ଅସ୍ପୃଶ୍ୟତା ଦ୍ୱାରା ଶିକାର ହୋଇ ଦଳିତମାନେ ଏଥିରୁ ମୁକ୍ତି ପାଇବାକୁ ନିଜର ଧର୍ମ ପରମ୍ପରାକୁ ପରିତ୍ୟାଗ କରି ଅନ୍ୟଧର୍ମକୁ ଆପାଣାଇବାକୁ ବାଧ୍ୟ ହେଲେ । ୧୮୮୬ ମସିହାରେ ବାବା ମଙ୍ଗୁରାମ ନାମକ ଜଣେ ମହାମାନବ ଜନ୍ମ ନିଅନ୍ତି । ସେ ଅତି ସାଧାରଣ ପରିବାର ଓ ଅସ୍ପୃଶ୍ୟ ଜାତିର ହୋଇଥିବାରୁ ସେ ଅକଥନୀୟ ନିର୍ଯାତନା ସହ୍ୟ କହିଛନ୍ତି ଏବଂ ତାଙ୍କ ଜୀବନରେ ଅତ୍ୟନ୍ତ କଠିନ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଅସ୍ପୃଶ୍ୟ ବୋଲି ବିଭିନ୍ନ ସ୍ଥାନରେ ତାଙ୍କୁ ଅପମାନିତ ହେବାକୁ ପଡ଼ିଥିଲା। ଫଳରେ ଜାତିଗତ ବିଷମତାର ବିଷ ଜ୍ୱାଳାରେ ଜର୍ଜରିତ ହୋଇ ପ୍ରଚଳିତ ସାମାଜିକ ବ୍ୟବସ୍ଥାକୁ ସେ ଘୃଣା କରିବାକୁ ଲାଗିଲେ । ଏଥିରୁ ସେ ନିଜେ ଓ ନିଜ ସମାଜକୁ ମୁକ୍ତି ଦେବା ଉଦ୍ଦେଶ୍ୟରେ ଅନେକଙ୍କୁ ଏକତ୍ରିତ କରି ଏକ ବୃହତ୍ ସଂଗଠନ ଗଠନ କଲେ । ଏଥିରେ ଧର୍ମଭିତ୍ତିକ ଆନ୍ଦୋଳନ ବିଶେଷ କରି ଅଛୁଆଁ ସମାଜ ମଧ୍ୟରେ ଚେତନା ଜାଗ୍ରତ କରାଇବା ପାଇଁ ସ୍ୱତନ୍ତ୍ର ଅଭିଯାନ ଚଳାଇଥିଲେ । ଏହା ବ୍ୟତୀତ ସେଠାକାର 'ସନ୍ଥ ବ୍ରହ୍ମା ଦାସ ', 'ଶାନ୍ତାରାମ ', 'ସ୍ୱାମୀ ଶୁଦ୍ରାନନ୍ଦ', 'ଠାକୁର ଚାନ୍ଦ ', 'ପ୍ରଭାତିରାମ' ପ୍ରଭୃତି ନେତୃବର୍ଗଙ୍କ ଦ୍ୱାରା ଦଳିତମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିଥିଲେ ।

ଏହି ପର୍ଯ୍ୟାୟରେ ଆନ୍ଧ୍ର ପ୍ରଦେଶରେ 'ଦଳିତ ଆନ୍ଦୋଳନ' ପ୍ରମୁଖ ଭୂମିକା ଗ୍ରହଣ କରିବାର ଦେଖାଗଲା । ଏହି ଆନ୍ଦୋଳନରେ ଭାଗ୍ୟରେଡି ବର୍ମା ନାମକ ଜଣେ ସମାଜ ସଂସ୍କାରକ ପ୍ରମୁଖ ନେତା ଭାବେ ଲୋକପ୍ରିୟତା ଅର୍ଜନ କରିଥିଲେ । ସେଠାରେ ଜାତିପ୍ରଥା ବିଷମତାକୁ ବିରୋଧ କରି ଦଳିତମାନଙ୍କୁ ସାମାଜିକ ସୁରକ୍ଷା ଦେବା

ଉଦ୍ଦେଶ୍ୟରେ ସେ ଜନଜାଗରଣ ସୃଷ୍ଟି କଲେ । ଏହାଦ୍ୱାରା ଦଳିତମାନେ ନୂତନ ପ୍ରାଣଶକ୍ତି ଫେରି ପାଇବାକୁ ସକ୍ଷମ ହେଲେ । ଫଳରେ ଦଳିତଙ୍କ ଜାଗରଣ ସାରା ଭାରତବର୍ଷରେ ଦଳିତ ମୁକ୍ତି ଆନ୍ଦୋଳନ ଭାବେ ପ୍ରଭାବିତ କରିଥିଲା । ବର୍ମାଙ୍କ ଆକସ୍ମିକ ମୃତ୍ୟୁ ପରେ ଅନ୍ୟ ଦଳିତ ନେତାମାନେ ଆମ୍ବେଦକରଙ୍କ ବିଚାରଧାରାକୁ ଗ୍ରହଣ କରି ଦଳିତମାନଙ୍କୁ ସାମାଜିକ ବ୍ୟାଧିରୁ ମୁକ୍ତି ଦେବାରେ ଭିନ୍ନଭିନ୍ନ ଆନ୍ଦୋଳନମାନ ସୃଷ୍ଟି କରିବାରେ ସକ୍ଷମ ହେଲେ ।

ଏହିକ୍ରମରେ କର୍ଣ୍ଣାଟକରେ ମଧ୍ୟ ପ୍ରଥା ଓ ପରମ୍ପରା ନାଁରେ ଜାତି ବିଭେଦ ବିଷମତାର ଉଗ୍ର ରୂପ ଧାରଣ କରିଥିଲା । ଏଠାରେ ଅସ୍ପୃଶ୍ୟ କ୍ରୁରତାର ଶିକାର ହେଉଥିବା ଜନଗଣ ସାମାଜିକ ନିନ୍ଦା ଅପବାଦ ସହ୍ୟ କରି ପଶୁ ପରି ଜୀବନ ବିତାଇବା ସହ ସାମାଜିକ ବାଛନ୍ଦ ହୋଇଥିଲେ । ଏହି ପରିପ୍ରେକ୍ଷୀରେ ମହୀଶୂରର ମହାରାଜା 'ଚମରାଜ ଓଦେୟାର' ଦଳିତମାନଙ୍କର ସାମାଜିକ ଓ ଆର୍ଥିକ ଦିଗରେ ଉନ୍ନତି କରିବା ଲକ୍ଷ୍ୟ ରଖି ବିଭିନ୍ନ କାର୍ଯ୍ୟପନ୍ଥା ସୃଷ୍ଟି କରିଥିଲେ । ପ୍ରଥମତଃ ଦଳିତମାନଙ୍କ ଶିକ୍ଷା , ସ୍ୱାସ୍ଥ୍ୟର ଉନ୍ନତି ନିମନ୍ତେ ବିଭିନ୍ନ କାର୍ଯକ୍ରମ କରିବା ସହିତ ସେମାନଙ୍କୁ ମାଗଣାରେ ଖାଇବାର ବ୍ୟବସ୍ଥା ମଧ୍ୟ କରିଥିଲେ । କିନ୍ତୁ କର୍ଣ୍ଣାଟକର ଦଳିତ ଆନ୍ଦୋଳନକୁ ଅନ୍ୟ ଯେଉଁମାନେ ନେତୃତ୍ୱ ନେଇଥିଲେ, ସେମାନଙ୍କ ମଧ୍ୟରେ , ଟି. ଜେ.ପାପାନା', 'ୱାଇ. ଏ. ହଙ୍ଗଲ', 'ଏମ. ଡି. ଘୋଡକ' ପ୍ରମୁଖ ଥିଲେ ଅନ୍ୟତମ । ଏହା ବାସ୍ତବ ସତ୍ୟ ଯେ ପ୍ରକୃତରେ କର୍ଣ୍ଣାଟକ ରେ ଦଳିତ ମୁକ୍ତି ଆନ୍ଦୋଳନ ଡଃ ଆମ୍ବେଦକରଙ୍କୁ ଅଧିକ ପ୍ରଭାବିତ କରିଥିବାର ଦେଖାଗଲା । ୧୯୫୬ ମସିହାରେ ଆମ୍ବେଦକର ମହାରାଷ୍ଟ୍ରରେ ବୌଦ୍ଧଧର୍ମ ଗ୍ରହଣ କରିବାର ଅନେକ ଦିନ ପୂର୍ବରୁ କର୍ଣ୍ଣାଟକର କୋଲର୍ ଗୋଲ୍ଡ ଫିଲଡରେ 'ପଣ୍ଡିତ ଆୟୋଧି ଦାସ'ଙ୍କ ନେତୃତ୍ୱରେ ଅଧିକାଂଶ ଦଳିତ ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ ।

ଅସ୍ପୃଶ୍ୟତା ଭଳି କଳୁଷିତ ବ୍ୟବସ୍ଥାକୁ ଦୂର କରିବାରେ ମଧ୍ୟପ୍ରଦେଶ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ସେଠାରେ 'ଗୁରୁ ଘାସୀ ଦାସ'ଙ୍କ ନେତୃତ୍ୱରେ ଅନେକ ଜନ ସଚେତନ ଓ ଆନ୍ଦୋଳନ ଦଳିତଙ୍କ ଉନ୍ନତି ସକାଶେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା । ଏପରିକି ଛତିଶଗଡରେ ଦଳିତ ସମାଜର ଅସମାନତା ଓ ହିନ୍ଦୁଧର୍ମକୁ ବିରୋଧ କରି ଗୁରୁ ଘାସୀ ଦାସ ଦଳିତମାନଙ୍କୁ ସଂଗଠିତ କରି ବିଦ୍ରୋହ ଘୋଷଣା କରିଥିଲେ । ଏହି ଦଳିତ ଆନ୍ଦୋଳନକୁ ଅଧିକ ତୀବ୍ରତର କରିଥିବା ନେତୃବର୍ଗଙ୍କ ମଧ୍ୟରେ ଜି.ଧୂଲ୍ ଧୋୟେ, ପି. ଭରଦ୍ୱାଜ, ଶଙ୍କରାଓ ରାମଜୀ ମାଜବେ, ସାଜନ ସିଂ ବିସବାର, ବଂଶୀ ଲାଲ ରାମତେକେ ପ୍ରଭୃତି ଅନ୍ୟତମ । ଏହି ଆନ୍ଦୋଳନକାରୀ ମାନେ ଦଳିତମାନଙ୍କୁ ସାମାଜିକ ସୁରକ୍ଷା ଦେବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ଜାମ୍ମୁକାଶ୍ମୀରରେ ମଧ୍ୟ ବିଭିନ୍ନ ସ୍ଥାନରେ ଦଳିତମାନଙ୍କୁ ସାମାଜିକ ନ୍ୟାୟଦେବା ଉଦ୍ଦେଶ୍ୟରେ ଆନ୍ଦୋଳନଗୁଡ଼ିକ ମୁଣ୍ଡ ଟେକିଲା । 'ବାବୁ ମିଲଖି ରାମ' ନାମକ ଜଣେ ସାମାଜିକ କର୍ମୀଙ୍କ ଦ୍ୱାରା ଦଳିତ ମୁକ୍ତି ଆନ୍ଦୋଳନର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ସେ ଆମ୍ବେଦକରଙ୍କ ନୂତନ ସମାଜ ଗଠନ ଭାବଧାରା ପ୍ରତି ଅଧିକ ପ୍ରଭାବିତ ହୋଇଥିଲେ । ଯାହାଦ୍ୱାରା ଦଳିତମାନଙ୍କ ସାମାଜିକ ଓ ରାଜନୀତିକ ଉନ୍ନତି ଦିଗରେ ଅନେକ କାର୍ଯ୍ୟପନ୍ଥା ସୃଷ୍ଟି କରି ତାକୁ ଆନ୍ଦୋଳନର ରୂପ ଦେଇଥିଲେ । ଏହି ଆନ୍ଦୋଳନକୁ ଅଧିକ ଅଗ୍ରଗତି କରାଇବାରେ ଅନ୍ୟ କେତେଜଣ ଗୁରୁଦାୟିତ୍ୱ ବହନ କରିଥିଲେ, ସେମାନଙ୍କ ମଧ୍ୟରେ ଶିବରାମ ମୋଟନ ଓ ଓମ୍ ପ୍ରକାଶ ଭଗତ ଆଦି ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ଉତ୍ତର ପ୍ରଦେଶରେ ମଧ୍ୟ ସମପରିମାଣରେ ଦଳିତମାନେ ଜାତିପ୍ରଥା ଭଳି ଘୃଣ୍ୟ ପରମ୍ପରା ବିଭୀଷିକାରେ ପୀଡ଼ିତ ହୋଇ ଦୁଃଖ ଯନ୍ତ୍ରଣା ଭୋଗ କରୁଥିଲେ । ଏଠାରେ ଧର୍ମକୁ ଆଧାର କରି ବହୁ ଆନ୍ଦୋଳନମାନ ମୁଣ୍ଡ ଟେକିଥିଲା । ଏହି ପରିପ୍ରେକ୍ଷୀରେ ବି.ବି. ମହାସ୍ଥବିର, ଲକ୍ଷ୍ନୌରେ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର କରିଥିଲେ । ସେ ୧୯୨୮ ମସିହାରେ ' ୟୁପି. ହିନ୍ଦୁ ବ୍ୟାକ୍ ୱାର୍ଡ କ୍ଲାସେସ ଲିଗ୍ 'ନାମକ ଏକ ସାମାଜିକ ସଂଗଠନ ଗଢିଥିଲେ । ଏହାଦ୍ୱାରା ଦଳିତମାନଙ୍କୁ ବୌଦ୍ଧଧର୍ମରେ ଦୀକ୍ଷିତ କରାଇ ହିନ୍ଦୁ ଧର୍ମର ଲାଞ୍ଛନା ମଧ୍ୟରୁ ମୁକ୍ତି ଦେବାକୁ ବହୁ ଉଦ୍ୟମ କରିଥିଲେ । ଯାହାକି ପରବର୍ତ୍ତୀ ସମୟରେ ଦଳିତ ଆନ୍ଦୋଳନ ବେଶ୍ ବଳିଷ୍ଠ ରୂପ ଧାରଣ କରିଥିଲା । ଏହା ବ୍ୟତୀତ 'ବାବୁ ନନ୍ଦଲାଲଜୀ ଚୌଧୁରୀ, 'ସ୍ୱାମୀ ପ୍ରଭୂତାନନ୍ଦ ବ୍ୟାସ ' , 'ଖେମ୍ ଚାନ୍ଦଜି' ଓ 'ରାମ ଚରଣ ଜୀ' ପ୍ରମୁଖ ନେତୃବର୍ଗ ଦଳିତ ମୁକ୍ତି ପାଇଁ ଅପ୍ରାଣ ଉଦ୍ୟମ କରିଥିବାର ଜଣାଯାଏ ।

ପଶ୍ଚିମବଙ୍ଗରେ ଅନେକ ନେତୃବର୍ଗଙ୍କ ଦ୍ୱାରା ପର୍ଯ୍ୟାୟକ୍ରମେ ଅସ୍ପୃଶ୍ୟ ଭଳି ସାମାଜିକ ବ୍ୟାଧିକୁ ଦୂର କରିବାରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରି ସଫଳ ହୋଇଥିଲେ । ଏଠାରେ ମଧ୍ୟ ଦଳିତ ମୁକ୍ତି ଆନ୍ଦୋଳନ ଅଧିକ ମାତ୍ରାରେ ସକ୍ରିୟ ଓ ପ୍ରଭାବଶାଳୀ ଥିଲା । ସେମାନଙ୍କ ମଧ୍ୟରେ ହରିଚନ୍ଦ ଠାକୁର, ମନମୋହନ ଦାସ, କେଶବ ଲାଲ ମଜୁମଦାର, ମନୋହର ଢ଼ାଲି, ଅପୂର୍ବଲାଲ ମଜୁମଦାର ଭଳି ଦଳିତ ଜନତାଗଣ ଆମ୍ବେଦକରଙ୍କ ସାମାଜିକ ଅଗ୍ରଗତିର ଆଭିମୁଖ୍ୟକୁ ଅନୁସରଣ କରି ଦଳିତମାନଙ୍କ ବିକାଶ ନିମନ୍ତେ 'ଦଳିତ ଆନ୍ଦୋଳନ' କୁ ତୀବ୍ରତର କରିବାରେ ସକ୍ଷମ ହୋଇଥିଲେ ।

ସେହିପରିଭାବେ ବିହାରରେ ଅସ୍ପୃଶ୍ୟମାନେ ସବୁଠାରୁ ଦୁଃଖ, ଯନ୍ତ୍ରଣା ଓ ଦୁର୍ଦ୍ଦିନରେ କାଳାତିପାତ କରୁଥିଲେ । ଜାତିପ୍ରଥା କଟକଣାର ଶରବ୍ୟ ହୋଇ ସେମାନେ ଅକଥନୀୟ ଯନ୍ତ୍ରଣା ଭୋଗୁଥିଲେ । ଏହି ଭଳି ଏକ ସାମାଜିକ ବ୍ୟବସ୍ଥାକୁ ଦୂର କରି, ନୂତନ ସଂସ୍କାର ସୃଷ୍ଟି କରିବା ଅଭିପ୍ରାୟ ରଖି ଅନେକ ଦଳିତନେତା ଦଳିତ ମୁକ୍ତି ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

ସେହି ନେତୃବୃନ୍ଦ ମଧ୍ୟରେ 'ନୟନତାରା ଦାସ', 'ଚନ୍ଦ୍ରିକା ରାମ' , 'ବାବୁ ଜଗ ଜୀବନ ରାମ' , 'ଭୋଳା ପାଶୱାନ ଶାସ୍ତ୍ରୀ' ପ୍ରମୁଖ ଦଳିତମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଅପ୍ରାଣ ଉଦ୍ୟମ କରିଥିଲେ ।

ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ଗାନ୍ଧିଜୀଙ୍କ ଅସ୍ପୃଶ୍ୟତା ନିବାରଣ ନୀତିରେ ଆକୃଷ୍ଟ ହୋଇ କେତେକ ଅଣଦଳିତ ନେତା ସମାଜରେ ନୂତନ ସଂସ୍କାର ଆଣିବା ଦିଗରେ ବିଭିନ୍ନ କାର୍ଯ୍ୟପନ୍ଥା ହାତକୁ ନେଇଥିଲେ। ପରବର୍ତ୍ତୀ ସମୟରେ କେତେକ ଦଳିତ ନେତା ମଧ୍ୟ ଆମ୍ବେଦକରଙ୍କ ବିଚାରଧାରାକୁ ଗ୍ରହଣ କରି ସମାଜର ପାରମ୍ପରିକ ରୀତିରେ ପ୍ରଚଳିତ ହୋଇ ଆସୁଥିବା ଜାତିପ୍ରଥା ଭଳି ସାମାଜିକ ବ୍ୟାଧି ନିରାକରଣ ପାଇଁ ଜନସଚେତନତା ସୃଷ୍ଟି କରିଥିଲେ । ସେମାନଙ୍କ ମଧ୍ୟରେ ଶାନ୍ତନୁ କୁମାର ଦାସ, କାହ୍ନୁ ଚରଣ ଜେନା, ମୋହନ ନାୟକ, ବୈଷ୍ଣବ ଚରଣ ମଲ୍ଲିକ ପ୍ରମୁଖ ଦଳିତମାନଙ୍କ ମୁକ୍ତି ନିମନ୍ତେ ବହୁ ଉଦ୍ୟମ ଜାରି ରଖିଥିଲେ ।

ପରବର୍ତ୍ତୀ ସମୟରେ ଦେଶ ସ୍ୱାଧୀନ ଲାଭ କଲା, ନୂତନ ସମ୍ବିଧାନର ସମସ୍ତ ନିୟମମାନ ସମଗ୍ର ଦେଶରେ ଲାଗୁକରାଗଲା । ଦେଶର ସାଧାରଣ ଜନତାଙ୍କ ସୁରକ୍ଷା ଦିଗରେ ସମ୍ବିଧାନରେ ଅନେକ ଆଇନ-କାନୁନ ସ୍ଥାନ ପାଇ ଥିଲେ ମଧ୍ୟ ଏହା ସଠିକ ରୂପେ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ତେଣୁକରି ଭାରତୀୟ ସ୍ୱାଧୀନତାର ସାମାଜିକ ଓ ସାଂସ୍କୃତିକ ପ୍ରେକ୍ଷାପଟ୍ଟରେ ଦଳିତମାନଙ୍କ ପ୍ରତି ଉଚ୍ଚ ବର୍ଗ ଲୋକମାନଙ୍କର ଅତ୍ୟାଚାର ଓ ଶାସନ କଳର ଅବ୍ୟବସ୍ଥା ଯୋଗୁଁ ପୁନଶ୍ଚ ଏକ ନୂତନ ଆନ୍ଦୋଳନର ସୂତ୍ରପାତ ହେଲା । ସେ ସମୟରେ ଯୁକ୍ତରାଷ୍ଟ୍ର ଆମେରିକାରେ ନିର୍ଯ୍ୟାତିତ ଆଫ୍ରିକୀୟ କୃଷ୍ଣ କାୟଙ୍କ ସମ୍ମାନ ଓ ସୁରକ୍ଷା ଦିଗରେ 'ବ୍ଲାକ ପାନ୍ଥର ପାର୍ଟି' ନାମକ ଏକ ରାଜନୀତିକ ଅନୁଷ୍ଠାନ ଗଢି ଉଠିଥିଲା । ଏହାର କାର୍ଯ୍ୟକ୍ରମକୁ ଅନୁସରଣ କରି ଭାରତର ମହାରାଷ୍ଟ୍ରରେ ଦଳେ ଯୁବକ, ଅସ୍ପୃଶ୍ୟ ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସେମାନଙ୍କୁ ସାମାଜିକ ନ୍ୟାୟ ଦେବା ଉଦ୍ଦେଶ୍ୟରେ ୧୯୭୨ ମସିହାରେ 'ଦଳିତ ପାନ୍ଥାର' ନାମକ ଏକ ସାମାଜିକ ଅନୁଷ୍ଠାନ ଗଢିଲେ । ପରବର୍ତ୍ତୀ ସମୟରେ ଏହି ଅନୁଷ୍ଠାନ ସହିତ ସମାଜରେ ଅନେକ ପୀଡ଼ିତ, ଅବହେଳିତ, ଶୋଷିତ, ନିର୍ଯ୍ୟାତିତ ଓ ବଞ୍ଚିତ ଜନତା ଯୋଗ ଦେଲେ। ଫଳରେ ଏମାନେ ବହୁ ମାତ୍ରାରେ ସଂଗଠିତ ହେବାରୁ ଏହା ଏକ ଆନ୍ଦୋଳନ ରୂପ ନେଲା , ଯାହାଦ୍ୱାରା ସେମାନେ ସମସ୍ତ ସାମାଜିକ ଅଧିକାର ପାଇବା ଲକ୍ଷ୍ୟରେ ନିଜର ସ୍ୱରକୁ ଏହି ଆନ୍ଦୋଳନ ମାଧ୍ୟମରେ ତୀବ୍ରତର କରାଇବାରେ ସକ୍ଷମ ହେଲେ ।

ଏହିପରି ଭାବେ ଭାରତବର୍ଷରେ ଜାତିପ୍ରଥା ଭଳି ଘୃଣ୍ୟ ପରମ୍ପରା ବନ୍ଦୀଶାଳାରୁ ମୁକ୍ତି ପାଇବା ଅଭିପ୍ରାୟରେ ବିଭିନ୍ନ ସ୍ଥାନରେ ଅନେକ ଛୋଟ ବଡ ଦଳିତ ମୁକ୍ତି ଆନ୍ଦୋଳନ ସୃଷ୍ଟି ହେବାର ଦେଖାଗଲା ଓ ସହସ୍ର ବର୍ଷ ଧରି ଏହି ସାମାଜିକ ବ୍ୟବସ୍ଥାକୁ ହଟାଇ ସମାଜରେ ମଣିଷ-ମଣିଷ ମଧ୍ୟରେ ଏକ ମାନବୀୟ ଓ ବୈଜ୍ଞାନିକ ଭାବଧାରାକୁ ପରିପୁଷ୍ଟ କରିବା ପାଇଁ ଅନେକ ନେତୃ ସ୍ଥାନୀୟ ବ୍ୟକ୍ତିତ୍ୱ ଉଦ୍ୟମ ଜାରି ରଖିଲେ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହା ଯେ, ଦେଶ ସ୍ୱାଧୀନତା ଲାଭ କରିବାର ଦୀର୍ଘବର୍ଷ ଅତିକ୍ରମ ହୋଇଯାଇଥିଲେ ମଧ୍ୟ ଏହାର ସମ୍ପୂର୍ଣ୍ଣ ନିରାକରଣ ଆଜି ପର୍ଯ୍ୟନ୍ତ କରାଯାଇ ପାରି ନାହିଁ । ଆଜିବି ଆମ ସମାଜରେ ଅନେକ ସ୍ଥାନରେ ଏହାର ପ୍ରଭାବ ଦେଖିବାକୁ ମିଳେ ।

**ପ୍ରାନ୍ତଟୀକା**


୧- ଗାହାଣ କପିଳେଶ୍ୱର, 'ଦଳିତ ବିଚାର : ଦଳିତ ସାହିତ୍ୟ', ସୋହମ, ପ୍ରଫେସରପଡ଼ା, କଟକ-୦୩, ପ୍ରଥମ ପ୍ରକାଶ - ୨୦୦୯, ପୃଷ୍ଠା. ସଂ-୧୫ ।

୨- ମଲ୍ଲିକ, ରମେଶ ଚନ୍ଦ୍ର, 'ଦଳିତ ଆନ୍ଦୋଳନର ଆଭିମୁଖ୍ୟ ଓ ସଂକ୍ଷିପ୍ତ ଇତିହାସ', ଦ୍ରଷ୍ଟବ୍ୟ-'ଦଳିତ ଆନ୍ଦୋଳନ ଓ ଦଳିତ ସାହିତ୍ୟ', ସଂ-କୃଷ୍ଣ ଚରଣ ବେହେରା, ରବୀନ୍ଦ୍ର ନାଥ ସାହୁ, ଓଡିଆ ଗବେଷଣା ପରିଷଦ-କଟକ, ପ୍ରଥମ ପ୍ରକାଶ- ୨୦୦୭ , ପୃଷ୍ଠା. ସଂ-୧୧ , ୧୨ ।

୩- ତତ୍ରୈବ : ପୃଷ୍ଠା. ସଂ -୧୩ ,୧୪

୪- ତତ୍ରୈବ : ପୃଷ୍ଠା. ସଂ -୧୮

୫- ତତ୍ରୈବ : ପୃଷ୍ଠା. ସଂ -୨୦


❖❖❖

# ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସ: ଦିଗ ଓ ଦିଗନ୍ତ



ISSN-2583-6978
Volume-3
Issue-8
AUGUST-2023

**ପ୍ରଶାନ୍ତ ସାନ୍ତରା**

**ଗବେଷକ, ଓଡ଼ିଆ ବିଭାଗ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡ଼ିଶା**
**ସୁନାବେଡ଼ା, କୋରାପୁଟ-୭୬୩୦୦୪**

ଉପନ୍ୟାସ ହେଉଛି ମାନବ ଜୀବନର ଗଦ୍ୟ ମହାକାବ୍ୟ। ଯାହା ମାନବ ଜୀବନର ପୂର୍ଣ୍ଣାଙ୍ଗ ପ୍ରତିଛବିକୁ ପ୍ରତିଫଳିତ କରିଥାଏ। ଓଡ଼ିଆ ସାହିତ୍ୟର ଏହିଭଳି ଏକ ପ୍ରରୂପ ଯାହା ଆଧୁନିକ ଓଡ଼ିଆ ସାହିତ୍ୟ ଅର୍ଥାତ୍ ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧବେଳକୁ ଅଂକୁରୋଦ୍‌ଗମ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ବିଶାଳ ଦ୍ରୁମରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରୁ ଉପନ୍ୟାସ ବିଭାଗଟି ବେଶ୍ ବଳିଷ୍ଠ ଓ ପାଠକ ଆଦୃତ ମଧ୍ୟ। ଓଡ଼ିଆ ସାହିତ୍ୟର ଏହିଭଳି ଏକ ବଳିଷ୍ଠ ଓ ଗୁରୁତ୍ୱପୂର୍ଣ୍ଣ ବିଭାଗଟିରେ ସାଂପ୍ରତିକ କାଳଖଣ୍ଡରେ ସମାଜରେ ଦେଖାଦେଉଥିବା ବିଭିନ୍ନ ଭାବଧାରା ପ୍ରତିଫଳିତ ହେବା ସହ ସାଧାରଣ ଜନତାକୁ ସଚେନତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସାଂପ୍ରତିକ ମଣିଷର ଜଟିଳ ମନର ଅନ୍ତଃସ୍ୱରୂପକୁ ଉଦ୍‌ଘାନଟ କରିବାହେଉ ଅବା ତା'ର ନିଃସଂଗତା, ହତାସାବୋଧ, ସ୍ୱପ୍ନଭଙ୍ଗ, ସମାଜର ବାସ୍ତବସ୍ୱରୂପ ଉଦ୍‌ଘାଟନ, ନାରୀ ସଚେତନା, ଦଳିତ ସମସ୍ୟା, ପରିବେଶ ସମସ୍ୟା, ବେକାରୀ ସମସ୍ୟା, ଦାଦନ ସମସ୍ୟା, ବିସ୍ଥାପିତ ସମସ୍ୟା, ନକ୍ସଲ ଭିତ୍ତିକ ଆନ୍ଦୋଳନ ଅଥବା ଇତିହାସର ପୁନଃମୂଲ୍ୟାୟନ ଆଦି ବିଭିନ୍ନ ଦୃଷ୍ଟିକୋଣକୁ କେନ୍ଦ୍ରକରି ବହୁ ଉପନ୍ୟାସ ଲେଖାଯାଉଛି; ଯାହା ସ୍ୱାଧୀନତା ପରବର୍ତ୍ତୀ କାଳରେ ସ୍ୱଳ୍ପ ଆକାରରେ ଦେଖାଯାଉଥିଲେ ମଧ୍ୟ ଉତ୍ତର ଅଶୀ ତଥା ଏକବିଂଶ ଶତାବ୍ଦୀରେ ଏକ ବଳିଷ୍ଠ ଭାବଧାରା ଭାବେ ଉଭା ହୋଇଛି। ଊନବିଂଶ ଶତାବ୍ଦ ଆଜକୁ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ବିତିଯାଇଛି ଓ ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଉକ୍ତ ଭାବଧାରାକୁ କେନ୍ଦ୍ରକରି ବହୁ ଉପନ୍ୟାସ ରଚନା କରାଯାଇଥିଲେ ମଧ୍ୟ ଉକ୍ତ ଉପନ୍ୟାସଗୁଡ଼ିକର ବିଶେଷ ଆଲୋଚନା ଦେଖିବାକୁ ମିଳେ ନାହିଁ। ତେଣୁ ଆଲୋଚ୍ୟ ପ୍ରବନ୍ଧରେ ମୁଁ ଏକବିଂଶ ଶତାବ୍ଦୀର କେତେକ ବିଶିଷ୍ଟ ଉପନ୍ୟାସଗୁଡ଼ିକୁ ଆଲୋଚନା କରିବାକୁ ପ୍ରୟାସ କରିଛି।

**ସମାଜ ବାସ୍ତବତା :**

ସମୟର ଗତିଧାରାରେ ସମାଜ ତଥା ସାହିତ୍ୟ ମଧ୍ୟ ପରିବର୍ତ୍ତିତ ହୁଏ। ସମୟ ବଦଳେ; ସମାଜର ରୂପ ବଦଳେ। ଲେଖକର ମାନସ ରାଜ୍ୟରେ ନୂଆ ଚିନ୍ତା, ନୂଆ ଚେତନା, ନୂଆ ଛବି ଆତ୍ମ ପ୍ରକାଶ କରେ। କାହାଣୀ ସରିସରି ଆସିଲା ବେଳକୁ ପୁଣି ଏକ ନୂଆ ଭାବ ଇଶାରା ଦେଇ ଲେଖକର ଚିନ୍ତାରାଜ୍ୟକୁ ଛୁଇଁଯାଏ। ଏଇଠି ସ୍ରଷ୍ଟାର କଲମ ସମାଜର ଭିନ୍ନ ଏକ ଦିଗକୁ ଆବିଷ୍କାର କରେ। ଯେଉଁଠାରେ ଗୋଟିଏ ଶତାବ୍ଦୀ ଝାପ୍ସା ହୋଇ ବିଦାୟ ନେଉଥିଲାବେଳେ ଆଉ ଗୋଟିଏ ଶତାବ୍ଦୀ ନୂଆକରି ମୁଣ୍ଡ ଟେକୁଥାଏ ନୂଆ ଭାବରେ।

ଏକବିଂଶ ଶତାବ୍ଦୀରେ ଏଭଳି କେତେକ ଉପନ୍ୟାସ ଦେଖିବାକୁ ମିଳେ, ଯେଉଁଥିରେ ସମାଜର ବହୁବିଧ ଦିଗ ଉଭାସିତ। ଯେପରିକି ସତ୍ୟପ୍ରିୟ ମହାଳିକଙ୍କ 'କଭରଷ୍ଟୋରି', ଗୌରହରି ଦାସଙ୍କ 'କେତେ ରଙ୍ଗ ଜୀବନ', ଅଖିଳ ନାୟକଙ୍କ 'ଭେଦ', ରମାକାନ୍ତ ସାମନ୍ତରାୟଙ୍କ 'ନିଉଟନଙ୍କ ତୃତୀୟ ନିୟମ' ଇତ୍ୟାଦି। ଏ ଉପନ୍ୟାସଗୁଡ଼ିକରେ ଆମର ସମାଜକୁ ପରଖିବାର ସୁଯୋଗ ଅଧିକ।

ଆଜି ସମାଜ ବିକାରଗ୍ରସ୍ତ। ସନ୍ଦେହ, ଅବିଶ୍ୱାସ ଭିତରେ ମଣିଷ ବନ୍ଦୀ। ଚାରିଆଡ଼େ ଅଧର୍ମର ମାୟାଜାଲ, ହତ୍ୟା, ଲୁଣ୍ଠନ, ଧର୍ଷଣ ଆଦି ଅମାନୁଷିକ କ୍ରିୟାରେ ମଣିଷ ଲିପ୍ତ। ଅନ୍ୟର ଦୁଃଖ ଦୁର୍ଦ୍ଦଶା ପ୍ରତି ମଣିଷର ସମ୍ବେଦନଶୀଳତା ଆଉ ନାହିଁ। ଗରିବ ଲୋକଟି ଭୋକ ଉପାସରେ ପଡ଼ି ମୃତ୍ୟୁବରଣ କରୁପଛେ କେହି ତା' ପେଟକୁ ଦାନା ଗଣ୍ଡେ ଯୋଗାଇ ଦେବେ ନାହିଁ। ଆମର ସମାଜ ଏବଂ ଶାସନ ବ୍ୟବସ୍ଥା ଏତେ ନିଷ୍ଠୁର ଯେ, ନିରୀହ ନଷ୍ଟେଷିତ ଗ୍ରାମ୍ୟ ମଣିଷର ଅଭାବ ଅନଟନକୁ ଏଠାରେ ଉପହାସ କରାଯାଏ। ତା'ର ଆପତ୍ତି ଅଭିଯୋଗକୁ ଗ୍ରହଣ କରାଯାଏ ନାହିଁ। ଶେଷରେ ରାଜନୀତିର

କଳାଟଙ୍କା ନିକଟରେ ତାକୁ ମସ୍ତକ ଅବନତ କରିବାକୁ ହୁଏ। ଦୋଷୀକୁ ଦଣ୍ଡ ମିଳେ ନାହିଁ ଅଥଚ ଏକ କରୁଣ ନିଷ୍ପାପ ଶିଶୁ ମୁଣ୍ଡରେ ସବୁ ଦୋଷ ଲଦି ଦିଆଯାଏ। ଏପରି ଏକ କଥାବସ୍ତୁକୁ କେନ୍ଦ୍ରକରି ଔପନ୍ୟାସିକ ସତ୍ୟପ୍ରିୟ ମହାଳିକଙ୍କ 'କଭରଷ୍ଟୋରି' ଉପନ୍ୟାସଟି ପରିପୁଷ୍ଟ।

ବର୍ତ୍ତମାନ ସମୟରେ ଜଗତୀକରଣ ଫଳରେ ପାରିବାରିକ ଜୀବନ ବିପନ୍ନ ହେବାରେ ଲାଗିଛି। ପରିବାର ଭିତରେ ଆଉ ପୂର୍ବପରି ସୌହାର୍ଦ୍ଦ୍ୟପୂର୍ଣ୍ଣ ସ୍ନେହ, ପ୍ରେମ ଓ ଭଲପାଇବା ନାହିଁ। ଭାଇଭଉଣୀ, ବାପାମାଆ, ସ୍ୱାମୀସ୍ତ୍ରୀ ଭିତରେ ସୁସଂପର୍କ ନାହିଁ। କୁହାଯାଇପାରେ ଏହାର ଏକମାତ୍ର କାରଣ ପୃଥିବୀରେ ଜଗତୀକରଣର ପ୍ରଭାବ। ଜଗତୀକରଣ ଆମ ସମାଜକୁ ଏତେ ମାତ୍ରାରେ ପ୍ରଭାବିତ କରିସାରିଲାଣି ଯେ, ଆମର ବର୍ତ୍ତମାନ ଏବଂ ଭବିଷ୍ୟତ ଜୀବନ ପ୍ରତି ସନ୍ଦେହ ଉତ୍ପନ୍ନ ହୁଏ। ଆଜି ମଣିଷ କେବଳ ଟଙ୍କା ଉପାର୍ଜନ ପାଇଁ ବ୍ୟସ୍ତ। ଘରେ ପରିବାର ସହିତ ଖୁସିରେ ଟିକିଏ କଥା ହେବା ପାଇଁ ତା' ନିକଟରେ ସମୟ ନାହିଁ। ବିଭିନ୍ନ ସମୟରେ ଅଫିସ୍ କାମ, ବିଦେଶ ଗମନ ଇତ୍ୟାଦିର ଆଳ ଦେଖାଇ କେବଳ ଅର୍ଥ ଅର୍ଜନ ପ୍ରତି ତା'ର ଦୃଷ୍ଟି ସୀମିତ। ତା'ଆଗରେ ବିସ୍ତୀର୍ଣ୍ଣ ବାଲି ଆଉ ବାଲି, ମୁଣ୍ଡ ଉପରେ ପାହାଡ଼ ପାହାଡ଼ ବୋଝ। ଅମାପ ଧନ ଦଉଲତ ସତ୍ତ୍ୱେ ଶ୍ରଦ୍ଧା ଓ ସମ୍ବେଦନଶୀଳତା ଭିତରେ ମଣିଷ ଆଉ ଜୀବନ ବଞ୍ଚୁ ନାହିଁ। ଏହିପରି ଏକ ସାମାଜିକ ପୃଷ୍ଠଭୂମିକୁ ନେଇ ରଚିତ ଔପନ୍ୟାସିକ ଗୌରହରି ଦାସଙ୍କ 'କେତେ ରଙ୍ଗର ଜୀବନ' ଓଡ଼ିଆ କଥାକଳ୍ପନାରେ ବିସ୍ମୟ ନିଶ୍ଚିତ।

ଏକବିଂଶ ଶତାବ୍ଦୀରେ ପାଦ ଥାପିଥିଲେ ମଧ୍ୟ ମଣିଷ ମନରୁ ଜାତିଭେଦ ଦୂର ହୋଇ ନାହିଁ। ଯାହା ସମାଜର ଏକ ବଡ଼ ରୋଗ। ସେହି ରୋଗର ନିବାରଣ ନ ହେଲେ ଏକ ପରିଶୁଦ୍ଧ ସମାଜ ଗଠିତ ହେବା ସମ୍ଭବ ନୁହେଁ। ତେଣୁ ସମାଜରେ ସଂସ୍କାର ଆଣିବା ପାଇଁ କଲମ ଧରନ୍ତି କଥାକାର ଅଖିଳ ନାୟକ। ସମାଜ ଜୀବନ ମଧ୍ୟରେ ସବର୍ଣ୍ଣମାନଙ୍କର ଅସବର୍ଣ୍ଣମାନଙ୍କ ପ୍ରତି ରହୁଥିବା ଛୁଆଁ ଅଛୁଆଁ ଭେଦଭାବକୁ ନେଇ ରଚନା କରନ୍ତି ସେ 'ଭେଦ' ଉପନ୍ୟାସ। ସେହିପରି ରମାକାନ୍ତ ସାମନ୍ତରାୟଙ୍କ 'ନିଉଟନ୍‌ଙ୍କ ତୃତୀୟ ନିୟମ' ଉପନ୍ୟାସରେ ଜାତିଆଣ ମନୋଭାବ ପ୍ରତି ଅତି ସୁନ୍ଦର ଭାବରେ ଆଞ୍ଚଳିକ ଭାଷା, ଭାବ, ଗ୍ରାମୀଣ ପରିବେଶରେ ଜୀବନର ସମସ୍ୟା ପ୍ରଭୃତି ଜରିଆରେ ଚିତ୍ରିତ।

ସେହପରି "ରାଧାନାଥ ରଥଙ୍କ 'ହଜିଲା ହଜିଲା ଛାଇ', 'ନୀଳ ଝରଣାର ତୀରେ', 'ମେଘ ମହ୍ଲାର', 'ନଗର ବଧୂ', 'ସାଗରିକା', ମନୋଜ ଦାସଙ୍କ 'ଶେଷ ତାନ୍ତ୍ରିକର ସନ୍ଧାନରେ', ରାମଚନ୍ଦ୍ର ବେହେରାଙ୍କ 'ମନିକା ଏବେ କେଉଁଠି', ତରୁଣକାନ୍ତ ମିଶ୍ରଙ୍କ 'ଶରତ ଶତକମ୍', ପଦ୍ମଜ ପାଳଙ୍କ 'ଓଯେ ପୁଅର ମା', 'ଯାତ୍ରା ଡଟ୍‌କମ୍', 'ଗାନ୍ଧୀଛକରୁ ଟିକିଏ ଆଗକୁ', 'ହାଏ ମୁନି କେମିତି ଅଛ', 'ମାମୁଁଘର ଚଉଁରୀ' କଳ୍ପନା କୁମାରୀ ଦେବୀଙ୍କ 'ଅଚିହ୍ନା ବାସଭୂମି', ହୃଷୀକେଶ ପଣ୍ଡାଙ୍କ 'ଗର୍ବ କରିବାର କଥା' ଆଦି ଉପନ୍ୟାସରେ ସାମାଜିକ ଜୀବନର ପ୍ରତିଫଳନ ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ।"(୧)

**ରାଜନୀତିକ ଭ୍ରଷ୍ଟାଚାର :**

ବିଶ୍ୱ ରାଜନୀତିକ ପ୍ରେକ୍ଷାପଟରେ କ୍ଷମତା ଓ ରାଜନୀତିକୁ କେନ୍ଦ୍ରକରି ଆତ୍ମପ୍ରକାଶ କରିଥିବା ଭାସିଷ୍ଟ, ନାଜିଷ୍ଟ୍ ଏବଂ ମାର୍କସିଷ୍ଟ୍ ଭଳି କେତେକ ରାଜନୀତିକ ଦର୍ଶନ ସାଂପ୍ରତକି ଉପନ୍ୟାସ ସାହିତ୍ୟରେ ପ୍ରତିଫଳିତ ହୋଇଥିବା ଲକ୍ଷ୍ୟ କରାଯାଏ। ବିଶେଷତଃ ଓଡ଼ିଆ ରାଜନୀତିକ ଉପନ୍ୟାସଗୁଡ଼ିକରେ ଭାରତୀୟ ମୁକ୍ତିଆନ୍ଦୋଳନ, ଗାନ୍ଧୀଦର୍ଶନ, ସାମ୍ୟବାଦ, ମାଓ ଆନ୍ଦୋଳନ ପ୍ରଭୃତି ରୂପାୟିତ ହେବା ସହ ବିଡ଼ମ୍ବିତ କ୍ଷମତା ତାନ୍ତ୍ରିକ ମୂଲ୍ୟବୋଧ, ରାଜନୀତିକ ଦୁର୍ନୀତି ଓ ଭ୍ରଷ୍ଟାଚାର, ରାଜନ୍ୟବର୍ଗଙ୍କ ଚାରିତ୍ରିକ ଅଧଃପତନ ନିର୍ବାଚନରେ କ୍ଷମତା ପାଇଁ ହଡ଼ା ବ୍ୟାପାର ଓ ସର୍ବୋପରି ରାଜନୀତିକ ଦଳଦଳ ମଧ୍ୟରେ କନ୍ଦଳର ବୀଭତ୍ସ ଚିତ୍ର ଏହି ଉପନ୍ୟାସର ଭାବଭୂମିକୁ କବଳିତ କରିଥିବା ଲକ୍ଷ୍ୟ କରାଯାଇଥାଏ।

ଭାରତରେ ସ୍ୱାଧୀନ ହେବା ପରେ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତବର୍ଷରେ ଦେଖା ଦେଇଥିବା ରାଜନୀତିକ ଅସ୍ଥିରତା, ସଂକଟ, ସଂଘର୍ଷ ଓ ସଂଶୟକୁ ସାହିତ୍ୟିକମାନେ ରୂପ ଦେଲେ ନିଜ ନିଜର ଲେଖାମାନଙ୍କରେ। ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ତାହା ବ୍ୟତିକ୍ରମ ନୁହେଁ। ସ୍ୱାଧୀନତାର ସ୍ୱପ୍ନଭଙ୍ଗ, ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ପ୍ରଚଳନ, ସାମନ୍ତବାଦୀ ସଭ୍ୟତାର କ୍ରମବିଲୟାଦି ଘଟଣା ମଣିଷର ଚିନ୍ତାଚେତନାରେ ଏତେମାତ୍ରାରେ ଆଲୋଡ଼ନ ସୃଷ୍ଟି କଲା ଯେ, ତାହାକୁ କେନ୍ଦ୍ରକରି ଓଡ଼ିଶାରେ ବିରାଟ ବିରାଟ ଉପନ୍ୟାସମାନ ଲେଖାଗଲା। ଓଡ଼ିଆ ସାହିତ୍ୟରେ ସୁରେନ୍ଦ୍ର ମହାନ୍ତିଙ୍କ 'ଅନ୍ଧ ଦିଗନ୍ତ'(୧୯୬୪) ଏହିପରି ପୃଷ୍ଠଭୂମିରେ ରଚିତ ଏକ ଉପନ୍ୟାସ। ପରେ ପରେ ଗଣେଶ୍ୱର ମିଶ୍ରଙ୍କ 'ନେତା', ଲକ୍ଷ୍ମୀଧର ନାୟକଙ୍କ 'ମୋ ସ୍ୱପ୍ନର ସହର'(୧୯୭୯)ଆଦି ଉପନ୍ୟାସରେ ସ୍ୱାଧୀନତାର ସ୍ୱପ୍ନଭଙ୍ଗ ଚିତ୍ର ପ୍ରକଟିତ। ପରବର୍ତ୍ତୀ କାଳରେ ରାଜନୀତି ନାଁରେ କ୍ଷମତାର ଅପବ୍ୟବହାର କରୁଥିବା ରାଜନେତାମାନଙ୍କର ଅତ୍ୟାଚାରର ଚିତ୍ର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ଧରିତ୍ରୀର କାନ୍ଦ'(୧୯୯୪), ପଦ୍ମଜ ପାଳଙ୍କ 'ଦୁର୍ଗ ପତନର ବେଳ', ଜଗଦୀଶ ମହାନ୍ତିଙ୍କ 'ନିଜ ନିଜ ପାନିପଥ', 'ଦୁର୍ଦ୍ଦିନ' ଆଦି ଉପନ୍ୟାସରେ ଦେଖିବାକୁ ମିଳେ। ବର୍ତ୍ତମାନର ରାଜନୀତିକ ଉପନ୍ୟାସଗୁଡ଼ିକରେ ସ୍ଥିତାବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି ଲେଖକମାନେ। ଏଠାରେ ସାତକଡ଼ି ହୋତାଙ୍କ 'ମୁକ୍ତିଯୁଦ୍ଧ'(୨୦୦୭), ସତ୍ୟପ୍ରିୟ ମହାଳିକଙ୍କ 'କଭରଷ୍ଟୋରି'(୨୦୦୭), ଅଜୟ ସ୍ୱାଇଁଙ୍କ 'ବତୁରିଯାଉଥିବା କାଗଜ ଡଙ୍ଗାରେ ଭାସ୍କୋଡ଼ାଗାମା', ବିୟତପ୍ରଜ୍ଞା ତ୍ରିପାଠୀଙ୍କ

'ମୁଖ୍ୟମନ୍ତ୍ରୀ', ଆଦି ଉପନ୍ୟାସ ଉଲ୍ଲେଖଯୋଗ୍ୟ।

ରାଜନୀତି ଏକଦା ଭଲ ଓ ମନ୍ଦର ଦ୍ୱନ୍ଦ୍ୱ ଉପରେ ପ୍ରତିଷ୍ଠିତ ଥିଲା। ମାତ୍ର କ୍ଷମତାଲୋଭୀ ରାଜନେତାମାନଙ୍କ ଯୋଗୁଁ ରାଜନୀତି ଆଜି କଳୁଷିତ ହୋଇପଡ଼ିଛି। ଏହା କ୍ରମେ ବହୁ ଜଟିଳ ସମସ୍ୟା ଉତ୍‌ଥାପନ କରୁଛି। ଏହି କ୍ଷମତା ସର୍ବସ୍ୱ ରାଜନୀତିର ମୋହରେ ଅଜୟ ସ୍ୱାଇଁଙ୍କ 'ବତୁରିଯାଥିବା କାଗଜଡ଼ଙ୍ଗାରେ ଭାସ୍କୋଡ଼ାଗାମା' ଉପନ୍ୟାସର ସନାତନ ଚରିତ୍ର ନିଜକୁ ହଜେଇ ଦେଇଛି। ମାତ୍ର ପରବର୍ତ୍ତୀ ସମୟରେ ନିଜର ଭୁଲ ସେ ବୁଝିପାରି ରାଜନୀତିରୁ ଦୂରେଇ ଯାଇଛି। ସେହିପରି ବିଯତପ୍ରଜ୍ଞା ତ୍ରିପାଠୀଙ୍କ 'ମୁଖ୍ୟମନ୍ତ୍ରୀ'ରେ ଜଣେ ସ୍କୁଲ ଶିକ୍ଷୟିତ୍ରୀ ଅନିନ୍ଦିତା ପ୍ରଥମେ ରାଜନୀତିର ବାହ୍ୟ ରୂପ ଦେଖି ବିମୁଗ୍ଧ ହୋଇଛି ଏବଂ ପରେ ରାଜନୀତିର କଦର୍ଯ୍ୟ ରୂପ ଦେଖି ବିମୁଖ ହୋଇଛି। ସେତେବେଳେ ତା'ର ଆଉ ବିମୁଗ୍ଧତା ରହିନାହିଁ। ସମାଜ ଜୀବନ ଯେତେବେଳେ କଳୁଷିତ ରାଜନୀତିର ପ୍ରଭାବରେ ମ୍ରିୟମାଣ ହୋଇପଡୁଛି; ସମାଜର କ୍ଷୁଦ୍ର ଏକକ ବ୍ୟକ୍ତି ବା କିଭଳି ସେ ପ୍ରଭାବରୁ ମୁକ୍ତ ହୋଇପାରିବ ?

ସେହିପରି "ଏହି ସମୟରେ ରାଜନୀତିକ ଚେତନାକୁ ସଫଳ ଭାବରେ ଉପସ୍ଥାପନ କରିଥିବା ଦୁଇଟି ଉପନ୍ୟାସ ହେଲା ରାଧାନାଥ ରଥଙ୍କ 'ସ୍ୱପ୍ନରେ ରାଜଯୋଗ' ଓ ହରିହର ଦାସଙ୍କ 'ପ୍ରତାରଣାର ମହାକାବ୍ୟ'। ପ୍ରସଂଗ କ୍ରମେ ରାଜନୀତିକ ସୂତ୍ର ଉପସ୍ଥାପନରେ କଥାକାର ଶାନ୍ତନୁ ଆଚାର୍ଯ୍ୟଙ୍କ 'ଅନମାର କନ୍ୟା', ହୃଷୀକେଶ ପଣ୍ଡାଙ୍କ 'ଗର୍ବ କରିବାର କଥା' ଏବଂ ମନୋଜ ଦାସଙ୍କ 'ଶେଷ ତାନ୍ତ୍ରିକର ସନ୍ଧାନରେ' ମଧ୍ୟ ବେଶ ଗୁରୁତ୍ୱପୂର୍ଣ୍ଣ।"(୨)

**ଅନ୍ତଃମନର ସ୍ୱରୂପ:**

ମନସ୍ତତ୍ତ୍ୱ ହେଉଛି ବୈଜ୍ଞାନିକ ପଦ୍ଧତିରେ ମନ ଓ ଆଚରଣ ସମ୍ବନ୍ଧୀୟ ବିଶେଷ ଅଧ୍ୟୟନ। ଯେଉଁଥିରେ ମନର ତିନୋଟି ସ୍ତର ଚେତନ, ଅଚେତନ ଓ ଅବଚେତନ ମନକୁ ବିଶ୍ଲେଷଣ କରାଯାଇଥାଏ। ଏହି ଭାବଧାରାକୁ ଆଧାର କରି ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମୟରେ ମଣିଷର ସଂଗୁପ୍ତ ମନର ରହସ୍ୟ ଉଦ୍‌ଘାଟନରେ ଲେଖକମାନେ ପ୍ରୟାସୀ ହୋଇଥିଲେ ମଧ୍ୟ ଅଶୀ ପରବର୍ତ୍ତୀ ସମୟରେ ଏହା ଅଧିକ ମାତ୍ରାରେ ଲେଖକମାନଙ୍କୁ ପ୍ରଭାବିତ କରିଥିବା ଲକ୍ଷ୍ୟ କରାଯାଇପାରେ। ଯେପରି ରାମଚନ୍ଦ୍ର ବେହେରାଙ୍କ 'ଚିହ୍ନା ଅଚିହ୍ନା', ଗୌରହରୀ ଦାସଙ୍କ 'କେତେ ରଙ୍ଗର ଜୀବନ', ଅଜୟ ସ୍ୱାଇଁଙ୍କ 'ଜଣେ କବି ଓ ବେଶ୍ୟାପ୍ରେମ କାହାଣୀ', ସରୋଜିନୀ ସାହୁଙ୍କ 'ଗମ୍ଭିରି ଘର', ବାଦଲ ମହାନ୍ତିଙ୍କ 'ମାଇଚିଆ', କଥାକାର ଭୀମ ପୃଷ୍ଟିଙ୍କ 'କାଳ୍ପନିକ ଫିକ୍‌ସନ୍', ସ୍ୱାଗତିକା ସ୍ୱାଇଁଙ୍କ 'ନିକୁଲ୍', 'ପାଶୱାର୍ଡ଼' ଆଦି ଉପନ୍ୟାସ ଅନ୍ୟତମ।

ଔପନ୍ୟାସିକ ରାମଚନ୍ଦ୍ର ବେହେରାଙ୍କ 'ଚିହ୍ନା ଅଚିହ୍ନା' ଉପନ୍ୟାସରେ ଚରିତ୍ରମାନଙ୍କର ମାନସିକ ବିବିଧତା, ସେମାନଙ୍କର ଅଭିପ୍ସା, ଦୃଷ୍ଟିଭଙ୍ଗୀ ଓ ସଂଘର୍ଷ ତଥା କାହାଣୀର ନାଟକୀୟ ଓ ଉତ୍କଣ୍ଠାପୂର୍ଣ୍ଣ ଗତିଶୀଳତା ଦ୍ୱାରା ସମୃଦ୍ଧ। ଏଥିରେ ମଧ୍ୟ ଅଛି ମନସ୍ତାତ୍ତ୍ୱିକ ବିଶ୍ଲେଷଣ, କାବ୍ୟିକତା ଓ ବୌଦ୍ଧିକତା। କାରୁଣ୍ୟ ପ୍ରକାଶିତ କରିବାରେ ଔପନ୍ୟାସିକଙ୍କର ଅନନ୍ୟତା ବେଶ୍ ସଫଳ ମନେ ହୁଏ। ସଂଳାପ ଭରପୂର ଏହି ଉପନ୍ୟାସ ପାଠକଙ୍କର ଅଭିଜ୍ଞତାକୁ ଋଦ୍ଧିମନ୍ତ କରିଛି।

ମଣିଷ ଜୀବନରେ ସବୁକିଛି ପ୍ରାପ୍ତିରେ ମଧ୍ୟ କେଉଁଠି ନା କେଉଁଠି ଅପୂର୍ଣ୍ଣତା ରହିଯାଇଥାଏ। ଏହି ପ୍ରାପ୍ତି ଏବଂ ଅପ୍ରାପ୍ତିର ଅତୃପ୍ତ ଅନ୍ତଃ ଆବେଦନକୁ ବିଶ୍ଲେଷଣ କରିଛନ୍ତି ଗୌରହରି ଦାସ 'କେତେ ରଙ୍ଗର ଜୀବନ'ରେ। ଏଥିରେ ସମସ୍ତ ଚରିତ୍ର ଜୀବନରେ କିଛି କିଛି ପାଇବା ପରେ ବି ତାଙ୍କ ମନରେ ଅବଶୋଷ ରହିଯାଇଛି। ତମାଳ, ରାଜର୍ଷୀ, ରାଜଶ୍ରୀ ଆଦି ଚରିତ୍ର ମାଧ୍ୟମରେ ଲେଖକ ଏହା ପ୍ରକାଶ କରିଛନ୍ତି। ସେହିପରି 'ଜଣେ କବି ଓ ବେଶ୍ୟାର ପ୍ରେମ କାହାଣୀ'ରେ ଜଣେ କବି ମନର ଆବେଗକୁ ଚିତ୍ରଣ କରିଛନ୍ତି ଅଜୟ ସ୍ୱାଇଁ। ଜଣେ ନାରୀର ଅସହାୟ ଜୀବନ ସ୍ଥିତିକୁ ସରୋଜିନୀ ସାହୁ ତାଙ୍କର 'ଗମ୍ଭିରି ଘର' ଉପନ୍ୟାସରେ ଦେଖାଇଛନ୍ତି। ଆଜିର ଇଣ୍ଟରନେଟ୍ ଯୁଗରେ ନାରୀଟିଏ କିଭଳି ଏକୁଟିଆ ଜୀବନ ଅତିବାହିତ କରୁଛି; ତଥା ଅସହାୟ ଜୀବନରୁ ବା ନିଃସଂଗ ଜୀବନରୁ ମୁକ୍ତି ପାଇବା ପାଇଁ ସେ ଆଜି ଫେସ୍‌ବୁକ, ହ୍ୱାଟ୍‌ସଆପ୍ ଭଳି ସୋସିଆଲ ମିଡ଼ିଆରେ ଚାଟିଂ କରୁଥିବାର ଚିତ୍ର ଉକ୍ତ ଉପନ୍ୟାସରେ ଦେଖିବାକୁ ମିଳେ।

ଔପନ୍ୟାସିକ ବାଦଲ ମହାନ୍ତିଙ୍କ 'ମାଇଚିଆ' ଉପନ୍ୟାସରେ ପାପ ପୁଣ୍ୟର ଆପେକ୍ଷିକ ଓ ମାନସିକ ଅବବୋଧ ଭିତରୁ ନିର୍ମାଣ ହେଉଥିବା ଆଗ୍ରହ-ଅନାଗ୍ରହ, ଇଚ୍ଛା- ଅନିଚ୍ଛା, ଆଶା-ନିରାଶା ଭିତରେ ଛନ୍ଦି ହୋଇ ବି ଜୀବନର ଜୟଗାନ କରୁଥିବା ଅଜୟ ଓ ପଇଁତିରିଶ ବର୍ଷ ବୟସରେ ବିଧବା ହୋଇଥିବା ସସ୍ମିତାର ମାନସିକତାକୁ ଖୁବ୍ ସୁନ୍ଦର ଭାବରେ ଦେଖାଇଛନ୍ତି ଲେଖକ ଶ୍ରୀ ମହାନ୍ତି। 'ମାଇଚିଆ' ନାମ ଏଠାରେ ପ୍ରତୀକ। ସେଥିପାଇଁ ଲେଖକ ମୁଖବନ୍ଧରେ କହନ୍ତି- "ମାଇଚିଆ ଏ ନାମଟି ଅଜୟ ପାଇଁ ଯେତିକି ଭୟାନକ ସେତିକି ନିବିଡ଼। ଯେତିକି ଲଜ୍ଜାକର, ସେତିକ ସୁଖପ୍ରଦ ବି। ଯେତିକି ଅପମାନଜନକ ସେତିକି ପ୍ରଶଂସନୀୟ ବି। ଯେତିକି ରହସ୍ୟମୟ, ସେତିକି ଆଲୋକିତ ବି। ଏଇ ଡାକ ଶୁଣିଲେ ଅଜୟ ରୋମାଞ୍ଚିତ ହୁଏ, ଲଜ୍ଜିତ ହୁଏ। ଏ ଡାକ ଶୁଣି ଅଜୟ ବେଳେବେଳେ ବାମନ ପାଲଟିଯାଏ ତ ବେଳେବେଳେ ଏଇ ନାମର ପଛପାଖର କାହାଣୀକୁ ନେଇ ତାଳଗଛ ପରି ଡେଙ୍ଗା ଦିଶେ।"(୩) ମାଇଚିଆ ଶୀର୍ଷକ ଉପନ୍ୟାସର ନାମ ଥିଲେ ମଧ୍ୟ ମାଇଚିଆ ସମ୍ପର୍କରେ କିଛି ବି ବର୍ଣ୍ଣନା ନାହିଁ।

ଔପନ୍ୟାସିକ ଆଦିତେଶ୍ୱର ମିଶ୍ର ତାଙ୍କ 'ଧନୁଯାତ୍ରା' ଉପନ୍ୟାସରେ କଂସ ଭୂମିକାରେ ଅବତୀର୍ଣ୍ଣ କାଂପାଳର ମନସ୍ତତ୍ତ୍ୱକୁ ବାଢ଼ିବାକୁ ପ୍ରୟାସ କରିଛନ୍ତି। ଏକ ପୌରାଣିକ ପ୍ରସଙ୍ଗକୁ ଆଧୁନିକ ଜୀବନରେ

ପ୍ରୟୋଗକରି ମଣିଷର ଅସହାୟତା, ଅଭାବବୋଧ ଓ ଦୁଃଖକୁ ଚିତ୍ରଣ କରାଯାଇଛି। ରାଜକୀୟ ଠାଣିରେ କଂସ ଭୂମିକାରେ ମଞ୍ଚ ଉପରେ ଅଭିନୟ କରୁଥିବା କାଂପାଳର ଦୟନୀୟତା ଏଥିରେ ପ୍ରକାଶ୍ୟ। ଅଗଣିତ ଦର୍ଶକଙ୍କ ମନକୁ ଆହ୍ଲାଦିତ ଓ ଭୟଭୀତ କରିପାରୁଥିବା ଏହି ଚରିତ୍ରଟି ଭିତରେ ଜଣେ ସାଧାରଣ ମଣିଷର ବେଦନାବୋଧକୁ ଉଦ୍‌ଘାଟନ କରିଛନ୍ତି ଲେଖକ। ଧନୁଯାତ୍ରା ଶେଷରେ କଂସ ମରିଯାଏ, କିନ୍ତୁ କାଂପାଳ ଭଳି ଲୋକମାନେ ଗୁମୁରି ଗୁମୁରି କାନ୍ଦୁଥାନ୍ତି।

ସ୍ୱାଗତିକା ସ୍ୱାଇଁଙ୍କ 'ନିକୁଲ୍' ଉପନ୍ୟାସଟି ଏକ ଶିଶୁ ମନସ୍ତତ୍ତ୍ୱ ଉପରେ ଆଧାରିତ। ନଅ ବର୍ଷର ସାନ ଝିଅ ନିକୁଲ୍‌ର ମନସ୍ତତ୍ତ୍ୱ ବିଶ୍ଲେଷଣ ଏ ଉପନ୍ୟାସର ମୁଖ୍ୟ ବିଷୟ। ସେହିପରି ତାଙ୍କର 'ପାଶୱାର୍ଡ଼' ଉପନ୍ୟାସରେ ସାଧାରଣ ମଣିଷର ଏକ ଅବଧାରିତ ସତ୍ୟ ଏବଂ ଅସାଧାରଣ ମାନସିକ ଦୁଃସ୍ଥିତିର କଥା କୁହାଯାଇଛି। ଏହାର ଚରିତ୍ର ଆଦିତ୍ୟ, ଅନାମିକା ଏବଂ ମୀରା। ଏମାନଙ୍କ ଜୀବନର ବ୍ୟର୍ଥତା, ଅସହାୟତା, ନୈରାଶ୍ୟ, ଦୁଃଖ-ଦୁର୍ବିପାକ ଜନିତ ମାନସିକ ଯନ୍ତ୍ରଣାକୁ ବର୍ଣ୍ଣନା କରିଛନ୍ତି ଲେଖକ। ପ୍ରେମ ଓ ପ୍ରେମକୁ ନେଇ ଇଚ୍ଛାକୃତ ଭାବରେ ମାନସିକ ଯନ୍ତ୍ରଣା ଭୋଗିବା ଆଦି ଘଟଣାକୁ କେନ୍ଦ୍ରକରି ଔପନ୍ୟାସିକ ଭୀମ ପୃଷ୍ଟିଙ୍କ ରଚିତ ଉପନ୍ୟାସ 'ପ୍ରିୟ ନାରୀ'। ଏହା ଏକ ଆତ୍ମସ୍ୱୀକାରୋକ୍ତି ମୂଳକ ଉପନ୍ୟାସ। ଯେଉଁଥିରେ ଲେଖକ ସ୍ୱୟଂ ମୁଖ୍ୟ ଚରିତ୍ର। ପ୍ରେମ ଓ ପ୍ରେମକୁ ନେଇ ନାରୀମାନଙ୍କ ସହିତ କରିଥିବା ପ୍ରତାରଣାକୁ ଲେଖକ ଖୋଲିଦେଇଛନ୍ତି ଉକ୍ତ ଉପନ୍ୟାସରେ। ନାରୀମାନଙ୍କୁ ନେଇ ଅବଚେତନ ମନର ସୃଷ୍ଟି ହେଉଥିବା ପ୍ରତିକ୍ରିୟାକୁ କଥାନାୟକ ଏଠାରେ ବର୍ଣ୍ଣନା କରିଛନ୍ତି। ସେହିପରି ନବ୍ୟ ପ୍ରକାଶିତ 'କାଳ୍ପନିକ୍ ଫିକ୍‌ସନ୍' ରେ ଜଣେ ଅସହାୟ ଯୁବକର ମାନସିକତାକୁ ସଫଳ ଭାବରେ ରୂପାୟିତ କରଛନ୍ତି। ଯେଉଁଥିରେ କଥାନାୟକ ପ୍ରତିନିୟତ ସମାଜ, ଚାକିରି ଓ ପ୍ରେମରେ ପ୍ରତାରିତ ହୋଇଛି। ଯାହାଫଳରେ ସେ ପ୍ରତିମୁହୂର୍ତ୍ତରେ ନିଜର ଅସ୍ତିତ୍ୱ ସଂପର୍କରେ ଚିନ୍ତିତ ହୋଇଛି। ନିଜର ଅସ୍ତିତ୍ୱକୁ ନେଇ କେତେବେଳେ ନିଜକୁ ଏକ ହୀନ ଜୀବ (କୁକୁର) ସହିତ ତୁଳନା କରିଛି ତ କେତେବେଳେ ଶରୀର ବିହୀନ ମଣିଷଟେ ବୋଲି ପରିକଳ୍ପନା କରିଛି। ସେହିପରି କେତେବେଳେ ନିଜକୁ ଏକ ଭାରଣ୍ଡ ପକ୍ଷୀ ସହିତ ତୁଳନା କରିଛି। ସାଂପ୍ରତିକ ଅସହାୟ ମଣିଷଙ୍କ ଅନ୍ତଃମନର ସ୍ୱରୂପକୁ ଉକ୍ତ ଉପନ୍ୟାସରେ ଖୁବ୍ ସୁନ୍ଦର ଭାବରେ ଉପସ୍ଥାପିତ କରାଯାଇଛି।

ସେହିପରି "ଏହି ସମୟରେ ରଚିତ କେତେକ ମନୋସ୍ତାତ୍ତ୍ୱିକ ଉପନ୍ୟାସ ହେଲା 'ମନ ଅରଣ୍ୟର ସ୍ୱର', 'ଅକୁହା କଥା', 'ଚମ୍ପା କଳିକା', 'ପାଳିତ କନ୍ୟା', 'ଶେଷ ପୁରୁଷ', 'ଅନିର୍ଦ୍ଦିଷ୍ଟ ଦିଗନ୍ତ', 'ଅଭିନେତ୍ରୀ' ଓ 'ନିଜ ଠାରୁ ଦୂରତା'। ବିବାହ ସମ୍ପର୍କକୁ କେନ୍ଦ୍ରକରି ଚାରୋଟି ଚରିତ୍ରର ମାନସିକ ସ୍ଥିତି ବିଶ୍ଳେଷଣ କରାଯାଇଛି ବଂଶୀଧର ରାଉତ୍‌ଙ୍କ 'ନିଜ ଠାରୁ ନିଜର ଦୂରତା' ଉପନ୍ୟାସରେ। ଏତଦ୍‌ଭିନ୍ନ ଉଲ୍ଲେଖିତ ସମସ୍ତ ଉପନ୍ୟାସରେ ଲେଖକ ହେଉଛନ୍ତି ଡକ୍ଟର ରାଧାନାଥ ରଥ। ସେ ଜଣେ କୃତିତ୍ୱ ସମ୍ପନ୍ନ ମନୋସ୍ତତ୍ତ୍ୱବିତ ହୋଇଥିବାରୁ ଯୁଗଯୁଗ ଧରି ମଣିଷ ମନର ବହୁ ଅକୁହା କଥାକୁ ଅନାୟାସରେ ବେଶ୍ ମନଛୁଆଁ ଢଙ୍ଗରେ ପାଠକମାନଙ୍କ ସାମ୍ନାରେ ସ୍ୱଚ୍ଛ ଦର୍ପଣର ପ୍ରତିବିମ୍ବ ପ୍ରତିଭାତ କରାଇଛନ୍ତି। ଏତଦ୍‌ଭିନ୍ନ ଦିନାନାଥ ପାଠୀଙ୍କ 'ଶ୍ଳୋକଛନ୍ଦ' ଉପନ୍ୟାସରେ ଶିଳ୍ପୀ ମନର ବିଶ୍ଳେଷଣ, ଅଚିହ୍ନା ବାସଭୂମିରେ ପାରିବାରିକ ଓ ସାମାଜିକ ବନ୍ଧନ ପୀଡ଼ିତା କୁମାରୀ ମନର ବିଶ୍ଲେଷଣ, 'ଶେଷ ତାନ୍ତ୍ରିକର ସନ୍ଧାନରେ' ଏକ ପକ୍ଷରେ ଭୋଗୀ ରାଜାର ମନୋବିଶ୍ଳେଷଣ ସହିତ ଅପର ପକ୍ଷରେ ଦିବ୍ୟ ଜୀବନ ସନ୍ଧାନ ଯୋଗୀର ମନୋବଶ୍ଳେଷଣ କରାଯାଇଛି।"(୪) ଏକବିଂଶ ଶତାବ୍ଦୀର ଓଡ଼ିଆ ଔପନ୍ୟାସିକମାନଙ୍କ ଉପନ୍ୟାସର ଚରିତ୍ରମାନଙ୍କୁ ଲକ୍ଷ୍ୟକଲେ ଜଣାଯାଏ କି ସାଂପ୍ରତିକ ମଣିଷ ମନର ଅନ୍ତଃସ୍ୱରୂପକୁ ବିଶ୍ଲେଷଣ କରି ସଫଳ ଭାବରେ ରୂପାୟିତ କରାଯାଇଛି।

**ପ୍ରେମ:**

ଉପନ୍ୟାସରେ ପ୍ରେମ କାହାଣୀ ଏକ ପ୍ରମୁଖ ବିଷୟ। କାହାଣୀର ଗତି ବୃଦ୍ଧି ହେତୁ ଲେଖକ ଉପନ୍ୟାସରେ ଏକ ପ୍ରେମ କାହାଣୀ ସୃଷ୍ଟି କରିଥାଏ। ତେବେ ପ୍ରେମକୁ ଆଧାର କରି ରଚିତ ହୋଇଥିବା ଉପନ୍ୟାସମାନଙ୍କ ମଧ୍ୟରୁ ସୁରେନ୍ଦ୍ର ମହାନ୍ତିଙ୍କ 'ସହସ୍ର ଶଯ୍ୟାର ନାୟିକା', ଶାନ୍ତନୁ ଆଚାର୍ଯ୍ୟଙ୍କ 'ଦକ୍ଷିଣାବର୍ତ୍ତ', ପ୍ରତିଭା ରାୟଙ୍କ 'ଉପନ୍ୟାସିକ', ବିଭୁତି ପଟ୍ଟନାୟକଙ୍କ 'ନାୟିକାର ନାମ ଶ୍ରାବଣୀ' ଆଦି ଅନ୍ୟତମ। ଏ ଉପନ୍ୟାସଗୁଡ଼ିକରେ ପ୍ରେମର ସ୍ୱରୂପ ଯାହା ଥିଲା, ବର୍ତ୍ତମାନ ଉପନ୍ୟାସଗୁଡ଼ିକରେ ତାହାର ସ୍ୱରୂପ ବଦଳିଯାଇଛି। ଯେପରି କି; ଗୌରହରୀ ଦାସଙ୍କ 'କେତେ ରଙ୍ଗର ଜୀବନ', ହୃଷୀକେଶ ପଣ୍ଡାଙ୍କ 'ଶୂନ୍ୟ ସାଙ୍ଗେ ସାମୟିକ ସନ୍ଧି', ସାତକଡ଼ି ହୋତାଙ୍କ 'ମୁକ୍ତିଯୁଦ୍ଧ', ସରୋଜ ବଳଙ୍କ 'ବାହାରେ ବର୍ଷା', ଭୀମ ପୃଷ୍ଟିଙ୍କ 'ପ୍ରିୟନାରୀ', ଲକ୍ଷ୍ମୀ ଚାନ୍ଦଙ୍କ 'ପ୍ରଲମ୍ବିତ ସ୍ୱପ୍ନ', ଚିତରଞ୍ଜନ ଚିରଞ୍ଜିତଙ୍କ 'ସେଲ୍', ବିଚିତ୍ର ବିଶ୍ୱାଳଙ୍କ 'ଅଧୁରାପ୍ରେମ', ସସ୍ମିତା ଦାସଙ୍କ 'ସଙ୍ଗମ', ଦେବବ୍ରତ ଦାସଙ୍କ 'ଆଉ ଜଣେ ଆମ୍ରପଲି', ଗଙ୍ଗାଧର ବିଶ୍ୱାଳଙ୍କ 'ଗୋପନ କଥାଟି କୁହ' ଆଦି ଅନ୍ୟତମ।

ଔପନ୍ୟାସିକ ସରୋଜ ବଳଙ୍କ 'ବାହାରେ ବର୍ଷା' ଉପନ୍ୟାସଟି ହର୍ଷି, ହର୍ଷିର ସ୍ତ୍ରୀ ମିଲି ଏବଂ ହର୍ଷିର ପ୍ରେମିକା ସ୍ୱାହାର ପ୍ରେମ କାହାଣୀକୁ ନେଇ ଗଢ଼ିଉଠିଛି। ହର୍ଷିର ଜୀବନଜଞ୍ଜାଳ ଭିତରେ ଘଟିଯାଉଥିବା ଘଟଣାର ଘନଘଟା ଭିତରେ ସ୍ୱାହାର ସ୍ନେହପୂର୍ଣ୍ଣ ବର୍ଷାଭିଜା ପ୍ରେମ କାହାଣୀ ହେଉଛି 'ବାହାରେ ବର୍ଷା' ଉପନ୍ୟାସ। ପ୍ରେମର ଏହି ତ୍ରିକୋଣୀୟ ଗତିଧାରାକୁ ଖୁବ୍ ସୁନ୍ଦର ଭାବରେ ଦେଖିବାକୁ ମିଳେ ଉକ୍ତି ଉପନ୍ୟାସରେ।

ଚିତ୍ତରଞ୍ଜନ ଚିରଞ୍ଜିତଙ୍କ 'ସେଲ୍' ଉପନ୍ୟାସଟି ଓଡ଼ିଆ ସାହିତ୍ୟରେ

ଏକ ଭିନ୍ନ ମୋଡ଼ ସୃଷ୍ଟି କରିଛି। ସନ୍ଦେହ ଓ ଅବିଶ୍ୱାସ ଘେରା ଦାମ୍ପତ୍ୟ ଜୀବନର ଏକ ପ୍ରେମ କାହାଣୀକୁ ନେଇ ଏ ଉପନ୍ୟାସଟି ରଚିତ। ଏହି ଉପନ୍ୟାସର କାହାଣୀଟି ପ୍ରବଳ ଯୌନ ସନ୍ଦେହ ଉପରେ ଆଧାରିତ। ସେହିପରି ପ୍ରେମ ଏବଂ ସାମାଜିକ ସଂରଚନାତ୍ମକ ବିଭେଦ ଉପରେ ଆଧାରିତ 'ଅଧୁରା ପ୍ରେମ' ବିଚିତ୍ର ବିଶ୍ୱାଳଙ୍କ କଲମର ବୈଚିତ୍ର୍ୟ ପ୍ରତିପାଦନ କରେ। ଜଣେ ସମାଜ ସଂସ୍କାରକ ଶିଳ୍ପୀ ଭାବରେ ଲେଖକ ଏଥିରେ ମଣିଷ ମଣିଷ ଭିତରେ ଥିବା ଜାତିଭେଦଗତ ପ୍ରାଚୀରକୁ ଉଠାଇଦେବାକୁ ପ୍ରଯତ୍ନ କରିଛନ୍ତି।

ବସ୍ତୁତଃ ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସରେ ପ୍ରେମର ପରିବର୍ତ୍ତିତ ସ୍ୱରୂପକୁ ନାନା ଭାବରେ ଉଦ୍‌ଘାଟନ କରିଛନ୍ତି ଔପନ୍ୟାସିକମାନେ। ଯାହା ଏ କାଳର ଏକ ଗୁରୁତ୍ୱପୂର୍ଣ୍ଣ ବିଭବ ରୂପେ ପରିଗୃହୀତ ହୋଇଥାଏ।

**ନାରୀ ସଚେତନତା:**

ସମାଜରେ ନାରୀର ନ୍ୟାର୍ଯ୍ୟ ଅଧିକାର ପାଇଁ ଏକ ବୈପ୍ଳବିକ ଚେତନାର ଆହ୍ୱାନ ହେଉଛି ନାରୀବାଦର ମୂଳମନ୍ତ୍ର। ସେଦୃଷ୍ଟିରୁ ନାରୀର ଜୀବନ କାହାଣୀକୁ ଆଧାରକରି ରଚିତ ଉପନ୍ୟାସକୁ ନାରୀ ଚେତନାମୂଳକ ଉପନ୍ୟାସ ଭାବରେ ଗ୍ରହଣ କରାଯାଇପରେ। ଏଥିରେ ସମାଜରେ ଜଣେ ନାରୀର ସ୍ୱାଧୀନତା ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ପୁରୁଷ ପ୍ରଧାନ ସମାଜରେ ନାରୀ ପ୍ରତି ଅନ୍ୟାୟ ଆଚରଣ, ନାରୀକୁ ଗୁରୁତ୍ୱ ନ ଦେବାର ମନୋଭାବ ତଥା ନାରୀକୁ ଭୋଗପ୍ରମତ୍ତ ମଣିଷର ଏକ ଭୋଗ୍ୟବସ୍ତୁ ଭାବରେ ଗ୍ରହଣ କରାଯାଉଥିବାର ମାନସିକତିରୁ ନାରୀବାଦ ବା ନାରୀପ୍ରଧାନ ଉପନ୍ୟାସମାନ ବିରୋଧ କରେ। ନାରୀବାଦ ଏପରି ଏକ ବିଭବ ଯାହା ନାରୀର ସାମାଜିକ, ଆର୍ଥନୀତିକ ସ୍ଥିତିର ଉନ୍ନତି ବିଧାନ ଉଦ୍ଦେଶ୍ୟରେ ପରିଚାଳିତ। ତେବେ ଏହିପରି ଉପନ୍ୟାସ ଭାବରେ ସରୋଜିନୀ ସାହୁଙ୍କ 'ଗମ୍ଭିରି ଘର', 'ଅସାମାଜିକ', 'ବିଷାଦ ଈଶ୍ୱରୀ', 'ଦାଦନ', ବିଜୟନୀ ଦାସଙ୍କ 'ତ୍ରିନୟନା', ଇନ୍ଦ୍ରା ଦାସଙ୍କ 'ବହ୍ନିସ୍ନାତା', ଅନୀଲ କୁମାର ପାଢ଼ୀଙ୍କ 'ସାରାରାସ୍ତା', ପ୍ରଭାତ ନଳିନୀ ମହାପାତ୍ରଙ୍କ 'ଖସି ପଡ଼ିଥିବା ତାରା', ରଶ୍ମୀ ରାଉଳଙ୍କ 'ମା ଝିଅଙ୍କ ଆକାଶ', ଇତି ସାମନ୍ତଙ୍କ 'ନୀରବ ଆଳାପ', ସ୍ୱାଗତିକା ସ୍ୱାଇଁଙ୍କ 'ଏକା ଏକା' ଆଦି ଉପନ୍ୟାସକୁ ଗ୍ରହଣ କରାଯାଇପାରେ।

ନାରୀ ଜୀବନର ଦୁଃଖ, ଦୁର୍ବିପାକ ତଥା ନାରୀର ମନସ୍ତତ୍ତ୍ୱକୁ ନୂଆ ଢ଼ଙ୍ଗରେ ବିଶ୍ଳେଷଣ କରିବାରେ କଥାକାର ସରୋଜିନି ସାହୁ ଅପୂର୍ବ ଦକ୍ଷତା ସ୍ୱୀକୃତ। ସର୍ବୋପରି ସମାଜରେ ନାରୀର ସ୍ଥିତି, ତା'ର ସ୍ୱାଧୀନତା ଓ ନାରୀକୁ ମର୍ଯ୍ୟାଦା ଦେବାରେ ତାଙ୍କ ଉପନ୍ୟାସଗୁଡ଼ିକ ଅଭିପ୍ରେତ। ତାଙ୍କର 'ଗମ୍ଭିରି ଘର' ଉପନ୍ୟାସ ନାରୀ ଅନ୍ତଃମନର ଅବସ୍ଥାକୁ ପ୍ରକାଶ କରେ। ଜଣେ ନାରୀ ସମାଜରେ କିଭଳି ଭାବରେ ଏକାଏକା ଜୀବନ ନିର୍ବାହ କରେ, ନିଜର ମନର ଭାବନାକୁ ଏକାକୀ ବନ୍ଦ ଗୃହ ଭିତରେ ଅନୁଭବ କରେ; ନିଜର ନାରୀତ୍ୱକୁ ନିରୀକ୍ଷଣ କରେ ତାହା ଏଠାରେ ଔପନ୍ୟାସିକା ଦେଖାଇବାକୁ ପ୍ରୟାସ କରିଛନ୍ତି। ନାୟିକା ସୁକୀ ଓ ନାୟକ ସଫିକ୍‌ର ଇଣ୍ଟରନେଟ୍ ପ୍ରେମ କାହାଣୀ ଏହାର ମୁଖ୍ୟ ବିଷୟ।

ସେହିପରି 'ଅସାମାଜିକ' ଉପନ୍ୟାସରେ ଦୁଇଟି ନାରୀ ଚରିତ୍ର ମଧ୍ୟରେ ସଂପର୍କ ସ୍ଥାପନ କରିବାର ନିର୍ଭିକ ପ୍ରୟାସ ତାଙ୍କ ଉପନ୍ୟାସ କଳାର ମୌଳିକ ପରିଚୟ। ନାରୀଟିଏ ସହିତ ନାରୀର ସଂପର୍କ ପାଶ୍ଚାତ୍ୟ ଜଗତରେ ବ୍ୟକ୍ତିଗତ ଯୌନତା ରୂପେ ଚିହ୍ନିତ ହୋଇଥିଲେ ମଧ୍ୟ ଏ ଉପନ୍ୟାସରେ ସେହିଭଳି କୌଣସି ଚିହ୍ନ ନାହିଁ। ଜୀବନ ବଂଚିବା ପାଇଁ ନାରୀଟିଏ ଯେତେବେଳେ ନାରୀଟିର ସାନ୍ନିଧ୍ୟ ଲୋଡ଼େ, ସେତେବେଳେ ତାହା ବ୍ୟକ୍ତିଗତ ଯୌନତାଠାରୁ ଉର୍ଦ୍ଧ୍ୱକୁ ଚାଲିଯାଏ ଏବଂ ସମାଜରେ ଏକ ବିଦ୍ରୋହ ସୃଷ୍ଟି କରେ।

ଦୁଇଟି ନାରୀ ଚରିତ୍ର ଫୁଲ ଏବଂ ଚିନା ଭିତରେ ପ୍ରେମିଳ ସଂପର୍କକୁ ଲେଖିକା ଦେଖାଇବାକୁ ଚେଷ୍ଟା କରିଛନ୍ତି। ସମସ୍ତ ପ୍ରକାର ପ୍ରତିକୂଳତା ଭିତରେ ଫୁଲକୁ ନିଜର କରି ରଖିବାର ଦୁଃସାହସ ଚିନା ନିକଟରେ ତୀବ୍ର। ସେ ଫୁଲର ବାଲ୍ୟ ସଂଗିନୀ। ତେଣୁ ଫୁଲକୁ ଆଉ କାହାର ହେବାକୁ ଦେଇ ନାହିଁ। ସମାଜ ଯେତେ ନିନ୍ଦିଲେ ମଧ୍ୟ ସମାଜକୁ ତା'ର ଭୟ ନାହିଁ। ଫୁଲକୁ ସବୁପ୍ରକାର ସୁଖ ଦେଇ ନିଜର କରିବାକୁ ଚାହିଁଛି। ବୟସର ଉଦ୍ଦାମତାକୁ ଫୁଲ ସହିତ ମିଶେଇ ଦେବାକୁ ସେ ଇଚ୍ଛା ପ୍ରକାଶ କରିଛି। ଏପରିକି ଫୁଲକୁ ସ୍ୱାମୀ ସୁଖ ଦେବାକୁ ସେ ପ୍ରସ୍ତୁତ। ଏଠାରେ ଲେଖିକାଙ୍କ ଉପନ୍ୟାସ ରଚନା ଶୈଳୀଟି ଖୁବ୍ ନିଆରା। ନାରୀର ଯୌନତା ଯେ କେତେ ସୁଦୂରପ୍ରସାରୀ ଓ ମୁକ୍ତିପ୍ରଦ ତାହା ସେ କହିବାକୁ ଚେଷ୍ଟା କରିଛନ୍ତି। ସମଲିଙ୍ଗୀ ସଂପର୍କକୁ ସେ ବଡ଼ ସୂକ୍ଷ୍ମ ଭାବରେ ଦର୍ଶାଇଛନ୍ତି। ଜବୟସ-ମବକ୍ଷ ରରଙ୍କସଭସସ୍ୱୃସ୍ୱ ମାନେ ଏହାକୁ ସମର୍ଥନ କରନ୍ତି। ତେବେ ଜୀବନ ବଂଚିବା ପାଇଁ କେବଳ ସୁଖଭୋଗ ଏକାନ୍ତ ଜରୁରୀ ନୁହେଁ, ଜୀବନରେ ସୁଖ ପାଇବା ପାଇଁ ଦୁଃଖକୁ ସାଦରେ ଗ୍ରହଣ କରିନେବା ହିଁ ପ୍ରକୃତ ଜୀବନର ଅର୍ଥ।

ଲେଖିକା ଇନ୍ଦିରା ଦାଶଙ୍କ 'ବହ୍ନିସ୍ନାତା'ରେ ପିଲାଟି ଦିନରୁ ସ୍ୱାଧୀନତାର ସ୍ୱାଦ ପାଇଁ ବ୍ୟାକୁଳ ହେଉଥିବା ଝିଅଟି ସହସ୍ର ସଂଘର୍ଷ ମଧ୍ୟ ଦେଇ କିପରି ବହ୍ନିସ୍ନାତା ହୋଇଛି ବହୁବାର। ପରିସ୍ଥିତିର ଚାପରେ ସ୍ନେହ ମମତାକୁ ଫିଙ୍ଗି ଦେବାକୁ ବାଧ୍ୟ ହୋଇଛି; ତଥାପ ଜୀବନରେ ସେ ହାରିଯାଇ ନାହିଁ, ସବୁବେଳେ ତା'ଭିତରେ ବଂଚି ରହିଛି ଆରୋହଣର ସ୍ୱର। ମୋହ, ମାୟା, ବନ୍ଧନ ଓ ଆସକ୍ତିରୁ ଦୂରେଇ ରହି ସେ ପାଇଛି ତା'ରି ଚିର ଆକାଂକ୍ଷିତ ସ୍ୱାଧୀନତା ଓ ଶାନ୍ତି।

ଅନୀଲ କୁମାର ପାଢ଼ୀଙ୍କ ନାରୀ ଚେତନା ସମ୍ବଳିତ ଉପନ୍ୟାସଟି 'ସାରାରାସ୍ତା'। ଉକ୍ତ ଉପନ୍ୟାସଟି ଆଧୁନିକ ସହରୀ ମଣିଷର ସଂଘର୍ଷମୟ ଜୀବନ କାହାଣୀ। ଏ ଉପନ୍ୟାସର ନାୟିକା ସ୍ୱପ୍ନା। ସେ

ଏକ ଖବର କାଗଜରେ କାମ କରେ। ନିଜ ପରିବାରର ସବୁ ବୋଝକୁ ମୁଣ୍ଡଇନେବାର ସଂକଳ୍ପ ତା'ଭିତରେ ପ୍ରବଳ। ତଥାପି ବେଳେବେଳେ ସେ ଅଣନିଶ୍ୱାସୀ ହୋଇପଡ଼େ। କାରଣ ଘରେ ତା'ର ପାଞ୍ଚ ଭଉଣୀ ଓ ଗୋଟିଏ ବେକାର ଭାଇ। ବାପା ବିଶ୍ୱପ୍ରକାଶ ପ୍ରଧାନଙ୍କ ସ୍ତ୍ରୀ ମରିବାର ଛ'ମାସ ନ ଯାଉଣୁ ବାହାଘର ପାଇଁ ସଜବାଜ ହେବା ଘଟଣାରେ ସେ ବିରକ୍ତ ପ୍ରକାଶ କରେ। ସ୍ୱପ୍ନାର ସଂଘର୍ଷମୟ ଜୀବନ ଚିତ୍ର ହିଁ ଏ ଉପନ୍ୟାସରେ ବର୍ଣ୍ଣିତ।

ରଶ୍ମୀ ରାଉଳଙ୍କ 'ମା' ଝିଅଙ୍କ ଆକାଶ' ଉପନ୍ୟାସରେ ଦୁଇଟି ପିଢ଼ିର ବ୍ୟବଧାନର କଥା କୁହାଯାଇଛି। ଗୋଟିଏ ପଟେ ସୁଚେତାଙ୍କ ଝିଅ ସ୍ନେହା ଦେଖୁଥିବା ରଙ୍ଗୀନ ସ୍ୱପ୍ନର ପରିପୂର୍ତ୍ତି ଏବଂ ଅନ୍ୟପଟେ ସୁଚେତା ସ୍ୱପ୍ନର କରୁଣ କାହାଣୀକୁ ଲେଖିକା ଅତି ନିଖୁଣ ଭାବରେ ରୂପାୟନ କରିଛନ୍ତି। ଉପନ୍ୟାସଟି ଯୌତୁକ ପ୍ରଥା ଆଡ଼କୁ ଟିକିଏ ଟାଣି ଧରେ। ଯୌତୁକ ଆଣିନଥିଲା ବୋଲି ସୁଚେତା ଶାଶୂ ଘରରେ କେବେ ଭଲ ମୁଠାଏ ଖାଇପାରି ନାହିଁ କି ଭଲ ଖଣ୍ଡେ ପିନ୍ଧି ପାରିନାହିଁ। ସବୁବେଳେ ତାକୁ ଅନ୍ୟମାନଙ୍କଠାରେ ଲାଞ୍ଛିତ, ଅପମାନିତ ହେବାକୁ ପଡ଼ିଛି। କିନ୍ତୁ ସେ ଜୀବନରେ ହାର ମାନି ନାହିଁ। ନିଜ ସ୍ୱାମୀର ରୋଜଗାରକୁ ମଧ୍ୟ ଆଶ୍ରା କରିନାହିଁ। ସେ ନିଜ ଗୋଡ଼ରେ ନିଜେ ଛିଡ଼ା ହେବାକୁ ଚାହିଁଛି। ସେ ଚାକିରୀ କରିଛି ଏବଂ ତା'ର ସୁନେଲୀ ଆକାଶ ନିଜେ ତିଆରି କରିଛି। ନାରୀର ସ୍ୱାଧୀନତା ତଥା ନାରୀର ସ୍ୱାବଲମ୍ବୀ ହେବାକୁ ଆଦିକୁ ନେଇ ଉକ୍ତ ଉପନ୍ୟାସଟି ପରିପୁଷ୍ଟ।

ସାମ୍ପ୍ରତିକ ସମୟର ଜଣେ ପ୍ରତିଷ୍ଠିତ ଔପନ୍ୟାସିକା ହେଉଛନ୍ତି ଇତି ସାମନ୍ତ। ଉଭୟ ସୃଜନ ଓ ସମ୍ପାଦନା କ୍ଷେତ୍ରରେ ତାଙ୍କର ଭୂମିକା ମହତ୍ତ୍ୱପୂର୍ଣ୍ଣ। ଆଧୁନିକ ସମାଜ ଜୀବନର ବିଭିନ୍ନ ଘଟଣା ତାଙ୍କର ରଚନାଗୁଡ଼ିକର ମୁଖ୍ୟ ଆଧାର। ପୁରୁଷକୈନ୍ଦ୍ରିକ ସମାଜରେ ନାରୀର ସ୍ଥାନ ନିରୂପଣ କରିବା ଏବଂ ସମାଜରେ ନାରୀ ପ୍ରତି ରହିଥିବା ପୁରୁଷର ରୁଗ୍ଣ ମାନସିକତାରେ ପରିବର୍ତ୍ତନ ଆଣିବାର ପ୍ରଚେଷ୍ଟା ତାଙ୍କର ସମସ୍ତ ଉପନ୍ୟାସରେ ଦୃଷ୍ଟିଗୋଚର ହୋଇଥାଏ। ନାରୀ ମନସ୍ତତ୍ତ୍ୱ ତାଙ୍କ ଉପନ୍ୟାସର ପ୍ରମୁଖ ଉପାଦାନ। ଉକ୍ତ ଭାବଧାର ତାଙ୍କର 'ନୀରବ ଆଳାପ' ଉପନ୍ୟାସରେ ଦେଖିବାକୁ ମିଳେ।

ସଂପ୍ରତି ଉପନ୍ୟାସରେ ନାରୀକୁ ଭିନ୍ନଭିନ୍ନ ଭାବରେ ଚିତ୍ରଣ କରିଛନ୍ତି ଲେଖକମାନେ। କେତେବେଳେ ଉଦାରମୟୀ ସର୍ବଂସହା ତ କେତେବେଳେ ଉଲ୍‌କା ପିଣ୍ଡ ପରି ପ୍ରତିଶୋଧ ପରାୟଣା। ପୁଣି କେତେବେଳେ ସୃଷ୍ଟି ଏବଂ ସଂହାରର ପ୍ରତୀକ ଆଦି ନାନା ଭାବରେ ଚିତ୍ରିତ ହୋଇଛି ନାରୀ। ସମକାଳୀନ ଓଡ଼ିଆ କବିତାରେ ସୁପରିଚିତା ପ୍ରଭାତ ନଳିନୀ ମହାପାତ୍ରଙ୍କ କଥା ସାହିତ୍ୟରେ ମଧ୍ୟ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ତାଙ୍କର 'ଖସି ପଡ଼ିଥିବା ତାରା' ଉପନ୍ୟାସରେ ସମାଜର ଏକ କଳଙ୍କିତ ଅଧ୍ୟାୟକୁ ରୂପାଙ୍କନ କରିଛନ୍ତି। ଗରିବ ଘରର ଝିଅମାନଙ୍କ ସହିତ ବିବାହର ମିଛ ଅଭିନୟ କରି ସେମାନଙ୍କୁ ଅନ୍ୟ ସ୍ଥାନରେ କିଭଳି ବିକ୍ରି କରିଦିଆଯାଉଛି ତା'ର ଏକ ଚିତ୍ର ଉପସ୍ଥାପନ କରିବାକୁ ଚାହିଁଛନ୍ତି ଲେଖିକା।

'ଗୀତେ କହେ' ଉପନ୍ୟାସରେ ଆଦିତେଶ୍ୱର ମିଶ୍ର ସମାଜରେ ନାରୀର ଭୂମିକାକୁ ଉଚ୍ଚ ଆସନ ପ୍ରଦାନ କରିଛନ୍ତି। ଉପନ୍ୟାସଟି ଜଣେ ଗୀତିକାର ତଥା ଦଣ୍ଡ ନୃତ୍ୟଶିଳ୍ପୀମାନଙ୍କ ଜୀବନକୁ ଆଧାର କରି ରଚିତ ହେଲେ ମଧ୍ୟ ଏଥିରେ ଜଣେ ନାରୀକୁ ମୁଖ୍ୟ ଭାବରେ ଚିତ୍ରଣ କରାଯାଇଛି। ଉପନ୍ୟାସର ନାୟକ ଖଗେଶ୍ୱର ଗୀତ ରଚନା କରେ। ତାକୁ ସୁରରେ ସଜାଏ ପ୍ରଫୁଲ୍ଲ, ଯିଏ ଦଣ୍ଡ ନାଚରେ ରାଧା ଭୂମିକାରେ ନୃତ୍ୟ କରେ। ଗୀତ ରଚନା କରି ପରିବାରର ଗୁଜୁରାଣ ମେଣ୍ଟେଇ ପରୁନଥିବାରୁ ଖଗେଶ୍ୱର ସ୍ତ୍ରୀ ଘର ଛାଡ଼ି ଚାଲିଯାଏ। ସେତେବେଳକୁ ବେଳମଂଜିର ପ୍ରବେଶ ଘଟିସାରିଥାଏ ଖଗେଶ୍ୱର ଜୀବନରେ। ବେଳମଂଜି ଉପନ୍ୟାସର ଅନ୍ୟତମ ନାୟିକା। ଯିଏ ଖଗେଶ୍ୱର ଗୀତରେ ମୁଗ୍ଧ ହୋଇ ତା'ସହିତ ପଳେଇ ଆସିଥିଲା। ଘଟଣା କ୍ରମେ ପ୍ରଫୁଲ୍ଲ ରାଧାର ଶରୀର ଅସୁସ୍ଥ ହୁଏ। ଖଗେଶ୍ୱର ବେଉଷା ବୁଡ଼ିଯାଏ। ଆଉ ଜଣେ ରାଧା ଭୂମିକାରେ ଅବତର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଦଣ୍ଡ ନାଚ ଆଗେଇ ପାରିବ ନାହିଁ। ସେତେବେଳେ ବେଳମଂଜି ହିଁ ଖଗେଶଶ୍ୱର ଜୀବନର ଡଙ୍ଗାକୁ କୂଳରେ ଲଗାଏ। ଯେତେବେଳେ ପୁରୁଷ ଚରିତ୍ରମାନଙ୍କ ମଧ୍ୟରୁ କେହି ରାଧା ଭୂମିକାରେ ନୃତ୍ୟ ପରିବେଷଣ କରିପାରୁ ନାହାନ୍ତି, ସେତେବେଳେ ଜଣେ ନାରୀ ପାଦରେ ଘୁଙ୍ଗୁର ବାନ୍ଧି ସମାଜ ଆଗରେ ନିଜକୁ ପ୍ରକାଶ କରୁଛି। ଲେଖକଙ୍କ ଉପସ୍ଥାପନ ଶୈଳୀ ଏହାକୁ ଆହୁରି ମାର୍ଜିତ କରିଛି।

ବସ୍ତୁତଃ ନାରୀବାଦ ଏପରି ଏକ ବିଭବ ଯାହା ନାରୀର ସାମାଜିକ, ଆର୍ଥନୀତିକ ସ୍ଥିତିର ଉନ୍ନତି ବିଧାନ ଉଦ୍ଦେଶ୍ୟରେ ପରିଚାଳିତ। ନାରୀର ଜୀବନ ଓ ଜୀବନଚର୍ଯ୍ୟାର ସୀମିତତା ସତ୍ତ୍ୱେ ନାରୀକୁ ପରଖିବା ଏବଂ ଅନୁଭବ କରିବାର ଉଦ୍ୟମ ଆମ କଥାକାରମାନଙ୍କର ଖୁବ୍ ବେଶୀ।

**ଇତିହସର ପୁନଃମୂଲ୍ୟାୟନ:**

ଷ୍ଟିଫେନ୍ ଗ୍ରୀନ୍ ବ୍ଲାଟ୍ ହେଉଛନ୍ତି ନବ୍ୟ ଇତିହାସବାଦର ପ୍ରବର୍ତ୍ତକ। ଇତିହାସ, ସଂସ୍କୃତି ଓ ରାଜନୀତିର ନବ ମୂଲ୍ୟାୟନ ହିଁ ନବ୍ୟ ଇତିହାସବାଦର ମୁଖ୍ୟ ଉପପାଦ୍ୟ। ୧୯୮୦ ପରେ ପରେ ଏହି ଧାରାଟି ସାହିତ୍ୟ କ୍ଷେତ୍ରରେ ଦେଖିବାକୁ ମିଳିଲା। ଜାକ୍ ଡେରିଡ଼ାଙ୍କ ବିଗଠନବାଦ ଇତିହାସ, ସଂସ୍କୃତିକୁ ଉପେକ୍ଷା କରିବା ସହିତ ସାହିତ୍ୟ ସହିତ ଜୀବନ ଏବଂ ବାସ୍ତବ ଜଗତର ରହିଥିବା ସଂପର୍କକୁ ଅସୀକାର କରିବା ଫଳରେ ନବ୍ୟ ଇତିହାସବାଦର ଜନ୍ମ। ନବ୍ୟ ଇତିହାସବାଦରେ ସାହିତ୍ୟକୁ ଏକ ସାମାଜିକ ଅଭିବ୍ୟକ୍ତି ଭାବରେ ଗ୍ରହଣ କରାଯାଏ। କୌଣସି ସାହିତ୍ୟକୁ ବୁଝିବାକୁ ହେଲେ ସେହି ସମାଜ ଏବଂ ସଂସ୍କୃତି ଉପରେ ସଠିକ୍ ଧାରଣା ରହିବା ଆବଶ୍ୟକ

ବୋଲି ନବ୍ୟ ଇତିହାସବାଦୀମାନେ ମତ ବ୍ୟକ୍ତ କରନ୍ତି। ବର୍ତ୍ତମାନର ପ୍ରେକ୍ଷାପଟରେ ଅତୀତକୁ ଅନୁଧ୍ୟାନ କରି ବର୍ତ୍ତମାନ ସହିତ ଅତୀତର ଏକ ଯୋଗସୂତ୍ର ସ୍ଥାପନ କରିବା ହେଲା ନବ୍ୟ ଇତିହାସବାଦର ପ୍ରଧାନ ଦାୟିତ୍ୱ। ବସ୍ତୁତଃ ପୂର୍ବରୁ ଯାହା ଥିଲା ବା ଅଛି ତାକୁ ଆଉ ଥରେ ନବୀକରଣ ତଥା ପୁନର୍ମୂଲ୍ୟାୟନ କରିବା ପାଇଁ ଲେଖକମାନେ ଚେଷ୍ଟା କରିଛନ୍ତି। ଏ ପରିପ୍ରେକ୍ଷୀରେ କଥାକାର ହୃଷୀକେଶ ପଣ୍ଡାଙ୍କ 'ଗର୍ବ କରିବାର କଥା'(୨୦୧୦), ପ୍ରତିଭା ରାୟଙ୍କ 'ମହାରାଣୀ ପୁତ୍ର'(୨୦୦୮) ଆଦି ଉପନ୍ୟାସ ସ୍ମରଣୀୟ।

'ଗର୍ବ କରିବାର କଥା'କୁ ବିଚାର କରାଯାଇପାରେ। ଏଥିରେ ଗୋଟିଏ ଜାତିର ଗୌରବାନ୍ୱିତ ଇତିହାସ ତଥା ତାହାର ଅବକ୍ଷୟକୁ ରୂପଦେବା ସହିତ ବର୍ତ୍ତମାନ ପିଢ଼ି ପାଇଁ ଅସଂଖ୍ୟ ପ୍ରଶ୍ନ ଛାଡ଼ି ଦେଇଛନ୍ତି ଔପନ୍ୟାସିକ। 'ଗର୍ବ କରିବାର କଥା' ଗତ ପାଞ୍ଚ ଶହ ବର୍ଷର ଉତ୍କଳର ଗୌରବ ଓ ସେ ଗୌରବର ଅବକ୍ଷୟର କଥା। ଏହା ରାଜାରାଜୁଡ଼ାଙ୍କ କଥା ନୁହେଁ; ସାଧାରଣ ଚାଷୀ, କାରିଗର, ଲୁଗାବୁଣାଳୀ, ନାବିକ, ବଣିକ ଓ ସାଧବର କଥା। ଉତ୍ତର ଓଡ଼ିଶାର ଗୋଟିଏ ପରିବାରର କାହାଣୀ ମାଧ୍ୟମରେ ଏ ଉପନ୍ୟାସ ସମଗ୍ର ଓଡ଼ିଶାର ପାଞ୍ଚ ଶହ ବର୍ଷର ଆର୍ଥନୀତିକ ଉତ୍ଥାନ ପତନ କଥା ଆବିଷ୍କାର କରିବାକୁ ପ୍ରୟାସ କରେ। ଏହା ଇତିହାସ ନୁହେଁ ସତ, ହେଲେ ବହୁ ଦେଶର ଐତିହାସିକ ତଥ୍ୟ ଓ ଲୋକକଥା ଉପରେ ଆଧାରିତ। ଏହି ଉପନ୍ୟାସର କାହାଣୀ ବା କଥାବସ୍ତୁର ସମୟ ସୀମା ହେଉଛି ଷୋଡ଼ଶ ଶତକର ଦ୍ୱିତୀୟ ଦଶକ (୧୫୧୪)ରୁ ବିଂଶ ଶତକର ପ୍ରଥମ ଦଶକ(୧୯୦୫) ପର୍ଯ୍ୟନ୍ତ ଓଡ଼ିଶା ଇତିହାସରେ ଅନେକ ଅଜ୍ଞାତ ଅଧ୍ୟାୟକୁ ଆବିଷ୍କାର କରିଛନ୍ତି ଔପନ୍ୟାସିକ।

'ଗର୍ବ କରିବାର କଥା' ଉପନ୍ୟାସର ଯେଉଁ ଚାରଟି ବିଭାବ ମୁଖ୍ୟତଃ ପାଠକର ଦୃଷ୍ଟି ଆକର୍ଷଣ କରେ, ୧- ପ୍ରତିଷ୍ଠିତ ମତର ବିରୋଧ, ୨- ଇତିହାସ ସୂଚିତ ଘଟଣାଗୁଡ଼ିକର ଭିନ୍ନ ଆକଳନ, ୩- ଇତିହାସରେ ସ୍ଥାନ ପାଇଥିବା ଅନେକ ଘଟଣାର ସନ୍ନିବେଶ ଏବଂ ୪- ଉତ୍ତର ଓଡ଼ିଶାର ନୌବାଣିଜ୍ୟ ପରମ୍ପରାର ଏକ ଧାରାବାହିକ ଇତିହାସର ପ୍ରଖ୍ୟାପନ।

'ଗର୍ବ କରିବାର କଥା' ଉପନ୍ୟାସରେ ଇତିହାସ, କିମ୍ବଦନ୍ତୀ, ଜନଶ୍ରୁତି ଆଦି ଚମତ୍କାର ମିଶ୍ରଣ ଘଟିଛି। ଅବଶ୍ୟ ଉପନ୍ୟାସରେ ବର୍ଣ୍ଣିତ ସମସ୍ତ ଘଟଣା ଯେ ତଥ୍ୟ ଉପରେ ପର୍ଯ୍ୟବସିତ ଏଭଳି କୁହାଯାଇପାରିବ ନାହିଁ। କାରଣ ଅନେକ ଇତିହାର ଚରିତ୍ର ଓ ଘଟଣା ସହିତ କଳ୍ପନା ମିଶି ଯାଇ ଭିନ୍ନ ଏକ ଇତିହାସ ସୃଷ୍ଟି କରିଛି। ଓଡ଼ିଶାର ନୌବାଣିଜ୍ୟ ଓ ଆର୍ଥନୀତିକ ବିପର୍ଯ୍ୟାୟର କାରଣ ଅନୁସନ୍ଧାନ କରିବା ଉପନ୍ୟାସର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବାରୁ ଔପନ୍ୟାସିକ ଏହା ଉପରେ ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରଦାନ କରିଛନ୍ତି। ଏ ଉପନ୍ୟାସରେ ବହୁ ଇତିହାସର କଥା ଅବତାରଣା କରାଯାଇଛି। ଯେପରିକି ଷୋଡ଼ଶ ଶତକର ଓଡ଼ିଶା ବାଣଜ୍ୟ ବ୍ୟବସାୟ ସଂପର୍କରେ ଏକ ସ୍ୱଷ୍ଟ ଚିତ୍ର ଦେବାକୁ ଯାଇ ପର୍ତ୍ତୁଗୀଜ, ଡଚ୍, ଇଂରେଜମାନଙ୍କ ବିସ୍ତାରବାଦୀ ନୀତି, ୧୫୯୨ ଖ୍ରୀଷ୍ଟାବ୍ଦରେ ଜଳେଶ୍ୱରଠାରେ ମାନସିଂହଙ୍କ ଆଫଗାନମାନଙ୍କୁ ପରାସ୍ତ କରିବା ଘଟଣା, ୧୬୪୦ ବନ୍ୟାରେ ହରିଶପୁରର କାରଖାନ ଧ୍ୱଂସ ହେବା ବିଷୟ, ୧୭୪୫ରେ ରଘୁଜୀ ଭଂସଲାର କଟକ ଦଖଲ, ୧୮୦୩ରେ କ୍ୟାପଟେନ୍ ମର୍ଗାନଙ୍କ ବଲିଘାଟରେ ଥିବା ମରାଠାଙ୍କ ଦୁର୍ଗ ଅଧିକାର, ୧୮୦୪ ମସିହାରୁ ଇଂରେଜମାନଙ୍କ ଲୁଣ ବେପାର ଆଦି ଘଟଣା ସହିତ ୧୮୬୬ର ନ'ଅଙ୍କ ଦୁର୍ଭିକ୍ଷ, ୧୮୬୮ର ଭାଷା ସୁରକ୍ଷା ଆନ୍ଦଳନ ଇତ୍ୟାଦି ଘଟଣା ଏଥିରେ ସନ୍ନିବିଷ୍ଟ ହୋଇଅଛି। ମୋଟାମୋଟି ଭାବରେ କହିବାକୁ ଗଲେ ଉପନ୍ୟାସ ଇତିହାସ ନୁହେଁ; ଇତିହାସର କଙ୍କାଳ ଦେହରେ ସ୍ରଷ୍ଟା କଳ୍ପନାର ରକ୍ତ ମାଂସ ଦେଇ ତାକୁ ଉପନ୍ୟାସର ମର୍ଯ୍ୟାଦା ଦେଇଥାଏ। ଏ ଦୃଷ୍ଟିରୁ ବିଚାର କଲେ 'ଗର୍ବ କରିବାର କଥା' ଉପନ୍ୟାସର ମହତ୍ୱ ଉପଲବ୍ଧ ହୁଏ।

ସେହିପରି କେନ୍ଦୁଝର ପ୍ରଜା ଆନ୍ଦୋଳନକୁ ଭିତ୍ତିକରି ଔପନ୍ୟାସିକା ପ୍ରତିଭା ରାୟଙ୍କ 'ମହାରାଣୀ ପୁତ୍ର' ଉପନ୍ୟାସଟି ରଚିତ। କେନ୍ଦୁଝରରେ ଧରଣୀଧର(ମହାରାଣୀଙ୍କ ପୁତ୍ର)ଙ୍କ ନେତୃତରେ ଭୂୟାଁମାନେ ପ୍ରଜା ଆନ୍ଦୋଳନ କରିଥିଲେ ଏବଂ ଫକୀର ମୋହନ ତତ୍‌କାଳୀନ ସମୟରେ ଦେଓ୍ୱାନ ଭାବେ ଯୋଗ ଦେବା ଓ ତାଙ୍କ ସହାୟତାରେ କିପରି ଉକ୍ତ ବିଦ୍ରୋହକୁ ଦମନ କରାଯିବା ଆଦି ଘଟଣାଗୁଡ଼ିକର ଚିତ୍ର ଏହି ଉପନ୍ୟାସରେ ଦେଖିବାକୁ ମିଳେ। ଇତିହାର ଘଟଣାକୁ ନୂଆ ଭାବରେ ଔପନ୍ୟାସିକ ଉକ୍ତ ଉପନ୍ୟାସରେ ଉପସ୍ଥାପନ କରିଛି।

ଏତଦ୍‌ବ୍ୟତୀତ "ଐତିହାସିକ ବିଷୟର ଅବତାରଣା ଦୃଷ୍ଟିରୁ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ଅନମାର କନ୍ୟା', ଭାଗବତ ପ୍ରସାଦ ରଥଙ୍କ 'ହାତୀ ଗୁମ୍ଫା କହେ କଥା', 'ରକ୍ତବେଳାର', 'ରଞ୍ଜିତ ଅସି ଧାରେ', ବିଦ୍ୟୁତ୍‌ପ୍ରଭା ରଥଙ୍କ 'ରକ୍ତ ରଞ୍ଜିତ ଭଗତ ସିଂ', ଅର୍ଚ୍ଚନା ନାୟକଙ୍କ 'ରାଣୀ ଶ୍ୟାମାବତୀ' ଆଦି ଉପନ୍ୟାସ ବିଶେଷ ସ୍ମରଣୀୟ।"(୫)

**ପରିବେଶ ସଚେତନତା:**

ପରିବେଶକୁ ଭିତ୍ତିକରି କେତେଗୁଡ଼ିଏ ଉପନ୍ୟାସ ରଚିତ ହୋଇଛି ଏହି କାଳରେ। ପୂର୍ବରୁ ପରିବେଶର ପ୍ରାକୃତିକ ଶୋଭାରେ ବିଭର ହୋଇ ସାହିତ୍ୟ ସୃଷ୍ଟି କରୁଥିଲେ କବି ବା ଲେଖକମାନେ। ଏବେ କିନ୍ତୁ ପ୍ରକୃତିର ବିପର୍ଯ୍ୟୟରେ ଲେଖକ ବିକ୍ଷୁବ୍ଧ। ପରିବେଶକୁ ସଂରକ୍ଷିତ ତଥା ସୁରକ୍ଷିତ ରଖିବା ଏକ ଜାତୀୟ କର୍ତ୍ତବ୍ୟ। ଏ ପ୍ରକାର ଆହ୍ୱାନ ସାଂପ୍ରତିକ ଲେଖକଙ୍କ ନିକଟରେ ଦେଖିବାକୁ ମିଳେ। ଏହିଭଳି କେତେକ ପରିବେଶ ସଚେତନମୂଳକ ଉପନ୍ୟାସ ହେଲା କୃପାସାଗର ସାହୁଙ୍କ 'ଶେଷ ଶରତ'( ୨୦୦୬), ତରୁଣକାନ୍ତି ମିଶ୍ରଙ୍କ 'ଶରଦଃ ଶତମ୍' ଇତ୍ୟାଦି।

'ଶେଷ ଶରତ' ସାମ୍ପ୍ରତିକ ଘଟଣାକୁ ନେଇ ରଚିତ। ମରାଳ-ମାଳିନୀ-ନିଳାମ୍ବୁ-ଚିଲିକାର ପରିବେଶ ଓ ତା'ର ବିହଙ୍ଗକୁଳର ସୁରକ୍ଷା ହେଉଛି ଏ ଉପନ୍ୟାସର ମୁଖ୍ୟସ୍ୱର। ସାଇବେରିଆରୁ ସପରିବାର ଉଡ଼ିଆସିଥିବା ସାରସ ଏବଂ କାନଡ଼ାରୁ ଗବେଷଣା ପାଇଁ ଆସିଥିବା ପକ୍ଷୀ ବିଶାରଦ ହ୍ୟାରି କ୍ରଷ୍ଟେନ୍ ଏହାର ମୁଖ୍ୟ ଚରିତ୍ର। ତାଙ୍କର ସ୍ୱପ୍ନ ଓ ସ୍ୱପ୍ନଭଙ୍ଗକୁ ନେଇ ଗଢ଼ିଉଠିଥିବା ଏ ଉପନ୍ୟାସରେ ଚିଲିକା ହିଁ ମୂଳବିନ୍ଦୁ। ଚିଲିକା ହିଁ ଅସଲ ନାୟିକା। ଆଦ୍ୟ କୈଶୋରରେ ଔପନ୍ୟାସିକ କୃପାସାଗର ସାହୁ ଚିଲିକାର ସୌନ୍ଦର୍ଯ୍ୟରେ ବିମୁଗ୍ଧ ହୋଇ ପଡ଼ିଥିଲେ। କିନ୍ତୁ ଅନେକ ବର୍ଷ ପରେ ସେ ଚିଲିକାକୁ ଯାଇଥିବାବେଳେ ଚିଲିକା ଆଉ ଚିଲିକା ହୋଇ ନଥିଲା। କବି ରାଧାନାଥ ରାୟ ଯେଉଁ ଚିଲିକାର ସୁଷମାରେ ବିଭୋର ହୋଇ ଲେଖିଥିଲେ, 'ମରାଳ-ମାଳିନୀ-ନୀଳାମ୍ବୁ- ଚିଲିକା' ତାହା ଆଜି ବିପନ୍ନ। ତା'ର ଅବକ୍ଷୟରେ ଲେଖକ ମ୍ରିୟମାଣ।

ସେହିପରି ତରୁଣକାନ୍ତି ମିଶ୍ରଙ୍କ 'ଶରଦଃ ଶତମ୍'ରେ କୋରାପୁଟର ଦଣ୍ଡକାରଣ୍ୟ ସମ୍ପର୍କରେ ବର୍ଣ୍ଣିତ ହୋଇଛି। ଏଥିରେ ଏକ ଅଲୌକିକ ପୃଥିବୀର ଦ୍ରାଘିମାକୁ ଛୁଇଁବାକୁ ଚେଷ୍ଟା କରିଛନ୍ତି ଲେଖକ। ଅରଣ୍ୟ ଶୋଭିତ ଧରିତ୍ରୀରେ ଜୀବନ ବଞ୍ଚୁଥିବା ସରଳ ମଣିଷମାନଙ୍କର ଅକୃତ୍ରିମ ଜୀବନ ଶୈଳୀକୁ ଔପନ୍ୟାସିକ ରୂପ ଦେବାକୁ ଚେଷ୍ଟା କରିଛନ୍ତି।

**ବିସ୍ଥାପନ ସମସ୍ୟା:**

ସାମୂହିକ କଲ୍ୟାଣ, ଶିଳ୍ପାୟନର ବିକାଶ ବା ପ୍ରାକୃତିକ ବିପର୍ଯ୍ୟୟ ପାଇଁ ହେଉ ମଣିଷ ନିଜ ପରିଚିତ ଭିଟାମାଟିକୁ ଛାଡ଼ି ଅନ୍ୟତ୍ର ବାଧ୍ୟହୋଇ ଯିବାକୁ ବିସ୍ଥାପନ ସମସ୍ୟା କୁହାଯାଏ। ସାଂପ୍ରତିକ ସମୟରେ ଏହି ବିସ୍ଥାପନ ସମସ୍ୟା ସାଧାରଣ ନିମ୍ନବର୍ଗର ଲୋକଙ୍କ ପାଇଁ ଏକ ଉତ୍କଟ ପରିସ୍ଥିତି ସୃଷ୍ଟିକରିବାରେ ଲାଗିଛି। ଯାହା ସାଂପ୍ରତିକ ଲେଖକଙ୍କୁ ବହୁମାତ୍ରାରେ ମର୍ମାହତ କରିଛି। ଫଳରେ ବର୍ତ୍ତମାନ ସମୟରେ ଏହି ବିସ୍ଥାପନ ସମସ୍ୟାକୁ ନେଇ କେତେକ ଉପନ୍ୟାସ ରଚନା କରାଯାଇଛି। ଏହି ବିସ୍ଥାପନ ସମସ୍ୟାକୁ ନେଇ ରଚିତ ଉପନ୍ୟାସ ମାନଙ୍କ ମଧ୍ୟରେ ଦାସରଥି ନନ୍ଦଙ୍କ 'କାହାଣୀ ଇନ୍ଦ୍ରାବତୀର'(୨୦୦୧), ମମତାମୟୀ ଚୌଧୁରୀଙ୍କ 'ସରୀସୃପ'(୨୦୧୬) ଆଦି ଅନ୍ୟତମ।

ଦାସରଥି ନନ୍ଦଙ୍କ 'କାହାଣୀ ଇନ୍ଦ୍ରା ବତୀର' ଉପନ୍ୟାସଟିରେ ଇନ୍ଦ୍ରା ବତୀ ନଦୀ କୂଳରେ ବାସ କରୁଥିବା ଆଦିବାସୀ ମାନଙ୍କ ବିସ୍ଥାପିତା ଜୀବନର କରୁଣ କାହାଣୀ ବର୍ଣ୍ଣିତ ହୋଇଛି। ଇନ୍ଦ୍ରାବାତୀ ଜଳ ପ୍ରକଳ୍ପ ନିର୍ମାଣ ବେଳେ ଯେଉଁମାନେ ନିଜର ବାସଭୂମି ହାରାଇଲେ ସେନମାନଙ୍କ ସଂସ୍ଥାପନ ନିମିତ୍ତ ସରକାର କୌଣସି ପଦକ୍ଷପ ନେଲେନାହିଁ। ସେମାନଙ୍କର ହାହାକାର ରାଜନୀତିର ଛକାପଞ୍ଝା ଖେଳ ଭିତରେ ଲୁଚିଯାଇଛି। ଠିକ୍ ସେହିପରି 'ସରୀସୃପ'ରେ ୧୯୫୭ ରେ ହୀରାକୁଦ ନଦୀ ବନ୍ଧ ଯୋଜନା ସମୟରେ ବାସଚ୍ୟୁତ ହୋଇଥିବା ଦୁଇଶହ ଗାଁ ତଥା ହଜାର ହଜାର ପରିବାରଙ୍କ ଦୟନୀୟତା ସମ୍ପର୍କରେ ବର୍ଣ୍ଣନା ଦିଆଯାଇଛି। ଏଥିରେ ମଧ୍ୟ ରିହାନାର ଅସଜଡ଼ା ଦାମ୍ପତ୍ୟ ଜୀବନର କଥା କହିଛନ୍ତି ଲେଖିକା।

**ପଲ୍ଲୀପ୍ରୀତି:-**

ଅତୀତକୁ ଭୁଲି ବର୍ତ୍ତମାନ ରଙ୍ଗରେ ରଙ୍ଗିଯାବା ଆଧୁନିକତା ନୁହେଁ; ଅତୀତକୁ ସ୍ୱପୃଷ୍ଠରେ ବହନ କରିବାର ସାମର୍ଥ୍ୟ ହିଁ ଆଧୁନିକତାର ପ୍ରକୃତ ପରିଭାଷା। ମଣିଷ ଯେତେ ସଭ୍ୟ, ଶିକ୍ଷିତ ହେଲେ ମଧ୍ୟ ଅତୀତକୁ ଅସ୍ୱୀକାର କରି ଜୀବନ ବଞ୍ଚି ପାରେନାହିଁ। ତେଣୁ ଅତୀତ ସହିତ ତାର ସମ୍ପର୍କ ଖୁବ୍ ନିବିଡ଼। ପଲ୍ଲୀ ପ୍ରକୃତିରେ ଜୀବନ ବଞ୍ଚିଥିବା ମଣିଷ କ'ଣ କେବେ ନିଜର ମାତୃଭୂମିକୁ ଭୁଲି ପାରେ ? ପଲ୍ଲୀ ହିଁ ତା ପାଇଁ ସ୍ୱର୍ଗ, ବୈକୁଣ୍ଠ। ତେଣୁ ଏକବିଂଶ ଶତାବ୍ଦୀରେ ଲେଖକମାନଙ୍କ ଅତୀତ ପ୍ରବଣତା ସହିତ ପଲ୍ଲୀ ପ୍ରତି ରହିଥିବା ଆକର୍ଷଣ ତଥା ମମତ୍ୱବୋଧ ମୁଖ୍ୟ ବିଷୟ ରୂପେ ଦେଖା ଦେଇଛି। ଗାଁ ଗୁଡ଼ିକ କିପରି ସହରରେ ପରିଣତ ହେଉଛି, ସହର ଚାକଚକ୍ୟ କିଭଳି ଗାଁକୁ ଗ୍ରାସ କଲାଣି; ଆମର ପାରମ୍ପରିକ ଓଡ଼ିଆ ଚଳଣି, ମୂଲ୍ୟବୋଧ କେମିତି ଭୁଶୁଡ଼ି ପଡୁଛି ତାହର ଏକ ସଫଳ ଅଭିବ୍ୟକ୍ତି ହେଉଛି ବିଜୟ ନାୟକଙ୍କ 'ଗ୍ରାସ'(୨୦୦୦) ଉପନ୍ୟାସ। ସେହିପରି ଔପନ୍ୟାସିକା ରଶ୍ମି ରାଉଳଙ୍କ 'ଏଠି ଗୋଟେ ଗାଁ ଥିଲା'(୨୦୦୩) ଗ୍ରାମ୍ୟ ଚେତନାର ଏକ ସଫଳ ଦୃଷ୍ଟାନ୍ତ । ମାଆଟିଏ ନିଜର ବାଲ୍ୟକାଳ ଅତିବାହିତ କରିଥିବା ଗାଁକୁ ନିଜର ଝିଅକୁ ଦେଖେଇବାକୁ ନେଇଯାଉଛି। ମାତ୍ର ବହୁ ବର୍ଷ ପରେ ସେ ନିଜ ଗାଁ'କୁ ଚିହ୍ନିପାରୁନାହିଁ। ଗୋଟିଏ ଗାଁ କିଭଳି ଧ୍ୱଂସ ବିଧ୍ୱଂସ ହୋଇଯାଉଛି ଏବଂ ସେହି ସ୍ଥାନରେ ମୁଣ୍ଡଟେକୁଛି ଏକ ସହର ତାହା ଏଠି ମୁଖ୍ୟ। ମଣିଷର ବ୍ୟବହାର ବଦଳିଗଲାଣି। ତା'ର ଭିଟାମାଟିର ସୁଗନ୍ଧ ସେ ଭୁଲିସାରିଛି। ଭାଷା ସଂସ୍କୃତି ଜୀବନକୁ ସ୍ୱଚ୍ଛନ୍ଦ କରିବାର ମନ୍ତ୍ର ସେ ପାଶୋରି ସାରିଛି। ମଣିଷର ଧର୍ମଧାରଣା, ଉତ୍ତୁଙ୍ଗ ମୂଲ୍ୟବୋଧ ତଥା ପ୍ରକୃତି ନିକଟରେ କୃତଜ୍ଞ ରହିବାର ଅନନ୍ୟ ପରମ୍ପରା ଆଉ ନାହିଁ। ତେଣୁ ଔପନ୍ୟାସିକାଙ୍କ କ୍ଷୋଭ। ଆମେ ଆଜି ପୃଥିବୀକୁ ଗୋଟିଏ ସୂତ୍ରରେ ବାନ୍ଧିବାରେ ଡିଙ୍ଗୁରା ପିଟୁଛେ କିନ୍ତୁ ଆମର ସେ ଉଦାର ଚିନ୍ତା ଚେତନା ନାହିଁ। ଆମ ଭିତରେ ଆତ୍ମତ୍ୟାଗ ବା ବଳିଦାନର ମୋହନୀୟ ଅନୁଭବ ନାହିଁ।

ପଲ୍ଲୀ ପ୍ରୀତି ରହିଥିବା ମମତ୍ୱବୋଧରୁ ପଲ୍ଲୀମୋହ ଭିତ୍ତିକ ଉପନ୍ୟାସର ସୃଷ୍ଟି। ପ୍ରଦୀପ ଦାଶଙ୍କ 'ସୁବର୍ଣ୍ଣା ଆଁରେ ଗାଁ'(୨୦୦୭) ସେଇ ଧରଣର ଏକ କୃତି। ଏଥିରେ ଗାଁ'ର ଭାଷା, ଭାବ, ରୀତି, ନୀତି ଚାଲିଚଳଣି ଇତ୍ୟାଦି ସାର୍ଥକ ରୂପେ ପ୍ରକାଶିତ ହୋଇଛି। ଉତ୍ତର ଓଡ଼ିଶାରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀକୂଳରେ ଅବସ୍ଥିତ କୁମରପୁର ଗାଁକୁ କେନ୍ଦ୍ରକରି ଉପନ୍ୟାସଟି ଗଢ଼ିଉଠିଛି। ଉପନ୍ୟାସର କେନ୍ଦ୍ରବିନ୍ଦୁ

ହେଉଛି ସୁବର୍ଣ୍ଣରେଖା ନଦୀ। ଉପନ୍ୟାସରେ ସୂଚିତ କୁମରପୁର ଗାଁର ପରାସର ଓ ଉଆଁସୀ କନ୍ୟା ଅପୂର୍ବା ଯଥାକ୍ରମେ ଉପନ୍ୟାସର ନାୟକ ନାୟିକା। ଏଥିରେ ଦୁଇଟି କାହାଣୀ ଲକ୍ଷ୍ୟ କରିପାରିବା। ଗୋଟିଏ ସ୍ୱପ୍ନ, ସ୍ୱପ୍ନଭଙ୍ଗ ଓ ସମ୍ଭାବନାର ଏବଂ ଅନ୍ୟଟି ନିଷ୍ଠୁର ସଂସ୍କାର, କୁସଂସ୍କାର ଓ ବିଶ୍ୱାସବୋଧର। ପୁଣି ସେହି ଅଞ୍ଚଳର ପ୍ରଚଳିତ କିମ୍ବଦନ୍ତୀ, ପୁରାଣ କଥା ଏବଂ କିଛିଟା ଇତିହାସ ଏଥିରେ ଦେଖିବାକୁ ମିଳେ। ଓଡ଼ିଶାର ସଂସ୍କୃତି ଓ ଜୀବନଚର୍ଯ୍ୟାକୁ ଅତି ନିଛକ ଭାବରେ ରୂପ ଦେବାରେ ପ୍ରୟାସି ହୋଇଛନ୍ତି ଔପନ୍ୟାସିକ।

ସୁବର୍ଣ୍ଣରେଖା ନଦୀ ଆଁ'ରେ କୁମରପୁର ଗାଁ କିପରି ତା'ର ସ୍ଥିତି ହରାଇଛି ତାହା ଏଠାରେ ମୁଖ୍ୟ ବିଷୟ। ଗୋଟିଏ ବିରାଟ ଜନବସତିର ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡ଼ିଛି। ଏହା ସତ୍ତ୍ୱେ ମଣିଷ ତା'ର ମଣିଷପଣିଆ ହରାଇ ନାହିଁ। ଉପନ୍ୟାସର ଘଡ଼େଇ ବନ୍ୟାବିପନ୍ନ ପାଇଁ ନିଜର ଅମାର ଖୋଲି ଦେଇଛି। ନିଜ ଜୀବନକୁ ଜଳାଞ୍ଜଳି ଦେଇ ବାଇଆ ଅନ୍ୟମାନଙ୍କୁ ପାଣିରୁ ଉଦ୍ଧାର କରିଛି। ସବୁ ପ୍ରକାର ବପର୍ଯ୍ୟୟ ସତ୍ତ୍ୱେ ମଣିଷ ବଞ୍ଚିଛି। ସୁବର୍ଣ୍ଣରେଖା ନଦୀକୂଳରେ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳର ଘଟଣା ଉପନ୍ୟାସରେ ସ୍ଥାନ ପାଇଥିଲେ ମଧ୍ୟ ମଣିଷ ଜୀବନର ଚିରନ୍ତନ ଭାବାବେଗ ଉପନ୍ୟାସଟିରେ ସଫଳ ରୂପେ ପ୍ରକାଶ ପାଇଛି।

**ଦାଦନ ସମସ୍ୟା:**

ମଣିଷ ଜୀବନ ବଞ୍ଚିବା ପାଇଁ ବହୁ ସଂଘର୍ଷ କରେ। ନିଜର ପରିବାର ପ୍ରତିପୋଷଣ ପାଇଁ ନିଜର ଭିଟାମାଟି ଛାଡ଼ି ଅନ୍ୟ ରାଜ୍ୟକୁ କୁଲି ମଜୁରୀ କରିବାକୁ ଯାଏ। ଦାଦନ ଖଟିବାକୁ ଯାଇ ସେ କିପରି ନଷ୍ଟେଷିତ ହୁଏ, ଲୁଣ୍ଠିତ ହୁଏ ତାହା ଔପନ୍ୟାସିକମାନେ ଦେଖେଇବାକୁ ଚେଷ୍ଟା କରିଛନ୍ତି। ନିରୀହ ଦୀନ ଦରିଦ୍ର ମଣିଷର ସରଳତାର ଫାଇଦା କିଭଳି ଅତ୍ୟାଚାରୀ ଦଲାଲମାନେ ଉଠାନ୍ତି, ତାହାର ଏକ ଦୃଷ୍ଟାନ୍ତ ସଞ୍ଜୟ କୁମାର ମିଶ୍ରଙ୍କ 'ଦାଦନ ସୁନ୍ଦରୀ'। ଏଥିରେ ଦାଦନ ସମସ୍ୟାକୁ ଅତି ନିଖୁଣ ଭାବରେ ଉପସ୍ଥାପନ କରିଛନ୍ତି ଲେଖକ। ଅଭାବରୁ ନିବୃତ୍ତ ଲଭିବା ପାଇଁ ମଣିଷ ସର୍ବଦା ବ୍ୟାକୁଳ। ତେଣୁ କମେଇ ଖାଇଯିବାର ସାମୂହିକ ପଳାୟନ ଦାଦନ ସମସ୍ୟାର ପ୍ରଧାନ କାରଣ। ଯାହା ଏକ ରାଷ୍ଟ୍ରର ଆଇନ କାନୁନ, ଜନମଙ୍ଗଳକାରୀ ଯୋଜନାଗୁଡ଼ିକ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରେ। ଏ ଉପନ୍ୟାସର ମୁଖ୍ୟ ଚରିତ୍ର ତିରି ହିଁ ଏଠି ଦାଦନ ସୁନ୍ଦରୀ। ତା'ର ଦୁଃଖ ଦୁର୍ଦ୍ଦଶା, ତା'ର ପରିବାରର ଅସହାୟତା ପ୍ରତି ସମବେଦନା ପ୍ରକାଶ କରିଛନ୍ତି କଥାକାର। ଉପନ୍ୟାସର ପରିସମାପ୍ତି ପାଠକକୁ ଲୋତକସିକ୍ତ କରିପକାଏ। ଉପନ୍ୟାସରେ ଭାଷା ପ୍ରୟୋଗ ଅତି ଚମତ୍କାର। ଓଡ଼ିଆ ଭାଷା ସହିତ ସମ୍ବଲପୁରୀ ଭାଷାର ମଧୁର ସମନ୍ୱୟ ଘଟାଇଛନ୍ତି।

ସେହିପରି କଥାକାର ଆଦିତେଶ୍ୱ ମିଶ୍ରଙ୍କ 'ଦେଶାନ୍ତର' ଉପନ୍ୟାସଟି ମଧ୍ୟ ଏକ ଦାଦନ ସମସ୍ୟା ଭିତ୍ତିକ। ଉକ୍ତ ଉପନ୍ୟାସରେ ବାହାରକୁ ଇଟା ଗଢ଼ିବାକୁ ଯାଉଥିବା ଦାଦନ ଶ୍ରମିକର ବିବଶତା ଏବଂ ତଦ୍‌ଜନିତ ଦୁଃଖକୁ ସେ ଅତିନିଖୁଣ ଭାବରେ ଚିତ୍ରଣ କରିଛନ୍ତି। ପେଟ ପାଇଁ ମୁଠେ ଦାନା ଦେହ ପାଇଁ ଖଣ୍ଡେ କନାର ଅଭାବ ହେତୁ ମଣିଷ କିଭଳି ଦେଶାନ୍ତର ହେଉଛି, ଏବଂ ବନ୍ଧାରେ ଟଙ୍କା ଆଣୁଛି। ପୁଣି ସେ ଯାହାଠାରୁ ଟଙ୍କା ଆଣୁଛି ସେ ତା' ଉପରେ ନିଜର ମାଲିକାନା ଜାହିର କରୁଛି। ଏପରିକି ତା'ର ପରିବାର ଉପରେ ଅନ୍ୟାୟ ଅତ୍ୟାଚାର କରିବାକୁ ପଛଉନାହିଁ। ଦଲାଲମାନଙ୍କର ଏହିଭଳି ଅତ୍ୟାଚାରକୁ ଆଦିତେଶ୍ୱର ମିଶ୍ର ଦେଶାନ୍ତରିରେ ଦେଖାଇବାକୁ ଭୁଲି ନାହାନ୍ତି। ଏଥିରେ ମଧ୍ୟ ଆଇନ କାନୁନ ପ୍ରତି ଲେଖକଙ୍କ ତୀବ୍ର ବିଦ୍ରୂପ ପ୍ରକାଶିତ। ଏହିପରି ଭାବରେ ସମାଜରେ ବହୁବିଧ ସମସ୍ୟାକୁ ରୂପାୟନ କରିଛନ୍ତି ଲେଖକମାନେ। ବସ୍ତୁତଃ ବର୍ତ୍ତମାନ ସମୟରେ ଦେଖା ଦେଉଥିବା ଦାଦନ ସମସ୍ୟାକୁ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଉକ୍ତ ଉପନ୍ୟାସଗୁଡ଼ିକର ମୁଖ୍ୟ ଲକ୍ଷ୍ୟ।

ଏକବିଂଶ ଶତାବ୍ଦୀର ଉପନ୍ୟାସ ଧାରାର ସୃଷ୍ଟି ବୈଚିତ୍ର୍ୟ ବିବିଧ ଉପାଦାନକୁ ନେଇ ସମୃଦ୍ଧ। ସାଂପ୍ରତିକ କାଳରେ ଓଡ଼ିଆ ଉପନ୍ୟାସ ଭାବଗତ ଓ ରୂପଗତ ଦୃଷ୍ଟିରୁ ବହୁ ପରିବର୍ତ୍ତନ ହୋଇଛି। ସଂପ୍ରତି ଔପନ୍ୟାସିକମାନେ ଆତ୍ମିକ କ୍ଷେତ୍ରରେ ନୂତନ ଭାବଧାର ସହିତ ବର୍ଣ୍ଣନାତ୍ମକ ଭାବ ଅପେକ୍ଷା ବ୍ୟଞ୍ଜନାତ୍ମକ ଭାଷାର ପ୍ରୟୋଗ କରୁଥିବା ଲକ୍ଷ୍ୟ କରାଯାଇପାରେ। ଯାହା ଫଳରେ ସମାଜର ନିଷ୍ଠୁର ବାସ୍ତବତାକୁ ଅତି ସହଜରେ ପାଠକଟିଏ ଉପଲବ୍ଧି କରିପାରୁଛି। ତତ୍‌ସହିତ ନିଜର ସ୍ଥିତିକୁ ଉକ୍ତ ଚରିତ୍ର ଓ ଘଟଣା ମାଧ୍ୟମରେ ଅନୁଭବ କରିପାରୁଛି।

**ପ୍ରାନ୍ତଟୀକା-**


୧. ସାହୁ, ବୃଦ୍ୟୁତ୍‌ପ୍ରଭା, 'ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସ',(ସଂ)କୃଷ୍ଣ ନାୟକ, ଶ୍ରୀ ପତ୍ରିକା, ସାରଦୀୟ ସଂଖ୍ୟା, ପୃଷ୍ଠା- ୨୧୧।

୨. ତତ୍ରୈବ, ପୃଷ୍ଠା-୨୧୩

୩. ମହାନ୍ତି, ବାଦଲ, ମାଇଚିଆ, ମୁଖବନ୍ଧ।

୪. ସାହୁ, ବୃଦ୍ୟୁତ୍‌ପ୍ରଭା, 'ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସ',(ସଂ)କୃଷ୍ଣ ନାୟକ, ଶ୍ରୀ ପତ୍ରିକା, ସାରଦୀୟ ସଂଖ୍ୟା, ପୃଷ୍ଠା- ୨୧୧।

୫. ତତ୍ରୈବ, ପୃଷ୍ଠା-୨୧୨।


❖❖❖

# ମହତ୍ତର ପିପାସା



ISSN-2583-6978
Volume-3
Issue-8
AUGUST-2023

**ସୁଶ୍ରୀ ପଲ୍ଲବିତା ସାହୁ**

**ଅଧ୍ୟାପିକା, ରାଜସୁନାଖଳା ମହାବିଦ୍ୟାଳୟ, ନୟାଗଡ଼**

ଗ୍ରାମକୁ ସଦ୍ୟ ଆଗମନ କରିଥାନ୍ତି ଜଣେ ସାଧୁ । ତାଙ୍କ ସାଥିରେ ଥାନ୍ତି ଚାରି ପାଞ୍ଚଜଣ ଅନୁଗତ । ଗ୍ରାମରେ କିଛିଦିନ ଅବସ୍ଥାନ ଅନ୍ତେ ଅନ୍ୟତ୍ର ଯାତ୍ରା କରିବା ଥିଲା ସାଧୁଙ୍କର ଉଦ୍ଦେଶ୍ୟ । ଗ୍ରାମବାସୀମାନେ ସାଧୁଙ୍କ ଅବସ୍ଥାନର ସମସ୍ତ ବନ୍ଦୋବସ୍ତ କରିଦେଲେ । ପ୍ରତ୍ୟହ ସାଧୁଙ୍କ ନିକଟକୁ ଆସୁଥାନ୍ତି ଅନେକ ଦର୍ଶନାଭିଳାଷୀ । କାହାର କେତେ ପ୍ରଶ୍ନ । ସାଧୁ ନିଜର ସାଧମତେ ପ୍ରତ୍ୟେକଙ୍କ ଜିଜ୍ଞାସା ଚରିତାର୍ଥ କରୁଥାନ୍ତି । ଆଗନ୍ତୁକଙ୍କ ମଧ୍ୟରେ ବିଭିନ୍ନ ଶ୍ରେଣୀର, ଚିନ୍ତା ଚିନ୍ତାଧାରାର ବ୍ୟକ୍ତି ଉପନୀତ ହେଉଥାନ୍ତି । ବଣିକ, ସାହୁକାର, କୃଷକ, ପୂଜକ, ଜମିଦାର ଆଦି ଭିନ୍ନ ଭିନ୍ନ ଆଗନ୍ତୁକଙ୍କ ଆଗମନ ହେଉଥାଏ । ଅନେକ ବିତ୍ତଶାଳୀ ବ୍ୟକ୍ତି ସାଧୁଙ୍କୁ ବହୁ ମୂଲ୍ୟବାନ ଭେଟି ଉପାହାରସ୍ୱରୂପ ଦେଉଥାନ୍ତି । ମାତ୍ର ସାଧୁ ସେସବୁ ଗ୍ରହଣ ନକରି ସବିନମ୍ର ଫେରାଇ ଦିଅନ୍ତି । ଥରେ ସାଧୁଙ୍କ ଦର୍ଶନ ନିମିତ୍ତ ଆସିଥାଏ ଜଣେ ଯୁବକ । ସେତେବେଳେ ସାଧୁ ଧ୍ୟାନସ୍ଥ । ଯୁବକଟି ଅନୁଗତଙ୍କ ଆଦେଶ କ୍ରମେ ପ୍ରତୀକ୍ଷା କଲା । କିଛି ସମୟ ଅତିକ୍ରାନ୍ତେ ସାଧୁ ହେଲେ ଧ୍ୟାନମୁକ୍ତ । ଯୁବକଟି ପ୍ରଣାମ ଜଣାଇଲା । ସାଧୁ କହିଲେ- କିଏ ତୁମେ ବାବା ? ଯୁବକଟି ଉତ୍ତର ଦେଲା, ହେ ମହାତ୍ମା,ମୋର କିଛି ପ୍ରଶ୍ନ ଅଛି । ମୁଁ ପଚାରିବାକୁ ଇଚ୍ଛୁକ । ତେବେ ପରିଚୟ ଏତିକି ଜାଣନ୍ତୁ ମୁଁ ଜଣେ ଜିଜ୍ଞାସୁ । ସାଧୁ କହିଲେ ତାହା ହିଁ ହେଉ । ପ୍ରଶ୍ନ କର ବାବା । ଯୁବକଟି ପ୍ରଶ୍ନ କଲା, ମହାତ୍ମା, ମୁଁ ଲକ୍ଷ୍ୟ କରେ, ପ୍ରତ୍ୟହ ଅନେକ ବ୍ୟକ୍ତି ଆପଣଙ୍କୁ ସାକ୍ଷାତ କରିବାକୁ ଆସନ୍ତି । କେତେ ଲୋକଙ୍କର କେତେ ପ୍ରକାର ବ୍ୟକ୍ତିତ୍ୱ । ଅଧିକାଂଶଙ୍କର ପ୍ରଶ୍ନ ବଡ଼ ବିଚିତ୍ର ଓ ବହୁଳ । ଆପଣ ବିରକ୍ତ ହୁଅନ୍ତି ନାହିଁ କିପରି ?

ସାଧୁ କିଛି ସମୟ ନୀରବତା ଅନ୍ତେ ସ୍ମିତହାସ୍ୟ ଦେଲେ । କହିଲେ, ବାବା, ଟିକି ପିଲାଟିଏ ଫୁଲ ବଗିଚାରେ ପ୍ରଜାପତିକୁ ଦେଖି ଯେତେବେଳେ ବାରମ୍ବାର ତା'ର ମା'ଙ୍କୁ ଅଥୟ ହୋଇ ତା'ର ନାମ ସମ୍ପର୍କରେ ପ୍ରଶ୍ନ କରେ, ମା'ଙ୍କୁ କେବେ ବିରକ୍ତ ହେବାର ଦେଖିଛ ? ଯେଉଁ ଅନାବିଳ ଶ୍ରଦ୍ଧା ତାଙ୍କ ମନଃସ୍ଥିତିକୁ ପ୍ରଶାନ୍ତ ରଖିଥାଏ, ସେହି ଅନାବିଳ ଶ୍ରଦ୍ଧା ହିଁ ମୋତେ ଜିଜ୍ଞାସୁମାନଙ୍କ କୌତୁହଳ ଚରିତାର୍ଥ କରିବାରେ ନିର୍ଦ୍ୱନ୍ଦ୍ୱରେ ସାହାଯ୍ୟ କରେ । ବୁଝିଲ ବାବା ? ଯୁବକଟି ମୁଣ୍ଡ ହଲାଇ କହିଲା- ଆଚ୍ଛା ! ବୁଝିଲି । ଏବେ ମୋର ଦ୍ୱିତୀୟ ପ୍ରଶ୍ନର ଉତ୍ତର ଦିଅନ୍ତୁ । ଆପଣଙ୍କ ସାକ୍ଷାତକାରୀମାନଙ୍କ ମଧ୍ୟରୁ ଅନେକ ବହୁ ମୂଲ୍ୟବାନ ବସ୍ତୁ ଉପହାର ପ୍ରଦାନ କରିଥାନ୍ତି । ଆପଣ ଚାହିଁଲେ ଆରାମରେ ରହିପାରନ୍ତେ ତାହାକୁ ମାଧ୍ୟମ କରି । ମାତ୍ର ତାହା ପରିବର୍ତ୍ତେ ଆପଣ ସେଗୁଡିକୁ ଫେରାଇପାରନ୍ତି କିପରି ?

ଯୁବକଟିର ଆଖିରେ ପ୍ରଶ୍ନ ସହ ଅଦମ୍ୟ କୌତୁହଳ । ସାଧୁ କିଛି ମନ୍ତବ୍ୟ ଦେଲେ ନାହିଁ । କିଛି ମୁହୂର୍ତ୍ତ ନୀରବରେ କଟିଗଲା । ସାଧୁଙ୍କ ମୁଖମଣ୍ଡଳ କ୍ରମେ ଏକ ସ୍ନିଗ୍ଧ ଆଭାରେ ଉଦ୍ଭାସିତ ହେଲା । ସେ କହିଲେ, ବାବୁ, ତୁମ ପ୍ରଶ୍ନ ବାସ୍ତବିକ ବିଚାରଯୋଗ୍ୟ । ତେବେ ଶୁଣ, ଏ ସ୍ଥୂଳ ପରିବେଶରେ ଆମେ ଯେଉଁ ସବୁ ଚିଜକୁ ମୂଲ୍ୟବାନ ବୋଲି ଭାବୁ ବା ସାବ୍ୟସ୍ତ କରିଥାଉ ତାହା ଆମର ବାହ୍ୟ ଧାରଣାର ଏକ ଅଂଶ ମାତ୍ର । କିନ୍ତୁ ଏ ଧାରଣାର ଊର୍ଦ୍ଧ୍ୱରେ ଏପରି କିଛି ଅଦୃଶ୍ୟ ଚିଜ ରହିଛି, ଯାହା ନିକଟରେ ଏ ସ୍ଥୁଳ ଦ୍ରବ୍ୟର ତୁଳନା ତୁଚ୍ଛ । ତାହା କେବଳ ଜଣେ ସୂକ୍ଷ୍ମ ଚେତନା ପିପାସୁ ବ୍ୟକ୍ତିର ଅନ୍ତର୍ବୋଧ ହିଁ ବୁଝିପାରିବ । ଥରେ ସେ ମହତ୍ତର ଚିଜର ଉପଲବ୍ଧି କଲେ ଅନ୍ୟସମସ୍ତ ସ୍ଥୁଳ ବସ୍ତୁ ହେୟ ମନେହେବ । ତାହା ଜ୍ଞାନାଲୋକ । ସେ ଆଲୋକରେ ଉଦ୍ଭାସିତ ବ୍ୟକ୍ତିସତ୍ତାର ଅଭୀପ୍ସା ରହେ କେବଳ ସେହି ମହତ୍ତର ସତ୍ୟ ପ୍ରାପ୍ତି ।

ଏଥର ଯୁବକଟି ଦେଖାଗଲା ଚମତ୍କୃତ । ଏକ ବିଚିତ୍ର ଚମକରେ ଆଲୋକିତ ହେଲା ତା'ର ସମଗ୍ର ମୁଖମଣ୍ଡଳ । ଯୁବକଟି ସାଧୁଙ୍କୁ ପ୍ରଣାମ କରି ଚାଲିଗଲା । ଯୁବକଟି ଥିଲା ଗ୍ରାମର ଏକ କଥିତ ଦୁଷ୍ଟ । ମାତ୍ର କିଛି ଦିନ ଅନ୍ତେ ସେ ସାଧୁଙ୍କ ଜଣେ ଅନୁଗତର ପରିଚୟ ଲାଭ କଲା ।

କାହାଣୀର ମର୍ମ

ମଣିଷର ଅନ୍ତଃସତ୍ତା ଭିତରେ ପ୍ରଚ୍ଛନ୍ନ ରହିଥାଏ ମହତ୍ତର ପିପାସା । ସେହି ପିପାସାର ଜାଗରଣ ନିମିତ୍ତ ଆବଶ୍ୟକ ହୁଏ ସଠିକ ମୁହୂର୍ତ୍ତ ସହ ଏକ ମହତ ସତ୍ତାର ସାନ୍ନିଧ୍ୟ ।

# ଜଗତର ନାଥ: ଆହେ ଜଗନ୍ନାଥ



ISSN-2583-6978
Volume-3
Issue-8
AUGUST-2023

ପ୍ରିୟଦର୍ଶିନୀ ନାୟକ

ତଲାଙ୍ଗ, ଭଦ୍ରକ
ଫୋନ୍ ନମ୍ବର: ୯୦୯୦୨୦୨୧୬୬

କୋଟିବ୍ରହ୍ମାଣ୍ଡର ମଉଡ଼ମଣି ସେହି ଜଗତର ନାଥ ଜଗନ୍ନାଥ। ତାଙ୍କ କୃପା ଅପରମ୍ପାର। ସେହି ଜଗନ୍ନାଥଙ୍କର ଦର୍ଶନ ପାଇଁ କୋଟି କୋଟି ଭକ୍ତଙ୍କ ଭିଡ଼ ପୁରୁଷୋତ୍ତମକ୍ଷେତ୍ରଠାରେ। ଭକ୍ତମାନଙ୍କ ଭାବରେ ସତେ ଯେମିତି ସେ ବନ୍ଧା। ସେଥିପାଇଁ ତ ତାଙ୍କୁ ଭାବବିନୋଦିଆ କୁହାଯାଇଥାଏ। ଭକ୍ତ ତୁମକୁ ଭିନ୍ନ ଭିନ୍ନ ନାମରେ ଡାକିଥାଏ। ଯିଏ ତୁମକୁ ଯେପରି ଭାବରେ ଗ୍ରହଣ କରିଥାଏ ତୁମେ ତୋର ଭାବକୁ ସେହିପରି ଭାବରେ ବୁଝିଥାଅ। କିଏ ତୁମକୁ ପୁଅ କହି ସ୍ନେହରେ ମମତା ଅଜାଡି ଦିଏ ତ କିଏ ଭାଇ କହି ସେହି ଖଣ୍ଡିଆ ହାତରେ ରାକ୍ଷୀ ବାନ୍ଧି ଅଖଣ୍ଡ ବିଶ୍ୱାସ କରି ଦମ୍ଭରେ ବାଟ ଚାଲେ କିଏ ପୁଣି ବନ୍ଧୁସଖା କହି ଭାବରେ କୁଣ୍ଢେଇ ପକେଇ ତାର ସବୁ ଦୁଃଖ କଷ୍ଟ ଭୁଲି ଯାଏ, କିଏ କହେ ମୋ ବାପା ଜଗତର ନାଥ ଶ୍ରୀଜଗନ୍ନାଥ। ସବୁ ସମ୍ପର୍କର ସେତୁ ଲାଗେ ତୁମରି ପାଖରୁ ଆରମ୍ଭ। ସବୁ ସମ୍ପର୍କକୁ ତୁମେ ଅତି ସୁନ୍ଦର ଭାବରେ ତୁଲେଇପାରେ। ସେଥିପାଇଁ ତୁମେ ଏ ସଂସାରର ପ୍ରଭୁ ହୋଇ ରହିଛ। ସମସ୍ତଙ୍କ ହୃଦୟରେ ତୁମେ ହିଁ ରହିଛ। ଏ ଜଗତବାସୀଙ୍କ ହୃଦୟ ନୀଳକନ୍ଦରରେ ତୁମେ ହିଁ ନୀଳମାଧବ।

ଚକ୍ଷୁରେ ତୁମର ପଲକ ନାହିଁ କାହିଁକି ପ୍ରଭୁ? କାରଣ ତମେ ତମ ଭକ୍ତର ଦୁଃଖକୁ କ୍ଷଣକେ ବି ଅଣଦେଖା କରିବା ପାଇଁ ଚାହିଁ ନାହଁ। ସେଥିପାଇଁ ତୁମ ନାମ ଦୁଃଖହାରି। ଭକ୍ତଟିଏ ଜାଣିଛି ତୁମର କାନ ନାହିଁ, ତଥାପି ତାର ଦୁଃଖ ଗୁହାରିକୁ ନେଇ ତୁମରି ଚରଣ ତଳେ ବସିଛି। କାରଣ ସେ ଜାଣିଛି ତୁମ ବ୍ୟତିତ ଆଉ କେହି ତାକୁ ଉଦ୍ଧାର କରି ପାରିବେ ନାହିଁ। ସେ ଜାଣିଛି ତୁମେ ହିଁ ସକଳ ଶକ୍ତିର ଆଧାର। ତମେ ସକାଳ ତମେ ହିଁ ସଞ୍ଜ। ଭାଗବତରୁ ପଦେ ନିଆଯାଇପାରେ:

**"କରି କରାଉ ଥାଏ ମୁହିଁ**
**ମୋ ବିନୁ ଅନ୍ୟ ଗତି ନାହିଁ।**
**ମୋ ଭାଷାରେ/ ଲୋକ ଭାଷାରେ କହିଲେ:**
**"କରି କରାଉ ଥାଉ ତୁହି,**
**ତୋ ବିନୁ ଅନ୍ୟ ଗତି ନାହିଁ।**

ତୁମ ଯଶ ବାନା ଏତେ ଲମ୍ବା ଯେ ଯାହାକୁ କେହି ମାପି ପାରିବ ନାହିଁ। କାନ ନାହିଁ କିନ୍ତୁ ତମେ ଶୁଣିପାର, ହାତ ନାହିଁ କିନ୍ତୁ ତମେ ବାହୁ ମେଲେଇ ସମସ୍ତଙ୍କୁ କୋଳେଇବାକୁ ବ୍ୟଗ୍ର। ପାଦ ନାହିଁ କିନ୍ତୁ ତମେ ରଥରେ ଚଢି ମାଉସୀ ଘରକୁ ବୁଲି ଯାଅ। ତମ ପେଟ ଏତେ ବଡ଼ ଯେ ତମେ ଛପନ ପଉଟି ଭୋଗ ନ ହେଲେ ଖାଅ ନାହିଁ। ଖାଇବା ଶେଷରେ ପୋଡପିଠା ନଖାଇଲେ ତୁମ ପେଟ ଅପୂରା ରହେ। ଖାଇବା ପରେ ବିଡ଼ିଆପାନ ଖଣ୍ଡେ ନ ଜାକିଲେ ଖାଇବା କୁଆଡେ ହଜମ ହୁଏନି ତୁମର। ନାଟ ମଣ୍ଡପରେ ଗୀତ ଗୋବିନ୍ଦ ଶୁଣି ଶୋଇଥାଅ। ଦେବଦାସୀର ନାଚ ଦେଖି ମନ ଆନନ୍ଦିତ କର। ତୁମେ ବାର ମାସରେ ତେର ପରବ ପାଳନ କର। ତମେ ଦେବତା ରୂପୀ ମଣିଷଟିଏ। ମଣିଷ ଯେମିତି ଏ ମର୍ତ୍ତ୍ୟମଣ୍ଡଳରେ ବଞ୍ଚିଛି ତମେ ଅନୁରୂପ ଭାବରେ ସେହିପରି ବଞ୍ଚିଛ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ତମେ ଏହି ପୃଥିବୀରେ ଜଗନ୍ନାଥ ଭାବେ ଅବତରଣ କରିଛ। ତୁମକୁ ଏ ପୃଥିବୀବାସୀ ନିଜର ଦେବତା ରୂପେ ପୂଜା କରନ୍ତି ଯେତିକି, ନିଜର ରକ୍ତ ସଂପର୍କ ଥିବା ପରି ତୁମ ସହ ବ୍ୟବହାର କରନ୍ତି। କେତେବେଳେସ୍ନେହ କରନ୍ତି,କେତେବେଳେ କଳି କରନ୍ତି। କେତେବେଳେ ପୂଜା କରନ୍ତି ତ କେତେବେଳେ ଅଭିମାନରେ ଗାଳି କରନ୍ତି। ତୁମ ପ୍ରତି ମମତ୍ୱରେ ବାନ୍ଧି ହୋଇ ଅନେକ ମା' ତାଙ୍କ ପୁଅ ର ନା ଜଗନ୍ନାଥ ରଖନ୍ତି। ଆଉ ଏ ନାଁ ରଖିବା ପଛରେ ଆଉ ଗୋଟେ ଲାଳସା ବି ଥାଏ, ମରଣ ବେଳେ ତାଙ୍କ ପୁଅର ନାଁ ଜଗନ୍ନାଥ ଡାକି

ଏ ସଂସାରରୁ ପାରି ହୋଇଯିବ।

ସବୁ ତମରି ମାୟା। ତମରି ଲୀଳା। ତମ ବିନା ଅନୁମତିରେ ଗଛରୁ ପତ୍ରଟିଏ ବି ପଡେ ନାହିଁ କି କଅଁଳେ ବି ନାହିଁ। ତମରି ଇଚ୍ଛାରେ ଚନ୍ଦ୍ର ସୂର୍ଯ୍ୟ ଆତଯାତ ହୁଅନ୍ତି। ଦିନ ରାତି ହଉଛି। ପଶୁପକ୍ଷୀ ଗଛଲତା ମାନବ ଦାନବ କହିବାକୁ ଗଲେ ଏ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି। ତେଣୁ ତମେ ହିଁ ସୃଷ୍ଟି ତମେ ହିଁ ବିନାଶ।

ସମଗ୍ର ଜଗତର ତମେ ରାଜା। ଆଉ ସବୁ ତୁମ ପ୍ରଜା। ମଣିଷ ଜନ୍ମ ହେଇଛି ଦିନେ ପାଉଁଶ ହୋଇଯିବ। ସେଥିରେ କେତେ ଗର୍ବଅହଂକାର ସେ କରୁଛି,ସବୁ ମୋର ମୋର କହି ଛାତି ଫୁଲାଉଛି। ମୂଢ଼ ମଣିଷ ଧନସମ୍ପତ୍ତିକୁ ନେଇ ଅହଂକାର କରେ, କହେ ମୁଁରାଜା। କିନ୍ତୁ ତାକୁ ଜଣାନଥାଏ ଯେ, ଏହି ବିଶ୍ୱରୂପକ ରାଜ୍ୟରେ କେବଳ ଜଣେ ହିଁରାଜା। ଯିଏ ହେଉଛନ୍ତି ଜଗତର ନାଥ ପ୍ରଭୁ ଜଗନ୍ନାଥ। ତାଙ୍କରି ନିର୍ଦ୍ଦେଶରେ ହିଁ ଆମେ ସମସ୍ତେ ପରିଚାଳିତ।

ଜଗନ୍ନାଥଙ୍କ ନାମ ଅନେକ ପ୍ରକାର ଅଛି। ଯିଏ ଯେଉଁ ପ୍ରକାରେ ତାଙ୍କୁ ଡାକନ୍ତି। କିଏ କାଳିଆ ଡାକେ, କିଏ ଜଗା ଡାକେ, କିଏ କୃଷ୍ଣ ଡାକେ। ଏମିତି ଦେଖିବା ପାଇଁ ଗଲେ ଜଗନ୍ନାଥଙ୍କର ଷୋହଳ ନାମ। କିନ୍ତୁ ଜଗନ୍ନାଥ ହେଉଛନ୍ତି ସମସ୍ତଙ୍କ ହୃଦୟର ଦେବତା। ତାଙ୍କୁ ଯେଉଁରୂପରେ ଡାକିଲେ ବି ସେ ଡାକ ଶୁଣିବେ।

ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସେ ସମସ୍ତଙ୍କ ଭଗବାନ। ସେ ଗୋଟିଏ କଥା ସର୍ବୋଚ୍ଚରେ ରଖିଛନ୍ତି ଯେ ଭକ୍ତ ହିଁ ପ୍ରଧାନ। ଭକ୍ତ ପାଇଁ ସେ। ସେଥିପାଇଁ ସେ ଅନେକ ଉଦାହରଣ ସୃଷ୍ଟି କରିଛନ୍ତି। ହେ ପ୍ରଭୁ ତୁମେ ଜଗତର ନାଥ ହୋଇ ଯଦି ଭକ୍ତ ମନ ନ ବୁଝିବ କିଏ ଆଉ ମନ ବୁଝିବ କହିଲ। ତୁମେ ପରା ସଭିଙ୍କ ତାରଣ କର୍ତ୍ତା। ତୁମ ବିନା କିଛି ସମ୍ଭବ ନୁହେଁ। ତୁମେ ଜାଣିଛ ଭକ୍ତ ମନ କଉଠିବନ୍ଧା, ତଥାପି ତୁମେ କାହିଁକି କିଛି ବୁଝନାହିଁ କହିଲ? ଭକ୍ତ ଆଖିର ଲୁହ କ'ଣ ତୁମକୁ ଭଲ ଲାଗେ? ଓଃ ବୁଝିଲି ତୁମେ କ'ଣ ଚାହଁ?ତୁମେ କାହିଁକି ତୁମ ଭକ୍ତମାନଙ୍କୁ ଦୁଃଖ ଦିଅ? କାରଣ ତୁମେ ଭାବ ଯଦି ସେମାନଙ୍କୁ ଦୁଃଖ ନଦେବ କାଳେ ସେମାନେ ତୁମକୁ ଭୁଲିଯିବେ! ସେଥିପାଇଁ ତମେ ଦୁଃଖ ଦିଅ। ଠିକ୍ କହିଲି ନା ପ୍ରଭୁ?

ମୁଁ ଜାଣିଛି ତୁମେ ଭକତ ଭାବରେ ବନ୍ଧା। ତଥାପି ତୁମେ ସବୁବେଳେ ନିଜ ଭକ୍ତମାନଙ୍କୁ ପରୀକ୍ଷା କରୁଥାଅ। ତୁମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁହେଲେ କଷଟି ପଥରରେ ଘଷି ହେବା ଭଳି ଭକ୍ତି ରୂପକ କଷଟିରେ ମାଜି ହେବାକୁ ପଡିବ। ଏହାହିଁ ହେଉଛି ତୁମ ପାଖେ ପହଞ୍ଚିବା ମାଧ୍ୟମ। ତୁମେ ହିଁ ତ ଏକା ଜାଣ କାହାକୁ କେତେ ଦୁଃଖକଷ୍ଟ ରୂପକ କଷଟି ପଥରରେ ମାଜିବାକୁ ପଡିବ। ସେଥିପାଇଁ ତ ତୁମେ ଅନାଦି ପରଂବ୍ରହ୍ମ। କୁହ ତ ପ୍ରଭୁ ତୁମ କଷଟି ପଥରରେ କେତେ କଷ୍ଟ ଯନ୍ତ୍ରଣାକୁଭରି ରଖିଛ?

ତୁମ କରୁଣାଛାଇ ଯାହା ଉପରେ ଅଛି,ସେ ନିଶ୍ଚିତ ଶୀର୍ଷସ୍ଥାନକୁ ଛୁଇଁଛି। ନିଜ ଲକ୍ଷ ସ୍ଥାନରେ ଯାଇ ସେ ସମୟରେ ପହଞ୍ଚିଯାଇଛି। ତୁମ କୃପା ଟିକେ ଖାଲି ରହିଲେ ହେଲା। ହେ ବିନୋଦ ବିହାରୀ, ବାଙ୍କ ଚୂଳିଆ, ଭକ୍ତ ପ୍ରାଣ ସ୍ପନ୍ଦନ, ସାହାହୋଇଥିବ ପ୍ରଭୁ। ଏତିକି ତୁମ ଶ୍ରୀ ପାଦପଦ୍ମରେଅଳି ପ୍ରଭୁ।

❖❖❖

# ଖଇରୀ



ISSN-2583-6978
Volume-3
Issue-8
AUGUST-2023

ଡଃ ମାଙ୍ଗଳିକା ମହାପାତ୍ର

ରେଭେନ୍ସା ବିଶ୍ୱବିଦ୍ୟାଳୟ

ଆନ୍ତର୍ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିଥିଲା ଯଶୀପୁରର ପୋଷା ବାଘୁଣୀ ଖଇରୀ। ସେତେବେଳେ ଶିମିଳିପାଳ ପାଇଁ ଅନେକ ପ୍ରସିଦ୍ଧି ଆଣିଥିଲା ଏଇ ଖଇରୀ। ଖଇରୀର ଜନ୍ମ ହୋଇଥିଲା ବାଘ ମାଆ କୋଳରେ ଏବଂ ପାଳିତ ହୋଇଥିଲା ମଣିଷ ମାଆ କୋଳରେ।

ଖଡିଆ ଜାତିର ଲୋକଙ୍କଠାରୁ ୧୯୭୪ ମସିହା ଅକ୍ଟୋବର ମାସ ୫ ତାରିଖରେ ଦୁଇ ମାସର ବାଘଛୁଆ ଖଇରୀକୁ ଆଣିଥିଲେ ପଦ୍ମଶ୍ରୀ ସ୍ୱର୍ଗତ ସରୋଜ ରାଜ ଚୌଧୁରୀ ଓ ତାକୁ ନିଜ ପାଖରେ ରଖି ପାଳି ପୋଷି ବଡ଼ କରିଥିଲେ। ଖଇରୀ ନଦୀ କୂଳରୁ ମିଳିଥିବାରୁ ତା ନାଁ ହେଲା 'ଖଇରୀ'। ସରୋଜ ରାଜ ଚୌଧୁରୀ ଙ୍କ ପତ୍ନୀ ନିହାର ନଳିନୀ ନିଜ ସନ୍ତାନ ପରି ଖଇରୀ ର ଯତ୍ନ ନେଉଥିଲେ। ସ୍ନେହ ଆଦରରେ ବାଘୁଣୀ ଭୁଲି ଯାଇଥିଲା ନିଜର ହିଂସ ପ୍ରକୃତି। ପରିବାରର ଜଣେ ସଦସ୍ୟ ଭଳି ସେ ଖୋଲା ରହୁଥିଲା। ସମସ୍ତଙ୍କ ସହିତ ଖେଳୁଥିଲା, ବୁଲୁଥିଲା, ଖାଉଥିଲା ଓ ଶୋଉଥିଲା। କେବେ କାହାର କ୍ଷତି କରି ନଥିଲା।

ନିହାର ନଳିନୀ ଦେବୀ ମାଂସରେ ଅମୂଲ ଗୋଳେଇକି ତାକୁ ଖାଇବାକୁ ଦେଉଥିଲେ ତ ପୁଣି କେବେ ବୋତଲରେ କ୍ଷୀର ପିଆଇ ଦେଉଥିଲେ।

ମଣିଷ ଛୁଆଙ୍କ ପରି ହାତରୁ ଖାଦ୍ୟ ଖାଉଥିଲା ଖଇରୀ। କୋଳରେ ଶୋଉଥିଲା। ମୁହଁ ଘଷି ଗେଲ ହେଉଥିଲା। ଜଙ୍ଗଲରେ ବୁଲୁଥିବା ବେଳେ ଡାକ ଛାଡ଼ିଲେ ଆସିକି ହାଜର ହେଇ ଯାଉଥିଲା।

କ୍ରମେ ଖଇରୀ ବଡ଼ ହେଲା। ସେ ହିଂସ୍ର ନ ଥିଲେ ବି କାଳେ କେଉଁ ଅଘଟଣ ଘଟେଇବ, ସେଥିପାଇଁ ତାକୁ ଜଙ୍ଗଲରେ ଛାଡିବା ପାଇଁ ମନସ୍ଥ କରାଗଲା। ହେଲେ ମଣିଷଠାରୁ ସ୍ନେହ ଆଦର ପାଇ ବଡ଼ ହେଇଥିବା ଖଇରୀ ଆଉ ଜଙ୍ଗଲକୁ ଯିବାକୁ ପସନ୍ଦ କଲାନି। ଯେତେଥର ତାକୁ ଜଙ୍ଗଲରେ ଛଡ଼ାଗଲା, ସେ ପୁଣି ଫେରି ଆସୁଥିଲା ନଳିନୀ ଦେବୀଙ୍କ ପାଖକୁ।

ସାତ ସପ୍ତାହର ଛୁଆଟି ଚୌଧୁରୀଙ୍କ ଲାଳନ ପାଳନରେ ଖୁବ୍ ଶୀଘ୍ର ବଢ଼ିବାକୁ ଲାଗିଲା। କିଛି ବର୍ଷ ମଧ୍ୟରେ ତାର ଓଜନ ୨୦୦ କେ ଜି ହୋଇଗଲା। ନିହାର ନଳିନୀ ଦେବୀଙ୍କ ଯତ୍ନ ପାଇ ସବୁଦିନ ରାତିରେ ତାଙ୍କ ପାଖରେ ଶୋଇବାକୁ ଲାଗିଲା। ଖଇରୀ ଏତେ ନିର୍ଭରଶୀଳ ଓ ଆପଣାର ହୋଇଯାଇଥିଲା ଯେ ତାକୁ ଅନେକ ଥର ବଂଶ ବଢେଇବା ପାଇଁ ସାଥୀଟିଏ ଖୋଜିବାକୁ ଜଙ୍ଗଲକୁ ଛାଡ଼ିଲେ ମଧ୍ୟ ସେ ପୁଣି ଘରକୁ ଫେରି ଆସୁଥିଲା।

ଖଇରୀ ସହ ଗୋଟିଏ ହରିଣ ଛୁଆ, ଗୋଟେ ବଣୁଆ କୁକୁର, ଗୋଟେ ଦେଶୀ କୁକୁର ମଧ୍ୟ ରହୁଥିଲେ। ହେଲେ ସେ ଅନ୍ୟ ସାଥୀ ଜୀବଙ୍କର କିଛି ବି କ୍ଷତି କରୁ ନଥିଲା। ସରକାରୀ ପୋଷାକ ପିନ୍ଧିଥିବା ଅଫିସରଙ୍କୁ ଚିହ୍ନିପାରି ସେମାନଙ୍କ ସହିତ ଗେଲ ହେଉଥିଲା।

ଜଙ୍ଗଲରେ ଛାଡିବା ପାଇଁ ସବୁ ଉଦ୍ୟମ ବିଫଳ ହେବା ପରେ ଖଇରୀ ରହିଲା ନିହାର ନଳିନୀଙ୍କ ପାଖରେ। ନିହାର ନଳିନୀ ଓ ସରୋଜ ରାଜ ଙ୍କ ଗେହ୍ଲା ଝିଅ ପାଲଟି ଯାଇଥିଲା ଖଇରୀ। ଏମିତିକି ସରୋଜ ରାଜ ନିଜ ଡ୍ୟୁଟି ସମୟରେ ଜଙ୍ଗଲ ପରିଦର୍ଶନରେ ଯିବାବେଳେ ଖଇରୀ ତାଙ୍କ ସହିତ ଜିପ୍ ରେ ଯାଉଥିଲା।

ଖଇରୀ କୁ ନିଜ ଜିପ୍ ରେ ବସାଇ କଟକ ଆଣିବା ସହିତ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କୁ ମଧ୍ୟ ଭେଟିଥିଲେ ତାଙ୍କ ସରକାରୀ ବାସଭବନରେ। ସମସ୍ତେ ଆଶ୍ଚର୍ଯ୍ୟ ହେଉଥିଲେ ବାଘ ଓ ମଣିଷ ଭିତରେ ଏପରି ସ୍ନେହଭରା ସମ୍ପର୍କ ଦେଖି। ଏଥିପାଇଁ ମୟୂରଭଞ୍ଜର ଏକ ଐତିହାସିକ ମୁହୂର୍ତ୍ତ ଥିଲା ସେଇ ଅଶୀ ଦଶକ।

ଖଇରୀକୁ ଲାଳନ ପାଳନ କରିବା ଠାରୁ ତାର ମୃତ୍ୟୁ ପର୍ଯ୍ୟନ୍ତ ନିହାର ନଳିନୀ ଦେବୀ କେବେ ବି ତାକୁ ନିଜ ପାଖରୁ ଦୂରେଇ ଦେଇ ନଥିଲେ। ଜଣେ ମଣିଷ ମା' ର ସ୍ନେହ ଆଗରେ ହାର ମାନିଥିଲା ପଶୁତ୍ୱର ହିଂସ୍ରତା। ଦେଶ ବିଦେଶରୁ ପର୍ଯ୍ୟଟକ ଛୁଟି ଆସୁଥିଲେ ଶିମିଳିପାଳ ଖାସ୍ ଖଇରୀ ପାଇଁ।

ଖଇରୀକୁ ଯେବେ ୬ ବର୍ଷ, ତା ଜୀବନରେ ମାଡ଼ି ଆସିଲା ବିପଦ। ଏକ ପାଗଳ କୁକୁର କାମୁଡାରେ ଖଇରୀ ରୋଗାକ୍ରାନ୍ତ ହୋଇ ପଡ଼ିଥିଲା। କିଛିଦିନ ପରେ ଜଳାତଙ୍କ ରୋଗରେ ଆକ୍ରାନ୍ତ ହେଲା ଆଉ ବୋଲ ମାନିଲା ନାହିଁ। ଏଣେ ତେଣେ ଧାଇଁଲା। ତାକୁ କାବୁ କରିବା ପାଇଁ ମାତ୍ରାଧିକ ଟ୍ରାଙ୍କୁଲାଇଜର ଦିଆଗଲା। ୧୯୮୧ ମାର୍ଚ୍ଚ ୨୮ ତାରିଖରେ ସବୁଦିନ ପାଇଁ ଆଖି ବୁଜିଲା ଖଇରୀ।

ଏଭଳି ପରିସ୍ଥିତିରେ ଭାଙ୍ଗି ପଡ଼ିଥିଲେ ସରୋଜ ରାଜ ଚୌଧୁରୀ। ଖଇରୀକୁ ଝୁରି ଝୁରି ବର୍ଷକ ଭିତରେ ତାଙ୍କର ମଧ୍ୟ ଦେହାନ୍ତ ହୋଇଗଲା। ସମସ୍ତେ ଆଶ୍ଚର୍ଯ୍ୟ ହେଉଥିଲେ।

ଖଇରୀ ଚାଲିଯିବା ପରେ ସେ ରହୁଥିବା ସ୍ଥାନକୁ ଏକ ସଂଗ୍ରହାଳୟରେ ପରିଣତ କରାଯାଇ ତାର ସ୍ମୃତିକୁ ଜୀବିତ ରଖାଯାଇଛି।

ମୁଁ ମୟୂରଭଞ୍ଜ, ବାରିପଦାର ବୋହୂ ହିସାବରେ ନିଜକୁ ଗର୍ବିତ ଅନୁଭବ କରୁଛି। ମୋ ଶଶୁର .. ଗାନ୍ଧୀ ବାବୁ.. କେତେ ଥର ଯାଇଛନ୍ତି ସରୋଜ ରାଜ ଚୌଧୁରୀଙ୍କ ବାସ ଭବନକୁ ଯୁଗଳ ପଟ୍ଟନାୟକଙ୍କ ସହିତ... ଖଇରୀକୁ ଅତି ପାଖରୁ ବିନା ପିଞ୍ଜରାରେ ଦେଖିଛନ୍ତି.. ତା ସ୍ପର୍ଶ ଅନୁଭବ କରିଛନ୍ତି।ମୁଁ ଏଇ ପ୍ରବନ୍ଧ ଲେଖିଲା ବେଳେ ତାଙ୍କଠୁ ତାଙ୍କର ଅନୁଭୂତି ଶୁଣିଥିଲି ଆଉ ତାକୁ ସମସ୍ତଙ୍କ ସହିତ ଶେୟାର କରିବାକୁ ଚାହିଁଲି ।

❖❖❖

# ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସରେ ଗ୍ରାମ୍ୟ ଚେତନା

ISSN-2583-6978
Volume-3
Issue-8
AUGUST-2023



**କାଳିଆ ସେଠୀ**

**ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**
**ଜନତା ମହାବିଦ୍ୟାଳୟ, ବଇଣ୍ଡା, ଅନୁଗୁଳ**
**ଯୋଗାଯୋଗ - ୯୦୯୦୦୦୬୯୪୮**

ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତବର୍ଷ ଗ୍ରାମୀଣ ପରିବେଶର ନିବିଡ଼ତା ଭିତରେ ସାହିତ୍ୟକୁ ଆଚ୍ଛନ୍ନ କରି ରଖୁଥିଲା । ଯେଉଁଥିରେ ପାଠକମାନେ ଗାନ୍ଧୀଦର୍ଶନ ଭିତରେ ଗାଁ ମାଟିର ବାସ୍ନା, ଗାଁର ଆକର୍ଷଣ, ଗ୍ରାମୀଣ ପରିବେଶର ମୋହ, ଗାଁର ସଂସ୍କୃତି ଓ ଗ୍ରାମୀଣ ବାସ୍ତବ ଚିତ୍ରକୁ ଜୀବନ୍ତ ଭାବେ ଅନୁଭବ କରିପାରୁଥିଲେ । ଯେମିତି 'ଛ'ମାଣ ଆଠ ଗୁଣ୍ଠ', 'ମାଟିର ମଣିଷ', 'ହିଡ଼ମାଟି', 'ପରଜା' ଆଦି ଉପନ୍ୟାସମାନଙ୍କରେ ଗାନ୍ଧୀଙ୍କ ଦର୍ଶନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଗ୍ରାମାଭିମୁଖୀ ମଣିଷର ଓ ଗାଁକୁ ନେଇ ବଞ୍ଚୁଥିବା ମଣିଷର ଚିତ୍ର ଯେଉଁଥିରେ ମୂଳ ଉପାଦାନ ଥିଲା ଜମିଜୁମା, ବିଲବାଡ଼ି, ଘରଡ଼ିହ, ଫସଲ, କୌଳିକ ବୃତ୍ତି, ବୁଢ଼ାବୁଢ଼ୀ, ଲଙ୍ଗଳା ପିଲା, ବିଧବା ସ୍ତ୍ରୀ, ତିର୍ଲା ଝିଅ, ଭେଣ୍ଡା ଯୁବକ ଏବଂ କେତେକ ପାରମ୍ପରିକ ଓଷାବ୍ରତ ଓ ଅନ୍ଧବିଶ୍ୱାସ ଭାବରେ ଆଧୁନିକ ମଣିଷ ପାଖରେ ପରିଚିତ କେତେକ ରୀତିନୀତି ଓ ସାମାଜିକ ବ୍ୟବସ୍ଥା ଯାହାକୁ ଆମ ଆଧୁନିକ ମଣିଷମାନେ ଅନ୍ଧବିଶ୍ୱାସ କହି ଏଡ଼େଇ ଦେଉଛନ୍ତି ।

ପରବର୍ତ୍ତୀ ସମୟରେ ଯେତେବେଳେ ଭାରତ ସ୍ୱାଧୀନତା ଲାଭ କରୁଛି ସେତେବେଳକୁ ସ୍ୱାଧୀନତାର ମୋହ ଭାଙ୍ଗୁଛି ମଣିଷ ପାଖରେ । ଯେଉଁ ସ୍ୱାଧୀନତା ପଛରେ ଦୀର୍ଘବର୍ଷ ଧରି ମଣିଷ ତା'ର ରକ୍ତାକ୍ତ ସଂଗ୍ରାମ ଜାରିରଖି ଏହି ସ୍ୱାଧୀନତାକୁ ପ୍ରାପ୍ତ ହେଲା, ସେହି ସ୍ୱାଧୀନତାର ମଧୁତା ଭିତରେ ଏକ ତିକ୍ତ ମାନସିକତା ତିଆରି କଲା । କାରଣ ଏଡ଼େ ବଡ଼ ଅପେକ୍ଷାର ଅନ୍ତ ଯେ, ଏହିଭଳି ଅନ୍ତଃସାର ଶୂନ୍ୟ ତାହାକୁ ସେ ମର୍ମେ ମର୍ମେ ଅନୁଭବ କଲା । ତ୍ରିରଙ୍ଗା ପତାକା ଯାହା ସ୍ୱାଧୀନତାର ପ୍ରତୀକ କେବଳ ତିନୋଟି ରଙ୍ଗ ଭିତରେ ସେ ତାକୁ କଳନା କଲା । ତାହା ପାଇଁ ଏହା ତିନୋଟି ରଙ୍ଗ ବିଶିଷ୍ଟ କପଡ଼ା ଏବଂ ଭୋକିଲା ମଣିଷର ପେଟରେ ଓଦା କନାର ଯନ୍ତ୍ରଣାକୁ ସେ ମାପିପାରିଲା । ତେଣୁ ତା' ପାଇଁ ଗଣତନ୍ତ୍ର ଶାସନର ଅର୍ଥ ଖୁବ ଶସ୍ତା ଓ ହୀନସ୍ତା ପାଲଟିଗଲା । ସେତେବେଳେ ଗାଁର ମୋହକୁ ତ୍ୟାଗ କରି ମଣିଷ ପେଟପାଟଣା ପାଇଁ ଗାଁ ଛଡ଼ା ହେଲା, ମାଟି ଛଡ଼ା ହେଲା, ବାସହରା ହେଲା ଓ ତା' ଭିଟା ମାଟିକୁ ଛାଡ଼ି ପେଟପାଟଣା ଗୁଜୁରାଣ ମେଣ୍ଟେଇବା ପାଇଁ ସେ ଦାଦନ ଖଟିବାକୁ ବାହାରିଲା । ଏହାର ଜୀବନ୍ତ ଚିତ୍ର କ୍ରମଶଃ ଓଡ଼ିଆ ସାହିତ୍ୟରେ ଓ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଯେଉଁ ବାସ୍ତବ ରୂପ ଗ୍ରହଣ କଲା ତାହାର ମୁଖ୍ୟ ଉଦ୍ଦେଶ୍ୟ ହେଲା - ମଣିଷ ଗାଁଠୁ ଦୂରେଇଗଲାଠୁ ଗାଁର ଚିତ୍ର ବଦଳିଗଲା, ଗାଁର ଭିଟାମାଟି, ବୁଲା କୁକୁର, ଲଙ୍ଗଳା ଶିଶୁ ଓ ବିଧବା ସ୍ତ୍ରୀ ଏମାନଙ୍କ ଦ୍ୱାରା ଗାଁଡ଼ିହ ଆଉ ଘରଗୁଡ଼ିକ ଧୀରେ ଧୀରେ ବିଲୁପ୍ତ ହେଲା ଏବଂ ଘର ଧୋଇହୋଇ ପୁଣି ଭଙ୍ଗା କାନ୍ଥ ଠିଆ ହେଲା । ଧୀରେ ଧୀରେ ଜମିବାଡ଼ି ପଡ଼ିଆ ପଡ଼ିଲା, ଗାଁ ହେଲା ପୁରୁଷହୀନ । ଏହିଭଳି ଏକ ଯନ୍ତ୍ରଣାମୟ ଚିନ୍ତାଶୀଳ ଗ୍ରାମୀଣ ଅବସ୍ଥା ଯାହା ସ୍ୱାଧୀନତା ପରବର୍ତ୍ତୀ ସମୟରେ ପାଠକର ହୃଦୟକୁ ଦୋହଲାଇ ଦେଲା । ଏ ଚିତ୍ର ସ୍ୱାଧୀନତା ପୂର୍ବବର୍ତ୍ତୀଠାରୁ ପରବର୍ତ୍ତୀ ସମୟରେ ଏକ ସ୍ୱତନ୍ତ୍ର ଆବେଗ ସୃଷ୍ଟି କଲା ପାଠକ ଭିତରେ । ସେହି ଆବେଗଟି ପୂର୍ବରୁ ମଣିଷ ପାଖେ ଗାଁର ପ୍ରାଚୁର୍ଯ୍ୟରେ ରହିଥିଲା । ମଣିଷ ଗାଁ ଭିତରେ ରହି ଗାଁକୁ ଅନୁଭବ କରୁଥିଲା କିନ୍ତୁ ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଗାଁ ଛାଡ଼ିଦେବାର ଦୁଃଖ, ଗାଁକୁ ହରେଇବାର ଭୟ, ଗାଁକୁ ନଫେରିବାର ଦୁଃଖ ଏବଂ ଗାଁର ଅନ୍ତଃସାର ଶୂନ୍ୟ, ନିଃସଙ୍ଗତା ଚିତ୍ର କ୍ରମଶଃ ଓଡ଼ିଆ ନାଟକ, କବିତା, ଗଳ୍ପ ଓ ଉପନ୍ୟାସ ଆଦିକୁ ଆଚ୍ଛନ୍ନ କରିବାକୁ ଲାଗିଲା ।

ଏହା କ୍ରମଶଃ ଧୀରେ ଧୀରେ ଲୋକଙ୍କ ପାଖରେ ଅଧିକ ଉଜ୍ଜୀବିତ ହେବାକୁ ଲାଗିଲା ନୂତନ ରୂପରେ । ମଣିଷ କେବଳ ପେଟପାଟଣା ପାଇଁ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଦାଦନ ଖଟୁଥିଲା, କୌଳିକ

ବୃତ୍ତି ଛାଡ଼ିଲା, ଗାଁର ବିଲବାଡ଼ି ପଡ଼ିଆ ପଡ଼ିଲା କିନ୍ତୁ ୧୯୮୦/୯୦ ପରବର୍ତ୍ତୀ ସମୟରେ ଗାଁର ଚିତ୍ର ବଦଳିଗଲା କାରଖାନାରେ, ଶିଳ୍ପ ପ୍ରସାରଣରେ ଏବଂ ନଦୀନାଳକୁ ପୋତି ଦିଆଗଲା, ପୁଷ୍କରିଣୀକୁ ମଧ୍ୟ ପୋତି ଦିଆଗଲା ଗାଁର ବିକାଶ ପାଇଁ । କଂକ୍ରିଟ ସଡ଼କ ତିଆରି କରାଯାଇଛି, ଗାଁର ତୋଟା କାଟି ଦିଆଯାଇଛି, ଗାଁ ମଶାଣିରେ ବଡ଼ବଡ଼ ସୌଧ ନିର୍ମାଣ କରାଯାଇଛି । ତେଣୁ ଗାଁର ଯେଉଁ ବାସ୍ନା, ସୁଗନ୍ଧ, ଶ୍ରୀ ହରଣ ନୈସର୍ଗିକ ପ୍ରକୃତି ଥିଲା ତାହା ଧୀରେ ଧୀରେ ଅପସରିଗଲା । ତେଣୁ ଓଡ଼ିଆ ଗଳ୍ପ, ଉପନ୍ୟାସ ଆଦିରେ ଏହି ଚିତ୍ର କ୍ରମଶଃ ଆଧୁନିକ ରୂପ ଧାରଣ କଲା । ଆଧୁନିକ ସଭ୍ୟତା, ଆଧୁନିକ ସମାଜ, ଆଧୁନିକ ଶିକ୍ଷା, ଆଧୁନିକ ସଂସ୍କୃତି ଏସବୁର ପ୍ରଭାବ ଗାଁର ସୈଷ୍ଟବକୁ କ୍ରମଶଃ ଧ୍ୱଂସ କରି ଗାଁ ଉପରେ ଅଧା ସହରକୁ ଛିଡ଼ା କରିବାର ସ୍ୱପ୍ନ ଗାଁ ଲୋକଙ୍କ ଭିତରେ ଧୀରେ ଧୀରେ ଉଜ୍ଜୀବିତ କଲା । ଯେଉଁ ମଳିମୁଣ୍ଡିଆ ଗାଁରେ ପଡ଼ିରହିଥିଲେ ସେମାନେ ନା ହୋଇପାରିଲେ ସହରୀ ନା ହୋଇପାରିଲେ ଗାଁଉଲି । ଗୋଟିଏ ତ୍ରିଶଙ୍କୁ ଅବସ୍ଥାରେ ଛଟପଟ ହେଲେ ୧୯୦୦ ପରବର୍ତ୍ତୀ ସମୟରେ ଯେତେବେଳେ ଜଗତୀକରଣ ମୁଣ୍ଡ ଟେକିଥିଲା ଆମ ସମାଜରେ ସେତେବେଳେ ସମଗ୍ର ବିଶ୍ୱକୁ ଗୋଟିଏ ଗ୍ରାମରେ ପରିକଳ୍ପନା କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଅନୁଭୂତି ଆଣିବାପାଇଁ ଯେତେବେଳେ ଗଣମାଧ୍ୟମର ବ୍ୟବହାର ହେଲା, ବୈଦ୍ୟୁତିକ ଯନ୍ତ୍ରପାତିର ବ୍ୟବହାର ହେଲା ସେତେବେଳେ ପୃଥିବୀକୁ ଗୋଟେ ଗାଁ ଭିତରେ ପାଇଲେ ମାତ୍ର ଗାଁ ଭିତରେ ପୃଥିବୀକୁ ପାଇଲାବେଳେ ପୃଥିବୀ ଭିତରେ ଆମେ ଗାଁର ସୈଷ୍ଟବକୁ ହରାଇବସିଲେ । ଏହି ଦୁଃଖ ୨୦୦୦ ପରବର୍ତ୍ତୀ ସମୟରେ ଅଧିକ ଘନୀଭୂତ ହେଲା ଆଉ ଯାହା ଥିଲା ତାକୁ ପ୍ରକୃତି ଧ୍ୱଂସ କଲା। ୧୯୯୯ ଅକ୍ଟୋବର ୩୧ ତାରିଖ ମହାବାତ୍ୟାରେ ଗାଁର ଚିତ୍ର ସମ୍ପୂର୍ଣ୍ଣ ବଦଳିଗଲା । ଗାଁ ସମୁଦ୍ର ଓ ନଦୀ ଗର୍ଭରେ ଲୀନ ହେବାକୁ ଲାଗିଲା । ଗାଁର ପାରିବେଶିକ ପ୍ରକୃତି, ଗାଁର ଛୋଟିଆ କୁଟୀର, ଚାଳଘର, ଭଙ୍ଗାଡ଼ିହ ଇତ୍ୟାଦି ସବୁ ସମୁଦ୍ରର ଆଁ' ଭିତରେ ପଶିଗଲାଠୁ ଗାଁର ଚିତ୍ର ବଦଳିଗଲା । ସରକାର ସଚେତନ ହେଲେ ଏବଂ ଗାଁକୁ ପାରିବେଶିକ ଦୁର୍ବିପାକରୁ ବା ବିପର୍ଯ୍ୟୟରୁ ରକ୍ଷା କରିବା ପାଇଁ ସରକାର ଯେଉଁ ନୂତନ ଯୋଜନା କଲେ ସେଥିରେ ଗାଁକୁ ଇନ୍ଦିରା ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଗୃହନିର୍ମାଣ ଯୋଜନା ଅନ୍ତର୍ଭୁକ୍ତ କରାଯିବାର ଉଦ୍ଦେଶ୍ୟ ହେଲା - ପ୍ରତିଟି କଚାଘର ପରିବର୍ତ୍ତେ ପକ୍କାଘର ହବ, ଗାଁରେ କଂକ୍ରିଟ ରାସ୍ତା ତିଆରି ହବ ଏବଂ ଗାଁର ବିପର୍ଯ୍ୟୟକୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ଛୋଟ ଛୋଟ ନଦୀ, ପୋଖରୀ ଏସବୁକୁ ନୂତନ ମରାମତିଭଙ୍ଗୀରେ ତା'ର ବିଭିନ୍ନ ପରିବର୍ତ୍ତିତ ରୂପ ଦିଆଗଲା। ଏପରିକି ଗାଁର ରୂପକୁ ଦେଖେଇବା ପାଇଁ ଲୋକମାନେ ଆଉ ବାସ୍ତବ ଗାଁକୁ ଦେଖିପାରିଲେ ନାହିଁ ସେମାନଙ୍କୁ ଚିତ୍ର ଦ୍ୱାରା ପ୍ରଦର୍ଶନ କରାଗଲା (ହାଣ୍ଡିଶାଳ, ଢିଙ୍କିଶାଳ ଇତ୍ୟାଦି) । କ୍ରମଶଃ ବିଭିନ୍ନ ଯୋଜନା ଜରିଆରେ ଗାଁ ଯେଉଁ ଆଧୁନିକ ରୂପ ଗ୍ରହଣ କଲା, ଲୋକମାନଙ୍କ ଭିତରେ, ନୂତନ ପିଢ଼ି ପାଖରେ ଗାଁ ହୋଇଗଲା ସ୍ୱତନ୍ତ୍ର, ପୁରାତନ, ପ୍ରାଚୀନ ଆଉ ଗୋଟିଏ ସ୍ମାରକୀ ପାଲଟିଗଲା । ଏହି ସ୍ମାରକୀର ଦୁଃଖ ନୂତନ ପିଢ଼ି ପାଇଁ କେଁଉ ରୂପ ନେଇଛି ତାହା ପାଠକମାନେ ବୁଝିବେ।

ଏକବିଂଶ ଶତାବ୍ଦୀର ଉପନ୍ୟାସରେ ଗୋଟେ ବିରାଟ ପରିବର୍ତ୍ତନ ହୋଇନଥିଲେ ମଧ୍ୟ ଯେଉଁ ଛୋଟ ଛୋଟ ପରିବର୍ତ୍ତନ ହୋଇଛି, ତାହା ଭବିଷ୍ୟତରେ ଓଡ଼ିଆ ଉପନ୍ୟାସରେ ବିଚିତ୍ରତା ଓ ବିସ୍ମୟ ସୃଷ୍ଟି କରିବାର ପ୍ରତିଶ୍ରୁତି ଦିଏ ଓ ସମ୍ଭାବନା ସୃଷ୍ଟି କରେ । ନିଜ ପୂର୍ବସୁରୀମାନଙ୍କୁ ଆନ୍ତରିକତା ସହ ପଢ଼ିଥିଲେ ମଧ୍ୟ ତାଙ୍କ ଢାଞ୍ଚାରେ ନିଜକୁ ନ ପକାଇ ନିଜପାଇଁ ନିଜେ ଏକ ଢାଞ୍ଚା ତିଆରି କରିବାର ସଂକଳ୍ପ ଏକବିଂଶ ଶତାବ୍ଦୀର ଔପନ୍ୟାସିକଙ୍କ ମୁଖ୍ୟ ବୈଶିଷ୍ଟ୍ୟ । ତେଣୁ ସେମାନେ ହେଲେ- ଗୌରହରି ଦାସ, ସଂଯୁକ୍ତା ରାଉତ, ଶାନ୍ତି ମହାପାତ୍ର, ରଶ୍ମି ରାଉଳ, ସୁରେନ୍ଦ୍ର ନାୟକ, ପରେଶ କୁମାର ପଟ୍ଟନାୟକ, ମନୋଜ କୁମାର ମହାପାତ୍ର, ଭୀମ ପୃଷ୍ଟି, କୃପା ସାଗର ସାହୁ, ମମତାମୟୀ ଚୌଧୁରୀ, ସତ୍ୟପ୍ରିୟ ମହାଳିକ, ନବକିଶୋର ରାଜ, ବିଭୂତିଭୂଷଣ ପ୍ରଧାନ, ଇନ୍ଦିରା ଦାସ, ନିତ୍ୟାନନ୍ଦ ପଣ୍ଡା, ଭୂପେନ ମହାପାତ୍ର, ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ ପ୍ରମୁଖ ।

୨୦୦୦ ପରବର୍ତ୍ତୀ ସମୟରେ ଔପନ୍ୟାସିକମାନେ ଗାଁର ପାରିବେଶିକ ବା ଗ୍ରାମୀଣ ଚେତନାକୁ ଆଧାର କରି ଯେଉଁ ଉପନ୍ୟାସ ରଚନା କରିଛନ୍ତି ସେଗୁଡ଼ିକ ହେଲା - ଗୌରହରି ଦାସଙ୍କ 'ଏଇଠୁ ଆରମ୍ଭ', ସରୋଜିନୀ ସାହୁଙ୍କ 'ଗମ୍ଭୀରି ଘର ଓ ଦାଦନ', ଆଦିତେଶ୍ୱର ମିଶ୍ରଙ୍କ 'ଧାନ.. ଧାନ.. ଧାନ', ଅଖିଳ ନାୟକଙ୍କ 'ଭେଦ', ସତ୍ୟପ୍ରିୟ ମହାଳିକଙ୍କ 'କଭର ଷ୍ଟୋରୀ', କୃପାସାଗର ସାହୁଙ୍କ 'ଝରାପତ୍ରରେ ଝଡ଼', ରଶ୍ମି ରାଉଳଙ୍କ 'ଏଠି ଗୋଟେ ଗାଁ ଥିଲା', ଦାଶରଥି ନନ୍ଦଙ୍କ 'କାହାଣୀ ଇନ୍ଦ୍ରାବତୀର', ବିରଜା ମହାପାତ୍ରଙ୍କ 'ସାରିଆନାନୀ', ସଞ୍ଜୟ କୁମାର ମିଶ୍ରଙ୍କ 'ଦାଦନ ସୁନ୍ଦରୀ', ନିତ୍ୟାନନ୍ଦ ପଣ୍ଡାଙ୍କ 'ଗୋଟିଏ ଯୋଡ଼ି ଗାଁର କାହାଣୀ', ଜିତେଶ୍ୱରୀ ଦାଶଙ୍କ 'ଅସ୍ତିତ୍ୱ' ଏବଂ ସ୍ନେହଲତା ନାୟକଙ୍କ 'ଆଲୁଅ ଆଡ଼କୁ' ଇତ୍ୟାଦି ।

ଗାଁ ହଜିଯାଇଛି, ଗାଁ ଲୁଚିଯାଇଛି, ଗାଁ ଅପସରିଯାଇଛି କେତେବେଳେ ନଦୀ ଗର୍ଭରେ ପୁଣି କେତେବେଳେ ସମୁଦ୍ର ପାଟିରେ ପୁଣି କେତେବେଳେ ପାହାଡ଼ ଜଙ୍ଗଲର ଆଁ' ଭିତରେ ଏବଂ ସବୁଠୁ ବଡ଼ କଥା ହେଲା କଂକ୍ରିଟ ଜଙ୍ଗଲ ଗ୍ରାସ କରିଛି ଗାଁର ସୌନ୍ଦର୍ଯ୍ୟକୁ, ଗାଁର ଭିଟାମାଟିକୁ, ଗାଁର ଚାଳ କୁଡ଼ିଆକୁ, ଗାଁର ମଶାଣିକୁ । ଏହି କଂକ୍ରିଟ ଜଙ୍ଗଲ ଭିତରେ ମଣିଷ ଯେତେବେଳେ ଆଧୁନିକ ସଭ୍ୟତା ଆଡ଼କୁ ଧାଉଁଛି ନିଜକୁ ଆଧୁନିକ ମନେକରି ଏବଂ ସେତେବେଳେ ମଣିଷ ପାଦ ଉଠେଇ ଦେଇଛି ଗାଁ ଭିଟା ମାଟିରୁ ଆଧୁନିକତାର ନାଁରେ । ସେ ଛୁଇଁପାରିନି ଆକାଶ ଆଉ ଅଟକିଯାଇଛି ନଗରୀ ସଭ୍ୟତା ପାଖରେ । କୌଣସି ସହର, ନଗର, ଯାନ୍ତ୍ରିକ ସଭ୍ୟତା ଇତ୍ୟାଦି ମଣିଷକୁ ଶାନ୍ତି ଦିଏନି । ସେ ଶାନ୍ତିରେ ଥିଲା ଗାଁରେ କିନ୍ତୁ ମଣିଷ ପଛ କରିଦେଇଛି ଆଧୁନିକତା ଆଳରେ ।

# ଅଲକା ସାନ୍ୟାଲ୍:ଏକ କାବ୍ୟିକ ଆଲୋଡ଼ନ



ISSN-2583-6978
Volume-3
Issue-8
AUGUST-2023

**ଡ. ଶ୍ରୀବନ୍ତ କୁମାର ଦାଶ**

**ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**
**ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର**

ଆଧୁନିକ ଓଡ଼ିଆ କାବ୍ୟ ଜଗତରେ ସଚ୍ଚି ରାଉତରାୟଙ୍କ ପାଣ୍ଡୁଲିପି କବିତା ଗ୍ରନ୍ଥ ପ୍ରକାଶନର ସମୟ, ଏକ ପରିବର୍ତ୍ତନର ସମୟ ଥିଲା । ଓଡିଆ କବିତାର ଚରିତ୍ର ଓ ଦୃଶ୍ୟପଟ ପରିବର୍ତ୍ତିତ ହେବାର ସମୟ । ପ୍ରାଚୀନ କବିତାରେ, ସଂସ୍କୃତ ଆଳଙ୍କାରିକ ବିଚାର ଅନୁଯାୟୀ ନାରୀ ଚରିତ୍ରର ଅବତାରଣା ମୁଖ୍ୟତଃ ଶୃଙ୍ଗାର ରସାଶ୍ରୟୀ ଥିଲା । ରାଧାନାଥଙ୍କଠାରୁ ସତ୍ୟବାଦୀ ଯୁଗ ପର୍ଯ୍ୟନ୍ତ ପୌରାଣିକ ଐତିହାସିକ ଆଖ୍ୟାନ ସମ୍ବଳିତ କାବ୍ୟ କବିତାରେ ନାରୀ ଚରିତ୍ରର ନୂତନ ମୂଲ୍ୟାଙ୍କନର ଉଦ୍ୟମ ହୋଇଥିଲେ ହେଁ, ସେଗୁଡ଼ିକ ପରମ୍ପରା ବିମୁଖ ନଥିଲେ । ସବୁଜ ଯୁଗର ସ୍ରଷ୍ଟାମାନଙ୍କ ରଚନାରେ ପ୍ରେମ, ନାରୀ ଓ ଜୀବନ ପ୍ରତି ସଂସ୍କାରଶୂନ୍ୟ ସାହସିକ ଚିନ୍ତାକଳ୍ପ ପ୍ରବେଶ କଲା । ସବୁଜ ସମସାମୟିକ ସ୍ରଷ୍ଟାଙ୍କ ମଧ୍ୟରୁ କବି ମାନସିଂଙ୍କ ତରୁଣ ବୟସରେ ରଚିତ କବିତା ଗ୍ରନ୍ଥଗୁଡ଼ିକରେ, ପ୍ରଣୟିନୀ ନାୟିକାମାନଙ୍କ ମଧ୍ୟରେ ରୂପ ଓ ଅରୂପର ମିଳନ ଚିତ୍ର, ଦେହଜ ସୌନ୍ଦର୍ଯ୍ୟରୁ ଦେହାତୀତ ସୌନ୍ଦର୍ଯ୍ୟର ଆକର୍ଷଣ ପ୍ରକାଶ ପାଇଲା । ଯୁଦ୍ଧୋତ୍ତର କବିତାର ଉଦ୍‌ବର୍ତ୍ତନ ଧାରାରେ ସଚ୍ଚି ରାଉତରାୟଙ୍କ କବିତା 'ଅଳକାସାନ୍ୟାଲ୍' ଆଣିଦେଲା ଏକ ସଂପୂର୍ଣ୍ଣ ନୂତନ କାବ୍ୟିକ ଆଲୋଡ଼ନ ।

**ଅଳକାସାନ୍ୟାଲ-ସଚ୍ଚି ରାଉତରାୟ :**

ମୃତ୍ୟୁର ପରିବେଶ ମଧ୍ୟରେ ଯୁଦ୍ଧ ପରବର୍ତ୍ତୀ ଦୁଃସ୍ଥ ପୀଡ଼ିତ ଆତ୍ମାର ପ୍ରତୀକ ରୂପେ ନିଜେ ମୃତ୍ୟୁର ଅଗ୍ରଦୂତ ସାଜି ପ୍ରତିମା ନାୟକ ଆମ ଆଗରେ ଠିଆ ହେଲେ ମଧ୍ୟ ସେ ହସେ, ଓଠରେ ତା'ର ହସର ଆଭାସ ଓ ଥାଏ ସମ୍ଭାବନାର ଦ୍ୟୋତନା । ତା' ଭିତରେ ତା' ସ୍ୱରୂପକୁ ଆହୁରି ଖୋଜୁ ଖୋଜୁ କବିର ଆତ୍ମା ଏକ ସ୍ୱପ୍ନ ଚାରଣା ଭିତରେ ନୂତନ ଭାବେ ସନ୍ଧାନ ପାଇଥାଏ । ଅଳକା ସାନ୍ୟାଲର ସେହି ସନ୍ଧାନର ବ୍ୟାପ୍ତି ଯୁଗଯୁଗର ଅନାବଲୋକିତ ଅନ୍ଧକାର କାଟି କାଟି ବାହାରି ଆସିବାର ଏକ ଉଦ୍ଦାମ ଅଭୀପ୍‌ସା ବହନ କରିଚାଲେ । ତେଣୁ ଅଳକା ସାନ୍ୟାଲ ସହ ପ୍ରଥମ ସାକ୍ଷାତ ଏକ ରୋମାଣ୍ଟିକ୍ ଉଦ୍‌ଗମନ, ଏକ ସ୍ୱପ୍ନମୟ ପରିବେଶର ସଞ୍ଚାରଣ ।

**"ପ୍ରଥମେ ତୁମକୁ ଯେବେ ଦେଖିଥିଲି**
**ଅଳକାସାନ୍ୟାଲ**
**ବିଦେହର ରାଜପୁରେ, ଲକ୍ଷ ସ୍ୱର୍ଣ୍ଣ ହରିଣର ଛାଲ**
**ଛାଇଥିଲା ପୃଥିବୀରେ ଫଗୁଣର ଆଶ୍ଚର୍ଯ୍ୟ ଗୋଧୂଳି**
**ଦେଖିଛି କି ଦେଖିନାହିଁ ମନେମନେ ଯେବେ**
**ଭାବୁଥିଲି**
**ହଠାତ୍ ଯେ ହଜିଗଲ, ତୁମକୁ ମୁଁ କେତେଇ**
**ଖୋଜିଲି**
**ବହୁଦିନୁ, ବହୁଯୁଗ ଅନ୍ତେ ଯେବେ ଶେଷେ ଠାବ**
**କଲି ।"**

ପାଇ ମଧ୍ୟ ପୁଣି ହଜାଇ, ପୁଣି ଖୋଜିବୁଲିବାର ପ୍ରେରଣା ଭିତରେ କାବ୍ୟିକ ଭାବାବେଗ ଉଦ୍‌ବୁଦ୍ଧ କରେ । 'ଲକ୍ଷ ସ୍ୱର୍ଣ୍ଣ

ହରିଣର ଛାଲ', 'ଫଗୁଣର ଆଶ୍ଚର୍ଯ୍ୟ ଗୋଧୂଳି' ପରି ଶବ୍ଦାର୍ଥ ବା ବାକ୍ୟାଂଶର ପ୍ରୟୋଗ ରୋମାଣ୍ଟିକ୍ ଉତ୍ତେଜନା ସୃଷ୍ଟି କରିବା ସହ ହଠାତ୍ ହଜିଯିବାର ଇଙ୍ଗିତ ଏକ ଦୁଃଖଦ ପ୍ରତିବେଦନା ସୃଷ୍ଟି କରିଥାଏ। ଏଇଠୁ ଆରମ୍ଭ ହୁଏ କବିତାର ରସାତ୍ମକ ଆବେଦନ। ରୋମାଣ୍ଟିକ୍ ଆତ୍ମବିଶ୍ୱାସ ଅଳକା ସାନ୍ୟାଲରେ ପରିସ୍ଫୁଟ ହୁଏ ଏକ ଅନବଦ୍ୟ ଭାବ ତରଙ୍ଗରେ, ଯେତେବେଳେ ଆମେ ପଢ଼ିଥାଉଁ-

**ନିର୍ଜନ ପ୍ରାସାଦେ ଏକ ଝଲମଲ ଜଡ଼ଉସ୍ତଂଭରେ**
**ତୁମରି ଧର୍ଷିତ ଛାଇ ଫାଙ୍କିଦେଇ ଦୃଷ୍ଟି ପ୍ରଦୀପରେ**
**କ୍ଷଣିକେ ଉଭେଇଗଲା, କାହିଁ ଗଲ କାହିଁ ଗଲ ପୁଣି**
**ତୁମ ବିନୁ ଶୂନ୍ୟ ଦିଶେ ଧରଣୀର ବିଚିତ୍ର ଛାଉଣି।**

ଏଠାରେ ରହିଛି ଆତ୍ମିକ ରୋମାଣ୍ଟିକ କାବ୍ୟବିଳାସ ତଥା ଉନ୍ମାଦନାର ପ୍ରଚୁର ଇଙ୍ଗିତ ଏବଂ ରହିଛି ଅତୀତ ପ୍ରତି ମୋହଗ୍ରସ୍ତ ଅଭିଳାଷର ପରିଣତିହୀନ ପରିବ୍ୟାପ୍ତି। କବି ସମସାମୟିକ ଓ ଅତୀତ, ସ୍ୱପ୍ନ ଓ ବାସ୍ତବ, ପୁରାତନ ଓ ନୂତନ ମଧ୍ୟରେ ଥିବା ଆତ୍ମିକ ସଂଯୋଗର ସୂଚନା ଦେଇ ନୂତନ କାବ୍ୟିକ ସମ୍ଭାବନାର ସେତୁ ରଚନା କରିଗଲେ। 'ଅଳକାସାନ୍ୟାଲ'ର ଅପର୍ଯ୍ୟାପ୍ତ ରୋମାଣ୍ଟିକ୍ ପରିବ୍ୟାପ୍ତି ଶେଷରେ ବାସ୍ତବତାର ଇଙ୍ଗିତ, ଯେଉଁ ଯୋଗସୂତ୍ର ସ୍ଥାପନ କରିଛି ତାହା ଓଡ଼ିଆ କାବ୍ୟ ରାଜ୍ୟରେ ଏକ ଅଭିନବ ଅବତାରଣା। ଅଳକାସାନ୍ୟାଲ ପ୍ରତି କବିଙ୍କର ଅଭିଳାଷ ଅତୀତ ପ୍ରତି ଏକ ମୋହଗ୍ରସ୍ତ ଅଭିଳାଷ। ଯେଉଁ ଅଭିଳାଷର ପରିଣତି ନାହିଁ ଓ ଅଳକାସାନ୍ୟାଲକୁ ନ ପାଇବାଟା ହିଁ କବିମନର ଏକ ରୋମାଣ୍ଟିକ୍ ବିଳାସ। ଅଳକା ସାନ୍ୟାଲର ଐତିହାସିକ ସ୍ଥିତି କବିମନରେ ସୂକ୍ଷ୍ମ ରୋମାଣ୍ଟିକ୍ ଅଭିଯାନର ସୁଯୋଗ ଆଣିଦେଇଛି। ଚିତ୍ରରଥ ଗନ୍ଧର୍ବ ହାତରୁ ଉଦ୍ଧାର କରି କବି ପୌରୁଷ ଯେଉଁ ରୋମାଣ୍ଟିକ୍ ସ୍ୱାଦ ଆତ୍ମଗତ କରିଛି, ତାହା ହିଁ କାବ୍ୟିକ ପ୍ରେରଣା। ଅଳକାସାନ୍ୟାଲ ସହ କବିଙ୍କ ଆତ୍ମିକ ପରିଚୟ ଏପରି ନିବିଡ଼ ଯାହା କାଳାନ୍ତକ ସଂପର୍କରେ ଆଧାର ହୋଇଉଠିଛି। ପ୍ରଥମ ଦେଖାଠାରୁ ଅବଧିକାଳ ପର୍ଯ୍ୟନ୍ତ ଅଳକାସାନ୍ୟାଲ ହୋଇଉଠିଛି, ତାଙ୍କର ମାନସଲୁବ୍ଧ ସଂଗିନୀ। ହୁଏତ ଅପ୍ରାପ୍ତିର ଅତୃପ୍ତି ଭିତରେ ଯେଉଁ ନୈତିକ ସନ୍ତୋଷ ତାହା କବିଙ୍କର ଆନ୍ତରିକ ଶକ୍ତି। କବି ଅଳକା ସାନ୍ୟାଲକୁ ଅତୀତର ଅନ୍ଧକାର ମଧ୍ୟରୁ ମୁକ୍ତ କରି ବାସ୍ତବତାର ସ୍ୱଚ୍ଛ ଦିବାଲୋକରେ ଠିଆ କରାଇବାର ବାସନାକୁ ଦୃଢ଼ ରଖିଛନ୍ତି। ଏଠାରେ ସମୟର ଚୋରାବାଲିର ସୂଚନା ଦ୍ୱାରା ସ୍ୱପ୍ନ, କଳ୍ପନା, ଆଦର୍ଶ ଓ ବାସ୍ତବତା ମଧ୍ୟରେ କାଳାନ୍ତକର ରୁକ୍ଷତା ଓ ଶୁଷ୍କତା ହିଁ ସ୍ଥାୟୀ ସତ୍ୟ ରୂପେ ଠିଆ ହୁଏ। ଯୁଦ୍ଧୋତ୍ତର ଓଡ଼ିଆ କବିତାର ଶୈଳୀ, ଛନ୍ଦ, ଶବ୍ଦ ଗୁମ୍ଫନ ତଥା କାବ୍ୟ ରସିକ ପ୍ରାଣରେ ନୂତନ ମାନସିକତା ସୃଷ୍ଟି କରିବାରେ ସଚ୍ଚି ରାଉତରାୟଙ୍କ ଅଳକାସାନ୍ୟାଲ ଓଡ଼ିଆ କାବ୍ୟ ଚେତନାରେ ନୂତନ ଆଲୋଡ଼ନ ଖେଳାଇଦେଇଛି।

**ଅଳକାସାନ୍ୟାଲ-ଗୁରୁପ୍ରସାଦ ମହାନ୍ତି :**

ପରବର୍ତ୍ତୀ ପର୍ଯ୍ୟାୟରେ ଗୁରୁପ୍ରସାଦ ମହାନ୍ତିଙ୍କ 'ଅଳକାସାନ୍ୟାଲ' କବିତାର ପଠନ ଓ ଆଲୋଚନା ଆହୁରି ନୂତନ ସ୍ୱାଦ ଆଣିଦେଲା। ଗୁରୁ ମହାନ୍ତି ଅଳକାସାନ୍ୟାଲର ସାକ୍ଷାତ ପାଇଛନ୍ତି ସଂପୂର୍ଣ୍ଣ ଏକ ନୂତନ ପରିବେଶରେ। ଗୁରୁପ୍ରସାଦଙ୍କ କବିତାର ନାୟିକା ବର୍ତ୍ତମାନ କାଳର। ରାଉତରାୟଙ୍କ ନାୟିକା ସହିତ କବି ଗୁରୁପ୍ରସାଦ ପରିଚିତ ଓ ତାଙ୍କ କବିତା ଆରମ୍ଭ ହୋଇଛି ଏହି ପରିଚୟ ସୂତ୍ରରୁ। 'ତୁମକୁ ବା ସଚ୍ଚିବାବୁ ଦେଖିଥିଲେ କେବେ, ଜାଣେନାହିଁ ଅଳକାସାନ୍ୟାଲ'। ଏଠାରେ 'ଜାଣେ ନାହିଁ' ନିର୍ଲିପ୍ତ ମନୋଭାବ ସୂଚିତ କରୁଛି। କବି ଗୁରୁପ୍ରସାଦ ଅଳକାସାନ୍ୟାଲ ସହ ହଠାତ୍ ସାକ୍ଷାତର ସୂଚନା ନାହିଁ କିନ୍ତୁ ଅଛି ନାୟିକାକୁ ନୂତନ ପରିବେଶରେ ନୂତନ ଭାବରେ ଆବିଷ୍କାର କରି ଏକ ନୂତନ ପରିଚୟ ବାଢ଼ିବାର ମୋହ। ତେଣୁ ତାଙ୍କର ଅଳକାସାନ୍ୟାଲ ବାସ୍ତବ ଅନୁଭୂତିର ଲୌକିକ ପ୍ରତିମା। ସମସାମୟିକ ଚେତନାର ପୃଷ୍ଠପଟରେ ଯାହା ଆବଶ୍ୟକ ଥିଲା, ତାଙ୍କ କବିତା ସେହି ପ୍ରତିକ୍ରିୟା ସୃଷ୍ଟି କଲା। ରାଉତରାୟଙ୍କ ଅଳକାସାନ୍ୟାଲର ଚିତ୍ରକଳ୍ପ ପ୍ରୟୋଗରେ ରୋମାଣ୍ଟିକ୍ ନିବିଡ଼ତା ସ୍ପଷ୍ଟ ହୋଇଉଠିଥିବା ବେଳେ କବି ଗୁରୁପ୍ରସାଦଙ୍କ 'ବ୍ଲାଉଜ୍ ବୋତାମ', 'ଚା'-ଦାଗ', 'କାଉ ଆଉ ବାଦୁଡ଼ିର ଚେଁ ଚାଁ', 'କୋଇଲିର ଧୂଆଁ', 'ରିକ୍ସାବାଲାର ନିଶ', 'ଘୋଡ଼ା ଷ୍ଟ୍ରାପ୍', 'ବେଣୀ ଆଉ ଅସଂଯତ ଶାଢ଼ୀ' ଆଦି ବାସ୍ତବ ଓ ପାର୍ଥିବ ଜଣାପଡ଼େ। କବିଙ୍କ ଅଳକା ସାନ୍ୟାଲ ସହ ସାକ୍ଷାତର ପରିବେଶ ସୃଷ୍ଟି ହୋଇଛି- ଚା'ଖିଆ

ଟେବୁଲ୍ ପାର୍ଶ୍ୱରେ, ହୋଇପାରେ ତାହା କୌଣସି ଏକ ଡ୍ରଇଂରୁମ୍‌ରେ, ଘର ବା ହୋଟେଲ୍‌ରେ। ଏଠାରେ କାବ୍ୟପୁରୁଷ ଏକ ସଚେତନ ଆଧୁନିକ ରୁଚିର ନାୟକ ଓ ଅଳକାସାନ୍ୟାଲ ଆଧୁନିକ ଯୁଗର ନାୟିକା। ବେଶଭୂଷା, ଚାଲିଚଳନରେ ଆତ୍ମାର ସୌନ୍ଦର୍ଯ୍ୟ ତାତ୍ତ୍ୱିକ ବିବେଚନା ପରିବର୍ତ୍ତେ କୃତ୍ରିମତା ଓ ଯୌନ ଉଦ୍ଦୀପନାମୂଳକ ଆକର୍ଷଣର ଚିତ୍ର- ଯହିଁରେ ଉତ୍ତରଣ ହୁଏ ଗୋଟିଏ ମୁହୂର୍ତ୍ତର ବିଛଣାର ଅସଂଯତ ଉଲଗ୍ନତାରେ ଏବଂ ଅନ୍ୟ ମୁହୂର୍ତ୍ତରେ ଟାଉନ୍‌ହଲ୍ ସଭାର ଭାଷଣରେ।

କବି ଗୁରୁପ୍ରସାଦଙ୍କ ଅଳକାସାନ୍ୟାଲରେ ସୃଷ୍ଟି ହୋଇଛି ସଂଯୋଗ ଓ ବିଯୋଗର ଏକ ଗଭୀର ଓ ଆତ୍ମିକ ଦ୍ୱନ୍ଦ୍ୱ। ଅଳକାସାନ୍ୟାଲକୁ କରିଛି ଏକ ଦ୍ୱନ୍ଦ୍ୱମୁକ୍ତ ପ୍ରତିମା। ଆଧୁନିକ ଜୀବନର ବିଫଳତା ତଥା ପ୍ରତିଫଳିତ ଏକ ଶୂନ୍ୟତାର ସ୍ଥିତି ଉପଲବ୍ଧ କରାଯାଇପାରେ। ଜୀବନ ବିଫଳତାର ବିରକ୍ତିରେ ସାମୂହିକ ଚେତନା ଆଦି ପୀଡ଼ିତ ଓ ପୀଡ଼ନ ପ୍ରେମ ଜନିତ କ୍ଳିଷ୍ଟ ଜୀବନ। ତା'ପରେ ପ୍ରଲମ୍ବିତ ବକ୍ତବ୍ୟ ପତନର। ଏହିଠାରେ କବିଙ୍କ ନିଛକ ଜୀବନବୋଧ ଏକ ସାର୍ବଜନିକ ଆବେଗର ଆଶ୍ରୟ ନେଇ ହୋଇଉଠିଛି ପ୍ରଗଲ୍‌ଭ। ଆଜିର ଶତସହସ୍ର ଅଳକାସାନ୍ୟାଲ ଭଙ୍ଗା ନୂଆଖାଲିର ଧର୍ଷଣର ଜ୍ୱାଳାରୁ ବାହାରି ଆସି କଲିକତା, ନୂଆଦିଲ୍ଲୀ, କଟକର ଗଳିଗଳି, ଛକଛକରେ ନିଜର ରୁଗ୍‌ଣ ଜୀବନର ସଂଭୋଗ ସଂଭାର ବିଛାଇ ଲାଗିଛନ୍ତି। ଆଧୁନିକା ନାରୀର ବିଫଳ ନାରୀତ୍ୱର ଇସ୍ତାହାର ନିମ୍ନମତେ ଫୁଟିଉଠିଛି।

**"ତା ଭିତରେ ତୁମେ ପୁଣି**
**ପ୍ରେମ କର ଗର୍ଭବତୀ ହୁଅ**
**ସିନେମାର ହ୍ୟାଣ୍ଡବିଲ୍ ମୁଁ**
**ଦେଖିଛି ତୁମର ଦେହରେ**
**ପବନ ତୁମକୁ ଯେବେ**
**ଆସ୍ତେ ନିଏ ବାଲିରୁ ସାଉଁଟି**
**ମୁଁ ତୁମକୁ ସ୍ୱପ୍ନ ଦେଖେ ମୋର**
**ଢିଲା ପାଇଜାମା କାମିଜର ଅମରାବତୀରେ।"**

ଚିତ୍ରରଥ ଗନ୍ଧର୍ବର ଅପହରଣ, ନୂଆଖାଲିର ଧର୍ଷଣ ପରେ ବିଫଳ ନାରୀତ୍ୱ ପକ୍ଷରେ ଆଉ ଅବଶିଷ୍ଟ ଆକର୍ଷଣ ବୈଚିତ୍ର୍ୟ କ'ଣ ବା ରହିଛି ? ସେଇଠୁ କ୍ରମଶଃ ସେଇ ଜୀବନର ପୁନରାବୃତ୍ତି ଓ ବ୍ୟାପ୍ତି, ପ୍ରତ୍ୟେକ ସହରର ଛକରେ, ଗଳିରେ, 'ସିନେମାର ହ୍ୟାଣ୍ଡବିଲ୍ ପରି ଜୀବନର ବିଜ୍ଞାପନ, ଏହି ଜୀବନ ଯେଡ଼େ ଇତର, କୁତ୍ସିତ, କଦର୍ଯ୍ୟ ହେଉ ପଛକେ ତ ଜୀବନ। ତା' ଭିତରେ ତୁମେ ପୁଣି 'ପ୍ରେମକର ଗର୍ଭବତୀ ହୁଅ'- ଏହା ହିଁ ବାସ୍ତବ ଜୀବନର ଏକ ଯାନ୍ତ୍ରିକ ପ୍ରକ୍ରିୟା। ଏହିପରି ଏକ ବାସ୍ତବ ଜୀବନସତ୍ତା କବି ଅଳକାସାନ୍ୟାଲ ଭିତରେ ଦେଇଛନ୍ତି। ବିଫଳ ନାରୀତ୍ୱର ଛିନ୍ନ ସତ୍ତାକୁ ପବନ ରୂପରେ ସାଉଁଟି ନେଇ ଇତର ସାଧାରଣ କ୍ଳାନ୍ତ ଜୀର୍ଣ୍ଣ ରାସ୍ତାର ଧୂଳିକୁ କରିଛନ୍ତି ମହିମାମୁକ୍ତ ଓ ସ୍ୱପ୍ନମୟ। ନିଜର ଢିଲା ପାଇଜାମା କାମିଜ୍‌ର ଅମରାବତୀରେ ସେ ସ୍ୱପ୍ନର ସ୍ଥାୟୀ ସଂଚାରଣ କରି ଆଧୁନିକ ଜୀବନର ଅବସାଦକୁ ଢାଙ୍କି ଦେଇଛନ୍ତି, ଯାହାକି ହୃଦୟ ଓ ମନକୁ ସର୍ବାଧିକ ସ୍ପର୍ଶ କରେ। ସାଧାରଣ ମାନବର ଜୀବନବୋଧ ଏହିଠାରେ ହିଁ ପ୍ରତିଫଳିତ। କବି ଗୁରୁପ୍ରସାଦ ମହାନ୍ତିଙ୍କ ଅକଳାସାନ୍ୟାଲରେ ସୃଷ୍ଟି ହୋଇଛି ସଂଯୋଗ ଓ ବିଯୋଗର ଏକ ଗଭୀର ଓ ଆତ୍ମିକ ଦ୍ୱନ୍ଦ୍ୱ। ଅଳକାସାନ୍ୟାଲକୁ କରିଛି ଏକ ଦ୍ୱନ୍ଦ୍ୱମୁକ୍ତ ପ୍ରତିମା। ଆଧୁନିକ ଜୀବନର ତଥା ବିଫଳତା ତଥା ପ୍ରତିଫଳିତ ଏକ ଶୂନ୍ୟତାର ସ୍ଥିତି ଉପଲବ୍ଧ କରାଯାଇପାରେ।

❖❖❖

# ମନୁଷ୍ୟକୃତ କାର୍ଯ୍ୟକଳାପ ସୃଷ୍ଟ ପରିବେଶବାଦୀ ଗଳ୍ପ



ISSN-2583-6978
Volume-3
Issue-8
AUGUST-2023

**ହୀରାବତି ବିଶ୍ୱାଳ**

**ଗଂଗାଧର ମେହେର ବିଶ୍ୱବିଦ୍ୟାଳୟ,**
**ଅମୃତ ବିହାର,ସମ୍ବଲପୁର**
**ଫୋନ୍ ନଂ – ୭୬୦୬୦୩୩୦୯୩**

ଜୀବଜଗତର ମଣିଷ ହେଉଛି ସର୍ବଶ୍ରେଷ୍ଠ ବୁଦ୍ଧିଜୀବୀ ପ୍ରାଣୀ । ନିଜର ବୁଦ୍ଧି ଓ କାର୍ଯ୍ୟକୌଶଳ ଯୋଗୁଁ ସେ ଆଜି ଚନ୍ଦ୍ର ପୃଷ୍ଠରେ ପହଞ୍ଚି ସାରିଲାଣି । ଆଧୁନିକ ବିଜ୍ଞାନ କୌଶଳ ଯୋଗୁଁ ଅନେକ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିପାରିଛି । ମାତ୍ର ସେହି ଜ୍ଞାନ କୌଶଳ ଯେତିକି ସୁଖପ୍ରଦ ସେତିକି ବିପଦ ଆଡକୁ ଟାଣି ନଉଛି । ଆଧୁନିକ ଜୀବନ ଶୈଳୀରେ ଧାବିତ ମନୁଷ୍ୟର କାର୍ଯ୍ୟକଳାପ ଯୋଗୁଁ ପରିବେଶ ପ୍ରଦୂଷଣ କେବଳ ହେଉ ନାହିଁ ତା'ଦ୍ୱାରା ବାୟୁମଣ୍ଡଳରେ ପରିବର୍ତ୍ତନ ହେବ ସହ ଜୀବଜଗତରେ ମଧ୍ୟ ପ୍ରଭାବ ପକାଉଛି । ପ୍ରତିଯୋଗିତାମୂଳକ ଜୀବନ ଦୌଡରେ ମନୁଷ୍ୟ ଜାଣି ପାରୁନାହିଁ ତା'ର କାର୍ଯ୍ୟକଳାପ ହିଁ ତା'ର ମୃତ୍ୟୁର କାରଣ ପାଲଟୁଛି । କେତେ ବନ୍ୟା,ବାତ୍ୟା,ମରୁଡି ଭଳି ପ୍ରାକୃତିକ ବିପର୍ଯ୍ୟୟ ଆସିବା ସହ ବାୟୁମଣ୍ଡଳରେ ଅନିୟମିତ ବର୍ଷା ଖରାର ପରିବର୍ତ୍ତନ ଜନଜୀବନକୁ ଏକ ଭୟାବହ ପରିସ୍ଥିତିରେ ଆଣି ଛିଡା କରାଇ ଦେଇଛି । ବନୀକରଣ ନାଁରେ ପାଞ୍ଚଟି ଗଛ ଲଗାଇ ଫୋଟୋ ପୋଷ୍ଟ କରୁଛି ସୋସିଏଲ ମିଡିଆରେ,ମାତ୍ର ଜଙ୍ଗଲ ନଷ୍ଟ କରି ସେଠି ଛିଡା କରୁଛି ବଡ ବଡ କୋଠା,କଳକାରଖାନା । ନିଜର ଜୀବନକୁ ସରସ ସୁନ୍ଦର କରିବା ପାଇଁ ଅନେକ ଜନଜୀବନକୁ ବିପତ୍ତିର ମୁହଁରେ ଠେଲି ଦଉଛି । ନିକଟରେ ହୋଇଥିବା କରୋନା ମହାମାରୀ ପରି ଏନେକ ରୋଗ ତାକୁ ଗ୍ରାସ କରିଚାଲିଛି,ତା'ର ସମାଧାନର ପନ୍ଥା ମଧ୍ୟ ବାହାର କରି ପାରୁନାହିଁ । ପ୍ରକୃତି ଉପରେ ଏତେ ଦାଉ ସାଧିଲେ,ସେ ମଧ୍ୟ ଭୟଙ୍କର ତାଣ୍ଡବଲୀଳା ରଚିଥାଏ । କୃଷି ଦେଶର ମେରୁଦଣ୍ଡ,ମାତ୍ର ସେହି କୃଷିକାର୍ଯ୍ୟରେ ଏତେ କୀଟନାଶକ ଓ ଔଷଧ ପ୍ରୟୋଗ ତାହାର କଳନା କରିହେବ ନାହିଁ, କାରଣ ଗୋଟିଏ ଫଳ ବଢିବା ପାଇଁ ୫ ଦିନ ସମୟ ନେଉଥିବା ବେଳେ,ସାର ପ୍ରୟୋଗ ଯୋଗୁଁ ତିନିଦିନରେ ନିଜ ଆକାରରେ ଆସି ଯାଉଛି, ଯାହାକୁ ଖାଇ ମଣିଷ ମଣିଷ କ୍ୟାନସର ପରି ଅନେକ ରୋଗର ସମ୍ମୁଖୀନ ହେବାକୁ ପଡୁଛି । କେବଳ ଏତିକି ନୁହେଁ ଅନେକ ଜୀବଜନ୍ତୁକୁ ମାରି ନିଜର ତୃଷ୍ଣା ମେଣ୍ଟାଉଛି । ତାହା ପେଟର ଭୋକ ପାଇଁ ହେଉ ଅବା ବୃତ୍ତି ପାଇଁ,ସଉକ ପାଇଁ ହେଉ ଅବା ବ୍ୟବସାୟ ପାଇଁ । ପଶୁପକ୍ଷୀଙ୍କ ହତ୍ୟା ପାଇଁ ଜୀବଜଗତର ଅନେକ ପ୍ରଭାବ ପଡୁଛି ସେହିପରି ଅତ୍ୟଧିକ ଗାଡିମଟର ଚାଳନା ଦ୍ୱାରା କାର୍ବନ ଡାଇଅକ୍ସାଇଡ ଓ କାର୍ବନ ମନୋକ୍ସାଇଡ ଭଳି ବାଷ୍ପ ବାୟୁମଣ୍ଡଳରେ ମିଶି ପରିବେଶକୁ ପ୍ରଦୁଷିତା କରୁଛି । ସେହି ଗାଡିମଟର ଶବ୍ଦ ହେଉ ଅବା କଳକାରଖାନା ଯାନ୍ତ୍ରିକ ଶବ୍ଦ ଯୋଗୁଁ ମଣିଷ ଶ୍ରବଣଶକ୍ତି ହରାଇବା ସହ ଅନେକ ପଶୁପକ୍ଷୀ ମୃତ୍ୟୁର ଶିକାର ହେଇଛନ୍ତି । ବିଭିନ୍ନ ଅସ୍ତ୍ର ନିର୍ମାଣ,ଅନ୍ତରୀକ୍ଷକୁ ରକେଟ ପ୍ରେରଣ ହୁଏତ ଆଜିର ଦିନରେ ଦେଶପାଇଁ ଗର୍ବର ବିଷୟ ପାଲଟୁଛି,ମାତ୍ର ତା'ଦ୍ୱାରା ଉତ୍ପନ୍ନ ଗ୍ୟାସ ନିକଟବର୍ତ୍ତୀ ପରିବେଶକୁ କେତେ ମାତ୍ରାରେ ପ୍ରଭାବିତ କରୁଥିବ,ତାହା ଅନୁମେୟ କରିବା କଷ୍ଟସାଧ । ବିଭିନ୍ନ ଯାନ୍ତ୍ରିକ ସାମଗ୍ରୀ ଫ୍ରୀଜ୍,ମାଇକ୍ରୋ ଓଭେନ ଦ୍ୱାରା ନିର୍ଗତ ଗ୍ୟାସ ଦ୍ୱାରା ଓଜୋନ ସ୍ତର କମିବାରେ ଲାଗିଛି, ତାହା ଯୋଗୁଁ ଅତି ବାଇଗଣୀ ରଶ୍ମି ପୃଥିବୀ ପୃଷ୍ଠରେ ପଡି କ୍ୟାନସର ରୋଗର ମାତ୍ରାକୁ ବଢ଼ାଇବାରେ ଲାଗିଛି । ଏପରିକି ପଚାସଢ଼ା ଖାଦ୍ୟ ସାମଗ୍ରୀ,ଅଳିଆ ଆବର୍ଜନା,ପ୍ଲାଷ୍ଟିକର ବ୍ୟବହାର ଯୋଗୁଁ ଅନେକ ବିଷାକ୍ତ ବାଷ୍ପ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି । ପ୍ଲାଷ୍ଟିକ ବ୍ୟବହାରକୁ ସରକାର ଯେତେ ପ୍ରତିରୋଧ କଲେ ମଧ୍ୟ ମନୁଷ୍ୟ ଅମାନ୍ୟ ଯାହାଫଳରେ ସାମୁଦ୍ରିକ ଜୀବ,ମୃତ୍ତିକା ଭିତରେ ଥିବା ଜୀବ,ବାହ୍ୟ ଜଗତରେ ଥିବା ପଶୁପକ୍ଷୀ ଏବଂ ମାନବ ମଧ୍ୟ କ୍ଷତିସାଧନା ହେଉଛି । ମନୁଷ୍ୟ ଆଧୁନିକ ଜୀବନଶୈଳୀରେ ଚାକଚକ୍ୟପୂର୍ଣ୍ଣ

ବାତାବରଣରେ ବଞ୍ଚିବାକୁ ସଦାସର୍ବଦା ଚେଷ୍ଟାରତ । ସେ ପ୍ୟୁରିଫାଏ ପରି ବିଭିନ୍ନ ଯନ୍ତ୍ର ମାଧ୍ୟମରେ ଜଳକୁ ବିଶୋଧନକରି ପିଉଛି, ଏବଂ ବାହାରକୁ ଗଲେ ବୋତଲରେ ପାଣି ପିଉଛି । ତଥାପି କାହିଁକି ଅନେକ ରୋଗର ଶିକାର ହେଉଛି, କାରଣ ଯେତେବେଳେ ଘରେ ଥାଏ,ସେତେବେଳେ ବିଶୁଦ୍ଧ ଜଳ ପିଏ, ମାତ୍ର ହୋଟେଲ ଦୋକାନମାନଙ୍କରେ ମିଳୁଥିବା ପାଣି କ'ଣ ଶୁଦ୍ଧ ? ପ୍ରଥମତଃ ପ୍ଲାଷ୍ଟିକରେ ପାଣି ଭର୍ତ୍ତି ରହିଥାଏ ଦ୍ୱିତୀୟତଃ ତାହା କେତେଦିନରୁ ଭର୍ତ୍ତି ରହିଥାଏ ତାହା ମଧ୍ୟ ଆମେ ଜାଣି ନ ଥାଉ । କିନ୍ତୁ ଶୁଦ୍ଧଜଳ ଭାବି ସେସବୁକୁ ପିଏ ଥାଉ । କିନ୍ତୁ ଗାଁମାନଙ୍କରେ ଏସବୁ ସୁବିଧା ନ ଥାଏ । ଭାରତ ହେଉଛି ଗ୍ରାମ୍ୟ ବହୁଳ ଦେଶ ସେହି ଗାଁ ମାନଙ୍କରେ କୂଅ,ନଳକୂଅଁ ଜଳକୁ ହିଁ ଲୋକେ ପିଇଥାନ୍ତି । ବର୍ତ୍ତମାନ ଅନେକ ସ୍ଥାନରେ ପାଣି ଟାଙ୍କିର ବ୍ୟବସ୍ଥା କରାହେଇଛି ସରକାରଙ୍କ ବ୍ୟବସ୍ଥାକ୍ରମେ,ମାତ୍ର ସେହି ପାଣିଟାଙ୍କି ସଫା ହେବା ତା ଦୂରର କଥା ବ୍ଲିଚିଙ୍ଗ ପାଉଡର ମଧ୍ୟ ପକାଯାଇ ନ ଥାଏ ଏବଂ ସେହି ସଫା ଜଳକୁ ଲୋକେ ପିଏ ଅନେକ ରୋଗର ଶିକାର ହୋଇଥାନ୍ତି । ପୋଖରୀ ତୁଠରେ ଗୋରୁ ଗାଧେଇବା,କପଡା ପରିଷ୍କାର କରିବା,ପାଖରୀ ହୁଡାରେ ମଳତ୍ୟାଗ କରିବା,ପ୍ରଭୃତି କାର୍ଯ୍ୟ ଯୋଗୁଁ ଜଳ ପ୍ରଦୂଷିତ ହେଉଅଛି । ସହରରେ ଥିବା ନାଳନର୍ଦ୍ଦମାରେ ମଇଳା ଆବର୍ଜନା ରହିବା ଯୋଗୁଁ ତାହା ଠିକ ଭାବରେ ନିଷ୍କାସନ ହୋଇପାରୁନାହିଁ, ଯାହାଦ୍ୱାରା ଡେଙ୍ଗୁ,ମ୍ୟାଲେରିଆ,ଟାଇଫଏଡ ପରି ରୋଗର ଶିକାର ହେଉଛି ମଣିଷ । ଏହିପରି ବିଭିନ୍ନ ମନୁଷ୍ୟକୃତ କାର୍ଯ୍ୟକଳାପ ରହିଛି ଯାହାଦ୍ୱାରା ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ଗାଳ୍ପିକ ସେହି ମଣିଷ ଓ ପରିବେଶକୁ ନେଇ କାହାଣୀ ମାଧ୍ୟମରେ ଆଜି ଆଜି ଆମକୁ ସଚେତନ ବାର୍ତ୍ତା ଦେବା ସହ ସୁଗମ ପଥର ଯାତ୍ରୀ ହେବାରେ ସାହାଯ୍ୟ କରୁଛି । ଗାଳ୍ପିକ ପରିବେଶବାଦୀ ଗଳ୍ପରେ ମାନବାକୃତ କାର୍ଯ୍ୟକଳାପ ଯୋଗୁଁ ସୃଷ୍ଟ ବିପର୍ଯ୍ୟୟ ସହିତ ବାୟୁମଣ୍ଡଳର କିପରି ପରିବର୍ତ୍ତନ ହେଉଛି ତାହା କାହାଣୀ ମାଧ୍ୟମରେ ଦର୍ଶାଇଛି । ତେବେ ଏକବିଂଶ ଶତାବ୍ଦୀର ଗାଳ୍ପିକଗଣ କେବଳ ପରିବେଶବାଦୀ କାହାଣୀକୁ ଦର୍ଶାଇ ନାହାନ୍ତି ତା'ରି ମାଧ୍ୟମରେ ଶିକ୍ଷଣୀୟ ବାର୍ତ୍ତା ମଧ୍ୟ ଦେଇଛନ୍ତି । ତେବେ ମନୁଷ୍ୟକୃତ କାର୍ଯ୍ୟକଳାପ ଯୋଗୁଁ ସୃଷ୍ଟ ପରିବେଶବାଦୀ ଗଳ୍ପଗୁଡିକୁ ନିମ୍ନମତେ ଆଲୋଚନା କରାଯାଇପାରେ।

ବୃକ୍ଷ ଆମ ଜୀବନଶୈଳୀରେ ଏକ ଆବଶ୍ୟକୀୟ ଅଙ୍ଗ, ଯାହା ନ ହେଲେ ହୁଏତ ବଞ୍ଚିବା ଅସମ୍ଭବ,ମାତ୍ର ତା'ର ବିନାଶ କରି ଆମେ ଆଧୁନିକତାରେ ମାଡିଚାଲୁଛେ । ବିସ୍ଥାପନ ସହରୀକରଣ ନାଁରେ ଜଙ୍ଗଲ ନଷ୍ଟ କରି ଚାଲୁଛେ, ଯାହାଫଳରେ ଜଳବାୟୁ ଅନିୟମିତତା ସହ ବିଭିନ୍ନ ରୋଗର ସମ୍ମୁଖୀନ ହେଉଅଛୁ । ଜଙ୍ଗଲ ନଷ୍ଟ କରି କୋଠା,କଳକାରଖାନା ତିଆରି କରୁଛେ,ମାତ୍ର ମୁକ୍ତ ଜଳବାୟୁ ପାଇଁ ସହର ବାହାରକୁ ବୁଲିବାକୁ ଯାଉଛେ । ସେହିପରି ଅନେକ ଦୈନନ୍ଦିନ ଜୀବନରେ ଗଛ କିପରି ଜଡିତ ଅଛି, ଏବଂ ତା'ର ବ୍ୟବହାର ଓ ନଷ୍ଟରେ ମଣିଷର ଅବସ୍ଥା କ'ଣ ହେଉଛି,ତାକୁ ଦର୍ଶାଇବା ପାଇଁ ଗାଳ୍ପିକମାନେ ଆଜି ତତ୍ପର ହେଉଛନ୍ତି । ତେବେ ଏହି ଚେତନାକୁ ଲୋକଲୋଚନକୁ ଆଣିବା ପାଇଁ ଗାଳ୍ପିକ ରାଜେଶ ପୂଜାରୀ ରଚନା କଲେ 'ଆମ୍ବ ଗଛ' । ମନୁଷ୍ୟ ଓ ବୃକ୍ଷର ଏକ ମଧୁର ସମ୍ପର୍କରେ ଗାଥା ହେଉଛି 'ଆମ୍ବ ଗଛ' । ଯେଉଁଠି ଏକାକୀ ପାଇଁ ପାଲଟି ଯାଉଛି ସମ୍ପର୍କର ସେତୁ,ଅଜାଡ଼ି ଦେଉଛି ସ୍ନେହ ମମତାର ଭାବଧାରା । ନଦୀବନ୍ଧ ଦୁର୍ଘଟଣାରେ ନେତର ସ୍ୱାମୀ ଓ ପୁଅ ଚାଲି ଯାଇଛନ୍ତି , ସେହି ଆମ୍ବ ଗଛ ହିଁ ତା'ର ସାହାରା ପାଲଟିଛି । ଲେଖକଙ୍କ ଭାଷାରେ - ଆମ୍ବଗଛ ତା' ଜୀବନ ...... ଆଖିରେ ଆଖିରେ ଆଖିରେ ସବୁଜ ସପନ .... ହୃଦୟ ସ୍ପନ୍ଦନ । ସତ କହିବାକୁ ଗଲେ ବିଶ୍ୱାସ ହୁଏନି ଏପରି ସମ୍ପର୍କ,ମାତ୍ର ଯିଏ ଅନୁଭବୀ ସେ ହିଁ ମାପିପାରିବ ଏହାର ଗଭୀରତା ବନ୍ଧନକୁ । ସେହି ଆମ୍ବଗଛ ମଣିଷକୁ କ'ଣ ବା ନ ଦେଇଛି,ପଥିକାକୁ ଛାଇ,ଭୋକିଲାକୁ ଫଳ,ଗାଁ ଆରମ୍ଭରୁ ତା'ର ଅବସ୍ଥିତିରେ ସୁନ୍ଦର ପରିବେଶ,ସବୁକିଛି ମନଲୋଭା ଓ ଆତ୍ମୀୟ ଗଛକୁ ଆଘାତ ହେବ ଭଳିଆ କାର୍ଯ୍ୟ କାହାକୁ କରିବାକୁ ଦେଉ ନ ଥିଲା । ଏ ସମ୍ପର୍କକୁ ବୋଧହୁଏ ନଜର ଲାଗିଗଲା । ଗ୍ରାମ୍ୟ ସଡକ ଯୋଜନାରେ ରାସ୍ତା କଡ଼ରେ ଥିବା ଗଛ ଗୁଡିକୁ କଟାଇଦିଆଗଲା, ସେଥିରେ ସାମିଲ ଥିଲା ନେତାର ଆମ୍ବ ଗଛ । ସେ ପ୍ରତିବାଦ କରିଛି,ଆର୍ତ୍ତ ଚିତ୍କାର କରିଛି ମାତ୍ର କିଏ ବା ଶୁଣେ ତା'ର ବେଦନାଶକ୍ତ ଜୀବନ ସ୍ୱର । ଆମ୍ବ ଗଛକୁ କାଟି ଦିଆଯିବା ପରେ ନେତର ଜୀବନ ମଧ୍ୟ ଚାଲିଗଲା । ଆଧୁନିକତାର ଚଳାକଚଲ୍ୟରେ ମଣିଷ ଜାଣି ପାରୁନାହିଁ ବୃକ୍ଷର ମାହାତ୍ମ୍ୟ, ବୁଝିପାରିନି ତା'ର ଅବଦାନର ସ୍ୱରୂପ। ତେଣୁ ଆଜି ଭୟଙ୍କର ବନ୍ୟା ବାତ୍ୟା ବିଭିନ୍ନ ରୋଗର ଶିକାର ହୋଇ ମୃତ୍ୟୁ ମୁଖରେ ପଡୁଛି । ସରକାରୀ ଯୋଜନାରେ ହୁଏତ ଅନେକ ରାଜରାସ୍ତା ନିର୍ମାଣ ହେଉଥିବ,କିନ୍ତୁ ଶହ ଶହ ବର୍ଷର ବୃକ୍ଷକୁ କାଟି ବିପଦକୁ ନିଜେ ଆମନ୍ତ୍ରଣ କରୁଛି ଆଜିର ମଣିଷ, ଯାହାଫଳରେ ଜୀବନ ରୋଗଜରାଗ୍ରସ୍ତ ହେବା ସହ ମାନସିକ ଚାପର ସମ୍ମୁଖୀନ ହେଉଛି ।

ସୁଲୋଚନା ଦାସଙ୍କ ରଚିତ 'ଆମ୍ବ ଗଛ'ଏକ ଭିନ୍ନ ସ୍ୱାଦର ରଚନା । ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତା ଦ୍ୱାରା ମନୁଷ୍ୟର ମାନସିକ ପରିବର୍ତ୍ତନ ହେବାରେ ଲାଗିଛି । ନିଜର ସୁଖ ସୁବିଧା ପାଇଁ ପଶୁ ପକ୍ଷୀ, ଆତ୍ମୀତ ସ୍ୱଜନ ଏପରିକି ଆପଣାର ମଣିଷର ମାନଙ୍କଠାରୁ ମଧ୍ୟ ଦୁରେଇ ଯାଉଛି । ଏହିପରି ଏକ କଥାବସ୍ତୁକୁ ନେଇ ସୁଲୋଚନା ଦାସଙ୍କ 'ଆମ୍ବ ଗଛ' ଗତିଶୀଳ । ଉକ୍ତ ଗଳ୍ପର ମୁଖ୍ୟ ଚରିତ୍ର ମୀନାକ୍ଷୀ ଯିଏ ଜର୍ଜ ସାହେବଙ୍କର ଅଲିଅଳି କନ୍ୟା,ବଡହେଲା ପରେ ତା'ର ବିବାହ ସମାପନ ହେଇଛି ଏବଂ ତା'ର ପୁତ୍ର ସନ୍ତାନ ଟିଏ ଜନ୍ମ

ଲାଭ କରିଛି । ମୀନାକ୍ଷୀର ସ୍ୱାମୀଙ୍କ ଦେହାନ୍ତ ହୋଇଛି,ପୁଅ ବିବାହ କରିଛି ଏଲିନା ନାମ୍ନୀ ଏକ କନ୍ୟାକୁ, ଯିଏ ଶ୍ୱଶୁର ଘରକୁ ଆସିଲା ପରେ ପୂର୍ବରୁ ଲଗାଯାଇଥିବା ଆମ୍ବ ବଗିଛକୁ କାଟି ସେଠି କୋଠା ନିର୍ମାଣ କରିବାକୁ ଚାହିଁଛି ମାତ୍ର ଶାଶୁଙ୍କ ପ୍ରତିବାଦ ଯୋଗୁଁ ତା'ର ଯୋଜନା କାର୍ଯ୍ୟକାରୀ ହୋଇନାହିଁ । ତେଣୁ ତାଙ୍କ ପୁଅ ବୋହୁ ତାଙ୍କୁ ଏକାକୀ ଛାଡି ସହରକୁ ଚାଲିଯାଇଛନ୍ତି । ଏହା ହେଉଛି ଆଜିର ସମାଜର ବାସ୍ତବ ଚିତ୍ର । ଆଧୁନିକ ମଣିଷ ଆଡ଼ମ୍ବରପୂର୍ଣ୍ଣ ଜୀବନ ବଞ୍ଚିବା ଆଳରେ କେତେ ଜିନିଷ ନଷ୍ଟ କରିଚାଲିଛି ତା'ର କଳନା କରି ହୁଏ ନାହିଁ । ଏଲିନା ଭଳି ଅନେକ ବୋହୂ ଓ ଝିଅ ବଡ କୋଠା ନିର୍ମାଣ କରି ଏ.ସି. ଭିତରେ ରହିବାକୁ ପସନ୍ଦ କରୁଛନ୍ତି ସତ,ମାତ୍ର ଅବସର ସମୟରେ ସହର ବାହାରକୁ ଯାଉଛନ୍ତି ମୁକ୍ତ ବାୟୁ ପାଇଁ । ସେମାନେ ଆଧୁନିକ ଜୀବନ ବଞ୍ଚିବା ଛଳରେ ପ୍ରଦୂଷିତ ପରିବେଶକୁ ଡାକି ଆଣୁଛନ୍ତି ।

ସେହିପରି 'ବରଗଛ ନେଇ ଗପଟି' ଗାଳ୍ପିକ ପ୍ରକାଶ କୁମାର ପରିଡାଙ୍କ ରଚିତ ଏକ ଭିନ୍ନ ଧରଣର ଗଳ୍ପ । ଗଳ୍ପର ନାୟକ କଲି ଜେନା ଅଠର ବର୍ଷ ବୟସରେ ବିବାହ କରି ନ ଥିବାରୁ ଗାଁ ଲୋକେ ତାକୁ ବୁଢା ବର ବୋଲି କହୁଥିଲେ । ତେଣୁ ସେ ତିନୋଟି ପୂଜିତ ବରଗଛର ଚାରା ଆଣି ଗଛ ଗୁଡିକର ଯତ୍ନ ନେଇଛି । ଯାହାଦ୍ୱାରା ସେହି ଗଛ ବଡ ହେଲେ ବୁଢା ବରଗଛ ବୋଲି ଲୋକେ କହିବେ ଆଉ ତାକୁ ବୁଢାବର ବୋଲି ଲୋକେ ଡାକିବେ ନାହିଁ । ସେହି ତିନୋଟି ବରଗଛର ବିଶେଷତ୍ୱ ଥିଲା ସେମାନେ ଏକା ଥରକେ ପତ୍ରଝଡ଼ା ଦେଉ ନଥିଲେ, ତେଣୁ ଲୋକେ ସେହି ଗଛରୁ ପତ୍ର ଗୋଟେଇବା ସହ ଅନେକ ଉପକାର ପାଉଥିଲେ । କିନ୍ତୁ ସହରୀ ସଭ୍ୟତାର ପ୍ରଭାବରେ ଦୁଇଟି ବୃକ୍ଷକୁ କାଟି ଦିଆଗଲା ଏବଂ ତୃତୀୟ ବୃକ୍ଷଟି ୧୯୭୧ ମସିହାର ମହାବାତ୍ୟାରେ ଉପୁଡି ପଡିଲା । ବିଶ୍ୱାସ ହେଉ ଅବା ଅନ୍ଧ ବିଶ୍ୱାସ ଗଛରେ ରହିଛି ଅନେକ କାହାଣୀ ଓ ଶିକ୍ଷା । ଆଧୁନିକ ମଣିଷ ଜଙ୍ଗଲ ସଫା କରି ଉଚ୍ଚ ପ୍ରସାଦ ନିର୍ମାଣ କରୁଛି ସତ ମାତ୍ର ରଜପର୍ବ ପରି ଅନେକ ପର୍ବରେ ଗଛର ଆବଶ୍ୟକତା ନିଶ୍ଚୟ ପଡିଥାଏ । ଗଛକୁ ହୁଏତ କେତେକ ଦେବତା ରୂପେ ପୂଜା କରନ୍ତି, ମାତ୍ର ତା'ର ଅବଦାନ ଲୋକ ଜୀବନ ସମର୍ପିତ,ତାକୁ ଅନୁମାନ କଲେ ସେ ହେଉଛି ଜୀବନ୍ତ ଦେବତା । ବୃକ୍ଷ ଛେଦନ ନ କରି ବୃକ୍ଷ ରୋପଣ କରିବା ନୀତିରେ ସମସ୍ତେ ଅଗ୍ରସର ହେବ ଦରକାର,ତେବେଯାଇଁ ଆମ ଜୀବନରେ ଆସୁଥିବା ବନ୍ୟା ବିପ୍ରାତ ପରି ପ୍ରାକୃତିକ ବିପର୍ଯ୍ୟୟରୁ ଆମେ ଉଦ୍ଧାର ପାଇ ପରିବା ।

ପ୍ରକୃତି ଆମ ଜୀବନ ଧାରାରେ ଚାଲି ଆସୁଥିବା ଏକ ପ୍ରବହମାନ ସ୍ରୋତ ସଦୃଶ । ପ୍ରକୃତି ଆମ ପାଇଁ ସାଜିଥାଏ ଆବଶ୍ୟକୀୟ ସାମଗ୍ରୀର ଗନ୍ତାଘର,କିନ୍ତୁ ମଣିଷ ସେହି ପ୍ରକୃତିକୁ ନିଜ ହାତରେ ନଷ୍ଟ କରି ଚାଲିଛି । କୃତିମ ଜିନିଷରେ ଅଭ୍ୟସ୍ତ ହୋଇ ପ୍ରାକୃତିକ ତଥା ପ୍ରକୃତି ନିଷ୍ଠ ଜୀବନ ଶୈଳୀରୁ ଦୁରେଇ ଯାଉଛି । ତେବେ ଏହି ପ୍ରକୃତିର ରୂପ ଚିତ୍ରକୁ ନେଇ ଗଢି ଉଠିଛି 'ଅଜସ୍ର ଫୁଲର ଉପତ୍ୟକା' ଗଳ୍ପ ଯାହା ମୃତ୍ୟୁଞ୍ଜୟ ସଡଙ୍ଗୀଙ୍କ ଦ୍ୱାରା ରଚିତ ଏକ ଶୀକ୍ଷଣୀୟ ଗଳ୍ପ । ବୃଦ୍ଧ ବାପା ପୁଅର ଦୈନନ୍ଦିନ ବ୍ୟସ୍ତବହୁଳ ଜୀବନଶୈଳୀକୁ ଦେଖି ଅତିଷ୍ଠ ହୋଇ ପଡିଛନ୍ତି, ସହରୀ ସଭ୍ୟତାର ଏକ ନିଛକ ଚିତ୍ର ଏଠି ପ୍ରତିଫଳିତ । ପୁଅର ପେଟ ବାହାରି ପଡୁଛି ଶୋଇବା ଓ ଖାଇବା ପିଇବାର ସମୟାନୁବର୍ତ୍ତିତା ନାହିଁ,ଜୀବନର ଧାଁଧପଡରେ ତା'ର ଜୀବନ କଟି ଯାଉଛି । ପ୍ରତିଯୋଗିତା ମୂଳକ ସମାଜ ଜୀବନରେ ନିଜ ପାଇଁ ସେ ସମୟ ବାହାର କରି ପାରୁ ନାହିଁ । ତେଣୁ ବାହ୍ୟ ପ୍ରକୃତି ଜଙ୍ଗଲକୁ କିଛିଦିନ ଅତିବାହିତ କରିବା ପାଇଁ ପ୍ରସ୍ତାବ ଦେଇଛି, କିନ୍ତୁ କାର୍ଯ୍ୟ ବ୍ୟସ୍ତତା ହେତୁ ସେ ଯାଇପାରିନାହିଁ । ପିତାର ମୃତ୍ୟୁ ପରେ ସେ ଯାଇଛି ପ୍ରକୃତିର ଶୋଭାକୁ ଉପଭୋଗ କରିବା ପାଇଁ,ଯିବାର କାରଣ ତାର ବାପା ମୃତ୍ୟୁ ପୂର୍ବରୁ ଚିଠିରେ ଲେଖି ଯାଇଥିଲେ ଯେ ତାଙ୍କର ଅସ୍ଥି ପାହାଡ ଉପରେ ଥିବା ନଦୀରେ ବିସର୍ଜନ କରାଯିବ । ତେଣୁ ବାପାଙ୍କ ଶେଷ ଇଚ୍ଛାକୁ ପ୍ରତ୍ୟାଖ୍ୟାନ ନ କରି ସେ ଯାଇଛି ପାହାଡର ମନଲୋଭା ପ୍ରକୃତିକୁ । ସେଠି ବୁଝି ପାରିଛି ସହରୀ ସଭ୍ୟତା ଓ ପ୍ରକୃତିର ମୁକ୍ତ ପାଣି ପବନର ପାର୍ଥକ୍ୟ । ତେଣୁ ମଣିଷ ସହରୀକରଣ,ପ୍ରତଯୋଗିତାମୂଳକ ଜୀବନରୁ ଦୁରେଇ ପ୍ରକୃତି କୋଳରେ ବଞ୍ଚିବାକୁ ଚେଷ୍ଟା କରିବା ଦରକାର ନାକି ଜଙ୍ଗଲ ସଫା କରି ଚାରି କୋଠରୀ ଭିତରେ ଜୀବନ ବିତାଇ ଦେବା । ତେଣୁ ଲେଖକ ଆଧୁନିକ ମାନବ ସମାଜକୁ ଚେତେଇ ଦେଇଛନ୍ତି ପ୍ରକୃତିକୁ ନଷ୍ଟ ନ କରି ତା'ର ମହାନତାକୁ ସ୍ୱୀକାର କରି ସୁରକ୍ଷା ଦିଗରେ ଅଗ୍ରସର ହେବ ଉଚିତ ।

ମାନବ ଓ ପଶୁକୁ ନେଇ ତିନୋଟି ପରିବେଶବାଦୀ ଗଳ୍ପ ଏଠାରେ ଉଲ୍ଲେଖ କରାଯାଇ ପାରେ । ଜୀବଜଗତରେ ପଶୁ ପକ୍ଷୀ ନ ହେଲେ ଖାଦ୍ୟଶୃଙ୍ଖଳାରେ ବିଭ୍ରାଟ ଦେଖାଦେବ, ଏପରିକି ଜଙ୍ଗଲ ନଷ୍ଟ ହେବାର ମୁଖ୍ୟ କାରଣ ପଶୁପକ୍ଷୀଙ୍କ ବିଲୁପ୍ତ ହେବା । ମଣିଷ ନିଜର ବୁଦ୍ଧିବଳରେ ମହାବଳ ବାଘକୁ ମଧ୍ୟ ଆଜି କାରାରୁଦ୍ଧ କରି ରଖି ପାରୁଛି ଏବଂ ନିଜର ଅର୍ଥ ଉପାର୍ଜନର ମାଧ୍ୟମ ରୂପେ ତାକୁ ବ୍ୟବହାର କରୁଛି । ଏପରି ଅନେକ ପଶୁପକ୍ଷୀ ଅଛନ୍ତି, ଯାହାଙ୍କର ଶରୀରର ଅଙ୍ଗ ବିଭିନ୍ନ ଔଷଧ ରୂପେ ବ୍ୟବହାର ହେବା ସହ ଅନେକ ଉପଯୋଗୀ ସାମଗ୍ରୀ ତିଆରି ହୋଇଥାଏ । ତେଣୁ ବନ୍ୟା ସୁରକ୍ଷା ଅଧିକାରୀଙ୍କ ଉପସ୍ଥିତି ସତ୍ତ୍ୱେ ପଶୁପକ୍ଷୀଙ୍କୁ ହତ୍ୟା କରା ଯାଉଛି । ତେବେ ଆଲୋଚନାରେ ତିନୋଟି ଗଳ୍ପ 'ବାଘ ଓ ମଣିଷ', 'ବାଘ ଶିକାର', ଓ 'ମାଙ୍କଡ ଦିଆଶି'କୁ ଏଠାରେ ଉଲ୍ଲେଖ କରାଯାଇପାରେ।

ପରେଶ କୁମାର ପଟ୍ଟନାୟକଙ୍କ ଦ୍ୱାରା ରଚିତ ' ବାଘ ଓ ମଣିଷ' ଗଳ୍ପରେ ପଶୁ ମଧ୍ୟରେ ଥିବା ମାନବପ୍ରତି ସହାନୁଭୂତି ଏଠାରେ

ଉଲ୍ଲେଖ କରିଛନ୍ତି । ଗୋଟିଏ ପିଲାକୁ ପିତାମାତାଙ୍କ ଠାରୁ ଗାଳି ଶୁଣି ଘର ଛାଡି ଚାଲି ଆସିଛି ଏବଂ ନିକଟବର୍ତ୍ତୀ ଚିଡ଼ିଆ ଖାନାରେ ଥିବା ବାଘ ପଞ୍ଜରାରେ ଡେଇଁ ପଡିଛି ଆତ୍ମହତ୍ୟା କରିବାକୁ । ସେଠାକୁ ଡେଇଁ ପଡିଲା ପରେ ବାଘ ତାକୁ ଖାଇ ନାହିଁ । ଏଠାରେ ବାଘର ମାନସିକ ଚିନ୍ତନର ପ୍ରତିପ୍ରକାଶ ଘଟିଛି । ପଞ୍ଜରା ବାହାରେ ଥିବା ମଣିଷ ମାନଙ୍କର ରଙ୍ଗଢଙ୍ଗୀ,ତାକୁ କିପରି କାରାରୁଦ୍ଧ କରିଛନ୍ତି ନିଜର ସଉକ ମେଣ୍ଟାଇବା ପାଇଁ, ସେମାନଙ୍କ ତାଚ୍ଛଲ୍ୟ ହସ ପ୍ରଭୃତିକୁ ଏଠାରେ ଉଲ୍ଲେଖ କରିଛନ୍ତି । ପଶୁ ହେଲେହେଁ ସେମାନଙ୍କ ତ ପୁଣି ଜୀବନ ଅଛି । ମଣିଷ ମନୋରଞ୍ଜନ ପାଇଁ ପଶୁପକ୍ଷୀଙ୍କୁ ବନ୍ଦୀ କରି ରଖୁଛି ମାତ୍ର ତାରି ପ୍ରଭାବରେ ପରିବେଶ କେତେ ପ୍ରଭାବିତ ହେଉଛି ତା'ର କଳନା କରି ପାରୁନାହିଁ । ତେଣୁ ବନ୍ୟଜନ୍ତୁ ସୁରକ୍ଷା କରିବା ପ୍ରତି ମାନବର କର୍ତ୍ତବ୍ୟ, ଯାହାଦ୍ୱାରା ପରିବେଶ ସନ୍ତୁଳନ ରକ୍ଷା ହେବା ସହ ଉତ୍ତମ ଜୀବନ ଯାପନରେ ସୁଖପ୍ରଦ ହେଇପାରିବ । 'ମାଙ୍କଡ ଦିଆଶି' ଗଳ୍ପଟି ମାଙ୍କଡ ନାଚକୁ ନେଇ ଗୋଟିଏ ପଶୁର ମନୋବୃତ୍ତିକୁ ଏଠାରେ ବର୍ଣ୍ଣନା କରାଯାଇଛି । ମାଙ୍କଡ଼ଟିଏ ତା'ର ମାଲିକର ଅର୍ଥ ଉପାର୍ଜନ ପାଇଁ ସାହାର୍ଯ୍ୟ କରେ ନାଚି ବା ନାଟକରି,ମାତ୍ର ସେହି ନାଟର ତାଲିମରେ ସେ ବହୁତ ଦଣ୍ଡ ମଧ ପାଇଛି । ମନୁଷ୍ୟ ନିଜର ଲାଭଖୋର ମନୋବୃତ୍ତି ନେଇ ପଶୁପକ୍ଷୀଙ୍କ ଉପରେ ଜୁଲୁମ କରି ପୋଷା ମନାଉଛନ୍ତି ଏବଂ ପେଟପାଟଣା କରୁଛନ୍ତି । 'ମାଙ୍କଡ ଦିଆଶି' ନିତ୍ୟାନନ୍ଦ ମହାପାତ୍ରଙ୍କ ଦ୍ୱାରା ରଚିତ ଏକ ସାର୍ଥକ ଗଳ୍ପ । ମାଲିକ ମାଙ୍କଡକୁ ତାଲିମ ଦେଇ,ନାଟ ଶିଖାଇ ଅର୍ଥ ଉପାର୍ଜନ କରେ,ମାତ୍ର ଯେତେବେଳେ ତା'ର ପତ୍ନୀ ତାକୁ ଛାଡି ଚାଲି ଯାଇଛି ସେହି ମାଙ୍କଡ ହିଁ ତା'ର ସୁଖ ଦୁଃଖର ସାଥି ପାଲଟିଛି । ମାଙ୍କଡକୁ ବାଡେଇ ନାଟକ ଶିଖାଇ ଯେଉଁ ପତ୍ନୀ ପାଇଁ କେତେ ଜିନିଷ ଆଣୁଥିଲା ସେ ଆଜି ଛାଡି ଚାଲି ଯାଇଛି କିନ୍ତୁ ଯାହାକୁ ଦଣ୍ଡ ଦେଉଥିଲା ସେ ତା'ର ଜୀବନ ଯାତ୍ରାରେ ସାଥି ପାଲଟିଛି । ପରିବେଶ ଓ ପଶୁପକ୍ଷୀ ଆମ ଦୈନନ୍ଦିନ ଜୀବନରେ ବହୁତ ଉପକାର ସାଧନା କରନ୍ତି, ତେଣୁ ତାଙ୍କ ପ୍ରତି ସହାନୁଭୂତି ଓ ସଦୁପଯୋଗ ବ୍ୟବାର ପ୍ରଦର୍ଶନ କଲେ ସେମାନେ ମଧ ଆମ ଜୀବନ ପଥରେ ସାଥି ହୋଇ ଚାଲିବେ ।

'ବାଘ ଶିକାର' ଗଳ୍ପଟି କଇଳାଶ ପଟ୍ଟନାୟକଙ୍କ ଦ୍ୱାରା ରଚିତ ଗଳ୍ପ । ଗାଁରେ ବାଘ ଆକ୍ରମଣ ଯୋଗୁଁ ଲୋକେ ଅତିଷ୍ଠ ହୋଇପଡୁଥିଲେ;ମାତ୍ର ଗୋଟିଏ ଯୋଜନା ହେଲା ନିଜକୁ ଜଣେ ଦିନରାତି ବାଘ ଆସିବାର ଖବର ଦେବା,ବାଘକୁ ଯୋଗିରଖିଥିବା । ଜଣେ ବ୍ୟକ୍ତି ଜଗିବା ପାଇଁ ଯାଇଛି, ସେଠାକୁ ବାଘ ଆସି ଗୋଟିଏ ବଳଦ ବା କୌଣସି ପଶୁକୁ ଖାଇ ଚାଲି ଯାଉଥିଲା । ସେହି ବ୍ୟକ୍ତିଟି ଲୋକଙ୍କୁ ଡାକିଥାଏ,କିନ୍ତୁ ଲୋକଙ୍କ ଆସିବା ପର୍ଯ୍ୟନ୍ତ ବାଘଟି ସେଠୁ ଚାଲି ଯାଇଥାଏ, ଏମିତି ଦୁଇଥର ହେବା ପରେ ଲୋକେ ସେହି ବ୍ୟକ୍ତିର କଥାକୁ ଅବିଶ୍ୱାସ କଲେ ଯାହାଫଳରେ ରାତିରେ ବାଘ ଗାଁକୁ ଆସି ଅନେକ ଜୀବନ ନେଇଗଲା । ଏହି ଗଳ୍ପଟି ହୁଏତ କ୍ଷୁଦ୍ର,ମାତ୍ର ଏଥିରେ ରହିଛି ଅନେକ ଶିକ୍ଷଣୀୟ ବିଷୟବସ୍ତୁ । ମଣିଷ ଜଙ୍ଗଲ ନଷ୍ଟ ନ କରି ପଶୁ ସୁରକ୍ଷାରେ ମନୋନିବେଶ କଲେ ଏପରି ପରିସ୍ଥିତି ଉପନ୍ନ ହେବ ନାହିଁ ।

ସୁତରାଂ ପରିବେଶ ସହିତ ମାନବ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ପରିବେଶ ସମୃଦ୍ଧି ହେଲେ ମାନବର ଉନ୍ନତି ହୋଇପାରିବ । ତେଣୁ ଏକ ଶୃଙ୍ଖଳିତ ପରିବେଶ ଗଠନରେ ଜନସମାଜ ଅଗ୍ରସର ହେଲେ ବାତାବରଣରେ କାଳାତିପାତ କରିପାରିବ । ପରିବେଶବାଦୀ ଗଳ୍ପ ମଧରେ ଆଦିକନ୍ଦ ସାହୁଙ୍କ 'ବୃକ୍ଷ ଦେବତା', ଦେବବ୍ରତ ମଦନରାୟଙ୍କ 'ସହରୀ ସୂର୍ଯ୍ୟର ଖରା', ନଳିନୀକାନ୍ତ ପଣ୍ଡାଙ୍କ ' ସ୍ୱଚ୍ଛ ଭାରତ', ପ୍ରଦୋଷ ମିଶ୍ର 'ଯନ୍ତ୍ର ମଣିଷ' ପ୍ରଭୃତି ରଚନା ମାନଙ୍କରେ ମାନବାକୃତ କାର୍ଯ୍ୟକଳାପ ଯୋଗୁଁ ପରିବେଶ କିପରି ନଷ୍ଟ ଭ୍ରଷ୍ଟ ହେବାରେ ଲାଗିଛି ଏବଂ ତାହାର ପରିଣାମ ସ୍ୱରୂପ ସେ କିପରି ବିଭିନ୍ନ ବିପତ୍ତିର ସମ୍ମୁଖୀନ ହେଉଛି ତାହା ଉଲ୍ଲେଖ କରାଯାଇଛି । ମାନବକୃତ କାର୍ଯ୍ୟକଳାପ ଯୋଗୁଁ ଯଦି ପରିବେଶ ପ୍ରଦୂଷିତ ହେଉଛି ତେବେ ସେହି ମାନବ ଚାହିଁଲେ ପରିବେଶର ଛାୟାକୁ ମଧ ପରିବର୍ତ୍ତନ କରି ପରିପାରିବ । ଏହିପରି ଅନେକ ଗଳ୍ପ ରହିଛି ଯାହା ମଣିଷର କାର୍ଯ୍ୟକଳାପକୁ ଦର୍ଶାଇ ସେଥିପ୍ରତି ସଚେତନ ହେବାକୁ ଆଗେଇ ଆସିଛି । ତେଣୁ ପରିବେଶର ସୁରକ୍ଷା ଦିଗରେ ମୋର ଗବେଷଣାର ବିଷୟବସ୍ତୁକୁ ଉପସ୍ଥାପନା କରି ମଣିଷର ମାନସିକତାରେ କିପରି ପରିବର୍ତ୍ତନ ହୋଇପାରିବ ତାହାର ଏକ ଛୋଟିଆ ପ୍ରୟାସ । ଆଜିର ଗାଳ୍ପିକଗଣ କେବଳ ଗଳ୍ପରେ କାହାଣୀ କିମ୍ବା ମନୋରଞ୍ଜନ ଧର୍ମିତା ନ ଦର୍ଶାଇ ପରିବେଶ ପ୍ରଦୂଷଣ ଓ ସଚେତନର ବାର୍ତ୍ତା ଦେଉଛନ୍ତି, ଏଥିରେ ଦ୍ୱିରୁକ୍ତି ନାହିଁ ।

**ସହାୟକ ଗ୍ରନ୍ଥସୂଚୀ**


(୧) ମିଶ୍ର,ପ୍ରଦୋଷ : ଯନ୍ତ୍ର ମଣିଷ,ଫ୍ରେଣ୍ଡ୍ସ ପବ୍ଲିଶର୍ସ,ବିନୋଦ ବିହାରୀ, କଟକ,ପ୍ରଥମ ସଂସ୍କରଣ,୨୦୧୯

(୨) ଦାସ,ସୁଲୋଚନା : ଏକ ପ୍ରାର୍ଥନାର ସ୍ୱର,ବିଦ୍ୟାପୁରୀ, କଟକ, ପ୍ରଥମ ପ୍ରକାଶ,୨୦୧୭

(୩) ପଟ୍ଟନାୟକ, ଡ.କଇଳାଶ : ସତ ଏକଶତ,ଫ୍ରେଣ୍ଡ୍ସ ପବ୍ଲିଶର୍ସ, ବିନୋଦ ବିହାରୀ,କଟକ,ପ୍ରଥମ ସଂସ୍କରଣ,୨୦୦୪

(୪) କଥା ପତ୍ରିକା : ୨୦୧୭, ଡିସେମ୍ବର


❖❖❖

# ଶୁକବିଳାସ



ISSN-2583-6978
Volume-3
Issue-8
AUGUST-2023

**କାଳୀଚରଣ ଦାସ**

**ଭୁବନେଶ୍ୱର**

ନିଦରୁ ଉଠି ଅନ୍ତତଃ ଶହେଥର ମନେ ମନେ ଘୋଷି ହୋଇଥିବେ ବାସୁ ପାଇକେରାଏ; ମୁଁ ନିଶ୍ଚେ ଭୋଟ ଦେବି ମୋ ପସନ୍ଦରେ। ଜୀବନକାଳ ଭିତରେ କିଛି ନ ହେଲେ ଦଶ ବାରଥର ଭୋଟ ଦେଇ ସାରିଥିବା ପାଇକେରା ଏଥର କାହିଁକି ଅଧିକ ଉତ୍ତେଜନା ଅନୁଭବ କରୁଥିଲେ। ଭୋଟ ଦେବାର ଆବଶ୍ୟକତାଠାରୁ ସେ ବେଶି ବୁଝିସାରିଛନ୍ତି ଯେପରି। ମାସେ ହେଲା ତାଙ୍କ ପାଇଁ ଗୋଟାଏ ପାଠ ହୋଇସାରିଛି ଓ ଶୁଆ ଭଳି ରଟୁଛନ୍ତି: ମୁଁ ଭୋଟଦେବି ମୋ ପସନ୍ଦରେ।

କେତେବେଳେ ଭୋଟ ଦେବାକୁ ଯିବେ। ସକାଳେ, ଦ୍ୱିପହରେ କି ଛାଇନେଉଟା ଚିନ୍ତା କରି ନିଷ୍ପତ୍ତି ନେଲେ ଉପରବେଳା ଯିବେ। ସକାଳେ ପେଟ ତାଟୁଣିଆମାନେ ଭୋଟ ଦେଇ କାମକୁ ଯିବେ, ସ୍ତ୍ରୀ ଲୋକମାନେ କାମଧାମ ରନ୍ଧାବଢ଼ା ସାରି ଏଗାରଟା ପରେ, ପେଟ ଶିତଳିଆ ପୁରୁଷମାନେ ଖରାବେଳେ ଏମିତି ଭିଡ଼ କରିବେ ଲମ୍ବା ଲାଇନ ପଡିଯିବ। ଫାଙ୍କା ହେବ  ପ୍ରାୟ ତିନିଟା ପରେ। ଜାଣି ଶୁଣି ସମୟ ସୁଯୋଗଥାଇ ତ ଅନେକ ଲୋକ ଭୋଟ ଦେଉନାହାନ୍ତି। ସେଥିପାଇଁ ଦି' ମାସ ହେଲା ଧୁମ୍ ପ୍ରଚାର ଚାଲିଛି ସମସ୍ତେ ଭୋଟ ଦିଅନ୍ତୁ। ଭୋଟ କାହିଁକି, କ'ଣ ପାଇଁ ଏବଂ ଭୋଟାଧିକାର ପ୍ରୟୋଗର ତାତ୍ପର୍ଯ୍ୟ ନେଇ ଦେଶରେ ଜନସଚେତନତା ଉଦ୍ରେକ ପାଇଁ ଜୋରଦାର ଉଦ୍ୟମ ଚାଲିଛି।

ମୁଢ଼ି ଚା' ଖାଇ ପାଇକେରାଏ ଦୁଲିବୋଉକୁ କହିଲେ  ତୁ ଗାଧୋଇ ପାଧୋଇ ଦଶଟା ପରେ ଯାଇ ଭୋଟ ଦେଇ ଆସିବୁ। ମୁଁ ଯାଉଛି ବିଲ ଦି'ପା ପାଣି ମଡେଇ ଦେଇ ଆସୁଛି। ଖାଇପିଇ ଘଣ୍ଟାଏ ବିଶ୍ରାମ ପରେ ଉପରଓଳି ଭୋଟ ଦେବାକୁ ଯିବି। ମୂଲିଆ ମଜୁରିଆ ଅଭାବ ହେବା ଦିନୁ ବୟସ ଭାର ପିଙ୍ଗି ଦେଇ ସବୁ କାମକୁ ଏମିତି ଅଣ୍ଟା ଭିଡ଼ି ସେ ବାହାରି ପଡୁଛନ୍ତି।

ଯେତେ ତରତର ହେଲେ ବି ବାସୁ ପାଇକେରାଏଙ୍କ କାମ ସରୁ ନଥାଏ। ବୁଧବାର ପାଣି ଦେଉଥିଲେ, ଦିନେ ଦିଇଟାରେ ବିଲ ଫାଟି ଆଁ କରିଛି, ତତଲା କଡେଇ ଭଳି ଶୋଷି ନେଉଛି ପାଣି। ତିନି ପୁରୁଷର ଏ ଆଖୁ କିଆରୀ ମାଣକ ପ୍ରତି ବଡ଼ ମାୟା ପାଇକେରାୟଙ୍କର! ତାଙ୍କ ପାଇଁ ଦି' ଚାରି ଘଣ୍ଟାର ପାଠ ଭାବିଥିଲେ ସିନା, ହେଲେ କାମ ସରୁ ସରୁ ସୂର୍ଯ୍ୟ ଆସି ମୁଣ୍ଡ ଉପରେ।

ମୁଣ୍ଡଫଟା ଖରାକୁ ତତଲା ପବନ। ନଈରେ ପାଞ୍ଚ ସାତଟା ବୁଡ଼ା ମାରି ଦେଇ ଘରେ ପହଞ୍ଚିଲାବେଳକୁ ଚମଡ଼ା ପୋଡି ହୋଇଯାଉଛି। ଦିହ ଝାଇଁ ଝୋଲା ମାରିଯାଉଛି। ଭୋକରେ ପେଟ ଜଳୁଛି। ଲୁଗା ବଦଳି କଥାବାର୍ତ୍ତା ନାହିଁ, ଯାଇ ବସିଗଲେ ପଖାଳ କଂସା ପାଖରେ। ଗ୍ରାସେ ଠୁଙ୍କ ଦେଲେ ପାଇକେରାଏ। ବାରିଦୁଆର କବାଟ ମେଲାଇ ସପ ଖଣ୍ଡେ ପାରି ଲମ୍ବ ହୋଇଗଲେ ଯେ ଜ୍ଞାନଗୋଚର ନାହିଁ। ନିଦ ଭାଙ୍ଗିଲାବେଳକୁ ସମୟ ତିନିଟା ଉପରେ। ମୁହଁ ହାତ ଧୋଇ ଜାମାଯୋଡ଼ ହେଲେ। ଗ୍ଲାସେ ପାଣି ପିଇ ଦେଇ ଭୋଟ ପରିଚୟ ପତ୍ର ମାଗିଲେ ଦୁଲିବୋଉକୁ। ଏରୁଣ୍ଡି ଡେଇଁବା ଆଗରୁ ପଚାରିଲେ- ତୁ ଭୋଟ ଦେଇଛୁ କି ନାହିଁ? ଦୁଲିବୋଉ କହିଲା- ମୁଁ ପଡିଶାଘର କାଞ୍ଚନନାନୀଙ୍କ ସଂଗେ ସେଇ ଏଗାରଟା ବେଳୁ ଯାଇ ଭୋଟ ଦେଇ ଆସିଛି। ପାଇକେରାଏ ପଚାରିଲେ- କେଉଁ ଚିହ୍ନରେ ଭୋଟ ଦେଲୁ? ଦୁଲିବୋଉ କହିଲା ମୁଁ ଭୋଟ ଦେଇଛି ମୋ ପସନ୍ଦରେ'। ବାସୁ ପାଇକେରାଏ ମନେ ମନେ ହସିଲେ ଓ ଭାବିଲେ- ଯାହା ହେଉ।

ଦାଣ୍ଡଦୁଆରେ ପହଞ୍ଚି ଦେଖିଲେ ଛଅ ସାତଟା ଟୋକା  କ୍ଲବ୍‌ଘର ସାମ୍ନାରେ ବସି ଭୋଟ ଚାଳିଶା ପାଠ କରୁଛନ୍ତି। ସବୁଗୁଡାକ ବେକାର ଅଧାପାଠୁଆ। ଘାସକୁ ଲମ୍ବ ପାଳକୁ ଛୋଟ। ଖାଲି ଚାକିରି କରିବେ, କୁଳବେଉସା କରିବେନି। ଚାକିରି ଏବେ କୋଉ ଗଛରେ ଫଳୁଛି ଯେ ସେମାନେ ବୃଷଭକୁ ଅନେଇ ବସିଛନ୍ତି। ହେଲେ କିଛି ନ କରି ବି ବେଶ୍ ଫିଟ୍‌ଫାଟ୍। ସାଇ ଗହଳି ଯେ କାହିଁରେ କ'ଣ, ଦୁଆରୁ ବାହାରି ପଡୁ ପଡୁ ପଚାରିଦେଲା ଶଙ୍କରା ପଧାନ ପୁଅ ରମେଶ

'ଦାଦା କ'ଣ ଭୋଟ ଦେବାକୁ'? ମୁଣ୍ଡ ଟୁଙ୍ଗାରିଲେ ବାସୁ ପାଇକେରାଏ। ଏଥର ରମେଶ ପଚାରିଲା: କାହାକୁ ଦେବେ? ମୁଣ୍ଡ ଟେକି ଚାହିଁଲେ ଗୋଟାଏ ମୁରବି ଠାଣିରେ ପାଇକେରାଏ। ଏଭଳି ଅବାଞ୍ଛିତ ପ୍ରଶ୍ନରେ ତାତି ଆସୁଥିଲେ ବି ନିଜକୁ ସମ୍ବରଣ କରି କହିଲେ: ମୁଁ ଭୋଟ ଦେବି ମୋ ପସନ୍ଦରେ। ଏଥର ତିନି ଚାରିଟା ଟୋକାଙ୍କର ମିଳିତ ସ୍ୱର; ଇଏ କିମିତି କଥା, 'ଆମେ ଭୋଟ ଦେବା ଆମ ପସନ୍ଦରେ। ଯିକିଏ ଚଢାଗଳାରେ କହିଲେ ବାସୁଦେବ; ମୁଁ ଭୋଟ ଦେଇ ଦେଇ ବୁଢ଼ା ହେବାକୁ ବସିଲାଣି, ମୋତେ ପାଠ ପଢାଉଛ। ନାଇଁ ଯେ କଳା, କହିଲା ରମେଶ ଜେନା ପୁଅ ଯେ ଭୋଟ ଦେବା ପଛରେ କ୍ଲବ୍ ଘର, ହାଇସ୍କୁଲ ଗ୍ରାଣ୍ଟ, ଜିମାଣିଆ ପୋଲ, ଭାଗବତ ଟୁଙ୍ଗି, ବାଲିଘାଟ ମକଦ୍ଦମା କେତେ କ'ଣ ର୍ନିଭର କରୁଛି। ଆମ ସମସ୍ତଙ୍କର ଭୋଟ ଜଣକ ମୁହଁରେ ଗଲେ ସିନା ହେବ। ହୁଁ ମାରି ଦେଇ ଆଗକୁ ବଢି ସାରିଥିଲେ ପାଇକେରାଏ। ପଛରୁ କିଏ ଜଣେ ପାଟିକଲା ଛତାରେ ଦେବେ ଛତାରେ। ନିଜକୁ ନିଜେ କହିଦେଲେ ବାସୁଦେବ ତମ ପକେଟ ଏଇନେ ଗରମ ଅଛି, ପେଟରୁ କେତେ ବୁଦ୍ଧି ବାହାରିବ।

ସାହି ମୁଣ୍ଡକୁ ବାହାରିଲାବେଳକୁ ଦେଖିଲେ ଦାମ ଗୁଡିଆ ଚା' ଦୋକାନ ସାମ୍ନାରେ ଡଜନେ ଖଣ୍ଡେ ଲୋକଙ୍କ ଗହଳି। ଭୋଟ ଆଗପଛ ଦି' ତନି ମାସ ବେପାରରୁ ସେ ବର୍ଷକ ରୋଜଗାର ଅଣ୍ଟିରେ ପୂରାଇବେ। ଏବେ ସମସ୍ତେ ତାର ଦାମୀ ଖରିଦଦାର। ସମସ୍ତଙ୍କ ପକେଟରେ ପୁଳା ପୁଳା ନୋଟ।  ଭୋଟ ମାନେ ତ ନୋଟ। ମହାଲକ୍ଷ୍ମୀଙ୍କ ଅବାଧ ଆତଯାତ। ସାନ ବଡ଼ କୁଜି କେମ୍ପା ନେତା, ସେମାନଙ୍କ ଚେଲା ଚାମୁଣ୍ଡାଙ୍କ ପକେଟରେ ଏବେ ଯାହାକୁ ଯେତେ। ହାଫ ନେତା ହୋଇ ସାରିଥିଲା ଭୀମ ପରିଡ଼ା ପଚାରିଲା– କଅଣ ଭୋଟ ଦେବାକୁ ବାହାରିଲେ ଭାଇ। ହଁ କରିବାକୁ ପାଇକେରାଙ୍କୁ ସୁଯୋଗ ନଦେଇ ଚା' ଟିକିଏ ହୋଇଯାଉ କହି ଏକ ପ୍ରକାର ବାଟ ଓଗାଳି ଠିଆ ହୋଇଗଲା ବ୍ଲକ୍‌ରେ ନୂଆ ଠିକାଦାରୀ କରୁଥିବା  ସନା ଦଳେଇ। କଥା ଭାଙ୍ଗି ପାରିଲେନି ପାଇକେରାଏ। ଭଲରେ ମନ୍ଦରେ, ବେଳ ଅବେଳରେ ଏମାନେ ପାଖରେ ଯାଇ ଠିଆ ହୋଇଯାଉଛନ୍ତି। ବେଞ୍ଚରେ ଜାଗା ଟିକିଏ ପାଇ ସେ ବସିଗଲେ। ଗ୍ଲାସେ ସ୍ପେଶାଲ ଚା' ହାତକୁ ଆସିବା ଏବଂ ତାକୁ ନିଃଶେଷ କରିବା ଭିତରେ  ପାଇକେରାଏ ଭୋଟ ମହାଭାରତର କେତେ ଅଧ୍ୟାୟ ଶ୍ରବଣ କରିସାରିଥିଲେ। ସମସ୍ତଙ୍କ ମୁହଁରେ ନେତା ସୁଲଭ ବଚନାମୃତ। ବୟସରେ ତାଙ୍କଠାରୁ ସାତ ସାନ ହୋଇଥିଲେ ବି ତାଙ୍କୁ ପରୋକ୍ଷରେ ଦିଶା ନିର୍ଦ୍ଦେଶ କରୁଛନ୍ତି। ତେଣୁ ଉଠି ଆସିବା ଆଗରୁ କହିଦେଲେ ମୁଁ ଭୋଟ ଦେବି ମୋ ପସନ୍ଦରେ। ପାଇକେରାୟଙ୍କର  ଭିନେ ଗୋଠ ଜାଣିଥିବା ସତ୍ତ୍ୱେ ସଦେଇ ଜେନା ପୁଅ ବିଦିଆ କହିଲା, ଦେବେ ଯେ କିନ୍ତୁ ବୁଝି ବିଚାରି । ମଧ୍ୟସ୍ଥତା କଲା ଭଳି ପଦେ ଯୋଡିଦେଲା ଗୋପୀ ସାମନ୍ତରା– ଏଥର ପରିସ୍ଥିତି ଟିକିଏ ନିଆରା, କୋଉ ପାଣି କୁଆଡକୁ ଯାଉଛି ଜାଣୁଥିବେତ। ପାଇକେରାଏ ଟିକିଏ ହସି ଦେଇ ଆଗକୁ ବଢିଲେ। ତାଙ୍କୁ ଜଣା, ଏମାନେ ଏକାଠି ବସାଉଠା କରୁଥିଲେ ବି ଅଲଗା ଅଲଗା ପାର୍ଟିର ଚାମଚା।

ସ୍କୁଲ ଗେଟ ପାଖେ ପହଞ୍ଚିଲାବେଳକୁ ସାଢେ ଚାରି। ଭିତରକୁ ପଶି ଯାଉଥିଲେ, ସାମ୍ନାରେ ପର୍ଶୁରାମଙ୍କ ଭଳି କାୟା ବିସ୍ତାର କରି ଆସି ଠିଆ ହୋଇଗଲେ ଗଜାନନ ମିଶ୍ରେ। ଏ ଅଞ୍ଚଳ ପାଇଁ ବିଧାୟକଙ୍କ ପ୍ରତିନିଧି, ଜିଲ୍ଲା ପରିଷଦ ସଦସ୍ୟ। କୁକୁର ଘଉଡେଇବା ଭଳି କୁଆଡେ କୁଆଡେ ବୋଲି ରଡି ଛାଡି ଢିମା ଢିମା ଆଖିରେ ଚାହିଁଲେ ପାଇକେରାଙ୍କୁ। କୁଆଡେ କଅଣ, ଭୋଟ ଦେବାକୁ ଆସିଛି' କହିଲା ବେଳକୁ ପାଇକେରାଙ୍କ ପାଟିରୁ କଥା ଛଡେଇ ନେଇ କହିଲେ କଅଣ ପାଞ୍ଚଟା ବେଳେ।' କଥା କଟାକଟି ହେଲା, ସହଜରେ ଛାଡିବା ଲୋକ ନୁହଁନ୍ତି ବାସୁଦେବ। ଇଏ କୋଉ କଥା, ମୁଁ ଭୋଟ ଦେଇ ପାରିବିନି, ପାଞ୍ଚଟା ତ ବାଜିନି, ଇଏ କୋଉ ନିୟମ' କହି ନିଜକୁ ଜାହିର କଲେ। ମିଶ୍ରେ ବୁଝାଇଦେଲେ ଭୋଟ ପାଞ୍ଚଟା ଯାଏଁ ନିଆଯିବ। କେନ୍ଦ୍ରରେ ଯେତିକି ଲୋକ  ପଶି ସାରିଛନ୍ତି ତାଙ୍କ ପାଇଁ ବେଳ ନିଅଣ୍ଟ। ଆଉ ହୋଇପାରିବ ନାହିଁ। ମିଶ୍ରଙ୍କ ଅଙ୍ଗରକ୍ଷୀ ଭଳି ଠିଆ ହୋଇଥିବା ପୋଲିସ ଠେଙ୍ଗା ଦେଇ ସେତେବେଳକୁ ବାଟ ଜଗି ସାରିଥିଲା। ମିଶ୍ରେ ଏଥର ବୁଝାମଣା କଲା ଭଳି କହିଲେ ବୁଝିଲ ପାଇକେରାଏ, ତମେ ଯାଅ, ମୁଁ କହିଦେଉଛି, ତମ ଭୋଟଟା ହୋଇଯିବ। ପାଇକେରାଏ ଜାଣନ୍ତି, ଏଠି ବେଶି କଥା କହିଲେ ଲୋକହସା ହେବାକୁ ପଡିବ। ଆଉ କୋଉ କଥା କଅଣ, ମଣିଷଟେ ମାରିଦେବା ଏମାନଙ୍କ ପାଇଁ ପିଲାଖେଳ। ପଚିଶ ତିରିଶ ନମ୍ବର ଅପରାଧିକ ମାମଲାରେ ଜଡିତ ଥାଇ ବି ସର୍ବାଗ୍ରେ ମିଶ୍ରେ ଅଞ୍ଚଳସାରା ପୂଜା ପାଉଛନ୍ତି। ଶହେ ଦେଢଶ ଯୁଆନଙ୍କୁ ପାଳି ପୋଷି ରଖିଛନ୍ତି। ତଥାପି ଜିଦ୍ କଲେ, ମୋ ଭୋଟ ମୁଁ ଦେବି, ଆଉ କିଏ କାହିଁକି ଦେବ। ମୋତେ ଭିତରକୁ ଛାଡ଼, ବେଳ ଅଣ୍ଟିଲେ ଦେବି, ନ ହେଲେ ନାହିଁ। କମ୍ପମାନ ହୋଇଗଲେ ମିଶ୍ରେ। ନାଲିଆଖି ଦେଖାଇ ରଗଡ଼ଟାଏ ଦେଲେ ଯାଆ କହିଲି ପରା। ଚୋରପଟିଆ ହୋଇଗଲେ ବାସୁ ପାଇକେରାଏ। ତାଙ୍କୁ ଗୋଟାଏ ବନ୍ଧୁକଧାରୀ ପୋଲିସ ଏକପ୍ରକାର ଠେଲିପେଲି ନେଇ ଖଣ୍ଡେ ଦୂରରେ ଛାଡି ଆସିଲା।

ଦୁଃଖ କ୍ରୋଧ ଲାଜ ଅପମାନରେ ଜର୍ଜର ହୋଇଗଲେ ବାସୁ ପାଇକେରାଏ। ଏଭଳି କେବେ କାହାର ଅଶାଳୀନ ବ୍ୟବହାରରେ ବ୍ୟଥିତ ଓ ମର୍ମାହତ ହୋଇନଥିଲେ। ସେତେବେଳେ ସେ କାହାକୁ ମୁହଁ ଦେଖାଇବା ଅବସ୍ଥାରେ ନଥିଲେ। ତେଣୁ ଘରକୁ ନ ଯାଇ ବାହାରିଗଲେ କେନାଲ ବନ୍ଧ ଆଡ଼େ। ବସିଗଲେ ଗୋଟାଏ ନିଛାଟିଆ

ଜାଗା ଦେଖି।

ଇଂରାଜୀରେ ପାଞ୍ଚ ସାତ ନମ୍ବର କମ୍ ପାଇଁ ମାଟ୍ରିକରେ ଅସଫଳ ହୋଇଥିବା ବାସୁଦେବଙ୍କର ସେ ହଜିଯିବା ଦିନ ମନେ ପଡ଼ିଗଲା। ସେତେବେଳେ ମାଟ୍ରିକ ପାସ୍ କରିଗଲେ ଚାକିରିଟେ ଥୁଆ। ଆଉଥରେ ପରୀକ୍ଷା ଦେବା ପାଇଁ ପଢ଼ା ପଢ଼ି କରୁଥିଲେ।

ବାପା କହିଲେ, ମାଟ୍ରିକ ପାସ୍ କରି ଶହେ ଟଙ୍କାରେ କାହିଁକି ମୁଣ୍ଡ ବିକିବୁ, ଚାରିବାହା ପିଟିଲେ ପରା ଏ ମାଟିରୁ ସୁନା ଫଳିବ। ନିଜ ଉପରେ ଆତ୍ମବିଶ୍ୱାସ ନଥିବା ଲୋକେ କେବଳ ଚାକିରି ଖୋଜନ୍ତି। ବାପାଙ୍କ କଥାରେ ପ୍ରଭାବିତ ହୋଇଗଲେ ସେ। ଏଇଠି ତାଙ୍କ ଜୀବନର ଗତିପଥ ବଦଳିଗଲା। କିରାଣୀ, ମାଷ୍ଟ୍ରେଟେ ହେବା ସ୍ୱପ୍ନ ଦେଖୁଥିବା ବାସୁଦେବ ସଫଳ ଚାଷୀଟେ ହେଲେ। ସରଳ ନିରାଡମ୍ବର ଜୀବନ ଜୀଇବାରେ ବିଶ୍ୱାସୀ, ସ୍ୱାଧୀନଚେତା ବାସୁ ପାଇକେରାଏ ସେବେଠାରୁ ନିଜକୁ କେବେ ନ୍ୟୁନ ମନେ କରିନାହାନ୍ତି। ସାଧାରଣ ଚାଷୀଟେ ହେଲେ ମଧ୍ୟ ନୀତିନିଷ୍ଠତା ପାଇଁ ତାଙ୍କର ଗୋଟାଏ ଅଲଗା ପରିଚୟ ରହିଛି। ଏବେ ଟଙ୍କିକିଆ ଚାଉଳ ଚାଷବାସର ସର୍ବନାଶ କରିଥିବା ସତ୍ତ୍ୱେ ସେ ଶହେ ଦେଢ଼ଶ ପ୍ରାଣୀଙ୍କ ବର୍ଷକର ଉଦର ପୂର୍ତ୍ତି ହେବା ଭଳି ଶଷ୍ୟ ଉତ୍ପାଦନ କରୁଛନ୍ତି। ମୂଲିଆ ମଜୁରିଆଙ୍କ ଅପେକ୍ଷା ନରଖି ନିଜେ ଖଟିଯିବାର ଉତ୍ସାହ ଏଯାବତ ଆଦୌ ଊଣା ପଡିଯାଇନାହିଁ। ନିଜର ମହତପନ୍ଥା ପ୍ରତି ତାଙ୍କର ଆସ୍ଥା ଥିଲେ ବି ବେଳେ ବେଳେ ତାଙ୍କୁ ଲାଗେ ଏ ଆତ୍ମମର୍ଯ୍ୟାଦା ଅପେକ୍ଷା ସରକାରୀ ଚାକିରିର ମର୍ଯ୍ୟାଦା ଟିକିଏ ନିଆରା। ଯାହି ତାହି ଚାକିରି ଖଣ୍ଡେ କରିଦେଲେ ତିନି ପୁରୁଷ ଉଦ୍ଧାର ହୋଇଯିବେ। ସରକାରୀ ଲୋକଙ୍କୁ ତ ଚାରି ଖୁଣ୍ ମାଫ୍। ସରକାରୀ ଚାକିରି ପାଇବା ମାନେ ଗୁହାଳରେ କାମଧେନୁଟେ ବନ୍ଧା ହୋଇଗଲା। କୃଷକ ଦେଶର ମେରୁଦଣ୍ଡ; ହେଲେ ତାକୁ ମୂଲ୍ୟ ଦେଉଛି କିଏ? ଏଇତ ମୂର୍ଖ ଚଷାଟେ ଭାବି ବାବୁମାନେ ତା ଭୋଟାଧିକାର ଛଡ଼ାଇନେଲେ। ଭୋକିଲା ଗରିବଙ୍କ ମୁହଁରୁ ଭାତ, ଭାଷା ଆଜି ଲୁଣ୍ଠିତ। ସରକାରୀ ଚାକିରିଆ ରାଜନେତାମାନଙ୍କ ସଲାସୁତୁରା ଯୋଗୁ ଏମିତି ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ହୋଇ ଏକ ଦେଶର ସାଧାରଣ ଜନତା ଭକୁଆ ପାଲଟି ସାରିଛନ୍ତି। ସତେ ଯେମିତି ଗୋଟିଏ ପ୍ରତିବାଦଶୂନ୍ୟ ଜାତି। ନିଜକୁ ସାବ୍ୟସ୍ତ କରିବାର ସାମର୍ଥ୍ୟ ଯେପରି ନାହିଁ।

ଅନ୍ଧାର ହୋଇ ଆସିଥିଲା। ପଛ କଥାରେ ବେଶି ଭ୍ରମିତ ନ ହେବା ପାଇଁ ସବୁ ଦୁଃଖାନୁଭବକୁ ଗିଳି ଦେଇ ଗୃହାଭିମୁଖୀ ହେଲେ ବାସୁ ପାଇକେରାଏ। ଫେରିବା ବାଟରେ ନିଜକୁ ନିଜେ ପ୍ରଶ୍ନ କଲେ। ଏ ବହୁଚର୍ଚ୍ଚିତ ପ୍ରଚାର ଅଭିଯାନରୁ କଅଣ ମିଳିଲା? କେତେ ସଂଖ୍ୟକ ଲୋକ ନିଜ କଥା ରଖି ପାରିଥିବେ ମୁଁ ଭୋଟ ଦେବି ମୋ ପସନ୍ଦରେ? ସମ୍ଭବତଃ ଏ ପ୍ରଶ୍ନର ଉତ୍ତର ତାଙ୍କ ପାଖରେ ନଥିଲା। ତେଣୁ ତାଙ୍କ ମନରେ ଆଉ ଗୋଟିଏ ପ୍ରଶ୍ନ ଉଙ୍କି ମାରି ଆସୁଥିଲା ସେ ଭୋଟ ଦେଇପାରିଥିଲେ କେଉଁ ଚିହ୍ନରେ ଦେଇଥାନ୍ତେ?

ନିଜ ପାଖରେ ହାସ୍ୟାସ୍ପଦ ହୋଇଯିବା ଭୟରେ ଏଥର ସେ ନିଜକୁ ଚୁପ୍ କରାଇଦେଲେ।

❖❖❖

# ମୁକ୍ତିରେ ବ୍ୟଥା



ISSN-2583-6978
Volume-3
Issue-8
AUGUST-2023

**ଡ. ଶଶିରଥ**

**ଶ୍ରୀ-ଭାରତୀ, ଶ୍ରୀହରି ବିହାର, ଜଟଣୀ**
**ଶୂନ୍ୟଭାଷ - ୭୮୫୨୯୩୧୮୨୨**

ମେନ୍‌ଗେଟ୍ ଖୋଲି ଭିତରକୁ ପଶିଲି। ଘର ଭିତରକୁ ପଶିବା ନିମନ୍ତେ ଗ୍ରୀଲ୍ ଗେଟ୍ ବନ୍ଦଥିଲା। ଭିତରେ ମଣିଷଙ୍କ ଚଳପ୍ରଚଳର ଶୋରଶବଦ ନାହିଁ। ସମୟ ସକାଳ ସାତଟା ଡେ଼ଇଁଲାଣି। ତଥାପି କେହି ଶେଯରୁ ଉଠିନାହାନ୍ତି ! ମେନ୍ ଗେଟ୍ ଖୋଲି ଭିତରକୁ ପଶି ଆସିଛି। କଣ ଫେରିଯିବି ? ଏଇ ଚିନ୍ତାରେ ଗ୍ରୀଲ୍ ପାର୍ଶ୍ୱରୁ କଲିଂବେଲ୍‌ର ସ୍ୱିଚ୍ ଖୋଜୁଛି ସ୍ୱରଟାଏ କାନରେ ବାଜିଲା - ନନା, ନନା, ନନା କିଏ ଆସିଲାଣି। ନ...ନା। ନ...ନା। ଶିଶୁକଣ୍ଠର ଦରୋଟି ଭାଷା ଓ ଗେହ୍ଲା ସ୍ୱର। ଆକର୍ଷକ ମଧୁର ତଥା ଆମୋଦଯୁକ୍ତ ବିସ୍ମୟ। ଭିତରେ କେଉଁଠି ପିଲାଟାଏ ଖେଳୁଛି ଏବଂ ମୋର ଗତିବିଧି ଉପରେ ନଜର ରଖିଛି। ଭିତରକୁ ଉଣ୍ଡି ଚାହିଁଲି। ମାତ୍ର କେଉଁଠି କ୍ରୀଡ଼ାରତ ଶିଶୁଟାଏ ନଜର ପଡ଼ିଲାନାହିଁ। ପୁନର୍ବାର ଶିଶୁର ଦରୋଟି ମଧୁରସ୍ୱର - ବୋଉ, ଏ ବୋଉ, ବୋଉଲୋ...। ହାପି, ହାପି, ହାପି, ବାପି, ବାପି, ବାପି। ନ...ନା, ନ..ନା, ନନା। ନ...ନା। ସ୍ୱରକୁ କାନପାରି ଶବ୍ଦ ଭେଦି ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବାକୁ ଚେଷ୍ଟା କରି ଆଖି ମୋର ପହଞ୍ଚିଲା ପାରାପେଟ କୋଣକୁ ଝୁଲୁଥିବା ପଞ୍ଜୁରି ଉପରେ। ପଞ୍ଜୁରି ଭିତରୁ ଶୁଆଟାଏ ଆଖି ଟେରେଇ ମୋ ଉପରେ ଦୃଷ୍ଟି ସ୍ଥିର କରିଛି। କୌତୁହଳବଶତଃ ପିଞ୍ଜରା ପାଖକୁ ଚାଲିଗଲି। ବେଶ୍ ଗାଢ଼ ସବୁଜରଙ୍ଗର ଶରୀର। ମୁଣ୍ଡଟି ଶରୀର ତୁଳନାରେ ବଡ଼। କାନ୍ଧର ଡେଣାରେ ବଡ଼ ଲାଲ ରଙ୍ଗର ଚାନ୍ଦ। ପଛପାଖ ସରୁ ଲମ୍ବା ପରଟି ପଞ୍ଜୁରି ଭିତରୁ ବାହାରିଆସିଛି। ଅପରିଚିତଠାରୁ ନିଜକୁ ବଞ୍ଚାଇବା ପ୍ରଚେଷ୍ଟାରେ ଡେଣା ଫଡ଼ ଫଡ଼ କଲା କିଛି ସମୟ। ଜୀବନ ପ୍ରତି ବିପଦ ନାହିଁ ଏବଂ ସୁରକ୍ଷିତ ବୋଲି ନିଶ୍ଚିତ ହୋଇ ସ୍ଥିର ହୋଇଗଲା। ଶୁଆର ଆଖିରେ ମୋ ଆଖି ମିଶିଗଲା। ବଞ୍ଚିଥିବା ଖୁସିରେ ନାଚିବା ପରି ପିଞ୍ଜରା ଭିତରେ ଚାରିପାଞ୍ଚଥର ଡେଇଁଲା। ସ୍ଥିର ହୋଇ ମୋତେ ଏକ ଆଖିରେ ଟେରେଇ ଚାହିଁ ନିଜର ପରିଚୟ ଦେଲା: ଟିଟୁ, ଟିଟୁ, ଟି...ଟୁ।

ଟିଟୁର ଡାକରେ କାହାର ନିଦ ଭାଙ୍ଗିଲା ନାହିଁ। ନିବୁଜ ଘର ଯେମିତି ଶବ୍ଦ ଅଭେଦ୍ୟ। ନାଦବ୍ରହ୍ମଙ୍କୁ ଭିତରକୁ ପ୍ରବେଶ ଅନୁମତି ନାହିଁ। ଅପେକ୍ଷା କରିବାର ଧୈର୍ଯ୍ୟ ଓ ସମୟ ମୋର ଅଭାବ। ଅଗତ୍ୟା ବାଧ୍ୟହୋଇ ଲେଉଟାଣି ପାଦ ପକାଇଲି। ମେନ୍‌ଗେଟ୍ ଖୋଲୁଛି ମୋ ଉପରେ ଜାଗ୍ରତ ଦୃଷ୍ଟି ରଖିଥିବା ଟିଟୁର ସ୍ୱର ଶୁଭିଲା: ନନା, ନ..ନା, ନନା। ହାପି, ହାପି, ହା...ପି। ଆଗନ୍ତୁକ ଅତିଥି ଫେରିଯିବାରେ ତାର ଅତିଥିବତ୍ସଳ ଓ ସ୍ନେହବତ୍ସଳ ଆତ୍ମାଟି ମର୍ମାହତରେ କଠୋର ହୋଇଉଠିଲା। ରୁକ୍ଷ ସ୍ୱରରେ ରଡ଼ି ରଡ଼ି ପରିବାର ସଦସ୍ୟଙ୍କୁ ନିଦ୍ରା ତେଜିବାକୁ ଆଦେଶ ଦେଲା।

ବିଷଣ୍ଣ ହେଲି। ଘରକୁ ନିମନ୍ତ୍ରଣ କରିଛନ୍ତି। ତାହା ଶ୍ରଦ୍ଧାରେ କି ଉପର ଠାଉରିଆ ! ତଥାପି ସ୍ଥିର କରିଥିଲି ଆଜି ପ୍ରାତଃଭ୍ରମଣ ସାରି ଘରକୁ ଫେରିବା ବାଟରେ ସାର୍‌ଙ୍କ ଘରେ ବସି କିଛି ସମୟ କଟାଇଦେବି। କର୍ମବ୍ୟସ୍ତ ଯୋଜନାବଦ୍ଧ ଜୀବନ। ତା ଭିତରେ ସମୟ ବାହାର କରି ଆକସ୍ମିକ ଇଚ୍ଛା ଓ କାର୍ଯ୍ୟକ୍ରମମାନଙ୍କୁ ଚରିତାର୍ଥ କରିବା ନିମନ୍ତେ ବି ସମୟାନୁସାରେ ସ୍ୱତନ୍ତ୍ର ଯୋଜନା କରିବାକୁ ପଡ଼େ। ଥରେ ବାଧା ପଡ଼ିଲେ ପୁନର୍ବାର ସମୟ ଓ ସୁଯୋଗ ମିଳିବାର ସମ୍ଭାବନା ନେଇ ମୋ ପରି ବ୍ୟକ୍ତି ପକ୍ଷେ କିଛି ନିର୍ଦ୍ଦିଷ୍ଟତା ନାହିଁ। ସମୟ ସଂକ୍ଷିପ୍ତ, ଜୀବନ ବ୍ୟସ୍ତ, ଓ ଚଳଣି ଶୃଙ୍ଖଳିତ। ସୁତରାଂ ହିସାବୀ ପଦକ୍ଷେପ। ସବୁକୁ ଦୃଷ୍ଟିରେ ରଖି ହିସାବନିକାଶ କରି ଜୀବନତରୀ ବାହିବାକୁ ହେବ। ସତର୍କତା ଅବଲମ୍ବନ ପୂର୍ବକ ଆହୁଲା ନମାରିଲେ ସୁଅ ମୁହଁରେ ଭାସିଯିବାର ଭୟ। ନିଜ ଇଚ୍ଛାରେ କି ଖୁସିରେ ସୁଅ ମୁହଁରେ ଭାସି ଯିବା ପାଇଁ ଆମକୁ ବିଭାଗୀୟ ଅନୁମତି ନାହିଁ। ଯେ କୌଣସି ପରିସ୍ଥିତିରେ ବି ସେପରି ଘଟଣା ଅକ୍ଷମଣୀୟ ତଥା ଦଣ୍ଡନୀୟ ଅପରାଧ। ଯେତିକି ଉଡ଼ିବାର ଅଛି କି କଥା କହିବାର

ଅଛି ତାହା ପିଞ୍ଜରାର ସୀମା ଯେପରି ନଟପେ।

ଗାଁ ସ୍କୁଲ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଗୋଟିଏ ପରିସରରେ ଥିଲା। ମାତ୍ର ଦୁଇଟି ପ୍ରଶାସନିକ ବ୍ୟବସ୍ଥାରେ ସ୍କୁଲ କାମ କରୁଥିଲା। ପ୍ରଥମରୁ ତୃତୀୟ ଥିଲା ପ୍ରାଇମେରି ସ୍କୁଲ ଏବଂ ଚତୁର୍ଥରୁ ସପ୍ତମକୁ କୁହାଯାଉଥିଲା ମାଇନର ସ୍କୁଲ। ଦୁଇଜଣ ପ୍ରଧାନ ଶିକ୍ଷକ। ମାତ୍ର ଏବେ ନୋଡାଲ ବ୍ୟବସ୍ଥାରେ ସୁବର୍ଣ୍ଣଗଡ଼ ୟୁ.ପି. ସ୍କୁଲ ନାମରେ ଗୋଟିଏ ପ୍ରଶାସନିକ ବ୍ୟବସ୍ଥାର ଅନ୍ତର୍ଭୁକ୍ତ। ଚତୁର୍ଥ ଶ୍ରେଣୀରେ ପ୍ରବେଶ ମାତ୍ରେ ହରପ୍ରସାଦ ଆଚାର୍ଯ୍ୟ ପ୍ରତ୍ୟକ୍ଷ ରୂପରେ ଆମର ଶିକ୍ଷକ ହେଲେ। ତତ୍ ପୂର୍ବରୁ ଜଣେ ଶିକ୍ଷକ ଭାବରେ ଆମ୍ଭେମାନେ ତାଙ୍କୁ ଜାଣିଥିଲୁ ଏବଂ ଆମ ଶିକ୍ଷକମାନଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ପ୍ରଣାମ କରି ଆପଣାର ଗୁରୁଭକ୍ତି ତଥା ସମ୍ମାନବୋଧ ପ୍ରଦର୍ଶନ କରୁଥିଲୁ। ଶ୍ରଦ୍ଧା, ଭକ୍ତି କି ସଂକ୍ଷିପ୍ତୀକରଣ ଯାହାବା କାରଣ ହେଉ ଆମମାନଙ୍କ ମଧ୍ୟରେ, ମନରେ ଓ ତୁଣ୍ଡରେ ସେ ହର ସାର୍ ନାମରେ ପ୍ରଚଳିତ ଥିଲେ। ଶିକ୍ଷାନୀତି ଅନୁସାରେ ପ୍ରାଥମିକ ସ୍କୁଲରେ ସରକାରୀ ପ୍ରାୟୋଜିତ ଶୈକ୍ଷିକ କାର୍ଯ୍ୟକ୍ରମରେ ଜଣେ ଅତିଥି ଶିକ୍ଷକ ଭାବରେ ହର ସାର୍ ଯୋଗ ଦେଉଥିଲେ ଏବଂ ତାଙ୍କ ମଧୁରବଚନ ଓ ଶିକ୍ଷାଦାନ ପ୍ରଣାଳୀରେ ଆମ କିଶୋର ମନକୁ ମୁଗ୍ଧ ଚକିତ କରିପାରୁଥିଲେ। ମାତ୍ର ଚତୁର୍ଥରେ ପ୍ରବେଶ କିଛିକାଳ ପରେ ଅନୁଭବ ହେଲା ଅନ୍ତରର ନିଷ୍ଠୁରତା ଓ ଅପମାନ ଭାବକୁ ମଧୁରଯୁକ୍ତ କରିବା କଳାରେ ହର ସାର୍ ନିପୁଣ। ସମ୍ଭବତଃ ଜନ୍ମଗତ।

ମୁଁ ସପ୍ତମ ପାଶ୍ କରିବାର ଦୁଇବର୍ଷ ପୂର୍ବରୁ ଆମ ଗାଁରେ ହାଇସ୍କୁଲ ପ୍ରତିଷ୍ଠା ହୋଇସାରିଥିଲା। ଦୁଇଟି ପଞ୍ଚାୟତକୁ ନେଇ ଗଠିତ ବିଜ୍ଞାପିତ ଅଞ୍ଚଳ ପରିଷଦର ଆମ ପଞ୍ଚାୟତ ଥିଲା ଅଂଶୀଦାର ତଥା ପରିଷଦ ଓ ବ୍ଲକର ସୀମାନ୍ତ ଗ୍ରାମ। ଓଡ଼ିଶା ଥିଲା ତେରଟି ରାଜସ୍ୱ ଜିଲ୍ଲାରେ ବିଭାଜିତ। ଜନସଂଖ୍ୟା, ଭୌଗୋଳିକ ପରିବେଶ, ପ୍ରଶାସନିକ ବିଧିବ୍ୟବସ୍ଥା, ବିଦ୍ୟାର୍ଥୀ ସଂଖ୍ୟା ବିଭିନ୍ନ ଦୃଷ୍ଟିରୁ ହାଇସ୍କୁଲର ହକ୍‌ଦାର ଥିଲା ଆମ ଗାଁ। ପୁଣି ନଗରାଞ୍ଚଳର ସାତଟି ୱାର୍ଡର ବିଶାଳ ଅଂଶୀଦାର। ହାଇସ୍କୁଲର ଛାତ୍ର ଭାବରେ ଅଷ୍ଟମ ଶ୍ରେଣୀରେ ପ୍ରବେଶ କରିବା ବେଳକୁ ସେହିବର୍ଷ ହାଇସ୍କୁଲ ତାର ନବନିର୍ମିତ ନିଜସ୍ୱ ଗୃହକୁ ଉଠିଆସିଲା ଏବଂ ତୃତୀୟବ୍ୟାଚ୍ ବିଦ୍ୟାର୍ଥୀ ଭାବରେ ଆମ୍ଭର ସେହି ସ୍କୁଲ୍‌କୁ ପ୍ରବେଶ ହୋଇଥିଲା। ହର ସାର୍ ମଧ୍ୟ ତିନିବର୍ଷ ହାଇସ୍କୁଲରେ ଅତିଥି ଶିକ୍ଷକ ଭାବରେ ଇଂରାଜୀ ଓ ସାହିତ୍ୟ ବିଷୟ ପଢ଼ାଇବା ସହ ଅବୈତନିକ କାମଚଳା ପ୍ରଧାନ ଶିକ୍ଷକ ରୂପରେ କାମ କରୁଥିଲେ। ଅଥଚ ତୃତୀୟବ୍ୟାଚ୍ ହାଇସ୍କୁଲ ଶିକ୍ଷା ସମାପ୍ତ କରିବା ପୂର୍ବରୁ ପ୍ରଶାସନିକ ତଥା ପରିଚାଳନା ବ୍ୟବସ୍ଥାରେ ଆଇନଗତ ସମସ୍ୟା ଉପୁଜିବାରୁ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତ ହେଲେ। ଫଳତଃ ହର ସାର୍‌ଙ୍କୁ ନବନିଯୁକ୍ତ ପ୍ରଧାନଶିକ୍ଷକଙ୍କୁ ଅନିଚ୍ଛାକୃତ ଭାବରେ ଦାୟିତ୍ୱ ହସ୍ତାନ୍ତର କରିବାକୁ ପଡ଼ିଥିଲା। ସେହି କ୍ରୋଧ ତଥା ଦୁଃଖ ଓ ଅପମାନରେ ହର ସାର୍ ହାଇସ୍କୁଲ ସହ ସମ୍ପର୍କ ତୁଟାଇ ଦେଇଥିଲେ।

ଆଜି ଟିକେ ସମୟ ଅଛି ବୋଲି ବାଲ୍ୟକାଳୀନ ସେହି ଶିକ୍ଷକ ହର ସାର୍‌ଙ୍କ ସହିତ ସକାଳେ ଦଶମିନିଟ କଟାଇବା ଲକ୍ଷ୍ୟରେ ଆସଥିଲି। ମାତ୍ର ତାଙ୍କ ପରିବାରବର୍ଗ ନିଦ୍ରା ତେଜି ନଥିବାରୁ ଫେରିବାକୁ ବାଧ୍ୟ ହେଲି।

ତିନିଦିନ ବିତିଗଲା। ସନ୍ଧ୍ୟାରେ ମିସ୍ତ୍ରୀମୂଲିଆ କାମରୁ ଉଠିବା ପରେ ବଜାରରେ ସିମେଣ୍ଟ ଗୋଦାମରେ ବାକିଆ ପୈଠ କଲି। ଆସନ୍ତା କାଲି କାମ ପୂର୍ବରୁ ଆବଶ୍ୟକ ସିମେଣ୍ଟ ପଠାଇବାକୁ ବରାଦ ଦେଇ ରାସ୍ତା ଉପରକୁ ଓହ୍ଲାଇ ଆସିଛି ନଜର ପଡ଼ିଲା ହର ସାର୍ ବଜାର ଦିଗରୁ ଘରମୁହାଁ ହେଉଛନ୍ତି। : ସାର୍ ନମସ୍କାର। ଦୁଇତିନିଦିନ ତଳେ ଆପଣଙ୍କ ଘରକୁ ଯାଇ ଫେରିଲି।

: ଫେରିଲୁ ! ଘରେ ନଥିଲି ? ଘରେ ତୋ ଫେରିବା କଥା କେହି ଜଣାଇନାହାନ୍ତି।

: ଥିଲେ। ମାତ୍ର ଶେଯରୁ ଉଠି ନଥିଲେ।

: ଶେଯରୁ ଉଠିନଥିଲି ! ମାନେ ସକାଳୁ ସକାଳୁ ଯାଇଥିବୁ।

: ନା, ସାତଟା ଟପି ସାରିଥିଲା। ପଞ୍ଜୁରି ଭିତରୁ ଶୁଆ ରଡ଼ି ରଡ଼ି, ଗେଲେଇ ଗେଲେଇ ବହୁତ ଡାକିଲା। ତଥାପି ଘର ଭିତରୁ କେହି ବାହାରିଲେ ନାହିଁ। ସାଢ଼େ ସାତଟା ବେଳକୁ ବାଧ୍ୟ ହୋଇ ଫେରିଲି। ମାନେ ଘରର ନିଦ ଭାଙ୍ଗି ନଥିଲା କି ଶୁଆର ଡାକରେ ନିଦ ଭାଙ୍ଗିଲା ନାହିଁ।

ହର ସାର୍ ଉତ୍‌ଫୁଲିତ ହେଲେ। ମୋ ମୁଖରୁ ଶୁଆର କୃତିତ୍ୱ ଶୁଣି ଛାତି ତାଙ୍କର କୁଣ୍ଡେମୋଟ ହୋଇଗଲା। କୌଣସି ମଣିଷ ନୁହଁନ୍ତି, ଯେମିତି ପଞ୍ଜୁରି ଆବଦ୍ଧ ଶୁଆ ହିଁ ତାଙ୍କ ଶିକ୍ଷାବିଦ୍ ଓ ଶିକ୍ଷକତାର ବଳିଷ୍ଠ ତଥା ଜୀବନ୍ତ ପ୍ରମାଣ। ସେହିଁ ତାଙ୍କ ସୁଜ୍ଞାନର ବାନା ଉଡ଼ାଇବ - ମର୍ମରେ ତାଙ୍କ ଛାତି ତଳେ ଗୌରବବୋଧ। ହୁଏତ ଟିକିଏ ପରେ କହିବେ, ଆରେ ମୁଁ ହରପ୍ରସାଦ ଆଚାର୍ଯ୍ୟ ଜୀବନରେ କେତେ କେତେ ଗଧଙ୍କୁ ମଣିଷ କରିଛି। ବନର ପକ୍ଷୀଟାକୁ ଗୁରୁକୁଳ(ପଞ୍ଜୁରି)ରେ ରଖି କଥାକୁହା ଶିଖାଇ ପାରିବିନି ! ପ୍ରକାରାନ୍ତରେ ମୋତେ ଗଧ ଓ ଶୁଆଠାରୁ ହୀନ ଘୋଷଣା କରିଦେବେ। ଅପୂର୍ବ ଦୁର୍ଲ୍ଲଭ ନିଧିପ୍ରାପ୍ତ ଭାଗ୍ୟବାନ ପରି ଗର୍ବିତ ସ୍ୱରରେ ହର ସାର୍ କହିଲେ: ପାହାଡ଼ିଆ ନାହାକା ଶୁଆ। ଡାହାଣପାପୁଲିର ଚାରି ଆଙ୍ଗୁଳିର ପ୍ରଥମପବରେ ବୁଢ଼ାଆଙ୍ଗୁଠିର ଅଗ୍ର ରଖି ଦେଖାଇଲେ - ଏଡ଼େ ବକଟେ ହୋଇଥିଲା। ସାନଟୋକାଟା ତାକୁ କେଉଁ ଚଢ଼େୟାଠାରୁ କିଣି ପଞ୍ଜୁରିରେ ରଖିଥିଲା। ଏମିତି ସମୟ ଥିଲାବେଳେ ତାକୁ ଟିକେ ଟିକେ କଥାକୁହା ଶିଖାଇ ଦେଇଛି। ତା ଅଣ୍ଟରୁ ନନା, ବୋଉ ଶୁଣିଲେ ଛାତି ପୂରିଯାଉଛି। ମନରେ ଚିନ୍ତା କଲି ପାଞ୍ଚଟା ପିଲାର ଜନକ ହୋଇ ହର ସାର୍‌ଙ୍କ ହୃଦ ପୂରିନଥିଲା

ଯେ ହୃଦ ପୂର୍ଣ୍ଣ କରିବାକୁ ବନପକ୍ଷୀଟାକୁ ପଞ୍ଜୁରି ଭିତରେ ବାନ୍ଧିବାକୁ ପଡ଼ିଲା। ଏହି ସେ ହର ସାର୍। ଯିଏ ବିଶେଷ ସରକାରୀ ଶୈକ୍ଷିକ କାର୍ଯ୍ୟକ୍ରମରେ ଅତିଥି ଶିକ୍ଷକ ରୂପରେ ଯୋଗ ଦେଇଥିଲେ। ଆମ୍ଭେ ତୃତୀୟ ଶ୍ରେଣୀର ଛାତ୍ର। ସାହିତ୍ୟ ବିଷୟର 'ମୁକ୍ତିରେ ଆନନ୍ଦ' ବିଷୟଟି ପଢ଼ାଇଥିଲେ। ଆମ ବାଳୁତ ବୁଦ୍ଧିଜ୍ଞାନକୁ ତାହା ବେଶ୍ ଆକର୍ଷଣୀୟ ଥିଲା। କାରଣ ପଢ଼ାଇବା ସମୟରେ ହର ସାର୍ ଥିଲେ ଭାବବିହ୍ୱଳ। ଉଦାତ୍ତ କଣ୍ଠରେ ଯେମିତି ସେ ଚେତାଇ ଦେଇଥିଲେ 'ସ୍ୱାଧୀନତା ମଣିଷର ଜନ୍ମଗତ ଅଧିକାର'।

ପଚାରିଲି: ସାର୍, କେବଳ ନନା, ବୋଉ, ହାପି, ଟାପି ଡାକୁଛି ନା ହରିନାମ ଘୋଷିଲାଣି ! କିଛି ସଂସ୍କୃତ ଶ୍ଳୋକ ? ଗୀତା, ଭାଗବତ ?

ଅପସନ୍ଦରେ ମୋତେ ଉଡ଼ାଇଦେବା ପରି ହର ସାର୍ ହସିଉଠିଲେ। ହସର ଅର୍ଥ ବୁଝିବାରେ ଅସୁବିଧା ହେଲା ନାହିଁ ଯେ ତୋ ଜନ୍ମମାଟିର ଲୋକଗୁଡ଼ାକ ମୂର୍ଖ,ନିର୍ବୋଧ। ଟଙ୍କାଗୁଡ଼େ ରୋଜଗାର କଲେ କଣ ହେବ ଯଦି କାଣ୍ଡଜ୍ଞାନ ରହିବ ନାହିଁ। ମଣିଷକୁ ଚିହ୍ନି ପାରିଲେନି। କାଚକୁ ହୀରା ଭାବରେ ଗ୍ରହଣ କରି ଅସଲ ହୀରାକୁ ଭଙ୍ଗାକାଚ ପ୍ରାୟ ଫିଙ୍ଗିଦେଲେ। ତୁ ସେହି ମାଟିରେ ଜନ୍ମ। ମାଟିଗୁଣେ ଫଳ ହେବା କଥା। ଶବରୀ ଗଜମୋତି ଚିହ୍ନି ନପାରି ବିକ୍ରୟଯୋଗ୍ୟ ପଦାର୍ଥ ନୁହେଁ ବୋଲି ଫିଙ୍ଗିଦେବା କଥା। ବିଜ୍ଞାନ ଓ ବୈଷୟିକ ଯୁଗରେ ହରିନାମ ଓ ସଂସ୍କୃତ ଶ୍ଳୋକର କିଛି ମୂଲ୍ୟଅଛି ? ଆମ ଗ୍ରାମ ଓ ଗୁରୁଜନଙ୍କ ସମ୍ପର୍କରେ ତାଙ୍କର ଏକମାତ୍ର ମତ, ମନ୍ତବ୍ୟ ଓ ଅବଧାରଣା। ଆମ ଗୁରୁଜନମାନଙ୍କୁ ମୂର୍ଖ ଓ ନିର୍ବୋଧ କହି ଉପହାସ କରିବା ଯେମିତି ତାଙ୍କର ବୃତ୍ତିଗତ ଅଧିକାର। ମୁହଁ ଖୋଲିଲେ: ହଉ କେବେ ସୁବିଧା ଦେଖି ଘରକୁ ଆ। ଉତ୍ତରକୁ ଅପେକ୍ଷା ନକରି ହର ସାର୍ ଆଗକୁ ପାଦ ବଢ଼ାଇଲେ। ମୁଁ ମଧ୍ୟ ମୋ ବାଟ ଧରିଲି।

ଅପମାନକୁ ବରଦାସ୍ତ କରି ନପାରି କ୍ରୋଧବଶତଃ ହର ସାର୍ ହାଇସ୍କୁଲ ଛାଡ଼ି ଦେଲେ। ମାତ୍ର ହାଇସ୍କୁଲର ପ୍ରଧାନଶିକ୍ଷକ ପଦକୁ ହରାଇଥିବାର ଦୁଃଖ କାଳକାଳ ନିମନ୍ତେ ତାଙ୍କର ହଜମ ହେଲାନାହିଁ। ମୌକା ପାଇଲେ ତାହା ବାନ୍ତି ପରି ଓଗାଳି ପକାଉଥିଲେ। ତାଙ୍କ ପରି ହୀରାମୋତିର ମୂଲ୍ୟକୁ ସୁବର୍ଣ୍ଣଗଡ଼ର ଲୋକେ କଳନା କରିପାରିଲେ ନାହିଁ। ବଦଳରେ ଜଣେ ଅଯୋଗ୍ୟ, ଅପଦାର୍ଥ. ମୂର୍ଖକୁ ପ୍ରଧାନଶିକ୍ଷକ ରୂପରେ ସ୍ୱର୍ଣ୍ଣସିଂହାସନରେ ପଦାସୀନ କରି ବନ୍ଦନା କଲେ। ସାର୍ ସୁବର୍ଣ୍ଣଗଡ଼ ମାଇନର ସ୍କୁଲରେ ଶିକ୍ଷକ ଥିଲେ ଏବଂ ଗାଁର ମହାନ୍ତିସାହିରେ ଘର ଭଡ଼ା ନେଇ ରହୁଥିଲେ। ସୁତରାଂ ବାଟଘାଟ କି ବଜାରହାଟରେ ଭେଟ ହେବା ସ୍ୱାଭାବିକ। ପ୍ରଣାମ କରିବା ମାତ୍ରେ ଆଶୀର୍ବାଦ ବଦଳରେ ମୁହଁରୁ ତାଚ୍ଛଲ୍ୟ ବଚନ ବାହାରି ଯାଏ: ଆଚ୍ଛା ଖାସା ଟୋକାଟା। ନାମ ବୀରବର ବିଲିଆରସିଂହ। ହାତୀ ପରି ଚେହେରା ପାଇଛୁ। ସତକୁ ସତ ଗଜଟାଏ। ମୁଣ୍ଡରେ ଟିକେ ମସଲାନାହିଁ। ଏ ଚେହେରା କେଉଁ କାମକୁ? ଗାଁ ଗୁଣେ ଯାଇଛୁ। ଏକାକୀ ମୁଁ ହର ସାର୍‌ଙ୍କ ତାଚ୍ଛଲ୍ୟ ବା ଅସୂୟାଭାବର ଶିକାର ହେଉନଥିଲି। ଗ୍ରାମର ପ୍ରାୟ ନବେଭାଗ ହର ସାର୍‌ଙ୍କ ତାଚ୍ଛଲ୍ୟ ଓ ଆକ୍ରୋଶ ପ୍ରପୀଡ଼ିତ। ବାକି ଦଶଭାଗ ବ୍ୟକ୍ତି ଏବଂ ବିଦ୍ୟାର୍ଥୀ ବିଶେଷ ତାଙ୍କଠାରୁ ଯେଉଁ ସମ୍ମାନ, ସ୍ନେହଶ୍ରଦ୍ଧା ଲାଭ କରନ୍ତି ତାହା କେବଳ ସ୍ୱାର୍ଥ ବିଜଡ଼ିତ। ସେହିମାନଙ୍କ ପିତା ତଥା ପରିବାର ସହ ଘନିଷ୍ଠତା ଦ୍ୱାରା ହର ସାର୍ କିଛି ଆର୍ଥିକ ଓ ସାମାଜିକ ଉପକୃତ ହେବା କୃତଜ୍ଞତାରୁ ତାହାର ଉଦ୍‌ଭବ।

ସେହି ସଦା ଉପହାସକାରୀ ହର ସାର୍, ଚତୁର୍ଥରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟହ ଶିକ୍ଷକଙ୍କୁ ଏବେ ଏବେ ଚଲାପଥରେ ଭେଟୁଛି।

ମୁଁ ମାଟ୍ରିକ୍ ପାଶ୍ କରିଗଲି। କଲେଜ ଗଲି। ତଥାପି ହର ସାର୍‌ଙ୍କର ମାନସିକତାରେ ପରିବର୍ତ୍ତନ ହେଲାନାହିଁ। ତାଙ୍କ ଅସହିଷ୍ଣୁ ପ୍ରବୃତ୍ତି ଓ ଘୃଣ୍ୟ ମାନସିକତାକୁ ନବଯୁବକଙ୍କ ଗରମରକ୍ତ ସହ୍ୟ କରିବା ଥିଲା ଏକ ରକମ ବାଧ୍ୟବାଧକତା। ତାଙ୍କ ପ୍ରକୃତି ପୀଡ଼ିତ ଅତିଷ୍ଠ ଛାତ୍ରଙ୍କ ଗହଣରେ ସର୍ବଦା ଚର୍ଚ୍ଚା। ଦିନେ ବନ୍ଧୁ ଗହଣରେ ଚର୍ଚ୍ଚା କାଳରେ ନକାରାତ୍ମକ ପ୍ରତିକ୍ରିୟାକୁ ସକରାତ୍ମକ ସ୍ୱରରେ ଉପସ୍ଥାପିତ କରିଥିଲି - ଆରେ ନାହିଁ, ତୁମେମାନେ ଇତିହାସକୁ ବୁଝିନାହଁ। ଇତିହାସରେ ଅହିଂସା, ପ୍ରୀତି, ଶାନ୍ତି ଆଦିର ବାର୍ତ୍ତା ଧରି ଈଶ୍ୱରଙ୍କର ମହାମାନବ ରୂପରେ ବାରବାର ଧରାବତରଣ କଥା ବର୍ଣ୍ଣିତ। ଆମ ଗାଁ ପରି ମୂର୍ଖମଣ୍ଡଳରେ ହର ସାର୍ ମାନବତା, ମୈତ୍ରୀ, ପ୍ରୀତି,ଶାନ୍ତିର ବାର୍ତ୍ତା ସହ ଜ୍ଞାନର ଆଲୋକବର୍ତ୍ତିକା ଧରି ବଶିଷ୍ଠ କି ଚାଣକ୍ୟ ରୂପରେ ଅବତୀର୍ଣ୍ଣ। ଦିନେ ହର ସାର୍‌ଙ୍କ ବୁଦ୍ଧି ଓ ଜ୍ଞାନ ବଳରେ ସର୍ବାଙ୍ଗୀନ ଉନ୍ନତି କରି ବିଶ୍ୱ ଇତିହାସରେ ସୁବର୍ଣ୍ଣଗଡ଼ର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବ। ଚିର ଜାଜ୍ୱଲ୍ୟମାନ ହେବ। ହର ସାର୍‌ଙ୍କ ଘରର ଝର୍କା ଦେଇ ବିଚ୍ଛୁରିତ ଜ୍ଞାନାଲୋକରେ ଆମ ଗାଁର ଆକାଶମଣ୍ଡଳ ଉଦ୍‌ଭାସିତ ହେବ। ସୁବର୍ଣ୍ଣଗଡ଼ ମାଟିର ବାସ ଚଉଦିଗ ମହକାଇବ। ସେଦିନ ତୁମେ ଅସହିଷ୍ଣୁ ତଥା ନିନ୍ଦୁକମାନେ ସେହି ସୁଗନ୍ଧକୁ ଆଘ୍ରାଣ କରି ମୁଗ୍ଧ ପ୍ରଶଂସା କଣ୍ଠରେ କହିବ - 'ହଁ ହର ସାର୍ ଥିଲେ ବୋଲି ସିନା। ନଚେତ୍ ସୁବର୍ଣ୍ଣଗଡ଼ ପରି ଖତଗଦାରେ ମଲ୍ଲୀ ଫୁଟିବ କିଏ ସ୍ୱପ୍ନରେ ଭାବିଥିଲା। ଏତେ ଉତ୍କୃଷ୍ଟ ଚିନ୍ତା, ବିଶାଳ ତଥା ଉଦାର ଦୃଷ୍ଟି ଅର୍ଥାତ୍ ଦିବ୍ୟଜ୍ଞାନ ଓ ଦିବ୍ୟଚକ୍ଷୁ ଏ ଗାଁରେ କାହାର ଥିଲା'। ହାତରେ ଦର୍ପଣ ଧରିଥିବା ଅନ୍ଧଙ୍କ ମୂଳକ ଥିଲା ସୁବର୍ଣ୍ଣଗଡ଼। ସରକାରଙ୍କୁ ଧନ୍ୟବାଦ ଦିଅ - ହର ସାର୍‌ଙ୍କ ପରି ବ୍ରହ୍ମପୁତ୍ରଙ୍କୁ ଆମ ଗାଁକୁ ପଠାଇଛନ୍ତି। ସିଏ ଜନ୍ମଭୂମି ଅପେକ୍ଷା ଚାକିରିଭୂମିକୁ ବହୁତ ଭଲ ପାଉଥିବା ବିରଳ ବ୍ୟକ୍ତିତ୍ୱ। ଆମ ମା ଭଉଣୀଙ୍କ ଉନ୍ନତି ତଥା ସମ୍ମାନ ନିମନ୍ତେ ନିଜ ଜନ୍ମଦାତ୍ରୀଙ୍କୁ ଏଡ଼ାଇ ଦେଇଛନ୍ତି। ମା ଅପେକ୍ଷା ଏଠିକାର ମାଉସୀମାନଙ୍କୁ କେତେ ସମ୍ମାନ ଓ ଶ୍ରଦ୍ଧା କରନ୍ତି। ଭାଗ୍ୟରେ ଥିଲା ବୋଲି ତାଙ୍କ ପରି ଯୋଗଜନ୍ମା କର୍ମଯୋଗୀ, ଜ୍ଞାନଯୋଗୀ ଆମ୍ଭଙ୍କୁ ଗୁରୁ, ବନ୍ଧୁ ଓ ପଡ଼ୋଶୀ ରୂପରେ ମିଳିଛନ୍ତି। ଏସବୁ ତୁମ

କୋଟି ଜନ୍ମର ଫଳ। ଈଶ୍ୱରଙ୍କ ନିକଟରେ କୃତଜ୍ଞତା ପ୍ରକାଶ କର। ଏ ହେଲେ ସେଇ ହର ସାର୍। ଖାସ୍ ଆମମାନଙ୍କ ଉନ୍ନତି କଲ୍ପେ ଯିଏ ଛୁଟିରେ ବି ପିତାଙ୍କ ଘରକୁ ଯାଉନାହାନ୍ତି କି ପିତା ବି ପୁତ୍ର କର୍ମ ଓ ତପସ୍ୟାରେ ବାଧା ଉପୁଜାଇବାକୁ ସୁବର୍ଣ୍ଣଗଡ଼ରେ ପାଦ ପକାଉନାହାନ୍ତି।

ବି.ଏ.କ୍ଲାସ୍‌ରେ ଛଅମାସ ପଢ଼ିଥିବି ସେନାବାହିନୀରେ ନିଯୁକ୍ତି ପାଇ ରାଜ୍ୟ ବାହାରକୁ ଚାଲିଗଲି। ପ୍ରାୟ ବର୍ଷକ ପରେ ମାସିକିଆ ଛୁଟିରେ ଗାଁକୁ ଆସିଥାଏ। ସନ୍ଧ୍ୟା ସମୟ ବଜାରରେ ସାଙ୍ଗମାନଙ୍କ ମେଳରେ ଥାଏ। ବନାଦାଦାଙ୍କ ଜଳଖିଆ ଦୋକାନ। ଆମର ଅପେକ୍ଷା ତାଙ୍କ ଚୁଲିରେ ବସିଥିବା କରେଇର ଗରମ ସିଙ୍ଗଡ଼ାକୁ। ବଡ଼ବଜାର ପଟୁ ହର ସାର୍ ଆସିବା ଲକ୍ଷ୍ୟ କଲୁ। ତାଙ୍କ ଉପରେ ନଜର ପଡ଼ିବା ମାତ୍ରେ ବନ୍ଧୁମେଳରେ ଗୁଞ୍ଜରଣ ଖେଳିଗଲା। ବୁଦ୍ଧିମାନ ଉପଦେଶ ସାର୍ ଆସିଗଲେ। ହର ସାର୍‌ଙ୍କ ଦୃଷ୍ଟିରେ ଦୃଷ୍ଟି ମିଳିବା ପରେ ସ୍ୱତଃ ପ୍ରଣାମ କଲି। ସାର୍ ସାଇକେଲରୁ ଓହ୍ଲାଇ ପଡ଼ିଲେ: କିରେ ବୀରବର ତୋର କଣ ଆଜି କାଲି ଦେଖାଦର୍ଶନ ମିଳୁନି। କଣ ଦାଦନ ଖଟିବାକୁ ବାହାରକୁ ଚାଲିଗଲୁକି ? ମୋ ମଥାରେ ଦୃଷ୍ଟି ରଖି ଶିକ୍ଷକୀୟ ଶୈଳୀରେ ଆକଟ କଲେ – ଏ କି ବାଳକଟା। ସ୍ୱଳ୍ପ କଥାରେ ମଧ୍ୟ ତାଙ୍କ ଚିରାଚରିତ ଅସୂୟା ଓ ତାଚ୍ଛଲ୍ୟ ସ୍ପଷ୍ଟ ବାରିହୋଇଗଲା। ଦର୍ପିତ ସ୍ୱରରେ ଉତ୍ତର ଦେଲି: ହଁ ସାର୍, ଏକ ପ୍ରକାର ଦାଦନ। ଆଚ୍ଛାଖାସା ଦେହଟାକୁ ଦେଶସେବାରେ ନିୟୋଜିତ କରିଦେଲି। ମାନେ ସେନାବାହିନୀରେ ବର୍ଷେ ହେଲା ନିଯୁକ୍ତ ହୋଇଛି। ଛୁଟିରେ ଆସିଛି। ସାଙ୍ଗମାନେ ଚାକିରି କରିଛୁ, ଖାଇବାକୁ ଦେ କହିଲେ ତ ସେଥିପାଇଁ ବନାଦାଦାଙ୍କ ସିଙ୍ଗଡ଼ାକୁ ଅପେକ୍ଷା କରିଛୁ। ଉତ୍ତର ଶୁଣି ହର ସାର୍ ପ୍ରଥମେ ହାଁ ପୂରାଇଦେଲେ। କ୍ଷଣକପରେ ପ୍ରକୃତିସ୍ଥ ହୋଇ ବାହାବା ଦେଲେ: ଯାହା ହେଉ ଗୋଟେ ବୁଦ୍ଧିମାନର କାମ କଲୁ। ମୁଁ ଜାଣିଥିଲି ପରା ତୁ ଦିନେ ଦେଶସେବାରେ ବ୍ରତୀ ହେବୁ।

: ଆପଣଙ୍କ ଛାତ୍ରଟି। ସେ ଛାଡ଼ିବ। ସବୁ ଆପଣଙ୍କ ଦାନ – ମେଳ ଭିତରୁ ହେୟଜ୍ଞାନ ସ୍ୱରରେ ପ୍ରଳୟ ଦାସ ଜବାବ ରଖିଲା। ବିଷଣ୍ଣ ଦୃଷ୍ଟିରେ ହର ସାର୍ ତାକୁ ଚାହାନ୍ତେ କହିଲା – ଆପଣ କ୍ଲାସରେ ଦେଶପ୍ରେମ, ରାଷ୍ଟ୍ରବାଦ, ସ୍ୱାଧୀନତା, ସାମ୍ୟନୀତି ବିଷୟରେ ବିହ୍ୱଳହୋଇ ଯେପରି ପଢ଼ାନ୍ତି, ସେଥିରେ ବୀର ଅନୁପ୍ରାଣିତ ହୋଇଗଲା। ସହଜେ ଆପଣ ତ ବୀର ଓ ପବିତ୍ର ମାଟିରେ ଜନ୍ମ। ଉଦାତ୍ତ ବିହ୍ୱଳ ସ୍ୱରରେ ଦେଶପ୍ରେମ ଓ ଦେଶପ୍ରେମୀଙ୍କ ଗାଥା କହିବା ବେଳେ ଆପଣଙ୍କ ଲୋମ ଠିଆହୋଇଯାଏ। ଆମ ପରି ଶ୍ରୋତା ତଥା ଛାତ୍ରମାନଙ୍କ ଲୋମ ଶିରାପ୍ରଶିରା ଟାଙ୍କୁରି ଯାଏ। ସୁତରାଂ ମୂର୍ଖ ନିର୍ବୋଧମାନଙ୍କ ଉପରେ ଆପଣଙ୍କ ବୁଦ୍ଧିଜ୍ଞାନର ଛିଟାଏ ପ୍ରଭାବ ତ ପଡ଼ିବ। ବିଶେଷତଃ ଆମ ଦେଶରେ ଶିକ୍ଷକମାନେ ଗଧକୁ ମଣିଷ କରିବା ଦୃଷ୍ଟାନ୍ତର କେଉଁ ଅଭାବ। ଆରେ ବୀର ଦାନର କଣ ପ୍ରତିଦାନ ନାହିଁ ?

ହର ସାର୍‌ଙ୍କୁ ଅନୁନୟ କଲି: ସାର୍, ଆମମାନଙ୍କ ଆନନ୍ଦରେ ସାମିଲ ହୁଅନ୍ତୁ। ମାନେ ଆମମାନଙ୍କ ଗହଣରେ ---। ଅଧିକ କହିବାକୁ ପଡ଼ିଲାନି। ସାର୍ ମୋ ଉଦ୍ଦେଶ୍ୟ ବୁଝିଗଲେ।

: ନାଇଁ ବାବା ଥାଉ। ତୁମେ ଜାଣ ମୁଁ ବାହାରେ ଖାଏ ନାହିଁ। ଏ ତେଲମେଲ ଖାଦ୍ୟ ମୋ ତଣ୍ଟିରେ ଗଳିଗଲେ ବି ପେଟ ଗ୍ରହଣ କରେନାହିଁ। ମୋ ଜିଭ ଆଉ ପାକସ୍ଥଳୀ ମଧ୍ୟରେ ଅହିନକୁଳ ସମ୍ପର୍କ। ଏତିକି କହିଦେଲ ଜାଣ ମୋ ପେଟ ପୂରିଗଲା। ଏହାକୁ ହିଁ ଶିକ୍ଷା ଓ ସଂସ୍କାର କହନ୍ତି।

: ମୋତେ ଗୁରୁଦକ୍ଷିଣା ଦେବାର ଅଛି। ଆପଣ ମୋ ନିବେଦନ ଗ୍ରହଣ ନକରି କଣ ଚିରଋଣୀ ରଖିଦେବେ ? ପ୍ରଳୟର ସ୍ୱର ଭିନ୍ନ ଭାବରେ ମୋ ମୁହଁରୁ ବାହାରିଲା।

: ହଁ ସେବି ଗୋଟେ କଥା। ହଉ ଯଦି ଏତେ ଆଗ୍ରହ ତେବେ ଗୁରୁଦକ୍ଷିଣା ସ୍ୱରୂପ ପୋଡ଼ ଶହେ ଡେର୍ ହେବ। ଇଚ୍ଛାପ୍ରକଟ କରି ହର ସାର୍ ବନା ଦାଦିର ବେଞ୍ଚ ଉପରେ ବସି ପଡ଼ିଥିଲେ ଏବଂ ଛାତ୍ରମାନଙ୍କ ମିଳିତ ଅନୁରୋଧ କ୍ରମେ ଚାରଟି ଗରମ ସିଙ୍ଗଡ଼ା ସହ ଶହେ ଛେନାପୋଡ଼ ଖାଇଲେ। ମୁହଁହାତ ଧୋଇ ଆମଠାରୁ ବିଦାୟ ନେବା ସମୟରେ ବନାଦାଦିକୁ ଲକ୍ଷ୍ୟ କରି ବରାଦ କଲେ – ସାହୁଏ ! ସିଙ୍ଗଡ଼ା ଓ ପୋଡ଼ ସ୍ୱାଦିଷ୍ଟ ହୋଇଛି। ତୁମ ସିଙ୍ଗଡ଼ାର ଜବାବ ନାହିଁ। ଘର ପାଇଁ ଦଶଟା ସିଙ୍ଗଡ଼ା ଓ ପୋଡ଼ ଅଢ଼େଇଶହ ଦିଅ। ବନା ଦାଦି ପୂର୍ବରୁ ବାନ୍ଧି ରଖିଥିବା ପୁଡ଼ିଆ ଦିଟା ବଢ଼ାଇ ଦେଇ କହିଲେ, ନିଅ ସାରେ। ମୁଁ ଜାଣି ଥିଲି ପରା ମୋ ଦୋକାନ ସିଙ୍ଗଡ଼ା ଓ ପୋଡ଼ ଖାଇଲା ପରେ ନିଶ୍ଚୟ ଘର ଓ ମାଷ୍ଟ୍ରାଣୀଙ୍କ କଥା ମନେ ପଡ଼ିବ। ବୁଝିଲେ ସାରେ, ମୋର ଏଥିରେ ବାହାଦୁରି ନାହିଁ। ସବୁ ଆମ ଗୁଡ଼ିଆଣୀ ହାତର କମାଲ। ମଇଦା ପାଗକରି ଚକଟିବ। ବେଲିବ। ମସଲା କସିବ। ଶେଷରେ ସିଙ୍ଗଡ଼ା ଗଢ଼ିବ। ଲାଜବାବ୍ ଲକ୍ଷ୍ମୀକର ହାତଟେ ପାଇଛି ଗୁଡ଼ିଆଣୀ। ଆରେ ବୀର, ଗୁରୁମାଙ୍କ ଦକ୍ଷିଣା ବାବଦକୁ ଏତକ ତୋ ଖାତାରେ ମିଶାଇ ଦେଉଛି। ପ୍ରତିକ୍ରିୟାରେ ହର ସାର୍ ଚିରାଚରିତ ଅପସନ୍ଦିଆ ତାଚ୍ଛଲ୍ୟ ହସ ହସିଉଠିଲେ। ଯାହା ତାଙ୍କ ନିର୍ଲଜତାକୁ ଢାଙ୍କିବାରେ ସାମାନ୍ୟତମ ସଫଳ ହୋଇପାରିନଥିଲା ।

ଏ ହେଉଛନ୍ତି ସେହି ଶିକ୍ଷକ ହରପ୍ରସାଦ ଆଚାର୍ଯ୍ୟ ବନାମ ହର ସାର୍।

ଭିତରେ ଭିତରେ ପ୍ରାୟ ତିନିବର୍ଷ କଟିଗଲା। ଛୁଟିରେ ଗାଁକୁ ଆସିଥିଲି। ସନ୍ଧ୍ୟାବଜାରରେ ହର ସାର୍‌ଙ୍କୁ ନଦେଖି ଦିନେ ବନାଦାଦିକୁ ପଚାରିଲି: ଦାଦି, ହର ସାର୍‌ଙ୍କୁ ଦେଖୁନାହିଁ ? ବନାଦାଦି ସୂତ୍ରରୁ ଅବଗତ ହେଲି ଯେ ସାର୍ ସୁବର୍ଣ୍ଣଗଡ଼ ଛାଡ଼ି ଟାଉନ୍ ଉପରେ କେଉଁ ବନ୍ଧୁ ଘରେ ରହୁଛନ୍ତି। 'ଆମ ଗାଁ ଛାଡ଼ିଦେଲେ'! ମୋ

ବିସ୍ମୟକୁ ବନା ଦାଦି ଦୂର କଲେ: ବୁଝିଲୁ ପୁଅ, ଚାକିରି ଆରମ୍ଭରୁ ସ୍କୁଲରେ ରହୁଥିଲେ। ବିବାହ ପରେ ସାତମଙ୍ଗଳା ବାସିରୁ ଭାରିଜାକୁ ଧରି ଆସି ସେହିଘରେ ପନ୍ଦର ସତର ବର୍ଷ ରହିଲେ। ଭଡ଼ା ମାତ୍ର ତିରିଶଟଙ୍କା। ମାଷ୍ଟ୍ରଙ୍କ ପାଞ୍ଚଟା ଛୁଆ ସେହି ଘରେ ଜନମ। ବଜାରରେ ସବୁ ଦର ବଢ଼ିଲା। ମାଷ୍ଟ୍ରଙ୍କ ଦରମ ଓ ଭତ୍ତା ବଢ଼ିଲା। କିନ୍ତୁ ଘରଭଡ଼ା କଣ୍ଟା ସେହି ତିରଶ ଟଙ୍କାରେ ଲାଖି ରହିଲା। ଦିନେ ଟଙ୍କାଟେ ବଢ଼ାଇ ମାଷ୍ଟ୍ର ଦେଇନାହିଁ କି ମହାନ୍ତି ବୁଢ଼ା ମାଗିନାହିଁ। ମହାନ୍ତିଘର ସେଠି କିଏ ରହୁଥିଲା। ଗାଈବାଛୁରୀ, ବାଡ଼ିବଗିଚା, ପରିବା ଚାଷ କରି ମାଷ୍ଟ୍ର ପରିବାର ହିଁ ଚକ୍ରବର୍ତ୍ତୀ ସମାନ ରହୁଥିଲେ। ଟିଭି. ହିଟର, ଆଇରନ, ଫ୍ୟାନ୍, ଟୁଲୁପମ୍ପ ସବୁ ବ୍ୟବହାର। ବିଜୁଳି ବିଲ ଦେବନାହିଁ। ଘରଭଡ଼ା ମାସକୁ ତିରିଶଟଙ୍କା ଦେବ। ଆଶା କରିବ ଘର ମାଲିକ ତୁମ ପାଇଁ ବିଜୁଳି ବିଲ୍ ଦେବ। ଘର ଉପରେ ଚଉଦହଜାର ବିଜୁଳି ବିଲ୍ ବାକି। ଇଲେକ୍ଟ୍ରିବାଲା ଲାଇନ୍ କାଟିଦେଲେ। ମାଷ୍ଟ୍ରେ ଅନାଇ ବସିଲେ ମହାନ୍ତି ବକେୟା ଦେଇ ଲାଇନ୍ ସଂଯୋଗ କରିବ। ମହାନ୍ତି ବୁଢ଼ା କେଉଁ ନ୍ୟାୟରେ ଦେବ? ଅଢ଼େଇବର୍ଷ ମାଷ୍ଟ୍ର ପରିବାର ଅନ୍ଧାରରେ ରହିଲେ। ଶେଷକୁ ବିନା ଦେୟରେ ରହିବେ ବୋଲି ପ୍ରତିଶ୍ରୁତି ପାଇ ବଜାରରେ ଥିବା ବନ୍ଧୁ ଘରକୁ ଚାଲିଗଲେ।

: ଆରେ ପୁଅ ଏ ହେଲେ ଦେଶଭକ୍ତ, ଗୁରୁଶ୍ରେଷ୍ଠ ହରପ୍ରସାଦ ଆଚାର୍ଯ୍ୟ ବନାମ ତୁମର ପ୍ରିୟ ହର ସାର୍। ନିଧଡ଼କ ଦେଶର ଚଉଦହଜାର ଟଙ୍କା ଚଳୁ କରିଦେଲେ। ବାହଞ୍ଚ ମାଗଣାଖିଆକୁ ଗୁରୁଦକ୍ଷିଣାରେ ସବୁ ମିଳିଯିବ। ଶୁଣ ପୁଅ ବୀର ଆମେ ମଳିମୁଣ୍ଡିଆ ସତ। କିନ୍ତୁ ଆମ ଘରେ ସବୁଦିନ ଆଲୁଅ ଜଳୁଛି। ଏ ମାଷ୍ଟ୍ରଙ୍କଠାରୁ ଆମ ପିଲାଏ ଶିଖିବେ କଣ?

ମୋ ବାହାଘର। ହର ସାର୍‌ଙ୍କୁ ନିମନ୍ତ୍ରଣ କରିବା ଉଦ୍ଦେଶ୍ୟରେ କାର୍ଡ ଧରି ସ୍କୁଲରେ ପହଞ୍ଚିଲି। ଶୁଣିଲି ହର ସାର୍ ଆମଗାଁ ସ୍କୁଲରୁ ବଦଳି ହୋଇ ଅନ୍ୟ ଗାଁ ସ୍କୁଲକୁ ଚାଲିଯାଇଛନ୍ତି। ସ୍କୁଲର ଅନ୍ୟ ଶିକ୍ଷକମାନଙ୍କ ସୂତ୍ରରୁ ଜାଣିଲି ଯେ ପ୍ରଳୟ ଭୟରେ ହର ସାର୍ ସୁବର୍ଣ୍ଣଗଡ଼, ମାଇନରସ୍କୁଲ ଛାଡ଼ିଦେଲେ। ସନ୍ଧ୍ୟାରେ ବନା ଦାଦି ଜଳଖିଆ ଦୋକାନାରେ ପ୍ରଳୟକୁ ଆକଟ କଲି: ପ୍ରଳୟ, ହର ସାର୍ ଆମ ଗାଁକୁ ବହୁତ ଭଲ ପାଉଥିଲେ। ତୁ ଅଯଥାରେ ତାଙ୍କ ପଛରେ ଲାଗି ଏଠୁ ବଦଳି କରିଦେଲୁ। ହର ସାର୍‌ଙ୍କଠାରୁ ଶିଖିଥିବା ତାଚ୍ଛଲ୍ୟସୂଚକ ଅପସନ୍ଦିଆ ହସରେ ମୋତେ ଉଡ଼ାଇ ଦେଲା: ବନା ଦାଦି, ବୀରବାବୁ ପଞ୍ଜାବ, କାଶ୍ମୀର ବର୍ଡରରେ ରହି ଗାଁ ବିଷୟରେ କିଛି ଜାଣୁନାହାନ୍ତି। କହିଲା କଣ ନା ଆମ ଗାଁକୁ ହର ମାଷ୍ଟ୍ର ଭାରି ଭଲପାଏ। ତୁ ସିନା ଦେଶର ଏକତା ଅଖଣ୍ଡତାର ସୁରକ୍ଷା ନିମନ୍ତେ ଘର ପରିବାରଠାରୁ ସହସ୍ର ମାଇଲ ଦୂରରେ ଖରାବର୍ଷା ଓ ବରଫକାକରରେ ସୁଖକୁ ଜଳାଞ୍ଜଳି ଦେଇ ଜୀବନକୁ ବାଜି ଲଗାଇ ଦେଉଛୁ। ଶତ୍ରୁସୈନ୍ୟ ଓ ଆତଙ୍କୀମାନଙ୍କ ସହ ଲଢ଼ୁଛୁ। ମାତ୍ର ଏଠି ସେ ମାଷ୍ଟ୍ର ଆମ ଗାଁକୁ ଖଣ୍ଡ ଖଣ୍ଡ କରିଦେଲା। ସୁବର୍ଣ୍ଣଗଡ଼ର ଏକତା ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରିଚାଲିଥିଲା। ଗୁଡ଼େ ଗୃହଶତ୍ରୁ ବିଭୀଷଣ ସୃଷ୍ଟିକରିଛି ସୁବର୍ଣ୍ଣଗଡ଼ରେ। ଗୋଟେ ଅନୁପ୍ରବେଶକାରୀ ପାକିସ୍ଥାନୀ ଆତଙ୍କୀଠାରୁ କିଛି କମ୍ ନୁହେଁ। ସୁବର୍ଣ୍ଣଗଡ଼ରେ ବିଛିନ୍ନତାବାଦୀ ଅବଦୁଲ୍ ଗନି ଭଟ୍ଟ ସୃଷ୍ଟି କରିଦେଲା। ସୁବର୍ଣ୍ଣଗଡ଼ ସାତଭାଗ ହୋଇଗଲା। ଯାହା ତ କଲା, ଶେଷକୁ ଆମ ଗୁରଜନମାନେ ଶ୍ରମ, ଅର୍ଥ ଓ ସମୟ ଦେଇ ସୁବର୍ଣ୍ଣଗଡ଼ର ଉଜ୍ଜ୍ୱଳ ଭବିଷ୍ୟତ ଓ ଶୈକ୍ଷିକ ପରିବେଶ ନିମନ୍ତେ ଯେଉଁ ଶିକ୍ଷାନୁଷ୍ଠାନ ଦୁଇଟି ଗଢ଼ିଥିଲେ ସେଠାରେ ଶିକ୍ଷକମାନଙ୍କ ଭିତରେ ବିଭେଦ ସୃଷ୍ଟି କରି ସ୍କୁଲରେ ବିଶୃଙ୍ଖଳା ସୃଷ୍ଟି କଲା। ବୁଢ଼ାମାନେ ସ୍ନେହ କି ଦୟାରେ, ଛାତ୍ରମାନେ ସମ୍ମାନ ଓ ଭୟରେ ସବୁ ଜାଣି ବି ନୀରବ ରହିଲେ। ମନରେ ପ୍ରମାଦ ଗଣି ବି କେହି ମୁହଁ ଖୋଲିଲେ ନାହିଁ। ବ୍ରହ୍ମପୁତ୍ର କୁକୁଦ୍ରମ ଦେହରୁ ନୀଳରଙ୍ଗ ଛଡ଼ାଇ ଅସଲି ଧୃତ ଚଣ୍ଡରବକୁ ଲୋକଲୋଚନକୁ ଆଣିବା ନିମନ୍ତେ କେହି ତ ଜଣେ ସାମ୍ନାକୁ ଆସିବ। ସୁତରାଂ ଅନ୍ୟ କାହାକୁ ଅପେକ୍ଷା ନକରି ସ୍ୱୟଂ ସାମ୍ନାକୁ ଆସିଗଲି। ଠୋସ୍ କଦମ ଉଠାଇଲି। କ୍ଷଣଟିଏ ନୀରବ ରହିଲା ପ୍ରଳୟ। ପାପୁଲିରେ ମୁହଁକୁ ପୋଛିନେଲା: ଗାଁର ଏକତା, ଅଖଣ୍ଡତା, ଶାନ୍ତି, ସ୍ଥିରତା ଲାଗି ବାହ୍ୟଶତ୍ରୁକୁ ବିତାଡ଼ିତ କରିବାକୁ ମୁଁ ସାମ୍ନାକୁ ଆସିଗଲି। ଅନୁଶୋଚନାମୁକ୍ତ ଦୃଢ଼ସ୍ୱରରେ ଯୁକ୍ତି ଉପସ୍ଥାପନ କରି ପ୍ରଳୟ ପୁନର୍ବାର ନୀରବ ହୋଇଗଲା। ପ୍ରଳୟର ଦମ୍ଭ ଓ ସାହସ ସର୍ବୋପରି ମୂର୍ଖାମିକୁ କଳନା କରିନପାରି ବିସ୍ମିତ ହେଲି। ତା' ପିଠିରେ ହାତ ଥୋଇ ପଚାରିଲି: ତୋର ଏ ଯୋଜନାରେ ସହଯୋଗୀ?

ପ୍ରଳୟ ସ୍ମିତ ହସିଲା: ଏକଲା ଚଲୋରେ। ସବୁ ଆକସ୍ମିକ। କିଛି ଯୋଜନାବଦ୍ଧ ନୁହେଁ। ମୋର ଯୁଦ୍ଧଂ ଦେହି ଡାକରାରେ ଉପସ୍ଥିତ ଜନତା ବିସ୍ମିୟ ଓ ବିମୂଢ଼। ନାଚାର ଅବସ୍ଥାରେ ନିର୍ବୋଧ ଗାଁର ବିଭୀଷଣଗଣ। ଗନି ଭଟ୍ଟ ବାହିନୀ ତଟସ୍ଥ। ରାତିରେ ଘରେ ବାପାବୋଉଙ୍କଠାରୁ ଅମଣିଷ, ମୂର୍ଖ, ଅପଦାର୍ଥ ଆଦି ଗାଳିକୁ ନିରବରେ ହଜମ କରିଦେଲି। ତଥାପି ଆନନ୍ଦିତ ଓ ଗର୍ବିତ ଯେ ଗୋଟେ ଅନୁପ୍ରବେଶକାରୀ ଆତଙ୍କବାଦୀକୁ ଗାଁରୁ ବିତାଡ଼ିତ କରିଦେଲି। ସୁବର୍ଣ୍ଣଗଡ଼ବାସୀଙ୍କୁ ତନ୍ତ୍ରୀ ମନେ କରି ବିଲୁଆଟା ମହାବଳ ସାଜିଥିଲା ଯେ କୁକୁର ପରି ଲାଞ୍ଜ ଜାକି କିଆବାଡ଼କୁ ପଳାଇଲା। ଉପଦ୍ରବକାରୀ ନିଜ କଛା ସମ୍ଭାଳିବାକୁ ସମୟ ପାଇଲାନି।

ବରା କରେଇରେ ଚଟୁ ଉଠାପକା କରୁ କରୁ ବନାଦାଦି ପ୍ରତିକ୍ରିୟା ରଖିଲା: ବୁଝିଲୁ ବୀରବର, ସ୍କୁଲର ବାର୍ଷିକ ଉତ୍ସବ । ସ୍କୁଲ ପଡ଼ିଆ ଲୋକଭର୍ତ୍ତି। ସଭା ଚାଲିଛି। ସରିଲେ ନାଟକ ହେବ। ଭିଡ଼ ଭିତରୁ କାଳବୈଶାଖୀ ଧୂଳିଝଡ଼ ପରି ପ୍ରଳୟ ଅଚାନକ ମଞ୍ଚ ଉପରକୁ ମାଡ଼ିଗଲା। ମାଇକଟା ହର ମାଷ୍ଟ୍ର ହାତରୁ ଛଡ଼େଇ ନେଲା। ଶିକ୍ଷା

ବିଭାଗର ଅଫିସର,ମନ୍ତ୍ରୀ. ଏମ. ଏଲ. ଏ., ଅତିଥି ସମସ୍ତଙ୍କୁ ତଟସ୍ଥ କରି ଭାରି ସଭାରେ ହର ମାଷ୍ଟ୍ରର ବସ୍ତ୍ରହରଣ କରିଦେଲା। ଦେହରେ ବସ୍ତ୍ର ଥାଇ ବି ମଞ୍ଚରେ ସୁଦ୍ଧୁ ଲଙ୍ଗଳା ଦୟନୀୟ ଅବସ୍ଥା ହର ମାଷ୍ଟ୍ରର।

: ବସ୍ତ୍ରହରଣ ! ମୁଁ ବନା ଦାଦି ମୁହଁକୁ ଚାହିଁଲି।

: ଗୋଟି ଗୋଟି କରି ହର ସାର୍‌ଙ୍କ କୁମକର୍ମର ହିସାବ ଥୋଇଦେଲି। ଗାଁକୁ ସାତଭାଗ କରିବାର ପ୍ରମାଣ ବାଢ଼ିଲି। ଗାଁର ଶାନ୍ତି ଓ ସଂହତି ନଷ୍ଟ କରୁଛନ୍ତି ବୋଲି ଅଭିଯୋଗ ଉପସ୍ଥାପନ କଲି। ମିଷ୍ଟଭାଷୀ ଏ ଲୋକଟି ବାସ୍ତବରେ ବିଷର ମାଠିଆଟାଏ। ବାହାରକୁ ଶାନ୍ତ ସାଧୁ ଦେଖାଯାଉଥିବା ଲୋକଟି ବାସ୍ତବରେ ଜୀବନଘାତକ ବୋମାଟାଏ। ସ୍ୱଚ୍ଛ ନିର୍ମଳ ମଣିଷଟି ବାସ୍ତବରେ ପରିବେଶକୁ ନଷ୍ଟ କରୁଥିବା ଅଳିଆଗଦାଟାଏ। ବିଧାୟକଙ୍କୁ ନିବେଦନ କଲି - ଶିକ୍ଷକରୂପୀ ଏ ମାରାତ୍ମକ ବୋମା, ବିଷମାଠିଆ, ଅଳିଆଗଦାକୁ ଆମ ଗାଁରୁ ନହଟାଇଲେ ମୋ ଜନ୍ମଭୂମିର ସୁରକ୍ଷା ପାଇଁ କଠୋର ହେବି। ତାଙ୍କ ଅବସ୍ଥା ଦି'କଡ଼ା କରିଦେବି। ଅର୍ଥାତ୍ ନିଜସ୍ୱ ବଳ ଓ ବୁଦ୍ଧିରେ ଗାଁର ଅଳିଆଗଦାକୁ ସଫା କରିଦେବି।

: ମାଷ୍ଟ୍ର ସ୍ୱତଃ ନିଜେ ଚେଷ୍ଟା କରି ତିନିମାସ ଭିତରେ ସୁବର୍ଣ୍ଣଗଡ଼ ସ୍କୁଲ ଛାଡ଼ିଦେଲା। ମାଷ୍ଟ୍ରର ଇଜ୍ଜତ୍ ରକ୍ଷା କରିବା ଅଭିପ୍ରାୟରେ ଗାମୁଛା ଖଣ୍ଡେ ଧରି ମଞ୍ଚ ଉପରକୁ କେହି ଜଣେ ବି ଚାମୁଚା ଧାଇଁ ଗଲେନାହିଁ। ବନା ଦାଦି କଥା ଯୋଡ଼ିଲେ।

: ହେଲେ କଣ ହେବ। ସେ ପ୍ରକୃତି ଛାଡୁଛି। କରାଚୀରୁ ଦାଉଦ୍ ପରି - ହର ସାର୍ ଟାଉନରୁ ସୁବର୍ଣ୍ଣଗଡ଼ରେ ଆତଙ୍କୀ ନେଟ୍‌ୱାର୍କ ଚଳାଇଛି। ଗୁରୁ କି ଗଦ ଶୁଙ୍ଘାଇଛି ଯେ ଚେଲାମାନେ କରାଚୀରେ ପହଞ୍ଚିଯାଉଛନ୍ତି। ସୁବର୍ଣ୍ଣଗଡ଼ର ଲୋକେ କେବେ ଚିହ୍ନିବେ ସଇତାନଟାକୁ? କେବେ ଆଖି-କାନ-ନାକ ଖୋଲିବେ? କହିଲୁ, ମୋ ବାପା ଗାଁର ପୁଅ, ଗାଁର ମାଷ୍ଟ୍ର, ଆଉ ଦୁଇଜଣ ଗାଁର ପୁଅ ବି ଗାଁର ମାଷ୍ଟ୍ର ଅଛନ୍ତି। ସେମାନେ ଗାଁ କଥାରେ କେତେ ମୁଣ୍ଡ ଘୂରାଉଛନ୍ତି? ଆଉ ହର ସାର୍? ପ୍ରଳୟ ମୋତେ ପ୍ରଶ୍ନ କଲା। କ୍ଷଣଟିଏ ନିରବ ରହି ମୋ ଉତ୍ତରକୁ ଅପେକ୍ଷା ନକରି ପ୍ରତିକ୍ରିୟା ରଖିଲା: ବୁଝିଲୁ ବୀର, ମୋ ପିଲାବେଳେ ଥରେ ଗ୍ରାମସଭାକୁ ବାପାଙ୍କୁ ଡାକିଲେ। ବାପା ହାତଯୋଡ଼ିଲେ - କ୍ଷମା କରିବେ। ମୁଁ ଗ୍ରାମର ପୁଅ ଓ ଗ୍ରାମ ସ୍କୁଲର ଶିକ୍ଷକ। ଉଦାରତା ଓ ନିରପେକ୍ଷତା ରକ୍ଷା କରିବା ମୋର ଶିକ୍ଷକ ଧର୍ମ। ବୃତ୍ତିଗତ ନୀତି। ଗ୍ରାମସଭାର କୌଣସି ପ୍ରସଙ୍ଗ ମୋର ଶିକ୍ଷକୀୟ ଧର୍ମ ଓ କର୍ମ ଉପରେ ଭାରି ନପଡୁ। ଆଉ ଏ ହେଲେ ଆଦର୍ଶବାଦୀ, ଆଚାର୍ଯ୍ୟକୁଳ ଗୌରବ, ଗୁରୁଶ୍ରେଷ୍ଠ ସର୍ବୋପରି ବହିରାଗତ ହର ସାର୍ ବନାମ ହରପ୍ରସାଦ ଆଚାର୍ଯ୍ୟ। ଯା' ଅସଲରୂପଟି ଭୟଙ୍କର। ପ୍ରଳୟଙ୍କର। ବନ୍ୟା, ବାତ୍ୟା, ଅଗ୍ନି, ଭୂକମ୍ପର ସମନ୍ୱିତ ମାନବମୂର୍ତ୍ତି।

ହର ସାର୍ ସୁବର୍ଣ୍ଣଗଡ଼ ମ.ଇ. ସ୍କୁଲ ଛାଡ଼ିବାଠାରୁ ତାଙ୍କ ସହ ସାକ୍ଷାତ୍ ହୋଇନଥିଲା। ମୋ ବିବାହ ଭୋଜିର ନିମନ୍ତ୍ରଣ ପତ୍ର ଧରି ଖୋଜି ବୁଝି ତାଙ୍କ ଟାଉନ୍ ବାସରେ ପହଞ୍ଚିଲି। ସନ୍ଧ୍ୟା ଆସନ୍ନ ପ୍ରାୟ। ସମ୍ଭବତଃ ସାର୍ ସ୍କୁଲରୁ ଫେରିଥିଲେ। ଗେଟ୍ ପାଖରୁ ଲକ୍ଷ୍ୟ କଲି ହର ସାର୍ ଖୋର୍ଦ୍ଧା ଗାମୁଛା ଖଣ୍ଡେ ପିନ୍ଧି ଆଉ ଖଣ୍ଡେ କାନ୍ଧରେ ପକାଇ ବସିଛନ୍ତି। ତାଙ୍କ ସାମ୍ନାରେ ମନ୍ତ୍ରଣା ଗ୍ରହଣ ମୁଦ୍ରାରେ ପ୍ରଳୟର ଅଭିଯୁକ୍ତ ଗନି ଭଙ୍ଗ ବାହିନୀର ତିନିଜଣ। ପ୍ରଳୟର କରାଚୀ ଓ ଦାଉଦ୍ ବର୍ଣ୍ଣନାକୁ ସତ୍ୟ ବୋଲି ଗ୍ରହଣ କରିନେଲି। କାର୍ଡ଼ଟି ଦେଲି। ମାତ୍ର 'ବୀରବର ବସ' ବୋଲି ସାର୍ ପଦଟିଏ କହିଲେ ନାହିଁ। ଆଚରଣରେ ଯଥାଶୀଘ୍ର ପଳାର ଆଭାସ। ଠିଆ ଠିଆରେ ଲିଖିତ ଓ ମୌଖିକ ନିମନ୍ତ୍ରଣ କରି ଫେରିଆସିଥିଲି।

ପ୍ରାୟ ପାଞ୍ଚବର୍ଷ ବିତିଗଲା। ଦିନେ ସେହିବାଟେ ଯିବା ବେଳେ ସ୍ୱତଃ ନଜର ପଡ଼ିଲା ହର ସାର୍ ରହୁଥିବା ଘରେ। ଜଙ୍ଗଲ ମାଡ଼ିଯାଇଛି। ବାହାର ପାଚେରି ଭାଙ୍ଗିଯାଇଛି। ଅଟକିଗଲି। ପଚାରି ବୁଝିଲି। ଜାଣିଲି ଯେ ହର ସାର୍ ନିଜର ଘର କରି ଛଅ ସାତମାସ ହେବ ଚାଲିଯାଇଛନ୍ତି। ଏଠାରେ ମଧ ସେହି ବିଜୁଳି ବ୍ୟବସ୍ଥା ନେଇ ତିନିବର୍ଷ ଅନ୍ଧାରରେ ରହିଲେ। ଘର ମାଲିକ ବନ୍ଧୁ ହେଲେ ବି କହିଲେ ଭଡ଼ା ଦେବେନାହିଁ ବୋଲି କଣ ବ୍ୟବହାର କରୁଥିବା ବିଜୁଳି ଖର୍ଚ୍ଚ ପୈଠ କରିବେ ନାହିଁ। ନିଜକୁ ପ୍ରଶ୍ନ କଲି - ସାର୍ ଏଠି ବିଦ୍ୟୁତ୍ ବିଭାଗର କେତେ ହଜାର ଚଳୁ କଲେ ?

ପ୍ରାୟ ଦଶବର୍ଷ ପରେ ଅକସ୍ମାତ୍ ସାର୍‌ଙ୍କ ସାକ୍ଷାତ୍ ହୋଇଗଲା। ସମୟ ସକାଳ। କ୍ଷୀର ପ୍ୟାକେଟ ହାତରେ ଝୁଲାଇ ସାର୍ ଚାଲିଥାନ୍ତି। ସାମ୍ନାସାମ୍ନି ହେଲୁ। ପ୍ରଣାମ କଲି: ସାର୍ ଚିହ୍ନି ପାରୁଛନ୍ତି? ସାର୍ ଚିରାଚରିତ ବାତ୍ସଲ୍ୟପୂର୍ଣ୍ଣ ହସ ସହିତ ଆପଣାର ଭାବ ମିଶାଇ ଦେଲେ - କି କଥା ଆମ ପିଲାଟାକୁ ଚିହ୍ନି ପାରିବିନି? ବୀର, ଏବେ କେଉଁଠି? ଆଉ ଏଠି ଏତେ ସକାଳୁ?? ସେହି ଚିରାଚରିତ କପଟ ଲୁଚା ଭାବ। ମୁଖେ ସ୍ମିତହସକୁ ବଚନେ ମଧୁରତା। ମୁଁ ଯଦି ହର ସାର୍‌ଙ୍କୁ ବୁଝି ନଥାନ୍ତି ତେବେ ପ୍ରଳୟକୁ ସଜମାଛରେ ପୋକ ପକାଉଥିବା ଚୁଟିଆଟାଏ ବୋଲି କହିଥାନ୍ତି।

: କାରଗିଲ୍ ଯୁଦ୍ଧରେ ସାମିଲ ଥିବା ସେନା କର୍ମଚାରୀଙ୍କୁ ଭାରତ ସରକାର ଗୃହନିର୍ମାଣ ଉଦ୍ଦେଶ୍ୟରେ ଜମି ଖଣ୍ଡେ ଖଣ୍ଡେ ଦେଇଛନ୍ତି। ମୁଁ ଇଚ୍ଛା କରି ଓଡ଼ିଶାରେ ଜାଗା ନେଲି। ସେହି ଜାଗାରେ ଘର ଖଣ୍ଡେ ବନାଉଛି ଯେ ସକାଳୁ ଯୋଡ଼େଇରେ ପାଣି ଦେବାକୁ ଆସୁଛି। ଜମିର ସ୍ଥିତାବସ୍ଥା ଜାଣି କହିଲେ: ଆରେ ଆମରି ଘର ପାଖାପାଖି। କେବେ ସୁବିଧା ଦେଖି ଘର ଆଡ଼େ ଆ।

ଏ ହେଲେ ସେହି ହର ସାର୍, ଯିଏ ମୋତେ ସର୍ବଦା ଗଜଟାଏ ବୋଲି କହୁଥିଲେ। ଉପହାସର ପାତ୍ର ବନାଇଥଲେ। ବାତ୍ସଲ୍ୟର ପ୍ରହାର ଦେଇ ପାଖ ପୂରାଉ ନଥିଲେ। ଅଥଚ ଆଜି ସାଦରେ ନିମନ୍ତ୍ରଣ !

ସେଦିନର ନିମନ୍ତ୍ରଣ ରକ୍ଷା କରି  ସକାଳୁ ସାର୍‌ଙ୍କ ଘରକୁ ଯାଇ ଫେରିଥିଲି।

ପଛକୁ ବୁଲି ଚାହିଁଲି। ମୋତେ ହସରେ ଉଡ଼ାଇ ଦେଇ ସାର୍ ଅନ୍ଧାର ଓ ଜନଗହଳିରେ ମିଶିଗଲାଣି।  ଦୃଶ୍ୟମାନ ନୁହଁନ୍ତି। ଘରେ ପହଞ୍ଚି ଶୁଆକୁ ପାଠ ପଢ଼ାଇ ମଣିଷ କରିଦେବେ। ଶିକ୍ଷାବିତ୍ ହର ସାର୍ ସେଥିରେ ଆନନ୍ଦିତ, ଗର୍ବିତ ଓ ଉତ୍‌ଫୁଲ୍ଲିତ। ହୁଏତ ଏହି ସୁକର୍ମ ନିମନ୍ତେ ରାଜ୍ୟପାଳ କି ରାଷ୍ଟ୍ରପତିଙ୍କ ଶ୍ରେଷ୍ଠ ଶିକ୍ଷକ ପଦକ ପାଇପାରନ୍ତି। ମନ ବିଦ୍ରୋହ କରି ଉଠିଲା – ଏଥର ଯିବି ଏବଂ ପଞ୍ଜୁରି  ଖୋଲି ଶୁଆଟାକୁ ଆକାଶକୁ ଉଡ଼ାଇ ଦେବି। ହୃଦ୍‌ବୋଧ ହେଲା ହର ସାର୍ ହିଁ ପାକିସ୍ଥାନୀ ସରକାର। ଆଉ ପଞ୍ଜୁରି ଭିତରେ ଶୁଆର ନାମ ଟିଟୁ ନହୋଇ କୁଲଭୂଷଣ ହେବା ଉଚିତ୍। ପାକିସ୍ଥାନୀ ସେନା ଦ୍ୱାରା ସୀମାରୁ ଅପହୃତ ହୋଇ ଯିଏ ବନ୍ଦିଜୀବନ କଟାଉଛି। ମୁକ୍ତିର ଦିନ ନଗଣି ମୃତ୍ୟୁଦଣ୍ଡ ଆଶଙ୍କାରେ ଭୀତତ୍ରସ୍ତ। ନା ଭାରତର ଜୟଗାନ କରିପାରୁଛି ନା ପାକିସ୍ଥାନର ଭାଷା ସହିପାରୁଛି।

ଛୁଟି ସରିବାକୁ ପାଞ୍ଚଦିନ ବାକି। ଦୁଇଦିନ ପରେ କାର୍ଯ୍ୟସ୍ଥଳୀ ଯିବାକୁ ଟ୍ରେନ୍ ଧରିବି। ହର ସାର୍‌ଙ୍କ ଘରେ ପହଞ୍ଚିଲି। ଇଚ୍ଛାକରି ବିଳମ୍ବ ସକାଳରେ। ଅନ୍ତରରେ ସିଦ୍ଧାନ୍ତ ଓ ଦୃଢ଼ସଂକଳ୍ପ। ଗେଟ୍ ଖୋଲି ଦେଖିଲି ବାହାରେ ଚୌକିଟାଏ ପକାଇ ସାର୍ ବସି ଖବରକାଗଜ ପଢୁଛନ୍ତି। ଉପରେ ନଜର ପଡ଼ିବା ମାତ୍ରେ ଡାକିଲେ: ଆ, ବୀରବର ଆ। ବସ। ପ୍ରଣାମ ଜଣାଇ ବସିଲି। ପ୍ରସଙ୍ଗ କ୍ରମେ ପଚାରିଲି: ସାର୍ ! ତୃତୀୟଶ୍ରେଣୀ ସାହିତ୍ୟବହିରେ ଆମର ଗୋଟେ ବିଷୟ ପଢ଼ା ହେଉଥିଲା। ଥରେ ସ୍ୱତନ୍ତ୍ର କ୍ଲାସରେ ଆପଣ ଅତିଥି ଭାବରେ ଆସି ଆମକୁ  ପଢ଼ାଇଥିଲେ। ସେ ବିଷୟଟା ନା ମନେ ନାହିଁ। ଏବେ ସେ ବିଷୟଟା ପଢ଼ା ହେଉଛିକି ? ଶୁଆବାଲା ଶୁଆ ବିକୁଥିଲା। ସୁଭାଷ ବୋଷ ତାଠାରୁ ସମସ୍ତ ଶୁଆ କିଣି ପଞ୍ଜୁରି ଖୋଲି ଉଡ଼ାଇ ଦେଇଥିଲେ ଏବଂ ଶୁଆ ବିକ୍ରେତାର ବିସ୍ମୟକୁ ଦୂର କରି ଉତ୍ତର ଦେଇଥିଲେ – ସ୍ୱାଧୀନତା ତାର ଜନ୍ମଗତ ଓ ଜାତିଗତ ଅଧିକାର।

ସାର୍‌ଙ୍କ ମୁହଁରେ ପରିଚିତ ତାଚ୍ଛଲ୍ୟସୂଚକ ହସ: ଆରେ ସୁଭାଷ ବୋଷ ନୁହଁନ୍ତି। ସେ ଜଣେ ଜେଲ୍ ଫେରନ୍ତା ସୈନିକ। ସେଦିନ ସେ ଶତ୍ରୁପକ୍ଷର ଜେଲରୁ ମୁକ୍ତି ପାଇ ଘରକୁ ଫେରୁଥିଲା। ବନ୍ଦୀଜୀବନର କଷ୍ଟ ଓ ସ୍ୱାଧୀନତାର ସ୍ୱାଦ ସେ ଜାଣେ। ବିଷୟର ନାମ 'ମୁକ୍ତିରେ ଆନନ୍ଦ'।

ବସିବା ସ୍ଥାନରୁ ଉଠି ପାଦେ ପାଦେ ଶୁଆର ପଞ୍ଜୁରି ପାଖକୁ ଗଲି। ଦେଖିଲି ଖୋଲା ଅବସ୍ଥାରେ ଝୁଲୁଛି ପଞ୍ଜୁରି। ଶୁଆ ନାହିଁ। କଣ ମୌକା ପାଇ ଶୁଆ ଫୁର୍‌ର ନା ସାର୍‌ଙ୍କ ଜ୍ଞାନୋଦୟରୁ ମୁକ୍ତି। ପାଟିରୁ ପ୍ରଶ୍ନଟିଏ ବାହାରିଆସିଲା: ସାର୍ ପଞ୍ଜୁରିରେ ଆପଣଙ୍କ ଟିଟୁ ନାହିଁ ?

ମ୍ରିୟମାଣ ମୁଦ୍ରାରେ ସ୍ୱର ଥରାଇ ସାର୍ ଜବାବ ଦେଲେ: ଦୁଇଦିନ ତଳେ ରାତିରେ ପଞ୍ଜୁରି ଭୂପୃଷ୍ଠରେ ରହିଗଲା। କାହାରି ଲକ୍ଷ୍ୟ ରହିଲାନାହିଁ। ସକାଳୁ ଦେଖିଲୁ ରକ୍ତାକ୍ତ ମୃତଶୁଆଟି ପଞ୍ଜୁରି ଭିତରେ ପଡ଼ିଛି।  ସମ୍ଭବତଃ ବିରାଡ଼ି କି ମୂଷା ଆକ୍ରମଣର ଶିକାର ହୋଇଗଲା। ଆହାଃ କେଡ଼େ ଗେଲରେ ଡାକୁଥିଲା –ନନା, ନ..ନା। ବୋଉ, ବୋ...ଉ। ଗଲା। ସେ ସ୍ୱର ଉଭେଇଗଲା। କୋଟିନିଧି ହରାଇବା ଦୁଃଖରେ ହର ସାର୍‌ଙ୍କ କଣ୍ଠରୁଦ୍ଧ ହୋଇଗଲା।

ମୋ ହୃତ୍‌ପିଣ୍ଡକୁ  ଯେମିତି କିଏ ହାତୁଡ଼ିରେ ପିଟିଦେଲା। ଲାଗିଲା ପାକିସ୍ଥାନ ଜେଲ୍ କର୍ତ୍ତୃପକ୍ଷ  ନିଦ୍ରିତ କେଉଁ ନିରୀହ ଭାରତୀୟ ବନ୍ଦୀର ତଣ୍ଟି ଚିପିଦେଲେ। ହର ସାର୍‌ଙ୍କ ନିର୍ବୋଧ ମୂର୍ଖ ଛାତ୍ର ବୀରବର ବଳିଆରସିଂହ ଆଖିରେ ଶିକ୍ଷାଦାତା ଆଚାର୍ଯ୍ୟଶ୍ରେଷ୍ଠ ହର ସାର୍ ବନାମ ହରପ୍ରସାଦ ଆଚାର୍ଯ୍ୟ ଜଣେ ହତ୍ୟାକରୀ ଆତତାୟୀ ରୂପରେ ପ୍ରତୀୟମାନ ହେଲେ। ଟିଟୁ ପଞ୍ଜୁରି ଭିତରୁ ନୀଳଆକାଶର ଉଡ଼ନ୍ତା ପକ୍ଷୀମାନଙ୍କୁ ଦେଖି କେତେ କାମନା କରିଥିବ ମୁଁ ଦିନେ ଏମିତି ମୁକ୍ତ ଭାବରେ ଆକାଶରେ ଉଡନ୍ତି। ନିବେଦନ କରିଥିବ – ଚକ୍ରଧର ହେ, ବନ୍ଦିଜୀବନରୁ ମୁକ୍ତ କର। ଅଥଚ ଚକ୍ରଧର ଟିଟୁକୁ ପକ୍ଷୀ ଜନ୍ମରୁ ମୁକ୍ତ କରିଦେଲେ। ତା ପୁଣି ନିଃସହାୟ ଭାବରେ। ଯୁଦ୍ଧଭୂମିରେ ଗୁଳି ଆଘାତରେ ଟଳି ପଡୁଥିବା ଶତ୍ରୁପକ୍ଷର ସେନାକୁ ଦେଖି ବିଜୟବୋଧରେ ଉଲ୍ଲସି ଉଠୁଥିବା ଓ ସାଥି ସେନାର ଶବ ଦେଖି ଛାତିକୁ ପଥର କରି କର୍ତ୍ତବ୍ୟପଥରେ ଆଗେଇ ଯାଇଥିବା ବୀରବର ବଳିଆରସିଂହର ଆତ୍ମା ଆବାଲ୍ୟରୁ ସ୍ୱାଧୀନତା ହରାଇଥିବା ନୀରିହ ପକ୍ଷୀଟିର ଏ ପ୍ରକାର ମୁକ୍ତିରେ ଯନ୍ତ୍ରଣା ଜର୍ଜରିତ ହୋଇଗଲା। ବ୍ୟଥାରେ ଭାଙ୍ଗି ପଡୁଥିଲା ତନୁମନ।

❖❖❖

# ବୋଉ ଅଛି ଗାଁରେ



ISSN-2583-6978
Volume-3
Issue-8
AUGUST-2023

ସଦାନନ୍ଦ ତ୍ରିପାଠୀ

ମୋବାଇଲ: ୯୪୩୭୫୦୨୯୬୨
ଭୁବନେଶ୍ୱର

ଅନ୍ଧାର ଥାଏ ତଥାପି। ଗୋଧୂଳିର ନିଦ ଭାଙ୍ଗିଗଲା। ସହସା ତା'ର ମନେ ପଡିଲାନି ଯେ ସେ ଗାଁରେ ଅଛି। ଶେଯଟା ଅଖାଡୁଆ ଲାଗିବାରୁ ତା'ର ହେତୁ ହେଲା କି ଗତକାଲି ସନ୍ଧ୍ୟାରେ ମହେଶ ସହ ସେ ଗାଁକୁ ଆସିଛି। ତକିଆ ପାଖରୁ ମୋବାଇଲ ଫୋନ୍ ଉଠାଇ ଦେଖିଲା, ସମୟ ପାଞ୍ଚଟା ବାଜିବାକୁ ଯାଉଛି। ଶେଯ ଛାଡ଼ି ଉଠିଗଲା ଗୋଧୂଳି। ଖଟର ପୂର୍ବପଟ କାନ୍ଥକଡ଼କୁ ଶୋଇଥିବା ମହେଶର ଘୁଙ୍ଘୁଡି ଶୁଭୁଛି। ସାରାରାତି ଶେଯରେ ସେ ଅବାରିତ କଡ଼ ଲେଉଟାଉଥିବ,ଗାଇଗୋରୁ ବୁଲିବା ପରି। ପାହାନ୍ତିଆ ବେଳକୁ ହିଁ ନିଦ ଓହ୍ଲାଇବ ତା' ଆଖିକୁ ସାଢେ ଆଠଟାକୁ ନଅଟାଭିତରେ ସେ ଉଠିବ,ତାହା ମଧ୍ୟ ତିନିଥର ଡାକିବା ଉତ୍ତାରୁ।

ଦାଣ୍ଡପଟ କୋଠରୀର ଝରକା ପାଖକୁ ଗଲା ଗୋଧୂଳି। ଦକ୍ଷିଣ ମୁହାଁ ଘର। ଆଷାଢ଼ର ଈଷତ୍ ଶୀତଳ ପବନ ବାଜିଲା ତା' ମୁହଁରେ। ଘର ସାମ୍ନାରେ ଅନ୍ୟ କାହା ଘର ନାହିଁ। ରାସ୍ତା ଆରପଟେ ଖୋଲା ଡିହ ଓ ତା' ସେପଟକୁ ବିଲ, ଦଣ୍ଡା, ପୁଣି ବିସ୍ତୀର୍ଣ୍ଣ ବିଲମାନ। ଦୂରକୁ , ଅନ୍ଧାର ହେତୁ,ଦେଖି ହେଉ ନାହିଁ। ଗାଁର, ମୁହାଁମୁହିଁ ହୋଇ ରହିଥିବା, ଦୁଇଟି ସାହିର ମଧ୍ୟ ଦେଇ ଲମ୍ବିଥିବା ସିମେଣ୍ଟ ନିର୍ମିତ ରାସ୍ତାର ପଶ୍ଚିମ ପାର୍ଶ୍ୱରେ ଚନ୍ଦ୍ରଶେଖରଙ୍କ ମନ୍ଦିର। ମହେଶର ଘରଠୁ ନିକଟ। ପୂର୍ବମୁହାଁ ସେ ମନ୍ଦିରର ବାହାରପଟେ ଓ ପୂର୍ବଦିଗରେ ଥିବାବିଜୁଳି ଖୁଣ୍ଟରେ ଜଳୁଥିବା ଦୁଇଟି କମ ଶକ୍ତି ସମ୍ପନ୍ନ ବତୀର ଆଲୋକରେ ଝାପ୍‌ସା ଦିଶୁଛି ଆଖପାଖରେ ଅଳ୍ପ କେତୋଟି ଘର ଏବଂ ରାସ୍ତାର କିଛି ଅଂଶ

ଗୋଧୂଳିର ନଜର ପଡିଲା ରାସ୍ତା ଉପରେ ପଶ୍ଚିମକୁ ପ୍ରସରି ଯାଉଥିବା ଏକ ଛାପିଛାପିକା ଛାଇ ଉପରେ। ନଜର ଉଠାଇ, ବାମପଟେ, ଦୂରକୁ ଦେଖିବା ମାତ୍ରେ ସେ ଜାଣିଲା ପୂର୍ବପଟୁ ପଶ୍ଚିମକୁ କିଏ ଜଣେ ଅତି ଧୀର ଗତିରେ ଆସୁଛି। ଜଣେ ସ୍ତ୍ରୀ ଲୋକ। ମୁଣ୍ଡରେ ଯେତିକି ଓଢ଼ଣା ଦେଇଛି,ସେତିକିରେ ତା' ମୁହଁକୁ ସ୍ପଷ୍ଟ ଦେଖି ହେଉନି। ପିନ୍ଧିଥିବା ଲୁଗାଟି ମାଟିଆ ରଙ୍ଗର ଅଥବା ସେଇଟି ଅତି ମଇଳା ହୋଇଯାଇଛି।

ସ୍ତ୍ରୀ ଲୋକଟି ମୁଣ୍ଡ ପୋତି ପୋତି ମନ୍ଦିର ପାଖକୁ ଗଲା ଓ ସେଇଠୁ ଫେରିଲା। ପୁଣି କିଛି ସମୟ ପରେ ଆସିଲା ଓ ଫେରିଲା। ତୃତୀୟ ଥର ତାକୁ ଆସୁଥିବା ଦେଖି ଗୋଧୂଳି ଅପସରି ଗଲା ଝରକା ପାଖରୁ।

ପୂର୍ବଦିନ ସନ୍ଧ୍ୟାବେଳେ ସେ ଦୁହେଁ ପହଞ୍ଚିଥିଲେ ଗାଁରେ। ମହେଶ ଓ ଗୋଧୂଳି। ଗାଁ ଭିତରେ ପ୍ରବେଶ କଲା ବେଳକୁ ପଶ୍ଚିମରେ, ରତନି ପର୍ବତ ଆରପଟେ ଲୁଚିଯାଇଥିଲା ସୂର୍ଯ୍ୟ। ପୂର୍ବଦିଗରୁ ଆକାଶରେ ଆସ୍ତେ ଆସ୍ତେ ସଞ୍ଚରି ଯାଉଥିଲା ଝୀନ କଳାଶାଢ଼ୀ ପରି ଅନ୍ଧାର।

ସାମ୍ନା ସାହିର ଏକଣା ଘରୁ ରବି ଓ ତାର' ଭାଉଜ, ତାଙ୍କ ପଡ଼ିଶା ଘରର ବୁଢ଼ା ଓ ଭୋଜି, ମହେଶର ଏକମାତ୍ର ପଡୋଶୀ ତାରିଣୀ ଚରଣ ସାକ୍ଷାତ କରି ପଚାରିଥିଲେ- ଆସିଲ ?

ସେମାନେ କୁଶଳ ଜିଜ୍ଞାସା କଲେ। ରନ୍ଧାରନ୍ଧି କରେନା, ଆମେ ଖାଇବା ଜନିଷ ଆଣିଦେବୁ, ଭାତ ଖାଇବ ନା ରୁଟି ଆଦି ପ୍ରଶ୍ନ କରି ଫେରିଗଲେ ସେମାନେ।

ପ୍ରାୟ ବତିଶ ବର୍ଷ ପରେ ମୁଁ ଆସିଲି ତୁମ ଗାଁକୁ। ଗୋଧୂଳି କହିଥିଲା ଲୁଗାପଟା ପାଲଟିବା ବେଳେ।

କେବଳ ମୋ ଗାଁ କାହିଁକି ? ବିବାହର ପଞ୍ଚତିରିଶ ବର୍ଷ ପରେ ମଧ୍ୟ ଏଇଟା ତୁମ ଗାଁ ନୁହେଁ କି ? ମହେଶର ପ୍ରଶ୍ନ।

ସତରେ, ଏହା ନୁହେଁ କି ଶୋଚନାର ବିଷୟ ! ସରକାରୀ ଚାକିରି କରୁଥିଲେ ବାପା। ବଦଳି ହେଉଥିଲା ତାଙ୍କର ପ୍ରାୟ ତିନିତିନି ବର୍ଷରେ। ଗାଁ ପ୍ରତିମୋହ ଥିଲା। ଛଣଛପର ପୈତୃକ ଘରଟିକୁ ପକ୍କାଘର କଲେ। ବାଡିପଟେ ଟିଣର ଛାଉଣି,ମଝିରେ ଅଗଣା,

ଦାଣ୍ଡପଟ ଚାରୋଟି ବଖରାହେଲା ଟାଇଲ ଛପର। ବାପା କିଛି ଚାଷ ଜମି କିଣିଲେ। ଭାଗଚାଷୀ ଚାଷ କରୁଥିଲେ। ବାପାଙ୍କର ସୁନାମ ବଢ଼ିଲା। ଅମୁକର ପୁଅ ଭଲ ପଇସା ଅର୍ଜିଲା,ବାପାର ନାଁ ରଖିଲା ବୋଲି ଲୋକ କୁହାକୁହି ହେଲେ। ଚାଷୀମାନେ ଚୋରିଚାରି, ଠକାଠକି କଲେ ସୁଦ୍ଧା ଯାହା ଯେତିକି ଯେପରି ଦେଉଥିଲେ ବାପାଙ୍କର ଆଦୌ କିଛି ଅସନ୍ତୋଷ ନଥିଲା। ବହୁବାର ଏକାକୀ ସେ ଆସୁଥିଲେ ଗାଁକୁ। ଇଚ୍ଛା ଥିଲା ଚାକିରିରୁ ଅବସର ନେବାପରେ, ଗାଁରେ ରହିବେ। ଗାଁକୁ ସେ ଫେରିଲେ ଅବଶ୍ୟ। ଦୁଇମାସରୁ ଅଧିକ ସେଇଠି ସେ ରହ ପାରିଲେନି।

ପ୍ରଥମେ ତ,ବୋଉ ଦିନେ ଚାଲିଗଲା ଏକା ଏକା ମହେଶ ପାଖକୁ। ମହେଶର ଚାକିରି ସେତେବେଳକୁ ରାଉରକେଲାରେ। ବୋଉ ଜଣାଇଦେଲା ଯେ ବାପାଙ୍କ ସାଙ୍ଗରେ ସିଏ ମାଡ଼ଲାଗି ଘରଛାଡ଼ ଆସିଛି। ଜୀବନସାରା ବିଭିନ୍ନ ସହରରେ ରହିଥିବା ଲୋକଟିଏ ଅପନ୍ତରା ଗାଁଟାରେ କେମିତି ରହିବ? ବିଜୁଳି ଆଲୁଅ ନାହିଁ, ପଙ୍ଖା ନାହିଁ,ରେଲଡବା ପରି ଘର,କବାଟ କିଳିବା ପରେ ପବନର ଚଳାଚଳ ବନ୍ଦ, ହାଉହାଉ ଗରମରେ ପ୍ରାଣ ଚାଲିଯିବ! ଗାଧୋଇବା ପାଇଁ, ପୁଣି ରନ୍ଧାବଢ଼ା କରିବାକୁ ପାଣି ପାଇଁ କୋଶେ ଦୂର ପୋଖରୀକୁ ଯିବାକୁ ପଡୁଛି। ପୋଖରୀରୁ ପାଣି ଧରି, ମାଠିଆକୁ କାଖେଇ, ଆବୁଡ଼ାଖାବୁଡ଼ା ବିଲ ହୁଡ଼ାରେ ଚାଲିବା, ପୁଣି ମୁଣ୍ଡରେ ହାତେ ଲମ୍ବର ଓଢ଼ଣାପକାଇ ସତରେ କି ସହଜ ବ୍ୟାପାର ? ଓଦାଲୁଗା ପିନ୍ଧି, ଅଣ୍ଟାରେ ମାଠିଆକୁ ଧରି, ଓଢ଼ଣା ଫାଙ୍କରୁ ବାଟ ଦେଖୁଥିବା ବେଳେ ଭୟଲାଗେ ଛନ୍ଦି ହୋଇ କିମ୍ବା ଝୁଣ୍ଟି ତଳେ ପଡିଯିବ। ଗାଁରେ ତ କାହାଘରେ ପାଇଖାନା ନଥାଏ। ପାଇଖାନା କଲେ ପରା ନାକରେ ଆଙ୍ଗୁଠି ଦେଇଲୋକମାନେ ହସାହସି ହେବେ, କେତେ ଭାସକୁଟି କରିବେ। ବାପା ପରା ସେହିପରି ବୁଝାଇଥିଲେ ବୋଉକୁ। ଅନ୍ଧାର ଥାଉଣୁ ଯଦି ଝାଡ଼ାଫେରି ଆସିପାରି ନାହିଁ,ସନ୍ଧ୍ୟାନଇଁବା ପର୍ଯ୍ୟନ୍ତ ପେଟକୁ ଜାବୁଡ଼ି ଧରି, ନଖାଇ ନପିଇ ଜଣେ ରହିବାକୁ ବାଧ୍ୟ।

ବୋଉ ପଛେ ପଛେ ବାପା, ଚାରିଦିନ ପରେ ପହଞ୍ଚିଲେ ରାଉରକେଲାରେ।

ପଞ୍ଚତିରିଶ ବର୍ଷ ପରେ ପରିସ୍ଥିତି ଅବଶ୍ୟ ବେଶ ବଦଳି ଯାଇଥିଲା। ଶେରଗଡ଼ରେ ବସ୍‌ରୁ ଓହ୍ଲାଇ ଅଟୋରିକ୍ସା କି ଟ୍ୟାକ୍ସିରେ ଗାଁଯାଏ ଯାଇ ହେଉଥିଲା। ସାଢେ ତିନି କିଲୋମିଟର ଦୀର୍ଘ ଅଣଓସାରିଆ ମାଟି ରାସ୍ତା ଚଉଡ଼ା ପିଚୁ ରାସ୍ତାରେ ରୂପାନ୍ତରିତ ହୋଇ ସାରିଥିଲା, ଯଦିବା ସେ କାମଟି ହୋଇଥିଲା ଅତ୍ୟନ୍ତ ନିମ୍ନମାନର। ଦେଶ ସ୍ୱାଧୀନ ହେବାର ସତୁରି ବର୍ଷ ପରେ, ଆମ ଦଳର ମୁଖ୍ୟମନ୍ତ୍ରୀଙ୍କ ଶାସନ କାଳରେ ହିଁ ଏଇ ପିଚୁରାସ୍ତା ନିର୍ମାଣ କରାଯାଇପାରିଛି ବୋଲି ସ୍ଥାନୀୟ କୁଜି ନେତାମାନେ ଛାତି ଫୁଲାଇ କରି ବୁଲୁଥିଲେ ଓ ଆଗାମୀ ନିର୍ବାଚନରେ ବି ତାଙ୍କ ଦଳକୁ ଜିତାଇବା ପାଇଁ ନିଷ୍କପଟ ନିବେଦନ ଜଣାଉଥିଲେ।

ଗାଁ ମଝିରେ ମଧ୍ୟ ତିଆରି ହୋଇଥିଲା ସିମେଣ୍ଟର ରାସ୍ତା। ବିଦ୍ୟୁତ୍ ସଂଯୋଗ ପରେ ଗାଁ ଦାଣ୍ଡରେ ସର୍ବମୋଟ ତିନୋଟି ଖୁଣ୍ଟ ପୋତାଯାଇ ବତି ମଧ୍ୟ ଲାଗିଥିଲା ଯେଉଁଥିରୁ ଦୁଇଟି ପୋଡିଯିବାପରେ ବଲ୍‌ବ ଲଗାଇବାର ନାଁ ଗନ୍ଧ କିଏ ବି ଧରୁନଥିଲେ। ଏଡ଼ିକି ଛୋଟିଆ ଗାଁଟିରେ ଚାରୋଟି ନଳକୂଅ ବସାଯାଇ ସାରିଥିଲା ଯା ମଧ୍ୟରୁ ଦୁଇଟିରେ ଖାରି ପାଣି, ଗୋଟିକରୁ ମିଠା ଓ ଅନ୍ୟଟିରୁ ଆଂଶିକ ମିଠାପାଣି ବାହାରୁଥିଲା। ଏତେ ଦୂରରେ ଥିବା ପୋଖରୀକୁ ଆଉ କିଏ ପ୍ରାୟ ଯାଉନଥିଲେ ଓ ପୋଖରୀକୁ ଯିବା ପାଇଁ ଲମ୍ବିଥିବା ବିଲହୁଡ଼ା ଗୁଡ଼ିକର କତି ହାଣି ନିଜ ନିଜ ବିଲର ଆୟତନ ବଢାଇବା ସହିତ ଚଉଡ଼ା ହୁଡ଼ାଗୁଡିକୁ ଲୋଲୁଭ ଗ୍ରାମବାସୀ ଅତି ସଂକୁଚିତ କରି ସାରିଥିଲେ ଯାହା ଉପରେ ଚାଲିବା ବେଳେ ସାମ୍ନାପଟୁ ଆସୁଥିବା ଲୋକକୁ ବାଟ ଛାଡ଼ିବାପାଇଁ ଅନ୍ୟଜଣକ ବିଲ ଭିତରେ ଓହ୍ଲାଇବା ନିମନ୍ତେ ବାଧ୍ୟ ହେଉଥିଲା।

ମହେଶର ବାପା ତିଆରି କରିଥିବା ଘରଟି ବହୁ ବର୍ଷ ଧରି ତାଲା ପଡି ରହିବାରୁ କେଉଁଠି କେଉଁଠି କାନ୍ଥ ଫାଟିଗଲା। ଘର ଭିତରେ ଉଇହୁଙ୍କା ହେଲା। ଭାଡ଼ି ଉପରେ ଓ ଘର ଭିତରେ ପଲ ପଲ ମୂଷା ଧାଁ ଧପଡ଼, କେଳିକୌତୁକ କଲେ। ଯାହା କିଛି ବି ଥିଲା କାଟିକୁଟି ନଷ୍ଟ କରିଦେଲେ। ଘର, ଭାଡ଼ି,ଅଗଣା ଓ ବାଡ଼ିପଟେ ପଲପଲ ସାପ ବୁଲିଲେ।

ଚଉଦ ବର୍ଷ ତଳେ ବାପାଙ୍କର ଓ ଏଗାର ବର୍ଷ ପୂର୍ବେ ବୋଉର ଦେହାନ୍ତ ହୋଇ ସାରିଥିଲା। କେବେ କେଉଁ ବର୍ଷରେ ଥରେ ଗାଁକୁ ଗଲେ ମହେଶ ଅନ୍ୟ କାହା ଘରେ କିଛି ସମୟ ବିତାଇ ପୁଣି ଫେରି ଆସୁଥିଲା ନିଜ ଚାକିରି ଜାଗାକୁ। ଚାଷୀମାନେ ନିକମ୍ମା ହେଲେ, ପୂରାପୂରି ଖଣ୍ଡ ପାଲଟିଗଲେ। ଜମିକୁ ଚାଷ ନକରି ପଡିଆ ପକାଇଲେ। ଚାଷଜମିରେ ଘାସବଣ ମାଡ଼ିଲା, ମାଟିକୁଦ ହେଲା। ଅନ୍ୟ ବିଲକୁ ବାଟି ହାଣି ଲୋକେ ଯାଙ୍କ ବିଲରେ ପକାଇଲେ।

ପୂର୍ବେ,ବର୍ଷେ କି ଦୁଇବର୍ଷ ଅନ୍ତରରେ ଦୁଇଟା କି ତିନିଟା ମାଙ୍କଡ଼ ଫାଲଗୁନ,ଚୈତ୍ର ମାସରେ ପାକଳ କୟାଁ ଖାଇବାକୁ କୁଆଡୁ କେଜାଣିଚାଲି ଆସୁଥିଲେ। ପିଲାମାନେ ପଥର ଫିଙ୍ଗିଲେ ଦିନେ,ଦି' ଦିନ ମଧ୍ୟରେ ଗାଁ ଛାଡ଼ି ଚାଲି ଯାଉଥିଲେ। ଏଇ କିଛିବର୍ଷ ହେଲା ଦଳ ଦଳ ହନୁ ପ୍ରାୟ ପ୍ରତିଦିନ ଆସି ଭାରି ଉପଦ୍ରବ କରିବାରୁ ଗାଁ ଲୋକେ ପନିପରିବା ଗଛ ବି ଲଗାଇବା ବନ୍ଦ କରିଦେଲେ।

ପାଞ୍ଚ ବର୍ଷ ତଳେ ଯେଉଁ ଫାଇଲିନ୍ ବାତ୍ୟା ହେଲା, ମହେଶଘରର ଟାଇଲ କେତୋଟି ଉଡ଼ି ତଳେ ପଡିଗଲା। ତା' ପରଠୁ ଲୋକମାନେ ମାଙ୍କଡ଼ଙ୍କୁ ଗୋଡ଼ାଇଲେ ସେମାନେ ସେ ଫାଙ୍କ ଦେଇ ଭାଡ଼ିକୁ ଖସନ୍ତି, ଭାଡ଼ିରୁ ତଳକୁ ଡେଇଁ ଘରେ ଲୁଚି ରହନ୍ତି। ବର୍ଷା ହେଲେ ଘର

ସାରା ପାଣି ଭର୍ତ୍ତି ହୁଏ। ଟାଇଲ ତଳକୁ ଥିବା ଶେଣି, ରୁଅ,କାଠ ଫ୍ରେମ,ଜୋଲା ପୁଣି ଘର କବାଟ ସବୁ ପାଣିଖାଇ ଭାଙ୍ଗିଯାଏ, ଛତୁ ଫୁଟିଯାଏ।

ଚାକିରିରୁ ଅବସର ନେବା ପାଇଁ ଅଳ୍ପ କିଛି ମାସ ବାକିଥାଏ। ମହେଶ ଏକାକୀ ତାର ଗାଁକୁ ଆସିଲା। ଶେରଗଡ଼ ଆରପଟ ଗାଁର ବାସିନ୍ଦା ଜଣେ ଠିକାଦାରସହ କଥା ହେଲା। ସ୍ଥିର କରାଗଲା ଯେ ଘରଟିକୁ ଭଙ୍ଗାଯାଇ ପୁଣିଥରେ କାନ୍ଥ ଉଠାଯିବ। ଟାଇଲ ଓ ଟିଣ ବଦଳରେ ଛାତ ପକାଯିବ। ଅଗଣାଟା ସେମିତି ରହିବ ଏବଂ ବାଡ଼ିପଟ ଦି' ବଖରା ପୂରା ଭାଙ୍ଗି ଦୁଇଗୋଟି ପାଇଖାନା/ ସ୍ନାନାଗାର ହେବ।

ଘରଟି ତିଆରି ହେବା ପରେ ଗୋଧୂଳି ପ୍ରଥମକରି ଆସିଛି ଗାଁକୁ। ବିବାହ ପରେ ଥରେ ଯାହା ଆସିଥିଲା। ପଞ୍ଚତିରିଶ ବର୍ଷ ବ୍ୟବଧାନରେ, ଏଇ ତା'ର ଲକ୍ଷ୍ମୀପାଦ ପୁଣିଥରେ ଥାପିଛି ସେ ଘରେ।

ରାତିରେ ଅବଶ୍ୟ ନିଦ ହେଇଯାଇଥିଲା, ଯଦିବା ଜାଗାଟା ନୂଆ। ଶୋଇବା ବେଳେ ଗୋଧୂଳି ଅବଶ୍ୟ ଆଶଙ୍କା ପ୍ରକାଶ କରିଥିଲା ଯେ ତାକୁ ସାରାରାତି ନିଦ ନ ଲାଗିପାରେ। ନୂଆ ଜାଗା, ନୂଆଘର ଶୁନଶାନ ଗାଁ ପରିବେଶ। ରାତି ଆଠଟା ବେଳକୁ ସମସ୍ତଙ୍କ କବାଟ ଝରକା ବନ୍ଦ। ଚତୁର୍ଦ୍ଦିଗ ନିସ୍ତବ୍ଧ। ପେଚାମାନେ ରାବୁଛନ୍ତି, କେତେବେଳେ କେଉଁପଟୁ। ପାଖରୁ କେଉଁଠୁ, ସନ୍ଧ୍ୟା ହେବା ସଂଗେ ସଂଗେ ଶୁଭୁଥିଲା ବିଲୁଆଙ୍କ ରଡ଼ି। ଦେଢ଼ ଘଣ୍ଟା ଭିତରେ ଯେ ତିନିଥର କରେଣ୍ଟ ଗଲାଣି। ରୋଜି କହୁଥିଲେ ପରା, ଦିନେ ଦିନେ କରେଣ୍ଟ ଯିବ ଯେ ସକାଳ ପର୍ଯ୍ୟନ୍ତ ଆଉ ଆସିବାର ନାଁ ଧରିବନି। ଭୋଲଟେଜକୁ ଦେଖୁନ। ପଙ୍ଖାଟା ବୁଲୁଛିବୋଲି ନ ଦେଖିଲେ, ଜାଣି ହେଉନାହିଁ।

ସକାଳେ ମହେଶ ଶେଯଛାଡ଼ି ଉଠିବା ପରେ ଗୋଧୂଳି ତାକୁ ପଚାରିଲା, କିଏ ହେଇଥିବ ସେ ବୁଢ଼ୀଟା କହିଲ, ଅନ୍ଧାର ନ ତୁଟୁଣୁ ଦାଣ୍ଡରେ ମୁଣ୍ଡ ପୋତିପୋତି ଓଳନାଳ ହେଉଥିଲା। ଉଚ୍ଚତା କମ। ମଧ୍ୟମ ଧରଣର ସ୍ୱାସ୍ଥ୍ୟ। ଦେଉଳ ପାଖକୁ ଯାଉଥାଏ। ପୁଣି ଗାଁ ସେମୁଣ୍ଡକୁ ଫେରୁଥାଏ। ଫେର୍ ଆସେ, ଫେରିଯାଏ। ଭାରି ଧୀର ମନ୍ଥର ଚାଲି। ଅନ୍ୟ କେଉଁ ଆଡେ ନ ଚାହିଁ,ରାସ୍ତା ଉପରେ ହିଁ ରଖିଥାଏ ନଜର। ଝରକା ଏ ପାଖରୁ ତାକୁ ଦେଖି ମୁଁତ ପ୍ରଥମେ ଡରିଗଲି।

ମହେଶର ବଂଶିକିଆ ପୁତୁରା, ତା' ନାଁବୁଢ଼ା, ଖରାବେଳେ ଘରକୁ ଆସିଥିଲା ଯେ ତାକୁ ସେକଥା କହିବାରୁ ଖୁବ୍ ଜୋର୍‌ରେ ହସିଲା, ଗୋଧୂଳିକୁ ଅଭୟ ଦେଲା, ଆମ ଗାଁରେ କେବେହେଲେ ତୁମେ ଭୁତ ଦେଖିବାକୁ ପାଇବନି ହେ ଖୁଡୀ ! ମୋର ବୁଦ୍ଧି ହେଲାଠୁ ଯେତେ ଲୋକ ମରିଛନ୍ତି, ସେମାନଙ୍କ ମଧ୍ୟରୁ କିଏ ଜଣେ ସୁଦ୍ଧା ଭୁତ ହେଇ ଡରେଇ ନାହାନ୍ତି। ଏବେ ଦେଖୁନ,ମୋ ନନା ମରିକି ହେଇଟି ବର୍ଷଟେ ବିତିବାକୁ ବସିଲାଣି, ଆମ ଘରେ କେବେ କେତେବେଳେ ଖୁଡୁ କି ଖାଡ ଟିକିଏହେଇଚି ? ନହେଲେ ରୋଜି ଯେମିତି ଡରେଇ, ଆଦୌ ଏତେ ବଡ଼ ଘରଟାରେ ରହିପାରିଥାନ୍ତା !

ବୁଢ଼ା ଜଣାଇଥିଲା, 'ସିଏ ବିଶୁ କକେଇଙ୍କର ସ୍ତ୍ରୀ। ସକାଳେ, ସନ୍ଧ୍ୟାରେ ଗାଁ ଦାଣ୍ଡରେ ଚଲାବୁଲା କରୁଛନ୍ତି। ନ ଚାଲିଲେ ଗୋଡ଼ହାତ ପଡିଯିବ ବୋଲି ତାଙ୍କୁ କିଏ ଡରାଇ ଦେଇଛି।'

ବୁଢ଼ା ଯାହାଙ୍କୁ ବିଶୁ କକେଇଙ୍କର ସ୍ତ୍ରୀ ବୋଲି କହିଲା, ଗାଁ ହିସାବରେ ସେ ମହେଶର ଭାଉଜ।

ମହେଶ ପରିହାସ କଲା,ମୋର ଏଡେ ସ୍ନେହମୟୀ, ସୁନ୍ଦରୀ ଭାଉଜଟାକୁ ତୁମେ ବୁଢ଼ୀ ବୋଲି କ'ଣ କହି ଦେଉଛ ହେ ?

ଗୋଧୂଳି ତୁରନ୍ତ ଟାହୁଲି କଲା- ହୁଁ.., ତୁମର ଭାଉଜ ବୋଲି ସେ କ'ଣ ଆଉ ବୁଢ଼ୀ ନୁହଁ,ଟୋକୀ ?

ବୁଢ଼ା  ତା'ର ସରଳ ଢଙ୍ଗରେ ସମର୍ଥନ କଲା- ହଁ, ତାଙ୍କେ ବୁଢ଼ୀ ଏକା ନା ! ତାଙ୍କୁ ଅଶୀବର୍ଷ ହେବଣି।

ମହେଶ କହିଲା ଗୋଧୂଳିକୁ ଗତମାସରେ ତୁମର ସତାବନତମ ଜନ୍ମ ଦିବସରେ ଛବି ଯେତେବେଳେ ଫୋନ୍ କରି ଅଭିନନ୍ଦନ ଜଣାଇଲା, ଆଉ ପଚାରିଲା, କେଉଁହୋଟେଲରେ ଯାଇପାଳନ କରିବ, ତୁମେ କରିଥିଲ- ଆଉ କି ଜନ୍ମଦିନ ପାଳନ ରେ ଛବି ?ମୁଁ ପରା ବୁଢ଼ୀ ହେଲିଣି। ସେତେବେଳେ ଛବି କହିଥିଲା- ଭାଉଜମାନେ କ'ଣ ବୁଢ଼ୀ ହୁଅନ୍ତି। ତାହା ଶୁଣି ତୁମେ କେଡ଼େ ଖୁସି ହେଇଗଲ ଯେ କେତେଦିନ ଯାଏ ସେଇସେଇ କଥା ବିଭିନ୍ନ ଲୋକଙ୍କୁ କହିଲ। ମୋ ଭାଉଜଟା ତେବେ ବୁଢ଼ୀ ହେଇଯିବ କେମିତି ?

କେତେ ସମୟ ପର୍ଯ୍ୟନ୍ତ ବୁଢ଼ା ଠୋଠୋ ହସିଲା ଓ ତା'ପରେ ଆନନ୍ଦ ବ୍ୟକ୍ତ କଲା- ଦାଦା ! ତୁମେ ଆଉ ଖୁଡୀ ଭାରି ମଉଜିଆ ମଣିଷ। ଘର ତ ତିଆରି କଲ। ଚାକିରିରୁ ଅବସର ନେଲଣି। ଏଣିକି ଗାଁରେ ରହିଯାଉନ ? ତୁମେ ଆସିଲେ ଆମକୁ ଭାରି ଭଲ ଲାଗୁଛି।

ଗାଁରେ ସନ୍ଧ୍ୟା। ମନ୍ଦିରରେ ଘଣ୍ଟି ବଜାଇ ସନ୍ଧ୍ୟା ଆଳତି କଲେ ବାଞ୍ଛା ଭାଇନା। ପିଲାମାନେ ମେଳି ହୋଇ ଘଣ୍ଟ ବଜାଇଲେ। ଘରେ ସଞ୍ଜବତୀ ଜଳାଇଲା ଗୋଧୂଳି। ବାହାର ବାରଣ୍ଡାରେ ଚୌକି ପକାଇ ବସିଥିଲା ଓଦେଉଳ ଆଡ଼କୁ ଦେଖୁଥିଲା ମହେଶ। ସୁଇଚ ଦେଇ ବାହାରର ବିଜୁଳି ବତୀ ଜଳାଇଲା ଗୋଧୂଳି। କିଛି ସମୟ ପରେ ପୂର୍ବପଟୁ, ମନ୍ଦିର ଆଡ଼କୁ ମୁହଁ କରି, ଆସିଲେ ସେ ଭାଉଜ। ବାରଣ୍ଡା ଉପରେ ଥାଇ ଗୋଧୂଳି ତା ସୁମଧୁର, ଭକ୍ତିପୂତ ସ୍ୱରରେ କହିଲା ମୁଁ ଓଳଗି ହେଉଛି ହେ ନାନୀ।

ସେ ଓଢ଼ଣା ଟେକି ହସ ହସ ମୁହଁରେ ଉଚ୍ଚାରଣ କଲେ ଅହ୍ୟ ସୁଲକ୍ଷଣୀ ହେଇଥା'। ତୋ ହାତର କାଚ ବଜ୍ର ହେଉ।

ତା' ପରେ ସେ ଘର ଆଡ଼କୁ ଆସିଲେ। ମହେଶ ଠିଆ ହୋଇ

ତାଙ୍କୁ ନମସ୍କାର ଜଣାଇଲା। ସେ କଲ୍ୟାଣ କଲେ ବୁଢ଼ାଟିଏ ହୋଇଥାଅ ପୁଅ।

ତା' ପରଦିନ, ମହେଶ ଘରେ ନଥିବାବେଳେ, ଭାଉଜ ଆସିଥିଲେ ଓ ଗୋଧୂଳିକୁ କହିଲେ, ଗୋଟେ ଜିନିଷ ମାଗିବି ବୋଲୁଛି ଯେ ଝିଅ, ଦିଅନ୍ତୁ ନି ? ମୁଁ ତତେ ଟଙ୍କା ଦେବି, ସେମିତି ନେବିନି।

ମହେଶ ଫେରିବା ପରେ ଗୋଧୂଳି ତାକୁ ଜଣାଇଥିଲା ଯେ ବାଡ଼ିପଟ ଘର ଭଙ୍ଗାଯାଇ ଛପର କରାଯାଇଥିବା ଯେଉଁ ଟିଣ ଚଦର ଗୁଡ଼ିକ ଏପଟ ଛାତ ଉପରେ ରଖାହୋଇଛି ସେଥିରୁ ଦୁଇ ଖଣ୍ଡ ସେ ମାଗିବାକୁ ଆସିଥିଲେ। ଗୋଧୂଳି ରାଜି ହେବାରୁ ଭାରି ଖୁସି ହୋଇ ତାକୁ କୁଣ୍ଢାଇ ଧରିଲେ। ଟଙ୍କା ମଧ୍ୟ ଦେଉଥିଲେ, ଗୋଧୂଳି ନେଲାନି। ସଂଗେ ସଂଗେ ଆଡୁଆ ସାହିର ଚଷାଘର ସୀତାକୁ ଡାକି ଆଣିଲେ। ନିଶୁଣି ପକାଇ ସିଏ ଛାତରେ ଚଢ଼ିଲା ଏବଂ ଦୁଇଖଣ୍ଡ ଟିଣ ଧରି ତଳକୁ ଆସିଲା। ଗଲାବେଳେ ଭାଉଜଙ୍କ ଦୁଇ ଆଖି ଛଳଛଳ ହୋଇଯାଇଥିଲା। ସବୁକଥା କହିସାରି ପ୍ରଶ୍ନ କଲା ଗୋଧୂଳି ଟିଣ ଦୁଇଖଣ୍ଡ ଆମ କାମରେ ଲାଗିଥାନ୍ତା କି ? ତୁମକୁ ନ ପଚାରି ମୁଁ ଦେଇଦେଲି। ମାତ୍ର ମୋତେ ଭାରି ଖୁସି, ବଡ଼ ତୃପ୍ତି ଲାଗିଲା।

ମହେଶ ତୃପ୍ତିରେ ହସି ଜଣାଇଥିଲା ଯେ ଯେତେଯାହା ଚିଜ ଇତସ୍ତତଃ ପଡି ରହିଛି, ସବୁତକ କାମର ଜିନିଷ। କିନ୍ତୁ କେତେ ପଦାର୍ଥକୁ କାମରେ ବା ଲଗାଇ ହେଉଛି ? ଘର ଭଙ୍ଗା ହେବା ପରେ କେତେ ଇଟା, ଟାଇଲ ଓ କେତେ କାଠ ଗଦା ହୋଇ ରହିଥିଲା ବାହାରେ ଓ ଛାତରେ। କିଏ କେତେ ଚୋରି କରି ନେଇ ସାରିଲେଣି। କିଏ କେଉଁ ସଜରେ ନେଉଛି। ଘରେ ଲୋକ ନ ରହିଲେ ସେହିପରି ହେବ। ଟିଣ ମଧ୍ୟ ଯେତେ ଖଣ୍ଡ ଥିଲା, ସେତେ ନାହିଁ। ଭଲ କଥା, ସେ ଅନ୍ତତଃ ମାଗିକରି ନେଲେ। ତା' ନହେଲେ ଆଉଥରେ ଆସିବା ବେଳକୁ ସେତକ ବି ନଥାନ୍ତା।

ଭାଉଜଙ୍କ ଘରର ବାଡିପଟେ ପଲା ମାରିବା ପରେ ଯେଉଁ ଚାଳଘରଟି ଥିଲା, ସେଇଟି ଫାଇଲିନ ବାତ୍ୟାରେ ଭାଙ୍ଗି ଯାଇଥିଲା। ଦାଣ୍ଡପଟର ଏକମାତ୍ର ବଖରାରେ ସେ କାଠଚୁଲି ଜଳାଇ ନିଜ ପାଇଁ ରୋଷେଇ କରୁଥିଲେ। ଘରସାରା ଧୂଆଁ ହୋଇ କଳା ଚରିଗଲା। ଟିଣ ଦୁଇଖଣ୍ଡ ନେଇ ବାଡିପଟେ ସେ ପୁଣିଥରେ ଯଥାକଥା ହାଣ୍ଡିଶାଳଟିଏ କରିବାକୁ ଚାହିଁଥିଲେ।

ରାତିରେ ଶେଯରେ ପଡିବା ପରେ ଗୋଧୂଳି ପଚାରିଲା ତୁମର ସେ ଭାଉଜଙ୍କ ପୁଅମାନେ ତାଙ୍କୁ କିଆଁ ପାଖକୁ ନେଉନାହାନ୍ତି ? କେଉଁଠାରେ ରହନ୍ତି ସେମାନେ ? ମାଆକୁ ଦେଖିବା ପାଇଁ ଆସନ୍ତି ନା ନାହିଁ ?

ମହେଶ ଠିକେଠିକେ ବୁଝାଇ କହିଥିଲା ଯେ ବିଶୁ ଭାଇନା ତ କେତେବର୍ଷ ତଳୁ ସଂସାର ଛାଡି ଗଲେଣି। ପୁଅମାନଙ୍କ ମଧ୍ୟରୁ ଜଣେ ରହେ ଆସିକାରେ, ଜଣେ ବ୍ରହ୍ମପୁରରେ ଓ ଅନ୍ୟ ଜଣେ ଡାକରଡା ଗାଁରେ। ବଡ଼ଟା ଚାକିରି କରେ, ପିଅନ ଥିଲା ଯେ, ଏବେ କିରାଣିର ହେଲାଣି। ମଝିଆର ଛୋଟ ବ୍ୟବସାୟ। ସାନଟା ଡାକରଡ଼ାରେ ଯଜମାନି କରୁଛି। ବାଡିପଟେ କେନାଲ ହୁଡ଼ାରେ ଯାଇ ଠିଆ ହେଲେ, ଉତ୍ତର ଦିଗରେ, ଡାକରଡ଼ା ଗାଁଟା ଦିଶୁଛି। ତଥାପି ତା' ପୁଅମାନେ ଆସନ୍ତିନି, ଯଦିବା ଆସିକା ମାତ୍ର ପନ୍ଦର କିଲୋମିଟର ଦୂରରେ ଓ ବ୍ରହ୍ମପୁର ଚାଳିଶି। ମୋଟେ ଆସନ୍ତିନି ବୋଲି କହିବା ବି ଠିକ୍ ହେବ ନାହିଁ। ଗାଁ ସାରା ସମସ୍ତେ ଜାଣନ୍ତି, ଫାଇଲିନ ପରେ ଯେଉଁ କ୍ଷତିପୂରଣ ମିଳିଲା, ଅବଶ୍ୟ ମାତ୍ର ଉଣେଶଇ ଶହ ଟଙ୍କା, ତାକୁ ନେବା ପାଇଁ ତିନିଜଣଯାକ ପୁଅ ଆସିଥିଲେ। ଲାଗିଥିଲା ଭୀଷଣ ଝଗଡ଼ା।

ଭାଉଜର ବଡ଼ପଣ ଏହା ଯେ ପୁଅମାନେ ଯେତେବେଳେ ଯାହା ଚାହିଁଲେ, ସାଧମତେ ଅକୁଣ୍ଠିତ ଭାବେ ସେମାନଙ୍କୁ ସେ ତାହା ଦେଇଦିଏ ସେସବୁ ସେମାନଙ୍କର ଦରକାର ଥାଉ ବା ନଥାଉ। ପୁଅମାନେ ମା'ର ମୃତ୍ୟୁ ପର୍ଯ୍ୟନ୍ତ ତା'ଠାରୁ କେବଳ ପାଇବାର ଅଭିଳାଷ ରଖିବା କି ଷଡ଼ଯନ୍ତ୍ର ରଚିବା ସତେ ଅବା ପୃଥିବୀର ପ୍ରାକୃତିକ ସ୍ୱାଭାବିକ ନିୟମ !

ଦୁଇ ସପ୍ତାହ ଉତ୍ତାରୁ, ଧାନ ବୁଣା ସରିଯିବା ପରେ, ମହେଶ ଓ ଗୋଧୂଳି ଫେରିଗଲେ ସହରକୁ, ସେମାନଙ୍କ ଘରକୁ। ଗୋଧୂଳି ଦିନେ ସନ୍ତୋଷ ବ୍ୟକ୍ତ କଲା– ଗାଁର ଘରେ କିନ୍ତୁ ଖୁବ୍ ଭଲ ଲାଗୁଥିଲା, କେତେ କିଏ ଆସିଥିଲେ ସନ୍ଧ୍ୟାବେଳେ, ବସୁଥିଲେ ପିଣ୍ଡାରେ। ମୋ ହାତର ଚା' ଥିଲା ସମସ୍ତଙ୍କ ପସନ୍ଦ।

ସତରେ ଗାଁରେ ଭାରି ଖୁସି ଲାଗୁଥିଲା। ରୋଜି ମଧ୍ୟ ଥରେ ଥରେ ଆସି ଆନନ୍ଦରେ ପ୍ରସ୍ତାବ ଦିଅନ୍ତି ଖୁଡୀ, ଆମେ ଦୁଇଜଣ ପିଇବାକୁ ଚାଁ ଟିକେ କରନ୍ତ ନି। କେମିତି କେଜାଣି ତୁମେ ବନାଅ ଯେ, ମତେ ମଧ୍ୟ ଭାରି ଭଲ ଲାଗେ।

ଗାଁର ପବନ ଅତି ଶୀତଳ ଓ ନିର୍ମଳ। ଯାହା ବି ରାନ୍ଧି ଖାଇଲେ ଖୁବ୍ ତୃପ୍ତି ଲାଗୁଥିଲା ସେଇଠି। ପାଣି ମଧ୍ୟ ଏତେ ବଢିଆ ଯେ, ପିଇଲେ କି ଶାନ୍ତିଃ ଖାଦ୍ୟ କେତେ ସହଜରେ ହଜମ ବି ହୋଇଥାଏ, ନୁହେଁ ?

ଗୋଧୂଳିର ଆନନ୍ଦକୁ ଲକ୍ଷ୍ୟ କରି ମହେଶ କହିଲା, ବିନା ଗଦି ଶେଯରେ ବି କେମିତି ବଢିଆ ନିଦ ହେଇ ଯାଉଥିଲା ! ଜାଣିଛ, ମୁଁ ଅନୁଭବ କଲି, ଯେମିତି କି ମୋ ବୋଉ ଆମ ଘରେ ଅଛି ଗାଁରେ। ଆମର ସବୁ ଆନନ୍ଦ, ସନ୍ତୋଷଙ୍କୁ ଗୋଡ଼େ ଗୋଡ଼େ ଜଗି ରହିଥିଲା।

ଗୋଧୂଳି ତୁମ ବୋଉ ତ ମଲେଣି ପ୍ରାୟ ଏଗାର ବର୍ଷ ପୂର୍ବରୁ । ପୁଣି ମଲାବେଳକୁ ସେ ଆମ ସହ ଥିଲେ ସହରରେ। ଘରଟା ସେଇଠି ଭୂତକୋଠି ପରି ପଡି ରହିଥିଲା। ବୋଉଙ୍କର ଆତ୍ମା କେଉଁକାଲୁ ମୋକ୍ଷ ପାଇ ଯିବଣି। ସେ କାହିଁକି ସେଇଠି ରହନ୍ତେ ?

ମହେଶ୍ର ପ୍ରତ୍ୟୟ ହେଲା, ଅଛି, ଅଛି, ଅନ୍ତତଃ ତା' ଶୁଭଦୃଷ୍ଟି,

ଆଶୀର୍ବାଦ ରହିଛି। ସେ ଘରକୁ ସିଏ ବୋହୂ ହୋଇ ଆସିଥିଲା। ଜେଜେବାପା ବଞ୍ଚିଥିବା ପର୍ଯ୍ୟନ୍ତ, ବାପାଙ୍କ ପାଖକୁ, ସହରକୁ ନଯାଇ ଗାଁରେ ହିଁ ରହିଁଥିଲା। ଥିଲା ସେଇଠି, ଗାଁ ସ୍କୁଲରେ ମୁଁ ତୃତୀୟ ଶ୍ରେଣୀରେ ପଢ଼ିବା ପର୍ଯ୍ୟନ୍ତ। ଜୀବନ ଆରମ୍ଭ କରିଥିଲା ସେଇଠି। ଏବେ ମଧ୍ୟ ନଥିବ କାହିଁକି ?

ପୁଣିଥରେ ଛଅମାସ ପରେ ମହେଶ ଓ ଗୋଧୂଳି ଯାଇଥିଲେ ଗାଁକୁ, ଏଇତ ମାସେ ତଳେ। ସେତେବେଳେ ମାଘ ମାସ। ଧାନ ଅମଳ ହେଉଥାଏ। ସକାଳୁ ସକାଳୁ ଧାନ କଟା ସରିଥିବା ବିସ୍ତୃତ ବିଲମାଳରେ କୁହୁଡ଼ିର ଘନ ଆସ୍ତରଣ। କୃଷ୍ଣପକ୍ଷ ଦ୍ୱିତୀୟା ତିଥିର ରାତିରେ ଝଲସୁଥାଏ କୁହୁଡ଼ି ଜହ୍ନ ଆଲୁଅରେ। ନିସ୍ତବ୍ଧ ସେ ମନୋରମ ପରିବେଶ ମହେଶକୁ ଲାଗୁଥାଏ କେଉଁ ପରୀ କାହାଣୀର ଚିତ୍ରପଟ ପରି।

ତା' ପରଦିନ ସକାଳେ ଗୋଧୂଳି ଗଲା ସେ ଭାଉଜଙ୍କ ଘରକୁ। ଦେଖିଲା, ଭାଉଜ କାଠ ପୋତି, ଝାଟିମାଟି ଦେଇ ଛୋଟ ରୋଷେଇଘର ତିଆରି କରିଛନ୍ତି ବାଡିପଟେ। ଉପରେ ପକାଇଛନ୍ତି ମାଗିକରି ନେଇଥିବା ଟିଣ ଦୁଇଖଣ୍ଡ।

ଗୋଧୂଳି ପହଞ୍ଚିବା ବେଳକୁ ସେ ଚୁଲି ଫୁଙ୍କୁଥିଲେ। ପଛପଟୁ ଖୁବ୍ ନରମ ସ୍ୱରରେ ଗୋଧୂଳି କହିଲା ନାନୀ, ମୁଁ ଓଳଗି ହେଉଛି।

ସେ ଧଡ଼ପଡ଼ ହୋଇ ଉଠିଲେ। ଗୋଧୂଳିକୁ କୋଳେଇ ଧରି ତା' କପାଳରେ ଚୁମାଟିଏ ଦେଲେ।

❖❖❖

# କାଗଜ ମଣିଷ



ISSN-2583-6978
Volume-3
Issue-8
AUGUST-2023

**ଭୀମ ପୃଷ୍ଟି**

**କାଏମା, ଧର୍ମଶାଳା, ଯାଜପୁର-୦୮**
**ମୋ: ୯୪୩୭୫୩୧୩୯୭**

ସେ ଯେଉଁ ଦେଶରେ ଜନ୍ମ

ସେଠି ତା' ଉପରେ ବହୁତ କାଗଜପତ୍ର ଦେଇ ସେ ବଡ଼ ହେଉଥିଲା।

ତା' ଜନ୍ମ ସମୟରେ ଜନ୍ମର କାଗଜପତ୍ର ଦର୍କାର ହେଉନଥିଲା। ହେଲେ ତା' ଛୁଆ ଜନ୍ମ ପରେ କାଗଜପତ୍ର କରିବା ବାଧତାମୂଳକ ହୋଇଗଲା, ନ ହେଲେ ସେ କେମିତି ଚିହ୍ନାପଡିବ- କେଉଁଠି ଜନ୍ମ ହେଲା ? କେଉଁ ତାରିଖରେ ? କେଉଁ ଦେଶର ଛୁଆ ?

ପିଲା ଜନ୍ମ ପାଇଁ ସେ ଯେତିକି ଖର୍ଚ୍ଚ କଲା ପିଲା ଜନ୍ମ କାଗଜପତ୍ର ହାତେଇବା ପାଇଁ ତା'ଠୁ ଅଧିକା ଗଣିଲା। ତା' ଆଗରୁ ଯେଉଁଦିନ ତାକୁ ଅଠର ବର୍ଷ ପୂରିଗଲା, ଭୋଟର ପରିଚୟ ପତ୍ର ତା' ଆଗରୁ ଆସିଗଲା ପରେ ଏକଦମ୍ ଛୁଆ ଠୁ ନାଗରିକ ହୋଇଗଲା। ଏହି କାଗଜ ଉପରେ ସେ ସବୁ ଜାଣିବା ଶୁଣିବା ଲୋକଙ୍କଠୁ ଶୁଣିଲା- 'ଏ କାଗଜ ଖଣ୍ଡିକ ଜୀବନଠୁ ଅଧିକ ଦରକାରୀ କାଗଜ। ନଚେତ ତୁମେ କିଏ ? ଏହି କାଗଜ ଦେଖେଇଲେ ଯାଇଁ ଅନେକ କାଗଜର ସୁବିଧା ମିଳିବ। ଏ କାଗଜ ଜୀବନ ସାରା ସାଇତି କରି ରଖିବ।'

ସେ ବି ଦେଖିଲା ସେ ଏବେ ଆଉ ନାହିଁ। ଯେଉଁ ଦପ୍ତରକୁ ଗଲେ ଦପ୍ତରିଆ ସେ କାଗଜ ଫଟୋରୁ ତା' ଚେହେରାକୁ ମିଳେଇ ଚିହ୍ନିଲେ। ସେ ଜାଣୁଥଲା କାଗଜ ହାତେଇବା ପରି କାଗଜକୁ ହେପାଜତ କରି ରଖିବା କାମ ଅଲଗା ଅଲଗା। ସେ ଜୀବନରେ ଯେତେ କାଗଜ ଯୋଗାଡ଼ କରିଥିଲା, ସବୁ ସେ ଜରିଖୋଳରେ ସମ୍ଭାଳି ରଖିଥିଲି। କେବଳ ତା' ବାପାଙ୍କ ନାଁରେ ମାଣେ ଜମି, ଘର କାଗଜ ପତ୍ରକୁ ସେ ଶାଳଗ୍ରାମ ଭଳି ସମ୍ଭାଳି ଜଗାରଖା ଓ ଗୌରବରେ ଥିଲା। ତା' ପାଖରେ ଭୋଟର ପରିଚୟ ପତ୍ର କାଗଜକୁ ଛୋଟ ଶାଳଗ୍ରାମ ଭଳି ଥାପିଦେଲା।

ଭୋଟର କାଗଜପତ୍ର ଦେଖେଇ ରାସନ ପାଇଁ ମୋଟା କାଗଜଟିଏ ମିଳିଲା। ମାସକୁ ମାସ ସେ ଖାଉଟି ଭଣ୍ଡାରକୁ ରାସନ କାଗଜ ଧରି ଯାଉଥିଲା। ଯେତେବେଳେ ଯେଉଁ ରାସନ ମିଳୁଥିଲା। ସେ ଖାଦ୍ୟକୁ ମଣିଷ ମୁହଁରେ ଦେଇ ପାରିବିନି। ଅଧିକାଂଶ ବେଳେ ଗୋଟେ ମାଟି ସ୍ଲେଟରେ ଚକ୍‌ରେ ଲେଖା ହୋଇଥିବ- 'ମାଲ୍ ନାହିଁ।' ଦୋକାନ ଆଗରେ ସ୍ଲେଟ୍ ଟଙ୍ଗେଇ ସେ ଡିଲର ତାସ୍ ଖେଳୁଥିଲା। ଏହି ଖାଉଟି କାଗଜ ପତ୍ର ପାଇଲା ପରେ ଗୋଟେ ନୂଆ କଥା ଶୁଣିଲା-କଳା ବେପାର କଥା। ଖାଉଟି ଡିଲର ଥିଲା ଗାଁର ସବୁଠୁ ହେକାଇତିଆ। ସେ ଥିଲା ଯେଉଁ ଦଳର ସେହି ସର୍କାରୀ ମାଲ୍‌କୁ ଗୁପ୍ତ ଗୋଦାମରେ ରଖି ଲୋକଙ୍କ ରାସନକୁ ବେପାରୀଙ୍କୁ କଳାବେପାର କରି ଦେଉଥିଲା।

ଏ ସବୁ କଳାବେପାର ଉପରେ ସେ ନା ଯଦି ବଡ଼ ବଡ଼ କଥା ଶୁଣୁଥିଲା, ସବୁ କାଗଜପତ୍ର ଥାଇ ଜିନିଷ ନ ପାଇବାରୁ ସବୁକଥା ସେ ଠଉରାଇ ପାରୁଥିଲା। ସେ ପାଇଁ ସେ ତା'ର ମାଣେ କମ୍ ଜମିରେ ହରେକ୍ ରକମ୍ ପନିପରିବା ଚାଷକୁ ବେଶି ଭରସା କଲା।

ନିର୍ଦ୍ଧୁମ ଖରାବେଳେ ସେ ତା' ଜମି ମୁହଁ ଘର ବାରଣ୍ଡାରେ

ବସିଥିଲା ବେଳେ ହିଁ ସେ ଅଚିହ୍ନା ଲୋକ ମୁଣ୍ଡରେ ଛତା ଫୁଟେଇ ଆସିଲା। ସେ ତା' ପାଖରେ ବସିଲା। ପାଣି ପିଇଲା। ମୁଣାରୁ କାଗଜ ପତ୍ର, ଜୀବନବୀମାର ନିୟମାବଳୀ ବହି ପତ୍ର ମେଲେଇ ଦେଲା। ତା'ର କାକତୁଆ ଭଳି ସ୍ୱର ଥିଲା। 'ଧର' - ବୋଲି କଥାରେ ଲଗେଇ ସେ ତାକୁ ନିମିଷକ ଭିତରେ ଦୁର୍ଘଟଣାରେ ପଙ୍ଗୁ କି ଅସାଧ ରୋଗରେ ଡାକ୍ତରଖାନାରେ ଶୋଇଥିବା ଅଭାବୀ ରୋଗୀ କରି ଦେଲା। ସେ ଜୀବନବୀମା କାଗଜପତ୍ର ଧରି ଆସିଥିବା ଲୋକର କଥା ଶୁଣି ତା' ପିଳେହୀ ପାଣି। 'ଧର' ଲଗେଇ ସେ ତା' ବୀମା କଥାରେ ବିରାମ ନଥିଲା- ଧର ସେହି ଅବସ୍ଥାରେ ତୁମେ ଡାକ୍ତରଖାନାରେ। ଧର ତୁମେ ଉପାୟ ଶୂନ୍ୟ। ମାନେ ଧର ତୁମ ବନ୍ଧୁବାନ୍ଧବ,ନିଜ ଲୋକ କେହି ସାହାଯ୍ୟ କରୁନାହାନ୍ତି। ଧ-'

ସେ ରୋକିଲା- ହଉ ସେ ଧର କଥା ଛାଡ଼। ଏବେ ମୋତେ କେଉଁ କାଗଜପତ୍ର କରିବାକୁ ହେବ ? ନିଜ ଜୀବନ ଉପରେ ନାରଖାର କଥା ଶୁଣି ଭିତରେ ପାଣିରୁ ପାଣି ହୋଇ ବୀମା କାଗଜ ଭିତରକୁ ସେ ପଶିଗଲା। ଏହି କାଗଜପତ୍ର ମାମଲାର ବେଶି ଖବର ରଖିଥଲା ତା' ସ୍ତ୍ରୀ।

ଦିନେ ସ୍ତ୍ରୀ କହିଲା- 'ଗୋଟେ କାମ କଲେ ଆଗକୁ ସବୁଜପତ୍ର କାଗଜ ମିଳିବ। ଦି'ଟା ଛୁଆ ପରେ ଏ କାଗଜ ମିଳେ। ଏ କାଗଜପତ୍ର ଆଗ ଦି' ପିଲାଙ୍କୁ ବହୁ ଦରକାରୀ। ମୁଁ ତ ମହିଳା ମଣ୍ଡଳ ଭିତରେ ରହି ସମୟ ପାଉନି। ଆଉ ଛୁଆଜନ୍ମ କରି ପାଳି ପୋଷିବାକୁ ମୋର ସମୟ ନାହିଁ। ଏତିକିବେଳେ ଆମ ଭିତରୁ ଜଣକୁ ଅପରେସନ ହେବାକୁ ପଡିବ। ତା' ପରେ ଜନ୍ମ ନିମନ୍ତ୍ରଣ କାଗଜପତ୍ର ମିଳିବ। ସେ କାଗଜ ଦେଖେଇଲେ ଯାଇ ସବୁଜପତ୍ର କାଗଜ ମିଳିବ।'

ସ୍ତ୍ରୀ ସବୁଜପତ୍ର କାଗଜ ପାଇଁ ହୁଲୁକୁମତା ହେଉଥିଲା। କାଗଜ ପାଇଁ ହାଇଫାଇଁ ତା' ସ୍ୱପ୍ନ ଛଳଛଳ ଆଖି ସହିତ ଆଖି ମିଳେଇ ପାରୁ ନଥିଲା। ସେ ଆଖିରୁ ସେ ବାରମ୍ବାର ଖସିଡି ଆସୁଥିଲା। ଜାଣୁଥିଲା ସାରା ଦୁନିଆରେ ସବୁଠୁ ସୁନ୍ଦର ସ୍ୱପ୍ନ ଦେଖନ୍ତି ଏମାନେ। ସ୍ୱପ୍ନକୁ ସାକାର କରିବାର ଜିଦି ତା' ସ୍ତ୍ରୀର ଥିଲା। ଏହି କାଗଜପତ୍ର ମାମଲାରେ ତା'ଠାରୁ ଅଧିକ ତା' ସ୍ତ୍ରୀ ଥାକ ଥାକ କାଗଜ ନିଜ ନାଁରେ କରିପାରିଛି- ତା'ର ସେ ମହିଳା ମଣ୍ଡଳର କାଗଜ ତା' ନାଁରେ ବ୍ୟାଙ୍କର କାଗଜଠୁ ଚିଟଫଣ୍ଡରେ ମାସକୁ ମାସ ଟଙ୍କା ବାନ୍ଧିବାର କାଗଜପତ୍ର। କାଗଜରେ ଟିପ ନୁହେଁ, ତେଢ଼ାମେଢ଼ା ଅକ୍ଷର ଓ ତା' ଫଟୋ ଥୋଇ ଅନେକ କାଗଜରେ ତା' ସ୍ତ୍ରୀ। ସେ ସବୁ ଆକଳନ ନ କରି ସେ ତା'ର ପନିପରିବା ଚାଷର ରୋଗପୋକ, ସାର ପାଣି ଭିତରକୁ ପଶିଗଲା ବେଳେ ସ୍ତ୍ରୀ ତାକୁ ସେଠୁ ଓଟାରି ତା' ମତଲବ ଜାଗାରେ ଛିଡ଼ା କରିଦେଲା- 'ମୁଁ ବାହାରେ ବୁଲୁଛି। ସେୟାଡେ ମୋର ଅନେକ କାମ। ତୁମେ ତ ପନିପରିବା ଚାଷ କରି, ଛାଇରେ ଟିକେ ବସି ଶୋଇବାକୁ ସମୟ ପାଉଛ। ତୁମେ ଅପରେସନ ହୋଇପଡ। ଆମ ପିଲାମାନଙ୍କ ପାଇଁ ସବୁଜପତ୍ର କାଗଜ ହୋଇଯିବ।

ଚାଷବାସ ଭିତରେ ବୁଡି ରହିଥିବା ଭାବଭୋଳ କବି ଭଳି ସେ ଲୋକଥିଲା। ଧାଇଁ କରି ନିଜକୁ ବୁଝେଇ ଦେଲା- 'ହଁ। ଅପରେସନ ଯାହକୁ ଦେଲେ ତ ଜଣକୁ ହେବାକୁ ହେବ। ପିଲାଙ୍କର ଯଦି ଲାଭ ହେବ ଏ କାଗଜପତ୍ର ଭିତରକୁ ପଶିଲେ କ୍ଷତି କ'ଣ ? ତା' ପର ଦିନ ସେ ଖାସୁ ହୋଇଗଲା।

ତା' ଭିତରେ ତା ସ୍ତ୍ରୀ ମାସେ ପନ୍ଦର ଦିନ ପାଇଁ ନିଜ ଦଳରୁ ଦି'ଟା ସ୍ତ୍ରୀ ଲୋକଙ୍କୁ ପନିପରିବାର ଚାଷ ଦେଖାଶୁଣା ପାଇଁ କାମରେ ଲଗେଇ ଦେଲା। ଅପରେସନ ପରେ ଘରେ ସେ ବସି, ଶୋଇଲା ସମୟରେ ଆଉ ଗୋଟେ କାଗଜପତ୍ର ସ୍ୱପ୍ନ ଆଡ଼କୁ ତା' ସ୍ତ୍ରୀ ନେଇଗଲା ଏବେ କିଛିଦିନ ଚାଷ ବାସ କଥା ଚିନ୍ତା ନକରି ହାତଗୋଡ଼ ଜାକି ବସ। ଆମର ତ ସବୁଜ କାଗଜ ହୋଇଗଲା। ଏହା ପରେ ଋଣ ଓ ଚାଷର ସୁବିଧା ପାଇଁ କିଶନ ବିକାଶପତ୍ର କାଗଜପତ୍ର ଭିତରକୁ ଯିବାକୁ ହେବ।'

ତା' ଭାବନା ଭିତରକୁ ଏହି କାଗଜପତ୍ର ବ୍ୟାପାର ପୂରେଇବା ତା' ସ୍ତ୍ରୀର ଭୁଲ୍ ନୁହେଁ। ତା' ଘରୁ ବାହାର ଦୁନିଆଁରେ କାଗଜପତ୍ର ଉଡୁଥିଲା। ସେ କାଗଜ ସବୁକୁ କେବଳ ଧରିପାରିଲେ ହେଲା। ଏହି କାଗଜପତ୍ରରୁ ସେ ଗୋଟେ କଥା ଭାବେ - ଆକାଶରେ ଅନେକ ରଙ୍ଗ ଓ ଆକାଶରେ ଗୁଡି ଭଳି ଲୋଭନୀୟ ସୁବିଧା ସୁଯୋଗର କାଗଜ ଉଡୁଛି। ବହୁତ ଲୋକଙ୍କ ହାତ ପାଉନି। ଯିଏ ରାଜନୀତିର ରା' ଅକ୍ଷର ଜାଣିଛି- ତା'ରି ଲମ୍ବା ହାତ। ସେ ଧରି ପକାଉଛି ସେ କାଗଜ ଗୁଡି। ଯାହାର କୋଠାଘର, ସେ ହାତେଇଛି- ଇନ୍ଦିରା ଆବାସ। ଯାହାର ବସ୍ତା ବସ୍ତା ଧାନ ଚାଷ, ସେ ହାତେଇଛି- ଅନ୍ନପୂର୍ଣ୍ଣାର କାଗଜପତ୍ର। ବିପିଏଲ୍, ଏପିଏଲ୍, ବାର୍ଦ୍ଧକ୍ୟ ଭତ୍ତା କାଗଜକୁ ଭାଗ୍ୟବାନଠୁ ବେଶି

ଭୋଗୁଥିଲେ ଥିଲାବାଲା ଲୋଭୀ ଅଭାଗା ।

ସେ ବି ଦେଖିଥିଲା ତାରି ଅଞ୍ଚଳର ଲୋକ ଏହି କାଗଜପତ୍ର ସବୁ ନିଜ ନାଁରେ ନେବାକୁ ୱାର୍ଡମେମ୍ବର ସରପଞ୍ଚ, ଦପ୍ତରରେ ଘୁଷୁରି ପରି ସୁଡୁସୁଡୁ ହେଉଥିଲେ । କାଗଜ ପାଇବାଠୁ କରେଇଦେବା ଲୋକ ବେଶି ହାଉଯାଉ ହେଉଥିଲା ।

ସେ ଯାହା ନୁହେଁ ତା ତା' ପାଇଁ କାଗଜ ଯୋଗାଡ଼ରେ ସେ ବିକଳ ନଥିଲା କି ତାକୁ ସମୟ ନଥିଲା । ପାଣିପାଗକୁ ଦେଖି ପନିପରିବା ଲଗେଇ, ଫଳେଇ ସାଇକେଲିଆ ପରିବା ବେପାରୀକୁ ଧାର ନଗଦରେ ବିକିବା, ନିଜ କାମ ଓ ଅଭାବକୁ ନେଇ ଥକ୍କା ମେଣ୍ଟାଉଥିଲା ବେଳେ ଖୋଦ ତା' ଶଳା କାନରେ ପୂରେଇ ଦେଲା ଗୋଟେ କଥା– 'କି ବାଇଗଣ, ଟମାଟର, ଶାଗ ଚାଷରେ ଭାଇନ୍ନା ସମୟ ସାରୁଛ ? ଏ ବାର ପ୍ରକାର ପଚାସଢ଼ା ଚାଷରେ କି ଉନ୍ନତି ? ଏ ପନିପରିବା ଚାଷ ଛଡ଼ା, କେବଳ ଗୋଟିଏ ଚାଷ କର– ଗେଣ୍ଡୁଚାଷ । ତୁମେ ତୁମ ଭଳି ହୋଇଯିବ । ତୁମ ବାଇଗଣଠୁ ଗେଣ୍ଡୁଫୁଲର ଚାହିଦା ଏବେ ବେଶୀ । ପିଲା ଜନ୍ମ ପୂଜାଠୁ, ବାହାଘର ସଜାଠୁ, ରାଜନୀତି ସଭାଠୁ, ମୁର୍ଦ୍ଦାର ବେକର ହାର ପର୍ଯ୍ୟନ୍ତ ସବୁଠି ଦର୍କାର– ଗେଣ୍ଡୁ ଫୁଲ ।'

ତା' ପରେ ସେ ଗେଣ୍ଡୁଫୁଲ ଆଡ଼କୁ ଚାଲିଗଲା । ଆଗରୁ ଶୀତଦିନେ କା'କା' ଘର ଆଗରେ ଏହି ଫୁଲର ରଙ୍ଗ ଓ ଆକାରର ରୋଷଣୀ ଦେଖିଥିଲା । ହେଲେ ମାଣେ ଜମିରେ ଫୁଟିଥିବା ହଜାର ହଜାର ଗେଣ୍ଡୁଫୁଲ କିଆରୀ ଆଡେ ଉପରେ ଟଳମଳ କାକର । ସେ କାକରକୁ ଛୁଇଁବାକୁ ଗଲାବେଳକୁ ସେ ସ୍ୱପ୍ନରୁ ଉଠି ବସୁଛି– ଏହି ଗୋଟିଏ ସ୍ୱପ୍ନରୁ ସେ ଗେଣ୍ଡୁଚାଷ ଉପରେ ମୁଣ୍ଡ ପୂରାଇଲା । ଜଣେ ବି ତାକୁ ସାହସ ଦେଲା– ବେଙ୍ଗଲରେ ଚାଷ କରି ସେମାନେ ଯଦି ଓଡ଼ିଆ ଫୁଲ ବଜାରରେ ଗେଣ୍ଡୁଫୁଲ ବେପାର ବଢାଇଲେ । ଏଇ ମାଟିରେ ଗେଣ୍ଡୁ ହେବାକୁ କ'ଣ ମନା କରିବ ?

ତା' ଚାଷକୁ ଅନ୍ୟ ଚାଷୀଟିଏ ବି ହସରେ ଉଡାଇ ଦେଲା । କହିଲା ତା'ସୂର୍ଯ୍ୟମୁଖୀ ଫୁଲ ଚାଷ କଥା । କିପରି ସେ ଫୁଲଚାଷ ଉଜୁଡିଗଲା । ଯେଉଁ ମଞ୍ଜି ଲଗାଇଲା ଅଧା ଗଛ ମୁକ୍ରିଟିଆ ହେଲା । ଯେଉଁ ମଂଜି ବାହାରିଲା କମ୍ପାନୀ ଶାଗମୁଗ ଦାମ୍‌ରେ କିଣିଲେ । ସାର ଔଷଧ ପାଣି ପାଇଁ ଟଙ୍କା ଖଟେଇ ଋଣ ବୋଝେଇ ସେ ଦେବାଳିଆ ହୋଇଗଲା ।

ହେଲେ ତା' ମୁଣ୍ଡ ଭିତରକୁତ ପଶି ଯାଇଥିଲା ଗେଣ୍ଡୁ ଫୁଲ । ଭାବିଲା ପ୍ରଥମ ବର୍ଷ ସେହି ବେଙ୍ଗଲ ଚାଷୀଠୁ ଚାରା କିଣି ସେ ଏଠି ଫୁଟେଇ ପାରିବ ବେପାର । ସେ ତା' ପୁରୁଣା ପନିପରିବା ଚାଷ ବୁଡେଇ ତା' ଜମିରେ ସିଆର ସିଆର କରି ଲଗାଇଦେଲା ଫୁଲଚାରା ।

ସେ କାଗଜପତ୍ର ଭିତରେ ପଶିବାକୁ ଚାହୁଁ ନଥିଲା । ଦେଶର ନୂଆ ନିୟମ କହିଲା ଯେ, ଆଧାର କାର୍ଡ ନାହିଁ ତ ଆଧାର ନାହିଁ । ଆଧରା କାର୍ଡ କାଗଜପତ୍ର ପାଇଁ ତା' ଆଖିର ଫଟୋ ଉଠା ପାଇଁ ସେ ମେସିନ ପାଖରେ ଫଟୋ ଦେଲା ।

ସେତେବେଳେ ଦିଲ୍ଲୀ କଂଗ୍ରେସ ସର୍କାରର ଗାଁ ଉନ୍ନତି ଦାୟିତ୍ୱ ନେଇଥିବା ଖୁବ କମ୍ ବୟସର ମନ୍ତ୍ରୀ ଆଗାଧା ସାଙ୍ଗମା ଆସି ଚାଷୀ ସଭାରେ ଭାଷଣ ଦେଇଗଲା– ଯେ ପର୍ଯ୍ୟନ୍ତ ଲୋକଙ୍କ ଆହାର ଦର୍କାର, ସେ ପର୍ଯ୍ୟନ୍ତ ଚାଷ ରହିବ । ଯେଉଁମାନେ ଚାଷ ଛାଡି ଅନ୍ୟ ଧନ୍ଦାରେ ଯାଉଛନ୍ତି ତାଙ୍କ କଥା ଛାଡନ୍ତୁ । ଯେଉଁ ଚାଷୀ, ଚାଷୀ ହୋଇ ରହିବ, ସେ ଚାଷୀ କୋଡିଏ ବର୍ଷ ଭିତରେ ମରସିଡିସ କମ୍ପାନୀର କାର ଚଢି ବୁଲିବ ।

ଏକଥା କେଉଁଠୁ ଶୁଣିଲା ପରେ ତାକୁ ହସ ଲାଗିଲା, ଚାଷୀକୁ ଜମି ଲିଜ୍ ନାହିଁ । କାରଖାନାକୁ ଲିଜ୍ । କେମିତି ଚାଷୀ ଚାଷ ବଢାଇବ ? ମାଣେରୁ କମ୍ ଜମିରେ ଗେଣ୍ଡୁଚାଷ କରି ସେ କେତେ ବର୍ଷ ପରେ ଚଢି ପାରିବ କାର୍ ? ଗେଣ୍ଡୁ ଫୁଲ ଭଳି ତା' ଜୀବନ କମ୍ ଥିଲା, ସେଥିପାଇଁ ସେ ଗେଣ୍ଡୁ ମୂଳରେ କେତେ ସାର, ଉପରେ କେଉଁ ହରମୋନ ଛିଞ୍ଚିଲେ କେତେ ଓଜନଦାର ଫୁଲ ଫୁଟେଇ କିଲ ରେଟ୍‌ରେ ବେପାରୀକୁ ବିକ୍ରି କରିପାରିବ ସେ ଭାବନା ଭିତରକୁ ଚାଲିଗଲା ।

ଗେଣ୍ଡୁ ଫୁଲକୁ ନେଇ ସେ ଭଦ୍‌ଭଦଳିଆ ଚଢେଇ ଭଳି ତା' ଫୁଲ ଜମିରେ ବୁଲି ବୁଲି ଭାବୁକ ହେଲା । ବାଙ୍ଗର, ଝଙ୍କାଳିଆ ଗଛରୁ ବାଛି ବାଛି ବଡ଼ବଡ଼ ଗେଣ୍ଡୁଫୁଲ ତୋଳିଲା ବେଳେ, ତା' ଆଗରେ ଫୁଲ ଆଉ ଫୁଲ ହୋଇନଥିଲା । ଫୁଲର ଓଜନକୁ ଦେଇ ଶୁଭଲାଭ ବେପାର ଆଡେ ଥିଲା ।

ଏ ଧନ୍ଦା ବି ଅଜବ ହେଲା । ପରିବା ଚାଷଠୁ ସଫଳ ଫୁଲଚାଷୀର ପ୍ରମାଣପତ୍ର କାଗଜପତ୍ର ଭିତରକୁ ଲୋକେ ତାକୁ ନେଇଗଲେ । ଏହି ଚାଷ ଟା ପାଇଁ ଉଦ୍ୟାନବିତ ପରିବେଶମିତ୍ର,

ସବୁଜଶ୍ରୀ ଇତ୍ୟାଦି ପ୍ରଶଂସାପତ୍ର ତା' ଉପରେ କୁଢେଇ ହୋଇ ପଡିଲା।

ଚାଷରୁ ପଇସା ବଞ୍ଚେଇ ଜାତୀୟ ସଂଚୟ ଯୋଜନାର କାଗଜପତ୍ର ଭିତରକୁ ପଶିଲେ କେମିତି ବୋଲି ଭାବିଲା। ସେ କାଗଜପତ୍ର କଲେ ଜମାକାରୀଙ୍କୁ ନେଇ ଲକ୍ଷେ ଟଙ୍କିଆ ଲଟେରୀ ଟିଏ ଅଛି ବୋଲି ଶୁଣୁଥିଲା। ସେ ସବୁ କାଗଜପତ୍ର ଡାକଘରେ ମିଳେ। ହେଲେ ତା' ଗାଁରେ ଡାକଘର ନଥିଲା। ଆଉ ଗୋଟେ ଗାଁର ଡାକବାଲା ବେଳେବେଳେ ତା' ଗାଁକୁ ଡାକ ବାଣ୍ଟି ଆସୁଥିଲା। ସେ ଡାକବାଲା ନିଜ ଘର ବାରଣ୍ଡାରେ ତାଳପତ୍ର ତାଟି ମାରି ଡାକ ବିଭାଗକୁ ଦୟା କରି ଡାକ ଅଫିସ ଖୋଲିଥିଲା। ଗୋଟେ ହାତଭଙ୍ଗା ଚେୟାର, ବାଙ୍ଗର ମେଜ, ପୁରୁଣା ସୁଟକେସ ରେ ଡାକ ମୋହର, କାଳି ବାକ୍ସ, ହଳଦିଆ ପଡିଥିବା କାଗଜପତ୍ର ଥିଲା। ସେ ଲୋକ ପାଇଁ ଆଉଗୋଟେ ଡାକଘରୁ ଡାକ ବ୍ୟାଗ ଧରି ଆସୁଥିଲା। ନିଜ ବାରଣ୍ଡାରେ ଡାକଘରେ ଡାକ ବଛାବଛି, ମୋହରା ମରା କାମ କରୁଥିଲା। ପୁଣି ସେ ସେସବୁ ଡାକରୁ ବାଣ୍ଟିବାକୁ ଆଖପାଖ ଗାଁକୁ ଗାଁ ବୁଲୁଥିଲା। ନିଜ ରନର ନିଜେ ଡାକମାଷ୍ଟର ନିଜେ ଡାକ ପିଅନ ହୋଇ ଦେଶର ଡାକ ବିଭାଗରେ ଦାଦନ ହୋଇ ଖଟୁଥିଲା। ତା'ର ଅସ୍ଥାୟୀ ଚାକିରୀ, ଫଳପୁଷ୍ପେ ଅଳ୍ପ ଦରମା, ଅଭାବ ଅନାଟନ ପାଇଁ କର୍ମ ଅଚଳକୁ ଗୋଟେ ସର୍କାରୀ କାର୍ଯ୍ୟର ତିନିଟା ଲୋକର ଖଟଣୀରେ ଏକା ଖଟୁଥିଲା। କାଗଜପତ୍ରର ବୋଝ ବୁହା କୁନ୍ଥାଣରେ କେଁ-କଟର ସାଇକେଲ ଚଲାଉ ଥିବା ବେଳେ ତା' ମୁହଁରେ ଖରାଟିଆ ଚାଷ କରୁଥିବା ବଳଦ ମୁହଁର ଫେଣ ଭଳି ଲାଗି ରହିଥିଲା। କିଏ ଯଦି ତା' ଡାକ ପହଞ୍ଚିବା କାହିଁକି ଡେରି ହେଲା ବୋଲି ପଚାରୁଥିଲା,ସେ ଚିଡ଼ି ଉଠି ଉତ୍ତର ଦେଉଥିଲା- ମୁଁ ତ ତ୍ରିଫଳି। ଆଉ କେତେ ଫାଳ ଚିରି ହେବି ? କେବଳ ଡାକ ଦେବା ଛଡ଼ା ଅନ୍ୟ ଯୋଜନାର କାଗଜପତ୍ର ଆଣି ସେ ତା' କାମ ବଢାଇବାକୁ ଚାହୁଁ ନଥିଲା। ତା' ପାଖରେ ଯେ ଜାତୀୟ ସଞ୍ଚୟ ପତ୍ର କାଗଜ ମିଳିବ ଏ କଥା ଭରସି ସେ ତାକୁ ପଚାରି ପାରୁନଥିଲା।

କିନ୍ତୁ ତା' ସ୍ତ୍ରୀ ସବୁବେଳେ ଅବଶେଷ କରୁଥିଲା କି, ଏତେ ଜଲ୍‌ଦି ସେମାନଙ୍କର ଏ ଦେଶରେ ଜନ୍ମ ହେବାଟା ଭୁଲ୍ ଥିଲା। ପଛରେ ଟିକେ ଜନ୍ମ ହୋଇଥିଲେ ଭଲ ହୋଇଥାନ୍ତା। ଏବେ ଗୋଟେ ଲୋକପାଇଁ ଯେତେ କାଗଜପତ୍ର ମିଳୁଛି, ପୂର୍ବରୁ ଲୋକଙ୍କ ପାଇଁ ଏତେ କାଗଜପତ୍ର ନଥିଲା। ଏହି କାଗଜପତ୍ରକୁ ନେଇ ତା'ର ନାନା ଚିନ୍ତା ଲାଗି ରହିଥିଲା। ଖୋଦ୍ ରାଜଧାନୀର ଦପ୍ତର ମାନଙ୍କରେ ଯେତେ କାଗଜପତ୍ର ଥିଲା, ତା'ଠାରୁ ଅଧିକ କାଗଜପତ୍ର ଗାଁ ପାଇଁ ଆସୁଥିଲା। ବ୍ଲକ୍, ତହସିଲ, ପଞ୍ଚାୟତ, ଓ୍ୱାର୍ଡମେମ୍ବର, ସରପଞ୍ଚ, ଅଙ୍ଗନୱାଡି, ସ୍କୁଲ ସବୁଠି ଏ ହରରଙ୍ଗୀ କାଗଜପତ୍ରର ଭିଡ଼ ରହିଥିଲା। ଏହି କାଗଜପତ୍ରକୁ ନେଇ ସେ ପୂର୍ବରୁ ଅନେକ ଅସମ୍ଭବ କଥା ଶୁଣି ଥିଲା- କୁଅଁ ପାଇଁ ଋଣ ନେଇଥିବା ଲୋକ ଟାଉଟରକୁ ଧରି ଅଧିକାରୀ ପାଖରେ ଅଧିଆ ପଡି କହୁଥିଲା- ଆଜ୍ଞା ! ମୋ କୁଅଁ ଚୋରୀ ହୋଇଯାଇଛି। ଏବେ ଶୁଣୁଥିଲା- କାହାର ପାଞ୍ଚବର୍ଷ ତଳୁ ବାପ ମରିଥିଲା, ପୁଅ ତା' ମଲାବାପକୁ ବଞ୍ଚିଛି ଦେଖାଇ ବାର୍ଦ୍ଧକ୍ୟ ଭତ୍ତା, କାହାର ସ୍ତ୍ରୀ ଆଖିବୁଜି ବିଲେଇପରି ବିଧବା ଭତ୍ତା କାଗଜପତ୍ର କରିଥିଲା।

ସେ ଅନେକ ଦିନ ପରେ ତା'ର ନିଜ ଚାଷବାସକୁ ନେଇ ନାନା ଦୁଃଶ୍ଚିନ୍ତାରେ ଧନ୍ଦୁଣି ହେଲା। ତା' କ୍ଷେତ ଚାରିପାଖର ବାଡ଼ ପାଖରେ ଚାରି ଛଅଟା ଉଇକାଲିପଟାସ ଗଛ ମାଟିତଳୁ ପାଣି ଟାଣି ଆକାଶକୁ ହୁ ହୁ ବଢୁଥଲେ, ହେଲେ ମାଟି କି ଔଷଧ ଅଭାବରେ ଜଉଆ ଚୋଟରେ ପଡିଲା ତା' ଗେଣ୍ଡୁ ଖେତ। ଝାଉଁଳା ବେକମୋଡ଼ା, କମ ଫୁଲରେ ଧକେଇଥିଲା ତା' ଫସଲ। ସେ ହିସାବ କଲା- ଏହି ଫୁଲଚାଷରେ ପ୍ରଥମ ଅଂଚଳରେ ତା' ପ୍ରଚାର, ତା'ର ଭଲ ବିକ୍ରିବଟା ଚାଲିଲା। ଧୀରେ ଧୀରେ ଏଠିକୁ ଫୁଲ କିଣି ଆସୁଥିବା ବେମାରୀ ପୁଣି ବେଙ୍ଗଲ ଗେଣ୍ଡୁଫୁଲର ମାର୍କେଟରେ କିଣିବା ପାଇଁ ଗଡିଲେ। ସକାଳୁ ସକାଳୁ ସହରର ଫୁଲ ଦୋକାନ ପାଖରେ କଲିକତା ବସ୍‌ରୁ ଫୁଲ ଓହ୍ଲାଇବା କମ୍ ନଥିଲା। କାଁ ଭାଁ ଛୋଟ ବେପାରୀ ଛଡ଼ା ବଡ଼ ବେପାରୀର ଦେଖା ଦର୍ଶନ ନଥିଲା। ଏ ଧନ୍ଦାରେ ଚାରା ତିଆରି କରିବା, ଫୁଲ ଗଛକୁ ଗୋଡେ ଗୋଡେ ଜଗି ତା' ଦେହରୁ ମାଳ ଫୁଟେଇ ବେପାରୀକୁ ଚାତକ ପରି ଚାହିଁବା ପୁଣି ମୂଳଚାଲ ଭାଉରେ ବିକିବା ବ୍ୟାପାରରେ ସେ ମୁଣ୍ଡରେ ହାତ ଦେଇ ବସିଥିବା ବେଳେ ଭରତିଆ ସହ ଦେଖା।

ଭରତିଆ ସେ ଅଞ୍ଚଳର ଚାଷ ଉଜୁଡ଼ା ଲୋକ। ଋଣ ହାତଧାର ଉଧାର କାଗଜପତ୍ର ରେ ନଇଁ ପଡିଥିଲା। ଏଇ ଚାଷ ବାସରେ ସେ ଏତେ ବେକାର, ହତାଶିଆ ହୋଇପଡିଥିଲା

ଯେ, ଯେଉଁଠି ପାଞ୍ଚଦଶ ଲୋକଥିବ, ସେ ଗୋଟେ କଥା କହୁଥିଲା, ଏଥର ମୁଁ ଆତ୍ମହତ୍ୟା କରିଦେବି । ଦେଖିବ ଖବର କାଗଜରେ ପୁଣି ଜଣେ ଚାଷୀର ଆତ୍ମହତ୍ୟା ଖବର ଓ ମୋ ଫଟୋ ବାହାରିବ ।

ଭରତିଆ ବହୁତ କାଗଜପତ୍ର ହାତେଇ ଥିଲା, ଛୋଟମୋଟ ଚାଷୀକୁ ଦେଖି ଉସ୍‌କାଉଥିଲା ଚାଷ ନକରି ଦାଦନ ହୋଇଯିବା ଭଲ । ଚାଷରୁ ବିରକ୍ତ ହୋଇ ପଡିଥିବା ଭରତିଆ ଜାଣିଥିଲା ଅନେକ ଚାଷର ଅସଲ କଥା । ସେ ତାକୁ ଡାକି ପଚାରିଲା- ଗେଣ୍ଡୁ ଚାଷ ବଦଳରେ ଆଉ କି' ଗୋଟେ ପ୍ରକାର ଚାଷ କଲେ ଭଲ ହେବ ?

ଚାଷ ନା କଦଳୀ । ଚାଷ ନକରି ଦାଦନ ହୋଇ ଯା' ଭରତିଆ କହି ଆସୁଥିଲା । ନିଜ କଥା ରୋକି କହିଲା, ଆରେ ! ତୋର ତ ଦିଟା ରୋଜଗାର, ମହିଳା ମଣ୍ଡଳରେ ତୋର ସ୍ତ୍ରୀ ଅଛି । ଚାଷ କରିବା ଦରକାର କ'ଣ ? ଘରେ ବସ୍ ଛୁଆ ଖେଳା ।

ସ୍ତ୍ରୀ ରୋଜଗାର କଥା ଶୁଣି ଭରତିଆ ଉପରେ ବିଗିଡ଼ିଗଲା । ତା' ସ୍ତ୍ରୀ କି ରୋଜଗାର ? ସେଥିରେ ଦି'ଟା ପିଲା ପାଇଁ ଖର୍ଚ୍ଚ । ସେଥିରେ ଦେହ ପା' ବନ୍ଧୁ ବାନ୍ଧବ ଅଛନ୍ତି । ସେ ଭରତିଆ କୁ ସେଠୁ ବିଦା କରିଦେବାକୁ ଯାଇ କହିଲା- ହଉ ତୁ ଯା' । ମୁଁ ଗୋଟେ ନୂଆ ଚାଷ ଉପରେ ପଚାରୁଛି, ତୁ ଶଳାଟି ମୋତେ କଦଳୀ କଥା କହୁଛୁ ?

ହଁ ମନେ ପଡିଲା- ସେଇ କଦଳୀ ଚାଷ କଥା, ଭରତିଆ ଯେପରି ନିଜ କଥାର ସୁର ପାଇଗଲା । ଚାଷରୁ ସେ ସର୍ବହରା ହୋଇଥିଲା, ହେଲେ ଚାଷ ବାସ ଉପରେ ଭରତିଆର ଜ୍ଞାନ ଗାରିମା କମ୍ ନଥିଲା- କଦଳୀଚାଷ କରିବୁ ଯଦି ବାମନ କଦଳୀ ଗଛ ଚାରା ଲଗା । ତୋର ମାଣେରୁ କମ୍ ଜମି । ଦି' ମିଟରକୁ ଦି ମିଟର ଛାଡି କଦଳୀ ପୁଆ ଲଗେଇଲେ ଆଠଶହ ଚାରା ଦରକାର । ଦଶଟଙ୍କାରେ ସେ ଚାରା ମିଳିଯିବ । ଗୋଟେ ଗଛ ବଂଚିବ ତ ଦଶମାସ କି ବର୍ଷେ । ତା' କଡ଼ରେ ବହୁତ ପୁଆ ଉଠିବ । ସବୁ ଭାଙ୍ଗି ଗୋଟେ ପୁଆ ରଖିବାକୁ ହେବ । ଏ ଗଛ କାନ୍ଦି ପକେଇ ମଲେ, ସେ ପୁଆ ଗଛ ହେବ । ଏ ବାମନ କଦଳୀ କାନ୍ଦି ବଜାରରେ ସିଙ୍ଗାପୁର କଦଳୀ ନାଁରେ ଦୁଇଶହ ଅଢେଇଶହ ଟଙ୍କାରୁ କମ୍ ବିକ୍ରି ହେଉନି । ଧର, ଦୁଇଶହ ଟଙ୍କାରେ ବର୍ଷକରେ ଆଠଶହ କଦଳୀ କାନ୍ଦିବି କି ଠନ୍ ଠନା ଠନ୍ ଦେଢଲକ୍ଷରୁ ଅଧିକ ଟଙ୍କା ପାଇବୁ । ଏବେ ହୋ ଲକ୍ଷପତି କି ଋଣରେ ଭିକାରୀ ହୋ, ତୋ କିଏ ମନା କରୁଛି ।

ଭରତିଆ ଗଲାପରେ ଏହି କଦଳୀ ଚାଷ ଭିତରେ ସିଙ୍ଗାପୁର କଦଳୀ ଫଳେଇବା ପାଇଁ ସ୍ୱପ୍ନରେ କଦଳୀ କିଆରି ଭିତରକୁ ପଶିଗଲା । ହିସାବ କଲା- ଆଠ ଦଶ ହଜାର ଖଣ୍ଡେ ଟଙ୍କା ଖର୍ଚ୍ଚ ହେବ ଚାରା କିଣା, ଗାତ ଖୋଳା, ମୁଲିଆ ମଜୁରୀ, ଖତ ସାର ଫସଲକୁ ପାଣି ମଡେଇବା ପାଇଁ ଭଡ଼ାରେ ମଟର ପମ୍ପର ଖର୍ଚ୍ଚବାର୍ଚ୍ଚ ଅଛି । ଯେତେ ଯାହା ସୁବିଧା ଅସୁବିଧା ଥିଲେ ବି ଥରେ ଗୋଟେ ଚାଷ ଭିତରକୁ ମୁଣ୍ଡ ଚଳାଇଲା ପରେ, ସେଠୁ ସେ ବାହାରି ପାରୁନଥିଲା ।

ମଲା, ଝାଉଁଳା ଗେଣ୍ଡୁ ଗଛ ସବୁ କ୍ଷେତରୁ ଉଡି ନୂଆ କ୍ଷେତ ସଜାଡିବା ପାଇଁ ଯେତେବେଳେ ସେ ଅଣ୍ଟା ନଉଁଛି ଉଚ୍ଛୁଳୁଛୁଳୁ ଖୁସିରେ ତା' ସ୍ତ୍ରୀ ଆସି କହିଲା- ନିର୍ବାଚନ ଆସିଗଲା । ଦୁନିଆଁରେ ଆଉ କିଛି କାଗଜପତ୍ର କେଉଁଠି ରହିବ ନାହିଁ । ସବୁ ଏବେ ଗାଁ ମୁହାଁ । ଯେଉଁ ମା'ର ପେଟରେ ଛୁଆ ସଂଚରିଲା, ସେବେଠୁ ଛୁଆ ଜନ୍ମ ବର୍ଷକ ପର୍ଯ୍ୟନ୍ତ ମମତା ଯୋଜନାର କାଗଜପତ୍ର, ଛୁଆ ଜନ୍ମ ପରେ, ତା' ପାଠପଢ଼ା, ବେକାର ହେଲେ, ବୁଢ଼ା ବେଳେ ଯେତେ କାଗଜପତ୍ର ମିଳିବ, ମଣିଷ ମଲା ପରେ ବି ହରିଶ୍ଚନ୍ଦ୍ର ସହାୟତା ଯୋଜନାର କାଗଜପତ୍ର କଲେ, ତା' ପୋଡ଼ା ପାଇଁ କାଠ କିଣା, ଶୁଦ୍ଧିକ୍ରିୟା ପାଇଁ ମିଳିବ ଦି' ହଜାର ଟଙ୍କା । ବୁଝିଲ କାଗଜପତ୍ର ଆସୁଛି ସବୁ କଚ୍ଚାଘର ପକ୍କା ହେବ । ସ୍ୱାସ୍ଥ୍ୟ ବୀମା କାଗଜପତ୍ରରେ ସବୁ ପରିବାର ମିଶିବେ । ଖାଦ୍ୟ ନିରାପତ୍ତା କାଗଜପତ୍ରରେ ରହିବାକୁ ହେବ । ମୂଲିଆଙ୍କ ପାଇଁ ମଙ୍ଗଳବୋର୍ଡ କାଗଜପତ୍ର । ଆଗ ସ୍ତ୍ରୀ ଲୋକଙ୍କ ପାଇଁ ମିଶନଶକ୍ତି କାଗଜପତ୍ର । ଷାଠିଏ ବର୍ଷ ହେଲା କ୍ଷଣି ପେନସନର କାଗଜପତ୍ର ।

ବାହାରେ ଗୋଟେ କାଗଜ ଦୁନିଆ ଥିଲା, ତା' ସ୍ତ୍ରୀ ସେ ଦୁନିଆଁରେ କାଗଜ ଡଙ୍ଗାରେ ସବାର ହୋଇଥିଲା । ସେ ନୂଆ ଚାଷ, ଚାରା ଋଣ ଚିନ୍ତାରେ ଥିଲା । କାଗଜର କଥାରୁ ତା' ସ୍ତ୍ରୀ ଉପରେ ବିରକ୍ତିଲା- କ୍ଷେତ ବାଡ ପାଖରେ ଗୋଟେ ଇଉକାଲିପଟାସ ଗଛ ଦେଖାଇ ମର୍ମଥରା କଥା କହିଲା ମୋ ମଲାପରେ ହରିଶ୍ଚନ୍ଦ୍ର ଯୋଜନା କାଗଜପତ୍ର ଭିତରକୁ ତୋର

ପଶିବା ଦରକାର ନାହିଁ। ସରପଂଚଠୁ ହଜାରେ ଦି ହଜାର ଟଙ୍କା ଆଣି ମୋତେ ପୋଡିବା ପାଇଁ କାଠ କିଣିବା ଦରକାର ନାହିଁ। ଏ ଗଛ ଲଗାଇଛି ଏ ମୋତେ ପୋଡିପାରିବ।

ଏହି ପଦକ କଥାରେ ତା' ସ୍ତ୍ରୀ ଥମ୍ ହୋଇଗଲା। କାନ୍ଦୁଣି ମାନ୍ଦୁଣି ହୋଇଗଲା, ହେଲେ ଆଇନ କାନୁନ କଥାକୁ ନିଜ ଜିଭରୁ ଓହ୍ଲାଇଲା- ବଡ଼ ଗଛ ଲଗାଇଛ ସିନା, ଆଇନ କହୁଛି କାଟିପାରିବ ନାହିଁ। ନିଜ ବାଡିର ବଡ଼ ଗଛ କାଟିବାକୁ ବି କାଗଜପତ୍ର କରିବା ଦରକାର।

ସ୍ତ୍ରୀ ତାକୁ କହିବାକୁ ଚାହୁଁଥିଲା ବିନା କାଗଜପତ୍ରରେ କେଉଁ ନିସ୍ତାର ଅଛି ? ଜବାବ ମାଗିଲା- ହେଉ, ତୁମ ଆଗରୁ ମୁଁ ଯଦି ମରିଯାଏ ମୋ ନାଁରେ ଯେଉଁ କାଗଜପତ୍ର ଅଛି- ସେ ଧନ କ'ଣ ଭୂତ ଖାଇବ ?

ହଁ ଭୂତ ଖାଇବ।

ତୁମେ ସେ ଧନ ନ ଖାଇବ ଯହିଁ, ମୋ ମଲାପରେ ଦି'ଟା ଛୁଆ ଅଛନ୍ତି। ସେମାନଙ୍କ ବଡ଼ ହେବାକୁ ବହୁତ କାଗଜପତ୍ର କରିବାକୁ ହେବ। ଏଠି ବିନା କାଗଜପତ୍ରରେ ତ ସେମାନେ ନଥିବା ସହିତ ସମାନ।

ଏହି ମରିଯିବା ନେଇ କଳାପନା ଓ ଗଇଁ ମରା କଥା ବହୁତ ସମୟ ଧରି ଚାଲିଥାନ୍ତି ଯଦି ସେଠି ସେ ଗାଁର ସମବାୟ କୃଷି ଋଣ ଦପ୍ତରରେ ଚପରାସୀ କାମ କରୁଥିବା ସାହିଲୋକ ପହଞ୍ଚି ନଥାନ୍ତା। ସାହିଲୋକ ଘରେ କ'ଣ ପୂଜାପାଠ ଥିବାରୁ ସେ ପାଞ୍ଚଟଙ୍କାରେ ଗେଣ୍ଡୁଫୁଲ କିଣି ଆସିଥଲା। ଆସି ଦେଖିଲା ଗେଣ୍ଡୁ ଗଛର ଚିହ୍ନବର୍ଣ୍ଣ ନାହିଁ। କ୍ଷେତ ନଙ୍ଗଳା। ସାହିଲୋକ ଫେରିଯାଉଥିଲା, ସେ ଡାକିଲା- ହୋ ଅମକ ଭାଇ ର ପୁତୁରା। ଶୁଣ ଶୁଣ। ତୁମ ସାଙ୍ଗରେ ମୋର ଗୋଟେ କାଗଜପତ୍ର ଉପରେ କଥାବାର୍ତ୍ତା ଥିଲା।

ସେହି କାଗଜପତ୍ର କଥା ଯା ମୁହଁରେ ଶୁଣି ତା' ସ୍ତ୍ରୀ ଟିକେ ହସିଲା। ଆଉ ତା' ଆଡେ ମୁହଁ ମୋଡି ସେଠୁ ଦୂର ହୋଇଗଲା। ସେ କହିଲା ତମେ ଦେଖା ନ ହୋଇଥିଲେ ଆଜି ତମ ଘରକୁ ଯାଇଥାନ୍ତି। ମୁଁ ଗୋଟେ ଅସୁବିଧାରେ ପଡିଛି। ନୂଆ ଚାଷ ପାଇଁ ଋଣ କାଗଜପତ୍ର ଦରକାର।

ପୂଜା ପାଇଁ ଫୁଲ କିଣିବାକୁ ଆସିଥିବା ସାହିଲୋକର ପୂଜାପାଠର ମାହେନ୍ଦ୍ର ବେଳା ଯେପରି ଡେରି ହୋଇଯାଉଛି ସେ ତର୍ତର ଥିଲା। ଚୁମ୍ବକରେ କେବଳ କହିଦେଇଗଲା କୃଷି ଋଣ ପାଇଁ ଯେଉଁ ସବ୍‌ସିଡି ଟଙ୍କା ତୁମେ ପାଇବ, ଋଣ ଆଗରୁ ସେହି ସବ୍‌ସିଡି ଟଙ୍କା ଆମକୁ ଖର୍ଚ୍ଚ ବାର୍ଚ୍ଚ ପାଇଁ ଦେଲେ ଯାଇଁ କାଗଜପତ୍ର ହେବ।

ଏ ଖର୍ଚ୍ଚ ବାର୍ଚ୍ଚ କଥା ଶୁଣି ତା' ହାଲୁକା ଶୁଖିଗଲା। ସବୁ କଥା ଶୁଣିଥିବା ସ୍ତ୍ରୀ ସେଠି ପହଂଚି ତା' ଚିନ୍ତାରେ ପାଣି ଛାଟିଦେଲା- ସେ ସମବାୟ ଋଣ, ଖର୍ଚ୍ଚବାର୍ଚ୍ଚ,କାଗଜପତ୍ର ଭିତରକୁ ପଶନା। ତୁମର କଦଳୀ ଚାରା, ପୋତାପୋତି ପାଇଁ ଦଶ ପନ୍ଦର ହଜାର ଟଙ୍କା ଦରକାର ତ। ମୁଁ ଦେବି।

ଅତି ଘଷରା ତା' ସ୍ତ୍ରୀ ମୁହଁକୁ ସେ ଚକିତ ଓ ଭରସା ନେଇ ଚାହିଁଲା। ସ୍ତ୍ରୀ ଜବାବ ରଖିଲା- ମାଛ ଚାଷ, କୁକୁଡ଼ା ଚାଷ, ବଡି,ପାମ୍ପଡ ବେପାର ପାଇଁ ମିଛ କାଗଜପତ୍ର କହି ମହିଳା ମଣ୍ଡଳ ବ୍ୟାଙ୍କରୁ ଯେଉଁ ଟଙ୍କା ଉଠାଉ ସେହି ଟଙ୍କାକୁ ଆମେ ବାହାରେ ସୁଧ ଲଗାଉ। ମଣ୍ଡଳର ଯେଉଁ ସଭ୍ୟାର ସ୍ୱାମୀ ଏଥିରୁ ଟଙ୍କା ନେଇ ତା' ବେପାର କି ଚାଷ କରୁ। ସେ ଯେଉଁ ବଜାର ସୁଧ ଦେବ ସେହି ସୁଧରୁ ବ୍ୟାଙ୍କ ସୁଧ ସୁଜି ଆଉ ଅବଶିଷ୍ଟ ସୁଧ ଟଙ୍କା ଆମେ ନିଜ ନିଜ ଭିତରେ ବାଣ୍ଟି ନେଉ। ସେହି ଟଙ୍କାରୁ ଦଶହଜାର ମୁଁ ସୁଧରୁ ଆଣି ତୁମ କଦଳୀଚାଷ ପାଇଁଦେବି।

ନିଜଘର ଲୋକ ତ' ପିଠରେ ପଡିବା ଦେଖି ସେ ଟିକେ ହାଲକା ହେଲା । ଆଗେ ଦପ୍ତରରେ ହାତଗୁଞ୍ଜା ଦେଇ ପରେ କାଗଜପତ୍ର କରି ଋଣ ଆଣିବାର ତେର ଝାମେଲା ନଥିଲା। ସେ ତା ପଡ଼ିଆ ଜମିରେ ମୂଲିଆ ମଜୁରିଆ ପକେଇ ଆଉ ନିଜେ ଖଟି ଗାତ ଖୋଳିଲା। ମହିଳା ମଣ୍ଡଳ ସୁଧିଆ ଟଙ୍କାରେ ଚାରା କିଣି ଆଣି ପୋତିଲା। ଖତ, ସାର ପାଇଁ ନାନା ଖୁଚୁରା ହାତଉଧାରି ଦେଇ ସେ ତା' କଦଳୀ ଚାଷ ଛିଡ଼ା କରାଇଦେଲା। ଛନଛନିଆ ବଢି ଚାଲିଥିବା ପାଇଁ ନାନା ଖୁଚୁରା ହାତଉଧାରି ଦେଇ ସେ ତା' କଦଳୀ ଚାଷ ଛିଡ଼ା କରାଇ ଦେଲା। ଛନଛନିଆ ବଢି ଚାଲିଥିବା ଦୁଇଧାଡ଼ି କଦଳୀ ଗଛ ମଝି ପହିରେ ବଡ଼ି ସକାଳୁ ଭାବୁକ ଚାଷୀ ଭଳି ଘୁରି ଘୁରି ଆସିବାର ଦିନ ତା'ର ଆରମ୍ଭ ହୋଇଗଲା।

ମହିଳାମଣ୍ଡଳ ସୁଧର ମାସକୁ ମାସ ହିସାବ ଥୋଇ ତା' ସ୍ତ୍ରୀ ଅଥୟ ହେଉଥିଲା। ଯାଡେ ସେ ତା' କଦଳୀ କ୍ଷେତକୁ ଚାହିଁ ସେ ସବୁ ବାମନ କଦଳୀ ଗଛରୁ କେବେ ଫୁଟି ଆସିବ ଗୋଟେ

ଗୋଲାପି ରଙ୍ଗର ଭଣ୍ଡା, ସେୟାଡେ ଚାହିଁ ରହିଥିଲା। କଦଳୀ ଭଣ୍ଡା ଫିଟି ଫଇଟି ଯାଇ ମାଟିକୁ ଛୁଇଁବାକୁ ଲମ୍ୱା କାନ୍ଦିଟିଏ ହୋଇ ରହିଲା ପରେ। କାନ୍ଦିରେ ଉପରୁ ତଳକୁ ସଜାସଜି ହୋଇ ରହିଥିବା କଦଳୀମାନେ ପାକଳ ହେବାକୁ କିଛି ଦିନ ଲାଗିବ। ତା'ପରେ ବେପାରୀ ତା' ଗାଡିରେ ମାଲ ଲଦିବ। ହାତକୁ ଟଙ୍କା ଆସିଲେ ମହିଳାମଣ୍ଡଳକୁ ସୁଧ ମୂଳ ଦିଆଯିବ।

କଦଳୀଗଛ ଭଣ୍ଡା ପକେଇବା ଆଡେ ଯେତେବେଳେ ସେ ବାହାରୁ ଶୁଣି ଆସିଥିବା କଥା ଆଗେ ତା' କାନରେ ପକାଇଲା ତା' ସ୍ତ୍ରୀ– ଆହାର ନାଁରେ ଶସ୍ତା ହୋଟେଲ ଖୋଲିଛନ୍ତି ସର୍କାର। ସେଠୁ ଭାତ ଡାଲମା ମିଲ ଆଣିବାକୁ କୌଣସି କାଗଜପତ୍ର କରିବା ଦରକାର ନାହିଁ। ପାଞ୍ଚଟଙ୍କା ପକାଅ। ଗୋଟେ ମିଲ୍ ଧର।

ସେ ଆଁ କରିସେହି ଅନ୍ନଛତ୍ର ଆଡେ କହିଲା। ତା' ସ୍ତ୍ରୀ ଗୁରୁଜ୍ଞାନ ଦେଇ ଚାଲିଲା– ଆମ ପିଲାମାନେ ଦିନବେଳା ତ କେବଳ ମଧ୍ୟାହ୍ନ ଭୋଜନ କରିବାକୁ ସ୍କୁଲକୁ ଯାଉଛନ୍ତି। ଜଣଙ୍କ ପାଇଁ ଗୋଟେ ମିଲ୍– ପାଞ୍ଚ ଟଙ୍କା। ସିଏ ଭଲ। ଏତେ ଚୂଲୀ ଲଗା, ଭାତ ଫୁଟା, ପରିବା କାଟ, ଡାଲି ଛୁଙ୍କ– ଏ ଧନ୍ଦା ଆଉ କାହିଁକି କରିବା ? ମୋର ତ ମଣ୍ଡଳରେ ବହୁତ କାମ। କ'ଣ ଟିକେ ଆଳୁ ବାଇଗଣ ପୋଡି ଦେଲେ,ବିଲାତି ଲଙ୍କା ରସୁଣ ଚକଟା ମୁଁ ପଖାଳରେ ଘରେ କାମଚଳେଇ ଦେବି।

ତାକୁ ଆହାର ଆଣିବାକୁ ଦାୟିତ୍ୱ ଦେଇ ତା' ସ୍ତ୍ରୀ ତା' ମଣ୍ଡଳକାମରେ ଅଧିକ ସମୟ ଦେବାକୁ ଚାହୁଁଛନ୍ତି। ତା' ଗାଁଠୁ ପାଞ୍ଚ/ଛ ମାଇଲ ଦୂରରେ ବଜାରରେ ସେ ପାଞ୍ଚ ଟଙ୍କିଆ ଆହାର କେନ୍ଦ୍ର ଖୋଲିଥିଲା। ସବୁଦିନ ସାଇକେଲରେ ଏତେବାଟ ଯାଇ ଶସ୍ତା ମିଲ୍ କିଣି ଘରକୁ ଫେରିବାର କଥାରେ ତା' ଚାଷୀମନ କୁନ୍ତୁକୁନ୍ତୁ ହେଲା। ଗୋଟେ କଦଳୀ କାନ୍ଦି ଦେଇ ହଣା ହେବାକୁ ଥିବା ଗଛର ଲମ୍ୱା ପତ୍ରର ବାହୁଙ୍ଗାମାନେ ତା' ଆଡେ ଯେପରି ହାତ ବଢେଇଥିଲେ। ସ୍ୱପ୍ନରେ ସେ ସେହି କଦଳୀ ବାହୁଙ୍ଗାକୁ ଛୁଇଁଥିଲା। ତା' ଅବସ୍ଥାକୁ ଠଉରାଇ ନେଲା ତା' ସ୍ତ୍ରୀ – ହଉ । ଯେ ପର୍ଯ୍ୟନ୍ତ କଦଳୀ କାନ୍ଦି ବିକା ନହୋଇଛି,ସେ ପର୍ଯ୍ୟନ୍ତ ଘର ପାଇଁ ଆହାର କିଣି ଖାଉଥାଅ, ସେୟାଡେ ଚାଷ ପାଇଁ ଟଙ୍କା ସୁଧ ବଢୁଛି। ଏୟାଡେ ଘର ଖର୍ଚ୍ଚ ବଢୁଛି। ଯାହା ସୁବିଧା ଆସୁଛି ତାକୁ ଆମକୁ ହାତେଇବାକୁ ହେବ।

ଦଶପନ୍ଦର ଟଙ୍କା ହାତରେ ଧରି ସହରରେ ଖୋଲିଥିବା ସର୍କାରୀ ହୋଟେଲରୁ ଆହାର ଆଣିବାକୁ ତା' ପୁରୁଣା କେଁକଟର ସାଇକେଲକୁ ଉଠାଇ ପମ୍ପ ଦେଲା। ସେଠି ପହଞ୍ଚିଲା ପରେ ଆହାର ମୁହଁରେପାହାର ଦେଲା ଭଳି ଲମ୍ୱାଲାଇନ ଲାଗିଥିଲା। ପ୍ୟାଣ୍ଟଶାର୍ଟ ପିନ୍ଧା ଲୋକଠୁ ମଳି ମୁଣ୍ଡିଆ ବସ୍ତିବାଲା ପାଂଚଟଙ୍କାର ଆହାର ପାଇଁ ଧାଡ଼ିରେ। ପଟପଟ୍ ଖରାରେ ଧାଡିରେ ସେ ଅପେକ୍ଷା କଲା।

ଭାତ ଡାଲମା ଆହାର ଭିତରେ ହାତପୂରେଇ ପାଟିକୁନେଇ ଜାଣିଲା– ଘର ତିଆରି ଜିନିଷର ସୁଆଦ ସେଥିରେ ନଥିଲା। ଖାଇସାରି ପୁଣି ସାଇକେଲ କରି ଘରକୁ ଫେରିଲା। ଖରାବେଳେ ଖାଇସାରି ଯେଉଁ ଘଣ୍ଟେ ଦୁଇଘଣ୍ଟା ଶୋଇସେ ସ୍ୱପ୍ନ ଦେଖେ, ସ୍ୱପ୍ନ ଫଳ କିଛି ନଥିଲା। ସ୍ୱପ୍ନ ତ ସାତସପନ ହେଲା, ହେଲେ ଭଲ ଭାବରେ ତା'ର କେଉଁ ନିଦ ହେଲା। ଶୋଇବା ବିଛଣାରୁ ଉଠି ନିଜକୁ କୋଢିଆ ଭଳି ମନେ ହେଲା। ସେ ବୁଝୁଥାଏ– ଏ ଜଗତରେ ଜଣକର ଜନ୍ମ ପୂର୍ବରୁ ମଲା ପର୍ଯ୍ୟନ୍ତ ଆସେ କୁଢ଼ କୁଢ଼ କାଗଜ। କେବେ ଋଣରେ, କେବ ରିହାତିରେ, କେବେ ଉଦ୍ଧାରେ, କେବେ ମାଗଣାରେ, ଭଳିକି ଭଳି ଆହାର। ଏସବୁ ଗୋଟେ କାମିକା ଲୋକକୁ ଲୋଭୀ, ଗଭଗାଣ୍ଡୁ, ନିକମ୍ମା କରି ବସେଇ ଦେବାକୁ ଯଥେଷ୍ଟ। ତାକୁ ବଦହଜମୀ କେବେ ହୋଇ ନଥିଲା, ଯାହା ଆହାର ଖାଇ ସାରି ହେଲା।

ଚଢେଇଠୁ ଟିକେ ବଡ଼ ପେଟ ଏ ମଣିଷର ଏତେ ପରେ ଏ ଆହାର ଗିଳି ଜଣେ ଶସ୍ତାରେ କରେ କ'ଣ ? ସବୁତକ ସେ ଓକାଳି ପକାଇଲା।

❖❖❖

# ମାତୃରୂପେଣ ସଂସ୍ଥିତା



ISSN-2583-6978
Volume-3
Issue-8
AUGUST-2023

**ଜ୍ୟୋସ୍ନା ମହାନ୍ତି**

**ଶ୍ରୀ ଅରବିନ୍ଦ ଆଶ୍ରମ**
**ପଣ୍ଡିଚେରୀ**

ହିମାଳୟର ଉନ୍ନତ ଶିଖରରେ ଠିଆ ହୋଇ ଗର୍ବୋତଫୁଲ୍ଲ ମହିଷାସୁର ଏ ବିଶ୍ୱକୁ ନିରୀକ୍ଷଣ କରି ଘୋଷଣା କରୁଥିଲା, ମୁଁ ଅପରାଜେୟ ଅସତ୍ୟର ସମ୍ରାଟ, ପାରିଜାତର ସୁରଭିରେ ସୁରଭିତ ଅମର୍ତ୍ତ୍ୟ ଭୁବନ ମୋର ଅଧିଗତ। ଅମୃତପାୟୀ ଦେବଗଣ ମୋର କିଙ୍କର, ସମଗ୍ର ଧରଣୀ, ଗିରିରାଜ ହିମାଳୟ, ସପ୍ତତଳ ପାତାଳ ମୋର ଅଧୀନ। ସମଗ୍ର ବିଶ୍ୱରେ ମୁଁ ଏକଛତ୍ର ମିଥ୍ୟାର ସାମ୍ରାଜ୍ୟ ପ୍ରତିଷ୍ଠା କରିବି। ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିପଡିବ ସତ୍ୟଦୁର୍ଗର ପ୍ରାଚୀର, ଝରାଫୁଲ ପରି ଝରି ପଡିବ ତା ନିୟମର ମହତ୍ୱ। ସତ୍ୟର ଶ୍ମଶାନରେ ନିଃଶଙ୍କ ଆସିବ ମୁଁ ତାଣ୍ଡବ ନୃତ୍ୟ କରିବି। ମୁଁ ହେବି କାଳାନ୍ତକ, ହିମାଳୟ ହେବ ମୋର ଗ୍ରୀଷ୍ମନିବାସ, ଅମରାବତୀ ହେବ ବସନ୍ତର ପ୍ରମୋଦ ଭବନ, ଧରଣୀହେବ କ୍ରୀଡାଙ୍ଗନ, ପାତାଳ ହେବ ଶସ୍ତ୍ରାଗାର, ଦେବ ନର୍ତ୍ତକୀଗଣ ଖାଲି ମୋ ସଭାରେ ନୃତ୍ୟ କରିବେ ତାହା ନୁହେଁ ମୋର ପଦସେବା ମଧ୍ୟ କରିବେ।

ମହିଷାସୁରର ଏଇ ମଦୋନ୍ମତ୍ତ ଘୋଷଣା ଶୁଣି ଗିରିନଦୀ ସବୁ ଖରତର ହୋଇ ବହି ଯାଉଥିଲେ। ବିଷଣ୍ଣ ବଦନ ତାରାଗଣ ଦ୍ୱିତୀୟାର କ୍ଷୀଣକାୟ ଚନ୍ଦ୍ରଙ୍କୁ ଚାହିଁ ଲୁହ ଢାଳୁଥିଲେ। ସେଇ ଅଶ୍ରୁ ହିମ ହୋଇ ହିମାଳୟକୁ ଆଶ୍ରୟ ମାଗୁଥିଲା। ସ୍ୱେଚ୍ଛାଚାରୀ ଦୁରାତ୍ମାର ଉତ୍ପୀଡନରେ ସମସ୍ତେ ତ୍ରସ୍ତକାତର। ତପୋବନରୁ ହୋମାଗ୍ନିର ଶିଖା ଆଉ ଉଠୁନଥିଲା। ବନ୍ଦ ହୋଇ ଯାଉଥିଲା ଋଷିକଣ୍ଠର ବେଦଗାନ। ଭାଗୀରଥୀ ବହି ଯାଉ ଯାଉ ଜହ୍ନୁଋଷିଙ୍କ ନିକଟରେ କ୍ଷଣକ ଲାଗି ଅଟକି ଗଲେ। ସତେ କ'ଣ ସତ୍ୟର ସାମ୍ରାଜ୍ୟ ଭୂଲୁଣ୍ଠିତ ହେବ? ନାଁ ନାଁ।" ଆହୁରି ଦ୍ରୁତ ଗତିରେ ବହି ଚାଲିଲେ ଜାହ୍ନବୀ। ଏ ବିଶ୍ୱଭୁବନରେ ଘୋଷଣା କରିବାକୁ ହେବ ମହାଶକ୍ତିଙ୍କ ଉପସ୍ଥିତିର ସୂଚନା, ମାଭୈଃ, ମାଭୈଃ। ବିଶ୍ୱ ସୃଷ୍ଟିର ପରମ ଶକ୍ତିଧାରା ଗାଢ଼ ତମ ଆବରଣରେ ନିଜକୁ ଆବୃତ କରିରଖିଛି, ଅନାବୃତ କର ସେହି ଶକ୍ତି, ତାର ବିକାଶରେ ଦୂରୀଭୂତ ହେବ ଦାରୁଣ ଦୁଃଖ ଓ ଅଜ୍ଞାନର ରଜନୀ, ଏ ନିଦାରୁଣ ବାରିପାତ ଶେଷରେ ଆସି ଦେଖାଦେବ ବହୁବର୍ଣ୍ଣା ଇନ୍ଦ୍ରଧନୁ। ସମସ୍ତେ କାନ ପାତି ଏ ବାଣୀ ଶୁଣିଲେ। କିନ୍ତୁ କିପରି? କେବେ? ମର୍ତ୍ତ୍ୟବାସୀ ଚମକି ଉଠିଲେ। ସଭୟରେ ଋଷିଗଣ ପ୍ରଣବ ଧ୍ୱନି କରିବାକୁ ଲାଗିଲେ। ପରାହତ ଲାଞ୍ଛିତ ଦେବଗଣ ମଧ୍ୟ ଶୁଣିଲେ ଏ ବାଣୀ। ପଦ୍ମାସନ ଟଳିଗଲା। ମହେଶ୍ୱରଙ୍କ ଧ୍ୟାନ ଭଗ୍ନ ହେଲା। କ୍ଷୀରାବ୍ଧି ଚହଲି ଉଠିଲା। ଭଙ୍ଗ ହେଲା ବିଷ୍ଣୁଙ୍କର ଯୋଗନିଦ୍ରା। ଚକ୍ଷୁରୁନ୍ମୀଳନ କରି ପଦ୍ମନେତ୍ର ଦେଖିଲେ ସମ୍ମୁଖରେ ପରାଜିତ, ଭୀତତ୍ରସ୍ତ ଦେବଗଣ। କିଂକର୍ତ୍ତବ୍ୟ ବିମୂଢ଼ ମହେଶ୍ୱର, ବେଦ ବିସ୍ମୃତ ପଦ୍ମଯୋନି। କ୍ଷୀରାବ୍ଧିର ପ୍ରତି ଲହରୀରେ ଭାସି ଆସୁଛି ରୁଧିରାକ୍ତ ପୃଥିବୀର କରୁଣ କ୍ରନ୍ଦନ।

ଜାହ୍ନବୀର କଳରବରେ ଝଞ୍ଜାର ଗୁରୁଗମ୍ଭୀର ନାଦରେ ପୁଣି ଥରେ ସେହି ବାଣୀ ଅନୁରଣିତ ହୋଇ ଉଠିଲା। ତାରି ସହ ପ୍ରତିଧ୍ୱନିତ ହୋଇ ଉଠିଲା ମହିଷାସୁରର ଦମ୍ଭୋକ୍ତି। ଚମକି ଉଠିଲେ ବିଷ୍ଣୁ ଆରକ୍ତ ପଦ୍ମନେତ୍ରରୁ ମହାତେଜ ନିର୍ଗତ ହେଲା, ଜଳି ଉଠିଲା ମହେଶ୍ୱରଙ୍କର ତୃତୀୟ ନୟନ। ସଂବିତ ଫେରି ପାଇଲେ ଦେବଗଣ, ଜାଗି ଉଠିଲା ତାଙ୍କ ଅନ୍ତର୍ନିହିତ ଶକ୍ତି। ବ୍ରହ୍ମତେଜ, ରୁଦ୍ରତେଜ, ବିଷ୍ଣୁ ତେଜ ଓ ଦେବଗଣଙ୍କ ତେଜ ସମ୍ମିଳିତ ହୋଇ ଜଳି ଉଠିଲା ଏକ ଅପୂର୍ବ ମହାନ ଅଗ୍ନିଶିଖା। ସେହି ଲେଲିହାନ ଶିଖା ମଧ୍ୟରେ ଆବିର୍ଭୂତା ହେଲେ ଜଗଧାତ୍ରୀ ଜଗନ୍ମାତା। କାତର ହୋଇ ଦେବଗଣ ପ୍ରାର୍ଥନା କଲେ, ହେ ବହ୍ନିଜା ମହାତପା ମହାମାୟା ଜନନୀ, ଦୁର୍ଦ୍ଧର୍ଷ ମହିଷାସୁରର ଅତ୍ୟାଚାରରୁ ତ୍ରିଭୁବନକୁ ରକ୍ଷା କର ମା। ବ୍ରହ୍ମାଙ୍କ ଠାରୁ ବରପାଇ ମହିଷ ବଳୀୟାନ । ତାର ପ୍ରତାପରେ ହୀନବଳ ଦେବରାଜ, ବ୍ରହ୍ମାତଟସ୍ଥ, ନିରୁପାୟ ନାରାୟଣ।

ଦେବୀ ହୁଂକାର ଦେଲେ, ଅସ୍ତ୍ରଦିଅ, ଅସ୍ତ୍ରଦିଅ। ବିଷ୍ଣୁ ଦେଲେ

ଚକ୍ର, ଶୂଳ ଦେଲେ ଶୂଳପାଣି, ବ୍ରହ୍ମା ଦେଲେ କମଣ୍ଡଳୁ, ଇନ୍ଦ୍ରଦେଲ ବଜ୍ର, ସୂର୍ଯ୍ୟ ନିଜ ତେଜ ଦେଲେ, କାଳ ଦେଲେ ପାଶ, ମହୋଦଧି ଦେଲେ ରତ୍ନମାଳା। ଦେବୀଙ୍କୁ ବାହନ କରିବା ଲାଗି ହିମାଳୟ ଦେଲେ ପଶୁରାଜ ସିଂହ। ଶାସ୍ତ୍ରାଳଂକାର ଭୂଷିତା ଦେବୀଙ୍କ ପ୍ରଭାରେ ସ୍ୱର୍ଗ ମର୍ତ୍ତ୍ୟ ଆଲୋକିତ ହୋଇଉଠିଲା। ପ୍ରତିଚୀ ଗଗନରେ ଏହି ଅନଳୋତ୍ସବ ମହିଷାସୁର ମଧ୍ୟ ଦେଖିଲା। କାହାର ଏ ଦୁଃସାହସ। ଯାହା ଭୟରେ ସୂର୍ଯ୍ୟ ତେଜ ମଳିନ, ଅଗ୍ନିକେବଳ ଗାର୍ହ୍ୟସ୍ଥ ଅଗ୍ନି ମାତ୍ର, ତାରି ସାମ୍ରାଜ୍ୟରେ କିଏ ଜାଳିଲା ଏ ମହାନଳ! ଏ ଯଦି ଧୂମକେତୁ ହୁଏ ତାହେଲେ ତାର ପ୍ରଭାମୟ ପୁଚ୍ଛ ଧରି ତାକୁ ଭୂତଳରେ ନିପତିତ କରିବି, କ୍ଷଣପ୍ରଭ ଆତସ ବାଜିପରି ଝରି ପଡିବ ତାର ଆଲୋକ ବଳୟ।

ମହିଷାସୁର ଆଗେଇ ଚାଲିଲା। କିନ୍ତୁ ଧୂମକେତୁ କାହିଁ ? ମେରୁ ଶିଖରରେ ଆସୀନା ଏକ ଅପୂର୍ବ ସୁନ୍ଦରୀ।

ପ୍ରଭାମୟୀ ରମଣୀ। ଏ କ'ଣ ବିଷ୍ଣୁ ପ୍ରୀୟା ମହାଲକ୍ଷ୍ମୀ ନା ଶିବ ଜାୟା ପାର୍ବତୀ ? ତାଙ୍କରି ପ୍ରଭାରେ ପ୍ରଭାମୟ ପ୍ରତିଚୀ ଗଗନ, ମେରୁ ଶିଖର ? ନିମିଷକ ଲାଗି  ମହିଷର ଇନ୍ଦ୍ରିୟ ଚେତନା ନିଷ୍କ୍ରିୟ ହୋଇଗଲା। ତା' ପରେ ପ୍ରାଣର ପ୍ରତିକୋଷରେ ଜଳି ଉଠିଲା କାମନାର ଅଗ୍ନି। ଚାଟୁବାକ୍ୟରେ ନହେଲେ ବଳାତ୍କାର କରି ଏହାକୁ ଅପହରଣ କରିବାକୁ ହେବ। କିଏ ଅଛି ଏ ତ୍ରିଭୁବନରେ ଯେ ମହିଷକୁ ବାଧା ଦେବ ?

କି ଅଦ୍ଭୁତ ଏ ରମଣୀ! ଅବଳା ହୋଇ ମହିଷକୁ ରଣ ଆହ୍ୱାନ ଜଣାଉଛି। ଆହୁରି ଆଗେଇ ଗଲା ମହିଷାସୁର। ପଦ୍ମପଳାଶ ଏ ନୟନ ଯୁଗଳ ରାଗ ରଂଜିତ କାହିଁକି ? ଅନୁରାଗ ଆରକ୍ତ ନୟନରେ ଥରେ ଚାହିଁ ସୁନ୍ଦରୀ, ଏ ରଣ ରଂଗିନୀ ବେଶ ପରିତ୍ୟାଗ କରି ଆସ, ତୁମେ ହିଁ ହେବ ତ୍ରିଭୁବନନେଶ୍ୱର ମହିଷାସୁରର ପଟ୍ଟମହିଷୀ।

'ମୂଢ଼' ଗର୍ଜନ କରି ଉଠିଲେ ଦେବୀ।

କ୍ଷଣକ ଲାଗି ଆଶ୍ଚର୍ଯ୍ୟ ଚକିତ ହୋଇଗଲା ମହିଷାସୁର। କି ଦୁଃସାହସ, ମହିଷର ପରିଚୟ ପାଇ ମଧ୍ୟ ବାଚାଳତା, ଆଉ ରକ୍ଷା ନାହିଁ, ତୋର ଏହି ସୁକୋମଳ ତନୁର ମାଂସରେ ଶ୍ୱାନ ଶୃଗାଳଙ୍କର ମହୋତ୍ସବ ହେବ। ଦେଖିବି କେଉଁ ବ୍ରହ୍ମା, ବିଷ୍ଣୁ, ଶିବ, ଇନ୍ଦ୍ର, ଛନ୍ଦ୍ର ଆସି ତୋତେ ରକ୍ଷା କରିବେ।

ରଣହୁଂକାର ଦେଇ ମହିଷ ଦେବୀଙ୍କୁ ଆକ୍ରମଣ କଲା। ମେରୁ ଶିଖରରୁ ଦେବୀ ଲମ୍ଫ ଦେଲେ। ନୀଥର ହୋଇ ତ୍ରିଭୁବନ ଦେଖିଲେ ସେ ଭୟଙ୍କର ସଂଗ୍ରାମ, ରଣକ୍ଷେତ୍ରରେ ରଣଚଣ୍ଡୀଙ୍କର ଉଲ୍ଲାସ ନର୍ତ୍ତନ। ମହା ଭୟଙ୍କରୀ ମୂର୍ତ୍ତି ଧରି ଦେବୀ ମହିଷ ବକ୍ଷ ରେ ପାଦ ରଖିଲେ। ଦକ୍ଷିଣ କରରେ ତ୍ରିଶୂଳ ଆଗେଇ ଆସିଲା। ଚତୁର୍ଦ୍ଦିଗରେ ଆନନ୍ଦର କଳରବ। କରୁଣ ନୟନରେ ମହିଷ ଚାରିଆଡକୁ ଚାହିଁଲା। ଏତେ ବଡ଼ ସମ୍ରାଟ ଆଜି ଅସହାୟ। ନିଜର ବୋଲି ତାର କେହି ଜଣେ ବି ନାହିଁ ଯିଏ ଆସି ତା ପାଖରେ ଠିଆ ହେବ। ଅଥଚ ଏ ତ୍ରିଭୁବନ ତାର ଅଧୀନ ଥିଲା, ତାର କ୍ରୋଧ ଦେଖିଲେ ଥରଥର ହୋଇ କମ୍ପୁଥିଲା ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ। କୁଆଡେ ଗଲା ସେ ଶକ୍ତି ? କୁଆଡେ ଗଲା ସେ ପ୍ରତାପ ? ଏ ଜୀବନରେ ସବୁ କିଛି କ୍ଷଣସ୍ଥାୟୀ ? ଆଖିବ ଟେକି ଉପରକୁ ଚାହିଁଲା। ମହିଷାସୁର, ଦୃଷ୍ଟି ପଡିଲା ସେଇ ଦୁଇଟି ଜ୍ଞାନ ଭାସ୍ୱର ନୟନ ଉପରେ। ସକଳ ଇନ୍ଦ୍ରିୟ ତାର ସ୍ତବ୍ଧ ହୋଇ ଗଲେ। ଚେତନାର କ୍ଷୀଣ ସ୍ୱରଟିଏ ଗୁଂଜରି ଉଠିଲା। ମହିଷ ବୁଝିଲା ଏଇ ଜଗଦ୍ଧାତ୍ରୀ ମହାମାୟା, ଏଇ ତାର ଏକମାତ୍ର ଶରଣଦାତ୍ରୀ । କରୁଣ କଣ୍ଠରେ ଆକୁଳ ହୋଇ ପ୍ରାର୍ଥନା କଲା, ମା, ତୁ ମତେ  ଅସୀମ ଶକ୍ତି ଦେଲୁ କିନ୍ତୁ ଜ୍ଞାନ ତ ଦେଲୁନି। ଭକ୍ତି ବି ଦେଲୁନି। ଅନ୍ଧ ଅଜ୍ଞାନ ମୁଁ ତୋତେ ଚିହ୍ନିବି କିପରି କହ ? ଅସରନ୍ତି ଭୋଗବିଳାସରେ ବୁଡିରହି ଦେବଗଣ ହୀନବଳ ହେଲେ। ଲୋଭ ଆଉ ମୋହ ପାଶରେ ବନ୍ଦୀ ହୋଇ ମଣିଷ ନିଜକୁ ଭୁଲିଲେ। ଆକଳନ ଶାରୀରିକ ଶକ୍ତି ପାଇ ଜ୍ଞାନହୀନ ଅସୁର ମୁଁ ଉନ୍ମତ୍ତ ହେଲି। ଆଜି ମୋର ସବୁକିଛି ତୋରି ପାଦ ତଳେ ଦଳିତ। ତୋର ଏଇ କରୁଣାନିଳୟ ପାଦତଳେ ମୋତେ ଶରଣ ଦେ ମାଆ।

କରୁଣାର ଧାରା ଝରି ପଡିଲା ଜଗନ୍ମାତାଙ୍କ ନୟନରୁ। ତୋର ମୃତ୍ୟୁ ନାହିଁ ବତ୍ସ। ଏଇ ଶୋଣିତ ବିନ୍ଦୁ ତୋର ଫୁଲ ହୋଇ ଫୁଟିବେ। ସେଇ ଫୁଲ ନେଇ ମଣିଷ ତାର  ମିଥ୍ୟାହଂକାରର ଅଂଜଳି ନିବେଦନ କରିବ। ଅକ୍ଷୟ ବିଳାସ ତ୍ୟାଗ କରି ଦେବତାମାନେ ମରଶରୀର ଧାରଣ କରି ପୃଥିବୀରେ ଜନ୍ମଗ୍ରହଣ କରିବେ। ଉଚ୍ଚତର ଚେତନା ପଥରେ ଆଗେଇ ପାରିବେ। ଦିନ ଆସିବ ଏଇ ପୃଥିବୀକୁ ମୁଁ ଅବତରି ଆସିବି, ଏଠାରେ ରୂପାନ୍ତର କ୍ରିୟା ସାଧନ ଲାଗି। ଭୋଗ ବିଳାସ, ଲୋଭ ମୋହ ଭୁଲି ମୋ ସନ୍ତାନଗଣ ସେ ପଥରେ ପଥିକ ହେବେ।

ମା, ସେ ପଥ କ'ଣ ଅସୁର ଶକ୍ତି ଲାଗି ରୁଦ୍ଧ ?

ନାଁ ବତ୍ସ, ସତ୍ୟର ସେ ହିରଣ୍ମୟ ପଥ ପ୍ରତ୍ୟେକ ଅଭୀପ୍ସୁ ପାଇଁ ଉଦାର, ଉନ୍ମୁକ୍ତ।

ମା'ର ହୃଦୟ ବଜ୍ରଠାରୁ କଠୋର ପୁଣି ପୁଷ୍ପଠାରୁ କୋମଳ।

ଶରଣାଗତ ପାଳିନୀ ମା, ମିଥ୍ୟାର ଆତ୍ମସମର୍ପଣ କ'ଣ ଆହୁରି ସଂପୂର୍ଣ୍ଣ ହୋଇନାହିଁ। କେବେ ଆଉ ଆସିବ ସେ ଦିବ୍ୟ ମୁହୂର୍ତ୍ତ, ଯେବେ ଧରଣୀର ଧୂସର ବକ୍ଷରେ ସେ ମହାନ୍ ରୂପାନ୍ତର ସାଧିତ ହବ। ମହିଷାସୁର ମୁଁ ମହାମାନବ ହେବି।

ପ୍ରତ୍ୟେକ ବର୍ଷ ଦେବୀଙ୍କର ମୃଣ୍ମୟୀ ପ୍ରତିମାଙ୍କର ବିସର୍ଜନ ସମୟରେ ମହିଷାସୁରର ଏହି ଆର୍ତ୍ତ ପ୍ରାର୍ଥନା ଶୁଣାଯାଏ ଅତୁଳ ତଳ।

❖❖❖

# ଲୁହ କଥା



ISSN-2583-6978
Volume-3
Issue-8
AUGUST-2023

**ରମା ଗଡ଼ନାୟକ**

ଅନୁଗୁଳ

ଆମ୍ବ ଗଛଟା କାନ୍ଦୁଛି । ମୁଁ ତୋତେ କହୁନଥିଲି, ପାଖ ଗଛଟାକୁ କେବେ କାଟିବୁନି ବୋଲି । ଏଇଟା ଏକୁଟିଆ ହୋଇଯିବ । ଯାଆଁଳା ଭଉଣୀ ଭଳି ହାତ ଧରାଧରି ହୋଇ ବଢୁଥିଲେ । ଏକାବେଳେ ସେମାନଙ୍କୁ ଲଗାଯାଇଥିଲା । ଗୋଟିକର ବିହୁନେ ଆରଟି ତାକୁ ଝୁରୁଛି । ଫେର୍ ଅନ୍ୟ ଗଛ ସବୁ କଟା ହୋଇଗଲା ଆଖପାଖରେ । ଗଛଟାକୁ ଖୁବ୍ ବାଧିଛି । ସାବିତ୍ରୀ ମାସଟାଏ ବିଛଣାରେ ପଡିଥିଲେ । ଟିକିଏ ଭଲ ଲାଗିରୁ ବାଡିପଟକୁ ଯାଇ ଆମ୍ରପଲ୍ଲୀଗଛକୁ ଦେଖିଲା ପରେ ପୁଅ ଅମ୍ବରୀଶଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଏକଥା କହିଲେ । ତାଙ୍କୁ ଅନୁସରଣ କରି ଅମ୍ବରୀଣ ଦେଖିଲେ ଗଛର ଯେଉଁ ଅଂଶରୁ ଦୁଇଟା ବଡ଼ ଶାଖା ବାହାରି ଗଣ୍ଡିକୁ ଦୁଇଭାଗ କରି ଦେଇଛି, ସେଇଠୁ ଛ' ସାତ ଇଞ୍ଚ ଓସାରର ଓଦା ଦାଗ ତଳକୁ ଲମ୍ବି ଆସିଛି ଗଛମୂଳ ପର୍ଯ୍ୟନ୍ତ । ସେ ହାତମାରି ଦେଖିଲେ ଗଛର ବହଳ ରସ ନୁହେଁ, ପତଳା ପାଣିଦାଗ । ହୁଏତ ରସ ଭଳି କିଛି ତରଳ ଦ୍ରବ୍ୟ ଗଡି ଆସି ଏଭଳି ଚିହ୍ନ ସୃଷ୍ଟି କରିଛି । ଯାହାକୁ ମା'ଙ୍କ ଭାଷାରେ ଗଛର ଲୁହ ।

ରୁହ ସିଡିଟା ଆଣି ଦେଖୁଛି । ଗଛଟା କୋଉଠି ଖଣ୍ଡିଆ ହୋଇପାରିଥିବ ବା ପୋକ ଲାଗିଯାଇଥିବ । ଅଭୟ ଗାଡ଼ି ପୋଛୁଥିଲା ପୋର୍ଟିକୋରେ । ତାକୁ ଡାକ ଛାଡ଼ିଲେ ଅମ୍ବରୀଶ ସିଡିଟା ଆଣି ଦେଖିଲୁ ସେ ଶାଖା ଦୁଇଟା ସନ୍ଧିରୁ କାହିଁକି ପାଣି ଝରୁଛି କ'ଣ ? ଅଭୟ ସିଡି ଚଢି ପ୍ରାୟ ସାତଫୁଟ ଉଚ୍ଚର ସେହି ସନ୍ଧି ସ୍ଥାନକୁ ପରୀକ୍ଷା କଲା । ନା କ୍ଷତ ନା କୌରସି ରୋଗର ଚିହ୍ନ ହାତକୁ ବି ଲାଗୁନି କିଛି । କିନ୍ତୁ ପଟି ଭଳି ଦାଗଟି ସେଇଠୁ ଆରମ୍ଭ ହୋଇ ଲମ୍ବି ଯାଇଛି ତଳକୁ ।

ସାବିତ୍ରୀଙ୍କର ଦୃଢ଼ ବିଶ୍ୱାସ, ଗଛଟାର ଲୁହ ଝରୁଛି । ପାଣି ହେଉ ବା ବହଳ ରସ ହେଉ, ଗଛଟି କାନ୍ଦୁଛି । ଏକଥା କେବେ ବି ବିଶ୍ୱାସ କରିବନି । ଗଛବି କଷ୍ଟ ପାଏ । କଷ୍ଟ ପାଇଲେ ସେ ତା ନିଜ ଢଙ୍ଗରେ ପ୍ରକାଶ କରେ, ଏଭଳି ଧାରଣା ସବିତ୍ରୀଙ୍କର ଅଛି ।

'ତୁ କାହିଁକି ସକାଳୁ ସକାଳୁ ବାଡ଼ିରେ' ଯଦି ବିପି ବଢିଯାଏ କି ଝୁଣ୍ଟିପଡୁ, ଆମକୁ କନ୍ଦେଇବୁ । ଗଲୁ, ଯା', ଘର ଭିତରକୁ । 'ଅମ୍ବରୀଣ ମା'ଙ୍କ ହାତଧରି ଘରକୁ ନେଇ ଆସିଲେ । ବସେଇଦେଲେ ସୋଫା ଉପରେ । କହିଲେ ଏଇଠୁ ଥାଇ ଦେଖ ତୋ ବଗିଚାକୁ । କୋଉ ବଗିଚା ଅଛି ଯେ ଦେଖିବି । ଟାଙ୍ଗରା ହେଇଯାଇଛି । କହିଲୁ ଅଳ୍ପ କିଛି ଗଛ କାଟିଲେ ନୂଆ ଘରଟେ ପାଇଁ ଜାଗା ବାହାଯିବ । ଦେଖିଲା ବେଳକୁ ସବୁ ସଫା କରିଦେଲୁ । ମୁଁ ତ ଉଠି ପାରୁନଥିଲି ବିଛଣାରୁ, କେମିତି ଜାଣିବି ତୁ କରତ ଭଳି କାଟି ପକେଇବ ଫୁଲ ଫଳ ସବୁ ଫୁଲ, ଫଳ ଗଛ ?

ଏକଥା ସତଯେ ଅମ୍ବରୀଷ ମା'ଙ୍କ ଇଚ୍ଛା ବିରୁଦ୍ଧରେ ଯାଇ ଗଛସବୁ କଟାଇଥିଲେ । ଆମ୍ବ, ପଣସ, ନଡିଆ, ପିଜୁଳି, ଜାମୁ, ସପଟୋ, ଆତ, ନିମ୍ବ, କଦଳୀ ସାଙ୍ଗକୁ କାଟିଦେଲେ ଚମ୍ପା, ବଉଳ, କରବୀର, ଅଶୋକ, ଟଗର, ତରାଟ ଫୁଲ ଗଛ ଗୁଡିକୁ । କେବଳ ଏଇ ଆମ୍ରପଲୀ ଗଛ, ଗୋଟିଏ ପିଜୁଳି, ଗୋଟିଏ ଲେମ୍ବୁ ଗଛ ବାକି ରହିଲା । ଫୁଲ ଓ କ୍ରୋଟନ ସବୁ କୁଣ୍ଡରେ ରହିବ । ଭୂଇଁରେ ନୁହେଁ ।

ଅବସର ନେବା ପରେ ଅମ୍ବରୀଷ ସ୍ଥିର କଲେ ସେ ତାଙ୍କ ଛୋଟ ସହରରେ ରହିବେ । ଦିଲ୍ଲୀରେ ଘରଟିଏ ଚାକିରି ବେଳରୁ ଅଛି । କିନ୍ତୁ ନିଜ ସ୍ଥାନରେ ରହିଛି ଅମାପ ପୈତୃକ ସମ୍ପତ୍ତି । ଦିଲ୍ଲୀର ଜଳବାୟୁ ତାଙ୍କ ସ୍ୱାସ୍ଥ୍ୟର ଅନୁକୂଳ ନଥିଲା । ଭଲ ହେଉନଥିଲା ଶ୍ୱାସ ରୋଗ । ଭୀଷଣ କଷ୍ଟ ପାଉଥିଲେ । ଦିଲ୍ଲୀ ଛାଡିବା ଜରୁରୀ ହୋଇ ପଡିଲା ସେଥିପାଇଁ କମ୍ପାନୀ ଚାକିରି ସରିବା ବହୁ ଆଗରୁ ସେ ନେଲେ ସ୍ୱେଚ୍ଛାକୃତ ଅବସର । ଯେତିକି ଅର୍ଥ ପାଇବା କଥା ସବୁ ପାଇଲେନି । ଏକକାଳୀନ ଯାହା ପାଇଲେ, ସେ ସବୁ ପିଲା ଦୁହିଁଙ୍କ ପାଠପଢ଼ା ଓ ନିଜର ଯାବତୀୟ ଅର୍ଥ ପାଇଁ ଯଥେଷ୍ଟ ନୁହେଁ । ସେଥିପାଇଁ ଅର୍ଥାଗମର ବ୍ୟସ୍ଥା କରିବାକୁ ପଡିବ । ଦିଲ୍ଲୀର ଘର ଲାଗିବ ଭଡ଼ାରେ । ଆଉ

ଏଠିାକର ପୁରୁଣାଘର ବି। ଫାଙ୍କା ଯାଗାରେ ସେ ଗୋଟେ ଆପାର୍ଟମେଣ୍ଟ ତୋଳିବେ ଲୋନ୍ କରି। ନିଜ ପାଇଁ ଗୋଟେ ଡୁ୍ୟପ୍ଲେକ୍ସ। ଆରାମରେ କଟିଯିବ ବାକି ଜୀବନ। ସେ ମା'ଙ୍କୁ ସବୁ କଥା ଖୋଲି କହିନାହାନ୍ତି। କହିଲେ ମା' ନିଶ୍ଚୟ ବୁଝିଯିବ, ସେ ବିଶ୍ୱାସ ତାଙ୍କର ଅଛି। ଅପା ବଞ୍ଚିଥିଲେ ହୁଏତ ତାଙ୍କର। ଅତି ପ୍ରିୟ ବୃକ୍ଷମାନଙ୍କୁ ଚିରଦିନ ପାଇଁ ଲୋପ କରିଦେବାର ଅଭିପ୍ରାୟକୁ ଫଳବତୀ ହେବାକୁ ଦେଇ ନଥାନ୍ତେ।

ସାବିତ୍ରୀ ଖୁବ୍ ଆନନ୍ଦିତ ଯେ ପୁଅ ତାଙ୍କ ପାଖରେ ନିଜ ଘରେ ରହିବ। ଦିଲ୍ଲୀ ନିଶା ଛାଡି ଛୋଟିଆ ଜାଗାକୁ ଆସିବ, ଏ ଆଶା ତାଙ୍କର ନଥିଲା। ଏବେ ଅମ୍ବୁ ତାଙ୍କ ପାଖରେ। ଶେଷ ନିଃଶ୍ୱାସ ନେଲାବେଳକୁ ପାଖରେ ଥିବ। ମୁହଁରେ ଟୋପେ ଗଙ୍ଗାଜଳ ଦେଇପାରିବ। ବାପା ତ ଅକସ୍ମାତ ଚାଲିଗଲେ। ପହଞ୍ଚିଲା ମୁଖାଗ୍ନି ଦେବା ବେଳକୁ। ସ୍ୱାମୀଙ୍କ ଦେହାନ୍ତ ପରେ ତାଙ୍କୁ ଦିଲ୍ଲୀ ନେଇଯାଇ ପାଖରେ ରଖିବାକୁ ଚେଷ୍ଟା କରିଛନ୍ତି ଅମ୍ବରୀଷ। କିନ୍ତୁ ଘର, ବାଡି ବଗିଚା, ଗାଁର ଚାଷଜମି, ଆଉ ବିସ୍ତାର କାଜୁ ବଗିଚା ନାରଖାର ହୋଇଯିବ ସେ ଅନୁପସ୍ଥିତ ରହିଲେ। ଯଦିଓ ନିଶ୍ଚିତ ନଥିଲେ କ'ଣ ହେବ ଏ ସମ୍ପତ୍ତିର ଭବିଷ୍ୟତ, ତେବେ ବଞ୍ଚିଥାଉ ଥାଉ ସବୁ ବର୍ବାଦ ହେଇଯାଉ ଏକଥା ଚାହୁଁନଥିଲେ କଦାପି। ଏବେ ଅମ୍ବୁ ପହଞ୍ଚି ଯାଇଛି। ନିଜ ସମ୍ପତ୍ତିର ରକ୍ଷଣାବେକ୍ଷଣ କରିବ। ତେବେ ଆସିବାର ଚାରିପାଞ୍ଚ ମାସ ଯାଇଛି କି ନାହିଁ, ସେ ଗଛବୃଛ କାଟିଦେଇ ଘରଟାକୁ ଏମିତି ଶ୍ରୀହୀନ, ଲଣ୍ଡା କରିଦେବ, ସେ କଥା ତାଙ୍କୁ ବିଚଳିତ କରୁଥିଲା। ମାନୁଛନ୍ତି, ଘର ପୁରୁଣା ହେଇଯାଇଛି। ଜେଜେ ବାପା ଅମଳର ଘର। ଯେତେ ଯତ୍ନରେ ଇଟାସିମେଣ୍ଟରେ ଗଢା ହେଲେ ବି ସତୁରି ବର୍ଷର ଘର କାଳକ୍ରମେ ଜରାଜୀର୍ଣ୍ଣ ହୋଇଛି। କେଉଁଠି କାନ୍ଥ ଫାଟି ଯାଇଛି ତ କେଉଁଠି ଛାତରୁ ପାଣି ଗଳୁଛି। ରୋଷେଇ ଓ ଗାଧୁଆ ଘର ଫର୍ଚ୍ଚା ହେଲେ ବି ପୁରୁଣା କାଳିଆ ଢଙ୍ଗରେ ତିଆରି। ସିମେଣ୍ଟ ଚଟାଣ ମଧ ହରେଇଛି ମସୃଣତା। ତଥାପି ଦଶଗୁଣ୍ଠ ଜମିଟିର ଠିକ୍ ମଝିରେ ଥିବା ଏଇ ଛୋଟ ଘରଟିର ଯତ୍ନ ନେଉଥିଲେ ସାବିତ୍ରୀ ତାଙ୍କ ସାଧମତେ। ଅମ୍ବୁ କହୁଛି ସେ ସେଇ ଘରେ ରହିପାରିବନି। ଆଉ ଟିକେ ବଡ଼, ଫର୍ଚ୍ଚା ଘର ତାଙ୍କୁ ଦର୍କାର। ଚାରିପାଖରେ ଏତେ ଖାଲି ଜାଗା ଅଛି, ସେ କାହିଁକି ନୂଆ ଘରଟେ ନ ତୋଳିବ ? କାହିଁକି ନ ଗଢିବ ବହୁତଳ ପ୍ରାସାଦ। ଦିଲ୍ଲୀର କୋଉ ଆପାର୍ଟମେଣ୍ଟ ଭଳି। ଏହା ପରେ ସାବିତ୍ରୀ ନିଳୟ ତା'ର ପରିଚିତ ହରେଇ ସହରର କଂକ୍ରିଟ ଜଙ୍ଗଲର ଏକ ଅଂଶ ହୋଇଯିବ। ଅବଗୁଣ୍ଠନ ବତୀ ବଧୂଟିଏ ପରି ଯେଉଁ ଫିକା ସବୁଜ ରଙ୍ଗର ଘରଟି ଗଛପତ୍ର ଉହାଡ଼ରୁ ଦେଖଣାହାରୀଙ୍କର ମନ ମୋହୁଥିଲା। ଦିଶୁଥିଲା ଏକ କୁଞ୍ଜବନ ପରି। କ୍ରମବର୍ଦ୍ଧିଷ୍ଣୁ ସହର ମଧରେ ଦିଶୁଥିଲା ଏକ ମରୁଦ୍ୟାନ ପରି, ଏବେ ସେଇ ସ୍ଥାନରେ ଇଞ୍ଜିନିୟର ଅମ୍ବରୀଷ ସ୍ୱାଇଁଙ୍କର ବହୁତଳ ପ୍ରାସାଦ ମୁଣ୍ଡଟେକିବ। ହୁଏତ ଆପାର୍ଟମେଣ୍ଟର ନାମ ବଦଳିବ। ବୋହୂ ନବନୀତା ନାମରେ ଏହାର ନାମ ନବନୀତା ଆପାର୍ଟମେଣ୍ଟ ହୋଇପାରେ, ସାବିତ୍ରୀ ନିଳୟ ହଜିଯିବ ସେଇ ବହୁତଳ ପ୍ରାସାଦର ରାହୁ ଛାୟାରେ।

ବିଚଳିତ ସାବିତ୍ରୀଙ୍କ ପାଖରେ ବସି ଅମ୍ବରୀଷ ବନ୍ଧୁ ଅବନୀପଣ୍ଡା ପାଖକୁ ଫୋନ୍ ଲଗେଇଲେ। ଅବନୀ କୃଷି ବିଭାଗର ଜଣେ ଉଚ୍ଚପଦସ୍ଥ ଅଫିସର। 'ଅବନୀ କହିଲୁ, ଖଣ୍ଡିଆ ହେଇନି କି କିଛି ଧାରୁଆ ଅସ୍ତ୍ର ବାଜିନାହିଁ, ରୋଗ ହେଲା ଭଳି ବି ଜଣାପଡୁଛି। ଗଛଟା ବି ସୁସ୍ଥ ଜଣାପଡୁଛି, ହାତକୁ ବି କିଛି ଅଲଗା ଲାଗୁନି। ଅଥଚ ଛ' ଇଞ୍ଚ ଓସାରର ରସ ଝରିବା ଭଳି ଦାଗ ଗଛମୂଳ ଯାଏ ଲମ୍ବିଯାଇଛି। ଅଭୟ କହୁଛି, ସେ ମାସେ ହେଲାଣି ଏ ଦାଗ ଦେଖୁଛି, ମୁଁ କିମ୍ବା ଅନ୍ୟ କେହି ଲକ୍ଷ୍ୟ କରିନୁ ଏକଥା। ମା' ଖୁବ୍ ବ୍ୟସ୍ତ ବିଚଳିତ ଏତିକି କଥାରେ। କହୁଛି ପାଖଗଛଟାକୁ କାଟି ଦେଲାରୁ ଗଛଟା ଲୁହ ନିଗାଡୁଛି, କାନ୍ଦୁଛି।

ମୋବାଇଲ ଥିଲା ସ୍ପିକର ମୋଡରେ। ଅବନୀ ସେ ପଟେ ହସୁଥିଲା ଏକଥା ଶୁଣି। 'ମାଉସୀଙ୍କୁ କହ', ପାଠରେ ହସିବା କାନ୍ଦିବା କଥାରେ ଉଲ୍ଲେଖ ନାହିଁ। ବୃକ୍ଷ ସଜୀବ, କିନ୍ତୁ ତାର ନାହିଁ ଅନୁଭବ କରିବାର କ୍ଷମତା। ପ୍ରାଣୀ ଭଳି ତା'ର ସ୍ନାୟୁ ମଣ୍ଡଳ ନାହିଁ, ମସ୍ତିଷ୍କ ନାହିଁ, ବୁଝିବାର ଶକ୍ତି ନାହିଁ। ତାକୁ ତ ଗାଈ ଗୋରୁ ଓ ବନ୍ୟଜନ୍ତୁ ଶୁଙ୍ଘି ପକାଉଛନ୍ତି, ଖାଇ ଦେଉଛନ୍ତି। କାଟି ଦେଉଛି ମଣିଷ। ସେମାନେ ପୁଣି କଅଁଳି ଉଠୁଛନ୍ତି। ଯଦି କଷ୍ଟ ହେଉଥାନ୍ତା ଗଛ ନିଶ୍ଚୟ ପ୍ରତିବାଦ କରନ୍ତା କୌଣସି ନା କୌଣସି ଉପାୟରେ। ଯେଉଁଠି ନିଜ ଉପରେ ଆସୁଥିବା ଆଘାତକୁ ସେ ବୁଝିପାରୁନି, ସେ କ'ଣ ଜାଣିବ ପାଖ ଗଛର ଦୁଃଖ ଯେ କାନ୍ଦିବ। ଏ କଥା ହୁଏତ ଗଳ୍ପ, କାହାଣୀ, ଲୋକ କଥାରେ କିମ୍ବା ଧର୍ମପୁସ୍ତକରେ ଲେଖା ହେଇଥିବ, ଯଦି ତାକୁ ଯନ୍ତ୍ରଣା ହୁଅନ୍ତା, ଆମେ କାକୁଡ଼ି, ଆଖୁ ଫଳକୁ ଚୋବେଇ ଖାଇପାରନ୍ତେ ନାହିଁ, କି ପରିବାକୁ କାଟିକୁଟି ରାନ୍ଧି ପାରନ୍ତେ ନାହିଁ। ତେଣୁ କାନ୍ଦିବା କଥାଟି ମିଛ। ଗଛକୁ କିଛି ନା କିଛି ରୋଗ ହେଉଥିବା ଆଖିକୁ ଜଣାପଡୁଛି ସିନା।

ଅମ୍ବରୀଷ ଏଥର ଆଶା ଆଶଙ୍କାରେ ନିରୀକ୍ଷଣ କଲେ ସାବିତ୍ରୀଙ୍କ ମୁହଁକୁ। କାଳେ ସେଠି କିଛି ଭାବାନ୍ତର ଆସିଥିବ। ନାଁ ମା' ଆଦୌ ପ୍ରଭାବିତ ହୋଇନାହାନ୍ତି ଅବନୀର ମନ୍ତବ୍ୟ ଶୁଣିବା ପରେ ସେଇ ଆମ୍ରପଲ୍ଲୀ ଗଛଟି ତାଙ୍କର ଖୁବ୍ ପ୍ରିୟ। କେବଳ ସେ ସୁମିଷ୍ଟ ଫଳଦାନ କରେ ନାହିଁ, ତାର କଳେବରରେ ଦେଖଣାହାରୀଙ୍କୁ ଆକୃଷ୍ଟ କରେ। ପ୍ରକୃତିର ଏକ ଅନବଦ୍ୟ ସୃଷ୍ଟି। ଦେଖିବାକୁ ମନ୍ଦିର ଟିଏ ପରି। ଡାକଗୁଡିକ ଖୁବ୍ ସୁସଜ୍ଜିତ। ଗହଳ ସବୁଜ ପଥର ରଂଗ ବଦଳୁ ଥାଏ ବର୍ଷର ବିଭିନ୍ନ ସମୟରେ ବର୍ଷାଋତୁରେ ଗାଢ଼ ସବୁଜ ରଂଗ ଉପରେ ଉକୁଟି ଉଠେ ସୁନେଲୀ ରଙ୍ଗ, ଖରାଦିନେ ଦିଶେ ଧୂସର

ସବୁଜ। ବସନ୍ତରେ କଅଁଳି ଯାଏ କଅଁଳ ନାଲିପତ୍ର। ଈଷତ୍ ହଳଦିଆ ପହୁ ପଡୁ ଝୁଲିପଡେ ପେନ୍ଥା ପେନ୍ଥା ନାଲି ନାଲି ବଉଳରେ। ପତ୍ର ଝଡ଼ା ଖୁବ୍ ଧୀରେ। ଜାଣିହୁଏ ନାହିଁ କେବେ ବୁଢ଼ାପତ୍ର ତଳେ ଖସିପଡ଼େ। ବଉଳର ବାସ୍ନା ଚହଟି ଯାଏ ଆଉ ମହୁମାଛି ଦଳ ଦଳ ହୋଇ ବଉଳ ପେନ୍ଥାର ଆକର୍ଷଣରେ ଗଛ ପାଖରେ ଜମା ହେଇଯାଆନ୍ତି ମିଠାରସ ଶୋଷି ନେବାକୁ। ଏଥର ମାର୍ଚ୍ଚ ଯାଇ ଅପ୍ରେଲ ହେଲା। ବଉଳ ନାହିଁ ଆମ୍ବଫଳିବାର ସମ୍ଭାବନା ନାହିଁ।

ଅମ୍ବରୀଷ ହତାଶ ହୋଇ ଉଠିଗଲେ। ନିଜର ବିରକ୍ତିକୁ ଲୁଚାଇବାକୁ। ନୀତା ପହଞ୍ଚିଲେ ଚା' ଓ ବିସ୍କୁଟ ପ୍ଲେଟ ସହ ଔଷଧ ଧରି। ଅଭୟଠାରୁ ଶୁଣିଛନ୍ତି ଗଛର ବୃତାନ୍ତ। ସେ ବି ଗଛ କାନ୍ଦିବା କଥାକୁ ବିଶ୍ୱାସ କରୁନାହାନ୍ତି। ଏ ଖାଲି ମା'ଙ୍କର ଗୋଟେ ବାହାନା, ପୁଅକୁ ଦୋଷୀ କରେଇବାକୁ। ତେବେ ସେ ପଚାରିଦେଲେ, ଶ୍ଳେଷ ମିଶେଇ, 'ମା', ଆପଣ କ'ଣ ସତରେ ଭାବୁଛନ୍ତି ଗଛଟା କାନ୍ଦୁଛି ବୋଲି? ସେ କ'ଣ ଜାଣି ପାରେ, ତା' ପାଖ ଗଛଟାର କ'ଣ ଘଟୁଛି? ନା କ'ଣ ଘଟୁଛି ତା' ଆଖପାଖରେ? ପରେ ସଚେତନ ହେଇ ନୀତା କହିଲେ, ସରି, ଆପଣ ଆଗ ଖାଇନିଅନ୍ତୁ। ଔଷଧ ଖାଇବା ଡେରି ହେଇଯାଉଛି।' ସାବିତ୍ରୀ ପୁଅ ବୋହୂଙ୍କର ଭଳି ଉଚ୍ଚଶିକ୍ଷିତ ନୁହଁନ୍ତି। ପଢ଼ିଛନ୍ତି ଗାଁ ହାଇସ୍କୁଲରେ ମେଟ୍ରିକ ପର୍ଯ୍ୟନ୍ତ। ଯାହା ପଢିଛନ୍ତି, ସେତକ ଗ୍ରହଣ କରିଛନ୍ତି ହଜମ କରିଛନ୍ତି। ଭୁଲି ନାହାନ୍ତି କିଛି। ପୋଥିଜ୍ଞାନକୁ ଯେତେସମ୍ଭବ ଚେଷ୍ଟା କରିଛନ୍ତି। ଭୁଲି ନାହାନ୍ତି କିଛି। ପୋଥି ଜ୍ଞାନକୁ ଯେତେସମ୍ଭବ ଚେଷ୍ଟା କରିଛନ୍ତି ବସ୍ତୁବାଦୀ ବନରେ ପ୍ରୟୋଗ କରିବାକୁ। ସେ ଜାଣିଛନ୍ତି ବୃକ୍ଷ ବିନା ପ୍ରାଣୀ ଜଗତର ତିଷ୍ଠିବା ସମ୍ଭବ ନୁହେଁ। ଖାଦ୍ୟ, ବସ୍ତ୍ର, ଔଷଧ ସେହିଯୋଗାଏ। ତା' ବିନା ବର୍ଷା ହୁଏ ନାହିଁ। ପ୍ରକୃତି ସନ୍ତୁଳିତ ହୁଏ ନାହିଁ। ଶ୍ରେଣୀରେ ଶିକ୍ଷକ ପବିତ୍ର ବୃକ୍ଷମାନଙ୍କ ବିଷୟରେ କହୁଥିଲେ। ସବୁ ଧର୍ମରେ ବୃକ୍ଷପୂଜା ରହିଛି। ଆଦିମାନବ ଗଛ ଭିତରେ ଆତ୍ମାର ଉପସ୍ଥିତି ଅନୁଭବ କରୁଥିଲା ବୋଲି ବୃକ୍ଷକୁ ଏମିତିକି ବୃକ୍ଷର ଶୁଷ୍କ ଗଣ୍ଡିକୁ ମଧ୍ୟ ଠାକୁର ଭାବି ପୂଜା କରୁଥିଲା। ଆଧୁନିକ ମଣିଷ ତା' ଠାରୁ ଅଧିକ ଜାଣେ ଅଥଚ ଆତ୍ମ ପ୍ରବଞ୍ଚନାରେ ବଞ୍ଚେ। ନିଜ ଲୋଭ ଓ ଖିଆଲ ପାଇଁ ଧ୍ୱଂସ କରେ ପ୍ରକୃତିର ଏହି ମହାନ ଅଙ୍ଗକୁ। ସଂସ୍କୃତ ଶିକ୍ଷକ ଥରେ ଶାସ୍ତ୍ରରୁ ଉଦ୍ଧାର କରି କହିଥିଲେ, ଦଶଟି କୂପ ସହ ଏକ ପୁଷ୍କରିଣୀ, ଦଶଟି ପୁଷ୍କରିଣୀ ସହ ଏକ ଜଳଭଣ୍ଡାର; ଦଶଟି ଜଳଭଣ୍ଡାର ସହ ଏକ ପୁତ୍ର ସମାନ। ତେବେ ଦଶଟି ପୁତ୍ର ସହ ଏକ ବୃକ୍ଷକୁ ତୁଳନା କରାଯାଇପାରେ। ଶହଶହ ବର୍ଷ ଧରି ମୁଣ୍ଡ ଟେକି ଠିଆ ହୋଇଥିବା ପାଦପ କେତେ କେତେ ପିଢ଼ିରୁ ମାନବକୁ ଛାୟା, ପୁଷ୍ପ ଓ ଫଳ ଯୋଗାଏ, ସେ କଥା କ'ଣ ମଣିଷ ହିସାବ ରଖିଛି କେବେ?

ଆଉ ଗୋଟେ ଦିନ ସାର୍ କହିଥିଲେ, ଅରଣ୍ୟର ମାହାତ୍ମ୍ୟ ବିଷୟରେ। ରାମାୟଣ ଓ ମହାଭାରତରୁ ଉଦ୍ଧାର କରି, ରାମଚନ୍ଦ୍ର ବନବାସ ପଛରେ ପ୍ରକୃତ କାରଣ ଅଲଗା, ସୀତାଙ୍କର ବନକୁ ନିର୍ବାସନ ମୂଳରେ ଥିବା ଉଦ୍ଦେଶ୍ୟ ଲୋକାପବାଦ ନୁହେଁ, ଆଗାମୀ ସନ୍ତାନର ଉପଯୁକ୍ତ ଲାଳନ ପାଳନ ପାଇଁ ରାମଚନ୍ଦ୍ର ସୀତାଙ୍କୁ ବନକୁ ପଠାଇଥିଲେ। ବର୍ଣ୍ଣାଶ୍ରମ ଧର୍ମରେ ମନୁଷ୍ୟ ବ୍ରହ୍ମଚର୍ଯ୍ୟ ଓ ବାନପ୍ରସ୍ଥ ସମୟରେ ବନକୁ ଗମନ କରେ। ବନ ବା ଅରଣ୍ୟ ହେଉଛି ମନୁଷ୍ୟର ପ୍ରକୃତ ଶିକ୍ଷାଦାତା , ସେ ଯାହା ଶିଖିବାକୁ ପାଏ ନାହିଁ, ସେତକ ଶିକ୍ଷା ମିଳେ ଅରଣ୍ୟରୁ। ବଢ଼ାଏ ଧୈର୍ଯ୍ୟ, ସହିଷ୍ଣୁତା ଓ ଆତ୍ମ ବିଶ୍ୱାସ। ସାର ହଠାତ୍ ଗୋଟିଏ ପ୍ରଶ୍ନ କଲେ ଛାତ୍ରମାନଙ୍କୁ। ସୀତା ପଞ୍ଚବଟୀରୁ ରାବଣଙ୍କ ଦ୍ୱାରା ଅପହୃତା ହୋଇଥିଲେ। କହିଲ ଦେଖି ସେ ଅରଣ୍ୟର ନାମ କାହିଁକି ପଞ୍ଚବଟୀ ଥିଲା? ସାବିତ୍ରୀ ତତ୍‌କ୍ଷଣାତ୍ ଉତ୍ତର ଦେଇଥିଲେ, ପାଞ୍ଚଟି ବଟବୃକ୍ଷର ଉପସ୍ଥିତି ଯୋଗୁଁ ନାମ ଥିଲା ପଞ୍ଚବଟୀ। ସାର୍ କହିଲେ ଆଂଶିକ ସତ୍ୟ। ଅରଣ୍ୟରେ ଥିଲା ଏକ ବିଶାଳ ବଟବୃକ୍ଷ ଏହାର ଉତ୍ତର ଦିଗରେ ଗୋଦାବରୀ ତଟରେ ଫଳପୁଷ୍ପ ଭରା କାନନର ନାମ ପଞ୍ଚବଟୀ। ଅଶ୍ୱତ୍ଥ, ତାଳ ତମାଳ, ଖଜୁର, ପଣସ, ଆମ୍ର, ଚମ୍ପକ, ଅଶୋକ, ଚନ୍ଦନ, କଦମ୍ବ, ଅର୍ଜୁନ ପ୍ରଭୃତ ବୃକ୍ଷ ପଞ୍ଚବଟୀକୁ ଶୋଭିତ କରୁଥିଲା, ସୀତାଙ୍କୁ ରାବଣ ବଳପୂର୍ବକ ଆକର୍ଷି ନେଉଥିଲା ବେଳେ ସୀତା କାତର କଣ୍ଠରେ ଅରଣ୍ୟର ବୃକ୍ଷମାନଙ୍କୁ ସମ୍ବୋଧନ କରି କହୁଥିଲେ, ହେ ବୃକ୍ଷଗଣ, ମୁଁ ତୁମକୁ ପ୍ରାର୍ଥନା କରୁଛି, ତୁମେ କହିବ, ରାବଣ ସୀତାଙ୍କୁ ହରଣ କରି ନେଉଛି।

ମାଲ୍ୟବନ୍ତ ଗିରିକୁ ମୁଁ ନମସ୍କାର କରୁଛି। ହେ ମାଲ୍ୟବନ୍ତ, ତୁମେ କହିବ, ରାବଣ ସୀତାଙ୍କୁ ହରଣ କରିନେଉଛି। ବୃକ୍ଷଦେବତାଙ୍କୁ ମୁଁ ନମସ୍କାର କରୁଛି। ଅରଣ୍ୟରେ ଥିବା ସମସ୍ତ ମୃଗ ପକ୍ଷୀଙ୍କର ମୁଁ ଶରଣାପନ୍ନ ହେଉଛି। ରାମଙ୍କୁ କହିବ, ତାଙ୍କ ପ୍ରାଣର ପ୍ରିୟତମା ସୀତା ଶୋକରେ ବିବଶ ହୋଇ ରାବଣ ଦ୍ୱାରା ଅପହୃତା ହୋଇଛନ୍ତି। ରାମଚନ୍ଦ୍ର ମଧ୍ୟ ପଞ୍ଚବଟୀରେ ସୀତାଙ୍କୁ ନ ଦେଖି ଚୂତ, ଶାଳ, ଡାଳିମ୍ବ, କର୍ଣ୍ଣିକାର, ଚମ୍ପକ, ବକୁଳ, କେତକୀ ଆଦି ପୁଷ୍ପ ବୃକ୍ଷ ମାନଙ୍କୁ ସୀତାଙ୍କ ବିଷୟରେ ପ୍ରଶ୍ନ କରିଥିଲେ।

ସାରଙ୍କର ବର୍ଣ୍ଣନା ଏତେ ଜୀବନ୍ତ ଥିଲା ଯେ କ୍ଲାସରେ ଝିଅମାନେ ପ୍ରାୟ ସମସ୍ତେ ଚୁପଚାପ ଲୁହ ପୋଛୁଥିଲେ। ସାବିତ୍ରୀ ସେତେବେଳେ ଭାବୁଥିଲେ ଗଛଲତା ଯଦି ବୁଝିପାରନ୍ତି ନି ବା ଶୁଣିପାରନ୍ତି ନି ତେବେ ଜଗଜ୍ଜନନୀ ମା' ସୀତା ଓ ପୁରୁଷୋତ୍ତମ ରାମଚନ୍ଦ୍ର ସେମାନଙ୍କୁ ଉଦ୍‌ଭ୍ରାନ୍ତ ସମ୍ବୋଧନ କରୁଥିଲେ କାହିଁକି?

ପିଲାଦିନେ ଆଈ ଆଉ ମା'ଙ୍କଠାରୁ ସାବିତ୍ରୀ ବହୁବାର ଶୁଣିଛନ୍ତି ଚକୁଳିଆପଣ୍ଡା, କଲୁରୀବେଣ୍ଟ, ଭଳି କାହାଣୀ। ଖୁବ ଆମୋଦିତ ହେଉଥିଲେ ରାଜାଙ୍କର ସାତପୁଅ ଅର୍ଜୁନ ଗଛ ଓ ସୁନାନାକୀ ଝିଅ ପାଟଳୀ ଗଛରେ ପରିଣତ ହେବାର ବର୍ଣ୍ଣନା, ଗଙ୍ଗାମାତା ଜାଣିଶୁଣି

ବୃକ୍ଷଜନ୍ମ ଦେଇଥିଲେ ସେମାନଙ୍କୁ। ପାଟଳୀ ଗଛର ସୁବାସିତ ଫୁଲରେ ଆକର୍ଷିତ ହୋଇ ରାଜାଙ୍କ ମାଳୀ, ପରେ ମନ୍ତ୍ରୀ ଓ ଶେଷରେ ଖୋଦ୍ ରାଜା ଆସିଥିଲେ ଫୁଲ ତୋଳିବାକୁ। ସେତେବେଳେ ପାଟଳୀ ଗଛ ଡାକ ଉପରକୁ ଉଠିଯାଉଥିଲା ଆଉ ସେ ଭାଇ- ଅର୍ଜୁନ ଗଛ ମାନଙ୍କୁ ପଚାରିଥିଲା, 'ଭାଇରେ, ଭାଇରେ, ଆମ ବାପା ଏବେ ନିଜେ ଅଇଲେଣି, ଦେବାକି ନ ଦେବା ଫୁଲ ?'

ଭାଇମାନଙ୍କର ଉତ୍ତର ଥିଲା, ସ୍ୱର୍ଗେ ଲାଗୁ ଡାଳ, ମଞ୍ଚେ ଲାଗୁ ତାଳ ଆମେ ସାତ ଭାଇ ଭଉଣୀରେ ଥାଉଁ ମା' ପୋଛେ ପୋଡାଶାଳ;

ଆଲୋ ଭଉଣୀ ନ ଦିଅ ନଦିଅ ଫୁଲ। 'ରାଜା ନିଜ ଭୁଲ ବୁଝି ପାରିଲେ ଓ ମନେ ପଡିଗଲା କାଠ କଣ୍ଢେଇ ଜନ୍ମ କରିଛନ୍ତି ବୋଲି ରାଣୀଙ୍କୁ ସେ ଘୋଡାଶାଳରେ ରଖାଇ ଅଛନ୍ତି। ରାଣୀ ଆସିଲାରୁ ଗଛର ସବୁ ଡାଳ ଭାଙ୍ଗି ପଡିଲା, ମା' ଉପରେ କୁଢେଇ ହୋଇ ପଡିଲା। ସେହି କ୍ଷଣି ସାତଟି ଯାକ ଉତ୍ତମ ସୁନ୍ଦର ପୁଅ ଓ ସୁନାନାକୀ ଝିଅ ମା'କୁ ଘେରି ଠିଆ ହୋଇଗଲେ, ଏକାହାଣୀଟି ଶୁଣି ସାରିଲା ପରେ ସାବିତ୍ରୀ ଅଭିଭୂତ, ଚମତ୍କୃତ ହୋଇ ଯାଉଥିଲେ। ତେବେ ଆଈଙ୍କୁ ପଚାରୁଥିଲେ, ସାତ ଭାଇ ଓ ଜଣେ ଭଉଣୀ ମିଶିଲେ ତ ଆଠ ହେଇ ଯାଆନ୍ତି ଅଥଚ ଭାଇମାନେ କେମିତି କହିଲେ ଆମେ ସାତ ଭାଇ ଭଉଣୀଏ ଥାଉଁ ମା' ପୋଛେ ଘୋଡାଶାଳ ? ଆଈ ଉତ୍ତର ଦିଏନି, କହେ ମୁଁ ତ ପିଲାଦିନରୁ ଏଇମିତି ଶୁଣି ଆସିଛି।

ବିସ୍କୁଟ ପରେ ଔଷଧ ଖାଇବାକୁ ଗଲାବେଳେ ସାବିତ୍ରୀ ଏକଥା ମନେ ପକାଇ ଈଷତ ହସିଦେଲେ। ପିଲାମନରେ ତାଙ୍କୁ ଲାଗୁଥିଲା ଗଛ ମାନେ ସତରେ ମଣିଷ ହେଇଯାନ୍ତି ବା ମଣିଷ ମାନେ ମଧ ଗଛ ହେଇ ପାରନ୍ତି। କଥାବାର୍ତ୍ତା କରିପାରନ୍ତି। ସେ ଅଜାଙ୍କୁ ପଚାରିଥିଲେ, ଅଜା, ସତରେ କ'ଣ ଗଛ କଥା କହିପାରେ ? ଅଜା କହିଲେ, ବିଲ୍‌କୁଲ ସତ। ତୁ ପ୍ରମାଣ ଚାହୁଁଛୁ ? ଆଜି ତୁ ଓ ବୁଟୁ ମୋ ସଂଗେ ଧାନ ବିଲକୁ ଚାଲ। ସେଠି ତୁମକୁ ଗଛର କଥା ଶୁଣାଇଦେବି। ଦିନ ବାରଟା, ମୁଣ୍ଡରେ ଛତା ଧରି ସାବିତ୍ରୀ ଆଉ ବୁଟୁ ଅଜାଙ୍କ ପଛେ ପଛେ ଧାନ କ୍ଷେତକୁ ଚାଲିଲେ। ବର୍ଷା ହେଉନଥିଲା, କିନ୍ତୁ ଭୋଦୁଅ ଖରା ଥିଲା ବେଶ୍ ପ୍ରଖର। ଧାନ ଗଛ ସବୁ ବଢି ସାରିଥିଲେ। ଚତୁର୍ଦ୍ଦିଗ ଧାନଗଛ, ସବୁଜ ସବୁଜ କ୍ଷେତର ତାଜା ବାସ୍ନା ନାକରେ ବାଜୁଥିଲା। ବଙ୍କାଟଙ୍କା ହିଡ଼ ଉପରେ ସେମାନେ ଖୁବ୍ ସାବଧାନରେ ଚାଲୁଥିଲେ, ଯେମିତି ବାଉଁଶ ରାଣୀ ଦଉଡି ଉପରେ ଜଗି ଜଗି ଚାଲେ। ଗୋଟେ ଜାଗାରେ ଅଟକି ଗଲେ ଅଜା, କହିଲେ ଏଇଠି ବସ ଚୁପ୍‌ଚାପ୍, କିଛି ଶବଦ କରିବନି। ଧାନ ଗଛର ସ୍ୱର ଶୁଣି ପାରିବ। ଦୁଇ ଚାରି ମିନିଟ ପରେ ସେମାନେ ସତରେ କ୍ଷେତ ଭିତରୁ ଶବ୍ଦ ଶୁଣିଲେ। ଫିସଫିସ, ଫୁଟଫୁଟ। ଯେମିତି ଖୁବ୍ ନିମ୍ନ ସ୍ୱରରେ ଜଣେ ଅନ୍ୟଜଣଙ୍କ କାନରେ କିଛି କହୁଛି। ତାତିଲା ବାଲିରେ ହାଣ୍ଡି ଭିତରେ ଖଇଫୁଟିଲା ଭଳି ଶବ୍ଦ। ଅଜା କହିଲେ, ଶୁଣିଲ ? ଧାନ ଗଛମାନେ କଥାବାର୍ତ୍ତା ହେଉଛନ୍ତି। କାହିଁକି ଜାଣିଛ ? ଗଛ ଭିତରୁ କେଣ୍ଡା ବାହାରିବା ବେଳେ ଗଛକୁ କଷ୍ଟ ହେଉଛି। ଗର୍ଭକଷ୍ଟ। ସେଇ କଷ୍ଟକୁ ସେ କହିବାକୁ ଚେଷ୍ଟା କରୁଛି ପାଖ ଗଛମାନଙ୍କୁ।

ଗର୍ଭ କଷ୍ଟ ସେଇ ଧାନଗଛ ଗୁଡ଼ାକୁ ବେଶି ହୁଏ, ଯେଉଁଠି ଯଥେଷ୍ଟ ପାଣିନଥାଏ। ଦେଖୁନ, ଏଇ ବିଲରେପାଣି ନାହିଁ, ଧାନଗଛ ମୂଳରେ ବୁଡ଼ା ପାଣି ରହିବା କଥା। ଉପର ମୁଣ୍ଡ ଜମିର ପାଣି ତା' ମାଲିକ ବାନ୍ଧି ଦେଇଛି। ତଳକୁ ପାଣି ଛାଡିନି।

କାହିଁକି ଛାଡିନି ? ବୁଟୁ ପ୍ରଶ୍ନ କଲା ଉଦ୍‌ବିଗ୍ନ ହେଇ।

ମାଛ ପାଇଁ। ପାଣିଥିଲେ ମାଛ ବଢିବେ, ଅନ୍ୟ ବିଲରୁ ଆସିବେ। ସେ ମାଛ ମାରିବ ମୁଗୁରା ବସେଇ। ସେଇଠୁ ପାଣି ଏ ଜମିକୁ ଆସିବ।

ଦୁଷ୍ଟ ଲୋକଟା, ବୁଟୁର ଉତ୍‌କ୍ଷିପ୍ତ ମନ୍ତବ୍ୟ। ମାଛ ଖାଇବ ବୋଲି ଏଠି ପାଣିବିନା ଗଛ ଗୁଡାକୁ ଚିତ୍କାର କରିବାକୁ ଛାଡିଦେବ ?

ଅଜା ହସିଲେ, ଭାରି ସିଆଣା ହୋଇଗଲୁଣି। ତୁ କେତେବେଳେ ଶୁଣିଲୁ ଗଛଙ୍କ ଚିତ୍କାର। ଆମକୁ ସିନା ଶୁଭୁନି, ଉତ୍ତର ଦେଲା ବୁଟୁ। କଷ୍ଟରେ ଜଣେ କ'ଣ ଧୀରେ କଥା କହେଏ ଚିତ୍କାର କରେନା।

ସେଇ ଦିନରୁ ସାବିତ୍ରୀଙ୍କ ମନରେ ଏକଥା ଗୁନ୍ଥି ହେଇଗଲା ଯେ ଗଛ ମଧ କଷ୍ଟପାଏ। ଜାଣେ ଯନ୍ତ୍ରଣା କ'ଣ। ସେ ଏକଥା ନାତୁଣୀ ସମୀକ୍ଷାକୁ କହିଛନ୍ତି। ସମୀକ୍ଷା ଛୋଟ ଦିନରୁ ଗଛପତ୍ରକୁ ଭଲପାଏ। ଆସିଲେ ବଗିଚାରେ ଘୂରି ବୁଲେ। ଚଢେଇଙ୍କ ଗୀତ ଶୁଣେ। ଆଇନ ବହିର ଆଲମିରା ଭିତରୁ ଜେଜେଙ୍କ ସଂଗୃହୀତ ଗଛପତ୍ର ଓ ପକ୍ଷୀଙ୍କ ଉପରେ ଲେଖାଯାଇଥିବା ବହି ଗୁଡିକ ଖୋଜି ଖୋଜି ପଢେ। କେତେ ଗୁଳ୍ମ ଓ ଘାସକୁ ସଂଗ୍ରହ କରି ଶିଶି, ଗ୍ଲାସ ଓ ବୋତଲରେ ପାଣି ଦେଇ ରଖେ। ଜେଜେଙ୍କର କେତେକ କ୍ରୋଟନ୍ ଗଛ ସାଙ୍ଗରେ ଶୋଭା ପାଉଛି, ତାର ପ୍ରିୟ କ୍ରୋଟନ ସବୁ। ଦିଲ୍ଲୀର ଓ ଅନ୍ୟ କେତେକ ସ୍ଥାନରେ ନର୍ସରୀରୁ ନାନା କିସମର ଗୁଳ୍ମ ଆଣି ସଜେଇଛି ଡ୍ରଇଂରୁମ୍ ଆଉ ପୋର୍ଟିକୋ।

ସମୀକ୍ଷା କଥା ଭାବୁଛନ୍ତି, ତା' ଫୋନ୍ ଆସିଲା। ଭାରି ଖୁସି ହେଇ କହିଲା, ମା', ମୁଁ ବୋଟାନି ମାନେ ଉଦ୍ଭିଦ ବିଜ୍ଞାନ ଅନର୍ସ ରଖି ପ୍ଲସ୍ ଥ୍ରିରେ ନାଁ ଲେଖେଇଲି। ତୁମେ ପରା କୁହ, ମୁଁ ଜେଜେଙ୍କ ଗୁଣସୂତ୍ର ଆଣିଛି। ଦିନେ ଦେଖିବ, ଏ ଗଛ ପତ୍ରଙ୍କ ପାଠରେ ମୁଁ ଡକ୍ଟରେଟ୍ କରିବି। ତୋତେ, କୋଟି ପରମାୟୁ ମିଳୁ। ତୁ ତୋ ଲକ୍ଷ୍ୟରେ ଆଗେଇ ଯା, କହିଲେ ଅଶ୍ରୁଳ ନେତ୍ରରେ ସାବିତ୍ରୀ। ତା' ପରେ ଧୀରେ ଉଠି ନିଜ ଶୋଇବା ଘରକୁ ଚାଲିଲେ। ବିଶ୍ରାମ ଦରକାର। ବାୟା, ଅମ୍ବ, କେଉଁଠି ବସିଥିବ ଅଭିମାନ କରି।

ସେତେବେଳକୁ ଅମ୍ବରୀଷ ଗୁମ୍‌ମାରି ବସିଥିଲେ ନିଜ ଶୋଇବା ଘରେ। ଗଛପତ୍ରକୁ ସମ୍ଭାଳିବାକୁ ଏବେ ଲୋକ ମିଳୁଛନ୍ତି।

ସେତେବେଳେ ମିଳୁନଥିଲେ।

ବାପା ତାଙ୍କ ମହକିଲ ମାନଙ୍କୁ ବାଡ଼ କାମରେ ଲଗେଇ ଦେଇ ପାରୁଥିଲେ। ତାଙ୍କ ପରେ ଏ ବାଡି ବଗିଚାର ରକ୍ଷଣାବେକ୍ଷଣ ପାଇଁ ମା'ଙ୍କୁ ନିର୍ଭର କରିବାକୁ ପଡିଲା ଅନ୍ୟର ଦୟା ଉପରେ। କେବେ ଗାଁରୁ ହଳିଆ ଆସୁଥିଲା ତ କେବେ ମାଗୁଣି କକା ଆଉ ସରଖୁଡୀ ସଫା କାମ କରିଦେଉଥିଲେ। କ୍ରମେ ସେସବୁ ସାହାଯ୍ୟ କମି ଆସିଲା। ପଚାପତ୍ର ଓ ସଢ଼ା ଫଳରେ ଗଛମୂଳ ସନ୍ତସନ୍ତିଆ ରହିଲା ପଚା ଗନ୍ଧ ସାଙ୍ଗକୁ ମୂଷାଙ୍କ ଉତ୍ପାତ। ସାପ, ବିଛା, ମଶା ମାଛିଙ୍କ ବଂଶ ବୃଦ୍ଧି। ଗଛକୁ ଗଛ ଲାଗି ଡାଳସବୁ ଏମିତି ଛନ୍ଦାଛନ୍ଦି ହୋଇ ଗଲେ ଯେ ଘର ଭିତରକୁ ଆସିଲାନି ପବନ କି ଆଲୁଅ। ତଥାପି ମା'ର କେତେ ମୋହ ବଗିଚା ପ୍ରତି।

ନୀତା ଅମ୍ବରୀଷଙ୍କୁ ଚିନ୍ତା ରାଜ୍ୟରୁ ଫେରାଇ ଆଣିଲେ। ଶୁଣିଲନା, ସମୀକ୍ଷା କ'ଣ କହୁଛି, କହୁଛି ସେ ମେଡିକାଲ ପାଇଁ ପ୍ରସ୍ତୁତ ହେବନି। ନେବନି କୋଚିଂ। ବଟ୍‌ନି ଅନର୍ସ ନେଇ ପ୍ଲସ୍ ଥ୍ରି ପଢିବ। ମେଡିକାଲ ଜବ୍ ପାଇଁ ତାର ଆଗ୍ରହ ନାହିଁ। ସେ ଗ୍ରାଜୁଏଟ୍ ଆଉ ପୋଷ୍ଟ ଗ୍ରାଜୁଏଟ କରିବ ଉଦ୍ଭିଦ ବିଜ୍ଞାନରେ ଓ ତା' ପରେ ଉଚ୍ଚତର ଗବେଷଣା।

ଖୁସି ହେଇପାରିଲେନି ଅମ୍ବରୀଷ। ଇଚ୍ଛାଥିଲା ସେ ଡାକ୍ତର ହେଉ। ସେ ଡୋନେସନ ଦେଇ ଝିଅକୁ ଡାକ୍ତରୀ ପଢେଇବାକୁ ବି ପ୍ରସ୍ତୁତ ଥିଲେ। ତାଙ୍କ ସ୍ୱପ୍ନକୁ ମୂଳରୁ କାଟି ଦେଲା ସମୀକ୍ଷା। ସେ ନିଜେ ତୋତାପଲ୍ଲୀ ଆମ୍ବଗଛକୁ କାଟିଦେଲା ପରି। ଯାହା ବିହୁନେ ଏବେ କାନ୍ଦୁଛି ଆମ୍ରପଲ୍ଲୀ ଗଛ।

ଏହି ଘଟଣାର ଚାରି ବର୍ଷ ପରେ ମୃତ୍ୟୁ ହେଲା ସାବିତ୍ରୀଙ୍କର। ବାରମ୍ବାର ବେମାର ପଡୁଥିଲେ। ଅଶୀ ଟପି ଏକାଅଶୀରେ ପାଦ ଦେଇଥିଲେ। ପନ୍ଦର ଦିନ ଯାଏ ପଡିରହିଲେ। ଖସିପଡି ଜଙ୍ଘ ହାଡ଼ ଫ୍ରାକ୍‌ଚର ହୋଇ ଗଲା ବୋଲି। ସେହି ଧକ୍‌କାରେ ସେ ଚାଲିଗଲେ। ଡାକ୍ତର କହିଥିଲେ ହାଡ଼ ଆଉ ଜୋଡି ହେବନି ଯା ଭିତରେ ସମୀକ୍ଷା ଗ୍ରାଜୁଏସନ ସାରି ପୋଷ୍ଟ ଗ୍ରାଜୁଏସନ କରୁଛି। ଲକ୍ଷ୍ୟ ଅଛି ଉଚ୍ଚତର ଗବେଷଣା କରିବ ଦେଶ ଭିତରେ କିମ୍ବା। ଦେଶ ବାହାରେ। ଉଦ୍ଭିଦ ଜଗତରେ ଅନେକ ରହସ୍ୟ ଲୋକ ଲୋଚନକୁ ଆଣିବ। ନୀତା କହୁଛନ୍ତି, ମୋ ଇଚ୍ଛା ତୁ ଗବେଷଣା କରି ଗଛର ଗତି ପ୍ରକୃତି ବିଷୟରେ। ପରିବେଶ ଓ ଚତୁପାର୍ଶ୍ୱକୁ ନେଇ ତାର ପ୍ରତିକ୍ରିୟା କ'ଣ ? ଜେଜେମା'ଙ୍କର ଯେଉଁ ଉପଲବଧି ଯେ ଗଛ ବି ଲୁହ ଗଡାଏ। ସେ କଥା ସତ ନା ଅବାସ୍ତବ। ଯଦି କିଛି ଅନୁଭବ ଶକ୍ତି ବୃକ୍ଷର ଅଛି, ତାକୁ ସେ କେମିତି ପ୍ରକାଶ କରିପାରେ ?

ତୁମେ ପ୍ଲାଣ୍ଟ ବିହେଭିଅର କଥା କହୁଛ ମାମା। ମୁଁ ତ ଏତେ ଭିତରକୁ ଯାଇନି। ତେବେ ଯେତିକି ଜାଣିଛି। ବିଶ୍ୱର ବିଭିନ୍ନ ୟୁନିଭର୍ସିଟିରେ ଏ ବିଷୟରେ ନିରନ୍ତର ଗବେଷଣା ଜାରି ରହିଛି। ବର୍ଷ ବର୍ଷ ଧରି ଉଦ୍ଭିଦ ବିଜ୍ଞାନୀ ମାନେ ଏହି ଆୟାସସାଧ୍ୟ ବିଷୟ ଉପରେ ମନମୂନ ଦେଇ ପରୀକ୍ଷା କରି କେତୋଟି ସୂକ୍ଷ୍ମ ତତ୍ତ୍ୱ ଆବିଷ୍କାର କରିବାକୁ ସଫଳ ହୋଇଛନ୍ତି। ତଥାପି ଅନେକ କଥା ପରିଷ୍କାର ହେଇନାହିଁ। ମୁଁ କେତୋଟି ସନ୍ଦର୍ଭ ସଂଗ୍ରହ କରିଛି। ସେ ସବୁକୁ ପଢି ସାରିଲେ ତମକୁ ଜଣେଇବି ନୂତନ ତଥ୍ୟ।

କିଛି ମାସ ପରେ ନୀତା ଓ ଅମ୍ବରୀଷ ଏକ ଦୀର୍ଘ ଇ-ମେଲ୍ ପାଇଲେ ସମୀକ୍ଷାଠାରୁ। ଝିଅର ସମୟ କିମ୍ବା ଅଭ୍ୟାସ ନାହିଁ ଚିଠି ଲେଖିବାକୁ। ଇମେଲ କିମ୍ବା ମେସେଜ (ହ୍ୱାଟ୍ସଆପ୍) ତା' ପାଇଁ ସୁବିଧାଜନକ। ଲେଖିଥିଲା- ମାମା/ ପାପା, ତୁମେ ଯେତେବେଳେ ଜାଣିବ, ଯେଉଁ ଉଦ୍ଭିଦକୁ ଆମେ ଜୀବ ଜଗତର ସବା ତଳସ୍ତରରେ ରଖିଛୁ, ଭାବୁଛୁ ଯେ ତା'ର ଯନ୍ତ୍ରଣା ଅନୁଭବ କରିବାର ଶକ୍ତି ନାହିଁ, ଆନନ୍ଦ ନିରାନନ୍ଦର ପାର୍ଥ୍ୟକ୍ୟ ବୁଝେ ନାହିଁ, ମସ୍ତିଷ୍କ ନାହିଁ, ସେହି ମୂକ ଉଦ୍ଭିଦର ପ୍ରକୃତିର ପ୍ରାଣୀ ଭଳି ଅନୁଭବ କରିବାର ମୁକ୍ତି ଅଛି, ବିପତ୍ତି ବେଳ ଆସିଲେ ସତର୍କ ହୋଇ ଯିବାର ଓ ସାଥୀ ବୃକ୍ଷମାନଙ୍କୁ ଆପଦକାଳୀନ ବାର୍ତ୍ତା ପଠେଇବାର ସମର୍ଥ ଅଛି, ସେ କଥାକୁ ପ୍ରାମଣ କରିସାରିଲେଣି ଉଦ୍ଭିଦ ବିଜ୍ଞାନୀ ମାନେ। ସେମାନେ ବିଜସ୍ୱ ଢଂଗୀରେ ପରସ୍ପର ମଧ୍ୟରେ ଯୋଗାଯୋଗ କରିପାରନ୍ତି। ଜର୍ମାନୀର ବନ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନୀମାନେ ଗବେଷଣାରୁ ଜାଣିବାକୁ ପାଇଛନ୍ତି ଯେ ଉଦ୍ଭିଦ ଯନ୍ତ୍ରଣା ଅନୁଭବ କରି ପାରେ। ଗଛ ଯଦି ଆଘାତ ପ୍ରାପ୍ତ ହୁଏ, କ୍ଷତାକ୍ତ ହୁଏ ବା ପାଣିର ଅଭାବ ଅନୁଭବ କରେ, ସେତେବେଳେ ସେ ଏକ ପ୍ରକାର ଶବ୍ଦ ବାହାର କରେ। କୀଟ ଦ୍ୱାରା ଆକ୍ରମଣର ଶିକାର ହେଲେ ବା ରୋଗ ଗ୍ରସ୍ତ ହେଲେ ଉଦ୍ଭିଦର ପତ୍ର ଓ ଡାଳରୁ ଏକ ପ୍ରକାର ବାଷ୍ପ ନିର୍ଗତ ହୁଏ। ବାଷ୍ପ ନିର୍ଗତ ହେବାବେଳେ ନିମ୍ନ ସ୍ୱରରେ ଫିସ୍ ଫିସ୍ କଥା ହେଲା ଭଳି ଶୁଭେ। ଏହି ଶବ୍ଦ କ୍ରନ୍ଦନ ସହ ସମାନ। ଗଛରେ ପାଣିର ଅଭାବ ହେଲେ, ଏଭଳି ଯନ୍ତ୍ରଣାର ସ୍ୱର ତୀବ୍ର ହୁଏ। ଏଇ ଏକଥା ବା କ୍ରନ୍ଦନ ମଣିଷ କାନକୁ ଶୁଭେନାହିଁ, କେବଳ କୀଟ ପତଙ୍ଗ ଶୁଣିପାରନ୍ତି, ଅନ୍ୟ ଗଛ ମଧ୍ୟ ଶୁଣିପାରେ। ଏହାକୁ ବୈଜ୍ଞାନିକମାନେ ଏକ ସ୍ୱତନ୍ତ୍ର ଧରଣର ମାଇକ୍ରୋଫୋନ୍ ବା ଅଲଟ୍ରାସୋନିକ ମାଇକ୍ରୋଫୋନ୍ ସାହାଯ୍ୟରେ ଶୁଣିପରୁଛନ୍ତି। କୀଟ ଆକ୍ରମଣ କରୁଥିବାବେଳେ ଗଛ, ଲତା ଓ ଗୁଳ୍ମ ତା'ର ଆଖ ପାଖକୁ ଏହି ଶବ୍ଦ ମାଧ୍ୟମରେ ଜଣାଇଦିଏ। ମାମା', ମା' (ଜେଜେମା) ଯେଉଁ ଧାନଗଛର ଫିସ୍ ଫିସ ବା ଫୁଟ୍‌ଫାଟ ଶବ୍ଦ କଥା କହୁଥିବଲେ, ସେ କଥା ଯେ ଶତ ପ୍ରତିଶତ ସତ, ଏବେ ପ୍ରମାଣିତ ହୋଇଛି। ବିନା ମାଇକ୍ରୋଫୋନ୍ ସାହାଯ୍ୟରେ ସେତେବେଳେ ଅଭିଜ୍ଞ ଲୋକେ ତ ଉଦ୍ଭିଦର ଆଳାପ ଜାଣିପାରୁଥିଲେ।

ଗୋଟେ ଅଜଣା ଶିହରଣ ଖେଳି ଯାଉଥିଲା ନୀତାଙ୍କ ଦେହମନରେ। ଆହା, ପ୍ରାଣୀ ଭଳି ଗଛର ବି ଅନୁଭବ ଶକ୍ତି ଅଛି। ଅଥଚ କେତେ ନିର୍ଦ୍ଦୟ ଭାବରେ ଆମେ ତାକୁ ଛିଣ୍ଡେଇ ପକାଉ,

କାଟି ପକଉ।

ସମୀକ୍ଷା ପୁଣି ଲେଖିଥିଲା, କାକୁଡ଼ି ଯେତେବେଳେ ରୋଗଗ୍ରସ୍ତ ହୁଏ, ଚିତ୍କାର କରେ। ଫୁଲର ପାଖୁଡ଼ା ଛିଣ୍ଡଶଇଲା ବେଳେ ସେ ଚିତ୍କାର କରେ। ଉଦ୍ଭିଦ ବିଜ୍ଞାନୀମାନେ ଗୋଟେ ଟମାଟୋ ଓ ଗଞ୍ଜେଇ ଗଛ ମଝିରେ ମାଇକ୍ରୋ ଫୋନ୍ ରଖି ଶୁଣିଛନ୍ତି ଯେ ସେମାନେ ପରସ୍ପରକୁ ବାର୍ତ୍ତା ପଠାନ୍ତି। ଶବ୍ଦ ବ୍ୟତୀତ ଆଉ ଏକ ଯୋଗାଯୋଗର ମାଧ୍ୟମ ହେଲା ରାସାୟନିକ ଓ ବୈଦ୍ୟୁତିକ ସଂକେତ। ଘାସ ଓ ପତ୍ର ଛିଣ୍ଡାଇଲା ବେଳେ ଯେଉଁ ବାସ୍ନା ନାକରେ ବାଜେ, ସେଇଟା ଏକ ବାର୍ତ୍ତା, ବାସ୍ନା ଜରିଆରେ ଅନ୍ୟ ଗଛ ମଧ୍ୟ ବାର୍ତ୍ତା ପାଇବ ଯେ ବିପଦ ଆସନ୍ନ ପ୍ରାୟ। ବୈଜ୍ଞାନିକ ମାନେ ଗଛଠାରୁ ଚାରିଇଞ୍ଚ ଦୂରରେ ଏଇ ଲେଜର ମାଇକ୍ରୋଫୋନ୍ ବା ଅଲଟ୍ରାସୋନିକ ମାଇକ୍ରୋଫୋନ ଜରିଆରେ ଉଦ୍ଭିଦର କଥା ଶୁଣିପାରୁଛନ୍ତି। ଏମିତିକି ଆମ ଡ୍ରଇଁ ରୁମ୍‌ର ଛୋଟ ଗୁଳ୍ମ, ମଧ୍ୟ ପାଖ ଗୁଳ୍ମକୁ ବାର୍ତ୍ତା ପ୍ରେରଣ କରେ। ଗବେଷଣାରୁ ଜଣାଯାଇଛି, ଉଦ୍ଭିଦ ତା' ସାମ୍ନାରେ ଘଟୁଥିବା ନିଷ୍ଠୁର କାର୍ଯ୍ୟ ଯଥା, କାଟିବା, ହାଣିବା ଆଘାତ ଦେବା ସବୁ ଅନୁଭବ କରେ ବା କରିପାରେ। ବଡ଼ କଥା ହେଲା ଆମର ଯେଉଁ ଧାରଣା ଯେ ମଣିଷର ସ୍ପର୍ଶତାକୁ ଭଲ ଲାଗେ, ସେଇଟା ମିଛ, ଯେଉଁ ମନୁଷ୍ୟ ତାକୁ ଆଘାତ ଦିଏ, ସେଇ ମଣିଷର ସ୍ନେହ ଭରା ସ୍ପର୍ଶ ମଧ୍ୟ ତାକୁ ଭଲ ଲାଗେନି।

ତେବେ ବୃକ୍ଷ ଗୋଟିଏ ଜାଗାରେ ସ୍ଥିର ଥିବାରୁ ଅନେକ ଅତ୍ୟାଚାର ପ୍ରାଣୀ ବା ମନୁଷ୍ୟର, ସହ୍ୟ କରିବାକୁ ବାଧ୍ୟ ହୁଏ। ଆଉ ବୁଦ୍ଧି କଥା, ପ୍ରାଣୀପରି ତା'ର ମସ୍ତିଷ୍କ ନାହିଁ ସତ୍ୟ, ନିଜର ସଂରକ୍ଷଣ, ବଂଶବୃଦ୍ଧି ଓ ସ୍ଥିତି ବଜାୟ ରଖିବାକୁ ଉଦ୍ଭିଦ ତା ବାଟରେ ଉଦ୍ୟମ ବଜାୟ ରଖେ। ପ୍ରତିକୂଳ ପରିବେଶ ସହ ଲଢେ। ଲତାଟିଏ ଆପେ ଆପେ ଆଶ୍ରୟ ଓ ଆକର୍ଷି ଖୋଜି ମାଡିଯାଏ। ଆଲୋକ ଆଡ଼କୁ ମୁଖ ଉତ୍ତୋଳନ କରେ। ପଥରକୁ ଆଡେଇ ତା'ର ଚେର ଲମ୍ବି ଚାଲିଥାଏ। ବୀଜ ବୀକ୍ଷେପରେ ସହାୟକ ପତଙ୍ଗ ବା ପ୍ରଜାପତିକୁ ରୂପ, ରସ, ଗନ୍ଧ, ସ୍ୱାଦ ଦ୍ୱାରା ଆକର୍ଷଣ କରୁଥାଏ। ପୁରୁଣା ଗଛଟିଏ ନିଜ ଚେର ସାହାଯ୍ୟରେ ପୁଷ୍ଟିସିଦ୍ଧ ଖାଦ୍ୟ ସଂଗ୍ରହ କରି ନୂଆ ଉଠୁଥିବା ଉଦ୍ଭିଦକୁ ଯୋଗାଏ, ଯେ ପର୍ଯ୍ୟନ୍ତ କଅଁଳ ଗଛଟି ନିଜେ ଖାଦ୍ୟ ସଂଗ୍ରହରେ ସ୍ୱାବଲମ୍ବୀ ନହୋଇଛି। ଜଙ୍ଗଲରେ ଯଦି ଏହି ପୁରୁଣା ଗଛଗୁଡିକ ନଥାଏ, ନୂତନ ଜଙ୍ଗଲ ସୃଷ୍ଟି ହେବା କଷ୍ଟକର। ପରୀକ୍ଷାରୁ ଜଣାପଡିଛି, ହଜାର ହଜାର ବର୍ଷର ପୁରୁଣାଗଛ, ଯେଉଁ ମାନଙ୍କୁ ପ୍ରକୃତି ବିଜ୍ଞାନ ନାମ ଦେଇଛି ମଦର ଟ୍ରି ସେମାନଙ୍କୁ ଯଦି ଏକ ସମୟରେ କାଟି ଦିଆଯାଏ, ସେ ସ୍ଥାନରେ ନୂତନ ଜଙ୍ଗଲ ସହଜରେ ଗଢି ଉଠିବା ଅସମ୍ଭବ।

ଅଭିଭୂତ, ବିହ୍ୱଳିତ ନୀତା ଭାବପ୍ରବଣ ଅବସ୍ଥାରେ ବସି ରହିଲେ କମ୍ପ୍ୟୁଟର ସାମ୍ନାରେ ଝିଅର ପତ୍ର ପଢୁପଢୁ। ମା' କେତେ ସତ କଥା କହୁ ନଥିଲେ। ସାଥୀ ଗଛମାନଙ୍କୁ ହରାଇ କାନ୍ଦିଥିଲା ଆମ୍ରପଲ୍ଲୀ ଗଛଟି। ତାଙ୍କ କଥାକୁ ତୁଚ୍ଛା ଭାବ ପ୍ରବଣତା କହି ହସରେ ଉଡାଇ ଦେଇଥିଲେ ସମସ୍ତେ। ମ୍ରିୟମାଣ ଗଛଟି କେତେ ଯେ ଚିତ୍କାର କରିଥିବ। ସେ କଥା ଏ ବଧୀର ମଣିଷ ଶୁଣିବ କେମିତି ? ଯେଉଁ ଚିନ୍ତାଶକ୍ତି ବୃକ୍ଷର ଅଛି, ସେ କଥା ମଣିଷର ଅଛି କି ? ତା' ସାମ୍ନାରେ କେତେ ହତ୍ୟା, କେତେ ଧର୍ଷଣ, କେତେ ଦୁର୍ଘଟଣା, କେତେ ଅପମୃତ୍ୟୁ, ସେଥିରେ ମଣିଷ କ୍ଷୁବ୍‌ଧ କିମ୍ବା ବ୍ୟଥିତ ହେଉଛି କି ?

ସେ ଲୁହଭିଜା ଆଖିରେ ଝର୍କାରୁ ଥାଇ ଗଛଟିକୁ ନିରେଖିଲେ ନବନର୍ମିତ ଆପାର୍ଟମେଣ୍ଟ ସାମ୍ନାରେ ନିରୀହ ଶିଶୁ ଟିଏ ପରି, ଠିଆ ହୋଇଛି ଆମ୍ରପଲ୍ଲୀ ଗଛ। ଏତେ ଅଭିମାନୀ ଯେ ସେ ଦିନରୁ ସେ ବଉଳି ଯାଉନି କି ଭରିଯାଉଛି ପେନ୍ଥା ପେନ୍ଥା ମିଠାଫଳରେ। ତା'କୁ କାଟିଦେବାକୁ ଆଉ ହାତ ଯାଉନି। ହୋମ୍ ହୋମ୍, ସୁଇଟ୍ ହୋମ୍‌ର ଶେଷ ସନ୍ତକ।

❖❖❖

# ରାମଲୀଳା



ISSN-2583-6978
Volume-3
Issue-8
AUGUST-2023

**ଶୈଳେନ୍ଦ୍ର କୁମାର ଜେନା**

ଭୁବନେଶ୍ୱର

ଷ୍ଟେଜ୍ ଭିତରେ ଲାଇଟ ଜଳୁଛି। ମୋଟା ନାଲି ରଙ୍ଗର ପରଦାଟି ଟିକେ ହଲୁଛି। ଭିତରେ କେତେଜଣ ଯିବା ଆସିବା କରୁଛନ୍ତି। ବିଭିନ୍ନ ରଙ୍ଗର ଲାଇଟ୍‌ର ଟେଷ୍ଟିଂ ଚାଲିଛି। ପରଦା ଭେଦି ବାହାରକୁ ତା ଜଣା ପଡୁଛି।

ଗୋବିନ୍ଦ ଭାଇ କହୁଥିଲା, ଗଲାଥରର ଝାମେଲାକୁ ଆଖି ଆଗରେ ରଖି ଏଥର ଷ୍ଟେଜ୍‌କୁ ଉଚ୍ଚା କରାଯାଇଛି, ଯେମିତି ଦର୍ଶକଙ୍କ ଭିତରୁ ସହଜରେ କେହି ସାମନା ପଟରୁ ଷ୍ଟେଜ ଉପରକୁ ଉଠି ପାରିବନି। ରାମଙ୍କୁ ଦେଖୁ ଦେଖୁ ଖାଲି ଭକ୍ତିରେ ଉଛୁଳି ଉଠି ଷ୍ଟେଜ୍ ଉପରକୁ ଉଠି ପାଦ ଛୁଇଁ ପକାନ୍ତି, ବେକରେ ଫୁଲମାଳ ପକେଇ ଦିଅନ୍ତି। ତାଙ୍କୁ କଣ କିଛି କୁହେଇ ଦିଅନ୍ତି! ଅଛିଣ୍ଡା ହରିବୋଲ, ହୁଳହୁଳିରେ ଜଗତଟାକୁ କମ୍ପେଇ ଦେବେ।

ହୁଳୁ ହୁଳି ଶବ୍ଦରେ ପୂଜା ପଡିଆ କମ୍ପି ଉଠିଲା। ଯେତେବେଳେ ହୃଦବୋଧ ହେଲା ଯେ ପରଦାଟି ଠିକରେ ଖୋଲୁଛି କି ନାହିଁ ବୋଲି ଚେକ ଚାଲିଛି, ଥପ କିନା ହୁଳହୁଳି ବନ୍ଦ। କେତେବେଳେ ଲୀଳା ଆରମ୍ଭ ହବ! କେତେବେଳେ ପ୍ରଭୁ ବିଜେ କରିବେ ଆସ୍ଥାନକୁ! ଲୀଳାର ଧୈର୍ଯ୍ୟଚ୍ୟୁତି ଘଟୁଥିଲା। ଲାଗୁଥିଲା, କଣ ଏଇ ହାଲୋ ହାଲୋ, ମାଇକ୍ ଟେଷ୍ଟିଂରେ ରେ ରାତି ପାହିଯିବ!

ପ୍ରତି ବର୍ଷ ଗାଆଁରେ ରାମ ନବମୀ ବେଳକୁ ନଅ ରାତି ରାମ ଲୀଳା ହୁଏ। ଗଲା ବର୍ଷର କଥା।  ଯୋଉ ପଟକୁ କନସର୍ଟବାଲା ଓ ତାକୁ ଲାଗିକି ଲାଇଟବାଲା ବସିଥିଲେ ଲୀଳାର ସାଙ୍ଗ ବୀଣା ସେଇଠି ଆସି ଆଗରୁ ସପ ପାରି ଜାଗା ମାଡି ବସିଥିଲା। ସେଥିପାଇଁ ବୁଢୀବୋଉଠାରୁ ଗାଳି ଶୁଣିବାକୁ ପଡ଼ିଥିଲା। ଏତେ ଥାନ ଥାଉ ଥାଉ ତାକୁ ସେଇ ଖଣ୍ଡିକ ମିଳିଥିଲା ଯେ, ସେଠୁ ଠିକରେ କିଛି ଦେଖା ଯିବନି! ବୁଢ଼ୀ ବୀଣାକୁ ଗାଳି ଦେଲା ବୋଲି ଲୀଳା ରାଗିକି କହିଥିଲା, ଏତେ ଯଦି ପାଖରୁ ଦେଖିବାକୁ ସଅକ, ଯାଉନୁ ଷ୍ଟେଜ ଉପରକୁ। ସୀତା ହେଇ ରାମ ସାଙ୍ଗରେ ନାଚିବୁ!

ରାମ.. ରାମ.. ରାମ...! ବୁଢ଼ୀକୁ ପାପ ଛୁଇଁଲା। କେଡ଼େ କଥା ନକହିଲୁ ଲୋ ଅଲକ୍ଷଣୀ। ଯିଏ ଜଗତର ନାଥ, ତାଙ୍କୁ ପୁଣି ଟାପରା!

ଗୀଟାର ବଜଉଥିବା ଲୋକର ନଖ ତାର ଉପରେ ଘସି ହେଇ ମଧୁର ଶବ୍ଦ ସୃଷ୍ଟି କେମିତି କରୁଛି, ତା ଗହିରେଇକି ଦେଖିଥିଲା ଲୀଳା। ହେଲେ କିଛି ବୁଝି ପାରୁନଥିଲା। କୋଉ ତାରକୁ ଚିପିଲେ କେମିତି ଶବ୍ଦ ବଦଳି ଯାଉଥିଲା, ସେ କିଛି ବୁଝି ପାରୁନଥିଲା।

ଇଲୋ ମୋ ବୋଉଲୋ...। ତା ପେଟ ଏତେ ଜୋରରେ କାଟିଲା ଯେ ଲାଗିଲା ଯେମିତି ପେଟ ଫାଟିଯିବ। ସମ୍ଭାଳି ସମ୍ଭାଳି ଆଉ ପାରିଲାନି, ପେଟକୁ ଧରି ସପ ଉପରେ ଗଡିବାକୁ ଲାଗିଲା।

କିଛି ତ ଖାଇନି। ପେଟ ଖରାପ ହେଲା କାହିଁକି? ବାୟୁ ବୋଧେ ଅଟକି ଯାଇଛି। ବୁଢୀବୋଉ କହିଲା। ବୁଢୀବୋଉଠାରୁ ତା ବୋଉ ଆହୁରି ବଡ ପଣ୍ଡିତ। ବାୟୁ ହବନି? କହୁଛି ପୁରୀ ଦିପଟ ଖାଇକି ଯା। ମୋ କଥା ଶୁଣିଲାକି? ନାଚ ଦେଖିବ ବୋଲି ତ ଖାଲି ଉଚ୍ଛନ୍ନ! ଗୋଡ ଟେକିକି ବସିଛି! ଭୋକ ଶୋଷ ବୋଲି କିଛି ନାହିଁ। ଡର ମାଡେ ବୋଲି ପୂନେଇ ରାତିରେ ବି ବାହାରକୁ ଗୋଡ କାଢିବନି। ନାଚ ଦେଖିବା ବେଳକୁ ଅନ୍ଧାରକୁ ବି ଡର ନାହିଁ! ଜମା ତ କଥା ଶୁଣିବନି। ଖାଲି ପେଟରେ ରହିଲେ ବାୟୁ ହବ ପରା। ଗୀତ ମାଷ୍ଟର ପାଟିକଲା। ଯାଉନ ଏଠୁ। ପେଟରେ ଯଦି ବାୟୁ ହେଇଛି, ବାହାରେ କାମ କରିକି ଆସିବ। ଠାକୁରଙ୍କ ଜାଗାରେ ଏ କି ଅସନା କଥା।

ପ୍ରଭୁ ରାମଚନ୍ଦ୍ର ଷ୍ଟେଜ୍‌ରେ ବିଜେ ହବା ପୂର୍ବରୁ ଲୀଳା ଫେରି ଆସିବାକୁ ବାଧ ହେଲା। ପେଟ କାଟିବାକୁ ସମ୍ଭାଳି ପାରିଲାନି। ଘରେ ପହଞ୍ଚି ଦେଖେ, ତା ପିନ୍ଧା କପଡା ରକ୍ତରେ ଜୁଡୁ ବୁଡୁ। ସିଏ କିଛି ବୁଝିବା ପୂର୍ବରୁ ଅତ୍ୟାଚାର ଆରମ୍ଭ ହେଇଗଲା, ବିନା ଦୋଷରେ ଦଣ୍ଡ। ଗୋଟେ ଅନ୍ଧାରିଆ ଘର ଭିତରେ ସାତ ଦିନ ସାତ ରାତି। ନଅ ଦିନର ରାମଲୀଳା, ବିନା ଲୀଳାର ଉପସ୍ଥିତିରେ ଅବଶିଷ୍ଟ ରାତି ଶେଷ ହେଇଚାଲିଲା।

ବୋଉ ତା ବାପ ଘରୁ ଆସିବା ବେଳକୁ ସାଙ୍ଗରେ ଆସି ଆଣିଥିଲା ଯାଉଁଳି କବାଟ ଆଉ ଝରକା। ଗାଆଁ ସାରା ଲୋକଙ୍କ ଘରେ ଝରକା ନାହିଁ। କାନ୍ଥ ମୂଳରେ ଗୋଲାକାର କଣା, ସେଇବାଟେ ଘର ଭିତରକୁ କିଛି ପବନ ମାତ୍ର ଆସି ପାରିବ। କିନ୍ତୁ ବୋଉ ବଡ଼ ଘରର ଝିଅ। ବାପ ଘରୁ କବାଟ ଝରକା ଆଉ ପଲଙ୍କ ଆଣି ଆସିଛି। ସେ ଗାଆଁରେ ସେଇ ଏକମାତ୍ର ଘର, ଯାହାର ଯାଉଁଳି କବାଟରେ କଂସାର କଡା ଲାଗିଛି, କାଠର ଝରକା ଅଛି। ଅବଶିଷ୍ଟ ଘରେ ସେ ସୁଖ କୁଆଡୁ ବା ଆସନ୍ତା!

ସେଇ ଝରକା ବାଟେ ଘର ଭିତରକୁ କିଛି ଆଲୋକ ଆସୁଥିଲା। ଘର ଭିତରର ଅନ୍ଧାରକୁ ଆହୁରି ଘନୀଭୂତ କରୁଥିଲା କଳାରଙ୍ଗବୋଳା ଧାନ ଭର୍ତ୍ତି କାଠ ଅମାରଟି। ଗାଆଁରେ ଅମାର ତ ବହୁତ ଅଛି, କିନ୍ତୁ କାଠ ଅମାର କହିଲେ, କେବଳ ଗୋଟିଏ। ସାହୁ ଘର ଅମାର। ଏ ସବୁର ଶ୍ରେୟ ଲୀଳାକୁ ଯାଏ। ତିନି ଭାଇରେ ଗୋଟିଏ ଭଉଣୀ। କୋଡ ପୋଛା ଝିଅ। ସମସ୍ତେ କୁହନ୍ତି, ଝିଅଟି ଲକ୍ଷ୍ମୀମନ୍ତି। ଘରେ ପାଦ ଦେବା ଦିନଠୁ, ଧନ ସମ୍ପଦ ବଢ଼ି ବଢ଼ି ଚାଲିଛି। ନହେଲେ ମୋହନ ସାହୁ ଘରେ ଥିଲା କଣ? ଦେଢ ଏକର ପୈତୃକ ଚାଷ ଜମିରୁ ସେମାନେ ପହଞ୍ଚିଲେଣି କୋଡିଏ ଏକରରେ। ବଡ ପୁଅ ଗୋପାଳର ଲୁଗା ଦୋକାନରେ କିଛି ନହେଲେ ବି ପଚାଶ ଲକ୍ଷର ବେପାର। ମଝି ପୁଅ ଗୋବିନ୍ଦର ଭୂଷାମାଲ ଦୋକାନରେ ନାହିଁ ନଥିବା ବେପାର। ସାନ ପୁଅଟି ଗୌରହରି ଇଂଜିନିୟରିଂ ସାରି ଆସିବା କ୍ଷଣି ମୋହନ ତା ନାଆଁରେ ଠିକାଦାର ଲାଇସେନ୍ସ ବାହାର କରି ନିଜେ ଠିକାଦାରି ହାତକୁ ନବ। ଅନ୍ୟ କାହା ଲାଇସେନ୍ସରେ ତାକୁ ଆଉ କାମ କରିବାକୁ ପଡ଼ିବନି।

ଏତେ ସବୁ ଥାଇ ବାପାଟି ନିକୁଛିଆ, ସୁଣ୍ଡା। ଜମି କବଲା ପଟ୍ଟା ସୁନା ବନ୍ଧା ରଖି ଟଙ୍କା ଦବା ବେଳେ ବାପା ସେମାନଙ୍କୁ ମିଠା କଥା କହେ ଆଉ ତା ପରେ କଡା ଗଣ୍ଡା କରି ସୁଧ କଷେ ଆଉ ଶୁଝି ନପାରିଲେ କୁକୁର ମାଙ୍କଡ ପରି ବ୍ୟବହାର କରେ। ଲୀଳାକୁ ସେତେବେଳେ ତାଙ୍କ ଝିଅ ହବାଟା ଅଭିଶାପ ପରି ଲାଗେ। ଘରେ ବାପ ପୁଅ ଚାରିଜଣ ଗୋଟାଏ ପ୍ରକାରର। ମାଆ ଝିଅ ଅନ୍ୟ ଗ୍ରହର। ଲୁଚେଇ ଲୁଚେଇ ଟଙ୍କା ଲୁଗା ଚାଉଳ ଡାଲି ଦୁଃଖି ରଙ୍କିଙ୍କୁ ଦେଇ ଦିଅନ୍ତି।

ରାମଲୀଳାର ତୃତୀୟ ରାତିଟି ଲୀଳାର ବେଳା ଖରାପ ପଡ଼ିଲା। ତାକୁ ନିଜ ଘର ଭିତରେ ବନ୍ଦିନୀ ହେଇ ରହିବାକୁ ପଡ଼ିଲା। ସେ ଶୋଇ ପାରୁନଥିଲା। ଆଖି ବୁଜିଲେ, ଖାଲି ଦିଶୁଥିଲା ସେ ମଞ୍ଚ, ତା ଉପରେ ଝଲସୁଥିବା ନାଲି ନୀଳ ଆଲୋକ। ଶ୍ରୀରାମଙ୍କର ମୁହଁଟି ଦିଶୁଥିଲା। ମର୍ଯ୍ୟାଦା ପୁରୁଷ ପୁରୁଷୋତ୍ତମ ରାଜପୁତ୍ର ରାଜା ହେବା ପୂର୍ବରୁ ବନବାସରେ ବିଦାୟ ନେବା ବେଳେ, ଦର୍ଶକ ମାନଙ୍କ ହରିବୋଲ, ହୁଳ ହୁଳି, ଜୟ ଶ୍ରୀରାମ ଧ୍ୱନୀ ସମୟରେ, ଲୀଳାର ଛାତି ଫଟେଇ ବାହାରି ପଡିଥିଲା କୋହ। ପିତୃସତ୍ୟ ରକ୍ଷା ପାଇଁ ସତରେ କଣ କେହି ଏମିତି କରିପାରେ! ସାଙ୍ଗରେ ଭାଇ ଲକ୍ଷ୍ମଣ, ପତ୍ନୀ ସୀତା। ଆହା, କି ଦାରୁଣ! ଚଉଦ ବର୍ଷ ଘୋର ବନସ୍ତରେ! ଚଉଦ ବର୍ଷ ଧରି ଘରର ବଡ ପୁଅ ବୋହୂ କେମିତି ରହିବେ ବାଘ ଭାଲୁ ଅସୁରରେ ଭରା ଜଙ୍ଗଲ କାନ୍ତାରରେ!

ଚେହେରାଟି ସତରେ ପ୍ରଭୁ ଶ୍ରୀରାମଙ୍କର। ଧୀର ସ୍ଥିର। ମୁହଁରେ ଅଳ୍ପ ଅଳ୍ପ ହସ। ବିନା ପାଉଡର ସାଜ ସଜ୍ଜାରେ ଲୀଳା ତାଙ୍କୁ ଦେଖିଛି। ସେ ନିଜେ ଆସିଥିଲେ, ଡାଲି ଚାଉଳ କିଣିକି ନେଇ ଯିବା ପାଇଁ ଗୋବିନ୍ଦ ଭାଇ ଦୋକାନକୁ। ଲୀଳା ଦୋକାନ ଭିତରୁ ବାହାରି ଆସିଲା। କବାଟ ପାଖରେ ନିଜକୁ ଲୁଚେଇ ରଖି କଇଁଛ ପରି ବେକଟି ବାହାର କରି ଚାହିଁଲା। ସେ ହସୁଥିଲେ। ଟିକିଏ ବି ଦୁଃଖ ନାହିଁ।

ସେଇ ଯୋଉ ରାତିରେ ଲୀଳାର ପ୍ରଥମ ରତୁସ୍ରାବ ହେଲା, ସେଇ ସକାଳର କଥା। ଯାତ୍ରାଦଳ ମ୍ୟାନେଜର ଥାଳିଟିଏ ଧରି ଆସିଥିଲେ। ମୋହନ ସାହୁ ଦୁଆର ମୁହଁରୁ ତାଙ୍କୁ ଭାରି ଅପମାନ ଦେଇ ଫେରେଇ ଦେଇଥିଲା। ଯା... ଯା... ଏଠି ଭିକ ଫିକ ନାହିଁ। କର୍ମ କର, ରୋଜଗାର କର। ବଇନା ପଇସା ତ ଆଡଭାନ୍ସ ଆମେ ଦେଇଛୁ। କାମ କରିସାରିଲେ ବାକି ଟଙ୍କା ମିଳିବ।

ମ୍ୟାନେଜର ବୁଝେଇବାକୁ ଚେଷ୍ଟା କଲେ, ଆଜ୍ଞା ରାଗନ୍ତୁନି। ପ୍ରଭୁ ଶ୍ରୀରାମଙ୍କୁ ଅଭିଷେକ କରେଇବା ସହିତ ବଇନା ପଇସାର କୌଣସି ସମ୍ପର୍କ ନାହିଁ।

ପ୍ରଭୁ ଶ୍ରୀରାମଙ୍କୁ ଅଭିଷେକ କରେଇବା ପୁଣି କଣ? ପ୍ରଭୁ ସେମାନଙ୍କ ଘରେ ବିଜେ କରିଥାନ୍ତେ। ତାଙ୍କ ପାଇଁ ଘିଅ ଅନ୍ନ, ମୁଗ ଡାଲି, ବିନା ପିଆଜ ରସୁଣରେ ରୋଷେଇ ଆଉ ପୁରି କ୍ଷୀରି କରାହେଇଥାଆନ୍ତା। ଦଳରେ ଆଉ ପନ୍ଦର ଜଣ କଳାକାର। ବାଜାବାଲା, ଚିତ୍ରାଳୟବାଲାଙ୍କୁ ମିଶେଇ ଆଉ ଦଶ। ଲୋକ ଚାଳିଶିଜଣଙ୍କୁ ଖୁଏଇବାକୁ ଆଉ ବିଦାକିରେ ଯାହା ଖୁସି ମନରେ ଦବା କଥା ତା ପାଇଁ କଣ ମନୋହର ସାହୁର ପଇସା ଅଭାବ ଥିଲା। ମ୍ୟାନେଜର ବୁଝେଇଲେ, ଆଜ୍ଞା, ସମସ୍ତଙ୍କୁ ନେହେଲେ ନାଇଁ, ପାଞ୍ଚ ଦଶ ଜଣଙ୍କୁ ଆଜ୍ଞା, ଏ ସୌଭାଗ୍ୟ ଭାଗ୍ୟରେ ଥିଲେ ମିଳେ ଆଜ୍ଞା। ମୋର କର୍ତ୍ତବ୍ୟଥିଲା ଜଣେଇ ଦବାକୁ। ସବୁ ପ୍ରଭୁଙ୍କ ଇଚ୍ଛା!

ପାଞ୍ଚ ଦଶ ଜଣ! ଜଣକୁ ବି ଭିକ ଦେବିନି।

କଟୁ କଥା କହି ବାପା ପାଦରେ ଆଡେଇ ଦେଲେ ସୌଭାଗ୍ୟକୁ। ଲୀଳା ଦୋକାନ ଘର ଭିତରେ ଗୋଟାଏ କୋଣକୁ ଚାଲିଗଲା। ବାପାକୁ ସିଏ ବୁଝେ। ନା ମାନେ ନା। ପଇସା ପତ୍ର ଖର୍ଚ୍ଚ କରିବା କଥା କହିଲେ ସିଏ ଭାରି ରାଗିବ। ଏମିତି ଗୋଟାଏ ଲୋକରେ ଘରେ ଭଗବାନ ତାକୁ କାହିଁକି ଜନ୍ମ ଦେଲେ କେଜାଣି!

ମ୍ୟାନେଜର ଚାଲିଯିବାର ଅନେକ ସମୟ ପର୍ଯ୍ୟନ୍ତ ଲୀଳା କବାଟ

କୋଣରେ ବସି ପିନ୍ଧା କାନିରେ ଲୁହ ପୋଛୁଥିଲା। ପ୍ରଭୁ, ଏମିତି ବାପା କାହାକୁ ନଦିଅ। କେହି ଜଣେ ସଉଦା କିଣିବା ପାଇଁ ଦୋକାନ ଆଗରେ ଆସି ଉଭା ହେଲେ। ଲୀଳା ଛାତିରୁ କଳିଜା ଖସି ପଡିଲା। ପ୍ରଭୁ ଶ୍ରୀରାମ ! ସ୍ୱୟଂ ପ୍ରଭୁ ଶ୍ରୀରାମ ଆସିଛନ୍ତି, ହାତରେ ବ୍ୟାଗ ଧରି, ଡାଲି ଚାଉଳ କିଣିବା ପାଇଁ ! ସୀତାଙ୍କ ସ୍ୱୟଂମ୍ବରରେ ବିନା ନିମନ୍ତ୍ରଣରେ ଆସିଥିବା ରାବଣର ଆସ୍ପର୍ଦ୍ଧା, ଗର୍ବ ଖର୍ବ ହେବା, ପ୍ରଭୁ ଶିବ ଧନୁ ଭାଙ୍ଗିବା ପରେ ପର୍ଶୁରାମଙ୍କୁ ବିନୟ ହେଇ ଯୁକ୍ତି କରିବା, ସୀତା ମାଆ ତାଙ୍କୁ ବରଣମାଳା ପିନ୍ଧେଇବା ସବୁ ଦୃଶ୍ୟ ଭାବୁ ଭାବୁ ଲୀଳା ଭୁଲି ଯାଇଥିଲା ଯେ ପିଲାଟି କେତେବେଳୁ ଡାଲି ଚାଉଳ ନେଇ ଚାଲି ଯାଇଛି ଆଉ ସେଥିପାଇଁ ଟଙ୍କା ହିସାବ କରି ଥୋଇ ଦେଇ ଯାଇଛି।

ଯାହା ତା ବାପା କରି ନପାରିଲେ, ତାଙ୍କ ଘରର ପୋଇଲି ସେତକ କରି ଦେଖେଇଥିଲା। ବୀଣା ବୋଉ ତାଙ୍କ ଘରେ ପୋଇଲି କାମ କରେ। ଘରେ ଖାଇବାକୁ ନାହିଁ ବୋଲି ସେ ଅନ୍ୟ ଘରେ ପାଇଟି କରୁଛି ସିନା। ଲୀଳା ବୀଣାକୁ ନିଜ ଭଉଣୀ ପରି ଦେଖିଲେ ବି, ବୀଣା ତା ଛଡା କପଡା ସବୁ ପିନ୍ଧେ। ସେଇ ଗରିବ ଘରେ ସେ ଦିନ ପ୍ରଭୁ ବିଜେ କଲେ। ନିଜ ଘରେ ଅଭାବ ଥିଲେ ବି ବୀଣା ବୋଉ ଦଶ ଜଣଙ୍କୁ ରାନ୍ଧି ବାଢି ଖୁଏଇଲା।

ସେଇ ରାତିରେ ତାକୁ କାଳ ଦଶା ଦେଲା। ଘର ଭିତରେ ବନ୍ଦୀ ହେଇ ରହିବାକୁ ପଡ଼ିଲା। ପୁରୁଷର ମୁହଁ ଦେଖିବା ମନା। ବିନା ତେଲ ଲୁଣର ଶିଝା ଡାଲି ପରିବା ଖାଇଲା ବେଳକୁ ତାକୁ ବାନ୍ତି ଉଠେଇ ଆସୁଥିଲା। ପଲଙ୍କ ଉପରେ ବସି, ଝରକାବାଟେ ଆସୁଥିବା ସିମୀତ କ୍ଷୀଣ ଆଲୋକରେ ସେ ପୃଷ୍ଠା ଓଲଟାଉ ଥିଲା। ପିଲାଙ୍କ ରାମାୟଣ !

ବୋଉ କହିଲା, ତୁ ଆଉ ପିଲା ହେଇ ନାହୁଁ ଲୋ ବାୟାଣୀ।

ତାହେଲେ କଣ ହେଇଗଲି କି ? ଲୀଳା ପଚାରିଲା। ବୋଉ କିଛି ଉତ୍ତର ଦେଲାନି। ତାଗିଦ କଲା, ଘର ଭିତରୁ ଯେମିତି ବାହାରକୁ ପାଦ ନରଖୁ।

କାଲି ରାମ ଲୀଳା ଦେଖିଲୁ ? କଣ କଣ ହେଲା ? ଝରକା ପାଖରେ ବୀଣା ମୁହଁ ଦେଖେଇଲାରୁ ଲୀଳା ପଚାରିଲା।

ବୀଣା କହିଲା, କାଲି ରାତିରେ ସୀତା ହରଣ ହେଲା। ସୁନା ହରିଣ ଧରିବା ପାଇଁ ପ୍ରଭୁ ଚାଲିଯିବା ପରେ ଡାକିଲେ ତ୍ରାହି ଲକ୍ଷ୍ମଣ। ଲକ୍ଷ୍ମଣ ଟାଣିଦେଲେ ତିନି ଗାର। ଭାଉଜ, ଏ ତିନି ଗାର ଡେଇଁବନି। ଲକ୍ଷ୍ମଣ ଚାଲିଯିବା ପରେ, ରାବଣ ଆସିଲା ଭିକାରି ବ୍ରାହ୍ମଣ ବେଶରେ। ମାଆ ଭିକ୍ଷା ଦିଅ...। ଝରକା ସେପାଖରେ ବୀଣା ଅଭିନୟ କରି ଦେଖେଇଲା। ଛଳ କପଟ କରି ମାଆଙ୍କୁ ଦୈତ୍ୟ ହରଣ କରିବା ବେଳେ ଜଟାୟୁ ରାବଣ ଯୁଦ୍ଧ। ବାଃ କି ବଢିଆ...। ଡାରେ... ନାରେ ନାରେ, ନାରେ ନାରେ ନାରେ ନାରେ...।

ବୀଣା ପୁଣି ହସି ହସି କହିଲା, ଜାଣିଛୁ, ସେ ପରା ଆମ ଘରକୁ ବିଜେ କରିଥିଲେ !

ସେ ପୁଣି କିଏ ? ଅଭିମାନ କରି ପଚାରିଲା ଲୀଳା।

ତୁ ଯାହାକୁ ବସି ଝୁରି ହଉଛୁ ମ... ସେଇ ରାମ... ଶ୍ରୀରାମ।

ଧେତ୍... ମୁଁ କାଇଁକି ଝୁରି ହେବି ମ ! ମୁହଁରେ ପାଉଡର ମାଖିଲେ କେହି କଣ ସତରେ ରାମ ହେଇଯାଏ !

ଲୀଳା ମୁହଁରେ ଯାହା କହୁଥିଲା, ମନରେ ତାର ଠିକ ଓଲଟା ଭାବୁଥିଲା। ଯାହାର ମୁହଁଟି ପ୍ରଭୁ ଶ୍ରୀରାମଙ୍କ ପରି, ସେ କଣ ଆଉ ରାବଣ ହେଇପାରେ ! ତାଗିଦ କଲା ପରି ଲୀଳା ପଚାରିଲା, ସତ କହ, ତୁ ତାଙ୍କ ପାଖକୁ ଯାଇନୁ ତ ?

ଯାଇଛି, ମୁଁ ପରା ନିଜ ହାତରେ ତାଙ୍କୁ ବାଢି ଦେଇଛି, ଘିଅ ଅନ୍ନ, ପୁରୀ ଡାଲମା। ଫୁଲେଇ ହେଇ କହିଲା ବୀଣା।

ତତେ ପରା ବାର ବାର କରି କହିଥିଲି, ତାଙ୍କ ପାଖକୁ ଜମା ଯିବୁନି ବୋଲି ! ସୁପର୍ଣ୍ଣଖା କୋଉଠିକାର !

ଆହାଃ.. ମୋ ସୀତା ମାଆ, ସୁପର୍ଣ୍ଣଖା ଉପରେ ଏତେ ରାଗ !

ପ୍ରଭୁ ଶ୍ରୀରାମଙ୍କର ସେବା କରିବା ପାଇଁ ବୀଣାକୁ ସୁଯୋଗ ଯୁଟିଲା। ପ୍ରଭୁ ତାକୁ ସୁଯୋଗ ଦେଲେନି। ସବୁ ଦୋଷ ବାପାଙ୍କର। ଗୋଟେ ଗୋଟେ ମୁହୂର୍ତ୍ତ ଗୋଟେ ଗୋଟେ ବର୍ଷ ପରିଲାଗୁଥିଲା। ରାମ ସତକୁ ସତ ବନବାସ ଯାଆନ୍ତୁ କି ନାହିଁ, ତାକୁ ଆଗ ବନବାସ ଭୋଗିବାକୁ ପଡିଲା। ଘର ଭିତରର ଅନ୍ଧାରରୁ ସେ ବାହାରିବା ପୂର୍ବରୁ ସାତ ଦିନ ଶେଷ ହେଇଯିବ। ଭାଙ୍ଗି ପଡୁଥିଲା ଲୀଳା। ତା ଅଷ୍ଟମ ଶ୍ରେଣୀ ବହି ଭିତରୁ ଶହେ ଟଙ୍କିଆ ନୋଟ ଦୁଇଟା ବାହାର କରି ବୋଉକୁ ଦେଇଥିଲା, ବୀଣା ବୋଉକୁ ଶ୍ରୀରାମ ଅଭିଷେକ କରେଇବା ପାଇଁ। ବୋଉ କହିଲା, ଆଲୋ ଓଲି, ମୁଁ ପରା ବୀଣା ବୋଉକୁ ଟଙ୍କା ଦେଇ ଆସିଛି, ତୁ ପୁଣି କଣ ପାଇଁ ଦବୁ ?

ବୀଣା ନିର୍ବିଘ୍ନରେ ରାମଲୀଳା ଦେଖୁଛି। ରାମଲୀଳାର ଦ୍ୱିତୀୟ ରାତିରେ ଲୀଳା ସହିତ ଯାହା ଘଟିଥିଲା, ସେ ବିଷୟରେ ବୀଣା ତାକୁ କହିଥିଲା ଯେ ସବୁ ଝିଅଙ୍କ ସହିତ ଏମିତି ଦିନେ ନା ଦିନେ ହୁଏ। ତା ସହିତ ବି ଆଗରୁ ହେଇ ସାରିଛି। ଡରିବାର କିଛି ନାହିଁ।

କି ଦୋଷ କରିଥିଲି, ଠିକ ଏଇ ରାମ ଲୀଳାବେଳକୁ ଏସବୁ ହବାର ଥିଲା ! ସ୍ୱଚକ୍ଷୁରେ ପ୍ରଭୁଙ୍କୁ ଦର୍ଶନ କରିନାପାରିଲେ ବି ତାଙ୍କର ମହିମାକୁ ପଢୁଥିଲା ଲୀଳା। ପଢ଼ା ବହିଟିକୁ ଦେଖେଇଲା ବୀଣାକୁ।

ବୀଣା ତାକୁ ଟାପରା କଲା, ଅଶୋକ ବନର ସୀତା ! ହେଲେ ରାମ ତ ମୋ ହାତରୁ ଅନ୍ନ ଖାଇଛନ୍ତି। ସେ ତ ମୋର ହେଇ ସାରିଛନ୍ତି !

ନା... ରାମ କାହାରି ନୁହଁନ୍ତି। ସେ କେବଳ ମୋର। ଯିଏ ତାଙ୍କୁ ଅନେଇବ, ତା ଆଖି ତାଡି ଦେବି।

ତାହେଲେ ମୋର କିଏ ?

ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ବାଳି, ସୁଗ୍ରୀବ, ହନୁମାନ, ରାବଣ... ଯାହାକୁ ବାଛିଛୁ ବାଛ, ରାମଙ୍କୁ ଛାଡ଼ି।

ସାହୁକାର ସୁଣ୍ଢା ହେଲେବି, ଲୀଳା ହଉଛି ସାହୁକାରର ଅଳିଅଳି ରାଜଜେମା !

ତୋର ରାମ ଦରକାର ନା, ରାମ ବେଶରେ ଯିଏ ନାଚୁଛି, ସିଏ ଦରକାର।

ଉଭୟ।

ବୀଣା ମୁହଁ ଉପରେ ଝରକା ବନ୍ଦ କରିଦେଲା ଲୀଳା। ଘର ଭିତରର ଅନ୍ଧାରରେ ବସି ମାନସ ଚକ୍ଷୁରେ ଦେଖିବାକୁ ଲାଗିଲା ତା ବିନା ବିତିଯାଉଥିବା ରଜନୀମାନଙ୍କରେ ରାମ ଲୀଳାର ଦୃଶ୍ୟ। ରାମ ବେଶରେ ଯିଏ ନାଚୁଛି, ତା ନାଆଁ କଣ, କୋଉଠୁ ଆସିଛି ସେ। ଆଗରୁ ତ ଅନେକ ପୁଅଙ୍କୁ ଦେଖିଛି, କେବେ କେହି ଏତେ ଭଲ ଲାଗିନଥିଲେ। ଏ କାହିଁକି ଏତେ ଭଲ ଲାଗୁଛି !

ଏସବୁ ହେଲା ଗଲା ବର୍ଷର କଥା। ଗଲା ବର୍ଷ ରାମଲୀଳାର ଶେଷ ରାତିଟି ହେଇ ପାରିଲାନି। ବନ୍ୟା କି ବାତ୍ୟା ସେଥିପାଇଁ ଦାୟୀ ନୁହଁ। ଗାଆଁ ଭିତରେ ହୋ ହାଲ୍ଲା ପାଟି ଗୋଳ ଚାଲିଥିଲା। ସେ ସବୁର ଧାସ ଲୀଳା କାନରେ ବି ପଡିଥିଲା। ସେ ଅପେକ୍ଷା କରି ରହିଥିଲା, ବୀଣା ଆସିବା ପର୍ଯ୍ୟନ୍ତ।

ଢେର ବିଳମ୍ବରେ ଝରକା ପାଖରେ ଦେଖା ଦେଲା ବୀଣା। ଆଲୋ ବୀଣା, କଣ ହେଇଚି କିଲେ ? ଗାଆଁରେ ଏତେ ପାଟିତୁଣ୍ଡ କାଇଁକି ?

ତୁ ଜାଣିନୁ କି ? ତତେ କଣ ତୋ ବୋଉ କିଛି କହିନି ?

ନାଁ...।

ବୀଣା କହିଲା, ରାମ ବେଶରେ ଯୋଉ ଟୋକାଟା ନାଚୁଛି ମାଁ... ସିଏ କୁଆଡେ ପଠାଣ। ତା ନାଆଁ ଆରିଫ୍। ଆରିଫ୍ ମହମ୍ମଦ। ଘର ବାଙ୍ଗାଦେଶ। ତା ବାପା ଭାଇ ଆସି ଯାତ୍ରା ଦଳ ମ୍ୟାନେଜର ସାଙ୍ଗରେ ବାକିଆ ପଇସା ନେଇ ଝଗଡା କଲା ପରେ ଗାଆଁ ଲୋକ ଦେଖିଲେ। ସେଉଠୁ ନାନା ପାଲା ଲାଗିଛି।

ସେ ଘଟଣାରେ ଯୋଉମାନେ କ୍ଷତିଗ୍ରସ୍ତ ହେଇଥିଲେ, ତା ଭିତରୁ ସବୁଠୁ ଆଗରେ ଥିଲା ବୀଣାର ପରିବାର। କିଛି ବର୍ଷ ଆଗରୁ ବୀଣାର ବାପା ମରିଯାଇଥିଲେ। ବୀଣା ବୋଉ, ପର ଘରେ କାମ କରି ପୁଅ ଝିଅ ଶାଶୁ ଶ୍ୱଶୁର କରି ପାଞ୍ଚ ପ୍ରାଣୀଙ୍କୁ ପାଳୁଥିଲା। ଘରେ ପଠାଣ ଲୋକଙ୍କୁ ଖୁଏଇଥିବା ସମସ୍ତଙ୍କୁ ପ୍ରାୟଶ୍ଚିତ କରିବାକୁ ପଡିଥିଲା। ରାମ ମନ୍ଦିର ଶୁଦ୍ଧିକରଣ, ମାଜଣା, ପୂଜା ସାଙ୍ଗକୁ ଗାଆଁରେ ଭୋଜି ଦବା ପାଇଁ ନ୍ୟାୟ କରା ହେଇଥିଲା। ସେ ନ୍ୟାୟିକ ପ୍ରକ୍ରିୟାରେ ସାହୁକାର ମନୋହର ସାହୁ ଥିଲେ ମୁଖ୍ୟ। ବୀଣା ବୋଉ ବୀଣା ପାଇଁ ସାଇତି ରଖିଥିବା ଶେଷ ସୁନା ଗହଣାତକ ଆଣି ମନୋହର ସାହୁ ପାଖରେ ବନ୍ଧା ରଖିଲା। ଲୀଳା ଜାଣେ, ତା ବାପା ପାଖରେ ସନ୍ଧା ରଖିଥିବା ସୁନାକୁ ଆଜି ପର୍ଯ୍ୟନ୍ତ କେହି ମୁକୁଳେଇ ପାରିନାହାନ୍ତି।

ଗାଆଁ ଲୋକ ଯାତ୍ରା ଦଳକୁ ମାରପିଟ କରି ଗାଆଁରୁ ତଡି ଦେଲେ। ସେମାନେ ବାନ୍ଧିଥିବା ତମ୍ବୁ, ପେଣ୍ଡାଲ ଖୋଲିବାକୁ ବି ସମୟ ପାଇଲେନି। ଗାଆଁ ଲୋକ ସେଥିରେ ନିଆଁ ଲଗେଇ ଦେଇଥିଲେ।

ଯୋଉମାନେ ଦଣ୍ଡିତ ହେଇଥିଲେ, ସେମାନଙ୍କ ଭିତରେ ଲୀଳା ବି ଥିଲା। ଲୀଳାକୁ କେହି ଦଣ୍ଡ ଦେଇନଥିଲେ ବି ସେ ନିଜକୁ ନିଜେ ଦଣ୍ଡ ଦେଲା। ତିନି ଚାରିଦିନ ଧରି ଖିଆ ପିଆ କଲାନି। ଦେହ ଖରାପ ହେଲା। ତାକୁ ଡାକ୍ତରଖାନାକୁ ନିଆଗଲା।

ଡାକ୍ତରଖାନାରୁ ଫେରି ଲୀଳା ଦେଖିଲା ତା ବୋଉ, ବୁଢ଼ୀ ମାଆ ଆଉ କେତେଜଣ ଖୁଡ଼ୀ ବସି ଟିଭିରେ ରାମାୟଣ ଦେଖୁଛନ୍ତି। ସେ ସିଧା ସିଧା ଟିଭି ସୁଇଚ ଦବେଇ ବନ୍ଦ କରିଦେଇ କହିଲା, ଛି... ଏଗୁଡାକ କାଇଁକି ଦେଖୁଛ ? ତମ ଜାତି ଚାଲି ଯିବନି କି ? ଏଥିରେ ଯୋଉମାନେ ବେଶ ପୋଷାକ ପିନ୍ଧି ନାଚୁଛନ୍ତି, ସେମାନଙ୍କ ଜାତି ଗୋତ୍ର ସବୁ ଜାଣିଛ କି ? ଯାଅ, ଗୋବର ପାଣି ଆଣି ଟିଭିକୁ ଧୂଅ ଆଉ ନିଜ ନିଜର ମୁହଁକୁ ବି ଧୂଅ।

ବାପାକୁ ବି କହିଲା, ବାପା, ତମ ଟଙ୍କା ବାକ୍ସକୁ ନେଇ ନଈରେ ଫିଙ୍ଗି ଦେଇ ଆସ। ସେଇଟା ବି ମାରା ହେଇ ଯାଇଛି। ସେଦିନ ସେ ଅଜାତିଆ ଟୋକା ଡାଲି ଚାଉଳ କିଣି ଯୋଉ ଟଙ୍କା ଦେଇଥିଲା, ତାକୁ ମୁଁ ସେଇ ବାକ୍ସ ଭିତରେ ହିଁ ରଖିଦେଇଥିଲି।

ଏଥରକ ଗୋବିନ୍ଦ ଭାଇ ନିଜେ ଯାଇ ଦଳ ଯୋଗାଡ କରି ଆଣିଛି। କଳାକାର, ଲାଇଟ ମାଇକ ଇତ୍ୟାଦି ସମ୍ଭାଳୁଥିବା ସବୁ ଲୋକଙ୍କ ଜାତି ଗୋତ୍ର ପର୍ଯ୍ୟନ୍ତ ଯାଞ୍ଚ କରି ଅଣା ଯାଇଛି। ଏଥର ଆଉ ଗଲା ଥରକ ପରି ଭୁଲ ହବାର ପ୍ରଶ୍ନ ଉଠୁନି।

ଷ୍ଟେଜରୁ ପରଦା ଖୋଲିନି। ଲାଇଟ ମାଇକ ସାଉଣ୍ଡ ଟେଷ୍ଟ ଚାଲିଛି। ଗ୍ରୀନ ରୁମରେ କଳାକାର ମାନେ ମୁହଁରେ କ୍ରୀମ୍, ରଙ୍ଗ ପାଉଡର ଇତ୍ୟାଦି ବୋଳି ଲୁଗାପଟା ପିନ୍ଧୁଛନ୍ତି। କିଏ ରାମ ହବ, କିଏ, ସୀତା, କିଏ ହନୁମାନ ତ କିଏ ରାବଣ। କି ଯାଏ ସେଥିରେ !

ଏ ରାଇଜରେ ପୁଣି ରାମଲୀଳା ! ଯୋଉ ଗାଆଁ ଲୋକ ପ୍ରଭୁ ଶ୍ରୀରାମଙ୍କୁ ମାଡ଼ ମାରି ତଡ଼ି ଦେଇ ପାରନ୍ତି, ସେଠି ପୁଣି ରାମଲୀଳା ! ରାମଲୀଳା ପଡିଆରୁ ଏକ ମୁହଁ ହେଇ ଲୀଳା ଘରକୁ ଫେରି ଆସିଲା।

❖❖❖

# ରଙ୍ଗଲତା ରୁଷିଚି



ISSN-2583-6978
Volume-3
Issue-8
AUGUST-2023

**ମନୋଜ ମହାନ୍ତି**

**ଜୁନାଗଡ଼, ଜି.କଳାହାଣ୍ଡି**
**ମୋବାଇଲ୍ ନଂ.୯୪୩୭୩୨୮୭୫୮**

**ମୋ ଜୀବନ ପଛେ ନର୍କେ ପଡ଼ିଥାଉ**
**ଜଗତ ଉଦ୍ଧାର ହେଉ ।**

ଶ୍ୟାମ୍‌ରୁ ଶ୍ୟାମ ସାହୁ ତା' ପରେ ଶ୍ୟାମ ବାବୁ ହେବାକୁ ଗୋଟେ ଲମ୍ବା ସମୟ ଗଡ଼ି ଚାଲିଯାଇଥିଲା । ଦିନ ଆସିଲା ନିଜ ହାତରେ ତିଆରି ଥିବା ଘରର କବାଟ ତାକୁ ଡରେଇଲା । ରାତିରେ ଯେମିତି କିଏ କିଳିକିଳା ରଡ଼ି ଛାଡ଼ି ଗୋଡ଼ାଇ ଆସୁଚି ତାକୁ । ହଟା... ହଟା ତୋ ଘରର ଦୁଆର ବନ୍ଧ, ମୋ ଜାଗାରୁ । ଅଣଚାଷ ବୋହୁ ନ ବୋହୁ ତଥାପି କବାଟ ଟାକୁ କିଏ ଜୋର୍ ବାଡ଼େଇ ଦଉଚି । ମୁନା ପୁରୋହିତ ଜାତକ ଦେଖିଲା । ନିଆଁଶି ଡ଼ିଅ ଭୋଗୁଚ କି ଶ୍ୟାମ ବାବୁ, ସମୟ ଆସିଲା ପିଲା କୁଟୁମ୍ବକୁ ଘର ସଅଁପି ଅଲେଖ ମହିମା ଧର୍ମ ନିଅ, ନହେଲେ ସର୍ବଶଂ ପଦା କରିଦେବ !

ବନ୍ଧଡ଼ିହରୁ ବ୍ରହ୍ମବରଦା, ସେଠୁ ବସରେ ସିଧା ଚାଲିଆସିଥିଲା କଟକ । କଟକରୁ ମାମୁଁ ରହୁଥିବା ଟିଟିଲାଗଡ଼ । ବାସ୍ ମୁଠେ ଦାନାର ଯୋଗାଡ଼ରେ ଲମ୍ବା ସଫର । ଛାଇ ଅନ୍ଧାର ଗାଢ଼ ହେବାକୁ ଆରମ୍ଭ କରିବ ତ ମାମୁ ଡାକ ଛାଡ଼ିବ - ଶ୍ୟାମ... ହେଃ... ଶ୍ୟାମ ବଳଦ ଯୋଚ, ଶଗଡ଼ ଜୁଆଳିରେ ଲଣ୍ଠନ ବାନ୍ଧ, ବଳଦକୁ ଆଡ଼େଇ ଦେ କଣ୍ଟାବାଂଝି ରାସ୍ତାରେ କାଲି ସକାଳକୁ ହାଟ । ଅନ୍ଧାର ଭଣଭଣ ହେବ ଜଙ୍ଗଲି ରାସ୍ତାରେ, ସେ ଗୀତ ମେଲିବ - ଲେ' କେ ପହେଲା ପହେଲା ପ୍ୟାର୍... । ଦୋକାନ ସମାନ ଖଂଜି ତା ଉପରେ କନ୍ଥାଟିଏ ପକାଇ ମାମୁଁ ନିଦରେ ଘୁଂଗୁଂଡ଼ି ମାରିବ । ଜଙ୍ଗଲ ଦେଖାଯିବ ଆହୁରି ଅନ୍ଧାରିଆ... ଆହୁରି ଗାଢ଼ ! ଗାଁ ମନେ ପଡ଼ି, ମନେ ପଡ଼ିବ ବ୍ରାହ୍ମଣୀ ବାଇତ କୁଆଖାଇର ଗଣ୍ଡ । ଡଙ୍ଗାରେ ଆହୁଲା ମରା.. ମାଛଧରା । କଳା ଉଅଁର ପାଣି ଭିତରୁ ଛାଣିଆଣେ ମାଛ । ଭଣଭଣ ଆଇଁଷ ଗନ୍ଧରେ ପେଟ ପାଖକୁ ଉଚ୍ଛାଟୁ ଥାଏ ଭୋକ । ମାତ୍ର ନା, ଏ ଜଙ୍ଗଲର ଅନ୍ଧାର ତାକୁ ଡରାଏ । ପିଶାଚ, ପେଟିନୀ ଚିରିଗୁଣିର ଭୟ ଦେଖାଏ । କିଏ ବସିଥାଏ କି କଣ୍ଟାବାଂଝି ପହଞ୍ଚିବା ବାଟରେ ସେ ଯେଉଁ ମଶାଣି ପାଖ ଓସ୍ତ ଗଛରେ ? ପେଟଚାଏ ରଡ଼ି ଛାଡ଼େ । ଡରିକି ସେ ଦୁଇ ବାଡ଼ି ବଳଦ ପିଚାରେ କଷିଦିଏ... ହୃର୍‌ର୍... ଧ... ତତ... ତତ । ପଦମନ ଗଉଡ଼କୁ କାମରୁ କାଢ଼ି ମାମୁଁ ଯା କାମଟାଏ ତାକୁ ଦେଇଚି । ମାମୁଁ ଯା' ଖାଏ ତାକୁ ଦିଏ । ସେଇ କ'ଣ ଯଥେଷ୍ଟ ନୁହେଁ । ଅଲୋଡ଼ା ଜୀବନରେ ଭାତ ମୁଠାଏର ମୂଲ କ'ଣ ବୁଝିପାରେ ସମାଜ !

ଶ୍ୟାମ ସାହୁର ଗାଁରେ ଆଉ ଥିଲା କ'ଣ ? ମା ମଲାପରେ ଖୁଡ଼ି ଘରେ ଗାଇ ଦୁହିଁଲା, ବାଦାମ କିଆରି ଜଗିଲା, ଜମିରେ ହଳ ବୁଲେଇଲା । ପେଟ ପାଖକୁ ଭାତ ଦେଲା ବେଳକୁ ବେଲାରେ ତୁଚ୍ଛା ତୋରାଣି ଗୁଡ଼ା ! ଲଙ୍କା ଦଳି ଢକ୍‌ଢକ୍ ପିଇଲା । ବାପା କଲିକତା ଚଟକଳରେ ଥିଲା ଯେ ଓଡ଼ିଆ ବସ୍ତିରେ ସେଠି କେଉଁ ରାଣ୍ଡ ମାଇକିନା ସାଙ୍ଗେ ଭାବଯୋଡ଼ି ଗାଁ ଭୁଲିଲା । ଖୁଡ଼ିର ଅଦୌତି ସହିନପାରି ଟିଟିଲାଗଡ଼ ମାମୁ ପାଖକୁ ଚିଠି ପଠେଇଲା । ଲେଖିଲା - ପୂଜନୀୟ ମାମୁ ପ୍ରଣାମ ନେବ । ଆମେ ଭଲରେ ଅଛୁ ତୁମେ ଭଲରେ ଥିବା ବୋଲି ଆଶା ।

ସେ କ'ଣ ଭଲରେ ଥିଲା କି ? ମାମୁ ବୁଝିଲା ଭଣଜାର ଦୁଃଖ । ପଦମନ ଗଉଡ଼ ବେଳେ ବେଳେ ହଇରାଣ କରୁଚି । ମାଇଁ ଚିଠି ପଢ଼ିଲା, କହିଲା - ଟଙ୍କା ପଠା ଶାମା ପାଖକୁ, ଆସୁ ଏଇଠିକୁ । ଭଣଜାଟା ହଇରାଣ ହଉଚି । ଖୁଡ଼ି ରାହାବାଳି ଖାଇବାକୁ ଦଉନି । କାନ ପାଖେ ଫିସ୍‌ଫିସ୍ କହିଲା - ହଟା ପଦମନକୁ ଭଣଜାକୁ ଲଗା କାମରେ । ଜମିରେ ଖଟିଲା ଭେଣ୍ଡାଟା କାମକୁପାରିବ । ଛେଉଣ୍ଡ ପିଲାଟା ମୁଠେ ଖାଇବ ଖଣ୍ଡେ ପିନ୍ଧିବ, ପଦମନ ପରି ମାସକୁ ଦରମା କେଉଁ ନେବକି !

ବାସ୍ ଶ୍ୟାମ ଶାମା ହୋଇଗଲା । ବଳଦ ମୁହେଁଇ କୁଣ୍ଡା ତୋରାଣି ଦେଲା । ବଳଦ ଗାଡ଼ିରେ ଯୁଆଳି ବାନ୍ଧିଲା, ହାଟ ପାଇଁ ଦୋକାନ

ସାମାନ ଲଦିଲା। ବଳଦଗାଡ଼ି ଗଡ଼ିଲା - କଣ୍ଟାବାଂଝି, ବଙ୍ଗୋମୁଣ୍ଡା, ଢ଼ୋଲମାଦଳ, ତୁରେଇ କେଲା, ଲାଠୋର, ଖପ୍ରାଖୋଲ...। ଅନ୍ଧାର ରାତିରେ ଗୀତସବୁ ପବନରେ ହାଲୋଳ ଖେଳେଇଲା - ଦେଲେ ଧରା କଥାସରେ...।

ଛୁଟିଦିନ ଟିଟିଲାଗଡ଼ ସିନେମା ହଲ୍‌ରେ ସିନେମା ଦେଖିଲା - ରାମ ତେରି ଗଙ୍ଗା ମୈଲି। ଚିହ୍ନିଲା ଅମିତାଭ ବଚ୍ଚନ, ଶତ୍ରୁଘ୍ନ ସିହ୍ନା, ହେମାମାଲିନି, ରେଖା, ବୈଜୟନ୍ତୀମାଳା, ରାକ୍ଷୀ, ମନ୍ଦାକିନୀ...।

ମାମୁଙ୍କୁ ଲୁଚେଇ ବିଡ଼ି ଟାଣିଲା, ଖଇନି ଜାକିଲା କଳରେ। ରାତିରେ ଟିଟିଲାଗଡ଼ର ତଳବସ୍ତିରେ ଢୁକିଲା। ମାଇଁ ଜାଣିଲା ଭଣଜା ବଡ଼ ହେଇଗଲାଣି। ବାଛୁରିଟା ଷଣ୍ଢ ହେଲେ କେଉଁ କାମକୁ ନୁହଁ।

ଚନ୍ଦର ରାତି। ମୁକୁଳା ଆକାଶ। ମଲ୍ଲୀ ଫୁଟିଚି, ଜହ୍ନଠୁ ରଙ୍ଗ ମାଖିଚି। ମିଠାମିଠା ବାସ୍ନା ବୁଲୁଚି ପବନରେ। ଶ୍ୟାମ ବଡ଼ ହେଲାଣି। ହେଇ ଶୁଣୁଚ... ଉଠ... ଦେଖ ଶାମା ତା ବିଛଣାରେ ନାହିଁ। ଝିଅଟା ଆମର ବଡ଼ ହେଉଚି। ଶାମାଇ, କହି ପଛରେ ପଡ଼ିଚି। ଭଗାଶଳା ବିପଦକୁ! ମାମୁ ଅନ୍ଧାର ଠେଲି ବିଡ଼ିର ନିଆଁକୁ ଜୋର୍ କି ଶୋଷି ପକାଇଲା। ଆଖିରେ ଅନ୍ଧାର ରାତିର ତାତି। ଆସୁ ଶଳା ବେଧପୁଅ! ନାଇ... ନାଇ... ହାତ ଉଠାଅନା। ଦେଖୁଚତ ଖାଇପିଇ ମର୍ଦଟାଏ ହେଇଗଲାଣି ଓଲଟି ପଡ଼ିଲେ ପାରିବ ନାହିଁ।

ରଙ୍ଗି ଧୋବଣି। ନାଁ ରଙ୍ଗଲତା। ଘଇତା ଯାଇଚି ତ ଯାଇଚି ପୁରୁସ୍ତମ... ଫେରି ପାରିନାହିଁ। ସଂଜକୁ ଗାଇ ମୁହାଁଇ କୁଣ୍ଡା ଦେଲା। ଖୁଣ୍ଟା ବନ୍ଧା ଗାଇଟା ସକାଳକୁ ଚିତ୍‌କାତ୍ ପଡ଼ିଥିଲା। ବ୍ରାହ୍ମଣ ଉପାୟ ହେଜିଲେ। ପୁରସ୍ତମ ଏଠୁ ତ ଗୁଡ଼ାଏ ବାଟଲୋ ରଙ୍ଗନାନୀ। ତେବେ ପାପଟାଏ ହେଇଯାଇଚିମାନେ ପ୍ରାୟଶ୍ଚିତ ତ କରିବାକୁ ହୁଏ! ନହେଲେ ସେଇ ଗାଈର ଆତ୍ମାଟା କେଉଁ ଶୁଆଇ ଦେବ କି?

ଦିନସାରା ବଳଦ ଦଉଡ଼ି ବେକରେ ବାନ୍ଧି ଗାଁ ଗାଁ ବୁଲି ଭିକମାଗିବ। ରାତିରେ, କା ନାଇ କା ଓଳିତଳେ ଶୋଇବା ହେଇବା କେଇଟା ଦିନରେ ପୁରସ୍ତମ...। ବାସ୍ ସେଠୁ ଶୁଖିଲା ଅଭଡ଼ା ଆଣି ଜ୍ଞାତି କୁଟୁମ୍ବ ଗାଁ ଭାଇଙ୍କୁ ଭୋଜିଟାଏ। ସେଇତ ଯାଇଚି ଯେ ଯାଇଚି... ବର୍ଷଟାଏ ହେଲା। ଫେରିବାର ନା ନେଉନି!

ରଙ୍ଗଲତା ରଷିଚି ଯେ ରଷିଚି। ଶ୍ୟାମ ସାହୁକୁ ପଚାରୁଚି - ହେ କଟକିଆ ତୁମର ଆଡ଼େଁ ପୁରି କାଏଁ? ରଙ୍ଗଲତାର ଆଖିରେ ଆଖି ମିଶିଲା, ଭାବରେ ଭାବ। ହୃଦୟଟା ଚହଲିଗଲା ଚହଲା ପାଣିପରି। ଚନ୍ଦର ଆଲୁଅ ପାଟ ପୋଖରୀରେ ଭାଙ୍ଗିଭାଙ୍ଗି ଗଲା ଯେ ଗଲା, ଟେକା ପକାଇଲେ ଭଉଁରୀ ନାଇତ ତୁଚ୍ଛାପାଣି!

ଟେକାଟାଏ ପଡ଼ିଲା କି ରଙ୍ଗଲତା ହୃଦୟରେ? ଦୁମ କି ରାତିରେ ନିଦ ଭାଙ୍ଗିଲା। ଛାଇ ଅନ୍ଧାର ଭିତରେ ଖୁଣ୍ଟକୁ ଆଉଜି ଶାମା ବିଡ଼ି ଟାଣୁଚି। ରଙ୍ଗଲତା ହାତକୁ ବଢ଼ାଇ ଦେଉଚି କାଶ୍ମିରୀ ସ୍ନୋ, କାରବାଲି ସାବୁନ, ଖିରପିନି, ବିନ୍ଦି, ବାସ୍ନା ତେଲ।

ରଙ୍ଗଲତା ଆଉ ରଷୁ ନଥିଲା। ଗାଢ଼ ଅନ୍ଧାର ରାତିରେ ଶ୍ୟାମର ଏଡ଼େଟେ ଛାତିରେ ମୁହଁ ଜାକିଲା, ଚନ୍ଦିନୀ ଖୋଜିଲା। ବାରଣ୍ଡା ତଳକୁ ଝଂକା ସଜନା ଗଛରୁ ଫୁଲ ଝରିଲା। ରଙ୍ଗଣୀ ଫୁଲ ଦାଉଦାଉ ଦୁଶିଲା,ଆଉ ନାଉ ଫୁଲ ସବୁ ସ୍ୱପ୍ନ ସ୍ୱପ୍ନ ହେଇ ଖପର ଉପରେ ଫିଂ’ଦିନ ଫୁଟିଲା। ଶ୍ୟାମ, ଶ୍ୟାମଘନ ହେଲା... ପ୍ରେମିକ ପୁରୁଷ ହେଲା। ଶୀତରାତି ସବୁ ଛାତି ଭିତରେ ଜମାଟ ବାନ୍ଧିଲା ପ୍ରେମ ପ୍ରେମ ହେଇ।

ମାମୁଁ ଜାଣିଲା, ମାଇଁ ମୁହଁ ଭଣଭଣ କରି ପଖାଳ କଂସା କଟିଦେଲା। କହିଲା - ନେ ବାଡ଼ିଖିଆ ଖାଇମର୍! ‘ମର’ ଶବ୍ଦଟା ମରମ ଭେଦିଲା। ରାତିସାରା ବିଡ଼ି ଟାଣିଲା ଆଉ ସକାଳକୁ ଶାମା ଆଉ ଘରେ ନଥିଲା। ମାଇଁ କହିଲା - ଯାଉ କଣ୍ଟାଟାଏ ଗଲା, ଡକା ପଦମନକୁ, ବୁଢ଼ା ହେଲାଣି କାମ - କମାଣି ନାହିଁ, ଘରେ ବଇଚି। ଭଣଜା ଘର ଛାଡ଼ିବାର ଦୁଃଖ ନା ମାମୁଙ୍କୁ ଥିଲା ନା ମାଇଁଙ୍କୁ!

ଦୁଃଖରେ ବତୁରିଗଲା ରଙ୍ଗଲତା। ଗାଁ ଜାକର ଲୁଗାସଫା କଲାପରି ଶ୍ୟାମର ହୃଦୟରୁ ମାମୁଁ - ମାଇଁ ପ୍ରେମର ମଇଳା ହଟେଇଲା। ଭରସା ଦେଲା। ସଂଚିଥିଲା ଟଙ୍କାପଇସା ଆଉ ରୂପାର ପାଉଁଜଳ ହଳକ କାଢ଼ି ଥୋଇଲା। କହିଲା - ନେ... ବେପାର ଶିଖିବୁ, ହାରିବୁ ନାହିଁ ଜୀବନରେ।

ହାରି ନଥିଲା ଶାମା... ଶ୍ୟାମ ସାହୁ! ଶଗଡ଼ ଗାଡ଼ିରେ ମାଲ୍ ପକେଇ ମାମୁ ବୁଲୁଥିବା ମୁଖ୍ୟ ହାଟପାଳିକୁ ନଜାଇ ସପ୍ତାହର ଦ୍ୱିତୀୟ ହାଟ ଦିନକୁ ମାମୁର ବିପରିତ ଦିଗକୁ ଶଗଡ଼ ଗଡ଼େଇଲା। କଣ୍ଟାବାଂଝୀର ଗାଁ ମୁଣ୍ଡ ବରଗଛ ଆଉ ତାକୁ ଡରାଉ ନଥିଲା।

ଏବେ ବୟସ ଖୁବ୍ ଆଗକୁ ଟାଣି ଆଣିଲାଣି। ଆଖିକୁ ଆଉ ଦୃଶ୍ୟ ହୁଏ ନାହିଁ ପଛକଥା। ଶ୍ୟାମ ବାବୁ ଏବେ ଶାମା ବୁଢ଼ା ହେଲାଣି। ରଙ୍ଗଲତାର ରଙ୍ଗଛଡ଼ା ଆବୁଡ଼ା ଖାବୁଡ଼ା ଇଟା କାନ୍ଥ ଯେମିତି ଖେଂକାରି ଆସୁଚି ତା ଆଡ଼କୁ। କହୁଚି - ହଟାହଟା ତୋ ଖଟଟା ମୋ ଘରୁ... ସେଠି ମୋ ଗିରସ୍ତ ଶୋଇବ... ତୁ ନୁହଁ। ସେ ପୁରସ୍ତମରୁ ଫେରିଲାଣି। ସୋହାଗ କରିବ ମୋ ସାଙ୍ଗରେ, ପିଲା କବିଲା ଜନ୍ମ କରିବି ମୁଁ। ମୋ ଢ଼ିଅକୁ ନିଆଁଶିଆ ଭାବିଲୁ କି ଗାଡ଼ଶୁଆ, ବାଘଧରା!

ପାନପିକ ପକାଇଲା ବୁଢ଼ା। ଝଡ଼ିବର୍ଷା ଧରିଚି ଯେ ଛାଡ଼ିବାର ନାଁ ଧରୁନି। ଦଶ ଡିସିମିଲ୍‌ର ଘରଢ଼ିଅ ଉପରେ ଏଇ ମାତ୍ର ଗୋଟେ ଡିସ୍‌ମିଲ୍‌ର ଦୁଇବଖରା ରଙ୍ଗଲତାର ଘର। ମରିଗଲାଣି ରଙ୍ଗଲତା କାଇଁ ଅଠର ବର୍ଷ ହେଇଗଲାଣି।

ରଙ୍ଗଲତାର କାଣି - କଉଡ଼ି ନେଇ ବେପାର ଶିଖିଥିବା ଶାମା ଯେତେବେଳେ ଶ୍ୟାମ ସାହୁ ହେଲା। ସେ ବେଳକୁ ବୟସ ଅଠେଇଶି। ବାପା କଲିକତାରୁ ଆସି ଗାଁରେ। ଖବର ପଠେଇଲା ଡକା ଶାମାକୁ ତା ବା ଘରଟା ସାରେ।

ରଙ୍ଗଲତା ରଷିଲା ନାହିଁ। ରଙ୍ଗଲତା ଅଭିମାନ କଲାନାହିଁ। ସୋହାଗରେ ଭାଗ ହେବତ ହେଉ! ଏତେ ରାତିରେ ଦେହ ଖେଳ ପରେ ବି ସେ କେଉଁ ମା ହେଇପାରୁଚି କି? ଠା ପିଢ଼ା ସଜାଡ଼ିଲା, ସେ ପଟୁ ଆସିଥିବା ମଣିଷଙ୍କ ପାଇଁ। କହିଲା - ଯା... ବାପା କଥା ମାନ, ନେଇ ଆ ସଉତୁଣି। ମନେରଖ ରାତିଟାକୁ ଭାଗ କରିଦେବୁ ହେଲେ ମୋ ଘର ଅଗଣାରେ ପାଚେରି ଠିଆ କରି ମୋ କଳିଜା ଉପରେ ଘର ତିଆରିବୁ ନାହିଁ।

ନିଜ ଜମି ଫଳନ୍ତା ମୁଗ, ଗାଈ ଖିରରୁ ତିଆରି ସାଇତିଥିବା ଘିଅ, ଅରୁଆ ଚଉଳ ଆଠ କେଜି ବାନ୍ଧି ଥୋଇଲା। ନେ ମୋ ସଉତୁଣି ମୁହଁ ଦେଖା। ଶେଷ ସନ୍ତକ କାନର ହଳଦୀ ଗୁରୁଗୁରୁ ହଳେ ହାତରେ ଦେଲା, କହିଲା - ପିନ୍ଧାଇ ଦେବୁ ତାକୁ। କହିବୁ ମୁଁ ଜଗିଚି ତାକୁ। ମୋ କୋଳକୁ ଛୁଆଟେ ଦେବ ଛୁଆ।

କହିଥିଲା - ତୁ ଆସିବା ଯାଏଁ ଜଗିଥିବି। ଧୋକା ଦେଇ ରହିଯିବୁ ନାହିଁ। ଏଇଠି ଗୁହାଳ ଘରେ ଦୁଇଟା ବଳଦ, ଅଗଣାରେ ତୋ ଶଗଡ଼ଗାଡ଼ି, ପେଟି ବନ୍ଧା କରାବାଲି ସାବୁନ, ନେଲ୍ ପଲିସ୍, ଖିରପିନି, ବାଦଲ ସ୍ନୋ, ସବୁ, ସବୁ ମୋ ଜିମା ରହିଲା ତୋ ଅମାନତ୍। ଭୁଲିବୁ ନାହିଁ କଣ୍ଟାବାଂଝୀ, ବଙ୍ଗୋମୁଣ୍ଡା, ତୁରେଇକେଲା, ଲାଠୋର୍, ଖପ୍ରାଖୋଲ୍ ସପ୍ତାହ ହାଟପାଳିକୁ। ଦେଖ୍ ବାଗଧରା ଜଲ୍‌ଦି ଆସିବୁ।

ହାତରୁ ରଙ୍ଗଲିଭି ନଥିଲା, ପାଦରୁ ଅଳତା ଦାଗ ଦାଉଦାଉ କରୁଥିଲା ତ ଶ୍ୟାମ ସାହୁ ଫେରିଲା। ଗୋଟେ ଟ୍ରଙ୍କ ଆଉ ଗୋଟେ ଗଣ୍ଠିଲିରେ ନେଇ ଆସିଥିଲା ସଂସାର। ଲାଲ୍ ମାଟିରେ ଲିପି ପୋଛି ଚିତା ପକେଇ ଅପେକ୍ଷା କରିଥିଲା ରଙ୍ଗଲତା।

ଗୋରା ହେଇ ଦପ୍‌ଦପ୍ ଦୀପ ପରି ଝଲସୁଚି ଗୋଟେ ଷୋଡ଼ସୀ। ଶାମାର ସ୍ତ୍ରୀ! ଅରୁଆ ଚଉଳ, ଦୁବ - ବରକୋଳି ପତ୍ରରେ ବନ୍ଦେଇ ଆଣିଲା ରଙ୍ଗଲତା। ଆରିଷା ପିଠାରେ ପାନପତ୍ର ରଖି ଗାଲ ସେକିଲା। ତା ସଂସ୍କୃତି ତା ପରମ୍ପରାରେ ଖଜାଲଡୁରେ ସାଇ ପଙ୍ଗତ ଦେଲା।

ସେ କିଏ? ପଚାରି ନଥିଲା ଷୋଡ଼ସୀ! ସତେ ଯେମିତି ସବୁ ବୁଝିପାରିଚି, ଆଗରୁ ଜାଣି ସାରିଚି। ଦୁଇଟା ବଖରାରେ ଦୁଇଟା ଚୁଲି ଜଳିଲା। ଧୋବଣୀ ଘରେ ଖାଇବ ନାହିଁ ନୂଆ ବୋହୂ! ତୋ ସୁହାଗ ତୋର୍... ମୋ ଗିରସ୍ତ ମୋର। ବେଦୀରେ ହାତଗଣ୍ଠି ପଡ଼ିଚି। ସେମିତି ତୋ ପରି ଅନ୍ଧାର ଡେଇଁ ପାପ - ପିରତୀ କରିନି। ପାରୁଚୁ ତ ରାତିର ଛାତି ଉପରେ ବସି ଭାଗ କରିନେ ଅମାସ୍ୟା କି ପୁନେଇ ତିଥି! ଦୋଚରୁଣି କହିବି ନାହିଁ ତୋତେ। ଗିରସ୍ତକୁ ଅଦିନେ ସାହା ହେଇଚୁ। ଅଛିଣ୍ଡା ଅଙ୍କପରି ମାନସାଙ୍କଟେ ଝୁଲି ରହିଲା ସମ୍ପର୍କର ଧୋବ ଫର୍ଦ୍ଦରେ।

ଶାମା ଭାଗ କରିନଥିଲା ରାତି କି ଭାଗ କରି ନଥିଲା ଭାତହାଣ୍ଡି। ପ୍ରଥମ ପ୍ରେମକୁ କେଉଁ ଭୁଲି ହୁଏ? ହେଇତ ବର୍ଷା କରଉଥିବ! ତା ଭିଜା ଦେହକୁ ପୋଛିବ ରଙ୍ଗଲତା। ଡେବିରୀରେ କିରାସିନ୍ ଭରିବ, ତା ଭୋକ ପାଖକୁ ଆଗ ବାମ୍ଫଉଠା ଗରମ ଭାତ ଥୋଇବ। ତା'ପରେ ଝଡ଼ବର୍ଷା ଟା ଝରିବ ଯେ ଝରବ। ଓଦା ହୋଇଯିବ ଶ୍ୟାମାର ଛାତି ପାଖ। ସେ ରାତି ପାହୁନଥିବ କି ବର୍ଷା ଧସିବାର ନାଁ ନେଉ ନଥିବ। ରଙ୍ଗଲତା ରଷୁଥିବ, ଯେମିତି ମେଘ ଦଲ୍‌ଦଲ୍ ହାଣ୍ଡିଏ ଆକାଶ। ସତରେ ଶାମା ଭୂଲିପାରେ ନାହିଁ ରଙ୍ଗଲତାର ଉଦ୍ଧତ ଛାତିପାଖ ଗହିରା ଆମନ୍ତ୍ରଣ! ଏବେ ବି କଳା ମଚ୍‌ମଚ୍ ତା ଦେହ ପାଖରେ ଯେମିତି ପହ୍ନେଇଯାଏ କାମନାର ଓଦାଓଦା ସମ୍ଭାବନା। ଶାମା ଡିବି ଲିଭିଏ।

ଶାମା କ'ଣ ଚହିଥିଲା ରଙ୍ଗଲତାକୁ ଆଡ଼ କରି ସଂସାରଟେ ତିଆରିବ? ସ୍ତ୍ରୀଟା ମଉନ ମୁହିଁ, କହିବ ନାହିଁ କିଛି। କାନ୍ଥ ବାଡ଼କୁ ଦେଖାଇ କଥା କହିବ। ଶାମା ମାତ୍ର ଭୂଲିପାରେ ନାହିଁ ରଙ୍ଗଲତାର ପ୍ରେମକୁ... ଭଲ ପାଇବାକୁ... ତ୍ୟାଗକୁ। ସେଇତ ବାଲୁତ ଟେ ହେଲା ଯେ ଗୁଅ-ମୂତ କନ୍ଥା ଧୋଇଲା, ତେଲ ହଳଦୀ ମାଖିଲା, କୋଳରେ ପୁରେଇ ଗେହ୍ଲାକଲା। ମୁଣ୍ଡ କୁଣ୍ଡେଇ କଳାଟିପା ଲଗେଇ ଦେଲା ମଥାରେ। କେବେ କେମିତି ଜାକି ଧରିଚି ଥନ ପାଖରେ। ଅମୃତ ଝରାଇ ଦେବାର ପ୍ରବଣତାରେ ଲୁହ ଝରିଚି। ଏ ଲୁହ ପାଖରେ ଆଉ ପୁରସ୍ତମ ଯାଇ ଫେରିନଥିବା ମଣିଷଟା ମନେ ପଡ଼ିନାହିଁ। ନା... କେବେ ବି ମନେ ପଡ଼ିନାହିଁ ହଜିଯାଇଥିବା ମଣିଷ!

ପିଲା ହେଲେ ଗୋଟେରୁ ଦୁଇଟା। ସେଇଠୁ ଜାଣ ରଙ୍ଗଲତାର ଛାତି ଉପରେ ଦି ଭାଗ ହେଇ କାନ୍ଥ ଉଠିଲା। କୋଠା ଘର ତିଆରିଲା ଶ୍ୟାମ ବାବୁ। ସାମ୍ନା ପଟକୁ ଦୁଇ ବଖୁରିଆ ଦୋକାନ ଘର। ଗୋଟେ ବଖରାରେ କଂସା ବାସନ, ରସଡେକ୍‌ଚି ତ ଆର ପାଖରେ ଷ୍ଟେସନାରି! ରୂପ ବଦଳିଗଲା ତିଅର। ରଙ୍ଗଲତା ମାତ୍ର ଘରର ଦୁଆର ବନ୍ଧ ମାଡ଼ିଲା ନାହିଁ। ସେଇ ଲାଲ୍ ମାଟିରେ ଲିପା କାନ୍ଥର ମୋହ କ'ଣ କମ ଗହିରିଆ ଥିଲା କି? ସେଇଠି ପାପ-ପିରତୀ ହେଉ ବରଂ କମ୍ ଗହିରିଆ ନଥିଲା ସେ ସମ୍ପର୍କ! ଏଇ ଘରେ ତ!

ଶୀତର କାଲୁଆ ପବନ ଜାଡ଼ କରୁଚି ଦେହକୁ। ଝ' ଟିକେ ମିଳନ୍ତା ତ ଶୀତର ଆଉ ରଙ୍ଗଲତାର ଅଯଥା ଅଦୌତିକୁ ଆଡ଼ କରି ଟିକେ ଉଷୁମ କରନ୍ତା ଦେହ। ପୁଅ ବଡ଼ ହେଇ ତାର ସଂସାର କଲାପରେ ସେ ଅଲୋଡ଼ା ହେଲାଣି। ସଂଜ ପହରକୁ ଟିକେ ଯାହା ଝ ମୁଢ଼ୀ ମିଳିଥିଲା, ଏବେ ଆସି ରାତି ଆଠ। ରଙ୍ଗଲତାର ସେଇ ମାଟି ଘରକୁ ସଜାଡ଼ି ସେ ପଡ଼ିଚି ଯେ ପଡ଼ିଚି। ଏବେ ଆଉ ତାକୁ କିଏ ପଚରେ ନାହିଁ। ଥାନ୍ତା କି ରଙ୍ଗଲତା। ଦେହରେ ଗୋଡ଼ରେ ହାତ ବୁଲାଇ ଆଣି ପଚରନ୍ତା! ଝ' କପଟେ ମୁହଁ ପାଖକୁ ଦେଇ ଗେହ୍ଲେଇ ହୋଇ ଉଷୁମ ଭାବଟେ ଉକୁଟାଇ ଆଣିପାରନ୍ତା।

ଅନ୍ଧାର ରାତି ଡରଉଚି ତାକୁ। କିଏ ଜଣେ ଖଟେଇ ହଉଚି! କିଏ ସେ? ତୁହାକୁ ତୁହା ଓଦା ପବନ ବୋହୁଚି। କଳିଜା ପାଖରେ କେଉଁ ଅଭାବ ବୋଧଟେ କଣା କରି ରକ୍ତ ଶୋଷି ନଉଚି। ଭାଗ୍... ଭାଗ୍... ମୋ ଘରୁ! ଯା... ଭାଗ୍ ତୋ କୋଠାଘରକୁ ସେଇଠି ସ୍ୱପ୍ନ

ଦେଖ, ବୋହୂ ପରଷା ଖା ! ଏଠି କାଇଁ ପଡ଼ିଚୁ ।

ଶାମ ବୁଢ଼ା ଖଇନି ପୁରେଇଲା କଳରେ । ନିଦ ନାହିଁ । ରାତି ଦଶଟା । ସେପଟୁ କେହି ପଚାରି ନାହିଁ କି ରୁଟି ଦୁଇପଟ ଦେଇ ଯାଇ ନାହିଁ । ବିଜୁଳି କଟିଗଲାଣି ଘଣ୍ଟାଏ ହେବ । ପୁରୁଣା ପାର୍ଲେ ବିସ୍କୁଟ୍‌ର ଡବାଟାକୁ ଭଣ୍ଡାଳି ପକାଇଲା, ମୁଢ଼ି ପୋଷେର ଆଶାରେ ! କାଲିଠୁ ସରି ସଫା ହେଇ ପବନରେ ହାମୁଡେଇ ପଡ଼ି ଥିଲା ଡବାଟା । ଶ୍ୟାମ ସାହୁ ନିସ୍ୱ ହେଇଗଲା ?

ଛାଇ ନିଦ ଲାଗିଆସୁଚି । ଭଙ୍ଗା ଝର୍କାଦେଇ ବର୍ଷାର ଛିଟା ତିନ୍ତାଉଚି କଞ୍ଚା ହୃଦୟ ! କିଏ ଡାକ ଛାଡୁଚି - ହେଃ.. ହେଃ... ଶାମ, ପାପ କରିଚୁ ପାପ ! ପୁରସ୍ତମରୁ ଫେରୁଚି ମୁଁ । ନିର୍ମାଲ୍ୟ ଆଣି ଆଇଚି ସାଙ୍ଗରେ ! ଭୋଜି - ପଂଗତ ଦେବି ! ରଙ୍ଗଲତା ରଷିଚି ତାକୁ ବୁଝେଇବି ! ତୁ ଏବେ ହଟ୍ ଏଠୁ ! ଛାଡ଼ ମୋ ଜାଗା, ମୋ ସ୍ତ୍ରୀ, ମୋ ସଂସାର, ସଜନାଗଛ, ଗୁହାଳଘର, ଚାରି ଏକର ମାଳ-ମାମୁଲି ଜମି ଯା' ଡଙ୍ଗରକୁ ଲାଗିଚି । କେଉଁ ଅଧିକାର୍‌ରେ ନେଇଗଲୁ ? ଭୋଗୁଚୁ ତୁ !

କାନ ଡେରିଲା ସିଏ । ସୁ ସୁ ବତାସ ପରିକା ପବନ ବୋହୁଚି । ବର୍ଷାର ତୋଡ଼ରେ ଯେମ୍ତି ଭୋକ ସବୁ ଆଉଟି ପକଉଚି ପେଟା ରଙ୍ଗଲତା ଯେମ୍ତି ଧମକଉଚି - ବାଘଧରା କହିଥିଲି ତୋତେ । ମୋ କଳିଜାକୁ କାଟି ଦେବୁ ସିନା ଢ଼ିଅକୁ ଭାଗ କରିବୁ ନାହିଁ । କେଉଁ ମୋ କଥା ରଖିଲୁ ? ଏବେ ତୁ ହିଁ ଭୋଗୁଚୁ । ନିଅଁଶି ଢ଼ିଅ ଭୋଗିଲୁ... ନିସ୍ୱ ହୋଇଗଲୁ ! ମର୍ଦ୍ଦଟା ପୁରସ୍ତମରୁ ଫେରି ଆସିଥିଲେ ତୁ କିଏ, ମୁଁ କିଏ ? ଯା... ପଳା ଜୀବନଧରି ବନାବାବା ଆଶ୍ରମକୁ । ସେଇଠି ରୁହ ଅଲେଖ ଧର୍ମପାଳ, କୌପନୀ ପିନ୍ଧ, ମାଛ-ଶୁଖୁଆରୁ ଲୋଭ ହଟା । ସଞ୍ଜ ଆଗରୁ ଖା, ସେଇ ନିରାକାର ମହିମାକୁ ହାତ ଟେକିଦେ ମୁକ୍ତି ପାଇବୁ... ମୁକ୍ତି ।

ସେ ପୋଡ଼ାମୁହିଁ ଗୋରୀ ମାଇକିନିଆର ମୁହଁଟା ଜମା ହୃଦୟପଟକୁ ଆସୁନାହିଁ । ପିଲା ପାରିଲା ଠୁ କେତେ ଗୁମର ଖୋଲିଲା । ପୁଅକୁ ଦେଖାଇ କହିଥିଲା - ତୋ ବୋପାଟା ଶଳା ବେଧ - ଫଳ ! ବାପା ତ ତା'ର ଚଟକଳରେ ଥିଲା କଲିକତାରେ । ସେ ବୁଢ଼ୀ ଛୁଆ ବେଇଲା କେମିତି ? ତା' ବାପା କ'ଣ କମ୍ କି ? ସେପଟେ କଲିକତାରେ ରାଣ୍ଡ-ମାଇପ ଭୋଗିଲା ଯେ ଏପଟେ ଏ ବୁଢ଼ୀ ରୁଅରେ ଦଉଡ଼ି ଦେଇ ଝୁଲିଲା । ସବୁ ଗୁମର ଜାଣିଥିଲି ରେ । ମୁହଁ ଖୋଲୁନଥିଲି । ଆଉ ଏପଟେ ଏ ନାଗରକୁ ଦେଖ ଧୋବଣି ଘଇତା - ଛାଡ଼ି, ପାଖରେ ଭାବ ଯୋଡ଼ି ସୋହାଗ କଲା, ଆଉ ମୋତେ ଆଣି ନର୍କରେ ଘାଣ୍ଟିଲା !

ଦୁଇ ଜଣକୁ ତଉଲ କଲେ ରଙ୍ଗଲତାର ମୁହଁଟା ତୋଫା ଜହ୍ନ ପରି ପରିସ୍କାର ଦିଶେ । ଦେହର ରଙ୍ଗ କଳା ହେଲେବି ଆବୋରି ବସେ ଗୋଟାପଣେ ହୃଦୟ । ଗୋରୀ ମାତ୍ର ମୁହଁ ନେଫେଡ଼ି ଶେଷରେ କହିବ - ତୋ ଦେହଟା ଗନ୍ଧଉଚି... ଯା' ଭାଗ ସେ ଧୋବଣୀ ସାଙ୍ଗେ ରାସ କର... ରାସ !

ଶାମ ଆଉ ସେପଟେ ଶାଶୁ ଶ୍ୱଶୁର ଘର କେବେ ମାଡ଼ିନାହିଁ । ମାଇକିନା ବି ଯିବାକୁ ଆଉ ଜିଦି ଧରି ନାହିଁ କେବେ । ଏମିତି ସେଠି ତାଙ୍କର ଥିଲା କ'ଣ ? ସେଇ ଗୋରୀ ଚେହେରା ଦେଖି ବୋପା ଲୋଭରେ ପଡ଼ିଥିଲା । ହାତକୁ ଦିହାତ କରି ସେଇ କଲିକତା ଫେରିଗଲା ଯେ ତା'ର ଖୋଜ ଆଉ କିଏ ପାଇ ନଥିଲା । ଦାଦି କହୁଥିଲା କାଇଁ କେଉଁ କାଳୁ ମଲାଣି !

ଏ ପଟେ ମାମୁଁ ଘର ମୁହଁ ନେଫଡ଼ା ଦେଖ । ଆଉ ତା' ଦ୍ୱାରବନ୍ଧ ମାଡ଼ି ନାହାନ୍ତି । ମାମୁଁ, ମାଇଁ ଗଲେଣି କେଉଁ କାଳୁ । ଝିଅଟା ପାଟଣାଗଡ଼ରେ ଥଟାରି ଦୋକାନ ବାଲାକୁ ବାହା ହେଇ ସଂସାର କଲାଣି । ପୁଅଟା କଟକରେ ଓକିଲାତି କରୁଚି । ଟିଟିଲାଗଡ଼ରେ ସଂପତ୍ତି ଏବେ ନାହିଁ ଆଉ । ନାହିଁ ବି ମାମୁଁ - ମାଇଁଙ୍କ ଟିଟିଲଗାଡ଼ର ବସାଘର, ବଳଦ - ଶଗଡ଼, କାରବାଲି ସାବୁନ, ନେଲ ପଲିସ୍, ଖିରପିନି, ବିନ୍ଦୀର ଦୋକାନ । କେଉଁ କାଳୁ ହଜିଗଲାଣି ସେ ସବୁ ମନ ମଗଜରୁ ।

ଶାମ ସାହୁ ନିଧଡ଼କ ନିଦଟେ ଶୋଇବା ପାଇଁ ଚାହିଁ ଶୋଇ ପାରୁନାହିଁ । ଖଇନି ଜାକିଲା କଳରେ । ଲେଣ୍ଡେ ଛେପ ପକାଇଲା ଦୁଆର ଆଡ଼କୁ । କାନ୍ଥକୁ ଆଉଜି ହାଣ୍ଡିଏ ମୁତିଲା । ବର୍ଷାକୁ ଡରି ବାହାରି ନଥିଲା ପଦାକୁ । ଲାଇଟ୍ ଆସିଲାଠୁ ଡିବିରୀ କି ମହମବତୀଟେ ନାହିଁ ଘରେ । ମାଚିସ୍ ମାରି ବିଡ଼ିରେ ନିଆଁ ଧରାଇଲା । ହେଇ ସେପଟ ସଜନା ଗଛ ତଳ ଆଡ଼ ହେଇ କେହି ଜଣେ ଠିଆ ହେଇଚି ! କିଏ ?

ଛାଇଟା ଧିରେ ଧିରେ ବଡ଼ ହେଉଚି ପୁଣି ଛୋଟେଇ ଯାଉଚି । ଗେଣ୍ଡୁଗଛ ସବୁ ବଢ଼ି ଆସିଲାଣି । ରଙ୍ଗଣି ଫୁଲ କେଇଟା ଫୁଟିଥିଲା ଝଡ଼ି ଗଲାଣି । ସଜନା ଗଛରେ ଫୁଲ ସବୁ ଝଡ଼ି ବର୍ଷାରେ ମାଟି ଉପରେ ଥାକଟାଏ ଜମା ହେଲାଣି । କାହିଁକି ଆସୁଚି ସିଏ ? ଆସୁଚି ପୁଣି ଫେରି ପଡୁଚି । ସେ ପାଟିକଲା - ହେଃ... ନଟ ବୋଉ... ରୁଟି ଦୁଇପଟ... !

ନଟ ବୋଉ ଶୁଣିପାରୁ ନାହିଁ । ରାତିର ଛାତି ଚିରି ଭୋକର କୁହାଟ ସେଯାଏଁ ପହଞ୍ଚି ପାରୁନାହିଁ । ରଙ୍ଗଲତା ଥିଲା ବେଳେ ପେଟ କେବେ ଭୋକକୁ ଭେଟି ନଥିଲା ମୁହାଁମୁହିଁ । ରଙ୍ଗଲତା ରଷୁଚି । ରାଗୁଚି ରଙ୍ଗଲତା । ସଂପୁଚି ସଉତୁଣୀକୁ । ପାଟି କରୁଚି - ଦେ... ଦେ ଖାଇବାକୁ ଗିରସ୍ତକୁ । ଯୁବା ବୟସରେ ଦେହ ଭୋଗିଲୁ, ବୁଢ଼ା କାଳେ ପେଟ ଲୀଳା ବୁଝିଲୁ ନାହିଁ । ନର୍କ ଭୋଗିବୁ ଲୋ, ନର୍କ ଭୋଗିବୁ !

ନଟ ବୋଉ ମାତ୍ର ନର୍କ ଭୋଗେ ନାହିଁ । ଏବେ ବି ଗୋରା ଦେହଟା ଦପ୍‌ଦପ୍ କରେ ଯେମ୍ତି ପୁନେଇଁ ଚାନ୍ଦ ! ପାଟି ଭିତରେ ସୁବାସିତ ଧୂଳିଗୁଣ୍ଡିର ମହକିଆ ପାନ । ଚୁଆ-ଚନ୍ଦନର ବାସ୍ନା ଆସେ ।

କାନରେ ଏବେ ବି ଦାଉଦାଉ ଝୁଲୁଚି ରଙ୍ଗଲତାର ସନ୍ତକ। ବାଁ ହାତରେ ତିନିଟା ମୁଦି। ବେକ ପାଖରେ ଭରିଏ ସୁନାର ହାର। ପୁନେଇ ପର୍ବରେ ଖାଣ୍ଟି ଖିର, ଛେନା କଦଳୀ, ବେଲାଏ ହେବ ପେଟକୁ ଯାଏ।

ରକ୍ଷି ଯାଏ ରଙ୍ଗଲତା। ସେ ଥିଲେ ସଉତୁଣିର ଏତେ ଅଦୌତି କେଉଁ ସହନ୍ତା ଯେ? ଘୋଷାଡ଼ି ଆଣି ତଣ୍ଟିଚିପି ସର୍‌ସର୍ ରକ୍ତ ପିଇଥାନ୍ତା। ଧକ୍କା ମାରି ଚିରି ଦେଇଥାନ୍ତା। ଗିରସ୍ତର ପୋଷ ପୋଷ ରକ୍ତ ତ ଦିହକୁ ନେଇଚି ଯୁବାକାଳେ, ଏବକୁ କାଇଁ ହିନିମାନ?

ମୁନା ପୁରୋହିତ କହିଥିଲା ତ ଏ ଅଦୌତିରୁ ମୁକ୍ତି ପାଇଁ ମହିମା ଧର୍ମ ନିଅ... ସଂସାର ଛାଡ଼। କୌପିନ ପିନ୍ଧ ଆଉ ହାତ ଟେକି ଦିଅ ଉପରକୁ! କିଏ ଜଣେ ଅନ୍ଧାର ଠେଲି ଡାକିଲାଣି 'ମହିମା ଅଲେଖ... ଅଲେଖ ମହିମା'! କେଉଁଠୁ ଗୋଟେ ଖଂଜଣିର ଉଚ୍ଚାଟ ଡାକ ଶୁଭୁଚି। ଝଡ଼ ବର୍ଷାରେ ବି ସ୍ୱରଟା ଲିଭିଯାଉନାହିଁ।

ହଁ ବିନା ବା'ଜି ଅଲେଖ ଧର୍ମ ପାଳୁଚି। ସ୍ତ୍ରୀ ସହ ଗାଁ ପଛକୁ ମଠ ତିଆରିଚି। ଏବକୁ ତା ପାଖରେ ପରଂଶ ସରିକି ଚେଲା। ଅଖଣ୍ଡ ଧ୍ୱନୀ ଆପନା କରିଚି। ଏବେ ବି ବିନା ବା'ଜିର ସ୍ୱରଟା ପବନରେ ଥରିଥରି ଯାଉଚି। ଭୀମ ଭୋଇ କବିତାରୁ ଦି'ପଦ ଉତୁରି ଆସିଲା ତା ଓଠରୁ – 'ବୁଲୁ ଥାଇ ବନେ ନୀତି ପ୍ରତି ଦିନେ ବସ୍ତାକୁ ସଂଗତେ ଘେନି... କ୍ଷୁଧା ତୃଷା କଲେ ଜୀବନ ବିକଳେ ପିଉଥାଇ ଝରପାଣି।'

ଆହା... ବାଲୁତ ବୟସରୁ କଷ୍ଟ ସହି ବନସ୍ତେ ଗାଈ ଚରାଇ ଭୀମ ଭୋଇ କବି ବୋଲାଇଲେ। ସଂସାର କରିବି ମହିମା ଧର୍ମ ପାଳିଲେ। ସେ ହାତ ଟେକି ଦେଲା ଉପରକୁ। ତା ପାଟିରୁ ଆପଣା ଛାଁ ବାହାରି ଆସିଲା – ଅଲେଖ ମହିମା... ମହିମା... ଅଲେଖ।' ତୁଇ ଏକା ସାହା ନିରାକାର।

ସକାଳକୁ ଝଡ଼ିବର୍ଷା ଆଉ ନଥିଲା, ତଥାପି ହାଣ୍ଡିଏ ହେବ କଳା ବାଦଲରେ ଦଲ୍‌ଦଲ୍ କରୁଚି ଆକାଶ। ବିଲ କେଉଁଟା ନଈ, ପୋଖରୀ କେଉଁଟା ବୁଝିହେଉନି। ଶ୍ୟାମ ସାହୁର କବାଟ ଠିଆ ମୁକୁଳା, ଘରେ କେହି ନାହିଁ। ମୂତ ଗନ୍ଧରେ ବାରଣ୍ଡା ତଳ ଗନ୍ଧେଇଯାଇଛି। ଚିରାଫଟା କପଡ଼ା ଛଡ଼ା ଆଉ ସବୁ ନିଜ ଜାଗାରେ ସେମିତି ପଡ଼ିଚି। ମୂଢ଼ୀ ଟିଣ ପବନରେ ଉଡ଼ି ଅଜାଗାରେ ପଡ଼ିଚି।

ପୁଅ ପାଟି କଲା। ମା ଦୌଡ଼ି ଆସିଲା। କ'ଣ ହେଲା? ବାପା ନାହିଁ ଘରେ। ମେଘ ଅନ୍ଧାର ରାତିରେ ମଣିଷଟା ଅଥଳ ଥଳ ଲଂଘି ଗଲା ତ ଗଲା କୁଆଡ଼େ?

ଘରି ଚଉତା କାଗଜ ଖଣ୍ଡେ। କେବେଠୁଁ ଲେଖା ହେଇଥିଲା ଜଣାନାହିଁ। କାଲି ରାତିର ଚିଠିତ ନୁହେଁ ଇଏ। ଅନ୍ଧାର ରାତିରେ ସତୁରୀ ପାଖ ବୁଢ଼ା ମଣିଷ କ'ଣ ଲେଖି ପାରେ ବେଦନା? ଖୁବ୍ ପୁରୁଣା ଚିଠି। ବୋଧେ ଯେବେଠୁଁ ଦରଦ୍ ଭୋଗିଚି ସେବେଠୁଁ ଲେଖିଚି ଯେ...!

ପୁଅ ଚିଠି ଖୋଲିଲା। ତାକୁ ଇ ସମ୍ବୋଧିଚି। ମୁଁ ଯାଉଚି ବାଇନ ଭୀମ ଭୋଇର କବିତା ମୋତେ କଷ୍ଟ ସହିବା ଶିଖାଇଲା ଆଉ ମୁକ୍ତିର ବାଟବି ବତେଇ ଦେଲା। ହଁ ଖବରଦାର୍ ତା ସଂପତ୍ତିରେ ହାତ ମାରିବ ନାହିଁ। ରୋଜ ଆସି ସଜନା ଗଛ ମୂଳେ ଠିଆ ହେଇ ମୋତେ ଧମ୍‌କେଇଚି! ଭାଙ୍ଗି ଦେବ ନାହିଁ ତା ଘର, ତା ବାରଣ୍ଡା ତା ଓଳିତଳ। ଉପାଡ଼ି ଫିଙ୍ଗି ଦେବ ନାହିଁ ମଲ୍ଲି ରଂଗଣି, ଅଶୋକ ଗଛ। ସେ ବଇଚି ତା ଗିରସ୍ତକୁ ଜଗିଚି! ସେ ଫେରି ପାରେ ଆଜି ନ ହେଲେ କାଲି!

ତା ଅମାନତ୍ ତୁମକୁ ଲାଗିଲା। ତୁମର ଗୁହ-ମୂତ ଧୋଇଚି, କାଖରେ ଜାକିଚି, ଅମୃତ ନ ପିଆଇଲେ ବି ମମତା ଦେଇଚି ଛାତି ଚିରି! ହୁସିଆର ତା କଲିଜାକୁ କାଟି ଦେବ ନାହିଁ। ଅଛି ସିଏ... ଏବେ ବି... ଏଇଠି କେଉଁଠି!

ମା ପଚରିଲା – କ'ଣ ଲେଖିଚି? ପୁଅ ରାଗିପାଚି ଲାଲ୍। ବେଧୁଆର ସୋହାଗ ଯାଇନାହିଁ! ଏବେ କୁଆଡ଼େ ଧର୍ମ ପାଳିବ... ଧର୍ମ? ଯାଉ କଣ୍ଟା ଗଲା, ଶଳା ବୁଢ଼ା! ଆଣ'ତ ଟାଙ୍ଗିଆ କାଟି ଫୋପାଡ଼ି ଦିଏ ସଜନା ଗଛ। ଶଳା ବୁଢ଼ା ସେଇ ଗଛକୁ କଦମ୍ବ ଗଛ ଭାବି ତାରି ଛାଇରେ ରାସ ଲଗାଇ ଥିଲା। ବୋପାର କାହାଣୀ ଶୁଣିଲେ ଲୋକଙ୍କ ପାଖରେ ମୁଣ୍ଡଟା ତଳକୁ ହେଇଯାଏ! ଆଜି ହିଁ ସବୁ ସଫା କରି ଦେବି। ଘର ଭାଙ୍ଗିବି, ସଜନା ଗଛକୁ ମୂଳରୁ ତାଡ଼ିବି...!

ଠୋ'କି ଗୋଟେ ଚଟ୍‌କଣି ପକାଇଲା ମା' ପୁଅକୁ। ଏବେ ବି ଦଲକାଏ ଅଣ୍ଡା ପବନ ଝଡ଼ଝଡ଼ ପରି ଲାଗିଲା। ମା ପାଟିକଲା – ଖବରଦାର ସେ ଗଛକୁ ଛୁଇଁଲେ। ମୋ ମଲା ମୁହଁ ଦେଖିବୁ!

ଲୋକ ଡକା। ନୂଆଁ ବାଉଁଶ ବାଡ଼େଇ ଖପର ପଲଟାଇ ଦେ। ଲାଲ୍ ମାଟିରେ ଲିପି ଦେ କାନ୍ଥ। ବାପା ଶୋଉଥିବା ଖଟରେ ମୋ ବିଛଣା ପକା... ମୁଁ ଶୋଇବି ସେଇଠି! ସେ ଆସିବା ଯାଏଁ... ତା ଅମାନତ ଜଗିବା ଦାୟିତ୍ୱ ଆଜିଠୁଁ ମୋର!

❖❖❖

# ନନ୍ଦିନୀ



ISSN-2583-6978
Volume-3
Issue-8
AUGUST-2023

**ସରୋଜ ଦାସ**

**କ୍ଷେତ୍ରୀୟ କାର୍ମିକ ପ୍ରବନ୍ଧକ,**
**ଏମ୍. ସି. ଏଲ୍., ତାଳଚେର ଏରିଆ, ଡେରା, ତାଳଚେର- ୭୫୯୧୦୩**
**ମୋ : ୯୪୨୪୨୫୫୪୬୭**

ଟିନିମାଉସୀ କହିଲା : କାଲି ଆମକୁ ଦେଖେଇବୁ ସିନେମା ? ବଢିଆ ସିନେମା ପଡିଛି ହଲରେ । 'ପ୍ରେମ ରୋଗ । କି ବାଜେ ନାଁ ଫିଲ୍ମର ! ପୁଣି ମାଉସୀ ସାଙ୍ଗରେ ଏମିତି ଫିଲ୍ମ ? ମୁଁ ଟିକେ ଦ୍ୱନ୍ଦରେ ପଡିଗଲି ।

ଟିନି ମୋ କଜିନ୍ ମାଉସୀ(ମା ର କକା ଝିଅ ଭଉଣୀ ) ହେଲେ ବି ମୋର ସମବୟସ୍କା । ମୁଁ ସେତେବେଳେ ତାଙ୍କ ଘରେ ରହି ଗ୍ରାଜୁଏସନ କରୁଥାଏ । ହଷ୍ଟେଲରେ ସିଟ୍ ମିଳିଥିଲେ ବି ସିଫଟ କରି ନ ଥାଏ । ମୋତେ ଚୁପ ରହିବାର ଦେଖି ସେ କହିଲା : ତୁ ଏଇଟା ଆଜେବାଜେ ଫିଲ୍ମ ଭାବୁଛୁ କି ? ମହାନ୍ ନିର୍ଦ୍ଦେଶକ ରାଜକପୁରଙ୍କ ନିର୍ଦ୍ଦେଶିତ ଫିଲ୍ମ । ହିରୋ କିଏ ଜାଣିଛୁ ? ରିଶି କପୁର୍ । ମୋ ଫେଭରିଟ୍ । ଆଉ ହିରୋଇନ୍, ତୋ ଫେଭରିଟ୍ : ପଦ୍ମିନୀ କୋହ୍ଲାପୁରୀ ।

ଫିଲ୍ମ ଉପରେ ଟିନି ମାଉସୀର ପ୍ରବଳ ଜ୍ଞାନ । ବହି ଭିତରେ ଲୁଚେଇ ଲୁଚେଇ ଫିଲ୍ମ ମାଗାଜିନ୍ ପଢେ । ସାଙ୍ଗ ମାନଙ୍କ ସାଙ୍ଗରେ ହିରୋ ଆଉ ହିରୋଇନଙ୍କ ରୁପ, ଢଙ୍ଗ ଆଉ ଦିନଚର୍ଯ୍ୟା କୁ ନେଇ ଯାବତୀୟ ଆଲୋଚନା କରେ । ମାସରେ ଯେମିତି ହେଉ ଦୁଇ ତିନିଟା ଫିଲ୍ମ ଦେଖିବାର ପ୍ଲାନିଂ କରେ । ଆଉ ସଫଳ ବି ହୁଏ ।

ମୋତେ ତଥାପି କନଭିନ୍ସ ନ ହେବାର ଦେଖି, ସେ ତାର ଶେଷ ଅସ୍ତ୍ର ପ୍ରୟୋଗ କଲା ।ମୋ କାନ ପାଖରେ ଫୁସଫୁସ କରି କହିଲା : ଆମ ସାଙ୍ଗରେ ମୋ କ୍ଲାସମେଟ ନନ୍ଦିନୀ ବି ଯିବ । ତା ଫଟୋ ମୁଁ ଥରେ ତୋତେ ଦେଖେଇଥିଲି । ମନେଅଛି ?

ମନେପଡିଲା, ସେଇ ଗୋରା ତକତକ ଚେହେରାର ପତଳି ଝିଅର ଛବି । ଟଣା ଟଣା ଆଖି । ମଲ୍ଲି ଫୁଲିଆ ହସ । ଆରେ ବାଃ, ତା ହେଲେ ତ ବଢିଆ କଥା ! ମୁଁ ଟିକେ ଭାବନା ରାଇଜକୁ ପଶିଯିବାର ଦେଖି ସେ କହିଲା : ଜାଣିଛୁ ? ସେ ତୋତେ ଭେଟିବାକୁ ଚାହେଁ ।

: ମୋତେ ? କାହିଁକି ? ମୁଁ ତ ତାକୁ ଚିହ୍ନିନି କି କଥା ବି ହେଇନି । ମୁଁ ଟିକେ ଥଥମମ ହେଇ କହିଲି ।

: ମୁଁ କହିଛି ତାକୁ ତୋ ବିଷୟରେ । ତୁ କେତେ ଭଲ ପଢୁ, ତୋର ଲିଟରେଚର ସବଜେକ୍ଟ କେତେ ଭଲ ହୁଏ । ଓଡିଆରେ ପଚସ୍ତରୀ ପର୍ସେଣ୍ଟ ମାର୍କ ରଖିବା କଣ ସହଜ କଥା ? ତୋ ଠୁ ଓଡିଆ ନୋଟ ନେଇ ଦେବି ବୋଲି ବି ତାକୁ କହିଦେଇଛି ।

ମୁଁ ମନେମନେ ଖୁସି ହେଇଗଲି । ଏଇ ମଉକାରେ ଯଦି ଜଣେ ଗାର୍ଲଫ୍ରେଣ୍ଡ ମିଳିଯାଏ, କ୍ଷତି କଣ ?

ମାଉସୀ ମୋ ମନକୁ ଜଳଜଳ କରି ପଢିନେଲା । ଆଉ ତା ଶେଷ ହୁକୁମନାମା ଜାରି କଲା : କାଲି, ତା ହେଲେ ମ୍ୟାଟିନ୍ ସୋ ଫାଇନାଲ୍ । ଡିସି ନହେଲେ ବାଲକୋନିର ଟିକେଟ୍ କାଟିବୁ । ରୋଡ ସାଇଡ୍ ।

ଆଉ ମନା କରିହେଲାନି । ମନ, ପକ୍ଷ ଲଗେଇ ଉଡିବାକୁ ଆରମ୍ଭ କର ସାରିଥିଲା । ହେଲେ ଟିକେଟ ମିଳିବ କେମିତି ? ମାତ୍ର ତିନିଦିନ ହେଇଛି ଫିଲ୍ମ ରିଲିଜ ହେବାର । ସାଙ୍ଗ ଦେବୀଦତ୍ତ କୁ କହିଲି ଟିକେଟ ଯୋଗାଡ କରିବା ପାଇଁ । ସେ ହେଇଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଲା ।

ରାତିଯାକ ଭଲକରି ଶୋଇ ହେଲାନି । ନନ୍ଦିନୀ ଏକଦମ୍ ନିଦକୁ କବଜା କରି ନେଇଥିଲା । ଆଗ ଦେଖା ସାକ୍ଷାତ ହେଇଯାଉ । ତା ପରେ ଧୀରେ ଧୀରେ ସଂପର୍କ ବଢେଇଲେ ହେବ । ଦୁତୀ କାମ କରିବାକୁ ମାଉସୀ ତ ଅଛି । ଆଉ ଚିନ୍ତା କଣ ?

ଟିକଟ ମିଳିଗଲା ବାଲକୋନି ର ଫିଫ୍ଥ୍ ରୋ ରେ । ଭଲ

ହେଲା । ଟିକେ ପଛକୁ ହେଲେ ସହଜରେ କାହାର ନଜର ପଡିବନି । ଧିମା ସ୍ୱରରେ କଥାବାର୍ତ୍ତା କରିହେବ ।

ସୋ ଆରମ୍ଭ ହେବାର ଅଧଘଣ୍ଟା ଆଗରୁ ମୁଁ ଫିଲ୍ମ ହଲ୍ ଆଗରେ ହାଜର ହେଇ ଟହଲ ମାରିଲି ।ମନରେ ଅସଂଖ୍ୟ ଉଦବେଳନ । ହଲ୍ ଆଗରେ ଅଟକୁ ଥିବା ପ୍ରତିଟି ରିକ୍ସା ଆଉ ଟେମ୍ପୋ କୁ ନିରୀକ୍ଷଣ । ସେମାନେ ଜଲଦି ଆସୁନାହାନ୍ତି କାହିଁକି ?

ସିନେମା ଆରମ୍ଭ ହେବାର ଜଷ୍ଟ ପାଞ୍ଚ ମିନିଟ୍ ଆଗରୁ ସେମାନେ ପହଞ୍ଚିଲେ । ରିକସାରୁ ଓହ୍ଲେଇ ମାଉସୀ ତାର ଛଅଁାଣ ଆଖିରେ ମୋତେ ଗୋଟେ ମିନିଟ ଭିତରେ ଖୋଜିନେଲା । ପାଖରେ ପହଞ୍ଚି କହିଲା : ଜଲଦି ଚାଲ । ଡେରି ହେଇଗଲାଣି । ସିନେମା ଆରମ୍ଭ ହେଇଯିବ ।

ମୁଁ ତେରଛା ନଜରରେ ନନ୍ଦିନୀକୁ ଚାହିଁଲି । ସେ ନୀରବରେ ଟିନିମାଉସୀକୁ ଅନୁସରଣ କରୁଥିଲା । ମୋ ଆଖି ସହିତ ଆଖି ମିଶିବାରୁ ଟିକେ ଫିକ କିନା ହସିଦେଲା । ମୁଁ କୃତ୍ୟ କୃତ୍ୟ ହେଇଗଲି ।

ହଲ ଭିତରେ ଅନ୍ଧାର । ଟ୍ରେଲର ଆରମ୍ଭ ହେଇ ଯାଇଥିଲା । ପଏଣ୍ଟମ୍ୟାନ ଟର୍ଚ୍ ଆଲୁଅରେ ସିଟ ଦେଖେଇଦେଲା । ମାଉସୀ ମୋତେ ଭିତର ପାଖ ସିଟରେ ବସିବାକୁ କହିଲା । ମଝିରେ ସେ ବସିଗଲା, ଆଉ ରୋଡ ସାଇଡକୁ ନନ୍ଦିନୀ ।

ମୁଁ ଫିସ୍‌ଫିସ୍ କରି ମାଉସୀକୁ ପଚାରିଲି : ତମେମାନେ ତ ଅଧଘଣ୍ଟା ଆଗରୁ ଆସିବା କଥା । ଏତେ ଡେରି କରିଦେଲ ଯେ !

' ଆରେ ଏଇ ନନ୍ଦିନୀ ପାଇଁ ଡେରି ହେଇଗଲା ପରା । ତାଙ୍କ ଘରେ ଅଚାନକ ଗେଷ୍ଟ ପହଞ୍ଚି ଗଲେ । ସେ ଆସି ପାରି ନ ଥାନ୍ତା । ବହୁତ କଷ୍ଟରେ ମିଛ କହି ଖସିକି ଆସିଛୁ ।' ମୋତେ ଲାଗିଲା, ମାଉସୀ ଯେମିତି ମୋ ପାଇଁ ଏ କୈଫିୟତ୍, ଆଗରୁ ରେଡି କରି ରଖିଥିଲା ।

ମାଉସୀର ଏଇ ଗୋଟେ ଗୁଣ ମୋତେ ଭଲ ଲାଗେନି । ଶେଷ ମୁହୂର୍ତ୍ତ ଯାଏ ନିଜ ଇଚ୍ଛା ମୁତାବକ ପ୍ଲାନ ବଦଳେଇ ଚାଲିଥିବ ।

ସିନେମା ଆରମ୍ଭ ହେଇଯାଇଥିଲା । ଋଷି କପୁର ମେଞ୍ଚାଏ ଜିନିଷ ଧରି ଘୁରିବୁଲୁଛି ସେ ଘର ଭିତରେ । ହିରୋଇନ ର ବାହାଘର ହେଉଛି । ସେ ଗୀତ ଗାଉଛି : ୟେ ଗଲିୟାଁ ୟେ ଚୌବାରା, ୟହାଁ ଆନା ନା ଦୋବାରା । ହମ ତୋ ଗୟେ ପରଦେଶୀ । ତେରା ୟହାଁ କୋଇ ନେହିଁ ।'

ମୁଁ ଅନ୍ଧାର ଭିତରେ ନନ୍ଦିନୀକୁ ଚାହିଁଲି । ଗୋଟେ ସିଲହଟ୍ ଭିତରେ ଅପୂର୍ବ ଦେଖାଯାଉଛି ତା ମୁହଁର ସ୍କେଚ୍ । ଅନିନ୍ଦ୍ୟ । ଲାବଣ୍ୟବତୀ ।ଖୁବ ମନଧ୍ୟାନ ଦେଇ ଦେଖୁଛି ସିନେମା । ମୋ ଆଡକୁ କାଇଁ, ଥରଟେ ବି ତ ଚାହୁଁନି !

ମୁଁ ମନେ ମନେ ବିରକ୍ତ ହେଲି ମାଉସୀ ଉପରେ । ରାଜରାଣୀ ଭଳି ଆସି ବସିଗଲା, ମଝିରେ ! ତାକୁ ମୋ ପାଖ ସିଟଟା ଛାଡ଼ିଥିଲେ ହେଇ ନ ଥାନ୍ତା !

ବାରମ୍ବାର ମୋତେ ତା ଆଡକୁ ଅନଉଥିବାର ଦେଖି ବୋଧେ ମାଉସୀ ବୁଝିଗଲା ମୋ ମନକଥା । କାନପାଖରେ ଚୁପଚୁପ କହିଲା : ମୁଁ ବୁଝିବି ତୋ କଥା । ଏଇନେ ସାମ୍ନାକୁ ଚାହିଁ ସିନେମା ଦେଖ ।'

ମୁଁ ସ୍କ୍ରିନ୍ କୁ ଚାହିଁଲି । ଭାରି ବୋରିଂ ଲାଗୁଥିଲା ଷ୍ଟୋରି ଲାଇନ୍ । ହିରୋଇନ ର ବାହାଘର ହେଇଯାଉଛି । କିଛି ସମୟ ପରେ ସେ ପୁଣି ବିଧବା ହେଇଯାଉଛି । ନାୟକ ମନକଥା ମନରେ ରଖି ଏଆଡେ ସେଆଡେ ଘୁରିବୁଲୁଛି । ଏତେ ବିୟୋଗାତ୍ମକ କାହାଣୀର ନାମକରଣ ଠିକ୍ ହେଲାନି । ମହାନ୍ ନିର୍ଦ୍ଦେଶକ ରାଜକପୁର ଙ୍କ ତ ଏମିତି ଭୁଲ ହେବାର ନୁହେଁ । ବୋଧେ ତାଙ୍କ ପୁଅ ରଣଧୀର କପୁର ୟା ର ନିର୍ଦ୍ଦେଶନା ଦେଇଛନ୍ତି । ଫିଲ୍ମ ହିଟ ହେବା ପାଇଁ, ଖାଲି ବାପାଙ୍କ ନାଁ ଯୋଡି ଦିଆଯାଇଛି ।

ଇଣ୍ଟରଭାଲ ହେଇଗଲା । ହଲ୍ ଭିତରର ଆଲୁଅ ଜଳିଉଠିଲା । ଦୁଇଜଣ ସିରିୟସ ସିନେମା ଦେଖାଳିଙ୍କ ମୁହଁ କୁ ଚାହିଁଲି । ସେମାନେ ଖୁବ୍ ଭାବପ୍ରବଣ ଦେଖାଯାଉଥିଲେ ।

ମୁଁ ମିକ୍ସଚର ଆଉ ବାଦାମଭଜା ଆଣିବାକୁ ବାହାରକୁ ଚାଲିଗଲି । ଆସିବା ବେଳକୁ ଦେଖିଲି , ସିଟ୍ ଚେଞ୍ଜ ହେଇ ଯାଇଛି । ନନ୍ଦିନୀ ବସିଛି, ମୋ ପାଖ ସିଟରେ । ମୁଁ ଚୁପଚାପ ଦୁଇ ଜଣକୁ ବାଦାମଭଜା ଆଉ ମିକ୍ସଚର ପ୍ୟାକେଟ ଧରେଇ ଦେଲି । ଆଉ ନିଜେ ଭଜା ଚଣା ଖିଇବାକୁ ଆରମ୍ଭ କଲି ।

ହଲର ଆଲୁଅ ଲିଭିଗଲା । ଫିଲ୍ମ ଆରମ୍ଭ ହେଇଗଲା । ଏବେ ମୋ ପାଖ ସିଟରେ ନନ୍ଦିନୀ । ଚାହିଁଲେ, ମୁଁ ତାକୁ ଟିକେ ଛୁଇଁ ଦେଇ ପାରିବି । ହେଲେ କଣ କହି କଥା ଆରମ୍ଭ କରିବି ?

ଫିଲ୍ମ ଭଲ ଲାଗୁଛି ?' ମୁଁ ଧୀର କଣ୍ଠରେ ପଚାରିଲି । ସେଇ ଅନ୍ଧାର ଭିତରେ ସେ ମୋତେ ତେରଛା ନଜରରେ ଚାହିଁଲା । ତା ପରେ ହଁ କହିବା ଢଙ୍ଗରେ ମୁଣ୍ଡ ଟୁଙ୍ଗାରିଲା । ଆଉ ସ୍କ୍ରିନ୍ ଆଡକୁ ମୁହଁ ଫେରେଇ ନେଲା ।

ମୁଁ କହିବାକୁ ଚାହୁଁଥିଲି: ଆଜି ତମେ ବହୁତ ସୁନ୍ଦର ଦେଖା ଯାଉଛ । ତମ ଡ୍ରେସ ବି ବଢିଆ ହେଇଛି ।' ହେଲେ ଶବ୍ଦ ଗୁଡା ତଣ୍ଟି ପାଖରେ ଅଟକି ଗଲେ ।

ଟିନି ମାଉସୀ ଉପରେ ରାଗ ହେଉଥିଲା । ଫିଲ୍ମ ଆରମ୍ଭ ହେବାର ଟିକେ ଆଗରୁ ସିନା ତାକୁ ନେଇ ଆସିଥାନ୍ତା, ମୋତେ ଭଲକରି ପରିଚୟ କରେଇ ଦେଇଥାନ୍ତା; ତା ହେଲେ ଗପିବା ପାଇଁ ଏତେ ଅସହଜ ହେବାକୁ ପଡୁ ନ ଥାନ୍ତା ।

' ଆଚ୍ଛା, ଟିନି ମାଉସୀ, ଆଉ ତମର କଣ ଗୋଟେ କ୍ଲାସ ?' କିଛି ସମୟର ଗ୍ୟାପ୍ ପରେ ମୁଁ ପଚାରିଲି । ସେ ପୁଣିଥରେ ଅସ୍ତିବାଚକ ମୁଦ୍ରାରେ ମୁଣ୍ଡ ଟୁଙ୍ଗାରି ଦେଲା । ଆଉ କିଛି କହିଲାନି ।

ଧେତ୍, କି ବାଜେ ପ୍ରଶ୍ନ ମୁଁ ପଚାରୁଛି ! ୟାର ଉତ୍ତର ତ ମାଉସୀ ପାଖରୁ ବି ମିଳିଯିବ !

' ଆଚ୍ଛା, ମାଉସୀ ତମକୁ କଣ ସବୁ କହିଛି, ମୋ ବିଷୟରେ ?' ମୁଁ ତାକୁ ତା କାନ ପାଖରେ ଫିସଫିସ୍ କରି କହିଲି । ଏଇ ପ୍ରଶ୍ନର ଉତ୍ତରରେ ସେ ଯଦି କିଛି କହେ, ତେବେ ମୋ ବିଷୟରେ ତାର ଧାରଣା, ପରିଷ୍କାର ହେଇଯିବ ।

କିନ୍ତୁ ସେ କିଛି ଉତ୍ତର ଦେଲାନି । ଓଲଟା ପଛ ସିଟରୁ କେହି ଜଣେ ମୋତେ ଗାଡରେଇ ଚାହିଁଲା ପରି ମୋତେ ଲାଗିଲା । ବୋଧେ ମୋର କଥାବାର୍ତ୍ତା ପାଇଁ ଫିଲ୍ମ ଦେଖିବାରେ ଡିଷ୍ଟର୍ବ ହେଉଛି ।

ମୁଁ ଆଉ କିଛି ଆଉ ପଚାରିଲିନି । ଚୁପଚାପ୍ ଆଗକୁ ଚାହିଁ ସିନେମା ଦେଖିଲି । ରିଶିକପୁର ସାଇକଲ ଚଲଉଛି ମାଇଲ୍ ମାଇଲ ଲମ୍ବିଥିବା ଟ୍ୟୁଲିପ୍ ଫୁଲର ବଗିଚା ଭିତରେ । ସାମନାରେ ବସିଛି ହିରୋଇନ୍, ଆଉ ହସୁଛି ପ୍ରାଣଖୋଲା ହସ ଅନେକ ଦିନ ପରେ । ଆଉ ଗାଉଛି ' ଭମରେ ନେ ଖିଲାୟା ଫୁଲ୍ ; ଫୁଲ୍ କୋ ଲେ ଗୟା ରାଜକୁମାର ।'

ମୋତେ ଲାଗିଲା, ସ୍କ୍ରିନ୍ ଭିତରେ ମୁଁ ଯେମିତି ଚଲଉଛି ସାଇକଲ, ଆଉ ମୋ ସାଇକଲ ଆଗରେ ବସିଛି ନନ୍ଦିନୀ ! ଆଃ, କି ସୁନ୍ଦର ଏ ଦୃଶ୍ୟ ! ଆଃ କି ସୁନ୍ଦର ଏ ଫୁଲର ବାସ୍ନା ! ଠିକ୍ ଚମ୍ପା ଫୁଲ ପରି । ଟ୍ୟୁଲିପ୍ କଣ ଚମ୍ପା ଫୁଲ ପରି ବାସେ କି ?

ମୁଁ ବୋଧେ ବେଶି ଭାବପ୍ରବଣ ହେଇଗଲି । ଆମ ଦୁହିଙ୍କ ଭିତରେ ଥିବା ଚେୟାର ର ବାଡ ଉପରେ ନନ୍ଦିନୀର ହାତ । ମୁଁ ରଖିଦେଲି ତା ହାତ ଉପରେ ମୋ ହାତ । ଗୋଟେ ଅଦ୍ଭୁତ ଶିହରଣ ଖେଳିଗଲା ଦେହ ଭିତରେ । ଚମ୍ପା ଫୁଲର ବାସ୍ନା ପଶିଆସିଲା ମୋ ଦେହ ଭିତରକୁ ।

ସେ ଚଟକିନା ଚେୟାର ଭିତରକୁ ଘୁଞ୍ଚେଇ ନେଲା ତା ହାତ । ମୁଁ ବି ପ୍ରକୃତିସ୍ଥ ହେଲି । ଘୁଞ୍ଚେଇ ଆଣିଲି ମୋ ହାତ । ଲାଗିଲା, ଅଜାଣତରେ ଗୋଟେ ବଡ ଭୁଲ ହେଇଗଲା । ସିନେମା ସରିବା ଯାଏଁ କେହି ଆଉ ସେ ଚେୟାର ବାଡ ଉପରେ ହାତ ରଖି ନ ଥିଲୁ ।

ପିକଚର ସରିବାର ଦଶମିନିଟ ଆଗରୁ ସେମାନେ ସିଟ୍ ଛାଡି ବାହାରକୁ ଆସିଲେ । ମୁଁ ବି ପଛେ ପଛେ ଆସିଲି । ମାଉସୀ ଚଟାପଟ ଗୋଟେ ରିକସା ଡାକି ବସିଗଲା । ନନ୍ଦିନୀ ବି ତା ଅନୁଗାମୀ ହେଲା । ରିକସା ରାସ୍ତାର ମୋଡ ବୁଲିବା ଯାଏ ମୁଁ ଚାହିଁ ରହିଲି । ଭାବିଲି, ପଛ ପରଦାଟା ଟେକିଦେଇ ସେ ଟିକେ ହସିଦେବ, କି ବାଏ' କହିବ । କିନ୍ତୁ ସେମିତି କିଛି ଘଟିଲାନି ।

ରାତିରେ ଖାଇବା ବେଳେ ଟିନି ମାଉସୀ ମୋ ଶୁଖିଲା ମୁହଁ ଦେଖି ପଚାରିଲା : କିରେ, ତୋର ମୁଡ୍ ଅଫ୍ କାହିଁକି ? କଣ ଫିଲ୍ମ ଭଲ ଲାଗିଲାନି, ନା, ହିରୋଇନ୍ ପ୍ରଥମରୁ ବିଧବା ହେଇଗଲା ବୋଲି ସାଲିସ କରିପାରୁନୁ ?

ମୋ ରାଗ ସେତେବେଳ ଯାଏ ଥମି ନ ଥିଲା । ମୁଁ ତା କାନ ପାଖରେ ମୋର ଅବଦମିତ କ୍ଷୋଭ ଜାହିର କରିଦେଲି : ମୁଁ ଜାଣି ନ ଥିଲି, ତୋ ସାଙ୍ଗ ଏତେ ଗର୍ବୀ ଆଉ ଅହଙ୍କାରୀ ବୋଲି । ଧନ୍ୟବାଦ ଦେବା ତ ଦୁର କଥା; ତିନିଘଣ୍ଟା ଭିତରେ କଥା ପଦେ ବି ହେଲାନି !

ଟିନିମାଉସୀ ଏଥର ମୋ ମୁହଁକୁ ଚାହିଁଲା । କିଛି ସମୟ ଚୁପ ରହିବା ପରେ ଅବରୁଦ୍ଧ କଣ୍ଠରେ କହିଲା : ' ତୋତେ ଗୋଟେ କଥା କହିବାକୁ ଭୁଲି ଯାଇଥିଲି । ନନ୍ଦିନୀ କଥା କହି ପାରେନି ।ତାର ବହୁତ ଇଚ୍ଛା ଥିଲା ଏ ଫିଲ୍ମ ଦେଖିବାକୁ । ସେଇଥିପାଇଁ ତାଙ୍କ ଘରକୁ ଯାଇ, ମାଉସୀଙ୍କୁ ମିଛ କହି, ବାହାନା କରି, ତାକୁ ଆଣିଥିଲି ଏ ଫିଲ୍ମ ଦେଖେଇବାକୁ ।"

ମୁଁ ସ୍ତବ୍ଧ ହେଇଗଲି । ମୋତେ ଲାଗିଲା, ଗୋଟେ ଅତଳ ଗହ୍ୱର ଭିତରକୁ ମୁଁ ଖସିପଡୁଛି ଅଚାନକ ।

❖❖❖

# ଅଦୃଶ୍ୟ ନାୟକ



ISSN-2583-6978
Volume-3
Issue-8
AUGUST-2023

ଲଳିତ ମୋହନ ମିଶ୍ର

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଚନ୍ଦ୍ରଗିରି, ଗଜପତି ୯୪୩୭୯୮୫୮୬୬

ଜୀବନଟା ଏଠି ମିଛ ମାୟାର ସଂସାର । ଜୀବନଟା ଆଜି ଅଛି କାଲି କି ନାହିଁ । ଜୀବନ ପଥରେ କେତେବେଳେ ନୈସର୍ଗିକ ଆନନ୍ଦ ତ ଆଉ କେତେବେଳେ ନିଦାଘର ଦାରୁଣ ରୌଦ୍ରତାପ । ବାସ୍ତବରେ ଦୁଃଖ ନଥିଲେ ସୁଖର ଅସ୍ତିତ୍ୱ ନାହିଁ। ହାରିବା ନଥିଲେ ଜିତିବାର ଆନନ୍ଦ ନାହିଁ। ଅନ୍ଧକାର ନ ଥିଲେ ଆଲୋକର ସତ୍ତା ନାହିଁ। ରାତି ପରେ ଦିନ ଆଉ ଦିନ ପରେ ରାତି । ଦୁଃଖ ପରେ ସୁଖ ଆଉ ସୁଖ ପରେ ବି ଦୁଃଖ । ଏଣୁ ତ ଜୀବନର ଅନ୍ୟନାମ ସଂଘର୍ଷ ! ! ! ଖୋଜିବା ପାଇବା.... ଅଛି ନାହିଁ ର ସମ୍ମିଶ୍ରଣରେ ଆମ ଜୀବନ ! ବଞ୍ଚି ଶିଖିଲେ ଜୀବନ ହୁଏ ମଧୁମୟ। ଜୀବନରେ ଯେତେ ସୁଖ ମିଳିଲେ ବି ମନୁଷ୍ୟ ଅତୃପ୍ତ ଓ ଅଶାନ୍ତ । କାରଣ ଆଶା ପୂରଣ ହେଲେ ଏକ ନୂତନ ଆଶାର ସନ୍ଧାନ । ଅସରନ୍ତି ଆଶା, ଅସୁମାରି ସ୍ୱପ୍ନରେ ଏ ଜୀବନ । କେବେ ବି ମଣିଷ ଚରମ ତୃପ୍ତି, ଚରମ ସନ୍ତୁଷ୍ଟି ପାଏନି । ତେଣୁ ଏକୁଡି ନିଆଁରୁ ଜୁଇ ନିଆଁର ମଧ୍ୟବର୍ତ୍ତୀ ସମୟ ସବୁବେଳେ ଅଧୁରା । ଭାବିବାକୁ ଗଲେ ଆଶା ପଛରେ ଦୌଡି ନିରାଶାର ପଦଚିହ୍ନ ।

ଏମିତି କେତେ କ'ଣ ଭାବି ହେଉଥାଏ - ବସ୍ ଷ୍ଟପେଜ୍‌ର ଠିଆ ହୋଇଥିବା ତରୁଣିଟି। ଏଇତ ଶୁଭିଲାଣି ବିଜୁଳିର ଚମକୟ। ନବ ମୟୂରୀ ବି ନାଚିଲେଣି ଷଡ଼ଜ ଛନ୍ଦରେ । ସେ ନିଶ୍ଚିତ ଆସିବେ ତାଙ୍କର ପ୍ରୀତି ପିଆଲା ରେ ନିଜ ସମ୍ମୋହନୀ ଶକ୍ତିରେ ଭିଜାଇବାକୁ ମୋତେ । ମରୀଚିକା ସମଦୂରେ ତୁମେ କିମ୍ବା ଅଛ ? ତୁମ ବିନା ଚଲାପଥ ମୋର ହେଲାଣି ମରୁବାଲି ସମ। ଝାଉଁଳା ଗୋଲାପ ଧରି ଝୁରେ ତୁମକୁ ବ୍ୟାକୁଳ ଚିତ୍ତରେ । ହେ ଅଦୃଶ୍ୟ ପ୍ରେମିକା ! ମୋର ଝାଳ ଜରଜର ହେବଣି ଝିନବାସ, ତୁମ ଦାରୁଣ ନିଦାଘ ତେଜରେ। ତୁମ ଲାଗି ମୋର ଚିନ୍ତା ବଢ଼େ ଅଧାପୋଡା ମନରେ । ତୁମ ବିହୁନେ ମୋର ସ୍ପନ୍ଦନ ବଢ଼ିଲାଣି । ତୁମେ କଣ ଅନୁଭବି ପାରୁନାହଁ ? ଅଦୃଶ୍ୟରୁ ଦୃଶ୍ୟମାନ ହୁଅ । ଆଡ ରୁଷା ହେଜି ପଦ୍ମଗନ୍ଧା ସମ ପ୍ରବେଶ ମୋ ମନ ଉପବନରେ .. ..

ଗଜପତି ଜିଲ୍ଲାର ଅନ୍ତିମ ଏବଂ ଗଞ୍ଜାମ ଜିଲ୍ଲାର ପ୍ରାରମ୍ଭ। ପାହାଡ ଜଙ୍ଗଲ ଘେରା ପ୍ରାକୃତିକ ପରିବେଶ। ମନୋରମ ସୌନ୍ଦର୍ଯ୍ୟରେ ଭରପୁର ଏକ ସୁନ୍ଦର ମାର୍ଗ। ବ୍ରହ୍ମପୁର ସେଠାରୁ ପଚାଶ ଷାଠିଏ କିଲୋମିଟର । ଆଗକୁ ଗଲେ ତପ୍ତପାଣି ଉଷ୍ଣପ୍ରସ୍ରବଣ । ପଛରେ ଛାଡି ଦେଇଛି ଲୁହାଗୁଡି ଓ କମଳାପୁର । ପର୍ବତରାଜି ତଥା ଘନ ବନରାଜି ବେଷ୍ଟିତ ପ୍ରଶାନ୍ତ ରୂପ । ତପ୍ତପାଣିରେ ସୂର୍ଯ୍ୟୋଦୟ ସୂର୍ଯ୍ୟାସ୍ତ, ଜ୍ୟୋତ୍ସ୍ନାପ୍ଲୁତ ରଜନୀ, ଘନବନ କୁଞ୍ଜ ଅନ୍ତରାଳରୁ ଶୁଣାଯାଉଥିବା ପକ୍ଷୀକୁଳଙ୍କ କାକଳୀ। ବନ୍ୟ ପଶୁ ସମୂହଙ୍କ ଉପସ୍ଥିତି ତଥା ବନପ୍ରଦେଶ ଅନ୍ତର୍ଗତ ଆଦିମ ଆଦିବାସୀଙ୍କ ଗୀତନୃତ୍ୟ ବାଦ୍ୟର ତାନ। ଏହାର ପ୍ରାକୃତିକ ଶୋଭାକୁ ବହୁଗଣିତ କରେ । ଏହି ଦୃଶ୍ୟ ସମୂହ ବହୁ ପ୍ରକାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । କବି,ଲେଖକ, ପଣ୍ଡିତ, ଭାବୁକ ତଥା ବନଭ୍ରମଣକାରୀ ଏବଂ ନବ ଦମ୍ପତିଙ୍କୁ । ଏ ସମସ୍ତ ପ୍ରକାର ବ୍ୟକ୍ତି ବର୍ଷସାରା ଏହାର ଶୋଭା ଆହରଣ କରିଥାନ୍ତି।

ଲୁହାଗୁଡିରୁରୁ ପୋଡାମାରୀ ଆଡକୁ ଯାଇଛି ସୁନ୍ଦର ସର୍ପିଳ ରାସ୍ତାଟିଏ। ଦୁଇପଟେ ପାହାଡ ଓ ବୃକ୍ଷ ଲତା। ମଝିରେ ମଝିରେ ରାସ୍ତାଟି ବୃତ୍ତ ପରି ଘୂରି ପୁଣି ଆଗକୁ ଚାଲିଯାଇଛି। ଆଗକୁ ତପ୍ତପାଣି ଘାଟିଟି ଗଡିବାକୁ ହେବ। ଗଡାଣିଆ ରାସ୍ତା ଅତିକ୍ରମ କରୁଥିବା ଯେ କୌଣସି ଭାବୁକ ବ୍ୟକ୍ତି କୁ ଲାଗିପାରେ ଏ ତ ରାସ୍ତା ନୁହେଁ, ଗୋଟିଏ ସୁନ୍ଦର ଜଙ୍ଗଲି କବିତା ! ସେହି କବିତାକୁ ପଢ଼ି ପଢ଼ି ଆଗକୁ ଆଗକୁ ବଢିଚାଲିବାର ଅନୁଭୂତି ଖୁବ ନିଆରା ଓ ମଧୁର। ସେହି ବୃତ୍ତରେ ଛୋଟିଆ ବସ୍ ଷ୍ଟାଣ୍ଡଟେ । ସେଠାରୁ ଛୋଟିଆ ରାସ୍ତାଟେ ଲମ୍ବି

ଯାଇଛି ପାଦ୍ରିମା ଗାଁକୁ ।

ସେହି ବସ୍ ଷ୍ଟାଣ୍ଡରେ ଅତି ସୁନ୍ଦର ଲୋଭନୀୟ ବସ୍ତ୍ର ପରିଧାନ କରି ପ୍ରତିକ୍ଷାରତ କଳିକାଟି । ଯିଏ ସେ ରାସ୍ତାରେ ଯାଉଥିବ ନିଶ୍ଚିତ ଆଖିଟି ପଡିବ ତା ଉପରେ । ଦୂରରୁ ଲକ୍ଷ୍ୟକଲି ଏକାକୀ ତରୁଣୀଟିଏ ନିରବରେ ବସିଛି ଦ୍ୱିପହର ସମୟରେ । ତା' ଚାରିପଟେ ନିଃସଙ୍ଗ ପୃଥିବୀ ସମଗ୍ର ସତ୍ତାକୁ ଆବୋରି ବସିଛି। ଦୃଷ୍ଟି ତାର ଲମ୍ବି ଯାଇଛି ସୁଦୂର ପ୍ରାସାରୀ ମାର୍ଗକୁ । ପୁଣି କିଛି ସମୟ ପରେ ବିଚଳିତ ଭାବେ କେଉଁ ଏକ ଅଜଣା ରାଇଜରେ ମଗ୍ନ ରହୁଛି ନିରବରେ। ଦୂରରୁ ଥାଇ ଲକ୍ଷ୍ୟ କଲି , ପାଖକୁ ଗଲି । ତଥାପି ତରୁଣୀଟି ସମ୍ପୂର୍ଣ୍ଣ ଅବିଚଳିତ ଓ ନିର୍ବିକାର। ତାର ଏତାଦୃଶ ଆଚରଣରେ ସମ୍ମୋହିତ ହୋଇ ପଡ଼ିଲି ମୁଁ ।

ଫେରି ଆସିଲି ପଛକୁ । କିଛି ଦୂରରେ ଛିଡ଼ାହୋଇ ଲକ୍ଷ୍ୟକଲି ତା' ଆଡକୁ। ଯୌବନର ଅପୂର୍ବ କାଉଁରୀ ପରଶ ଲାଗିଛି ତା' ଦେହରେ। ଦୁଧ-ଅଳତା ରଙ୍ଗର କୋମଳ ଅଙ୍ଗରେ ସବୁଜ ରଙ୍ଗର ଶାଢ଼ୀକୁ କଫି ରଙ୍ଗର ବ୍ଲାଉଜଟି ଖୁବ୍ ଆକର୍ଷିତ କରୁଥିଲା । ଅଥଚ ତା' ଗୋରା ମୁହଁଟା କେମିତି କେମିତି ନିଷ୍ପ୍ରଭ ଦିଶୁଥିଲା। ତା'ର ନୀରବ ଦୃଷ୍ଟି ପୌଷର ଆକାଶ ପରି ଉଦାସ । ଶୀତଳ ପ୍ରସାରିତ ଏକ କରୁଣ ଅଭିବ୍ୟକ୍ତି। ମନେ ହେଉଥିଲା ସତରେ ତା' ମନର ସବୁ ଆନନ୍ଦ କି'ଏ ଯେମିତି ବହୁ ଦିନରୁ ପୋଛିଦେଇଛି।

ଏଥର ତରୁଣୀଟି ମୁହଁ ବୁଲାଇ ଏକ ବେଦନାଭରା ନରମ ଦୃଷ୍ଟିପାତ କଲା ମୋ' ଉପରେ। ପୁଣି ମୁହଁ ତଳକୁ କରି କଣ ଭାବିଲା – ଯାହା ସୁନ୍ଦର, ଯାହା ସତ୍ୟ; ଅସ୍ପଷ୍ଟ , ଯେଉଁଟା ଅନ୍ଧକାର। ଅସୀମ ଅନୁରାଗର ତୀବ୍ର ଆକର୍ଷଣରେ ଆକର୍ଷିତ ହୋଇ ଉଠିଲି ମୁଁ। ଯା'ହେଉ ତରୁଣୀଟି ସହିତ ଦି'ପଦ କଥାବାର୍ତ୍ତା ହେବାର ଖୋରାକ ପାଇଯାଇଛି ଭାବି ମନେ ମନେ ଖୁସି ହେଲି। ଆଉ ଟିକିଏ ପାଖକୁ ଯାଇ ମୁଗ୍ଧ କଣ୍ଠରେ ପଚାରିଲି – ଆପଣ କାହାକୁ ପ୍ରତୀକ୍ଷା କରିଛନ୍ତି କି ?

ଏଥର ତରୁଣୀଟିର ନୀରବ ଓଠରେ ଚେନାଏ ହସର ଢେଉ ଖେଳିଗଲା। ଫଗୁଣର ରଙ୍ଗୀନ କୃଷ୍ଣଚୂଡ଼ା ଭଳି ତା' ହସଟା ପ୍ରାଣବନ୍ତ ମନେ ହେଉଥିଲା। ତା' ଚଉଡା ଭ୍ରୂ ତଳର ଦୁଇଟି ଘନନୀଳ ଢଳ ଢଳ ଚକ୍ଷୁ ଚଉଡା କପାଳର କ୍ଷୁଦ୍ର କୁଙ୍କୁମ ବିନ୍ଦୁ ସହିତ ଦୋଳାୟିତ କଳାକୃଷ୍ଣ କେଶରାଶି ଅପୂର୍ବ ସୌନ୍ଦର୍ଯ୍ୟ ସୃଷ୍ଟି କରୁଥିଲା। ଯାହାକୁ ଦେଖିଲେ ଯେ କେହି ଆକୃଷ୍ଟ ହୋଇ ପଡିବା କିଛି ଅସ୍ୱାଭାବିକ ନୁହେଁ। ପୁଣି ଚାହିଁଲା ସେ ମୋ' ଆଡ଼କୁ। ଆତ୍ମବିସ୍ମୃତ ହୋଇ ପଡ଼ିଲି ମୁଁ ।

ପାଖକୁ ଯାଇ ପୁଣି ଥରେ ପଚାରିଲି – କାହାକୁ ଅପେକ୍ଷା କରିଛନ୍ତି କି ? କିଛି ସମୟର ନୀରବତା ପରେ ପ୍ରଥମେ ମୁଁହ ଖୋଲିଲା ସେ– ଉତ୍ତର ଦେଲା ଜଗାକାଳିଆ ବସ୍‌ଟି ପଳାଇ ଗଲା କି ? ଆଜି ଶନିବାର ତ ସେ ନିଶ୍ଚୟ ଆସିବେ ! ତେଣୁ ଅପେକ୍ଷା କରିଛି ? ସତରେ ସେ ଭାରି ଖାମଖିଆଲି ମଣିଷ । ଭାବିଲେ ନିଜକୁ ଦୁଃଖ ଲାଗୁଛି। ପୂର୍ବରୁ ଆଜି ପର୍ଯ୍ୟନ୍ତ ସଦାବେଳେ ଶନିବାରେ ଆସିବେ କହି ଆସୁ ନାହାଁନ୍ତି । ଏବେ କିନ୍ତୁ କେତେ ମାସ ହେଲା ନିରୁଦ୍ଦିଷ୍ଟ । ଅନ୍ତତଃ ସପ୍ତାହକୁ ତ ଥରେ ଦେଖା କରି ଗଲେ କ୍ଷତି କ'ଣ । ଅଭିମାନରେ ଫାଟି ପଡୁଥିଲା ତରୁଣୀଟି। ତା' ଚମ୍ପକ-ଗୋରା ମୁଖମଣ୍ଡଳ ହଠାତ୍ ରକ୍ତଶୂନ୍ୟ ହୋଇଗଲା ଭଳି ମନେ ହେଲା ମୋର। ମୁଁ ଭାବିଲି କିଛି ଦିନ ତଳେ ଜଗାକାଳିଆ ବସ୍ ଟି ଘାଟିରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ସେଥିରେ କେତେ ଲୋକ ଆରପାରିକୁ ଚାଲିଗଲେ । ଗାଡିଟି ତ ଆଉ ଚାଲୁ ନାହିଁ । ହେଲେ ଏ ଉତ୍ତର ଦେବା ପାଇଁ ଇଛା କଲି ନାହିଁ ।

ବାହାରୁ ଦେଖିଲେ କେତେ ପରିପୂର୍ଣ୍ଣ ଲାଗେ ତରୁଣୀଟି। ଅଥଚ ଭିତରେ ତାର କୁଢ଼ କୁଢ଼ ଶୂନ୍ୟତାର ପାହାଡ। କେତେ ନିଃସ୍ୱ ଜଣାପଡୁଛି ସତରେ ! ଜୀବନ-ବୀଣାରୁ ତାର ବୋଧହୁଏ... ସମସ୍ତ ସୁଖର ତାର ଗୁଡ଼ିକ ଛିଣ୍ଡିଯାଇଛି। ଜୀବନ ନାଟକରେ ସେ ପାଲଟି ଯାଇଛି ଯେମିତି ଜଣେ ଅସଫଳ ଅଭିନେତ୍ରୀ। ପୁଣି ନିଜକୁ ଯଥା ସମ୍ଭବ ସଂଯତ କରି ପଚାରିଲି – ଏଇ ବସ୍ ଟିର ଆସିବା ସମୟ ? ସେ କେଉଁଠୁ ଆସୁଛନ୍ତି ? କିଛି ନ କହି ନୀରବ ରହିଲେ ସେ । ତା'ପରେ ପୁଣି ଆରମ୍ଭ କଲେ। ଭୁବନେଶ୍ୱରରୁ ଆସୁଛନ୍ତି । ବ୍ରହ୍ମପୁରରୁ ଏହି ବସ୍‌ରେ ଆସିବେ । ସନ୍ଦେହରେ ରହିଲି । କିଛି ଜିଜ୍ଞାସାର ସହ ଆଗକୁ ଗାଡି ଗଡାଇଲି । ଦ୍ୱିପହର ସମୟ । ଆଗରେ ଗୋଟିଏ ଛୋଟିଆ ପାନ ଦୋକାନଟିଏ । ସେଠାରୁ କିଛି ତଥ୍ୟ ପାଇବି ଆଶାକରି ଦୋକାନ ଆଗରେ ଗାଡିଟି ରଖିଲି । ପାନ ଖାଇବାର ଉଦ୍ଦେଶ୍ୟ ନଥିଲେ ମଧ ପାନ ଖଣ୍ଡେ ମାଗିଲି ।

ଦୋକାନୀଟି ପାନ ଭାଙ୍ଗିବା ବେଳେ ପଚାରିଲି ସେ ମ୍ୟାଡାମ୍ କାହାକୁ ଅପେକ୍ଷା କରିଛନ୍ତି ? ପଚାରିଲେ କହୁଛନ୍ତି – ଜଗାବଳିଆ ବସ୍ ଗଲାଣି କି ? ଜଗାବଳିଆ ବସ୍‌ତ ଦୁର୍ଘଟଣା ହେବା ଠାରୁ ଆଉ ଚାଲୁ ନାହିଁ । ଦୋକାନୀଟି ଯାହା କହିଲା ବିଶ୍ୱାସ କରି ପାରିଲି ନାହିଁ। ସେ କହିଲା ମୟୁରୀ କଥା କହୁଛନ୍ତି କି.... ସେ ଯେଉଁ ଅପେକ୍ଷା କରିଛି ତ.... ତାକୁ ଏମିତି ଆପଣ ପ୍ରତି ଶନିବାରରେ ଦ୍ୱିପହର ସମୟରେ ସେଠାରେ ଅପେକ୍ଷା କରିବାର ଦେଖିବେ।

ମୟୁରୀର ବାପା ପାଦ୍ରିମାର ରାଜସ୍ୱ ନିରୀକ୍ଷକ। ମୟୁରୀ ଜଗନ୍ନାଥପୁର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ । କିଛି ବର୍ଷ ପୂର୍ବରୁ ସେ ଦିଗପହଣ୍ଡି ବ୍ଲକରେ ଚାକିରୀ କରୁଥିବା ମନ୍ମଥ ବାବୁଙ୍କ

ସହିତ ବିବାହ କରିବା ପାଇଁ ସ୍ଥିର ହୋଇଥିଲା । ଦୁଇ ପରିବାର ଭିତରେ ଭାରି ସମ୍ପର୍କ । ସୁଖରେ ଦୁହେଁ ଜୀବନ ଯାପନ କରିବେ ବୋଲି ଆଶା ବାନ୍ଧିଲେ । ଦୁହିଁଙ୍କର ନିର୍ବନ୍ଧ ଘର ହେଲା । ବିବାହ ତାରିଖ ସ୍ଥିର କରାଗଲା । ଦୁଇମାସ ପରେ ବିବାହ ହୋଇଥାନ୍ତା । ଏକ ଛୁଟିରେ ମନ୍ମଥ ବାବୁ ଏଠାକୁ ଆସିଥିଲେ । ହଠାତ୍ ସେଦିନ ସେ ଛାତିରେ ଯନ୍ତ୍ରଣା ଅନୁଭବ କଲେ । କେଉଁଠିକୁ ନେବେ କଣ କରିବେ ? ଏମିତି ଭାବି ଗାଡିଟିଏ ଡାକି ବ୍ରହ୍ମପୁର ନେଲେ । ବାଟରେ ହୃଦ୍‌ଘାତରେ ମନ୍ମଥ ବାବୁ ଆରପାରିକୁ ଚାଲିଗଲେ । ବୋଧହୁଏ ତାଙ୍କର ଆଗରୁ ହାର୍ଟ ପ୍ରୋବ୍ଲେମ୍ ଥିଲା । ବୈବାହିକ ଜୀବନର ଆଶା ମୟୁରୀର ଅଧୁରା ରହିଗଲା ।

ମୟୂରୀ ଭାଙ୍ଗି ପଡିଲା । କିଛି ଦିନ ସ୍କୁଲକୁ ଗଲା ନାହିଁ । ପୁଣି ଅଣ୍ଟା ସଳଖି ଠିଆ ହେଲା । ପାଦ୍ରିମାରେ ମୟୁରୀର ବାପା ବିଶ୍ୱନାଥ ବାବୁ ଘର କରିଛନ୍ତି । ତାଙ୍କର ଏକମାତ୍ର ଝିଅ ମୟୁରୀ । ପୈତୃକ ଘର ବ୍ରହ୍ମପୁରରେ । ବିଶ୍ୱନାଥ ବାବୁ ମୟୁରୀକୁ ଅନ୍ୟତ୍ର ବିବାହ କରିବାକୁ ଇଛା କଲେ କିନ୍ତୁ ସେ ରାଜି ହେଲା ନାହିଁ । ବାପା ମାଆ ଆଉ ସେତେ ବାଧ କରି ପାରିଲେ ନାହିଁ । ଏବେ କିଛି ଦିନ ହେବ ବିଶ୍ୱନାଥ ବାବୁ ଚାକିରୀରୁ ଅବସର ନେଲେ । ସେ ସ୍ୱାମୀ ସ୍ତ୍ରୀ କେବେ କେବେ ବ୍ରହ୍ମପୁରରେ ରହୁଛନ୍ତି ତ କେବେ କେବେ ପାଦ୍ରିମାରେ । ମୟୁରୀ କିଛି ଦିନର ବିରତି ପରେ ଫେସବୁକ ପ୍ରେମରେ ପଡିଗଲା ।

ଫେସବୁକରେ ପ୍ରଥମେ କଥା ଆରମ୍ଭ ହୁଏ ଅଜଣା ବ୍ୟକ୍ତିଙ୍କ ସାଥିରେ । ଧୀରେ ଧୀରେ ବଢିଚାଲେ ଚାଟିଂ, ତା'ପରେ ପ୍ରେମ । ପ୍ରେମରୁ ସମ୍ପର୍କ । ସମ୍ପର୍କ ନାମରେ ଶୀଳ ଅଶ୍ଳୀଳ । ସବୁ କିଛି ଫୋନ୍ ମାଧ୍ୟମରେ । ମୟୁରୀକୁ ଆକୃଷ୍ଟ କରିଥିଲା ଫେସବୁକରେ ଥିବା ନାଁ ଟି ଏବଂ ଫଟୋଟି । ପ୍ରୋଫାଇଲ ରେ ଥିଲା ଏକ ଷ୍ଟାଇଲିସ୍ ଯୁବକର ଛବି । ନାମ ତାର ମଳୟ । ଏମିତି ଜଣେ ବ୍ୟକ୍ତିତ୍ୱ ସହିତ ଏହି ବୟସରେ କି କଥା ହୋଇପାରେ ? ଇନବକ୍ସରେ ମୟୁରୀକୁ ମଳୟ ଭାରି ଭଲ ଲାଗିଲା । ପରେ ଫ୍ରେଣ୍ଡ ରିକ୍ୱେଷ୍ଟ ପଠେଇଥିଲା। ନିଜର ଏକାକିନୀ ଜୀବନର ବଡ଼ ଦୁଃସହ ହୋଇଯାଇଥିଲା ମୟୁରୀ। ଜଣେ ସୁନ୍ଦରୀ, ଶିକ୍ଷିତା, ସ୍ୱାବଲମ୍ବୀ ମହିଳା ଭାବରେ ଭାରି ଖାତିର ଅଛି ସମସ୍ତଙ୍କର । ହେଲେ ତାର ମନର ହୃଦୟର କଥା କାହାକୁ କହି ପାରେନା ! ଭାଗ୍ୟରେ ସେମିତି ଜଣେ ହେଲେ ସୁପୁରୁଷ ମିଳନ୍ତି ନାହିଁ ତାକୁ । ଯାହାକୁ ସେ ନିଜର ପ୍ରେମିକ ବୋଲି ଭାବିବ। ଯାହା ସହିତ ତାର ବିବାହ ସ୍ଥିର ହୋଇଥିଲା ସେ ଅଧା ରାସ୍ତାରେ ଛାଡି ଚାଲିଗଲା । ଏକା ଏକା ଦୁଃସହ ହୋଇ ପଡିଛି ଜୀବନ ।

ମନ୍ମଥ ଚାଲି ଯିବାର ଏହା ଭିତରେ କେତେ ବର୍ଷ ବିତିଗଲାଣି। ଅନ୍ୟ ସହିତ ନୂଆ ସଂପର୍କ ସୃଷ୍ଟି ହୋଇନାହିଁ ମୟୂରୀର ତାହା ନୁହେଁ। ଦଶବର୍ଷ ସାନ ହେବ ସହକର୍ମୀ ମନୋଜ ସହିତ ପ୍ରାୟ ମାସେ ଭଳି ସମ୍ପର୍କ ଥିଲା ମୟୂରୀର । କିନ୍ତୁ ମନୋଜର ବାହାଘର ପରେ ସେ ସମ୍ପର୍କ ଆଉ ଆଗକୁ ବଢେଇବା ପାଇଁ ଚାହିଁଲା ନାହିଁ ମୟୁରୀ । ମନୋଜ ନିଜ ତରୁଣୀ ସ୍ତ୍ରୀ କୁ ଛାଡି ଅନ୍ୟ ସହ ଦିନ କାଟିବାକୁ ସେ ଇଛା କଲା ନାହିଁ ।

ଫେସବୁକ୍ ଏକ ଭୟଙ୍କର ନିଶା ପାଲଟି ଯାଇଛି ମୟୂରୀର। ପ୍ରକୃତରେ କେବଳ ଫେସବୁକ୍‌ର ମୋହ ନୁହେଁ । ମଳୟ ପ୍ରତିଦିନ ପଠାଉ ଥିବା ମେସେଜ୍ । ମଳୟର ମେସେଜ୍ ରେ ବିଭୋର ହୋଇପଡେ ମୟୁରୀ । ସେ ମୟୁରୀ ସହ କେମିତି ଏକାଠି ରହିବ... ଜୀବନ ସାଥୀ କରିବ.... କେମିତି ତା ଦେହର ପ୍ରତିଟି ଅଙ୍ଗ ପ୍ରତ୍ୟଙ୍ଗକୁ ନିଜ ଓଠରେ ଚୁମି ତାକୁ ଅସ୍ଥିର କରିଦେବ ! ସେସବୁ ପଢ଼ିବା ତା ପାଇଁ ଏକ ପ୍ରକାର ନିଶା ପାଲଟି ଯାଇଛି । ଏଇ ନିଶା ତାକୁ ଅନ୍ୟ ଗୁଡ଼ାଏ ଅସ୍ଥିରତାରୁ ମୁକ୍ତି ଦେଇଛି । ରାସ୍ତା ଘାଟରେ ଚାଲୁଥିବା ବେଳେ ମୟୁରୀ କୌଣସି ପୁରୁଷକୁ ଲୋଭିଲା ଆଖିରେ ଦେଖିନାହିଁ। ମଳୟ ! ମୟୂରୀର ଦୈନନ୍ଦିନ ଜୀବନକୁ ଅନେକ ତୃପ୍ତ ଏବଂ ପୂର୍ଣ୍ଣ କରି ପାରିଛି ଫୋନ୍ ମାଧ୍ୟମରେ । ସେଥିପାଇଁ ସେ ମଳୟ ନିକଟରେ କୃତଜ୍ଞ ।

ଏବେ ସେମାନଙ୍କ ସମ୍ପର୍କ କେବଳ ଫେସବୁକ ରେ ହିଁ ସୀମିତ ନୁହେଁ । ଦୁଇ ମାସ ଧରି ପ୍ରାୟ ପ୍ରତି ଦିନ ଫୋନରେ କଥା ହେଉଛନ୍ତି ଦୁହେଁ । ଏଇ କେତେ ଦିନ ହେଲା ଭିଡିଓ ଚାଟିଙ୍ଗ କରି କିଛିଟା ହେଲେ ବି ମନ ଓ ଦେହର ଭୋକ ମେଣ୍ଟାଉଛନ୍ତି । ଦୁହିଁଜଣ ଜୀବନସାଥୀ ହେଲେ ଭାରି ଜମିବ । ଏହା ଠାରୁ ଭଲ ଯୋଡି ଆଶା କରିବା ଉଚିତ ନୁହେଁ । ମଳୟକୁ ଆସିବାକୁ ବହୁତ ଥର ଅଫର ଦେଇଛି ମୟୂରୀ ।ମଳୟ ପୂର୍ବରୁ କଥା ଦେଇଥିଲା ଆଗାମୀ ଶନିବାର ଦିନ ନିଶ୍ଚିତ ଯିବି । ଆନନ୍ଦରେ ଉଚ୍ଛୁଳି ଉଠିଥିଲା ମୟୂରୀ। ମଳୟକୁ ଛୁଇଁ ଦେଖିବାକୁ ଚାହେଁ ମୟୂରୀ । ଆଜି ଯାଏ ଫେସବୁକ ଓ ଫୋନ୍ ମାଧ୍ୟମରେ କଥା ହୋଇଛି ଦେଖିଛି । ଏଥର ପ୍ରଥମ କରି ପ୍ରତ୍ୟକ୍ଷ ଭାବରେ ଦେଖିବ ଅନୁଭବ କରିବ । ଯାହା ଯାହା ଭାବିଥିଲା ତାହା ସବୁ ସତ ହେବ । ଗୋଟେ ସପ୍ତାହର ଛୁଟି ପାଇଁ ଆବେଦନ କରିଛି ମୟୁରୀ । ଏଇ ପୁରା ସପ୍ତାହଟା ସେ ମଳୟ ସହ ବିତେଇବାକୁ ଚାହେଁ । ଏକାକାର କରି ଦେବାକୁ ଚାହେଁ ନିଜ ଦେହର ସ୍ୱେଦ ରକ୍ତ ଆଉ ଉତ୍ତାପକୁ ମଳୟର ମନ ସହ, ଦେହ ସହ ।

ତା'ପରେ ସାସାଂରିକ ଜୀବନ । ସପ୍ତାହେ ଛୁଟି କଥା ଶୁଣି ଆଜି ସକାଳେ ମନୋଜ ପଚାରୁଥିଲା - କଣ କୁଆଡେ ଯିବାର ଅଛି କି ?? ମୟୂରୀ କହିଲା ! ଯଦି ତୋ ବାହାଘର ନ ହୋଇ

ଥାନ୍ତା ଠିକ୍ ନେଇ ଯାଇଥାନ୍ତି ତୋତେ । ମଜା କରି କହିଲା ମୟୁରୀ। ମନୋଜ ପାଇଁ ତା ମନରେ ସେ ପୁରୁଣା ଆକର୍ଷଣ ଆଉ ନାହିଁ । ମୟୁରୀର ଅଜାଣତରେ ମଳୟ ଅନେକ ଦିନ ତଳୁ ମନୋଜର ସ୍ଥାନ ପୂରଣ କରିସାରିଛି । ମନୋଜର ବାହାଘର ପରେ ମଳୟ ଭଳି ଜଣେ ସୁପୁରୁଷର ବହୁତ ଦରକାର ଥିଲା ଜୀବନରେ । ଯିଏ ଆସି ତା' ଜୀବନର ସବୁ ଦୁଃଖ କଷ୍ଟ ଆଉ ପୁରୁଣା ସ୍ମୃତିକୁ ଭସେଇ ଦେଉ କେଉଁ ଗଭୀର ନଦୀର ପ୍ରଖର ସ୍ରୋତରେ। ବିଛୁଡି ଦେଉ ତା ଜୀବନରେ ସ୍ନିଗ୍ଧ ଶୀତଳ ଆଲୋକ। ସେ ଆଲୋକ ରେ ଆହୁରି ଉଜ୍ଜଳ ହୋଇ ଉଠୁ ସେ। ନୂତନ ଭାବରେ । ସତେ ଯେମିତି ଏଇ ମାତ୍ର ଜନ୍ମ ନେଇଛି। ସତେ ଅବା ଅତୀତ ବୋଲି କିଛି ନଥିଲା ତାର।

ତା ଆଡକୁ ଅନେକ ସମୟ ଧରି ଏକ ଲୟରେ ଚାହିଁ ରହି ମନୋଜ ! ପଚାରୁଥିଲା....

- ପୁଣି କାହା ପ୍ରେମରେ ପଡ଼ିଲ କି ?

- ଆଖି ଆଉ ମୁହଁ ବେଶ ଉଜ୍ଜଳ ଦିଶୁଛି ?

- ମିଠା ହସ ଧାରେ ହସି ମୟୂରୀ କହିଲା, ଘରେ ସବୁ ଠିକ ଠାକ୍ ଚାଲିଛି ତ ?

ମନୋଜର ଉତ୍ତରକୁ ଅପେକ୍ଷା ନକରି ମୟୁରୀ ଅଫିସରୁ ବାହାରି ପଡିଲା। ପ୍ରତିଦିନ ଅପେକ୍ଷା ଆଜି ଟିକେ ବେଳାବେଳି ବାହାରିଛି ଅଫିସରୁ ମୟୁରୀ। ଏବେ ତା ସମ୍ପୂର୍ଣ୍ଣ ଶରୀରରେ ମଳୟ। ସାରା ଦେହରେ କାମନାର ଢେଉ । ଶନିବାର... ଅଫିସରୁ ଫେରି ଗୁଣୁ ଗୁଣୁ ଗୀତ ଗାଉ ଗାଉ ବାଥରୁମ ରେ ସାୱାର ଖୋଲି ଅନେକ ସମୟ ଧରି ଗାଧେଇଛି। ତା ପରେ ଆଇନା ସାମ୍ନାରେ ଅନେକ ସମୟ ଧରି ନିଜକୁ ସଜେଇ ନେଇଛି। ଶୋଇବା ଘରଟା ସୁନ୍ଦର ଭାବେ ସଜେଇଛି। ବିଛାଣରେ ନୂଆ ଚାଦର ବିଛେଇ ଆଉ ଦୁଇଟା ତକିଆ ଆଣି ରଖିଛି ।

ତିନିକିଆ ବେଡ଼ରୁମ ମଧ୍ୟରୁ ମୟୂରୀର ଗୋଟିଏ ସ୍ୱତନ୍ତ୍ର ବେଡରୁମ। ତା ନିଜର ବ୍ୟକ୍ତିଗତ । ଗୋଟିଏ ଅତିଥିଙ୍କ ପାଇଁ। ଅନ୍ୟଟି ବାପା ମା'ଙ୍କର। କମଳା ଘରର ପୁରୁଣା ଭୃତ୍ୟ । ଘରର ଯାବତୀୟ କାମ ସେ ହିଁ କରେ। ବୟସରେ ମୟୁରୀ ଠାରୁ ଢେର ବଡ । ମୟୁରୀ ନିଜ ବଡ ଭଉଣୀ ପରି ଦେଖେ କମଳାକୁ। ତାହାର ଛୋଟିଆ ବଖରାଟେ ବାଡି ପଟକୁ ।

ଏଇ ସଜବାଜ ଦେଖି କମଳା ପଚାରିଲା ? ଆଜି କିଏ ଆସିବେ କି ?

- ହଁ ମଳୟ ବାବୁ ଭୁବନେଶ୍ୱରରୁ ଆସିବେ ।

- ତାହେଲେ........

- ହଁ ଆସିଲେ ଦେଖି ପାରିବ, ହସି ହସି ଉତ୍ତର ଦେଲା ମୟୂରୀ...

- ଦୁହିଁଙ୍କ ପାଇଁ ରାତ୍ରି ଭୋଜନ ନିମନ୍ତେ ମନ ମୁତାବକ ରୋଷେଇ କରିବା ଲାଗି କମଳାକୁ ପୂର୍ବରୁ କହିଛି । ଆଜି ପୂର୍ଣ୍ଣିମୀ । ବାହାରେ ପୂର୍ଣ୍ଣିମାର ସବୁତକ ଜ୍ୟୋତ୍ସ୍ନା ବିଛୁଡି ହୋଇ ପଡିବ ତା ଶୋଇବା ଘରେ। ଆଉ ସେଇ ଜ୍ୟୋସ୍ନା ରେ ସାରା ରାତି ଦେହ ଭିଜେଇ ସ୍ନାନ କରିବେ ଦୁହେଁ ମନ ଭରି । ଶୋଇବା ଘରେ ଜୁଇ ଫୁଲର ରୁମ ଫ୍ରେଶନର ସ୍ପ୍ରେ କରିଛି। ନିଜ ଦେହରେ ବି ପରଫିଉମ ମାଖିଚି। ଆଜି ବାଛି ବାଛି ନୀଳ ରଙ୍ଗର ଶାଢ଼ୀ ପିନ୍ଧିଚି ତା ସହ ଲୋ-କଟ ବ୍ଲାଉଜ ବି ଜାଣି ଶୁଣି ପିନ୍ଧିଚି। ବିଭିନ୍ନ ପ୍ରକାର ସୁଗନ୍ଧିତ ଦ୍ରବ୍ୟରେ ନିଜକୁ ବାସ୍ନାୟିତ କରିଛି । ମୁଣ୍ଡରେ କେଇଟା ଶ୍ୱେତ କେଶ ରାଶି କୁ ଢାଙ୍କିବାକୁ ଚେଷ୍ଟା କରି ସଫଳ ହୋଇଛି ସେ। ଆଜିର ଦିନରେ ବି ତା ଆକର୍ଷଣୀୟ ଦେହ ସାଙ୍ଗକୁ ମୁଣ୍ଡରେ କେତୋଟି ଧଳା ଚୁଟି ମାନେନା। ମଳୟ ସହ ସେ ସାତ ଦିନ କଟେଇବାକୁ ଚାହେଁ। ଏଇ ସାତଦିନ,ବୟସର ଚିହ୍ନ ସବୁ ମଝିରେ ଆସି ତାକୁ ବିବ୍ରତ କରୁ ସେତକ ସେ ଚାହେଁନି। ଘରକୁ ପ୍ରବେଶ କରୁ କରୁ ତାକୁ ଜାବୁଡି ଧରି ଆଙ୍କି ଦେବି ତା ଗଣ୍ଡ ଦେଶରେ କେତୋଟି ଚୁମ୍ବନ ଏହା ଭାବି ନେଇଛି । ମନେ ମନେ କଳ୍ପନା ରାଇଜରେ ଅଦ୍ଭୁତ ଆବେଗ ରେ ଆନ୍ଦୋଳିତ ହେଉଥିଲା ତା ଦେହ ମନ ।

ଅନେକ ଆଶା ଅନେକ ସ୍ୱପ୍ନ ଅନେକ କଳ୍ପନା ରାଇଜରେ ସେ ବୁଡି ଯାଇଛି । ଏମିତି କେତେ କଣ ଭାବି ଭାବି ବସ୍ ଷ୍ଟାଣ୍ଡରେ ପହଞ୍ଚି ଯାଇଛି ମୟୂରୀ । ବସ୍ ଆସିବାକୁ କିଛି ସମୟ ବାକି ଅଛି । ବ୍ରହ୍ମପୁରରୁ ବସିଲା ବେଳେ ମଳୟ ଫୋନ୍ କରିଥିଲେ । ଆଜି ତାଙ୍କର ମୟୁରୀ ସହିତ ହେବ ପ୍ରଥମ ଦେଖା । ମୟୂରୀ ପାଛୋଟି ନେବା ପାଇଁ ପ୍ରତୀକ୍ଷା କରିଛି । ବସ୍ ଆସିବାର ସମୟ ଗଡି ଗଲାଣି। ଯିଏ ସେ ରାସ୍ତା ଦେଇ ଯାଉଛି, ମୟୁରୀ ଉପରେ ଦୃଷ୍ଟି ନିକ୍ଷେପ ନ କରି ରହି ପାରୁ ନାହିଁ । ମୟୂରୀବି ସମସ୍ତଙ୍କୁ ବସ୍ ଆସିବା କଥା ପଚାରୁଛି ।

ପରେ ଜଣେ ଆସି କହିଲେ, ଘାଟିର କିଛି ଦୂରରେ ଜଗାବଳିଆ ବସ୍‌ଟି ଭାରସାମ୍ୟ ହରାଇ ଘାଟି ତଳକୁ ଖସିଗଲା । ସେଥିରୁ କିଛି ଯାତ୍ରୀଙ୍କୁ ବ୍ରହ୍ମପୁର ନିଆ ଗଲାଣି । ସାମାନ୍ୟ ଆହତ ଯାତ୍ରୀ ଅଛନ୍ତି । ମୃତ ଯାତ୍ରୀଙ୍କ ପରିଜନଙ୍କୁ ଯୋଗାଯୋଗ କରା ଯାଉଛି । ମୟୂରୀ ବ୍ୟାକୁଳ ହୋଇ ଦୁର୍ଘଟଣା ସ୍ଥଳକୁ ଯାଇଥିଲା । ସେଠାରେ ଯାଇ ଯାହା ଦେଖିଲା ଧୈର୍ଯ୍ୟ ଧରି ପାରିଲା ନାହିଁ । ସେହି ଦେହ ସେହି ମୁହଁ ରକ୍ତରେ ଯୁଡୁବୁଡୁ । ମୟୂରୀ ସେଠାରେ ପହଞ୍ଚିଲା ବେଳକୁ ମଳୟର ଜୀବନ ପ୍ରଦୀପ କେତେବେଳୁ ଲିଭି ଯାଇଥିଲା । ମୟୁରୀ

ସେଠାରେ ଯେମିତି ମାନସିକ ଭାରସାମ୍ୟ ହରାଇ ଦେଲା । କାହାକୁ କିଛି କହିଲା ନାହିଁ। ତାକୁ କେତେଜଣ ଲୋକ ଗାଡିରେ ଆଣି ଘରେ ଛାଡିଦେଲେ। ସବୁଦିନ ପାଇଁ ତାର ସେହି ହସ ଖୁସି ଲିଭି ଯାଇଥିଲା।

ବହୁଦିନ ବାୟାଣୀ ପରି ବୁଲିଲା । ବିଶ୍ୱନାଥ ବାବୁ କେତେ ଡାକ୍ତରଙ୍କୁ ଦେଖାଇଲେ । ଔଷଧ ପତ୍ର କଲେ । ଏବେ ସାମାନ୍ୟ ଅଛି କହିଲେ ଅତ୍ୟୁକ୍ତି ହେବନାହିଁ । ସ୍କୁଲକୁ ଯାଉଛି କିନ୍ତୁ ଶନିବାର ହେଲେ ଏଠାରେ ଆସି ଅପେକ୍ଷା କରୁଛି ।

କେତେ ବସ୍ ଆସୁଛି ଯାଉଛି କେଉଁ ବସ୍ ରେ ବି ମଳୟ ନାହିଁ। ପର ବସ୍ କୁ ଅପେକ୍ଷା କରି ରହିଛି ମୟୂରୀ ଏଥିରେ କାଳେ ମଳୟ ଥିବେ। ଚାହିଁ ଚାହିଁ ଦିନ ବାରଟାରୁ ସନ୍ଧ୍ୟା । ହେଲେ ପ୍ରତୀକ୍ଷାର ଅନ୍ତ ନାହିଁ । ଖରାଦିନ ଝାଳରେ ତା ଦେହ ଓଦା ହେଇଯାଇଥାଏ। ଝାଞ୍ଜି ପବନରେ ତାର ଖୋଲା ଚୁଟି ଫୁରୁଫୁରୁ ହେଇ ଉଡୁଥାଏ । ଆଉ ତାର କାନର ଝୁଲି ଝୁଲି ଗୋରା ଗାଲରେ ବାଜୁଥାଏ।

କିଛି ସମୟ ପରେ ସନ୍ଧ୍ୟା ହେବାକୁ ଯାଉଛି । ଧୀରେ ଧୀରେ ବସ୍ ଆସିବା ବନ୍ଦ ହେଇଗଲାଣି । ଦୋକାନୀଟି ଆସି କହିଲା - ଆଲୋ ମା ! ଆଉ କେତେ ସମୟ ଯାଏ ଅପେକ୍ଷା କରିବୁ ଘରକୁ ଚାଲିଯା । ସନ୍ଧ୍ୟା ହେବାକୁ ଯାଉଛି ।

ନାଇଁ ମ ମଉସା ଆଉ ଟିକେ ପରେ ଚାଲିଯିବି।

ସେବେଠୁ ଆଜି ଯାଏ ଶନିବାର ସକାଳ ବାରଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବସ୍ ଷ୍ଟାଣ୍ଡ କୁ ଆସେ । ଆଉ ସନ୍ଧ୍ୟା ହେଲେ ଘରକୁ ଚାଲିଯାଏ । ପ୍ରେମର ମାନେ ପ୍ରତୀକ୍ଷା ବୋଲି ନିଜ ମନକୁ ସେ ବୁଝେଇ ଦେଇଛି। ତାର ଏବେ ଯାଏ ବି ବିଶ୍ୱାସ ରହିଛି ମଳୟ ଦିନେ ନା ଦିନେ ନିଶ୍ଚୟ ଆସିବେ । କେଜାଣି ଆଉ କେତେଦିନ ଯାଏ ସେ ମଳୟ ର ଆସିବା ବାଟକୁ ଚାହିଁ ରହିଥିବ।

❖❖❖

# ପାମର



ISSN-2583-6978
Volume-3
Issue-8
AUGUST-2023

**ଲିପ୍‌ସା ପଟେଲ**

**ଭବାନୀପାଟଣା**

ଧୁ ଧୁ ଖରାବେଳଟାରେ ଗୀର୍ଜାଘର ସାମ୍ନା କାଠ ଫାଟକଟା କେହି ଜଣେ ଖୋଲିବାରୁ ତା' ଶବ୍ଦରେ ପାଦ୍ରୀ ମହାଶୟ ଜାଣିଗଲେ, ସେ ଆସିଛି। ଆଜି ପର୍ଯ୍ୟନ୍ତ ଏମିତି କୌଣସି ଦିନ ଯାଇନି ଯେଉଁଦିନ ସେ ଗୀର୍ଜାଘରକୁ ଆସିନଥିବ। ତାଙ୍କର ଏଇ ବୟସରେ ତାଙ୍କୁ ମଧ୍ୟ ଟିକିଏ ବିଶ୍ରାମ ଲୋଡା। ତଥାପି ଈଶ୍ୱରଙ୍କ ଘର ତ ସମସ୍ତଙ୍କ ପାଇଁ ସବୁବେଳେ ଖୋଲା। ସେ ଅବା କିଏ ଯେ ଈଶ୍ୱରଙ୍କ ସନ୍ତାନଙ୍କୁ ଘଉଡାଇ ଦେବେ? ତେଣୁ ସେ ତାଙ୍କର ଲମ୍ବା ଢିଲା ଧଳା ପୋଷାକଟା ଗଳାଇ ନିଜ ବଖରାରୁ ବାହାରିଗଲେ। ସେ ଗୀର୍ଜାଘର ଦରଜା ପାଖରେ ଛିଡା ହୋଇଥିଲା। ପାଦ୍ରୀଜଣକ ଭିତରପଟୁ ତା'ପାଇଁ ଦରଜା ଖୋଲିଦେଲେ। ସେ ମୁଣ୍ଡ ନୁଆଁଇ ଯନ୍ତ୍ରବତ୍ ଚାଲି ଚାଲି ଯାଇ କାଠଜାଲି ପାଖରେ ଚୁପଚାପ କିଛି ସମୟ ଛିଡା ହେଲା ଓ ପରେ ପରେ ଭେଁ ଭେଁ ହୋଇ କାନ୍ଦିବାକୁ ଲାଗିଲା। ପାଦ୍ରୀ ମହୋଦୟ ଆଗରୁ କେବେ ତାକୁ ଏମିତି କାନ୍ଦିବାର ଦେଖିନଥିଲେ। ତାକୁ କାନ୍ଦିବାର କାରଣ ପଚାରିବାରୁ ସେ ତାଙ୍କୁ କହିଲାନି। ଈଶ୍ୱରଙ୍କୁ ଡାକିବା ପାଇଁ କହି ରାହା ଧରି ଆହୁରି ଜୋରରେ କାନ୍ଦିଲା। ସେ ଏଇ ଗୀର୍ଜାଘରେ କେବଳ ଈଶ୍ୱରଙ୍କ ସାମ୍ନାରେ ହିଁ କହିବ ବୋଲି ଜିଦ୍ ଧରିଥିଲା। ବଡ ବିଷମ ପରିସ୍ଥିତିରେ ପଡିଗଲେ ପାଦ୍ରୀଜଣକ। କ'ଣ କହି ତାକୁ ବୁଝେଇବେ ଆଉ ବିଦା କରିବେ?

କିଛି ସମୟ ପରେ ପାଦ୍ରୀ ମହାଶୟ ତାକୁ ସାନ୍ତ୍ୱନା ଦେଇ କହିଲେ, ସେ ଯଦି ଆଖି ବୁଜି, କାନ୍ଦ ବନ୍ଦକରି ଈଶ୍ୱରଙ୍କୁ ନିମନ୍ତ୍ରଣ କରିବ ତେବେ ଯାଇ ଈଶ୍ୱର ଆସିବେ। ସେ ମଧ୍ୟ ଛୋଟ ପିଲାଟି ପରି ତାଙ୍କ କଥା ମାନିନେଲା। ପାଦ୍ରୀଜଣକ ନିଜ ଆସ୍ଥାନରେ ବସି ବାଇବେଲ ପଢିବା ଆରମ୍ଭ କଲେ। ସେ କିନ୍ତୁ ଗୁଣୁଗୁଣେଇ ପ୍ରାର୍ଥନା କରୁଥିଲା। ତା'ର ଉଚ୍ଚାରଣ ସ୍ପଷ୍ଟ ନଥିଲା ବୋଲି ପାଦ୍ରୀଜଣକ ତା' କଥା ଶୁଣିପାରିନଥିଲେ। ସେ କିନ୍ତୁ ବାରମ୍ୱାର ଭୁଲ୍ ମାଗୁଥିଲା। ଈଶ୍ୱରଙ୍କୁ କ୍ଷମା ପ୍ରାର୍ଥନା କରିବା ତ ତା'ର ନିତିଦିନିଆ କାମ। ନିଜର ପ୍ରତିଦିନର ଦୋଷ ସ୍ୱୀକାର କରିବା ପାଇଁ ସେ ପାଦ୍ରୀଙ୍କ ପାଖକୁ ଆସେ। ଖରା, ବର୍ଷା, ଶୀତ କିଛି ବି ତାକୁ ଅଟକାଇପାରେନି। ସେ ସବୁକୁ ବେଖାତିର୍ କରି ଚାଲିଆସେ ଗୀର୍ଜାଘରକୁ ଓ ନିଜର ଭୁଲ୍ ସବୁ ଗୋଟି ଗୋଟି କରି କହିଦିଏ ପାଦ୍ରୀଜଣଙ୍କୁ।

ପାଦ୍ରୀ ମହାଶୟ କାଠ ଜାଲି ସେପଟେ ବସି ତା'ର ସବୁକଥା ଶୁଣନ୍ତି। ଏମିତି ପ୍ରତିଦିନର ଛୋଟ ଛୋଟ ଭୁଲ୍ ପାଇଁ ତ ଈଶ୍ୱର ଆମକୁ କ୍ଷମା କରିଦିଅନ୍ତି, ସେଥିପାଇଁ ଗୀର୍ଜାଘରକୁ ଆସି ଦୋଷ ସ୍ୱୀକାର କରିବାର ଆବଶ୍ୟକତା ନାହିଁ ବୋଲି ତାକୁ ବୁଝାନ୍ତି। ସେ କିନ୍ତୁ ନଛୋଡବନ୍ଧା। ଭୁଲ୍ ତ ଭୁଲ୍। ପାପ ତ ପାପ। ପୁଣି ବଡ, ଛୋଟ କ'ଣ? କେତେ ଛୋଟ ପାପରେ ଈଶ୍ୱର ନିଜେ କ୍ଷମା ଦେବେ ଓ କେତେ ବଡ ପାପ କରିଥିଲେ ଗୀର୍ଜାଘରକୁ ଆସି ଦୋଷ ସ୍ୱୀକାର କରିବ? ଏଇ କଥାର ବିଶଦ ବିବରଣୀ ତାକୁ କିଏ ଅବା ଦେବ? ତେଣୁ ପାଦ୍ରୀ ମହାଶୟ ତା'ର ସବୁଦିନ ଗୀର୍ଜାଘରକୁ ଆସି ଏମିତି ଦୋଷ ସ୍ୱୀକାର କରିବାଟାକୁ ତାଙ୍କର ପ୍ରତିଦିନର ଅଭ୍ୟାସ ତାଲିକାଭୁକ୍ତ କରିଦେଇସାରିଛନ୍ତି।

ଆଜି କିନ୍ତୁ ଏଇ ବ୍ୟତିକ୍ରମ ଦେଖି ପାଦ୍ରୀଜଣକ ମଧ୍ୟ ଶଙ୍କାଗ୍ରସ୍ତ। ବାଇବେଲ ପଢା ସାରି ମୁଣ୍ଡ ଉଠାଇଲା ବେଳକୁ ସେ ଗୀର୍ଜାଘର ଛାଡି କେତେବେଳୁ ଚୁପଚାପ ଚାଲିଯାଇଥିଲା। ପରଦିନ ତ ପୁଣି ଆସିବ ଭାବି ପାଦ୍ରୀଜଣକ ନିଜ କାମରେ ଧ୍ୟାନ ଦେଲେ। ଏମିତିରେ ଦୁଇଦିନ ବିତିଯାଇଥିଲା, କିନ୍ତୁ ସେ ଆସିଲାନି। କୁଆଡେ ଗଲା? ଫାଟକ କାମ ପାଇଁ ପାଦ୍ରୀ ମହାଶୟ ଗାଁର କିଛିଲୋକଙ୍କୁ ଜଣେ ବଢେଇ ଠିକ୍ କରିଦେବା ପାଇଁ କହିଥିଲେ। ବଢେଇଟିକୁ ଧରି ଇମାନୁଏଲ ଆସିଥିଲା। ସେ ଏଇ ଗାଁରେ ହିଁ ପିଲାଙ୍କୁ ପାଠ ପଢାଏ। ନିଜର ସ୍ୱପ୍ନସବୁ ରଙ୍ଗ ମାଖି ପାରିଲାନି ବୋଲି ସେ ଅନ୍ୟମାନଙ୍କୁ

ତାଙ୍କର ସ୍ୱପ୍ନ ସାର୍ଥକ କରିବାରେ ସହାୟକ ହୁଏ। ଏହାର ପ୍ରଥମ ସୋପାନ ହେଲା ଶିକ୍ଷାଦାନ।

ବଢେଇ ନିଜର ଯନ୍ତ୍ରପାତି ଧରି ଫାଟକଟିକୁ ସଜାଡିଲା ବେଳେ ପାଦ୍ରୀଜଣକ ଇମାନୁଏଲକୁ ତା' ବିଷୟରେ ପଚାରିଲେ। କିନ୍ତୁ ସେ ତା'ର ନାଁ ଜାଣିନଥିଲେ। ସବୁଦିନ ଗୀର୍ଜାଘରକୁ ଆସିଲେ ସୁଦ୍ଧା ସେ ସବୁବେଳେ ନିଜର ନାଁ ନ କହି ନିଜକୁ ପାପୀ ବୋଲି ପରିଚୟ ଦିଏ। ପାଦ୍ରୀ ମହାଶୟ କେବେ ବି ତାକୁ ଜୋରଜବରଦସ୍ତ ତା'ର ନାଁ ପଚାରିନଥିଲେ। ଇମାନୁଏଲ ପାଦ୍ରୀ ମହାଶୟଙ୍କଠାରୁ ବିବରଣୀ ଶୁଣି ଜାଣିଗଲା ଯେ ପାଦ୍ରୀ ତାଙ୍କ ଗାଁର ସେଇ ପାଗଳ ଇସହାକ୍ କଥା ପଚାରୁଛନ୍ତି। ସମସ୍ତେ ତ ତାକୁ ପାଗଳ ବୋଲି ଜାଣିଛନ୍ତି। ତେବେ ପାଦ୍ରୀଜଣକ କେମିତି ଠଉରାଇ ପାରିଲେନି ?

ଇମାନୁଏଲ ଅତି ସହଜ ଢଙ୍ଗରେ କହିଲା, ଆପଣ ସେଇ ଇସହାକ୍ କଥା କହୁଛନ୍ତି ତ ? ସେ ତା' ସ୍ତ୍ରୀ ମାରିଆର ମୃତ୍ୟୁ ପରେ ପାଗଳ ହୋଇଯାଇଛି। ଏକଥା ତ ଗାଁରେ ସମସ୍ତେ ଜାଣିଛନ୍ତି। ଆପଣ କେମିତି ଜାଣିପାରିଲେନି ?

ପାଦ୍ରୀ ମହାଶୟ ହାତରେ ଧରିଥିବା ମାଳାକୁ ତାଙ୍କ ମୁଣ୍ଡରୁ କାନ୍ଧପଟେ ଛୁଆଁଇ ମନେ ମନେ କିଛି ପ୍ରାର୍ଥନା କଲେ। ବୋଧହୁଏ ଇସହାକ୍ ପାଇଁ ଦୁଃଖ ପ୍ରକାଶ କରୁଥିଲେ। ତତ୍ପରେ ଇମାନୁଏଲକୁ ପଚାରିଲେ, ତା'ର ଆଉ କ'ଣ କେହି ନାହାଁନ୍ତି ? ସେ ତ ସବୁବେଳେ ନିଜକୁ ପାମର ବୋଲି କହେ।କିନ୍ତୁ କାହିଁକି ?

ଇମାନୁଏଲ ପୂର୍ବ ପରି ହସି ହସି କହିଲା, ଆପଣ ତା' କଥା ଚିନ୍ତା କରନ୍ତୁନି। ସେ କୁଆଡେ ବୁଲୁଥିବ। ପୁଣି ଫେରିଆସିବ। ମାରିଆ ଚାଲିଗଲା ପରେ ତା' ଭାଇ ତାକୁ ଘରୁ ତଡି ଦେଇ ସବୁ ସମ୍ପତ୍ତି ଖାଉଛି। ଏଇଟାକୁ ଦି'ଓଳି ଖାଇବାକୁ ବି ଦେଇପାରୁନି। ଗାଁରେ ହିଁ ଲୋକ ଦୟାପରବଶ ହୋଇ ଯାହା ଦେଲେ ସେ ଖାଇଦିଏ।

ପାଦ୍ରୀଜଣକ ଗମ୍ଭୀର ଜଣାପଡୁଥିଲେ। ମନେ ମନେ ଦୁଃଖିତ ହେଉଥିଲେ ଯେ ଏତେ ଦିନ ଧରି ସେ ଏଇଠିକି ଆସୁଛି, କିନ୍ତୁ ତା' ବିଷୟରେ ସେ କିଛି ଜାଣିନାହାନ୍ତି। ଗୋଟିଏ ମା'ର ସନ୍ତାନ ହୋଇ ମଧ୍ୟ ଭାଇଟି ଏଇ ଅବୋଧ ଲୋକଟିର ଯତ୍ନ ନେଉନି। ହେ, ଈଶ୍ୱର ! ତୁମେ ମଙ୍ଗଳମୟ। ତୁମର ହଜିଯାଇଥିବା ମେଷଟିର ବାଟ ତୁମେ ହିଁ ଜାଣିଥିବ। ତା'ର ସହାୟ ହୁଅ। ଏମିତି କହି କହି ସେ ପୁଣି ତାଙ୍କର ହାତକୁ ମୁଣ୍ଡରୁ କାନ୍ଧପଟେ ବୁଲାଇ ଆଣିଲେ।

ଏଇ ଭିତରେ ବଢେଇଟି ଫାଟକକୁ ସଜାଡି ସାରିଥିଲା। ନିଜର ସରଞ୍ଜାମକୁ ବ୍ୟାଗରେ ଭର୍ତ୍ତି କରି ଇମାନୁଏଲ ସହ ବାହାରିଗଲା। ଗାଁରେ ଅଧିକାଂଶ ଲୋକ ଖ୍ରୀଷ୍ଟିୟାନ। ଏଇ ଗୀର୍ଜାଘରେ କିଛି କିଛି କାମ କରିପାରିଲେ ସେମାନେ ତାକୁ ନିଜର ସୌଭାଗ୍ୟ ମଣନ୍ତି। ତେଣୁ ବଢେଇଟି ମଧ୍ୟ ପଇସା ନେଲାନି। ସେମାନେ ଫେରିଗଲା ବେଳକୁ ପାଦ୍ରୀ ମହାଶୟ ଇମାନୁଏଲକୁ କହୁଥିଲେ, ଯଦି ଇସହାକ୍ ଦେଖା ହୁଏ ତେବେ ତାକୁ ତୁରନ୍ତ ଗୀର୍ଜାଘରକୁ ଆସିବା ପାଇଁ କହିବ। ଇମାନୁଏଲ ପାଦ୍ରୀଙ୍କର ଚିନ୍ତା ଦେଖି ପୁଣି ହସିଦେଇ ଚାଲିଗଲା।

କିଛି ଦିନ ପରେ ହଠାତ୍ ଦିନେ ଗୀର୍ଜାଘର ଶିଡିରେ ପାଦ୍ରୀଜଣକ ଇସହାକକୁ ବସିଥିବାର ଦେଖି ଧାଇଁଗଲେ। ସେ ପିନ୍ଧିଥିବା ସାର୍ଟରେ ରକ୍ତଦାଗ ଓ ତା' ଦେହ, ମୁହଁରେ ବି ଖଣ୍ଡିଆ ଚିହ୍ନ। ଟିକିଏ ବିଚଳିତ ହୋଇ ପାଦ୍ରୀ ତାକୁ ଏଇସବୁ କ'ଣ ଘଟିଛି ବୋଲି ପ୍ରଶ୍ନ କଲେ। ସେ କିନ୍ତୁ ପୂର୍ବବତ୍ ନିଜକୁ ପାପୀ, ପାମର କହି କହି ନିଜକୁ ନିଜେ ଚଟକଣା ମାରୁଥିଲା। ତାକୁ କିଛି ଖାଇବା ପାଇଁ ଦେଇ ପାଦ୍ରୀ ତାକୁ ଶାନ୍ତ କରାଇଲେ। ତା' ଦେହର ଖଣ୍ଡିଆରେ ମଲମ ଲଗାଇ ଦେଲାବେଳେ ପାଦ୍ରୀଜଣକ ତା'ର ଏତେ ଦିନ ଧରି ଗୀର୍ଜାଘରକୁ ନ ଆସିବାର କାରଣ ପଚାରିଲେ। ସେ କାନ୍ଦି କାନ୍ଦି କହୁଥିଲା, ସବୁ ଦୋଷ ମୋର। ସେ ଝିଅଟି ନିର୍ଦ୍ଦୋଷ। ମୁଁ ପାମର.......କହି କହି ପୁଣି ନିଜ ମୁଣ୍ଡ ବାଳକୁ ଟାଣିବା ଆରମ୍ଭ କଲା।

ପାଦ୍ରୀ ମହାଶୟ ତା'ର ମନୋସ୍ଥିତିକୁ ଠିକ୍ ଠଉରାଇ ପାରିଲେ। ଇସହାକର ଖାଇବା ଶେଷ ହେଲା ବେଳକୁ ସେ ତାକୁ ପଚାରିଲେ, ଆଜି କ'ଣ ସେ ତା'ର ଦୋଷ କ୍ଷମା ପାଇଁ ପ୍ରାର୍ଥନା କରିବନି ? ସଙ୍ଗେ ସଙ୍ଗେ ଖାଇବା ଥାଳିକୁ ସେଇଠି ଥୋଇଦେଇ ନିଜ ମୁହଁ ଧୋଇଦେଲା ଇସହାକ୍। ଜାଲି କବାଟ ପାଖରେ ଛିଡା ହୋଇ ନିଜର ଦୋଷ ସ୍ୱୀକାର କରିବା ଉଦ୍ଦେଶ୍ୟରେ ସବୁ ବିଗତ ଦିନର କଥା କହିବା ଆରମ୍ଭ କରିଦେଲା। ସବୁଦିନ ଗୀର୍ଜାଘରୁ ଫେରିଲା ବେଳେ ଗାଁର ଶେଷ ମୁଣ୍ଡରେ ସେ ଜଣେ ଝିଅକୁ ଅର୍ଦ୍ଧ ନଗ୍ନ ଅବସ୍ଥାରେ ଦେଖେ। ତେଣୁ ସେ ନିଜ କୋଟ୍ ତା' ଉପରେ ଘୋଡାଇଦେଇ ଚାଲିଯାଇଥିଲା। ସେ କୋଟ୍ ତା' ସ୍ତ୍ରୀ ମାରିଆ ହିଁ ତାକୁ ବଡଦିନରେ ଉପହାର ଦେଇଥିଲା। ସେଇଟିକୁ ସେ କେବେ ନିଜଠାରୁ ଅଲଗା କରୁନଥିଲା। ମାରିଆ ଚାଲିଗଲା ପରେ ବି ସେଇ କୋଟରେ ତା' ହାତର ସ୍ପର୍ଶକୁ ଅନୁଭବ କରିପାରୁଥିଲା ଇସହାକ୍। କିନ୍ତୁ ସେଦିନ ସେ ଝିଅଟିର ଅବସ୍ଥା ଦେଖି ସେ ବାଧ୍ୟ ହୋଇ ନିଜ କୋଟକୁ ଦେଇଦେଲା। ଆସନ୍ନ ବିପଦରୁ ଅଜଣା ସେ ପରଦିନ ଯେତେବେଳେ ଗୀର୍ଜାଘରକୁ ଆସିବା ପାଇଁ ମୁହାଁଇଥିଲା, ତାକୁ ଦଳେ ଲୋକ ପିଟିବା ଆରମ୍ଭ କଲେ। ସେମାନେ ବାରମ୍ବାର ତାକୁ କହୁଥିଲେ, ତୁ ପାପୀ। ଶେଷରେ ଏଇ ଝିଅଟିର ଦୟନୀୟ ଅବସ୍ଥାକୁ ଦେଖି ମଧ୍ୟ ତୋର ଦୟା ହେଲାନି ଯେ ତୁ ତାକୁ ବଳାତ୍କାର କଲୁ।

ପାଦ୍ରୀ ମହାଶୟ ତଟକା ହୋଇ ପଚାରିଲେ, ଇସହାକ୍। ସତରେ କ'ଣ ତୁମେ ତା'ର ବଳାତ୍କାର କରିଥିଲ ?

ଇସହାକ୍ ନିଜର ପକ୍ଷ ରଖିଲା ପରି କହୁଥିଲା, ନା। ନା। ମୁଁ ତା'ର କୌଣସି କ୍ଷତି କରିନି ବରଂ ରାତିରେ ମୁଁ ଦେଖିଥିଲି ସେ ଛାଇମାନେ ତା' ଚାରିପଟେ ଘେରିଯାଇଥିଲେ। କିନ୍ତୁ ଲୋକମାନେ କହୁଛନ୍ତି ମୋ କୋଟଟା ତା' ପାଖରୁ ମିଳିଛି ମାନେ ମୁଁ ହିଁ ଦୋଷୀ। ମୁଁ ହିଁ ପାପୀ। ମତେ ମାରି ମାରି ସେମାନେ ଦରମରା କରିଦେଲେ ଯାହା ଫଳରେ ମୁଁ ଆଉ ଗୀର୍ଜାଘରକୁ ଆସିପାରିନଥିଲି। ଚେତା ଫେରିଲା ପରେ ସେ ଝିଅଟିକୁ ଖୋଜିଲି। ତାକୁ ମଧ୍ୟ ପାଇଲିନି। ସେ ନିଶ୍ଚୟ ଈଶ୍ୱରଙ୍କ ରାଜ୍ୟକୁ ଚାଲିଯାଇଥିବ।

ପାଦ୍ରୀଜଣକ ନିଜ ସ୍ଥାନ ଛାଡି ଇସହାକ୍ ପାଖକୁ ଆସିଲେ। ତା' କାନ୍ଧରେ ହାତ ରଖି କହିଲେ, ଦେଖ ସେଇ ଈଶ୍ୱରଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କୁ। ସେ ମଧ୍ୟ କୌଣସି ଦୋଷ ନ କରି ଆମ ସମସ୍ତଙ୍କର ପାପକୁ ବୋହିଲେ। ଆମମାନଙ୍କ ପାଇଁ ସେ କ୍ରୁଶବିଦ୍ଧ ହେଲେ। ଇସହାକ୍, ତୁମେ ପ୍ରକୃତରେ ଈଶ୍ୱରଙ୍କ ସନ୍ତାନ। ତୁମେ ଆଉ ନିଜକୁ ପାମର ବୋଲି ପରିଚୟ ଦେବନି। ତୁମେ ସଂପୂର୍ଣ୍ଣରୂପେ ନିର୍ଦ୍ଦୋଷ।

ଇସହାକ୍ ହସି ହସି ଗୀର୍ଜାଘରୁ ବାହାରିଯାଉଥିଲା ଓ ଚିଲ୍ଲେଇ ଚିଲ୍ଲେଇ କହୁଥିଲା, ମୁଁ ପାପୀ ନୁହେଁ। ମୁଁ ପାମର ନୁହେଁ। ମୁଁ ଈଶ୍ୱରଙ୍କ ସନ୍ତାନ।

❖❖❖

# ଉପହାର



ISSN-2583-6978
Volume-3
Issue-8
AUGUST-2023

**ଶିବାଶିଷ ପାଢ଼ୀ**

**ହେମଗିର, ସୁନ୍ଦରଗଡ଼**
**୯୭୭୮୧୭୪୯୭୮**

''ପୁଅ ଟି ବାପା ମାଙ୍କ ଏକମାତ୍ର ସନ୍ତାନ ହୋଇ ଥିବ ଓ ବାହାରେ ଚାକିରୀ କରୁଥିବ !''

ମାଝିଅଙ୍କ ଏଇ ସର୍ତ୍ତକୁ ନେଇ ପୁଅ ଖୋଜା ଚାଲିଥିଲା। ନିଜର ଏକମାତ୍ର ଝିଅ ସୋମା ପାଇଁ ଉପଯୁକ୍ତ ପାତ୍ର ଖୋଜୁଥିଲେ ସୁଶାନ୍ତବାବୁ। ତାଙ୍କୁ ଆଉ ଫୁର୍ସତ ନ ଥିଲା। ରାଉରକେଲାଠୁ ନେଇ ବାରିପଦା ଯାଏ ଲୋକ ଲଗେଇ ଥିଲେ ସେ ! ଓ. ପି. ସି.ସିର ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟରେ ଉଚ୍ଚପଦରେ କାର୍ଯ୍ୟରତ ସୁଶାନ୍ତବାବୁଙ୍କ ଚାକିରୀ ଆଉ ମାତ୍ର ଆଠମାସ ରହିଲା । ସେ ଚାହୁଁଥିଲେ ତାଙ୍କ ଚାକିରୀ ଥାଉଥାଉ ହିଁ ସୋମାର ବାହାଘରଟା ସାରିଦେବେ କାରଣ ପଦ ଅଛି ମାନେ ଅନେକ ଲୋକ ଅଛନ୍ତି । ସାହାଯ୍ୟ ସହଯୋଗ ଅଛି ଯାହା ଅବସରପରେ ମିଳିବା ମୁସ୍କିଲ ।

ସୋମାକୁ ବି ବାଇଶ ପୁରି ତେଇଶ ଚାଲିଲାଣି କିନ୍ତୁ ବାହାଘର କଥା କହୁକହୁ ସୁନନ୍ଦା ଓ ସୋମା ନିଜ ସର୍ତକୁ ମନେ ପକେଇ ଦିଅନ୍ତି ଯାହା ତାଙ୍କୁ ବ୍ୟତିବ୍ୟସ୍ତ କରେ ଥରେ ଥରେ ସେ ବି ଚିନ୍ତା କରନ୍ତି ସେମାନେ ବି ଠିକ କହୁଛନ୍ତି ଓ ସେ ବି ଜାଣିଛନ୍ତି ଷ୍ଟାଣ୍ଡାର୍ଡ ଛଅରୁ ହଷ୍ଟେଲରେ ରହି ଆସିଥିବା ସୋମା ଆଜି ପର୍ଯ୍ୟନ୍ତ କପେ ଚା ବି ନିଜ ହାତ ରେ କରି ଜାଣିନି ସେଥିପାଇଁ ସୁନନ୍ଦାଙ୍କୁ ଦୋଷ ଦିଅନ୍ତି ସେ ହେଲେ ସୁନନ୍ଦା କହନ୍ତି

''ବର୍ଷ ସାରା ତ ହଷ୍ଟେଲ ରେ କଡା ଶୃଙ୍ଖଳାରେ ରହୁଛି ଅନ୍ତତଃ କିଛି ଦିନ ତା ମନଇଛା ରହୁ ଆଉ। କାମରେ କଣ ଅଛି। ମୁଣ୍ଡ ଉପରେ ପଡିଲେ ବଳେ ଜାଣିଯିବ ଯେ ତାପରେ ସୋମାର ଏତେ ପାଠ କଣ ବେକାର ଯିବ କି? ଇଯେ ତ ଚାକିରୀ କରିବ ଆଜି ନ ହେଲେ କାଲି ''

''ଚାକିରୀ କଲେ ବି ତ ଘରକାମକୁ ତ କରିବାକୁ ପଡିବ??
ସୁଶାନ୍ତବାବୁଙ୍କ କଥାକୁ କିନ୍ତୁ ଶୁଣନ୍ତି ନାହିଁ ସେ ବରଂ

'' ଛୋଟ ପରିବାର ଦେଖ ଦରକାର ହେଲେ ଆମେ ଚାକରାଣୀ ବ୍ୟବସ୍ଥା କରିବା ''କହନ୍ତି ସୁନନ୍ଦା

ସେଦିନ ଖୁବ ଖୁସି ଥିଲେ ସୁଶାନ୍ତବାବୁ ।ସାରା ଓଡିଶାକୁ ଏକ କରି ଦେଇ ସେ ଚଳେଇଥିବା ମନଲାଖି ପାତ୍ରର ଅନୁସନ୍ଧାନ ଯେ ଏତେ ନିକଟରେ ଶେଷ ହେବ ଏ କଥା କିଏ ଜାଣିଥିଲା?ବିରାଜ ରୂପରେ ସମ୍ପୂର୍ଣ ମନଲାଖି ପାତ୍ର ମିଳିଥିଲା ଘର ଠୁ ମାତ୍ର ତିନିଶହ ମିଟର ଗଜପତିନଗରରେ ! ଅବସରପ୍ରାପ୍ତ ଅଧ୍ୟାପକ ମଳୟବାବୁ ଓ ରମାଦେବୀରେ ପ୍ରାଧ୍ୟାପିକା ରୂପେ କାର୍ଯ୍ୟରତ କଲ୍ୟାଣୀଦେବୀଙ୍କ ଏକ ମାତ୍ର ପୁତ୍ର ବିରାଜ । ଏମ. ସି .ଏ ପରେ ବାଙ୍ଗାଲୋରର ଏକ କମ୍ପାନୀରେ ବରିଷ୍ଠ ମ୍ୟାନେଜର । ପ୍ରସ୍ତାବ ଆଣିଥିଲେ ବନ୍ଧୁ ଅଧ୍ୟାପକ ବିକ୍ରମବାବୁ। ତା ସହ ବିରାଜକୁ ବି ଭେଟିଥିଲେ ସୁଶାନ୍ତବାବୁ ।ପ୍ରଥମ ଦେଖାରେ ନିଷ୍ପତ୍ତି ନେଇ ଯାଇଥିଲେ ସେ ବନ୍ଧୁ ବିକ୍ରମ କହିଥିଲେ

''ବାହା ପରେ ସୋମା ସାଙ୍ଗେସାଙ୍ଗେ ବାଙ୍ଗାଲୋର ପଳେଇବ ଆଉ କି ଚିନ୍ତା"

କଥାଟି କିନ୍ତୁ ଶୁଣୁଶୁଣୁ ମନା କରି ଦେଇଥିଲା ସୋମା କାରଣ କଲ୍ୟାଣୀଦେବୀଙ୍କ ବିଷୟରେ ସେ ଆଗରୁ ଜାଣିଥିଲା ଓ ଖୁବ ଶୁଣିଥିଲା ତାଙ୍କ ପୂର୍ବତନ ଛାତ୍ରୀ ତଥା ସାଙ୍ଗ ସୁଲଗ୍ନା ଠାରୁ ।ଜଣେ ଅତ୍ୟନ୍ତ ଶୃଙ୍ଖଳା ପ୍ରିୟ ତଥା କଠୋର ଶିକ୍ଷକ ଭାବେ ପରିଚିତ ଥିଲେ ସେ । ଝିଅ ଦେଖିବା ପାଇଁ ଆସିଥିବା ବେଳେ ବେଶ୍ କିଛି ସମୟ ସୋମା ସହ କଟେଇ ଥିଲେ କିନ୍ତୁ ତାଙ୍କ ଗାମ୍ଭୀର୍ଯ୍ୟପୂର୍ଣ ଚେହେରା ଦେଖି ଡରି ଯାଇଥିଲା ସୋମା । ମନା କରିଦେଲା ବାହାହେବା ପାଇଁ । ସୁଶାନ୍ତବାବୁ ଅନୁରୋଧ କରିଥିଲେ ସୋମା କୁ କହିଥିଲେ

''ମା ତୁ ତ କଲ୍ୟାଣୀଦେବୀଙ୍କୁ ବାହା ହେବୁନି, ବାହା ହେବୁ ବିରାଜକୁ। ଥରେ ତା' ସହ କଥାବାର୍ତା ତ କର ! ପସନ୍ଦ ନ ହେଲେ ଦେଖିବା।

ବାପାଙ୍କ ଅନୁରୋଧ ରକ୍ଷା କରି ବିରାଜକୁ ଭେଟିଥିଲା ସୋମା! ସେଇ ଥରକ ଦେଖାରେ ମନ ଜିଣି ନେଇଥିଲେ ବିରାଜ ।ପ୍ରାୟ

ଦୁଇମାସ ପରେ ବାହାଘର ହୋଇଥିଲା ।

ବାହାଘର ପରେ ପ୍ରାୟ ଦଶ ଦିନ ରହି ବାଙ୍ଗାଲୋର ଉଡି ଯାଇଥିଲେ ସେମାନେ ।ଏକ ବାଧ୍ୟ ଛାତ୍ରୀ ପରି କଲ୍ୟାଣୀ ଦେବୀଙ୍କ ସାମ୍ନାରେ ଯାହାତାହା କରି କଟେଇ ଦେଇଥିଲା ସେ ଦଶଦିନ ସିନା ହେଲେ ତାଙ୍କ ସହ କଥାହେବା ପାଇଁ ଭୀଷଣ ଡରୁଥିଲା ସେ ।

ଘରେ ଆଜି ପର୍ଯ୍ୟନ୍ତ କିଛି କରି ନ ଥିଲେ ବି ବାଙ୍ଗାଲୋର ଘରଟିକୁ ବହୁତ ସୁନ୍ଦର ଭାବେ ସମ୍ଭାଳି ନେଉଥିଲା ସୋମା ।! ବିରାଜଙ୍କୁ ସେ ଯେତିକି ଅଧିକ ଜାଣୁଥିଲା ତାର ଭଲ ପାଇବା ସେତିକି ବଢ଼ି ଚାଲିଥିଲା କର୍ପୋରେଟ୍ ଚାକିରୀର କାର୍ଯ୍ୟଚାପରେ ଅନ୍ୟ ଦିନେ ସମୟ ମିଳୁ ନଥିଲେ ବି ରବିବାରକୁ ମନ ଭରି ଉପଭୋଗ କରୁଥିଲେ ସେମାନେ । ମୋଟାମୋଟି ଭାରି ଖୁସି ଥିଲା ସୋମା ତାସହ ଖୁସି ଥିଲେ ସୁଶାନ୍ତବାବୁ ଓ ସୁନନ୍ଦା ମଧ୍ୟ ।

ବାଙ୍ଗାଲୋରରେ ନିଜ ପାଇଁ ଜବ୍ ଦେଖୁଥିବା ସୋମାକୁ ସେ ଦିନ ଚମକାଇ ଦେଇଥିଲେ ବିରାଜ । ଭାରି ଖୁସିଥିଲେ ସେ ।ଅଫିସ ରୁ ଫେରି ତାକୁ ଉଠାଇ ବେଶ କିଛି ଘେରା ବୁଲାଇ କହିଥିଲେ

''ତୁମେ ମୋ ପାଇଁ ସୌଭାଗ୍ୟ ନେଇ କି ଆସିଛ ସୋମା । ଜାଣିଛ ଆଜି ମୋତେ ଟି .ସି .ଏସ ଜବ ଅଫର କରିଛି !ବର୍ଷେ ତଳୁ କଥା ବାର୍ତ୍ତା ହେଉଥିଲି କିନ୍ତୁ ଏବେ ଯାଇ କଥା ଛିଡ଼ିଛି ।ଏବେ ଆମେ ଭୁବନେଶ୍ୱର ଫେରିଯିବା !ଅବଶ୍ୟ ମୁମ୍ବାଇ ଗଲେ ବି ହେବ ନିଷ୍ପତ୍ତି ନେବା ପାଇଁ ବି ମାସେ ସମୟ ଅଛି ମୁଁ ଆଜି କମ୍ପାନୀରୁ ରିଯାଇନ କରି କି ଆସିଲି ।ଦିନେ ଦୁଇଦିନ ଭିତରେ ଗ୍ରହଣ ହୋଇଯିବ ତା ପରେ ଭୁବନେଶ୍ୱର ଫେରି ନିଷ୍ପତ୍ତି ନେବା । ପ୍ୟାକିଂ ପାଇଁ ଚିନ୍ତା କରନି ମୁଁ ପ୍ୟାକର୍ସ ଓ ମୁଭର୍ସ ସହ କଥା ହୋଇଛି ! ସେମାନେ ସବୁ ବୁଝିବେ”

ଏକା ନିଶ୍ୱାସରେ ଏତକ କହି ନିଜ ଲ୍ୟାପଟପରେ ମା କୁ କଲ୍ କରୁଥିଲେ ବିରାଜ । ସୋମା ମୁଣ୍ଡରେ ଯେମିତି ଚଡକ ପଡିଥିଲା! ଭୁବନେଶ୍ୱର ଅପେକ୍ଷା ମୁମ୍ବାଇ ହିଁ ଉଚିତ ହେବ ଏ କଥା ଟି ବାରମ୍ବାର ବୁଝାଉ ଥିଲା ସେ କିନ୍ତୁ ଦେଖିବା ଦେଖିବା କହି କଥାକୁ ଏତେ ଗୁରୁତ୍ୱ ଦେଇ ନ ଥିଲେ ବିରାଜ !

ପ୍ରାୟ ସପ୍ତାହେ ପରେ ଭୁବନେଶ୍ୱର ଫେରି ଆସିଥିଲେ ସେମାନେ। ଭାରି ଖୁସି ହୋଇ ଥିଲେ ଶାଶୁଶଶୁର କିନ୍ତୁ ବହୁତ ଦୁଃଖିତ ଥିଲା ସୋମା ।! ଶଶୁର ତ ତାକୁ ବନ୍ଧୁ ବନେଇ ସାରିଥିଲେ। ମା ମା କହି ତାକୁ ବାପା ଠୁ ବଳି ସ୍ନେହ ଦେଉଥିଲେ କିନ୍ତୁ କଲ୍ୟାଣୀଦେବୀଙ୍କୁ ବହୁତ ଭୟ ଲାଗୁଥିଲା ତାକୁ ।! ଘରେ ସେ ପ୍ରାଧାପିକାର ଗାମ୍ଭୀର୍ଯ୍ୟ ନ ଥିଲା କି କଠୋରତା ନ ଥିଲା କିନ୍ତୁ ସବୁକଥାରେ ଅନୁଶାସନକୁ ଗୁରୁତ୍ୱ ଦେଉଥିଲେ ସେ ।ମାପି ଚୁପି କଥା କହୁଥିଲେ ।ତାଙ୍କ ସହ ମୁହାଁମୁହିଁ ହେଲେ ଘାବରେଇ ଯାଉଥିଲା ସୋମା ।

ଏକ ସମ୍ମିଳନୀରେ ଯୋଗ ଦେବାପାଇଁ ଶଶୁର ଦିଲ୍ଲୀ ଯାଇଥିଲେ। କଲ୍ୟାଣୀଦେବୀଙ୍କ ଦେହ ସାମାନ୍ୟ ଖରାପ ଥିଲା ।ଏଇ ଆସୁଛୁ କହି ମାର୍କେଟିଙ୍ଗ ଯାଇଥିଲେ ସୋମା ଓ ବିରାଜ ।!ବିଗବଜ଼ାରରେ ଭେଟ ହୋଇଥିଲେ ବିରାଜଙ୍କ ବନ୍ଧୁ ଅରିନ୍ଦମ ଓ ତାଙ୍କ ପତ୍ନୀ ସିପ୍ରା । ସେଇଠି ହିଁ ଯୋଜନା ହୋଇଥିଲା ଓ ସମସ୍ତେ ଯାଇଥିଲେ କେଶରୀକୁ ମୁଭି ପାଇଁ !

ମୁଭି ଦେଖା, ଖିଆ ପିଆ, ବୁଲାବୁଲି କରି ଘରକୁ ଫେରୁ ଫେରୁ ରାତି ଏଗାର ଟା ।

''ମା କଥା ଚିନ୍ତା କରନି” ବିରାଜ ବାରମ୍ବାର କହିଥିଲେ ବି ବହୁତ ଭୟ ଲାଗୁଥିଲା ସୋମାକୁ ।

ଘରେ ପହଂଚି ଦେଖିଥିଲା ବେଶ ସ୍ୱାଭାବିକ ଥିଲେ କଲ୍ୟାଣୀ ଦେବୀ କିନ୍ତୁ କିଛି କହି ନ ଥିଲେ ।ଭାବିଲା ସକାଳେ ହିଁ କହିବେ ନିଶ୍ଚୟ ! ଚୁପ୍‌ଚାପ୍ ନିଜ ରୁମ କୁ ଚାଲି ଆସିଲା ସେ।

ସବୁଦିନ ଭଳି ଠିକ୍ ଆଠଟାରେ ଜଳଖିଆ ଟେବୁଲକୁ ଆସିଥିଲେ କଲ୍ୟାଣୀ ଦେବୀ । ତାକୁ ଦେଖି ଅଳ୍ପ ହସି ପଚାରିଲେ

''କାଲି କୁଆଡେ କୁଆଡେ ଯାଇ ଥିଲ ?”

ସୋମାର ଉତ୍ତରକୁ ଅପେକ୍ଷା ନ କରି ପୁଣି କହିଥିଲେ'

''ବିରାଜ ଏବେ ଫ୍ରି ଅଛି ସେଥିପାଇଁ ମୁଁ ଟିକେଟ କରି ଦେଇଛି! ତୁମେ ଯାଅ ଦଶଦିନ ପାଇଁ ସ୍ୱିଜରଲ୍ୟାଣ୍ଡ ବୁଲି ଆସିବ ।ଏବେ ତ ତୁମର ବୁଲିବା ସମୟ । ବିରାଜ କିନ୍ତୁ ବୁଲିବାକୁ ଏତେ ପସନ୍ଦ କରେ ନି। ଛୋଟ ବେଳୁ କେବଳ ପାଠପାଠ ଆଉ ତାପରେ ଏବେ ତ ଦେଖୁଚୁ ତା ପାଇଁ ପ୍ରଥମେ ଅଫିସ୍ । ଆଉ ମାସକୁ ଜଏନ କଲେ ଆଉ ସମୟ ମିଳିବନି । ଏଇଟା ମୋ ତରଫରୁ ତୁମ ବିବାହର ଉପହାର”

''ଥ୍ୟାଙ୍କ ୟୁ ମମି”ବହୁ କଷ୍ଟରେ କହିଥିଲା ସୋମା !

ନିଜ ସ୍ଥାନ ରୁ ଉଠି ଆସିଲେ କଲ୍ୟାଣୀ ଦେବୀ ହସି ହସି କହିଲେ

''ମା କୁ କଣ ଧନ୍ୟବାଦ ଦିଆଯାଏ ! ଆଉ ଏ ମମି ଫମୀ ନାଇଁ, ମା ହିଁ କହିବୁ ।ଏବେ ତୁ ପରା ମୋ ଝିଅ, ମୋ ବନ୍ଧୁ ମୋ ମା।' ''କଲେଜ ଟାଇମ ହୋଇ ଯାଇଥିଲା । ତର ତର ହୋଇ ବାହାରି ଗଲେ ସେ । କେଉଁଠି ଛପିକି ସବୁ ଶୁଣୁଥିଲେ ବିରାଜ ହଠାତ ପଛ ପଟୁ ଆସି କୁଣ୍ଢାଇ ଧରି କାନପାଖରେ କହିଥିଲେ

''ଏବେ ଫାଇନାଲ ଫୋନ କରିବାର ଅଛି କୁହ କେଉଁ ଜାଗା କହିବି ଭୁବନେଶ୍ୱର ନା ମୁମ୍ବାଇ”

''ତୁମେ କଣ ଭାବୁଛ ମିଷ୍ଟର” ଦୁଷ୍ଟାମୀ ରେ କହିଥିଲା ସୋମା

''ମୁଁ ତ ମୁମ୍ବାଇ ଭାବୁଛି” ସେ ବି ହାଲୁକା ଭାବେ କହିଥିଲେ

ନିଜକୁ ବିରାଜଙ୍କ ବାହୁ ବନ୍ଧନରୁ ମୁକ୍ତ କରି ସୋଫାରେ ବସି ପଡିଲା ସୋମା ହସି ହସି କହିଲା

''ତା ହେଲେ ତୁମେ ଏକା ଯିବ ।ମୋର ଏଠି ଦୁଇ ଦୁଇ ଟି ମା' ବାପା। ତାଙ୍କୁ ଛାଡି ମୁଁ ଯିବିନି”

''ତା ହେଲେ ତ ମୁଁବି ଯିବିନି ତୁମକୁ ଛାଡି ''କହି ଆହୁରି ପାଖକୁ ଆସି ଯାଉଥିଲେ ବିରାଜ !

# ଅନ୍ଧାରର ରଙ୍ଗ ଭିତରେ ବି ଜୀବନ ଭରିରହିଛି



ISSN-2583-6978
Volume-3
Issue-8
AUGUST-2023

**ଅନସୂୟା ପଣ୍ଡା**

**କାର୍ଡଗୁଡ଼ି, ବାଙ୍ଗାଲୋର**

ଅନ୍ଧାରର ରଙ୍ଗ ଭିତରେ ବି ଜୀବନ ଭରିରହିଛି।

ଏତେ ଦିନ ପରେ ଘରକୁ ବୁଲିବାକୁ ଆସିଥିଲି। ହେଲେ ଖୁସିରେ ନୁହେଁ। ବୋଉର ଦେହ ଖରାପ ବୋଲି ଦେଖିବାକୁ ଆସିଥିଲି। ଝିଅର ପରୀକ୍ଷା ଚାଲିଥିଲା ତେଣୁ ଆଗରୁ ଆସିପାରିନଥିଲି।

ବୋଉ ନଥିବା ଘର କେତେ ଯେ ଅସଜଡ଼ା, କେତେ ଯେ ବିପର୍ଯ୍ୟସ୍ତ, ଆବେଗ ଶୂନ୍ୟ ସେକଥା ନ ଭୋଗିଲେ ବୋଧେ ଜାଣି ହେବନି ! ପହଁଚିଲା ବେଳକୁ,ବାପା ପଖାଳ ଗଣ୍ଡେ ବାଢ଼ି, ଆଳୁରେ ଲଙ୍କା ଚକଟିବେ ବୋଲି ଗୋଟିଏ ହାତ ଟେକି ଫ୍ରିଜ୍‌ରୁ କଞ୍ଚା ଲଙ୍କା ଖୋଜୁଥିଲେ। ଦିନ ଆସି ତିନିଟା ବାଜିବ। ମୋତେ ଦେଖି ଆଖି ତାଙ୍କର ଲୁହ ଢଳ ଢଳ ହୋଇଗଲା। ଦିନେ ହାତରେ ପାଣି ଗ୍ଲାସଟେ ଆଣି ପିଉ ନଥିବା ବାପା ଏବେ ରୋଷେଇ କରି ହାତରେ ବାଢ଼ି ଖାଉଛନ୍ତି ! ପରିସ୍ଥିତି ମଣିଷକୁ ସବୁ ନକରି ଥିବା ଜିନିଷ କରିବାକୁ ଶିଖାଏ ଯେପର୍ଯ୍ୟନ୍ତ ସେ ନିଜେ ସବୁଥିରେ ସହଜ ହୋଇନି। ତାହା ବୋଧେ ପ୍ରକୃତିର ନିୟମ।

'କଣ ଏତେ ବେଳ ଯାଏ ଖାଇନ, ପୁଣି ପଖାଳ ଖାଉଛ ! ଦେହ ଖରାପ ହେବନି !' ଗଡି ଯାଉଥିବା ଲୁହକୁ ଓଢଣୀରେ ପୋଛୁ ପୋଛୁ ପଚାରିଲି।

କୋହ ରୁଦ୍ଧ କଣ୍ଠରେ ବାପା ପଖାଳ ଗୁଣ୍ଡା ପାଟିକି ନେଉ ନେଉ କହିଲେ, 'ତୋ ବୋଉତ ନାହିଁ।

ଜାଣି ହେଉନି ଅଧିକା ରୋଷେଇ ହୋଇଯାଉଛି ! ଏକୁଟିଆ ଲୋକ କେତେ ଖାଇବି !

ଦିନେ ରୋଷେଇ କଲେ ଦୁଇଦିନ ଖାଉଛି। ଭଗବାନ ଜୀବନର ଶେଷ ଅବସ୍ଥାରେ ବି ଏତେବଡ ଦଣ୍ଡ ଦେଲେ ! ଆଉ ସହି ହେଉନିରେ ମା !'

ବୋଉ ଥିବା ବେଳେ ସକାଳେ ଯେତେ ଯାହା ଜଳଖିଆ ଖାଇଥିଲେ ବି, ଯଦି ରୋଷେଇ ଦିନ ଗୋଟେ ଟପି, ଖାଇବା ଡେରି ହେଲା ତେବେ ବାପା ଚହଳ ପକେଇ ଦିଅନ୍ତି। ସକାଳେ ଯାଇ ମଣିଷ ଗଣ୍ଡେ କଣ ଖାଇଥିଲା !..। ବୋଉ ସିଆଡେ ବିରକ୍ତ ହୋଇ ଧୀରେ କହୁଥିବ, ଖାଇବା ବିନା ଜୀବନ ଚାଲି ଯାଉଥିବ ନା ଏବେ ! ସକାଳୁ ଦିପହର ଖାଇସାରିଲେଣି ତଥାପି ପେଟ ପୋଡ଼ିଯାଉଛି। ମଣିଷ ସକାଳୁ ପାଣି ଟିକେ ବି ପାଟିରେ ଦେଇନି ଏଯାଏଁ ସେ କଥା କିଏ ଜାଣୁଛି !

କେଜାଣି କେମିତି ବୋଉ ଏତେ ସବୁ ଚଳେଇ ନିଏ, ନିଜକୁ ଅଣଦେଖା କରି, ସମସ୍ତଙ୍କୁ ଯତ୍ନ କରିବାକୁ ଏତେ ଧର୍ଯ୍ୟ କେଉଁଠୁ ସାଉଁଟେ ! ସେଥିରେ ପୁଣି ହଜାରେ ଓଷା, ପୂଜା, ବ୍ରତ ଆମ ମାନଙ୍କ ପାଇଁ। ବୋଧେ ଝିଅଟିଏରୁ ସ୍ତ୍ରୀ ଆଉ ପରେ ମା' ହେବା ଭିତରେ ସେ ଅନେକ ଟାଣ ହୋଇଯାଏ ମନରେ !

ଆଜି ସେ ନାହିଁ, ଦାଣ୍ଡ ଚଉରାର ସେ ଶୁଖିଲା ତୁଳସୀ ଗଛ, ରୋଷେଇ ଘରର ବିକ୍ଷିପ୍ତ ବାସନ କୁସନ ଅସଜଡ଼ା ଫୁଟଣ ତେଲ ଲୁଣ ଜାଗା, ଦର ଓଲା ଘର ଏଠି ସେଠି ଜମା ହୋଇଥିବା ଅଳରା ଲୁଗା ପଟା କେବଳ ଗୋଟିଏ ଲୋକର ଅନୁପସ୍ଥିତିର ପ୍ରମାଣ ଦେଉଛି। ମାଳାକୁ ସ୍ନେହ ରଜ୍ଜୁରେ ଏକାଠି କରୁଥିବା ସୂତା ଯଦି ଦୁର୍ବଳ ହୋଇ ଛିଣ୍ଡି ଯାଏ ତେବେ ମାଳି ସବୁ ଯିଏ ଯେଉଁଠି ଥିଲେ ବି ନିଜ ସ୍ଥିତି ଓ ସୌନ୍ଦର୍ଯ୍ୟ ହରାଇବେ ସେଇ ଅବସ୍ଥା ଏବେ ଘରର।

ଯେତେବେଳେ ଦେଖିବ ରୋଷେଇ ଘରେ ଯାହା ଗୋଟେ କରୁଥିବ ସେ, ବିରକ୍ତ ହେଲେ କହିବ' ନିଜେ ରୋଷେଇ ବାସ କଲେ ଗଣ୍ଡେ ତ ଖାଇବା ! ଆଉ କଣ କିଏ ଆମକୁ କରିକି ଦେବ !'

ରୋଷେଇ ଘରକୁ ଅନେଇଲି ଯେମିତି ଲାଗୁଥିଲା ବୋଉ ଗ୍ୟାସ ଆଡ଼କୁ ମୁହଁ କରି ରୋଷେଇ କରୁଛି।

ମୋତେ ଦେଖିନି ଏଯାଏଁ। ଏଇନେ ଦେଖିଲେ କଣ ଖାଇବି ବୋଲି ଘାଣ୍ଟି ହୋଇଯିବ ! ମୋ ମନ ପସନ୍ଦର ଖାଇବା ବାଢ଼ିଦେବ।

ବୋଉର ମୋ ପରି ମଡ୍ୟୁଲାର କିଚେନ ନୁହେଁ ହେଲେ ଖୁବ

ସଫା ସୁତୁରା ଆଉ ସ୍ୱାଦିଷ୍ଟ ଖାଦ୍ୟ ବନାଯାଉଥିବା ରୋଷେଇ ଘର ତାର। ଆଉ ଆନନ୍ଦ ବଜାର ପରି କାହାର ପେଟ ଏଠି ଖାଲି ରହିବନି କେବେ। ସେ ନାହିଁ, ଜିନିଷ ପତ୍ର ଏଠିସେଠି ହୋଇ ପଡିଛି, ଛୋଟ ପୋକ ସବୁ ଉଡୁଛନ୍ତି ସଫା ସୁତୁରା ନାହିଁ ବୋଲି। ସତୁରି ବର୍ଷର ବୁଢ଼ା ନିଜ ପାଇଁ। କିଏ କରିବଗଣ୍ଡେ ଫୁଟାଇ ଖାଇ ପାରୁଛି ସେତିକି ବଡ କଥା। ଭାଇ ତା ଚାକିରୀ ଜାଗାରେ, ମେଡିକାଲ ଆସୁଛି ବୋଉର କାମ ପାଇଁ ସେଇଠୁ ଚାକିରୀ ଜାଗାକୁ ଫେରି ଯାଉଛି। ପରିସ୍ଥିତିକୁ ମୁକାବିଲା ପାଇଁ ମନୋବଳ ସହ ଲୋକବଳ ବି ଦରକାର, ଯାହା ଏବେ ନଥିଲା ଆମର।

ପ୍ରଥମ ଥର ଘରକୁ ଆସି ନିଜେ ରୋଷେଇ କରି ଖାଇଲି। ବୋଉ ଥିଲେ ଏମିତି କେବେ ହୋଇନଥାନ୍ତା ! ତା ହାତର ପରସା ସାମାନ୍ୟ ଜିନିଷକୁ ବି ମହାର୍ଘ୍ୟ କରିଦେଇଥାନ୍ତା। ହେଲେ ସତ କଠୋର, ତାକୁ ମାନିବାକୁ ସେ ବାଧ କରେ।

ବାପାଙ୍କୁ ଡାକିଲି ଆସ ଯିବା ବୋଉକୁ ଦେଖି ଆସିବା, ସେ ମନା କଲେ! 'କଣ ଆଉ ଦେଖିବି ତାକୁ। ନିର୍ଜଳା ଉପାସ ରହି ବଡ ଓଷା କରୁଥିଲା, ଏତେ ନିଷ୍ଠା, ଏତେ ପୂଜାର କଣ ଏଇଆ ମୂଲ୍ୟ।' ମଣିଷର ସରଳ ବିଶ୍ୱାସରେ ବ୍ୟତିକ୍ରମ ତାଙ୍କୁ ଆଘାତ ଦେଇଛି ଆଉ ଅସହିଷ୍ଣୁ କରିଦେଉଛି ଏ ପରିବର୍ତ୍ତନକୁ ମାନି ନେବାକୁ। ମୁଁ ବେଶି ବାଧ କଲିନି।

ବୋଉଆଠ ଦିନ ହେବ ସାନ ଭଉଣୀ ଘରେ, ଭୁବନେଶ୍ୱରରେ। ବ୍ଲଡ଼ ଟେଷ୍ଟ, ଅଲଟ୍ରା ସାଉଣ୍ଡ, ଏମାରାଇ, ସିଟି ସ୍କ୍ୟାନ ସବୁ ସରିଛି। ବ୍ଲାଡରରେ ଟ୍ୟୁମର, ପରିଶ୍ରାରେ ରକ୍ତ ପଡୁଛି ପଡ଼ିବାରୁ ଏସବୁ ଟେଷ୍ଟ। ଅନେକ ଦିନରୁ ପଡ଼ିଲାଣି ହେଲେ ସେ କହୁନଥିଲା। ସେ ଭାବୁଥିଲା ଉପାସ ଏତେ କରୁଛି ତେଣୁ ପେଟ ଗରମ ହୋଇ ନାଲି ପରିଶ୍ରା ହେଉଛି।

ଆସନ୍ତା ବୁଧବାରେ ଅପରେସନ। ତାପରେ ବାଇଓପସି ପାଇଁ ବମ୍ବେ ପଠାଯିବ। ବୋଉ ଏତେ ସବୁ ଟେଷ୍ଟ ପରେ ବି ସେମିତି ଅବିଚଳିତ ଥିଲା ବୋଲି ଫୋନ କଲେ ବୁଝି ପାରେ। କାଲି ସକାଳେ ଆଡମିଟ ହେବ ଡାକ୍ତରଖାନାରେ। ଡାକ୍ତରଙ୍କ ଅନୁଧ୍ୟାନରେ ରହିବ ଦୁଇ ଦିନ। ଆସ୍ଥମା, ବ୍ଲଡ଼ ପ୍ରେସର ସବୁ ସହଜ ହେଲେ ଯାଇ ଅସ୍ତ୍ରୋପଚାର ହେବ। ଦରକାର ହେଲେ ରକ୍ତବି ଦିଆଯିବ। ବୟସ ହେଲାଣି ତେଣୁ ସବୁ ଏତେ ସହଜ ନୁହେଁ।

ଭଉଣୀ ଘରେ ମୁଁ ପହଞ୍ଚିା ପରେ ଗୋଟେ କାନ୍ଦ କଟା ରୋଳା ଚାଲିଲା। ସେ ବିରକ୍ତ ହେଲା, ବୋଉର ବିପି ବଢି ଯାଉଛି। ଏସମୟରେ ତାକୁ ତାକତ ଦେବା ଦରକାର। ମନୋବଳ ବଢେଇବାକୁ ନିଜକୁ ଦମ୍ଭ ଧରିବାକୁ ହେବ! ହେଲେ ମୁଁ କୁଆଡୁ ସମ୍ଭାଳି ପାରୁଛି !

ହେଲେ ବୋଉ ନିଜର ବ୍ୟସ୍ତତା ମନରେ ଚାପି ସେମିତି ହସି ହସି କହୁଥାଏ, ତମେ ମାନେ ବେକାରରେ ବ୍ୟସ୍ତ ହେଉଛ, ମୋତେ ଦେହ କିଛି ଅସୁବିଧା ଲାଗୁନି! ଦେଖିବନି କାଲି ଡକ୍ଟର କହିବେ କିଛି ହୋଇନି ମୋର, ମୋଟା ହୋଇ ହୋଇ ଯାଇଛି ବୋଲି ଟିକେ ମାଂସ ବଢିଯାଇଛି, ଓଷଦରେ ଭଲ ହୋଇଯିବ! କିଛି ଅପରେସନ ଦରକାର ହେବନି! ଗୋଟେ ଛୋଟ ପିଲାଟିଏ ପରି ସରଳ ତା କଥା, ତା ହସ। ହେଲେ କି ଧର୍ଯ୍ୟ, କି ବିଶ୍ୱାସ ମନରେ! ଟିକେ ମାତ୍ର ଭୟ ନାହିଁ। କେତେ ସହଜରେ ଜିନିଷକୁ ନେଇ ଯାଉଛି। ମୁଁ ହୋଇଥିଲେ କାହିଁକି ମୋ ସହ ଏମିତି ହେଲା ଭାବି ଭାବି ଆହୁରି ରୋଗ ବଢ଼େଇ ଥାଆନ୍ତି। ଜିନିଷକୁ ଏତେ ସହଜରେ କଣ ଗ୍ରହଣ କରି ହୁଏ! ବୋଧେ ମନରେ ମାନିନେଲେ ଖୁବ ଶୀଘ୍ର ଶାନ୍ତି ମିଳେ ବୋଲି ବୋଉ ପରି ଆଜିଯାଏ ମୁଁ ବୁଝିନି!

ଆମମାନଙ୍କ ପାଇଁ ଭୋକ ଉପସରେ ରହି ଉପାସ ବ୍ରତ କରି ତାର ଆଜି ଏ ଅବସ୍ଥା। ହେଲେ କେହି ଆମେ ତା ଦୁଃଖ ନେଇପାରୁନୁ। ଦୁଃଖ ଦେଇ ହୁଏ ନେଇ ହୁଏନି ଏମିତିକି ଜନ୍ମ କଲା ମା ବି ନେଇ ପାରେନି।

ଲୁହ ଲୁଚାଇବାକୁ ମୁଁ ବାଲକୋନିକୁ ପଳେଇଲି। ନାଳୁଆ ଶୀତ ପଡି ଆସିଛି, ଦେହ ଥଣ୍ଡା ଲାଗୁଥାଏ ହେଲେ ମନଟା ଥଣ୍ଡା ହେବାଯାଏ ସେଇଠି ଠିଆ ହୋଇ କିଛି ସମୟ ରାତିକୁ ଦେଖିଲି! ତାର ସୁନ୍ଦର ଗାଢ଼ ଅନ୍ଧାରର ରଙ୍ଗ ଭିତରେ ବି ଜୀବନ ଭରିରହିଛି ପ୍ରଥମ ଥର ଜାଣିଲି।

ଆକାଶରେ ଦିକ୍ ଦିକ୍ କରୁଥିବା ତାରା ମାନଙ୍କୁନିରେଖି ଦେଖି ଭାବୁଥିଲି ତାରା ମାନଙ୍କ ପରି ମନରେ ଦିକ ଦିକ ହୋଇ ଜଳୁଥିବା ସଦଇଛା ସବୁ କୁଆଡେ ସତ ହୋଇଯାନ୍ତି, ବୋଉର କଥା ବି ସେମିତି ସତ ହୋଇଯାଆନ୍ତା ନି ! ବେଳେ ବେଳେ ମିଛକୁ ବାରମ୍ବାର କହିଲେ ତାହା ମରୀଚିକା ପରି ସତ ବୋଲି ପ୍ରତୀୟମାନ ହୁଏ। ସେମିତି କିଛି ବୋଉ ଭାବିନେଇଛି କିନ୍ତୁ ବାହାରେ କହୁଛି କମ, ମନରେ ଭାବୁଛି ଅନେକ।

ବୋଉ ଶୀଘ୍ର ଘରକୁ ଫେରିବ ବୋଲି ରାତି ଖାଇବାରେ ସାନ ଭଉଣୀ ଚକୁଳି କରିଥିଲା, ମୁଁ ଭାବୁଥିଲି ବୋଉକୁ ଆଉ ଡାକ୍ତରଖାନା ଯିବାକୁ ନ ପଡନ୍ତାକି! ହେଲେ ତାହା ଆଉ ସମ୍ଭବ କି!

❖❖❖

# ଅପରାଧୀ



ISSN-2583-6978
Volume-3
Issue-8
AUGUST-2023

**ରୀନାରାଣୀ ରାଉତରାୟ**

**ତାଳଚେର**

ସକାଳୁ ଚନ୍ଦ୍ରକାନ୍ତ ବାବୁ ତିନି ଚାରିଥର ଘରୁ ଗେଟ୍ ପର୍ଯ୍ୟନ୍ତ ଯାଇ ଫେରିଲେଣି । କିଛି କଥା ନ କହିଲେ ବି ସାମାନ୍ୟ ବିରକ୍ତ ହେଉଥିଲେ । ଚା ପିଇ ସାରିବା ପରେ ବାହାରେ ଘେରାଏ ବୁଲି ଆସିବା ତାଙ୍କର ନିତିଦିନିଆ ଅଭ୍ୟାସ । ତା ପରେ ଅନ୍ୟାନ୍ୟ କାମ । ଟିକିଏ ଡେ଼ରି ହେଲେ ସେପଟେ କାଉନ୍‌ସେଲିଂ ସେଣ୍ଟର ଆଗରେ ଲୋକଙ୍କ ଭିଡ଼ । ତରତରରେ କ'ଣ ଦିଟା ଖାଇଦେଇ ଯିବେ ଯେ ଆସିବା ସମୟର ଠିକଣା ନାହିଁ । ତାଙ୍କର ବଡ଼ ସମସ୍ୟା ସେ କାହାକୁ ନାହିଁ କରି ପାରନ୍ତି ନାହିଁ । ଯିଏ ଯାହା କହିଲା ତାକୁ ସମ୍ମତି ଦେଇଦେବେ । ଏଥିପାଇଁ ଯେତେକ ଝାମେଲା । ଏଇ ଯେମିତି ଆଜି ଭଳି କଥା ।

କେବେ କେମିତି ସ୍କେଚ୍ ବନେଇବା ପାଇଁ ବେହେରା ବାବୁ କୁହନ୍ତି । ବର୍ଷକୁ ଥରେ ବା ଦୁଇଥର ତାଙ୍କୁ ଖୋଜା ପଡ଼େ । ନଚେତ୍ ଅନ୍ୟବେଳେ କୋଉ ସମୟ ମିଳୁଛି ଯେ କଥା ହେବାକୁ । ଗତ ରାତିରୁ ଫୋନ କରି କହିଥିଲେ ସକାଳୁ କୁଆଡ଼େ ନଯାଇ ଘରେ ଥିବେ । ସକାଳ ଫୋନ୍ କରି ଜଣେଇଛନ୍ତି ଆସୁଛନ୍ତି । କେମିତି ତାଙ୍କୁ ଅଣଦେଖା କରିବେ । ଦେଖା ନ କଲେ ଭୁଲ୍ ବୁଝିବେ । ଆସିବାକୁ କହିଲେ ଯଦି ଅନ୍ୟର ସମୟକୁ ତ ଗୁରୁତ୍ୱ ଦେବା ଉଚିତ୍। ଅଧଘଣ୍ଟେ ହେଲାଣି ସେ ଏପାଖ ସେପାଖ ହେଉଛନ୍ତି ତାଙ୍କର ଦେଖା ନାହିଁ । ବେହେରା ବାବୁ ଏଇ ଜାଗାରେ ଥାନାବାବୁ ହୋଇ ଆସିବା ପରେ ଦୁଇ ତିନି ବର୍ଷ ହୋଇଗଲାଣି । ତାଙ୍କ ଆଗରୁ ଯିଏ ଥିଲେ ସେ ବି ଆସନ୍ତି । ପରିଚିତ ଲୋକ ବୋଲି ତାଙ୍କୁ ନାହିଁ କରି ହୁଏନି।

ପୁଅ ପିଣ୍ଟୁ ବାପାଙ୍କ ପାଖକୁ ଆସି ପଚାରିଲା, 'ସେ ପୋଲିସ୍ ଅଙ୍କଲ କାହା ଚିତ୍ର ବନେଇବେ?' 'କେହି ଅପରାଧ କରି ଖସି ପଳେଇଛି । ପୋଲିସ୍ ଜାଣିବାକୁ ଚାହୁଁଛି କିଏ ସେ ? ସେଥିପାଇଁ ତାର ଚିତ୍ର ବନେଇବେ ।'

- ଅପରାଧ କରୁଥିବା ଲୋକମାନଙ୍କୁ ମୁଁ ଜାଣିଛି ।'

- ତୁ ଦେଖିଛୁ ?

- ହଁ ।

- କୋଉଠି ଦେଖିଲୁ ?

- ସିରିଏଲରେ ଆଉ ଫିଲ୍ମରେ । ତାଙ୍କର ଲମ୍ବା ଦାଢ଼ି, ନିଶ, ଆଖି ଲାଲ୍ ହୋଇଥାଏ ଆଉ ହାତରେ ଖଣ୍ଡା ନହେଲେ ବନ୍ଧୁକ ଧରିଥାନ୍ତି ।

ପୁଅର କଥାଶୁଣି ଚନ୍ଦ୍ରକାନ୍ତ ବାବୁ ଟିକେ ଆଶ୍ଚର୍ଯ୍ୟ ହେଲେ । ତାପରେ ସେ ପୁଣି ଅଡୁଆ ସୂତାକୁ ସଜାଡ଼ିବା ପରି ନିଜ ଭାବନାରେ ବୁଡ଼ିଗଲେ । ସତରେ ପୁଅ ବର୍ଣ୍ଣନା କଲାପରି ମଣିଷମାନେ କ'ଣ ଅପରାଧ କରିଥାନ୍ତି !

ତାଙ୍କର ମନେ ପଡୁଥିଲା ବହୁତ ଦିନ ପରେ ଥରେ ଏମିତିଆ ପିଲାଟେ ତାଙ୍କ ଗେଟ୍ ବାଡ଼ୋଉଥିଲା । ହାତରେ କ'ଣ ଗୋଟେ ଧାରୁଆ ଅସ୍ତ୍ର ଥାଏ । ଆଖି ଲାଲ୍ ହୋଇଯାଇଥାଏ । ସାଙ୍ଗରେ ଆଉ ଦୁଇଜଣ ପିଲା ବି ସେମିତିଆ ଥାନ୍ତି । କିନ୍ତୁ ସେମାନେ କିଛି ହାତରେ ଧରି ନଥିଲେ । ଭାଇ ପଚାରିଲେ କାହାକୁ ଖୋଜୁଛ । କ'ଣ ହେଲା...

ଜଣେ କହିଲା ତା ସାଙ୍ଗର ବହୁତ ବାନ୍ତି ହେଉଛି । ପାଣି ଟିକିଏ ଦରକାର ।

କିଛିଦିନ ପରେ ସେ ପିଲାଟି ତାର ବାପା ମାଆଙ୍କ ସହିତ ଆମ କାଉନସେଲିଂ ସେଣ୍ଟରକୁ ଆସିଥିଲା । ଦୁଇ ତିନିଟା ଭିଜିଟ୍ ପରେ ସେ ନିଶା ଇଞ୍ଜେକ୍‌ସନ୍ ନେବା ଛାଡ଼ି ଦେଇଥିଲା । ତାକୁ ଦେଖି ତାର ଅନେକ ସାଙ୍ଗ ମଧ୍ୟ ନିଶା ଇଞ୍ଜେକ୍ସନ୍ ଛାଡ଼ିଥିଲେ । ଖୁସିର କଥା ତା ବାହାଘରକୁ ତାର ବାପା ମାଆ ଡ଼ାକିଥିଲେ । ସେ ହିରୋ ପରି ଦିଶୁଥିଲା । ତାର ବାପା ମାଆ ବାର ବାର ହାତଯୋଡ଼ି ତାଙ୍କ ପୁଅର ପରିବର୍ତ୍ତନ ପାଇଁ କୃତଜ୍ଞତା ଜଣାଉଥିଲେ । ଭାଇ ବି ତାକୁ ଦେଖି ଆଶ୍ଚର୍ଯ୍ୟ ହେଉଥିଲେ । ଏଇନେ ସହରର ସେ ଜଣେ ବଡ଼ ବ୍ୟବସାୟୀ ।

ବାହାରେ ସ୍କୁଟରର ଶବ୍ଦ ଶୁଣି ତାଙ୍କର ଧ୍ୟାନଭଗ୍ନ ହେଲା । ଗାଡ଼ିରୁ ଓହ୍ଲେଇ ଜଣେ ଯୁବକ ତାଙ୍କ ଆଡ଼େ ଚାହିଁ ହସି ହସି ଆସୁଥିଲେ । ଚନ୍ଦ୍ରକାନ୍ତ ବାବୁ ତାଙ୍କୁ ଦେଖି ହସିଦେଇ ପଚାରିଲେ ଆରେ ବିଶ୍ୱଜିତ୍ ତମେ ସକାଳୁ ସକାଳୁ କୁଆଡ଼େ ।

ଯଥାମାନ୍ୟ କରି ବିଶ୍ୱଜିତ୍ ଗୋଟେ ଆମ୍ବଭର୍ତ୍ତି ବ୍ୟାଗ୍ ଧରି ଘରମୁହାଁ ଯାଉଥିଲେ । ପଛରେ ଚନ୍ଦ୍ରକାନ୍ତ ବାବୁ ତାଙ୍କୁ ଅନୁସରଣ କରୁଥିଲେ।

- ଏବର୍ଷ ବହୁତ ଆମ୍ବ ଆସିଛି ଭାଇ । ବୋଉ ତମ ପାଇଁ ଏତକ ପଠେଇଛି ।

- ସମସ୍ତଙ୍କୁ ବାଣ୍ଟି ସାରିଲଣି ?

- ହଁ, ସେମିତି ଦିଆ ଚାଲିଛି । ପବନରେ ସବୁ ଝଡ଼ି ଯାଉଛି । ଏତେ କ'ଣ ଖାଇ ହେବ । ସବୁ ବନ୍ଧୁ ବାନ୍ଧବଙ୍କୁ ବୋଉ ଦେଇ ଦେଉଛି । ଆଛା ବାହାରେ ଆପଣ କାହାକୁ ଅପେକ୍ଷା କରିଥିଲେ କି ?

- ହଁ, ଜଣେ ଆସିବେ କହିଥିଲେ ତ ।

- ମୁଁ ଆସୁଛି ତା ହେଲେ । ମୋର କାମ ଅଛି । ତେଣୁ ମୋତେ ଜଲ୍‌ଦି ଯିବାକୁ ହେବ ।

- ଏତେ ଦିନ ପରେ ଦେଖା ହେଇଛି । କିଛି କଥା ହୋଇନେ ଆଉ ତମେ ଚାଲିଯିବ । ଟିକେ ସମୟ ପରେ ଯିବ ।

- ତୁମ ସ୍କୁଲ କେମିତି ଚାଲିଛି ?

- ଭଲ । ଏବେ ଆଉ କିଛି ଅସୁବିଧା ନାହିଁ । ପିଲା ବି ଗୁଡ଼ାଏ ହୋଇଗଲେଣି ।

- ମଉସା ମାଉସୀଙ୍କ ଦେହ କେମିତି ଅଛି ?

- ଭଲ ଅଛି ।

- ତମର ଏ ବଗିଚା କାମ କେମିତି କରୁଛ ? ଇଆଡ଼େ ସ୍କୁଲ କଥା ଘର କଥା କେମିତି ସମ୍ଭାଳୁଛ ?

- ଏବେ ଦୁଇଜଣଙ୍କୁ ବଗିଚାର କାମପାଇଁ ରଖିଛି ।

- ଆଉ କ'ଣ ନୂଆ ଗଛ ଲଗେଇଛ କି ?

- ଖାଲି ନୂଆ ଭେରାଇଟିର ଆମ୍ବ ଗୁଡ଼ାଏ ଲଗା ହୋଇଛି । ଆର ବର୍ଷକୁ ଅଲଗା କିଛି କରିବି ବୋଲି ଭାବୁଛି ।

- ତମର ସେ କେସ୍ କଥା କଣ ହେଲା ?

- ଏତେ କାମ ଭିତରେ ସେସବୁ ବୁଝିବାକୁ ଆଉ ସମୟ ହେଉନି । ସମସ୍ତେ କହିଲେ ବୋଲି ଏଫ.ଆଇ.ଆର୍.ଟେ ଦେଇଦେଲି । ପୋଲିସ୍ ପ୍ରଥମେ ଟିକେ ବୁଝାବୁଝି କଲା ତାପରେ ଆଉ ସେମିତି କିଛି କଲାନି । ଆଉ କଣ କରିଥାନ୍ତି । ଥାନାକୁ ଦୌଡ଼ି ସମୟ ନଷ୍ଟ କରିବାକୁ ଆଉ ଭଲ ଲାଗିଲାନି ।

- ପୋଲିସ୍ କ'ଣ କାହା କଥାରେ ଏମିତି ଜାଣି ଜାଣି କଲେନି ବୋଲି ତମେ ଭାବୁଛ ।

- ଆଉ ସେଇ କଥା ନୁହେଁ ଆଉ କ'ଣ ।

- ତମ କେସ୍‌ରେ ଏଭଳି କିଏ କରୁଛି ?

- ହଁ, ସେ ଖଣି ମାଲିକ ପୁରୁରବାକୁ ଜାଣିଥିବେ ତ ?

- ନାଁ ମୁଁ ଜାଣିନି । ମତେ କୁହ ସେ ତୁମକୁ କେମିତି ଜାଣିଲା ଆଉ ଏମିତି କାହିଁକି କଲା । ହାତରେ କାଗଜ ପେନସିଲ୍ ଧରି ପଚାରିଲେ ମତେ କହିଲ ସେ ଦେଖିବାକୁ କେମିତିଆ ।

- ଥରେ ଗୋଟେ ସଭାରେ ତା ସହ ଦେଖା ହୋଇଥିଲା । ପ୍ରତିବର୍ଷ ଏକ ବଡ଼ ସଭାର ଆୟୋଜନ କରି ସେ ଲୋକମାନଙ୍କୁ ବିଭିନ୍ନ ଭାବରେ ଆପ୍ୟାୟିତ କରେ । ସେଥିପାଇଁ ଲୋକେ ତାକୁ ଭଗବାନ୍ ପରି ଭାବିଥାନ୍ତି । ତାର କଥା ପୋଲିସ୍ ମାନେ କେମିତି ଅମାନ୍ୟ କରନ୍ତେ ।

- ତୁମକୁ ସେ କୋପଦୃଷ୍ଟି କାହିଁକି କଲା ?

- ଥରେ ଡ଼ାକିଥିଲା ତାର ସେ ବିରାଟ ସମାରୋହକୁ । ଘରକାମ ଛାଡ଼ି ଯାଇ ପାରିବିନି ବୋଲି ତାକୁ ମନା କରିଦେଲି । ତାକୁ ଆଘାତ ଦେବା ମୋର ଉଦ୍ଦେଶ୍ୟ ନଥିଲା । ବେଳେବେଳେ ମଣିଷ ନିଜ ଦାୟିତ୍ୱ ଏବଂ କର୍ତ୍ତବ୍ୟ ଭିତରେ ଏମିତି ଛନ୍ଦି ହୋଇଯାଏ ଯେ ନିଜର ବ୍ୟକ୍ତିଗତ ଇଛା ପୂର୍ତ୍ତି କରିବାକୁ ହଜାରେ ବାଧା ବନ୍ଧନ ଆସିଥାଏ । ଘରର ସବୁକାମ ଭାଇମାନେ କରି ନିଅନ୍ତି । ନିଜର କାମ ଛାଡ଼ି ବାହାରକୁ ଯାଇହୁଏନି ବୋଲି ବହୁତ କାମ ବି ହୋଇପାରେନି । ଏଇସବୁ କାରଣ ପାଇଁ ପାଖରେ ହେଉଥିବା ସାମାଜିକ କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେଇ ହୁଏନି । ସିଏ କିନ୍ତୁ ଭୁଲ୍ ବୁଝିଲା । ଜାଣିଶୁଣି ତାକୁ ନାହିଁ କଲିବୋଲି ଭାବିଲା । ତା ପରବର୍ଷ ସଭା କଲାବେଳକୁ ଆମ ଘର ଆଗରେ ବ୍ୟାନର ଲଗେଇଲା । ଆଉ ଭୋଜିକୁ ଡ଼ାକିଲାନି। ସେ ଏଇ କାରଣ ପାଇଁ ଡ଼ାକିନି ଏବଂ ଆମ ଘର ଆଗରେ ପୋଷ୍ଟର ବ୍ୟାନର ଲଗେଇଛି ବୋଲି କିଏ ବୁଝିବ । କାହାର ବି ବୁଲି ଯିବାରେ ଆଗ୍ରହ ଅଛି ଯେ ଏଇ ବିଷୟ ମୁଣ୍ଡରେ ଯୁଟିବ । କିଛି ଦିନ ପରେ ସେ ନିଜେ କହିଲା ମୋ ଭୋଜିସଭାକୁ ଡ଼ାକିଲେ ଯିଏ ଆସେନି ମୁଁ ତାକୁ ଏହିଭଳି ବ୍ୟବହାର କରେ ।

ନୂଆକରି ସ୍କୁଲ ଖୋଲିଲା ବେଳେ ମିଲୁ ବିରୋଧ କରୁଛି ବୋଲି ସେ ଭଲଭାବେ ଜାଣିଥିଲା । ପୁରୁ ଏବଂ ମିଲୁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ତାକୁ ଜଣାନଥିଲା । ତେଣୁ ସିଏ ଯେଉଁଦିନ ତାର ଦଳବଳ ଧରି ଘରକୁ ଆସିଲା ତାକୁ ଭୁଲ୍ ବୁଝିବା କଥାଟା ମନକୁ ଆସିଲାନି । ହୁଏତ ତାକୁ ଜଣାଥିଲା ବମ୍ ଫୋପାଡ଼ିବା କାମ ମିଲୁ କରିଛି ସେଥିପାଇଁ ସେ ଆସିଥିଲା । ଆମକୁ କହିଲା ଚୁପଚାପ୍ ରୁହ ଏଫ.ଆଇ.ଆର୍. ଦବା କିଛି ଦରକାର ନାହିଁ । ସେତେବେଳକୁ କିଏ କାହିଁକି ଫୋପାଡ଼ିଲା ଏସବୁ କେହି କିଛି ବୁଝି ପାରୁନଥିଲୁ ।

ଦେଖିଥିବା ଲୋକମାନେ କିନ୍ତୁ କହୁଥିଲେ ମିଲୁ ତାର ସାଙ୍ଗ ଚିମନକୁ ପେଟେ ପିଆଇ ଏସବୁ କରିଛି ବୋଲି । ପୂର୍ବରୁ ସ୍କୁଲ ଆରମ୍ଭ ବେଳେ ମିଲୁ ଚାହୁଁ ନଥିଲା ଏଇ ଜାଗାରେ ସ୍କୁଲ୍ ହେଉ ।

ଆମ ସ୍କୁଲର ଲୋକପ୍ରିୟତା ବଢୁଥିବା ଦେଖି ମିଲୁର ଭାରି ରାଗ ହେଉଥିଲା । ତେଣୁ ସେହିଁ ଚିମନ୍‌କୁ ନିଶା ଦେଇ ଏ କାମ କରିଛି ।

ଚିମନ୍ ଭୁଲ୍‌ରେ ସ୍କୁଲ୍ ବଦଳରେ ଆମ ଗାଈଗୁହାଳ ଉପରକୁ ବମ୍ ଫିଙ୍ଗିଥିଲା । ସୌଭାଗ୍ୟ ବଶତଃ ଗାଈମାନେ ନଥିଲେ । ତେଣୁ କାହାର କିଛି କ୍ଷତି ହୋଇନଥିଲା । ଦେଖିଥିବା ଲୋକମାନଙ୍କ କଥା ଆଧାରରେ ଏଫ.ଆଇ.ଆର୍. ଦେଇଦେଲା ପରେ ସବୁ ଜଣା ପଡ଼ିଲା । ଚିମନ୍ ତ କେତେବେଳେ ହୋସରେ ନଥାଏ ଭଲ ମନ୍ଦ ପାପପୂଣ୍ୟ ବୁଝିବାକୁ । ଆଉ ମିଲୁ ପାଇଁ ପୁରୁରବା ତାତି ଉଠିଲା । ସିଧା ଯାଇ କହିଲା ସେ ଯାହା ଏଫ.ଆଇ.ଆର୍.ରେ ଲେଖିଛି ସବୁ ମିଛ କଥା । ସିଏ ନିଜେ ତା ଗୁହାଳରେ ବୋମା ଫିଙ୍ଗି ଏମିତି କହୁଛି । ତାପରେ ସେମାନେ ଯାହା ଖୋଳତାଡ଼ କରୁଥିଲେ ସେତକିରେ କେସ୍‌କୁ ରଫାଦଫା କରିଦେଲେ । ବାରମ୍ବାର ଥାନାକୁ ଗଲେ ବିଭିନ୍ନ ବାହାନା କରି କଥାକୁ ଏଡ଼େଇ ଦେଉଥିଲେ । ଏପଟେ ପୁରୁକୁ ଖୁସି କରିବା ପାଇଁ କିଛିଲୋକ କଣ୍ଟା ପଥର ଫିଙ୍ଗୁଥିଲେ ।

ଲୋକେ କହନ୍ତି ହୃଦୟବାନ ଓ ସଚ୍ଚୋଟ ଲୋକମାନଙ୍କ ସହିତ ସବୁବେଳେ ଭଲ ହୋଇଥାଏ । କିନ୍ତୁ ସେମାନେ ସର୍ବଦା ଦୁଃଖ ଭୋଗିଥାନ୍ତି । ଏଇ ଖଳ ଲୋକମାନେ ସେମାନଙ୍କ ବଞ୍ଚିବାର ଜରିଆ ନହୋଇ ସବୁବେଳେ ବୁଡ଼େଇ ମାରିବା ପାଇଁ ଦରିଆ ପାଲଟିଯାନ୍ତି ।

– ଆଛା ପୁରୁର ଘର ତ ଏଇ ଜାଗାରେ ନୁହେଁ ।

– ନାଁ ତାର ଘର ତେଲେଙ୍ଗାନା । ସିଏ ତା ନିଜ ଏରିଆରେ ଜଣେ ବିତ୍ତଶାଳୀ ନେତା । ଆଉ ଏଠି ବି ତାର ପ୍ରାଧାନ୍ୟ କିଛି କମ୍ ନୁହେଁ । ଏଇ ଗାଁ ତା ପ୍ରିୟାର ଗାଁ ପରି ତାକୁ ଭାରି ଭଲଲାଗେ । ତା ଘରଠୁ ଲମ୍ବି ଯାଇଥିବା ପକ୍କା ସଡ଼କ ଯୋଉଠି ସରିଛି ଠିକ୍ ସେଇଠି ତା ପ୍ରିୟ ଦେବୀ ମନ୍ଦିର । ଆଜିର ସମୟରେ ତା ପରି ଜଣେ ବିଶିଷ୍ଟ ନେତା କଥା ନ ଶୁଣି ଆମ କଥା କିଏ ଶୁଣିବ ।

– ସମସ୍ତେ ଏକାପରି ନୁହନ୍ତି । ତମେ ଜାଣିଛ ଗୁରୁଦ୍ରୋଣ ଯେତେବେଳେ ଅସହାୟ ଅବସ୍ଥାରେ ଜଙ୍ଗଲରେ ରହୁଥିଲେ ସେତେବେଳେ ରାଜପୁତ୍ର ମାନଙ୍କୁ ଶିକ୍ଷାଦାନ ନିମିତ୍ତ ତାଙ୍କୁ ରାଜଗୁରୁ ଭାବେ ସମ୍ମାନିତ କରାଗଲା । କୌରବ ଏବଂ ପାଣ୍ଡବଙ୍କୁ ଶିକ୍ଷାଦାନର ସମସ୍ତ ଦାୟିତ୍ୱ ତାଙ୍କୁ ଦିଆଗଲା । କିନ୍ତୁ ଯେତେବେଳେ ଗୁରୁଦ୍ରୋଣ ରାଜପୁତ୍ରମାନଙ୍କୁ ଗୁରୁକୂଳ ଯାଇ ପାଠ ପଢ଼ିବାକୁ କହିଲେ ସେତେବେଳେ ମହାରାଜା ଧୃତରାଷ୍ଟ୍ର ରାଜପୁତ୍ରମାନଙ୍କ ଇଚ୍ଛାନୁଯାୟୀ ତାଙ୍କୁ ମନାକଲେ । ସେହି ରାଜ ଦରବାରରେ ରହି ଶିକ୍ଷାଦାନ କରିବାକୁ ତାଙ୍କୁ ବାଧ୍ୟ କରାଗଲା । ଏ କଥା ଶୁଣି ଗୁରୁଦ୍ରୋଣ କହିଲେ ମୋର ରାଜଗୁରୁ ହେବାପାଇଁ ଯୋଗ୍ୟତା ଅଛି ବୋଲି ରାଜ ଦରବାର ଏ ସମ୍ମାନରେ ଅଭିସିକ୍ତ କଲା । ତା ଅର୍ଥ ନୁହେଁ ଯେ ମୋର ଦାରିଦ୍ର୍ୟ ପଣର ସୁଯୋଗ ନେଇ ନିଜର ଅନୈତିକ ଇଚ୍ଛାକୁ ସହମତି ପ୍ରଦାନ କରିବାକୁ ବାଧ୍ୟ କରିବ । ଯେଉଁ ସମ୍ମାନ ବ୍ୟକ୍ତିଠୁ ତାର ସ୍ୱତନ୍ତ୍ରତା ଛଡ଼େଇ ନିଏ ତାହା କେବଳ ମାତ୍ର ଭିକ୍ଷା ସହ ସମାନ । ସମ୍ମାନ କେବେ ଦାନ ହୋଇନଥାଏ ଯେ କାହାର ଚାଟୁକାରୀ କରିବାକୁ ପଡ଼ିବ ।

ଆଉ ଏବେ ବି ଅନେକ ବିଜ୍ଞ ଲୋକ ଅଛନ୍ତି । ଯୋଉମାନେ କିଛି ପାଇବା ପାଇଁ ଏତେ ତଳକୁ ଖସନ୍ତି ନାହିଁ । ତୁମେ ଠାକୁରଙ୍କୁ ବିଶ୍ୱାସ ରଖ କେହି ଚେଷ୍ଟାକଲେ ମଧ୍ୟ କିଛି କ୍ଷତି କରିପାରିବେନି ।

କଥା ହେଉ ହେଉ ଚନ୍ଦ୍ରକାନ୍ତ ବାବୁ ଚିତ୍ରଟିଏ କରିସାରିଥିଲେ । ବିଶ୍ୱଜିତ୍ ଚିତ୍ର ଦେଖି ଆଶ୍ଚର୍ଯ୍ୟ ହେଉଥିଲା । ଅବିକଳ ସେ ପୁରୁର ମୁହଁ ପରି ଚିତ୍ରଟି ଥିଲା ।

ଭାଇ ଆପଣ ଯାକୁ ଭଲଭାବରେ ଜାଣନ୍ତି । ପୁଣି ମତେ ମନା କଲେ କେମିତି ?

କେବଳ ତମେ ଯେମିତି କହୁଥିଲ ସେମିତି ହିଁ ଆଙ୍କିଛି । ତମେ ତ ଏଇନେ ବଖାଣୁଥିଲ ତମ ଦୁଃଖ ସମୟରେ ବି ତାଙ୍କର ହସ ହସ ମୁହଁ ଆଉ ଅନ୍ୟାନ୍ୟ ଅଙ୍ଗଭଙ୍ଗୀ ତାଲୁରୁ ତଳିପା ଯାଏ ତମେ ପରା ବର୍ଣ୍ଣନା କଲ । ହସରେ କେତେ କୁଟିଳତା, ଆଖିରେ କେତେ ଉତ୍ସୁକତା, ଭଙ୍ଗୀରେ କେତେ ଚତୁରତା ତମେ ଏଯାଏଁ ଶୁଣେଉଥିଲ, ସେଇ ଆଧାରରେ ଏଇ ଚିତ୍ର । ବିଶ୍ୱଜିତର ମୁହଁରେ ଭାଷା ନଥିଲା । ଗଳା ଥରୁଥିଲା, ଭୟ ମିଶା କଣ୍ଠରେ ସେ କିଛି କହିବାକୁ ଚାହୁଁଥିଲା । କିନ୍ତୁ କହିପାରୁନଥିଲା । ସମ୍ଭବତଃ ସେ ଚନ୍ଦ୍ରକାନ୍ତ ବାବୁଙ୍କୁ ବି ଭୟ କରୁଥିଲା । ଚନ୍ଦ୍ରକାନ୍ତ ବାବୁ ବଡ଼ ବିଷମ ପରିସ୍ଥିତିରେ ପଡ଼ିଲା ପରି ଅନୁଭବ କରୁଥିଲେ । ଭୟରେ ଝାଳେଇ ଯାଇଥିବା ବିଶ୍ୱଜିତ୍‌ର ମୁହଁକୁ ଦେଖି ସେ ପାଣି ବଢ଼େଇ ଦେଲେ । ପୁଅ ପିଣ୍ଟୁ କହୁଥିଲା ଆରେ ଅଙ୍କଲ ତମେ ତ ଭାରି ଡ଼ରୁଆ । ଇଏ ତ ଜଣେ ସାଧାସିଧା ମଣିଷ । ଦେଖୁନ ଯାଙ୍କ ହାତରେ କଣ ବନ୍ଧୁକ କି ଖଣ୍ଡା ଅଛି ଯେ ତମେ ଏତେ ଡ଼ରୁଛ । ହେ ହେ ବିଶ୍ୱ ଅଙ୍କଲ୍ କେଡ଼େ ଡ଼ରୁଆ ।

ପାଣି ପିଇଲା ପରେ ବିଶ୍ୱଜିତ୍ ଟିକେ ସହଜ ହେଲେ । ସେତେବେଳକୁ ଚିତ୍ରଟିକୁ ସେଠୁ ଚନ୍ଦ୍ରକାନ୍ତ ବାବୁ ହଟେଇ ସାରିଥିଲେ । ବିଶ୍ୱଜିତ୍‌କୁ ଚାହିଁ କହିଲେ ମୋର ତୁମକୁ ସେସବୁ ପଚାରିବାର ନଥିଲା । ସେଥିପାଇଁ ମୁଁ ଦୁଃଖିତ । ତୁମକୁ କଷ୍ଟ ଦେବା ମୋର ଉଦ୍ଦେଶ୍ୟ ନଥିଲା । ଏ ଦୁନିଆଁ ତ ଏମିତି । ବେଳେବେଳେ ଯାହାକୁ ଆମେ ସାମାନ୍ୟ ବୋଲି ଭାବିଥାନ୍ତି ବିପଦ ସମୟରେ ସେମାନେ ଆମକୁ ବହୁତ ସାହାଯ୍ୟ କରନ୍ତି । କିନ୍ତୁ ଯାହାକୁ ଆମେ ବଡ଼ ମଣିଷ ବୋଲି ଭାବିଥାନ୍ତି ଠିକ୍ ସମୟରେ ସେମାନେ ତାଙ୍କ ପ୍ରକୃତ ରୂପ ଦେଖେଇ ଆମକୁ କଷ୍ଟ ଦେବା ପାଇଁ କୌଣସି ଗୋଟିଏ ବି ସୁଯୋଗ ହାତଛଡ଼ା କରନ୍ତି ନାହିଁ । ଅନ୍ୟର କ୍ଷତି କରି ନିଜ ଜୀବନକୁ ସାର୍ଥକ ମଣୁଥିବା ମଣିଷ ଏଠି ଅନେକ ଅଛନ୍ତି । ଅନ୍ୟକୁ ସାହାଯ୍ୟ କରିବା ନ କରିବା ଆମ ଇଚ୍ଛା ଉପରେ ନିର୍ଭର କରେ । କିନ୍ତୁ ଆମଯୋଗୁଁ କେହି କଷ୍ଟ ପାଇଲେ ବା କାହାର କ୍ଷତି ହେଲେ ସେଥିରେ

ଅଜାଣତରେ ଅପରାଧ ହିଁ ହୋଇଥାଏ ।

ଭାଇ ଯୋଉମାନେ ଜାଣିଶୁଣି ଆମର କ୍ଷତି କରିବା ପାଇଁ ଜାଲ ବିଛେଇ ଥାନ୍ତି ତାଙ୍କୁ ଆମେ କ'ଣ କହିବା ?

କବାଟର ସେପାଖରୁ ପୋଲିସ୍ ବାବୁ ଉତ୍ତର ଦେଲେ ତାଙ୍କୁ ନିଶ୍ଚୟ ଆମେ 'ଅପରାଧୀ' ବୋଲି କହିବା । ପୋଲିସ୍ ବାବୁଙ୍କୁ ଦେଖି ଦୁହେଁ ନିଜ ସ୍ଥାନରୁ ଉଠିପଡ଼ିଥିଲେ । ବେହେରାବାବୁ ନିଜ ଆଡୁ ସଫେଇଦବା ଆରମ୍ଭ କଲେ । କ୍ଷମା କରିବେ ଆଜ୍ଞା ଆମ ପାଇଁ ଆପଣଙ୍କୁ ଏତେ ସମୟ ଅପେକ୍ଷା କରିବାକୁ ପଡ଼ିଲା । ଇଏ ବାବୁ ପରା ଆସିବାରେ ଡ଼େରିକଲେ । ତେଣୁ ଆମେ ଆସି ପାରିଲୁନି । ଚନ୍ଦ୍ରକାନ୍ତ ବାବୁ ଅଚିହ୍ନା ଦୃଷ୍ଟିରେ ତାଙ୍କୁ ଚାହିଁବାରୁ ବେହେରାବାବୁ କହିଲେ ଇଏ ହେଲେ ଜଣେ ପ୍ରତ୍ୟକ୍ଷଦର୍ଶୀ । ଇଏ ହିଁ ଆପଣଙ୍କୁ କହିବେ । ସେ ବିଶ୍ୱଜିତ୍‌କୁ ବାରବାର ଚାହିଁବା ଦେଖି ଚନ୍ଦ୍ରକାନ୍ତ ବାବୁ ଜାଣିଗଲେ ଯେ ତାର ଉପସ୍ଥିତିରେ ବେହେରାବାବୁ କିଛି କହିବାକୁ ଚାହାନ୍ତି ନାହିଁ । ତେଣୁ ସେ ବିଶ୍ୱଜିତକୁ କହିଲେ ହଉ ବିଶ୍ୱଜିତ୍ ତୁମର କ'ଣ କାମଥିଲା ପରା, ତୁମେ ଏବେ ଯାଅ । ମୁଁ ସୁବିଧା ଦେଖି ଘରଆଡ଼େ ଯିବି ।

❖❖❖

# କେତକୀ



ISSN-2583-6978
Volume-3
Issue-8
AUGUST-2023

ଲୋପାମୁଦ୍ରା ପରିଡା

ପାନାଥୁର, ବାଙ୍ଗାଲୋର ୮୭

ବାହା ହେଇ ଏରୁଣ୍ଡି ଡେଇଁବା ଦିନୁ ନାକଟେକା ସ୍ୱପ୍ନାଙ୍କର । ମୁହଁରେ ବୋଉକୁ କିଛି କୁହନ୍ତିନି ସତ ହେଲେ ପରେ କହନ୍ତି, ' ଛିଃ ଲୋ କି ଝାଇଁ ଝାଇଁ ଗନ୍ଧ ସେ ଡବାର । କେମିତି ତମ ବୋଉ ତାକୁ ମହାପ୍ରସାଦ ଭଳିଆ ପାଇଯାଉଛନ୍ତି ଦିନ ରାତି କେଜାଣି! ଛେଳି ଚାକୁଳିଲା ଭଳିଆ ପାଟି ଚାଲିଛି ଯେ ଚାଲିଛି ମୋର ତ ମୁଣ୍ଡ ଘୁରେଇଦିଏ ।ଟିକିଏ କହନ୍ତ ବୁଝାନ୍ତ ସିନା । ସେସବୁ ଖାଇଲେ ପରା କେତେକଥା ଘଟୁଛି । କଣ ବୁଝୁଛ କେଜାଣି ? ଦିନରାତି ତ ସେ ଟିଭିଟାରେ ନିଉଜ ଚ୍ୟାନେଲ ଘଡର ଘଡର କରୁଛ ଗଲା । ଏଇ କଥା ବାରଣ ନେଇ କେତେ ବିଜ୍ଞାପନ ।କଣ କିଛି ପଶୁଛି ନା ନାଇଁ କାନରେ ।'

ଯେହେତୁ ସିଏ ମୋରି ସ୍ତ୍ରୀ, ମୋରି ଆଗରେ ମୋରି ବୋଉ ନାଁରେ ଫେରାଦି କରୁଛି, ହଉ ଢୋକିଦିଆଯାଉ । ଶାନ୍ତି ରହୁ, ଏଇ ନ୍ୟାୟରେ ମୁଁ ହସିଦିଏ ନହେଲେ ଓଠରେ ସେଲୋଟେପ୍ ଚିପ୍‌କେଇଲା ଭଳିଆ ଚୁପ୍ ରହେ । ଲାଗେ ବୋଉ ପାଇଁ ତାର ଚିନ୍ତା ନା ବିତୃଷ୍ଣା? ସଠିକ୍ ଭାବେ କଣ କୁହାଯିବ ଏଇ ଭାବନାଟିକୁ? ବେଳେବେଳେ ଖଜବଜ ହେଇ ଜିଭ କହିଦିଏ, 'ତମେ ତା' ବୟସରେ ପହଞ୍ଚ ,ଦେଖିବ ତମକୁ ବି ଲାଗିବ ଏଇ ସବୁ ଟିକେ ଏ ବୟସରେ ଶୋହେ ।ଗୋଟେ ପଡିଆରାପଣ ,ଗୋଟେ ନିଆରା ପଣ।' ପେଟେରାରୁ ଚିଡିଟେକୁ ଟିପମାରି ଫଣା ଟେକେଇଦେଲା ପରି ସିଟ୍ କରି କହିବେ, ' ହୁଁ, ମୋର ତ କିଛି ବେପାର ନଥିଲା ଆ ଧାଉଁଥିଲି ଏଇ ଅସନା, ଗନ୍ଧକୁ ଚପର ଚପର କରିବାକୁ କଳରେ।

ଦଶରା ଛୁଟିରୁ ଏଥର ଟିକେ ଆଗୁଆ ଘରକୁ ଯାଇଥାଉ । ସେଦିନ ସକାଳେ ମଙ୍ଗଳାପୂଜା ଥିଲା ।ସମସ୍ତେ ଘରୁ ପୂଜା ଜିନିଷ ସଜାଡି ଗାଡିରେ ବସିଲୁ ।ବିଲପଦାଦେଇ ଚାଲିକି ଯାଇହବ ।କୋଉ କୋଶେ ବାଟ ନା କ'ଣ। ଆମ ବାରିରୁ ଦିଶୁଛି ପରା ମନ୍ଦିର ବାନା। ହେଲେ ଆମ ସହରି ପିଲେ ମାନେ ଆଉ ବୋଉର ଆଣ୍ଠୁ ଗଣ୍ଠି ବାତ ହି ଚାଲିବାର ବଇରି । ମୋର ଚାଲିବାର ଇଚ୍ଛା ଥାଇ ବି ଗାଡିରେ ବସିବାକୁ ହେଲା । ବେଳେବେଳେ ହି ସୁଯୋଗ ମିଳେ ଗାଁ ବିଲମାଳରେ ଚାଲୁଚାଲୁ ପ୍ରକୃତି କୋଳରେ ହଜିଯିବାକୁ । କାଲି ଆଉ ଆଜି ଭିତରର ଅନ୍ତବର୍ତ୍ତୀ ସମୟଟାକୁ ଠିକ୍ କିଏ ଯେମିତି ପୋଛି ଦେଇଛି ତାର ସ୍ନେହ ପରଶାରେ । ସହରୀ ଯାନ୍ତ୍ରିକ ଜୀବନର ଏଇ ସ୍ୱଳ୍ପ ବିରତି ହି ବିତରି ଦିଏ ବାସ୍ନା ଆପଣାପଣର, ପିଲାଦିନର, ପବନର ନିଜ ଗାଁ ଠିକଣାରେ । ଛାଡ, ଏ ପିଲେ କୋଉ ବୁଝିବେ ଏତେ କଥା ! ପଇସା ଦେଇ ରିସୋର୍ଟରେ କୃତ୍ରିମ ଗାଁ କୁ ଘଣ୍ଟାଏ ପାଇଁ ଭୋଗିଆସନ୍ତି ଯାହା ।

ଗାଡ଼ି ଗଡୁଥିଲା । ମଙ୍ଗଳାବେଢାରେ ଯାଇ ଅଟକିଲା ଚକ । ଭିତରକୁ ସମସ୍ତେ ଗଲେ । ଘଣ୍ଟା, ଘଣ୍ଟ, ଝୁଣା, ଘିଅର ମହମହପଣ ପବନଯାକ ଲେସି ହେଲା । ମନ୍ଦାର ,ସିନ୍ଦୁର ଭିତରୁ ଦେବୀ ପ୍ରକଟିଲେ। ମୁଁ ମୁଣ୍ଡିଆଟିଏ ମାରି ବାହାରେ ଗାଡି ପାଖରେ ଠିଆ ହେଇ ଆଗପଟ ଟିଣିଆ ନିମ ଗଛଡାଳରେ ହଳେ ହଳଦୀବସନ୍ତଙ୍କ ଚହକ ଡିଆଁକୁ ଉପଭୋଗ କରୁଥାଏ । ପୁଅ ମୋର ଦଉଡି ଆସି କହିଲା, ' ପାପା ଇଣ୍ଡିଆନ ଓରିଅଲ୍ ନା ।କେଜ୍ ରେ ନାହିଁ ।ବାଃ।'। ମୁଁ ତାକୁ କହିବାକୁ ଚାହୁଁଥିଲି ଯେ,'ବାପାରେ ତମେ ଯୋଉ ଆମୋଦ ଟିକକ ଚିଡିଆଖାନାରେ ପାଅ, ସେଇଟି ସବୁ ଜୀବଜନ୍ତୁଙ୍କର ବନ୍ଦୀଶାଳର ଦୃଶ୍ୟ। ' ଛାଡ଼, କିଏ ଆଉ ମୁକ୍ତ କି ! କିଏ ମାୟାରେ, କିଏ ମୋହରେ, କିଏ ଲୁହରେ, କିଏ ଦୃଶ୍ୟ ପୁଣି କିଏ ଅଦୃଶ୍ୟରେ । ବୋଉ ଆସି କଣ ଅଧାଆଖି ମୁଦି ମୋ ଦେହ ଯାକ ହାତ ବୁଲେଇ ନେଲା । ମୁଣ୍ଡକୁ ନୋଇଁ ଦେଇ ମାଜଣା ପାଣି ସିଞ୍ଚି ଦେଲା । ଦି ହାତ ଯୋଡି ପୁଣି ପଳେଇଗଲା ଗମ୍ଭିରୀକୁ। ଦୂରରେ ଠିଆ ହେଇ ମୋ ସ୍ତ୍ରୀ ପାକୁ ପାକୁ କି ହସି କହୁଥିଲା ,' ବୁଢା ପୁଅ'। ମୁଁ ଏଠି ବି କହିବି ଭାବିଲି, ' ଯେ ତମେ କେବେ ଥରେ ତମ ପୁଅ ପାଇଁ ଏମିତି କରିକି ଦେଖ ସ୍ୱପ୍ନା, ତମକୁ ବି ବୋଉ ବୋଉ ଲାଗିବ।' ବୋଉ ପୁଣି ବାହାରିଲା ଆଉ ମୋ ପୁଅକୁ ବହେ ଝଡାଝଡି କଲା

ଛଡା ଫୁଲରେ । ଏ ସବୁ ନେଇ ସିଏ କେବଳ ତା' ମନର ଶୁଣେ, ଆଉ କାହାରି ନୁହେଁ । ଅମାନିଆ ହବା ବି କେତେ ମିଠା ନା ! ସିରିଣି ଚକଟା ବାସ୍ନା ନାକରେ ଛୁଇଁ ହେଉ ହେଉ ଖଲି ଯୋଡେ ମୋଡି ଦନା କରି ଆମେ ବାପପୁଅ ହାଜିରା ପକେଇଲୁ ଦେଉଳ ସିଂହ କତିରେ ତାରି ପରି ବଡ ଆଁ ମେଲି। ବୋଉ ହସିଦେଲା। ସେଇ ହସ ଠାକୁରାଣୀ ହସ ସହ ମିଶିଗଲା । ବୋଉ ସ୍ୱପ୍ନା ଶାଢୀ କାନିରେ ମଙ୍ଗଳାଙ୍କ ପାଦୁକ ଫୁଲଧଣ୍ଡା ବାନ୍ଧିଦେଲା ଗଣ୍ଠିକରି । ଆମେ ଫେରିଲୁ । ସମସ୍ତେ ଗପସପରେ । ମୁଁ ଅନ୍ୟମନସ୍କ । ଏଯାଏ ସିରିଣିର ଚିକଣ ହାତରୁ ଯାଇନି । ବୁଲାଣିଠି ବ୍ରେକ୍ କ୍ଲଚ୍ ଏପାଖ ସେପାଖ ହେଇ ଗାଡି ଦୋହଲି ଗଲା । ଆଖି ମୁଜି ଚିଲେଇଉଠିଲୁ ସମସ୍ତେ । ମୁହୂର୍ତ୍ତକେ ଦେଖିଲା ବେଳକୁ ହିଡ ପଥରରେ ଅଟକିଛି ଗାଡି । ଗଡିପଡିନି । ରକ୍ଷା । ଧୀରେ ଧୀରେ ଅତି ସାବଧାନରେ ପଛକୁ ଗାଡି ଫେରେଇଲି ଆଉ ପୁଣି ରାସ୍ତା କୁ ଉଠିଲି। ଅଳ୍ପ କେ ରକ୍ଷା ଜାଣ । ବୋଉ କହିଲା, ' ରହ, ଠିଆ ହ ଦଣ୍ଡେ।' ଅଟକିଗଲି । ଗାଡି କାଚ ଦେଇ ପୁଅ ମୁଣ୍ଡ ଗଳେଇଥିଲା ଆଉ ବଡ ପାଟିରେ ଚିଲେଇଲା, 'ପାପା ଲୁକ୍ ଲୁକ୍।' ସମସ୍ତେ ଏକାଠି ନଜର ଉଠେଇ ଦେଖୁ ତ ବିରାଟକାୟ ଲମ୍ୱ, ଓସାରର ସୁନାରଙ୍ଗି ନାଗଟିଏ ଗାଡି ଆଗରେ ଫଣା ଟେକି ବସିଛି ।ତାର ଆଖି ଦିଟି ଚକ୍ ଚକ୍ କରୁଛି । ବୋଉ ଠାରରେ ହାତ ଯୋଡିବାକୁ କହିଲା । ସମସ୍ତେ ମାନିଲୁ । କିଛି ସମୟ ପରେ ଆପେ ଓହରି ରାସ୍ତା ପାରି କରିଗଲେ ସୁବର୍ଣ୍ଣ ନାଗଦେବ । ବୋଉ କହିଲେ, ' ଏବେ ଚାଲେ। ରିଷ୍ଟ କଟିଲା । ନିଶ୍ଚିତ କିଛି ଅଘଟଣ ଲେଖାଥିଲା । ମାଆ ନିଜେ ଆସି ସବୁ ସଜାଡିଦେଇ ଗଲେ । ଦେଖିଲୁ । ତାଙ୍କ ଠି ଭକ୍ତି ରଖିଥିବୁଟି।' ଆଉ ଝରକା ବାଟେ ତଲ୍ଲୀନ ହେଇ ଆକାଶକୁ ଚାହିଁ ଗୁଣୁ ଗୁଣୁ ଗାଇଲା ..... ଘରୁ ଯେତେବେଳେ ବାହାର ହୋଇବୁ ସୁମରିଲେ ନାମ ମୋର ,ଆଗେ ଆଗୁଆଣି ହୋଇଥିବି ମୁହିଁ, ତୁ ଥିବୁ ମୋର ପଛର ।' ସ୍ୱପ୍ନାର ତଣ୍ଟି ଶୁଖି କାଠ ହୋଇଯାଇଥିବ ଏତେ ଲମ୍ୱ ଭୁଜଙ୍ଗ ଏତେ ନିକଟୁ ଦେଖି ଭାବି ଚାହିଁଲା ବେଳକୁ ସିଏ ତାଙ୍କ ଫୋନରେ କ୍ୟାମେରା ଅଣ୍ଡାଳୁଛନ୍ତି । ମତେ ଇଚ୍ଛା ହଉଥିଲା ବୋଉ କାନିକୁ କୁନିପୁଅ ଟିଏ ପରି ଜାବୁଡି ଧରିବାକୁ । ବୋଉ ହିଁ ଥିଲା ମଙ୍ଗଳା ଏଠି । ମୋ ମନକଥା ମାପି ନେଇ ସ୍ୱପ୍ନା ହସିଲେ ଆଉ କହିଲେ ,'ଧେତ୍, ଫଟୋଟା ଉଠିଲାନି ମ ! ଏଫ୍ ବି ରେ ଦେଇଥାନ୍ତି 'ପୁଅ କହୁଥିଲା, ' ବଢିଆ ଆଡଭେନ୍ଚର ଡମ ଭିଲେଜରେ ପାପା। ଆଇ ଲାଇକ ଇଟ୍ ।'ଗୋଟେ ଡାଲା ଆଉ ସେଥିରେ ଓଦା ଧଳାସିଆ କନାଟେରେ ଗୁଡା କେତୋଟି ହୃଦୟ ପରି ସବୁଜ ପତ୍ର, ଗୋଟେ ପିତଳ କୁଟା, ପିତଳ ଗୁଆକାତି, ମିଠା ମସଲା, ଆଉ ଜର୍ଦା କଡା ଗୁଣ୍ଡି ଟିପେ ଗୋଟେ ପୁରୁଣା ଝଣ୍ଟୁବାମ କାଚଶିଶିରେ । ଏଇତିକ ଛଡା ଲବଙ୍ଗ, ଗୁଜୁରାତି, ଅଳେଇଚ । ସମସ୍ତେ କିନ୍ତୁ ଗୋଳା ସେଇ କଡାଶିଆ ବାସ୍ନା ଟାରେ । ବୋଉର ଦାନ୍ତ ଖସିଲାଣି । ଚୋବେଇପାରେନି ବୋଲି କୁଟି ପାଟିରେ ପକାଏ। ସାଦା ପାନଟେରେ ଟିପାଏ ମିଠା ଅତି ଯତନେ ଖିଲ ମୋଡିକି ତରକାରୀ ଘାଣ୍ଟୁଥିବା ସ୍ୱପ୍ନାଙ୍କ ଓଠ ପାଖରେ ଦେଖାଏ ଆଉ କହେ ,' ହୁଁ, ନେଇଥା ଲୋ ସପନା।ମନେ ପକେଇବୁ । ଯେତେ ଯାହା ହେଲେ ତୋ ଠୁ ମୋ ରଙ୍ଗ ସରସ,ସଫା ଜାଇଁଲୁ । ଏଇ ପାନରସ ଖାଇକି। ମୋ ଶାଶୁ ମତେ ଗୁଞ୍ଜିଦେଉଥିଲେ ଲୋ । ନେ। 'ଅନିଚ୍ଛା ସତ୍ତ୍ୱେ ବାଁ ହାତରେ ଜାକି ଧରନ୍ତି ସ୍ୱପ୍ନା ,ବେଳ ଦେଖି ଗଳେଇ ଦିଅନ୍ତି ପେଜକୁଣ୍ଡରେ । ସବୁ ଅଭ୍ୟାସ ଧୀରେ ଧୀରେ ଇତିହାସ ଆଉ ବହୁତ ପରେ କିମ୍ୱଦନ୍ତୀ ହେଇଯାଏ । ତା ପରେ ଚଳଣୀ କୁ ଗଡିଆସେ । ଏଇ ଯେମିତି ଏଇ ଶାଶୁବୋହୁର ସଂପର୍କର ଖଟାମିଠା ସୁଆଦଚକ୍ର। ଆଜି ଯିଏ ଶାଶୁ ସିଏ କାଲିର ବୋହୁ, ଆଉ ଆଜି ଯିଏ ବୋଉ ସିଏ ଟ୍ରେନିଂରେ ପୋଖତ ଖାଉନ୍ଦାଣୀ ଶାଶୁ ହବାର । ଯେହେତୁ ଆମେ ଏତେ ଦିନେ ଗାଁ କୁ ଆସିଛୁ ଗମରା ମାରିଯାଇଥିବା ସଂପର୍କ ସବୁବି ସଜଘିଅ ଭଳିଆ ବାସି ଉଠନ୍ତି ।ସେଇ ସକାଳେ ମଙ୍ଗଳା ଦାଣ୍ଡରେ ପିଉସା ଦେଖା ହେଇଥାନ୍ତି ଆଉ ,' କିରେ ପିଲାଙ୍କୁ ନେଇ ସଂଜ ବେଳକୁ ବସା ଆଡେ ଆ । ନାନୀକୁ ତୋର କହିଥିବି ତୋ ପସନ୍ଦର ପୋଡ ପକେଇଥିବ କାଠଚୁଲିରେ ।ଏବେ ଆଉ ଖାଉଛୁ ଟି ? ସ୍ୱପ୍ନା ବୋଉର କଟକଣାରେ ପକେଇଥିବା ହାତେ ଓଢଣୀ ତଳୁ ମତେ ରୁଟ୍‌କି ଚିମୁଟି ଦେଇ ପଚାରୁଥିଲେ, କି ପୋଡ ? କଣ ପତ୍ରପୋଡା ? ଯୋଉ ଚୁନାମାଛ ବେସର ଦେଇ ? ବୋଉର ତେଢା ଚାହାଣୀରେ ଜାବ ପକେଇଲେ ଓଠରେ ।ତା' ଠାର କହିଲା,' ଯେତେହେଲେ ପିଇସାଶଶୁର । ବୋହୂଟା ଏତେ ଡଗଡଗି କଣ ହବ ଲୋ ? ଲୋକେ କଣ ମଣିବେ ?'ବାଟରେ ଶୁଣିଲି, ' ମାଆ ପୁଅ ଯୋଡାକ ହୁଁ ।'

ସଂଜ ବୁଡୁକୁ ଦି ଘଡି ଥାଇ ବୋଉ ଥାକେ କଞ୍ଚା ହଳଦୀ, ଛଣାମଣ୍ଡା, ଘିଅ, ବଡି, ବନ୍ତଳ କାନ୍ଦିଏ, ପଟେ ଦିଅଁ କୁଞ୍ଚ , କଦଳୀପତ୍ରରେ ସକାଳର ମଙ୍ଗଳା ସିନ୍ଦୁର ଏମିତି ଆବୁଜୁ ଜାବୁରୁକି ଗୁଡେ ଦି ସେରା ଗଣ୍ଠି ଦେଇ ପରିବା ବ୍ୟାଗରେ ଖୁନ୍ଦିଲା ।ସାବିତ୍ରୀକୁ ମାମୁଁ ପଠେଇଥିବା ଅରଖ ନୂଆ ଅମ୍ୱର ଲୁଗାଟା ଆଣି ସେ ଜରି ଶଙ୍ଖା ଦିମୁଠା, ଅଳତା ଶିଶିଏ ପୁରେଇ ମୋ ହାତକୁ ବଢେଇଦେଲା। କହିଲା, ' ଆଇଲା ବେଳେ ନାନୀ ପିଲାଙ୍କ ହାତରେ ଯାହା ହେଲେ ଦେଇଆସିବୁ । ବୋହୂକୁ ଦବୁ ଦବ ।'ମୁଁ କହିଲି, 'ତୁ କଣ ଏତେ ପୁରେଇଲୁଣି ବା । ଆଉ କଣ ଦେବି ପୁଣି ? 'ଚିଡିଗଲା । କହିଲା, 'ହେ ଝିଅନିମତ ଘରଟା ପରା ! ମାନମହତ କିଛି ଅଛି ନା ପୋଡି ଖାଇବ । ଯାହା କହୁଛି କର ।' କୁଣିଆ ଚର୍ଚ୍ଚା କରେଇ ସେପଟୁ ପୁଣି ନାନୀ ହାତର ଦି ବେଗ ସଜ ପୋଖରୀ ଜାଆଁଳ ବାରି ନଡିଆ, ପୋଇ, କୋଶଳା, ଆମ୍ୱସଢା ସହ ସ୍ୱପ୍ନା ଆଉ ପୁଅ ଯୋଗେ ନୂଆ ଜାମାପଟା ଘେନି ଫେରିଲୁ ।ପୁଅ ଆବଶ୍ୟ ଯାଇନଥାଏ ତାକୁ ,ସିଏ ବି ଜେଜୀ କୋଳର ବିଲେଇ। ସଂଜ ଯୋଗୁଁ ବୋଉ ଛାଡିନଥାଏ । ଆଉ ମତେ ଆଲୁଅ ଥିବା ରାସ୍ତା ରେ ଆସିବାକୁ ତଥା ଅନ୍ଧାର ଗାଢେଇବା ଆଗୁ ଫେରିବାକୁ ତାଗିଦା କରିଥାଏ । ଆମେ ଏମିତି

ସୁଲୁସୁଲିଆ ସଂଜଟେରେ ନଇବନ୍ଧ କଡେ ଆସୁଥାଉ ।ମନଟା ରୋମାଣ୍ଟିକ୍ ଲାଗୁଥାଏ । କୋଉ ଗୋଟେ ସିନେମାର ଦୃଶ୍ୟ ପରି ।ଗାଢ ଅନ୍ଧାରିଆ ନୀଳ ଚଦର ବଡ ଆଦରରେ ଘୋଡେଇଦେଇଥାଏ ଆକାଶ ପୃଥିବୀ ପିଠିରେ । ବୋଧେ ସାତଟା ସାଢେସାତଟା ପାଖାପାଖି ହବ । ଆମେ ସାଢେଚାରି ପାଖାପାଖି ବାହାରିଥାଉ ଘରୁ। ବାଟ ପୁରା ଶୁନଶାନ ।ମଝିରେ କିଏ କିଏ ସାଇକେଲରେ କି ଚାଲିକି ଯାଉଥାନ୍ତି । କ୍ୱଚିତ୍ ସେମାନେ ଦିଶୁନଥାନ୍ତି ଗାଢ ରଙ୍ଗର ଗଛ ଗହଳ ଦିପଟ ଯେହେତୁ । ମୋ ବାଇକ୍ ର ହେଡଲାଇଟ ଜଳୁଥାଏ । ସ୍ୱପ୍ନା ପଚାରୁଥାନ୍ତି, ‘ ଏମାନେ ମଣିଷଟି ? ଏତେ କିଟିମିଟି ଅନ୍ଧାରରେ ଟର୍ଚ୍ଚଟେ ସୁଦ୍ଧା ହାତରେ ନାହିଁ । ଆଖି କୁ ଧନ୍ୟ କହିବ ଏମାନଙ୍କର । ପେଚାକୁ ହରେଇଦେବେ ।‘

ମୁଁ କହିଲି ,‘ଦଣ୍ଡା ଆଡେ ଯିବା ? କେହି ନ ଥାନ୍ତି ସେଠି । ଖାଲି ତୁମେ ଆଉ ମୁଁ, ମୁଁ ଆଉ ତୁମେ ‘ ସିଏ ପଚାରିଲେ, ‘ଥାଉ ତମର ଏ ରୋମାଣ୍ଟିକ୍ ଅନ୍ଦାଜ । କୁହ ଆଗେ ଦଣ୍ଡା ? ସିଏ କଣ ? ‘ ମୁଁ ଷ୍ଟାଇଲରେ ଗାଡି ବୁଲେଇ ହୀରୋ ମାର୍କା ଅର୍ଦ୍ଧଚନ୍ଦ୍ରଟେ କାଟି କହିଲି, ‘ ଘରେ ଗହଳି ପାଇଁ ତମକୁ ଏକା ସମୟ ଦେଇପାରୁନି ବୋଲି ଅଭିଯୋଗ ବାଢୁଥିଲ ନା ଆଜି ତୁମର ସବୁ ଅଭିମାନ ଧୋଇଦେବାର ସମୟ ଆସିଛି ପ୍ରିୟେ ।‘ମୋର ଆଶା ଥିଲା ଅଳପ ଲାଜେଇ ସ୍ୱପ୍ନା ବୋଧେ କହିଥାନ୍ତେ, ‘ ଯ ହେ ଫାଜିଲ୍ ।‘ ହେଲେ ସ୍ୱପ୍ନା ମୋ କାନ୍ଧ ଉପର ସାଟ୍ ଟାକୁ ମୁଠେଇ ଧରି ଚିଲେଇଉଠେଲେ। ଢୋକିହେଇଗଲା ତାଙ୍କ ଚିତ୍କାର ଅନ୍ଧାର ଆଁରେ । ପାଖାପାଖି ଗଳିପଡିଲା ଭଳିଆ ଅବସ୍ଥା । କହିଲେ, ‘ ଚାଲ, ଚାଲ, ଚାଲ ଶୀଘ୍ର ଘରକୁ ଚାଲ । ପ୍ଲିଜ୍ । ଚାଲ ଚାଲ ଜଲଦି ।‘ ଅଚିହ୍ନା ଶୁଭୁଥିଲା ତାଙ୍କ ସ୍ୱର । ଭୟାର୍ତ୍ତ ।ମୁଁ ଆଉ ରାମକୃଷ୍ଣ ନ କରି ଗାଡି ଆକ୍ସିଲେଟର ଘାଏଁ କି ମୋଡିଦେଲି ଘର ମୁହାଁ । ସିଏ ସେମିତି ମତେ ଚିମୁଟିକି କାନ୍ଧଠି ଧରିଥାନ୍ତି । ତାଙ୍କ ନଖ ଫୁଟିଯାଉଥାଏ । ଘରେ ପହଞ୍ଚ ପହଞ୍ଚ ହଉଛୁ ।ଗହଳି ବଜାର ପାଖ । ସିଏ ଟିକିଏ ଆସ୍ୱସ୍ତ ହେଲେ ବୋଧେ କହିଲେ,‘ ପାଣି ଟିକେ ପିଅନ୍ତେ ।‘ ମୁଁ କିନ୍ତୁ ଆଉ ଗାଡି ରୋକିଲିନି । କହିଲି, ‘ ଏଇଟି ଘର ଦିଶିଲାଣି ।‘ ଘରେ ପହଞ୍ଚି ଦାଣ୍ଡ ପଟ ଅଗଣାରୁ‘ ବୋଉ ବୋଉ ‘ ଡାକ ପକେଇଲେ । ଦଉଡି ଆସିଲା ବୋଉ । ସ୍ୱପ୍ନା ଏକରକମ କୁଣ୍ଢେଇ ପକେଇଲେ ବୋଉକୁ। ମତେ ଚାହିଁ ବୋଉ କହିଲା, ‘ଯା ତୁ ଭିତରକୁ ଯା । ସେ ବ୍ୟାଗ ଏଇଠି ଥୋ।’ ସ୍ୱପ୍ନା ମୁହଁ ର ରଙ୍ଗ ଶୁଆ ଉଡିଗଲା ପରି ଉଡିଯାଇଥାଏ। ମୁଁ ଯାଉ ଯାଉ ଖାଲି ଏତିକି ଶୁଣିଲି, ଶୁଣିଲି କଣ କାନରେ ପଡିଲା ଯେ ବୋଉ ପଚାରୁଥିଲା, ‘ହଇଲୋ, ମାଉସୀ ସେ ପାନେରେ କେତକୀ ଖଇର ଟିପେ ଘସିଦେଇଥିଲା କିଲୋ ?‘ ।କାଳେ ବୋଉ ନଜର ପଡିଯିବ ମୋ ଉପରେ ଆଉ ଚିଡି ଉହୁଁକିବ ସେଇଲାଗି ମୁଁ ଘର ଭିତରକୁ ଚାଲିଗଲି। ହେଲେ ‘କେତକୀ ଖଇର ଶବ୍ଦର ରଙ୍ଗ ମୋ ସ୍ମୃତି କୁ ଖୋଲୁଥିଲା କୋଉ ପେଡିଜକା କୁଚୁଳିମୁଚୁଳି ପାଖୁଷ ସବୁରୁ ।

ମନେ ପଡୁଥିଲା ସିଏ.......

ରାତି ଖିଆ ପିଆ ସରିଲାଣି ନ ଟା ରୁ । ଗାଁ କଥା। ଚଞ୍ଚଳ ଖିଆ। ପୁଅ ଶୋଇଲାଣି ତାର କେତେବେଳ। ଅଧା ନିଦ ସାରିଲାଣି ତାର। ସ୍ୱପ୍ନା ଭିତରୁ କବାଟ ଛିଟିକିଣି ହାଲକେଇ ଟଙ୍ଗେଇ ଆସି ପାଖରେ ବସିଲେ ।ଏବେ ତାଙ୍କ ମୁହଁ କୋମଳ ଲାଗୁଥାଏ ।ନୂଆ ରୂପ । ସାଦାରେ ଶାଢୀ ଗୁଡେଇ ଥାନ୍ତି । ମୁଣ୍ଡ ଗଣ୍ଠି ଉପରକୁ ଲୁଗା ଥାଏ । ଗାଲଟି ହାଲୁକା ଫୁଲା ଦିଶୁଥାଏ ।ମୁଁ ପଚାରିଲି, ‘ କଣ ଦାନ୍ତ ବିନ୍ଧୁଛି ? ଫୁଲିଛି ଗାଲ।‘ ସିଏ ମୋ ହାତରେ ମୋଡା ଖିଲି ଖଣ୍ଡେ ଜାକିଦେଇ ଶୋଇବାର ଉପକ୍ରମ କଲେ ।ମୁଁ ପଚାରିବି ପଚାରିବିନି ହେଇ ପଚାରିଦେଲି ,‘ କଣ ହେଲା ସ୍ୱପ୍ନା ତମେ ପୁଣି ପାନ ? ଆଉ ସେତେବେଳେ କଣ ହେଲା ତମର ? ତମେ ଏମିତି, ବୋଉ ପିରତି ? ମୁଣ୍ଡ ରେ ଲୁଗା ଦେଲେ ସୁନ୍ଦର ଲାଗୁଛ ମ। ସେଇ ନୂଆ ନୂଆ ବାହା ଦିନ ପରି ।’

ସିଏ ପୁଣି ହାଁ କରି ମତେ ଅଜଣା ଉପଗ୍ରହର ପ୍ରାଣୀ ପରି ମେଲା ମେଲା ଆଖିରେ ଚାହିଁ କହିଲେ ,‘ ରଖ ହେ ତମ ଅଲଣ ସୁଆଗ। କଣ ସତରେ ଦେଖିପାରିଲନି ନା ଜାଣିପାରିଲନି ସେ ଧଳା ଗଛପରି ଲୋକଟାକୁ ତମେ ଯିଏ ସେଇଠି ଦଣ୍ଡାବନ୍ଧ କୁ ଠିଆ ହେଇଥିଲା ? ମୁଁ ଯେମିତି ନାନୀ ଦେଇଥିବା ପାନ ଟା ତା’ପଟକୁ ଫୋପାଡି ଦେଇ ‘ ବୋଉ, ବୋଉ‘ ଡାକିଦେଇଛି କେଡେ କେଡେ ପାହୁଣ୍ଡ ପକେଇ କୁଆଡେ ଅଦୃଶ୍ୟ ହେଇଗଲା ହେ ।ମୁଁ ବି କାଇଁ ଏମିତି କଲି କହି ପରିବିନି। ଯୋଉ ଠାକୁରାଣୀ ଯୋଗୁଁ ଆଜି ଆମେ କୁଶଳେ ଲେଉଟିଲେ ତାଙ୍କ ନାଁରେ ଯେମିତି ପଦେ କଥା ନ କୁହ ହାଁ ।ଆଉ ପାନ ? ହେଲା ଖାଉଛନ୍ତି ଖଣ୍ଡେ ଅଧେ ଗୋଟେ ସଉକିରେ ।ଏତେ ଗୋଟେ କଣ ରିଜିଡନେସ୍ ମ ? ମୁଁ ଆଉ ପୁଅ ପୁରା ଛୁଟି ଏଇଠି ରହିବୁ ବୋଉଙ୍କ ସହ । ତମର କଣ ପୋଗ୍ରମ କହିବ ତ ?‘

ମୁଁ ତାବଦା ହେଇ ପେଟ ଭିତରେ କହିଲି ,‘କଣ ରୂପାନ୍ତର ହେଲା କିରେ ? ଏକାବେଳେକେ ବୋଉ ଭକ୍ତ ?ନିଶ୍ଚିତ କିଏ ପୂର୍ବପୁରୁଷ ଦର୍ଶନ ଦେଲେ। ବୁଦ୍ଧି ନହେଲେ ରାତାରାତି ଏମିତି ବାଟକୁ......... ଜୁହାର ହେ ପିତୃଦେବ ।କୁଳ ମଙ୍ଗଳ କରୁଥାଅ ଏମିତି ।‘

ଆଉ ପେଟ ଭିତରୁ କାଢିକି କହିଲି, ‘ ହଉ ତମର ଯେମିତି ଇଛା ।ମୁଁ ଆଉ କାଇଁ ଏକୁଟିଆ ଆଗୁଆ ଯିବି ଯେ ।ଏକାଠି ଯିବା ଆଉ ।‘

ଶୋଇସାରିଥିଲେ ସ୍ୱପ୍ନା ହେଲେ ବାଉଲୁ ଥିଲେ ବୋଧେ, ‘ଏଇ ! ଶୁଭୁଛି ... ସିଏ କେତକୀ ନା କଣ ଗୋଟେ କହିଲ କି ନା ବୋଉ କହିଲେ ? ‘

❖❖❖

# ଦେବୀର ମୁହଁ



ISSN-2583-6978
Volume-3
Issue-8
AUGUST-2023

**ଲତିକା ବିଲାସ**

**ଭଟଲି ଛକ, ବରଗଡ଼**

ମସଲା.... ମସଲା । ମାର୍ବଲ ମିସ୍ତ୍ରୀ ଅସିତ୍ ଚୌଧୁରୀର ଡାକରେ ମସଲା କଡେଇଏ ବଢ଼େଇ ଦେଇ ଆଉ ଗୋଟେ କଡେଇରେ ଘୋଳ ପ୍ରସ୍ତୁତ କଲା ସୁଦାମ। ଏଇ ସିମେଣ୍ଟ ଘୋଳରେ କାନ୍ଥ ଦେହରେ ଲଗା ହେବ ଟାଇଲ୍ ।କାନ୍ଥର ଖଦଡିଆ ଦେହ ମସୃଣ ହେବ । ରଙ୍ଗ ବେରଙ୍ଗରେ ଚମକି ଉଠିବ ।

ଚାରିପଟେ ଗଛଲତା ମଧ୍ୟରେ ଶୋଭା ପାଇବେ ଦେବୀ ....ଠିକ୍ ବଣରେ ବନଦୂର୍ଗା ଭଳି । ଦେବୀଙ୍କ ଚାରିପାଖ କାନ୍ଥକୁ ଡାଳ ପତ୍ରରେ ସଜାଇବାକୁ ସେଇ ଡିଜାଇନ୍‌ର କିଛି ଟାଇଲ୍ କୁ ନିର୍ଦ୍ଦେଶ ମୁତାବକ ମାପରେ କାଟି ସଜେଇ ରଖିଦେଲା ପରେ ଅନ୍ୟ ପ୍ୟାକେଟ୍ ଖୋଲି ପାଣିରେ ଭିଜେଇଲା । ସେଇ ନୂତନ ଟାଇଲ୍ ଉପରେ ଚିତ୍ରିତ ଥିଲେ ଖଣ୍ଡ ବିଖଣ୍ଡିତ ଦେବୀଙ୍କ ଚିତ୍ରପଟ୍ଟ । ପୁରା ଷୋଳ ଭାଗରେ ବିଭକ୍ତ । କେଉଁ ଟାଇଲ୍ ରେ ହାତ ତ କେଉଁ ଟାଇଲ୍ ରେ ଗୋଡ । କେଉଁଥିରେ ନାକ ତ କେଉଁଥିରେ ବେକ । ଖଣ୍ଡିଏ ଖଣ୍ଡିଏ ଟାଇଲ୍‌କୁ ଦେଖି କଳ୍ପନା ଲଗେଇ ହେଉନି ଯେ ଏଇଟି ଗୋଟିଏ ସୁନ୍ଦର ପ୍ରତିକୃତିର ଅଂଶବିଶେଷ । ଏକାଠି ଯୋଡ଼ି ଦେବା ପରେ ମୂର୍ତ୍ତିର ମୁହଁକୁ ଚାହିଁ ଚମକି ପଡ଼ିଲା ସୁଦାମ ।

ଏଁ ...ୟେ ତ ତା ' ମାଆର ମୁହଁ । ନିରେଖି ଦେଖିଲା ଆଉଥରେ। ହଁ ,ପୁରାପୁରି ମା' ର ଫଟୋ ତ ।

ସେଇ ମୁହଁ,... ସେଇ ହସ ।

କିଏ ଏମିତି ବେଶ ଭୂଷଣରେ ମା'କୁ ସଜେଇ ଦେଇଛି କେଜାଣି ! ମାଆକୁ ତ ଏମିତି ବେଶରେ କେବେ ଦେଖିନି ସେ ।

ମାମା ( ଆଇ )ବଞ୍ଚିଥିଲା ବେଳେ ସବୁବେଳେ କହୁଥିଲା- 'ମୋର୍ ଚାନ୍ଦିନୀ ତ ପୁନି ରାତିର ଜନ୍ । ଧୁକା ଗରେଲ ସିନା ତାର୍ ସୁଖ ଶିରିକେ ଛଡେଇ ନେଇଛେ ... ନାଇଁ ତ ତାର୍ ମେତାଲ ଝିଇଟେ ଏ ପରା ପାଟକେ କେନୁ ଖୋଜ୍ ଲେ ନି ପ ।

ନୂଆଦେଇ ନାନା ବି କହେ - ତୋର୍ ମାଁ ତ ବିହା ହେଇ ଆଏଲା ବେଲକେ ହୀରା ମେତାଲ୍ ଚମକୁ ଥିଲାରେ ।

ନୂଆଁଦେଇ ନାନା ବା'ର କାକା ଝିଅ ଭଉଣୀ । ମା'କୁ ଭୁଆସୁଣୀ ସାଜି ଆସିବା ବେଲୁ ଦେଖିଛି ।

ଆଉ ବା' ବି କୁଆଡେ ମୂଲ ମଜୁରୀ ଖଟି ହେଉ ପଛେ ରାଣୀ କରି ରଖିଥିଲା ମା' କୁ ।

ଏସବୁ କେବଳ ଶୁଣା କଥା ।ସେତ ବୁଦ୍ଧି ଜାଣିଲା ଦିନୁଁ ଦେଖୁଛି ମା' ର ହାତ, ଗୋଡ଼,କାନ,ନାକ ଲଙ୍ଗଳା ଫୁଙ୍ଗୁଳା । ମାମୁଲି ପୁରୁଣା ସୁତା ଲୁଗା ଖଣ୍ଡେ ପିନ୍ଧି କାନିକୁ ଅଣ୍ଟାରେ ଗୁଡ଼େଇ ପିମ୍ପୁଡିଟିଏ ପରି ଅହରହ ଲାଗିଥିବ କାମରେ । ତା ' ମୁହଁଟି ସେତେବେଳେ ମମତାମୟୀ ମୂର୍ତ୍ତିଟିଏ ଦିଶେ ସିନା, ଦେବୀ ଭଳି ଜମାରୁ ଦିଶେନି ।

ଭଲ ଲଗାପିନ୍ଧା କଲେ ମାଆ ମାନେ ବୋଧେ ଏମିତି ଦେବୀ ଦେବୀ ଦିଶନ୍ତ ।

ମା' ଏବେ କେମିତି ଥିବ ?ତାକୁ ଏମିତି ଏକା ଛାଡି ଆସିବା ଠିକ୍ ହେଲାନି । ବା' ମଲା ପରେ କେତେ ଦୁଃଖରେ ପରଘରେ ପାଇଟି କରି ତା'କୁ ପାଳି ପୋଷି ବଡ କରିଛି ମାଆ । ନୂଆଁଦେଇ ନାନା କହେ-'ତୁଇ ପୁନିର ଜୀବନ ଧନ ରେ ସୁଦାମ ।ତୋର୍ ଲାଗି ଏକା ଜୀବନ ଧରି ବାଞ୍ଚିଛେ ବୁପୁରି ।ତାହାକେ ବାଧଲା ମେତାଲ କିଛି ନି କହେବୁ ବେଟା ।'

ସତରେ ....ତା' ଛଡା କିଏ ଆଉ ଅଛି ମାଆର ଏ ଦୁନିଆରେ ?

ହେଲେ ସେ ବା କ'ଣ କରି ପାରିଥାନ୍ତା ?କେତେ ଆଉ ସହିଥାନ୍ତା ଲୋକଙ୍କ ଟାହି ଟାପରା ??

ମା' ର ସବୁବେଳେ ସେଇ ଘୃଣ୍ୟ, କଦର୍ଯ୍ୟ କାମ ।

ବେଳେ ବେଳେ ତ ଆଶ୍ଚର୍ଯ୍ୟ ହୁଏ ସେ ମା'ର ଏ ଅଜବ ହରକତରେ । ବୁଝି ପାରେନି ତାକୁ ଏତେ ଭଲ ପାଉଥିବା ମା' କେମିତି ଅନ୍ୟ ପିଲାଙ୍କ ଦେହରୁ ଶୋଷିପାରେ ମାଣ ମାଣ ରକ୍ତ ?

ତା ' ସାମ୍ନାରେ ଏତେ ସଫାସୁତୁରା ରହୁଥିବା ମା' ରାତିର

ଅନ୍ଧାରରେ କେମିତି ଖାଇପାରେ ସେସବୁ.... ଛିଃ । ଆଗକୁ ଆଉ ଭାବି ପାରେନି ସେ । ଘୃଣାରେ ଶିରଶିରେଇ ଯାଏ ତାର ଦେହ ମୁଣ୍ଡ।

ମମତାର ପଣତ ଦେହରେ ସେ ସ୍ପଷ୍ଟ ଦେଖିପାରେ ଏକ ରକ୍ତ ମୁଖା ପିଶାଚିନୀର ଛାଇ..ପୂନେଇଁ ଚାନ୍ଦକୁ କାହିଁକି ପସନ୍ଦ ହେଲା ଏ ଉଁଆସ ଅନ୍ଧାର ? କାହିଁକି ଭଲଲାଗିଲା ଏ ଅଢେଇ ପଦିଆ ମନ୍ତ୍ର? ଖୋଜି ଖୋଜି ଉତ୍ତର ପାଏନି ସୁଦାମ ।

ଏମିତି ଅବସ୍ଥାରେ ତାକୁ ଦେଖିଛନ୍ତି ବୋଲି ପୁଜାରୀ ନନା , ବୈଶାଖୁ କାକା ,ମଙ୍ଗଲୁ ମହାକୁର ,ଭୁତୁଲୁ ମାମୁଁ,ଗୁରୁବାରୀ ବଡି ହେରିକା ସାକ୍ଷୀ ନ ଦେଇଥିଲେ ସେ ବି କୋଉ ବିଶ୍ୱାସ କରୁଥିଲା ଯେ ।ସେ ତ ଭାବୁଥିଲା ତା ମାଆ ସରଳ, ନୀରିହ, ପରୋପକାରୀ ମଣିଷଟେ । ଜରୁଆ ବାଧିକା ବୁଢ଼ା ବୁଢ଼ୀ ଦେଖିଲେ ସାଉଁଳି ଆଉଁସି ପକାଏ। କାନ୍ଦରା କାନ୍ଦୁରୀ ଛୁଆ ପିଲାଙ୍କୁ ଚୁମା ଦେଇ କୋଳେଇ ନିଏ ।

କିନ୍ତୁ ସେ କ'ଣ ଜାଣିଥିଲା ଏ ସବୁ ସେବା କି ସମବେଦନା ନୁହେଁ, ବରଂ ଶୀକାର କରିବାର କୌଶଳ ।

ମା' ର କିନ୍ତୁ ସେଇ ପୁରୁଣା ଯୁକ୍ତି ... ମୁଇଁ ନିର୍ଦୋଷ । ଇସବୁ ରାଗ ରିଷା ରଖି କହୁଛନ୍ତି ହେ ଗାଡଶୁଆ,ବରରୋଗିଆ ମାନେ । ମୋର୍ ମୂଲ୍ୟବାନ ଦରବଟେ ଉପରେ ହେମାନଂକର ଶାଗୁଣା ଆଏଁଖ? ହାତକେ ନେବାକେ କେତେ ଫନ୍ଦିଫିକର୍ । ସଫଲ ନି ହେଲାରୁ ଆଏଜ୍ ଅଙ୍ଗୁରୁ ଖଟା ।

ମା'ର ଓକିଲାତିରେ ବିରକ୍ତ ହୁଏ ସୁଦାମ ।

ଆମେ ଏନ୍ତା କେତେ ମାଥେବର ଘରର ମୁନୁଷ ଆଏ ଗୋ ମାଁ?

ସେ ଭଲକରି ଜାଣେ ଏଇ ଏକ ବଖୁରିଆ କୁରିଆ ଖଣ୍ଡେ ହିଁ ତାଙ୍କ ଏକମାତ୍ର ସମ୍ପତ୍ତି ।ମା' ଉପରେ ଦୋଷ ଲଗାଉଥିବା ସମସ୍ତଙ୍କର ଭଲ କମାଣି ଧମାଣି ।ସେମାନଙ୍କର ପୁଣି ଲୋଭ ମାଆର ଅପୂର୍ବ ଜିନିଷରେ ? କେଡ଼େ ମିଛେଇ ମା' ।

ଏଠି ରହିଲେ ଶ୍ୱାସ ରୁଦ୍ଧ ହୋଇଯିବ ତା'ର ।ରାତିର ଅନ୍ଧାରରେ ଘରୁ ପାଦ କାଢ଼ି ସେଦିନ ସେ ଚାଲିଆସିଥିଲା ଭୁବନେଶ୍ୱର ନିର୍ମଳ ପବନ ସନ୍ଧାନରେ ।

ଆସିଲା ବେଳେ ଘରୁ ମା' ସଞ୍ଚିଥିବା କିଛି ଟଙ୍କା ବି ଆଣି ଆସିଥିଲା । ସେତକ ସରିବା ଆଗରୁ କାମ ତଲାସିବାକୁ ପଡିବ । କାମ କଲେ ପେଟ ଖଣ୍ଡ ଅପୋଷା ରହିବନି । ହେଲେ ତାର ବା କି ବୟସ ? ତା' ସାଙ୍ଗ ମାନେ ଏବର୍ଷ ଦଶମ ଶ୍ରେଣୀ ପରୀକ୍ଷା ଦେଇ ଛନ୍ତି ପରା। ଘରର ଅଭାବ ପାଇଁ ସେ ସିନା ଅଧାରୁ ପାଠ ଛାଡି ଦେଇଛି ।

ବହୁତ ଖୋଜାଖୋଜି ପରେ ଏଇ ଠିକାଦାର ବାବୁ ତା' ଉପରେ ଦୟା କରିଛନ୍ତି । ଅବଶ୍ୟ ଏଥିପାଇଁ ତିନିଶ ଟଙ୍କା ମଜୁରୀ ବୋଲି ଦସ୍ତଖତ ନେଇ ଦେଢଶ ଦିଅନ୍ତି .... ଆଉ କିଏ ପଚାରିଲେ ବୟସ ବଢ଼ାଇ ଏକୋଇଶି ବୋଲି କହିବାର ନିର୍ଦ୍ଦେଶ ବି । ସେ ବା ' ଭଳି ବଢ଼ଥାଟିଆ ଥିବାରୁ ପ୍ରକୃତ ବୟସ ଠାରୁ ଅଧିକ ବୟସ୍କ ଦିଶେ ବୋଲି ସଂଦେହ ହୁଏନାହିଁ କାହାର । ହେଲେ ମାର୍ବଲ,ଟାଇଲ୍ ଉଠା ପକା କାମ , କଷ୍ଟ ହୁଏ ଭାରି । ସବୁବେଳେ ମନେ ପଡେ ମାଆ । ସେ ଯେତେ ଯେତେ ଭୁଲିବାକୁ ଚେଷ୍ଟା କରେ ସେତେ ସେତେ ଝଲଝଲ ଦିଶିଯାଏ ତା' ମୁହଁ । କେବେ ଭୁଲି ହେଉନଥିବା ଚେହେରାଟି ବୋଧେ ମାଆ ।

ଏବେ ମାଆ ପ୍ରତି ଥିବା ଭାବନା ବି ବଦଳି ଯାଇଛି ତା'ର । ଏଠି ଟଁଢେଇ ଫଁଢେଇ କଥା କହିଲେ ଅନେକ କଥାଣୀ ଶୁଣିଲା ଭଳି ଆଁ ଫାଡି ଶୁଣନ୍ତି । କହନ୍ତି ମଣିଷଟା କେମିତି ଅନ୍ୟ ମଣିଷର ରକ୍ତ ଶୋଷି ଖାଇବ ହେ ?ତା'ର କ'ଣ ଶୁଣ୍ଢ ଅଛି ??ସେ ମଶା ନା ଡାଆଁଶ ?

ଆଉ କେହି କେହି କହନ୍ତି,ତମ ପଶ୍ଚିମ ଓଡ଼ିଶା ପଟେ ଟଁଢେଇ ଆମ ଏପାଖେ ଡାଆଣୀ । ଏମାନେ ଆଗେ ଥିଲେ। ଏବେ ହଜିଗଲେଣି ବିଜୁଳି ବତିରେ । ଅନେକ ତ ଏସବୁ ସୁଦୁ ଅନ୍ଧବିଶ୍ୱାସ କହି ହସରେ ଉଡେଇ ଦିଅନ୍ତି । ସେଦିନ ବି ଇଞ୍ଜିନିୟର ବାବୁ ଧୁମ୍ ହସିଥିଲେ ତା' କଥା ଶୁଣି ।କହିଥିଲେ ଭାରତ ଯାଇ ଚନ୍ଦ୍ର ପୃଷ୍ଠରେ ଓହ୍ଲାଇଲାଣି ଅଥଚ ତମ ମନରୁ ସେଇ ଭୂତ ପିଶାଚ,ଡାଆଣୀ ଚିରୁଗୁଣି ଭୟ ଯାଉନି । ଟିଭି, ମୋବାଇଲରୁ ଷ୍ଟାଇଲ ଶିଖି ବେଶ ଭୂଷା ସିନା ବଦଳି ଯାଇଛି ହେଲେ ମନଟା ରହିଯାଇଛି ସେମିତି ପ୍ରାଗୈତିହାସିକ ହୋଇ । ତମ ଗାଁ ର ସରପଞ୍ଚ, ସାହୁକାରମାନଙ୍କ ଘରର କାହାକୁ ଡାଆଣୀ,ପେଟିନୀ ହେବାର ଦେଖିଛ ?ଗରିବ ମାଇପ ସଭିଙ୍କ ଶାଳୀ ... ନାହିଁ । ସଚେତନ ହୁଅ ଭାଇ ।

ଇଞ୍ଜିନିୟର ବାବୁଙ୍କ କଥାରେ ତା' ଆଖିରେ ପଡ଼ିଥିବା ପରଦା ଖୋଲୁଥିଲା । ମାଆ ଉପରେ ଥିବା ସବୁ ଅଭିମାନ ଧୋଇ ଯାଉଥିଲା। ସତ କଥାତ। ଟଁଢେଇ ତାଙ୍କ ଭଳି ଅନ୍ଧାରି ମୁଲକର ଲୋକମାନଙ୍କ ମନର ଭ୍ରମ । ଏଠି ତ ମାଆମାନେ ପାଠ ଶାଠ ପଢି କେତେ ବଡ଼ ବଡ଼ ପଦ ପଦବୀ ସମ୍ଭାଳୁଛନ୍ତି । ନିଜେ ନିଜେ ଗାଡ଼ି ମଟର ଚଲେଇ ଦିନ ରାତି ଧାଉଁଛନ୍ତି ପେଁ ପାଁ । କାହିଁ କାହା ଉପରେ ତ ଟଁଢେଇ ହେବାର ଅଭିଯୋଗ ନାହିଁ ।

ତା ମା' ବି ଏ ଭୁବନେଶ୍ୱର ଆଇଲେ କେତେ କଥା ଦେଖନ୍ତା, ଜାଣନ୍ତା, ଶିଖନ୍ତା । ଟଁଢେଇ ଫଁଢେଇ ମନ୍ତ୍ର ଫନ୍ତ୍ର ଯଦି ବି କିଛି ଶିଖିଥିବ ଭୁଲି ଯାଆନ୍ତା ।

ଆଉ ନୁହେଁ,ଯେମିତି ହଉ ଏ ମାସରେ ନେଇ ଆସିବ ମାଆକୁ।

ଏ ମାସ ସେ ମାସ ହୋଇ ଛ' ମାସ ବିତିଗଲାଣି ହେଲେ ନା ତାକୁ ଛୁଟି ମିଳୁଛି ନା ସେ ଗାଁ କୁ ଯାଇ ମା' କୁ ଆଣିପାରୁଛି ।

କଣ୍ଟ୍ରାକ୍ଟର ନିର୍ଦ୍ଦିଷ୍ଟ ସମୟରେ ଘର ଯୋଗାଇ ଦେବା ପାଇଁ ଚୁକ୍ତି କରିଛି । ସେଥିପାଇଁ ଦିନ ରାତି ପେଷି ହୋଇ ଯାଉଛନ୍ତି ବିଚାରା ମୂଲିଆ, ମିସ୍ତ୍ରୀ । ଏବେ ଚାଲିଛି ପୂଜା ଘର କାମ । ଆଜି ବୋଧେ କାମ ସରିବ ।ଠିକାଦାର ସମସ୍ତଙ୍କୁ ଚାରିଦିନ ଛୁଟି ଦେଇଛି । ଭାବୁ ଭାବୁ ଅନ୍ୟମନସ୍କରେ ମୁଣ୍ଡଟା ପିଟି ହୋଇଗଲା ଗୋଟିଏ ପିଲରରେ। ତାଲୁଟା ଫାଟିଗଲା ଇଞ୍ଚେ ।ସାଥି ଲେବର ମାନେ ତାକୁ ନେଇଗଲେ ହସ୍ପିଟାଲ । ସେଇଠି ମଲମ ପଟି କରି

ଭୋର୍ ଟ୍ରେନ୍ ରେ ଘର ମୁହାଁ ହେଲା ସୁଦାମ ।

ଗାଁରେ ପହଞ୍ଚୁ ପହଞ୍ଚୁ ସଂଧ୍ୟା ।

ଗାଁ ମୁଣ୍ଡ ବରଗଛ ମୂଳେ ଗ୍ରାମଦେବୀଙ୍କ ପ୍ରତିମା ।ସିନ୍ଦୁର ଲଟପଟ। ଭାରି ପ୍ରତ୍ୟକ୍ଷ ।ଲହ ଲହ ଜିହ୍ୱା ଲମ୍ୱେଇ ମାଗେ ରକ୍ତ । ବଳି ପ୍ରଥା ବନ୍ଦ ହୋଇଥିଲେ ମଧ୍ଯ ମା'ଙ୍କ କୋପକୁ ଡରି ବଳି ବନ୍ଦ ହୋଇନି ଏଠି ।ମା' ବି କେତେ ଶୋଷରେ ଥାଏ କେଜାଣି କେତେ ଛେଳି, ମେଣ୍ଢା,ଗଞ୍ଜା, କୁକୁଡ଼ାଙ୍କ ରକ୍ତ ଚଁ ଚଁ ଶୋଷିନିଏ ....ଆଖି ପଲକରେ। ଏ କଥା ଭାବୁ ଭାବୁ ତା'ଦେହଟା ଭୟରେ ଶିର୍ ଶିରେଇ ଉଠିଲା । କାନ୍ଧରୁ ବ୍ୟାଗ୍ ଉତାରି ଆଣ୍ଠୁମାଡ଼ି ସେ ଢୋ କରି ମୁଣ୍ଡିଆଟିଏ ମାରିଲା ସେଇଠି ।

ବାଟରେ ଯାଉ ଯାଉ ଦେଖା ହୋଇଗଲା ମାଧିଆ ବୁଢ଼ା ସହ। "ବୁଢ଼ା ଦାଦା ଜୁହାର୍ । କେନ୍ତା ଅଛ ହୋ ? ସବ୍ ଭଲ୍ ଭଲ୍ ତ ?" .....ଆରେ ଭଲ୍ ଆଉ କାଣା । ତୋର ମାଁ ଆରୁ ଭଲରେ ରଖେଇ ଦଉଛେ କାହାକେ ?

....କା'ଣା ହେଲା ? ଫେର୍ କାଣା କଲା ମାଁ ?

....କାଣା ଆଉ କରବା ? ସୁନିର ଜନମ ଛୁଆଟାକେ ବଳି ଦେବାକେ ନଉଥିଲା । ବୁଝିଲୁ ସୁଦାମ, ହେ ଆରୁ ମୁନୁଷ୍ ହୋଇ ନାଇଁନ ରେ ।ଗଲା ଉଆଁସ ରାତିନୁଁ ପୁରା ଟଁଢେଇ ବନି ଯାଇଛେ ।ତୁଇ ଆର୍ ସେ ଘରକେ ନି ଯାଆ । ସୋର୍ ରଖିଥା ଟଁଢେଇ ପୁଓ,ଝି ସମ୍ପର୍କ ନି ଦେଖେ । ଦେଖେ ରକତ୍ ।ତାଜା ତାଜା ମୁନୁଷ ରକତ୍ ।

ସେ ଜାଣେ ମାଧିଆ ଦାଦା ଗପ କହିବାରେ ଓସ୍ତାଦ । ହେଲେ ଏ ସବୁ ତ ଗପ ନୁହେଁ । ଶଙ୍କିଗଲା ସେ । ସହରରୁ ସଞ୍ଚିତ ସାହସ ତକ ପାଣି ଫୋଟକା ଭଳି ଫାଟିଗଲା କ୍ଷଣିକେ। ସହଜେ ଏବେ ରାତି ସମୟ । ପୁଣି ଉଁଆସ ରାତି ।କଳା ମାଟି ଲିପା ଆକାଶରେ ଦୀପ ଭଳି ଦିକ୍ ଦିକ୍ ଜଳୁଛି ଅନେକ ତାରା । ହେଲେ ଏତେ ତାରା ମିଶି ବି କୋଉ ଲିଭେଇ ପାରୁଛନ୍ତି ଅନ୍ଧାର ।

ପିଲାଦିନରୁ ଶୁଣିଥିବା ସବୁ କାହାଣୀ ପୂନର୍ଜୀବନ ଲଭୁଥିଲେ ଧୀରେ ଧୀରେ । ସମସ୍ତେ କହନ୍ତି ଉଁଆସ ଅନ୍ଧାର ରାତିରେ କୁଆଡେ ଟଁଢେଇ ସବୁଠୁ ବେଶି ଶକ୍ତିଶାଳୀ ହୋଇଉଠେ ।ଭାବୁ ଭାବୁ ତା' କଅଁଳ ପ୍ରାଣ ଭୟରେ ଥରି ଉଠିଲା ।

ନା ....ଏବେ ଯିବା ଟା ଠିକ୍ ହେବନି ।ରାତିଟା ପାହୁ ।

ଆଜି ରାତିଟା ଯେମିତି ହେଉ କ୍ଲବ ଘରେ ଶୋଇ କଟେଇ ଦେବ ।

ଇଚ୍ଛା ନଥିଲେ ବି ରାତିରେ ପାଖ ଦୋକାନରୁ ବିସ୍କୁଟ ପୁଡିଆଟିଏ କିଣି ଦୁଇ ଚାରିଖଣ୍ଡ ଖାଇଲା ।ଖାଲି ପେଟରେ ଔଷଧ ଖାଇବାକୁ ବାରଣ କରିଛନ୍ତି ଡାକ୍ତର ।

ମଶା ଗୁଁଡିଆଙ୍କ ଉତ୍ପାତରେ ନିଦ ଆସୁନଥିଲା ଆଦୌ । ମାଆ କଥା ଭାବି ଭାବି ବି ମନଟା ଅସ୍ଥିର ହୋଇ ଉଠୁଥିଲା ।ମାଆ ସହିତ ବିତାଇଥିବା ପ୍ରତ୍ୟେକ ମୂହୂର୍ତ୍ତ ସିନେମା ପରି ଭାସି ଯାଉଥିଲା ଆଖି ଆଗରେ ।

ରାତିର ଶୀତଳ ଛୁଆଁ ହେଉ କି ଔଷଧର ନିଶା, କେତେବେଳେ ଆଖି ଲାଖିଯାଇଛି କେଜାଣି । ଓହୋ,,,ନିଦରେ ବି ସେଇ ମାଆ!!! ପାଖରେ ଆସି ବସିଛି। ଭଲ ମନ୍ଦ ପଚାରୁଛି । ଏତେ ଦିନ କେନୁ ଥିଲୁରେ ବାବୁ କହି ଲୁହ ଗଡାଉଛି ।ତା'ର କଟା ସ୍ଥାନ ଆଉଁସି ଦେଉଛି ।

ଏ କ'ଣ ସତରେ ତା' ମାଆ ?

ଏବେ ତ ସେ ରକ୍ତ ପିଇ ପିଇ ପୁରାପୁରି ଭୁସକି ହୋଇ ଯିବା କଥା । ସେ କ'ଣ ଏମିତି ଶୁଖାଝୁରି ଭଳି ଦିଶୁଛି ।' ମୁହଁଟା ଯେମିତି କଳା ଖପରା !!!

ଏଇଟା ତା' ଟଁଢେଇ ରୂପ ନୁହେଁ ତ ଆଉ ?

ଭୟରେ ଜାକିଜୁକି ହୋଇ ସେ ଘୁଞ୍ଚିଗଲା ଗୋଟାଏ କୋଣକୁ।

.... ' ବାକି ଲୋକ୍ ବାଗିର ତୁଇ ବି ମୋତେ ସନ୍ଦେ କଲୁ । ଭୁଲ୍ ବୁଝଲୁ।ମୁଇଁ ଟଁଢେଇ ନୁହେଁରେ । ବିଶ୍ୱାସ କର । ହେଦିନ୍ ସୁନି ତାର ପୁଓକେ ଧରି ବୁଲିଆଇଥିଲା ଆମ ଘରକେ । ତୁଇ ତ ଜାଣିଛୁ ସୁନି ନାନୀକେ । ଛୁଆବେଳେ ଛୋଟ୍ ଜାତି ନାଇଁ ମାନି ଟିକେ ଗେଲ ଲାଡ କରିଥିଲି ବୋଲି କେତେ ଭଲପାଏସି ମୋତେ। କେଭେ ଟଁଢେଇ ବଲି ନାଇଁ ଭାବେ । କାକୀ କାକୀ ହେଇ ବୁଲୁଥିବ ମୋର୍ ପାଖେ ପାଖେ । ବିହା ହେଇ ମାଁ ହେଲାପରେ ବି ନାଇଁ ବଦଲି ରଁଚେ ।ତାର୍ ମାଁ କଥା ନାଇଁ ଶୁଣି ଧାଇଁ ଆଏବା । ସେଦିନ ଶାଶ୍ ଘରର ଦୁଖ୍ ସୁଖ୍ କହୁ କହୁ ତାର ପୁଓ ଶୋଇ ପଡିଥିଲା ମୋର୍ କୋଳେଁ । ବେଲ ବୁଡି ଅନ୍ଧାର ହେଇ ଆସିଥିଲାନ। ପୁଓକେ ପଛେକା ନେବା କହି ସଞ୍ଜ ଦେବାକେ ହରୋବଟୋ ହେଇ ଚାଲି ଯାଇଥିଲା ସୁନି । ସେତକି ବେଳେ ମଉକା ଦେଖି ନାତିକେ ନେବା ବାହାନାରେ ବାଙ୍କା ଦାଦା ଘର ଭିତରକେ ଆସି ....

ତୁଇ ପୁଓ ଆଉ । କେନ୍ତା କହିବି ହେ କଥା ? ଛି...ଛି... ଛି

ତାର୍ ହାଥୁଁ ମୁକୁଳିବାର ବାଟ ଖୋଜି ମୁଇଁ ପାଶେ ଥିବା ପନକିଟା ଧରି ନରଦି ଆଇଲି କି ଡରହେ ଉଲଟିଆ ଡେଗାନଟେ ମାରି ପଲେହି ଗଲା ଗୁହୁଖିଆ । ମୋର ରଡି ଶୁଣି ଧାଇଁ ଆଇଥିବା

ଲୋକ୍ ମାନଂକର ସାମ୍ନାନ ନିଜ ଗୁସିଆଁର ଇଜତ ବଞ୍ଚେଇ ଦେଇଥିଲା ସୁନିର ମାଁ । କାନ୍ଦି କାନ୍ଦି କହିଥିଲା ....' ସୁନି ପୁଓକେ ପରେ ବଳି ଦେବାକେ ନେଇଯାଇଥିଲି ମୁଇଁ । ସେମାନେ ବାଧା ଦେବାରୁ କିର୍ଲଉଛେ '।

ଯୋଗକୁ ହେ ଦିନ୍ ଥାଏ ଭୁଦୋ ମାସର ପୁରା ଉଆଁସ ।

ମୁଇଁ ତ ଆଗରୁ ବଦନାମ୍ ଆଏ ।ମୋର ସଫେଇ କି ସୁନିର କଥା କିଏ ଶୁଣେ ଆରୁ ।

ଜାଣିଛୁ ଧନ ! ସେମାନେ ମୋତେ ଏକ ଘରକିଆ କରି ରଖି ଦେଇଛନ୍‌ରେ । କେହି କାମ ବୁତା ନି ଦବାର ।ଯାହା ଥିଲା ବସି ଖାଇଲେ କେତେ ? ତିନ୍ ଦିନ୍ ହେଲା ଦାନା ନି ପଡି ପେଟେ । କହୁ କହୁ ଗରମ୍ ନିଶ୍ୱାସଟେ ବାହାରି ଆସିଲା ମାଆର । ପୁଣି କହିଲା ହଉ ..... ଏଥରକ ତ ତୁଇ ଆସିଗଲୁନ । ମୋର୍ ଆଉ ଚିନ୍ତା କାଣା ? ମୁଇଁ ତୋତେ ଧୁକି ଦଉଛେ । ଘାଆକୁ ଫୁଁକି ଛୁଆ ଦିନ୍ ବାଗିର୍ କାଉ କାଉ କରି ଦଉଛେ ।ତୁଇ ଭଲରେ ଟିକେ ଶୋଇପଡ୍ ତ ପୁତା । ନାଇଁ ଡର୍ । ମୁଇଁ ଅଛେ ।'

ପାହାନ୍ତିଆ କାଲୁଆ ପବନରେ ତା' ନିଶା ଗାଢ ଧରିନେଇଥିଲା କି କ'ଣ ପ୍ରବଳ କୋଳାହଳରେ ଧଡ୍ କିନା ଭାଙ୍ଗିଗଲା ନିଦ ।କେଉଁଠି ନିଆଁ ଲାଗିଗଲା କି ଆଉ ?

କୋଳାହଳ ଦିଗରେ ସେ ଧାଇଁ ଧାଇଁ ଗୋଟିଏ ସ୍ଥାନରେ ଅଟକି ଗଲା । ଭିଡ ଠେଲି ଯାହା ଦେଖିଲା ନିଜ ଆଖି କୁ ବି ବିଶ୍ୱାସ କରିପାରୁ ନଥାଏ ।

ଧୂଳି ରେ ରକ୍ତାକ୍ତ ହୋଇ ଗଡୁଥାଏ ମାଆ ।

ଲୋକମାନେ କୁହାକୁହି ହେଉଥାନ୍ତି ' ଦେଖ୍ ତ ଟଁଢେଇଟା ନିଜ ପୁଓକେ ଆଜି ଶୀକାର୍ କରବାକେ ଆଇଥିଲା ଯେ ....ବୁଆ ଗୋ, ତାର୍ ମୁହେଁ ମୁହୁଁ ଲଗେଇ ଖୁନ୍ ପିଉଥିଲା ପରେ । ଧରାପଡି କୁଟା ଖାଇ ଛେତକା ହେଇ ପଡିଛେ । ଗାଁ ଟା ଏବେ ଉଶୁଆସ ଲାଗବା ।

....ସୁଦାମ ସେମାନଙ୍କ କଥା ଶୁଣି ପାରୁଥିଲା କି ନାହିଁ କେଜାଣି ଆଖିରୁ ତା'ର ଗଡ଼ି ଯାଉଥିଲା ଲୁହର ଝରଣା । ଅପଲକ ଚାହିଁ ରହିଥିଲା ସେଇ ଟଁଢେଇର ମୁହଁକୁ । ଆଜି ଟଁଢେଇର ନିର୍ଜୀବ ରକ୍ତାକ୍ତ ମୁହଁଟା ବି ଦିଶୁଥିଲା ସିନ୍ଦୁର ବୋଳା ଦେବୀଙ୍କ ମୁହଁ ଭଳି । ମା' ଭିତରେ ଟଁଢେଇ....ଆଉ ଟଁଢେଇ ଭିତରେ ଦେବୀ ଘୂରୁଥିଲେ ଚକ୍ରାକାରରେ । 'ସୁଦାମ ସେଇ ଧୂଳି' ଧୂସରିତ ଶରୀରଟାକୁ କୁଣ୍ଢେଇ ଚିତ୍କାର କରି ଉଠିଲା ମାଆଆଆଆଆ .... !

❖❖❖

# ଭିଡିଓ କଲ୍



ISSN-2583-6978
Volume-3
Issue-8
AUGUST-2023

**ସାଇଜ୍ୟୋତି ପ୍ରଧାନ**

ଅନୁଗୁଳ
saijyotipradhan02@gmail.com
ମୋ: ୮୯୧୭୨୮୦୧୭୦

ମୁନିଆ ଗୋଟିଏ ଭିଡ଼ିଓ କଲ୍‌କୁ ନେଇ ଡରିଗଲାଣି ଖୁବ୍। ଯେତେ ଚାହିଁଲେ ବି ମୁକୁଳେଇ ପାରୁନି ନିଜକୁ। ଖରା ଦି'ପହରରେ ବି ଚାଲିଆସିଲା ପୋର୍ଟିକୋକୁ। ସେଠି ଝୁଲୁଥିବା ଲୁହା ଦୋଳିରେ ଗୋଡ଼ ଝୁଲେଇ ବସିଲା। ଦିନ ତିନିଟା ହେଲାଣି ଏ ବର୍ଷ ରଜରେ ପାଣି ଟୋପେ ପଡ଼ିଲାନି। ଝାଇଁ ଝାଇଁ ଖରା। ମେନକା ଆସି ଡାକିଦେଇ ଗଲାଣି ଘର ଭିତରକୁ ବାକି କାମ ସାରିବାକୁ। ଅଧା ଘଣ୍ଟା ପରେ ଆସି ଦେଖିଲା, ମାଆ ସେମିତି ନିଆଁଚିରା ନଈ ଆରପଟ ଆକାଶକୁ ଚାହିଁ ବସିଛନ୍ତି। ନଈ କମ୍, ବାଲିଚର କହିଲେ ବେଶି ଠିକ୍ ଲାଗିବ। ମେନକା କାନ ପାଖେ ଆସି କହିଲା, ବେଳ ଗଡ଼ିଲେ ଏଠି ବସିବ ମାଆ। ତୁମ ଦେହ ଖରାପ ହେଇଯିବ ଏ ଖରା ଗୁଲୁଗୁଳିରେ। ମୁନିଆ ଅଳତାଲଗା ପାଦ ହଳକୁ ଚାହିଁଲା ଟିକେ। ଚୁପଚାପ୍ ଚାଲି ଆସିଲା ଘର ଭିତରକୁ।

ଟିକିଏ ଆଗରୁ ଜିଦ୍ କରି ତା' ଅଠର ବର୍ଷର ଝିଅ କାବ୍ୟା ଯାଇଛି ପଡ଼ୋଶୀ ଘରକୁ ଦୋଳି ଖେଳିବାକୁ। ସେଠି ନାଚଗାନା ଖିଆପିଆ ବି ହେବ। ମେନକା କେତେ ରକମର ପିଠା ଆଉ ପାନ ସଜାଡ଼ି ଦେଇଛି ତା' ହାତରେ। ନୂଆ ଡ୍ରେସ୍ ପିନ୍ଧିବା ପରଠୁ କେତେ ପ୍ରକାର ସେଲ୍ଫି ନେଇଛି କାବ୍ୟା। ଭ୍ରୁଲତା କୁଞ୍ଚେଇ, ଓଠ ଲମ୍ୱେଇ, ଜବରଦସ୍ତିଆ ନକଲି ହସ ମାଖି ପୁଣି ଆଡ଼ଚାହାଁ ଫଟୋ ଯାହାକୁ ଯେତେ। ମୁନିଆ ମୋବାଇଲ୍ ଖୋଲି ଦେଖିଲା କାବ୍ୟା ଗୁଡ଼ାଏ ଫଟୋ ଷ୍ଟାଟସରେ ଅପଲୋଡ୍ କରି ସାରିଲାଣି। ସାନ ଭଉଣୀ ଚୁନିଆ ତାକୁ ଲେଖିଛି, ଦେଇ ! ଦେଖିଲୁଣି, ତୋ ଝିଅ କେମିତି ଝରକା ଡ୍ରେସ୍ ପିନ୍ଧି ଫଟୋ ଛାଡ଼ିଛି ! ମୁନିଆ ଉତ୍ତର ଫେରେଇଲା, ଏମାନଙ୍କୁ କଣ କିଛି କହି ହଉଛି ? କାନ୍ଧ କଣା ଝରକା ଡ୍ରେସ୍ କାଲେ ଆଜିକାଲିର ଟ୍ରେଣ୍ଡ୍। ଛି....ଚୁଲିକୁ ଯାଉ ସେ ଟ୍ରେଣ୍ଡ୍ ମେଣ୍ଡ୍। ଚୁନିଆ ଲେଖିଲା, ଦେଇ ! ତୋ କଥାରୁ ଲାଗୁନି ତୁ ଏମ୍ ଏ ପଢ଼ିଛୁ ବୋଲି। ସମୟ ସହିତ ତାଳଦେଇ ଚାଲି ଶିଖ୍। ଅପ୍ ଡେଟ୍ ନହେଲେ ନିଜେ ହିଁ କଷ୍ଟ ପାଇବୁ।

ମୁନିଆ ଆଉଥରେ ଝିଅର ଷ୍ଟାଟସ୍ ଦେଖି ଫୋନ୍ ବନ୍ଦ କରିବାକୁ ଯାଉ ଯାଉ ଚେକ୍ କଲା କଲ୍ ଲଗ୍। କାହିଁ, କେତେ ଦିନ ହେଲା କୁନା ଭାଇନା ତ ଆଉ ଭିଡ଼ିଓ କଲ୍ କରୁନି ! ଆଖି ବନ୍ଦ କରି ଗଡ଼ି ପଡ଼ିଲା ମୁନିଆ। ବନ୍ଦ ଆଖିରେ ଚିତ୍ର ହୋଇ ପହଁରିବାକୁ ଲାଗିଲେ ଅନେକ ଦୃଶ୍ୟ। ସବୁ ଦୃଶ୍ୟଗୁଡ଼ିକ ସଫା ଆଉ ଜଳଜଳ।

ପିଲାବେଳର ରଜ ଆଉ କଲୋନୀ ମଝିରେ ଥିବା ବିରାଟ ପଣସ ଡାଳରେ ରଜଦୋଳି। ସବୁ ବୟସର ଝିଅଙ୍କର ସେଇଠି ମେଳି। କୁନି କୁନି ପାଦରୁ ଆରମ୍ଭ କରି ଯୁବତୀଙ୍କ ପାଦ ଯେତେ, ସବୁ ଅଳତା ବେଢ଼ା। ରଙ୍ଗବେରଙ୍ଗ ନୂଆ ଡ୍ରେସ୍ ପିନ୍ଧି ସଜବାଜ ହୋଇ ଉଲ୍ଲାସରେ ଗୁଡ଼ିଏ ଫୁଲ ପବନରେ ଦୋହଲୁଥିବା ପରି ଲାଗେ। ଫୁଲ ନୁହେଁ ଆଉ କଣ ! ଝିଅ ମାନେ ହିଁ ଫୁଲ। ଫୁଲ ପରି କୋମଳ ଆଉ ମନୋହାରୀ। ବଙ୍ଗାଳୀଘର ଭାନୁଦି' ସମସ୍ତଙ୍କ ପାଇଁ ମିଠା ପାନ ଆଣିଥାଏ। ଜଣ ଜଣ କରି ସମସ୍ତଙ୍କୁ ପାନ ଖୁଆଏ। ଟିକିଏ ଗେଡ଼ି ହେଲେ ବି ଅପୂର୍ବ ସୁନ୍ଦରୀ ଭାନୁଦି'। ତା' କଥା ଭାରି ମଧୁର। ସମସ୍ତେ ତାକୁ ବହୁତ ଭଲପାଆନ୍ତି। ଭାନୁଦି'ର ଗୀତ, ନାଚ, ରୋଷେଇ, ମେହେନ୍ଦି ଆର୍ଟ, ଝୋଟି, ପୂଜାପାଠ ସବୁ ଭଲ କେବଳ ପାଠକୁ ଛାଡ଼ି। ତା'ର ସବୁଠୁ ଭଲ ସାଙ୍ଗ ସୁମେଧାନାନୀ ତା'ର ଠିକ୍ ଓଲଟା। ନକ ନକ ପତଳୀ ଆଉ ଡେଙ୍ଗୀ। ବହୁତ ଗୋରା ପୁଣି କହରା ଆଖି। ସୁମେଧାନାନୀ ଆଖିରେ କଣ ଥାଏ କେଜାଣି, ଭାରି

ଡର ଲାଗେ। ସିଙ୍ଗଡ଼ାର କୋଣ ପରି ଗୋଜିଆ ନାକ, ଖୁବ୍ ଆଗକୁ ବାହାରିଥିବା ଧାଡ଼ିକ ଦାନ୍ତ। ଲଚକମଚକ ଟିକିଏ ବି ନାହିଁ ତା' ଚାଲିରେ। ଅଣ୍ଡିରାଙ୍କ ପରି ସିଧା ସିଧା ମାଡ଼ି ଆସେ। ଅନ୍ୟ ସମସ୍ତେ ମଲ୍ଲି, ଟଗର, କନିଅର, ଜିନିଆ, ଡାଲିଆ, ରଜନୀଗନ୍ଧା ହେଲେ ସୁମେଧାନାନୀ ହେଲା ନିମଫୁଲ। ଓଃ....ପିତା କଟକଟ।

ରଜମଉଜରେ ବି ସୁମେଧାନାନୀ କଟକଣା ଜାରି କରେ। କାହା ପରେ କିଏ ଦୋଳି ଖେଳିବ, କିଏ କେତେ ସମୟ ଖେଳିବ....ସେସବୁର ହିସାବ ତା'ରି ହାତରେ। ସତେ ଯେମିତି ସେ ସମସ୍ତଙ୍କର ମାଷ୍ଟ୍ରାଣୀ ! ସୁମେଧାନାନୀ ଭଲ ପଢ଼େ। କଥା କଥାକେ ଇଂଲିଶ୍ କୁହେ। ସେ ଯେମିତି ବି ହେଉ, ତାକୁ ସମସ୍ତେ ସମ୍ମାନ କରନ୍ତି। ନକଲେ ପରା ତ୍ରାହି ନାହିଁ। ରଜଫଜ ଭୁଲିଯାଇ ସେଇଠି ସେ ପଣକିଆ, ଟ୍ରାନ୍ସଲେସନ୍ ପଚାରିବ। କହି ନପାରିଲେ ଘରେ ଯାଇ ଫେରାଦ କରିବ। ଧେତ୍ ରଜଟାରେ କି ପାଠ ! ତେଣୁ ତାକୁ ନଇଁସଇଁ କଥା କହିଲେ ମୁକ୍ତି।

ଉଣେଇଶି ବର୍ଷ ବୟସରେ ଭାନୁଦି' ରଜାପୁଅ ପରି ଇଞ୍ଜିନିୟର ବର ବାହା ହୋଇ ଶାଶୁଘର ଚାଲିଗଲା। ବିଦା ହେଲାବେଳେ କହିଗଲା, 'ସବୁ ପର୍ବପର୍ବାଣୀରେ ନିମଫୁଲ ଏଥର ତୁମ କଥା ବୁଝିବ। ତାକୁ ମାନି ଚଳିବ ପିଲେ। ନହେଲେ ପଣିକିଆ, ଟ୍ରାନ୍ସଲେସନ୍....।' ଭାନୁଦି' ଯିବା ପରେ ବହୁତ କିଛି ବଦଳିଗଲା। ଅବଶ୍ୟ ରଜକୁ ଭାନୁଦି' ଆସେ। ତା' ସହିତ ରଜମଉଜ ପୁଣି ଫେରେ। ସୁମେଧାନାନୀ ହାଇସ୍କୁଲରେ ସାଇନ୍ସ ଟିଚର୍ ହୁଏ। ତା' ସାନ ଭାଇ କୁନା ଭାଇନା କିନ୍ତୁ ଭାରି ସ୍ନେହୀ। ଛୁଆଙ୍କୁ ଦେଖିଲେ କାଖେଇ ପକାଏ। ମୁନିଆକୁ ସାଇକେଲରେ ବସେଇ ସାରା ସହର ବୁଲେଇଛି ସେ। ସମସ୍ତେ ଯେମିତି ସୁମେଧାନାନୀକୁ ଡରନ୍ତି, କୁନା ଭାଇନା ବି ସେମିତି ଡରେ।

ବର୍ଷ ପରେ ବର୍ଷ ବିତିଗଲା। ସୁମେଧାନାନୀର ଅଦ୍ଭୁତ ଚେହେରା ଆଉ ଅନମନୀୟ ବ୍ୟବହାର ପାଇଁ ବର ଜୁଟିଲେନି। ସେ ସେମିତି ଓଥରି ହୋଇ ରହିଗଲା। ମୁନିଆ ନବମରେ ପଢ଼ିଲା ବେଳେ ତା' ବାପାଙ୍କର ବୌଦକୁ ବଦଳି ହେଇଗଲା। ମୁନିଆ ଓ ତା' ପରିବାର ସବୁ ସ୍ମୃତିକୁ ସାଇତି ବୌଦ ଚାଲିଗଲେ। ଖବର ମିଳିଲା ଅଠତିରିଶି ବର୍ଷ ବୟସରେ ସୁମେଧାନାନୀ ଜଣେ ମୃତଦାର ଅଧ୍ୟାପକଙ୍କୁ ବିଭା ହେଇଗଲା।

ଏସବୁ କଥାକୁ ବିତି ଗଲାଣି ଅନେକ ବର୍ଷ। ମୁନିଆ ବାହା ହୋଇ ତା' ଝିଅକୁ ଅଠର ଓ ତାକୁ ବୟାଳିଶି ହେଲାଣି। ଚାଳିଶିଆ ଧରିଲାଣି। ସୁମେଧାନାନୀ ବୁଢ଼ୀ ହବଣି। କୁନା ଭାଇନା ବି ଅଧବୁଢ଼ା ହବଣି। ଫେସବୁକରୁ ଖୋଜି ନମ୍ବର ପାଇଛି କୁନା ଭାଇନା। ଯେତେବେଳେ ମନ ସେତେବେଳେ ଫୋନ୍ କରିଦେଉଛି। ସ୍ନେହ ଆଉ ଅଭିମାନ ମିଶା ସ୍ୱରରେ କହୁଛି, ତୁ ବଡ଼ ଘରେ ବୋହୂ ହେଇଛୁ। ଆଉ କଣ ଆମକୁ ଚିହ୍ନି ପାରିବୁ ! ମୁନିଆ ଇଚ୍ଛା କରି ବି ତାକୁ ବୁଝେଇ ପାରେନା, ସେମିତି ଭାବନା କେବେ ତା' ମନକୁ ଆସିନି ବୋଲି।

ସବୁ ଠିକଠାକ୍ ଚାଲିଥିଲା ବେଳେ କାହିଁକି କେଜାଣି କୁନା ଭାଇନା ଭିଡ଼ିଓ କଲ୍ କରେ। ମୁନିଆ ଶଙ୍କିଯାଏ। ତା'ର ଯୋଉ ବର୍ଦ୍ଧିତ ଚେହେରା, ସେ ଆଉ କାହା ଆଗରେ ନିଜକୁ ଦେଖେଇବାକୁ ସହଜ ହୋଇପାରେନା। ପାଖାପାଖି ତିନି ମାସ ହେଲାଣି କୁନା ଭାଇନା ମଝିରେ ମଝିରେ ଭିଡ଼ିଓ କଲ୍ କରୁଛି। ମୁନିଆ ଅଜବ ଏକ ଦ୍ୱିଧାରେ ରହି କେବେ ରିସିଭ୍ କରିନି। ଧୀରେ ଧୀରେ ସେଇ ଭିଡ଼ିଓ କଲ୍ କୁ ନେଇ ତା' ମନରେ ବିରକ୍ତି ଆସିଛି। ସେସବୁରୁ ମୁକୁଳିବାକୁ ଚାହିଁଛି ସେ। ଜାଣି ଜାଣି ଅଣଦେଖା କରିଛି କୁନା ଭାଇନାର କଲ୍ କୁ। ଏତେ ବର୍ଷ ପରେ ସମ୍ପର୍କର ଖିଅ ଘଷରା ହେଲାଣି। ଟିକିଏ ଜୋର୍ ଦେଲେ ଛିଣ୍ଡିଯିବ। ମୁନିଆ ନିଜ ଘର ଜଞ୍ଜାଳ ଭିତରେ ବୁଡ଼େଇ ଦିଏ ନିଜକୁ। ଧୂଆଁଳିଆ ହୋଇଯାଏ ପିଲାଦିନର କଥା ସବୁ।

ଆଜି ହଠାତ୍ ସବୁ ଦୃଶ୍ୟ ପୁଣି ସତେଜ ହୋଇଗଲା ମୁନିଆ ମନରେ। ସେ ବସି ବସି ଭାବିଲା, ସେ ଯଦି ଏତେ ମୋଟୀ ହେଇଛି, ସମୟ ସୁଅରେ କୁନା ଭାଇନା ବି ତ ବଦଳିଥିବ। ସେ ବି ମୋଟୁ ପେଟୁ ହେଇଥିବ। ଦେଖିଲେ ଦେଖୁ। ଆଜି ସେ ନିଜ ତରଫରୁ ଭିଡ଼ିଓ କଲ୍ କରିବ। ମୁନିଆ ଟିକେ ଡ୍ରେସ୍ ସଜାଡ଼ି ନେଇ କଲ୍ କଲା କୁନା ଭାଇନାକୁ।

ସେପଟୁ କୁନା ଭାଇନାର କରୁଣ ସ୍ୱର ଭାସି ଆସିଲା। ବଡ଼ ଅଭିମାନରେ ସେ କହିଲା, ଏତେ ଦିନ ପରେ ତୋର ଆମ କଥା ମନେ ପଡ଼ିଲା !! ମୁନିଆ ପରିସ୍ଥିତିକୁ ଟିକିଏ ସହଜ କରିବାକୁ କହିଲା, ରୁହ ଭାଇନା ! ମୁଁ ଭିଡ଼ିଓ କଲ୍ କରୁଛି। ଦେଖିବା ତୁମର କେତେ ବଡ଼ ପେଟ !

କୁନା ଭାଇନା ମନ ମାରି କହିଲା, ଯିଏ ତୋତେ ଦେଖିବ ବୋଲି ଅଡ଼ି ବସୁଥିଲା, ସିଏ କିଡ଼ନୀ ରୋଗରେ ପଡ଼ି ପଡ଼ି ତିନି ଦିନ ତଳେ ଚାଲିଗଲା।

ମୁନିଆ ହଠାତ୍ କେଉଁ ଉଚ୍ଚ ସ୍ଥାନରୁ ଖସି ପଡ଼ିବା ପରି ଚିତ୍କାର କରି ପଚାରିଲା.....କିଏ ? ? ?

ସୁମେଧାନାନୀ।

ମୁନିଆ କଣ କହିବ କିଛି ଭାବି ପାରିଲାନି। କୁନା ଭାଇନା କାନ୍ଦ କାନ୍ଦ ହୋଇ କହିଲା, ତୋତେ ଦେଖିବ ବୋଲି ଖୋଜୁଥିଲା।

ତୁ କେବେ ଭିଡ଼ିଓ କଲ୍ ରିସିଭ୍ କଲୁନି। ଭାରି ଅଭିମାନ କଲା ତୋ ଉପରେ।

ଏମିତି ଏକ ଦୁଃଖଦ ସ୍ମୃତିରେ ଅନ୍ୟମନସ୍କ ହୋଇ କେତେବେଳେ ମୁନିଆ ଭିଡ଼ିଓ କଲ୍ କରି ସାରିଥିଲା। ତା' ଲୁହରେ ଜାଲୁଜାଲୁଆ ଦେଖା ଯାଉଥିଲା କୁନା ଭାଇନାର ପତଳା ହାଡୁଆ ଚେହେରା।

ସେପଟୁ ଧକେଇ ଧକେଇ ମିଛହସ ହସି କୁନା ଭାଇନା କହିଲା, ଡାଇବେଟିସ୍ ରୋଗୀ ମୁଁ। ଆଖି ନଷ୍ଟ ହେବାକୁ ବସିଲାଣି। ହେଲେ ବି ତୋତେ ମୁଁ ଦେଖି ପାରୁଛି। ତୁ ସେମିତି ପିଲାବେଳ ପରି ଗୋଲୁମୋଲୁ ଅଛୁ।

ମୁନିଆ କୋହକୁ ଚାପି କୁନା ଭାଇନା ପରି ମିଛ ହସ ହସି କହିଲା, 'ଭାଇନା, ତୁମେ ଯୋଉ ହାଡୁଆକୁ ସେଇ ହାଡୁଆ ରହିଗଲ।'

ସମୟର ଛାଇ ନିଦରେ ଗୋଟିଏ କୁମ୍ଭାଟୁଆର ଆର୍ତ୍ତନାଦ, ଉଇଁ ଆସୁଥିବା ସୁଖଦ ସ୍ୱପ୍ନକୁ ଭାଙ୍ଗି ଚୁରମାର୍ କରିଦେଲା। ଫୋନ୍ ପରଦାରେ ଦୁଇଟି ସ୍ନେହସିକ୍ତ ହୃଦୟ ପରସ୍ପରକୁ ଚାହିଁ ବିଳାପ କରୁଥିଲେ।

❖❖❖

# ରମଣୀ



ISSN-2583-6978
Volume-3
Issue-8
AUGUST-2023

**ଅଭିମନ୍ୟୁ ପଣ୍ଡା**

**କେନ୍ଦ୍ରାପଡ଼ା**

ଏଇଟା ଆଜି ପ୍ରଥମ ନୁହେଁ । ପ୍ରତି ବର୍ଷ ଏମିତି ହୁଏ । ବର୍ଷରେ ପାଞ୍ଚ/ସାତ ଥର ହୁଏ । ନାଁ ବଦଳେ ପ୍ରାୟ । କିନ୍ତୁ ପରିଚାୟକ ଛବି ସବୁଥର ସମାନ । ସେଇ ପ୍ରୋଫାଇଲ୍ ଫଟୋ ଦେଖିବା କ୍ଷଣି ତାଙ୍କ ବନ୍ଧୁ ଅନୁରୋଧ ରଖିବାକୁ ମୁଁ ଯେମିତି ଉଚ୍ଛନ୍ନ ହୋଇଯାଏ । ତଡ଼ିତ୍ କ୍ରୀଡ଼ାନ୍ୱିତ ହୁଅନ୍ତି ମୋର ଇନ୍ଦ୍ରିୟଗଣ । ଆଖି ଆଗରେ ଛାୟାଚିତ୍ର ପରି ଦଉଡ଼ିବାକୁ ଲାଗେ ମୋ ଅତୀତ ।

ତାଙ୍କ ଅନୁରୋଧ ଗ୍ରହଣ କରିବା ମାତ୍ରେ ତାଙ୍କୁ ଉଭୟେ ସନ୍ଦେଶ ବାହକ ପୃଷ୍ଠା ଏବଂ ମୁଖ ପୁସ୍ତିକାର ଖୋଜିବା ପୃଷ୍ଠାରେ ରଖେ । ତାଙ୍କର ସର୍ବମୋଟ ବନ୍ଧୁ ଜଣିଏ ମାତ୍ର । ସେ ଜଣକ ହେଉଛି ମୁଁ । ଖୋଜିବା ତାଲିକାରେ ଏଥିପାଇଁ ରଖେ ଯେ , ତାଙ୍କୁ ସହଜରେ ଦେଖି ହେବ । ଖୋଜି ହେବ ।

ଆମେ ଆମର ପରିଚିତ ମାନଙ୍କ ବା ପ୍ରିୟ ମଣିଷଙ୍କ ବିଷୟରେ ଭାବୁଥିବା ବେଳେ ତାଙ୍କ ମୁହଁ ଅପେକ୍ଷା ବେଶି ମନେ ପଡ଼ିଯାଏ ତାଙ୍କ ବ୍ୟବହାର । ଆମ ପ୍ରତି ତାଙ୍କ କ୍ରିୟା କଳାପ ।

ଯେତେଦିନ ସେ ମୋ ବନ୍ଧୁ ତାଲିକାରେ ରୁହନ୍ତି । ମୁଁ ଖୁବ୍ ଭାବେ ତାଙ୍କ କଥା । କେବେ ନିରୋଳାରେ ଗାଲରେ ହାତ ଦେଇ ଭାବେ ତ , ପୁଣି କେବେ ଭିଡ଼ରେ ଥାଇବି ନିଜକୁ ଏକାକୀ କରି ହଜିଯାଏ ତାଙ୍କରି ଭାବନାରେ । ପ୍ରତିଥର ସେ ଆସିବାବେଳେ ମୋ ମନରେ ଯେଉଁ ହର୍ଷୋଲ୍ଲାସ ପୁଷ୍ଟ ହୁଏ ସେ ଚାଲିଗଲା ବେଳେ ସେସବୁ ନଷ୍ଟ ହୋଇଯାଏ । ତାଙ୍କ ଆସିବାର ଆନନ୍ଦ ଅପେକ୍ଷା ତାଙ୍କ ଯିବାରେ ଅନେକ ଗୁଣର ଯାତନା ପାଏ ମୁଁ । ଚାହିଁ ରହେ ତାଙ୍କ ଫେରିବାକୁ । ଗୋପୀ ବଲ୍ଲଭ ସିନା ଫେରନ୍ତିନି , ଫେରିଲେନି ହେଲେ ମୋର ସେ ପ୍ରିୟ ମଣିଷ ବାରମ୍ବାର ଆସନ୍ତି । ବିଶ୍ୱାସ ଅଛି ଯେ ମୋ ନିଶ୍ୱାସ ଥିବା ଯାଏ ସେ ଏମିତି ରହି ରହି ଫେରୁଥିବେ ।

ମନରେ ସବୁବେଳେ ପ୍ରଶ୍ନଟିଏ ଉଙ୍କି ମାରେ ପ୍ରତିଥର । ଯଦି ଯିବାରେ ଅଛି ଆସୁଛ କାହିଁକି ? ଆସୁଛ ଯଦି ନଗଲେ ହୁଅନ୍ତାନି ? ପଚାରି ପାରେନି । ସତ କହିବାକୁ ଗଲେ ମୁଁ ତାଙ୍କୁ ଭୟ କରେ । ଭଲ ମଧ୍ୟ ପାଏ ବହୁତ । ମୋ ଚାରିପାଖରେ ଥିବା ପ୍ରତିଟି ସମ୍ପର୍କ ଠାରୁ ହୁଏତ ଅଧିକ । ବୋଧହୁଏ ମୋ ନିଜ ଠାରୁ ମଧ୍ୟ ଅଧିକ ।

ସବୁ ଭଲ ପାଇବା କଣ ପ୍ରାପ୍ତିରେ ଶେଷ ହୁଏ କି ? କିଛି ରହିଯାଏ ଛାତିତଳେ ଶୁଖୁ ନଥିବା ଘା ଟିଏ ପରି । ରହି ରହି ଯନ୍ତ୍ରଣା ଦିଏ । ଭାବନା ମାତ୍ରେ ଝରିଆସେ ରୁଧିର ସେ ଶୁଖୁ ନଥିବା ଘା' ରୁ । ଏ ହେଉଛି ମୋର ସେଇ ଅସମ୍ପୂର୍ଣ୍ଣ ପ୍ରେମ । ଏଠି କିନ୍ତୁ ଅଭିଯୋଗ ନାହିଁ । ଅଛି ତ କେବଳ ଭଲ ପାଇବା । ମୁଁ ଜାଣିନି ମିଳନ ଅସମ୍ଭବ କି ସମ୍ଭବ । ଦୁହିଁଙ୍କ ସମ୍ମୁଖରେ ଆକାଶକୁ ଛୁଇଁବା ପରି ଦୁଇଟି ପାହାଡ଼ । ଯେଉଁ ପାହାଡ଼ କୁ ଅତିକ୍ରମ କରିବାକୁ ଆମେ ଉଭୟେ ଅସମର୍ଥ । ମୁଁ ଅଜଣା ସେ ଜାଣି ଅଜଣା । କିନ୍ତୁ ଉଭୟେ ଉଭୟଙ୍କ ଭଲ ପାଇବାରେ କିଞ୍ଚିତ ସନ୍ଦେହ ରଖିନୁ ।

ସବୁ କିଛି ସମୟ ନିର୍ଦ୍ଧାରିତ । ଆମେ ମଧ୍ୟ ସମୟର ଚାଲୁଥିବା ଚକ୍ରରେ ପେଶି ହୋଇ ଯାଇଥିଲୁ । ମୁଁ ନୂଆ କରି ଚାକିରୀ ପାଇ ନିଯୁକ୍ତି ପାଇଥିଲି ଏଇ ଛୋଟିଆ ସହରରେ । ଯୁବକ ମନକୁ ଆର୍ଥିକ ସ୍ୱତନ୍ତ୍ରତା ମୋ ମନରେ ଲଗାଇ ଦେଇଥିଲା ଡେଣା । ଉଡୁ ଥିବା ମନ ମୋର ମହଲରୁ ମହଲ ଉଡୁଥିଲା । ରାଜକୁମାରୀମାନଙ୍କୁ ଦେଖି ବ୍ୟଗ୍ର ରହୁଥିଲା ସ୍ୱପ୍ନ ଦେଖିବାରେ ଏବଂ ଦେଖାଇବାରେ । ମନ କେବଳ ଉଡ଼ି ବୁଲୁଥିଲା ଯାହା । ଅଟକୁ ନଥିଲା କେଉଁଠି ବି ।

ଦିନେ ଗୋଟେ ରାଜ ଉଦ୍ୟାନରେ ଜଣେ ରାଜକୁମାରୀଙ୍କୁ ଦେଖି ମନ ଅଟକି ଗଲା । ପାଦ ମଧ୍ୟ ଅଚଳ ହେଲା । ମନରେ ଲାଗିଥିବା ଡେଣା ଅଚଳ , ଦୁର୍ବଳ ହୋଇ ପଡ଼ିଲେ । ଥରୁଟିଏ ନୁହେଁ, ବାରମ୍ବାର ମନ ଧାଇଁ ଯାଉଥିଲା ସେଇ ସୁଗନ୍ଧିତ ପୁଷ୍ପପୂରିତ ଉଦ୍ୟାନକୁ । ବହୁ ରାଜକୁମାରୀଙ୍କ ଆଖିରେ ସ୍ୱପ୍ନ ଭରି ଦେଇଥିଲେ ବି, ଏଇ ରାଜକୁମାରୀଙ୍କ ମାଧୂର୍ଯ୍ୟରେ ମୋହିତ ହୋଇ ମୁଁ ଭୁଲି ଯାଇଥିଲି ମୋର ପୂର୍ବ ପ୍ରବଞ୍ଚନା ସବୁକୁ । ଦିନେ ସାହସ କରି ପହଞ୍ଚି ଗଲି

ରାଜକୁମାରୀଙ୍କ ସମ୍ମୁଖରେ ।

ହେ ଅନିନ୍ଦ୍ୟ ସୁନ୍ଦରୀ ସ୍ୱୀକାର କରିନିଅ ମୋ ପ୍ରୀତି ନିବେଦନକୁ। ମୋତେ ତୁମର କରିନିଅ ସବୁଦିନ ଲାଗି । ତାଙ୍କୁ ମୋର କହିବାକୁ ମୋର ସାହସ ନଥିଲା । ହେ ଅପରୂପା ଅପ୍ସରୀ ! ମୋ ପୁରୁଷତ୍ୱକୁ ସମର୍ପି ଦେଉଛି ତୁମ ପାଦତଳେ । ଏସବୁ ଏକା ନିଶ୍ୱାସରେ କହିଗଲି। ଏଥି ପ୍ରତି ଚିନ୍ତା ନଥିଲା କି କେହି ଦେଖୁଛନ୍ତି ଶୁଣୁଛନ୍ତି ମୋତେ ।

ସେ ହସିଦେଲେ ମୁରୁକି ମୁରୁକି ।

ସେ ସ୍ୱୀକାର୍ଯ୍ୟର ହସ ନଥିଲା । ଉପହାସ ଥିଲା ମୋ ବ୍ୟାକୁଳତା ପ୍ରତି । ତାଙ୍କ ଉପହାସିତ ହସରେ ମୋତେ ମୋ ଜୀବନ ଅସାର ଲାଗୁଥିଲା । ବରଂ ମୋତେ ଅସ୍ୱୀକାର କର କିନ୍ତୁ ମୋ ସମର୍ପଣକୁ ଉପହାସ କରନି । ତୁଚ୍ଛ ଭାବୁଛି ମୁଁ ନିଜକୁ ତୁମ ଉପହାସରେ । ସ୍ୱୀକାର କର ମୋ ନିବେଦନ ନଚେତ୍ ମୁଁ ଈଶ୍ୱରଙ୍କୁ ବାଧ୍ୟ କରିଦେବି ମୋର ପ୍ରାଣବାୟୁକୁ ସ୍ୱୀକାର କରିବା ଲାଗି ।

ଏବେବି ହସୁଥାନ୍ତି ସେ । ଶୁଭ୍ର ପୋଷାକରୁ ଝଟକି ଯାଉଥିଲା ତାଙ୍କ ସୁନା ରଙ୍ଗ ଦେହର ରୂପ କାନ୍ତି ଯୌବନ । ହସ ଉପହାସ ଲକ୍ଷିତ ହେଉ ପଛେ ସହସ୍ର ସହସ୍ର ପାରିଜାତ ଝରି ପଡୁଥିଲା ସତେ ସେ ହସରେ । ସଳଖ କୃଷ୍ଣ ଗହଳ କେଶକୁ ଲାଗି ବହି ଆସୁଥିବା ମହମହ ବାସ୍ନା ମୋତେ ମତ୍ତ ଭ୍ରମର ପରି ଉନ୍ମତ୍ତ କରୁଥିଲା । ପ୍ଲିଜ୍ କିଛି କୁହ । ମୁଁ ଅଧୈର୍ଯ୍ୟ ହେଉଥିଲି ।

ମଥାରେ ତାଙ୍କର ଟାଣି ହୋଇଗଲା ଚିନ୍ତାର ରେଖା । କିଛି ଭାବିବାକୁ ଲାଗିଲେ ସେ । ଶୁଣ ହେ ଅପରିଚିତ ରାଜକୁମାର , ତୁମ ପ୍ରୀତି ଆବେଦନ ଗ୍ରହଣ କଲି ମୁଁ । ମୋତେ କିଛି ସମୟ ଦିଅ। ମୋତେ ଭାବିବାକୁ ଦିଅ । ତୁମ ବଂଶ ପରମ୍ପରାର ସଂସ୍କାର ବିଷୟରେ ପରଖିବାକୁ ଦିଅ । ଏବେ ତୁମେ ଯାଅ । ମୋ ରାସ୍ତାରେ ଆଉ ବାଧକ ହୁଅନି । ମୋତେ ମଧ୍ୟ ଯିବାକୁ ଦିଅ । ମୋ ଲଜ୍ଜାର ମାନ ରଖ ହେ ରସିକ ।

ମୁଁ ବାଧ୍ୟ ହେଲି ତାଙ୍କ କଥା ମାନିବାକୁ । ତାଙ୍କ ସ୍ପଷ୍ଟ କଥା ମୋତେ ଆହୁରି ଆକର୍ଷିତ କରିଥିଲା ତାଙ୍କପ୍ରତି । ସେ ଚାଲିଗଲେ । ମୁଁ କିନ୍ତୁ କଳ୍ପନା କରୁଥିଲି ତାଙ୍କ ପୁନର୍ବାର ଆସିବାକୁ । ଏମିତିରେ ଏମିତିରେ କେତେ ଦିନ ବିତିଗଲା । ମୋର ଡେଣା ଲଗା ଉଡ଼ିବା ପ୍ରକୃତି ଏବେ ସ୍ଥିର ହୋଇଯାଇଥିଲା । ସବୁଥିରେ ତାଙ୍କ ମୁହଁ ଦିଶି ଯାଉଥିଲା । ସେ ନଥାଇ ବି ମୋ ଚାରି ପାଖରେ ତାଙ୍କରି ଥିବାର ଆଭାସ ଅନୁଭବ କରୁଥିଲି ମୁଁ । ସେ ମୋ କଥା ଶୁଣୁ ନଥିଲେ ହେଲେ ମୁଁ ତାଙ୍କ ସହିତ କଥା ହେଉଥିଲି । ସେ ମୋତେ ଦେଖୁ ନଥିଲେ ତଥାପି ମୁଁ ଆଗ ଅପେକ୍ଷା ଶାଳୀନ ହୋଇ ଯାଇଥିଲି ।

ଆସିଗଲା ମୋର ସେ ବହୁ ପ୍ରତୀକ୍ଷିତ ଦିନ ଯେଉଁ ଦିନକୁ ମୁଁ ଚାତକ ବର୍ଷାକୁ ଅପେକ୍ଷା କରିବା ପରି ଅପେକ୍ଷା କରି ରହିଥିଲି । ଦେଖା ହୋଇଗଲେ ସେ ରାଜକୁମାରୀ , ସେଇ ରାଜୋଦ୍ୟାନରେ। ମୁଁ ଲାଜେଇ ଯାଉଥିଲି ତାଙ୍କୁ ଦେଖି । ସେ ମୋ ଉପରେ ସଳଖ ସ୍ଥିର ଦୃଷ୍ଟି ରଖିଥିଲେ । ପୂର୍ବଥର ପରି ଏଥର ମଧ୍ୟ ଠିଆ ହୋଇଗଲି ତାଙ୍କ ସମ୍ମୁଖରେ । କିଛି କହିଲିନି ।

ସତରେ କଣ ମୁଁ ଏତେ ସୁନ୍ଦରୀ ? ମୋ ରୂପରେ କଣ ଏତେ ଆକର୍ଷଣ ଅଛି ? ବାନ୍ଧି ହୋଇଗଲେ ଆପଣ ଏ ଦେହର ମୋହରେ ! କେତେଦିନ ଏ ଢାଙ୍କୁଣି ମୋହରେ ରହିବେ ଆପଣ ?

ତାଙ୍କୁ ସିଧା ଚାହିଁବାକୁ ଅସମର୍ଥ ହେଉଥିଲି ମୁଁ । ସେ କହୁଥିବା କଥାର ନିହିତାର୍ଥ ବୁଝିବାକୁ ମୁଁ ପ୍ରସ୍ତୁତ ମଧ୍ୟ ନଥିଲି । ଲାଗୁଥିଲା ଯେମିତି ସେ ମୋର ପ୍ରୀତି ସମର୍ପଣକୁ ଆଗ୍ରାହ୍ୟ କରୁଛନ୍ତି । କାନ୍ଦ ଲାଗୁଥିଲା ମୋତେ । ଜୋର୍ ଚିଲେଇ କାନ୍ଦିବାକୁ ଇଚ୍ଛା ହେଉଥିଲା। କୋହ ଚାପି କହିଲି, 'ମୁଁ ଜାଣିନି ସେସବୁ କିଛି । ବାସ୍ ମୁଁ ତୁମର। ମୋତେ ଯେମିତି ଇଚ୍ଛା ସେମିତି ପରିଚାଳିତ କରିବ।' ଆଉ କହି ପାରିଲିନି ।

ସେ ତାଙ୍କ ପାଦର ଆଙ୍ଗୁଠିକୁ ମାତ୍ର ଭୂମିରେ ଲଗାଇ ମୋ' ମଥାରେ ଚୁମ୍ବନଟିଏ ମାଖି ଦେଲେ । ଶିହରଣ ପରିବର୍ତ୍ତେ ଅନୁଭବ ହେଲା ତୃଷାର୍ତ୍ତର ତୃଷା ନିବାରଣ ପରର ତୃପ୍ତି । ଆଗେଇ ଆସୁଥିଲି ତାଙ୍କୁ ଆଲିଙ୍ଗନବଦ୍ଧ କରି କାନ୍ଧରେ ତାଙ୍କର ବୁହାଇ ଦେବି ମୋ ଆଖିରେ ଆସୁଥିବା ଉଷ୍ମ ଲୁହର ଖୁସିର ଝରକୁ । ଆଖିରେ ଆଖି ମିଶେଇଲି ।

ସେ ଇଶାରାରେ ବାରଣ କରୁଥିଲେ ମୋତେ ସେମିତି ନ କରିବାକୁ ।

ଅଟକି ଗଲି ମୁଁ ।

ଶୁଣ ରାଜକୁମାର , ମୁଁ ମୋର ଲାଜକୁ ତୁମ ହାତରେ ଟେକି ଦେଲି ତୁମେ ଇଚ୍ଛାରେ ବ୍ୟବହାର କରିବ ନାରୀ ଭାବେ ମୋର ସେଇ ଶ୍ରେଷ୍ଠ ସମର୍ପଣକୁ । ମଥା ଉପରେ ରଖିଲେ ରଖିବ , ପାଦରେ ମକଚି ଦେଲେ ବି ମକଚି ଦେବ । ମୋ ଲାଜର ଅଭିମାନ କୁ ରଖିବ ।

ବାସ୍ ଦୁଇଟି ଯୁବା ପ୍ରେମୀ ଯୁଗଳଙ୍କ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା ସହର ସାରା । ଭେଲ୍ ବଟମ୍ ପ୍ୟାଣ୍ଟ୍ ସାଙ୍ଗକୁ , ଟାଇଟ୍ ଚଉଡ଼ା କଲରର ସିଲ୍କ ଫୁଲପକା ସାର୍ଟ । ନାକ ତଳେ ହଳେ ସରୁ ନିଶ । ମୁଣ୍ଡରେ କୁଞ୍ଚୁକୁଞ୍ଚିଆ ବାଳ ଗୋଛାଏ । ମୋର ଏଇ ବେଶ କାଳେ ତାଙ୍କୁ ବେସ୍ ଭଲ ଲାଗୁଥିଲା । ସେ କୁହନ୍ତି ମୁଁ କାଳେ କନ୍ଦର୍ପ ପରି ଦେଖାଯାଏ । ବଗିଚାରୁ ବଜାର ଯାଏ ଚର୍ଚ୍ଚା ଥିଲା କେବଳ ଆମ ଦୁହିଁଙ୍କର । ଉଡ଼ି ବୁଲୁଥିଲୁ ସହରର ପ୍ରତିଟି କୋଣ ଅନୁକୋଣ । ମଧୁ ପାନରେ ମତ୍ତ ନହୋଇ କେବଳ କଳ୍ପନା ଶିହରଣରେ ବିଭୋର ହେଉଥିଲୁ । ମନେ ପଡ଼େ ସେଇ ଖାସ୍ ଦିନ, ଯେଉଁଦିନ ...।

ଆଖି ବୁଜିଲ ।

କହୁନ କଣ କହିବ ?

ବୁଜ ଆଖି ।

ହଉ ହେଲା ।

ସେ ଆଖି ବୁଜିଲା ପରେ ତାଙ୍କ ହାତ ଆଣି ସେ ହାତ ଉପରେ ରଖି ଦେଇଥିଲି ମୋ ସ୍ୱପ୍ନକୁ । ସେ ଆଖି ଖୋଲି ଅବାକ୍ ହୋଇ ଛଳଛଳ ଆଖିରେ ଚାହିଁଲେ ମୋତେ । ସେ ଆଖି ଯୋଡ଼ିଏ ଏତେ ସଜଳ ଥିଲା ଯେ ସାମାନ୍ୟ କ୍ରିୟାରେ ମଧ ବହିଯିବ ଲୁହ ହୋଇ ସେଥିର ଜଳ । କଥା କହି ପାରିଲେନି ।

ମୁଣ୍ଡ ହଲେଇ ଇଙ୍ଗିତେ ପ୍ରଶ୍ନ କଲେ କଣ ଇଏ ?

ଏ ହେଉଛି ମୋ ସ୍ୱପ୍ନ । ଯାହା ମୁଁ ଏକାଏକା ଦେଖିଛି ତୁମକୁ ସାଥିରେ କଳ୍ପନା କରି । ଏବେ ବାସ୍ତବରେ ଦେଖିବାକୁ ଚାହେଁ ତୁମ ହାତ ଧରି । କୁହ ହାତ ଦେବ ନା ମୋ ହାତରେ ?

ମୁଁ ଦେଇଥିବା ଶଙ୍ଖା ଚାରିପଟକୁ ନିରିଖେଇ ଦେଖୁଥିଲେ ଓ ଲୁହ ଝରାଉଥିଲେ । କୁଣ୍ଢେଇ ପକେଇଲେ ମୋତେ । ଝର ଝର ହୋଇ ବର୍ଷି ଯାଉଥିଲା ତାଙ୍କ ଆଖି । ତାଙ୍କ ଆଲିଙ୍ଗନ ରୁ ବୁଝୁଥିଲି ସ୍ୱପ୍ନ ସେ ବି ଦେଖୁଥିଲେ । ମୁଁ ଖୁସିରେ ଆମ୍ହରା ହୋଇ ଯାଇଥିଲିୟ। ପ୍ରଥମ କରି ତାଙ୍କୁ ବାହୁବନ୍ଧ କରିଥିଲି ମୁଁ । ସେଦିନ ଅନେକ ଡେରି ପର୍ଯ୍ୟନ୍ତ ବସି ରହିଥିଲୁ ଆମେ । କେହି କିଛି କହି ନଥିଲୁ କାହାକୁ । ଦୁହେଁ ଦୁହିଁଙ୍କ ହିସାବରେ ଦେଖି ଚାଲିଥିଲୁ ବୁଣି ଥିବା ସ୍ୱପ୍ନର ବାସ୍ତବ ରୂପକୁ ।

ଏଇ , ଚାଲ ଯିବା । ଆଉ କିଛି ଦିନର ଅପେକ୍ଷା ମାତ୍ର । ସବୁଦିନ ଲାଗି ଏକ୍ ହୋଇଯିବା ଆମେ । ଚାଲ ଛାଡ଼ି ଆସିବ ମୋତେ । ଦେଖୁନ ଅନ୍ଧାର ମାଡ଼ି ଆସିଲାଣି ।

ସେଦିନ ତାଙ୍କୁ ଛାଡ଼ି ଆସିଲି ତାଙ୍କ ଘରେ । ମୋ ଆଖିକୁ ରାତିସାରା ନିଦ ନାହିଁ । ଖୋଲା ଆଖିରେ ଗୋଲାପୀ ସ୍ୱପ୍ନ ଦେଖୁଥିଲି ମୁଁ । ସରୁ ନଥିବା ଜାଗ୍ରତ ସ୍ୱପ୍ନ ଦେଖୁଦେଖୁ ପାହିଗଲା ରାତି । ସମାନ ଦିନଚର୍ଚ୍ଚାରେ ବିତିଲା ଦିନ । ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଗଲି ଯେଉଁଠି ଆମର ପ୍ରତିଦିନ ଦେଖାହୁଏ । ଅନେକ ସମୟ ଅପେକ୍ଷା କଲା ପରେ ତାଙ୍କ ଆସିବାର ବାସ୍ନା ପବନରେ ଭାସି ଆସିନଥିଲା । ସେଦିନ କିନ୍ତୁ ଅପେକ୍ଷାରେ ଅତିଷ୍ଠ ହୋଇ ନଥିଲି ମୁଁ । ସେଇଠି ବସି ବସି ସ୍ୱପ୍ନ ଦେଖୁଥିଲି । ତାଙ୍କ ଆସିବା ସମୟ ଗଡିଗଲାଣି , ତଥାପି ଆସିଲେନି ସେ ।

ମନ କ'ଣ ଭାବୁଥିଲା କେଜାଣି , ପାଦ କିନ୍ତୁ ଆପେଆପେ ଚାଲି ଯାଉଥିଲା ତାଙ୍କ ଘର ଆଡ଼େ । ଶୁନଶାନ୍ ଲାଗୁଥିଲା ତାଙ୍କ ଘର ଚାରିପଟ । ଯେମିତି ଜନଶୂନ୍ୟ ହୋଇ ଯାଇଛି । ସାହାସ କରି ତାଙ୍କ ମୁଖ୍ୟ ଦରଜାରେ ଠିଆ ହୋଇ ସମ୍ବୋଧନ ସୂଚକ ଡାକ ଦେଲି। କେହି ଆସିଗଲେ ପଚାରି ବୁଝି ନେବି ତାଙ୍କ ବିଷୟରେ । ଜଣେ ବୃଦ୍ଧ ବ୍ୟକ୍ତି ଆସିଲେ । ଭାବଶୁନ୍ୟ ମୁହଁ ତାଙ୍କର । ମୁଁ କିଛି କହିବା ଆଗରୁ ସେ ପଚାରିଦେଲେ ...

ତୁମେ ପାର୍ଥ ନା ?

ଆଜ୍ଞା ।

ମୁଁ ରମଣୀର ବାପା ।

ମାତ୍ର ଏତିକି କଥାରେ ସେ ବେହୋସ୍ ହୋଇଗଲେ । ତଳେ ପଡ଼ିବା ପୂର୍ବରୁ ଟେକି ଧରିଲି ତାଙ୍କୁ । ଘର ଭିତରୁ ଆଉ ଦୁଇ ତିନି ଜଣ ଧାଇଁ ଆସିଲେ ମୋ' ପାଖକୁ । ସମସ୍ତେ ମିଶି ତାଙ୍କୁ ଘର ଭିତରକୁ ନେଇ ଶୁଆଇ ଦେଲୁ । ପାଣି ସିଞ୍ଚି ପିଆଇ ସାଷ୍ଟାମ୍ କଲୁ । ଆଖି ଖୋଲିବା ମାତ୍ରେ । କେବଳ କାନ୍ଦୁଥିଲେ ସେ । ଏ ଭିତରେ ମୁଁ କେଉଁଠି ବି ରମଣୀ କୁ ଦେଖୁ ନଥିଲି । ମନ ମୋର ଅଥୟ । ମୋତେ ବି ରମଣୀର ଅନୁପସ୍ଥିତିରେ କାନ୍ଦ କାନ୍ଦ ଲାଗୁଥିଲା ।

ମଉସା ! ରମଣୀ କାହିଁ ?

ସେ ଆଉଜି ପଡ଼ିଲେ ମୋ କାନ୍ଧକୁ । କୁନି ପିଲାଟିଏ ପରି ଧକେଇ ଧକେଇ କାନ୍ଦିବାକୁ ଲାଗିଲେ ।

କ'ଣ ହେଇଛି ମଉସା ? ମୋ ରମଣୀ କାହିଁ ?

ଆଖିରୁ ମୋର ପ୍ରିୟା ଅନ୍ୱେଷଣର ବିଳପିତ ଲୁହ ଝରି ସାରିଥିଲା। ଆଉଜଣେ ମଧ ବୟସ୍କା ମହିଳା ମୋ କାନ୍ଧରେ ହାତ ରଖି ମୋତେ ରମଣୀର ବର୍ତ୍ତମାନ ଠିକଣା ଦେଲେ । ମଉସାଙ୍କୁ ଶୁଆଇ ଦେଇ ପାଗଳଙ୍କ ପରି ଧାଇଁଲି ରମଣୀକୁ ଦେଖିବା ଲାଗି ।

ସରକାରୀ ଡାକ୍ତରଖାନାର ଉପର ମହଲାର ନିବୁଜ୍ କୋଠରୀ ସେପଟେ ମୋ ରମଣୀ ଆଉ ଏପଟେ ମୁଁ । ନିଜକୁ ଦୃଢ଼ କରୁଥିଲି ରମଣୀର ସମ୍ମୁଖୀନ ହେବାକୁ । ଲୁହ ପୋଛି ହସଟିଏ ମାଖି କବାଟ ପେଲି ପହଞ୍ଚି ଗଲି ରମଣୀ ସାମ୍ନାରେ ।

ତୁମେ ପାର୍ଥ ?

ଆଜ୍ଞା ।

ରମଣୀର ମାଆ ମୋର ପରିଚୟ ପାଇବା ପରେ ଲୋଟିଗଲେ ମୋ ପାଦରେ । ଭୂଇଁ ଅଣ୍ଡାଳି କାନ୍ଦିବାକୁ ଲାଗିଲେ । ପୁରା ରାସ୍ତାବୁଲା ବାୟାଣୀଙ୍କ ପରି ।

ତାଙ୍କ କାନ୍ଦ ମୋତେ ସେତିକି ଆନ୍ଦୋଳିତ କରୁ ନଥିଲା ଯେତିକି ଆନ୍ଦୋଳିତ କରୁଥିଲା ମୋ ରମଣୀର ଆଖି । ମୁଁ ଏକ ଲୟରେ ଚାହିଁ ରହିଥିଲି ତାକୁ । ପଲକ ବି ପଡୁ ନଥିଲା ମୋ ଆଖିରେ । ତା ଆଖିରୁ ଦୁଇଧାର ଲୁହ ସଦ୍ୟ ସୃଷ୍ଟ ତା' ଗାଲର କ୍ଷତ ଦେଇ ବହି ଯାଉଥିଲା । କିଛି ଲୁହ ତା କାନରେ ପଶୁଥିଲା ତ , କିଛି ଲୁହରେ ଭିଜୁଥିଲା ତକିଆ । ମୁଁ ନିର୍ବାକ ଏବଂ ନିରିବଳ ହୋଇ ଯାଇଥିଲି । ପାଦ ଚଳୁ ନଥିଲା ଦୁଇପାଦ ଆଗେଇ ଯାଇ ଆଉଁସି ଦେବି ତା ମଥା । ବହୁ କଷ୍ଟରେ ମୋ' ପାଦରେ ଲୋଟି ଥିବା ମାଉସୀଙ୍କୁ ନଦେଖି , ତାଙ୍କୁ ଭଲମନ୍ଦ ପଦେ ନକହି; ପାଖେଇଲି ରମଣୀ

ନିକଟକୁ ।

ଆଣ୍ଠେଇ ପଡ଼ିଲି ତା ମଥା ପାଖରେ । ଚୁମିଦେଲି ମଥାକୁ ତାର। ରମଣୀ ଆଖିରୁ ଅନବରତ ବହି ଚାଲିଥିଲା ଲୁହ । ମୁଁ ବି ସମ୍ଭାଳି ପାରିଲିନି ନିଜକୁ । ଦୁଇଜଣ ଙ୍କ ଆଖିରୁ ଲୁହ ଧାର ଧାର ବହି ଚାଲୁଥାଏ ।

ରମଣୀର ମାଆ ନିଜେ ନିଜକୁ ବୋଧକରି ଠିଆ ହୋଇଗଲେ ମୋ ।ପାଖରେ । ପୁଅରେ , ସକାଳୁ ଫୁଲ ତୋଳିବା ସମୟରେ ମଣିଷ ରୂପୀ ଚାରୋଟି ମଣିଷଖିଆ ପଶୁ ଘେରିଗଲେ ମୋର ଫୁଲପରି କୋମଳ ଝିଅକୁ । ଆଉ କିଛି କହି ପାରିଲେନି ସେ । ମୁଁ ବି ଅଧିକ କିଛି ଶୁଣିବା ଅବସ୍ଥାରେ ନଥିଲି ।

ରମଣୀ ତୁମେ ବ୍ୟସ୍ତ ହୁଅନି । ତୁମେ ଖୁବ୍ ଶୀଘ୍ର ସୁସ୍ଥ ହୋଇଯିବ। ବାସ୍ ଆଉ ତୁମକୁ ଏକାକୀ ଛାଡ଼ିବିନି କୁଆଡ଼େ ।

ରମଣୀ ମୁହଁ ବୁଲେଇ ଦେଲା ।

ଆରେ ମୁହଁ କାଇଁ ଫେରେଇ ନେଉଛ ?

ତୁମେ ସିନା ଯନ୍ତ୍ରଣା ପାଉଛ , ଅତ୍ୟାଚାରିତା ହୋଇଛ କିନ୍ତୁ ମୃତ୍ୟୁ ତ ମୋତେ ପ୍ରାପ୍ତ ହୋଇଛି । କାହିଁକି ଆଉ ଅଭିମାନ କରୁଛ ? ସେଇ ପ୍ରୀତି ଲେପିତ ଦୃଷ୍ଟିରେ ଦେଖ ଥରେ ମୋତେ । ମୁଁ ତୁମକୁ ମୋର ବୋଲି କହିନି କେବେ । ମୁଁ ତୁମର ବୋଲି ସମର୍ପି ଦେଇଛି ନିଜକୁ । ଆଡ଼େଇ ଦିଅନି ମୋ ସମର୍ପଣକୁ । ଏ ରମଣୀ , ଦେଖ ଥରେ ମୋତେ ।

ବୁଲି ଚାହିଁଲେ ମୋତେ ।

ଦେଖ ଆଉ ଆଖିରୁ ଲୁହ ଝରାଅନି । ମୁଁ ଅଛି ପରା ତୁମ ପାଖରେ। ମୁଁ ତ ନିଜକୁ ତାସଲ୍ୟ କରୁଛି ଯେ , କାହିଁକି ନଥିଲି ମୁଁ ସେଦିନ ତୁମ ସାଥିରେ । ମୋ ଦେହରେ ଶେଷ ରକ୍ତବିନ୍ଦୁ ଥିଲା ପର୍ଯ୍ୟନ୍ତ ତୁମକୁ ନିର୍ଯ୍ୟାତିତ ହେବାକୁ ଦେଇ ନଥାନ୍ତି । କିନ୍ତୁ ତୁମେ ବ୍ୟସ୍ତ ହୁଅନି । ଏବେ ପ୍ରତିମୁହୁର୍ତ୍ତରେ ମୁଁ ତୁମ ପାଖେପାଖେ ଅଛି ।

ବାହାରି ଆସିଲି ସେ ଘର ଭିତରୁ । ହରିଣୀ ପରି ଚଞ୍ଚଳ ରମଣୀ ମୋର ନିର୍ଜୀବ ପ୍ରାୟ ପଡ଼ି ରହିଛି । ସବୁଦିନ ଦେଖିବାକୁ ଯାଉଥିଲି ରମଣୀକୁ । ସେ ଆଶାନୁରୂପେ ସୁସ୍ଥ ହେଉଥିଲା ମଧ୍ୟ ।

ଦିନେ ସକାଳୁ ଡ଼ାକ୍ତରଖାନାରେ ପହଞ୍ଚିଲା ବେଳକୁ ରମଣୀ ଆଉ ନଥିଲା ସେଠି । ଖୁବ୍ ଖୋଜିଲି । ତାଙ୍କ ଘରକୁ ମଧ୍ୟ ଧାଇଁ ଆସିଲି। ସେ ସେଠି ବି ନଥିଲା । କେହି ଜାଣି ନାହାନ୍ତି ସେ କୁଆଡ଼େ ଯାଇଥିଲା ? ତାଙ୍କ ଘରେ ସମସ୍ତେ ଖୋଜୁଥିଲେ । ହେଲେ ମୋ'ପରି କେହି ଖୋଜୁ ନଥିଲେ ମୋ ରମଣୀକୁ । ସେଦିନୁ ସେ ଯାଇଛି ଯେ ଆଜି ଯାଏ ଫେରିନି ।

ରମଣୀର ବାପା ମୋତେ ବାହା କରେଇ ଦେଲେ ଜୋର୍ କରି। ଝିଅଟିଏ ସିନା ହରେଇଦେଲି ହେଲେ ପୁଅଟିଏ ହରେଇବାର ସାମର୍ଥ୍ୟ ମୋର ଆଉ ନାହିଁ ଏ ବୃଦ୍ଧ ବୟସରେ ।

ସବୁ କିଛି ପୂର୍ବପରି ଚାଲିଛି ମଧ୍ୟ । ରମଣୀର ବାପା ରମଣୀକୁ ଝୁରିଝୁରି ଦଶବର୍ଷ ହେବ ଆରପାରିରେ । ଏଇ ଗତ ବର୍ଷ ତା ମାଆ ମଧ୍ୟ ଚାଲିଗଲେ । ତାର ଭାଇ ଭଉଣୀ ମାନେ ଏ ସହର ଛାଡ଼ି ଚାଲିଗଲେଣି ଅନେକ ଆଗରୁ । ମୁଁ ଏ ସହରର ନହୋଇ ବି ରହିଗଲି ଏଇଠି । ଏଇଠି ଥିଲା ମୋ ରମଣୀ ଏତିକି ହିଁ ଯଥେଷ୍ଟ ମୋ ଲାଗି ।

ବାହା ହେଲି , ବାପା ହେଲି କିନ୍ତୁ ଭୁଲି ପାରିଲିନି ମୋ ପ୍ରେମିକ ପଣକୁ । ମୋ ରମଣୀ ବଞ୍ଚିଛି ଆଜିବି । ଏଇ ଯେଉଁ ବର୍ଷରେ ସାତ ପାଞ୍ଚଥର ସମାନ ଫଟୋ ଥାଇ ବନ୍ଧୁ ଅନୁରୋଧ ଆସୁଛି ସେଇ ହେଉଛି ମୋ ରମଣୀ । ସେଦିନ ତାକୁ ସରପ୍ରାଇଜ୍ ଦେବାକୁ ଯାଇ ତା ହାତରେ ଯେଉଁ ଶଙ୍ଖା ରଖିଥିଲି ଇଏ ସେଇ ଶଙ୍ଖାର ଫଟ ।

ଅନେକ ଥର ଚେଷ୍ଟା କରିଛି ତା ସହିତ ପଦିଏ କଥା ହେବାକୁ। ପଚାରିଲି ମେସେଜରେ , ତୁମେ ଏବେ ବି ମୋ ରମଣୀ ରତନ। ଫେରି ଆସ । ପ୍ରେମିକା ନହେଲେ ନାହିଁ ଦେବୀ ରୂପରେ ମୋ ପୂଜାକୁ ସ୍ୱୀକାର କରିବାକୁ ଫେରିଆସ ।

ଏଇ ମୁଖ ପୁସ୍ତିକାରେ ମୋ ହସିଲା ମୁହଁ ଦେଖି ରାଗୁଥିବ ନିଶ୍ଚୟ। ତୁମେ କଣ ଜାଣନା ପ୍ରତିଟି ହସ ଦୁଃଖ ଲୁଚାଇବାର ପ୍ରୟାସ ମାତ୍ର ।

ଦେଖିଲା ହେଲେ ଉତ୍ତର ଦେଲାନି କିଛି ।

ହାତରେ ସେଇ ଶଙ୍ଖା ପିନ୍ଧି ତୁମେ ଦେଉଥିବା ଫଟରୁ ମୁଁ ତୁମ ଭଲ ପାଇବା ଏବଂ ସମର୍ପଣ କୁ ବୁଝି ପାରୁଛି । କେବେ ତ ଥରେ ମୋ ହୃଦୟକୁ ଝାଙ୍କି ଦେଖ । କହିଲ ରମଣୀ ବ୍ୟତୀତ ସେଠି ଆଉ କେହି ପୂଜିତ ହେଉଛିକି ? ଆସ ତୁମେ ଫେରିଆସ । ଜୀବନ ପ୍ରଦୀପ ଲିଭିଯିବା ପୂର୍ବରୁ ଭଲକରି ଥରେ ଦେଖିନିଏ ତୁମକୁ । ତୁମ ପାଦ ବନ୍ଦନା କରିବାର ଥରୁଟିଏ ମାତ୍ର ସୁଯୋଗ ଦିଅ । ଏବେବି ଉତ୍ତର ଅପେକ୍ଷାରେ ।

॥ ଶରଣ ମାତେ ॥

❖❖❖

# ଏକନିଷ୍ଠ ସମୟ ବାଲିରେ



ISSN-2583-6978
Volume-3
Issue-8
AUGUST-2023

ଅନସୂୟା ପଣ୍ଡା

ଛଜ-୫ଜ/୧,ବୁର୍ଲା, ସମ୍ବଲପୁର, ୭୬୮୦୧୮
୯୪୩୯୨୧୧୯୭୧

ମୌସୁମୀର ଆଉ ତା' ସ୍ୱାମୀ ମନୋରଞ୍ଜନର ବାହାଘରର ସୁଖଦ ଦଶବର୍ଷ ଜୀବନ ଅତିକ୍ରାନ୍ତ। ଦୁଇଟା ପିଲାର ମାଆ। ସ୍ୱାମୀ ଆଶାଠାରୁ ଅଧିକ ବଡ ଚାକିରି ଖଣ୍ଡେ କରିଛନ୍ତି। ସମାଜରେ ବଡବଡ ଲୋକଙ୍କ ଭିତରେ ଜଣା ଶୁଣା। ଖୁବ୍ ସ୍ୱଚ୍ଛଳ ପରିବାର ମନୋରଞ୍ଜନଙ୍କର। ବେଶ୍ ଧନୀ ଓ ସମ୍ଭ୍ରାନ୍ତ। ଗୋଟିଏ ସହରରେ ସମସ୍ତେ ସ୍ୱାଧୀନ ଭାବରେ ରୁହନ୍ତି। କାହାକୁ କୌଣସି କଥାର ବାଧ ବାଧକତା ନଥାଏ ମୌସୁମୀର ଶାଶୁ ଘରେ। ଯେତେବେଳେ ଇଚ୍ଛା କଲେ ନିଜ ପସନ୍ଦର କିଛି କିଣି ହୁଏ। ଦେଖେଇ ହେବା ସମ୍ଭ୍ରାନ୍ତ ଲୋକଙ୍କ ଅଭ୍ୟାସ। ସେଥିରେ ସମସ୍ତେ ଆଗଭର। ବଡ ବଡ ହୋଟେଲରେ ନ ଖାଇଲେ ପ୍ରେଷ୍ଟିଜ୍ ପଳାଏ। ହେଲେ ମୌସୁମୀର ରୁଚି ଭିନ୍ନ। ବାପା ସ୍କୁଲରେ କିରାଣୀ ଥିଲେ। ସ୍ୱାମୀଙ୍କର ସେଇ ଗୋଟିଏ କଟକଣା ଯେ ରାସ୍ତା କଡରେ କିଛି ଖାଇବନି। ଆଦୌ ଭଲ ଲାଗେନି ମୌସୁମୀକୁ ଏଇ ସାମାନ୍ୟ କଥା। ବାପଘରକୁ ଆସିଲେ ତାର ଯାହା ପସନ୍ଦ, ସେଇଆ କରେ। କେବେ ରାସ୍ତାକଡରେ ଠିଆ ହୋଇ ଆଳୁଦମ୍, ଦହିବରା କି ମସଲା ମୁଢ଼ି ତ କେବେକେବେ ଗୁପଚୁପ୍ ଖାଏ। କେବେ ନଈରେ ଆସି ଗାଧାଏ। ସ୍ୱାମୀ ତା'ର ସବୁ ଇଚ୍ଛାକୁ ଖୁବ ପ୍ରାଧାନ୍ୟ ଦିଅନ୍ତି। କିନ୍ତୁ ତା' ମନର ଦୁନିଆଁ ଖୁବ ଭିନ୍ନ। ସେ ନିଜ ଭିତରେ ହଜିଯାଏ କେବେକେବେ। ଭୁଲିଯାଏ ବର୍ତ୍ତମାନିକ ସ୍ଥିତି ଯେ ତା'ର ଶାଶୁଘର ଓ ପିଲା ପରିବାରଟିଏ ଅଛି ବୋଲି। ତାକୁ ସମୁଦ୍ର କୂଳ ଖୁବ୍ ଆପଣାର ଲାଗେ। ସେଇଠି ଯେମିତି କିଛି ଅତୀତ ଝଡି ପଡିଛି । କିଛି ଆତ୍ମିକ ପ୍ରେମିଳ ମୂହୁର୍ତ୍ତର ଦୁର୍ବାର ଆକର୍ଷଣ ଜମିଥାଏ। ଅନ୍ୟ କୌଣସି ସମୁଦ୍ରକୂଳ ନୁହେଁ କେବଳ ପୁରୀର ସୌନ୍ଦର୍ଯ୍ୟମୟ ସମୁଦ୍ରକୂଳ। ବର୍ଷରେ ଥରେ ଦୁଇ ଥର ଯିବା ସେଠାକୁ ନିଶ୍ଚିତ। ଆଉ ପୁରୀ ହୋଟେଲରେ ରହିବା ନିଶ୍ଚୟ। ସେଇଠୁ ଦୃଶ୍ୟମାନ ବେଳାଭୂମି, ସମୁଦ୍ରର ଉଚ୍ଚା ଫେନିଳ ତରଙ୍ଗ ମାଳା ଖୁବ୍ ଭଲ ଲାଗେ। ମୌସୁମୀ ଭାବ ପ୍ରବଣ ହେଇଯାଏ। କପେ ଚାହା ଧରି ବସି ପଡେ ସେଇଠି। ଆଉ ଫେରିଯାଏ ଅଭୂଲା ଅତୀତକୁ। ପବନରେ ଯେବେ ଓଢଣୀ ଉଡିଯାଏ । ଅଳରା ଚୁଟି ସବୁ ଉଡୁଥାନ୍ତି ନିଃସଙ୍କୋଚରେ ମୁହଁକୁ ତା'ର ଛୁଇଁ । ଦେହ ଶୀତେଇଯାଏ, ସତରେ ଯେମିତି ଚିନ୍ମୟ ଆଡେଇ ଦେଉଛନ୍ତି ମୋ ପାଖରେ ରହି। ଆଖି କୋଣରେ ଲୁହ ଜକେଇ ଆସେ ଆଉ ଉଦଭାସିତ ହେଇ ଉଠେ ଦୁର୍ଘଟଣାର ସେ ଦୁର୍ବଳ ମୁହୂର୍ତ୍ତ।

ଯେତେ ଚେଷ୍ଟା କଲେ ବି ମୌସୁମୀର ମନ ବୋଲ ମାନେନି। ମନେପଡେ ସେ ଆଉ ଚିନ୍ମୟ ଏକାଠି ଆସିଥିଲେ ପୁରୀକୁ ଶେଷ ଥରକ। ଦୁହେଁ ଦୁହିଁଙ୍କୁ ପ୍ରାଣ ଦେଇ ଭଲ ପାଉଥିଲେ। ସେ ଚାକିରି କରୁଥିଲା ଏକ ପ୍ରତିଷ୍ଠିତ ସଫ୍ଟୱ୍ୱେୟାର କମ୍ପାନୀରେ ଆଉ ସେତେବେଳେ ସହପାଠିନୀ ମୌସୁମୀ ଏମବିଏ କରୁଥିଲା। ସେମାନେ ବାହା ହୋଇ ନ ଥିଲେ। ଅନ୍ୟ ସାଥୀମାନଙ୍କ ଭଳି ଭଲ ପାଇ ଲିଭ୍-ଇନ୍ ରିଲେସନସିପ୍‌ରେ ଥିଲେ। ପାଖାପାଖି ଦୁଇ ବର୍ଷ ତଳର ତାଙ୍କର ଏ ସମ୍ପର୍କରେ ଦୁଇ ପରିବାରର ସମ୍ମତି ଥିଲା। ଚିନ୍ମୟର ବଡ ଭାଇ ବାହା ହେଲା ପରେ ଏମାନେ ବାହା ହେବାର ଯୋଜନା ଥିଲା। ବାରବାର ମୌସୁମୀ କହୁଥିଲା, ଚାଲ ଆମେ ଆଗ ବାହା ହେଇଯିବା । ନାରୀ ଜୀବନର ପୂର୍ଣ୍ଣତା ମାତୃତ୍ୱ ପାଖରେ। ଆଜି କାଲି ମିସ୍ କ୍ୟାରେଜ କଲେ, ଆଉ ପିଲା ହେଉନି। ଏମିତି କେତେ ପ୍ରତିଶ୍ରୁତି ଓ ଅସୁମାରି ସ୍ୱପ୍ନ ପ୍ରେମୀ ଦୁହିଁଙ୍କ ଆଖିରେ ଢେଉ ଭାଙ୍ଗୁଥିଲେ। ପ୍ରଚୁର ଦୁର୍ବଳତା ଆସିଯାଇଥିଲା ଚିନ୍ମୟ ପ୍ରତି। ପାଖରେ ତାକୁ ସଦାବେଳେ ପାଇବାକୁ ମନ ଚାହୁଁଥିଲା କିନ୍ତୁ ଭଗବାନଙ୍କ ଲୀଳା ଅନୋଖା। ସେଦିନ ରବିବାର ଥିଲା। ପ୍ଲାନ କରି ଆସିଥିଲେ ବିଳମ୍ବିତ ସନ୍ଧ୍ୟାଯାକେ ବେଳାଭୂମିରେ ବୁଲିବେ। ରାତ୍ରିରେ ବାହାରେ ଡିନର୍ କରି ସାରି ହୋଟେଲକୁ ଫେରିବେ। ଛୁଟିଦିନ ବୋଲି ବେଳାଭୂମି

ଭାରି ଭିଡ ଥିଲା । ସେହିଦିନ ସେମାନେ ଅସଂଯତ ଅବସ୍ଥାରେ ପାଣିରେ ଠିଆହୋଇ କିଛି ଉପଭୋଗ୍ୟ ମୁହୂର୍ତ୍ତର ଫଟୋ ଉଠାଉଥିଲେ । କୁଆଡୁ ଗୋଟେ ବଡ ଉଚ୍ଚା ଲହଡିଟିଏ ମାଡି ଆସିଲା । ଚାହୁଁ ଚାହୁଁ ଆଖି ଆଗରେ ଚିନ୍ମୟକୁ ଭସେଇନେଲା । ରାତି ସାରା ଅକ୍ଳାନ୍ତ ଚେଷ୍ଟା ପରେ ମହୋଦଧି ଫେରେଇଥିଲା ତା'ର ପ୍ରାଣହୀନ ଶରୀରକୁ । ଏସବୁକୁ ଦେଖି ମୌସୁମୀ ଅନ୍ତଃସତ୍ତା ବିଦୀର୍ଣ୍ଣ ହୋଇଗଲା ପରି ଅନୁଭବ କଲା । ଚିନ୍ମୟ ଏମିତି ଅଧା ପନ୍ତେରିଯା କରି ଶୂନ୍ୟତା ଭରି ସବୁଦିନ ପାଇଁ ହଠାତ୍ ଚାଲିଗଲା ଯେ ..... ।

ମୌସୁମୀ ଏ ପରିସ୍ଥିତିରେ କ'ଣ କରିବ ଜୀବନରେ ଆଗକୁ, ବୁଦ୍ଧି ବାଟ ପାଇଲାନି । ସମୟର ଭଉଁରୀ ଖେଳରେ ନିଜ ପାଖରେ ଯେମିତି ନିଜେ ହାରି ଯାଇଥିଲା । ଚିନ୍ମୟର ସ୍ମୃତିକୁ ହାତ ଛଡା କରିବା ତା' ଲାଗି ଥିଲା, ନିଜଠାରୁ ନିଜକୁ ଅଲଗା କରିବା ପରି । ଦିନରାତି ଏହି ଶୂନ୍ୟତାରେ, ଅସହ୍ୟ ଅନ୍ତର୍ଦାହ ଭିତରେ ଘାଣ୍ଟି ଚକଟି ହେଉଥିଲା । କଳିଯୁଗରେ ସତୀ ସାବିତ୍ରୀ ବନିବା ଏକ ମିଛ ନାଟକ କେବଳ । ବାଧ୍ୟ ହେଇ ଜୀବନର ଦୋଛକିରେ ଗୋଟିଏ ନିର୍ଦ୍ଦିଷ୍ଟ ରାସ୍ତାକୁ ବାଛିଲା । ସେ ରାସ୍ତା ବଡ କଠିନ । ପରେ ଶୂନ୍ୟ ସୀମନ୍ତରେ ସିନ୍ଦୁର ଭରି ଅନ୍ୟତ୍ର ବିବାହ କରିଗଲା ମୌସୁମୀ ସମାନୁଭୂତିର ଲୋକଟିଏ ସହ । ଏସବୁ ବାରବର୍ଷ ତଳର ଇତିହାସ । ଯା' ଭିତରେ ଅନେକ ବର୍ଷ ବିତିଗଲାଣି । ହେଲେ କିନ୍ତୁ ଆଜି ଯାଏ ଅମାନିଆ ମନଟା ତା'ର ସେଇ ଅତୀତରେ ବିଚଳିତ ଓ ବିଜଡିତ ହୋଇ ପାଗଳ ଭଳି ଲଟକିଛି । କର୍ମମୟ ଜୀବନରେ ରୁଦ୍ଧି ହେଲେବି ଝୁରି ହେଉଛି ଏକ ଅବ୍ୟକ୍ତ ଯନ୍ତ୍ରଣାରେ ଚିନ୍ମୟର ସ୍ମୃତିରେ । ଡିଷ୍ଟର୍ବ ମଧ୍ୟ ହେଉଛି ପ୍ରତି ମୁହୂର୍ତ୍ତରେ ।

ସମୟର ଶଗଡ ଅଟକେନି । କାହାକୁ ଅପେକ୍ଷା ନ କରି, ନିଜ ହାତ ତିଆରି ରାସ୍ତାରେ ଧୀରେ ସୁସ୍ଥେ ଆଗକୁ ମାଡିଚାଲେ । ଏଇଟା ତ ତାର ଧର୍ମ । ଛାଡିଯାଏ ଏକ ପାଦଚିହ୍ନ ।

ମୌସୁମୀକୁ ସମୁଦ୍ର କୂଳ ଆଉ ବେଳାଭୂମିରେ ବୁଲିବାକୁ ଏବେ ବି ଖୁବ୍ ଭଲ ଲାଗେ । ପୁରୀ ଗଲେ ସମସ୍ତେ ସକାଳୁ ଶୋଇଥାନ୍ତି । ସେ କିନ୍ତୁ ଭୋରୁ ଉଠିପଡି ସିଧା ଚାଲିଯାଏ ଅକାରଣରେ ଗର୍ଜୁଥିବା ସମୁଦ୍ର କୂଳରେ ବସିବାକୁ । ଖାଲି ବସେନି, ଅନ୍ୟମନସ୍କତାରେ ଗୁଡାଏ କଥା ହୁଏ, ଅବ୍ୟକ୍ତ ଯନ୍ତ୍ରଣା ଫିଙ୍ଗୁଥିବା ଜୁଆର ଦେଖି ଅଶାନ୍ତ ଅସହଣି ସମୁଦ୍ର ସହ । ସତରେ ଯେମିତି ସମୁଦ୍ର ତା ସହିତ କିଛି ଅନ୍ତରଙ୍ଗ ଭାବ ବିନିମୟ କରେ । ସଫେଇ ଦିଏ ନିଜ କର୍ମଧାରାର । ଏମିତି କଥା ହେଉହେଉ କେବେକେବେ ପଶି ଚାଲିଯାଏ ସମୁଦ୍ର ପାଣି ଭିତରକୁ । ଆଉ ଭୁଲିଯାଏ ସବୁ କିଛି । ଜୀବନରେ ବହୁ ସମସ୍ୟାର ସମାଧାନ ଅଜାଣତରେ ପ୍ରକୃତି କରିଦେଇଥାଏ । ମହୋଦଧିର ପବିତ୍ର ଆଞ୍ଜୁଳାଏ ଜଳ ଉତ୍ସର୍ଗ କରି ମନକୁ ସାମୟିକ ମୁକ୍ତ କରିଦିଏ ସମୁଦ୍ରର ତରଙ୍ଗାୟିତ ବାହୁବନ୍ଧନରେ । ସେ ଯେମିତି ଅତୀତର ଅଲିଖିତ ଚୁକ୍ତି ପତ୍ରରେ ବନ୍ଦୀ ପ୍ରତିଶ୍ରୁତିକୁ ପାଇଛି ନିଜ ପାଖରେ ରତୁପର୍ଣ୍ଣା କରିବା ପାଇଁ । ଅଜଣା କିନ୍ତୁ ଆତ୍ମିକ ଭାବର ଶିହରଣ ତା ଶିରାପ୍ରଶିରାରେ । ଏଇଠି ତ ଶେଷଆଳାପ ସୀମାହୀନ ଶୋଷର । ତା'ପରେ ନିରସ୍ତ୍ର ଯୋଦ୍ଧାଟିଏ ପରି ବନ୍ଦୀ ଆଉ କେଉଁ ସୀମାରେଖାରେ । ସେଠି ନୂଆ ରୁଚି । ଖୁବ ପାଣିଚିଆ ନୀଳ ରଙ୍ଗ ତଥାପି ହାତ ଗୋଡ କରିଥାଏ ବନ୍ଦୀ । ମନ ଅଦୃଶ୍ୟରେ ଉଡୁଥାଏ ଆକାଶ ଭେଦି ।

କେତେ ଏକନିଷ୍ଠ ସମୟ ବିତି ଗଲାପରେ ଅନ୍ୟ କାହା ଡାକରେ ସେ ଫେରି ଆସିଛି ଓଦା ଲଟପଟ ଦେହରେ । ପାଦ ଦେହ ଡ୍ରେସ୍ ସବୁ ବହଳେ ଓଦା ବାଲିରେ ଓଜନିଆ । ଲୁଣି ପାଣିରେ ଅଠାଳିଆ ହେଇ ଅଟକିଛି ତା' ମନ । ସମସ୍ତଙ୍କ ବାରଣ ସତ୍ତ୍ୱେ ସେ ସାଙ୍ଗରେ ନେଇଯାଇଛି ଘର ଭିତରକୁ ନିଜ ସହ ବାଲିକୁ । ସେ ଜାଣିଛି ଏ ବାଲି ତାକୁ ରଚ୍ ରଚ୍ କରି କଷ୍ଟ ଦେବ, କିନ୍ତୁ ଅଟକେଇ ପାରିନି ନିଜକୁ । ବାଲି ସହିତ ସୁଖର ମୁହୂର୍ତ୍ତକୁ ପାଖରେ ପାଇବି ପାଇନି । ଶବ୍ଦ ଭିତରେ ନିଃଶବ୍ଦ ତାକୁ ଭଲ ଲାଗିଛି । ନା' ଭଲରେ ଜିଇଁଛି ନା ମରିପାରିଛି । ଜୀବନର କକ୍ଷ ପଥରେ ବାଲି ହିଁ ବାଲି । ସମୟ ଉପରେ ଅଭିମାନ କରିଛି । ସ୍ମୃତି ଜହର ପାଲଟିଛି । ବିଗଳିତ ନେତ୍ରରେ ଆବେଗର ଅଞ୍ଜନ ବୋଳିଛି । କିନ୍ତୁ ସେଥିରେ ସମ୍ମୋହନର ଆଭାସ ପାଉନି । ତାଳଗଛର ଛାଇ ପରି ପ୍ରତିଶ୍ରୁତି ଅପସୃୟମାନ ।

❖❖❖

# ଡିସେମ୍ବର-୭, ୨୦୦୮

ISSN-2583-6978
Volume-3
Issue-8
AUGUST-2023



**ସ୍ନିଗ୍ଧା ନାୟକ**

**(ଶିକ୍ଷୟିତ୍ରୀ), ତାଳଚେର, ୯୫୭୧୦୩୩୨୭୯**
**snigdhama78@gmail.com**

ଡିସେମ୍ବର -୭ , ଏହି ଦିନଟିକୁ ମୁଁ କେବେ ଭୁଲି ପାରିବିନି । ଯେତେ କାମ ଥାଉନା କାହିଁକି ,ମୁଁ ଶୀଘ୍ର ଅଫିସରୁ ଫେରିଆସେ ଘରକୁ । ବାବାଙ୍କ ଜନ୍ମ ଦିନ ଆଉ ମୋ ଜୀବନର

ଏକ ନୂତନ ଦିଗାନ୍ତରର ଦିନ । କହିବାକୁଗଲେ ମୁଁ ଯଦି ମୋ ଜନ୍ମଦିନ କହିଲେ ବି ,ଗୋଟେ ହିସାବରେ ଠିକ । ଡାଏରୀ ତ ମୁଁ ପ୍ରତିଦିନ ଲେଖେ ହେଲେ କାହିଁକି କେଜାଣି ଏହି ଦିନ ପ୍ରତିବର୍ଷ

ମୋ 'ଡାଏରୀ ର ଏହି କିଛି ପୃଷ୍ଠା 'କୁ ବାରମ୍ବାର ଓଲଟାଇ ଥାଏ । ପ୍ରତିଟି ପୃଷ୍ଠା ,ପ୍ରତି ଟି ଧାଡିରେ ଅନେକ ସ୍ମୃତି..., ଆଖି ଆଗରେ ନାଚି ଉଠେ ବାଲ୍ୟ କାଳ, ବାବାଙ୍କ କୋଳ । ମନେ ପଡ଼ିଯାଏ ବାରମ୍ବାର ସେହି ପିଲାବେଳ ଆଉ ସବୁଠୁ ବେଶି ମନେପଡ଼ନ୍ତି ବାବା। ।

ଠିକ ଆଜିର ଦିନ ....। ମୁଁ ଥିଲି ଅନାଥ ରେଲୱେ ଷ୍ଟେସନ ଥିଲାମୋ ଘର । ମୋ'ଠୁ ଦି' ଗୁଣା ବୟସ ର କେତୋଟି ପିଲା ସେମାନେ ଥିଲେ ମୋ ପରିବାର । ଯୋଉ ପରିବାର ଠୁ ମୁଁ ବଦଗୁଣ ଛଡା ଆଉ କିଛି ଶିଖି ପାରୁ ନ ଥିଲି । କେତେବେଳେ ବିଡି ଟାଣିବା ଶିଖିବାକୁ ମିଳେ ତ କେବେ ଚୋରି କରିବା । ମୋ ବୟସ ସେତେବେଳ ୮ବର୍ଷ ।ସେ ଷ୍ଟେସନ ର ଷ୍ଟେସନ ମାଷ୍ଟର ହରିଶ ବାବୁ । ସବୁଦିନ ତାଙ୍କ ସାଙ୍ଗରେ ମୋର ଦେଖା ହୁଏ । ସବୁଦିନ ଚା'ଦୋକାନୀ ମୋ ହାତରେ ତାଙ୍କ ପାଖକୁ ଚା'ପଠାଇଥାଏ ସକାଳ ଓଳି ଚା' ଦୋକାନ ରେ କାମ କରେ ତାପରେ କିଛି ଖବର କାଗଜ ନେଇ ଷ୍ଟେସନ ରେ ବୁଲି ବିକେ । ଅନେକ ଥର ଅନେକ ଲୋକ ଖବର କାଗଜ ହାତରୁ ନେଇ ପଢ଼ିସାରି ପୁଣି ଫେରାଇ ଦେଇଥାନ୍ତି। ପଇସା ମାଗିଲେ ଅନେକ କଥା ଶୁଣାନ୍ତି ।ଅନେକ ଥର ହରିଶ ବାବୁ ବି ମୋ ଦୟନୀୟ ଅସ୍ଥା ଦେଖିଛନ୍ତି । ବେଳେବେଳେ ସେ ମତେ ବିସ୍କୁଟ ପାକିଟ ତ କେବେ ପାଉଁରୁଟି ଖାଇବା ପାଇଁ ଦିଅନ୍ତି । ଦିନେ ସେ ତାଙ୍କ ପୁଅକୁ ସାଙ୍ଗରେ ନେଇ ଆସିଥାନ୍ତି ।ବାବୁ

କାମ କରୁଥାନ୍ତି ।ତାଙ୍କ ପୁଅ ଟି ପାଖରେ ବସି ଗୋଟାଏ ପେନ୍ସିଲ ଓ କାଗଜ ନେଇ ଚିତ୍ରାଙ୍କନ କରୁଥାଏ ।ମୁଁତାଙ୍କ ପାଇଁ ଚା' ନେଇ ଯାଇଥାଏ ,ବାବୁ ମତେ କିଛି ପାଇସା ଦେଇ ଦି ପାକିଟ ବିସ୍କୁଟ

ଆଣିବା ପାଇ କହିଲେ । ସେଥିରୁ ଗୋଟାଏ ପାକିଟ ମୋ ହାତରେ ଧରାଇ କହିଲେ ନେ ଖାଇଦେ ଆଉ କିଛି ସମୟ ପାଇଁ ଏଠି ବସିଥା। ବାବୁ କିଛି ସମୟ ପରେ ଯେତେବେଳେ ଆସିଲେ ପୁଅ ହାତରେ ଗୋଟାଏ ସୁନ୍ଦର ଛବି ଅଙ୍କା ହୋଇଥିବା କାଗଜ କୁ ଦେଖି ପଚାରିଲେ 'ଆରେ ବାଃ ! କିଏ ଆଙ୍କିଛି ? ସିଏ ମୋ ଆଡ଼କୁ ଇଶାରା କଲା ।ବାବୁ ଅତି ସ୍ନେହ ର ସହ ପଚାରିଲେ ଆରେ ତୋ ପାଖରେ ଏତେ ସୁନ୍ଦର କଳା ଅଛି ଆଉ ପାଠପଢ଼ା ଛାଡି ଓ ଏତେ ସୁନ୍ଦର କଳା ର ଅଭ୍ୟାସ ନ କରି କାହିଁକି ବାରବୁଲା ଭଳି ବୁଲୁ ଥାଉଛୁ । ତୋ ବାପା ,ବୋଉ ଙ୍କୁ ଡାକିବୁ ମୁଁ ତାଙ୍କ ସହକଥା ହେବି ତତେ କଣପାଇଁ ସ୍କୁଲ ପଠାଉନାହାନ୍ତି।ଯଦି ଓ ସେ ମତେ ପ୍ରାୟ ପ୍ରତିଦିନ ଦେଖନ୍ତି କିନ୍ତୁ ମୁ ଅନାଥ ବୋଲି ଜାଣି ନଥାନ୍ତି।

ତାପରେ ଏମିତି କିଛିଦିନ ବିତିଗଲା । ଦିନେ ମୁଁ ରାସ୍ତା କଡ଼ରେ ବସି ପାନ ଦୋକାନ ପାଖରେ ପଡିଥିବା ଅର୍ଦ୍ଧ ବ୍ୟବହୃତ ବିଡି ଗୁଡାକ ଉଠାଇ ମାଚିସ ଲଗାଇ ,ଟାଣି ଧୂଆଁ ଛାଡୁଥାଏ । ଲୋକେ କି ପାଇଁ ବିଡି ଟାଣନ୍ତି ଜାଣେନି ହେଲେ ପାଟିରୁ ବାହାରୁଥିବା ଧୂଆଁ ର ଆନନ୍ଦ ନେଉଥାଏ । ମୁଁ ସେଥିରେ ମୁସ୍‌ଗୁଲ୍ ଥାଏ...। ହଠାତ୍ କାହାରିଆଘାତରେ ମତେ ଚତୁରଦିଗ ଅନ୍ଧକାର ଦେଖାଗଲା । ଦି' ପାପୁଲିରେ ଆଖିକୁ ମଳି ଦେଖିବାକୁ ଚେଷ୍ଟା କଲି । କଳା ଜୋତା ତା ଉପରକୁ ଧଳା ପ୍ୟାଣ୍ଟ ତା'ଉପରକୁ କଳା କୋଟ

.....ଏଂ....ବାବୁ....। ମୋ' ହାତ କୁ ଟାଣି ଛିଡା କରାଇ କହିଲେ, ତତେ ସରମ ନାହିଁ, ଆଠ ବର୍ଷ ର ବକଟେ ପିଲା, ପାଠ ଶାଠ୍ ନାହିଁ, ବାପା, ମା ଙ୍କ ଚିନ୍ତା ନାହିଁ ଆଉ ଏଠି ବସି ବିଡି ଟାଣୁଛି । ଚାଲ ତୋ ବାପା ପାଖକୁ

କହି ଟାଣି ନେଲେ । ବାବୁ ମୁଁ ଅନାଥ ,କେହି ନାହାନ୍ତି ।ଏହି ଷ୍ଟେସନ ରେ ରୁହେ । କେବେ ଦୋକାନୀ କୁ ସାହାଯ୍ୟ କରି ପେଟ ଭରେ ତ କେବେ ଖବର କାଗଜ ତଥାପି ଅନେକ ଥର ପାଠ ପଢିବାର ଆଗ୍ରହ ନେଇ ସ୍କୁଲ ପାଖକୁ ଯାଇଛି ହେଲେ ମୋ ଭଳିଆ ଅନାଥକୁ କିଏ ବା ସ୍କୁଲର ଅନ୍ୟ ଭଦ୍ରବ୍ୟକ୍ତିଙ୍କ ପିଲାଙ୍କ ସହ ମିଶିବାକୁ ଦେବ । ସ୍କୁଲ ଗେଟ ରୁ ତଡିଦିଅନ୍ତି । ରାସ୍ତା କଡ଼ରେ ବସି ଯେବେ ସୁନ୍ଦର ସୁନ୍ଦର ଛବି ଆଙ୍କେ ,କେହି କେହି ଖୁସିରେ ଦି' ଚାରି ପଇସା ଦେଇ ଯାଆନ୍ତି । ଚିତ୍ରାଙ୍କନ ରେ ମୋର ଭାରି ସଉକ। ରଙ୍ଗ କିଣିବି ବୋଲି ଖବର କାଗଜର ଧନ୍ଦା କଲି ହେଲେ ହାତରୁ ଟାଣି ନେଇ ଲୋକ ଖବର ପଢ଼ିସାରି ଖବର କାଗଜ ଫେରାଇ ଦିଅନ୍ତି ହେଲେ ପଇସାଦିଅନ୍ତିନି ।ନା ଘର ଅଛି ନା ପରିବାର ,ନା ଖାଇବାକୁ ଗଣ୍ଡେ ।ନା ନିଜ ଭିତରେ ଥିବା କଳା କୁ ଆଗକୁ ବଢାଇବା ପାଇଁ ଅର୍ଥ ।

ମାନ(ମୋ ସାଙ୍ଗରେ ରହୁଥିବା ଅନ୍ୟ ଜଣେ ୧୪-୧୫ ବର୍ଷ ର ବାଳକ)କହିଲା 'ଜାଣିଛୁ ଟିକେ ନିଶା ସେବନ କରେ ଦେଖିବୁ ସବୁ ଭୋକ ବି ମେଣ୍ଟିବ ଆଉ ଜୀବନ ଟା ବି ଖୁବ୍ ମିଠା ଲାଗିବ ।' ଶେଷରେ ସେଦିନ ମୁଁ କହିଲି ବାବୁ ମୁ ବି ତମ ଭଳିଆ ଅଫିସର ହବାକୁ ଚାହେଁ ହେଲେ ଏ ଅନାଥ ର ଭାଗ୍ୟରେ ନାହିଁ ବାବୁ । ଠିକ ସେତିକିବେଳେ ଅନ୍ୟ ଜଣେ ସହକର୍ମୀ ବାବୁଙ୍କୁ ଡାକିଲା ମୋ ଧରିଥିବା ହାତକୁ ଛାଡି ବାବୁ ଚାଲିଗଲେ । ମନେ ମନେ ଭାବୁଥାଏ କହିବା ସହଜ....କରିବା ନୁହଁ । ତା ପରେ ଏମିତି କିଛିଦିନ ବିତିଗଲା.. ବାବୁଙ୍କ ଦେଖା ନାହିଁ । ମନେ ମାନେ ତାଙ୍କୁ ଖୋଜେ । ପ୍ରାୟ ଦି' ମାସ ଗଡି ଯାଇଥାଏ ।ସେଦିନ ଥାଏ ଡିସେମ୍ବର ୭ ତାରିଖ ଦି' ଖଣ୍ଡ ଖବର କାଗଜ ନେଇ ବିକ୍ରି ଉଦ୍ଦେଶ୍ୟ ରେ ଟ୍ରେନ ଭିତରକୁ ପ୍ରବେଶ କରିବାକୁ ଯାଉଥାଏ ,ହଠାତ କିଏ ଜଣେ ମୋତେ ପଛରୁ ଟାଣି ଟ୍ରେନ ଭିତରକୁ ପ୍ରବେଶ କରିବାକୁ ଦେଲାନୀ ।ପଛକୁ ଓଲଟି ଚାହିଁଲି ପଛରେ ହରିଶ ବାବୁ ।ତାଙ୍କୁ ଦେଖି ମୋ ଆଖି ଛଳ ଛଳ ହୋଇ ଉଠିଲା । ପାଟିରୁ ବାହାରିଗଲ। ଅଜାଣତରେ ....ବା..ବା....ବାବା। କେଜାଣି କୋଉ ଜନ୍ମର ସମ୍ପର୍କ ,ସେ ବିମତେ କୁଣ୍ଢାଇ ପକାଇଲେ । ଖବର କାଗଜ ଗୁଡିକ ମୋ ହାତରୁ ଛଡାଇ ନେଇ ଧରାଇଦେଲେ ଗୋଟାଏ ପେକେଟ ଓ ସାଙ୍ଗରେ ନେଇ କି ଗଲେ ତାଙ୍କ ରୁମ କୁ ।ସେଠି ପେକେଟ ଖୋଲି ତା' ଭିତରୁ କାଢ଼ିଲେ ନୂଆଁ ପ୍ୟାଣ୍ଟ ସାର୍ଟ ଓ ମୋ ପୁରୁଣା କପଡା ଖୋଲି ନୂଆ କପଡା ପିନ୍ଧିବା ପାଇଁ କହିଲେ । ତାପରେ ମତେ ନେଇଗଲେ ତାଙ୍କ ଘରକୁ, ମୁଁ କିଛି ବୁଝି ପାରୁ ନ ଥାଏ ।କିଛି ସମୟ ପରେ ଆମେ ତାଙ୍କ ଘରେ ପହଂଚିଲୁ । ଘରେ ତାଙ୍କ ସ୍ତ୍ରୀ ଓ ତିନି ପୁଅ ।ସାନ ପୁଅ ତାଙ୍କ ସାଙ୍ଗରେ ଅନେକ ଥର ଅଫିସ କୁ ଆସିଛି ହେଲେ

ବଡ଼ ଦି ପୁଅଙ୍କୁ ଦେଖି ନଥିଲି । ବଡ଼ ଦି'ପୁଅ କଲେଜ ରେ ପଢୁଥାଆନ୍ତି । ମତେ ସମସ୍ତେ ଦେଖି ଆଚମ୍ବିତ ହୋଇଗଲେ ।

କମଳା ଦେବୀ(ହରିଶ ବାବୁଙ୍କ ସ୍ତ୍ରୀ) ପଚାରିଲେ ଇଏ କିଏ ? ହରିଶ ବାବୁ ମୋ ପରିଚୟ ଦେଇ କହିଲେ ସିଏ ଆଜି ଠୁ ଆମ ସାଙ୍ଗରେ ରହିବ । କମଳା ଦେବୀ ପ୍ରଥମେ ଭାବିନେଲେ ଯେ ମୁଁ ଘର କାମରେ ତାଙ୍କୁ ସାହାଯ୍ୟ କରିବି ବୋଲି ବାବୁ ସାଙ୍ଗରେନେଇ ଆସିଛନ୍ତି । ଅଳ୍ପ କିଛିଦିନ ପରେ ବାବା ମତେ ପାଖ ସରକାରୀସ୍କୁଲରେ ନାଁ ଲେଖେଇଦେଲେ । ମୁ ପ୍ରତିଦିନ ସ୍କୁଲ ଯାଏ। ବାବାଙ୍କ ମୋ ଉପରେ ଏତେ ସ୍ନେହ , ପରିବାର ର ଅନ୍ୟମାନଙ୍କୁ ଭଲ ଲାଗୁ ନ ଥାଏ।ଗୋଟାଏ ବର୍ଷ ବିତିଗଲା ।ଦିନେ କମଳା ଦେବୀ ଓ ବାବାଙ୍କ ଭିତରେ ଯୁକ୍ତି ଚାଲିଥାଏ,କମଳା ଦେବୀ କହୁଥାନ୍ତି, କଉଠୁ ଗୋଟେ ନେଇକି ଆସିଛ କାମ ଦାମ ରେ ସାହାର୍ଯ୍ୟ କରିବ ଭାବୁଥିଲି ହେଲେ କିଛି ତ କରୁନି ତା ଉପରେ ତମେ ଅଯଥା ଖର୍ଚ୍ଚ କରୁଛ।

ଧୀରେ ଧୀରେ ଯୁକ୍ତି କଳି ର ରୂପ ନେବାକୁ ଲାଗିଲା । ତଥାପି ବାବାଙ୍କ ମୋ ଉପରୁ ସ୍ନେହ ଊଣା ହେଉ ନ ଥାଏ। ଦେଖୁ ଦେଖୁ ତିନି ଚାରି ବର୍ଷ କଟିଗଲା । ମୋ ପାଇଁ ତାଙ୍କ ପରିବାର ରେ କଳହ ବଢ଼ିବାକୁ ଲାଗିଲା, ସମସ୍ତେ ମତେ ଘରୁ ବାହାର କରିବାପାଇଁ ବାବାଙ୍କୁ ଉପଦେଶ ଦେଲେ , ହେଲେ ବାବା ସେମାନଙ୍କ କଥା କୁ ଅଣ ଶୁଣା କରି ଉତ୍ତର ରେ କହିଲେ 'ଠାକୁର ଙ୍କ ଦୟାରୁ ଆମ ପାଖରେ ସବୁ ଅଛି,ଗୋଟେ ପିଲା ଯଦି ଆମ ଯୋଗୁଁ ମଣିଷ ହାଇଯିବ ତା' ହେଲେ ଅସୁବିଧା କଣ ?' ପରିବାରଙ୍କ ବାକି ସଦଶ୍ୟମୋ ପାଇଁ ବାବାଙ୍କୁ ଘୃଣା କରିବାକୁ ଲାଗିଲେ ।ମୋ ସହ ମଧ୍ୟ ସେମାନଙ୍କ ବ୍ୟବହାର ଭଲ ନ ଥିଲା । ବାବା ଙ୍କ ବହୁତ ଦିନ ଧରି ଦେହ ଖରାପ ଥିଲା ଡାକ୍ତର ଙ୍କ ପାଖକୁ ଚିକିର୍ସା ପାଇଁ ଯାଇଥାଆନ୍ତି ଅନେକ ପରୀକ୍ଷା ନିରୀକ୍ଷା ପରେ ଜଣାପଡିଲା ଯେ ବାବା ଙ୍କୁ କେନ୍ସର ହୋଇଛି ବୋଲି ଓ ସିଏ ମାତ୍ର ମାସେ ,ଦି' ମାସ ର ଅତିଥି ।ତାଙ୍କ ପରିସ୍ଥିତି ଦେଖି ଆମେ ସମସ୍ତ ପରିବାରବାସୀ ଭାଙ୍ଗିପଡିଲୁ ।ବାବା, ଦିନେ ଓକିଲ ଙ୍କୁ ଡାକି ତାଙ୍କ ସମ୍ପତ୍ତି ର ଭାଗବଣ୍ଟା କରିଦେଲେ ।ମୋ ବୟସ ସେତେବେଳ ୧୪ ବର୍ଷ । କାଳେ ତାଙ୍କ ମୃତ୍ୟୁ ପରେ ମତେ ଘରୁ ତଡିଦିଆଯିବ ସେ ଭୟରେ ବାବା ମତେ ନେଇ ସହର ର ବଡିଙ୍ଗ ସ୍କୁଲ ରେ ନାଁ ଲେଖେଇଦେଲେ । ତାଙ୍କର ଏହି ନିଷ୍ପତ୍ତି ଯୋଗୁ ଓ ସମ୍ପତ୍ତିର ଅଂଶୀଦାର କରିଥିବାରୁ ସମସ୍ତେ ତାଙ୍କ ଉପରେ ରାଗି,ମୋର ଓ ବାବାଙ୍କ ଭିତରେ କି ସମ୍ପର୍କ ଅଛି ବୋଲି ପଚାରିଲେ। କମଳା ଦେବୀଙ୍କୁ ସନ୍ଦେହ ହେଲା ଯେ କାଳେ ବାବାଙ୍କ ଅନ୍ୟ ପରିବାର ଅଛି ଓ ମୋ ସହ ତାଙ୍କ ରକ୍ତ ସମ୍ପର୍କ ଅଛି ନହେଲେ

କେହି କଣ ଏତିକି କରେ । ପୁଅମାନେ ମଧ୍ୟ ତାଂକ ଉପରେ ଖୁବ୍ ରାଗିଥାନ୍ତି ।ପାଖ ସାଇପଡ଼ିଶା ମଧ୍ୟ ଆମ ସମ୍ପର୍କ କୁ ଖରାପ ନଜରରେ ଦେଖିଲେ ।ମୁଁ ହଷ୍ଟେଲ ଚାଲିଯାଇଥାଏ ଏବଂ ବାବାଙ୍କ ପରିବାର ମଧ୍ୟ ତାଙ୍କ ଶେଷ ସମୟରେ ତାଙ୍କୁ ଛାଡି ଚାଲିଗଲା ।ବାବା ସେମାନଙ୍କୁ ଖୁବ୍ ଅନୁରୋଧ କଲେ ହେଲେ ,ସେମାନେ ସର୍ତ୍ତ ରଖିଲେ ଯଦି ବାବା ମୋ ସହ ସମସ୍ତ ସଂପର୍କ ଭାଂଗିବେ ଓ ସମ୍ପତି ରୁ ନିବୃତ କରିବେ ହେଲେ ସେମାନେ ରହିବେ। ବାବା ତାଙ୍କ ଶେଷ ସମୟ ଡାକ୍ତର ଖାନାର ବ୍ୟାଡ ରେ

ଏକୁଟିଆ କଟାଇଦେଲେ ହେଲେ ସେମାନଙ୍କ ସର୍ତ୍ତ ରେ ରାଜି ହେଲେନି । କିଛିଦିନ ପରେ ବାବାଙ୍କ ଦେହାନ୍ତ ହୋଇଗଲା । କେହି ବି ଆସିଲେ ନାହିଁ, ନା କମଳା ଦେବୀ ନା ପୁଅମାନେ । ଶେଷରେ ତାଙ୍କର କ୍ରିୟା କାର୍ଯ୍ୟ ପାଇଁ ମତେ ଡକା ହେଲା । ବାବାଙ୍କ ଚିତା ରେ ଅଗ୍ନି ଦେବାଠୁ ଆରମ୍ଭ କରି ଅନ୍ୟାନ୍ୟ କ୍ରିୟାକାଯ୍ୟ ମଧ ମୁ କଲି। ଅଜଣା ଏକ ସମ୍ପର୍କ ହେଲେ ସବୁ ସମ୍ପର୍କଠୁ ବଡ଼ । ବାବାଙ୍କୁ ଯେ ମୁଁ କେବଳ ଭଲ ପାଉଥିଲି ତା ନୁହଁ ବରଂ ଈଶ୍ୱର ତୁଲ୍ୟ ଭକ୍ତି ମଧ୍ୟ କରୁଥିଲି । ବାବା ନ ଥାଇ ମଧ୍ୟ ବାବାଙ୍କ ଉପସ୍ଥିତିକୁ ସବୁବେଳେ ଅନୁଭବ କରେ । ସେଇ କେତେ ବର୍ଷ ର କାହାଣୀ ମୋ ଡାଏରୀର ଏହି କିଛିପୃଷ୍ଠା ଭିତରେ ଆବଦ୍ଧ ।ତାଙ୍କ ଯୋଗୁଁ ହିଁ ଆଜି ମୁଁ ଭଲ

ମଣିଷଟିଏ ହୋଇ ପାରିଛି ନଚେତ ରହିଯାଇଥାନ୍ତା ମୋର ଶୈଶବ ସେଇ ଦୁର୍ଗାନ୍ଧମୟ ଦୁନିଆଁ ରେ ।ଖୁବ୍ ଝୁରେ ବାବାଙ୍କୁ । ପ୍ରତିଦିନ ଉଙ୍କିମାରେ ମୋ ପିଲାବେଳ ର ସ୍ମୃତି,ମୁଁ ଆଉ ବାବା ବିତାଇଥିବା ପ୍ରତି ଟି କ୍ଷଣ,ଖୁବ୍ ମନେପଡେ ସେ ପିଲାଦିନ ଆଉ ନିଇତି ଓଲଟାଇଥାଏ ଏହି 'ଡାଏରୀ ର କିଛି ଟି ପୃଷ୍ଠା ,ଯୋଉଥିରେ କି ମୋ ପିଲା ଦିନିଆ ସ୍ମୃତି ଆବଦ୍ଧ' ।

❖❖❖

# ଦୟା



ISSN-2583-6978
Volume-3
Issue-8
AUGUST-2023

**ପରମା ନାଏକ**

**ତାରାପଦର, ତଳ ଆମପଦର, ଥୁଆମୂଳ ରାମପୁର,**
**କଳାହାଣ୍ଡି ମୋ: ୭୦୦୮୫୪୮୩୯୧**

ମାନବ ପେସାରେ ଜଣେ ଶିକ୍ଷକ ଏବଂ ଖୁବ କର୍ମନିଷ୍ଠ ବ୍ୟକ୍ତି ସେ ତା କାମର ପଳାଫଳକୁ ଆର୍ଦଶ ମାନେ । ଶିକ୍ଷା ଦାନକୁ ଜୀବନର ସବୁଠୁ ବଡ ଦାନ ମନେକରେ । ପାଠୁଆ ଓ ଅପାଠୁଆଙ୍କୁ ବେଶ୍ ବୁଝାଇଦିଏ ଜୀବନର ପରିଭାଷା । ଉନ୍ନତ ମାନର ଶିକ୍ଷା ଦେବା ତାର ଦୃଢ ମନବଳ ଅଛି । ସେ ତା ବିଷୟରେ କେବେ କୋଉ ପିଲାକୁ ବୋର୍ଡ ପରୀକ୍ଷାରେ ଫେଲ୍ ହେବାକୁ ଦିଏ ନାହିଁ । ସେ ପଛବେଞ୍ଚ ପିଲା ହେଉ ଅବା ଆଗ ଧାଡିର ପିଲା ସମସ୍ତେ ପାସ କରନ୍ତି । ମାନବର ଖୁସି କହିଲେ ନ ସରେ ଘରକୁ ଯାଇ ସ୍ତ୍ରୀକୁ କହେ ଏ ଥର ମୋର ନିଶ୍ଚୟ ଚାକିରି ଟା ରେଗୁଲାର୍ ହେବ । ମାସକୁ ପ୍ରାୟ ଷାଠିଏ ହଜାର ଟଙ୍କା ମିଳିବ । ମୁଁ ତୁମକୁ ହାତ ପାଇଁ ସୁନାରେ ତିଆରି ଶଂଖା, ସୁନାର ନଥ, ସୁନା ଲକେଟ୍ ଆଣିଦେବି, ଗାଡିଟିଏ କିଣିବା ଛୁଆମାନଙ୍କ ପାଇଁ କିଛି ଟଙ୍କା ମାସିକ ଜମାକରିଦେବି, ସାନ ଭାଇର ଘର ଟିକେ ସଜାଡି ଦେବି ଓ ନିଜ ଟାଉନ୍‌ର ମଝାମଝି ଦେଖି ଭଲଜାଗାଟେ କିଣିବି ଗୋଟେ ଖୁବ୍ ସୁନ୍ଦର ମର୍ଡନ ଷ୍ଟାଇଲର ଘରଟେ ବନେଇବା । ଘରଭିତରଟା ଆସବାବପତ୍ରରେ ଭରପୂର ଥିବ ସବୁ ନୂଆ ଜିନିଷରେ ଇଣ୍ଟରିୟର ଡିଜାଇନ୍ ହେବ । ବେଡ୍ ରୁମ୍ ଆଉ ହୋଲରେ ଶୀତ ତାପ ନିୟନ୍ତ୍ରଣ ଯନ୍ତ୍ର ଖଞ୍ଜା ଯିବ । ଏମିତି ବହୁତ ଲମ୍ବା ତାଲିକା ପ୍ରସ୍ତୁତ କରିଲା ମାନବ ତା ସ୍ତ୍ରୀ ଆଗରେ । କହିଲା ଏ ଥର ଛୁଟିରେ ଆଉ ଗାଁକୁ ଯିବା ନାହିଁ ଭଲ ଭଲ ଜାଗା ଦେଖି ବୁଲିଯିବା ନ ହେଲେ ନେପାଳ ଯିବା । ଖୁବ୍ ମଜା କରିବା, ବାସ୍ ପିଲାମାନେ ଟିକେ ବଡ ହେଇ ଯାଆନ୍ତୁ । ଗାଁରେ ଥିବା ମା ପାଇଁ ଟିକେ ଅଧିକ ପୋଇସା ପଠେଇ ଦେବି । ତା'କୁ ପୁରୀ ଜଗନ୍ନାଥ ମନ୍ଦିର ଦର୍ଶନ କରେଇ ଚାରିଆଡୁ ବୁଲେଇ ଆଣିବି । ଏ ପରି ମାନବ ମନରେ ଅନେକଥା ରହିଛି । ଚାକିରୀ ରେଗୁଲାର୍ ପାଇଁ ତା ନାମଟା ଧାଡିର ପ୍ରଥମରେ ଅଛି ମାନବ ବହୁତ ଆଶାବାଦୀ ଅଛି, କାରଣ ସବୁ କାମକୁ ସେ ଭଲ ଭାବେ ତୁଲାଇଛି । ଶହେରୁ ଶହେ ପ୍ରତିଶତ ରେଜଲ୍ଟ ଦେଇଛି, ସବୁ ଦସ୍ତାବିଜ ସଜେଇହେଇଛି ଏ ଥର କେହି ରଖିପାରିବ ନାହିଁ ତା ପକା ଚାକିରୀ ପାଇଁ ଏମିତି ଦୃଢ ବିଶ୍ୱାସ ରଖିଛି ମାନବ । ଶେଷରେ ଫଳାଫଳ ଚାକିରି ପରମାନେଣ୍ଟ ହେବାର ତାଲିକା ଆସିଲା କିନ୍ତୁ ମାନବର ହୃଦୟ ଭାଙ୍ଗିଗଲା ତା ରେଗୁଲାର୍ ହେଇନଥିବା ନାମ ତାଲିକାରେ ଦେଖି , ଦୂର ଦୂରକୁ ଜଣା ନ ଥିବା ଲୋକ ରେଗୁଲାର୍ ହେଇଆସିଛନ୍ତି ଅତଚ ତାକୁ ଯେମିତି ଦୟା କରି ଚାକିରିରେ ରଖିଛନ୍ତି ମାତ୍ର ଦୁଇ ହଜାର ଟଙ୍କା ଅଧିକା ବଢ଼େଇ କେବଳ ଗୋଟେ ବର୍ଷ ପାଇଁ ଅସ୍ଥାୟୀ ଶିକ୍ଷକ ଭାବେ ।

ମାନବ ଚିନ୍ତିତ କ'ଣ କରିବ ବାଟ ଦେଖା ଯାଉନି । ଚାକିରୀ ଛାଡି ଗାଁକୁ ଚାଲିଯିବାକୁ ମନବଳାଇଛି । ପୁଣି ଗାଁରେ କ'ଣ କରିବ ଲୋକ କ'ଣ କହିବେ, କେମିତି ବଞ୍ଚିବ, ପିଲା ଦୁଇଟିକୁ ଭଲ ଶିକ୍ଷା ଦେବାପାଇଁ ତା ଜୀବନର ସବୁଠୁ ବଡ ସ୍ୱପ୍ନ ମନେକରେ । ଏମିତି ଖୁବ୍ ଭାବିଛି ମାନବ ଏକୁଟିଆ ବସି କାନ୍ଦି ପକେଇଛି, ହଁସ ହଁସ ଚେହେରା ସୁଖିଯାଇଛି । ସହଯୋଗୀ ବନ୍ଧୁମାନଙ୍କୁ ମନର ବେଦନା ଜଣେଇଛି ସମସ୍ତେ ତା ରେଗୁଲାର୍ ନ ହେବା ପାଇଁ ଦୁଃଖିତ ଛଅ ବର୍ଷ କାମକଲା ପରେ ବି ତାକୁ ରେଗୁଲାର୍ କଲେ ନାହିଁ । ହେଲେ ଚାକିରୀ ବର୍ତ୍ତମାନ ପରିସ୍ଥିତିରେ ଛାଡିଦେଲେ ପରିବାର କେମିତି ଚଳେଇବ ଦୈନନ୍ଦିନ ଜୀବନଯାପନର ଆବଶ୍ୟକତା କେମିତି ପୂରଣ କରିବ ମାନବ ? ଏଭଳି ସମସ୍ତେ କହିଲେ ପୁଣି ସାନ୍ତ୍ୱନା ଦେଇ କହିଲେ ସହଯୋଗୀ ବନ୍ଧୁମାନେ, ଏମିତି ପରିସ୍ଥିତି ରେ ଭଲ କରି ଚିନ୍ତା କର । ହଠାତ୍ ଚାକିରୀ ଛାଡିବ ନାହିଁ ତୁମ ସ୍ତ୍ରୀ ପିଲା ଅଛନ୍ତି ସେମାନେ ଅନେକ ଅସୁବିଧାରେ ପଡିବେ । ମାନବ ଧୀରେ ଧୀରେ ମନକୁ ବୁଜେଇବାକୁ ପ୍ରୟାସ କଲା 'ନାହିଁ ମାମୁଁଠୁ କଣା ମାମୁଁ

ଭଲ' ପୁରୁଣା ଡାଇଲଗକୁ ମନେପକାଇ ଧୈର୍ଯ୍ୟ ଧରିବାକୁ ଚେଷ୍ଟା କଲା ଏବଂ ପୁଣି ଥରେ ଶିକ୍ଷା ଦାନକୁ ମହାଦାନ ଭାବି ନିଜ କର୍ମରେ ନିୟୋଜିତ ହେଲା । ଏ ଥର ମାନବ ଧୀରେ ଧୀରେ ଜାଣିବାକୁ ପାଇଲା ଯେ ସେ ଜଣେ ନୀଚ ଜାତିର ହେଇଥିବା ଯୋଗୁଁ ଓ ତା'ର କୌଣସି ଉପର ଲେଭେଲରେ କିଛି ସୋର୍ସ ନାହିଁ ବୋଲି ତାକୁ ଅଣଦେଖା କରିବା ସହ ପ୍ରତ୍ୟେକ କାମରେ ଭେଦଭାବ କରାଯାଏ । ମାନବ ସବୁ ସହି ଯାଏ କେବେ କିଛି କହେ ନାହିଁ କାହାକୁ ବାସ୍ ନିଜକାମକୁ ଗୁରୁତ୍ୱ ଦିଏ । ମାନବ ସତ୍ୟ, ନ୍ୟାୟ, ପ୍ରେମ, ନିଷ୍ଠା ଓ କର୍ମକୁ ପଲପାଏ ସମ୍ବିଧାନ ତା ପାଇଁ ସର୍ବଶ୍ରେଷ୍ଠ, ମାନବିକତା ଓ ଶିକ୍ଷାକୁ ବାଣ୍ଟିଲେ ଜୀବନର ସବୁ ସୁଖମିଳେ ବୋଲି ସେ ଚିନ୍ତା କରିପାରୁଥିବା ଦରଦୀ ମଣିଷଟିଏ । କୌଣସି ପ୍ରକାର କାମ ଅବା ଏକ ଅନୁଷ୍ଠାନରେ କାମକରି ଦୁଇପୋଇସା ରୋଜଗାର କରି ପରିବାର ଭରଣପୋଷଣ କରିବା ଯେ କୌଣସି ବ୍ୟକ୍ତିର କର୍ତ୍ତବ୍ୟ ଅଟେ । ଶିକ୍ଷା ଓ ରୋଜଗାର ବ୍ୟକ୍ତି ବିଶେଷଙ୍କୁ ସଶକ୍ତ କରିବା ସହ ଉନ୍ନତ ସମାଜ ଗଠନ କରିବାରେ ସକ୍ଷମ ଅଟେ । କର୍ମନିଷ୍ଠା ମଣିଷ କେବେ କାହାର ଦୟା ଓ ଆଶୀର୍ବାଦକୁ ଆଶା କରେ ନାହିଁ ଏବେ ମାନବ ବହୁତ ଭେଦଭାବ ଓ ପାତରଅନ୍ତର ସହ୍ୟ କଲାପରେ ନିଜକୁ ସମ୍ଭାଳିକୁ ପ୍ରୟାସ କରିବା ସହ କୌଣସି ଏକ ସଫଳତାର ପାହାଚ ଆଡକୁ ଆଗେଇ ଚାଲିଛି ।

❖❖❖

# ଗପ ନୁହଁ ଫପ



ISSN-2583-6978
Volume-3
Issue-8
AUGUST-2023

ଜିନାତମାମ୍ ଦର୍ଜୀ

ମୋ -୮୦୧୮୮୦୭୧୫୩

ଫୁଲ ଅନୁସନ୍ଧାନ ଓ ତା'ହସ ମୋ'ହସ

ମୁଁ ଅନେକ ବର୍ଷରୁ ଫୁଲ ବଗିଚା ଖୋଜୁଥିଲି। ଅବଶ୍ୟ ମୁଁ ଏବେ ଜାଣି ପାରୁଛି ମୁଁ ଅନେକ ବର୍ଷରୁ ଫୁଲ ବଗିଚା ଖୋଜୁ ନଥିଲି, ମୁଁ ଜନ୍ମରୁ ଅଳ୍ପ ବହୁତ ଫୁଲ ବଗିଚାକୁ ହିଁ ଖୋଜୁଥିଲି। ମୋର ଏମିତି ଖୋଜିବା ଦେଖି ସମସ୍ତେ ହସିଲେ। 'ଆରେ ଯେ' ଗୋଟେ ବୋକୀଟେ, ଫୁଲ ବଗିଚା ଖୋଜୁଛି! ଫୁଲର କୋମଳ କୋମଳ ପାଖୁଡ଼ାକୁ ଭଲ ପାଉଛି। ହେଲେ ଜାଣିନି ଏ ଫୁଲ ଲୋଭରେ ବଗିଚାକୁ ଗଲେ ଦେହ ସାରା କଣ୍ଟା ଫୋଡି ହେବ। ଘର ଲୋକେ ବି ରାଗିଲେ ମୋ ଉପରେ। କିଏ ଫୁଲ ଖୋଜେ ଯେ ତୁ ଖୋଜୁଛୁ?

କିନ୍ତୁ ଏତିକି ପରେ ବି ମୋର ଫୁଲ ବଗିଚା ଖୋଜା ବନ୍ଦ ହେଲାନି। ଫୁଲର କୋମଳ ପାଖୁଡ଼ା ପ୍ରତି ସମ୍ମୋହନ କମିଲାନି। ଓଃ କି ସୁନ୍ଦର ହୋଇଥିବ ସେ ଫୁଲ ସତରେ! ରଙ୍ଗୀନ ରଙ୍ଗୀନ ଦେହ। ମନ ଜିଣା ମହ ମହ ବାସ୍ନା। ସ୍ପର୍ଶ ମାତ୍ରକେ ସଞ୍ଚରି ଯାଉଥିବ କୋମଳ ପରଷର ଶିହରଣ। ମୋର ଫୁଲ ଖୋଜା ସେମିତି ଚାଲୁ ରହିଲା। ହେଲେ ମିଳିବ କେଉଁଠି? ସେଠାକୁ ଯିବାକୁ କେମିତି ହୁଏ? କିଏ କହି ପାରିବ ରାସ୍ତା? ଉପାୟ?

ଦିନେ ତୁମେ କହିଲ ମୋ ପାଖକୁ ଆସ ମୋ ପାଖରେ ଅଛି ଫୁଲ ବଗିଚା। ମୁଁ ଜାଣିବା ବୁଝିବା ଅବସ୍ଥାରେ ନଥିଲି। ମତେ ତୁମ କଥା ମନ୍ତ୍ର ଭଳି ଲାଗିଲା। ଭାବିଲି ହେଇ ତ ସାମ୍ନାରେ ଇପ୍ସିତ ଫୁଲ ବଗିଚା। ଧାଇଁଗଲି ତୁମ ପାଖକୁ ଏକ ସମ୍ମୋହନରେ। ସେଠି ଲୋଟିପଡି ଶୋଇପଡିଲି। ଏତେ ଦିନର ଅନୁସନ୍ଧାନ ପରେ ଫୁଲ ପାଇଥିଲି। ସେଇ ଖୁସିରେ ଶୋଇପଡିଲି ଗଭୀର ନିଦରେ। ସ୍ୱପ୍ନରେ ଫୁଲ ଦେଖିଲି। ସୁନ୍ଦର, ସୁଗନ୍ଧିତ ଫୁଲ। ମୁଁ ତାରି ବଗିଚାରେ ଶୋଇପଡିଛି।

ନିଦ ଭାଙ୍ଗିଲା ବେଳକୁ ଦେଖିଲି ମୋର ଦୂର ଦୁରାନ୍ତ ଯାଏ କେଉଁଠି ବି ଫୁଲର ଲେସ ମାତ୍ର ଚିହ୍ନ ନାହିଁ। ମୁଁ ଲୋଟୁଛି ଅଳିଆଗଦାର କାଦୁଅରେ। ମୋ ଦେହରେ, ମନରେ କାଦୁଅ। ତୁମ ଆଡ଼କୁ ଦେଖିଲି। ତୁମେ ଆହୁରି ଆହୁରି କାଦୁଅ ସୃଷ୍ଟି କରି ସେଥିରେ ଶୋଇପଡୁଛ ଠିକ୍ ଘୁଷୁରୀ ଭଳି। ଘୁଷୁରୀକୁ କାଦୁଅର ଶୀତଳତା ଲୋଡ଼ା,ତୁମକୁ ବି(ତୁମରି ଭଳି ଆଉ ଅନେକଙ୍କୁ ବି )। କାଦୁଅର ଦୁର୍ଗନ୍ଧରେ ମୁଁ ଅଣନିଶ୍ୱାସୀ ହେଲି। ଛି..! ମୋ ହାତ, ଗୋଡ଼, ମୁହଁ ସବୁରେ କାଦୁଅ। ଅବୋଦ ଆସିଗଲା ମନେ।

ମୁଁ କାଦୁଅ ଧୋଇବା ପାଇଁ ପାଣି ଖୋଜିଲି। ପାଣି ପାଇଁ ଏଠି ସେଠି ଧାଇଁଲି। ପାଣି ପାଇଲି ନାହିଁ। ତୁମେ କହିଲ କାଦୁଅକୁ ଭଲ ପାଅ, ଦେଖିବ କାଦୁଅ ମହ ମହ ବାସିବ। ଏଇଟା ହିଁ ସଂସ୍କାର, ଏଇଟା ହିଁ ଧର୍ମ । ମୋ ଦେଇ ହେଲାନି। ମୁଁ ଯନ୍ତ୍ରଣାରେ ଛଟପଟ ହେଲି। ପାଣି ଖୋଜିଲି । ପାଣି ପାଣି ରଟିଲି । ତୁମେ ହସିଲ। 'ପାଣି କେଉଁଠି ବି ନଥାଏ ମୂର୍ଖ! ପାଣି କେଉଁଠୁ ପାଇବୁ? ବାୟା ହ' ନା । ଆ.. ଫେରିଆ। କାଦୁଅ ମାଖ, କାଦୁଅ ଖେଳ, ମତେ ଭଲପା' କାଦୁଅ ଭଳି। ଯେମିତି ମୁଁ ତୁମକୁ ଭଲ ପାଉଛି କାଦୁଅ ଭଳି।

ମୁଁ କହିଲି, ' ମୁଁ କାଦୁଅକୁ ଘୃଣା କରେ। ମୁଁ ତୁମକୁ ବି ଘୃଣା କରେ। ଲୋକେ ହସିଲେ ମୋର କାଦୁଅକୁ ଘୃଣା କରିବା ଦେଖି। ଲୋକେ ମୋ ଉପରେ ପ୍ରଶ୍ନ ଉଠାଇଲେ ମୁଁ ତୁମକୁ ଘୃଣା କରୁଥିବା ଶୁଣି। 'ଯଦି ଘୃଣା କରୁ ତାହେଲେ ତା ପାଖକୁ ଧାଇଁ ଯାଇଥିଲୁ କ'ଣ ପାଇଁ? ଲୋକଙ୍କୁ ମୋ ଚରିତ୍ରରେ ବିରୋଧାଭାଷର ଗନ୍ଧ ମିଳେ।

ମୁଁ ତାଙ୍କ ପ୍ରଶ୍ନର ଉତ୍ତର ଖୋଜେ। ତାଙ୍କୁ ଉତ୍ତର ଫେରାଇବା ପାଇଁ ନୁହଁ, ନିଜେ ଜାଣିବା ପାଇଁ। ମୋର ମନେ ପଡେ ମୁଁ ତୁମ ପାଖକୁ ଯାଇଥିଲି ଫୁଲ ପାଇ। ହଁ.. ମୋର ପୁଣି ଫୁଲ କଥା ମନେ ପଡେ। କାଦୁଅ ପାଇଁ ମୁଁ ଫୁଲ କଥା ଭୁଲି ଯାଇଥିଲି। ଏବେ ମୁଁ ପୁଣି ଫୁଲ ଖୋଜୁଛି। ପାଣି କାଇଁ? ଫୁଲ କାଇଁ? ଯୁଇ କାଇଁ? ଗୋଲାପ

କାଇଁ? ମାଳତୀ କାଇଁ? ମନ୍ଦାର କାଇଁ?

ଖୋଜୁ ଖୋଜୁ ଦିନେ ଜାଣିଗଲି। କେଉଁଠି ଫୁଲ ବଗିଚା। ଜଣେ ବୁଲା ଫକୀର ବତେଇ ଦେଲା ମତେ ଠିକଣା। ଯେଉଁଠି ଫୁଲ ବଗିଚା ତାରି ପାଖରେ ପୋଖରୀ ସେଇଠି ହିଁ ପାଣି। ମୁଁ ସେଇ ଆଡକୁ ଚାଲିଲି।

ଦିନେ ମୁଁ ଫୁଲ ବଗିଚାରେ ପହଂଚି ଗଲି। ପୋଖରୀରେ କାଦୁଅ ଧୋଇଲି। ହଜାର ହଜାର ରଙ୍ଗୀନ ଫୁଲଙ୍କ ସହ ଭେଟ ହେଲି। ଗେଲ ହେଲି। ପ୍ରଜାପତିର ରଙ୍ଗୀନ ଡେଣା ଦେଖିଲି। ମାଇଲ ମାଇଲ ଦୂରକୁ ମହକି ଉଠୁଥିବା ସୁଗନ୍ଧରେ ବିଭୋର ହେଲି। କୋମଳ ପାଖୁଡାର ପରଷରେ ସ୍ୱର୍ଗ ଲଭିଲି। କଣ୍ଟା ରେ ଫୋଡି ହୋଇ ଲହୁ ଲୁହାଣ ହେଲି। କଣ୍ଟା ଫୋଡ଼ାର ମିଠା ଯନ୍ତ୍ରଣାରେ ନିର୍ବାଣ ଭେଟିଲି।

ଦିନେ ତୁମେ ଡାକିଲ। କହିଲ, 'ଫେରିଆସ।

ମୁଁ କହିଲି, ମୁଁ ଯିବି ନାହିଁ ସେଠି ବହୁତ କାଦୁଅ । ସେଠି ଫୁଲ ବଗିଚା ନାହିଁ ।

ତୁମେ କହିଲ, 'ଫେରିଆସ। ମୁଁ କାଦୁଅକୁ ମାଟି ପକେଇ ପୋତି ଦେବି। ଗୋଟେ ଫୁଲ ଗଛ ବି ଲଗେଇ ଦେବି। ତୁମେ ତାରି ପାଖରେ ବସି ହାଲ୍କା ହାଲ୍କା ବାସ୍ନାକୁ ଅନୁଭବ କରିବ।

ହେଲେ ତୁମେ କେମିତି ଜାଣିବ? ମୁଁ ଏବେ ଫୁଲ ବଗିଚା ପାଇ ସାରିଛି। ଆଉ ତୁମ ପାଖକୁ କେବେବି ଫେରିବିନି।

ତୁମେ ମୋ ଦେହରେ ଥିବା କଣ୍ଟା ଫୋଡ଼ ଦେଖେଇ କହିଲ, 'ଦେଖ ତୁମ ଦେହରେ କେତେ କଣ୍ଟାର ଆଘାତ। କେତେ ଶୁଖିଲା ରକ୍ତର ଦାଗ। ମନା କରିଥିଲି ଆଗରୁ। ମାନିଲନି ମୋ କଥା। ଏବେ କେତେ କଣ୍ଟା ଫୋଡ଼ର ଯନ୍ତ୍ରଣା ସହୁଛ। ହାଁ ହାଁ ହାଁ.. ଏବେ ବି ସମୟ ଅଛି ମୋ ପାଖକୁ ଫେରିଆସ।

ଦୁନିଆ ବି ତୁମ ପରି ମୋ ଉପରେ ହସୁଥିଲା। ମୋ କଣ୍ଟା ଫୋଡା ଘା'କୁ ଦେଖି ହସୁଥିଲା। ମତେ ବୋକୀ କହି ହସୁଥିଲା। ମତେ ଦୟା ଦେଖେଇ ହସୁଥିଲା।

କେମିତି ବୁଝେଇ ଥାନ୍ତି ତୁମକୁ? କେମିତି ବୁଝେଇ ଥାନ୍ତି ଦୁନିଆକୁ? ତୁମେମାନେ ଯେଉଁ କଣ୍ଟାଘାତକୁ ଯନ୍ତ୍ରଣା ଭାବୁଛ, ସେଇ କଣ୍ଟା ଫୋଡ଼ରେ ଯନ୍ତ୍ରଣା ନାହିଁ। ସେଇ ଚୋଟରେ ଖାଲି ମିଠା ମିଠା ରୋମାଞ୍ଚ। ମୃଦୁ ମୃଦୁ ପରମାନନ୍ଦ।

ମୁଁ ଆଉ ବୁଲା ଫକୀର ବି ହସୁଥିଲୁ । ତୁମ ପାଇଁ ହସୁଥିଲୁ । ଦୁନିଆଁ ପାଇଁ ହସୁଥିଲୁ। ତୁମ ମାନଙ୍କ ପାଇଁ ଦୟାରେ ହସୁଥିଲୁ। ଗହ ଗହ ଆନନ୍ଦରେ ହସୁଥିଲୁ। ମହ ମହ ଫୁଲ ବାସ୍ନା ପାଇଁ ହସୁଥିଲୁ।

❖❖❖



# ମୃଣ୍ମୟୀ

ଇନ୍ଦିରା ଦାଶ

କୋଳହାଳର ପୃଥିବୀରେ
କେତେ ଦିନ ଆଉ
ନୀରବତାର ମନ୍ତ୍ର
ପଢୁଥିବୁ ମା
ଚାହିଁ ରହିଥିବୁ ମାଟିକୁ
ଅକୁହା ଅଭିମାନରେ
ଥରକୁ ଥର ମିଳେଇ
ଯାଉଥିବୁ ପାଣିରେ ।

ତୁ ଗଢା ହୋଇଥିବା
ମାଟିକୁ ଥରେ ଦେଖ୍
ଯେଉଁଠି ଲେସି ହୋଇ ଯାଇଛି
କେତେ ରକ୍ତର ଦାଗ
ତା ଭିତରୁ ବାହାରି ଆସୁଛି
ଧର୍ଷଣର ଆର୍ତନାଦ
ଲିଭି ଯାଇଥିବା ମୃତକନ୍ୟାର
ସନ୍ତପ୍ତ ଇତିହାସ
ଛିନ୍ ଭିନ୍ ହୋଇ ଯାଇଥିବା
ବିକଳ ମାତୃତ୍ୱ ।

ପ୍ରତିଟି ନାରୀ ଏବେ
ତୋ ଭଳି ମୂକ
ଟେଳାଏ ଚକଟା ମାଟି
ପୁଳା ପୁଳା ଅଂଶ ଯାର
ପ୍ରତି ଦିନ ଫିଙ୍ଗାଯାଏ
ବାଟରେ ଘାଟରେ
ଘନ ଅରଣ୍ୟରେ
ନଦୀ ତଡାଗ ରେ ।

ଖାଲି ମଣିପୁର ନୁହେଁ
ଏବେ ସବୁ ପୁରରେ
ତାର ଲୁଣ୍ଠିତ ହେବାର କାହାଣୀ
ପ୍ରତିଟି ରାସ୍ତାରେ,ଗଳିରେ
ଲାଂପଟ୍ୟ ର ଅଶ୍ଳୀଳ ଅକ୍ଷର
ମାଂସ ର ବେପାର
ତୋର ସିଂହାସନ ତଳେ
କେତେ ସ୍ୱପ୍ନ ଭଙ୍ଗ ମଣିଷର
କୁଢ କୁଢ କଙ୍କାଳ ।

ଜଳନ୍ତା ହୃଦୟ ଭିତରୁ
କେହି କଣ ଉଚ୍ଚାରଣ କରିପାରେ
ଶୀତଳ ଆବାହନ ମନ୍ତ୍ର
ଢାଳି ଦେଇ ପାରେ
ସମର୍ପଣର ଅର୍ଘ୍ୟ
ବିଶ୍ୱାସରଫୁଲ
ଅମୃତ ପାଣି ବୁନ୍ଦାଏରେ
ତୋର ଜୀବନ୍ୟାସ ।

ଭୟ ଶୂନ୍ୟ ପବିତ୍ର ସକାଳଟିଏ
ପାଇଁ, ତୋତେ ନିଜେ
ଲେଖି ବାକୁ ହେବ ମା
ଏ ସନ୍ତପ୍ତ ମାଟିରେ
ମୁକ୍ତିର ବର୍ଣ୍ଣମାଳା
ପୋତି ହୋଇ ଯାଉଥିବା
ତ୍ରିକାଳ ଭିତରେ
ତୁ ହିଁ କେବଳ ସୃଜିପାରିବୁ
ପ୍ରେମ, ସଦିଚ୍ଛା ଓ ପ୍ରତ୍ୟୟର
ସବୁଜ ଅକ୍ଷର ।

ଅନୁଗୋଳ ବଜାର, ଅନୁଗୋଳ

❖❖❖



# ମନେ ଅଛିନା

ପିନାକୀ ମିଶ୍ର

ବାପାଙ୍କ ଭାରକ୍ରାନ୍ତ ଉଦାସମୁହଁ
ମାଆର ଆଖିଛଳ ନାକ ସୁଁ ସୁଁ

ଗାଳିଖାଇ ସକାଳଉଠା ଗରଗର ପିଲାମନ
ବାସିରୁଟି ,ଚୂଡାଚିନି ପାଟିକୁ ଅମଂଗ
ଟିଉସନ୍ ରଡରଡ
ବାଡିପଟେ ଶିଶିରପଖଳା ଟଗରମନ୍ଦାର
ଦିଅଁ ସଜହେବା ବେଳ
ପୂରୁବାଫର୍ଚ୍ଚା ବିହଂଗମଦଳ ।

ଶ୍ରେଣୀର ପଛ ଟେବୁଲ୍‌ରେ ପାନପାତ୍ର
ଭିତରେ ନିଜ ନାଁ
ଗଣିତଖାତା ମାଗିଦେଲେ ସାର୍
ଭୟରେ ଛାନିଆ

ଗାଁମୁଣ୍ଡ ତାଳଗଛ
ନା ଆକାଶର ନା ମାଟିର ସେ ,
ମାଟିରେ ପା ଜୀବନ ଅସ୍ଥିର
ସେପଟେ ପୁଣି ହାତ ପାଉନି ଆକାଶ
ତଥାପି ବୁଝିହେଉନି ତାଳଗଛ ତାଳି
ବୋଧେ ମୁର୍ଚ୍ଛି ପାରିଲେ ଜୀବନମିଠା ।

ଚାରି କି ପାଞ୍ଚବର୍ଷକାଳ ଚାକିରୀଖୋଜା ଧାଇଁ
ମନେ ଅଛିନା'
ବାଟ ଦିଶେନି ,
ନିଦାଘ ମାଠିଆରେ ପାଣି ନଥିବା କାଉର ଅନ୍ତର ପରି
ଘାରିହୁଏ ବେକାରୀ , ବେଶୀ ଭାବେ ଅଙ୍କ କହେ ,
ନୁଖୁରା କେଶକୁ ତେଲ ନଦେଲେ ନାହିଁ
ବାପାମାଆଙ୍କ ବୋଧ ବଳଦିଏ ।

କେବେଠୁ ଭେଟ ହେଇନି ଦୂତୀ
ବେଶୀମିଠା ତା' ଫୁଲାଣ, ତା' ପାଉଁଜିଝୁମୁକା
ଦେଇନି ସିନା ମୋ ଚିଠିର ଉତ୍ତର
ତା' ଦିପଦ କଥାରେ ସ୍ୱପ୍ନଦେଉଳ ଠିଆ
ଖସି ନଯାଉ ବନ୍ଧନର ଗଂବୁଜପଥର ।

ଗାଁ ଗୁରୁଜନ ଆଖି ବୁଜିଲେ
ରୋଷେଇହବ କୋକେଇ ଉଠିଲେ
ଦାଣ୍ଡରେ ଲୁହର ଆଳତି
ସତ୍ୟ ହିଁ ଏକମାତ୍ର ସ୍ତୁତି
ଛେଲୁଆରେ ଅର୍ଦ୍ଧପକ୍ୱ ଅନ୍ନ
ପିଣ୍ଡ ବାଢିଦେ ଅଭାଗା
ଛାତି ଖାଁ ଖାଁ , ମୋହ ଅସାର
ବାପ ନଥିଲେ ପୁଅ ସୂତାଛିଣ୍ଡା ଗୁଡି ,ଖାଏ ବାରଭାତ ।

ଆଖୁବାଡି, ହଳଦୀ କ୍ଷେତ
ଶିରିପବନରେ ପାଚିଲାଧାନର ଝୁମିଲାନାଚ
ବଳଦକୁ ଆଉମୁଠେ ଘାସଦିଏ ଖୁସିରେ ଋଇତ
ହମ୍ବାରଡିରେ ମାଆକୁ ଡାକେ ଗୋଠଫେରନ୍ତା ବୁଧୁନିଗାଈ
ଧାନପୁଡୁଗ ଖୋଲନ୍ତି ବାପା
ଟବଟବ ପାଣି ଫୁଟାଏ ଲୁହାକରେଇ ।

ମନେ ଅଛି ନା' ସାଙ୍ଗମେଳେ
ମୁହଁସଂଜ ନଈପଠାରେ କି ଖେଳଛୁଟି ସ୍କୁଲ୍ ପଛପଟେ
କେମିତି ଧୀରେ ଖୋଲେ ଆଦ୍ୟ ଯଉବନ କଇଁକଢ ପାଖୁଡା ।

ସେ ଅନେକକଥା
ଗଡିଗଲା ନଈ
ବହିଗଲା ବାଆ
ସଂପର୍କ ବହଳ ଲାଗୁନି ତ ଆଜି
ପରିବାରକୁ ବଇକୁଣ୍ଠ କହିଦେଲେ ତ ଖାଲି ହେବନି ।।

'ଶୂନ୍ୟନୀଳ'
ଚର୍ଚ୍ଚପାଖ, ଜେଲ ରୋଡ, କେନ୍ଦୁଝର-୧

❖❖❖



# ତୁ ପାରିବୁ

ସୁଧା ଦାଶ

କିଛି କରିପାରିଲି ନାହିଁ
ଖାଲି ଯାହା ତୋ ମନ ତଳେ
ଛପିଥିବା ନିଆଁ ଝୁଲକୁ
ଫୁଙ୍କ ମାରି ମାରି କରିଥିଲି ଡହକ ଅଙ୍ଗାର।

ଦେଖ, ନିଜ ଶବ
ବୋହି ଗଲାଣି ଦିହରୁ
ଯଦି ପାରୁଚୁ ଉତାରି ନେ
ମୁରବୀପଣିଆ କାନ୍ଧରୁ।

ଉତାରି ନେ ପଇତା
ଉତ୍ତରାଧିକାର, ରତ ରତ ବେଳର ସୂର୍ଯ୍ୟାସ୍ତ
ବଂଚିବାର କୌଳିକ ଦୁଃଖ।

ଦୀର୍ଘଶ୍ୱାସରେ
ଉଷୁମ କଳିଜା, ଖାନଦାନୀ ଶତ୍ରୁତା
ଶାଗୁଣା ମୁହଁରୁ ବର୍ତ୍ତି ଯାଇଥିବା
ବାକୀ ପରମାୟୁ।

ମୋର ଉଦାରତାଠୁ
ମାଗି ନେ ମନ୍ତ୍ର, ମାରଣାସ୍ତ୍ର
ଲଢ଼ିବା ଶିଖ୍ ଛୁଂଚୀ ମୂନରେ।

ମୋର ସବୁ
ପାପ ପୂଣ୍ୟ, ସିଂହାସନ ତୋର
ଏଥର ଆଦେଶ ଦେ ଓହ୍ଲେଇ ଯିବାକୁ
ଆଉଥରେ ଲେଖିବାକୁ ଇତିହାସ
ତୋରି ଭାଷାରେ।

ଭୋଗିବାକୁ ଦେ ମୋତେ
ନିର୍ବାସନର ନିର୍ଜନତା
ଭାଙ୍ଗିଦେ ତୋତେ ଘେରିଥିବା
ଫିସାଦର ମେଘନାଦ।

ପାଦ ରଖ
ମୋର ପ୍ରତିଟି ଲୋମକୂପରେ
ଯୁଆଡେ ଯିବୁ ଯା
କେବେ ଲୁହ ଢାଳିବୁନି
ଝଡ଼ାପତ୍ରର ଦୁଃଖରେ।

ମା ମୋର
ଯିବା ଆଗରୁ ଜାଳିଦେବୁ ପିଣ୍ଡ ପରମାୟ,
ଜାଳିଦେବୁ ଢଙ୍କେଇଥିବାମୋର
ଛଦ୍ମ ପୁରୁଷାକାରକୁ
ନିଆଁର ନିଃଶ୍ୱାସରେ।

ହସି ହସି
ବିସର୍ଜି ଦେବୁ ଅସ୍ଥି,
ତୋତେ ଗଢ଼ିବାର ଅସ୍ଥିରତାକୁ
ବୁନ୍ଦାଏ ଲୁହରେ
ମୋତେ ବସେଇଦେବୁ
ତୋ ଭିତରେ ଜଳୁଥିବା
ମିଛ ଇତିହାସର ଚିତାରେ।

ତୁ ପାରିବୁ,
ତୋ ଭରସା ଆଉ ନିଆଁର ନିଷ୍ଠା
ସବୁବେଳେ ସନ୍ଦେହର ଉର୍ଦ୍ଧ୍ୱରେ।

ଧରଣୀଧର ବିଶ୍ୱବିଦ୍ୟାଳୟ
କେନ୍ଦୁଝର



# ବଦଳୁଥିବା ପାଗରେ ଲଙ୍ଗଡ୍ରାଇଭ୍

ନୃସିଂହ ଷଡଙ୍ଗୀ

ଆଜିଏ **କାଉଁଳା ପାଗ ପରି** ମୋ ଗାର୍ଲଫ୍ରେଣ୍ଡର ଦେହ,
ଦେଖି ହୁଏ ଭୋଗି ହୁଏନି,
ଭୋଗିବାକୁ ଗଲାବେଳେ ହୁଏତ ବଦଳିଯିବ ପାଗ,
ବଦଳି ଯିବ ହିଲ୍ ଷ୍ଟେସନ୍ ର ବର୍ଷାପରି
ତା ମଖମଲି ମେଜାଜ୍,
ବେଳେ ବେଳେ ମୁଁ ସେଠି ରଜା, ମୁଁ ସେଠି ପ୍ରଜା ।।

ବେଳେ ବେଳେ ମୁଁ ଦୀପରୁଖା ପାଲଟେ,
ସେ ଥୋଇହୋଇଯାଏ ଦୀପଭଳି ।
ସେ ଜଳେ, ମୁଁ ତାତେ ।
ରବୀନ୍ଦ୍ର ! ମୁଁ ଜାଣିଛି ଏ କଅଁଳ ପାଗର ମୋହବତ୍
ମୋ ବାଇକ୍ ପଛରେ ସେ ଲଦିଦିଏ
ତାର ସବୁପ୍ରେମ,
ମୋ ପାଇଁ ଅସଜଡା ପୃଥିବୀଟିଏ,
ଭାରି ମଜାଲାଗେ...
ଗୋଟେ ନହୁଲି ଦେହ ପିଠିରେ ବୋଝ ନୁହେଁ
ମେଜାଜ୍ ରେ ମୁଁ ଯେମିତି ପାଲଟିଯାଏ
ପୃଥ୍ୱୀରାଜ...ଗୋଟେ ଚମତ୍କାର
ସଂଯୁକ୍ତା ହରଣରେ ।।

ସେତେବେଳେ ମୁଁ ଭାଗ୍ୟବାନ୍ ପ୍ରେମିକଟିଏ,
ମୋ ପଛର କଅଁଳ ଦେହର ପୃଥିବୀଟି ପାଇଁ
ମୁଁ ସମର୍ପି ଦିଏ ମୋ ରାଜଉଆସ,
ମୋ ଅଷ୍ଟପାଟବଂଶୀଂକ ସମସ୍ତ ସୁଖ
ସମର୍ପି ଦିଏ ଗୋଟେ ପ୍ରଲୁବ୍ଧ ପ୍ରେମର
ଲଂଗଡ୍ରାଇଭ୍ ରେ ।।

ରବୀନ୍ଦ୍ର ! ଏତେ ସକାଳୁ ମନେ ପକାଇଦେଲ
କଅଁଳ ପାଗରେ ପ୍ରେମିକାକୁ ଲଂଗ ଡ୍ରାଇଭ୍ ରେ ନେବାକୁ,
ହେଲେ ସେତ ପ୍ରେମରେ ଏତେ ଅଳସୁଆ ଯେ...
ଏବେବି ଶୋଇଥିବ,
ରାତିରେ ଡେରିଯାଏଁ ଚାଟ୍ କଳାପରେ
ସକାଳୁ ସକାଳୁ ଲଂଗ୍ ଡ୍ରାଇଭ୍ ,
ନା ପାଗ ମୁଡ୍ ଦେଖୁ ଦେଖୁ
ମୁଁ କଣ ଏତେ ସ୍ୱାର୍ଥପର ହେଇ ପାରିବି
ତା ପାହାନ୍ତି ନିଦକୁ ଏମିତି ଛୁଇଁଯିବାକୁ ?

ନା ଥାଉ...ହୁଏତ ଏତେବେଳେ
ସେ ମତେହିଁ ସ୍ୱପ୍ନରେ ଦେଖୁଥିବ,
ବାଇକ୍ ପଛରେ ବସି ସେ କେମିତି
ତା ଆଉଜା ଦେହରେ ମତେ ତତାଉଥିଲା,
ମୁଁ ଯେତେ ବାଜେ ରାସ୍ତାରେ ତାକୁ ନେଉଥିଲି
କେବଳ ଟିକିଏ ତା ଦେହକୁ ମୋ ପିଠିରେ
ନଚେଇ ନଚେଇ ଛୁଇଁବା ପାଇଁ ।

ନା ସେ ସ୍ୱପ୍ନ ସେମିତି ଥାଉ, ନିଦ ଅଚେତ୍ ଥାଉ
ତା ବାଗରେ,
ମୁଁ ସେଥିରେ ଥାଏକି ନଥାଏ...
ମୁଁ ସ୍ୱାର୍ଥପର ହେଇ ପାରିବିନି,କେବଳ ମୋ ପାଇଁ,
ଆଉ ଦିନେ ପାଗର ମୁଡ୍ ଦେଖି
ହୁଏତ ଭୁଲେଇ ନେଇଯାଇପାରେ ପ୍ରେମିକାକୁ
ଲଂଗଡ୍ରାଇଭ୍ରେ,ଏଥର ହୁଏତ
ବାଇକ୍ ରେ ନୁହେଁ .....
ଆତ୍ମାରେ,ଦେହରେ,ନିରୁତା ଗୋଟେ ...
ପ୍ରେମିକ ପଣରେ ।।





# ଗାଆଁ କାହିଁ

ଦେବାଶିଷ ଚକ୍ରବର୍ତ୍ତୀ

ସବୁତ ଆଗ ଭଳି ରହିଛି
ନେଳିଆ ଆକାଶ
ସାପପରି ଅଙ୍କେଇ ବଙ୍କେଇ
ବୋହି ଯାଉଛି ନଈ
ହେଲେ ମୋ ଗାଆଁ କାହିଁ ?

ଆଗେତ ନଙ୍ଗଳକଣ୍ଟିରେ ହାତ ବାଜିଲେ
ଚଷାପୁଅର କଣ୍ଠରୁ ଉଛୁଳି ଉଠୁଥିଲା
ରାମ ଯେ ଲଇଖଣ ଗୀତ
ଗାଆଁରେ ଆଉ ନଙ୍ଗଳ କାହିଁ ଯେ ?
ପିଲେତ କାହିଁ କେଉଁ କାଳରୁ
ମୋବାଇଲକୁ ମଣି ସାରିଲେଣି ମିତ
ହିଡ଼ ତଳକୁ ଓହ୍ଲେଇବାକୁ
ଅମଙ୍ଗ ତାଙ୍କର ପାହୁଲ
ସଂସାର ଜଞ୍ଜାଳ ମୁଣ୍ଡେଇ
ଶିରା ଦୁହିଁ ହୋଇଯାଉଛି ବୁଢ଼ାବାପର
ସେ ତ ପାଚିଲା ପତର
ତା'ର ଆଉ କେତେକାଳ ?

ଆଗେ ସଞ୍ଜନଇଁଲେ ଭାଗବତ ଘରୁ
ଶୁଭିଯାଉଥିଲା 'ନମଇଁ ନୃସିଂହ ଚରଣ'
ସପନିଜେଜେ ଖଞ୍ଜଣି ବଜାଇ ବୋଲୁଥିଲେ
'ମନମତ୍ତ ଦୁହାଁଳ ଗାଈ'
ହେଲେ ଏବେତ ଗାଆଁ ସାଜିଲାଣି
ଧଳାଜହର ର ଚରାଭୂଇଁ ।

ଏବେବି ଆଗଭଳି ପୋଖରୀରେ
ଫୁଟୁଛି ପଦୁଅଁ, କଇଁ
ହେଲେ,କଷି କନିଆଁର କଅଁଳ ଗାଧୁଆ
କାଇଁ ଦୃଶ୍ୟ ହେଉ ନାହିଁ
କାହିଁ କେଉଁକାଳରୁ ହଳଦୀ କାଠୁଆ କୁ
ଚରିସାରିଲାଣି ବିସ୍ମୃତିର ଉଈ
ଖାଲିଯାହା ମୋ ପରି ମଣିଷଙ୍କ ସ୍ମୃତିରେ
ରହିଛି ତା' ସାଇତା ହୋଇ।

ଆଗେ ଜଣାପଡୁ ନଥିଲା
କେମିତି ହୋଇଯାଉଥିଲା
ପୁଅର ବ୍ରତ କି ଝିଅ ବାହାଘର
ହେଲେ ଏବେତ ମାଲ୍ ପାଣି ନଦେଲେ
ମଶାଣିକୁ ମାଲଭାଇ ମିଳିବା ବି କାଠିକର ।

ସହରର ଡାହାଣୀ ଆଲୁଅରେ
ବାଟ ଭୁଲିଛି ଗାଆଁ
ଆପଣାପଣର ଚଇତି ବିହୁନେ
ତାହା ଲାଗୁଛି ଖାଁ ଖାଁ
ରାଜନୀତି ହାତୁଡି ମାଡରେ
ଫାଳଫାଳ ତା' କପାଳ
ପର୍ବ ପର୍ବାଣୀ ରେ ବାଜା ବାଣରେ
ଗାଆଁସିନା ହେଉଛି ଗହଗହ
ହେଲେ କାଇଁ ଆଗଭଳି
ତା ହୃଦୟ ତ ହେଉନାହିଁ ମହମହ ?

ମଣ୍ଡୁଆ, କେନ୍ଦୁଝର ଗଡ଼ ପିନ-୭୫୮୦୧୪

# ଏକ ନୀଳଛାଇ

ନାରାୟଣ ପ୍ରସାଦ ବେହେରା



ତୁମ ପାଉଁଜି ପିନ୍ଧା ପାଦ ପାଇଁ
ପ୍ରସାରି ଦେଇଛି ହୃଦୟ
କ୍ରୋଧ ଓ ଆଘାତ ପାଇଁ
ପାତି ଦେଇଛି ଛାତି
ସମର୍ପି ଦେଇଛି
ଫୁଲଫୁଟା ବେଳ
ମୋତି ବର୍ଷାକେତେ ଜହ୍ନରାତି ।
ଏବେ ବି ସନ୍ଦେହ କରୁଛ
ମୁଁ କାଳେ ସାଇତିଛି
ତୁମ ସହ ବିତାଇ ଥିବା
ସମୟରୁ କିଛି
ସେତିକି ମୋ ପାଇଁ
ନିଃସମୟ
ତା' ଭିତରେ କେତେ ଜହ୍ନ
ନକ୍ଷତ୍ରଙ୍କର
ଅସ୍ତ ଉଦୟ
ଅବିରତ କୁଳୁକୁଳୁ
କୁହୁଡ଼ିର ନଈ
ତମେ ତାକୁ ଦେଖିଛ କି
ସେଇଠି ସେ ବେଳେବେଳେ
ଚିଡ଼ାହୁଏ
କିଛି ଅନ୍ଧାର ଆଉ
ଶିଶିରର ଶୁଭ୍ରତାରେ
ରୂପମତୀ
ଏକ ନୀଳଛାଇ ।

ବିଭାଗୀୟ ମୁଖ୍ୟ
ଓଡ଼ିଶା ଭାଷା ଓ ସାହିତ୍ୟ ବିଭାଗ
ଓଡ଼ିଆ ବିଶ୍ୱବିଦ୍ୟାଳ,ସତ୍ୟବାଦୀ, ପୁରୀ

# ପ୍ରେମିକା

ଦୁର୍ଗା ଚରଣ ଷଡ଼ଙ୍ଗୀ



ପ୍ରେମିକଟିଏ ହେବା ଏତେ ସହଜ କି !
ଆଖିରୁ ନିଦ ହାରି
ସଂସାରକୁ ବେଖାତର କରି
ଆକାଶର ବ୍ୟାପ୍ତିରୁ ତାରା ଗଣିବା
ଚନ୍ଦ୍ରର ଶୀତଳତାରେ
ଶିହରି ଉଠି ଗୀତ ଗାଇବା
ସବୁ ଭ୍ରାନ୍ତି-ଭ୍ରମକୁ ଏକାଠି କରି
ପ୍ରେମ ପାଇଁ ଗପଟିଏ ହେବା
ଭାରି କଠିନ
ଦୁର୍ବିସହ ଜୀବନ
ଥିଲେ ଥିବେ ଏପରି ପ୍ରେମିକ
ଏ ସଂସାରେ
ହାତ ଗଣତିରେ ବା କେଇଜଣ !!
ପ୍ରେମିକ ହେବତ ବିଲ୍ୱମଙ୍ଗଳ ପରି
ପିତୃ ଶ୍ରାଦ୍ଧରେ-ପୁରୋଧାର ମନ୍ତ୍ର ଧ୍ୱନିରେ
ପ୍ରେମିକାର ମୁହଁ ଦିଶୁଥିବ ଯେପରି ।
ଭରା ନଈର କୂଳଖିଆ ଜୀବନ
ବିଷଧର ପିଠିରେ ସ୍ନେହର କୋମଳ ପାପୁଲି
ଝଡ଼-ବର୍ଷାରେ ପାଚେରି ଡିଆଁ
କେବଳ ହିଁ ପ୍ରେମିକା ପାଇଁ
ଗୀତ ଗାଇ ଗାଇ ମୁହଁ ଦେଖିବା ।
ପ୍ରେମିକାଟିଏ ମାଟିର ଦେବୀ ପରି
ହଳଦୀ ସିନ୍ଦୁରର ମାଜଣାରେ ମୂର୍ତ୍ତିମନ୍ତ ସେ
ହୋଇଉଠେ ଉଜ୍ଜ୍ୱଳରୁ ଉଜ୍ଜ୍ୱଳ
ଫୁଲ ଚନ୍ଦନ ବାସରେ କର୍ପୂର ଆଳତି
ଘଣ୍ଟଘଣ୍ଟା ଧ୍ୱନିରେ ସେ ଆଜନ୍ମ କାଳିଶି
ତା ମଥାରୁ ବେଳେବେଳେ ତୁଳସୀ ଖସେ ତ
ଛାତରୁ ଖସିପଡ଼େ ରକ୍ତାଭ ପଦ୍ମ ପାଖୁଡ଼ା
ହାତରୁ ଖଡ଼ଗ ଖସେ
ଆଖିରେ ଘୋଟି ଆସେ ତନ୍ଦ୍ରା ।
ସେ ଆଶ୍ୱାସନା ଖୋଜେ
ଖୋଜେନି ବୈଭବ
ଜନ ଅରଣ୍ୟରେ ବୁଲି ବୁଲି ଗୀତ ଗାଏ ପରା
ମୁଁ ପ୍ରେମିକା ହୋଇଗଲି ହେ' ପ୍ରେମିକା



# ଏ କଥା ତୁ ଜାଣି ନେ

ମୀନକେତନ ପଶାୟତ

ତୋ ମୁଲାୟମ ଚେତନାକୁ
ଜାଳି ଦେଲା କି
ଧୂ ଧୂ ଖରାବେଳର ତାତି
ତୋ ନରମ ବିଶ୍ୱାସକୁ
ଡୁବାଇ ଦେଲା କି
ବର୍ଷାର ପ୍ରଳୟ ପିଠି
ତୁ କେମିତି ଜାଣିଲୁନି ରେ ମା
ତୋର ଦର ପାକଳ ଦିହରେ
ବହିଗଲା ଦଳକାଏ
କଳା କଉଶଳର ପବନ
ତୋ ମଥାକୁ ଓଦା କଲା
ଅପବାଦର ମେଞ୍ଚାଏ
କଳା ଘୁମର ମେଘ
ତୁ କେମିତି ଜାଣି ପାରିଲୁନିରେ ମା ।

ଏଠି କିଛି ସର୍ତ୍ତ ନାହିଁ
କି ନିୟମ ନାହିଁ ରେ ମା
ସାପର ଲହଲହ ଜିଭ
ବାଘର ସଶକ୍ତ ପଂଝା
ଏପରିକି ପିମ୍ପୁଡ଼ିଟିଏ ବି
ସମସ୍ତେ ତୟାର
ତୋ କଂଳ କଅଁଳ ମାଉସକୁ
ଦଂଶି ଦେବାକୁ
ତୋ ଅନୂର୍ବର ମାଟିରେ
ବୀଜଟିଏ ବୁଣିଦେବାର
ଅନ୍ଧ ପ୍ରୟାସରେ
ସମସ୍ତେ ମଗ୍ନ ରେ ମା
ସତେ ଯେମିତି
ତୁ ଦୁର୍ଦ୍ଧଷ କାମନାର ଦାସୀଟିଏ
ଆଉ ଏମାନେ
ସ୍ନାୟୁ ନିଆଁର ଉଦ୍ଧତ ସୌଦାଗର ।

କିଏ ଦେବ ତୋତେ ନ୍ୟାୟ ?
ତୋ ପାଇଁ ଏଠି
ମୁଠାଏ ମାଟି
କି ସୂତାଏ ଆକାଶ ବି ନିଅଣ୍ଟ
ତୁ ଫେରି ଯା ତୋରି ଗର୍ଭକୁ
ତିଆରି ନେ
ନିଜ ହାଡ଼ର ବଜ୍ରାସ୍ତ୍ର
ପଜେଇ ନେ
ନିଜ ରକ୍ତର ନିଆଁରେ
କେହି ପଚାରିବେ ନି ରେ ମା
ତୋ ଇତିହାସ
ତୋତେ ଲାଗିବନି ସମୟ ଚିହ୍ନିବାକୁ
କିଏ ବିଷ କିଏ ପୀୟୂଷ
ଶାଣଦିଆ ହତିଆର ହିଁ ହେବ
ତୋ ଠିକଣା ନିଜସ୍ୱ ।

ଏ କଥା ତୁ ଜାଣି ନେ ରେ ମା ।

କ୍ୱା. ନ.- ଏଫ୍. ଏଲ. - ୧୧
ବାସନ୍ତୀ ନଗର
ରାଉରକେଲା - ୧୨
ମୋ:-୯୯୩୭୮୭୭୫୨୯



# ଅସରାଏ ବର୍ଷିଗଲା ପରେ

ସତ୍ୟ ଦାସ

ଅସରାଏ ବର୍ଷିଗଲା ପରେ
ଥମ୍ କରି ଛାଡ଼ିଗଲା ମେଘଟା,
କାନ୍ଦୁରୀ ଝିଅର ଫୁଲିଲା ଆଖିରୁ
ଅତର୍କିତେ ରହିଗଲା ବହୁଥିବା ଲୁହର ଧାର,
କାହାର ନିର୍ଭର ପ୍ରତିଶ୍ରୁତିରେ ।
ଆଲୁରା କେଶଗୁଡ଼ିକ ବେଣୀ ପକେଇ
ଝିଅର ମୁହଁ ହସିଲା ହସିଲା ପରି ଫୁଟିଗଲା
ଥୁଣ୍ଟା ଉପରେ ବସି
ଦରଭିଜା କୁଆଟା
କଳନା କରିନେଲା ସତେ ଯେମିତି
ଦୁନିଆଁର ହାଲଚାଲ୍ ।।

ଧଳା ମେଘର ସୁନ୍‌ପାପଡ଼ି
ସେମିତି ଥୁଆ ହୋଇଛି,
ବିକାଳୀ ଘଣ୍ଟି ବଜାଉଛି ଯେ
ଫାଟି ପଡୁଛି ଗାଆଁ ଗଣ୍ଡା
ଫକିରା ଗୁଡ଼ିଆ ପକଡ଼ି ଦୋକାନ ଯାଏଁ,
ସ୍କୁଲ୍ ଘର,ପଞ୍ଚାୟତ ଅଫିସ୍,
ଗାଆଁ ପୋଷ୍ଟ ଅଫିସ୍
ବାରଣ୍ଡା ମାନଙ୍କରେ ମୁଣ୍ଡ ଗୁଞ୍ଜିଥିବା
ବୁଲା ଗାଈଗୋରୁ ପଲ
ଘାସ ପଡ଼ିଆରେ ହେଲେଣି ମାତାଲ୍,
ଯୁବକ ପଞ୍ଚେ ମାଡ଼ି ଆସିଲେଣି
ହାତେ ଧରି କ୍ରିକେଟ ବ୍ୟାଟ୍ ଆଉ ବଲ୍ ।।

ସ୍କୁଲ ଏଇ ଛୁଟି ହେଲା,
ରାସ୍ତାରେ ଘରମୁହାଁ ପିଲାଙ୍କର ରୋଳା,
ପିଠିରେ ବସ୍ତାନିର ଭାର,
ଅବଶ ପାଦର ଚାଲି;
ଅଳସ ଆଖିର ପତା
ଶୁଖିଲା ଶୁଖିଲା ମୁହଁ
ଧୂଳି-ଧୁସୁରିତ ଦେହ
ତଥାପି ଓଠରେ ହସ
ମୃଦୁ-ମନ୍ଦ -ରକ୍ତିମ ଗୋଧୂଳି ।।

ପରୀକ୍ଷାରେ ଭାବି ଭାବି ଲେଖିଲା ଭଳି
ଗଛର ପତ୍ରରୁ ଟୋପା ଟୋପା ପାଣି
ପଡୁଥାଏ ଧିରେ ରହି ରହି ,
ମେସ୍‌ରେ ବାଜିଲା ଘଣ୍ଟି
ବିସ୍କୁଟ ଆଉ ଚା' ର କୋଳାହଳ,
ଲୋକଲ୍ ଟ୍ରେନ୍ ଥମିଲେ
ପ୍ଲାଟ୍‌ଫର୍ମ ଯେମିତିକି ଲାଗଇ ପାଗଳ ।।

ଅନ୍ଧାର ମଥା ନୁଆଁଏ ପାହାଡ଼ ସେପାଖୁ
ଆଜ୍ଞାଧୀନ ଛାତ୍ର ପରି ଧିର ପାଦେ ଚାଲି,
ଦିନର ଦୁଷ୍ଟାମି ଯେତେ
ସବୁ ଆସେ କ୍ରମଶଃ ମଉଳି ।
ଦୁଷ୍ଟାମି ଭାବଇ ବସି
ରାତିର ଏ ଘନ ଅନ୍ଧାରରେ
କେମିତି ଚାଲିବ ତା'ର ଗୋପନୀୟ ଲୀଳା,
କେଉଁ ପାଉଁଶ ଗଦାରେ ଝଲସିବ ଅଗ୍ନିକଣା
ଅଶାନ୍ତ ଢ଼େଉରେ ବ୍ୟସ୍ତ
ଯେମିତିକି ମହାସମୁଦ୍ରର ବେଳା ।।

ମୈତ୍ରୀ ବିହାର, ପୁରୀ,





# ଥୁକୁଲ

ସ୍ମୃତି ରଞ୍ଜନ ତ୍ରିପାଠୀ

## ଅକବିତା

ଶବ୍ଦସବୁ ଏମିତି ବଦରାଗି
ମଝିରେ ମଝିରେ ଲୟ ହରେଇଲେ
ମୁଁ ଝୁଂଟେ ତା ମିଠା ତାଗିଦରେ
ଆହୁରି ନିବିଡ, ସଶକ୍ତ କରାଏ
ତା' ଖୁସି ପାଇଁ କେତେ ପ୍ରଯତ୍ନରେ ଗଢେ
ଭାବର କୁଟୁମ୍ବ, ସଜେଇହୁଏ କୁହୁକ ବୀଣା
ଛାଏଁ ଛାଏଁ ଖଞ୍ଜିହେଇଯାଏ ଅଳଙ୍କାର
ଯାହାକୁ ନେଇ ଲେଖାହେବ
ନିଃଶବ୍ଦ ରାତିରେ କାହା ଠିକଣା।
ଦିନଯାକର ସାଉଁଟା କୁଟାକାଠିକୁ
ସେ ବସା କରେ, ବିଭୋର ହୁଏ
ଜିଇଁଯାଏ କେଇ ମୁହୂର୍ତ୍ତ
ମୁଁ ସରି ସରି ଆସୁଥାଏ ଦୁଆତରୁ, ମୋହରୁ
ତା' ପାପୁଲିରୁ...
ଧେତ..ଥାଉ ସେତିକି। ଥୁକୁଲ ॥

## ଧୈର୍ଯ୍ୟ

ସବୁ ଏକଲାପଣ ର କ୍ଷତକୁ
ପ୍ରତି ରକ୍ତବିନ୍ଦୁରେ ଗୀତଟିଏ କରି
କ୍ଷଣକ୍ଷଣ ବଞ୍ଚୁଥିବା ଯୋଦ୍ଧାଟିଏ।
ଭାରି ଜିଦିଆ ସେ
ଯେତେ ଛଡେଇଲେ ବି ଛାଡେନି
ମୋ ଦେହରୁ ଅଭିନୟର ସଂଳାପ,
ସେଇ ଓଜନିଆ ଢଙ୍ଗ, ତା' ଅଭିମାନୀ ରଙ୍ଗ।
ମୁଁ ପୁଣି ଝାଉଁଳେ, ନୀରବ ରୁହେ
ମୂଳ ଚରିତ୍ର କୁ ଫେରିବାକୁ
ଆଉ କେତେ ଘଡି ଯେ ବାକି
ଧେତ..ଥାଉ ସେତିକି। ଥୁକୁଲ ॥

## ସମ୍ମାନ

ନିଜେ ଅଦୃଶ୍ୟରେ ସାରଥୀ ହୋଇ
ପରିଚିତଙ୍କ ମେଳରେ ଆତ୍ମଗୋପନ କରି
ହିତଶତ୍ରୁ ଙ୍କୁ ମାତ ଦେବା କଳା ବେଶ ଜାଣେ
କାହାକୁ ଆକାଶ କରି ନିଜେ ପାହାଡ଼ ହୁଏ
ମୁଁ ତା' ବଡପଣରେ ସମର୍ପି ଦିଏ ନିଜକୁ
ତା'ରି ସତ୍ତା ନେଇ ଝରଣାଟିଏ ହୋଇ ବହିଯାଏ
ଦୂରକୁ ଦୂରକୁ।
ସେ ଅଭିମାନ କରେ, ଅପେକ୍ଷା ରେ ଥାଏ
କେବେ ଅଭିନୟରୁ କାତି ଛଡେଇ
ପୁଣି ଫେରିବି ମୂଳ ଚରିତ୍ରକୁ,
ଦୁଆତରୁ ଝଡି ପଡିଥିବା ଜୀବନକୁ
ପୁଣି ଏକାଠି କରି ଫେରିଯିବି ତା' ବସାକୁ ॥

ଆଉ ପ୍ରେମ କଥା କହୁଛ
ଦେଖିଛ !
ମୁଁ ରକ୍ତ ହେଇ ଝାଳେଇଲାବେଳେ
ଧେତ..ଲାଜେଇଗଲି ମୁଁ
ସେ ଆଉ ମୁଁ କିଏ କି ?
ଥାଉ..ଥୁ.କୁ.ଲ ॥ ଥୁକୁଲ ॥

ଜଟଣୀ, ଖୋର୍ଦ୍ଧା
୯୪୩୮୩୧୫୩୮୧



## ସନେଟ୍ : ଶୃଙ୍ଗାର ସଜ

ମନୋଜ ପଟ୍ଟନାୟକ

ଫଗୁଣ ତ ମୋ' ଆଖିର ଅର୍ବୁଦେ ସ୍ୱପ୍ନର ମେଳା
ଫଗୁଣ ତ ମୋ' ଛାତିର ସମୁଦ୍ରେ କଳ୍ପନା ମାଳା ।
ଫଗୁଣ ତ ମୋ' ଆଶାର ଅନିନ୍ଦ୍ୟ ସରଗସୁଖ
ଫଗୁଣ ତ ମୋ' ଇଚ୍ଛାର ଅପୂର୍ବ ଉର୍ବଶୀ ଡାକ ॥

ଫଗୁଣ ତ ମୋ' ଦେହରେ ଛୁଆଁଏ ଉଲୁସା ଛୁଆଁ
ଫଗୁଣ ତ ମୋ' ମନରେ ଲେଖାଏ କୁଆଁରୀ ନାଆଁ ।
ଫଗୁଣ ତ ମୋ' ହାତରେ ଧରାଏ ପ୍ରେମର ଫୁଲ
ଫଗୁଣ ତ ମୋ' କଥାରେ ଖେଳାଏ କୁହୁକ ଜାଲ ॥

ଫଗୁଣ ତ ମୋ' ସକାଳେ ଲଗାଏ ରଙ୍ଗର ନାଟ
ଫଗୁଣ ତ ମୋ' ସଞ୍ଜରେ ବସାଏ ପ୍ରୀତିର ହାଟ ।
ଫଗୁଣ ତ ମୋ' ରାତିରେ ସଜାଏ ଶୃଙ୍ଗାର ସଜ
ଫଗୁଣ ତ ମୋ' ପାଖରେ ହରାଏ ମଦନ ଲାଜ ॥

ଫଗୁଣ ତ ମୋ' ପାଇଁକି ଅସୀମ ଲାବଣ୍ୟ ଶୋଭା
ଫଗୁଣ ତ ମୋ' ପାଇଁକି ସସୀମ ଦୁର୍ଲଭ ଆଭା ॥

'ଆଶ୍ରୟ'
ଡି-୯୯, ସେକ୍ଟର -୭
ମର୍କତ ନଗର, କଟକ -୧୪

## ସ୍ୱପ୍ନ

ରାଜେଶ କୁମାର ମୁଣ୍ଡ



ଆଜି ଖୁବ ମନ ଲାଗେ
ଗପିବାକୁ ନିଜ ସହ ନିଜେ
ମାପିବାକୁ ନିଜଠାରୁ ନିଜର ଦୂରତା ।
ହଁ, ଖୁବ ଇଚ୍ଛା ହୁଏ
ଶବ୍ଦଙ୍କଠୁ ଦୂରରେ ରହିବାକୁ ।
ତଥାପି ମୁହୂର୍ତ୍ତମାନଙ୍କ ଅବାଧ ପ୍ରବେଶ
ଚରିତ୍ରମାନଙ୍କ ବୃଥା ଉପଦେଶ
ବ୍ୟାକୁଳ କରେ ।
ମନ ଖୋଜେ
ଚାଲିଯା'ନ୍ତି ତା' ପାଖକୁ
ଯିଏ ଅହରହ ପ୍ରତୀକ୍ଷା କରେ
ରାତି ଅନ୍ଧାରରେ ।
କିନ୍ତୁ ଭୟ ଲାଗେ ରାତି ଆସିଲେ
ପୁଣି ଉଜାଗର ରହିବାକୁ ହେବ
ନଚେତ ସେଇ ସ୍ୱପ୍ନ ପୁଣି ଆବୋରି ବସିବ,
ଏମିତି ତ ଅନେକ ରାତି
ଗଲାଣି ଆଖିରେ ।
ସକାଳ ହେଲେ ବି
ଭୟ ଛାଡୁଛି କି ଆଉ ?
ରାତିର ସେଇ ସ୍ୱପ୍ନ ଯଦି
ସାକାର ହେଇଯିବ ?
ତାପରେ ?
କାହିଁକି ଯେ
ସମଗ୍ର ସତ୍ତା କବଳିତ, ଅଜଣା ଭୟରେ
କିଛି ପାପ କରିନି ତ ଅଜାଣତେ ?
କ'ଣ ସେ ସ୍ୱପ୍ନ ?
କାହିଁକି ମନେ ରହେନି ସକାଳ ହେଲେ ?
ତେବେ ବି ଭୟ କାହିଁକି,
ସେଇ ଅଜଣା ସ୍ୱପ୍ନ
ସତ୍ୟରେ ରୂପାନ୍ତରିତ ହେବା ପାଇଁ ?
ସେଇଥି ପାଇଁ ତ ପ୍ରବଳ ଇଚ୍ଛା
ଏକଲା ରହି ଗପିବାକୁ ନିଜ ସହ
ସମୀକ୍ଷା କରିବାକୁ
ନିଜର କରିଥିବା, ନ କରିଥିବା କର୍ମର ।।

ଧର୍ମଗଡ଼, କଳାହାଣ୍ଡି



# ପାର୍ବଣର ଋତୁ

ପୁଷ୍ପାଞ୍ଜଳି ପଣ୍ଡା

ପାର୍ବଣର ଋତୁରେ
ଆଶ୍ୱିନ ଆକାଶରେ
ଶରତ ରଙ୍ଗରେ ରଙ୍ଗେଇ ହେଇ
ମେଞ୍ଚା ମେଞ୍ଚା ଧଳା ବଉଦ
ଭାସିବୁଲିଲେଣି ।

ମାଟିର ରଙ୍ଗ ବଦଳିଯିବାର
ଶୁଭ ମୁହୂର୍ତ୍ତ ଆରମ୍ଭ ହେବ
ଘାଟ ରୁ ଘଟଯାଏ
ଘଟିବ ଜୀବନପ୍ରକିୟା ।
ସନ୍ଧିକ୍ଷଣ ରେ
ଅନ୍ଧାର ହଟି ଉଦ୍ଭାସିତ ହେବ
ଆଲୋକର ମେଳା
ଏକ ମହାର୍ଘ୍ୟ ବେଳା ॥

ଏ ଋତୁରେ ଚାରିଆଡ଼େ
ଛାଇଯାଏ କାଶତଣ୍ଡୀ ,
ପବନ ସହିତ ଖେଳୁଥାଏ
ଦୋହଲି ଦୋହଲି
ଶିଉଳୀ ଫୁଲ ବିଛେଇ ହୋଇ
ପଡ଼ିଥିବ ତାରାଫୁଲ ପରି
ସବୁଜ ସବୁଜ ଦିଶୁଥିବ
ସାରା କ୍ଷେତବାଡ଼ି ।
ସଫା ନିର୍ମଳ ଚଉଦିଗ
ମହକୁଥିବ ଝୁଣା ଧୂପର
ବାସ୍ନା ଭରା ସକାଳ ସଞ୍ଜରେ ॥

କାହିଁ କେଉଁକାଳୁ ଏ ଋତୁରେ
ଇଛା ମାନଙ୍କ ପଟୁଆର
ବିଶ୍ୱାସ ମୁହାଁ ହୋଇ
ଅପେକ୍ଷା କରନ୍ତି
ମିଶିଯିବା ପାଇଁ, ହଜିଯିବା ପାଇଁ
ଦଶଭୁଜା ଦେବୀର
ମାୟାରେ,ଦୟାରେ
ଆସ୍ଥାରେ, ଭରସାରେ
ଦିବ୍ୟ ଅନୁଭବ ରେ।
କୃପାର କର୍ପୁର ପ୍ରକାଶିତ ହୁଏ
ଏଇ ପାର୍ବଣରେ ॥

ଏ ଋତୁ ଦେବୀ ଋତୁ
ଦେବୀ ସେଇଠି
ଦୁର୍ଗତି ଯେଉଁଠି,
ଦଶ ଦଶା ହାରି, ଅସ୍ତ୍ରଶସ୍ତ୍ର ଧରି
ମାଟିରେ ପାଦଥାପି
ଦୁର୍ଗମ ଦୁର୍ଗତି କାଟି
ଶକ୍ତି ଦିଏ, ଜୀବନ ବଢାଏ
ଆଗକୁ ଆଗକୁ
ସମୟର ଅନନ୍ତ ସ୍ରୋତରେ
ଏଇ ପାର୍ବଣ ପ୍ରହରେ ॥

ଯୋଜନା ସଂଯୋଜନା ବିଭାଗ
ଓଡ଼ିଶା ସରକାର



# ମାଟି

ସୁରଞ୍ଜନ ପାତ୍ର

ମାଟି ପାଇଁ ରକ୍ତ ବିସର୍ଜନ କରିବା
କମ୍ କଥା କି ?
ଏଇ ମାଟି ଶୁଣାଇ ପାରେ
ଜିଇଁବାର ମନ୍ତ୍ର
ତୋଳିପାରେ ସଂପର୍କର ନୀଡ଼
ଛାତିପାତି ସହିପାରେ
ଦୁଃଖର ତାଣ୍ଡବ ।
ମାଟିକୁ ଛାଡ଼ି କିଏ ଏଠି
ଶୁଣାଇ ପାରିଛି ବର୍ଷାର ଗଜଲ
ପିନ୍ଧି ପାରିଛି ବିଜୟ ତିଳକ ?
ଆକାଶ ହେଉ କି ପାତାଳ
ନଦୀ ହେଉ କି ସାଗର
ମାଟି ନଥିଲେ ସବୁ ଶୂନ୍ୟ
ମରୁମୟ ସୁଖର ସ୍ଥାପତ୍ୟ ।
ମାଟି ବାହୁ ମେଲାଇଛି ବୋଲି ତ
ପବନ ଡେଣାରେ ଝୁଲୁଛି
ଐଶ୍ୱର୍ଯ୍ୟ ସକାଳ
ଖରାର ଖଞ୍ଜଣି ବଜାଉଛି
ସୈନ୍ୟାସି ନିଦାଘ
ଫୁଲର ଫସଲ ଛୁଇଁ
ଅଳସ ଭାଙ୍ଗୁଛି
ସ୍ୱପ୍ନର ଦୁନିଆଁ ।
ମାଟି ସହ ଯୁଦ୍ଧକରି
କିଏ ସେ ଜିତିଛି
ସମ୍ରାଟ ନା ସୈତାନ୍ ?
ମାଟି ପାଇଁ ଗୀତିମୟ ଏ ଜୀବନ
ଛନ୍ଦମୟ ପ୍ରତିଟି ମୁହୂର୍ତ୍ତ
ବୟସର ଉପବନେ ଏତେ ଶିହରଣ
ରତୁଲଗ୍ନା ସ୍ୱପ୍ନର ଆକାଶ ।
ସବୁ ଆରମ୍ଭର ଅନ୍ତିମ ଠିକଣା ଏ ମାଟି
ସବୁ ପୁଣ୍ୟର ମହମହ ଅର୍ଘ୍ୟ ଏ ମାଟି
ମାଟି ପାଇଁ ମାଟି ହେବା
ଶତଜନ୍ମ ତପସ୍ୟାର ଭେଟି ।

ସଂପାଦକ-ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ,ଶିଙ୍ଗାଖୁଣ୍ଟା,ସୋର ବାଲେଶ୍ୱର

# କୁଆଡେ ଗଲା ହଜି

ଗୋଦାବରୀଶ ଦାସ



ପୁରାଣ ପୋଥି ମାଣ ନଉତି
କୁଆଡେ ଗଲା ହଜି
ଓଳିଆ ବନ୍ଧା ହାଣ୍ଡିରେ ରନ୍ଧା
ଭୁଲିଗଲେଣି ଆଜି ।
ଢିଙ୍କିରେ କୁଟା ଶିଳରେ ବଟା
ଝୋଟ ତିଆରି ଅଖା
କଂସା ଗିଲାସ ସର୍ବତ ରସ
ଆଉ ଯାଉନି ଦେଖା ।
ହେଁସ ମଶିଣା ଚିଲ ଶାଗୁଣା
ଆଉତ ଦିଶୁନାହିଁ
ଗଲାଣି ଉଠି ଲେଖିବା ଚିଠି
ମୋବାଇଲକୁ ଚାହିଁ ।
ପୋଖରୀ କୂଳ କୁହଁର ମୂଳ
ଝିଅ ବୋହୂଙ୍କ ମେଳ
ସଞ୍ଜ ସକାଳ ନାହିଁ ଗହଳ
ପଇଁଚପାଲି ଖେଳ ।
ଓଢଣା ଟଣା ନାକର ଗୁଣା
ହେଲାଣି ଇତିହାସ
ଚିରା ପୋଷାକ ବଡ ସଉକ
ବଦଳି ଗଲା ବେଶ ।
ଘର ଚଟିଆ ଚିଲ ମାଟିଆ
କୁଆଡେ ଗଲେ ଚାଲି
ବାଇଆ ବସା ବଉଳ ବସା
ଗଲେଣି ଲୋକେ ଭୁଲି ।
ମୁଗୁରା ବଜା ହୁଅଇ ସଜା
ବିଲରେ ପାଣି ହେଲେ
ପକାଇ ସାର ଜମିକୁ ମାର
ମାଛ କୁଆଡେ ଗଲେ ।
ଶୁଭୁନି ଆଉ ପୁରାଣ ପଢା
ବାଜୁଛି ଖାଲି ଡିଜେ
ବିବାହ ପରେ ସ୍ୱିରୀ କଥାରେ
ଶଶୁର ଘର ଖୋଜେ ।
ମାଛ ଚିଡେଇ ଡଙ୍କା ଷଢେଇ
ପିଉଳ ଗଢା ଡିବି
ଗଲାଣି ହଜି ଦିଶୁନି ଆଜି
ରହିଛି ଖାଲି ଛବି ।

ଶଙ୍ଖମୂଳ, ରଣପୁର, ନୟାଗଡ଼



# ଜହ୍ନ କଥା

**ଯଶୋବନ୍ତ ସେଠୀ**

କହିଦିଅ କହିଦିଅ
ଥରେ ଖାଲି ବାଟ କହିଦିଅ
ମୋ'ର ଏ ଅଣନିଃଶ୍ୱାସୀପଣ କଟିଯା'ନ୍ତା
ଜାଣିଗଲେ କେମିତି ଫିଟାଇହୁଏ
ତମଠାରେ କେବେଠାରୁ ଛନ୍ଦିହୋଇଥିବା
ମୋ'ସ୍ମୃତି-ଅଡୁଆ ସୂତାର ଖିଅ ।

ଧାଉଁଥିବି ଜହ୍ନ ସାଜି ତମ ସ୍ୱଚ୍ଛପାଣିରେ ପାଣିରେ
ଯେତେଦୂର ତମେ ବହୁଥିବ ନଦୀ ହୋଇ
ତମେ ଯାଇ ସାଗରରେ ମିଶିଯିବ ସିନା
ଜାଣିଛି ମୁଁ ମୋର ଆଉ ତମ ସଙ୍ଗେ ଭେଟହେବ ନାହିଁ ।

ସାଗରରେ ମିଶିଲେ ବି
ତମକୁ ମୁଁ ଉଦବେଳିତ କରୁଥିବି
ପ୍ରତିଟି ପୂନେଇଁର ନିଝୁମ୍ ରାତିରେ
କହିବ ଯଦି ମୁଁ ଲୁଚିଯିବି ବାଦଲର ଆଢୁଆଳେ
ଶୋଇ ଶୋଇ ସ୍ୱପ୍ନ ଦେଖୁଥବ ଯେବେ
ସୁଖ ସୁପାତିରେ ।

ସିନ୍ଦୁରା ଫାଟିବା ଆଗୁଁ ଫେରିଯିବି
ପରଦିନ ଆସିବି ସଞ୍ଜକୁ
ହାତରୁ ମୋ' ଭାଗ୍ୟରେଖା କାଢ଼ିଦେଇ
ଲକ୍ଷ ଲକ୍ଷ ଦୁର୍ଭାଗ୍ୟର ରାତିକୁ ଆବୋରି
ତମପାଇଁ ବାଧ ହସ ହସୁଥିବି
ଆଡ କରିଦେଇ ସବୁ ତାରକାପୁଞ୍ଜଙ୍କୁ ।

**୩ଆର/୨ , ମ୍ୟୁଜିୟମ ଅଞ୍ଚଳ, ଭୁବନେଶ୍ୱର**



# ଜାଣିଥା ମା'

**ରାଜଶ୍ରୀ ମହାପାତ୍ର**

ଏ ତ ତୋଫାନର ରଙ୍ଗ... ସରଗର ଜଳ
ତୋ ହାତର ଏ କାଗଜ ଡଙ୍ଗା କେତେ ନିରାପଦ
ତତେ ଶୁଭୁଥିବ କୁହୁକ ଡାକ ବରଷାରାଣୀର !
କ୍ଷଣେ ରହି ଯା ମା', ଅନ୍ଧ କରିଦେବ
ବିଜୁଳିର ନିମିଷକ ଆଲୁଅ ।

ତତେ ଖୋଜିବ ପୋଖରୀ, ପାଣିର ଧାର
ଖୋଜିବ ନଈ, ଖୋଜିବ ମୁହାଣ
ଖୋଜିବ ମହାସାଗରର ଅନ୍ଧାରିଆ ଗର୍ଭ
ସିଏ ସଞ୍ଚିଛି କାଳ ଅକାଳ ପାଇଁ
ତୋପେ ଅମୃତ ମିଶା ବର୍ଷଣ ବଉଦର ଲୁହ ।

ବାହିପାରିବୁ ତ ନାଆ, ସଳଖି ପାରିବୁ ମଙ୍ଗ !
କାତକୁ ପାଇବ ତ ବଳ ତୋ ହାତର ?
ଆସିବ ଝଡର ରାତି, ତୋଫାନ୍‌ର ଦିନ
ତୋ ପାଇଁ କିନ୍ତୁ ନିରବ ଥିବ ଦୀପ ଆଡିଆ ପାହାଡ
କିଏ ଦେଖେଇବ ତତେ ବିଶ୍ୱାସର କୂଳ ?

ଏ ତାରାଭରା ସୁନ୍ଦର ଆକାଶଟା ତୋ'ର
ଚାନ୍ଦ ନ ଥିବା ପ୍ରଳୟର ଅନ୍ଧକାର ବି ତୋ'ର
ଜାଣିଥା ମା', ଏ ସଂସାର ତ ଏକ ଦିଗହଜା ସମୁଦ୍ର
ଏଠି ଭାସିପାରେନି ସ୍ୱଚ୍ଛନ୍ଦରେ ନିରୀହ ଜୀବନ
ଲହୁମିଶା,ସ୍ୱେଦର ଲୁଣିଆ ପାଣିରେ ବି ବୁଡିପାରେନି ମୃତଦେହ...

**କୁଞ୍ଜକାନ୍ତ**
**ଢେଙ୍କାନାଳ**



# ଭିନ୍ନ ପ୍ରଜାତି

ଶୁଶାନ୍ତ ଶତପଥି

ବିମଳାକୁ ବିମଳେ ଓ ପ୍ରେମାନନ୍ଦକୁ ପ୍ରେମା ଡାକୁଥିଲେ ମନମାଷ୍ଟ୍ରେ
ଚିଡ଼େଇ, ବଙ୍କେଇ ଅବା ଲେସକେଇ ଡାକୁଥିଲେ
କାହାକୁ କେମିତି କଣ କହି ଡାକୁଥିଲେ
ସବୁ କ'ଣ ମନେରହେ
ପ୍ରେମାନନ୍ଦଟା କିନ୍ତୁ ପ୍ରେମା ହେଇସାରିଥିଲା ।

କାହିଁକି ଡାକୁଥିଲେ ଏମତି ?
ନାମଧାରୀଏ ଜାଣନ୍ତି ଅବା ମାଷ୍ଟ୍ରେ କହିପାରିବେ

ବିମଳା ସହ ମିଶି ସଭିଏଁ ହସୁଥିଲୁ
ବିମଳେ'ରେ ସମ୍ବୋଧିତ ବିମଳା
କୁମ୍ଭୀରକୁ ମାଙ୍କଡ ହସିଲାପରି
ଗଛ ଦେଖିନୁ କି କୋଟର ହୋ' ଆମେ
କଲିଜା ଅଣ୍ଡାଳି ନାହୁଁ । ତେଣିକି ଯାହାହେଉ

ପ୍ରେମା ନିର୍ବୁଦ୍ଧିଆ ପ୍ରଜାତିର ଦୁମ୍‌କୁ ପିଲାଟା
ମାଫିଦାର ହେଇ ପଛ ବେଞ୍ଚରେ ବସେ
ନାଁ ହସେ ନାଁ କାନ୍ଦେ
ଆମେ ହସିଲେ ବି ସିଏ ସେଇୟା ।
ଏକାନ୍ତ ନିର୍ବିକାର

କନିଅର ବାଡ଼ି ଭାଙ୍ଗିବାକୁ ଯାଏ ସ୍କୁଲ ପଛପଟକୁ
ପାଠ ନ କଲେ ମାଷ୍ଟେ ସେହି ବାଡ଼ିରେ ପାହାର ବସାନ୍ତି
ଖାତା ସୁଧା ପରେ 'ଯେ ଯାହା ବସ୍ତ ଚିହ୍ନିନିଅ'
ପାଇରିଆ ଦାନ୍ତ ନେଫେଡ଼ି ପ୍ରେମା ହସେ କାହା ପିଠିରେ ପାହାର ବସିଲେ

ବାଡ଼ି ଭାଙ୍ଗିଲାବେଳେ ବି ପ୍ରେମା ହସୁଥିବା କେତେଥର କହିଲାଣି
ଚଇତୁ ସାହୁ ଇସ୍କୁଲ ପିଅନ
ବେଳେ ବେଳେ ରୁଠା ବାଡ଼ିଟିଏ ଭାଙ୍ଗି ତଳେ କଚାଡ଼ି ପରା ସେ ହସୁଥାଏ
ମାଷ୍ଟ୍ରେ ହସରେ ଉଡେଇ ଦେବା ପ୍ରେମା ପ୍ରେମ କି କ'ଣ ? ସନ୍ଦେହ ।
ପ୍ରେମା କିନ୍ତୁ ମୂଳରୁ ଶ୍ରେଣୀ ମାଫିଦାର ଘୋଷିତ ।
ମନମାଷ୍ଟେ ଚାଟଚିହ୍ନାକୁ ଭଲ ଜୋହରି'ଟା

ମନମାଷ୍ଟ୍ରଙ୍କ ବିଦ୍ୟା ମନ୍ଦିରରେ ପ୍ରେମା ବୃଷଭ
ଭାରୀ ତା ସହ ଖିଆଲ ଖେଚଡ୍ ଟିଁ ଟାଁ ଲାଗିଥାଏ
ସଭିଙ୍କ ଘରେ ତାଗିଦା ଥାଏ ଇସ୍କୁଲ୍ ପଛପଟକୁ ନଯିବାକୁ
ଭୁତ ଡରେଇ ନାହିଁ ଏ ଯାଏଁ ପ୍ରେମାକୁ ଯାହା
ଆହା ରେ ପ୍ରେମା ସାଥି ମେଳରେ ସାହସୀଟା

ହେଡମାଷ୍ଟ୍ରେ ପ୍ରେମାମାନଙ୍କୁ ବହୁତ ପଢାନ୍ତି
ପ୍ରେମା ଏକ ପ୍ରଜାତି । ପାଠ ହୁଏ ନାହିଁ ।
ମନମାଷ୍ଟ୍ରଙ୍କ ଭାରୀ ଚିନ୍ତା ଏମାନଙ୍କୁ ନେଇ
କଲିଜା କଥା ପଚାରେ ଏବେ ଏବେ ଓ କୁମ୍ଭୀରକୁ ଆହା ! କରେ ପ୍ରେମାନନ୍ଦ
କୁମ୍ଭୀର ଠକିଯିବା ତାକୁ ଦୁଃଖ ଦିଏ ଓ ପ୍ରେମା ହେଡମାଷ୍ଟରଙ୍କୁ ।

ସମ୍ବଲପୁର



# ପଶୁତ୍ୱକୁ ଦିଅ ବଳି

ନନ୍ଦିକେଶ୍ୱରୀ ନାଥ

ଶଙ୍ଖ ଘଣ୍ଟ ଘଣ୍ଟି ମନ୍ତ୍ର ନିନାଦରେ ଶୁଭୁଥିଲା କୋଳାହଳ
ଝୁଣା ଗୋଳ୍ପୁଲର ଧୂମ୍ର ପଟଳରେ ପୂରିଥିଲା ପୂଜା ସ୍ଥଳ ।

ସଭିଙ୍କ ମୁଖରେ ଆକୁଳ ପ୍ରାର୍ଥନା ଆପଣାର ସୁଖ ପାଇଁ
ଦେବୀ ଦଶଭୂଜା ସୁଦୟା କରିଲେ ଦୁଃଖରୁ ମିଳିବ ତ୍ରାହି ।

ଫଳମୂଳ ସାଥେ ସୁସ୍ୱାଦୁ ବ୍ୟଞ୍ଜନେ ପୂରିଛି ଭୋଗ ମଣ୍ଡପ
କାଣିଚାଏ ପାଇ ମାଆଙ୍କ ପ୍ରସାଦ କଟିଯିବ ପାପ ତାପ ।

କାତର କଣ୍ଠରେ ମେଁ ମେଁ ଡାକ ଶୁଭିଲା ମଣ୍ଡପ ତଳେ
ମଥାରେ ସିନ୍ଦୁର ଗଳେ ଫୁଲମାଳ ଛେଳି ଚାହାଁନ୍ତି ବିକଳେ ।

ନିଜ ସୁଖ ଆଶେ ଆନ ପ୍ରାଣ ନେଇ କି ଆନନ୍ଦ ଲଭେ ନର
ନିରୀହ ଜୀବର ରକତ ଉଜାଡି କରେ ପୂଜା ଉପଚାର ।

ଆପଣା ସନ୍ତାନ ରକ୍ତ ପିଇବାକୁ ଚାହେଁ ନାହିଁ କେବେ ମାଆ
ପଶୁ ପ୍ରବୃତ୍ତିକୁ ସ୍ୱାହା କରିଦେଲେ ମାଆ ହେବେ ସଦା ସାହା ।

ବିଜ୍ଞାନ ଯୁଗରେ ଅଜ୍ଞାନୀ ସମାନ ଦିଅ ନାହିଁ ପଶୁବଳି
ଜନମ ଜନମ ଭୋଗିବ କଷଣ ନୋହିବଟି ତାହା କଳି ।

ସକଳ ଜୀବର କଲ୍ୟାଣ ମନାସି ମାତା ପାଶେ କର ଭିକ୍ଷା
କଲ୍ୟାଣମୟୀ ଜଗତ ଜନନୀ ସଙ୍କଟୁ କରିବେ ରକ୍ଷା ।

ଚନ୍ଦନ ବଜାର, ଢେଙ୍କାନାଳ



# ଅତୀତ

ପ୍ରିୟନାଥ ପାଣି

ଜୀବନକୁ ପଛ କରି ଦେଖିଲେ
ଦେଖାଯାଏ ବହିଯାଉଥିବା ଅତୀତର ନଈ
ସେ ନଈରେ ଭାସିଯାଉଥିବା କଅଁଳ ସ୍ମୃତିର ଫୁଲ
ବେଶ୍ କଥାକୁହା ଆପଣାର ଲାଗନ୍ତି
ଲୁହର ତର୍ପଣକୁ ଅପେକ୍ଷା କରନ୍ତି
ନାଲି ନେଳି ସ୍ୱପ୍ନିଳ ଆଖିରେ ।

ଅତୀତ ତ ଅନୁତପ୍ତ ବୟସର ସାକ୍ଷୀ
ଜୀବନ୍ୟାସ ଦିଏ ଘଟଣ ଅଘଟଣ ଅତୃପ୍ତ ଆଶାକୁ
ଭାବନା ବି ଏଣେତେଣେ ବିଛେଇ ହେଇଯାଏ
ତା' ନିଜସ୍ୱ ଢ଼ଙ୍ଗରେ
ମୋହ କିଛି ତୋଳିନେଲେ ବଞ୍ଚିଯାଇ ହେବ
ନିଜ ଇଚ୍ଛା ମୁତାବକ ରାଜପୁତ୍ର ପରି ।

ଅତୀତକୁ ପଚାର ତ ଦେଖି ପୋଛିଦେଇ ପାରିବକି
ଟୋପା ଟୋପା ଦୁଇ ଆଖି ଲୁହ
ସାନ୍ତ୍ୱନାର ତାବିଜଟେ ବାନ୍ଧିଦେବ
ଯାହା ପିଠି ଆଉଁସି ଦି ପଦ କହିଦେବ
ଆଗକୁ ଲମ୍ବା ରାସ୍ତା ପାଦ ବଢ଼ା
କେମିତି ତିଳକ ପିନ୍ଧି ବସିଛି
ଜଟାଜୁଟ ନିର୍ଲିପ୍ତ ଭବିଷ୍ୟ ।

ଅତୀତଟା ନିର୍ଦ୍ଦୟ ଭାରି
କାହା ଅବସୋସରେ ତରକି ଯାଏନି
କାମନାକୁ ଜାଳିଦିଏ ଯୌବନରେ ବୃଦ୍ଧ ପରି କଦଳିଆ
କାଳର ଇଙ୍ଗିତରେ ଲଭିବାକୁ ସତ୍ୟଖିଏ ।

ବୈଶିଙ୍ଗା,ମୟୂରଭଞ୍ଜ



# ମଣିଷ ଗଛ

କବି ଦୀନବନ୍ଧୁ

ଏମିତି ଦିନେ ଶୋଇ କରି
ସ୍ୱପ୍ନ ଦେଖୁଥିଲା ଜଣେ ମଣିଷ
ସବୁ ମଣିଷ ମାନେ .........
ସ୍ଥିର ହୋଇ ରହି ଯାଇଛନ୍ତି
ସମସ୍ତେ ହୋଇ ଯାଇଛନ୍ତି ଗଛ ।

ଗଛ ସବୁ ହୋଇ ଯାଇଛନ୍ତି ମଣିଷ
ସ୍ଥିର ହୋଇ ରହି ଯାଇଛନ୍ତି
ଏଠି ସେଠି ଯିଏ ଯେଉଁଠି ଅଛନ୍ତି
ଚାରିଆଡେ ମାଳ ମାଳ ମଣିଷ
ମଣିଷ ଗଛ ଦିଶି ଯାଉଛନ୍ତି
ତାଙ୍କର ହୋଇ ଯାଇଛି ପତ୍ର ଯୁକ୍ତ
ଡାଳ ବଦଳରେ ହାତ ।

ମଣିଷ ମୁଣ୍ଡ ବାଳ ହୋଇ ଯାଇଛି
ଗଛର ଶିର୍ଷର ଥିବା ପତ୍ର ଅଗ୍ର
ପାଦ ଠାରୁ ଆଣ୍ଠୁ ଯାଏ
ମାଟିରେ ପୋତି ହୋଇ ଯାଇଛି
ପାଦର ଆଙ୍ଗୁଳି ମାଟିରୁ ଚେର ହୋଇ
ଜଳ ଓ ଖଣିଜ ଲବଣ ଶୋଷୁଛି......
ଉଇ ପ୍ରଜାପତି ହେଉଛନ୍ତି ଲସର ପସର
ଏଥିରୁ ମଣିଷ ଗଛର ବେଦନା ବୁଝୁଛି ।

ଗଛମାନେ ଚାଲୁଛନ୍ତି ଯେଝା ଯେଝା କାମେ
ନାରୀ ଗଛମାନେ ଗପୁଛନ୍ତି
ପୋଖରୀ ତୁଠ, ନଈ ଘାଟ, କୂଅ ମୂଳରେ
ସମ୍ଭ୍ରାନ୍ତ କ୍ଲବର ଆଲୋଚନା କକ୍ଷରେ
ପୁଣି ଶିଶୁ ଗଛମାନେ ଖେଳୁଛନ୍ତି ପଢୁଛନ୍ତି
କିଛି ପିଲାଗଛ ଝଗଡ଼ା ବି ଲାଗୁଛନ୍ତି
କିନ୍ତୁ ଖାଦ୍ୟ ପାଇଁ ଅଚିନ୍ତାରେ ଅଛନ୍ତି
ଖାଦ୍ୟ ନିଜ ଭିତରେ ପ୍ରସ୍ତୁତ କରୁ ଅଛନ୍ତି
କିନ୍ତୁ ସେ ସୁବିଧା ମଣିଷକୁ ମିଳିନି
ସେଥିପାଇଁ ମଣିଷ ହୋଇ ଥିବା ଗଛ
ଅତ୍ୟନ୍ତ ବିଷର୍ଣ୍ଣ ଭିତରେ ଆଦରିଛନ୍ତି
କପାଳରେ ଲେଖା ଥିବା ଭାଗ୍ୟ ।

ଶିତ କାକର ଓ ନିଶିର ଅନ୍ଧାର ଭିତରେ
ମଣିଷ ଗଛକୁ ଚିଗୁଲେଇ କହୁଛନ୍ତି ଜାଣ
ଗଛ କିପରି ନିଜେ ଜଳି ସଂସାରକୁ
ବାଣ୍ଟୁଥିଲା ଖୁସିର ଫଗୁଣ ..........
ଝର ଝର ବରଷା ଶ୍ରାବଣ,
ବସନ୍ତ ର ହସନ୍ତା ବଗିଚା
କାର୍ତ୍ତିକର ଜଳନ୍ତା ମୁକୁତା,
ମେଘ ଫୁଲା ଆକାଶର
ଇନ୍ଦ୍ରଦେବଙ୍କ ଫୁଲସର
ଏମିତି କେତେ କଥା କହୁଥିଲା ଗଛ ।

ହଠାତ ସ୍ୱପ୍ନରୁ ଫେରି ପ୍ରକୃତିସ୍ଥ ହେଲା
ସ୍ୱପ୍ନ ଦେଖୁ ଥିବା ସେହି ଲୋକ
ହାତ ଗୋଡକୁ ଚାହିଁ ଆଶ୍ୱସ୍ତି ହେଲା
ମନେ ମନେ କହୁଥିଲା ଧନ୍ୟବାଦ
ହେ ବୃକ୍ଷ ଦେବତା କେତେ ତୁମ ତ୍ୟାଗ
ଏବେ ତ ବୁଝୁ ପ୍ରକୃତିକୁ ଏ ମୁଢ଼ ମଣିଷ ।

ମାଲକାନଗିରି, ଓଡ଼ିଶା



# ଅଗ୍ନିରୂପା

ସ୍ନିଗ୍ଧା ନାୟକ

ଶରତ ଋତୁରେ ମତରରେ ଖେଳେ
ସତେକି ଚଇତି ବାଆ
ନାଲି ଶାଢ଼ୀ ପିନ୍ଧି ଅଳତା ଲଗାଇ
ଧରାବତରଣ ମୋ ମା
ମାନ ସରୋବରୁ ଆଣିବି ମୁଁ ତୋଳି
ଗଦା ଗଦା ରକ୍ତ କଇଁ
କାଶତଣ୍ଡି ଫୁଲ ଛାଉଣୀ କରିଣ
ମଣ୍ଡପ ଦେବି ସଜେଇ।
ମହିଷା ମର୍ଦ୍ଦିନୀ ସଙ୍କଟ ତାରିଣୀ
ମାଆ ମୋର ଦଶ ଭୁଜା
ଆମ୍ବା ଆମ୍ବିକା ଭୁବନ ମୋହିନୀ
କେଡେ ସୁନ୍ଦର୍ ତୋ ଧ୍ୱଜା।
ଅଗ୍ନିରୁ ଜନମ ତୁ ଅଗ୍ନିରୂପା
ପୁଣି ଅଟୁ ବିଶ୍ୱରୂପା
ଅରୂପା ସ୍ୱରୂପା ଶଙ୍କର ଘରଣୀ
ସଦା ଥାଉ ତୋର କୃପା।
ଅଣିଣ ଆକାଶେ ମା ମୁହଁ ଦିଶେ
ଧରା ଧାମେ ପଡେ ହୁରି
ସିଙ୍ଘବାଜା ସହ ବାଜେ ଢୋଲ ବାଜା
ପୁଣି ମଙ୍ଗଳ ମହୁରୀ।
ତ୍ରିଶୂଳ ଧାରିଣୀ ବ୍ୟାଘ୍ର ବାହିନୀ
ମାଆ ତୁଲୋ କ୍ୟାତ୍ୟାୟିନୀ
ସଙ୍କଟ ତାରିଣୀ ବିପଦ ହାରିଣୀ
ତୁ କରୁଣା ପ୍ରଦାୟିନୀ।
ପାର୍ବଣ ବଜାର ଉତ୍ସବମୁଖର
ମନେ ଜାଗେ ଶିହରଣ
ମଣ୍ଡପେ ମଣ୍ଡପେ ହସେ ନାନାରଙ୍ଗ
ଆଲୋକ ଆଉ ତୋରଣ।
ମହକେ ଏ ମନ ମହକେ ଜୀବନ
ମହକିତ ପୂଜା ପୀଠ
କର୍ପୁର ଚନ୍ଦନ ଧୂପ ଝୁଣା ବାସ୍ନା
ମନକୁ କରେ ଆକୃଷ୍ଟ।

ଅଧ୍ୟାପିକା ଓଡ଼ିଆ ବିଭାଗ କେନ୍ଦ୍ରାପଡ଼ା ।



# ଅବୁଝା ପ୍ରଶ୍ନ

ତଫିଜୁଲ ହୋସେନ

ବାରମ୍ବାର ମୁଁ ଅନୁସନ୍ଧାନ କରିଛି
ନିଜେ ନିଜକୁ ଭିଡ଼ ମଧ୍ୟରେ
ଅନେକ ପୁରୁଣା ପୃଷ୍ଠା ଓଲଟାଇ
କେବଳ ମୁଁ ନିଜେ ନିଜକୁ ପାଇଛି
ହଜିଛି ଅନେକ ସ୍ମୃତି ଜହ୍ନ ଆଲୁଅରେ
ହଜିଛି ଅନେକ ସୂର୍ଯ୍ୟର ରୌଦ୍ରତାପରେ
କାଳି ଓ କଲମ ଓ ଫର୍ଦ୍ଦେ କାଗଜ ହିଁ
ସଦା ରହିଅଛି ସହଚର ମୋର
ମୁଁ ଲେଖେ ନିଜେ ନିଜକୁ
ମୁଁ ପଢେ ବାରମ୍ବାର ନିଜକୁ
ମୁଁ ଶୁଣେ ପ୍ରତିଥର ନିଜକୁ
ମୁଁ ଅନୁଭବ କରେ ନିଜକୁ
କେବଳ ଏତିକି ମୁଁ ବୁଝି ପାରିନି
ସତରେ କ'ଣ ମୁଁ ବୁଝି ପାରିଛି ନିଜକୁ
ଏଇ ଭାବନାକୁ ନେଇ ମୁଁ
ହଜି ଚାଲିଛି ବାରମ୍ବାର
କଥା ରହିଲା ଯେଉଁ ଦିନ ମୁଁ
ନିଜେ ନିଜକୁ ବୁଝି ପାରିବି
ଆପଣଙ୍କ ପ୍ରଶ୍ନର ଉତ୍ତର ନିଶ୍ଚୟ ଦେବି
ମୁଁ ଅଥର୍ବ ନାଁ ମୁଁ ଅହଙ୍କାର ।।

ଚିପିଲିମା, ସମ୍ବଲପୁର



# ଖର୍ବ ପାହାଡ

ଅନ୍ନପୂର୍ଣ୍ଣା ପୃଷ୍ଟି

କୁହନାହିଁ ମୋତେ ଉଚ୍ଚତାର କଥା
ଲୋଡା ନାହିଁ ତୁଙ୍ଗ ତୁଷାର ଶୃଙ୍ଗ,
ତୁମ ଅସୁସ୍ଥ ପୃଥିବୀର
ବର୍ଦ୍ଧିଷ୍ଣୁ ଉତ୍ତାପ
ତରଳୁଛି ସେ
ମୁଁ ସ୍ଥିର ମୋ ଖର୍ବତାରେ
ଅକ୍ଷୁର୍ଣ୍ଣ ମୋ ଶିଳାମୟ ଅଙ୍ଗ।
ମୁଣ୍ଡ ଟେକି ଦେଖିପାରେ ଆକାଶ ମୁଁ
ମୁଁ ଜନ୍ମ ଦେଇପାରେ ସୂର୍ଯ୍ୟ
ମୋ ପିଠିରେ ବି ଖଞ୍ଜିହୁଏ ଜହ୍ନ,
ପଚାରନା କାହିଁକି ଖୋଜେନି ଦ୍ରୁମ
ତୁମ ଅନ୍ଧାରୁଆ ଜଙ୍ଗଲ
ତୁମକୁ ମୁବାରକ୍
ମୋ ପଥର ସନ୍ଧିରେ ମୁଣ୍ଡ ଟେକେ
ବୁଦାବୁଦା ପ୍ରାଣ
ପବନ ଛୁଏଁ,
ଫୁଲ ଫୁଟାଏ
ମୋର ଏଠି ଯଥେଷ୍ଟ ଅମ୍ଳଜାନ।
ହଁ , ପଥର ଆଉ ପଥର
ମୋ ଦେହ ବି, ହୃଦୟ ବି
ମୋ ଦେହରେ ଦାଗଟେ ପଡେନି
କେତେ ଫିଙ୍ଗିବ ନିର୍ବଳ ପଥର!
ମୁଁ ନୁହେଁ ଲଦା ମାଟି ସ୍ତୁପ-
କେତେ ଗର୍ଜିବ ଗର୍ଜୁ ବାଦଲ
କେତେ ବର୍ଷିବ ବର୍ଷୁ ମେଘ
ମୋର ନାହିଁ ଅତଡ଼ା ଅତଡ଼ା
ଖସିପଡ଼ିବାର ଭୟ
ମୋର ପଥର ହୃଦୟ...
ନାହିଁ ମୋର ଦ୍ରୁମ ମାନଙ୍କୁ
ଧରି ରଖିବାର ମୋହ,
ନାହିଁ ମୋର ସ୍ଖଳନର ଭୟ
ମୋ ଛାତିରେ ପଥରର ଦମ୍ଭ
ମୁଁ ଖର୍ବ
ସେଇ ମୋର ସ୍ପର୍ଦ୍ଧା
ମୋ ଅହଙ୍କାର
ମୋ ପଥର ହୃଦୟ ।

ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର



# ତାଜମହଲ

ଡ଼ ଦୀପକ କୁମାର ମିଶ୍ର

ଅନେକ ଯୁଗରୁ ଶୋଇ ନାହିଁ
ଆଖିପତା ବନ୍ଦକରି ପଡ଼ିରହିଛି ସେମିତି
ଦିବାସ୍ୱପ୍ନରେ ବିଭୋରିତ ହେବାକୁ
ଚେଷ୍ଟା ମଧ୍ୟ କରିନି
କି ଉଲ୍ଲସିତ ହୋଇନି
ସପ୍ତାଶ୍ଚର୍ଯ୍ୟର ଅଭିମାନରେ
ମୃତ୍ୟୁପରେ ମନନଈ ମରିଯାଏ ବୋଲି
ବହୁପରେ ମୁଁ ବୁଝିଲି ।

ଅର୍ବୁଦ ଅର୍ବୁଦ ପଦଚିହ୍ନରେ
ଚିତ୍ରିତ ହେଲି ସିନା
ଅପବାଦ ମୁକ୍ତ ହୋଇପାରିଲିନି,
ବିରହର ବୈଧବ ଯନ୍ତ୍ରଣାରେ ଛଟପଟ
ହେଉଥିବା ସ୍ମୃତି ସ୍ତମ୍ଭଟିଏ ବୋଲି
ସଭିଏଁ କହୁଥିବା ବେଳେ
ନିଶ୍ଚିତ ଘୃଣାର ସ୍ମାରକୀଟିଏ ବୋଲି
ମତେ ଖୋଦ୍ ପ୍ରେମ ହିଁ କହିଛି ।

ସତରେ, ପ୍ରେମ କେମିତି ଛିଡା ହେବ
ଗୋଡ଼ ଭାଙ୍ଗି ବର୍ଷ ବର୍ଷ ଧରି
ଇତିହାସର ପୃଷ୍ଠା ପରେ ପୃଷ୍ଠା ଚିରି
ବର୍ଷା କାକର ଖରା ସହି,
ତୁମେ ତୁମର ପ୍ରେମର ବିପଣି ପାଇଁ
ଦୋକାନ ଖୋଲି
ମତେ ରାତି ଦିନ ଉଜାଗର ରଖିବ
ଆଉ କହିବ ପ୍ରେମ ଅମର ହେଇଯାଉ ।

କେତେ ନୀରବ ପ୍ରେମର କବର ଦେଇ
ଗଢ଼ିଚ ମତେ
ଅହଂର ଅମରାବତୀ ରୂପେ
କିନ୍ତୁ ତୁମେ ବୋଧେ ଭୁଲିଯାଇଚ
ମୁଁ ତ ଏକ ସ୍ଖଳିତ ଶବର ସମାଧିଟିଏ ମାତ୍ର ।

# ନବ ରାତ୍ରୀ

ଶ୍ରୀମାନ ପ୍ରିୟବ୍ରତ ମହାନ୍ତି

ଶକ୍ତି ସ୍ୱରୂପିଣୀ ବୃଷବାହିନୀ
ଶୈଳପୁତ୍ରୀ ତୁମେ ତ୍ରିଶୂଳ ଧାରିଣୀ,
ଦୁର୍ଗମ ଛେଦିନୀ ଦୁର୍ଗ ନାସିନୀ
ପଦ୍ମାସନା ମାତା ତୁମେ ନାରାୟଣୀ ।୧।

ବ୍ରାହ୍ମୀ ତପସ୍ୱନୀ ବ୍ରହ୍ମଚାରିଣୀ
ହସ୍ତେ ଜପା ମାଳା ବୈଷ୍ଣବୀ ଭାବିନୀ,
ସାଧ୍ୱୀ ମହାତପା ଭବ ମୋଚନୀ
ଧରି କମଣ୍ଡଳ ଆସନ୍ତି ଶିବାନୀ ।୨।

ମାତା ଦଶଭୂଜା ସୁବର୍ଣ୍ଣ ବର୍ଣ୍ଣା
ଚିତ୍ରା ଚନ୍ଦ୍ରଘଣ୍ଟା ଅନନ୍ତା ଅପର୍ଣ୍ଣା,
ଭବ୍ୟା ମହେଶ୍ୱରୀ ସୁରସୁନ୍ଦରୀ
ବହୁ ଅସ୍ତ୍ରଧାରୀ ଉଭା ଦକ୍ଷକନ୍ୟା ।୩।

ଆର୍ଯ୍ୟା ଆଦ୍ୟାଶକ୍ତି ସିଂହବାହିନୀ
ଚାମୁଣ୍ଡା କୃଷ୍ମାଣ୍ଡା ମହିଷାମର୍ଦ୍ଦିନୀ
ରୌଦ୍ର ସମ ତେଜ ମା ଅଷ୍ଟ ଭୂଜା
କରେ ଚକ୍ର ଗଦା କୈଳାଶ ବାସିନୀ ।୪।

ଜଗତ ଜନନୀ ଦୁଃଖ ଭଞ୍ଜନୀ
ତୁମେ ସ୍କନ୍ଦମାତା ପାର୍ବତୀ ରୁଦ୍ରଣୀ
ବର ପ୍ରଦାୟନୀ ଦୈତ୍ୟ ଘାତିନୀ
ପାଟଳା ମାତଙ୍ଗୀ ପାପୀ ବିନାସିନୀ ।୫।

ଆଦ୍ୟା ଉକ୍ର୍ଷିନୀ ମା କାତ୍ୟାୟନୀ
କାତ୍ୟାୟନଙ୍କର ବରଦା ନନ୍ଦିନୀ
ଅଧିଷ୍ଠାତ୍ରୀ ଦେବୀ ବ୍ରଜ ମଣ୍ଡଳେ
ସତୀ ସନାତନୀ ମୋହିନୀ ଫାଲ୍ଗୁନୀ ।୬।

କୃଷ୍ଣା କାମେଶ୍ୱରୀ ତାରା ଭୈରବୀ
କାଳରାତ୍ରୀ ମାତା ତ୍ରିପୁରସୁନ୍ଦରୀ
ଈଶ୍ୱରୀ ଇଶାନୀ ଭୁବନେଶ୍ୱରୀ
ଉମା କାମରୂପା ତ୍ରିନେତ୍ରା ଭ୍ରାମରୀ ।୭।

ଧବଳା ଭୂମୂଳା ଗିରି କନ୍ୟକା
ଶିବା ମହାଗୌରୀ ଶାରଦା କାଳିକା
ଘୋର ମହାମାୟା ହିଣ୍ଡୀ ମାତୃକା
ଗିରିଜା ଚଣ୍ଡିକା ତ୍ୱରିତା ଅମ୍ବିକା ।୮।

ଅଷ୍ଟ ସିଦ୍ଧିଦାତ୍ରୀ ପର୍ବତ ପୁତ୍ରୀ
ତୁମ ମଧ୍ୟେ ମିଳେ କମଳା ସାବିତ୍ରୀ
ଶାସ୍ତ୍ର ପ୍ରିୟା ତୁମେ ଦୟାର ମୂର୍ତ୍ତୀ
ତୁମ ପାଦ ପଦ୍ମେ ସହସ୍ର ପ୍ରଣତି ।୯।

ବାଲେଶ୍ୱର, ଓଡ଼ିଶା
ମ. ନମ୍ବର - ୯୫୧୮୧୬୨୬୨୬



# କବି ଓ ରାତି

ସ୍ୱଦୀପ ପଟ୍ଟନାୟକ

ସପ୍ତଫେଣୀର କଣ୍ଟାରେ ଛନ୍ଦି ହେଲାପରି,
କବିଟିଏ ଛନ୍ଦି ହୋଇଯାଏ
ରାତ୍ରିର ମହାର୍ଘ ନୀରବତାରେ
ନିଜ ଭିତରେ ସ୍ତୂପୀକୃତ ଥିବା ଶୂନ୍ୟସ୍ଥାନକୁ
ସ୍ୱଇଚ୍ଛାରେ ଚହଲାଇ ଦେଇ
ଏକ ଅଜଣା ସ୍ପର୍ଶ ବିଲଗ୍ନ ଆଳାପରେ
ନିଜକୁ ହଜେଇ ଦେଇ ।

ରାତ୍ରିର ନୀରବତାରେ ଦ୍ରବୀଭୂତ
ବୁନ୍ଦାବୁନ୍ଦା ଅଝଟ ଆଦ୍ରତା ଭିତରେ
ନିଜର ଆତ୍ମାକୁ ତଲ୍ଲୀନ କରିଦେଇ
ନିଦକୁ ଫାଶୀ ଖୁଣ୍ଟରେ ଝୁଲେଇ ଦେଇ,
ନବ ଯୌବନ ପ୍ରାପ୍ତ ହେଲାପରି
ସେ ଭରୁଥାଏ ତା' ମନରେ ନବ ଉନ୍ମାଦନା
ଆଉ ତା'ର କଲମ ହେଉଥାଏ
ଅମଳିନ, ଭାସ୍ୱର ଓ ଚଳମାନ ।

ଗୋଟିଏ ଅପ୍ରତିହତ ଆତୁର ଆତ୍ମୀୟତା ବନ୍ଧନରେ
କବିଟିଏ ବାନ୍ଧିଦିଏ ତା'ର ହୃଦୟ ଓ ମନ
ରାତ୍ରିର ସେଇ ନିରବିଚ୍ଛିନ୍ନ ଶୂନ୍ୟ ନିଶୂନତାରେ ଓ

ସେଥିପାଇଁ ବୋଧେ ଅନେକ କହନ୍ତି
କବି ଏକ ପାଗଳ !
କବି ହୋଇପାରେ ଏକ ପାଗଳ
କିନ୍ତୁ.....
ତା ଭିତରେ ସଦା ଜୀବିତ ଥାଏ
ଏକ ପ୍ରାଣବନ୍ତ, ଦୟାବନ୍ତ ହୃଦୟ ଛଳଛଳ ।

ବଢୁଥାଏ ରାତ୍ରିର ବୟସ
ବଢୁଥାଏ କାନ୍ଥରେ ଝୁଲୁଥିବା ଘଣ୍ଟାର ସେକେଣ୍ଡ କଣ୍ଟାର ଧ୍ୱନି
ଆଉ ତା' ସହିତ ବଢୁଥାଏ....
କବି ଭାବନାର ଚାକ୍ରିକ ଘୂର୍ଣ୍ଣନ
ସତେ ଅବା ନାଟକର ଆଦ୍ୟ ପର୍ବରେ
ନାୟକ ସାମ୍ନାରେ ନାୟିକା ମଞ୍ଚାସୀନ ।

ଏହିଭଳି କିଛି ମୁହୂର୍ତ୍ତମାନଙ୍କର ଭାବପ୍ରବଣତାକୁ ସାଉଁଟୁ ସାଉଁଟୁ,
ବଢି ସାରିଥାଏ ରାତ୍ରିର ବୟସ
ଶୂନଶାନ ହୋଇ ସାରିଥାଏ ସବୁ ଦିଗ
ସମସ୍ତେ ଶୋଇ ପଡ଼ିଥାନ୍ତି ନିଦରେ.......
ସେ କିନ୍ତୁ......
ଜଳାଉଥାଏ ନିଜକୁ ନିଜେ
ନିଜର ଉତ୍ତାଳ ଭାବନା ସ୍ରୋତରେ
ଘନୀଭୂତ ଅନ୍ଧାର ଫର୍ଦ୍ଦରେ ସଜାଡୁଥାଏ ଶବ୍ଦ
ଏକ କବିତାକୁ ଜୀବନ୍ୟାସ ଦେବା ପାଇଁ ।

କେଜାଣି କ'ଣ ପାଏ ସେ ସେଥିରୁ !
କବି କିନ୍ତୁ ରାତ୍ରିର ମାୟାଘେରରେ ଆବଦ୍ଧ

ସକାଳର ଓଦା ଆକାଶରେ ତା' ନିଦ ସୀମାବଦ୍ଧ ।

ଚାନ୍ଦବାଲି, ଭଦ୍ରକ
ମୋ- ୯୭୭୬୩୫୪୬୬୬

# ନଈ ଋତୁ

ସୁଶୀଲ କୁମାର ପାଣିଗ୍ରାହୀ

ଏ ନଈଋତୁ
ସବୁ ମେଘ ତାର
ସବୁ ବିଜୁଳି ତାର
ସବୁ ଶବ୍ଦ ବି ତାର
କଦମ୍ବର ବାସ୍ନା ସମେତ
ସମସ୍ତଙ୍କ ହସ
ତା' ପାଖରେ
ଉଲ୍ଲାସର ପ୍ରତିଟି ମୁହୂର୍ତ୍ତ ସହ
ସମସ୍ତଙ୍କ ଗୀତ ବି
ତା' ପାଖରେ...
ପୁରା ଆକାଶଟା
ତା ବୁକୁ
ସାଇତା ସମ୍ପତ୍ତି
ହଜିଯାଇଥିବା ଇନ୍ଦ୍ରଧନୁ ।
ନିଆରା ଓ ଭାରି ଅନ୍ତରଙ୍ଗ
ଏ ଋତୁ
ଅପେକ୍ଷା କରେ ପଥର ବା
ଯାହା କିଛି ବି
ପଥର ପାଲଟିଯାଇଛି
(ଆତ୍ମା ବି ହେଇଥାଉ)
ତା' ଭିତରୁ
ଲୁହ ଧାରେ ଝରୁ...
ଏ ଆଶା ଗୋଟିଏ ତୁଚ୍ଛା
ପ୍ରତିବିମ୍ବ ନୁହଁଇ
ବୁନ୍ଦାଏ ଜଳ
ପତ୍ର ଫଳକରେ
ଆମ ଭିତରେ ବି ମୂର୍ତ୍ତି ହେଉ
ଏ ନଈ ଋତୁ ।

କଲ୍ୟାଣୀ ରେସିଡେନ୍ସି
ପ୍ଲାଟ ନଂ ୨୦୩, ଫାର୍ମ ରୋଡ, ସମ୍ବଲପୁର-୨

# କିଛି ଦୃଶ୍ୟ



ସ୍ମିତା ପଣ୍ଡା

(୧) ନଦୀ
ନଦୀର ନାଁ ବନ୍ୟା
ବୁଡ଼େଇ ରଖେ
ଆଖି ଆଗର ଦୃଶ୍ୟ ସବୁକୁ
ଭସେଇ ନିଏ
ସ୍ମୃତିରେ ସାଇତା
ମୁହୂର୍ତ୍ତ ମାନଙ୍କୁ ।

(୨) ପାହାଡ଼
ଗ୍ରୀଷ୍ମ ପରି ନିଦାରୁଣ
ଶୀତ ପରି ଶୁଷ୍କ
କେବେ ଗରମ ହାଓ୍ୱାରେ ଆକ୍ରାମାକ୍ରା
ତ କେବେ
ବିଶାଳ ହୃଦୟ ବି ମୁହ୍ୟମାନ ।

(୩) ବଣ
ଏପଟେ ଶିକାରୀ
ତ ସେପଟେ ଶିକାର
ସବୁ ପରେବି
ଗୋଟେ ଅଭୟ ଆଶ୍ରୟସ୍ଥଳ,
ସାଇତି ରଖିବାରେ ଧୁରନ୍ଧର
ମୃତ୍ୟୁକୁ ବି
ବିଜୟକୁ ବି ।

(୪) ଆକାଶ
ଗୋଟେ ସିଲଟ,
ଗୋଟେ କାନ୍ଥ
ଆଉ କିଛି ଅନୁଭବ
ସବୁ ଅଭିଶାପ ଆଶୀର୍ବାଦକୁ
ଫେଣେଇ କରି ଦେଖିବାର
ଗୋଟେ ବିଶାଳ ରଙ୍ଗମଞ୍ଚ ।।

ନରସିଂହପୁର, କଟକ

# ଚରଣେ କରୁଛୁ ଅଳି

ଡ. ଅନ୍ତର୍ଯ୍ୟାମୀ ପ୍ରଧାନ

ସାହିତ୍ୟ ସାରଥୀ କହ୍ନ ମହାରଥୀଃ
କାହିଁକି ପଡିଲ ଶୋଇ ?
ତୁମେ ଶୋଇଗଲେ ଶୁଖିଯିବ ପରା
ଆଧ୍ୟାତ୍ମିକତାର ନଈ ।
ଅଧା ରହିଯିବ ସାଧନା ବାରତା
ରହିଥିବୁ ଆମେ ଚାହିଁ
ନବ ଦିଗନ୍ତର ଅମୃତଫଳକୁ
ଆଉ ପାଇବୁ ନାହିଁ ।
କିଶୋର କାଳରେ ତୁମେ ଶୁଣିଥିଲ
ଶତାବ୍ଦୀର ଆର୍ତ୍ତନାଦ
ବିଚଳିତ ପ୍ରାଣେ ଲେଖି ଯାଇଥିଲ
ବିପ୍ଳବୀ ଫକୀର ପଦ୍ୟ ।
ପିଲାଟି ବେଳକୁ ଖୋଜୁଥିଲ ତୁମେ
ଜୀବନର ମହାସତ୍ୟ
ମାଆ ଆଶ୍ରମରେ ସାଧନା ସିଦ୍ଧିରେ
କଲ ତାହା ଉନ୍ମୋଚିତ ।
ଆଶ୍ରମ ଦିଗତ ସାଧନା ଫଳକୁ
ସାହିତ୍ୟ ପରିଶିଗଲ
ବିଶ୍ୱ ପାଠକଙ୍କ ହୃଦୟ କନ୍ଦରେ
ନବଶିଖା ପାଲଟିଲ ।
ପିଲାଠାରୁ ବୁଢ଼ା ସଭିଙ୍କ ପାଇଁକି
କଲମ ଚାଳନା କରି
ଛଳନା ଜଗତେ ଅଜାତ ଶତ୍ରୁହେ
ଧ୍ରୁବତାରା ନୁହଁ ସରି
ତୁମରି ଆଲୋକେ ତୁମ ସଉରଭେ
ରଖିବୁ ତୁମରି ଶିରି
ଶେଷ ବସନ୍ତର ଶେଷ ଚିଠି ପାଇଁ
ଚରଣେ କରୁଛୁ ଅଳି ।

୫୧- ରାମଚନ୍ଦ୍ରପୁର ବଜାର, ଜଟଣୀ





# ନିସ୍ତବ୍ଧ ରଜନୀ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ହେନା କରବୀର ଆଖିର ଅଞ୍ଜନ
ଭାବନାର ଚିତ୍ରପଟ୍ଟ
ମୁକ୍ତକେଶୀ ତୁମେ ପାରିଜାତ ପୁଷ୍ପ
କାମନା ନଦୀର ତଟ ॥
ସ୍ୱପ୍ନ ସଂଚରି ବିମୁଗ୍ଧ ନୟନେ
ମହ୍ଲାର ରସ ତୋଳି
ପ୍ରଣୟ ବିଧୁରା ତରୁଣୀ ଇନ୍ଦୁର
ସୁମନ ଶେଜରେ ଖେଳି ॥
କୃଷ୍ଣକାୟା ଦେହେ ଭିଜା ସ୍ୱପ୍ନ ଧରି
ଗଭାରେ ଗଜରା ମାଳ
ପ୍ରେମୋହିନୀ ଆଗୋ ଗବାକ୍ଷେ ଚାହିଁଛ
ହସ୍ତେ ଧରି ପ୍ରେମ ଥାଳ ॥
ସୁବର୍ଣ୍ଣ କେୟୁର ହସ୍ତେ ବାଜୁବନ୍ଧ
ଓଠରେ ଲାଲିମା ରଙ୍ଗ
ବୟସି ନଈରେ ଗାଧୋଇ ଆସିଛ
ଛଇଳି ଗୁମାନ ଢଙ୍ଗ ॥
କାଉଁରୀ ବୟସି କିଏ ତୁମେ ବାଳା
ହିଆରେ ଭରାଅ ତାତି
ତାଳୁରୁ ତଳିପା ଉବୁଟୁବୁ ହୁଏ
ପ୍ରେମ ସରୋବରେ ମାତି ॥
କଳାଶାଢୀ ତୁମ ଓଦା ସରସର
ଶୁଖାଇ ଦେବ ଗୋ ଆସ
ଛାୟା ପଥେ ପଥେ ମାୟା ରଚିଯାଅ
ବୟସ ବତୁରା ହସ ॥
କାହାର ରମଣୀ, ଅବା କା ପ୍ରେମିକା
ଚିତ୍ରଶାଳା ର ନଟି
ଦେହରେ ଶାଣିତ ସୌଦାମିନୀ ଛିଟା
ଚନ୍ଦ୍ରମୁଖୀ ସରୁ କଟୀ ॥
ରଜନୀ ଗୋ ତୁମେ ନିସ୍ତବ୍ଧ ପ୍ରହରେ
ରଜନୀଗନ୍ଧା ର ବାସ
କାମଶର ଯୋଖି ଅବଶ ଦେହରେ
ନବଶୃଙ୍ଗାର ରସ ॥

ନୟାଗଡ଼

# ଗୀତିକବିତା

## ଆଶାରେ ଆଶାରେ ଜୀବନ

**କମଳ କୁମାର ପଟ୍ଟନାୟକ**



ଦୁଃଖ ଆସିଚି ଜୀବନ ପାତ୍ରେ
ଲୁହ ଭରିଦେବା ପାଇଁ
ସୁଖ ଆଶା ଯେତେ ସାଇତି ରଖିଚି
ସେ ଲୁହ ପିଇବା ପାଇଁ ॥ ୦ ॥
କଣ୍ଟା ପଥରେ ଚାଲିଚି ମୁଁ ସିନା
ଫୁଲପାଇଁ ଅଛି ମୋହ,
ସନ ସୁରମା ଆଖିରେ ଲଗାଇ
ଦୁଃଖକୁ କରେ ଜୟ।
ଜୀବନ ନଉକା ବାହିନିଏଧୀରେ
ଆଶାକୁ ଆଦରି ନେଇ ॥ ୧ ॥
ସୁଖ ଆଶା ଯେତେ
ଅନ୍ଧକାରର ଘନଘଟା ଯେତେ
କବଳିତ କରେ ମତେ,
ତଥାପି ମୋଲାଗି ଆଶା ଅରୁନ୍ଧତୀ
ଆଲୋକ ଜଳାଏ ପଥେ।
ପଥିକଟିଏ ମୁଁ ଚାଲିଛି ଏକାକୀ
ପାଦ ମୋର ଥକି ନାହିଁ ॥ ୨ ॥
ସୁଖ ଆଶା ଯେତେ....

## ଏମିତି ଏକ ଯଉର ଘରେ

**ବୃନ୍ଦାବନ ଜେନା**



ଏମିତି ଏକ ଯଉର ଘରେ
ଦୁଇଟି ଶିଖା ହୋଇ
ଆମେ ଜଳିଲୁ କେବଳ ଶେଷେ
ଜଳି ଯିବାର ପାଇଁ।
ଦେଖିଲୁ ଦିନେ ତରଳି ଗଲା
କାଚର ଏକନଦୀ
ଯାହାରନାମ ସେମାନେ ଦେଲେ
କାମନା ହୋମ ବେଦୀ
ଆମର ଯହିଁ ଭୂମିକା ହେଲା
ଶୁଖା ସଳିତା ଦୁଇ
ଆମେ ଜଳିଲୁ କେବଳ ଶେଷେ
ଜଳି ଯିବାର ପାଇଁ।
ଜଳନ ଶେଷେ ଆମର ନାମ
ସେମାନେ ଦେଲେ ପ୍ରେମ
କିଏ କହିଲା ଜଳନ୍ତା ନିଆଁ
କିଏ କହିଲ ଭ୍ରମ।
ଆମେ ରାତିର ଦୁଇଟି ଡେଣା
କେହି ବୁଝିଲେ ନାହିଁ
ଆମେ ଜଳିଲୁ କେବଳ ଶେଷେ
ଜଳି ଯିବାର ପାଇଁ।

# ନମାମି ନମାମି ଦୁର୍ଗେ

ବାବାଜୀ ଚରଣ ଜେନା



ବାବାଜୀ ଚରଣ ଜେନା
ନମାମି ନମାମି ଦୁର୍ଗେ
ମା ଦୁର୍ଗତି ନାଶିନୀ
ଭବଭୟ ହାରିଣୀ ମା
ବରାଭୟ ଦାୟିନୀ
ନମାମି ନମାମି ଦୁର୍ଗେ । ୦।
ସମ୍ପଦରେ ଲକ୍ଷ୍ମୀ ତୁମେ
ବିପତ୍ତିରେ ମହାକଳୀ
ଭକତରେ ରକ୍ଷି ଥାଅ
ମାଆ କୃପା ତବ ଢାଳି
ପତିତ ପାବନୀ ଶିବେ
ଶୁମ୍ଭ ନିଶୁମ୍ଭ ନାଶିନୀ
ନମାମି ନମାମି ଦୁର୍ଗେ ।୧।
ଭକତର ନୟନରୁ
ଲୁହ ଯେବେ ଯାଏ ଝରି
ପୋଛିଦିଅ ପଣତରେ
ଆନନ୍ଦର ରଙ୍ଗ ବୋଳି
ଶଙ୍କଟ ହାରିଣୀ ତୁମେ
ଜଗତର ଜନନୀ
ନମାମି ନମାମି ଦୁର୍ଗେ ।୨।

ଅହଲ୍ୟା ନିବାସ ପୋପରଡା
ନୂଆବଜାର କଟକ ୪

# କବିତା ଗୋ

ତ୍ରିଲୋଚନ ଦାସ



କବିତା ଗୋ ତୁମେ ମାଟି ଆଟିକାରେ
ବଗଡ଼ା ଚାଉଳ ଭାତ
ଭୋକ ଭୂଗୋଳର ପଖାଳ କଂସାରେ
ବାଇଚଢ଼େଇର ଗୀତ ।୦।

କବିତା ଗୋ ତୁମେ ବତିଘର ଜ୍ୟୋତି
ଦିଗହରା ବୋଇତର
ବୁଭୁକ୍ଷିତ ମନେ ଆଶାର କିରଣ
ଶୋଷ ହର ତୃଷିତର

କବିତା ଗୋ ତୁମେ ଦୁଃଖୀ ମଣିଷର
ଜିଇବାର ଭାଗବତ
ଭୋକ ଭୂଗୋଳର ପଖାଳ କଂସାରେ
ବାଇଚଢ଼େଇର ଗୀତ।୧।

କବିତା ଗୋ ତୁମେ ମେଂଚାଏ ସପନ
ରାତିର ପଣତ ତଳେ
ମନ ଆକାଶରେ ନୀଳ ଜହ୍ନଟିଏ
କୋଟିଏ ତାରକା ମେଳେ

କବିତା ଗୋ ତୁମେ ଷୋଡ଼ଶୀ ରୂପସୀ
କୁଆଁରା ମନର ମିତ
ଭୋକ ଭୂଗୋଳର ପଖାଳ କଂସାରେ
ବାଇଚଢ଼େଇର ଗୀତ।୨।

ମୈତ୍ରୀବିହାର, ଖୋର୍ଦ୍ଧା- ୭୫୨୦୫୭

# ଛୋଟ ନଦୀ ମୁହିଁ

ହଂସନାଥ ମୁଦୁଲି



ଛୋଟ ନଦୀ ମୁହିଁ
ମାପି ପାରେ ନାହିଁ
ଗଭୀରତା ସାଗରର
ଟିକିଏ ଝଡ଼ରେ
ମୁଁ ସିନା ଥରେ
ସେ ଯେ କମ୍ପନରେ ଥିର। (୦)
ପାହାଡ଼ ଶିଖରୁ
ଆସିବା ଦିନରୁ
କେତେ କିଏ ମୋତେ ରୋକେ
କାହାକୁ କେମିତି
କରି ମୁଁ ବିନତି
ଛୁଟଇ ସାଗର ମୁଖେ
ମୁଁ ଭାବେ ମିଶି
ସାଗର ବକ୍ଷରେ
କଳିକି ଓଜନ ତାର
ସେ ଯେ କମ୍ପନରେ ଥିର (୧)
ମୋ ପାରୁ ପର୍ଯ୍ୟନ୍ତ
ମୋ ପଥ କଣ୍ଟା
ଆଡେଇ ଦେଇଛି ମୁହିଁ
ସାଗରର ମନ
ବୁଝିବା ପାଇଁକି
ଅଧିର ଯାଇଛି ହୋଇ
ପାରେ କି ନପାରେ
ବୁଝିତାର କଥା
ତା ସାଥେ ମିଳନ ସାର। (୨)
ସେ ଯେ କମ୍ପନରେ ଥିର।

ଖଣ୍ଡଗିରି, ଭୁବନେଶ୍ୱର

# ଭାଗ୍ୟ ରେଖା

ରତ୍ନପ୍ରଭା ବାଇ



ହସି ପାରୁନି କି,ରୁଷି ପାରୁନି ମୁଁ ,
ହୋଇ ପାରୁନି ତ,ଖୁସି
ତୁମ କଥା ଯେତେ ନିରବେ ନିଜନେ
ଏକାକୀ ଭାବୁଚି ବସି ।

ମାନ ଅଭିମାନ କରି ପାରୁନି ମୁଁ,
ଭଙ୍ଗା ମନ ଟିଏ ନେଇ
ଅତିତ କାନ୍ଥକୁ ଆଉଜି ବସିଛି
ବିତିଲା ଦିନକୁ ଚାହିଁ
ପାଉଁଶ ତଳର ନିଆଁ ଝୁଲ ପରି
ଉଠୁଚି ସବୁ ଝଲସି ।
ମୁଁ,ଏକାକୀ ଭାବୁଚି ବସି

ଅଛିଣ୍ଡା ସଂପର୍କ ରେଶମି ସୂତାରେ
ପ୍ରେମର ପରଦା ଟାଣି
ଚଳ ଚଞ୍ଚଳ ମୋ,ମନ ଅଗଣାରେ
ନିରାଶା ଦେଇଛ ବୁଣି
ଲୁହରେ ବତୁରି ଯେତେକ ବେଦନା
ଧରିଲାଣି ଫୁଲ କଷି ।
ମୁଁ,ଏକାକୀ ଭାବୁଚି ବସି

ଭାବି ତ ,ନଥିଲି ମୋ ପାଇଁ ଆସିବ
ଏମିତି ଏକ ସମୟ
ଭାଗ୍ୟ ରେଖା ତଳେ ଦୁଃଖର ଝଡ ଯେ,
ରଚିବ ଘୁର୍ଣ୍ଣି ବଳୟ
କାହିଁ କେତେ ଦୂରେ ମୋ,ଆଶା ଭରସା
ସପନ ପଡିବ ଖସି ।।
ମୁଁ, ଏକାକୀ ଭାବୁଚି ବସି

ବର୍ଣ୍ଣାଳୀ ସାହିତ୍ୟ ସଂସଦ,ତାଳଚେର
ଟାଉନ, ଅନୁଗୁଳ

# ଆସ ଆମେ ଯିବା ଦଶହରା ବୁଲି

ଝରଣା ବାରିକ



ଆସ କୁନା, ମୁନା, ଆସ ଚଗଲି,
ବାହାରିବା ଆମେ ଦଶ'ରା ବୁଲି ।
କିଣିବା ବେଲୁନ ଖାଇବା ଚାଟ୍,
ବୁଲିକି ଦେଖିବା କଣ୍ଢେଇ ନାଟ ।

ଦଶହରା ଦେବୀ ମନ୍ଦିରେ ଉଭା,
ଆଲୁଅ ମଣ୍ଡପେ ପାଉଛି ଶୋଭା ।
ଖଣ୍ଡା ଖର୍ପରକୁ ହାତରେ ଧରି,
ସିଂହ ବାହନ ରେ ସବାର କରି ।

ଓହ୍ଲାଇ ଆସିଛି ମରତ ପୁରୀ,
ଅସ୍ତ୍ରଶସ୍ତ୍ର ସବୁ ହାତରେ ଧରି ।
ମହିଷାସୁର କୁ କରିବ ହତ,
ପାପ ନାଶିବାକୁ ଆସିଛି ମାତ ।

ଷଷ୍ଠୀ ଦିନ ବେଲ୍ଲ ବରଣି ହୋଇ,
ମଣ୍ଡପେ ବସିବ ସଜେଇ ହୋଇ ।
ସପ୍ତମୀ ଦିନରେ ଚକ୍ଷୁ ସେ ପାଇ,
ତିନି ପୁରକୁ ସେ ରଖିବ ଧାୟୀ ।

ଅଷ୍ଟମ ଦିନରେ ତାରିଣୀ ପୂଜା,
ନବମୀ ରେ ସନ୍ଧି ହୋଇବ ଖଞ୍ଜା ।
ଦଶହରା ଦିନ କାଳିକା ବେଶ,
ଦଶହରା ପର୍ବ ହୋଇବ ଶେଷ ?

ଦଶହରା ଦେଖି ହେବ ହରଷ,
ଆସିବ ପୁଣି ସେ ଆର ବରଷ ।

ସମଲ, ତାଳଚେର, ଅନୁଗୋଳ

## ଶ୍ରଦ୍ଧେୟ



# ସାଇତି ରଖିବ ନେଇ

ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ



ଫଳ ସରିଗଲେ ଗଛ ଯେଉଁ ପରି
ଶିରିହୀନ ଦେଖାଯାଏ
ବିନୟ ଅଭାବେ ମଣିଷ ସେପରି
ସମାଜରେ ଗଣା ହୁଏ। (୧)
ଫଳ ଭାରେ ଗଛ ନଇଁ ଯାଇଥାଏ
ବାରତା ଆମକୁ ଦିଏ
ଗରବ କରନି ଅକାରଣେ ତୁମେ
ଏଇ ଗୁଣ ଭଲ ନୁହେଁ । (୨)
ଡାଳପତ୍ର ଫଳ ଶୂନ୍ୟ ହେଲେ ଗଛକୁ
ଆଦର କରେନି କିଏ
ସେପରି ମଣିଷ ସୁଗୁଣ ଅଭାବେ
ତୁଚ୍ଛା ଅପବାଦ ସହେ। (୩)
ଆଜି ଅଛ ତୁମେ କାଲିକି ନଥିବ
ଏଠୁ କିଛି ନେବ ନାହିଁ
ଯଶ ରଖିଗଲେ ଝୁରି ହେବେ ଜନେ
ରହୁଥିବେ ବାଟ ଚାହିଁ। (୪)
ଯେତେ ଭଲଗୁଣ ଅଛି ଏ ସଂସାରେ
ସାଇତି ରଖିବ ନେଇ
ମନ୍ଦଗୁଣ ଯାହା ରଖିଅଛ ପାଶେ
ଫିଙ୍ଗି ଦିଅ ତାକୁ ଭାଇ। (୫)

ଭୁବନେଶ୍ୱର-୧

# ହସି ହସି କୁନା ଦିଏ ବିଲେଇକୁ ଆଉଁସି



ଲକ୍ଷ୍ମୀପ୍ରିୟା ଦାସ

ଧୋବ ଫରଫର ଦିଶେ ଆମ ଶଙ୍ଖୀ ବିଲେଇ
ଧାଇଁ ଧାଇଁ ପାଖେ ଆସେ ମାଆ ଦେଲେ ଡିଲେଇ।

କ୍ଷୀର ମାଛ ଉଣା ହେଲେ ବସେ ମୁହଁବୁଲେଇ
ଅସରପାସାଥେ ଖେଳେ ଲାଞ୍ଜ ତାର ହଲେଇ।

ଶିକାରକୁ ଛକିଥାଏ ସକାଳ କି ସଞ୍ଜରେ
ଛକି ଛକି ପାରା ମାରେ କେତେ କେତେ ଖଞ୍ଜରେ।

କୁକୁରକୁ ତାର ଡର ଲୁଚିଯାଏ ପଛରେ
ଚଢେଇର ପଛେ ପଛେ ଚଢିଯାଏ ଗଛରେ।

ମୂଷା ଶିକାରରେ ଖୁସି ପଡିଶାର ମାଉସୀ
ହସିହସି କୁନା ଦିଏ ବିଲେଇକୁ ଆଉଁସି।

ଜେଜେ ମାଆ କହେ ସିଏ ଷଠୀଙ୍କର ବାହନ
ପ୍ରୀତ ହେଲେ ଘରୁ ହେବ ମୂଷା ବଂଶ ଉଭାନ।

ଜେଜେ ମାଆ ବୁଝିପାରି ଉପକାର ତାହାର
ଦେଉଥାଏ ତାକୁ ସଦା ସୁଆଦିଆ ଆହାର।

ସୁଦର୍ଶନ ନଗର, ପୁରୀ

# Jayanta Mahapatra an eternal flame

**Reshma Moharana**

The sun is setting in the west, the blue and orangetinged firmament is uninviting. The breeze is subtly still. The flocks of birds on the deodar are mystically silent. The duo of squirrel those sprints from my terrace to 'piesa's garden are missing too. While watching the squirrels leaping through the crest and tough of the adjacent building, Piesa used to invariably in the frame, sometime ambling, sometime sitting on his folding chair in his over weeded garden, his haven. In the approaching evening catching a glimpse him with flopping squirrels has been part of my life since years.

This evening Piesa is no more in the canvas. His spirited garden is shrouded in gloom. The light of Chandrabhga has lost.

To the world he may be a luminary poet but for me he is our much endeared 'Piesa'. That way he wished to be addressed from me. In the first meeting out of standard salutation I folded my hands with spontaneous address 'Uncle'. He generously responded and we have conversed for few minutes with a constant smile on his face. As I bid goodbye, he asked me to call him Piesa and showed his aversion for English addressing.

Quite antithesis of his persona.

Yes, Jayanta Mahapatra pioneered Indian-English poetry in the west still Upholding Indian ethics in his sentiments. The man shacked the world's conscience invoking humanity through his nude compositions. His deep imagery woven with simple yet delicate vocabulary draws a visceral picture of his insight in readers mind, jolting senses to the silent helpless screams.

The much celebrated English writer revered his mother tongue in the same nerve. He continued to write in odia nurturing Odia literature more rich.

With him time flays and mind shifts to a realm of meditative. Seemingly mundane surroundings like the flock of birds, the trees, the leaves, the flowers, the swaying tall bamboos, the hiding cookooo in the clusters of mango leaves, the community goddess everything turns incredible exhilarating. Even he had the power to read the mind of the stray dogs laying on the road, such kind his soul was.

Memories are galore with him. I am privileged to be chided by him but always chided for a right reason.

Though he used to tour throughout the globe to share his wisdom, returning back to home with a sambalpuri saree for aunty from Bhubaneswar was his all-time ritual. Aunty drapes the sarees in his honour. Love traverse in their souls, in the abounding symphony of birds' song, beneath mango tree every evening.

He had named his home 'Chandrabhaga'. Once he had told me that aunty loves konark so very often they visits the place and seep the beauty of sea in the shore of chandrabhaga. In his final request he wished to immerse his ashes in chandrabhaga, Perhalps to unite with his other half who has went ahead in the journey since 17 years.

His love manifested in his poem 'Of that love'.

Of that love, of that mile
Walked together in the rain
Only a weariness remains.

The depth of his emotions compels to fall for it even thousands time is less.Piesa you will be ever idolised and revered in my silent contemplation.

**Cuttack**

❖❖❖

# Fruitful Impacts of Covid 19 on indian Education

**Dr. Sajna Pattnaik**



The Corona Pandemic (Covid 19) has jolted the global as well as Indian Economy with a pervasive impact in almost all with the announcement of lockdown. By the end of March 2020, this pandemic has spread around 185 countries accross globe impacting 290 million of students due to closure of educational institutin. This unwanted closure of schools, colleges and universities not only weaken the fundamental educational needs of the students but also leads to the loss of human capital along with economic opportunities. According to world banks, its impact is profound in countries where education is grappling with institutions had no choice but to adopt e-learning as on alternative.

However the ongoing crisis should be percevied as a blessing in disguese because it paves the way for online education because e-learning overcomes geographical barriers and ensures equitable access to education further it facilitates quick, convenient and 24 x 7accessibility for all.

The Indian Government has taken cognizance of the untapped potential of e-learning hearning cells in our brains become active to think about and analyse how to continue with the education of young minds Covid-19 has accelerated the adoption of digital technologies to deliver education through blended learning. The expenditure on travels, tours and the purchase of study materials has gone down and resulted in time and money savings.

India has started the one nation, one platform facility though the prime Minister E Vidya. a channel dedicated for student technology creates a path for education helping teachers and students to connect virtually through online platforms but practically this opportunity is not available for all. As we are not ready for this situatin but it come so we have to update the infrastructure and should think of walls to undertake this and makes education allessible to all to aid the forthcoming generation from devastating inpacts of covid-19.

Now numerous educational Institutions in India are ready to take this situation as an opportunity to offer lessions in an interactive and interesting way to the students in-orde to fill the void created to the absence of classroom teaching and learning.

Though covid pandemic has adversely affected our life and livelihood but it has some positive inpacts on out educational system as follows:

1. Opened gates to innovative methods of transmission of knowledge accross globe.
2. Accelerated the adoption of digital technology to deliver education.
3. Educational institution moves towards a blended mode of learning where face to face delivery along with, online education become the neo normal initiative.
4. Online webinar, virtual classrooms, tele conference digital examinations and assessment as well becomes common phenomenon.
5. Collaborative teaching and learning took new form.
6. Teachers ad well as students become tech savvy.
7. Worldwide exposure to various ideas become easy.
8. Learners and teachers adopted to an international community for easy sharing of information.
9. Helps in better time management.
10. Cutoff expenses on the purchase of printed study materials.
11. Upgradation of infrastructures as well as knowledge of how to face situation like this in future.

12. As online teaching helps to develop digital literacy among students and teachers they are ready to be employed in the digital world as well.
13. Covid-19 helps in diverting the minds of the studnets to different form extra curicular activities like baking, drawing, painting, gardening and etc.
14. E-learning becomes more affordable.
15. There is a greater rush to find new walls to design and deliver quality content due to the fact that use of LMS (Learning management system) in academics will bring more openness and transparency.

**Conslusion:**

Though online learing cannot replace of altertion and face to face interaction, still it can become an efective supplement to the brick and mortar model of education sofar, e-learning has proved as a boon during this pandemic for getting educationally updated in the urban areas, it should be further expanded to the rurals semi urban areas there is an opportunity for maximum utilization of online platforms for sustainable access to teaching and learning as a result of which we can innovate and improve the existing pedagogy.

"every could has a silver lining"

❖❖❖

# Oddity Of Cut

**Dr. Pradeep Kumar Choudhury**

Ribbon cutting for inauguration is a new start,
Stich a cloth, cut the thread end and take it out.
Cut the vegetables, onions and chilies; not the gingers,
Scissor for hair and cutter for nails in the finger.
Tailor cuts neck, hand and leg for stitching dresses,
It's amazing, without cuts how do we find cutting of faces.
Cut fishes and cloth pieces get from the market,
No need to roll up sleeves if you buy so, already cut.
Savage moments, real life, cut into reels without feel,
Dating cut "see you tomorrow" face cutting is cutting nil.
First aid tapes heal the cuts, cutting diets reduce fats,
Cut a call, call (a cut), wow!! Cut to write, write & cuts.
What a cut! Cooking gas price cut; price cut, a second rate,
Cut cut cut during shoot, cut & paste is the shit.
Beheaded goats heinous cut, saw, sword, blighted weapons,
Cutting tea and birthday cakes are pros & cons.
Cut, chop, slice, dice are the types clear cut,
Cut short the amaizing one, all is well what a cut.

**A Poetry by**
**Principal cum Director**
**Varanasi College of Pharmacy**
**Varanasi, U.P.**

# Mourning for humanity !



**Preeti Prajna Pradhan**

Ask the sky,
that was hanging high
on my head on that day.
Ask the wind,
that had fallen silent, that day.
Ask those paddy plants in the fields.
If possible, even ask that road,
on which I had been dragged.
Could they feel my tears?
Could they hear my cry?
Could they feel my pain
that was howling inside my chest,
when they were touching it
with their filthy hands!
Ask them, did the sky shed
some tear drops for me!
Did the clouds become darker
and descended onto the earth
to wrap me up,
to cover my naked body!
Did the wind try to lull my burning soul!
Did those plants under my body
(when they forced me down on them)
try to become a piece of cloth,
a comforting lap for me!
Did they mourn on that day,
on the death of humanity!
Because on that day,
along with me, my soul
a whole society
was being dragged away,
paraded naked.
And the humanity died
in the broad day light!
And it was witnessed by
some mindless monsters,
whose souls were already dead.
Who were dead long before that day!!!

**Bhubaneswar**

# जवाब कब दोगे साहब ?



डा इप्सिता प्रधान

हाँ
पता है मुझे,
और
याद भी है,
कि इससे पहले भी
आग लगी थी मेरे गोद में
मेरे दामन के चिथडे उडे थे
मेरे लाल की खुन से
सींचा गया था मेरा सीना !
बिल्कुल ताजा है मेरी याद
कि कैसे उस बार भी
घृणा की जहर से तरबतर थे
मेरे बच्चों के मन
और
आग से भी तेजी से फैली थी
हींसा !
हड्डियों से ज्यादा तोडे गए थे
मेरी बेटियों के गर्भ
खुन और दवेश के बली चढी थी,
मेरी बेटियों की आबरू !
असबार भी
खुब नजदीक से देखा था मैने,
मेरे बच्चों के आखों से टपकते खुन
दिल से निकलते चीख
शुनि होती मां की गोद और
पलायन करते मेरे लोग
मरघट से ज्यादा सन्नाटा था,
मेरी बस्तियों मे !
हाँ याद है मुझे
बिल्कुल
पर पहले का जलना याद है
इसका मतलब कब हुआ
कि मैं आज भी जलने को तयार हुँ ?
साहब !
मैं मणिपुर हुं
मैं  जल रही हुं
और मैं  क्यो जल रही हुं ?

**भुवनेश्वर**